# Dagaro

୭ମ ବର୍ଷ— ୧ମ ସଂଖ୍ୟା

ଜ୍ୟେଷ୍ଠ— ପ୍ରଥମାର୍ଦ୍ଧ


Utkal's most popular Fortnightly
OF
LIGHT, LEAD & LAUGHTER.





ସମ୍ପାଦକ

ଶ୍ରୀଲକ୍ଷ୍ମୀକାନ୍ତ ମହାପାତ୍ର



ରାଜସଂସ୍କରଣ

ବାର୍ଷିକ ପାଞ୍ଚଟଙ୍କା



Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର — ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନଙ୍କ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ଦିନଠାରୁ ନାନାପ୍ରକାର ଛଉ ବା ବିକୃତ ଚକ୍ଷୁ, ହାତ ଗୋଡ଼ ଜଳା ଶରୀରକେ ଅବସାଦ, ଦୂଷିତ ରକ୍ତ ବେଦନା ଅରୁଚି, ଅବସନ୍ନତା, ନାସିକା ଓ କଣ୍ଠର ପୀଡ଼ା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ **ଅମୃତ** ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିହେବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ **ଆରୋଗ୍ୟ** ହୁଏ । ଏକ ଶିଶି ୫୨୯ଙ୍କା ମାତ୍ର ୦ ୨ ୯ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ

**ଅଲମ୍ଚାନ୍ଦ ବଜାର, କଟକ ।**

---

## ଉଗର ନିୟମାବଳୀ

୧ । 'ଉଗର' ପ୍ରତି ଇଂରାଜି ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷଠାରୁ 'ଉଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩୲ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଖଣ୍ଡିଏ ଉଗର ଦୁଇଅଣା ଦେଇ ପାଇ ପାରିବେ ।

୪ । ଉଗର ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ"ଙ୍କ ଠାକୁ ପଠାଇବାକୁ ହେବ ।

---

ପରିଚାଳନା ସମ୍ପାଦକ — **ଶ୍ରୀ ହରିମୋହନ ଦାସ ।**

Digitized by srujanika@gmail.com

# ଡଗର

## ହୁକା ହୁବା ହୁଆ………

### ( ବିଲୁଆ ବିଗୁର )

( ଶିଶୁ 'ଡଗର' ୬ଷ୍ଠ ବର୍ଷ ଅତିକ୍ରମ କରି ୭ମ ବର୍ଷରେ ପଦାର୍ପଣ କଲା—'ଡଗର'ର ଏହି ଶୁଭ ଜନ୍ମତିଥି ଉପଲକ୍ଷେ ଆମ୍ଭେମାନଙ୍କର ଗ୍ରାହକ, ପାଠକ, ଅନୁଗ୍ରାହକ, ପୃଷ୍ଠପୋଷକ, ଓ ସହକର୍ମୀମାନଙ୍କୁ ସବିନମ୍ର କୃତଜ୍ଞତା ଅର୍ପଣ କରୁଛୁ ଓ ନବ ବର୍ଷର ସାଦର ସମ୍ଭାଷଣ ଜଣାଉଛୁଁ ।

ଏହି ଛ ବର୍ଷ ଭିତରେ 'ଡଗର'କୁ ଅନେକ ବାଧା ବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଛି । କିନ୍ତୁ ସେ ସମସ୍ତକୁ ସେ ଭ୍ରୂକ୍ଷେପ ନ କରି ନିଜର ଲକ୍ଷ୍ୟ ପଥରେ ଆଗେଇ ଚାଲିଛି । ବର୍ତ୍ତମାନ ସବୁଠୁ ବଡ଼ ବାଧା ହେଉଛି କାଗଜର ଅଭାବ । ଅନିଚ୍ଛାସତ୍ତ୍ୱେ ଓ ବାଧ୍ୟ ହୋଇ 'ଡଗର'ର ଦାମ ବୃଦ୍ଧି କଲୁଁ । ଆଶାକରୁଁ ଆମ୍ଭମାନଙ୍କର ଗ୍ରାହକ, ଗ୍ରାହିକା ଓ ପାଠକ ପାଠିକାମାନେ ଅବସ୍ଥାର ଗୁରୁତ୍ୱ ଉପଲବ୍ଧି କରିବେ ।

ଶେଷରେ ଭଗବାନଙ୍କ ଉପରେ ଭରସା ରଖି ଦେଶ ଓ ଦଶର ସହାନୁଭୂତି ଆଶାରେ କର୍ତ୍ତବ୍ୟ ପଥରେ ଅଗ୍ରସର ହେଲୁଁ ।)

—ସମ୍ପାଦକ—

ଓଡ଼ିଶାକୁ ବଳକା ମୁଲକ କହି ଆମ ମନ୍ତ୍ରୀଏ ବାହାରକୁ ଧାନ ଚାଉଳ ଛାଡ଼ିଥିଲେ ମଧ୍ୟ ସେ ଛାଡ଼ ଉପରେ ଗୋଟାଏ ହାତରପଞ୍ଝା ଲଗାଇଥିଲେ । ସେଇ କଟକଣା ଥିବାରୁ ମୁଠି ମୁଣ୍ଡରେ ଚାଲି ଚଳିବାଏ ହେଲେ ରହିଥିଲା ଓ ଓଡ଼ିଶା ମୁଲକର ସବୁ ଧାନ ଚାଉଳ ବାହାରି ଯାଇ ପାରୁ ନ ଥିଲା । ଓଡ଼ିଶା ଲୋକେ ଅଧାପେଟା ହେଲେ ଦାନା ପାଇବାର ଆଶା ଭରସା ରଖିଥିଲେ । ଏବେ ଭାରତ ସରକାରଙ୍କ ହୁକୁମରେ ସେ ବନ୍ଧ ଉଠିଗଲା ଓ ମୁଠି ମୁଣ୍ଡ ପିଛା ସାହାଣ ମେଲି ହୋଇଗଲା । ଓଡ଼ିଶାରେ ଘୋର ଅନ୍ନ ସଙ୍କଟ ହେବାର ଜାଣି ଆମ ମନ୍ତ୍ରୀ ସରକାର ଏଥିରେ ଆପତ୍ତି କରିଛନ୍ତି ଓ ମାଲ ବାହାରିଯିବା ଆଗରୁ ନିଜ ତରଫରୁ ଧାନ ଚାଉଳ କିଣି ଜମା କରି ରଖୁଛନ୍ତି । ଏକରକମ କହିବାକୁ ଗଲେ ଭାରତ ସରକାରଙ୍କ ହୁକୁମରେ ନିଷ୍କ୍ରିୟ ପ୍ରତିରୋଧ ଆରମ୍ଭ କରି ଦେଲେଣି । ଆମ ମନ୍ତ୍ରୀମଣ୍ଡଳ ଯେ ଆମ ପେଟକୁ ଚାହିଁଛନ୍ତି, ଏତିକି ଜାଣି ମନରେ ଦମ୍ଭ ଆସୁଥିବାର କଥା !

\+ + ×

ଅବାଧ ବାଣିଜ୍ୟଟା ତ ସତ୍ୟଯୁଗ ଓ ବ୍ରିଟିସ ଜାତିର ଚରମନୀତି ବୋଲି ଜଣା । ବିଶେଷତଃ ଭାରତ ସରକାର ସମଗ୍ର ଭାରତକୁ ଚାହିଁବାର କଥା । ଏହା ବିରୁଦ୍ଧରେ ଯିବା ଦ୍ୱାରା ଓଡ଼ିଶା ସରକାର ମାଚିଆ ଭିତରେ କୁକୁର (dog in the manger) ନୀତି କରୁଛନ୍ତି ବୋଲି କାହାର କାହାର ମତ ।

ତାପରେ ଆଉ ଗୋଟାଏ କଥା । ଆମ ନେତାଗଣ ତ ଅଖଣ୍ଡ ଭାରତ ବା ମହା ଭାରତୀୟ ନୀତିର ଅନୁସରଣ କରନ୍ତି । ଏତେବେଳକୁ ପୁଣି ଫେର ବଦଳିଗଲେ କିଆଁ ? ଯଦି ଆଜି ଓଡ଼ିଶାରେ ଅଭାବ ପଡ଼ିବାର ଲାଗି ଧାନ ଅଟକିବାର ଦରକାର ହୋଇ ଥାଆନ୍ତା ଯେ ତେବେ ସେମାନେ କଣ କହନ୍ତେ ? ଆଜି ବଙ୍ଗ, ବିହାର, ଆସାମ ଓଡ଼ିଶା ଯଦି ଏକ ପ୍ରାଦେଶିକ ଶାସନରେ ଥାଆନ୍ତା, ତେବେ ପୁଣି କଣ କରା ଯାଆନ୍ତା ? ଏ ଯେ ବଡ଼ ବିଷମ ସମସ୍ୟା ।

\+ × +

ସେ ଯାହାହେଉ ଫଳରେ ଏଠା ଧାନ ଚାଉଳର ଦରରେ ନିଆଁ ଲାଗି ଯାଇଛି । ନିଆଁ ଲାଗୁ ପଛକେ, ମୁଠାଏ ମୁଣ୍ଡିଗୁଡ଼ରେ ମିଳିବାକୁ ବି ନାହିଁ । ମଫସଲରେ ମୁଣ୍ଡା ଗାଆଁକୁ ଗାଆଁ ମେଳି କରି ନିଜ ଗାଆଁର ଧାନ ପଡ଼ୋଶୀ ଗାଆଁକୁ ନେବାକୁ ଦେଉ ନାହାନ୍ତି ତାହା ଫଳରେ ଯେଉଁ ଗାଆଁରେ ଧାନ ନାହିଁ ସେଠା ଲୋକେ ଉପାସରେ ମରିବାକୁ ଆରମ୍ଭ କଲେଣି । ଏଥିକୁ ସରକାର ଅବହିତ ହୁଅନ୍ତୁ । ଅଣ

Digitized by srujanika@gmail.com

ଲୋକଙ୍କୁ ଖୋଆନ୍ତୁ, ପରେ ଅନ୍ୟ କଥା । ଯଦି ଶୀଘ୍ର ପ୍ରତିକାର ନ ହୁଏ ଅଶଙ୍କା ହେଉଛି ଖାଦ୍ୟଗୋଳ (food riots) ସ୍ଥାନେ ସ୍ଥାନେ ହୋଇ ପଡିବା ବିଚିତ୍ର ନୁହେଁ ।

+ × ×

ଉତ୍ତର ଅଫ୍ରିକାରେ ଯେଉଁ ପେଲଟେଲେ ଦିନୁ ଲଢ଼େଇ ଲାଗିଥିଲା ତାହା ଏତେଦିନକେ ଖତମ ହୋଇଗଲା । ଅମ ବ୍ରିଟିଶ ଜଣ୍ John Bull ଏ ଲଢ଼େଇରେ ଜିତାପଟ ମାରି ନେଇଛନ୍ତି । କ୍ୟଅଡ଼େ ଉମଙ୍କ କଥା କେବେ କେଉଁଠି ହୋଇ ନ ଥିଲା । ଅର୍ଥାତ୍ ଅମ ପକ୍ଷରେ କେବେ ବେଶି ନ ଥିଲେ—"ନ ଦେଖିଲ ପୁଅ ଦେଖ, କଟେମ କାଟି ଛ ଦେବ ।" ଏହାପରେ ସାରା ବ୍ରିଟିଶ ସାମ୍ରାଜ୍ୟରେ ବିଜୟ ଉତ୍ସବ ବଢ଼ି ହୋଇଗଲା । ରାଜଧାନୀ ଭାରତବାସୀ ବି ଦେଶରେ ଖୁସି ହୋଇ ଟେଇ ଧୋଇ ଟୁର୍ ନାଚିଗଲେ । ଠାକୁରେ କେବେ କରିବେ, ଅମେ ପୁଣି ଥରେ ଏଇପରିକା ନାଚ ପାରିବୁଁ ? କଲ କୁଣ୍ଡେଇ ଓଡ଼ା ବଖତରେ ଯେଉଁମାନଙ୍କ ଟିକ୍ ଅଡ଼ାମ ଦାୟିକ !

+ × ×

ସୀମାନ୍ତ ପ୍ରଦେଶର କଂଗ୍ରେସୀ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେବା ପରେ ସେଠା ଶାସକ ସରକାର ହାତକୁ ନେଇ ଚଳାଉ ଥିଲେ । ଏବେ ସେଠି ପୁଣି ଏକ ଲୋକ ପ୍ରତିନିଧି ମୂଳକ ମନ୍ତ୍ରୀମଣ୍ଡଳ ଗଢ଼ା ହେଲାଣି । ଶୁଣାଯାଏ ଏ ନୂଆ ମନ୍ତ୍ରୀମଣ୍ଡଳ ମୁସଲିମ୍‌ଲିଗର ଅନୁସରଣିଆ । ଶାନ୍ତିର ଚ ଳଏ ତ ବଢ଼ୁ ରୁ ପାଳଏ ! ତେବେ ମଜାଟା ଏତିକିରେ ଦୃଷ୍ଟି ହେଉଛି କି ସୀମାନ୍ତ ଗାନ୍ଧୀଙ୍କ ଜନ୍ମ ସ୍ଥାନରେ ପାକିସ୍ଥାନ ଦେଉଳର ମୂର୍ତ୍ତି ମଣ୍ଡ ଏତେଦିନକେ । ଜିନା ସାହେବ କି ଜିନ୍ଦାବାଦ ।

+ × ×

କଥାରେ ଅଛି—କାହାର ସର୍ବନାଶ, କାହାର ପୌଷ ମାସ । ଲଢ଼େଇର ଦାଉରେ ବହୁତ ଲୋକଙ୍କର ସର୍ବନାଶ ହେଉଛି ଏବଂ ହବାର କଥା । ମାତ୍ର କେତେ କେତେ ଭାଗ୍ୟ-ବାନଙ୍କର ଏହି ଲଢ଼େଇ ପୌଷମାସ କରାଇ ଦେଇଛି ମଧ୍ୟ । ତା ଭିତରେ ଏକ ନମ୍ବର ହେଉଛି ଅମ କେନ୍ଦ୍ର ବ୍ୟବସ୍ଥା ସଭା ! ଏ ସଭାର ଅପୂର୍ବ ସମ୍ଭ୍ରମ ଥିଲା ପାଇଁ ପୁଣି ବର୍ଷେ ବଢ଼ାଇ ଦିଆ ହୋଇଛି । ଏହାଙ୍କୁ ଲଗାଇ ତୋଥନ୍ଧୁଏ ବର୍ଷାଦ ହୋଇଗଲା । ଅଉ ଦୁଇଟା ବର୍ଷ ଯଦି ଲଢ଼େଇଟା ଯୌଣସି ମତେ ଲାଗି ରହିଯାଏ, ତେବେ ମେମ୍ବର ମାନଙ୍କର ଦଖଲ ସତ୍ତ୍ୱ ଜନ୍ମିଯିବ । ସେମାନେ ଉଚିତ ଅଇନ ଅଦାଲତ ବଳରେ ପୁରୁଷାନୁକ୍ରମେ ଯାବତ୍ ଚନ୍ଦ୍ରାର୍କେ ଏହାଙ୍କୁ ଭୋଗ ଦଖଲ କରି ପାରିବେ ।

+ + ×

Grow more food ( ଅଧିକା ଖାଦ୍ୟ ଉତ୍ପାଦନ ) ଆନ୍ଦୋଳନ ସକାଶେ ଚାଷୀର ସାହାଯ୍ୟ ପାଇଁ କୋଡିଏ ଲକ୍ଷ ଟଙ୍କା ଖରଚ କରୁଥିବାର ଶୁଣା ଯାଇଥିଲା । ଏବେ ତାହା ଘୋର୍ ଘୋଡ଼ି ଚାରି କଷ୍ଟରେ ରହିଲାଣି ବୋଲି ପୁଣି ଶୁଣା ଯାଉଛି । ଅପାଳକ ରାଇଜକୁ ବନ୍ଦୁକ କେଷେ ଟଙ୍କା ଭଳି, ଏଇ ଚାରିଲକ୍ଷ ବି ଓଡ଼ିଶାକୁ ପାହାଡ଼ ଘଇ । ଏ ଟଙ୍କାରେ ଶୁଣାଯାଉଛି ପଡିଆ ତଡ଼ା, ପୋଖରୀ କୂଅ ଖୋଳା ପ୍ରଭୃତି ହେବ । ଏ ସକାଶେ ଖାଟିଏ ମଣ୍ଡଳ ଦିଆ ଯୋଡ଼ା ହବାର ବ୍ୟବସ୍ଥା ହେଉଥିବାର ବି ଶୁଣା ଯାଉଛି । ତେବେ ଯାଇ ରାଧା ନାଚିବ । ଟଙ୍କା ଖରଚ ସ୍ଥିତିଙ୍କ ହାତରେ ଓଡ଼ କାମରେ ଲାଗୁ ଲାଗୁ କାଟିବର ପାଠ । ଏଣେ କମ୍ଫିସ ଗଡ଼ିଯିବ ଓ ଗ୍ରାମେଂ।ଲଛି ଟଙ୍କା ପରି ଖତମ (lapse) ହୋଇ-ଯିବ । ଯଦି ପ୍ରକୃତରେ କିଛି କରିବାର ଥାଏ, ତେବେ ଯଥାଶୀଘ୍ର କାମର ଯୋଗାଡ଼ ହେଉ—କଳମ ଘଷ ଘଷୁ କରୁ କରେ ବରଖାସ୍ତ ନ ହେଲେ ରକ୍ଷା ।

+ × ×

ପେଲପଣି ମଧ୍ୟସ୍ଥତା କରିବାରେ ସପ୍ତ-ଉଦ୍ୟାବର ବେଷ ନାଁଆ ଅଛନ୍ତି । କେହି ଶୁଣୁ ବା ନ ଶୁଣୁ, ଗଣୁ ବା ନ ଗଣୁ ସେ ନୁହେଁ ଭଲଲୋକ କରି ବସନ୍ତି ଓ ତାହାଦ୍ୱାରା ଲାଉ ମଧ୍ୟରେ ଅନ୍ତତଃ ସେ ନୁହିଙ୍କ ନାଆ ଲୋକଙ୍କ ନଜରରେ ପଡ଼େ । ଗାନ୍ଧିଜୀଙ୍କୁ ଜେଲରେ ଦେଖା କରିବାରେ ଫେଲ ମାରି ସେମାନେ ମିଳାମିଶାର ଅଉ ଗୋଟାଏ ଉପାୟ ଧରିଲେ । ସେମାନେ ଜୋର ସୋରରେ ପ୍ରସ୍ତାବ କାଢ଼ିଲେ କି ସରକାର ଗାନ୍ଧି ପ୍ରଭୃତି ଅଟକବନ୍ଦୀଙ୍କ ନାମରେ ଯେଉଁ ଦୋଷାରୋପ କରିଛନ୍ତି ପ୍ରକାଶ୍ୟ ଅଦାଲତରେ ତାର ବିଚାର କରାଯାଉ । ଏ ବିଷୟରେ ସରକାରଙ୍କ ଜବ୍ ବୁଟିମୁଣ୍ଡି ମଧ୍ୟ ଏତେ ବଡ଼ ମଥାବାଲା ଲୋକଙ୍କର ଏଭଳି ଅଜ୍ଞାନ ଦେଖି ହସ ମାଡ଼ୁଛି । ନିଜେ ଅମେରି ସାହେବ ବି ଏଥିରେ ସଫା ନାସ୍ତି ଜବାବ ଦେଇ ଦେଲେଣି । ତଥାପି ସେ ଛଡ଼ିବାରେ ନାହାନ୍ତି । ଗୋଟାଏ ପୁରୁଣା ଢଗ ମନେ ପଡ଼େ—ନଥିଲା ବଣିଆ କି କରେ ବସି……… + +

(ଅବଶିଷ୍ଟାଂଶ ୧୭ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

ସଜନା ଗଛମୂଳେ··· ·· ·····

# ସ୍ୱରାଜ୍ୟରେ ମୋର ଦାଢ଼ି

—ମଜାକବିତା—

ଲେଖକ—**ଶ୍ରୀ ଦିଗମ୍ବର ଦାଶ ।**

( ୧ )

ଦାଢ଼ି, ଦାଢ଼ି, ଦାଢ଼ି,
ବିରହ ବାସନା ସବୁ ହୁଏ ଚୂନା
ଉଠୁ ଯେତେବେଳେ ବଢ଼ି
ଗୁଳୁ ଗୁଳୁ ହୋଇ, ତୁ ଉଠିଲେ ଖେଳି
ଦାନ୍ତକୁ ନକୁଟି ପକାଏଁ ମୁଁ ଦଳି
ହାତ ଚକଟିବ ପାଇଲେ ପରଶ
ନୀରସ ପରଶି ହୁଅଇ ସରସ
ଯୁଦ୍ଧ ବଜାରରେ ଚାଉଳମାନଙ୍କ
ଗଲାଣିତ ଭଳି ବଢ଼ି ।
ଦାଢ଼ି, ଦାଢ଼ି, ଦାଢ଼ି ।

( ୨ )

ଦାଢ଼ି, ଦାଢ଼ି, ଦାଢ଼ି
ଲମ୍ବି ଲମ୍ବି ତୁହି ଚଳା ପଞ୍ଚଯନ୍ତ୍ର,
ଘୁଞ୍ଚିକା ଗଲାଣି ବଢ଼ି ।
ତୋ ଯତ୍ନ ନ ହେଲେ ଉଡୁ ଫୁରୁ ଫୁରୁ
ପଳାଏ ଉଚନ୍ତ୍ର ଦେଖି ତୋତୋ ଦୂରୁ
ପେଣ୍ଠା ବାଲି ପଥ ଚହଟ ଶନ୍‌କଣି,
ଦାଢ଼ିଆ ଖୁଅଟି ହୁଏ ତହିଁ ଠାଣି,
ଦେଶ ସେବା ପାଇଁ ମନ କର ଠାଣି
ଦେଇ ଅଛୁ ତୋତେ ଘୁଞ୍ଚି ।
ଦାଢ଼ି, ଦାଢ଼ି, ଦାଢ଼ି ।

( ୩ )

ଦାଢ଼ି, ଦାଢ଼ି, ଦାଢ଼ି
ଦେଶ ସେବା ମୋର ରଖିଲା କଲିଣି
ଦେଉଅଛି ମୁହଁ ମାଡ଼ି,
ଗଢ଼ିଲାଣି କେତେ ମନ୍ତ୍ରୀର ମଣ୍ଡଳ,
ଖବର କାଗଜେ ଗୁଟିଲ ଗଣ୍ଡଗୋଳ,
କଣ୍ଠୁ ବକ୍ତୃତା ସ୍ୱର ଖୋଲା ଗଲେ,
ଛେଲି ଦାଢ଼ି ମୋ ହାତ ଟେଲ ଢଙ୍ଗେ,
ଅଇନ ଶାସନେ ଅଟ ସର୍ବେ ନେତା
ଟୋଲିଣି ଘୁଞ୍ଚାଇ ରଡ଼ି ।
ଦାଢ଼ି, ଦାଢ଼ି, ଦାଢ଼ି,

( ୪ )

ଦାଢ଼ି, ଦାଢ଼ି, ଦାଢ଼ି
ଦୁନିଆଁ ଗୋଠାକ ବଦଳ ପଡ଼ିଛି
ବଦଳ ଏବେ ମହୁଡ଼ି ।
ସବୁ ଜିନିଷର ଦେଖି କଟକଣା,
ଭଲ ଖାଦ୍ୟ ନାମ ଶୁଣି ବୁଢ଼ି ବଣା,
ନ ମିଳିଲା ଏବେ ଭଲ ପାଉଡର,
ଟେଲଟ, ସାବୁନ୍, ଖୁସବୁ ଅତର,
ଦେଖିଲେ ପ୍ରେୟସୀ ମୋ ଦାଢ଼ି ଦେଶରେ
ଯିବ ଗୁଲି ମୁହଁ ମୋଡ଼ି,
ଦାଢ଼ି, ଦାଢ଼ି, ଦାଢ଼ି ।

Digitized by srujanika@gmail.com

( ୬ )

ଦାଢ଼ି, ଦାଢ଼ି, ଦାଢ଼ି

ସାନ ଭାଇ ଅଟେ ନାକ ତଳ ନିଶ,
ହାତ ଚିପେ ଦଏ ମୋଡ଼ି ।
ଠାକୁର ଗାଲକୁ ଭରା ତୋର ଶୋଭା
ଲୋକ ଭଣ୍ଡିବାକୁ ଭଲ ତୋର ସେବା,
ତେଲ ବିନା ସବୁ ଫାଲଟିଲା ଜଟା,
ବେଶ ଲଗେ ପିନ୍ଧିବାକୁ ଲୁଗା ପଟା ।
ଲେଙ୍ଗୁଟି ମାରିଣ ବାବାଜୀ ହୋଇବ
ଭାବୁଛୁ ସଂସାର ଛାଡ଼ି ।
ଦାଢ଼ି, ଦାଢ଼ି, ଦାଢ଼ି

( ୭ )

ଦାଢ଼ି, ଦାଢ଼ି, ଦାଢ଼ି,
ତୋ ଛଇଳ ଦେଖି ଅଖି କୋଣୁ ମୋର
ଲୋତକ ପଡ଼ଇ ଗଡ଼ି ।
ନିଅଁ ଲଗା ଯୁଦ୍ଧ କୁଆଡ଼ୁ ଅଇଲା,
ପଇସା ବଢ଼ୁନେ ତୋ ଶୋଭା କମିଲା ।
ହେଲା କନ୍‌ଟ୍ରୋଲ ସବୁ ଧାଉଡର,
ମୋ ଦାଢି କେଞ୍ଚି କ୍ଷୁର ନାରଖାର,
ନିଜହୁଣା ଦାଢ଼ି ପାଇଁ ସରକାର
ନିୟମ ଦଅନ୍ତୁ ଛାଡ଼ି ।
ଦାଢ଼ି, ଦାଢ଼ି, ଦାଢ଼ି ।

## କୁତୁକୁତୁ

ପୁଅ—ବାପା ! ତୁମେ ସେ ତାଳପତ୍ର ବହିରୁ କଣ ପଢ଼ ?

ବାପା—ତୁ କାଲିକାର ଟୁଆ ସେଥିରୁ କଣ ପାଇବୁ ?

ପୁଅ—ଏଁ, ମୁଁ ଯେ ପଅରଦିନ ତୁମ ସଙ୍ଗରେ କ୍ଲବ ଦେଖିବାକୁ ଯାଇଥିଲି ।

× × ×

ସ୍ତ୍ରୀ—ତୁମେ କାହିଁକି ବିମଳ ବାବୁଙ୍କ ସ୍ତ୍ରୀଙ୍କୁ ସବୁବେଳେ ଚାହଁ ?

ସ୍ୱାମୀ—ବିମଳବାବୁ ଯେ ସବୁବେଳେ ତୁମକୁ ଚାହାନ୍ତି ।

× + × (ବୈଦ୍ୟନାଥ)

ଶିକ୍ଷକ—କହୋ ବଳଦେବ ! ତୁମେ ତ ଅଗେ ବେଶ୍ ଅଙ୍କ କଷି ପାରୁଥିଲ । ଏବେ ତ ତୁମକୁ ଖଣ୍ଡେ ମଧ୍ୟ ଆସୁନାହିଁ । ତମ ବୁଦ୍ଧି ଇମିତି ମୋଟା ହୋଇଗଲା କେଉଁ ଦିନଠୁଁ ?

ଛାତ୍ର—ଅଜ୍ଞା ଅପଣ ଯେଉଁଦିନଠୁ ସ୍ୱାସ୍ଥ୍ୟଉନ୍ନତି ପାଇଁ Health vigour ବ୍ୟବହାର ସକାଶେ ଉପଦେଶ ଦେଲେ ।

× × ×

ବାବୁ—କହୋ ପୂଜାହାରୀ, ଅଜି ଡାଲଟା ପାଣିଆ ହୋଇଗଲା କାହିଁକି ?

ପୂଜାହାରୀ—ଅଜ୍ଞା, ଅଜି ଉଏ ଗୋଟେ ଲକମର ହେଇଛି ।

ବାବୁ—(ଅନ୍ୟଦିନେ) କହୋ, ମାଛ ତରକାରୀଟା ଲୁଣିଆ ହୋଇଗଲା କିଆଁ ?

ପୂଜାହାରୀ—ଅଜ୍ଞା, ଅଜି ଉଏ ଗୋଟାଏ ଲକମର ହେଇଛି ।

ଅନ୍ୟଦିନେ ତରକାରୀଟା ପୋଡ଼ି ଯାଇଥିବାରୁ ବାବୁ ରାଗି କାଟଫାଟିଆରେ ଭୀଷଣ ପ୍ରହାର କରୁ କରୁ ପୂଜାହାରୀ କହିଲା, "ଅଜ୍ଞା ମୋତେ ବୃଥା ବାଡ଼େଇଛନ୍ତି କାହିଁକି ?"

ବାବୁ—ଆରେ ଆଜି ଏଏ ଗୋଟେ ଲକମର ହୋଇଛି ।

(ଲକ୍ଷ୍ମଚନ୍ଦ୍ର)

Digitized by srujanika@gmail.com

କଥାଟିଏ କହୁଁ..................

# ଅନ୍ୟଜଣାକ ନାହିଁ

## ——ଲେଖକ—ଶ୍ରୀ ଶରତ୍‌ଚନ୍ଦ୍ର ମୁଖର୍ଜି——

### ( ୧ )

ନା, ନା, ଫଗୁଣ ପୁନେଇ ନୁହେଁ—ସେଦିନ ଥିଲା କାର୍ତ୍ତିକ ମାସର ପରୀପଣ୍ଡିତା ଅମାବସ୍ୟା । ଲୋଧ୍ର ରେଣୁରେ କପୋଳ ଶୁଭ୍ର କରି ବାସନ୍ତୀ ଫୁଲରେ ବେଣୀ ସଜାଇ କୌଣସି କୁମାରୀ ମନ୍ଦିର ବାଟରେ ଗଲା ନ ଥାଏ—ପଞ୍ଚ ଶରର ପାଞ୍ଚୋଟି ଶର ଗୋଟାଏ ହେଲେ ବି ଆକାଶ ବତାସ ପୁଷ୍ପିତ ପଲ୍ଲବ କୌଣସି ଅଡ଼େ ଦୃଶ୍ୟ ନ ଥାଏ—ଅତନୁ ଅତନୁ ଥିଲେ—କଜଳ କଳା ନୟନ ବାଣ କାହାର ପ୍ରେମିକ ପୁରୁଷ ବୁକୁରେ ହାଣିବ—ନା, ସେ ଡର ନ ଥିଲା । ରାତି ବି ନୁହେଁ—ଦିନ । ଶୁଖିଲା ନୀରସ ହେମନ୍ତ କାଳର ସୂର୍ଯ୍ୟ—ହବୁ ଚାହିଁ ଘ'ଠେ ଅଳ୍ପ କରି ରଖିଛି—କୁଞ୍ଜପଥ ନୀରବେଳା—ଅଭିସାରିକାର କଙ୍କଣବାଣୀ ସ୍ତବ୍ଧ । ମଧୁଗୁଞ୍ଜନ ନାହିଁ ।

### ( ୨ )

ଅଦୂରେ ଜମିଦାର ଘରେ କାଳୀ କରାଳୀ ନୃମୁଣ୍ଡ-ମାଳିନୀ ଜଗନ୍ମାତାର ପୂଜା । ପ୍ରତିମା ଭୟଙ୍କର ଦେଖା ଦେବେ ପିଶାଚ ପିଶାଚୀ ନର୍ତ୍ତନରେ ମାତିବେ ସେଦିନ ଶ୍ମଶାନମାନ ହେବେ । ଭକ୍ତ ହୃଦୟ ତାଙ୍କର ଶ୍ମଶାନ-ତାଣ୍ଡବ ଦେଖି ଥରି ଉଠେ । ପିଲାଝିଲାଙ୍କର ସେ ଅଡ଼କୁ ଦୃଷ୍ଟି ବି ନାହିଁ । ଫୁଲଝରି, ଅଗ୍ନି ଫେଣ୍ଟବା, ଅତସବାଜି ଅଗ୍ନି ଦୀପାଳି କିଣିବା ପାଇଁ ବାପ ମାଙ୍କ ପାଖରେ ଅଳି ଅଝଟ ବଢ଼ ବଢ଼ୁଥି ଡାକିବା ପାଇଁ ବାଉଁଶ କାଠି ସଜାଇବାରେ ବ୍ୟସ୍ତତା । ଆଜି ଦୀପାବଳୀ ଯେ—ଦ୍ୱାରେ ଦ୍ୱାରେ ଦୀପ ନେଳି ଜଳିବ କେତେ ରଙ୍ଗର ପ୍ରଦୀପ ଜଳିବ—ନବରାତିର ଅନ୍ଧକାର ହେବ କେତେ କଣରେ—ଗାଁଟା ଯାକ ସମସ୍ତେ ବ୍ୟସ୍ତ । ଜମିଦାର ଗୃହିଣୀ ଗହଣା-ବାକସ ଖୋଲି ଦେଇଛନ୍ତି ଆଜ—ଘରଟା ଯାକର ସବୁ ବହୁ ଝିଅ ଝଲସି ଉଠେଇ ସଫା ମୁହଁର-ଅଙ୍ଗ ପ୍ରତ୍ୟଙ୍ଗ ଭରି ସୁନା ରୂପାର କେତେ ଗହଣା ଚକମକ ଆଉ ରୁଣୁଝୁଣୁ—ମୀନ ନୟନର କଜଳ ରେଖା ଟାଣି ନିମିତାକୁ ଚେଷ୍ଟା କରୁଛି—ପାରୁ ନାହିଁ ଯେ—ସାନ ସାପ ପରି କୁଞ୍ଚିତ କେଶ ପ୍ରହସି ରୂପେ ବାଟରେ ଟିଅ ।

### ( ୩ )

ବେଳ ଗଡ଼ି ଆସୁଛି—ସୂର୍ଯ୍ୟ ରଶ୍ମି ତଥାପି ଉଜ୍ଜ୍ୱଳ । ବସି ବସି କମଳାର ଆଉ ଭଲ ଲାଗୁ ନ ଥାଏ । ଏକୁଟିଆ କେତେ ବସିବ ସେ ? ଇସ୍କୁଲ ଛୁଟି ଜମିଦାରଙ୍କ ଛୁଟାକୁ ଲାଗିଛି । ନିଜ ଛୁଟା ଭିତରେ ଆମ୍ବ ଗଛ ମୂଳେ ଗଛ ଛାୟାରେ ଆରାମ ଚୌକିଟିଏ ପକାଇ ସେ ତ ଗଢ଼ାଗଢ଼ି ବସିଲାଣି । ଅନ୍ୟଦିନ ହେଲେ ଗାଁଟା ଯାକର ସାନ ସାନ ଝିଅ ପାଠ ପଢ଼ିବାକୁ ରୁଣ୍ଡ ହୋଇଥାନ୍ତେ—ବଡ଼ଝିଅଙ୍କ ଆସନ୍ତେ ସିଲେଇ ଶିଖିବାକୁ, ନାଁର ଆଜି ଯେ ଦଶହରା ପାଇଁ ଇସ୍କୁଲ ଛୁଟି । ଦେଖିଲା ଟୋକାଗୁଡ଼ାକୁ ବି, ବ ଟ ପଢ଼େଇ ବେଳ କଟିଯାଏ ଅନ୍ୟଦିନ—ଆଜି ତା ବି ନାହିଁ । କମଳା ଇସ୍କୁଲ ଘରୁ ଖଣ୍ଡିଏ ଉପନ୍ୟାସ ନେଇ ଆସିଲା ଆଉ ପଢ଼ିବାକୁ ଆରମ୍ଭ କଲା—ଅବୁଝା ରାଇଜର କେତେ ନ ହବା କଥା—ମେଘମେଦୁର ଭାଦ୍ର ସନ୍ଧ୍ୟାରେ ବିରହୀ ବଧୂର ନାୟିକାର ଛଳ ଯେତେବେଳେ ପାଣି ଆସୁଛି, ଠିକ ସେତିକବେଳେ ନୀରବ ପଦକ୍ଷେପରେ ପଶ୍ଚାତ୍‌ଦିଗରୁ ନାୟକର ପ୍ରବେଶ ବେଣୀ ଚୁମ୍ବନ । କମଳ ବିରକ୍ତିର ସହିତ ବହି ଖଣ୍ଡିକ ଥୋଇ ଦେଲା ।—କହିଲା, "ଏତେ ମିଛ କଥା ।" ପଚିଶ ବର୍ଷ

Digitized by srujanika@gmail.com

ତପସ୍ୟା ପାଠୋଇ ନେଇଥ ସେ—ଏତେଡ଼ ଅସମ୍ଭବ ବ୍ୟାପାର କେବେ କେହିଲେ ଦେଖିଛ ନା ଶୁଣିଛ । ଲେଖକ ମହାଶୟ ଏଭଳି ଗାଲ୍‌ଗପ ଶୁଣାଇବାକୁ ଆଉ ମଣିଷ ପାଇଲେ ନାହିଁ । ଛିଃ ।

( ୪ )

ବକୁଲ ଗାଁର ବାଳିକା ସ୍କୁଲ ଜମିଦାରଙ୍କ ହାତଗଢ଼ା ଜିନିଷ । ଇସ୍କୁଲ ଘର ତାଙ୍କର, ଜମି ତାଙ୍କର, ଟେବୁଲ ଚେୟାର ଅଲମାରୀ ସବୁ ତାଙ୍କର । ସୁନ୍ଦରଟା ସୁନ୍ଦରଟା ଜମଗଛ ଅନାବାଗରୁ କାଟି ଝାଟିମାଟି ଭଙ୍ଗା ଇଟା ଆଉ ଅପଣା ଘରର ଚଳିବା ଚୂନ ଦେଇ ସ୍କୁଲ ଘରଟାକୁ ଯେତେବେଳେ ସେ ସତକୁ ସତ ମାସ ଦୁଇଟାରେ ଠିଆ କରାଇ ଦେଲେ, ସେତେବେଳେ ସମସ୍ତଙ୍କୁ ମାଲୁମ ହେଲା, ହଁ, ଜମିଦାର ନବଘନ ମହାପାତ୍ରଙ୍କର ନାରୀଶିକ୍ଷା ପ୍ରତି ଗଭୀର ପ୍ରୀତି ଅଛି । ତାପରେ 'ଝଙ୍କାର' ସାପ୍ତାହିକ ପତ୍ରରେ ସେଇ ବିଜ୍ଞାପନ—ଶିକ୍ଷୟିତ୍ରୀ ଲୋଡ଼ା—ମାସିକ ବେତନ ପନ୍ଦରଟଙ୍କା—ମିଡଲ୍ ଉତ୍ତୀର୍ଣ୍ଣା ର ପାସ୍ ହୋଇଥିବ—ସିଲାଇ, ସଙ୍ଗୀତ ଶିଖାଇ ପାରିବ—ଇସ୍କୁଲରେ ଶିକ୍ଷୟିତ୍ରୀର ରହିବାର ଅଲଗା ଘର—ଜଳବାୟୁ ଭଲ ଇତ୍ୟାଦି ଇତ୍ୟାଦି । ସେ ସବୁ କଣ ...ର ମନେ ନାହିଁ ? ସେ ତ ମାସ ଛଅ ବର୍ଷ ତଳର । ବଇଶ ଷ୍ଟେସନରେ ରେଳରୁ ଓହ୍ଲାଇ ଗୋରୁ ...ରେ ସାତ ମାଇଲ ଆସିଲା ପରେ ବୁଢ଼ାବଇର ଦିନ । ଏଇ ଇସ୍କୁଲ ହତା ଭିତରେ ସେ ଯେଉଁଦିନ ପହଞ୍ଚିଲା ଶିକ୍ଷୟିତ୍ରୀଙ୍କ ପାଇଁ ତିଆରି ନୂତନ ଘର ଦେଖିଲା, ସେଦିନ କି କଣ ସୂର୍ଯ୍ୟରଶ୍ମି ଏମିତି ପ୍ରଖର ନ ଥିଲା । ସେଦିନ କି କଣ ଏଇ ଅମ୍ବଗଛ ଡାଳରେ ପୁଞ୍ଜା ପୁଞ୍ଜା ହୋଇ ଡାମରା କାଉ ଆଜି ପରି ଡାକୁ ନ ଥିଲେ—କାଅ, କାଅ—କହୁଛ, କହୁଛି ?

( ୫ )

ଛଅ ବର୍ଷରେ ବିଶେଷ କିଛି ଘଟଣା ଘଟିନାହିଁ ମାତ୍ର କମଳାର ବୟସ ଯେପରି ତିରିଶ ବର୍ଷ ବଢ଼ି ଯାଇଛି—ସେ ଏ କଥା ମନେ ମନେ ବୁଝେ ଆଉ ବୁଝନ୍ତି ତାର ବାଲ୍ୟସଙ୍ଗିନୀ ରମା ଓ ରାଣୀ । ଗଲା ଗରମ ଛୁଟିରେ ଯେତେବେଳେ କମଳା ନିଜ ଘରକୁ ଯାଇଥିଲା, ସେତେବେଳେ ରମା ଆସିଥିଲା ଶାଶୁଘରୁ । କମଳା ଘରେ ଗୋଡ଼ ଦେଉଛି କି ନାହିଁ ଛଅମାସର ଛୁଆଟାକୁ ଥନ ଦେଇ ଦେଇ ଅଧା ମୁକୁଳା ଛାତି ନେଇ ଆସି ପହଞ୍ଚିଲା । ରମା ଦେହରେ ତାର ଭରା ଲାବଣ୍ୟ--ଆଖିରେ ତାର ଚଞ୍ଚଳା ହରିଣୀର ଚାହାଣୀ । କମଳା କହିଲା, "ମଲି ମୋର, ଲାଜ ବି ନାହିଁ ? ଲାଜ ମୁଣ୍ଡଖାଇ, ଖାଲି ପୁଅ ପାଖରେ ଏମିତି ନଲଡ଼ା ହୁଅ 'ନା ପୁଅ ବାପ ପାଖରେ ବି ଏମିତି ହୁଅ ମ !" ମୁକ୍ତ ହାସିଟି ଦେଇ ରମା କମଳାର କଣ୍ଠ ଆଲିଙ୍ଗନ କଲା ଆଉ ତାକୁ ଆଦର କରୁ କରୁ କହିଲା, "ଅଲୋ, ଲଜ୍ଜାବତୀ ସୁନ୍ଦରୀ, ପୁଅ ବାପ ପାଖରେ ବି ଏମିତି--" ତାପରେ କମଳାର କଣ୍ଠମୁକ୍ତ କରି ତା ଗାଲରେ ଚୁମା ଦବାକୁ ଯାଇ ରମା ଯେପରି ଚମକି ପଡ଼ିଲା—କହିଲା, "ଏଁ, ଇଏ କଣ ? ତୁ ଏମିତି ଟାକୁଆଗାଲି କେବେଠୁ ହେଲୁ ? କହ ଲୋ, ତୋ ଆଖି ବୁଡ଼ିଅଡ଼ ଏମିତି କଳା କାହିଁ ? ମଲା ମୋର, କଳାକାଠ ହୋଇଗଲୁଣି ।" କମଳା ହସିଲା—ମାଧବୀସନ୍ଧ୍ୟାର ଶୁଷ୍କ ଅପରାଜିତାର ହସ—କହିଲା, "ତୋର ଗୋଲାପ କେବେ ଥିଲି ମ ?" କିଛିଦିନ ପରେ ତା'ର ପିଲାଦିନର ଗୋଲାପରାଣୀ ବି ଆସିଥିଲା ଶାଶୁଘରୁ ସେମିତି ଅଚେତ ମଖା ଆଖି ନେଇ—ସେ ଥିଲା ଆସନ୍ନ ସନ୍ତାନବତୀ-- ତେଣୁ ତ୍ରସ୍ତ ଶଙ୍କିତ ସ୍ୱାମୀ ନିଜର ହୃଦୟରାଣୀ ରାଣୀକୁ ତାର ମାତା ନିକଟକୁ ସୁଖପ୍ରସବ ପାଇଁ ପଠାଇ ଦେଇଥିଲେ । ଶ୍ରାବଣର ଭରା ନଈ ପରି ରାଣୀର ଅଙ୍ଗ ପ୍ରତ୍ୟଙ୍ଗ ଭରି ଉଠିଛି—ମାତଙ୍ଗ ପରି ତାର ଗତି ଶିଥିଳ ଆଉ ପରିତୃପ୍ତ ଅଜଗରର ଆଖି ଦିଓଟି ପରି ଅଳସ ଆଖି । ସେ ଅଳସ ଆଖିର ଅନୁରୋଧଭରା ଚାହାଣୀ ହାଣି ରାଣୀ ଯେଉଁଦିନ କମଳାକୁ କହିଲା, "ଛି ଗୋଲାପ, କଣ ଗୋଟାଏ ମାଷ୍ଟ୍ରେସ କରୁଛ ମ—ବାହା ହଉନାହିଁ ? ବୁଢ଼ୀ ହବାକୁ ବସିଲୁ ଯେ !" ସେଦିନ ଆଉ କମଳା "କଉଁଦିନ ଟୋକୀ ଥିଲି" ବୋଲି ପରିହାସ କରି ପାରିନାହିଁ । ଗୋଲାପର ଭରା ବୁକରେ ମୁଣ୍ଡ ରଖି କାନ୍ଦିଛି କେତେ ଯେ କାନ୍ଦିଛି । ହାୟ ଭଗବାନ, ଆଖିର ସବୁ ଅଭିଷେକବାର ବୃଥା ହେଲା ?

( ୬ )

ଛଅ ବର୍ଷରେ କେତେ କଣ ଦେଖିଛି ସେ—ସତ କହିବ, ଜମିଦାର ବାବୁ କଦାପି ହେଲେ ଇସ୍କୁଲ ତାଙ୍କର, ଟେବୁଲ, ଅଲମାରି ତାଙ୍କର ବୋଲି କମଳାକୁ କେବେ ତାଙ୍କର ବୋଲି ଦାବୀ କରି ନାହାନ୍ତି—ମନ ମଧ୍ୟରେ କଣ

Digitized by srujanika@gmail.com

ଥିଲା ସେ କଥା କିପରି କହିବ ? ନର ମାୟା ନାରାୟଣଙ୍କୁ ବି ଅଗୋଚର—ମାତ୍ର ଜମିଦାରଙ୍କର ସେହି କଲେଜପାଠୁଆ ପୁଅ ଯେ ଆଜିକାଲି କଟକ ନିମଚଉଡ଼ିରେ ଲୁଗା ଦୋକାନ କରିଛି—ବାପ୍‌ରେ ବାପ୍, ମାତ୍ର ଥରେ ପୁରସ୍କାର ବିତରଣୀ ସଭାରେ ସାଧାରଣ ଆଳାପ ହେଲା ପରେ କି ଲମ୍ବ ଲମ୍ବ ଚିଠି ଆଉ କମଳାର ଉପକାର କରିବା ପାଇଁ କି ଅସାଧାରଣ ବ୍ୟଗ୍ରତା ଆଉ ଗଦ୍ୟପଦ୍ୟମୟ କି ପ୍ରେମ ନିବେଦନ । ମଣିଷ ମୁହଁରେ ଏକରକମ ଆଉ ପେଟ ଭିତରେ ଅନ୍ୟ ରକମ ଯେ ହୋଇପାରେ, ତାହା ତ କମଳାର ଅଜଣା ନ ଥିଲା, ମାତ୍ର ଏତେ ମାତ୍ରାରେ ? କମଳା ତ ପ୍ରଥମେ ଭାବିଥିଲା, ସତକୁ ସତ ସରଳହୃଦ ମଣିଷ ହାତରେ ଖସି ପଡ଼ିବ ଆଉ ସେ ହାତ ହେବ ତାହାର—ମାତ୍ର ଇଆଡ଼େ ଚିଠି ବି ଆସେ, ଆଉ ସେଆଡ଼େ ନିଳକଣ୍ଠପୁରର ଜମିଦାରଙ୍କ ଝିଅ ସହିତ ଶୁଭ ଲଗ୍ନରେ ବିବାହ ହେବାର ଆୟୋଜନ ମଧ୍ୟ ହୁଏ । ପଢ଼ିଲେ ପଢ଼ିଲେ କମଳା ଭାବିଲା, ରୁକ୍ମିଣୀ ରଥ ଫେରି ବି ଆସେ ତ—ସେ ତ କେତେ ଉପନ୍ୟାସରେ ଏ କଥା ପଢ଼ିଛି । କମଳା ଜାଣି ନ ଥିଲା ଏ ରୁକ୍ମିଣୀ ରଥ ଖାଲି ଉପନ୍ୟାସର ପୃଷ୍ଠାରେ ଫେରେ—ମାତ୍ର ବାସ୍ତବଜଗତର କାଦୁଅ ବାଲିରେ ଅଟକି ଯାଏ । ସେ ଯଉଁଦିନ ଏ କଥା ଜାଣିଲା, ସେଦିନ ଜମିଦାର ଘରେ ପୁଅ ବାହା ଆଉ ତା ନିଜଘରେ ବିଧବା ମାତା ମୃତ୍ୟୁଶଯ୍ୟାରେ । ମା ଯଉଦିନ ଚାଲିଗଲେ, କମଳା ଭାବିଲା, ଆଉ ସେ ବକୁଲ ଗାଁଅକୁ ଫେରିବ ନାହିଁ କିନ୍ତୁ ଅଲଟେଲା । ପୁଣି ତାକୁ ସେ ଗାଁକୁ ଫେରାଇ ନେଲା । ବର୍ଷେ ଗୋଟାଏ ବିତିଗଲାଣି । ସେ ଅଦ୍ୟାପି ସେଇଠି । ଘରେ ଆଉ କେହି ତ ନାହାନ୍ତି—ସେଥିପାଇଁ ସାନ ସାନ ଛୁଟିରେ ଆଉ ଘରକୁ ବି ଆସେନା । ପୂର୍ବେ ଜମିଦାର ଘରକୁ ମଧ୍ୟ ମଝିରେ ମଝିରେ ଯାଉଥିଲା । ଏବେ ଆଉ ଯାଏନା । କିପରି ଯିବ ସେ ? ଏଇ ତ ସେଦିନର କଥା । ଚାରିଦିନର ମେଲେରିଆ ଜ୍ୱରରେ ଏକା ବିଛଣାରେ ପଡ଼ି ସେ ଯେତେବେଳେ ପ୍ରଭୁଙ୍କ ନିକଟରେ ମୃତ୍ୟୁବର ମାଗୁଥିଲା, ସେତେବେଳେ ଦିନେ ସନ୍ଧ୍ୟାରେ ଜମିଦାର ପୁଅ ତା ଘରେ ହଠାତ୍ ପଶି ଆସିଲେ ଆଉ ତା ମୁଣ୍ଡରେ ହାତ ଦେଇ କହିଲେ, "ଜ୍ୱର ତ ନାହିଁ !". ସେ ଅପମାନ କମଳା ସହି ନ ପାରି ବେଗ ବିଛଣାରୁ ଉଠି ସିଧା ଜମିଦାରଙ୍କ ନିକଟକୁ ଯାଇ ତାଙ୍କଠି ଜବର ପୁତ୍ର ବିରୁଦ୍ଧରେ ଅଭିଯୋଗ କରିଥିଲା । କହିଥିଲା, ଆଉ ଥରେ ଏପରି ଅପମାନ ପାଇଲେ ସେ ଇସ୍କୁଲ ଛାଡ଼ି ଚାଲିଯିବ । ପ୍ରୌଢ଼ ପୁରୁଷଟି କେତେ ବିନୟର ସହିତ ପୁତ୍ରର କୁକର୍ମ ପାଇଁ ନିକଟେ କ୍ଷମା ମାଗିଥିଲେ, ମାତ୍ର ନାରୀର ବ୍ୟଥା ନାରୀ ବୁଝିଲା ନାହିଁ ।

ଜମିଦାର ଗୃହିଣୀ ଗର୍ଜନ କରି ଉଠିଥିଲେ "କଣ ? ମୋ ଘରେ ନୂଆବୋହୂଟା ଥାଉଁ ଥାଉଁ ମୋ ପୁଅ ଏପରି କରିବ ? ଏମିତି ସ୍ତ୍ରୀଲୋକ ଦୂରରୁ ଜୁହାରିଲୋ ମା !" ସେଦିନୁ ଆଉ କମଳା ଜମିଦାର ଘର ଦୁଆରେ ମାଡ଼ିନା ।

( ୭ )

ଅନ୍ୟ ଦିନ ହୋଇଥିଲେ କମଳା ବିବିଧ ବର୍ଣ୍ଣର ଅସଂଖ୍ୟ ପ୍ରଜାପତିର ମେଳ ତା ଫୁଲ ବଗିଚାରେ ଦେଖି ସମୟ କଟାଇ ଥାଆନ୍ତା । ଭୃତ୍ୟବର୍ଗ ନିଜ ହାତରେ ପରିଷ୍କାର କରି ବାଲିକ ଦେଇ ଗୋବର ଆଣାଇ ଏଠାରୁ ସେଠାରୁ ଫୁଲମଞ୍ଜି ଆଣି କେତେ ସୁନ୍ଦର ବଗିଚାଟିଏ ସେ କରିଛି—ସେ ବଗିଚାରେ କେତେ ଫୁଲ ଏ ସମୟରେ ଫୁଟିଥାଏ, କେତେ ପ୍ରଜାପତି ଯୋଡ଼ାକୁ ଯୋଡ଼ା ଫୁଲ ପାଖୁଡ଼ାର ରଙ୍ଗ ସହିତ ନିଜ ଦେହର ରଙ୍ଗ ମିଶାଇ ଦେଉଥାନ୍ତି—ଏଇ କାଲି ତ ଏମିତି ଅସଂଖ୍ୟ ପ୍ରଜାପତିର ମିଳନ ତାର ଏଇ ବଗିଚାରେ ହୋଇଛି, କିନ୍ତୁ ଆଜି ଗୋଟିଏ ହେଲେ ଫୁଲ ନାହିଁ ଯେ—ପ୍ରଜାପତି ଆସିବେ କିଆଁ ? ସକାଳୁ ଜମିଦାରଙ୍କ ଘରର ପୂଜାରୀ ଗୋଟି ଗୋଟି କରି ସବୁ ଫୁଲ ତୋଳି ନେଇ ଯାଇଛନ୍ତି କାଳୀପୂଜା ପାଇଁ । ଇସ୍କୁଲ କଣ ଜମିଦାରଙ୍କର ନୁହେଁ ? ମନା କରିବାକୁ କମଳା କିଏ ସେ ? ତଥାପି ସେ ଟାଣି ଓଠରେ ହସ ହସି କହିଥିଲା, "ପୂଜାରୀ, ଗୋଟାଏ ଯୋଡ଼ାଏ ଫୁଲ ରଖ ମ—ଗଛ ସବୁ ଲଣ୍ଡା ଦିଶିବ ଯେ !" ପୂଜାରୀ କହିଲା, "ପୁଣି ଫୁଟିବ ଯେ ।" ସତେ କଣ ଆଉ ସେତେ ଫୁଲ ଫୁଟିବ ? ଆଉ ତ ବର୍ଷାକାଳର ବାରିବର୍ଷଣ ନାହିଁ—ଏତେ ଗଛରେ ସେ ପାଣି ଦେବ କିପରି ଯେ ଫୁଲ ଫୁଟିବ । ସତେ କଣ ଆଉ ସେଠି ପ୍ରଜାପତି ମେଳା ବସିବ—ସତେ କଣ—। ଲଣ୍ଡା ଗଛଗୁଡ଼ାକୁ ଚାହିଁ ରହିଲା କମଳା, ଆଉ ବୁଝି ପାରିଲା ନାହିଁ । ଅଦୂରେ କପୋତଦମ୍ପତି ମନସୁଖରେ କନିଅର ମୂଳେ ଚରିବାକୁ ଲାଗିଲେ । ଚାହିଁଥାଏ କମଳା ସେମାନଙ୍କର ଚଞ୍ଚୁଚୁମ୍ବନ ଦେଖିଲା—ସେମାନଙ୍କର ମୁଗ୍ଧ ଦୃଷ୍ଟି ଆଉ ଚପଳ ଚକ୍ଷୁଚଳନା ନେଇଗଲା ତାକୁ କେଉଁ ଦୂର ରାଇଜକୁ । କିଛିକ୍ଷଣପରେ ପକ୍ଷୀ ଦୁଇଟି ଉଡିଗଲେ ସେମାନଙ୍କର ଯୁଗଳଗତି ନୀଳ ଆକାଶରେ ଅଦୃଶ୍ୟ ହୋଇଯାଏ ପଲକଶୂନ୍ୟ ଦୃଷ୍ଟିରେ ଚାହିଁ ରହିଲା କମଳା—ଦୂରେ, ବହୁ ଦୂରେ ଅମାବାସ୍ୟାର କଳାଣ୍ଟି ଛାଇ ପିନ୍ଧି ପ୍ରକୃତିର ଧାଡ଼ିମାନ ଗଛ ଦେଖାଗଲା । ଦେବୀ ମନ୍ଦିରରେ ଢ଼ଣ୍ଡିମ ବାଜି ଉଠିଲା କରାଳୀ କାଳୀର ଆବାହନ ସଙ୍ଗୀତଚ୍ଛନ୍ଦ । ଆଜି ଯେ କାର୍ତ୍ତିକ ମାସର ମସୀମୟୀ ଅମାବାସ୍ୟା—ନା, ନା, ଜହ୍ନ ପୁନେଇ ନୁହେଁ ।

Digitized by srujanika@gmail.com

# ବିଲେତର ହାତରେ...

## —ମଜାକଥା—



# ସାହେବୀ ପ୍ରେମ

ଲେଖକ:—ଦେବ ମହାପାତ୍ର

"ହେରି ! ତମେ କଣ ଏଙ୍ଗ୍ଲୋଇଣ୍ଡିଅନ ?" କ୍ଲାରା ପଚାରିଲା ।

ଏଙ୍ଗ୍ଲୋଇଣ୍ଡିଅନ ! ଅହା-ହା !! ପ୍ରଶ୍ନଟା ଶୁଣି ଶୁଣି ମୁଁ ଅଜାଣତରେ ଅଞ୍ଜୁଳାଏ ପବନ ଉଟାରି ନେଲି ନିଶ୍ୱାସରେ । ଯୋଉଥିପାଇଁ ମୋର ଛାତିଟା ଫୁଲି ଉଠିଲା ଅନ୍ତତଃ ଦୁଇ ଇଞ୍ଚ । କେଡ଼େ ଗର୍ବର କଥା । ଚିରଦିନ ଓଡ଼ିଆ ମଲ୍ଲମୂର୍ତ୍ତି ହୋଇ ରହିଥିଲେ କିନ୍ତୁ ଆଜି ଗୋଟିଏ ଯୋଫେଷ୍ଟି କେଟେଉ ଏଙ୍ଗ୍ଲୋ ଯୁବତୀ ମତେ ଭ୍ରମ କରୁଚି ସାହେବ ବୋଲି ! ଉତ୍କଳଜନନୀ ଯଦି ପାଖରେ କାନ ଡେରି ଶୁଣୁ ଥାଆନ୍ତେ ତାଙ୍କର ଛାତି ବି ଫୁଲି ଉଠନ୍ତା ଗର୍ବରେ ?

ନୂଆ ପଟା ଛଡ଼ ସାହେବୀ ଭେକ ଧରିଲିଣି ଯୋଉଁଦିନଠୁ ସେଇଦିନୁ ମୋର ବାପ ମା ଦେଇଥିବା 'ହରି' ବା "ହରି ଗଡ଼ନାୟକ" ନାଆଁଟାକୁ ପାଲଟେଇ "ହେରି ଗାର୍ଣ୍ଣିକ" (Harry Garnik) କରି ଦେଇଚି । କେବଳ ସେତିକି ନୁହେଁ ବାପା ପଠଉଥିବା କଲେଜ ଦରମା, ବୋଡ଼ିଂ ଖର୍ଚ୍ଚା ଶେଷ ହୋଇଗଲା ବୋଲି ଲେଖି କମ୍ପା ଲଢ଼େଇ ପାଇଁ ସବୁ ଜିନିଷର ଭାଉ ବଢ଼ି ଯାଇଚି ବୋଲି ଲେଖି ଟଙ୍କା ମଗେଇ ଆଣୁଚି ଆଉ କ୍ଲାରାକୁ ଡ଼ିନର୍ ଦଉଚି ତାଜ୍ ହୋଟେଲରେ, ରମ୍ବା, ଫକ୍ସ୍‌ଟ୍ରଟ୍ ନାଚୁଚି କ୍ଲାରା ସାଥିରେ । କାର୍‌ମେନ୍ ମିରାଣ୍ଡାର ପପୁଲାର ଗୀତ ସବୁର ମୁଁ ଟ୍ୟୁନ ସିଟି ବଜଉଚି । ହ୍ୱାଇଟ୍ ବ୍ରାଣ୍ଡି ବୋତଲ ବୋତଲ ଖାଲି କରି ଦଉଚି । ବ୍ଲାଡ଼ି, ଡ୍ୟାମ୍ ପ୍ରଭୃତି ଧରଣର ଅତି ଆଧୁନିକ କଥା ନ ଲଗେଇଲେ ମୋ ପାଟିରୁ କଥା ବାହାରୁ ନାହିଁ । ଉଠିଲା ବସିଲା ବେଳେ କଥା ଛାଡ଼ନ୍ତୁ, ଶୋଇଲା ବେଳେ ବି ପାଟିରେ ସିଗାରେଟ୍ ନ ଥିଲେ ମୋର ନିଦ ହଉନି । କଳା ଇଣ୍ଡିଅନ ନେଟିଭ ଲୋକଙ୍କୁ ଘୃଣା କରୁଚି—ନିଜର ଦେହର ରଙ୍ଗ କଳା ହୋଇ ମଧ୍ୟ । ଏପରି ଅବସ୍ଥାରେ ମୁଁ ଏଙ୍ଗଲୋ-ଇଣ୍ଡିଅନ ନ ହୋଇ ଯାଏଁ କିଅଡ଼େ ?

କ୍ଲାରାର ପ୍ରଶ୍ନର ଉତ୍ତରରେ ମୁଁ ସମ୍ମତିସୂଚକ ମୁଣ୍ଡ ଟୁଙ୍ଗାରିଲି । ଏଇଥିରୁ ମୋର ଉଦାର ହୃଦୟତାର ପରିଚୟ ପାଇବେଣି । ହିଁ, ମୁଁ ନିଜର ଉନ୍ନତିରେ ଗର୍ବ କରିନାହିଁ ବରଂ ମୋର ଏଇ ସମ୍ମତିରେ ମୋର ବାପା ବୋଉ ଏବଂ ଚୌଦପୁରୁଷଙ୍କୁ ମହିମାନ୍ୱିତ କରିଛି । ମୋର ଅଭିଜାତ୍ୟର ପ୍ରକୃଷ୍ଟ ପ୍ରମାଣ ଦେବାପାଇଁ, ମୋର ପ୍ରପିତାମହ କିପରି ମୋର ପ୍ରପିତାମହୀଙ୍କ ସଙ୍ଗରେ ପ୍ରେମ ବିବାହ କରିଥିଲେ ଏବଂ ଧଳାରକ୍ତ କଳାରକ୍ତ କେବେ ମିଶି ଏକ ହୋଇ ଯାଇଥିଲା ତାହା ବୁଝେଇ ଦେଲି କ୍ଲାରାକୁ । କେବଳ ସେତିକିରେ କ୍ଷାନ୍ତ ହେଲିନି, ସେଇଦିନଠାରୁ ଆଜିପର୍ଯ୍ୟନ୍ତ ମୋର ପିତାମାତାଙ୍କର ଜନ୍ମ ପର୍ଯ୍ୟନ୍ତ ଦୁଇଟି ବଂଶଙ୍କର ପରିବାରର ଇତିହାସ ଯାହା ଚୁମ୍ବକରେ କହିଲି, ତାହା ଶୁଣିଥିଲେ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟର ଏଇ କଳିତ ମଧୁର ମିଳନରେ ଆପଣ ସାଧୁବାଦ ନ କରି ରହି ପାରନ୍ତେନି ।

ଛାଡ଼ନ୍ତୁ ସେସବୁ ପୌରୁଷର କଥା କହି ଆପଣଙ୍କ ମନରେ ଈର୍ଷାଭାବ ଆଣି ଦେବା ମୋର ଇଚ୍ଛା ନୁହେଁ । କ୍ଲାରା ସହିତ ମୋର ପ୍ରେମର କଥାଟା ଆପଣଙ୍କ ଭଳିଆ ଆପଣାର ଲୋକ ଆଗରେ ନ କହି ପକାଇଲେ ପେଟ ସବୁ ଉପୁଚି ଉଠୁଚି ।

Digitized by srujanika@gmail.com

କ୍ଲାରା ହଉଚି ମୋର କଲେଜ ଫେଲୋ ଆଉ ସଙ୍ଗିନୀ । ଆପଣ ଯଦି କହିବେ ଯେ କ୍ଲାରା ଭଳିଆ ସାହେବାଣୀ ଟୋକି ସବୁ ଭାରି ଶସ୍ତା, ଆଉ ଆପଣ ତାଙ୍କୁ ଚେଲେଞ୍ଜ୍. ଚକୋଲେଟ୍ ଉପହାର ଦେଲେ, ତାଙ୍କୁ ଡିନର୍ ପାଇଁ ଡାକିଲେ, ତାଙ୍କ ସାଥିରେ ଛାତିରେ ଛାତି ଲଗାଇ ଫକ୍ସଟ୍ରଟ୍ ନାଚିଲେ, ହାତରେ ହାତ ଛନ୍ଦାଛନ୍ଦି ହୋଇ ବୁଲି ବାହାରିଲେ, ଲଗାଲଗି ହୋଇ ବସି ସିନେମା ଦେଖିଲେ, ପାର୍କରେ ପାଖ ଲଗେଇ ଚୁମା ଦେଲେ, ସେ ଆପଣଙ୍କର ଗୋଟି ପତ୍ନୀ ହୋଇଯିବେ କିମ୍ବା ଆପଣଙ୍କର ଜନ୍ମ ସୁନିଶ୍ଚିତ—ଏ କଥା ମୁଁ ମୋଟେ ମାନିବି ନାହିଁ । ସାହେବାଣୀ ଟୋକି, ବିଶେଷରେ କ୍ଲାରା ଭଳିଆ ଟୋକିଙ୍କ ମନ କିଣିବା ଏତେ ସହଜ ନୁହଁ ।

ମୋର ବାପା ଜମିଜମା ବିକି, ବୋଉର ଗହଣାଗଣ୍ଠି ବନ୍ଧା ପକେଇ ମୋତେ ଟଙ୍କା ପଇସାରେ ସାହାଯ୍ୟ କରୁଥିଲେ ମୁଦ୍ଧା ଏବଂ ମୁଁ ସେ ସମସ୍ତ ଶ୍ରାଦ୍ଧ କରିବା ସଙ୍ଗେ ସଙ୍ଗେ ନିଜେ କ୍ଲାରା ପଛରେ ଝିଙ୍କ ଭଳିଆ ଲାଗି ପଡ଼ିଥିଲି । ଏତିକି ଜାଣି ପାରିଲିନି ଯେ କ୍ଲାରାର ମନଟା ତାର ବାଳର କର୍ଲ୍ ଭିତରେ ଅଛି, ନା ତାର ଗାର୍ମେଣ୍ଟ ଭିତରେ ଅଛି; ନା ତାର ହାଇହିଲ ଭିତରେ ଅଛି, ନା ତାର ଭ୍ୟାନିଟିବ୍ୟାଗ୍, ପାଉଡରେସୋନ୍ କାହା ଭିତରେ ଅଛି ? କ୍ଲାରା କେତେବେଳେ କେଉଁ ରୂପ ଧରିବ ସେ କଥା ମୁଁ ତ ମୁଁ, ସ୍ୱୟଂ ଭଗବାନ ଠଉରେଇ ପାରିବେନି । ତାଛଡ଼ା ଆଉ ଗୋଟାଏ କଥା—ମୁଁ ବେଶ ଭୂଷା ଆଉ ଆଦବ କାଇଦାରେ ଖାଣ୍ଟି ସାହେବ ଗଣା ହେଲେ ବି ମୋର ଓଡ଼ିଆ ମନଟାକୁ ଆଉ ସାହେବି ମନ କରି ପାରିଲିନି । ମତେ ସବୁବେଳେ ଡର ମାଡ଼ୁଥିଲା ଯେ ମୋ ମନ କଥାଟା କ୍ଲାରା ଆଗରେ କହି ପକେଇଲେ, ସେ ହୁଏତ କହିବ "ହେଉର ଫ୍ଲିଜ୍, ମୁଁ ତ ଜାଣି ନ ଥିଲି ତମେ ଏମିତିଆ ବୋଲି !" କିମ୍ବା ବ୍ରାଣ୍ଡି ଗିଲସଟା ମୁହଁରୁ କାଢ଼ି ନେଇ ଟେବୁଲ ଉପରେ କଚାଡ଼ି କହିବ, "ହେଉରି, ତମେ ଏଇଥିପାଇଁ ମୋ ପଛ ପଛେ ଲାଗିଥିଲ ନା ? ମୁଁ ଗଲିଲି ।"

ଡର କହନ୍ତୁ, ଯାହା କହନ୍ତୁ ଏଇଥିପାଇଁ ମୁଁ ଆଉ ମୋର ମନ କଥାଟା କ୍ଲାରାକୁ କହି ପାରେନି । ଗପେ ହାଉଡ଼ୁ ସ୍ୟାଉଡ଼ୁ—ଖୁବ୍ ଗପେ, ଘଣ୍ଟା ଘଣ୍ଟା ଧରି ବକ୍ତୃତା ଦିଏ କ୍ଲାରା ଶୁଣେ, ଗମ୍ଭୀର ହୋଇ ଶୁଣେ ।

କିନ୍ତୁ ମୋର ପ୍ରେମ କଥାଟା କହିଲି ବେଳକୁ ନିଶ୍ୱାସ ରୁଦ୍ଧ ହୋଇ ମୁହଁ କାନ ରଙ୍ଗା ହୋଇଯାଇ ଦିହରୁ ଗୋଟାଏ ଝାଳ ଛିଟିଯାଏ । ଆଉ କହିବାକୁ ସାହସ ହବ କେମିତି ? ଶାସ୍ତ୍ରରେ ଅଛି ଝିଅଙ୍କୁ ତାଙ୍କର ସୌନ୍ଦର୍ଯ୍ୟର ପ୍ରଶଂସା ଶୁଣେଇଲେ ସେମାନେ କିଅଡ଼େ ଅବଶ୍ୟ ବଶ ହୋଇ-ହୋଇଯିବେ । ମୁଁ ସେଇଟା ପ୍ରୟୋଗ କରି ଦେଖେ । କ୍ଲାରାର ଦିହ ଆଡ଼େ ଆଖି ପକାଏ ଆଉ ମୁହଁରେ କହେ "ତମର ଆଖି ଦିଓଟି କେଡ଼େ ଲଭ୍ଲି କ୍ଲାରା !!"

ଉତ୍ତର କାଳ୍ପୁ ବଳି ଉଳି ଜଣାପଡ଼େ କାହିଁକି ନା କ୍ଲାରା ତାର ଆଖିର ଭ୍ରୂକୁ ସଜିଲ କରୁ କରୁ ମୋ ଆଡ଼େ ଗୋଟାଏ ଦିବ୍ୟ ଦୃଷ୍ଟି ପକାଇ କହେ "ଭରୁଚ ସତେ ?"

'ଅଇ ସର୍ଟେଏନ୍ଲି ଡୁ'' ମୁଁ ଜବାବ ଦିଏ କିନ୍ତୁ ମୋର ଆଖି କ୍ଲାରାର ବେକ ତଳ ଆଡ଼େ ଲାଗି ରହିଥାଏ ପୂର୍ବପରି । ତାପରେ ମୁଁ ମୋର ଡାହାଣ ହାତରୁ ଖଣ୍ଡିଏ ସିଗାରେଟଟା ପକେଇ ଦେଇ ହାତଟିକୁ ବଢ଼ାଏ ଆଉ କ୍ଲାରାର ମାନିକ୍ୟୁରେ ହୋଇଥିବା ନାଲିଆ ନଖ ଉପରେ ଘଷେଇ ନେଇ ତାର ପାପୁଲିଟାକୁ ଧରେ ପ୍ରେମରେ ।

କ୍ଲାରା କହେ, "ନୋ, ମୋ ହାତଟା ଏମିତି ଦାବୁଛ କାହିଁକି ମ ? ତମ ହାତଟିକୁ ତମରି ପାଖରେ ରଖ ।"

ହାତଟା ଚିପିବା ଯେ ପ୍ରେମର ଗୋଟାଏ ଲକ୍ଷଣ ଏ କଥା ମୁଁ ତାକୁ ବୁଝାଇ ପାରେନି । ହାତଟି ଉଠେଇ ନେଇ ଆସେ କହେ "ଡାର୍ଲିଂ କ୍ଲାରା, ତମ ଭିତରେ ଏମିତି କିଛି ଅଛି ଯାହା ମତେ ଭାରି ଭଲ ଲାଗେ !"

"ସତ ? ମୋ ଭିତରେ କଣ ଭଲ ଲାଗେ ତମକୁ ?'' କ୍ଲାରା ଜାଣିବାକୁ ଇଚ୍ଛା କରେ ।

ଶାସ୍ତ୍ରରେ ଏ କଥାର ବି ଉଲ୍ଲେଖ ଅଛି ଯେ ଝିଅଙ୍କୁ ଯଦି କହିବେ ସେମାନେ ଦୁନିଆର ଆଉ ସବୁ ଝିଅଙ୍କ ତୁଳନାରେ ଅଲଗା ଧରଣର, ତାଙ୍କୁ ଶୁଣିବାକୁ ଭଲ ଲାଗିବ ଆଉ ତାଙ୍କର ମନେ ମନେ ଟିକିଏ ଗର୍ବ ଆସିବ । ମୁଁ ସେଇଥିପାଇଁ କହେ, "ତମେ—ତମେ ଡିଫରେଣ୍ଟ ।

"କିପରି ?'' ସେ ପଚାରି ବସେ ।

ମୁଁ ବର୍ତ୍ତମାନ କେଉଁ କଥା କହିବି ? "ମୁଁ ଯେତେ ଝିଅଙ୍କୁ ଦେଖିଚି, ତମେ ସବୁଠୁ ସୁନ୍ଦରୀ'' ବୋଲି କହିବି ନା "ତମ ଭିତରେ ଏପରି କିଛି ଅଛି ଯାହା ମୋ ଛାତି ଭିତରେ କ'ଣ ନା କଣ କରିଦିଏ'' ବୋଲି କହିବି ?

Digitized by srujanika@gmail.com

ମୁଁ କହେ, "ତମେ ଭାରି ଷ୍ଟିମୁଲେଟିଙ୍ଗ୍, ଏକ୍ସାଇଟିଙ୍ଗ୍ ଆଉ ତମେ ମୋ ମନ ଭିତରେ ଏପରି ଗୋଟାଏ ଇଚ୍ଛା ଉଦ୍ରେକ କରାଇ ଦିଅ ଯୋଉଥିପାଇଁ ମୋର କଣନା କଣ କରିବାକୁ ଇଚ୍ଛା ହୁଏ ।"

"ହ୍ୱାଟ୍ ?" କ୍ଲାରା ମୋ ଆଖିକୁ ବଟମଟ କରି ଅନେଇ ପ୍ରଶ୍ନ କରେ ।

ସେଇ "ହ୍ୱାଟ୍" ପରେ ପରେ ମୁଁ ବୁଝିଯାଏ ଆଉ ମୋର ଇଚ୍ଛା ହୁଏ ମା ଧରିତ୍ରୀ ଯଦି ଦୟା କରି ଫାଟିଯାଆନ୍ତା ମୁଁ ଅନ୍ତର ଟିକିଏ ଦବି ଯାଆନ୍ତି ତଳକୁ ।

ଯାହାହେଉ ଫେଲ୍ଓର ଆଉ ସାକ୍ସେସ୍ ଯେ ହାତ ଧରାଧରି ହୋଇ ଚାଲନ୍ତି ଏ କଥାର ପ୍ରମାଣ ମୁଁ ପାଇଲି କାଲି ସନ୍ଧ୍ୟାରେ । ଆମର ପୂର୍ବପୁରୁଷମାନେ ଯୁଗ ଯୁଗ ଧରି ସ୍ତ୍ରୀ ଜାତିଟା ଉପରେ ଆଧିପତ୍ୟ କରି ଆସିଲେ, ଆଉ ମୁଁ ଆଜି ଏଙ୍ଗଲୋଇଣ୍ଡିଆନ ଗଣା ହେବାରୁ ମତେ ଝିଅଙ୍କର ମନ ଜାଣି, ତାଙ୍କ କଥା ମୁତାବକ ଚଳିବାକୁ ପଡ଼ୁଛି ଏମିତିକା କଥାରେ ଆପଣଙ୍କୁ ଟିକିଏ ଅଡ଼ୁଆ ଲାଗିପାରେ କିନ୍ତୁ ଜାଣି ରଖନ୍ତୁ ଏଥିରେ ଲାଜିବାର କିଛି ନାହିଁ ।

କାଲି ସନ୍ଧ୍ୟା ବେଳେ କ୍ଲାରା ଆଉ ମୁଁ ବୁଲିଯାଇଥିଲୁ ସମୁଦ୍ରକୂଳ ଆଡ଼େ । ଜହ୍ନ ଉଠିଥିଲା । କ୍ଲାରା କହିଲା "ହେରି, ଅନେଇଲ ଦେଖି ଜହ୍ନଆଡ଼େ । କେତେ ସୁନ୍ଦର ଜହ୍ନ ଉଠିଛି ।"

ମାଇକିନିଆ ବୁଦ୍ଧି କହନ୍ତି ପରା ! ସମୁଦ୍ର ହାଓଆ ସୁନ୍ଦର ରାତି, ଆଉ କ୍ଲାରା ଭଳିଆ ଯୁବତୀ ସାଥିରେ ଥିଲାବେଳେ ମୁଁ କେମିତି ଭଲ ଜହ୍ନ ଆଡ଼େ ଅନେଇବି କହିଲେ କେଜାଣି ? ମୁଁ କ୍ଲାରାକୁ ଟାଣିଲି ଗୋଟାଏ ନିଛାଟିଆ ବେଞ୍ଚରେ ବସିବା ଉଦ୍ଦେଶ୍ୟରେ ।

କ୍ଲାରା କହିଲା "ହେ ହେରି, ମତେ ଏମିତି ଘୋଷାରୁଛ କାହିଁକି ମ ?"

ମୁଁ ତା ଆଡ଼କୁ ଅନେଇ ଟିକିଏ ମୁରୁକି ହସିଲି । ଆମେ ଯାଇଁ ବେଞ୍ଚ ଉପରେ ବସିଲୁ । କ୍ଲାରା କହିଲା "ସତ କହୁଛି ହେରି, ଆଜିର ଜହ୍ନ ସବୁଠୁ ସୁନ୍ଦର ।"

ମୁଁ ଯୋଉଁ ମୁହୂର୍ତ୍ତରେ "ହଁ" ବୋଲି ସମର୍ଥନ କଲି, ସେଇ ମୁହୂର୍ତ୍ତଟାରେ ଲମ୍ବିଲି କ୍ଲାରାର ଓଠରେ ଗୋଟାଏ କିସ୍ ଦେଇଦେଲି । ତାର ଲିପଷ୍ଟିକ୍ ବୋଳା ଓଠରୁ ଟିକିଏ ଲିପଷ୍ଟିକ୍ ମୋ ଓଠ ପାଖଯାକ ଲାଲ୍ ଲାଲ୍ ହୋଇ ଲାଗିଗଲା । କ୍ଲାରା ନାଗସାପ ଭଳିଆ ଫଁ କରି ଉଠି କହିଲା, "ରଗ ରଗ ସେ ସବୁ କଥା । ମୁଁ ସେଇଯୋଗୁ ଏମିତି ପିଲାଙ୍କ ସାଙ୍ଗରେ ବାହାରେନି ଯୋଉମାନେ ଏତେ ବେଗି ତାତି ଉଠନ୍ତି ।"

ମୁଁ କହିଲି, "କଣ କଲିକି ! ଗୋଟିଏ ଚୁମା ପାଇଁ ଏତେ ବଡ଼ ଅପରାଧ ହୋଇଗଲା ?"

ସେ ଗର୍ଜନ କରି କହିଲା, "ମତେ ସେ ସବୁ ଭଲ ଲାଗେନି ସବୁବେଳେ । ତମେ ଏମିତି ସ୍ମାର୍ଟ ଦେଖେଇ ହୁଅନା—ବୁଝୁଛ ?" ମତେ ଶୁଭିଥିଲା । ମୁଁ କହିଲି, "ମୁଁ ତ ସ୍ମାର୍ଟ ବୋଲି ଦେଖେଇ ହେଉନି ।"

ସେ କହିଲା "ମତେ ସେମିତି ଝିଅ ଭାରିବାନ ଯୋଉଁମାନେ ପାର୍କରେ ବସି ହୃଦୟକୁ ଦେଖେଇ ହୋଇ ପ୍ରେମ କରନ୍ତି । ମୁଁ ସେମିତିଆ ଝିଅ ନୁହେଁ ।"

ମୁଁ ପଚାରିଲି, "ତେବେ ତମେ କେମିତିଆ ?"

ସେ କହିଲା, "ମୁଁ ତାଙ୍କଠୁ ଭିନ୍ନ ଧରଣର । ମୁଁ ଗର୍ବ କରେ ଯେ ମୁଁ ତାଙ୍କଠାରୁ ଭିନ୍ନ ଧରଣର ।"

ମୁଁ ବ୍ୟଙ୍ଗ କରି କହିଲି, "ତେବେ ତମେ ଭିନ୍ନ ଧରଣର ?"

ସେ କହିଲା "ଦେଖ ହେରି, ତମର ସାର୍କାଷ୍ଟିକ କଥା ଗୁଡ଼ା ବନ୍ଦ କର ।"

"ଅଚ୍ଛା ବେଶ ବନ୍ଦ କରୁଛି, ମତେ କ୍ଷମା କର" କହି ମୁଁ ଟିକିଏ ଦୂରକୁ ଘୁଞ୍ଚିଯାଇ ରୁଷି କରି ବସିଲି ।

ତାପରେ ଚୁପଚାପରେ କଟିଲା ଅନେକ ବେଳ । ଶେଷକୁ କ୍ଲାରା ଡାକିଲା, "ହେରି" । ମୁଁ ବିଜୟ ଦର୍ପରେ ଉତ୍ତର ଦେଲିନି । କ୍ଲାରା ପୁଣି ଡାକିଲା "ହେରି, ତମେ କଣ କାଲା କି ?" ମୁଁ ପାଟି ଫିଟେଇଲିନି ଜମା । କ୍ଲାରା କହିଲା "ହେରି ତମ ମୁହଁ ଦେଖିଲେ ଜଣାପଡ଼ୁଛି ଯେପରି ତମ ପେଟକୁ ମୋଡ଼ୁଛି ।"

ମୁଁ ଆଉ ସମ୍ଭାଳି ପାରିଲିନି । କହିଲି, "ଆଉ କେମିତି ଦିଶନ୍ତା କି, ତମେ ଯେତେବେଳେ ଏମିତି ଚିଡ଼ି ଉଠୁଛ ?"

ସେ କହିଲା, "ଯଦି ତୁମ ମନରେ କଷ୍ଟ ହେଲା, ଆସ ମୋ ପାଖକୁ ମୁଁ ଭଲ କରି ଦଉଛି ।"

ଏମିତିଆ ଅଫରଟାଏ ପାଇ ମୁଁ ନ ଯାଆନ୍ତି କେମିତିକା ? ମୁଁ ତାରି ପାଖରେ ଲାଗି କରି ବସିଲି । "କ୍ଲାରା ତମେ ଭାରି ସୁଇଟ୍ ।"

( ମଜାକଥା ୧୪ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# କାଳିଆ ବଳଦ ଗଲା ଗଲା..................

ସଂଗ୍ରାହକ—ଦେବ ମହାପାତ୍ର

ଗୋଟିଏ ଲୋକ ନଗ୍ରଟିଏ ବାଟରେ ଯାଉଥିଲା ବେଳେ ଦୁଇଟା ଡକାଏତ ତାକୁ ଆକ୍ରମଣ କଲେ । ଲୋକଟି ନିଜର ପାରୁ ପର୍ଯ୍ୟନ୍ତ ଖୁବ୍ ଲଢ଼େଇ କଲା । କିନ୍ତୁ ଅବଶେଷରେ ହାରିଗଲା । ଡକାଏତମାନେ ତାର ଲୁଗାପଟା ଘାଣ୍ଟି ଶେଷକୁ ପଇସା ଟିଏ ମାତ୍ର ପାଇଲେ ।

ଗୋଟାଏ ଡକାଏତ କହିଲା, ହେ ତୁ ଯାହା ଏତେ ଲଢ଼େଇ କରୁଥିଲୁ ଆମେ ଭାବୁଥିଲୁଁ ତୋ ପାଖରୁ କିଛି ବଡ଼ ରକମ ଜିନିଷ ମିଳିବ । ଆମେତ ମୋଟେ ବିଶ୍ୱାସ କରିବୁନି ଯେ ତୁ ଗୋଟିଏ ମାତ୍ର ପଇସା ପାଇଁ ଏମିତି ଲଢ଼ୁଥିଲୁ ! ଆମେତ ପ୍ରାୟ ତତେ ଜୀବନରେ ମାରି ଦେଇ ଥାଆନ୍ତୁ ।

ଲୋକଟି କହିଲା, "ଦେଖିବାକୁ ଗଲେ ପ୍ରକୃତ ସତ୍ୟ ହେଉଛି ଯେ, ମୁଁ ମୋର ଅର୍ଥିକ ଦୈନ୍ୟ ପଦାରେ ନ ପଡ଼ୁ ତା'ର ଚେଷ୍ଟା କରୁଥିଲି ।

× + ×

ରେଲଗାଡ଼ିରେ ଦୁଇଟି ଯାତ୍ରୀଙ୍କର ଖୁବ୍ ବାକ୍ ଯୁଦ୍ଧ ଚାଲିଲା ଝରକା ନେଇ । ଶେଷକୁ ମଧ୍ୟସ୍ଥ କରିବା ପାଇଁ ଗାର୍ଡ଼ ସାହେବଙ୍କୁ ଡକିବା ପର୍ଯ୍ୟନ୍ତ କଥା ଗଲା ।

ଜଣେ କହିଲା—ଝରକା ଖୋଲି ରଖିଲେ ମତେ ଥଣ୍ଡା ଧରିବ । ଥଣ୍ଡାରେ ମୋର ପ୍ରାଣ ବାହାରି ଯିବ ।

ଅନ୍ୟଜଣକ କହିଲା—ଝରକା ବନ୍ଦ ରଖିଲେ ମୁଁ ଅଣନିଶ୍ୱାସୀ ହୋଇ ମରି ଯିବ ।

ଦୁଇ ଜଣ ଯାକ ଦୁଇଜଣଙ୍କର ମୁହଁ ଚାହାଁ ଚାହିଁ ହେଲେ । ଗାର୍ଡ଼ ବିଚାର କଣ କରିବ, ଭାବି ପାରିଲା ନି କିଛି ।

ସାମନାରେ ଅନ୍ୟଜଣେ ଯାତ୍ରୀ ବସିଥିଲା । ସେ କହିଲା 'ପହିଲେ ଝରକା ଖୋଲି ଦିଅ ତା ହେଲେ ଜଣେ ମରି ଯିବ୍ ତା ପରେ ଝରକା ବନ୍ଦ କରି ଦିଅ ତା ହେଲେ ଆଉଟି ମରୁ ତେବେ ଯାଇ ଆମେ ଟିକିଏ ଶାନ୍ତି ପାଇବୁ ।

× × ×

'ତୁମ ରେଡ଼ିଓସେଟ ଭଲ ଅଛି ବୋଲି ଜଣା ପଡ଼ୁନି ।"

"ମତେ ରାତିରେ ଜମା ନିଦ ହଉନି । ଆସନ୍ତା ମଙ୍ଗଳବାର ଭିତରେ ଦେଢ଼ହଜାର ଟଙ୍କା ଯୋଗାଡ଼ ନ କରି ପାରିଲେ, ମତେ ମୁଣ୍ଡ ଗୁଞ୍ଜିବାକୁ ଜାଗା ମିଳିବ ନି ।"

"ଅଚ୍ଛା!—ତମେ ମୋ ପାଖକୁ ଆଗରୁ ଆସିଲ ନାହିଁ କାହିଁକି ?"

"କାହିଁକି ? ତମେ କଣ ଟଙ୍କା ଯୋଗାଡ଼ କରି ଦେଇ ପାରିବ ?"

"ନାହିଁ, ରାତି ଅନିଦ୍ରା ପାଇଁ ମୋ ପାଖରେ ଗୋଟିଏ ଭଲ ଔଷଧ ଅଛି ।"

× × ×

Digitized by srujanika@gmail.com

# କିସ ଶୁଣି ଦେଖା ନ ଯାଏ..................

ୟୁସୁର କୋଜହର ( Yussur Kozher ) ଯାହାଙ୍କର କି ୮ ବର୍ଷ ପୂର୍ବେ ମୃତ୍ୟୁ ଘଟିଅଛି, ୧୩୬ ବର୍ଷ ବଞ୍ଚି ଥିଲେ। ସେ ଶେଷ ୫୫ ବର୍ଷ ଟୋପାଏ ସୁଦ୍ଧା ପାଣି ପିଇ ନଥିଲେ ଦୁଧ ଓ ଫଳ ତାଙ୍କର ଖାଦ୍ୟ ଥିଲା। ତାଙ୍କର ମତ ସେ ଏଇ ଖାଦ୍ୟ ଖାଇ ଏତେ ଦୀର୍ଘ ଜୀବୀ ହୋଇ ପାରିଛନ୍ତି। ତାଙ୍କର ସବୁଠୁଁ ସାନ ପୁଅ ୧୦୨ ବୟସରେ ଜନ୍ମ ହୋଇଥିଲା।

\+ × +

ଯୁଗୋଶ୍ଲାଭିଆରେ କେତେକ ଜିପ୍ସି ଗ୍ରାମରେ ବାଳିକା ସବୁ ଓଜନ ଦରରେ ବିକ୍ରୀ ହୁଅନ୍ତି। ବାଳିକା ସେତେବେଳେ ବିବାହ ଯୋଗ୍ୟା ହୁଏ ସେ ଓଜନ ହୋଇ ବିକ୍ରୀ ହୁଏ। ତାର ଦାମ ସାଧାରଣତଃ ଦୁଇ କିମ୍ବା ତିନ ପେନ୍ସ ପାଉଣ୍ଡ ହିଁ ଧରାଯାଏ।

ଟୋଟୋଡୋଭେଓ ଗ୍ରାମର ଜିପ୍ସି ବାଳା ଏହି ଲୋକଙ୍କ ମାନଙ୍କୁ ଓଜନ କରିବା ସକାଶେ ଗୋଟିଏ ବିଶେଷ ମାପକଲ ରଖିଛନ୍ତି। ଲୋକେ ଠକିବା ଠାରୁ ନିସ୍ତାର ଲାଭ ହୋଇଛି। ବାଳିକା ବିକ୍ରୀ ସମସ୍ତ ଦକ୍ଷିଣ ଯୁଗୋସ୍ଲାଭିଆରେ ଗୋଟିଏ ସାଧାରଣ କଥା କିନ୍ତୁ କେବଳ କେତେକ ଜିପ୍ସି ଗ୍ରାମରେ ଓଜନ ଦ୍ୱାରା ବାଳିକା ବିକ୍ରୟ ହୁଅନ୍ତି।

× + ×

ବ୍ରିଟିଶ ଇଣ୍ଡଷ୍ଟ୍ରିଅଲ ହେଲ୍‌ଥ ରିସର୍ଚ୍ଚ ବୋର୍ଡ ( British Industrial Health Research Board ) ଗବେଷଣା ଦ୍ୱାରା ସ୍ଥିର କରିଛନ୍ତି ଯେ ଲଣ୍ଡନ ଅଧିବାସୀମାନେ ସାଧାରଣତଃ ଲମ୍ବ ଗ୍ଲାସଗୋ ଶେଫିଲ୍ଡ ଅଧିବାସୀମାନଙ୍କ ଠାରୁ ଉଚ୍ଚତାରେ ବଡ଼। ତାର କାରଣ ହେଉଛି ବେଶୀ ଭାଗ ଲଣ୍ଡନ ବାସୀ କିରାଣୀ କାମ କରନ୍ତି। ଗ୍ଲାସଗୋ ସହରର ଅଧିବାସୀମାନେ ଶିଳ୍ପ ଅନୁଷ୍ଠାନରେ ଶାରୀରିକ ପରିଶ୍ରମ କରନ୍ତି ବୋଲି ସେମାନେ ଉଚ୍ଚତାରେ କମ୍।

\+ + +

କୌଣସି କୌଣସି ଅନାର୍ଯ୍ୟ ଜାତି ମଧ୍ୟରେ ସାପ ଖାଇବାର ଆମ ଦେଶରେ ଦେଖାଯାଏ। ସେମାନେ ଯଦିଓ ନିଜର ଖାଦ୍ୟ ହିସାବରେ ଏହାକୁ ଖାଆନ୍ତି ନାହିଁ—କିନ୍ତୁ ଦେଖେଇ ହୋଇ ପଇସା ରୋଜଗାର କରିବା ତାର ଉଦ୍ଦେଶ୍ୟ ଥାଏ। କିନ୍ତୁ ଜାପାନରେ ସାପ ଖାଇବାଟା ସାଧାରଣ କଥା। ଟୋକିଓ ସହର ଖବର କାଗଜ କହନ୍ତି—ପ୍ରତିଦିନ ପ୍ରାୟ ୧୦୦୦ ସାପ ଟୋକିଓ ସହରରେ ମରିଯାଇ ଖିଆ ଯାଏ। ଜାପାନୀମାନେ ବିଶ୍ୱାସ କରନ୍ତି ଯେ ସାପକୁ ମସଲ ଦେଇ ଖାଇଲେ ଅନେକ ବଡ଼ ବଡ଼ ରୋଗ ଉପଶମ ହୁଏ। ଏପରିକି ଯକ୍ଷ୍ମା କବଳରୁ ମଧ୍ୟ ଲୋକେ ମୁକ୍ତ ପାଆନ୍ତି।

ଆମ ଭାରତରେ ମଧ୍ୟ ଗୋଖୁର-ସାପ ବିଷ କବିରାଜି ଔଷଧରେ ବ୍ୟବହାର ହୁଏ।

\+ × +

Digitized by srujanika@gmail.com

( ଚିଲ୍ ଆଖିରୁ ୬ଷ୍ଠ ପୃଷ୍ଠା ଉତ୍ତାରୁ )

S. D. O.ମାନେ କେତେ ଯାଆନ୍ତି ଆସନ୍ତି; ମାତ୍ର ଏଥର ଭଦ୍ରକ S. D. O. ଙ୍କ ବଦଳିରେ ରହସ୍ୟମୟ ପରିସ୍ଥିତି ଉପୁଜିଗଲା; ତାହାଙ୍କୁ ବଦଳାଇ ଯାଏ ରସିକ ଜନଗଣ ମଧ୍ୟ ପାନ କରିବେ । ଯାହାହେଉ ନୂଆ S. D. O.ଙ୍କୁ ଆମ୍ଭେମାନେ ସ୍ୱାଗତ ସମ୍ଭାଷଣ ଜଣାଉଛୁଁ ଏହି ଭରସାରେ କି ଏଣିକି ଭଦ୍ରକ ଅବହାୱାରୁ ମୁଗଲ ରାଜତ୍ୱର ମନ୍ଦଗନ୍ଧ, ଘୃଣ୍ୟ ନୀତି, ପ୍ରଶଂସା ପ୍ରୀତି ପ୍ରଭୃତି ଦୂର ହୋଇଯିବ । ବର୍ତ୍ତମାନ ସବୁଠାରୁ ବଡ଼ ସମସ୍ୟା ଅନ୍ନ ସମସ୍ୟା ସେଥିପ୍ରତି ସେ ସୁନଜର ଦେଇ ଖାଦ୍ୟାଭାବରୁ ମୃତପ୍ରାୟ ଲୋକଙ୍କୁ ବଞ୍ଚାନ୍ତୁ ।

ଭଦ୍ରକରେ ନୂଆ ହାକିମ ଗୋଡ଼ ଦେଲାଠୁଁ ଲାଭଖିଆ ମୋକଦ୍ଦମା (Profiteering Case) ବଢ଼ି ଯାଇଛି ବୋଲି ଜଣାଯାଏ । ଜଣେ ମିଲ ମାଲିକ ବିଦେଶୀ ବେପାରୀଙ୍କୁ ବେଶୀ ଦରରେ ସୂତା ବିକ୍ରୀ କରୁଥିବାରୁ ଭାରତ ରକ୍ଷା ଆଇନରେ ଧରା ହୋଇଛନ୍ତି । ଏ ଭଳିଆ ଲାଭଖିଆ ବେପାରୀଙ୍କର ନାକ ଭାଙ୍ଗି ନ ଥିଲା କି ? ଆଉ ସେ ପୁରୁଣା କଥା ଓ ପୁରୁଣା ପ୍ରୀତି ଅଛିନା—ଏ ପରା ନୂଆ ହାକିମଙ୍କ ଅମଳ । ସାବଧାନ—ଚାଟ ହୁଡ଼ିଲେ ଆଉ କଥା ଅଛିନା ?

\+ + ×

ଶୁଣାଯାଉଛି ସରକାର ମଝିରେ ମଝିରେ ଦଳେ ଦଳେ ରାଜବନ୍ଦୀଙ୍କୁ ଖଲାସ କରି ଦେଉଛନ୍ତି । ତାହା ହେତୁ ଅହେତୁ କିଛି ଜଣା ନାହିଁ—କେବଳ ଯେପରି ମର୍ଜିର ଇଚ୍ଛାରେ ସେମାନଙ୍କୁ ଧରା ହୋଇଥିଲା, ସେହିପରି ସୁମର୍ଜିର ଇଚ୍ଛାରେ ଖଲାସ କରି ଦିଆ ହେଉଛି । ଏହା ଅବଶ୍ୟ ସରକାରଙ୍କର ଦୟା ବୋଲି କହିବାକୁ ହେବ । କେବଳ ଆମ ଓଡ଼ିଶା ନୂତନ ସରକାର ଏଯାବେ ସେଥିକି କରିବାର ସୁଯୋଗ ସୁବିଧା ପାଇ ନାହାନ୍ତି । ଆମେ ଭାବୁଛୁଁ ଓଡ଼ିଶା ସରକାର ଅଧିକ ଦୟାଳୁ । କାରଣ ଏ କାନ୍ତାର ମହର୍ଗରେ ଯାହାଙ୍କୁ ଛାଡ଼ିବେ ସେମାନେ ଦାନା ଗଣ୍ଡାକ ପାଇଁ ଅଧିକ ହଇରାଣ ହେବେ ଓ ଦେଶର ଖାଦ୍ୟ ସମସ୍ୟା ବଢ଼ାଇବେ ।

\+ + ×

ପଛକୁ ପଛ ଯେତିକି ମନ୍ତ୍ରୀହୀନ ପ୍ରଦେଶ ମାନଙ୍କରେ ମିଳିତ ମନ୍ତ୍ରୀ ମଣ୍ଡଳ କରିବାର ଆନ୍ଦୋଳନ ଲାଗିଗଲାଣି । ମାନ୍ଦ୍ରାଜ, ଯୁକ୍ତ ପ୍ରଦେଶ ଓ ବିହାରରେ ଖୁବ୍ ଜୋର ସୋର ଯାହିଁ ଧପଡ଼ ଚାଲିଲାଣି । ବାକି ବମ୍ବେ ଓ ମଧ୍ୟ ପ୍ରଦେଶ । ସେ ବା ଆଉ କେତେଦିନ ? ଯାହା ହଉ ଆଜିଠୁ ଲୋକଙ୍କୁ ଯେଉଁ ପନ୍ଥା ଏତେଦିନକେ ଦେଖାଗଲା!, ଓଡ଼ିଶାକୁ ତାହା ବହୁକାଳ ପୂର୍ବରୁ ଦେଖା ଗଲାଣି । ଓଡ଼ିଶା ଯେ ସମସ୍ତଙ୍କ ଆଗ ଯୋଗାଇ ବାଟ ଦେଖାଉଛି ଏଥିପାଇଁ ଆମେ ଓଡ଼ିଆ ଆପଣାକୁ ଅଳପ ଧନ୍ୟବାଦ ଦେଉଛୁଁ ।

\+ + ×

କେତେଦିନ ତଳେ ଜିନ୍ନା ସାହେବ ତାର ଦ୍ୱାରରେ ହୁଙ୍କାରି ଥିଲେ କି ଗାନ୍ଧି ଜିକେ ଯଦି ମିଳାମିଶା ପାଇଁ ହାମ୍ ଠାରେ ଦରଖାସ୍ତ କରନ୍ତି ତେବେ ହାମେ ତାହା ମଞ୍ଜୁର କରିବୁଁ । ଏଥିପାଇଁ ସେ ଯଦି ଜେଲ ଭିତରୁ ଆବେଦନ କରି ମୋ ନାମରେ ଚିଠି ଲେଖନ୍ତି, ତେବେ ସେ ଚିଠି ଅଟକ କରିବାର ହିମ୍ମତ ସରକାରର ହେବ ନାହିଁ । ଆଉ ଯଦି ତାହା ହୁଏ ତେବେ ବଡ଼ା ମୁସ୍କିଲ ବାତ୍ ହେବ ।

ଜିନ୍ନା ବୋଧହୁଏ ମନେ କରିଥିଲେ ଯେ ଗାନ୍ଧିଜୀ ଏହା କେବେ କରିବେ ନାହିଁ, ଆଉ ମଝିରେ ସେ ବଡ଼େ ଆପଣାର ଉଦାରତା ଓ କ୍ଷମତା ପଇଲାଇ ଦେବେ । ମାତ୍ର ଧୂର୍ତ୍ତ ବଣିଆ ସାଙ୍ଗେ ସାଙ୍ଗେ ଜିନ୍ନାଙ୍କ କଥା ମୁତାବକ ଚିଠି ଲେଖିଲେ । ମାତ୍ର ସରକାର ଜିନ୍ନାଙ୍କ ଗର୍ଜନକୁ ନ ଡରି ସେ ଚିଠି ରୋକି ଦେଲେ । ଜିନ୍ନା ସାହେବ ତାଙ୍କର ମାନ ରଖିବା ପାଇଁ କଣ କରିବେ ତାହା ଦେଖିବାର ଆଶା ରହିଲା । ହାୟ୍ ଜିନ୍ନା ସାହେବ, ଆଉ କେତେ ଉମର ହେଲେ………

ଓଡ଼ିଶା ସରକାରଙ୍କ ଷ୍ଟାଫ୍'ନାର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କର ଜଣେ କେହି ଅତି ପ୍ରିୟ (Pet) କାନଭିଡ଼ା ଅଛନ୍ତି ବୋଲି ଶୁଣାଯାଏ । ସେ କୁଆଡ଼େ ଅଧିକାଂଶ କଥାରେ ତାଙ୍କର ପରାମର୍ଶ ଲୋଡ଼ନ୍ତି ଓ ତାଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି । ଏହା ଯଦି ସତ ହୋଇଥାଏ ଆମେ ଏଥିରେ କିଛି ଦୋଷ ଦେଖି ପାରୁନାହୁଁ—ଏ ଗଣତନ୍ତ୍ର ଯୁଗରେ ପ୍ରାଦେଶିକ ଲାଟମାନେ ଓ ଜଣେ ଜଣେ ପରାମର୍ଶଦାତା (adviser) ନ ରଖିଲେ ଚଳି ପାରୁ ନାହାନ୍ତି । ସାନଙ୍କୁ ବା ଦୋଷ ଦେବା କଣ ? × + ×

ଖବର ମିଳିଛି ଯେ ବାଲେଶ୍ୱରରେ ଏ, ଆର, ପି, ପୋଷ୍ଟମାନଙ୍କରେ ଲୋକେ ସୁଇନ୍ ଦେଖିବାକୁ ଯାଇ ରାତି ବାରଟା ଘୋଟେ ପର୍ଯ୍ୟନ୍ତ ପଡ଼ି ରହି ହଇରାଣ ହେଉଛନ୍ତି । ଏ ଶିଥିଳତା କାହା ଯୋଗୁଁ—ଏ, ଆର, ପି, କର୍ମୀମାନଙ୍କର ନା ଆଉ କାହାର ? + + +

'ଝଙ୍କାର'ର ପ୍ରଚ୍ଛଦ ପଟର ଡିଜାଇନ ଅଙ୍କନ କରିଛନ୍ତି ଆମ୍ଭମାନଙ୍କର ଶ୍ରଦ୍ଧେୟ କଳାଶିଳ୍ପି ଓ ସମ୍ବଲପୁର ଜିଲ୍ଲା ସ୍କୁଲର ସହକାରୀ ଶିକ୍ଷକ ଶ୍ରୀ ଗୋପାଳଚନ୍ଦ୍ର କାନୁନଗୋ, ବି, ଏ, । ତାଙ୍କର ଏ ସହାନୁଭୂତି ପାଇଁ ଆମେ ତାଙ୍କୁ ଅନ୍ତରର ସହିତ ଧନ୍ୟବାଦ ଜଣାଉଛୁଁ ।

Digitized by srujanika@gmail.com

(ମଜାକଥା ୧୦ ପୃଷ୍ଠା ଉତ୍ତାରୁ)

ସେ କହିଲା, "ଫେର କଥାଣି କହିଲ ?" ମୁଁ କହିଲି, "ମତେ ବିଶ୍ୱାସ କର, ତମେ ଭାରି ସୁନ୍ଦର ଆଉ କଲ୍ପନାତୀତ ।"

"ହେଉ, ବନ୍ଦ କର ଏ ସବୁ କଥା । ଏ କଥା ସବୁରେ ମୁଁ ଜମା ଟଳେନା । ସୁହିଲ ଦେଖି ଜନ୍ମ ଅଡ଼େଇ, କେତେ ସୁନ୍ଦର ।" ମୁଁ କହିଲି "ଜନ୍ମ ଠାରୁ ମୁଁ ଯଦି ତମକୁ ଅଧିକ ଭଲ ପାଇବି ତେବେ ସେଇଟା କଣ ମୋର ଦୋଷ ?" ସେ କହିଲା "ମୁଁ ଜାଣେ ମିଷ୍ଟର ତମକୁ କଣ ଭଲ ଲାଗେ ! ମୁଁ କହିଲି "କହିଲ ଦେଖି ମତେ କଣ ଭଲ ଲାଗେ ?" ସେ କେତେ ସେକେଣ୍ଡ ଅର୍ଥ ପୂର୍ଣ୍ଣ ଦୃଷ୍ଟିରେ ମୋର ମୁହଁ ଆଡ଼େ ଅନେଇଲା ଆଉ ତା ପରେ ତାର ଗୋରା ହାତ ଦିଟି ମୋର ବେକରେ ଗୁଡ଼ାଇ ଦେଇ ମୋର ଓଠରେ ଯେଉଁ ଉତ୍ତର ଦେଲା, ସେଥିରେ ତାର ଓଠରୁ ବାକି ଲିପଷ୍ଟିକ୍ ତକ ପୋଛି ହୋଇ ଆସିଲା ମୋ ଓଠକୁ ।

ମୁଁ ତ ଆଖି ବୁଜି ଦେଇଥିଲି ଆନନ୍ଦରେ । ଆଖି ମିଟାଇଲା ବେଳକୁ ଦେଖିଲି କ୍ଲାରା ଉଠିପଡ଼ି କହୁଚି "ସମୟ କେତେ ହେଲାଣି ଅବା ?"

ମୁଁ ସମୟ କହିଦେଲି । କ୍ଲାରା କହିଲା "ହେଉ ମୁଁ ଯଦି ତମକୁ ମତେ ଛାଡ଼ି ଦେବା ପାଇଁ ଆମ ଘର ପର୍ଯ୍ୟନ୍ତ ଆସିବାକୁ କହେ, କିଛି ଫାଜିଲାମି କରିବନି ତ, ପ୍ରମିସ୍ କର ।"

ମୁଁ କହିଲି "କେଜ ତମେ ମତେ କେମିତିକା ଟୋକା ବୋଲି ଭାବିଚ ?" କ୍ଲାରା ହସିଲା ।

ଆମେ ଟାକ୍ସି କରି ଘରକୁ ଆସୁଥିଲା ବେଳେ କ୍ଲାରା ମୋ କାନରେ ଫିସ ଫିସ କରି କହିଲା, 'ମୋ ଡାଡି ଆଉ ମମି ଉଇକ୍ ଏଣ୍ଡ ପାଇଁ ପୁନା ବାହାରି ଯାଇଛନ୍ତି—ତମେ ଆଜି ଆମ ଘରେ ଗେଷ୍ଟ" ଚାଲ ଟିକିଏ 'ମାଲବାର ହିଲ୍' ଅଡ଼େ ବୁଲି ଆସିବା । ମୋ ଛାତି କମ୍ପେ ମୋଟ ହୋଇଗଲା— ଟାକ୍ସି ହୁ ହୁ କରି ଛୁଟିଛି । କ୍ଲାରା ଆଉ ସେଇ ଅଫିସର କ୍ଲାରା ନଥିଲା । ସେ ଗୋଟି ପଣି ମୁଜା ଫାଳଟି ଯାଇଥିଲା । ସେ ମୁଜା ଝିଅ ପରି ତାର ମୁଣ୍ଡଟା ଆଉଜେଇ ଦେଇଥିଲା ମୋର ଛାତି ଉପରେ ଆଉ ସେଥି ଯୋଗୁ ମୋର ହାର୍ଟ ବିଟ୍ ବଢ଼ି ଯାଉଥିଲା ଅସମ୍ଭବ ରକମ । ମୁଁ ତାର କାନର କର୍ଣ୍ଣ ଭିତରେ ଟିକିଏ ଅଙ୍ଗୁଠି ବୁଲେଇ ଦେଉଥିଲି, ସେ ଜମା ଆପତ୍ତି କରିନ । ମୁଁ ମୋର ପ୍ରେମ ଗୁଡ଼ାକ ମୁଖସ୍ଥ କଲା ଭଳିଆ ତା କାନରେ ଫିସ ଫିସ କରି କହି ଚାଲିଥିଲି । ସେ ବି ଖୁସି ହୋଇ ଶୁଣୁଥିଲା । ଟାକ୍ସି ଡ୍ରାଇଭରର ଏମିତିଆ ଦୃଶ୍ୟ ଦେଖିବା ବୋଧହୁଏ ଅଭ୍ୟାସ ହୋଇ ଯାଇଚି ସେ ଆମ ଆଡ଼େ ବିଶେଷ ଦୃଷ୍ଟି ଦେଉ ନ ଥିଲା ।

'ମାଲବାର ହିଲ୍' ଅଡ଼େ କିଛିକ୍ଷଣ ବୁଲି କରି କ୍ଲାରାଙ୍କ ଘରକୁ ଫେରିଲା ବେଳକୁ ବାଟରେ "ଜାଭେରି ବ୍ରଦର୍ସ" ଜୁଏଲର୍ସ ଦୋକାନ ପାଖରେ କ୍ଲାରା ଗାଡ଼ି ଅଟକାଇ କହିଲା 'ଜଷ୍ଟ ଏ ମିନିଟ୍ ହେଉ—ଆସ ଟିକିଏ ଦୋକାନଟା ବୁଲି ଦେଖିବା ।"

ଆମେ ଦୁହେଁ ଦୋକାନରେ ଭିନ୍ନ ଭିନ୍ନ 'ଶୋ କେସ' ଦେଖୁଁ ଦେଖୁଁ କ୍ଲାରା ଗୋଟିଏ ଲେଡିଜ ରିଷ୍ଟ ୱାଚ ଦେଖି କହିଲା, "ହ୍ୱାଟ ଏ ନାଇସ ଡିଜାଇନ, ହେଉ ।"

ଏତିକି କହିଲା ବେଳକୁ ସେଲସ୍ ମାନ 'ଶୋ କେସ୍'ରୁ ଘଡ଼ିଟି ବାହାର କରି କ୍ଲାରା ଆଗରେ ଥୋଇ ଦେଲା କ୍ଲାରା ଘଡ଼ିଟିକୁ ଦେଖୁଥାଏ ଓ ମୋ ଆଡ଼କୁ ଅର୍ଥ ପୂର୍ଣ୍ଣ ଦୃଷ୍ଟିରେ ଚାହୁଁ ଥାଏ । ଶେଷରେ ଘଡ଼ିଟି ହାତରେ ବାନ୍ଧି କହିଲା "ଅଇ ହୋପ୍, ଇଉ ଡୋଣ୍ଟ ମାଇଣ୍ଡ," —ମୁଁ ଯନ୍ତ୍ର ଚାଳିତ-ବତ୍ ପର୍ସରୁ ସେହିଦିନ ବାପାଙ୍କ ଠାରୁ ଆସିଥିବା ମାସକର ଖର୍ଚ୍ଚ ଓ ପରୀକ୍ଷା ଫିସ ବାବଦୁ ସାଢ଼େ ତିନିଶ ଟଙ୍କା ବାହାର କରି ଥୋଇ ଦେଲି—କ୍ଲାରା ଟିକିଏ ମୁରୁକି ହସି କହିଲା "ଥ୍ୟାଙ୍କ ଇଉ ।" ମୋର ଦୃଷ୍ଟି ସେତେବେଳେ କ୍ଲାରାର ଅଙ୍ଗ ପ୍ରତ୍ୟଙ୍ଗରେ କେନ୍ଦ୍ରୀଭୂତ ହୋଇଥାଏ । ମୋର ଭାବନା କେବଳ କ୍ଲାରା—ଆଉ କ୍ଲାରା—ଅର୍ଥହାନିର ଚିନ୍ତା ମୋ ମନକୁ ମୋଟେ ଘାରି ନ ଥାଏ—ତା ପରେ ଟାକ୍ସିରେ ବସି ଘରକୁ ଆସିଲୁ । କ୍ଲାରାଙ୍କ ଘରଠି ଓହ୍ଲାଇ ଟାକ୍ସିର ଭଡ଼ା ଚୁକେଇ ଦେଇ ବାରଣ୍ଡାକୁ ଉଠି ଦେଖିଲି ଯେ କ୍ଲାରାର ଡାଡି ଓ ମମି ଉପର ବାଲକନିରେ ବସି ଗପ କରୁଛନ୍ତି, କ୍ଲାରା ମୋ ମୁହଁକୁ ଅନାଇଁ ଟିକିଏ ହସି ଗୁଡ଼ ନାଇଟ୍ କହି ଡିଅଁ ଟାଏ ମାରି ଭିତରକୁ ପଳେଇଲା ।

ମୁଁ ଯନ୍ତ୍ର ଚାଳିତ ବତ୍ ବାରଣ୍ଡାରୁ ଓହ୍ଲାଇ ଫୁଟ ପାଥରେ ଗୋଡ଼ ଦେଲି—'ଗୁଡ଼ ନାଇଟ୍'ଟି କହିବାକୁ ଭୁଲି ଯାଇଛି । ଭିତର ପକେଟରୁ ପର୍ସ ବାହାର କରି ଦେଖିଲି—ସବୁ ଶୂନ ସାନ—କେବଳ 'ଜାଭେରି ବ୍ରଦର୍ସ'ର କ୍ୟାଶ ମେମୋ ଖଣ୍ଡିକ—।

—୦—

Digitized by srujanika@gmail.com

# ହୁରିକି ଗୋବିନ୍ଦ ବନମାଳି........

## ନାଗବନ୍ଧୁ

**ଉଦ୍ଦେଶ୍ୟ —**

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

## ଟ୍ୟୁନିସିଆ

ସ୍ନେହର ନାଗ ଭାଇ ଓ ଭଉଣୀମାନେ,

ନମସ୍କାର। ଆପଣମାନେ ଜାଣିଥିବେ ଟ୍ୟୁନିସିଆରେ ଅକ୍ଷ ଶକ୍ତିର ଶେଷ ପରାଜୟ ହେବାରୁ ସମଗ୍ର ଅଫ୍ରିକାରୁ ଅକ୍ଷଶକ୍ତିର ସତ୍ତା ଲୋପ ପାଇଗଲା। ସମଗ୍ର ଭାରତରେ ଗଲା ମେ ମାସ ୨୩ ତାରିଖ 'ଟ୍ୟୁନିସ ଦିବସ' ମିତ୍ର ଶକ୍ତିର ବିଜୟ ଉତ୍ସବ ରୂପେ ପାଳିତ ହୋଇଛି। ମୁଁ ଏହି ଟ୍ୟୁନିସିଆର ଭୌଗଳିକ ଓ ରାଜନୀତିକ ପରିସ୍ଥିତି ବିଷୟରେ ଆପଣମାନଙ୍କୁ କିଛି କହିବି।

ଟ୍ୟୁନିସିଅ ଉତ୍ତର ଅଫ୍ରିକାର ଫରାସି ଶାସିତ ଦେଶ ଓ ଏହାକୁ ଫ୍ରେଞ୍ଚ ପ୍ରୋଟେକ୍ଟୋରେଟ କୁହାଯାଏ। ସୁଏଜ କେନାଲ ଓ ଜିବ୍ରାଲ୍‌ଟରର ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ। ସିସିଲି ଦ୍ୱୀପ ଏହାର ଉତ୍ତର ପୂର୍ବ ଦିଗରେ ଅବସ୍ଥିତ ଓ ପୂର୍ବ ଓ ପଶ୍ଚିମ ଭୂମଧ୍ୟ ସାଗରକୁ ଦ୍ୱିଖଣ୍ଡିତ କରୁଅଛି। ଟ୍ୟୁନିସିଆର ଆୟତନ ହେଉଛି ୪୮,୦୦୦ ହଜାର ବର୍ଗ ମାଇଲ ଓ ଏହାର ୯୦୦ ମାଇଲ ଠାରେ ସୁଦୀର୍ଘ ଉପକୂଳ ଅବସ୍ଥିତ। ଏହି ଉପକୂଳହିଁ ଟ୍ୟୁନିସିଆର ପ୍ରାଧାନ୍ୟ ବଢ଼ାଇ ଦେଇଛି।

ଏହାର ଲୋକସଂଖ୍ୟା ହେଉଛି ୨,୬୦୦,୦୦୦ ତନ୍ମଧ୍ୟରୁ ୧୦୮,୦୦୦ ଫରାସୀ ୯୪,୦୦୦ ଇଟାଲୀୟ, ଏବଂ ୬୦୦୦ ମାଲ୍‌ଟା ଅଧିବାସୀ। କିନ୍ତୁ ଇଟାଲୀୟମାନେ କହନ୍ତି ଯେ ସେମାନଙ୍କର ସଂଖ୍ୟା ହେଉଛି ୧୧୫,୦୦୦ ହଜାର। ଏହାଛଡ଼ା ଏଠାରେ ୨,୩୯୦,୦୦୦ ଆରବ ଭାଷୀ ଲୋକ ଅଛନ୍ତି।

ଇଟାଲୀୟମାନେ ଟ୍ୟୁନିସିଆକୁ ନିଜର ବୋଲି ଦାବୀ କରୁଥିଲେ କାରଣ ସେମାନେ ସଂଖ୍ୟାଧିକ ବୋଲି। ସେମାନେ ଊନବିଂଶ ଶତାବ୍ଦୀରେ ଟ୍ୟୁନିସିଆରେ ଯାଇ ଉପନିବେଶ ସ୍ଥାପନ କରିଥିଲେ ସେତେବେଳେ ଇଟାଲୀୟମାନେ ସମଗ୍ର ଟ୍ୟୁନିସିଆକୁ ଅଧିକାର କରିବାକୁ ଉଦ୍ୟତ ହେଉଥିଲେ, ୧୮୮୧ ସାଲରେ ସାଲରେ ଫରାସୀମାନେ ଏହାକୁ ଫରାସୀ ପ୍ରୋଟେକ୍ଟୋରେଟ ଘୋଷଣା କରି ତାଙ୍କର ଉଦ୍ୟମକୁ ପଣ୍ଡ କରି ଦେଇଥିଲେ। ଜର୍ମାନୀର ବିସମାର୍କ ମଧ୍ୟ ଫରାସିମାନଙ୍କର ପକ୍ଷ ନେଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ତା'ର ଅନ୍ତର୍ନିହିତ କାରଣ ଥିଲା ଫ୍ରାନ୍ସ ଓ ଇଟାଲି ଭିତରେ ବିଦ୍ୱେଷ ସୃଷ୍ଟି ଓ ଫରାସୀ ଗଭର୍ଣ୍ଣମେଣ୍ଟଙ୍କର ଆଲସେସ୍ ଲୋରେନ (Alsace-Lorraine) ଉପରୁ ଦୃଷ୍ଟି ଅପସରଣ।

ଏଠାର ଆରବ ଅଧିବାସୀମାନଙ୍କ ମଧ୍ୟରେ ଖୁବ୍ ଜାତୀୟ ଭାବ ଦେଖାଯାଏ ଓ ସେମାନଙ୍କ ମଧ୍ୟରେ ଗୋଟି ଦଳ ଅଛି। ଜାତୀୟ ସଂସ୍କାର ଦଳ ହେଉଛି ଖୁବ୍ କ୍ଷମତାଶାଳୀ। ୧୯୩୭ ଓ ୩୮ ସାଲରେ ଏମାନଙ୍କ ମଧ୍ୟରେ ଭୀଷଣ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା।

ଟ୍ୟୁନିସିଆର ବେଶି ଭାଗ ଲୋକ ସଂଖ୍ୟା ଏହାର ପାର୍ବତ୍ୟ ଅଞ୍ଚଳରେ ରହନ୍ତି ଏବଂ ସେମାନେ କୃଷି ଉପରେ ନିର୍ଭର କରନ୍ତି। ଏହାର ଅର୍ଦ୍ଧେକରୁ ବେଶି ଭାଗ ମରୁଭୂମି।

Digitized by srujanika@gmail.com

ଟ୍ୟୁନିସିଅର ନାମ ମାତ୍ର ଶାସକଙ୍କୁ 'ବେଲିକ' (Beylik) କୁହାଯାଏ । ଶାସକ ସମ୍ରାଟ "His Highness the Bey, possessor of kingdom of Tunis" ନାମରେ ପରିଚିତ । ଏମାନେ ପୁରୁଷାନୁକ୍ରମିକ ଶାସକ ହିସାବରେ ନିର୍ବାଚିତ । କିନ୍ତୁ ପ୍ରକୃତ ଶାସନର କ୍ଷମତା ହେଉଛି ଫରାସି ମାନଙ୍କ ହାତରେ । ଫରାସି ରେସିଡେଣ୍ଟ ଜେନେରେଲ ( French Resident General ) ହେଉଛନ୍ତି ସର୍ବେସର୍ବା । ତାଙ୍କ ଅଧୀନରେ ୧୯ଟି ସିଭିଲ କଣ୍ଟ୍ରୋଲ (Civil Control) ରହିଛି । ପ୍ରତ୍ୟେକ କଣ୍ଟ୍ରୋଲ ଜଣେ ଲେଖାଏଁ କଣ୍ଟ୍ରୋଲର ହାତରେ ରହିଛି । ଏହି କଣ୍ଟ୍ରୋଲର ମାନଙ୍କର କ୍ଷମତା ଆମ ଏଠା ପ୍ରାଦେଶିକ ଗଭର୍ଣ୍ଣରମାନଙ୍କ ସହିତ ସମାନ ରେସିଡେଣ୍ଟ ଜେନେରେଲଙ୍କ କ୍ଷମତା ଆମ ଏଠା ବଡ଼ଲାଟଙ୍କ ସହିତ ସମାନ ।

ସିରେଲ ନାମକ ଏକ ପ୍ରକାର ଯବ ଜାତୀୟ ଶସ୍ୟ ଏଠାର ପ୍ରଧାନ ଉତ୍ପନ୍ନ ଦ୍ରବ୍ୟ । ତା ଛଡ଼ା ଅଲିଭ, ଖେଜୁର ଓ ଅନ୍ୟାନ୍ୟ ଫଳ ମଧ୍ୟ ପ୍ରଚୁର ପରିମାଣରେ ଚାଷ କରାଯାଏ । ଟ୍ୟୁନିସିଅର ପାର୍ବତ୍ୟ ଅଞ୍ଚଳ ଖଣିଜ ସମ୍ପଦରେ ଭରା । ଫସଫେଟ୍, ଶିଶା, ଜିଙ୍କ୍ ଓ ଲୁହା ପ୍ରଭୃତି ଖଣିଜ ଦ୍ରବ୍ୟମାନ ବର୍ତ୍ତମାନ ଆହରଣ କରା ହେଉଛି ।

ଟ୍ୟୁନିସ ହେଉଛି ଟ୍ୟୁନିସିଅର ପ୍ରଧାନ ବନ୍ଦର ଓ ରାଜଧାନୀ । ଏହା ଲେକ୍ ଅଫ୍ ଟ୍ୟୁନିସ କୂଳରେ ଅବସ୍ଥିତ ଓ ଗୋଟିଏ ପ୍ରଣାଳୀ ଦ୍ୱାରା ସମୁଦ୍ର ସହିତ ସଂଯୋଜିତ । ଏହା ଗୋଟିଏ ପୁରାତନ ସହର ଓ ଏଠାରେ ଆରବୀୟ ଶିଳ୍ପକଳାର ସୁନ୍ଦର ସୁନ୍ଦର ମସ୍‌ଜିଦ୍ ଦେଖିବାକୁ ମିଳେ । ଏହି ସହରର ଲୋକ ସଂଖ୍ୟା ୨୦୨,୨୦୫ । ଟ୍ୟୁନିସିଅର ଅନ୍ୟାନ୍ୟ ପ୍ରଧାନ ସହର ମାନଙ୍କର ନାମ ହେଉଛି ବିଜେର୍ଟା, ସଉସି, ସଫାକ୍ସ ।

ଦୀର୍ଘ ଦୁଇବର୍ଷ ଧରି ଉତ୍ତର ଆଫ୍ରିକାର ମିତ୍ର ଶକ୍ତି ଓ ଅକ୍ଷଶକ୍ତି ଭିତରେ ଯେଉଁ ଯୁଦ୍ଧ ଲାଗିଥିଲା ତାହା ଟ୍ୟୁନିସିଅର ପତନ ସଙ୍ଗେ ସଙ୍ଗେ ଶେଷ ହେଲା—ଏହି ଯୁଦ୍ଧ ଗତ ୧୩ ତାରିଖ ମେ ମାସରେ ଶେଷ ହେଲା । ଅକ୍ଷଶକ୍ତି ଅନେକ ସାଜ ସରଞ୍ଜାମ ଓ ଲୋକକ୍ଷୟ କରି ଉତ୍ତର ଆଫ୍ରିକାରୁ ମୂଳପୋଛ ହେଲେ ।

ଶ୍ରୀମାନ୍ ଲଲ୍ଲଚେନ୍ଦୁ ।

## ଅଜାଙ୍କ କଲମରୁ

ସ୍ନେହର ନାତି ନାତୁଣୀଏ,

'ଡଗର'କୁ ଛଅ ପୂରି ସାତ ପଶିଲା । ଏଇ ଶୁଭ ଜନ୍ମ ତିଥିରେ ମୋର ଓ ଅଈଙ୍କର ତମ ମାନଙ୍କୁ ଶୀତକାଳ ସନ୍ଧ୍ୟାରେ ସୁବାଞ୍ଛିତ ଶୁଭକଲ୍ୟାଣ ।

କାହିଁ କେତେ ଦିନ ହେଲା ତମମାନଙ୍କର ଫିଁ ଫାଁ କିଛି ଶୁଣା ପଡୁନାହିଁ । ଖାଲି ବେଳେ ବେଳେ ଯାହା ଦି ଧାଡ଼ି ପ୍ରବନ୍ଧ ବା କବିତା ଲେଖି ପଠେଇବା ଛଡ଼ା ଆଉ ଯେ କିଛି କରୁଛ ବୋଲି ମୋର ବିଶ୍ୱାସ ନୁହେଁ । ଦେଶର ବର୍ତ୍ତମାନ ଯେଉଁ ପରିସ୍ଥିତି ଉପୁଜିଛି ସେଥିରେ କାହାର ଛିନିଅ ନ ହେବାର କଥା— ତମେମାନେ ତ କାଲିକାର ଭୁଅ— ଆମ ବୃଦ୍ଧି ତ ବଣା ହେବା ଉପରେ— ବର୍ତ୍ତମାନ ଦେଶରେ ସବୁଠୁ ବଡ଼ ସମସ୍ୟା ହେଉଛି ଦାନା ଓ କନାର ଅଭାବ । ଏ ବିଷୟରେ ତମେମାନେ କିଛି କରିପାରିବ କି ? ହଁ ଚେଷ୍ଟା କଲେ ଗୁଣ୍ଡିଚ ମୂଷା ହେଲେ ଭୁଇଁର ଯଥା ସାଧ୍ୟ କରି ପାରିବ ବୋଲି ଆଶା କରେ ।

ଗାଆଁକୁ ଯାଇ ଚାଷୀମାନଙ୍କୁ ଅଧିକା ଶସ୍ୟ ଉତ୍ପନ୍ନ କରିବାକୁ ଉତ୍ସାହିତ କର ଓ ଗାଁରେ ବଡ଼ ମହାଜନ ବା ବଡ଼ଚାଷୀ ଯେଉଁମାନଙ୍କ ପାଖରେ ବେଶି ଜମା ଧାନ ଅଛି, ସେମାନେ ଯେପରି ଠିକା ଲୋଭରେ ବିକି ନ କରନ୍ତି, ତାଙ୍କୁ ବୁଝେଇ ସୁଝେଇ ବିକି ବନ୍ଦ କର ।

Digitized by srujanika@gmail.com

ଅଜି କାଲି ସକାଳେ ହାତେ ସୂତା କାଟିବା ଛଡ଼ା ଉପାୟ ନାହିଁ। ଅନେକ ମଧ୍ୟ ସୂତା କାଟିବାକୁ ଆରମ୍ଭ କଲେଣି— କିନ୍ତୁ ତୁଳାର ଅଭାବ ପଡ଼ୁଛି— ନିଜ ବାଡ଼ିରେ ଖଣ୍ଡେ କପା ଲଗାଇ ଦେଲେ ଗୋଟିଏ ପରିବାର ପାଇଁ ଲୁଗା ହୋଇ ପାରିବ—ଏଇ ଜ୍ୟେଷ୍ଠ ମାସରେ ସୂତା କପା ବୁଣିଲେ ଚଇତ ବେଳକୁ ତୁଳା ପାଇ ପାରିବ। ଏଇ ଛୋଟ କଥାର ସମାଧାନ କରି ପାରିଲେ ଆମର ଆଉ ବିଶେଷ ଅଭାବ କଣ? ଏ ବିଷୟରେ ତ ଗାନ୍ଧୀ ବୁଢ଼ା ଆମକୁ ଅନେକ ଦିନରୁ ଚେତେଇ ଆସିଛି। ବର୍ତ୍ତମାନ ପରୀକ୍ଷାର ବେଳ ଆସିଛି। ଆଶାକରେ ତୁମେମାନେ ଏ ଦିଗରେ ଯତ୍ନ— ପରାୟଣ ହେବାକୁ ଚେଷ୍ଟା କରିବ। ଇତି।

ତୁମର
ଅଜା

—(*)—

## ପ୍ରଶ୍ନ

୧। କେଉଁ ଭାଷାର ବର୍ଣ୍ଣନା ନାହିଁ?
୨। କେଉଁ ଦେଶରେ ଖୁବ୍ ବେଶୀ କବି ଅଛନ୍ତି?
୩। ଟେଲିଫୋନ ପ୍ରଥମେ କିଏ ଆବିଷ୍କାର କରିଥିଲେ।
୪। କେଉଁ ଜାହାଜର ପତାକାରେ ତାରଚିହ୍ନ ଅଛି। ଏବଂ ତାହା ଜାହାଜ କାହାର?
୫। ଇଂଲଣ୍ଡର ସର୍ବଶ୍ରେଷ୍ଠ ବକ୍ତା କିଏ?
୬। ବେଶୀ ବର୍ଷା କେଉଁଠି ହୁଏ?
୭। କେଉଁ ପ୍ରଦେଶରେ ବେଶୀ ପ୍ରାଇମେରୀ ସ୍କୁଲ ଅଛି?
୮। ଭାରତରେ କିଏ କିଏ ନୋବେଲ ପ୍ରାଇଜ ପାଇଥିଲେ?

ଶ୍ରୀ ଗୋପିନାଥ ବେହେରା
ନଂ ୩୬୭ ନମ୍ବର ନାତି
କଲିକତା

—(*)—

## ନାତିଙ୍କ କଥା।

ବାଲେଶ୍ୱରର ଏସ୍: ରହେମ ଭୁଲ୍ଲା' ପଚାରିଛନ୍ତି ୨୩ଶ ସଂଖ୍ୟା 'ଜଗତ'ରେ ନଂ ୪୦୯ ନାତି ମିସ୍ ସୁରବାଳା ଦତ୍ତଙ୍କର 'ସପନ' ନାମକ ଯେଉଁ କବିତାଟି ପ୍ରକାଶ ପାଇଛି— ସେ କବିତାଟିର ଲେଖିକା ସେ ନିଜେ ନା ଅନ୍ୟ କାହାର ଖାତାରୁ ଉଦ୍ଧାର ହୋଇଛନ୍ତି? ମିସ୍ ସୁରବାଳା ଯଦି ଅନ୍ୟର ଲେଖା କବିତା ନିଜ ନାଁରେ ପ୍ରକାଶ କରାଇ ଥାନ୍ତି ତା'ହେଲେ ଦୁଃଖର ବିଷୟ ଆଉ କ'ଣ ହୋଇ ପାରେ। ନାତି ସଂଘର ସଭ୍ୟ ହୋଇ ସେ ଯେଉଁ ସତ୍ୟ, ସାହସ, ସେବା ଓ ଅହିଂସାର ଶପଥ ଗ୍ରହଣ କରିଛନ୍ତି ତା'ର ଉଦ୍ଦେଶ୍ୟ ବ୍ୟର୍ଥ ହେବ ନିନା। ଆଶାକରୁଁ ମିସ୍ ସୁରବାଳା ଘଟଣାର ସତ୍ୟାସତ୍ୟ ଜଣାଇ ନିଜର ଭବିଷ୍ୟତ ଜୀବନ ଗଢ଼ିବାରେ ସାବଧାନ ହେବେ।

### ନାତିବନ୍ଧୁ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ ମୋର ବୟସ ୧୮ ବର୍ଷରୁ କମ୍। ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି। ଦୟାକରି ନାତିବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ। ମୁଁ ଏଥି ସଙ୍ଗେ ବାର୍ଷିକ ଚାନ୍ଦା ୬୦/ / ଆଜୀବନ ଚାନ୍ଦା ୫୦୍ ର ଡାକ ଟିକଟ ପଠାଇଲି।

ତୁମ ସ୍ନେହର ନାତି/ନାତୁଣୀ

ଶ୍ରୀ ______________________

ଠିକଣା ______________________

ତାରିଖ

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀୟ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ହେଁ ବା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୬ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

**ସୁଦୃଢ଼ତାର ପରିଚୟ—**

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ତେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସର୍ବତ୍ର ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
ସେକ୍ରେଟେରୀ

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗେନାଇଜର


Digitized by srujanika@gmail.com

# Dagaro

୭ମ ବର୍ଷ

୨ୟ ସଂଖ୍ୟା


**Utkal's most popular Fortnightly**

**OF**

***LIGHT, LEAD & LAUGHTER.***

ଜ୍ୟେଷ୍ଠ

ଦ୍ୱିତୀୟାର୍ଦ୍ଧ




ସମ୍ପାଦକ

## ଶ୍ରୀଲକ୍ଷ୍ମୀକାନ୍ତ ମହାପାତ୍ର

ରାଜସଂସ୍କରଣ

ବାର୍ଷିକ ପାଞ୍ଚଟଙ୍କା

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ଦକ୍ଷୋଦ୍ଧା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ଦିନରୁ ନାନାପ୍ରକାର ଛିଦ୍ର ବା ବିକୃତ ଚକ୍ଷୁ, ହସ୍ତାଙ୍ଗୁଳି ଜ୍ୱାଳା ଶରୀରର ଅବସାଦ, ମୂତ୍ରବନ୍ଧବତ୍ ବେଦନା ଅଜୀର୍ଣ୍ଣ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଃ ୮ ୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛିଦ୍ର ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ଃ୨ଟଙ୍କା ମାତ୍ର ଃ ୨ ଟଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ

ଅଲମ୍ଚାନ୍ଦ ବଜାର, କଟକ ।


---

# ଡଗର ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜୀ ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩୴ ଓ ଷଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଖଣ୍ଡିଏ ଡଗର ଦୁଇଅଣା ଦେଇ ପାଇ ପାରିବେ ।

୪ । ଡଗର ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ"ଙ୍କ ଠାକୁ ପଠାଇବାକୁ ହେବ ।

---

ପରିଚାଳନା ସମ୍ପାଦକ—ଶ୍ରୀ ରାଇମୋହନ ଦାସ ।

Digitized by srujanika@gmail.com

# ଡଗର

## ହୁକା ହୁକା ହୁଆ

( ବିଲୁଆ ବିଗୁର )

୭ମ ବର୍ଷ
ଦ୍ୱିତୀୟ ସଂଖ୍ୟା
ଜ୍ୟେଷ୍ଠ ଦ୍ୱିତୀୟାର୍ଦ୍ଧ
ତା ୧୬-୬-୪୩ରିଖ

—ପାକ୍ଷିକ—
ବାର୍ଷିକ— ଟ୧।
ମୁଦ୍ରିତସଂଖ୍ୟା—୨୦୬
ଲୁଚସଂସ୍କରଣ—୦୫୯

ଆମ ପାଟମନ୍ତ୍ରୀ ଗଜପତି ମହାରାଜା ଏତେ ଦିନକେ ଗୋଟାଏ ବଡ଼ୋଡ଼େ ଗର୍ଜନ କରି ଅଛନ୍ତି । ସେଦିନ ସେ କଟକରେ ଏକ ସଭାରେ ପ୍ରାଣ ଖୋଲି କହି ପକାଇଲେ କି—ଓଡ଼ିଶାର ଖାଦ୍ୟ ସଙ୍କଟ ନିବାରଣ କରିବାପାଇଁ କେନ୍ଦ୍ର ସରକାର ଆମ ଯୋଜନା ଗ୍ରହଣ କରିବେ ବୋଲି ଆମେ ଆଶାକରୁଁ । ମାତ୍ର ଯଦି ସେ ତାହା ନ କରନ୍ତି ତେବେ ଆମେ ଓ ଆମର ସହମନ୍ତ୍ରୀଗଣ ଏ ଝକମାରି ଚାକିରିକୁ ଛି କରିଦେବୁ, କାରଣ ଓଡ଼ିଆ ଲୋକଙ୍କର ପ୍ରତିନିଧି ହୋଇ ତାଙ୍କୁ ଦାନା ଗଣ୍ଡାଏ ଯୋଗାଇ ନ ପାରିଲେ ଆମର ଏଠି ରହିବାର ଲୋଡ଼ା କଣ ?

ଏ କଥା ଶୁଣି ସମଗ୍ର ଓଡ଼ିଆ ଜାତିର ଛାତିରେ ଛନକା ପଶି-ଲାଣି । କାହିଁକି କେଜାଣି ମନ ଡାକୁଛି ମହାରାଜାଙ୍କ କଥା ହୁଏତ କେନ୍ଦ୍ର ସରକାର ରଖିବେ ନାହିଁ । ହାୟ, ହାୟ ସେ ଦୁର୍ଦ୍ଦିନ କଣ ସତେ ଆସିବ ? ସତେ କଣ ଏ କାଣ୍ଡାର ମହାରଥରେ ଓଡ଼ିଆ ଜାତିକୁ ଅନାଥ କରି ମଝି ଦରିଆରେ ଭସାଇ ଦେଇଯିବେ । ମହା-ରାଜାଙ୍କ ପାଇଁ ଭାବନା ନାହିଁ ଆମର ବଡ଼ ଭାବନା ପଡ଼ିଛି ଲଣ୍ଡା ଓ ପଣ୍ଡା ଦୁହେଁ କୁଥେଇ ଯିବେ ? ଖଣ୍ଡି ଲଙ୍ଗୁଡ଼ ଟେକି ନୋହିଲେ ବା ମାଙ୍କଡ଼ ଚିହି ମାରି ଅଛି କାହା ପଛରେ ଯୋଖି ହୋଇ ଆପଣାର ଉଦର ବଞ୍ଚେଇ ନେବ ।

ମାନ ମାରି ଏହିପରି ବହୁତ କଂଗ୍ରେସବାଲା ମନ୍ତ୍ରୀ ଗାଦି ଛାଡ଼-ଥିଲେ । ଆଜି ମଧ୍ୟ ଆମ ମହାରାଜା ମନ୍ତ୍ରୀ ତାଙ୍କ ପୁରୁଣା ବନ୍ଧୁ ଲାଟ ସାହେବଙ୍କଠାରେ ମାନ ମାରିବାକୁ ଯାଉଛନ୍ତି । ଗଲ କଂଗ୍ରେସ ଦଳ ମାନ ମାରି ହେଉ ବା ଭାଣ୍ଡି ଧମକାଣ ଦେଇ ହେଉ ଗୋଟାଏ ଯୋଡ଼ାଏ କାମ ହାସଲ କରି ନେଇଥିଲେ । ଗଜପତି ମହାରାଜା ଯଦି ଏ ଧମକାଣ ନେଇ କିଛି ରକମ ଗୋଟାଏ ଉଦର ସମାଳି ନେଇ ପାରନ୍ତି ତେବେ ହୁଇ ଭୁଲ ରକ୍ଷା ହେବ ।

+ + + +

ଶୁଣାଯାଏ କେଉଁଠି କେଉଁଠି ଚାଉଳ ସେର ଦୁଇଟଙ୍କାକୁ ବଢ଼ିଲାଣି । ଅବାଧ ବାଣିଜ୍ୟ (Free trade) ହେବା ଦ୍ୱାରା ସାରା ଭାରତ-ବର୍ଷରେ ଧାନ ଚାଉଳର ଗୋଟାଏ ଷ୍ଟାଣ୍ଡାର୍ଡ଼ ଉପରକୁ ଉଠିବ ଅନ୍ନ-ମାନରେ, ସେ ଷ୍ଟାଣ୍ଡାର୍ଡ଼ରେ ଯଦି ଚାରିଅଣା କମ୍ବା ଟଙ୍କାଏ ହୁଏ ତେବେ ଗରିବ ଓଡ଼ିଆ ଲୋକେ ଯେ କ'ଣ କରିବେ ତାହା କହିବ ହେଉନାହିଁ । ବର୍ଷାଦିନ ଆସୁଛି—ପେଟରେ ଓଦା କନା ଦେବାକୁ ଯଥେଷ୍ଟ ପାଣି ମିଳିବ । କିନ୍ତୁ ଏ ଓଦାକନା ଦେଇ ମଣିଷ କେତେ ଦିନ ବଞ୍ଚି ପାରିବ ସେଇକଥାଟା ଜଣାନାହିଁ । ଆସନ୍ତା ଫସଲ ହେବା ଯାକେ ଚଳିବଟି କି ? ସରକାରଙ୍କର ତ ଟଙ୍କାର ଅଭାବ ନାହିଁ, ସେ ଯଦି ଉଡ଼ାଜାହାଜ ଦ୍ୱାରା ଗଦା ଗଦା ନୋଟ ଟାଙ୍କୁ ଟା ବିଞ୍ଚି ଦିଅନ୍ତେ ତେବେ ବା ଆମ ଦୁଃଖ ହରନ୍ତା ।

+ + × +

ପେଟକୁ ଅନ୍ନ ବାଧା ହେଲେ ଲୋକ ବାଧ୍ୟ ହୋଇଯାଇ ମାଡ଼, ପିଟ୍, ଲୁଟ ତରାଜ କରିବା କଥା ଶୁଣାଅଛି । ଅନେକ ନେତା ଓ ଖବର କାଗଜବାଲାମାନେ ଏ ବିଷୟରେ ସରକାରଙ୍କୁ ଓ ଲୋକଙ୍କୁ ଚେତାଇ ଦେଉଛନ୍ତି ମଧ୍ୟ । କିନ୍ତୁ ଆମେ ଏଥିପାଇଁ ତିଳେ ମାତ୍ର ଭୟ କରୁନାହୁଁ । କାରଣ ଓଡ଼ିଆ ଜାତି ଆତ୍ମତ୍ୟାଗ କରି ଉପ-ମରିଜାଣନ୍ତି । ଉପାସରେ ରହି ଅଦାଣରୁ ସିଏଁ ସେ ପଚିଛି ଶୁଖି ଶୁଖି ମରିବେ, ତୁଣ୍ଡ ଫିଟାଇ କାହାରିକୁ ଦୁଃଖ ବୋଲି କହିବେ ନାହିଁ । ତେବେ ଆଉ ଡର କଣ ? ଯଦିବା କେହି କେଉଁଠି ବେଆଦବି କରେ ତାହିଁକି ପୁଲିସ ବନ୍ଧୁକ ଗଡ଼ା ଅଛି ।

× × × ×

ଭାରତରକ୍ଷା ଆଇନର ୨୬ ଦଫାରେ ଅଟକ ହୋଇଥିବା ୯ଜଣ ରାଜବନ୍ଦୀ ତାଙ୍କର ମୁକ୍ତି ସକାଶେ କଲିକତା ହାଇକୋର୍ଟରେ ଦରଖାସ୍ତ କରିଥିଲେ । ପ୍ରଧାନ ବିଚାରପତି ସହିତ ସ୍ପେଶାଲ ବେଞ୍ଚ ବସିଥିଲା । ଅସାମୀମାନେ କୋର୍ଟରେ ହାଜର ହେଲେ । ସୁପ୍ର

Digitized by srujanika@gmail.com

ନବାବ ଗୁଲଲ ଭିତ ମଧ୍ୟରେ ଗୁଣ୍ଡ ଗୁଣ୍ଡ ବୋର୍ଡ ଘର ବାଟେଣ୍ଡା ଓ ହତା ମୁଲସ ପଞ୍ଜରରେ ରଖି ହୋଇଗଲା

ଏଇ ନଅ ଦଶ ଜଣ ଅସାମୀଙ୍କୁ ହାଇକୋର୍ଟ ଖଲସ ଦେଲେ । ମାତ୍ର ସାଙ୍ଗେ ସାଙ୍ଗେ ପୁଲିସ ସେମାନଙ୍କୁ ପୁଣି ଗିରଫ କରି ଘୋସାରି ନେଇଗଲା । ଏହାଦ୍ୱାରା ମାନ୍ୟବର ହାଇକୋର୍ଟର ଅବମାନନା କରା ହୋଇଅଛି ଓ ହାଇକୋର୍ଟର ସମ୍ମାନ ଓ ହୁକୁମକୁ ରଦ କରା ହୋଇଅଛି ବୋଲି ଦୁଇ ଜଣ ଅସାମୀଙ୍କର ସ୍ତ୍ରୀ ହାଇକୋର୍ଟରେ ପୁଣି ଦରଖାସ୍ତ କରିଅଛନ୍ତି । ପ୍ରଧାନ ସେକ୍ରେଟେରି, ଅଡିସନାଲ ସେକ୍ରେଟେରି, ଡେପୁଟି ପୁଲିସ କମିଶନର ପ୍ରଭୃତିଙ୍କ ଉପରେ କାରଣ ଦର୍ଶାଇବା ସକାଶେ ହାଇକୋର୍ଟ ରୁଲ ଜାରି କରିଅଛନ୍ତି ।

ବ୍ରିଟିଶ ବଣିକର ଓ ବ୍ରିଟିଶ ଶାସନ ଭିତରେ ଏଇ ଯଉଁ ଟଣା ଓଟରା ଯେପରି ଗୁରୁତ୍ୱପୂର୍ଣ୍ଣ ସେହିପରି ରହସ୍ୟମୟ । କଲୁ କଥାଟା ଶୁଣି ଗୋଟାଏ ପୁରୁଣା କଥା ମନେ ପଡ଼ିଲା । ଥରେ ଜଣେ ଉକିଲ ଜଣେ ଗୋରା ହାକିମଙ୍କୁ ଆଇନ ଦେଖାଇ କହିଲେ ଯେ ସେ ଯେଉଁ ହୁକୁମ ଦେଇଛନ୍ତି ତାହା ବେଆଇନ । ଏଥିରେ ଗୋରା ହାକିମ ହସି ଉତ୍ତର ଦେଲେ, "ଅରେ ବୁଡ଼୍‌ବକ ! ହାମକୁ ଆଇନ ଦେଖଲଟା ଛେ, ଆଇନ ତୋମାର ବାପଦାଦା କଅ ଛେ, ନା ହାମର ବାପ୍‌ଦାଦା କଅ ଛେ ।"

\+ \+ × \+

ଅଜକାଲିକା ଲଢ଼େଇ ମଇମୁନସିଂର ବାୟୁମଣ୍ଡଳ ଏପରି ସରଗରମ ଅଛି ଯେ କଥାକେ କଥାକେ ଲଢ଼େଇ ଲାଗି ଯାଉଛି । ଶୁଣାଯାଏ ବାଲେଶ୍ୱର କଚେରିର ହାକିମ ଦଳ ଓ ଅମଲାଦଳମାନଙ୍କ ଭିତରେ ଏଇପରି ଗୋଟାଏ ରୁଷ ଜର୍ମାନ ଲଢ଼େଇର ଉପକ୍ରମ ହୋଇଥିଲା । କୁଆଡ଼େ ଜଣେ ବଡ଼ ଅମଲା ଜଣେ ଛୋଟ ହାକିମଙ୍କୁ କଣ ଅପମାନିଆ କଥା କହିବାରେ ହାକିମ ଦଳ ଏକଯୋଟ ହୋଇ ଯାଇ ଚରମ ପତ୍ର (ultimatum) ଦେବାକୁ ଧମକାଇ ଥିଲେ । ସାଙ୍ଗେ ସାଙ୍ଗେ ଅମଲା ଦଳ ଯୋଟ ବାନ୍ଧି ପରମ ପତ୍ର ଦେବାକୁ ମେକେଇଥିଲେ । କଥାଟା ବଢ଼ି ବଢ଼ି ଜିଲ୍ଲା କଲେକ୍ଟରଙ୍କ କାନକୁ ଗଲା । ଶୁଣାଯାଏ ସେ ଉଭୟମଣ୍ଡଳର ମଧ୍ୟତ ଢଉଲ କରି କଥାଟାରେ ଡ୍ରପ ପତନ ( drop ) କରି ଦେଇଛନ୍ତି । All is well that ends well.

\+ × \+ ×

ଶୁଣାଯାଉଛି ନୂଆ ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଯୌନ ବିଜ୍ଞାନ (Sex Psychology) ଶିକ୍ଷା ଦେବା ସକାଶେ ଗୋଟିଏ ବିଭାଗ ଖୋଲିବ । ଭାରତର କୌଣସି ବିଶ୍ୱବିଦ୍ୟାଳୟରେ ଏ ବ୍ୟବସ୍ଥା ନ ଥିବାରୁ ଓଡ଼ିଶାରେ ଯଦି ହୁଏ ତାହେଲେ ଓଡ଼ିଶା ପକ୍ଷରେ ଅତି ଗୌରବର କଥା । ଏ ବିଭାଗର ମହାଗୁରୁ (Professor) ପଦ ପାଇଁ ଆଶାକରୁ ଓଡ଼ିଶାରେ ଯୋଗ୍ୟବ୍ୟକ୍ତିର ଅଭାବ ହେବନାହିଁ । କାରଣ ଆମର ଜଣେ ଓଡ଼ିଆ ପଦାର୍ଥ ବିଜ୍ଞାନ ବେତ୍ତା ଇତି ମଧ୍ୟରେ ଉତ୍କଳ ଭାରତୀ ପୀଠର ମାଳିକ ହୋଇ ଅଧୁନିକ ଯୌନ ବିଜ୍ଞାନରେ ଗବେଷଣା ମୂଳକ ଅଭିଜ୍ଞତା ହାସଲ କରିଅଛନ୍ତି । ଏହି ପୁରୁଷ ରତନଙ୍କ ପାଇଁ ଏହି ଖୁରସି (Chair)ଟିକୁ ରିଜର୍ଭ ରଖାଗଲେ ଭଲ ହେବ ।

\+ \+ × \+

ଲଣ୍ଡନର ବାୟୁମଣ୍ଡଳ ଯେପରି ସ୍ଥିର ଜଣାଯାଉଛି ସେଥିରୁ ମନେ ହେଉଛି ଅତିଶୀଘ୍ର ଗୋଟାଏ ଝଡ଼ ତୋଫାନ ଆସୁଛି ବୋଲି । ଇନ୍ଦ୍ର ଦେବତା ଏ ଅଳ୍ପ କଷ୍ଟିଅଙ୍କୁ ଏଥିରୁ ରକ୍ଷା କରନ୍ତୁ ।

× × × \+

ଆମ୍ଭମାନଙ୍କର ଏକ ନୂତନ ସହଯୋଗିନୀ 'ଉତ୍କଳିକା' ନାମ ଧାରଣ କରି କଟକ ତେଲେଙ୍ଗା ବଜାର ଗଳି ମଧ୍ୟରୁ ଅବତୀର୍ଣ୍ଣ ହୋଇ ଅଛନ୍ତି । ଆମ୍ଭେମାନେ ଏଇ ନବୀନା ବାନ୍ଧବୀଙ୍କୁ ହାର୍ଦ୍ଦିକ ଓ ଉତ୍ସୃଷ୍ଟ ପ୍ରୀତି ସମ୍ଭାଷଣ ଜଣାଉଛୁଁ । ତେଲେଙ୍ଗା ବଜାରରୁ ବାହାରି ମଧ୍ୟ 'ତେଲିଙ୍ଗିକା' ନ ହୋଇ ଏ ଯେ 'ଉତ୍କଳିକା' ହୋଇ ପାରିଛନ୍ତି ଏଥିପାଇଁ ସଂପାଦିକା ଶ୍ରୀମତୀ ସରଳା ଦେବୀଙ୍କୁ ଧନ୍ୟବାଦ । ଆଶାକରୁଁ ଆମର ସହଯୋଗିନୀ ଦୀର୍ଘଜୀବିନୀ ହୋଇ ଆମ୍ଭମାନଙ୍କର ସାହାଚର୍ଯ୍ୟ କରିବେ ।

× × × ×

ଆମେରିକାରେ ଜଣେ ବଡ଼ ପାଦ୍ରୀ (Bishop) ବାରବର୍ଷର କନ୍ୟାକୁ ବିବାହ କରିଛନ୍ତି । ସେଥିପାଇଁ ପ୍ରତିବାଦ ହୁଲ ପଡ଼ିଯାଇଛି । ପତ୍ରିକାରେ ବିଶପ୍ କହିଛନ୍ତି କି "ଝିଅଟି ଅଠର ବର୍ଷର କନ୍ୟା ବୋଲି ମୋତେ ମାଲୁମ ତାହା ନୋହିଲେ ମୁଁ ତାକୁ ଧରମ ଝିଅ କରିଥାନ୍ତି ।" ଏତେ ବଡ଼ ଜଣେ ପୋଖତା ବିଶପ୍ ଯେ ବାର ଅଉ ଅଠରର ତଫାତ୍ ଜାଣି ନ ପାରିଲେ ଏଥିରୁ ଜଣାଯାଉଛି ଝିଅଟିର ଅକାଳ ପରିପକ୍ୱତା ହୋଇଥିଲା—ଆମ ଦେଶରେ ପୁଣି ୨ ବର୍ଷର କନ୍ୟାକୁ ୭୦ ବର୍ଷର ବର ବିବାହ ହୋଇ ବଂଶ ରକ୍ଷା କରୁଛନ୍ତି । ଅଉ ତା'ଠାରୁ ବଳେ କଣ ?

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ

କପିବର ହନୁମନ୍ତ ନଙ୍ଗଲ ନବିଶ୍ କୃତ

## ମଙ୍ଗଳାଚରଣ ।

ବିଂଶ ଶତାବ୍ଦିର ନବ୍ୟ-ସଭ୍ୟା-ସଭ୍ୟ ଦଳ,
ନଟୀଧ ବତାସେ ପାରନ୍ତି ଟେପ ଶୁନଚତ୍ ,
ହାଲ ଫେସନର ଗୃହ୍ୟ-ଚାରୁ-କଳା-ନତ୍ ,
ବିକାଶି ଅନ୍ଳେକ ଦେଶେ ସାଧନ୍ତୁ ମଙ୍ଗଳ ॥

ନିରଙ୍କୁଶ ସ୍ୱାଧୀନତାବାଦୀ ସଜା, ଗଜା, ନତ୍ୟ ତାଜା, ମଜା ଲୁଣ୍ଠନକାରୀ ଅଧୁନିକ ଓ ଅଧୁନିକାଗଣ କେଉଁଠି— ଆଉ ଅମ୍ଭ ଭଳି ଫଗୁ ସଢ଼ା, ବୁଢ଼ା ହଡ଼ା ଖଡ଼ାଖିଆ ଛବ ବା କେଉଁଠି ! ଅମ୍ଭେ ଯେ ଏହାଙ୍କ ମୁକ୍ତ ବିହାରଲୀଳା ବର୍ଣ୍ଣନ କରିବାକୁ ଯାଉଛୁଁ, ଏଥିରେ ଅମ୍ଭ କର୍ଣ୍ଣକୁ ତଡ଼ାଝଡ଼ା, ଅଖିକଡ଼ା, କାନମୋଡ଼ା ଏପରିକି ବଖତ ପଡିଲେ ଘୋଡ଼ା-କୋରଡ଼ା ଛଡ଼ା ଆଉ କଣ ଲୋଡ଼ା ହୋଇପାରେ ?

ତଥାପି, ଏ ଯୁଗର 'ହାଲୁକା ହାଉୟା' ଦେଶରୁ ସମସ୍ତ ରସିକ ଗ୍ରାହକଙ୍କୁ ଉଡ଼ାଇ ନେଇ ନାହିଁ ଏବଂ ବଙ୍କିନ-ରଜତର ହାଲ ସାହିତ୍ୟରୁ ହାସ୍ୟରସ ଏକାବେଳେ ବିଦାୟ ଗ୍ରହଣ କରିନାହିଁ, ଏହି ଭରସାରେ ଏଭଳି ତୁଚ୍ଛ କୁଠାରେ ମନ ବଳାଇଲୁ ।

## ( କ )

କି ହେଲରେ, କହିତ ନୁହଇ ଭରତୀରେ ।
କାଲି ଯା ଜେନାଲା କୂଳେ   କଳନା କଲ ଏ ତୋଟେ
କଳାକମ କାର ମୂରଛ ରେ ॥ ଘୋଷା ॥
କହିବା କଥା ସେ ନୁହେ   କେହିରେ ପରଶି ଦହେ
କଳିଜା ପକାଏ କରଛ ରେ । ୧ ।
କୁକୁଡ଼ା ଚୂଳଅ ଠେର   କୁନ୍ତା କନ୍ଦର୍ପ କଉଞ୍ଚି
କଏ ଶେ ଦାଢ଼ିବ ବଢ଼ଛ ରେ । ୨ ।
କହନ ପରଶ ସହି   କିହ୍ନକ ଜାଣେ କି ସେହ
କରୂଢ଼ ପଡ଼ିଲି ଅରଛରେ । ୩ ।
କରରେ କଲ କେନ୍ଦ୍ରୀ   କମରେ କାନ୍ଛଣି କସି
କୁହୁଥିଲି କେଟେଡ଼ ଫୁରଛ ରେ । ୪ ।
କେଲେ ବଢ଼ିଠିଏ ଜାକି   କଠମଚ କର ଅଖି
କାଢ଼ୁଥିଲି ଧୂଅଁ କି ଗଢ ରେ । ୫ ।
କାମୁଡ ତା ଲୁଅ କାନ   କୁଣ୍ଢାଉ * କ୍ୟାଡ ଶୁ ବେଶି
କୋଡ ହୋଇ ମୁଣ୍ଡ ମନ୍ତ୍ରି ରେ । ୬ ।
କାନ୍ତ ବୋଲ କରି କରି   କାନ୍ଦିଲି କେତେ କୁନ୍ଥାଇ
କଅ କ୍ୟାଅ ହୋଇ ପୀରତ ରେ । ୭ ।

* କ୍ୟାଡ଼ ଶୁ—ଏକପ୍ରକାର ଜୋତା ।

ରେ ସଖି, କାଲି ନବ୍ୟ ଫେସନର ପ୍ରତିମୂର୍ତ୍ତି ବାନ୍ତକଳାକୁଶଳ ସେହି କମନୀୟ ରୂପ ଦେଖିଲାଦିନୁ ମୋ ମନମୀନ ତାଙ୍କର ବଡ଼ଶୀ ମୂନରେ ବନ୍ଧା ହୋଇ ରହିଛି । ପାଠଶାଠ କମ୍ଭା ଖେଳ କୌତୁକ କା ଭଲ ଲାଗୁନାହିଁ । ଯାହା କଲେ ଯେଉଁଠିକି ଗଲେ ତାଙ୍କର ସେ ରସମୟ ବିହାର ଲୀଳା ଆଖି ଆଗରେ ନାଚି ଯାଉଛି । ସଖି, ସେ କିଏ ? ମୋର ହେଲ କସ ? ମୁଁ କରିବି କଣ କହନ !

ମିସ୍ ନଗୀନାଙ୍କର ଏ କଥା ଶୁଣି ମିସ୍ ସ୍ୱାଧୀନା କହିଲେ—

## ( ଗ )

ଖରୂପ ତୁ ହେଲୁରେ ।
ଖେଳାଳେଳା ଖୋଳା ଅଖଂ କି ସାହସ କଲୁରେ ॥ ଘୋ ।
ଝଣ୍ଟି ଟେଉଁ କଣୁ ଝାଣୁ ତଣ୍ଟି ଘଟାଇଲୁ ରେ ।
ଖଟେଡ଼ା କନେ ଗୁପତ ବାନ ବଢାଇଲୁ ରେ ॥ ୧
ଝଠା ଝାଇ ଜ୍ୱର ଯେପରି ପିଲେହି ପାଳିଲୁ ରେ ।
ଖଇରୁ ଝାଟାରେ ଖିଚି-ଖେଟେଡ ଗିଳିଲୁ ରେ ॥
ଖନା ଖୋଲି ଖୁପିରେ ତୁ ଝାଣରେ ବୁଡ଼ିଲୁ ରେ ।
ଖଲ ଖଲ ହୋଇ ଗୂଲି ଖସଡ ପଡ଼ିଲୁ ରେ ॥ ୩

Digitized by srujanika@gmail.com

ଖପରାକୁ ଖାଣ୍ଟି ହୀରା ମଣି ତୁ ବଛିଲୁ ରେ ।
ଖଳଙ୍କୁ ଖାତିର ନୋହି ଖଦଡ଼ ପିନ୍ଧିଲୁ ରେ ॥ ୪
ଖଡକ୍କା ଧରି ନ ଜାଣି ଖଣ୍ଡା ତୁ ଧଇଲୁ ରେ ।
ଖଟ ଛାଡି କରି ଖତ ଗଦାରେ ଶୋଇଲୁ ରେ ॥ ୫
ଖୁମ୍ବା ଆଗରୁ ଖଡ଼ା ଖାଇ ତୁ ମାରିଲୁ ରେ ।
ଖୁଣ୍ଟି ମଣ୍ଡୁକସା ଜୀଅଁଖୁଣ୍ଟାରେ ସରିଲୁ ରେ ॥ ୬

ଅଚ୍ଛା ହୋଇଛି, ବେଶ୍ ହୋଇଛି, ଠିକ୍ ହୋଇଛି । ତୁ ଯେପରି କାମ କଲୁ ସେହିପରି ଫଳ ପାଇଲୁ । ଜାଣୁଁ ଜାଣୁଁ ବଳୁଆ ବସାରେ ହାତ ଦେଇଛୁ, ଏବେ ତା ଦାଉ ସମ୍ଭାଳ; ତୁ କଣ ଜାଣୁନା ଯେ ସେ ଅଧୁନିକତାର ଆଧାର ଓ ଆଦର୍ଶ ଏବଂ ସବୁଜ ଛେଳବରାଦଳର ଅଧିନାୟକ ! ତାହାର ପାଲରେ ପଡି କେତେ ଅଧୁନିକା ନବୀନାମାନଙ୍କର ମଣ୍ଡଗଣ୍ଡ ବଟିଡ଼ି ଗଲାଣି ! ତୋର କଣ ଯେ ହେବ ମୁଁ କିଛି ବୁଝି ପାରୁନାହିଁ ।

ଏହାଶୁଣି ନବୀନା ଅଧିକତର ବ୍ୟାକୁଳା ହୋଇ ପଡି କହିଲେ—

ନଘନ ସାଙ୍ଗ ବୋଲି ଭିତରିଆ ମନ କଥା ତୋତେ କହିଲି ସିନା ! ଏବେ କିଛି ଉପାୟ ଥିଲେ କର—ମୋ ଇଜ୍ଜତ ରକ୍ଷା ହେଉ । ତୋ'ଉପରେ ମୁଁ ଏକମାତ୍ର ଭରସା ରଖିଛି ।

ଏହାଶୁଣି ସ୍ୱାଧୀନା ଭଣିଲେ—

---

(ଗ)

ଗଳିଣିତ ଗଳ୍ପ କଥାରେ ଦଙ୍ଗା ତ ଚଳିଣିତ ଗଳ୍ପ କଥା,
ଗୁପୁଚୁପିଆଙ୍କ ଗପିଲା ଗେଲ୍ହାଇ ଗଣ୍ଡି ହୋଇବାରୁ ବଥା ।
ଗଣ୍ଡାଠାରୁ ମୋଟ ହୋଇ ତୋ ପେଟ ଗଳାର ଡଳୁଛି ସ୍ନେହ,
ଗୋଡ଼ ଝଂପି ଗଡ଼ି ଗାଡିରେ ଗଲି ପଡ଼ି ଗୁଣ୍ଡି ପାନ ଖିଲେ ଦିଅ ।
ଗାଞ୍ଜାଇଙ୍କ ଦଳ ଗୁଳି ଦେହିଁ ଗୋଲି ଟିକି ଦେଉଛନ୍ତି ଜାଣ,
ଗିଛି ଗିଛି ହୋଇ ଗାତର ଜଳଇ ଗ୍ଲାଟସ ସଟ୍‌ବେତ ଆଣ ।
ଗଳା-ଚୁର ଯେତେ ଗୁଞ୍ଜି ତେହ ହାତେ ଗୁହାରି କରୁଛି ସହି
ଗୋଲିଆ ଗଳିଜ ଗଳାଟିକୁ ଡେକି ଗଢିବାନ୍ଟ ଦିଅ କହି ।
ଗମ ଗମ ଝାଳ ଗଡେ ନାଲି ନାଲି ଗାଇଫ୍ କଲଣି ବାଇ,
ଗୁମ୍ଫାରେ ଗଳିବ ଚହିଁନାକୁ ଯିବ ଗୁଣ୍ଡାଏ ପଖାଳ ଖାଇ ।
ଗୁରୁଜନ ଯେବେ ଗୋଡାଇବେ ତେବେ ଗାଡରେ ଟିକଟ କାଟି
ଗଣ୍ଡିର ଗୋଟାଏ 'ଟାନ୍ଦିଜୟ' ଗାଇ ଗୁମ୍ ହେବା ଗୁନ୍ଦିପାଟି ।

ଯାହାହେବାର ତ ହୋଇ ସାରିଲଣି । ସେହି କଥାକୁ ଅଜି ପଢିମାନ କହାଣି ହେଲେ ଫଳ କଣ ସଖି ! ବୁଝ ଏବା ମୋର

(ଘ)

ଘେନାଇ ଅମ୍ଭେ ଯେତେ କହିଲୁ ଗୋ,
ଘେନିଲୁ ନାହିଁ ଘୁଣେ ପହିଲୁ ଗୋ ॥
ଘିଅ ଘଡ଼ିକ ସଖି     ଘଷି ନଅଁରେ ରଖି
ଘମିର ଦେହା ଏହା ସହିଲୁ ଗୋ ।
ଘୋର ଶିଶିରକାଳେ     ଘୋଡ଼ିଇ କାନ୍ଥ ଫାଳେ
ଘୃଣା ନକରି ଦାଣ୍ଡେ ଶୋଇଲୁ ଗୋ ।
ଘାସ ବାଡ଼ିକ ଛାଡି     ଘୁଅରେ ମୁହଁ ମଡ଼ି
ଘୁଷୁରି ପରି ଘାଣ୍ଟି ହୋଇଲୁ ଗୋ ॥
ଘୋଲ ଦହିରେ ସହି     ଘମାଏ ପାଣି ଦେଇ
ଘୋର କର୍ପୂର ତହିଁ ପିଇଲୁ ଗୋ ।
ଘଣ୍ଟେ ଢୋଡ଼ାଇ ହୋଇ     ଘୁମାଇ ଥିଲୁ ତୁହି
(ଢେଣ୍ଟୁ) ଘୋସଡ଼ା ଚଣା ନୋହି ଖାଇଲୁ ଗୋ ॥
ଘେନ ଆମ୍ଭ ବଚନ     ଘାବୋଇ ତୁହ ଧନ
ଘୁଲି ଆସିବୁଁ ସଜ ହୋଇଲୁ ଗୋ ।
ଘେନା ଘେନି କରିକି     ଘଡି ଧୁଇ ସରିକି
ଘଣ୍ଟଡ଼ି ଅଣିବାକୁ କହିଲୁ ଗୋ ॥

ସେହି କଥାତ ଗଲା ନାହିଁ । ଆଗରୁ ଏତେ ବୁଝିଥିର କରାଉଁ କରାଉଁ ମୋ ବୋଲ ମାନିଲୁ ନାହିଁ, ସାପ ଗାତରେ ହାତ ଦେଲୁ । ହଉ, ତୋ ଅବସ୍ଥା ଦେଖି ମନ ବଡ଼ ଘାଣ୍ଟି ହେଉଛି, ତୋହର ପାଇଁ ଆମେ ଥରେ ଚେଷ୍ଟା କରି ଦେଖୁଁ—ମୋର ଖୁବ ବିଶ୍ୱାସ କାମଟା ମୁଣ୍ଡ ଲଗିଯିବ ।

ଏହା କହି ସ୍ୱାଧୀନା ତତ୍‌କ୍ଷଣାତ୍ ଚଟକଚନ୍ଦ୍ରଙ୍କ ଠାକୁ ଚାଲିଲେ ଓ ତାଙ୍କୁ ନଇଟିଅ ପାଇ ଏହିପରି କହିଲେ—

(କ୍ରମଶଃ)

Digitized by srujanika@gmail.com

# ଚାରୋଟି ଅଙ୍କ

——ଲେଖକ - କୁମାର ଶରତ୍‌କାନ୍ତ ଭୂୟାଁ ——

## (୧)

ଫୁଲ ଫୁଟେ ଆଉ ଝଡ଼େ, ଏହା ଭିତରେ ଯେ କିଛି ଗୋଟାଏ ତଥ୍ୟ ନିହିତ ଅଛି, ତାହା ସରୋଜ ଅନେକ ଦିନ ଯାଏ ଜାଣି ପାରି ନ ଥିଲା—

ସେ ବୁଝିଲା ଦିନେ, ଯେଉଁ ଦିନ 9. Down ବାଜପୁ ଗାଡ଼ିରେ ତାକୁ ଉପହାସ କରି ଦୁର୍ ଦୁମ୍ ହୋଇ ଚାଲିଗଲା ଦୂରରୁ ଦୂରକୁ ଆଉ ତା ଭିତରେ ତାର ସୁନାର ମୁହଁଟା ଲୁଚିଗଲା । ସରୋଜ ବୁଝିଲା ପ୍ରକୃତ ବିଚ୍ଛେଦ କଣ ! ଆଉ ମିଳନର ମୂଲ୍ୟ କେତେ ? କେବଳ ଏହି ବୈଷମ୍ୟବାଦ ଯୋଗୁ ବିଶ୍ୱଟା ଏତେ ସୁନ୍ଦର ।—

East Hostel ର ଗୋଟାଏ ଗୋଟିକିଆ ରୁମରେ ନିଜର ଅବଶ ଦେହଟାକୁ ବିଛାଇ ଦେଇ ସରୋଜ ଭାବି ବସିଲା ଅତୀତ ଜୀବନର କେତୋଟି କଥା, ତା ଆଖି ସାମନାରେ ଝଲସି ଉଠିଲା—ଠିକ୍ ରୂପେଲି ପରଦାରେ ଚଳଚିତ୍ର ପରି ।

ସେ ସେତେବେଳେ ୧୫ ବର୍ଷର ପିଲା ତାର ଠିକ ମନେ ଅଛି । ଜମିଦାରଙ୍କ ଘରକୁ ଲାଗି ଏକ ମାହାଲ କୋଠା ଘର, ବଳଦ, ଧାନ ଅମାର, ଗୁହାଳ ମୁଲିଆ ସବୁ ଥିଲେ, ସେ ସେତେବେଳେ ମେଟ୍ରିକ ସେକେଣ୍ଡ କ୍ଲାସରେ ପଢୁଥାଏ । ତାର ବୋଉକୁ କେବେ ସେ ହରାଇଛି ଜାଣେନା, ବାପା ଥିଲେ ତାର ସବୁ । ଦିନେ ହଠାତ୍ ସେ ବି ଆଖି ବୁଜିଲେ । ଯିବା ଆଗରୁ ଜମିଦାରବାବୁଙ୍କୁ କହି ଦେଇ ଗଲେ—ସରୋଜ ଭୂମକୁ ଲଗିଲା । + + +

ସରୋଜ କାନ୍ଦି ଉଠିଲା ବେଶି ବେଶି ହୋଇ, ଜମିଦାର ତାକୁ ନିଜ ଛାତିକୁ ଆଉଜାଇ ନେଇ କହିଲେ, ସରୋଜ କାନ୍ଦନା, ମୁଁ ପରା ଅଛି ।

ତା ପରେ——

ସରୋଜ ପାଇଲା ତାର ସାଥୀ 'ମୁନା' କୁ ।

ଜମିଦାରଙ୍କର ଏକମାତ୍ର ଆଦରଣୀ କନ୍ୟା 'ମୁନା' ଥିଲା ସରୋଜର ସାଥୀ ।

## (୨)

ଦିନ ବହିଗଲା, ମୁନା ସରୋଜର ଜୀବନଟାକୁ ହରଣ କରି ନେଲା, ମନେ ମନେ ଭାବେ ମୁନା ତାକୁ ବଡ଼ ଭଲ ପାଏ—ସେଇଥି ଯୋଗୁଁ କୌଣସି ତ୍ରୁଟି ତାର ବାଦ ପଡ଼େନି ସେ ଘରକୁ ଆସେ ଜମିଦାରଙ୍କ ମନା ସତ୍ତ୍ୱେ । ଅଜଣାରେ ତାକୁ ଜମିଦାରଙ୍କ ଆଶ୍ରୟରେ ରହିବା ପାଇଁ ପଡ଼େ, ସେ ଶୁଣେ ତାର ଘର ତାର ଜମି ସବୁ ଜମିଦାରଙ୍କ ସାଙ୍ଗରେ ସାମିଲ ହୋଇ ଯାଇଛି । ଲୋକେ କହନ୍ତି "ଟୋକା ବଡ଼ ହେଲେ ବୁଝିବ ଯେ, ଜମିଦାର ଯେଉଁ ଡାଙ୍କି ଟୋପା, ସବୁ ନେବ, ଶେଷ ବେଳକୁ ଚଣ୍ଡିଆ ମାରି ତଡ଼ି ଦେବ, ସରୋଜ ବୁଝି ବୁଝି ପାରେନା ।

ମୁନାକୁ ଦେଖିଲେ ସବୁ ଭୁଲେ—

ସରୋଜ ସେ ଦିନ ଅନ୍ୟମନା ହୋଇ ବସିଥିଲା ମହାନଦୀ କୂଳରେ ଗୋଟାଏ ପଥର ଉପରେ—ପାଖରେ ମୁକ୍ତେଶ୍ୱର ମହାଦେବଙ୍କ ମନ୍ଦିର ।

କାହିଁକି କେଜାଣି ଠିକ ସେଇ ଅଡ଼କୁ ଏକ ଧ୍ୟାନରେ ଚାହିଁ ସରୋଜ ବସିଥିଲା, ଆଉ ଅନ୍ତରର କେତେ ଅବୁଝା କଥାର ସମାଧାନ କରୁଥିଲା ନିଜେ ତା ପ୍ରାଣ ଭିତରେ !

ମୁନା ଆସିଲା; ସରୋଜର ଆଖି ଦୁଇଟି ଚାପିଧରି କହିଲା "କିଏ କହିଲ ?"

Digitized by srujanika@gmail.com

ସରୋଜ ବୁଝିଲା କିଏ ସେ, ଧୀରେ ମୁନାର ହାତ ଦୁଇଟାକୁ ମୁଠାଇଧରି ଦେଖିଲା ଅପଲକ ଆଉ କହିଲା ଅବେଗରେ,

"ମୁନା ତମେ ମୋତେ ସତରେ ଭଲ ପାଅ ?" ମୁନାର ଆଖି ଛଳ ଛଳ ହୋଇ ଉଠିଲା........

ତା ପରେ ସେ ଆରବରେ ଉଠିଯାଇ ମହାଦେବଙ୍କ ନିକଟରେ ପ୍ରତିଜ୍ଞା କଲା "ଦୁନିଆଁରେ ଇମିତି କୌଣସି ଶକ୍ତି ନାହିଁ, ମୋତେ ତୁମଠାରୁ ଛଡ଼ାଇ ନେଇ ପାରିବ, ସରୋଜ ଭାଇ ।"

ସରୋଜ ଅବେଗରେ ମୁନାକୁ ଭିଡ଼ି ଧରିଲା ।

ଠିକ୍ ଏତିକିବେଳେ କାହାର କଡ଼ା ଗଳାରେ ନିଜର ନାମଟା ଶୁଣି, ପ୍ରକୃତିସ୍ଥ ହୋଇ ଯେତେବେଳେ ପଛକୁ ଅନାଇଲା, ଦେଖେ ଜମିଦାର ସାହେବ ।

ସେ କିଛି କହିବା ପୂର୍ବରୁ ଜମିଦାର କହିଲେ, "ସରୋଜ, ଏଇ ମୁହୂର୍ତ୍ତରେ ମୋ ସାମନାରୁ ଚାଲି ଯା ନଚେତ୍, ଗୁଳି କରି ମାରିଦେବି, ଆଉ ଶୁଣ ତୋର ସଂପତ୍ତି ପାଇଁ କୋର୍ଟର ଆଶ୍ରୟ ନେଇ ପାରୁ କିନ୍ତୁ ତୋର ବାପାଙ୍କ ଧାର ଟ ୫୦୦୦ ( ବାବଦ୍ ସେ ସବୁ ବାଜ୍ୟାପ୍ତ"

ସରୋଜ ଆଉ ଭାବି ପାରିଲା ନି + × +

ତା ମୁଣ୍ଡ ଭିତରେ ସବୁ ଗୋଳମାଳ ହୋଇଗଲା—ତଥାପି ସେ ମୁନାକୁ ଭୁଲି ପାରିନି । ସେଦିନ ରାତିରେ ସେ ଯାଇଥିଲା ଷ୍ଟେସନ ଡାକିବାକୁ ହଠାତ୍ ଦେଖେ ମୁନା ଆଉ ତାର ବାପାଙ୍କୁ ଗୋଟାଏ Second Class ଡବାରେ ଭିତରେ......ତା ଭାବର ବନ୍ଧୁଅଙ୍କୁ ପଚାରି ବୁଝିଲା ଯେ ମୁନାର ବାହାଘର ଆସନ୍ତା ଜ୍ୟେଷ୍ଠ ମାସରେ, ତା ପରେ କୋଉଁ ବିଲାତ ଫେରେ କିନ୍ତୁ ମୁନା ଦେଇ କହିଛନ୍ତି ଯେ ସେ ବିଲାତରୁ ଆସିଲେ ସେ ବାହା ହେବେ । ବର ଅଛି ରାଞ୍ଚିରେ ତାଙ୍କୁ ଦେଖାଇବାକୁ ଜମିଦାର ମୁନାଦେଈଙ୍କୁ ନେଉଛନ୍ତି × ×

ହୁଇସିଲ ଦେଇ ଟ୍ରେନ ଛାଡ଼ି ଦେଲା । ସରୋଜ ସବୁ ବୁଝି ଦେଖା ଦହିଗଲା ସେ ଚାହିଁ ଦେଖେ ଟ୍ରେନଟା ଅନ୍ଧାରର ବୁକୁରେ ହଜି ଚାଲିଛି ଅଗକୁ ।

( ୩ )

ସରୋଜ apply କଲା R. A. F. ରେ । ଇଣ୍ଟରଭିଉ ମଧ୍ୟ ହୋଇଗଲା । ମନ ମୋଟେ କେଉଁଠାରେ ଲାଗୁନଥାଏ ।

ଦିନ ସାତୋଟି ପରେ ସେ ଗୋଟାଏ ଚିଠି ପାଇଲା ମୁନା ଠାରୁ; ଲେଖିଛି—

ମୁଁ ସେଠି ଆସି ସବୁ କଥା ଜାଣିଲି ମୋତେ ଏଠାକୁ ନେଇ ଆସିଛନ୍ତି ଜଣେ ବାବୁଙ୍କୁ ଦେଖାଇବା ଲାଗି—ସେ ଏଠା ଅଫିସର ଜଣେ କେରାଣୀ— ମୋଟା ଦରମା ପାଆନ୍ତି । ତାଙ୍କର ସାଙ୍ଗରେ ମୋର ବାହାଘର ସ୍ଥିର ହୋଇଛି—ବିଲାତ କଥା ଏକବାରେ ମିଛ ତାଙ୍କ ବିଷୟରେ ହେଉ ମିଛକଥା ବାପା ମୋତେ କହିଛନ୍ତି ।

କିନ୍ତୁ ତୁମେ ସେ ସବୁ କିଛି ଭାବିବନି, ମୋର ସରସ ନମସ୍କାର ଗ୍ରହଣ କରିବ ।

ତମର
ହେନ୍ତର 'ମୁନା' ।

ସରୋଜକୁ ହସ ମାଡ଼ିଲା, ସେ ବୁଝି ପାରିଲାନି ଚିଠିର ମାନେ । × × × ×

Call ଆସିଲା, ସରୋଜ ସିଲେକ୍ଟ ହୋଇଛି R. A. F. ରେ ତାର ମନ ଆନନ୍ଦରେ ଭରପୁର—

ଇଂଲଣ୍ଡ ଉଠିଛି ଅନ୍ୟାୟର ଧ୍ୱଂସ କରିବ ନାୟି ବାଦର ଧ୍ୱଂସ କରିବ । ବ୍ରିଟିଶ କେଶରୀର ବିଜୟ ବୈଜୟନ୍ତୀ ଉଡ଼ାଇ R. A. F. ଉଡି ଚାଲିଛି ନୀଳ ଗଗନ ବକ୍ଷରେ, ମହୋଦଧିର ନୀଳ ବୁକୁ ଚିରି R. I. N. ମାଡ଼ି ଚାଲିଛି ଆଗକୁ, ଶତ ସହସ୍ର କମାଣ ଗର୍ଜି ଉଠୁଛି...

ଅସଂଖ୍ୟ ଭାରତ ସନ୍ତାନ ଯୁଦ୍ଧରେ ନାମ ଲେଖାଇଛନ୍ତି । ସେମାନେ ଚାହାନ୍ତି ନାହିଁ ତାଙ୍କର କେତେ ଯୁଗର ଶିଳ୍ପ କାରୁକାର୍ଯ୍ୟ ଖଚିତ ଦୁର୍ଗ ଆଉ ଭୁବନେଶ୍ୱର ମନ୍ଦିରକୁ ଶତ୍ରୁର କମାଣ ଘାତରେ ଧ୍ୱଂସ କରିବାକୁ ।

ସରୋଜ ଗଲା ସିକନ୍ଦରାବାଦ୍ ଟ୍ରେନିଙ୍ଗକୁ ତାର କ'ଣ ଏ ସନ୍ଧି କ୍ଷଣରେ କିଛି କରିବାର ନାହିଁ ? ସବୁ ଅଛି ପ୍ରତ୍ୟେକ ଭାରତୀୟର ଅଛି ।

ଦୁଇଟି ବର୍ଷ ବିତି ଯାଇଛି ।

ସେ ଆଜି ସରୋଜ ନୁହେଁ, Pilot Officer ସରୋଜ କୁମାର ଯାହାର ଇଙ୍ଗିତରେ ଚାଲେ R. A. F. ର bomber ଗର୍ଜି ଉଠିବ, ଶତ୍ରୁର ରାଜ୍ୟର ଛାତ ଉପରେ ବୋମା ପକାଇ ବୀର ଦର୍ପରେ ଫେରି ଆସିବ ସରୋଜ ଭାବି ନଥିଲା ଯେ ଏଡ଼େ ବଡ଼ ଗୋଟାଏ ଉଜ୍ଜ୍ୱଳ ଭବିଷ୍ୟତ ତାର ଅଛି; ସେ ଅତୀତର ସବୁ ଭୁଲିଛି, ସେ ଯେ ବର୍ତ୍ତମାନ Military officer, ତା ପକ୍ଷରେ ଦୁର୍ବଳତା ଶୋଭା ପାଏ ନା ତା ନାମ କାଗଜରେ ବାହାରେ...... ସେଥିରେ ସେ ଆନନ୍ଦ ପାଏ ଖୁବ ବେଶୀ ଆଉ ମନେ ମନେ ହସେ, ମୁନା ପଢ଼ୁଥିବ ନିଶ୍ଚୟ କାଗଜ ଦେଖୁଥିବ ଯୋଗ୍ୟ କେଶୀ କିଏ ? ଗୋଟାଏ କରାଣୀ ନା ପାଇଲଟ ଅଫିସର ସରୋଜ କୁମାର ।

ସେଦିନ Bomb throwing ର trial ଠିକ୍ ସକାଳ ଟା ୮ ରୁ ଆରମ୍ଭ । ସରୋଜର ଟିକେ ଉଠିବାର ଡେରି ହୋଇଛି —ସେଥି ଯୋଗୁଁ ସେ ତର ତର ହୋଇ ରେଡି ହୋଇ ବାହାରିଲା ବେଳକୁ ଦେଖେ ଯେ ୧ଟା ବାଜିବାକୁ ଆଉ ପନ୍ଦର ମିନିଟ

ତାର ଏତବଡ଼ କ୍ରମ ସେଠାରୁ ଦୂର ମାଇଲ ତାର ବାଉରେ ସେ ଫିଜ ଦେଲ ଚୂଡ଼ାନ୍ତ—ହେବେ ଧୂଳ ବ ଉଡ଼ିଲ ନାହିଁ । ଗାଡ଼ି ଭାର ବେଗରେ ଛୁଟି ଚାଲିଲ ଅଗକୁ ।

ସରୋଜ ଭାବେ ମିଲିଟାରି ଡିସିପ୍ଲିନ୍ ହେବେ ଜେଉ ହେବା ମାନେ କେତେ କ'ଣ ?

ଘଡ଼ିର ମିନିଟ ଧରି ଚଳିବାକୁ ହେବ ।

ଇମିତି ଭାବୁ ଭାବୁ ଫିଜିଟା ଯେ କେତେବେଳେ ଅନ୍ଧାର ବେଶୀ ହୋଇ ଦେଇଛି ତାର ମନେ ନାହିଁ—ଅଗରେ ଗୋଟାଏ ଟର୍ଣ୍ଣ......

ସରୋଜର ଛାତି ଥରି ଉଠିଲ, ସେ ଖୁବ୍ ଚେଷ୍ଟା କଲ ଗାଡ଼ି ବ୍ରେକ୍ କରିବାକୁ କିନ୍ତୁ ହେଲନି ଗାଡ଼ି ଛୁଟିଗଲ ସରୋଜକୁ ନେଇ ଦେଉଁ ଅତଳକୁ ଗାଡ଼ିଟା ଚୂରମାର ହୋଇଗଲ ସରୋଜ ଛିଟିକି ପଡ଼ିଲ ତା ଭିତରୁ × × ×

ସରୋଜର ଯେତେବେଳେ ଆଖି ଖୋଲିଲ ଦେହ ସାରା ଯନ୍ତ୍ରଣା ସେ ଅନୁଭବ କଲ । ଅଉ ଦେଖିଲ ଯେ ସେ ମିଲିଟାରି ହସ୍ପିଟାଲର ବେଡ଼ରେ, ଛାତିରେ ଅଉ ମୁଣ୍ଡରେ ତାର ପଟି ଭିଡ଼ା ।

ସେ ଉଠିବା ପାଇଁ ଚେଷ୍ଟା କଲ......ପଛରୁ କିଏ ଜଣେ ନର୍ସ କହିଲେ ସାହେବ ! "ଉଠିବା ପାଇଁ ଚେଷ୍ଟା କରନ୍ତୁ ନ, ହେଲେ ବଥା ବଢ଼ିବ" ସରୋଜ ଫେର ଶୁଣିଲ ତାର ନିହାତି ପରିଚିତ କଣ୍ଠସ୍ୱର ଶୁଣି ।

ସେତେବେଳକୁ ନର୍ସ ଅଉ ଜଣେ ରୋଗିକୁ ଔଷଧ ଖୁଆଇବାରେ ବ୍ୟସ୍ତ ।

ସରୋଜ ଡାକିଲ "ହେବେ ଅଟିବେ !" ନର୍ସ ଅସିଲ ଧୀରେ ଖୁବ ଧୀରେ......

ଅଖି ତାର ଚଳ ଚଳ ମୁହଁରେ ଗୋଟାଏ ଉଜ୍ଜଳ ଦୀପ୍ତି ଦେଖିରଖ ତା'ର ଏମିତିରନ ସରୋଜର ପ୍ରଥମେ ମୁନାକୁ ଚିହ୍ନି ପାରିଲା ନ......

"ତୁମେ ମୁନା, ଏଠି !"

ମୁନା ମୁଣ୍ଡ ହଲାଇ ଉତ୍ତର ଦେଲା ସରୋଜ କହିଲା, "ତାର ମାନେ......"

ମୁନା ତୁଲପଡ ଅଉ ସରୋଜର ହାତ ଦୁଇଟି ନିଜ ହାତ ମୁଠାରେ ଧରି କହିଲା "ସରୋଜ ଭାଇ ତୁମେ ଭାବ ଯେ ଖାଲି ତୁମରିମାନଙ୍କର କର୍ତ୍ତବ୍ୟ ଜ୍ଞାନ ଅଛି......ଅଉ ଅମେ ଏକବାରେ ଅପଦାର୍ଥ, ନା କଣ ? ତୁମେ ଅଟେଲ ମୁଁ ଶୁଣିଲି......ପରିଷ୍କାର ବାପାଙ୍କୁ ଜଣାଇ ଦେଲି ବିଭା ହେବିନି, ତା ପରେ ତ ଏଠି ।"

"ଚମତ୍କାର" ସରୋଜ କହି ଉଠିଲା । ତା ପରେ ହ ଦୁଷ୍ଟାମି କରି ସରୋଜ ପଚାରିଲା "ମୁନା ସତ କହିଲ ? ବିଜନ ଯୋଗ୍ୟ ନା—" ମୁନା ତା କଥା ଛଡ଼ାଇ ନେଇ କହିଲା "ପାଇ ଅଫିସର ସରୋଜ କୁମାର ଯୋଗ୍ୟ ଏତେ ଥ ତ ?"

"କିନ୍ତୁ ତା ସାଙ୍ଗେ ସାଙ୍ଗେ ଜାଣିବା ଦରକାର ମିଷ୍ଟର ସର କୁମାରଙ୍କ ପାଇଁ ପୁଣି ତୁମକୁ ଯୋଗ୍ୟ ହେବାକୁ ହେବ ।"

ସରୋଜ ମୁନାର ହାତ ଦୁଇଟି ଅଧିକ ଜୋରରେ ଚିପି ଧରି

—*--

## କୁତୁକୁତୁ

ପୋଷ୍ଟମେନ୍ ପାର୍ସଲ ଓ ଚିଠି ବ୍ୟାଗ ଧରି ଚାଲିଥି ଜଣେ ଭଦ୍ରଲୋକଙ୍କ ଘର ପାଖରେ ଗୃହିଣୀ ଡାକି କହି 'ହେ ଡାକବାଲା ଶୁଣି ଯାଅ ଟିକିଏ, ଆମ ବାବୁଆ ତମଠାରେ କଥା କହିବାକୁ ଚାହୁଁଛନ୍ତି ।'

ପୋଷ୍ଟମେନ୍‌ର ଆଖି ଆଗରେ ବକ୍‌ସିସ୍‌ର ଛବି ସ ଭାସିଉଠିଲା ।

ବାବୁଆଣୀ ପଚାରିଲେ, "ତମେ କଣ ସେଇଠି ଡ ଦବାକୁ ଆସ ?"

ପୋଷ୍ଟମେନ୍ କହିଲେ—ହଁ ମାଆଣୀ ।

ବାବୁଆଣୀ - ତେବେ ଆମ ଦାନ୍ତ କବାଟର କୁନ୍ଥ ତମେ ଭାଙ୍ଗିଛ ? ଦାମ ଦେବାକୁ ପଡ଼ିବ ।

+ × +

ଗୃହସ୍ଥ - ସତେ ଏତେ ବଡ଼ ଭୋଜି, ତମ ମୁହଁ ଦେଖି
ମୁଁ ଭୋକ ଶୋଷ କୁଆଡ଼େ ଭୁଲିଯାଏ ।

ଗୃହିଣୀ— ତାହାହେଲେ ଆଜି ରନ୍ଧା ବଢ଼ା ହେବ କିଆଁ
ଯାହା ହେଉ ମଣିଷ ଖରଚ ହେଲେ ଛୁଆଁ ଧାନ
ରକ୍ଷା ପାଇଲି ।

× + ×

ପିତା—ଏଇ ସାମାନ୍ୟ କଥାଟା ବୁଝି ପାରୁନୁ । ତୁ
ନିହାତି ବୋକା ।

ପୁତ୍ର – ମୋତେ ବୋକା ବୋଲି କଣ କହୁଛନ୍ତି, ଆପଣ
ନିଜେ ବୋକାର ବାପା । +

( ଦେବ ମହାପାତ୍ର )

Digitized by srujanika@gmail.com

# ଅଜୟ ବାବୁଙ୍କ ପ୍ରେମ

ଲେଖକ—ଶ୍ରୀ ଦେବ ମହାପାତ୍ର—

ମୋ ସାଙ୍ଗ ଟୋକାଏ ଯେତେବେଳେ ଆପଣା ଆପଣାର ରସରସିଆ ଅନେକ ନାଭୁଲଟା କଥା କହନ୍ତି, ସେ ସବୁ ଶୁଣିଲେ ତାହାଙ୍କ ଭଳି ମୋ ପାଟିରୁ ନାଳ ବୋହି ପଡ଼େ। ମୋର ଇଚ୍ଛା ହୁଏ, ମୁଁ ବି କିଏ ପ୍ରେମରେ ପଡ଼ିଥାଆନ୍ତି କି, ପାଞ୍ଚ କଥା ମୁଁ ବି କହି ପାରୁଥାନ୍ତି। ହେଲେ ବାପଙ୍କ ଘରେ ସେ ସୌଭାଗ୍ୟ ଆଜି ଯାଏ ଘଟିଲା ନା। ଥରେକ ଘଟଣା—ଆମ ପଡ଼ୋଶୀ ନରହରି ବାବୁଙ୍କ ଝିଅ ମିନା ଆମ ଘରକୁ ଆସେ—ସେ ଭାରି ଅନ୍ତିଅଚଣ୍ଡୀ। ଦିନେ ସେ ମୋର ପଢ଼ାଘରେ ମୋ ଟେବୁଲ ପାଖରେ ବସି କ'ଣ ଖଣ୍ଡେ ବହି ପଢ଼ୁଥିଲା—ମୁଁ ପଛ ଆଡ଼ୁ ଚୁପ୍ ଚୁପ୍ ଯାଇ ତା ଆଖି ବୁଜି ଧରିଲି ଓ ପ୍ରେମ ଗଦ୍ ଗଦ୍ କଣ୍ଠରେ କହିଲି "ଜମା ନ, ମୁଁ ତୋତେ ଭଲପାଏଁ"। ସେ ବୁଲାକ୍ଷଣି ମୋ ଗାଲରେ ଗୁମ୍ପୁଡ଼ାଟିଏ କଷି ଦେଇ ବାପାଙ୍କ ପାଖରେ କହି ଦେଲା।

ତା ପରେ ତ କଥା ନାହିଁ, ବାର୍ତ୍ତା ନାହିଁ, ମୋ ବାପା ମତେ ସେଦିନ ରୋଗଙ୍କ ବାଡ଼ିଆ ବାଡ଼େଇଲେ ଯେ ସେ କଥା ଭାବିଲେ ଆଜିଯାଏ ମତେ ଲାଗେ ଯେମିତି ମୋ ବାପା ସେଇ ଝିଅ ଆଡ଼େ ଲକ୍ଷ କରି ମତେ ଆଖି ତରାଟ କରି କହୁଛନ୍ତି, "କଣ କରୁଚ କରେ?" ପ୍ରେମ କଥାଟି ଛଡ଼ାନ୍ତୁ ଝିଅଙ୍କ ଆଡ଼କୁ ଚାହିଁ ଦେବାକୁ ଭରସି କରି। ତା' ଛଡ଼ା ଆଉ ଗୋଟାଏ କଥା, ଗପ ଉପନ୍ୟାସରେ ଆପଣ ଯେଉଁ ନାୟିକାମାନଙ୍କ କଥା ପଢ଼ନ୍ତି, ଆମ ଗାଁରେ ସେଇ ଧରଣର ଝିଅଙ୍କର ବଡ଼ ଅଭାବ। ଯେତେ ଝିଅ ଅଛନ୍ତି ସେମାନେ ମତେ ଜମାରୁ କେୟାର୍ କରନ୍ତିନି। ସେଇ ଯୋଗୁ ମୁଁ ଦୁଃଖ ମନରେ ମାରି ରହିଚି ଏପର୍ଯ୍ୟନ୍ତ ଆଉ ପ୍ରେମରେ ପଡ଼ିନି। ସାଙ୍ଗ ଟୋକାଏ କଣ ତା ବୁଝୁଛନ୍ତି। ମତେ ଜମାରୁ ସଙ୍ଗରେ ପକାନ୍ତିନି। ପ୍ରେମରେ ନପଡ଼ିବା କେତେଦୂର ଯାଏ ତା ମୁଁ ଜାଣେ, କିନ୍ତୁ ମିଛ ସତ କରି ପ୍ରେମରେ ପଡ଼ିଚି ବୋଲି କହି ପାରେନି କାଳେ ଧରା ପଡ଼ି ଯିବି ବୋଲି। ସାଙ୍ଗ ଟୋକାଏ ମତେ ବଦ୍ରୂପ କରନ୍ତି, ମୋ ମୁଣ୍ଡ ତଳକୁ ହୋଇ ଯାଏ। ମତେ ତ ଲାଗେ ଯେମିତି ମୁଁ ଗୋଟାଏ ଅପଦାର୍ଥ, ଭଲ ଯାଗାରେ ପାଞ୍ଚ ଜଣ ସାଙ୍ଗରେ ବସି ଗପ ଆନନ୍ଦ କରିବା ଲାଗି ମୁଁ ଯୋଗ୍ୟ ନୁହେଁ। ଯେଉଁଠି ମୋର ସ୍ଥାନ କେବଳ ସେଇଠି, ଯେଉଁଠି ଲୋକେ ଦୂର ଛି, ଛି କରନ୍ତି। କାଲି ସଞ୍ଜବେଳେ ବୀର, ଗୌର, ଅଜୟବାବୁ ଆଉ ମୁଁ ବସିକରି ନଈ କୂଳରେ ଗପ କରୁଥିଲୁଁ। ପ୍ରେମ ବିଷୟରେ ଆମର ଦୁଃଖ ମୁଖ ପଡ଼ିଥିଲା। ବୀର ମତେ କହିଲା, "ଅରେ ତୁ ଏ ବୟସରେ ଯଦି ପ୍ରେମରେ ପଡ଼ିନୁ ଆଉ ପଡ଼ିବୁ କେବେ? ଆଉ କଣ ବୟସ ଅଛି?" ମୋ ଲାଗି ବୀରର କେତେ ଚିନ୍ତା! ମୁଁ ଭାବିଲି ବାସ୍ତବିକ ଦେଖୁ ଦେଖୁ ବୟସ ଗୁଡ଼ା ଅନର୍ଥକ ନଷ୍ଟ ହୋଇ ଯାଉଚି ସିନା! ମୁଁ କଥାଟାକୁ ବୁଲେଇ ଦେଇ ପଚାରିଲି, "ଭାଇ ତୁ କେବେ ପ୍ରେମରେ ପଡ଼ିଚୁ?"

ବୀର କହିଲା ଯେ ସେ ଥରେ ଦିଥର ନୁହେଁ ବହୁତ ଥର ପ୍ରେମରେ ପଡ଼ିଚି। ତାଙ୍କ ଘର ପାଖରେ ଯେତେ ଯେତେ ଟୋକୀଙ୍କୁ ପ୍ରେମ କରିଚି ସେ କଥା କହିଲା। ପୁରୀ ରଥଯାତ୍ରା ବେଳକୁ କୋଉ ଟୋକୀ ସହିତ ପ୍ରେମ କରିଥିଲା, ସେ କଥା କହିଲା, ତାର ବହୁତ ବହୁତ ପୁରୁଣା ପ୍ରେମ କଥା କହିଲା। ସେ କୋଉ କୋଉ ସୁନ୍ଦରେ ଝିଅଙ୍କ ସାଙ୍ଗରେ ବନ୍ଧୁତା କରେ ସେ କଥା ବି ବତେଇ ଦେଲା। ତା କଥା ଗୁଡ଼ାକ ମୁଁ ତ କେବଳ ଶୁଣୁ ନ ଥିଲି ମୁଁ ପିଇ ଯାଉଥିଲି। ମୋର ଇଚ୍ଛା ହେଉଥିଲା ଯଦି ଏତେ ସୁନ୍ଦରୀ, ଗୋଟିଏ ମୂର୍ଖ ମୋତେ ଜଣା ଥାଆନ୍ତା ତ ମୁଁ ମୋ ବାପାଙ୍କ ଆଖିରେ ଧୂଳି ପକେଇ ଥରେ ଅଧେ ପ୍ରେମ କରି ପକାନ୍ତି। ବୀରଟା ବାସ୍ତବିକ ପ୍ରେମିକଟାଏ!!

ବୀର କଥା ଶୁଣି ଗୌର ଆଉ ନିଜକୁ ସମ୍ଭାଳି ପାରିଲାନି, ସେ କହି ଉଠିଲା, "ଏଇ ପ୍ରେମ କଥା ପାଇଁ ତୁ ଏତେ ଢ଼ମ ଦେଖାଉଚୁ, ମୁଁ ତ ଏମିତିଆ ପ୍ରେମ କରିଚି ଶୁଣିଲେ ତମେ ସବୁ ବାଠ ପାଲଟି ଯିବ। ସେ ପ୍ରେମ କେମିତିଆ ବୋଲି ଶୁଣିବାକୁ ଆମେ ସମସ୍ତେ ବ୍ୟସ୍ତ ହୋଇ କାନ ଖାଡ଼ା କରି ପକେଇଲୁଁ।

ଗୌର କହିଲା—"ମୁଁ ଥିଲି ଝିଅଙ୍କର ମହାମାରି ପ୍ଲେଗ ଭଳିଆ। ଯୁଆଡ଼େ ଆଖି ପକାଉଥିଲି ଶହେ ସାଠିଏ ଝିଅ ରୁଣ୍ଡ ହେଇ

Digitized by srujanika@gmail.com

ଯାଉଥିଲେ। ମୁଁ ସୁଦ୍ଧା ଦେଖିଲେ ତ କଥା ନାହିଁ, ତାଙ୍କ ଛାତି ଭିତରେ କୋଉ ହୋଇ ଯାଉ ଥିଲି। ଆଉ ସେମାନେ ଝିଙ୍କି ହୋଇ ଅନାଉଥିଲେ ମୋର ଆଡ଼େ।"

ମୁଁ ଗୌରୀର ଆଖିକୁ ଦେଖିଲି—ଗୌରୀ ଜାଣୁଛି କି ଗୁଣୀ ଗାରଡ଼ି ବିଦ୍ୟା ଜାଣିଥିବ ନ ହେଲେ ତାର ଦୁଇ ବଡ଼ ଭଲଆ ଆଖି ଦୁଇଟାରେ ଝିଅଙ୍କୁ ଝିଙ୍କନ୍ତା କେମିତି? କିନ୍ତୁ ଗୌରୀ ଯେତେବେଳେ ଆପଣାର ପ୍ରେମ କାହାଣୀ ଗୋଟି ଗୋଟି କରି କହିଲା ମୁଁ ଜାଣି ପାରିଲି ଯେ ପ୍ରେମ ପାଇଁ ଯଦି ସାର୍ଟିଫିକେଟ ମିଳିବାର ବ୍ୟବସ୍ଥା ହୁଏତ ସେଇଟା ଗୌରୀକୁ ମିଳିବ, ବୀରୁକୁ ମିଳିବନି କାରଣ ଗୌରୀର ଜ୍ଞାନ ଆଉ ଅଭିଜ୍ଞତା ଢେର ବେଶୀ।

ଅଜୟ ବାବୁ ଆମ ଭିତରେ ଟିକିଏ ବୟସ୍କ ମଣିଷ ଆଉ ଟିକିଏ କବି ପ୍ରାଣ। ସେ ଏତେବେଳ ଯାଏ ଶୁଣୁଥିଲେ କିନ୍ତୁ କେତେ କ୍ଷଣକେ? ସଉପନ୍ତମାନଙ୍କ ଭାଷଣ ଦେଲା ଭଳିଆ ସେ କହି ଉଠିଲେ "ଅରେ ପିଲାଏ, ତମେ ଏଇ ସବୁ କଥାକୁ ପ୍ରେମ ପ୍ରେମ ବୋଲି କହୁଛ କିନ୍ତୁ ପ୍ରକୃତରେ ଏ ସବୁ ପ୍ରେମ ନୁହେଁ—ଏ ସବୁ କେବଳ ଯୌବନର ଚପଳତା। ପ୍ରକୃତ ଖାଣ୍ଟି ପ୍ରେମ ଏମିତିକା ନୁହେଁ। ଖାଣ୍ଟି ପ୍ରେମରେ ମଣିଷ ଏତେ ଲୋକଙ୍କୁ ଭଲ ପାଇ ପାରିବନି। ସେ କେବଳ ଜଣକୁଇ ଭଲ ପାଇବ।"

ମୁଁ ମନେ ମନେ ଭାବିଲି, ସତରେ ତ ଗଳ୍ପ, ଉପନ୍ୟାସ କାବ୍ୟ କବିତାରେ ତ ଏଇ କଥା ଲେଖା ହୋଇଛି। ଜଣକୁଇ ଭଲ ପାଇବା ବାସ୍ତବିକ ଖାଣ୍ଟି ପ୍ରେମ। ବୀରୁ ଆଉ ଗୌରୀଙ୍କ ପ୍ରେମ ନିହାତି ବାଜେ।

ଅଜୟ ବାବୁ କହିଲେ, "ଖାଣ୍ଟି ପ୍ରେମରେ ଥାଏ ହୃଦୟ ହୃଦୟର ସମ୍ବନ୍ଧ ଜଣକୁ ଚାହିଁଲେ ଆଉ ଜଣକୁ କାହିଁକି—ତା ନା ଆଦର୍ଶ ପ୍ରେମ!"

ଏମିତିଆ ପ୍ରେମକଥା ଶୁଣିବାକୁ ଆମର ଲୋଭ ନ ହବ କମିତି? ଆମର ବିଶେଷ ଅନୁରୋଧରେ ଅଜୟବାବୁ ତାଙ୍କର ଆପଣା ପ୍ରେମ କଥାଟି କହିଲେ।

ସେ କହିଲେ, "ମୋର କଲେଜରେ ପଢ଼ିଲା ବେଳର କଥା। ହଷ୍ଟେଲରେ ରହୁଥିଲି। ମନଟା ଟିକିଏ ଭ୍ରମର ଭଳି ଚୋବାଳିଆ ଥିଲା। ଝିଅଙ୍କ ଆଡ଼କୁ ଅନେଇବାରେ ସେତେବେଳେ ଟିକିଏ ବେଶି ଆନନ୍ଦ ଲାଗୁଥିଲା ଆଜକାଲିର ତୁଳନାରେ। ରୋଜ କଲେଜ ଛୁଟି ପରେ ଷ୍ଟେସନ ଆଡ଼େ ଗୋଟାଏ ଘେରା ମାରିବା ଅଭ୍ୟାସ ହୋଇ ପଡ଼ିଥିଲା। ଲେଡ଼ିଜ କଂପାର୍ଟମେଣ୍ଟ ଆଡ଼େ ଆଉ ଷ୍ଟେସନରେ ଗଲା ଆସିଲା ଝିଅଙ୍କ ଆଡ଼େ ଟିକିଏ ଆଖି ନ ମାରିଲେ ଚଳୁ ନ ଥିଲା। ହଠାତ ଦେଖିଲି ପ୍ଲାଟଫର୍ମର ଗୋଟାଏ କଡ଼ରେ ଗୋଟିଏ ଲାଂପପୋଷ୍ଟ ପାଖରେ ଗୋଟିଏ ଯୁବତୀ ଠିଆ ହୋଇଛି।"



("ମୁଁ ତା ଆଡ଼େ ନଇଁ ନଇଁ ଅନଉଥିଲି ଅଭଦ୍ର ଭଳିଆ।")

"କଣ ଖୁବ୍ ସୁନ୍ଦରୀ?" ଆମେ ପଚାରିଲୁ।

ଅଜୟବାବୁ କହିଲେ—କେବଳ ସୁନ୍ଦରୀ ନୁହେଁ ଖୁବ୍ ଆଧୁନିକ ଆଉ ଖୁବ୍ ଶିକ୍ଷିତା ପରି ଜଣା ପଡ଼ୁଥିଲା। ତା ମୁହଁର ଭାବରେ ଗାମ୍ଭୀର୍ଯ୍ୟ ଥିଲା କିନ୍ତୁ ଗର୍ବ ନ ଥିଲା। ତାକୁ ଦେଖି ମୋ ମନରେ କେମିତି ଗୋଟାଏ ଭାବ ଆସିଲା ଯେମିତି ଏତେ ମୁଁ ତାକୁ ଅନେକ ଦିନରୁ ଜାଣେ—ସେ ମୋର ଖୁବ୍ ପରିଚିତା, କିନ୍ତୁ ବାସ୍ତବରେ ମୁଁ ତାକୁ ସେଇ ପ୍ରଥମ ଦେଖିଲି। ତା ଆଡ଼ୁ ଆଖି ଫେରାଇ ନେବା ଇଚ୍ଛା ହେଉ ନଥିଲା। ମୁଁ ତା ପାଖକୁ କେଇହାତ ଦୂରରେ ଠି ହୋଇ ତାର ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ବେଶ ନଇଁ ନଇଁ ଅନଉଥିଲି। ଷ୍ଟେସନରେ ଏତେ ଲୋକ ଯିବା ଆସିବା କରୁଛ ଆଉ ଏମିତି ଜାଗାରେ ଗୋଟାଏ ଝିଅକୁ ଅନେଇ ରହିବାଟା ଯା ଭଳି ଶିକ୍ଷିତ ଲୋକଙ୍କ ପାଇଁ କେତେଦୂର ଅସୁନ୍ଦର କଥା ଆଉ କେତେ ଦୂର ଅଭଦ୍ରତା।

Digitized by srujanika@gmail.com

ସେ କଥା ମୁଁ ଭୁଲି ଯାଇଥିଲି ଏକବାରେ । ଅନେଇବା ପାଇଁ ମତେ ଖୁବ୍ ମୁଗ୍ଧ ଲାଗୁଥିଲା । ମୁଁ ତାର ଆଖିଆଡ଼େ ଅନାଉଥିଲି, ତାର ଓଠଆଡ଼େ ଅନାଉଥିଲି, ତାର କଳା କଳା ବାଳ ଆଡ଼େ ଅନାଉଥିଲି । ଦୁଇଟି ବେଣୀ କରି ସେ କାନ ପାଖ ଦେଇ ଛାତି ଉପରକୁ ଝୁଲାଇ ଦେଇଥିଲା । ସେ କେମିତି ଶାଢ଼ୀ ପିନ୍ଧିଥିଲା କେଉଁ ରଙ୍ଗର ବ୍ଲାଉଜ ପିନ୍ଧିଥିଲା ମୋର ମନେ ଅଛି ।

ଆମେ ପଚାରିଲୁ—"କଣ ହେଲା ସେଥିରୁ ?"

ଅଜୟ ବାବୁ କହିଲେ— ହଠାତ୍ ଯୁବତୀଟି ମୋ ଆଡ଼େ ଦୃଷ୍ଟି ପକାଇଲା ।

ଆମେ କହିଲୁ—"ତାହେଲେ ଆପଣ ଦୁହିଁଙ୍କି ଦୁହେଁ ଅନେଇଲେ ଆଉ ଚାରି ଚକ୍ଷୁର ମିଳନ ହୋଇଗଲା ।"

ଅଜୟ ବାବୁ କହିଲେ—ହଁ, ଆଖିର ମିଳନ ସଙ୍ଗେ ସଙ୍ଗେ ମୋ ଦେହ ଭିତରେ ଗୋଟାଏ ଇଲେକ୍ଟ୍ରିକ ପ୍ରବାହ ଖେଳିଗଲା— ମୁଁ ପ୍ରେମରେ ପଡ଼ିଗଲି ।

"ତା ପରେ ଚିହ୍ନାହେଲା କେମିତି ?"— ଆମେ ପଚାରିଲୁ ।

ଅଜୟ ବାବୁ କହିଲେ—"ପ୍ରଥମେ ତ ଜମା ଚିହ୍ନା ହେଲାନି । ଯୁବତୀଟି କିଏ ହୋଇଥାଇ ପାରେ ସେଇ ନେଇ ମୋ ମନରେ ଅନେକ ପ୍ରଶ୍ନ ଉଠିଲା । ସେ ନିଶ୍ଚୟ କୌଣସି ସମ୍ଭ୍ରାନ୍ତ ଘରର ଝିଅ ହୋଇଥିବ । ବଡ଼ ଲୋକର ଝିଅ—ବାପାର ନିଶ୍ଚୟ ଅଗାଧ ସମ୍ପତ୍ତି ଆଉ ଏଇ ହୋଇଥିବ ଏକମାତ୍ର କନ୍ୟା । ବାପା ହୁଏତ କାର୍ଯ୍ୟୋପଲକ୍ଷରେ ବିଦେଶ ଯାଇଛନ୍ତି—ଆଜି ଫେରିବେ । ତାଙ୍କୁ ପାଛୋଟି ନବାକୁ ଆସିଛି କିମ୍ବା ଅନ୍ୟ କେହି ବନ୍ଧୁ ଆସିବେ, ବାପା କହିଛନ୍ତି, ଷ୍ଟେସନକୁ ନେଇ ଆସି ଝିଅକୁ ପଠାଇ ଦେଇଛନ୍ତି । କେତେ କଣ ଭାବିଗଲି ମୁଁ । ଟ୍ରେନ ଆସିଲା, ଷ୍ଟେସନଟି ଖୁବ୍ ମୁଖରିତ ହୋଇ ଉଠିଲା । ଯୁବତୀଟିର କିନ୍ତୁ କେହି ପରିଚିତ ଲୋକ ଆସିଲେନି । ସେ ଫେରିଗଲା । ମୁଁ ହୋଟେଲ ଆସିଲି । ଚହାପାଣି ତ ଛାଡ଼, ଟେବୁଲ ପାଖରେ ବସିଲା ବେଳକୁ ତାର କଥା ମନେ ପଡ଼ିଲା । ତା ସହିତ ମୋର ଯଦି ଚିହ୍ନା ହୁଅନ୍ତା ଭଲ ହୁଅନ୍ତା । କେତେ ଖୁସି ହୁଅନ୍ତି । ତାକୁ କେନ୍ଦ୍ର କରି ମୁଁ କେତେ କଣ ଭାବି ନେଲି ମନେ ମନେ । ତାକୁ ଦେଖୁ ଦେଖୁ ମୋ ମନରେ ଏତେ ପ୍ରେମର ଜୁଆର କେମିତି ବହିଲା ମୁଁ ଜାଣେନି । ରାତିଯାକ ଅନିଦ୍ରା ହୋଇ ତାର କଥା ଭାବିଚି—ପାହାନ୍ତା ପହରକୁ ଶୋଇ ପଡ଼ିଥିଲି ହୁଏତ କିନ୍ତୁ ତାକୁଇ ଦେଖିଲି ସ୍ୱପ୍ନରେ । ତହିଁ ଆରଦିନ ଯାକ ତାର କଥା ଭାବିଚି । ଉଠିଲେ ବସିଲେ ତାର କଥା ମନେ ପଡ଼ୁଥିଲା । କଲେଜଛୁଟି ପରେ ଫେରି ଧାଇଁଲି ଷ୍ଟେସନକୁ ...ଧିବା ବୋଧହୁଏ ସେ ଆସିଥିବ ।

ମୁଁ କହିଲି, "କିନ୍ତୁ ସେ ଆସି ନ ଥିଲା ଆପଣ ବ୍ୟଥାଭରା ହୃଦୟରେ ଫେରି ଆସିଲେ ।"

ଅଜୟବାବୁ କହିଲେ, "ନା, ସେ ଆସିଥିଲା ଏବଂ ମୋ ଆଡ଼କୁ ଅନେଇଥିଲା ମଧ୍ୟ ।"

ଆମେ କହିଲୁ, "ଦେଖନ୍ତୁ ଅଜୟବାବୁ ଆପଣ ଏମିତି କଥାଟା ଲମ୍ବେଇଲେ ଚଳିବନି । ଜଲଦି ଜଲଦି କହି ପକାନ୍ତୁ କେମିତି ଚିହ୍ନା ହେଲା ?"

ଅଜୟବାବୁ କହିଲେ—"ଜଲଦି ଚିହ୍ନା ହୋଇଥିଲେ ସିନା ଜଲଦି କହି ପକାନ୍ତି । ଛମାସ ଯାକେ ଜମା ଚିହ୍ନା ହେଲନି ।"

"ଛମାସ !! ଛମାସ ପର୍ଯ୍ୟନ୍ତ ଆପଣ ନୀରବରେ ଭଲ ପାଉଥିଲେ ?" ଆମେ ଅଜୟବାବୁଙ୍କ ମୁହଁକୁ ଆଶ୍ଚର୍ଯ୍ୟ ଭାବେ ଅନେଇ ପଚାରିଲୁ ।

ଅଜୟବାବୁ କହିଲେ—"ହଁ ମୋର ଧୈର୍ଯ୍ୟ ଏତେ ବଢ଼ି ଯାଇଥିଲା, ମତେ ଲାଗୁଥିଲା ଯେପରି ମୁଁ ଯୁଗ ଯୁଗ ଧରି ତାକୁ ନୀରବରେ ଭଲ ପାଇ ପାରିବି । ଛମାସ ଯାକ ପ୍ରାୟ ଏକାଭଳି କଟିଚି । ସେ କେବେ କେବେ ଷ୍ଟେସନକୁ ଆସୁଥିଲା ଆଉ କେବେ କେବେ ଆସୁ ନ ଥିଲା । ତାର ବନ୍ଧୁ ବା ପରିଚିତ କେହି କେବେ ଆସୁ ନ ଥିଲେ । ସେ ଏକା ଆସୁଥିଲା ଏକା ଯାଉଥିଲା । ମୋରି ପରି ବୁଲି ଆସୁଥିବ ହୁଏତ । ସେ କାହା ସହିତ କଥା କହୁ ନ ଥିଲା— ପ୍ଲାଟଫର୍ମରେ ଏ ପାଖରୁ ସେପାଖ ଆରେ ଧୀରେ ବୁଲୁଥିଲା । କେତେବେଳେ ବହି ଦୋକାନରେ ଯାଇ ମାଗାଜିନ ଦେଖୁ ଓଲଟାଉଥିଲା କିମ୍ବା ଠିଆ ହୋଇ ଅନେଇ ରହୁଥିଲା ଆକାଶ ଆଡ଼େ ।

ମୁଁ ସବୁଦିନେ ତାର ଆସିବା ସମୟର ପ୍ରତୀକ୍ଷା କରୁଥିଲି ତାକୁ ଦେଖିବା ପାଇଁ ବ୍ୟଗ୍ର ହୋଇ ପଡ଼ୁଥିଲି । ତାକୁ ଯେତେ ଦେଖିଲେ ମୁଦ୍ଧା ମୋ ମନରେ ତୃପ୍ତି ଆସୁ ନ ଥିଲା । ସେ ନ ଆସିଲେ ମୁଁ ଭୀଷଣ ଚିନ୍ତିତ ହୋଇ ପଡ଼ୁଥିଲି କିପରି ତା ସହିତ କଥା ହେବ ସେଥିପାଇଁ ଉପାୟ ପାଞ୍ଚୁଥିଲି ଢେର, କିନ୍ତୁ ଗୋଟିଏ ଅପରିଚିତା ଯୁବତୀ ସହିତ କିପରି କଥା ଆରମ୍ଭ କରିବାକୁ ହେବ— ମୋତେ ଜମାରୁ ବାଟ ଦିଶୁ ନ ଥିଲା । ମତେ ଭୟ ଲାଗୁଥିଲା ସେ ଯଦି ଅପମାନିତା ମନେ କରିବ ମୋ ପ୍ରଶ୍ନରେ । ମତେ ଅଭଦ୍ର ଭାବିବ କିମ୍ବା କଡ଼ା କରି କିଛି କହି ଦେବ ।"

ଅଜୟବାବୁଙ୍କର ଏଇ ସବୁ କଥା କେତେ ସତ ମୁଁ ବୁଝି ପାରୁଥିଲି । ମୁଁ ଏତିକି ଜାଣିକରି ଖୁସି ହେଉଥିଲି ଯେ ଦୁନିଆରେ ମୁଁ ଏକା ଲାଜକୁଳା ନୁହେଁ ।

ଅଜୟବାବୁ କହିଲେ—"ପ୍ରକୃତ ପ୍ରେମଟା କଣ ନିଜେ ପ୍ରେମରେ ନ ପଡ଼ିଲେ ବୁଝି ହେବନି—କେମିତି ଗୋଟାଏ ନିଶା ଲାଗିଯାଏ ।

( ୧୫ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

## କବି ଓ ସଂପାଦକ

—ମଜାକବିତା—

ଲେଖକ:—ଶ୍ରୀ ରମେଶଚନ୍ଦ୍ର ମହାନ୍ତି ।

କବି ହେବାର ବାସନା ହେଲା, ଧରିଲି ଖାତା, କଲମ, କାଳି,
ଗୋଟିକ ପରେ ଗୋଟିଏ ଧାଡ଼ି ଲେଖି ତା ଦସ୍ତେ ପଠାଏଁ ଡାକ ।
ପସନ୍ଦ ହବ ନୋହିଲ କାହୁଁ, ଅପଣା! ମନ ଟୁଙ୍କିଲ ପଣ,
ଯୁଗଟେ ଗଲା ତେବେକ ଶିରେ କବିର ଛାପା ନୋହିଲ ମଣ ।
ଜ୍ୟୋଛନା ଶୋଭା, ତରୁଣୀ ତନୁ, କୋଇଲି ଗୀତ, ସାଗର ଢେଉ,
ପାଇଲି ଦଗା ସବୁଥିରେକ ସାଧନା ସବୁ ଗଲଟି ଫାଉ !

× + + ×

ଉପାୟ ପାଞ୍ଚି ପାହିଲି ଫନ୍ଦ ରଜତ ଚକ୍ର ଯୋଗାଡ଼ କରି,
ସାହିତ୍ୟ ପତ୍ର କଲି ପ୍ରକାଶ ସମ୍ପାଦକର ‘ଷ୍ଟିଅରିଂ’ ଧରି ।
ନହକା ଦସ୍ତେ ପାଇଲି ଫେଲ ଦ୍ରବୀଣଡାର ଆସନେ ବସି,
ମନ ମାଫିକେ ହଜମ କଲି ‘ସମାଲୋଚନା-ଗୃହ’ର କଷି ।
ଅଳପ ଧନେ ଢଉଲା ନାଆଁ ମଣିଷ ବୋଲି ହେଲି ମୁଁ ଗଣା,
ଅଳପ ବାଟ ନ ଯାଉଁ କିନ୍ତୁ ଅକୁଳ ମୋର ହେଲଟି ଦେଣା !
କରଜ ମାସା ବଢ଼ି ଚୁଲିଲା, ଗୁଡ଼ା ଠକାର ସାଥାତ ନାହିଁ,
ଶହେ ଜଣରେ ଧାଅ ଗରାଖ ପାଞ୍ଚୋଟି ହେଲେ ମିଳିଲେ କାହିଁ ?
ଛାପାଖାନାର ‘ବିଲ୍’ଟା ପାଇ ‘ନାସ୍ତା ନାଶ’ ଗଲା ଉଭାଇ,
ଛୋଟ କଥା—କିଷପ ଟାଣା, ଅଖିରୁ ଲୁହ ପଡ଼ିଲା ବହି ।
ଧାର କରଜ ଛୁଟିବା ପାଇଁ କାଣି କଉଡ଼ି ହାତରେ ନାହିଁ,
ଶେଷେ କସ—ଘର ଦୁଆର ବିକ ଭାଙ୍ଗି ଯା ପାଇଲି ଶାହି !

+ × +

ଧନ୍ୟ ଓଡ଼ିଶା, ଯେଉଁ ମାଟିରେ ମୋହରି ଭଳି ମହା ପୁରୁଷ,
ଉପାସ ଭୋକେ ଆୟୁଷ ସାରେ, ତେଣୁ ତା'ର ହୁଅଇ ନାଶ !

—*—

Digitized by srujanika@gmail.com

# ୧ ଜାଣିଆ ଅଜଣା ଗଳ୍ପ ଗଳ୍ପ..........

ସଂଗ୍ରାହକ— ଶ୍ରୀମାନ—

ଜଣେ ସୈନିକ ଷ୍ଟେସନରେ ପହଞ୍ଚିଲା ବେଳକୁ ଗାଡ଼ି ଚାଲି ଯାଇଥିଲା । ସେ ଷ୍ଟେସନ ମାଷ୍ଟରଙ୍କୁ ଟିକେଟ ମାଗି କହିଲେ "ବଡ ଆଶ୍ଚର୍ଯ୍ୟର କଥା ଯେ ଆଜି ଗାଡ଼ି ଠିକ୍ ସମୟରେ ଆସି ପହଞ୍ଚିଛି" ଷ୍ଟେସନ ମାଷ୍ଟର କହିଲେ "ଏତ ଆଜିକା ଗାଡ଼ି ନୁହେଁ କାଲିକା ଗାଡ଼ି ।"

ସୈନିକ—ତାହାହେଲେ ମୋର ତ ଏ ଗାଡ଼ିର ଟିକେଟ ଦରକାର ନାହିଁ । ମୁଁ ତ ଆଜି ଯିବା ପାଇଁ ହୁକୁମ ପାଇଛି !

\+ × +

ଦୁଇଜଣ ଡକାଏତଙ୍କର ଅନେକ ଦିନ ପରେ ଦେଖା ହେଲା । ଜଣେ ପଚାରିଲା "ହେ, ଶାମାର କଣ ହେଲା ?" ଅନ୍ୟ ଜଣକ କହିଲା "ବିଚରାକୁ ଫାସି ହୁକୁମ ହୋଇଥିଲା କିନ୍ତୁ ରକ୍ଷା ପାଇ ଗଲା ।"

'କିମିତି'

"ତା ଆଗରୁ ସେ ଜେଲଖାନାରେ ମରିଗଲା ।"

× + ×

ଜଣେ ବିମାନ ଚାଳକ ଜଣେ ଯୁବତୀଙ୍କୁ ସଙ୍ଗରେ ନେଇ ଉତ୍ତର ଆଫ୍ରିକା ଉପରେ ଉଡ଼ି ଯାଉଥିଲା ବେଳେ ଯୁବତୀ କହିଲେ 'ତମେ ଯଦି ମୋତେ ଚୁମା ଦେବାକୁ ଚେଷ୍ଟା କରିବ ମୁଁ ବାପାଙ୍କୁ ଡାକି ପକାଇବି' ।

ବିମାନ ଚାଳକ—ତମ ବାପା କେଉଁଠି ?

ଯୁବତୀ—ସେ ବର୍ତ୍ତମାନ ଲିବିଆରେ ।

\+ × +

ଜଜ୍—ମୁଁ ଦୁଃଖିତ ଯେ ମୁଁ ତମପାଇଁ କିଛି କରି ପାରିଲି ନାହିଁ ।

ଆସାମୀ—ଆଜ୍ଞା କଣ କହୁଥାନ୍ତି କି, ଜମାତ ୧୦ ବର୍ଷ ଦେଇଛନ୍ତି ।

\+ × +

ସ୍ୱାମୀ—( ଘରେ ପହଞ୍ଚି ) ଯାହା କୁହ ପଛେ ଘର ଭଳିଆ ଜାଗା ଆଉ ଦୁନିଆଁରେ ନାହିଁ ।

ସ୍ତ୍ରୀ—କାହିଁକି ଆଜି କଣ କ୍ଲବ୍‌ରେ କିଛି ଗୋଳମାଳ ହୋଇଛି କି ?

× + ×

ମାଲିକ—( ତାଙ୍କ ଅଫିସକୁ ଯାଇ ) ଏ ତିନି ଜଣ ସୁନ୍ଦରୀଯୁବତୀ ଟାଇପିଷ୍ଟ ନେଇ କାମ କିମିତି କରୁଛନ୍ତି ?

ମାନେଜର—ମୁଁ ପରା ଦୁଇ ଜଣଙ୍କୁ ଦିନେ ଲେଖାଏଁ ଛୁଟି ଦିଏଁ ।

× + ×

ମଧ୍ୟ ପ୍ରାଚ୍ୟରେ ଥିବା ଜଣେ ଭାରତୀୟ ସୈନିକ ତାଙ୍କ ସ୍ତ୍ରୀଙ୍କ ଠାରୁ ଚିଠି ପାଇଲେ, ସେଥିରେ ଲେଖାଥିଲା "ଏଠାରେ ମଜୁରିଆ ମିଳୁ ନାହାନ୍ତି—ମିଳିଲେ ମଧ୍ୟ ବେଶୀ ମଜୁରି ଖୋଜୁଛନ୍ତି । ଆମ ବାଡ଼ି ଓ ବଗିଚା ସେମିତି ପଡ଼ିଆ ହେଉଛି ।"

ତାର ଉତ୍ତରରେ ସୈନିକଟି ଲେଖିଲେ "ବାଡ଼ି ତଡ଼େଇବ ନାହିଁ । ସେଠାରେ ସବୁ ଅନେକ ହାତ ହତିଆର ପୋତା ହୋଇଛି । ବାଡ଼ିରେ କଉଠି କଣ ଅଛି ତମେ ଜାଣ ନାହିଁ ।" ଏହି ଚିଠି ସେନ୍ସର ଯାଞ୍ଚ ଅଫିସ ( Censor Office ) ରେ ଖୋଲା ହୋଇ ପଢ଼ାଗଲା ଓ ପୁଲିସ ଯାଇ ସାଙ୍ଗେ ସାଙ୍ଗେ ଉକ୍ତ ସୈନିକର ବାଡ଼ି ଓ ବଗିଚା ଭଲ ଭାବରେ ଖୋଳି ତାଡ଼ି କିଛି ନ ପାଇ ଫେରି ଆସିଲେ । ଏହି ଘଟଣା ପରେ ସୈନିକଙ୍କର ସ୍ତ୍ରୀ ପୁଣି ଚିଠି ଲେଖିଲେ "ପୁଲିସ ଆସି ଆମ ବାଡ଼ି ଓ ବଗିଚା ସବୁ ତଡ଼େଇ ଦେଇ ଯାଇଛି" ତା ଉତ୍ତରରେ ସୈନିକ ଲେଖିଲେ "ବର୍ତ୍ତମାନ ବାଡ଼ିରେ ସବୁ ଫସଲ ଲଗାଇଦିଅ ।"

—※—

Digitized by srujanika@gmail.com

# କିସ ଖୁଣ୍ଟି ଦେଖା ନ ଯାଏ........

## ——ଅଜବ ଦୁନିଆ——

### ଟ୍ରାଉଟ ମାଛ

ଟ୍ରାଉଟ ନାମକ ଏକପ୍ରକାର ସାମୁଦ୍ରିକ ମତ୍ସ୍ୟର ଗତି ଖୁବ୍ ପ୍ରଖର । ଏମାନେ ଘଣ୍ଟାରେ ୩୦ ମାଇଲ ଗତି କରନ୍ତି ବୋଲି ଅନୁମାନ ।

× × ×

### ଚୀନାମାନଙ୍କର ଦିନ

ଚୀନର ଅଧମ ଅଧିବାସୀଙ୍କର ୧୬ ଘଣ୍ଟାରେ ଏକଦିନ ହୁଏ ।

\+ + +

### ମୂଷାମାନଙ୍କ ସଂଖ୍ୟା

ଗଣନା ଦ୍ୱାରା ପୃଥିବୀର ଅନୁମାନିକ ଲୋକ ସଂଖ୍ୟା ପ୍ରାୟ ୧୮୫ କୋଟି ପଚିଶ ଲକ୍ଷ । କିନ୍ତୁ ମୂଷାମାନଙ୍କର ସଂଖ୍ୟା ପ୍ରାୟ ହଜାରେ କୋଟି । କିନ୍ତୁ ଏହି ସଂଖ୍ୟା ତତ୍ତ୍ୱବିତ୍‌ମାନେ ବଡ଼ ବଡ଼ ମାନଙ୍କ ସଂଖ୍ୟା ଦେଇ ନାହାନ୍ତି ।

× + ×

### ବିଜ୍ଞାପନରେ ବ୍ୟୟ

ଇଂଲଣ୍ଡର ଶିଳ୍ପ କାରଖାନାର ମାଲିକମାନେ ସେମାନଙ୍କର ଉତ୍ପନ୍ନ ଦ୍ରବ୍ୟର ପ୍ରଚାର ପାଇଁ ସମ୍ବାଦପତ୍ର ଜରିଆରେ ଖରଚ କରନ୍ତି ବାର୍ଷିକ ପ୍ରାୟ ୭ କୋଟି ଟଙ୍କା ।

\+ + +

### କୁକୁରମାନଙ୍କ ଜାତକ

ନିଉୟର୍କ ସହରରେ ଜଣେ ଜ୍ୟୋତିଷ ଅର୍ଥ ଉପାର୍ଜନର ଏକ ଅଭିନବ ଉପାୟ ଉଦ୍ଭାବନ କରି ଅଛନ୍ତି । ସେ କୁକୁରମାନଙ୍କ ସକାଶେ ଜାତକ ତିଆର କରୁଛନ୍ତି, କୁକୁରମାନଙ୍କର ଜନ୍ମ ତାରିଖ ପଠାଇଲେ ସେ ଏକ ଡୋଲାର ନେଇ ଜାତକ ତିଆର କରି ଦିଅନ୍ତି ।

\+ × +

### ସବୁଠୁ ବଡ଼ ଫୁଲ


ସୁମାତ୍ରା ଦ୍ୱୀପରେ ସବୁଠୁ ବଡ଼ ଫୁଲ ଫୁଟେ । ତେଡ଼ ସାଇଜର ଫୁଲ ୮ ଫୁଟ ଉଚ୍ଚ ହୁଏ ।

× + ×

### ଗତିଶୀଳ ଚିକିତ୍ସାଳୟ

ମସ୍କୋ ସହରରେ ଗୋଟିଏ ଚଳନ୍ତି ଚିକିତ୍ସାଳୟ ଅଛି । ତାହା ୧୫୦ ବର୍ଷ ପୂର୍ବରୁ ତିଆରି । ଏହା ଏପରି ଭାବରେ ତିଆରି ଯେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ରେଲର ସାହାଯ୍ୟରେ ଘୁଞ୍ଚାଇ ନିଆ ଯାଏ । ଏହାକୁ ଘୁଞ୍ଚାଇଲା ବେଳେ ଏଥିରେ ୧୮୦ ଜଣ ରୋଗୀ ରହି ଥାଆନ୍ତି ।


## ପକେଟ୍ ପ୍ରେସ




ଘରେ ବସି ନିଜର ଅବଶ୍ୟକୀୟ—ଏଡ୍ରେସ, ଲେବୁଲ, ଚିଠି କାଗଜ ଓ ପ୍ରୋଗ୍ରାମ ପ୍ରଭୃତି ଛପାଇ ନିଅନ୍ତୁ । ପ୍ରତ୍ୟେକ ଘରେ ଏଥିରୁ ଗୋଟିଏ ରଖିବା ନିତାନ୍ତ ଦରକାର । ୨ ନମ୍ବର ଦାମ ଟ ୧୫ ୩ ନମ୍ବର ଦାମ ଟ ୨୫ । ଡାକଖର୍ଚ୍ଚ ପ୍ରତ୍ୟେକ ପାର୍ଶଲର ଟ ୦।୵୯ ପ୍ରତ୍ୟେକ ଅର୍ଡର ସାଙ୍ଗରେ ଗୋଟିଏ ଫଟୋଗ୍ରାଫର ବାଇସ୍କୋପ ବିନା ମୂଲ୍ୟରେ ଦିଆଯାଏ । ଇଂରାଜୀରେ ଅର୍ଡର ଦେବାକୁ ହେବ ।

CALCUTTA Clock Co. ( See 516 )
Post Box No. 12203, Calcutta.

# ଛାଞ୍ଚୁଣି ବନାମ କୋରଡ଼ା

ମାନ୍ୟବର 'ଡଗର' ସମ୍ପାଦକ ମହୋଦୟେଷୁ

ସମୀପେଷୁ—

ମହାଶୟ,

'ଡଗର'ରେ ଯେତେବେଳେ ଛାଞ୍ଚୁଣି କୋରଡ଼ା ପୃଷ୍ଠା ବାହାରୁଥିଲା ତହିଁରେ ମୋର ଗୋଟିଏ ମନ କଥା ଲେଖିବି ଲେଖିବି ବୋଲି ଭାବୁ ଭାବୁ ଛାଞ୍ଚୁଣି କୋରଡ଼ା ବନ୍ଦ ହୋଇଗଲା । ମୋ ମନ କଥା ମନେ ମନେ ରହିଗଲା କିନ୍ତୁ ସେ କଥାଟା ମୋ ମନ ଭିତରେ ଏତେ ଘାଣ୍ଟି ଚକଟି ହେଉଛି ଯେ ମୁଁ ତାହା ନ ଲେଖି ରହି ପାରୁନାହିଁ । ଆପଣ ଦୟା କରି ଯଦି ପ୍ରକାଶ କରନ୍ତି ତେବେ ବଡ଼ ଉପକୃତା ହେବି ।

ମୁଁ ଜଣେ ବର୍ଷୀୟସୀ ଭଦ୍ରମହିଳା । ମୋର ସ୍ୱାମୀ ଦେଶର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି । ଆମ୍ଭ ଦୁହିଙ୍କ ଭିତରେ ପ୍ରେମ କହନ୍ତୁ ସ୍ନେହ କହନ୍ତୁ, ସେ ଯୁଗ କଟି ଗଲଣି । ତଥାପି ଦୁହିଁଙ୍କ ସମ୍ବନ୍ଧରେ ମୂଳରୁ ଗୋଟାଏ କମ୍ପୃତ ଶିଷ୍ଟାଚାର ଅଛି ରହି ଯାଇଛି; ସେ ଅଡ଼ୁଆଟା ଏ ବୁଢ଼ା ବୟସରେ ତାଳପତ୍ର ମେଲି ଗୋଟାଏ ଦାରୁ ରୂପେ ଛିଡ଼ା ହେଲଣି ।

କଥାଟା ଖୋଲି କରି କହିଦିଏ । ମୋର ସ୍ୱାମୀ ଜଣେ ଆତ୍ମନିର୍ଭରଶୀଳ ଭାଗ୍ୟବାନ ବ୍ୟକ୍ତି ବୋଲି ଜଣା । ସେଥିପାଇଁ ତାଙ୍କର ଦମ୍ଭ ଅଛି ଅହଙ୍କାର ଅଛି ଅଉ ଗର୍ବ ବି ମଧ୍ୟ ଅଛି । ମୁଁ ଯେ ସେଥିପାଇଁ ଗର୍ବିତା ନୁହେଁ ତାହା କହୁନାହିଁ କାରଣ ମୁଁ ତାଙ୍କର ସ୍ତ୍ରୀ, ଅର୍ଦ୍ଧାଙ୍ଗିନୀ ଓ ସହଧର୍ମିଣୀ ମାତ୍ର ଦୁଃଖ ଉପଜେ ସେ ତାଙ୍କର ସ୍ୱୋପାର୍ଜିତ ପ୍ରଭୁତ୍ୱକୁ ଚଳାଇବେ ବୋଲି ଘର ଭିତରେ—ଯେଉଁଠି ମୋର ବା ଗୃହିଣୀର ନିର୍ବାଧ ରାଜତ୍ୱ—ସେଠି ଯେ ସେ ତାଙ୍କର ପ୍ରଭୁତ୍ୱ ଚଳାନ୍ତି ଓ ନିରଙ୍କୁଶ କ୍ଷମତା ବ୍ୟବହାର କରିବାକୁ ଚାହାନ୍ତି ମୁଁ ସେତକ ସହ୍ୟ କରି ପାରେନାହିଁ । ମନ ମୋର ବିଦ୍ରୋହୀ ହୋଇ ଉଠେ—ଉକ୍ତ ହୋଇ ଉଠେ । ମନେ ହୁଏ ସେ ତାଙ୍କ କ୍ଷମତାର ଅପବ୍ୟବହାର କରୁଛନ୍ତି, ଅନଧିକାର ଚର୍ଚ୍ଚା କରୁଛନ୍ତି ମୁଁ ତା'ର ପ୍ରତିବାଦ କରିବାକୁ ବସେ—ଅବଶ୍ୟ ମନେ ମନେ । ସେ ତାହା ବୁଝି ପାରନ୍ତି କି ନାହିଁ ମୁଁ ଜାଣେନା—ଅବଶ୍ୟ ଅହଂକାର ନ ହେଉ ଅଭିମାନ । ମନେହୁଏ ସେ ଯେପରି ଜାଣି ଶୁଣି ମୋର ନ୍ୟାଯ୍ୟ ଅଧିକାରରୁ ମୋତେ ବଞ୍ଚିତ କରୁଛନ୍ତି । ମୋର ନାରୀତ୍ୱର, ପତ୍ନୀତ୍ୱର, ଗୃହିଣୀତ୍ୱର କ୍ଷମତାରୁ ମୋତେ ତଡ଼ିବାକୁ ବସିଛନ୍ତି । ସାମାନ୍ୟ ଦାସୀ ପରି ଅନୁଗ୍ରହାକାଙ୍କ୍ଷିଣୀ, ପୋଷିଲି ପରି ଆଶ୍ରୟହୀନା, ଭିକାରିଣୀ ପରି ବ୍ୟବହାର କରୁଛନ୍ତି ! ଯେଉଁ ଦାସୀ ନିଜର ମର୍ଯ୍ୟାଦା ବୁଝିଛି, ଯେଉଁ ନାରୀ ପିଲାଦିନରୁ ଅଭିଜାତ ବାତାବରଣରେ ବଢ଼ି ଆସିଛି, ଯେଉଁ ନାରୀ ଅଧିନାୟକ ଭାବ ଧାରୀର ସଂସ୍ପର୍ଶରେ ଆସିଛି ତାକୁ ଏପରି ଭାବରେ ଦଳିତ ଲାଞ୍ଛିତ କରିବାରେ ତାଙ୍କର ପ୍ରଭୁତ୍ୱର ଗୌରବ ଅଛି କି ? ସେ ପ୍ରଭୁ ହୋଇ ପାରନ୍ତି କିନ୍ତୁ ବାହାରେ ମାତ୍ର; ଘର ଭିତରେ ମଧ୍ୟ ପ୍ରଭୁ ହେବାକୁ ଦାବି କରନ୍ତି ମୋର

(ପରପୃଷ୍ଠା ୨ୟସ୍ତମ୍ଭ ଦେଖନ୍ତୁ)

Digitized by srujanika@gmail.com

( ମଜାକଥା ୧୦ପୃଷ୍ଠା ଉତ୍ତାରୁ )

ଦିନରେ ରାତିରେ ବସିଲେ ଉଠିଲେ ସେଇ ଏକମାତ୍ର ଚିନ୍ତା । ଏତେଦିନ ଭିତରେ ସେ ଯୁବତୀଟି ମତେ ଅବଶ୍ୟ ଚିହ୍ନି ନେଇ ଥିଲା । ବେଶ ସହଜ ମୁହୂର୍ତ୍ତରେ ମୋ ଆଡ଼କୁ ଅନାଉଥିଲା ବି ଅନେକ ସମୟରେ—ତାର ଚାହାଣୀ, ତାର ଦରହସ ମୁହଁ, ତାର ଚାଲିବାର ଭଙ୍ଗୀ—ବାସ୍ତବିକ ମୁଁ ତାପାଇଁ ପାଗଳ ହୋଇଗଲି—ମୁଁ ଆଉ ପାରିଲିନି- ଛମାସ ତେର ବେଶି ହୋଇ ଯାଇଥିଲା । ମୁଁ ଆଉ ନିଜକୁ ସମ୍ଭାଳି ପାରିଲିନି ।"

ଆମେ ପଚାରିଲୁ—"ଅସମ୍ଭାଳ ହୋଇ ଆପଣ କଣ କଲେ ? ତାକୁ ଯାଇ କୁଣ୍ଢେଇ ଧଇଲେ ନା ତା ଆଗରେ ଆପଣଙ୍କର ପ୍ରେମ କଥାଟା କହି ପକେଇଲେ ?"

ଅଜୟବାବୁ କହିଲେ—"ନା ତା କରିନି । ସେ କିଏ ମୁଁ ଏତେ-ଦିନ ଯାଏ ଜାଣିବାକୁ ଚେଷ୍ଟା କରି ନ ଥିଲି । ଏଥର ଚେଷ୍ଟା କଲି । ଯଦିବା ଅନ୍ୟ କୌଣସି ଉପାୟରେ ତା ସହିତ ବନ୍ଧୁତା କରାଯାଇ ପାରେ । ମୁଁ ଦିନେ ତାର ପିଛା ଧଇଲି । ଷ୍ଟେସନରୁ ଫେରି ସେ ଗୋଟାଏ ଘୋଡ଼ାଗାଡ଼ି କରି ବଡ଼ରାସ୍ତା ସାନରାସ୍ତା ବହୁତ ବୁଲି ଯାଇ ଗୋଟାଏ ଛୋଟ ଗଳି ଭିତରକୁ ପଶିଗଲା । ମୁଁ ତାର ପଛେ ପଛେ ସାଇକେଲରେ ଆସୁଥିଲି । ଅନ୍ଧାରରେ ସେ ମୋତେ ଲକ୍ଷ୍ୟ କରିନି । ସେ ଗୋଟାଏ ବଡ଼ କୋଠା ପାଖରେ ଓହ୍ଲାଇଲା ଆଉ ଘର ଭିତରକୁ ପଶିଗଲା । ବାଟରେ ଲୋକ ଯିବାଆସିବା କରୁଥିଲେ । ମୁଁ ସେ ରାତିରେ କେବଳ ଘର ଚିହ୍ନଟ କରି ଫେରି ଆସିଲି ।"

ତହିଁ ଆରଦିନ କଲେଜ ଛୁଟି ପରେ ମୁଁ ସେଇ ଜାଗାରେ ପହଞ୍ଚିଲି । ସାମନାରେ ଗୋଟାଏ ପାନ ଦୋକାନଠାରୁ ପାନ କିଣୁ କିଣୁ ତାକୁ ପଚାରିଲି, "ଏ ସାମନା କୋଠାଟାରେ କଉଁ ବାବୁ ରହନ୍ତି କି ?"

ପାନବାଲା କହିଲା, "ବାବୁ, ଆପଣ ଏଠିକି ନୂଆ ଆସିଛନ୍ତି କି ? ଏଠି ବାବୁ ତ କେହି ରହନ୍ତିନି—ଏଟା ପରା ବାଇ ସାହି ।"

ପାନବାଲା କଥାରେ ମୋର ଟିକିଏ ଅବିଶ୍ୱାସ ହେଲା—ଏପରି ଜଣେ ଅଧୁନିକ ରୁଚି ସଂପନ୍ନା ଝିଅଟିଏ କେବେ ବେଶ୍ୟା ହୋଇ ପାରେ ?.

ସେଦିନ ସନ୍ଧ୍ୟା ବେଳକୁ ଯାଇ ସେ ଯୁବତୀଟିର ଅତିଥି ହେଲି— କିନ୍ତୁ ଅର୍ଥ ବିନିମୟରେ । ଏଇପରି ଅନେକଥର ଯାଇଛି ଓ ତାଠୁ କଣା ପ୍ରେମବି ମଧ୍ୟ ପାଇଛି କିନ୍ତୁ ହେଲେ ବ'ଣ ହେବ ସେଟା ଖାଣ୍ଟି

( ଝୁଅଁଣି × ବୋଝଡ଼ା ପୂର୍ବପୃଷ୍ଠା ଉତ୍ତାରୁ )

ହୃଦୟକୁ ପିଷ୍ଟି ଦେଉ, ଚୂର୍ଣ୍ଣ କରୁ, ଦଳିତ କରୁ । ଏହିପରି ଦେଉଁ ଦେଉଁ ଆମ୍ଭେ ଦୁହିଙ୍କ ଭିତରେ ଶୂନ୍ୟତା କ୍ରମେ ପ୍ରସାରିତ ହୋଇ ଉଠୁଛି । ବର୍ତ୍ତମାନ ଏପରି ଅବସ୍ଥାରେ ପହଞ୍ଚିଲିଣି ଯେ ଗାର୍ହସ୍ଥ୍ୟ ବିଷୟରେ ମଧ୍ୟ କେହି କାହାରି ପରାମର୍ଶ ନେଉ ନାହାନ୍ତି ; କେହି କାହାରି ସେବା ବା ସହାୟତା ଖୋଜୁ ନାହାନ୍ତି । ମୁଁ ମନେ କରୁଛି ମୁଁ ଗୋଟାଏ ତାଙ୍କ ସଂସାରର ଅଲୋଡ଼ା ସାମଗ୍ରୀ ହୋଇ ପଡ଼ିଲିଣି । ସେ ମଧ୍ୟ ମୋ ପକ୍ଷରେ ଅଲୋଡ଼ା ହୋଇ ଉଠିଲେଣି । ସଂସାରର ସୁଖ ଶାନ୍ତି ନଷ୍ଟ ହୋଇ ଗଲାଣି । ଏଥିରେ ମୋର ଦୋଷ କେଉଁଠି ମୁଁ ତାହା ଖୋଜି ପାଉନାହିଁ । ସବୁବେଳେ କବିବରଙ୍କର ଗୋଟାଏ ପଦ ମନେ ପଡ଼ୁଛି—

"ହେବାକୁ ଶିଖିନାହିଁ ପରମନ,
ସେ କି କେବେ ପ୍ରଭୁ ପଣିକୁ ଭଜନ ।"

ଏ ବିଷୟରେ ଆପଣ ବା ଅନ୍ୟ କେହି ଯଦି ସୁପରାମର୍ଶ ଦେଇ ପାରନ୍ତି ତେବେ ମୋର ତ ଦିନକାଳ ସରିଲାଣି କାହାର ହେଲେ କିଛି ଉପକାର ହୋଇପାରେ ବୋଲି ମୋର ଆଶା । ଇତି ।

ଆପଣଙ୍କର ଜଣେ
"ହତଭାଗିନୀ ତରୁଣୀ"

ଏ ସମ୍ବନ୍ଧରେ ସୁରୁଖା ପାଠକମାନଙ୍କର ମତାମତ ଆମନ୍ତ୍ରଣ କରୁଅଛୁଁ ।

ସଂପାଦକ "ଡଗର"

---

ପ୍ରେମ । ଯେ କେବେ ସମ୍ଭବ ମୁଁ ତା ସାଙ୍ଗରେ କଟାଏ ସେ ମୋତେ ମନପ୍ରାଣ ଦେଇ ଭଲ ପାଏ ଆଉ ମୁଁ ମଧ୍ୟ ତାକୁ । ପ୍ରକୃତିକିବା ଟୋକାଙ୍କ ଭଳିଆ ମରୀଚିକା କୁଳଚେଷ୍ଟ ନୁହେଁ ।

ଆମେ ସମସ୍ତେ ହସି ଉଠିଲୁ । ଗୌର ଟା ଟେଲ—କହି ପକେଇଲି ଏଟା "ନିସ୍‌ଡାଇରେକ୍ଟେଡ୍ ପ୍ରେମ" ମୁଁ କହିଲି "ନା ଏଟା ଅଜୟ ବାବୁଙ୍କ ପ୍ରେମ ।"

——*——

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି........

## ମହାତ୍ମା ଡଷ୍ଟଭସ୍କି

ହେନ୍ତୁହର
ନାଗ ଭାଇ ଭଉଣୀମାନେ,

ପ୍ରଣାମ । ଆଜିକୁ ୧୨୦ ବର୍ଷ ତଳର କଥା । ରୁଷ ରାଜଧାନୀ ମସ୍କୋ ନଗରରେ ଏକ ଡାକ୍ତରଖାନାରେ ଡଷ୍ଟଭସ୍କି ଜନ୍ମ ଗ୍ରହଣ କରିଥିଲେ । ଯେତେବେଳେ ରୁଷ ରାଜ୍ୟ ରାଜତନ୍ତ୍ରର ପ୍ରବଳ ତାଡ଼ନାରେ ନିଷ୍ପେଷିତ ହେଉଥିଲା, ରୁଷ କୃଷକ କୁଳର କରୁଣ ଚିତ୍କାରରେ ଗଗନ ପବନ କମ୍ପିତ ହେଉଥିଲା, ସେହି ସମୟରେ ଡଷ୍ଟଭସ୍କିଙ୍କର ଆବିର୍ଭାବ । ସେହି ଯୁଗରେ—ରୁଷର ନିଷ୍ପେଷିତ ଅବୃଳ ପ୍ରାଣରେ ଆଶାର କ୍ଷୀଣ ରେଖା ଫୁଟାଇବାକୁ ଯାଇ, କେତେ କବି—କେତେ ଲେଖକ ଜୀବନର ଅବେଳାରେ ହସି ହସି ମୃତ୍ୟୁକୁ ଆଲିଙ୍ଗନ କରିଛନ୍ତି । ସୌଭାଗ୍ୟର ରେଖା ଉପରେ ଆପଣା ହସ୍ତରେ ଅନ୍ତର କାଳିମା ବୋଳି ଦେଇଛନ୍ତି ।

ଡଷ୍ଟଭସ୍କିଙ୍କର ପ୍ରତିଭା ଥିଲା—ଧୈର୍ଯ୍ୟ ଆଉ ସାହସ ଥିଲା ଅସୀମ । ବନ୍ଦୀ ଜୀବନର ନିର୍ଯ୍ୟାତନା—ମୃତ୍ୟୁର ସମ୍ମୁଖୀନ ଧମକ—ଦାରିଦ୍ର୍ୟତାର ନିର୍ମମ ଆଘାତ ଭିତରେ ସେ ତାଙ୍କର ଆତ୍ମଶକ୍ତି ହରାଇ ନଥିଲେ ।

୧୮୪୪ ଖ୍ରୀଷ୍ଟାବ୍ଦ—ବା ତାଙ୍କ ଜୀବନର ୨୩ ବର୍ଷରେ ତାଙ୍କୁ ଥରେ ଗୁଳିର ମୁହାଁମୁହିଁ ହେବାକୁ ହୋଇଥିଲା ବା ତାଙ୍କୁ ଗୁଳି କରି ମାରିବାକୁ ଆଦେଶ ହୋଇଥିଲା । କ୍ଷମା ଦ୍ୱାରା ଛାଡ଼ ପାଇବାକୁ ଦିଆଯାଇଥିଲେ ମଧ୍ୟ, ସେ କ୍ଷମା ନ ମାଗି ନିର୍ଭୟରେ ପ୍ରଭୁ ଯିଶୁଙ୍କ କ୍ରୁଶକୁ ଚୁମ୍ବନ ଦେଇଥିଲେ । କିନ୍ତୁ ପରେ ତାଙ୍କର ପ୍ରାଣଦଣ୍ଡ ଆଠବର୍ଷ ସଶ୍ରମ ବନ୍ଦୀ ଜୀବନରେ ପରିଣତ ହେଲା ।

## ନାଗବନ୍ଧୁ

**ଉଦ୍ଦେଶ୍ୟ—**

(୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

୧ । ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଦେହମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଡଗରର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

୧୮୪୪ ଖ୍ରୀଷ୍ଟାବ୍ଦରେ ସେ "Poor Folk" ବହି ଲେଖିଥିଲେ । ସେ ଅନେକ ବହି ଲେଖି ଯାଇଛନ୍ତି । ସବୁ ତାଙ୍କର ଉପନ୍ୟାସ । ତାଙ୍କ ଉପନ୍ୟାସରେ ଝରି ପଡ଼ୁଛି ଆଖିଭର ଅଶ୍ରୁ, ଦୁଃଖ, ବେଦନାର କରୁଣ ମର୍ମସ୍ପର୍ଶୀ ଚିତ୍ର ।

ସେ ଜଣେ ଡାକ୍ତରର ପୁତ୍ର ଥିଲେ ମଧ୍ୟ ଦାରିଦ୍ର୍ୟତାର ନିର୍ମମ ଆଘାତ ତାଙ୍କୁ ବରାବର ସହିବାକୁ ପଡ଼ିଛି । ସାହିତ୍ୟିକ ହିସାବରେ ଦେଶରେ ତାଙ୍କର ଅତ୍ୟନ୍ତ ଖ୍ୟାତି ଥିଲା । କିନ୍ତୁ ବାଣୀଦେବୀଙ୍କର ପ୍ରିୟପୁତ୍ର ଡଷ୍ଟଭସ୍କିଙ୍କୁ ଦିନେ ପେଟ ପାଇଁ ନିଜର ପିନ୍ଧିବା କୋଟ୍ ଆଉ କମିଜ୍ ଅଗତ୍ୟା ବିକିବାକୁ ହୋଇଥିଲା ।

୧୮୮୧ ଖ୍ରୀଷ୍ଟାବ୍ଦରେ ସେ "ମର-ସଂସାର"ରୁ ବିଦାୟ ନେଲେ । ଏହି ସ୍ୱର୍ଗତଃ ଅମର ମନୀଷିଙ୍କର ଶୁଭ ଆଶୀର୍ବାଦରେ ଆମର କ୍ଷୁଦ୍ର ଜୀବନଟିମାନ ହସିଉଠୁ ।

ତୁମମାନଙ୍କର
ଭୂମାଈ ଶୈଳବାଳା

---

## —ଭିକ୍ଷା—

କି ଭିକ୍ଷା ମାଗିବି ବିଭୁ ମାଗିବାକୁ ନାହିଁ କିଛି ବସ୍ତୁ,
ଜାଣେ ତୁମେ ଦେବ ନିଶ୍ଚେ ହେବନାହିଁ କେବେହେଁ ନିର୍ଦ୍ଦୟ
ରହିବାକୁ ଘର ସୁଖେ,
କିପରି ମାଗିବି ମୁଖେ ?
ମୋ ପରି କେତେ ଦୁଃଖୀ, ଦୁଃଖେ କାଟି ହୁଅନ୍ତି ଆତୁର,
କିନ୍ତୁ ସଦା ସୁଖ ପାଇଁ କାହିଁ ମୁଁ ଯେ ହେଉଛି ବ୍ୟାକୁଳ ?
ଅନ୍ନ ବସ୍ତ୍ର ଶଯ୍ୟା ଯାର ବକ୍ଷ ସଦା ବିଦାରଇ ବସି,
ସବଳର ଅତ୍ୟାଚାର ବୁକୁ ପାତି ସହେ ଯେହୁ ହସି ।

Digitized by srujanika@gmail.com

କହିବାକୁ ପଦେ କଥା,
ଯାହାର ନାହିଁ କ୍ଷମତା

ଦୁଃଖ ଯାର ସହଚର ସୁଖ ତାରେ ଦିଅ ଜନବନ୍ଧୁ
ହରି ନିଅ ଦୁଃଖ ଭରି ଉପବାସୀ ଦରିଦ୍ରର କନ୍ଧୁ
"ସୁଖ ପରେ ଦୁଃଖ ଆସେ ଦୁଃଖ ପରେ ଆସେ ପୁଣି ସୁଖ"
ସୁଖବେଳେ ସବୁ ଭଲ ଦୁଃଖ ବେଳେ କିପାଇଁ ବିମୁଖ ?

ନିଯୃତର ଠେକ ଏହୁ,
ଅନ୍ୟଥା କରିବ କେହୁ ?

ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ତ ପଥର ଭିଖାରୀ,
ଜାଣି ଶୁଣି ମାତ୍ର ଏହା ପାରୁନାହିଁ ଟରେ ମୁଁ ବରୁବ ।
ଲୋଡାନାହିଁ ସୁଖ ମୋର ଦୟାନିଧି ! ତବ ପଦେ ସ୍ଥାନ,
ଦିଅ ମୋତେ, ଜନ୍ମେ ଜନ୍ମେ କରୁଥାଏ ସେହି କୀର୍ତ୍ତି ଗାନ

ତବ ନାମ ମୁଖେ ଭଜି,
ଯିବ ଏ ସଂସାରୁ ହଜି;
ଏହି ଭିକ୍ଷା ଦିଅ ମୋତେ ଅନ୍ୟ କିଛି ଲୋଡ଼ା ନାହିଁ ହରି,
ଶୁଣ ବାରେ କଣ୍ଠ ଡେରି ଏତିକି ଯେ ମାଗୁଣି ମୋହର ।

ଶ୍ରୀ ବୀଣାକର ଦାଶ (୩୬୮ନଂ)

---

## ପ୍ରଶ୍ନ-ଉତ୍ତର

୭ମ ବର୍ଷର ୧ମ ସଂଖ୍ୟା 'ଉଗର'ରେ ଯେଉଁ ପ୍ରଶ୍ନ ଗୁଡ଼ିକ ବାହାରିଥିଲା ତାର ଉତ୍ତର ଶ୍ରୀମାନ ଭବାନୀ ପ୍ରସାଦ ଷଡ଼ଙ୍ଗୀ ୪୪୮ ନଂ ନାଗ ଦେଇଛନ୍ତି ।

୧ । ଚୀଇନିଜ (Chinese) ଭାଷାର ବର୍ଣ୍ଣର ନାମ ନାହିଁ ।

୨ । ଇଂଲଣ୍ଡରେ ବେଶୀ ବର୍ଷାତି କାଢ଼ ଅଛନ୍ତି ।

୩ । ମିଷ୍ଟର ଗ୍ରାହାମ ବେଲ (Mr. Graham Bell) ମାର୍କିନ ଅଧିବାସୀ । ସେ ପ୍ରଥମେ ଟେଲିଫୋନ ଅବିଷ୍କାର କରିଥିଲେ ।

୪ । ଯୁକ୍ତ ପ୍ରଦେଶ ଆମେରିକା (United States of America)ର ଜାହାଜର ପତାକାମାନଙ୍କରେ ତାରକା ଚିହ୍ନ ଅଛି ।

୫ । ସାର ଏଡମଣ୍ଡବର୍କ (Sir Edmund Burke) ଇଂଲଣ୍ଡର ସର୍ବଶ୍ରେଷ୍ଠ ବକ୍ତା ଥିଲେ ।

୬ । ଚେରାପୁଞ୍ଜିରେ ସବୁଠୁ ବେଶୀ ବର୍ଷା ହୁଏ ।

୭ । ବଙ୍ଗ ପ୍ରଦେଶରେ ବେଶୀ ପ୍ରାଇମେରୀ ସ୍କୁଲ ଅଛି ।

୮ । ଭାରତରେ ୰ ରବୀନ୍ଦ୍ରନାଥ ଠାକୁର ସାହିତ୍ୟରେ (Literature) ସର୍ବପ୍ରଥମେ ଓ ଡାକ୍ତର ଚନ୍ଦ୍ରଶେଖର ଭେଙ୍କଟ ରମଣ ବିଜ୍ଞାନରେ ନୋବେଲ ପ୍ରାଇଜ ପାଇଥିଲେ ।

---

## ନୂଆନାଗଙ୍କ ନାମ

୪୫୭ । ଶ୍ରୀ କଣ୍ଡୁରିଚରଣ ଦାସ (ଆଜୀବନ ସଭ୍ୟ) C/o ଶ୍ରୀ ଦିଗମ୍ବର ଦାସ, 101/1 Clive Stree, Calcutta । ୪୫୮ । ଶ୍ରୀ ରାଜେନ୍ଦ୍ରନାଥ ପରିଡ଼ା, ବାଲେଶ୍ୱର ଜିଲ୍ଲାସ୍କୁଲ, ୧୧ଶ ଶ୍ରେଣୀ; ପୋ: ବାଲେଶ୍ୱର ।

---

### ନାଗବଗ୍ର କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଆପଣଙ୍କର ନାଗବଗ୍ର ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ବାର୍ଷିକ ଚାନ୍ଦା ୮୦ / ଆଜୀବନ ଚାନ୍ଦା ୫୦୲ ର ଡାକ ଟିକଟ ପଠାଇଲି ।

ତୁମ ସ୍ନେହର ନାତି/ନାତୁଣୀ

ଶ୍ରୀ ____________________

ଠିକଣା ____________________

ତାରିଖ

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲି:

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀୟ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ

ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୭ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା

ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

**ସୁଦୃଢ଼ତାର ପରିଚୟ—**

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ତେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସବଳ ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
**ସେକ୍ରେଟେରୀ**

**ନରେନ୍ଦ୍ର ପ୍ରସାଦ ଦାସ**
**ଅର୍ଗାନାଇଜର**



Digitized by srujanika@gmail.com

୭ମ ବର୍ଷ
୩ୟ ସଂଖ୍ୟା

# Dagaro

Utkal's most popular Fortnightly
OF
*LIGHT, LEAD & LAUGHTER.*

ଆଷାଢ଼
ପ୍ରଥମାର୍ଦ୍ଧ




ସମ୍ପାଦକ

**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ବାର୍ଷିକ ତିନିଟଙ୍କା ଆଠଅଣା

ପ୍ରତିଖଣ୍ଡ ଦୁଇଅଣା

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚର୍ମ, ହସ୍ତପାଦଙ୍କ ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବନ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ଜଣେ ଜଣେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଟ ୮ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ଟ ୨ଙ୍କା ମାତ୍ର ଟ ୨ ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ
ବୈଦ୍ୟରାଜ:— **ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ
ଆଲମ୍‌ଚାନ୍ଦ ବଜାର, କଟକ ।

---

## ଡଗର ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷ ଠାରୁ 'ଡଗର' ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩୮ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଖଣ୍ଡିଏ ଡଗର ଦୁଇଅଣା ଦେଇ ପାଇ ପାରିବେ ।

୪ । ଡଗର, ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ" ଙ୍କ ଠାକୁ ପଠାଇବାକୁ ହେବ ।

---

ପରିଚାଳନା ସମ୍ପାଦକ— **ଶ୍ରୀ ବ୍ରଜମୋହନ ଦାସ ।**

Digitized by srujanika@gmail.com

୭ମ ବର୍ଷ
ତୃତୀୟ ସଂଖ୍ୟା
ଆଷାଢ଼ ପ୍ରଥମାର୍ଦ୍ଧ
ତା ୧-୭-୪୩ ରିଖ

# ଡଗର

## ହୁକା ହୁକା ହୁଆ
( ବିଲୁଆ ବିଗୁଲ )

— ପାକ୍ଷିକ —
ବାର୍ଷିକ — ୫୲
ପ୍ରତିସଂଖ୍ୟା — ୪ ୦ ୬
ରିକ ସସ୍ତୁ ଣି — ୪ ୫ ୯

ଭାରତର ହର୍ତ୍ତାକର୍ତ୍ତା ବିଧି ବିଧାତା କିଏ ହେବ ହେବ ବୋଲି ଜଳ୍ପନା କଳ୍ପନା ପରେ ଏବେ ଦିନକେ କାମଟା ଫଇସଲ ହୋଇଗଲା। ପାଟହାତୀ ମୁନା କଳସ ଧରି ଇଂଲଣ୍ଡରୁ କାନାଡ଼ା, କାନାଡ଼ାରୁ ଅଷ୍ଟ୍ରେଲିଆ ବୁଲି ବୁଲି ଶେଷରେ ଓଳି ଉଡ଼ିଳ ଲୁଟିଥିବା ଜଙ୍ଗିଲାଟ ଓ୍ୟାଭେଲ ସାହେବଙ୍କ ମୁଣ୍ଡରେ କଳସ ଢାଳି ଦେଲା। କିଏ ଜାଣିଥିଲା ଆମର ବଡ଼ଲାଟ ହେବାପାଇଁ ସବୁଠାରୁ ଯୋଗ୍ୟ ବ୍ୟକ୍ତି ଆମର ଭିତରେ ଲୁଚି ରହିଛି ବୋଲି।

+ + + +

ଆଜଯାଏ ଭାରତରେ ଯେତେ ବଡ଼ଲାଟ ହୋଇ ଆସିଥିଲେ ତାଙ୍କ ମଧ୍ୟରେ ଅନେକେ ବୀର ପୁରୁଷ ଥିଲେ ମଧ୍ୟ ଓ୍ୟାଭେଲଙ୍କ ପରି ପୁରା ଦସ୍ତୁର ତାଳରୁ ତକଫା ଯାଇଁ ସାମରିକ ପୁରୁଷ କେହି ହୋଇ ନ ଥିଲେ। ଘରଅଡ଼େ ଯେତେବେଳେ ସମର କୋଲାହଳ ଲାଗିଛି, ପୁଣ୍ୟଭୂମି ଭାରତ ଯେତେବେଳେ କୁରୁକ୍ଷେତ୍ର ପାଲଟିବାକୁ ବସିଛି, ଏଇ ବେଳରେ ଓ୍ୟାଭେଲଙ୍କ ପରି ଜଣେ ମହାରଥୀ ମୁଣ୍ଡରେ ଶିରୋପା ବାନ୍ଧିବା ଯେ ସମୁଚିତ ଏଥିରେ ସନ୍ଦେହ ନାହିଁ। ମାତ୍ର ବଡ଼ଲାଟ ଗାଦିରେ ଜଣେ ଜଙ୍ଗି ସାହେବଙ୍କୁ ଦେଖି ଆମର ଭିତରୁ ଅନେକେ ଯେ ଡରସି ଯାଉଛନ୍ତି ଏଇଟା ତାଙ୍କର ଭୁଲ। ଆମ ଦେଶରେ ବୀର ପୁରୁଷମାନଙ୍କ ଠେଇଁହିଁ ବୀରମୁଲକ ମହତ୍ତ୍ୱ, ମନୁଷ୍ୟତ୍ୱ, ଉଦାରତା ପ୍ରଭୃତି ଗୁଣ ଅଧିକ ଥିବାର କଥା। ଆଶା-ହୁଏ ଓ୍ୟାଭେଲ ସାହେବଙ୍କଠାରେ ସେ ସବୁ ଊଣା ନଥିବ।

ତହିଁକି ଓ୍ୟାଭେଲ ସ୍ୱୟଂ କହି ସାରିଲେଣି ଯେ ସେ ମିଲିଟେରି ହେଲେ ମଧ୍ୟ ଲାଟ ସାହେବ ହେବା ବେଳକୁ ପୁରା ସିଭିଲ ଖୋଳସ ପିନ୍ଧିଗାଦି ମାଡ଼ିବେ। ରଣ ଜୟର ଅବ୍ୟବହିତ ପରେ ପରେ ଭାରତକୁ ସ୍ୱାୟତ୍ତ ଶାସନ ଦେବେ। ଯୁଦ୍ଧ ଚାଲୁଥିବା ସମୟରେ ମଧ୍ୟ ଫଳେ ପୁଷ୍ଟି କଞ୍ଚ କଞ୍ଚ ମନ ରଖା ମାଳ ମସଲାରୁ ଭାରତବାସୀଙ୍କୁ ବଞ୍ଚିତ କରିବେ ନାହିଁ।

ଆଉ ତେବେ କଣ? ଆମେ ଭାରତବାସୀ ଏତିକରେହିଁ କୃତାର୍ଥ। ଆଟା ଯେତିକି ପେଟ ସେତିକି ତ?

+ + × +

ଭାରତରେ ରଣୋଦ୍ୟମରେ ଆଉ ଯିଏ ଯାହା କରୁ ଆମ ଓଡ଼ି ଗଜପତି ଗଭର୍ଣ୍ଣମେଣ୍ଟ ଯେ ସବୁଠାରୁ ବାହାଦୁର କାମ କରି ତାହା ମହାରାଜା ମଜଲୁରଙ୍କ ଶ୍ରୀମୁଖରୁ ଶୁଣି ଅମ୍ଭେମାନେ ଅ ହେଲୁଁ। ଅସେମ୍ବ୍ଲି ସଭାରେ ମହାରାଜା ବାହାଦୁର କହିଛନ୍ତି "ବଙ୍ଗଦେଶ ଯେତେବେଳେ ଅନାଭାବରେ ବଙ୍ଗୋପସାଗରରେ ଯିବାକୁ ବସିଥିଲା ସେ ସେତେବେଳେ ଉତ୍କଳରୁ ଅନ୍ନ ଯୋ କରି ରକ୍ଷା କରିଛନ୍ତି; ଏହା ମହାଭାରତୀୟ ରଣୋଦ୍ୟମର ଗୋ ଅଂଶ।

କେବଳ ଦୁଃଖ ହେଉଛି ମହାରାଜାଙ୍କ ଏ ତ୍ୟାଗ ସାହାସ ଉଦାରତାର କଦର ତାଙ୍କର ବନ୍ଧୁ ଲର୍ଡ଼ ଲିନଲିଥଗୋ ବୁଝି ନାହିଁ। ବୁଝିଥିଲେ, ମହାରାଜା ଆଜି ଭାରତ ମନ୍ତ୍ରୀ ପରିଷଦ ସ୍ଥାନ ପାଇ ନ ଥାନ୍ତେ କି!

× × × ×

ଶ୍ରୀ ଯଦୁମଣି ମଙ୍ଗରାଜ ମଜଲୁର ନେତାଙ୍କ ମଧ୍ୟରେ ସବୁ 'ସାହାସିଆ' ବୋଲି ପ୍ରଖ୍ୟାତ। ତୁଣ୍ଡ ଓ ଗଣ୍ଡର ବଳମରେ ତାଙ୍କୁ ସ ଯିବାର ବ୍ୟକ୍ତି ଧୂବ୍ କମ୍ ବୋଲି ବୁଦ୍ଧିମାନମାନଙ୍କର ମତ। ମହାଶୟ ଏବେ ତାଙ୍କ ଖାଦ୍ୟତେଜର ଏକ ଜ୍ୱଳନ୍ତ ପରିଚୟ ବ୍ୟ ସଭା ମଞ୍ଚରେ ଦେଇ ପକାଇଛନ୍ତି। ସେ କହିଛନ୍ତି କି — ଓ ମୁଲକରେ ଏବେ ବି ବହୁତ ବହୁତ ଧାନ ଗୁଛଳ ମହଜୁଦ ରହିଛି ଯାହା ବ୍ୟବହାରରେ ଲାଗିଲେ ଓଡ଼ିଶାରେ ଅନାଭାବ ରହିବନାହିଁ

ଓଡ଼ିଆ ଦରିଦ୍ର, ଓଡ଼ିଶା ଦାନହୀନ, ବାଙ୍ଗାଳି ବୋଲି ଯେ ଆତ୍ମଜ୍ଞାନହୀନ ବ୍ୟକ୍ତିଗଣ ସବୁବେଳେ ଲଜ୍ଜାକର ହେବାର କ ମଙ୍ଗରାଜଙ୍କ ଉକ୍ତିପ୍ରତି ସେମାନଙ୍କର ଦୃଷ୍ଟି ଆକର୍ଷଣ କରୁଁ। ଗ ଗାଅ ସରବେ- ଧନ ଧାନ୍ୟେ ପୁଷ୍ପେ ଭରା......

+ × + +

ସତ୍ୟଯୁଗଟା ସତକୁ ସତ ଆସିଗଲା ବୋଲି, ପଢ଼ିଲାକୁ ପଢ଼ି ରହିଲା ମୂଳରୁ ମାସେ, ଏଇ ମାସକ ଭିତରେ ଯାହା ହବ ହୋଇଯିବ ପରା! ଆଠର ହାତ ଖଣ୍ଡା ଧରି କଳ୍କି ଅବତାରଙ୍କ

Digitized by srujanika@gmail.com

ଯେ ବାହାରବାଗ କଥା ଅଛି, ଆମର ନ ହେଲା ନାହିଁ ପଛବେ, ସେ ସେଇଥିରେ ବାହାରନ୍ତୁ । ମରିବା ଦରକାର ହେଲେ ଆମେ ଝଉ, ବଢ଼ି, ବୁଢ଼ୀ ମରୁଡ଼ିରେ ଶାନ୍ତ ଭାବରେ ଯେତେ ଇଚ୍ଛା ସେତେ ମରିବାକୁ ରାଜି ଅଛୁଁ, ମାତ୍ର ସେ ହାଣ କାଟ, ଗୁଳି ଭୟରୁ ରକ୍ଷା କର ବାବା । ଓଃ ଅତି ନଷ୍ଟ !

× + × +

ଶୁଣାଯାଏ ସତ୍ୟଯୁଗ ହେଲେ କି କଣର ଅଭାବ ରହିବ ନାହିଁ । ଉକିଲ, ଟାଉଟ, ଅମଲା, ପିଅଦା ସବୁ ଏଇମିତି ରହିବେ । ପଇସାର ଖେଳ ଏଇମିତି ଚାଲିବ । କେବଳ ନୋଟ, ଟଙ୍କା ବଦଳରେ ଚଳିବ କଉଡ଼ି । ଉକିଲ ମୁକ୍ତାରଙ୍କ ବାସ ଗଛ ମୂଳରେ ହାକିମମାନେ କଚେରି କରିବେ । ଉକିଲ ଯିବେ ଘରା ବୋଠାକୁ । ଏଇପରି କେତେଗୁଡ଼ାଏ ଅଦଳ ବଦଳ ହେଇଯିବ ।

କଣ୍ଟ୍ରୋଲ ଆଇନ ଯେପରି ଅଛି ସେଇପରି ରହିବ । ଚାଉଳ, କେ ପ୍ରଭୃତି ଉପରୁ ଉଠି ସୋମରସ, ଗବ୍ୟଘୃତ, ଇକ୍ଷୁ ପ୍ରଭୃତିରେ ରହିବ । ଲୁଗା ଉପରୁ ଉଠି ବଲ୍କଲରେ ବସିବ । ଅତଏବ ବେଶି ଚିନ୍ତା କରିବାର କାରଣ ନାହିଁ ।

+ × × ×

ଭଦ୍ରକର କଣ୍ଟ୍ରୋଲ ଚାଉଳ ବଣ୍ଟୀର ଭାର A. R. P. ହାତରେ ରହିଛି । ଏହାଛଡ଼ା ଏଠି ଜଣେ ପ୍ରାଇସ କଣ୍ଟ୍ରୋଲର ବି ଅଛନ୍ତି । ତଥାପି ଶୁଣାଯାଏ କେହି କେହି ସ୍ଥାନୀୟ ଭଦ୍ର ବେପାରି କଣ୍ଟ୍ରୋଲ ଚାଉଳର ପର୍ମିଟ ପାଇବାକୁ ଭାରି ବ୍ୟାକୁଳ ଓ ଏଥିପାଇଁ ଦୁର୍ଗନଗର ତୋଳପାଡ଼ କରୁଛନ୍ତି । କିରାସିନ ଓ ଚିନିରେ ଯଦି ପେଟ ନ ପୂରିଲା ଚାଉଳ ଲୋଡ଼ା ପଡ଼ିବା ସ୍ୱାଭାବିକ ।

ସବୁଦିନେ ଆକାଶରେ ତ ପୂର୍ଣ୍ଣଚନ୍ଦ୍ର ନ ଥାଏ—ଏଇଥିଣି ଝମଝୁଅ ପାଗ, ପୁଣି ସେଥିରେ କୃଷ୍ଣପକ୍ଷ ।

ଓଡ଼ିଶା ସରକାରଙ୍କ ଇସ୍ତାହାରରେ ପ୍ରକାଶ ପାଇଛି ଯେ ସମସ୍ତ ଜିଲ୍ଲା, ସବ୍ ଡିଭିଜନ ସହରମାନଙ୍କରେ ଗୋଟିଏ ଗୋଟିଏ ବେସରକାରୀ ଖାଦ୍ୟ ଶସ୍ୟ କମିଟି (Food Grains Committe) ହେବ । ଭଦ୍ରକରେ ଯଦି ବେସରକାରୀ ଲୋକର ଅଭାବ ନ ଥାଏ ତେବେ ଏଠାରେ ସେହିପରି ଗୋଟିଏ କମିଟି ହେବାର ଦରକାର ନାହିଁ କି ? ଏହା କଲେ କର୍ତ୍ତୃପକ୍ଷମାନେ ଅନେକ ଦୁର୍ନାମରୁ ରକ୍ଷା ପାଆନ୍ତେ ।

× × +

ଏ ବର୍ଷ ଲୁଗା ଓ ଚାଉଳର କାନ୍ତାର ମହରଗ ଭିତରେ କାହା-ର ଯେ ଏତେ ହଉଛି, ଭଲଲୋକଠାରୁ ମୂଲିଆଯାଏ, ବ୍ରାହ୍ମଣଠାରୁ ହାଡ଼ିଯାଏ, ପଣ୍ଡିତଠାରୁ ମୂର୍ଖଯାଏ ସମସ୍ତେ ଭାଲି ଭଳିରେ ମାତି-ଛନ୍ତି—ଶୁଭଦିନ ଶୁଭଲଗ୍ନ ପାଞ୍ଜି ନ ମାନି ପ୍ରଜାପତିଙ୍କ ଦୁଆରେ ଲାଗି ପଡ଼ିଛନ୍ତି ତାର ଗୋଟାଏ ବଡ଼ କାରଣ ଅଛି ବୋଲି ମନେ ହୁଏ ।

ଜଣେ ଗରିବ ମୂର୍ଖ ଲୋକକୁ ପଚାରିବାରେ ସେ କହିଲା, "ବାବୁ, କଳିଯୁଗ ଶେଷ ହେଉଛି ସମସ୍ତେ ତ ମରିବେ, ତାକ ଓଥରା ହେଇ ମରିବା କାହିଁକି, କଣଟା ଲାଗି ଯାଇଥାଉ ହାତରେ । ମୂର୍ଖଟି ପଥଟା ହେଲେ—

ଆଉ ଜଣେ ପଣ୍ଡିତ ଲୋକ ଆଉ ପ୍ରକାରେ ଉତ୍ତର ଦେଲେ । ସେ ଉତ୍ତରଟା ବି ଡଗର ପାଠକ ପାଠିକାଙ୍କୁ ଉପହାର ଦେଉଛୁଁ ।

ସେ କହିଲେ—"ସତ୍ୟ ଯୁଗରେ ବିବାହ ପ୍ରଥା ନ ଥିଲା । ସେତେବେଳେ ଅବାଧ ଯୌନସମ୍ବନ୍ଧ ସମାଜରେ ଚଳୁଥିଲା । ଲୋକେ ଥିଲେ ଉଦାର, ନିଃସ୍ୱାର୍ଥପର । ସତ୍ୟଯୁଗଟା ଯେ ବେଗେଇ ଆସୁଛି, ମାସକ ଭିତରେ ପୁଣି ତ ସେଇ ହେଇଯିବ । ସେଥି ଭୟରେ ବିବାହ କାମ ଆଗରୁ ସାରି ଦେଉଛୁଁ ।

ପ୍ରଶ୍ନ—ସବୁ ବିବାହ ଗୁଡ଼ାକ ଯଦି ସତ୍ୟଯୁଗ ଆଇନରେ ରଦ୍ଦ କରିଦିଆ ହୁଏ ?

ଉତ୍ତର—ତାହା ହେଲେ କି, ନୂଆ ଅଣ କଂଗ୍ରେସ ମନ୍ତ୍ରୀ ଯଦି ଥିବେ ତ ନୂଆ ଆଇନକୁ ( ପଛେଇ ଗଡ଼ିବା ) retrospective effect ଦିଆଯିବ ନାହିଁ ।

+ × + ×

ଯେ ଯେଉଁ ଜିଲ୍ଲାର ଅଧିବାସୀ ତାଙ୍କୁ ସେହି ଜିଲ୍ଲାର କଲେକ୍ଟର ବା ବଡ଼ ହାକିମ କରିବା ବ୍ରିଟିସ ଶାସନର ପ୍ରଥା ବିରୁଦ୍ଧ ବୋଲି ବହୁକାଳରୁ ଜଣା କଥା, ମାତ୍ର ଓଡ଼ିଶା ସରକାର ବନ୍ୟା ପ୍ରପୀଡ଼ିତ ଉତ୍ତର ବାଲେଶ୍ୱର ବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅର୍ଥାତ୍ ସେମାନେ ସମ-ଧିକ ସହାନୁଭୂତି ଓ ସମବେଦନା ପାଇ ପାରିବେ ବୋଲି "ଜରାଜୀର୍ଣ୍ଣ ଶୀର୍ଣ୍ଣକାୟ" ହେଲେ ମଧ୍ୟ ଜଣେ ଉତ୍ତର ବାଲେଶ୍ୱର ବାସୀଙ୍କୁ ଯୋଗ୍ୟତମ ବ୍ୟକ୍ତି ହିସାବରେ ବାଲେଶ୍ୱର କଲେକ୍ଟର ପଦରେ ପ୍ରତିଷ୍ଠିତ କରିଅଛନ୍ତି । ବାସ୍ତବିକ ସେ ଯେ ଜଣେ ଯୋଗ୍ୟ ବ୍ୟକ୍ତି ଏଥିରେ କାହାର ସନ୍ଦେହ ନାହିଁ ଏବଂ ସ୍ୱଜିଲ୍ଲାବାସୀଙ୍କ ପ୍ରତି ସବିଶେଷ ସହାନୁଭୂତି ଦେଖାଇ ସେ ଯୋଗ୍ୟତାର ପରିଚୟ ଦେଇ ସାରିଲେଣି ବୋଲି ଶୁଣା ଯାଉଅଛି । ବାସ୍ତବିକ ଏପରି ସ୍ୱଦେଶ, ସ୍ୱଜାତି, ଓ ସ୍ୱଜିଲ୍ଲା ପ୍ରୀତି ସମସ୍ତଙ୍କଠାରେ ଦେଖାଯାଏ ନାହିଁ । ଏଥିପାଇଁ ଆମ୍ଭେମାନେ ଓଡ଼ିଶା ସରକାର ଓ କଲେକ୍ଟରଙ୍କୁ ଧନ୍ୟବାଦ ନଦେଇ ରହି ପାରୁନାହୁଁ ।

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ

କବିକେତୁ ଦୂର୍ବଳାସୁର ମଟରକାର ବିରଚିତ

( ଙ )

ନୂଆ ନଟପଟିଆ ଲମ୍ପଟ ହେ, ନାହିଁକି ଶ୍ରୀଅଙ୍ଗ ସୁଖ,
ନିହାତି ନିସ୍ତେଜ ଦିଶୁଛି ତ ଆଜି ନିଲଜ ନେଫଡ଼ା ମୁଖ ।
ନାକରୁ ସିଙ୍ଘାଣି ବହେ କଞ୍ଜିପାଣି ପରି ହୋଇ ସଡ଼ସଡ଼,
ନେସ କୋଣେ ଛି-ଛି ନେଞ୍ଜିରି ଲାଗିଛି ଭୁଙ୍ଗରି ଦିଶୁଛି ବଡ଼,
ନିଶ ଯୋଡ଼କରୁ ନିଗିଡ଼ଇ ଝୁରୁ ନେଳନେଳ ନାଳପାଣି,
ନଳୀଗୋଡ଼ ଦୁଇ ନିହସି ପଡ଼ଇ ନଡ଼ବଡ଼ିଆ ସେ ଠାଣି ।
ନିଦ ନାହିଁକରେ ନିଅଁ ନୟନରେ ନାଲି ନାଲି ଦିଶେ ଅତି,
ନିଶାଖୋର ପରି ନଇଁ ନଇଁ କରି କରୁଛ ନଧର ଗତି ।
ନିୟମ ଦେଉଛ ନେହୁରି ହେଉଛ ନିଛୁଣା (nasty) ଟୋକାଙ୍କ ମେଳେ,
ନିତ ନିଶାକାଳେ ନିଘଟିଆ ଥଳେ ନ ବୁଲିବ କେତେବେଳେ ।
ନିଲଠାଙ୍କ ଭଳି ନାଲକୁଲେ ଚଳି ନହେବଟି ନ'ରପ'ର,
ନବ୍ୟାନାଗରୀଙ୍କ ନିରେଖି ଉଦକ ହେବ ନିଛମାନିଆ ଜ୍ୱର

କି ହେ ନବନାଗର, ଆଜି ତ ତାହିଁକି ବିଡ଼ ହାଲିଆ ଦିଶୁଛ, ସାରି ରାତି ଉଜାଗର ହୋଇ କାକରରେ ବୁଲିଛ ପରା ! ଖବରଦାର, ଏ ଭଳିଆ କାମ ଆଉ କରନାହିଁ— ପଛକୁ ଜ୍ୱର ଦଶାରେ ପଡ଼ିଯିବ ଏକା ।

ସ୍ୱାଧୀନାଙ୍କର ଏହି ଉପଦେଶ ଶୁଣି ଚଟକଚନ୍ଦ୍ର ଥମଥମ ହୋଇ କହିଲେ—

( ଚ )

ଚାହିଁ ଚାହିଁ ତୋ ସରଣି କକୁଭକୁ ରେ ଚୋରଣି
ଚକୋଲେଟ୍ ଚୋବୁଥିଲି ବସି,
ଚରଣେ ଚପଲ ଚଟି ଚକ୍ଷୁରେ ଚଷମା ଅଣ
ଚଟକରେ ଚାହିଁ ଦେଲୁ ହସି, ରେ ଚଲାଅଣି,
ଚିଙ୍ଗୁଡ଼ି ଚୁପୁଆର ଚଟଣି ଚିପୁଡ଼ି ପିଆଜ ଜାରିପାଣି
ଚଉଳାଏ ଚପ୍ଲା ଦେଇ ଚିମୁଟେ ଲୁଣି ପକାଇ
ଚଖାଇଲୁ ପଖାଳ ଚୋରାଣି ରେ ॥ ୧
ଚୁଗୁଲି ଚଲାଇ କେତେ ଚୁକୁଲି ଦେଲୁ ଯେତେ
ଚହଲାଇ ଚଉଦ ଭୁବନ,
ଚେଙ୍କା, ଚୁନକାଲୀ ମାରି ଚୁପୁଡ଼ା ଚଢ଼ାଇ ଚୁଟ
ଚିଟି କାଟି ଦ୍ୟାନ୍ତା ଅନଜାନ ରେ, ଚିଅଁ ମାରି,
ଚେଙ୍ଗ ଚିତ୍ରୁପତୋ ବ୍ୟାଙ୍ଗବାଲା, ଚିରୁପାଣିଠାରୁ ଚାଲି ଚ
ଚୁଡ଼ା ସଙ୍ଗେ ଚିନି ଗୋଲି ଚକଟି ଚମ୍ପା କଦଳୀ
ଚୁଟିବା ସୁଖକୁ ଦେଲୁ ଦଳି ରେ ॥ ୨
ଚେଲି ଚପାଟିଙ୍କ ମେଳେ ଚାହା ଚୋରୁ ସଞ୍ଜବେଳେ
ଚିନାବାଦାମରୁ ଚୁଟ୍ ଚୁମ୍ବି,
ଚନ୍ଦ୍ର, ଚଉରସ, ଚୁଲି ଚହ୍ନାନାହିଁ କେଉଁ କଣ
ଚୁରୁଟ୍ ଚୁମ୍ବିଣି ଚୁଖୁଁ ଅପୁ ରେ, ଚଗଚଙ୍ଗେ,
ଚିହ୍ନିକି ତ ନାହିଁ ମୁହିଁ ଲେଟେ, ଚେଚେହେରା ଅଛି ଚେଉଁକା
ଚପରାସି ବୋଲି ଜାଣି ଚଲା ଚଢ଼ା ନୋହି ରାଣୀ
ଚହଟା ଚିନାଏ ଚୋରି ହସ ରେ ॥ ୩

ଥିଲି ସ୍ୱାଧୀନେ, ମୁଁ ମନେ ମନେ ତୁମ୍ଭଙ୍କୁ ଖୋଜୁ ଥିଲି ମାତ୍ର ତୁମ୍ଭେ ଅଣ୍ଟିଲମାନେ ଯେପରି କଥା କହୁଛ ତାହା ସହିବାର ନୁହେଁ; ଇଆଡ଼ି ଯେଉଁପରି କେଲକାଲ ପଞ୍ଚ

Digitized by srujanika@gmail.com

ବାଲ୍ୟ ମୁଁ ସହିଗଲି । ମୋ ଦେହ ସକାଶେ ତୁମ୍ଭେ ଯେ ବ୍ୟସ୍ତ ହେଉଛ, ତାର କୌଣସି କାରଣ ନାହିଁ । ସବୁଦିନେ ମୋ ପ୍ରତି ଏହିପରି ଟିକିଏ ସ୍ନେହଦୃଷ୍ଟି ରଖିଥିଲେ ହେଲା ।

ଏହାଶୁଣି ସ୍ୱାଧୀନା କହିଲେ—

---

## ( ଛ )

ଛଳ ବାହାନାଣ ହେ ଛାଡ଼ ଏ ସାହସ ହେ ।
ଛଟକ ଛାଉଳି ରଖ ଛତଆ ଦିଶେ ତ ମୁଖ ।
ଛେକ ଛେକ ମାରି ହାଇ ଛୁଙ୍କୁଛ ଛାତି ଥରାଇ ।
ଛନ ଛନ ଦିଶେ ଆଖି ଛେପ ତ ଯାଉଛି ଶୁଖି ।
ଛୁଁଇଁମୁହାଁ ଯାକ ଯେତେ ଛତରି ଅଟନ୍ତି ତେତେ ।
ଛେଉଣ୍ଡ ଛେକରାଙ୍କର ଛୁଛୁକାରେ ନାହିଁ ଡର ।
ଛେନା ପରି ଛାଟ ପିଟି ଛାନି ଦିଅନ୍ତି ସେ ପିଠି ।

ହେ ଶଠ, ମୋ ସାଙ୍ଗରେ ଚଳଣି ଚଳିବ ନାହିଁ କହି ଦେଉଛି । ମୁଁ ସବୁ କଥା ଜାଣେ । ସେ ଲୋ ନବବାଳାନଙ୍କୁ ଦେହଚିଙ୍କରେ ପକାଇ ଅପେ ଭଲ ମଣିଷ ପଣିଆ ଦେଖାଇ ହେଉଛ ପରି ! ଭଲାଗତ ଅଛି ତ ସ ଫ ସାଫ ଧ୍ୟା ହୋଇ ଗଲା । ଲୁଚା କଥା ଲୁଚାଇ ଭଲ ନୁହେଁ ।

ସ୍ୱାଧୀନାଙ୍କର ଏକଥା ଶୁଣି ଚଟକଚନ୍ଦ୍ର ବିକଳ ହୋଇ କହିବାକୁ ଲାଗିଲେ—

---

## ( ଜ )

ଶିଛୁ ଏତିକି ମାତ୍ର ଆଜିର ସଖି
ଯାହା ଇଚ୍ଛା ଏବେ ତାହା କର ।
ର ଜ୍ୱର ପରି ଲାଗୁଛି ତ ଭାରି
ଜଳଦି କରି କପେ ଗୁହା କର ॥ ଘୋଷା ॥
ଜଣେ କେତେ ଇୟାର ଠୋକା ସାଙ୍ଗ କରି,
ଯାଇଥିଲୁଁ ସିନେମାକୁ ଫୁର୍ତ୍ତି ମାରି;
କୁଞ୍ଜଳବାରୁ ଫେଟ, ହୋଇ ଛଟପଟ
ଖାଇ ବିଷକୁଟ ହେଲି ପାର । ୧ ।
ଜାମକୋଲି ବର୍ଣ୍ଣ ଏକ ନବ୍ୟବାଳା,
ମଞ୍ଚର ମଧ୍ୟରେ ଭେଟିଲି ମୋ ଡୋଳା;
ଜହ୍ନରାତି ଭଳି ଉଠୁଥିଲା ଝଲି
ବିଜୁଳି ବତିରେ ଦନ୍ତ ତାର । ୨ ।
ଜରି ଧଡ଼ିଦାର ଜାପାନିଜ ଶାଢ଼ୀ,
ଜଡ଼ି ପିନ୍ଧିଥିଲା ଅଙ୍ଗକୁ ସଜାଡ଼ି;
ଜୋତା ତଳେ ତାର ମଥା ରଖି ମୋର
ଜାପନ୍ତୁକ ଜନ୍ମ ଜନ୍ମାନ୍ତର । ୩ ।
ଜୋକ ଭଳି ତାର ଗୋଡ ଟିକେ ତଳେ,
ଲାଖି ରହିଲା ମୋ ଆଖି କୁତୁହଳେ;
ଜଡ଼ା ହୋଇଯାଇ ମାରି ହେଲି ହାଇ
ତା ମୁହଁକୁ ଚାହିଁ ବାରବାର । ୪ ।
ଜଗତରେ ଲାଗିବାରୁ କଟୁବାଣୀ,
ପେଟ କଥାଟିକ କହିଲି ବଖାଣି;
ତୋର ଦୟା ଶସ୍ତା ଜାଣି ଶୁଣି କରି
ଜୀବ ଦିବାବେଳେ ଯାହା କର । ୫ ।

ତୁମ୍ଭଠାରେ କିଛି କଥା ଲୁଚାଇବି ନାହିଁ ସଖି । ଦିନେ ସନ୍ଧ୍ୟାବେଳରେ ସିନେମା ଭବନ ଅଗରେ ମଞ୍ଚର ଗାଡରେ ବସିଥିବା କୌଣସି ବାଳାର ଛଟକ ଓ ଫେସନ ଚତୁର ଦେଖିଲି ଦିନରୁ ମୋ ଦେହଟା ଏପରି ହେଉଛି । ସବୁବେଳେ ଡାଆଣୀ ଗ୍ରାସିଲା ପରି ଲାଗୁଛି । ତୁମ୍ଭେ ଯଦି ଗୁଣିଆ ହୋଇ ଝାଡ଼ଫୁଙ୍କ ନ କରିବ ତେବେ ମୋର ଆଉ କିଛି ଉପାୟ ନାହିଁ ।

ଏହାର ଉତ୍ତରରେ ସ୍ୱାଧୀନା କହୁଅଛନ୍ତି—

(କ୍ରମଶଃ)

Digitized by srujanika@gmail.com

କଥାଟିଏ କହୁଁ ................

# ଭ୍ରାନ୍ତି

——ଲେଖିକା – କୁମାରୀ ଶୈଳବାଳା ——

ପାଷାଣ ଦେବତା ପାଖରେ ମୁଣ୍ଡ ପିଟି ବ୍ୟଥାରେ ସେ କାନ୍ଦି ଉଠେ—କାନ୍ଦି କାନ୍ଦି ଆଖି ଫୁଲି ଯାଏ—ତଥାପି ଏ କଅଣ ? ଦୁଃଖିନୀର ଦୁଃଖରେ ଦୁଃଖହାରୀଙ୍କର ନିଦ ଭାଙ୍ଗେ ନାହିଁ । ପାଷାଣ ମୂର୍ତ୍ତିର ପାଷାଣ ବୁକୁ ତରଳେ ନାହିଁ........ଦୁଃଖରେ—ଅଭୁବ ଦୁଃଖରେ ପ୍ରାଣ ତାର ଥରି ଉଠେ । କେତେ ଆଉ ଡାକିବ ? କେତେ ଆଉ ସେ କାନ୍ଦିବ ? ତା' ପୋଡ଼ା କପାଳକୁ ନିଜେ ଦେବତା ଯଦି ପାଷାଣ ପାଲଟିଲେ—ସେ—ଆଉ କରିବ କଅଣ ?

ମଣି ଆଉ ଭାବି ପାରେନି ।

ଅଭାବୀ ସେ—ନିଜେ ଉପାସେ ରହି ସେଇ ଦି' ପଇସାରେ ଭୋଗ କିଣି ଦିଅଁଙ୍କୁ ପାଣି ଛିଞ୍ଚାଏ । ଯତନରେ ଫୁଲ ଗୁନ୍ଥି ଦିଅଁଙ୍କ ଗଳାରେ ଲମ୍ବାଇ ଦିଏ । ତାଙ୍କରି ଚରଣ ଧରି ଜଗୁଆର ମଙ୍ଗଳ ପାଇଁ କେତେ ପ୍ରାର୍ଥନା କରେ । ମୂକ ମୁଖରେ ଭାଷା ଆଣିବା ପାଇଁ ସେ କାନ୍ଦି କାନ୍ଦି ମୂକ ହୋଇଯାଏ । ତଥାପି—ତଥାପି ଦେବତା ତାର ଡାକ ଶୁଣେ ନାହିଁ ।

ଲମିଛି ଗୃଲେ ଖୋଲ— ମଣିଷର ? ନା – ନା ଦେବତାର ।

× × ×

ଦୁନିଆରେ ତା' ପାଇଁ ଦୁଃଖ ସୁଖରେ କାନ୍ଦିବାକୁ କି ହସିବାକୁ କିଏ ଅଛି ବୋଲି ସେ ଜାଣେ ନାହିଁ । ଜଗୁଆ ଛଡ଼ା ସେ ଆଉ କେହି ନାହିଁ କାହାକୁ ।—ସେଇ କୁଟୀର ଭିତରେ ସେ ଏକାକିନୀ ବସି ବସି ଅତୀତର ସବୁ ଚିହ୍ନ ଗୋଟି ଗୋଟି କରି ଲୁବେ । ଭବିଷ୍ୟତକୁ ଆଖି ପାଏ ନାହିଁ ।.........ଆଶା ଆଉ ଆଶଙ୍କା ମଝିରେ ମଣି ପାଗଳୀ ହୋଇଯାଏ ।

ଏଇ କୁଟୀର ତଳେ—କେତେ ଦିନ, କେତେ ରାତି ସେ ଜଗୁଆ ସାଥେ ହସି ଖେଳି କଟାଇଛି । ସାରା ଜୀବନକୁ ତାର ଯେଉଁ ଆଶା ଆଡ଼ୋର ବସିଥିଲା, ସେ ଆଉ ନାହିଁ । ନିରାଶା ତାର ସାଥୀ, ଅଶ୍ରୁ ତାର ସାନ୍ତ୍ୱନା—ସହାୟ ଯାହା ଲୁହ ।

—ଜଗୁଆର ବଞ୍ଚିବ ସର ନାହିଁ । ଶତ୍ରୁର ଆଉ କଣ; ସେଦିନ ରାଜାଙ୍କ କହୁଥିଲେ ପ୍ରାଣଦଣ୍ଡ ସେ ପାଇବ । ସେ ପରା ମଣିଷ ମାରିଛି ।

ରାତିରେ ତାକୁ ନିଦ ଲାଗେନି । ଟିକିଏ ଛୁଇଁନିଦ ଲାଗୁ ଲାଗୁ ଜଗୁଆ ସପନରେ ଆସି କହେ—"ମଣି, ମଣି ମତେ ଆଉ ପାଇବୁ ନାହିଁ ।" ସେ କାନ୍ଦେ—ଭାରି ବିକଳରେ । ମଣି ଚମକି ଉଠି ବସେ । ଆଖି ମଳି ଚାରିଆଡ଼େ ଚାହେଁ କାହିଁ ତାର ଜଗୁଆ ?

କବାଟ ଖୋଲି ପଦାକୁ ଆସେ । ଶୂନ୍ୟ ଆକାଶରେ କୋଟି କୋଟି ତାରା କଅଣ ଠାରେ । ଅସ୍ଥିର ପବନଟା କିଲି କିଲି ହୋଇ କି ଆନନ୍ଦରେ ଧାଇଁ ଯାଏ ଘନ ଅନ୍ଧକାର ଭିତରେ ଝିଙ୍କି ଗୁଣ୍ଡାକ କାହିଁକି କେଜାଣି ଚିତ୍କାର ଉଠନ୍ତି ।—ସାମନା ପାଟ ମଝିର ସଂକୀର୍ଣ୍ଣ ପଥଟିକୁ ମଣି ଚାହେଁ—ଖୁବ୍ ନିରେଖି ଚାହେଁ—ଏଇବାଟେ ଜଗୁଆ ନି... ଯାଏ ଆସେ ରାତିକୁ । ଆଜି ଖଲାସ ପାଇଥିଲେ ଏ... ବାଟେ ଆସୁଥିବେ ।

କେହି କିନ୍ତୁ ଆସେ ନାହିଁ । ପାଖ ଗଛରେ ପେଚାଟା ଡାକେ । ଭୟରେ ମଣି ଘରକୁ ଆସି ଶୋଇବାକୁ ଚେଷ୍ଟା କରେ । ନିଦ ଆସେ ନାହିଁ । ଚନ୍ଦ୍ରାବଳି ଶିଖା ଥେ... ଉଠେ...। ଅତୀତ ବର୍ତ୍ତମାନ ଆଉ ଭବିଷ୍ୟତର ବା... କଥା ତାକୁ ବିବ୍ରତ କରିପକାଏ । ସେଥିରେ ସେ ଶୋ...

Digitized by srujanika@gmail.com

ପରେ ନାହିଁ। ଜଗୁଆ ପାଇଁ କାନ୍ଦ କାନ୍ଦ ତାର ରାତି ପାଏ ନାହିଁ।

ରଜୁଆ କୁହେ—"ଜଗୁଆ ପ୍ରକୃତରେ ଦୋଷୀ। କେତେ ଗରଜଣୀ ଧାନ ପାଇଁ ଅକାରଣେ ଲୋକଙ୍କୁ ଜୀବନରେ ମାରଦେଲା। ଅଉ ଉପାୟ କଅଣ ମଣି!"

...ମଣିଷକୁ ପୁଣି ମଣିଷ ଅବିଶ୍ୱାସ କରେ। ଯେତେବେଳେ ତାର ସବୁ ଆଶା ତୁଟିଯାଏ ଯେତେବେଳେ ସେ ଶେଷର ସିଦ୍ଧାନ୍ତରେ ପହଞ୍ଚେ ଯେ, ମଣିଷ ହାତରେ କିଛି ନାହିଁ। ଅଥଚ ମଣିଷ ହାତରେଇ ସବୁ କଥା। ସମସ୍ୟ ବାସ୍ତବତା ପାଖରେ କୁହୁଡ଼ି ସରକେ ସିନା! କାଳିବାର ଅକୂଳ ଅନ୍ଧାରରେ—ମଣି ରଜୁଆ କଥାରେ ସ୍ଥିର କୁହେଁ—ମଣିଷର କଥାକୁ ମଣିଷ ମୁହଁରେ ଶୁଣିବ—ସେ ପୁଣି ସେଇ ମୂର୍ତ୍ତି ପାଖକୁ ଧାଏଁ।—ସେ ତାକୁ ଏତେ ଧୂପ ଦେଇଛି,—ଏତେ ପୂଜା କରିଛି—ପାଷାଣର ଜଡ଼ କୁକୁଡେ ଜୀବନ କଅଣ ସତେ ଜାଗିବ ନାହିଁ। ଏତେ ନିର୍ଦ୍ଦୟ ସେ ଦେବତା !!... ପ୍ରାଣର ଗୁହାରି ଜଣେଇବାକୁ ଯାଇ ଭୂଇଁରେ ସେ ମୁଣ୍ଡ ପିଟି ଦିଏ,—ରକ୍ତ ଝରେ।

ସେ ରକ୍ତ ଦେଖି ପାଷାଣ ମୂର୍ତ୍ତିର ଦେହ ଶୀତେଇ ଉଠେ—ଯେଉଁଦିନ ଜଗୁଆ ଅତ୍ୟାଚାର ବୁକୁରେ ଛୁରୀ ବସାଇଥିଲା ସେବେଳେ ଏ ଦେବତା ବ ଇମିତି ଠିକ ହସୁଥିଲା।

......ଜଗୁଆ ସପନରେ କୁହେ—"ଅଲୋ ମଣି, ମତେ କ୍ଷମା କର। ମୁଁ ମଣିଷ ମାରୁ। ରହିବେ ନରକରେ ମୋ' ପାଇଁ ଯାଗା।"

—ପାଗଳୀ ପରି ମଣି ଚିତ୍କାର କରେ—"ନାଇଁ, ନାଇଁ ତମେ ମୋର ସ୍ୱାମୀ".

...ଅକାଶରେ ତାରା ହସି ଉଠେ।

ମଣିଷ ମିଛ ପାଗଳ ହୋଇଛି ଚିରଦିନ।

—ଅଜ ତାକୋଡ଼ ହସେ ହସି ଅକ ଯାଇନ। ଦେବତା ପାଷାଣ ହୋଇ ଦିନରେ ବ ହସିଛି—ରାତିରେ ବ ହସିଛି।

—※—

## କୁଟୁକୁଟୁ

ଆଉ, ତୁ ଏ ଚଷମା ପିନ୍ଧିଲେ ଠିକେ ଜଣେ ସାନ ଜ୍ଞାନୀ ଭଳି ଦିଶୁଛୁ।

"ହଁରେ ବାପ ଦିଶୁଛି"।

"ଆଉ, ତୁ ମୋ ପାଇଁ ଖାଇବାକୁ ବାଡ଼ିଲାବେଳେ ଏ ଚଷମ ଆଖିରୁ କାଢ଼ି ଦେବୁ।"

\+ \+ \+

ଖବର କାଗଜ ସମ୍ପାଦକ ମୁଣ୍ଡ ବାଳ କାଟିବା ପାଇଁ ଗୋଟିଏ ଭଣ୍ଡାରି ନିକଟକୁ ଗଲେ। ଭଣ୍ଡାରି ଚଇଁଥି କାଟୁ କାଟୁ କହିଲା 'ଏଠାରେ ଆଜି କଣ ଘଟଣା ଘଟିଛି ଜାଣନ୍ତି? ଏଡ଼ିକ ଉଦ୍ଧୃ ଗଣ୍ଡି କାଟି କାଟି କହିଲା, "ସାନ କରି ଦେବ।" ସମ୍ପାଦକ କହିଲେ, "ହଁ ଖୁବ୍ ଛୋଟ କେବଳ ଗୋଟିଏ ସାରାଂଶ ହେଲେ ଚଳିବ।"

× \+ ×

ପ୍ରେମିକା—ମୋ ହୃଦୟରୁ ତୁମ ପ୍ରତି ସ୍ନେହର ସ୍ରୋତ ଯେ କି ପ୍ରଖର ଭାବରେ ବହୁଛି ତା ଅନୁଭବ କରିବାର ଶକ୍ତି କଣ ତୁମର ଅଛି।

ପ୍ରେମିକ- ଖୁବ ଅଛି ସେ ସ୍ରୋତରେ ମୁଁ ବର୍ତ୍ତମାନ ଏତେଦୂର ଭାସି ଗୁଲିଯାଇଛି ଯେ, ପୁଣି ଉଜାଣି ଉଠି ତୁମ ନିକଟରେ ପହଞ୍ଚିବା ଅସମ୍ଭବ।

× × ×

ପୁଅ—ବାପା, ମୁଁ ଯଦି ଉମକୁ ବଳିକ୍ତି କରୁ ନ ଥିବି ତ ଗୋଟିଏ ପ୍ରଶ୍ନ ପଚାରିବ ପାରିବକି ?

ବାପ- ହଁ ପଚାର।

ପୁଅ—ବାପା, ଦଶହରାକୁ ତୁମେ ମତେ କି ଉପହାର ଦେଲେ ଭଲ ହବ ଭାବୁଚ ? \+ \+

( ରବୀନ୍ଦ୍ରନାଥ )

Digitized by srujanika@gmail.com

ବିଲେଇ ହାତରେ .......... ...

# ପ୍ରେମ ଅଭିଯାନ

ଲେଖକ:—ଧୂର୍ଜ୍ଜଟୀ——

ମିନତି ଶିକ୍ଷିତା ନ ହେଲେ କ'ଣ ହେବ ତାର ଏତିକି ଶିକ୍ଷା ଅଛି ଯେ ସେ ପ୍ରେମପତ୍ର ଲେଖିବାର ବାଗ ଜାଣେ । ଅଉ ଅଧୁନିକା ନ ହେଲେ କଣ ହେବ, ଲଭ୍ ବା ପ୍ରେମ କରିବାର ଟେକ୍ନିକ୍ ତାକୁ ପୁରାପୁରି ମାଲୁମ । ଫ୍ଲାର୍ଟ୍ କରିବାର ଦକ୍ଷତା ତାର ଷୋଳଅଣା ଅଛି !

ମିନତିର ବାପା ସୁଧାଂଶୁ ଚୌଧୁରୀ ଜଣେ ମଧ୍ୟବିତ୍ତ ଜମିଦାର । ମିନତି ପିଲାଟି ଦିନରୁ ମାତୃହୀନା—ଓ ସେ ମଣିଷ ହୋଇଛି ବାପାଙ୍କ ହାତରେ । ଅଉ ବାପା ବି ମଧ୍ୟ ତାକୁ ଖୁବ୍ ଗେହ୍ଲା କରନ୍ତି—ସେ ତାଙ୍କର ଆଦରର ମିନୁ । ଏହି ଆଦର ଯେ ଦିନେ ମିନତିର ସର୍ବନାଶ କରିବ ଏ କଥା ବାପା ତାର ଜାଣିଥିଲେ । ସେ ବାହା ଦେଲେ ମିନତିକୁ ଜଣେ ଜମିଦାର ଘରେ । କିନ୍ତୁ ବର୍ଷଟେ ଯାଇଛି କି ନାହିଁ ସେ ସ୍ୱାମୀ ପରିତ୍ୟାଗ କରି ଚାଲି ଆସିଲା—ସେ ଆସିଛି ଅଉ ଯାଇନାହିଁ—ଯିବ କି ନା ବି ସନ୍ଦେହ । ସେ କହେ ସ୍ୱାମୀ ତାର ଚରିତ୍ରହୀନ । ତା ଛଡ଼ା ଜଣକୁ ଯେ ସେ ସାରା ଜୀବନ ଭଲ ପାଇବ ଓ ପ୍ରେମ ନିବେଦନ କରିବ ଏଥିର କୌଣସି ମାନେ ନାହିଁ ।

ବିଶ୍ୱପ୍ରେମର ପକ୍ଷପାତୀ ସେ—ପ୍ରେମର ସଂକୀର୍ଣ୍ଣତାକୁ ସେ ଘୃଣା କରେ । ଅଉ ପ୍ରେମଟା ତା' ପାଖରେ ଗୋଟେ Game । ତା'ର ଚେଷ୍ଟା ସବୁବେଳେ ତାର ଯେପରି ଜିତାପଟ ହୁଏ । ସ୍ୱାମୀ ପରିତ୍ୟାଗ କରି ଅସିବାର ଅଜକୁ ଛ ସାତ ବର୍ଷ ହେଲା, ହିସାବ କରି ଦେଖିବାକୁ ଗଲେ ସେ win କରିଛି ବେଶୀ ଓ loose କରିଛି କମ ।

କିଶୋର ମିନତିର ଦୂର ସମ୍ପର୍କୀୟ ଭାଇ । କିଶୋର ସାଙ୍ଗରେ ସେ ପିଲାଦିନେ ଖେଳିଛି ବୁଲିଛି । ମିନତି କିଶୋରଠୁଁ ମୋଟେ କେତେ ମାସରେ ବଡ଼ । ତାଙ୍କର ପିଲାଦିନରୁ ଘନିଷ୍ଠତା—କିନ୍ତୁ ଘନିଷ୍ଠତାଟା ପ୍ରେମରେ ପରିଣତ ହେଲା ମିନତିକୁ ଯେତେବେଳେ ତେର ବର୍ଷ—ସେ ଦେଖିଲା ଯେ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତାର ବନ୍ଧୁ ଛାଡ଼ି ପଡ଼ୁଛନ୍ତି । ସେହି ହେତୁରୁ ସେ ସେଇ ବୟସରେ ବି ତାଙ୍କର ବନ୍ଧୁତ୍ୱର ମୂଳଦୁଆ ବାଲି, ଚୂନ, ସିମେଣ୍ଟ ଦେଇ ଦୃଢ଼ କରିନେଲା ।

କିଶୋର ବଡ଼ ଲୋକର ପିଲା—ଫାଷ୍ଟ କ୍ଲାସରେ ଥରକୁ ଥର ଚାରି ଥର ଫେଲ ହୋଇ ସେ ସରସ୍ୱତୀଙ୍କ ଉପରେ ଅଭିମାନ କରି ଏବେ ଲକ୍ଷ୍ମୀଙ୍କର ଆରାଧନା କରୁଛି । ବାପା ବୋଉ ମଧ୍ୟ ସେଥିରେ ସନ୍ତୁଷ୍ଟ । "ପାଠ ନ ହେଲା ତ ନିଜର ଇଲାକା, ବାଡ଼ି, ଜାଗା, ଜମିଦାରୀ ବୁଝୁ" ଏଇଆ ତାଙ୍କର ମତ । ମେନେଜର ବୁଢ଼ା ହେଲେଣି ତାଙ୍କୁ ରେଷ୍ଟ ଦେବାକୁ ହେବ । କିଶୋର ଝୁଙ୍କ ପଡ଼ିଲା ଜମିଦାରୀ ମେନେଜମେଣ୍ଟରେ । କିନ୍ତୁ ହେଲେ କ'ଣ ହେବ କିଶୋର ବୁଦ୍ଧି ତାର ପୃଥୁଳ ବପୁ ସହିତ ସାମଞ୍ଜସ୍ୟ ରଖିଛି ସେ ଟିକିଏ ଡେରିରେ କଥା ବୁଝିବାକୁ ସମର୍ଥ । ଅଉ ସେ ଯାହା ବୁଝେ—ଅନ୍ତତଃ ଚାରିଆଡ଼େ କହିହୁଏ ଯେ ତା ପରି ଅଉ କେହି ବୁଝି ନାହାନ୍ତି । ସେ ଯାହା କରେ ଅନ୍ତତଃ ଦଶ ଜଣଙ୍କ ପାଖରେ କହିହୁଏ ସେ ଏମିତି ବୁଦ୍ଧିମାନର କାମ କରିଛି ଯାହାକି ଜଜ୍ ବାରିଷ୍ଟରଙ୍କ ମୁଣ୍ଡରୁ ଖୁବ୍ କମ ବାହାରେ । ଅଉ ଗୋଟେ ସବୁଠୁ ବଡ଼ କଥା ସେ ସମସ୍ତଙ୍କୁ ବୁଝେଇବାକୁ ଚେଷ୍ଟା କରେ ସେ ବୁଦ୍ଧିମାନ, ଶକ୍ତିମାନ । କମ ପାଠ ପଢ଼ିଥିଲେ ମଧ୍ୟ ବିଦ୍ୱାନ—କାରଣ ଇଂରେଜି-ଭରସିଙ୍ଗର ଛପଟା ଗୋଟେ Cloak to hide ones ignorance ସେ ଶରୀର ଚର୍ଚ୍ଚା ଦିଗରେ ମଧ୍ୟ ଖୁବ୍ ଯତ୍ନବାନ—ଅତ୍ୟ ସାଣ୍ଡୋ କମ୍ପା ଗାମା ଭଳିଆ କସ୍ରତ କରି ନାହିଁ—ସୁଖାଦ୍ୟ ଖାଇ—ତା ମତରେ "We live to eat not eat to live । ସେହି ହେତୁରୁ ତାର ଚେହେରାଟି ବେଶ ଗୋଲ ଗାଲ ଓ ଚିକ୍କଣିଆ ଚେହେରା ତାର ଦୃଷ୍ଟି ଓ ଜ୍ୟୋତ୍ସ୍ନା ପାଇଁ ପରି ନିର୍ମଳ । ସେ ବିଷୟରେ କେହି ତାକୁ ପଦେ କହିଲେ କହ ନାହିଁ ।

କିଶୋର ପ୍ରେମରେ ପଡ଼ିଲା—ପୁଣି କାହା ପ୍ରେମରେ ନା ମିନତି ପ୍ରେମରେ । ମିନତି ସେ ବର୍ଷ ଆସିଥାଏ ତାଙ୍କ ଘରକୁ ଚନ୍ଦନ ଯାତ୍ରା ଦେଖିବାକୁ । ଦୁଇ ଦିନ ମାତ୍ର ରହିଗଲା । ମିନତି

Digitized by srujanika@gmail.com

ଦେଖିଲ ଯେ କିଶୋର ସବୁଠୁ ଭଲ target ହେବ—ସେ ତାର ଜାଲ ପାରି ଦେଲା । ମିନତି କିଶୋରକୁ ବୁଝେଇ ଦେଲା ଯେ ଭାମାନ୍ସ ନ ଥିଲେ ମଣିଷ ଜୀବନଟା ବୃଥା । ପ୍ରଥମେ ପ୍ରଥମେ ଚିଠି ଗ୍ରାପରର ଉପହାରର ଆଦାନ ପ୍ରଦାନ ଚାଲିଲା । ମିନତି ତାକୁ କହିଲା ଯେ ସେ ଅସହାୟା ଓ ସ୍ୱାମୀ ବର୍ଜିତା—ସେ ତାର ଏକମାତ୍ର ସମ୍ବଳ—ସେଇ ହେବ ତାର ଜୀବନର ଧ୍ରୁବତାରା । କିଶୋର ଦୟା ପରବଶ ହୋଇ ହେଉ ବା ପ୍ରେମ ପରବଶ ହୋଇ ହେଉ ମିନତିକୁ ଭଲ ପାଇଲା । କିଶୋରର ବୋଉ ଜାଣି ପାରିଲେ ସବୁକଥା । ମିନତିକୁ ବିଦା କରିଦେଲେ ବାପ ଘରକୁ । ବନ୍ଧୁ ମହଲରେ ମଧ୍ୟ ଏକଥା ଅଛପା ରହିଲା ନାହିଁ । କେହି କେହି କହିଲେ "Kishore it is a bad Starting" କିଶୋର ସେ କଥାକୁ କାନ ଦଏନାହିଁ ।

ଏହା ଭିତରେ ତିନିବର୍ଷ ବିତି ଯାଇଛି । ବହୁ ନମନେଜର ହୋଇ ଯାଇଛନ୍ତି—କିଶୋର ଉପରେ ପୁରାପୁରି ମେଘେନଜଟମଣ୍ଡଳ ହୁର—କିଶୋର ଆଉ ସେ କିଶୋର ନାହିଁ, ସେ ପାଞ୍ଚ ଜଣରେ ଜଣେ । ସେ ସମାଜ ବିରୁଦ୍ଧରେ Axis ଶକ୍ତିରୂପେ ଦଣ୍ଡାୟମାନ । ସେ ବାପମାଙ୍କୁ ସ୍ପଷ୍ଟ ଶୁଣେଇ ଦେଇଚି ଯେ ସେ ବିବାହ କରିବ ନାହିଁ ଓ ମିନତିକୁ ସାଥୀ ହିସାବରେ ଗ୍ରହଣ କରିବ । ଆଇନତଃ ମିନତିକୁ ବିବାହ କରି ପାରିବ ନାହିଁ କାରଣ ତାର ସ୍ୱାମୀ ଜୀବିତ ।

ଏଇ ତିନିବର୍ଷ ଭିତରେ କିଶୋର ଓ ମିନତି ଅନେକ ଦୂର ଆଗେଇ ଯାଇଛନ୍ତି । କିଶୋର ଜାଣେ ମିନତି ତାକୁ ପ୍ରାଣ ଦେଇ ଭଲପାଏ । ମିନତି ଜାଣେ କିଶୋରଟା ଟାକୁ ଯେତେ ବାଗେଇ ହେବ ସେତେ । ସେ ଗଦା ଗଦା ପ୍ରେମ ପତ୍ର ଲେଖିଛି କିଶୋରକୁ—କିଶୋର ସେ ସବୁ ସାଇତି ରଖିଛି—ତା ସୁଟକେଶ ଭର୍ତ୍ତି । ସେ ତା ପ୍ରତି-ଦିନରେ ପାଇଛି—ଶାଢ଼ୀ, ବ୍ଲାଉଜ୍ ଓ ଟଏଲେଟ୍ ଦ୍ରବ୍ୟ । ତା'ର ବି ଙ୍କ ସୁଟକେଶ ସବୁ ଭର୍ତ୍ତି ।

ଥରକ ଘଟଣା, ମିନତି ଲେଖିଲା—

ପ୍ରିୟତମ !

ମୋତେ ଗାଁରେ ଜର ହୋଇ ବଡ଼ ଦୁର୍ବଳ ହୋଇ ପଡ଼ିଛି । ଡାକ୍ତର କହିଛି ଚେଞ୍ଜରେ ଯିବା ଦରକାର । ତମେ ନିଜେ ଆସ । ଆସିଲେ ଭାବୁଛି ପୁରୀ ଯିବା । ଆଉ ବେଶୀ ଲେଖି ପାରୁନାହିଁ—ମାନ୍ଦ ଚୁମା ନେବ । ଇତି ।

ତମର—ମିନୁ

କିଶୋର ଚିଠି ପାଇ ଲେଖିଲା, "ସେ ଯାଇ ପାରିବ ନାହିଁ । ଲୁଟବନ୍ଦୀର ତାରିଖ ଆଗରେ—ଅଦାଲତ ଅମୂଲ୍ୟ ଚାଲିଛି ଜୋର ଯୋଗରେ । ସେ ଦୁଇଶ ଟଙ୍କା ପଠଉଚି । ସାନଭାଇ ଚୁନୁକୁ ସାଙ୍ଗରେ ନେଇ ପୁରୀ ଚାଲିଯାଅ । ଲୁଟବନ୍ଦୀ ପରେ ଯାଇ ପହଞ୍ଚିବି ।"

ମିନତି ତାଙ୍କ ଗାଁର ଦୂର ସଂପର୍କୀୟ ଭାଇ ବିଜନକୁ ନେଇ ପୁରୀ ଗଲା । ସେମାନେ ସ୍ୱର୍ଗଦ୍ୱାର ପାଖରେ ଗୋଟିଏ ଛୋଟ ଘର ଭଡ଼ା ନେଇଅଛନ୍ତି । ବିଜନ ସୁଦର୍ଶନ ଯୁବକ ଓ ଆର୍ଟ ଇସ୍କୁଲରେ ପଢ଼େ । ପୁରୀରେ ସେ ପହଞ୍ଚିଲା ଦିନରୁ ମିନତି କିଶୋର ପାଖକୁ ଲେଖିବାକୁ ଭୁଲିଯାଇଛି । ତାର ବିଜନ ଭାଇ ବର୍ତ୍ତମାନ ସବୁ ଚିନ୍ତା । ସଞ୍ଜହେଲେ ସେମାନେ ସମୁଦ୍ର କୂଳକୁ ବୁଲି ଯାଆନ୍ତି—ବିଜନ ନିଛାଟିଆ ଯାଗା ଦେଖି ବସେ ଓ ତାର ବଂଶୀଟି ଧରି ବଜାଏ—ମିନତି ତା କୋଳରେ ମଥା ଦେଇ ଶୁଣେ ଓ କହେ, "ବିଜନ ଭାଇ ତମେ ଭାରି ସୁନ୍ଦର ବଂଶୀ ବଜାଉଛ ।" ବିଜନ ଚୁପ ହୋଇପଡ଼େ ।

ମିନତି କହେ, "ବନ୍ଦ କଲ ଯେ ।"

"ନା, ମିନତି ଆଉ ଭଲ ଲାଗୁନାହିଁ—ବଜେଇ ବା ଲାଭ କ'ଣ ? ଯଦି ଅନ୍ୟଜଣକ ମନରେ ରସ ସଞ୍ଚାର କରି ନ ପାରିଲି ।"

ମିନତି ଚୁମାଟିଏ ଦେଇ କହେ, "ବିଜନ ଭାଇ ତମେ ଭାରି ଦୁଷ୍ଟ ।"

ଏଇପରି ଦିନଗୁଡ଼ା ତାଙ୍କର କଟିଯାଏ ।

× × + +

ଲୁଟବନ୍ଦୀ ଶେଷ ଦିନ କିଶୋର ଗୋଟିଏ ଚିଠି ପାଇଲା ପୁରୀରୁ । ମିନତି ଲେଖିଛି—

ପ୍ରିୟତମେ,

ପୁରୀରେ ଆସି ମୋଟେ ମନ ଲାଗୁନାହିଁ । ମୋ ଦେହ ମଧ୍ୟ ଭଲ ନାହିଁ । ମୁଁ ଆଶାକରିଥିଲି ଏଠି ଭଲ ହୋଇ ଯିବ ବୋଲି । ମୁଁ ଆଜ ରାତି ଗାଡ଼ିରେ କଲିକତା ଯାଉଛି ଚୁନୁକୁ ସାଙ୍ଗରେ ନେଇ । ସେଠାରେ କିଛିଦିନ ରହି ଡାକ୍ତର ଦେଖେଇବି । ତମେ କଲିକତା ଆସ । ମୋ ପାଖରେ ଟଙ୍କା ପଇସା ମଧ୍ୟ ସରି-ଗଲାଣି । ଏଠାରେ ମଧ୍ୟ କଲେରା ଲାଗି ଗଲାଣି । ଆଶାକରେଁ ଭଲଥିବ ଓ ମୋର — ନେବ । ତମର ଯେତେ ଇଚ୍ଛା । ଆଉ କଣ ଲେଖିବି । ଇତି ।

ତମର—'ମିନୁ'

ପୁଃ ମୁଁ କଲିକତାରେ ପହଞ୍ଚି ବସା ଠିକଣା ଜଣାଇବି ।

ଗୁରୁ ପାଞ୍ଚଦିନ ପରେ ପୁଣି ଗୋଟିଏ ଚିଠି—

Digitized by srujanika@gmail.com

ପ୍ରିୟ ଦେବ,

ଆମେ ଏଠାରେ ଆସି ୪୭ ନଂ ଲେକ ରୋଡ଼ରେ ଉଠିଚୁ। ଟ୍ରାମ୍ ପାଖରେ ଅଛି। ଘରଟି ଛୋଟ ଓ ଛବି ଭଳିଆ ସୁନ୍ଦର। ତୁମେ ଆସ—ଆମେ ଏଠି କପୋତ କପୋତୀ ଭଳି ସୁଖ ନୀଡ଼ ରଚନା କରିବା। ଆମେ ରହିବା ବହୁତ ଦୂରରେ—ଏଠାରେ ସମାଜର ତାଡ଼ନା ନାହିଁ କି ଆତ୍ମୀୟ ସ୍ୱଜନଙ୍କର ବିଦ୍ରୂପ ନାହିଁ। ଆମର ପ୍ରେମ ଅଭିଯାନ ଏଠାରେ ସାଫଲ୍ୟ ମଣ୍ଡିତ ହେବ। ତୁମେ ଶୀଘ୍ର ଆସ। ଇତି।

ତୁମର—ମିନୁ।

କିଶୋର ଚିଠି ଖଣ୍ଡି ପାଇ ସେଦିନ ରାତି ଏକ୍ସପ୍ରେସରେ କଲିକତା ଗଲା। ଘରେ କହିଗଲା ସେ ମଫସଲ ଯାଉଛି। ସାଙ୍ଗରେ ନେଲା ତାର ମେନେଜେଡ଼ କରିବା ଦୋକାନଠାରୁ ସଞ୍ଚିତ ଅର୍ଥ—ପ୍ରାୟ ଦୁଇ ହଜାର ଟଙ୍କା--ଭାବିଲା ସେ ଆଉ ଫେରିବ ନାହିଁ।

କଲିକତାରେ ପହଞ୍ଚି ଦେଖିଲା ଯେ ବିଜନ ଓ ମିନତି ଆଉ ଜଣେ ଚାକର ନେଇ ଅଛନ୍ତି। ବିଜନକୁ କିଶୋର ଆଗରୁ ଚିହ୍ନେ—ତାକୁ ସନ୍ଦେହ କରିବାର କିଛି କାରଣ ନ ଥିଲା—ବିଜନ ଏଠାରେ କୌଣସି କଲେଜରେ ପଢ଼େ, ମିନତି ହୁଏତ ଡକେଇ ଆଣିଥିବ ସାଙ୍ଗରେ ବୁଲବୁଲି କରିବାକୁ। କିଶୋର ଟଙ୍କା ପଇସା ତକ ମିନତି ଜିମା କରି ଦେଇ ତା'ର ଜଣେ ଆତ୍ମୀୟଙ୍କ ସଙ୍ଗରେ ଦେଖା କରିବାକୁ—ଗଲା ମିନତିକୁ କହିଗଲା ତା'ର ହୁଏ ତ ଫେରିବାକୁ ଟିକିଏ ଡେରି ହୋଇପାରେ—

କିଶୋର ରାତି ଆଠଟାବେଳେ ଫେରି ଦେଖିଲା ଯେ ଘରେ ତାଲା ପଡ଼ିଛି—ପାଖ ଦୋକାନରେ ଚାକରଟା ବସି ଚା' ପିଉଥିଲା। ସେ ଆସି ଚାବି ଦେଲା ଓ କହିଲା ଯେ ସେମାନେ କାଳିଘାଟରେ ଥିବା କୌଣସି ଆତ୍ମୀୟଙ୍କ ପାଖକୁ ବୁଲି ଯାଇଛନ୍ତି। କାଲି ଆସିବେ।

ଟ୍ରେନ କଷ୍ଟ ଓ ବୁଲବୁଲି ଦ୍ୱାରା କିଶୋର ଥକା ହୋଇ ପଡ଼ିଥିଲା—ସେ ରାତିରେ ସାମାନ୍ୟ ଜଳଯୋଗ କରି ନିଜର ବିଛଣା ଖଣ୍ଡିକ ମେଲିଇ ଶୋଇ ପଡ଼ିଲା।

ତହିଁ ଆର ଦିନ—।

କିଶୋରର ଉଠିବାକୁ ଟିକିଏ ଡେରି ହେଲା। ଉଠି ଦେଖେ ଯେ ଚାକରଟା ନାହିଁ। "ହୁଏତ କିଆଡ଼େ ଯାଇଥିବ କିମ୍ବା କେଉଁଠି ଦୋକାନରେ ବସି ଚା ଖାଉଥିବ।" ଦଶଟା ବାଜିଲା ଚାକର ଦେଖା ନାହିଁ। ନିଜର ଶାର୍ଟ ପକେଟରୁ ସୁଟକେଶ ଖୋଲିବ ବୋଲି ଚାବି ଆଣିବାକୁ ଯାଇ ଦେଖିଲା ପକେଟରେ ମନିବ୍ୟାଗ ନାହିଁ। ଏ ନିଶ୍ଚୟ ଚାକରର କାଣ୍ଡ। ମନରେ ସନ୍ଦେହ ଛୁଇଁଲା। ତରବର ହୋଇ ମିନତି ରୁମ୍‌କୁ ଗଲା। ଦେଖିଲା ସେଠାରେ ଦୁଆରେ ତାଲା ପଡ଼ିଛି କବାଟ ଫାଙ୍କରେ ଅନାଇ ଦେଖିଲା ଯେ କେବଳ ନିଜର ସୁଟକେଶ ଖଣ୍ଡିକ ଅଛି—ଆଉ କିଛି ନାହିଁ। ଶୀଘ୍ର ଭାଙ୍ଗି ଘରେ ପଶି ଦେଖିଲା ସୁଟକେଶ ଉପରେ ଖଣ୍ଡିଏ ଚିଠି ଥୁଆ। ଚିଠି ଖଣ୍ଡି ଖୋଲି ପଢ଼ିଲା ସେଥିରେ ଲେଖାଥିଲା—

କିଶୋର,

ବିଜନଭାଇଙ୍କ ସାଙ୍ଗେ ମୋର ସ୍ୱାମୀଙ୍କର ଦେଖାହେଲା ହଠାତ୍। ସେ ମୋ କଥା ଶୁଣିଲେ—ମୁଁ ତାଙ୍କ ପାଖକୁ ଫେରିଗଲି। ତୁ ମୋତେ ଭୁଲ ବୁଝିବୁ ନାହିଁ। ମୋର ଆଶୀର୍ବାଦ ନେବୁ। ଇତି।

ତୋର—'ମିନୁଦି'

କିଶୋର ମୁଣ୍ଡରେ ବଜ୍ର ପଡ଼ିଲା। ମିନତି ଯେ ତାର ସମସ୍ତ ଟଙ୍କା ପଇସା ନେଇ ଚଂପଟ ଦେବ ଏକଥା ସେ କେବେ ମନରେ ଧାରଣା କରିନାହିଁ।

ଏ କଲିକତା ସହରରେ ସେ'ବା ତାକୁ ଖୋଜିବ କେଉଁଠି। ସୁଟକେଶ ଖୋଲି ଦେଖେ ଯେ ସୁଟକେଶରେ କିଛି ନାହିଁ କେବଳ ଗଦାଏ ତା'ର ଲେଖା ପୁରୁଣା ଚିଠି। ତା'ର ଗାମଛା ଯାହା ବି ଦିଖଣ୍ଡ ଥିଲା ସେ ବି ଯାଇଛି। ସେ ମୁଣ୍ଡରେ ହାତ ଦେଇ ନିଜର କପାଳକୁ ନିନ୍ଦି ହେଲା। ଚିଠିଗୁଡ଼ାକ ଫୋପାଡ଼ି ଦେଇ ଖାଲି ସୁଟକେଶ ଖଣ୍ଡିକ ଓ ନିଜର ବିଛଣା ପଜ ଧରି ବାହାରି ପଡ଼ିଲା। ଦୁଆର ମୁହଁରେ ଆସି ଦେଖେ ଘର ମାଲିକ ଠିଆ ହୋଇଛି। ସେ ତାର ବାକୀ ଭଡ଼ା ମାଗୁଛି। କିଶୋର କିଛି କଥା ନ କହି ଆଙ୍ଗୁଳିରୁ ସୁନା ମୁଦିଟି କାଢ଼ି ବଢ଼େଇ ଦେଲା ଓ ନିଜର ଅସହାୟ ଅବସ୍ଥା ବିଷୟରେ ସବୁ କହିଲା। ଘରବାଲା କିଛି ନ କହି ଟିକିଏ ହସିଦେଲେ। କିଶୋର ବଡ଼ ରାସ୍ତାରେ ପହଞ୍ଚି ଖୁବ୍ ଅନ୍ୟମନସ୍କ ହୋଇ ଚାଲିଛି ଏପରେ ସମ୍ମୁଖରେ ପଛପଟୁ ଗୋଟେ ଟାକ୍ସି ଆସି ହର୍ଣ୍ଣ ଦେଇ ଚାଲିଗଲା। ସେ ବୁଲିପଡ଼ି ଦେଖିଲା, ସେ ଟାକ୍ସିରେ ବସିଛନ୍ତି ବିଜନ ଓ ମିନତି।

କିଶୋର ସାରା ଦେହରେ ବିଦ୍ୟୁତର ପ୍ରବାହ ଖେଳିଗଲା—ତା'ର ମନେ ହେଲା କିଏ ଯେପରି ତା' ଉପରକୁ ଇଉରେନିୟମର ବୋମାଟାଏ ଫୋପାଡ଼ି ଦେଇଗଲା। ସେ ପୁଣି ଚାଲିବାକୁ ଆରମ୍ଭ କଲା। ସାମନା ଗଳି ମୋଡ଼ରେ ଦେଖିଲା କାନ୍ଥରେ ଗୋଟିଏ ମେଟ୍ରୋ ସିନେମାର ପୋଷ୍ଟର ମରା ହୋଇଛି। ସେଥିରେ ଖୁବ୍ ବଡ଼ ବଡ଼ ଲାଲ ଅକ୍ଷରରେ ଲେଖାଅଛି—"The Devil is a woman." ସେ ମନେ ମନେ ଖୁସି ହେଲା, "ଠିକ୍ କଥା The Devil is a woman.

ସଜନା ଗଛମୂଳେ… ……

# ଗୋଲାପ ରାଣୀ

## —ମଜାକବିତା—

ଲେଖକ:—ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡା ।

( ୧ )

ଅଗୋ ମୋ ଗୋଲାପ ରାଣି,
ତବ ଲାଗି ମମ ଯୁବକ ହୃଦୟେ
ବହଇ ପ୍ରେମ ଉଜାଣି;
ପାରିବ କି ସଖି ! ଜାଣି ।

( ୨ )

ନୟନୁ ନିଦ୍ରା ଉପେକ୍ଷି,
କେତେ ରାତି ମୁହିଁ କଟାଇ ଦେଇଛି
ପ୍ରେମ ଚିଠି ଲେଖି ଲେଖି;
ବୁଝିବ କି ଅୟି, ସଖି ।

( ୩ )

ତୁମ ଦରଶନ ପାଇଁ,
ଘୂର୍ଣ୍ଣିବାୟୁ ସମ ଗୋଧୂଳି ଲଗନେ
ଏଣେ ତେଣେ ବୁଲି ଧାଇଁ;
(କିନ୍ତୁ) ଦେଖା ନାହିଁ ଦେଖା ନାହିଁ ।

( ୪ )

ସଙ୍କେତ ସ୍ଥାନ ଭାବି,
ତୁମରି ପଥକୁ ନିରେଖି ଥାଏଁ ମୁଁ
ସିଗାରେଟ୍ ଜାଳି ଜାଳି;
ଓଠ ପଡ଼ିଯାଏ କାଳି ।

( ୫ )

କେତେ କଥା କହେଁ ଟାଣି,
ତୁମରି ବଦନୁ ଶୁଣିବାକୁ ପଦେ
ସେହି ବୀଣାକ୍ୱଣା ବାଣି;
ଅଗୋ ମୋ ଗୋଲାପ ରାଣି ।

( ୬ )

ଗୃହେଁ ଯାଅ ଯେବେ ଥରେ,
ବାତାୟନ ଫାଙ୍କେ ସନ୍ଧ୍ୟାଲୋକେ ବସି
ନିଶି ଗୋଟା ଝୁରି ମରେ;
ବଡ ପାପେ ଉଜାଗରେ ।

( ୭ )

ହୋଇବାକୁ କୃପାପାତ୍ର,
ପ୍ରଭାତ ସିନେମା ଟିକେଟ୍ କାଟି ମୁଁ
ହୋଇଲିଣି ବ୍ୟତିବ୍ୟସ୍ତ;
(କିନ୍ତୁ) ବୃଥା ପରିଶ୍ରମ ମାତ୍ର ।

( ୮ )

ଗୁହେଁ ମୁଁ ତୁମକୁ ଗୋଟି,
ମନମତାଣିଆଁ ରୂପ ଅଛି ତବ
ଅଟ ସ୍ୱର୍ଗ ଅପସରୀ;
ମୋ ମନ କଲ ଚୋରି ।

Digitized by srujanika@gmail.com

# କିସ ପୁଣି ଦେଖା ନ ଯାଏ.........

## ଅଜବ ଦୁନିଆ

### ଲମ୍ବା ନାକ

ଇଂଲଣ୍ଡର ୟର୍କସାୟାରରେ ଅଧିବାସୀ ଥମାସ ୱେଡର (Thomas Wedder) ଙ୍କର ନାକର ଲମ୍ବା ସାଢେ ସାତ ଇଞ୍ଚ। ସେ ଏହି ନାକକୁ ଦେଖାଇ ତାଙ୍କର ଜୀବିକା ଉପାର୍ଜନ କରନ୍ତି।

+ + +

### ଲମ୍ବା ବକ୍ତୃତା

ଡାକ୍ତର ଓଟୋ ଲେକ୍‌ଟର ( Dr. Otto Lechter. ) ନାମକ ଜଣେକ ଅଷ୍ଟ୍ରିୟା ଅଧିବାସୀ ଅଷ୍ଟ୍ରିୟାର ପାର୍ଲିଅମେଣ୍ଟରେ ସନ୍ ୧୮୯୭ ସାଲରେ ସବୁଠୁଁ ଲମ୍ବା ବକ୍ତୃତା ଦେଇଥିଲେ। ସେ ଏକାଧିକ୍ରମେ ୧୨ ଘଣ୍ଟା ଧରି ବକ୍ତୃତା ଦେଇଥିଲେ ଓ ମଝିରେ କୌଣସି ସମୟ ବନ୍ଦ କରି ନ ଥିଲେ। ଇଂଲଣ୍ଡ ଅଧିବାସୀ ଗ୍ଲାଡ଼ଷ୍ଟୋନ୍ ଥରେ ବରମିଂଘାମରେ ବକ୍ତୃତା ଦେଇଥିଲେ। ସେ ପ୍ରଥମେ ଯେଉଁ ପଦଟି କହିଥିଲେ ସେଥିରେ ୧୬୭ଟି ଶବ୍ଦ ଥିଲା।


+ × +

### ରହସ୍ୟପୂର୍ଣ୍ଣ ଘର

କାଲିଫର୍ଣ୍ଣିଆର ସାନ୍‌ଟାକ୍ଲାରଭେଲିରେ ଗୋଟିଏ ରହସ୍ୟ ପୂର୍ଣ୍ଣ ଘର ( Mystry House ) ଅଛି। ଏହା ଇନ୍ଦ୍ରଜାଲରେ ପୂର୍ଣ୍ଣ। ଏହି ଘରଟି ଜଣେ ସ୍ତ୍ରୀଲୋକର ଓ ସେ ଜଣେ ଧନ କୁବେର। ତାଙ୍କର ଖିଆଲରେ ଏହି ଘରଟି ତିଆରି ହୋଇଛି ଓ ଏଥିରେ ଅଜସ୍ର ଅର୍ଥ ବ୍ୟୟ ହୋଇଛି। ଘରର ଦ୍ୱାର ସବୁ କାନ୍ଥ ସାଙ୍ଗରେ ଏପରି ଭାବରେ ମିଶି ଯାଇଛି ଯେ ତାହା କାନ୍ଥ ବୋଲି ଭ୍ରମ ଜନ୍ମାଏ। ଏ ଘରେ ଏପରି ସବୁ ପାହାଚ ରହିଛି ଯାହାକି କେଉଁ ଆଡ଼କୁ ଯାଇନାହିଁ। ସିଡ଼ି ଗୁଡ଼ିକ ମଧ୍ୟ ଅଦ୍ଭୁତ ଭ୍ରମପୂର୍ଣ୍ଣ। ପ୍ରତ୍ୟେକ ପ୍ରତ୍ୟେକ ସିଡ଼ି ଓ ଘରଭିତରେ ସୁନାର ଓ ରୂପାର ଅନେକ କାମ ହୋଇଛି ଯଥା ସିଡ଼ିର ୫୦୦୦ ପାଉଣ୍ଡରୁ ବେଶୀ ଖରଚ ହୋଇଛି। ଏ ଘରର ଅଧିକାରିଣୀଙ୍କର ବିଶ୍ୱାସଥିଲା ଯେ ସେ ଯେ ପର୍ଯ୍ୟନ୍ତ ଏ ଘରକୁ ବଢ଼ାଉ ଥିବେ ସେତେ ଦିନ ସେ ବଞ୍ଚି ରହିବେ। ଏହି ଘରେ ୧୪୪ଟି କୋଠରୀ ଅଛି ଓ ଏହା ତିଆରି କରିବାକୁ ବଢେଇ ଓ ରାଜମିସ୍ତ୍ରୀମାନଙ୍କୁ ୩୮ ବର୍ଷ ଲାଗିଥିଲା।

× + ×


## ପକେଟ୍ ପ୍ରେସ




ଘରେ ବସି ନିଜର ଆବଶ୍ୟକୀୟ—ଏଡ୍ରେସ, ଲେବୁଲ, ଚିଠି କାଗଜ ଓ ପ୍ରୋଗ୍ରାମ ପ୍ରଭୃତି ଛପାଇ ନିଅନ୍ତୁ। ପ୍ରତ୍ୟେକ ଘରେଇର ଏଥିରୁ ଗୋଟିଏ ରଖିବା ନିତାନ୍ତ ଦରକାର। ୨ ନମ୍ବର ଦାମ ଟ ୧୫ ୩ ନମ୍ବର ଦାମ ଟ ୨୫। ଡାକଖର୍ଚ୍ଚ ପୃଥକ ପାର୍ଶେଲର ଟ ୦୯୯ ପ୍ରତ୍ୟେକ ଅର୍ଡର ସାଙ୍ଗରେ ଗୋଟିଏ ଫଟୋଗ୍ରାଫର ବାଇସ୍କୋପ ବିନା ମୂଲ୍ୟରେ ଦିଆଯାଏ। ଇଂରାଜୀରେ ଅର୍ଡର ଦେବାକୁ ହେବ।

CALCUTTA Clock Co. ( Sec 516 )
Post Box No. 12203. Calcutta.


Digitized by srujanika@gmail.com

# କାର୍ଟିଆ ବଳଦ ଗଲା ଗଲା............

ସଂଗ୍ରାହକ— ଶ୍ରୀ ଦେବ ମହାପାତ୍ର

ଦୋକାନୀ—ଆପଣଙ୍କର କଳା ଚେହେରାକୁ ଏଇ କଳା ଚୌଠଟା ଚଶମାକାର ମାନୁଛି ।

ଖରିଦଦାର୍—କିନ୍ତୁ ମୁଁ ଦାମ ଶୁଣୁ ଶୁଣୁ କଳା ମଡ଼ି ଯାଉଛି ଯେ ।

× + ×

ସ୍ୱାମୀ—ତମେ ଜାଣିଛ ତାହାଙ୍କୁ ପ୍ରିୟେ ?

ସ୍ତ୍ରୀ—ମୁଁ ତମକୁ କହି ପାରିବିନି ।

ସ୍ୱାମୀ—ମତେ କହି ପାରିବନି, କାହିଁକି ?

ସ୍ତ୍ରୀ—ତାର ଦାମ ଖୁବ ବେଶୀ ।

× + ×

ସ୍ତ୍ରୀ—ତମର ହାକିମ ଯୋଉ ପ୍ରକାର ଚୁରୁଟ୍ ଟାଣନ୍ତି, ତମେ ସେ ରକମ ଚୁରୁଟ କାହିଁକି ଟାଣ ଭଲ ?

ସ୍ୱାମୀ—ପହିଲ ଅଧିକ ସେ ଟାଣନ୍ତି ।

× × ×

ବାପା—( ରାଗିକରି ) ତୁ ପରୀକ୍ଷାରେ ଫେଲ ହେଲୁ ଫେର । ଏଥିପାଇଁ ତୁ କି କାରଣ ଦେଖାଉଛୁ ?

ପୁଅ—ତାର କାରଣ ହଉଛି, ସେମାନେ ଆରବର୍ଷ ଯୋଉ ପ୍ରଶ୍ନ ସବୁ ପଚାରିଥିଲେ, ଏଥର ପୁଣି ସେଇଆ ପଚାରିଲେ ।

× × ×

ପୁଅ—ଆମ ନୂଆ ମାଷ୍ଟ୍ରେ ଭାରି ଗ୍ରେଟ ଲୋକ !

ମା—ଛି, ଏମିତିଆ କଥା କହନ୍ତି !

ପୁଅ—ହଁ ମ ସତରେ ! ତୁ କଣ ଭାବୁଛୁକି ? ସେ ମୋ ଛୁରୀ ମାଗି ନେଲେ ପେନ୍ସିଲ କାଟିବା ପାଇଁ କାଟି ସାରି ମୋର ଖାତାରେ ଶୂନ ବସେଇ ଦେଲେ ।

× × ×

ମେରି—ଶୁଣିଚ ସାଇମନ, ବାପା କହିଲେ ଆମେ ଦୁହେଁ ବାହାହେବା ଓ ବାହାଘରର ଅଧା ଖର୍ଚ୍ଚ ସେ ଦେବେ ।

ସାଇମନ୍—କେଡ଼େ ଆନନ୍ଦର କଥା ! ବର୍ତ୍ତମାନ କଥା ହେଲାଣି, ଯେ ଏମିତିଆ ଆଉ ଜଣକୁ ଖୋଜିବାକୁ ପଡ଼ିବ, ଯିଏ ଆଉ ଅଧାଟା ଦେଇ ପାରିବ ।

\+ × +

ସୈନିକ—ଆର ଯୁଦ୍ଧରେ, ବନ୍ଧୁକ ଗୁଳିରେ ମୋ କାନରୁ ଖଣ୍ଡେ ଉଡ଼ି ଚାଲିଗଲା ।

ବନ୍ଧୁ—ଯାଇଚିତ ଯାଇଚି, ସେଥିପାଇଁ ଆଉ ମନ ଦୁଃଖ କରନା ।

ସୈନିକ—ମୁଁ କାନ ପାଇଁ ତ ଦୁଃଖ କରୁନି, କିନ୍ତୁ କାଣିରୁ ମୁଁ ସେଥିରେ ଖଣ୍ଡେ ସିଗାରେଟ୍ ଖୋସି ଥିଲି ।

× × ×

ସ୍ୱାମୀ—( ଖାଇଲାବେଳେ ) ଭଗବାନ ! ମୁଁ ତ ଏକାବାରେ ଭୁଲି ଯାଇଥିଲି ଯେ ଆଜି ମୋର ଜନ୍ମଦିନ ବୋଲି !!

ସ୍ତ୍ରୀ—କିନ୍ତୁ ଆଜି ତ ତୁମର ଜନ୍ମଦିନ ନୁହଁ ।

ସ୍ୱାମୀ—ନୁହଁ ? ତେବେ ଏ ଛନା ତରକାରୀ କାହିଁକି ?

ସ୍ତ୍ରୀ—ଏ ଆଜି ଆମ ବିବାହ ଛଅର ବାର୍ଷିକ ଶୁଭ ଦିବସ !

\+ × +

ସୁରେଶ—ହରିଶ୍, ତୁ ତୋର ଭାବୀପତ୍ନୀକୁ ଦେଖିବାକୁ ଯାଇଥିଲୁ, ତା ସହିତ ଆଳାପ କଲା ବେଳକୁ ଖୁବ ଲାଜ ଲାଜ ଲାଗିଥିବ ନା ?

ହରିଶ୍—ହଁ ଲାଗୁଥିଲା କିନ୍ତୁ ମୋ ଭାବୀ ସ୍ତ୍ରୀ ମୋ ଲାଜ ଭାଙ୍ଗି ଦେଲେ ।

× + ×

Digitized by srujanika@gmail.com

# ଛାଞ୍ଚୁଣି ବନାମ କୋରଡ଼ା

ମାନନୀୟ

'ଡଗର' ସଂପାଦକ ମହାଶୟ—

ଗତ ସଂଖ୍ୟା 'ଡଗର'ର ଛାଞ୍ଚୁଣି × କୋରଡ଼ା ବିଭାଗରେ 'ଜଣେ ଭଉଣୀ'ଙ୍କର ପତ୍ରଟି ପଢ଼ି ମୋ ମନରେ କେତେ ଗୁଡ଼ାଏ କଥା ଉଦୟ ହୋଇଛି । ସେ କଥା ଗୁଡ଼ିକ ଆପଣଙ୍କୁ ନ ଲେଖି ( କାରଣ ଆପଣ ପୁରୁଷ ) ସେହି ଭଉଣୀଙ୍କୁ ସମ୍ବୋଧନ କରି ଚିଠି ଖଣ୍ଡିଏ ଦେଲି । ଆପଣ ତାହା ପ୍ରକାଶ କଲେ ଆନନ୍ଦିତା ହେବି ।

ଇତି

ଆପଣଙ୍କର

ଆଉ ଜଣେ ଭଉଣୀ

ପ୍ରିୟ ଭଉଣୀ—

'ଡଗର'ରେ ତୁମ ଚିଠି ଖଣ୍ଡ ପଢ଼ିଲି । ତୁମେ ଯେ ହୋଇଥାଅ, ନାରୀ ହିସାବରେ ମୋର ହୃଦୟ ତୁମ ପାଇଁ କାନ୍ଦି ଉଠୁଚି ସମ-ବେଦନାରେ ଝର ଝର ହୋଇ ଦେଡ ଦେଡିକା ଦର ଲାଗୁଛି । କୋହରେ ଛାତି ଫାଟି ଯାଉଛି । ଇଚ୍ଛା ହେଉଛି ଯଦି ମୁଁ ତୁମର 'ତାଙ୍କୁ' ଥରେ ଆଗରେ ପାଆନ୍ତି ତେବେ ଟପଲ ନ ହେଉ ମୁଣ୍ଡି ଛାଞ୍ଚୁଣିରେ ଝାଡି ଦେଇ ତାଙ୍କ ପୁରୁଷତ୍ୱର ଦମାକ ଭାଙ୍ଗି ଦିଅନ୍ତି । ତୁମେ ବୋଧହୁଏ ଏଇ କଥାଟି କରି ପାରି ନାହଁ । ତୁମେ ବୋଧହୁଏ ବଡ଼ ବେଶୀ ଅଭିମାନିନୀ କିନ୍ତୁ ମୋ କଥା ମାନି ଯାଅ । ଏ ଯୁଗରେ ଅଭିମାନ କିଛି କାମ କରେ ନାହିଁ । ମଣିଷଟାକୁ ଅକ୍ତିଆର କରି ପାରି, ଯବତ କରିପାରି, ପୋଷ ମନେଇ ପାରି, ଗୋଲାମ ବନେଇ ପାରି ତେବେ ଯାଇ ଅଭିମାନ କରିବାକୁ ହେବ । ସେ ଅଭିମାନର ଫଳ ଫଳେ ଗଦା ଗଦା, ଆଉ ତୁମ ପରି ନୂଆଁଳା ଅଭିମାନ ମରୁଭୂମିରେ ଛୁଆ ଖୋଜିଲା ପରି । ସେଥିରେ ନିଜ ଅଭିମାନ ନିଆଁରେ ନିଜେ ପୋଡ଼ି ହୋଇ ମରିବ । ଆଉ କାହାର କିଛି ହେବ ନାହିଁ । ଲକ୍ଷ୍ମଣୀ ହୋଇଥିଲେ ସିନା ତରଳନ୍ତା—ନରଟ ପଥରଟା ତରଳିବ ନାହିଁ ତ, କେବଳ ତାତି ଉଠିବ । ଏଣୁ ମୋର ସାନ କଥା ଶୁଣ ଭଉଣୀ, ଅଭିମାନ ଛାଡ଼ ଆତ୍ମମର୍ଯ୍ୟାଦାର ମିଥ୍ୟା ଗୌରବ ଛାଡ଼ ନିଜକୁ ନିଜେ ଜୋର କରି ବସ । ଇଂରେଜରେ ଯାହାକୁ କହନ୍ତି assert କର । ଦେଖିବ ଏହାର ଫଳ କିପରି ? ତୁଚ୍ଛାଟାରେ କାହିଁକି ପୋଡ଼ି ଜଳି ମରୁଛ । ତୁମ ପାଇଁ ଅମୃତ ଭଣ୍ଡାର ଥୁଆ ହୋଇଛି । ସବୁ ତୁମରି ହାତରେ ।

ମୋ କଥା ଶୁଣିବ—ଆମର 'ସେ' ବି ବିଭାହର କିଛି ଦିନ ପରେ ଏଇପରି ହେଉ ହେଉଥିଲେ । ମୁଁ ଯଦି ସେଟା ସେତେବେଳେ ବୁଝି ପାରି ନ ଥାନ୍ତି ତେବେ ହୁଏତ ଆଜି ତୁମରି ପରି ପୋଡ଼ି ଜଳି ହୋଇ ମରୁଥାନ୍ତି । କିନ୍ତୁ ଠାକୁରଙ୍କ ଦୟାରୁ ମୁଁ ବୁଝି ପାରିଲି । ବୁଝିପାରି ଜଣେ କୌଶଳରେ ଏପରି ଏକ 'ଦାବନ' ଦେଲି ଯେ ସେହି ଦିନୁ ସେ ସାମ୍ନା ହୋଇ ଗଲେ—ସେହି ଦିନୁ ସେ ଅତି ଭଲ ପିଲାଟି ( good boy ) ହୋଇ ଏଣିକି—ଯେ ଆମ ଦୁହିଁଙ୍କର ସ୍ନେହ ଆମେ ଭୋଗକରି ନେଇଛୁ ।

କେତେ ଗୁଡ଼ାଏ ଥାନରେ ତାଙ୍କର ପ୍ରବୃତ୍ତି ମୁଁ ମାନେ ନାହିଁ ଓ କେତେ ଥାନରେ ମୋ ପ୍ରବୃତ୍ତି ସେ ମାନି ନଥାନ୍ତି ଏଇ ଭାଗଟା ( Partition ) ବିଷୟରେ କେଉଁଟି ଗୋଳମାଳ ଉପସ୍ଥିତ ହେଲେ ଅବଶ୍ୟ ଟିକିଏ ଅଡୁଆରେ ପଡିବାକୁ ହୁଏ । ତେବେ ସେଟା ମେଣ୍ଟି ଯାଏ । ସେଇପରି ଟିକିଏ ଟିକିଏ ନ ହେଲେ ଘରଟା (Home) ବଡ଼ ଖାଲି ଖାଲି ଲାଗେ, ବଡ଼ ନିଛାଟିଆ, ନିରାଶ ମାଲୁମ ହୁଏ । ଦାଂପତ୍ୟ ଜୀବନରେ ଏଇପରି ଟିକିଏ ଟିକିଏ ମେଣ୍ଟା ମେଣ୍ଟି ଜୀବନର ସରସତା ପାଇଁ ଦରକାର ପରା । ଯାହା ହେଉ ଏତେ କଥା କହିବାର ଲୋଡ଼ା ନାହିଁ । ମୋର ଅନୁରୋଧ କେତେ ଗୁଡ଼ାଏ କଥାରେ ତମେ ତାଙ୍କର ମନ ନେବାକୁ ବସ । କଉ କଥା ତା ତମେ ନିଜେ ବିଚାର କରିନେବ ଦେଖିବ ସେ ଆପେ ଆଉ କେତେ ଗୁଡ଼ାଏ କଥାରେ ତମ ଗୋଡ଼ତଳକୁ ଆସିବେ । ଉଭୟଙ୍କର ଉଭୟ ପ୍ରତି ଭକ୍ତି ଯାଇଥିବା ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ଫେରି ଆସିବ । ଶେଷ ଜୀବନ ଅମୃତମୟ ହୋଇ ଯିବ । ଇତି

'ତମର ଜଣେ ସାନ ଭଉଣୀ'

---


ମରମ

କବି—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ନବ ଯୁଗର ନବୀନ ଭାବୋଚ୍ଛ୍ୱାସ

ପଢ଼ିଲେ ମୁଗ୍ଧ ହେବେ । ମୂଲ୍ୟ ୬ ଅଣା


Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି........

## ନାଗବନ୍ଧୁ

**ଉଦ୍ଦେଶ୍ୟ —**

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଉତ୍କଳର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରିବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

## ସ୍ୱର୍ଗତ ହିମାଂଶୁ ରାୟ

୧୯୪୦ ମସିହା ମେ ମାସ ୧୯ ତାରିଖ ଦିନ ଶ୍ରୀଯୁକ୍ତ ହିମାଂଶୁ ରାୟ ଅଡ଼ଚାଳିଶ ବର୍ଷ ବୟସରେ ତାଙ୍କ ପତ୍ନୀ (ଚିତ୍ରତାରକା) ଦେବିକାରାଣୀ, ବୃଦ୍ଧ ପିତା, ତିନି ଭଉଣୀ ଓ ଅସଂଖ୍ୟ ବନ୍ଧୁ ଓ ଆତ୍ମୀୟ ସ୍ୱଜନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ପୃଥିବୀରୁ ଚିରଦିନ ପାଇଁ ବିଦାୟ ଗ୍ରହଣ କରିଅଛନ୍ତି।

ବଙ୍ଗ ଦେଶରେ ଗୋଟିଏ ସମ୍ଭ୍ରାନ୍ତ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ସେ ବିଲାତକୁ ଯାଇ ସେଠାରେ ଗୋଟିଏ ଭାରତୀୟ ଅଫିସରେ କାର୍ଯ୍ୟ ନିର୍ବାହ କରୁଥିଲେ। ବଂଶଗତ କଳା ଓ ଅଭିନୟବୃତ୍ତି ସେ ସାଥି କରି ଜନ୍ମିଥିଲେ ଏବଂ ବାଲ୍ୟକାଳରୁ ଏହି ପ୍ରତିଭା ତାଙ୍କଠାରେ ଫୁଟି ଉଠିଥିଲା। ବିଲାତରେ ଅଭିନେତାରୂପେ କାର୍ଯ୍ୟ କରୁଥିବାବେଳେ ସ୍ୱର୍ଗତ କବିଗୁରୁ ରବୀନ୍ଦ୍ରନାଥଙ୍କର ନାତୁଣୀଙ୍କ ସହିତ ତାଙ୍କର ପରିଚୟ ହୁଏ ଏବଂ ସେଠାରେ ସେ ତାଙ୍କୁ ପତ୍ନୀରୂପେ ଗ୍ରହଣ କରନ୍ତି।

ଦିର୍ଘ ଚାରିବର୍ଷ ପର୍ଯ୍ୟନ୍ତ ସେ ଆନ୍ତର୍ଜାତିକ ଚଳଚିତ୍ର ଶିଳ୍ପର ଉନ୍ନତି କଳ୍ପେ ମନପ୍ରାଣ ଦେଇ ସ୍ୱାଧୀନ ଭାବରେ ବା UFA ପରି ସେ ସମୟର ବଡ଼ ବଡ଼ ଚଳଚିତ୍ର ସଂଘର ଅଧୀନରେ ରହି କାର୍ଯ୍ୟ କରୁଥିଲେ। ପ୍ରଥମେ ସ୍ୱର୍ଗତ ରାୟ ଭାରତକୁ ଏ ଦିଗରେ ପୃଥିବୀ ସମ୍ମୁଖରେ ପରିଚିତ ଏବଂ ସମ୍ମାନିତ କରିବାକୁ ସକ୍ଷମ ହୋଇ ପାରିଥିଲେ।

ଏଥି ପୂର୍ବରୁ ସେ ଦେବୀକାରାଣୀଙ୍କ ସହିତ Light of Asia, Shiraz, Throw of Dice ଏବଂ Karma ପ୍ରଭୃତି ଫିଲ୍ମରେ ଏକତ୍ର ଅଭିନୟ କରିଥିଲେ। ଏହି ସମସ୍ତ ନାଟକରେ ଅଭିନୟ କଳା ଏବଂ ଉପାଦେୟତା ଯୋଗୁଁ ଏହା ୟୁରୋପରେ ସର୍ବତ୍ର ପ୍ରଶଂସିତ ହୋଇଥିଲା।

୧୯୩୪ ମସିହାରେ ସ୍ୱଦେଶକୁ ଫେରି ଆସି ବୋମ୍ବାଇର ମାଲାଡଠାରେ ସୁବିଖ୍ୟାତ Bombay Talkies Ltd.ର ମୂଳଦୁଆ ସ୍ଥାପନ କରନ୍ତି। ସେହିଦିନଠାରୁ ତାଙ୍କର ସୁଦକ୍ଷ ପରିଚାଳନା ଫଳରେ ଏହି କମ୍ପାନି ଉନ୍ନତି ପଥରେ ଅଗ୍ରସର ହୋଇ ଆଜି ଯେ ଭାରତରେ ଅଦ୍ୱିତୀୟ ଚଳଚିତ୍ର ପ୍ରତିଷ୍ଠାନ ହୋଇ ଉଠିଛି ଏହା କହିବା ବାହୁଲ୍ୟ ମାତ୍ର। ଭାରତରେ ସେ ଅସଂଖ୍ୟ ଅଭିନୟ କଳାବିତ୍ ଗଢ଼ି ଯାଇଅଛନ୍ତି ଏବଂ ସେଥିପାଇଁ ଭାରତ ତାଙ୍କଠାରେ ଚିରଋଣୀ ରହିବ। ଆଜି ଦେବୀକାରାଣୀଙ୍କ ପରି ଭାରତର ସର୍ବ ପ୍ରଥମ ଏବଂ ପୃଥିବୀ ବିଖ୍ୟାତ ଅଭିନେତ୍ରୀଙ୍କୁ ପାଇ ଭାରତ ଗର୍ବ ଅନୁଭବ କରେ। Bombay Talkies ଯେ ଏ ଦିଗରେ ଗୋଟିଏ ସାମାନ୍ୟ ଚଳଚିତ୍ର ଶିଳ୍ପ ପ୍ରତିଷ୍ଠାନ ତାହା ନୁହେଁ; ଏହାକୁ ସ୍ୱର୍ଗତ ରାୟ କଳାର ଗୋଟିଏ ଗବେଷଣାର ମନ୍ଦିରରୂପେ ଗଢ଼ି ଯାଇଅଛନ୍ତି ବୋଲି କହିବାକୁ ହେବ।

ସ୍ୱର୍ଗତ ରାୟ ଜଣେ ସଫଳ ମାତ୍ର ବିଶିଷ୍ଟ କର୍ମୀ ଏବଂ ଉଚ୍ଚାକାଂକ୍ଷୀ ବ୍ୟକ୍ତି ଥିଲେ। ସହୃଦୟତା ଏବଂ ଦୟାଶୀଳତା ଯୋଗୁ ସେ ଅସଂଖ୍ୟ ହୃଦୟର ସ୍ନେହ ଓ ଶ୍ରଦ୍ଧା ଆକର୍ଷଣ କରି ପାରିଥିଲେ। ତାଙ୍କର ଅକାଳ ମୃତ୍ୟୁରେ ଆଜି ଦେଶ, ଭାରତର ଚଳଚିତ୍ର ଜଗତର ଗୋଟିଏ ସ୍ତମ୍ଭ ହରାଇଛି। ଶିଳ୍ପୀ, ଗଠନକାରୀ, କର୍ମୀ ଓ ଭାରତ ଶିଳ୍ପକଳାର ଗବେଷଣାକାରୀ, ହିସାବରେ ଆଜି ସେ ଯେଉଁ ସ୍ଥାନ ଶୂନ୍ୟ କରି ଯାଇଛନ୍ତି ତାହା ପୂର୍ଣ୍ଣ କରିବା କଷ୍ଟକର।

ଶ୍ରୀ ବସନ୍ତକୁମାର ପାଲ (୪୦ ନମ୍ବର ନାଗ)

Digitized by srujanika@gmail.com

## ତା'ଙ୍କ ବିହୁନେ

ଗାଆ ବାଟେ ଗଲେ ସେଇ ଯେ ଘରଟି
ଆଜି ବି ଆଗରେ ପଡ଼େ,
ଆଜି ବି ରହିଛି ସେହି ଅମ୍ବଗଛ
(ଖାଲି) ନଇଁ ପଡଅଛି ଝଡ଼େ ।
ପୋଖରୀ କୂଳରେ ଶୀତଳ ପବନ
ସବୁଦିନ ପରି ବହେ,
ଠିକ୍ ଠିକ୍ ଖର ଲହରି ଗୁଡ଼ିକ .
କେତେ କେତେ କଥା କହେ ।
ପୋଖରୀ ହୁଡ଼ାର ସେହି ବଗିଚାରେ
(କେତେ) ନାଲି ଧଳା ଫୁଲ ଫୁଟେ,
ଗୁଣୁ ଗୁଣୁ ରବେ ଭଅଁର ସେଠର
ସେଠାରେ ଆଜି ବି ଜୁଟେ ।
ଘର ପଛପଟ ପଡ଼ିଆଟା ଯାକ
ଆଗ ପରି ଅଛି ହେ,
ଆଜି ବି ସେଠାରେ ଗାଈଆଳ ପିଲେ
ବଂଶୀ ବଜାଉ ଥାଇ ।

× + ×

(ମାତ୍ର) ଆଜି କାହିଁ ଏହି ଝରକା ପାଖରେ
କେହି ତ ରହୁନ ଚାହିଁ ?
ଛୋଟା ଗଛ ମୂଳେ ଅମ୍ବ ଗୋଟାଇବା
କାହାକୁ ତ ଦେଖୁନାହିଁ ।
ଅକାରଣଟାରେ କାହାକୁ ଦେଖୁନ
ବୁଲି ଆସିବା ଏ ଘାଟେ,
କେହି ବି ତା'ପରି ଗାଧୁଆ ବେଳରେ
ପହଁରି ପାଣି ନ ଛାଟେ ।
ଫୁଲ ଭରା ଏହି ଚଇତ ସକାଳ
ଦୁଃଖେ ଯାଏ କେତେ ଝଡ଼—
(କାଲୁ) କେହି ତ ଆସୁନ ହସ ହସ ମୁହେଁ
ହାତେ ଝୁଲାଇ ଚୁଙ୍ଗୁଡ଼ି ।
ଭାସି ଆସୁନ ତ ମଧୁରିଆ କା'ର
ସଞ୍ଜୁଆ ସଙ୍ଗୀତ ଆଜି,
ଝୁମୁରୁ ଝୁମୁରୁ ନୂପୁର ଶବଦ
ଆଜ ତ ଉଠୁନ ବାଜି ।
ଆଗ ପରି ହୋଇ ସବୁ ତ ରହିଛି
ଏକା ସେ ଜଣକ ବିନା,
ସବୁ ଥାଇ ଏକା କିଛି ନାହିଁ ପରି
ଜଣୁନ ଦିଶୁଛି ସିନା !

ଶ୍ରୀମାନ ଶ୍ରୀମନ୍ତ ସାହୁ ।

---

### ନାଗବନ୍ଧୁ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ବାର୍ଷିକ ଚାନ୍ଦା ।୦/ / ଆଜୀବନ ଚାନ୍ଦା ।୦୯ ର ଡାକ ଟିକଟ ପଠାଇଲି ।

ତୁମ ସ୍ନେହର ନାତି/ନାତୁଣୀ

ଶ୍ରୀ ____________________

ଠିକଣା ____________________

ତାରିଖ

---

ଝିଅଙ୍କ ହାତରେ
ଦେବା ଭଳି ବହି
# ସୁନା ଭଉଣୀ ।
ସଂଗ୍ରାହକ—ଶ୍ରୀ ଘନଶ୍ୟାମ ମହାନ୍ତି
ମୂଲ୍ୟ—।୦/୯ ଅଣା
ପ୍ରାପ୍ତିସ୍ଥାନ:—କଟକ ପବ୍ଲିଶିଂ ହାଉସ୍
ନୟାସଡ଼କ—କଟକ ।

Digitized by srujanika@gmail.com

REG. NO. P. 441 THE DAGARO—1-7-1943.


# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲି଼ିଃ

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହୋଇଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀୟ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ

ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୬ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା

ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

### ସୁଦୃଢ଼ତାର ପରିଚୟ—

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ତେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସର୍ବତ୍ର ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗେନାଇଜର
କଟକ ।



Digitized by srujanika@gmail.com

Dagara

୭ମ ବର୍ଷ
୪ର୍ଥ ସଂଖ୍ୟା

Utkal's most popular Fortnightly
OF
LIGHT, LEAD & LAUGHTER.

ଆଷାଢ଼
ଦ୍ୱିତୀୟାର୍ଦ୍ଧ




ସମ୍ପାଦକ

ଶ୍ରୀଲକ୍ଷ୍ମୀକାନ୍ତ ମହାପାତ୍ର

ରାଜସଂସ୍କରଣ

ବାର୍ଷିକ ପାଅଁଟଙ୍କା

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରାଚୀନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ଦ୍ୱାରାରୁ ନାନାପ୍ରକାର ଛଉ ବା ବିକୃତ ଚର୍ମ, ହସ୍ତାଙ୍ଗୁଳି ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରାଶୟର ବେଦନା ଅଜୀର୍ଣ୍ଣ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫ ୮ ୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ୫୨୯ଙ୍କା ମାତ୍ର ୫ ୨ ୯ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

ବୈଦ୍ୟରାଜ:- **ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ

ଆଲମଚାନ୍ଦ ବଜାର, କଟକ ।

---

## ଡଗର ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷ ଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩୲ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଖଣ୍ଡିଏ ଡଗର ଦୁଇଅଣା ଦେଇ ପାଇ ପାରିବେ ।

୪ । ଡଗର ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ" ଙ୍କ ଠାକୁ ପଠାଇବାକୁ ହେବ ।

---

ପରିଚାଳନା ସମ୍ପାଦକ—**ଶ୍ରୀ ବ୍ରଜମୋହନ ଦାସ ।**

Digitized by srujanika@gmail.com

# ଡଗର

୭ମ ବର୍ଷ
ଚତୁର୍ଥ ସଂଖ୍ୟା
ଆଷାଢ଼ ଦ୍ୱିତୀୟାର୍ଦ୍ଧ
ତା ୧୬·୭-୪୩ ରିଖ

—ପାକ୍ଷିକ—
ବାର୍ଷିକ - ଟ୩॥
ପ୍ରତିସଂଖ୍ୟା—୦ ୦ ୬
ଉଚ୍ଚସଂସ୍କରଣ—୦ ୫ ୯


## ହୁକା ହୁକା ହୁଆ
### ( ବିଲୁଆ ବିଗୁର )

କଳିଯୁଗ ଆସି ସରିଲା ବୋଲି । ଡଗରର ଆସନ୍ତା ସଂଖ୍ୟା ବାହାରିବା ବେଳକୁ ଅଗଷ୍ଟ ପନ୍ଦର ହୋଇ ଯାଇଥିବ । ଅତଏବ ସତ୍ୟଯୁଗ । ସେଦିନ ଶ୍ରାବଣ ଦି ୧୬ ନ । ମାଳିକା ଚେତେଇ ଡାକିଛି—ସତ ଉପୁଜିବ ସତରକୁ । ଦି ୧୩ ନ ପଞ୍ଚଗ୍ରହ କୁମ୍ଭ, ୧୪ ରେ ଶନି ଚଳନ, ସବୁ ହେଉଛି । ଏଣୁ ଅନେକ ସେତିକି ବେଳକୁ ଅର୍ଥାତ୍ ଏଇ ଗୁଡ଼ି ଦିନ ମଧ୍ୟରେ ଯାହା କିଛି ଗୋଟାଏ ହୋଇ ଯିବାର ଆଶା ବା ଆଶଙ୍କା କରି ବସିଛନ୍ତି ।

ସବୁ କଥା ଭାବି ଚିନ୍ତି ଆମେ 'ଡଗର'ର ପାଠକ ପାଠିକାମାନଙ୍କୁ ବିଦାୟ ସମ୍ଭାଷଣ ଜଣାଉଛୁଁ ଓ ଶୁଭ ମନାଉଛୁଁ କି ସେମାନେ ଏ ବେଳରେ ଟିକିଏ ତରକି ଥାଇ ଶରୀର କୁଶଳତାରେ ବଞ୍ଚି ଯାଆନ୍ତୁ ଓ ଅଗଷ୍ଟ ପନ୍ଦର ଦିନ ସତ୍ୟ ଯୁଗର ପ୍ରଥମ ସୂର୍ଯ୍ୟ ଦର୍ଶନ କରନ୍ତୁ । ସେମାନଙ୍କ ଶୁଭାଶିଷ ଥିଲେ 'ଡଗର' ସେଇଦିନ ସଶରୀରରେ ପୁଣି ମୁଲାକାତ୍ କରିବ ।

× + + ×

କଳିଶେଷ ପ୍ରଳୟ ହେଉ ବା କଳ୍କୀ ଅବତାରଙ୍କ ମ୍ଲେଚ୍ଛ ସଂହାର ହେଉ, କୌଣସି ଗୋଟାଏ ଅତର୍କିତ ଦୁର୍ଘଟଣାକୁ ଲୋକେ ଯେତିକି ଡରୁଛନ୍ତି, ବେଳ ନିକଟେଇ ଆସୁଛି ଯେତିକି ଡରଟା ସେତିକି ସେତିକି ଦୁଇଗୁଣା ହୋଇ ଯାଉଛି ପୁଣି । କିଛି ଯଦି ନ ହୁଏ, ତେବେ ଲୋକେ ଯେତିକି ଖୁସି ହେବେ ସେତିକି ହତାଶ ବି ହେବେ । କାରଣ କେତେ ବଡ଼ ମଜାଟା ଖସିଯିବ ଯେ, ଏପରି ଲୋକଙ୍କୁ ଆମେ ଏ ପରାମର୍ଶ ଦେଉଛୁଁ କି ସେମାନେ ମାସ ଦି ୧୬ ନ ରାତିରେ ଟେଳାଏ ଲେଖାଏ କଳାକୁଷ୍ଠି ଭୁଣ୍ଡରେ ପକାଇ ଦେଇ ଶୋଇ ପଡ଼ନ୍ତୁ । ସ୍ୱପ୍ନ କଳ୍ପନାରେ ବହୁତ ମଜା ଦେଖି ପାରିବେ । ଅଉ ଯଦି କିଛି ହୁଏ ତେବେ ବେମାଲୁମ ବିତେଇ ଦେବାର ସୁବିଧା ହେବ । ଗୋଟାଏ ଏଲାରମ୍ ଘଡ଼ିକୁ ଅଗଷ୍ଟ ପନ୍ଦର ମୁତାବକ ଦମ୍ ଦେଇଥିଲେ ଚଳିବ । ଉଠି ଦେଖିବେ ସବୁ ଓଲଟି ଯାଇଛି । କେବଳ ତାଙ୍କୁ ଯଦି ଗୋଡ଼ରେ ନ ଗୁଳି ମୁଣ୍ଡରେ ଗୁଳିବାକୁ ପଡ଼େ, ସେତିକି ବିପଦ ।

ଭାରତ ସରକାର ଅଳ୍ପଦିନ ତଳେ ଅବାଧବାଣିଜ୍ୟ ନୀତି ଚଳାଇବାରୁ ଓଡ଼ିଶା ମୂଳକରୁ ହୁ—ହୁ ଧାନ ଚାଉଳ ବିଦେଶକୁ ବାହାରି ଗଲା । ଅଗରୁ ବଙ୍ଗଳା ଦୁର୍ଦ୍ଦେଶ ବୋଲି ଏଠା ସରକାରଙ୍କ ଯାହା ଛାଡ଼ିଥିଲେ । କେବଳ ଅବାଧ ବାଣିଜ୍ୟ ବଳରେ ଜଣାଯାଏ ପାଞ୍ଚଲକ୍ଷ ମହଣ ଚାଉଳ ବାହାରି ଯାଇଛି ।

ଏବେ ଦିନକେ ଭାରତ ସରକାର ଏ ନୀତିର କୁଫଳ ବୁଝିପାରି କହିଲେଣି ଏହା ଉଠାଇ ଦେବେ ବୋଲି । କେବେ ଉଠିବ ତାର ତାରିଖ ଜଣା ନାହିଁ । [illegible] ହେଉଛି, ଉଠୁ ଉଠୁ ଏଣେ ଯାହା ଶୂନ୍ୟ ହୋଇଯାଏ ।

ଏଇ କେତୁଟା ଦିନ ଭିତରେ ଓଡ଼ିଶାରେ ଯେପରି ଧାନ ଚାଉଳର ଭାଉ ଚଢ଼ିଗଲା, ସେଥିରେ ଗରିବ ଓଡ଼ିଆ ଖାଇ ଖାଇ ଡାକ ଛାଡ଼ିଲେଣି । ନଟାଗା କାଏଦାରେ ହୁକୁମ ଆସି ପହଞ୍ଚିବା ବେଳକୁ ହୁଏତ କିଛି ନ ଥିବ ।

ତେବେ ଗୋଟାଏ ଆଶ୍ୱାସନାର କଥା ଏତିକି ଯେ ଲାଇସେନ୍ସ ତ ଜମାରଖା ଲୋକଙ୍କ ଉପରେ କଡ଼ା ଅଇନ ଜାରି କରା ହେବାର କଥା । ଏତିକି ହେଲେ ତେବେ ଗରିବଙ୍କ ଦୁଃଖ କେତେକ ପରିମାଣରେ ଲାଘବ ହୋଇ ପାରେ । ଆମ ମନ୍ତ୍ରୀ ସରକାର ଏ ବିଷୟରେ ତତ୍ପର ହୁଅନ୍ତୁ ।

\+ + + +

ଏହା ଭିତରେ ଆମେ ଅନ୍ଦରର ଗୋଟାଏ ବଡ଼ ଶୁଭ କଥା ଆମ ମାଲୁମ ପଡ଼ିଛି । ଆମ ପାଟ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମ ଲାଙ୍ଗୁଡ଼ଙ୍କ ଯାଏ ସମସ୍ତେ ଏଇ ଜବାବ ଦେଇଥିଲେ କି ଭାର ସରକାର ଓଡ଼ିଶାରୁ ଅନ୍ତଃତ ଅବାଧ ବାଣିଜ୍ୟ ଉଠାଇ ନ ନେ ମନ୍ତ୍ରୀ ସରକାର ଇସ୍ତଫା ଦେଇ ଚାଲିଯିବେ । ଦୃଢ଼ଂ ପାଟମନ୍ତ୍ରୀ ଏଥିପାଇଁ ଦିଲ୍ଲୀ ସଫର ଫେରି କରି ଆସିଲେ । ସମସ୍ତେ ଭାବିଥି ସେ ସେଠାକାର ପ୍ରସିଦ୍ଧ ଲଡ଼ୁ ଖେଇ ଲେଉଟିବେ । ମାତ୍ର ସେ ଗୋ ଏତେ ବଡ଼ କାମଟା ହାସଲ କରି ଅସଲ ମଗଜ ଲଡ଼ୁ ଖେଇ ଅ ପାରିଛନ୍ତି, ଏଥିପାଇଁ ଆମ୍ଭେମାନେ ତାଙ୍କୁ ବଧାଇ ଦେଉଛୁଁ । ସବୁଠ

ଅଧିକ ବଢ଼ାଇ ଦେଉଛନ୍ତି ତାଙ୍କ ଦୁଇ ଜଣ ତାଙ୍କ ସାଙ୍ଗ ଓ ଜଣେ ଉପାଙ୍ଗଙ୍କ—ଯେଉଁମାନେ ଅକାଳ ବିୟୋଗରୁ ବାଳ ପ୍ରମାଣେ ଖସିଗଲେ। ଅପଯା ମାରିବାର ଫଳ କଳି କାଳରେ ସାଙ୍ଗେ ସାଙ୍ଗେ ମିଳିଗଲା। ଶୁଭମସ୍ତୁ।

ପଣ୍ଡିତମାନେ କହୁଛନ୍ତି କି ଯୁଗର ସନ୍ଧି ଘଟା ଭିତରେ ଲକ୍ଷ୍ମୀ, ଶିଳ୍ପ, କଳା ପ୍ରଭୃତିର ବିଶେଷ ପରାକାଷ୍ଠା ଦେଖାଯାଏ ଓ ସକଳ ବିଦ୍ୟାର ବିକାଶ ବିବର୍ତ୍ତନ ଘଟିଥାଏ। ଏବେ ଦେଖାଯାଉଛି କେବଳ ସେତିକି ଦୁର୍ଭିକ୍ଷ, ପେଟ ଭୋକିଲା ବେଳର ଲୋକର ବିଦ୍ୟା ଓ ବୁଦ୍ଧିର ଚର୍ଚ୍ଚା ପ୍ରଖର ହୋଇ ଉଠେ। ତାହା ନୋହିଥିଲେ ସରକାର ଠାରୁ ଆରମ୍ଭ କରି ମୂଲିଆ ଗୃହକରିଆ, ଯାକେ ପେଟରେ ଗୋଟାଏ ହାତ ଦେଇ ଆର ହାତରେ ଅସ୍ତ୍ର ଧରି ଶତ୍ରୁ ନିବାରଣ କରୁଛନ୍ତି, ସେତିକି ବେଳେ ଏଣେ ଆମ ଓଡ଼ିଶା ବ୍ୟବସ୍ଥା ସଭାରେ ଖାସ ଓଡ଼ିଶୀ ବିଶ୍ୱବିଦ୍ୟାଳୟର ଭିତ୍ତିନ୍ୟାସ ହୋଇଗଲା। ବୋଧହୁଏ ତାହା ହୋଇ ପାରି ନ ଥିଲେ ଶିକ୍ଷା ଦପ୍ତରଧାରୀ ପଣ୍ଡିତଙ୍କ ନାମରେ କଳଙ୍କ ଲାଗି ଥାନ୍ତା। ଯାହାହେଉ ନାହିଁ ମାମୁଁ ଠାରୁ କଣା ମାମୁଁ ଯେ ଭଲ ଏହା ଅସ୍ୱୀକାର କରିବାର କାହାରି ବୋପାର ଘରା ନାହିଁ ଯେତେବେଳେ, ଆମେ ବି ତାହା ସ୍ୱୀକାର କରିବାକୁ ବାଧ୍ୟ।

× × × +

ଆଜିକାଲି ଯୁଗରେ ଉନ୍ନତ ବିଶ୍ୱବିଦ୍ୟାଳୟମାନ ଯେତେଦୂର ସମ୍ଭବ ସରକାରୀ ଅକ୍ତିଆର ଓ ଦଳଗତ ନୀତିର ବାହାରେ ରହି, କେବଳ ବିଦ୍ୟା ଦିଗ୍‌ଗଜମାନଙ୍କ ଦ୍ୱାରା ଚାଳିତ ହେବାକୁ ପସନ୍ଦ କରୁଛନ୍ତି। ମାତ୍ର ଯେପରି ଜଣାଯାଏ ଆମ ଶିଶୁ ବିଦ୍ୟା ସଙ୍ଘଟି ସରକାରଙ୍କ ବାହୁଛାୟା ତଳେ ରହି ଜୀବନ ଧାରଣ କରିବାର ବ୍ୟବସ୍ଥା ହୋଇଛି। ପ୍ରକୃତରେ ଶିଶୁ ଅବସ୍ଥାରେ ଯେପରି ମାତୃସ୍ତନ୍ୟ ଉପରେ ନିର୍ଭର କରା ଯାଏ, ଆମ ବିଦ୍ୟା ସଂଘ ସେହିପରି ସରକାରୀ ସ୍ତନ୍ୟ ପାନ କରି ବଢ଼ି ଉଠିବ। ଏଥିପାଇଁ ମନ କଷ୍ଟ କରିବାର କାରଣ କିଛି ଥିବା ପରି ଆମକୁ ଜଣାଯାଉ ନାହିଁ। କେବଳ କଥା ହେଉଛି ଏ ନୂତନ ତରଣୀଟିର କର୍ଣ୍ଣଧାର ହେବା ଭଳି ଯୋଗ୍ୟ ବ୍ୟକ୍ତି ଓଡ଼ିଶାରେ କିଏ? ନିରୋଳ ବିଦ୍ୟାଚର୍ଚ୍ଚାରେ ବ୍ୟାପୃତ କେହି ଯଦି ନ ମିଳନ୍ତି, ତେବେ ଅନ୍ତତଃ ପଣ୍ଡିତ ନାମଧେୟ କାହାରିକୁ ଏ ଗାଦିରେ ଉପସ୍ଥାପିତ କରାଯିବ ନିଶ୍ଚୟ। ଗାଣ୍ଡିପ—ଣ୍ଡି—ତ ବୋଲାଉଥିବା ଦୁଇଗୋଟି ମୁଣ୍ଡ ଉପରେହି ଆମର ନଜର ପଡ଼ୁଛି। କେବଳ ଏତିକି ଡର, ଅସଲ କାମ ବଖତକୁ ଦାଢ଼ି × ନିଶ ମଧ୍ୟରେ ପୁଣି କଳି ଲାଗି ନ ଯାଏ।

× × × ×

ଟେଟୋବନା ସିନା ଅଗଷ୍ଟ ପହିଲାରୁ ଫଳିବାର କଥା ଅଛି। ମାତ୍ର ଉତ୍କଳରେ ମାସକ ଆଗରୁ ସତ୍ୟ—ଯୁଗର ନିଶ ଲାଙ୍ଗୁଡ଼ ଦେଖା ଗଲାଣି ବୋଲିବାକୁ ହେବ।

ସେଦିନ ଜଣେ ହାକିମ ବଡ଼ ଏଜଲାସରେ ବସି ତହିଁ ଉପସ୍ଥିତ ଥିବା ଜଣେ ବ୍ୟକ୍ତିକୁ ସମ୍ବୋଧନ କରି କହିଲେ—ହଇହେ, ତମେ କାଲି ମୋ କୋଠିକି ଫଳ ଫୁଲର ପଠାଇ ଥିଲ?

ଲୋକଟି ଡରି ଥରସି ହୋଇ ପଡ଼ିଲା। କାରଣ ଉତ୍କଳରେ କେବେ କୌଣସି ହାକିମ ଫଳ ଫୁଲର କିଏ ପଚାରେ—ଡାଲି, ଚାଉଳ, ଘିଅ, ମାଛ, କଥା କି ଏପରି ଅଭଦ୍ରତା ଦେଖାଇ ନ ଥିଲେ। ତହିଁ ଅଧିକା ତ ନ କହିବାର କଥା।

ଲୋକଟି ବୋଧହୁଏ ସତ୍ୟବାଦୀ, କିମ୍ବା ଟେପରାଣ୍ଡି ଠାରୁ 'ଯାହା କହିବ ସତ କହିବି' ପାଠ ଘୋଷି ସାରିଥିଲା। ତହିଁ ସେ କହି ପକାଇଲେ—ଆଜ୍ଞା ହଜୁର!

ହାକିମ ବୋଧହୁଏ ଭାବିଲେ କି ଲୋକଟି ହୁଏତ ସ୍ୱଚ୍ଛ ମନରେ (bonafide) କିଛି ଧରମ କରମ ବନ୍ଧୁ ବସାଇବାକୁ ମନ କରିଥିଲା। ତହିଁ ସେ ତାକୁ ଉପଯୁକ୍ତ ଭାବରେ କହିଲେ, "ଦେଖ ବନ୍ଧୁ, ଏ ଭଳି କର୍ମ ଆଉ କରିବ ନାହିଁ; ଯଦି ଭଲପଣ ଅଛି, ତେବେ ସେ ମାଲତକ ଫେରାଇ ଅଣ ଅଥବା ତାର ଦାମ ନେଇ ଯାଅ। କାଲି ଭିତରେ ଏହା ନ କଲେ ତମକୁ guest house (ଗାରଦରେ) ଭରତି କରିବି।" ସେ ଲୋକଟି କଣ କହିଲା କେଜାଣି, ମାତ୍ର ଯେ ଶୁଣିଲା ସେ କହିଲା—ହାୟରେ କି ଦିନକାଳ ଗଲିଗଲା—ଭଦ୍ରକର ନାଆ ବୁଡ଼ିଲା! ସ୍ୱାକଇ କହନ୍ତି ପରି ଯୁଗ ଲେଉଟିଲା ବୋଲି।

ଆମେ ଶୁଣି ଭାବୁଛୁ, ଯଦି ଦେବତା ଏପରି ନିଦାରୁଣ ହୋଇ ଭୁଜଅଦି ନୈବେଦ୍ୟାଦି ଭୋଗି ଭକ୍ତ ଜନଙ୍କ ସେବା ସେନା ନ କରନ୍ତି, ତେବେ ବିଚରା ସେବା କୁଶଳୀ ଭଗତେ ହେବେ କାହାର?

ଅରତବାଣ ଡାକିଲା—

"ହୋଇ କରୁଣା ନିଧି। ହେଲେ ନିର୍ଦ୍ଦୟ ନିଧି॥………"

**ସ୍ମୃତିପୂଜା**

ସ୍ୱର୍ଗୀୟ ଗୋପବନ୍ଧୁଙ୍କର ଅମର ଆତ୍ମା ଉଦ୍ଦେଶ୍ୟରେ 'ଡଗର' ଟା'ର ଭକ୍ତି ଅର୍ପଣ କରୁଛି।

Digitized by srujanika@gmail.com

ବିଲେଇ ହାତରେ.......... ...

# ଯେସାକୁ ତେସା

ଲେଖକ:—ଶ୍ରୀ——

ଆପ୍ ମାଡ୍ରାଜ ମେଲ ବାଲେଶ୍ୱର ଷ୍ଟେସନରେ ଛୁଡା ହେବା ମାତ୍ରେ ସେକେଣ୍ଡ କ୍ଲାସରୁ ଦୁଇଟି ଯା ଓହ୍ଲାଇ ଖାନା ଘର ଆଡ଼େ ଗଲେ । ଜଣେ ନାରୀ, ଆଉ ଜଣକ ପୁରୁଷ ।

ସେମାନେ ସେଠି ଦୁଇକପ୍ ଚା ଓ ବିସ୍କୁଟ୍ ଅର୍ଡ଼ର ଦେଇ ଦୁଇକଣ୍ଠ ଚେୟାରରେ ବସିଗଲେ । ବବୁର୍ଚ୍ଚି ଚା ଦେଇଗଲା । ଦୁହେଁଯାକ ସେଥିରୁ ଅଳ୍ପକେ ଓ ବିସ୍କୁଟରୁ ଥାଳେ ଲେଖାଏ ଗର୍ଦ୍ଧ୍ୟ କରି ଉଠିଲେ । ପୁରୁଷ ବ୍ୟକ୍ତିଟି ମନିବେଗରୁ ଖାନାର ଦାମ ଦେଇ ବବୁର୍ଚ୍ଚି ହାତରେ ଗୋଟାଏ ଟଙ୍କା ବକ୍‌ସିସ୍ ଦେଇ ଉଠିବ ମାତ୍ରେ ବବୁର୍ଚ୍ଚି ଦୁହିଙ୍କୁ ସଲାମ କଲା ।

ଯେତେବେଳେ ଏ ଦୁହେଁ ପ୍ରବେଶ କଲେ ସେତେବେଳେ ସେଠି ଆଉ ଗୋଟାଏ ଟେବୁଲରେ ଜଣେ ବଳିଷ୍ଠ ମୁହଁ ପିନ୍ଧା କଳା ସାହେବ ସୋଡ଼ା ଓ ହୁଇସ୍କିର ଚୋପି ଚୋପି ପିଉଥିଲେ । ସେ କାଚ ଗ୍ଲାସ ଭିତର ଦେଇ ଶ୍ୟେନ ଦୃଷ୍ଟିରେ ଚାହିଁ ଦେଖୁଥିଲେ ଏ ନବାଗନ୍ତୁକ ଯୁଗଳକୁ । ସେ ଦେଖି ଜାଣିଲେ ଏ ଦୁହେଁ ନିଶ୍ଚୟ ଖୁବ୍ ଧନୀ ଓ ଉଚ୍ଚବଂଶ ସମ୍ଭୂତ । ପୁରୁଷର ପରିଧାନରେ ଟସା ପାଇଜାମା ଓ ସେରୱାନି, ଅନେଇଁ ତାଙ୍କ ହାତରେ ବନ୍ଧା ହୋଇଥିବା ପ୍ଲାଟିନମ ହାତଘଡି ଓ ଅଙ୍ଗୁଳି ପିନ୍ଧା ହୋଇଥିବା ବଡ଼ ନୀଳା ଖଚିତ ମୁଦି ସେଣେ ଥାଉ ତାଙ୍କ ଚାଲି ଚଳଣ ଓ ଢଙ୍ଗ ଢାଙ୍ଗ ତାଙ୍କର ବଂଶମର୍ଯ୍ୟାଦା ଓ ସଂପଦର ଯଥେଷ୍ଟ ପରିଚୟ ଦେଉଥିଲା ।

ନାରୀଟି ଯୌବନର ପ୍ରଥମ ପାହାଚ ପାରି ହୋଇ ଯାଉଥିଲେ ସୁଦ୍ଧା ରୂପଶ୍ରୀରେ କୌଣସି ଭଟ୍ଟା ପଡି ନ ଥିଲା । ପରିଧାନରେ ଖଣ୍ଡେ ଦାମିକା ସାଦା ସିଲ୍କ ଶାଢ଼ୀ, ହାତରେ ମୋତିର ବ୍ରେସଲେଟ୍, କାନରେ ହୀରାବସା ଯୋଡ଼ାଏ ଫୁଲ, ବେକରେ ଗୋଟିଏ ମୋତିର ନେକଲେସ୍ । ଅଳଙ୍କାର ଗୁଡିକ ଅତ୍ୟନ୍ତ ରୁଚିସଙ୍ଗତ ଓ ଅଳ୍ପ ହେଲେ ମଧ୍ୟ, ବହୁ ମୂଲ୍ୟବାନ ଏଥିରେ ସନ୍ଦେହ ନାହିଁ ।

ଗାଡି ଛାଡିବାର ଶେଷ ଘଣ୍ଟା ବାଜିବାମାତ୍ରେ ଏହି ସାହେବ ଭଦ୍ରଲୋକଟି ଖଣ୍ଡିଏ ଚମଡ଼ାର ହାତବେଗ ଧରି, ଧନୀ ଯୁଗଳ ଯେଉଁ କାମରାରେ ବସିଥିଲେ, ସେହି କାମରାରେ ପ୍ରବେଶ କଲେ ।

"ଓଃ—କ୍ଷମା କରିବେ—ମୁଁ ଆପଣମାନଙ୍କ ଅସୁବିଧାରେ ପକାଇଲି ବୋଧହୁଏ !"

"ନାହିଁ, ନାହିଁ, ଆପଣ ସ୍ୱଚ୍ଛନ୍ଦେ ଆସି ପାରନ୍ତି । ରେଲ ଗାଡ଼ି ତ ଆମର କିଣା ନୁହେଁ" ଧନୀ ବ୍ୟକ୍ତି ହସି କହିଲେ ।

"କିନ୍ତୁ ଅନ୍ୟ କାମରାକୁ ଯିବାର ଆଉ ସମୟ ବି ନା ନୋହିଲେ—"

ଏଥର ନାରୀଟି ମୁହଁ ଖୋଲିଲେ ।

"ବରଂ ଆପଣଙ୍କ ଆସିବା ଦ୍ୱାରା ଆମକୁ ଜଣେ ସାଙ୍ଗ ମିଳିଲା"

କଳା ସାହେବ କହିଲେ—"ଧନ୍ୟବାଦ ।"

ଗାଡ଼ି ଛାଡିଦେଲା ।

ଖଟାଖଟ ଝକର ଝକର ଶବ୍ଦରେ ଧଁ—ଧଁ ହୋଇ ଡାକି ଜାନୁଅରଟା ଡିଷ୍ଟାଣ୍ଟ ସିଗ୍‌ନାଲ ପାରି ହେବା ପରେ ଗୋଲମ ଟିକିଏ ଥମି ଯିବାରୁ ସାହେବ ବେଶଧାରୀ ଆଗ କଥା କହିଲେ ।

"ପଶ୍ୱର ପାର୍ଟିଙ୍କ ଆପଣମାନେ କେତେଦୂର ଯିବେ ?"

"ପୁରୀ—ଆଉ ଆପଣଙ୍କର ସାଙ୍ଗ ସୁଖ ଆମ୍ଭେମାନେ କେଉଁ ପର୍ଯ୍ୟନ୍ତ ଉପଭୋଗ କରିବୁ ?"

"—ଅଚ୍ଛା ବହରମପୁର, ସେଠୁ ଲେଉଟି ପୁରୀ ଯିବି ।"

ଏହା ଉତ୍ତରରୁ ପୁରୀ ବିଷୟରେ ଗଳ୍ପ ଆରମ୍ଭ ହେଲା । ସେ ହୋଇ ଯୁଦ୍ଧ, ରାଜନୀତି, କଂଗ୍ରେସ, ଲିଗ୍, ଗଡ଼ଜାତ, ଖା ସମସ୍ୟା ଇତ୍ୟାଦି ଇତ୍ୟାଦି ନାନା ବିଷୟରେ କଥୋପକଥ ଚାଲିଲା । କଥାର ଶେଷ ନାହିଁ; କେହି କାହାରିକୁ ଊଣା ନୁହ ହାଇକୋର୍ଟ, ଏଟମ୍, ଇଉନିଭରସିଟିରୁ ଆସି ପେମେଲ ଏକ୍ସେଚେ ଠାରୁ ବୋ-ଏଡୁକେସନ—କିଛି ବାଦ ପଡିଲା ନାହିଁ ।

ମହିଳାଟି ମଧ୍ୟ ମଝିରେ ମଝିରେ ପଦେ ଅଧେ କଥାରେ ଦେଇ ସରସତା ଦେଖାଉଥିଲେ । ହଠାତ୍ ସେ କହି ଉଠିଲେ "ଅଚ୍ଛା ଆପଣଙ୍କର ଜ୍ଞାନ ଓ ଅଭିଜ୍ଞତାର ପରିସର ତ ଢେର ବ ଓ ବିସ୍ତୃତ; ଆପଣ କେଉଁ ଲାଇନରେ ଆଛନ୍ତି ଭଲା ?"

Digitized by srujanika@gmail.com

ସାହେବ ହସି କହିଲେ—"ଅଜ୍ଞା ମୋର ପେଷା ମୋତେ ଘ କଥା ଜାଣିବାର ସୁବିଧା ଦେଇଛି । ମୁଁ ଜଣେ ଟ୍ରେଭଲିଂ ଜେଣ୍ଟ—ବେଲଜିଆର ମୋର ଘର ଜାଣିବେ—ଅଉ ଅପଣଙ୍କ ଭଳି ଧନୀମାନଙ୍କ ସାଙ୍ଗରେଇ ମୋର କାରବାର ।"

"କି ରକମ ?"

"ଉଅଲସ୍ନିଦ ହ୍ୱାଇସ୍ନିଦ ଫାରମ ଜାଣିଥିବେ—ଜୁଏଲେରସ୍..."

"ଓଃ—ତମେ୍ଭଇ ଉଅଲସ୍ନିଦ ! ଇଣ୍ଡିଆ ଭିତରେ ସବୁଠୁ ବଡ଼ ଲେରସ୍—ଅମର ତ ତାଙ୍କରି ସାଙ୍ଗରେ ପ୍ରାୟ କାରବାର ।"

"ଧନ୍ୟବାଦ, ମାଇ ଏ ସଂପର୍କରେ ଅପଣଙ୍କୁ ଭେଟିବାର ଭାଗ୍ୟ ମୋର କେବେ ହୋଇନାହିଁ ।

—ଅମେ ଡାଇରେକ୍ଟ ଖରିଦ କରୁଁ ।......ଅଚ୍ଛା, ଅପଣ କଣ ଅର୍ଡ଼ର ସିକଓର କରନ୍ତି ନା ମାଲ ବି ରଖନ୍ତି ପାଖରେ ?

—ଉଭୟ । କିଛି କିଛି ମାଲ ଥାଏ ପାଖରେ । ଏଇ ଏଥର ଦେଢ଼ ଲକ୍ଷର ମାଲ ଧରି ବାହାରିଥିଲି । ପ୍ରାୟ ସରି ଅସି- ଣି । ବୋଧହୁଏ ଗଞ୍ଜାମ ଟୁର୍‌ରୁ ଫେରିବା ବେଳକୁ ଖତମ ହୋଇ- । ଜୟପୁର ଏଥର ହୋଇ ପାରୁଛି କି ନାହିଁ କେଜାଣି । ରାଜା ଅମର ଜଣେ ବଡ଼ ପେଟ୍ରନ ।

—ଜୟପୁର ମହାରାଜା ! ଅମର ତ ସେ ନଜର ଲେକ । ଣଙ୍କ ସାଙ୍ଗରେ ପରିଚୟ ଅଛି ?

—ଖୁବ୍ ଖୁବ୍—ହଜାର ହଜାର ତ ସାମାନ୍ୟ— ଲକ୍ଷ ଲକ୍ଷର ଥା କହନ୍ତୁ—ଧାର ଉଧାର, କାଳି ବାସୀ ସବୁ ଚଳେ । ମୋତେ । ଯେପରି ବିଶ୍ୱାସ କରନ୍ତି ସେହିପରି ସ୍ନେହ ବି କରନ୍ତି । ଅତି ାର ଲୋକ ।

—ତେବେ ଅଉ କଣ !......ଅଚ୍ଛା ବର୍ତ୍ତମାନ ଅପଣଙ୍କ ପାଖରେ ପଲ୍ ମାଲ କଣ ଅଛି ?

—କହିଲି ତ ଅଛି, ହୁକୁମ ହେଲେ......

— ଅଚ୍ଛା, ହୁକୁମ କଣ ! ଅପଣଙ୍କର ଅପତ୍ତି ନ ଥିଲେ ଅମେ ଖି ବଡ଼ ଅନନ୍ଦିତ ହେବୁଁ ।

'ଧନ୍ୟବାଦ' କହି ଏଜେଣ୍ଟ ସାହେବ ତାଙ୍କର ବେଗ ଖୋଲିଲେ । ର ଧୀରେ ଅତି ସାବଧାନତା ଓ ଯତ୍ନର୍ପଣରେ ଗୋଟି ଗୋଟି ର୍ଘ୍ୟ ଅଳଙ୍କାର ବାହାର କରି ସାମନାରେ ଥୋଇବାକୁ ଗିଲେ । ସବୁ କେସରେ କଂପାନିର ନାମ ସ୍ୱର୍ଣ୍ଣାକ୍ଷରରେ ଲେଖା ।

ମହିଳାଟି ଗୋଟି ଗୋଟି ହାତରେ ଧରି ଦେଖି ତାଙ୍କ ସ୍ୱାମୀଙ୍କୁ ାଇ ଦେଉ ଥାଅନ୍ତି । ସେ ଥରେ ଦେଖି ଦେଇ ଏଜେଣ୍ଟଙ୍କ ଲୁ ଦଅନ୍ତି । ଏଜେଣ୍ଟ ସେଇପରି ପ୍ରତ୍ୟେକଟିର ଗୁଣ ବଖାଣି ଯାଅନ୍ତି ଓ କେଉଁଥିରେ କେତେଖଣ୍ଡ ହୀରା, କେତେଖଣ୍ଡ ନୀଳା, କେତେଖଣ୍ଡ ପଦ୍ମରାଗ, କେତେ ରୁବି ଅଛି ତାହା ବର୍ଣ୍ଣନା କରନ୍ତି ।

ଏଇପରି ଦେଖୁଁ ଦେଖୁଁ ମହିଳା ଗୋଟିଏ ନେକଲେସ ଧରି ନିରୀକ୍ଷଣ କରିବାକୁ ଲାଗିଲେ । ତାହା ଦେଖି ଏଜେଣ୍ଟ କହିଲେ— "ସେଇଟି ଅଜ୍ଞା ଜୟପୁରଙ୍କ ଖୋଦ୍ ଅର୍ଡ଼ର ।"

—ଓଃ, ଏଟା ତେବେ ଫର ସେଲ୍ ନୁହେଁ ?—ନା, ନା, ତା ନୁହେଁ କାହିଁକି ! ବୁଝିଲେ କି ନା, ଅମେ ବ୍ୟବସାୟୀ, ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ଅମର ଫାଷ୍ଟ ପ୍ରିନ୍‌ସିପଲ୍ । ଯଦି ଏଟା ସେଲ ହୋଇ ଯାଏ, ତାଙ୍କ ପାଇଁ ପୁଣି ଗୋଟାଏ......ବୁଝିଲେ......ଅସୁବିଧା ନାହିଁ କିଛି । ତେବେ କଥାଟା ହେଉଚି କି ଏଟା ଗୋଟାଏ ଖୁବ୍ ନୂଆ ପାଟାର୍ଣ୍ଣ—ଲେଟେଷ୍ଟ ନଭେଲ୍‌ଟି । ଲେଡି ଲିନ୍‌ଲିଥଗୋ ମାଇ ଗୋଟିଏ ନେଇଛନ୍ତି; ଅଉ ଏଇଟା ସେକେଣ୍ଡ ।

ମହିଳା ସେ ନେକଲେସଟି ସ୍ୱାମୀଙ୍କ ହାତକୁ ବଢ଼ାଇ ଦେଇ ନିଜ ବେକରେ ଥିବା ନେକଲେସଟି ବାହାର କରି ଦେଖିବାକୁ ଲାଗିଲେ । ବୋଧ ହେଲା ଯେପରି ସେ ନିଜରଟାକୁ ନୂଆଟି ସାଙ୍ଗରେ ତୁଳନା କରୁଛନ୍ତି ।

ଏଜେଣ୍ଟ କହିଲେ—ଦୟାକରି ମୋତେ ମିନିଟିକ ପାଇଁ ଦେବେ କି ?

ମହିଳା ନିଜ ନେକଲେସ ଏଜେଣ୍ଟଙ୍କୁ ବଢ଼ାଇ ଦେଲେ ।

ଏଜେଣ୍ଟ ତାକୁ କିଛିକ୍ଷଣ ଲେଉଟାଇ ପେଉଟାଇ ଦେଖି କହିଲେ —ଏ ବି ଖୁବ୍ ମୂଲ୍ୟବାନ—ମୋଟ ଗୁଡ଼ିକ ଲୁଅଲିଟିରେ ଅମ ନେକଲେସର ମୋଟ ଭଳି । ଷ୍ଟୋନବି ପ୍ରାୟ ଏକା । କିନ୍ତୁ ପ୍ୟାଟାର୍ଣ୍ଣଟା......

—ମୁଁ ସେଇୟା କହୁଚି । ମୋ ପ୍ୟାଟାର୍ଣ୍ଣଟା ବଡ଼ ଓଲ୍‌ଡ— out of date ।

ସେ ସ୍ୱାମୀଙ୍କ ଅଡ଼କୁ ଗଭୀର ଅଟେର ଯାଚ୍‌ଜ୍ଞା ମିଶ୍ରିତ ଦୃଷ୍ଟିରେ ଚାହିଁ କହିଲେ—ହଁଅଗ, ଏଇଟା ବଦଳେଇ ନେଲେ ହୁଅନ୍ତା ନାହିଁ ? ମୋର ଭାରି ପସନ୍ଦ ହେଉଚି ।

ତାଙ୍କ କଣ୍ଠରେ ଜୋର ଓ ଅଳ ଉଭୟ ପ୍ରକାର ସ୍ୱର ଝଙ୍କାର ଉଠୁଥିଲା ଏକାବେଳକେ ।

ସ୍ୱାମୀ ବିଚରା ସତେ ଯେପରି ଅନିଚ୍ଛା ଜଡ଼ିତ ବାଧ୍ୟତାରେ ପଡ଼ି କହିଲେ—ଅଚ୍ଛା ବେଶ, ନିଅନା ।

ମହିଳା ଇଷତ୍ ହସି ତାଙ୍କ ହାତରୁ ନୂଆ ନେକଲେସଟି ଅଣି ନିଜ ଗଳାରେ ପିନ୍ଧି ପକାଇଲେ । ପିନ୍ଧି ସାରି ସ୍ୱାମୀଙ୍କ ଅଡ଼େ ଚାହିଁ କହିଲେ—କିରକମ ଦିଶୁଛି କହିଲ ?

(ମଜାକଥା ୭ମ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ପ୍ରତିଦାନ

—— ଶ୍ରୀ ଗଦାଧର ପହାଡ଼ି ——

ସେ ଦିନ୍ତି । ପିଲାଦିନରୁ ପଥର ସଙ୍ଗେ ଭଲ ବନ୍ଧୁତା ଲଗାଇ ଆସିଛି ଆଜିକୁ ସୁଦୀର୍ଘ ଷା ତମ ବର୍ଷ ହେବ । ଅତୀତର ରଙ୍ଗିନ୍ ଛବି ଖେଳିଯାଏ ତାର ଆଖି ଆଗରେ । ସେ ହଜି[...] କେଉଁ ଭାବନା ରାଜ୍ୟରେ ! ମନ ତା'ର ସିକ୍ତ ହୋଇଉଠେ । ବୁଢ଼ା ବସିଯାଏ ଥକା ହୋଇ । ଦୁଇ ଆଖି କୋ[...] ତାର ସମ୍ପୂର୍ଣ୍ଣ ଅଜାଣତରେ ଦୁଇ ଟୋପା ଲୁହ ଗଡ଼ିପଡ଼େ । ସ୍ମୃତି ରୂପେଇ କଥା । ସେ କି ଆଜିକୁ ଅନେ[...] ଦିନରୁ ଚାଲି ଯାଇଛି ଅଚ ପୃଥ୍ବୀକୁ ତାର ଜୀବନରେ ଏକମାତ୍ର ହୃଦୟ ନିଙ୍ଗାଡ଼ି ପଡ଼ିଥିଲା ଗୁଡ଼ । ସେ ସ୍ମୃ[...] ତାର ଆସିଲା । ରୂପେଇର ଯିବା ସଙ୍ଗେ ସଙ୍ଗେ ତା'ର ଜୀବନଟା ମଧ୍ୟ ଯେପରି ହୋଇଗଲା କଳା ପରଦା ତଳେ ଲ[...] ଗଲା । କିନ୍ତୁ ଯେଉଁଦିନ ବୁଢ଼ା ମନରେ ଖେଳିଯାଏ ତାର ଭରା ଯୌବନର କେଇ ଅଧ୍ୟାୟ ସଙ୍ଗେ ସଙ୍ଗେ [...] କ୍ଷଣିକ ଆନନ୍ଦରେ ପୂରି ଉଠେ ପୂର୍ଣ୍ଣିମାର ତରଙ୍ଗାୟିତ ନୀଳ ସାଗର ପରି । ମାତ୍ର ପର କ୍ଷଣରେ ଦୁଃଖର [...] ତାର ହୃଦୟ ରାଜ୍ୟ ଅନ୍ଧକାର କରି ବସେ ।

ଗୋଟାଏ ଝାଙ୍କୁଡ଼ା ବରଗଛ ତଳେ ବୁଢ଼ା ବସି ପଥର କାଟେ । ଶରୀରରେ ବଳ ନାହିଁ । କେବଳ ମନ ବଳରେ ପଥର କାଟେ ଠିକ୍ ଆଗ ପରି । ରୂପେଇ ତା ସଙ୍ଗେ ଥିବା ଆଗରୁ ସେ କେତେ କଳରେ ମୂର୍ତ୍ତି ପଥର କାଟି ତାକୁ ଜଗନ୍ନାଥ ସଡ଼କ ସାହି ସାହିରେ ଦେଖାଇ ଆସିଛି । ଭଙ୍ଗା ସ୍ୱାସ୍ଥ୍ୟ ନେଇ ତାର ପଥର କାଟିବାର ଦେଖିଲେ ଅନେକେ ବାରଣ କରନ୍ତି । ବୁଢ଼ାର ଆଖିରୁ ଲୁହ ଆସେ । ସେ ଗଳାଟାର ସ୍ୱରକୁ ଚାପି ରଖି ଝରଣା ଉପରର ଶିଉଳି ଲଗା ଅନେକ ଦିନର ଦରଭଙ୍ଗା ଦେଉଳ ଆଡ଼କୁ ଧୀରେ ଧୀରେ ତାର ଦୁର୍ବଳ ହାତଟାକୁ ଟେକି କହେ, "ଦେଖୁଛ ତ ବାପ ! ଏଟା ପରି ଆମ ଜାତି ଭାଇର........।" ବୁଢ଼ା ବେଶି କିଛି କହି ପାରେନା । ଆଖିରୁ ଲୁହ ଖସି ପଡ଼େ ଟପ୍ ଟପ୍ ହୋଇ ଠିକ୍ ଶ୍ରାବଣର ବର୍ଷା ଧାରା ପରି । ତାପରେ ହୃଦୟର ଭାବଟାକୁ ଯୋଡ଼ାଇ ରଖି କହେ— "ଜାଣିଛ ତ ବାପ ! ବାର ବର୍ଷର ଧରମାକୁ । ଯାହା ପାଇଁ ଆଜି ଆମରି ଜାତିର ଇତିହାସ ଆମରି ଜାତିକୁ ଉପହାସ ଦେବା ସ୍ଥଳରେ କହେ 'ବାରଶହ ବଢ଼ାଇରେ ଦାୟ୍ଦ ନା ପୁଅରେ ଦାୟ୍ଦ ।' ଏହାର ସାକ୍ଷୀ କୋଣାର୍କ । ଯେ କି ଆଜି ମୂକ, ବଧୀର । ଆମେ ତ ବାପ ସେହି ଧରମାର ଜାତି ଭାଇ । ଆମରି ଦେହରେ ତ ସେହି ଉତ୍କଳର ରକ୍ତ ବହୁଛି । ତେବେ ଆମେ କାହିଁକି......।" ବୁଢ଼ା ଆଉ ଅଧିକ କିଛି କହି ପାରେନାହିଁ । ତାର ପଞ୍ଜରା ହାଡ଼ ଭେଦ କରି ନିର୍ଗତ ହୁଏ ଗୋଟିଏ ଦୀର୍ଘଶ୍ୱାସ ଏବଂ ଏହା ସଙ୍ଗେ ତାର କୋଟରଗତ ଚକ୍ଷୁ ଦୁଇଟା ଅଧିକ ଭିତରକୁ ପଶିଯାଏ ।

ନିତି ସକାଳେ ସୂର୍ଯ୍ୟଦେବ ଆକାଶରେ ପଶୁ ଖେଳିଲେ [...] ନିକଟସ୍ଥ ଝରଣାର ତାଳବଣ ଫାଙ୍କରୁ ଟିକିଏ ଉଙ୍କି ମାରନ୍ତି । ଗାଁ [...] ନେଇଁ ଉଠନ୍ତି ଜାତୁକରର କାଇଁଷ କାଟିର ଶର୍ତ୍ତରେ ଅଚେତନ [...] ଚେତନା ପାଇଲା ଭଳି । ଠିକ୍ ଏତିକିବେଳକୁ ଲକ୍ଷ୍ମୀ ଦେବା ଲ[...] ଦେଉଳଟାର ବେଢ଼ି ହୋଇ ବରଗଛ ପାଖ ଦେଇ ଚାଲିଯାଏ ମନ୍ଦି[ର] ହାତରେ ଗୋଟିଏ ଫୁଲ ସୁନ୍ଦର ଧରି । ଫେରିବା ସମୟରେ [...] ବାଟରେ ଫେରେ । ସେତେବେଳେ ବୁଢ଼ା ତାର କାମରେ [...] ଥାଏ ନିର୍ବାଣ ମନରେ ପଥର କାଟିବାରେ । ଲକ୍ଷ୍ମୀ ଗଳ[...] ଟିକିଏ ଥରାଇ ଦେଇ ନରମ ସ୍ୱରରେ ଡାକେ, "ମଉସା ! [...] ଫୁଲ ନେବନି ?" ବୁଢ଼ା ସସ୍ନେହ ସକାଳେ ଛୁଟି ଯାଏ । ସେ ମନ୍ତ୍ରି[...] ବଢ଼ି ଲକ୍ଷ୍ମୀ ଆଡ଼କୁ ଏକ ଦୃଷ୍ଟିରେ ଚାହିଁ ରହେ । ଅବଶେ[ଷରେ] ହାତରୁ ଫୁଲଟି ନିଏ ଏବଂ ଦୁର୍ବଳ ହାତ ଦୁଇଟି ଉପରକୁ [...] ଶିଉଳି ଲଗା ମନ୍ଦିରର ମୂକ ଦେବତାଙ୍କ ଉଦ୍ଦେଶ୍ୟରେ ସେ[...] ଟେକି ପ୍ରଣାମ କରେ । ଲକ୍ଷ୍ମୀ ଯିବାବେଳେ କହେ, 'ଯାଉଛି ମଉ[ସା]' ମାତ୍ର ବୁଢ଼ାର ଉତ୍ତରକୁ ଅପେକ୍ଷା ନ କରି ଚାଲିଯାଏ ଅନ୍ତ[...] ହୋଇ ।

ବୁଢ଼ା ଅନେକବେଳ ଧରି ସେଆଡ଼େ ଚାହିଁ ରହେ । ଅ[...] ସମସ୍ତ ଭାବେ "କି ସୁନ୍ଦର ଝିଅଟିଏ ! ସାକ୍ଷାତ୍ [...] ପରି । ଭଗବାନଙ୍କ କୃପାରୁ ଯଦି ଏ ମୋ ଘରକୁ ହୋଇ ଆସନ୍ତା.................।" ବୁଢ଼ା ଆଉ ବେଶି କିଛି .

Digitized by srujanika@gmail.com

ଉନାହିଁ । ତାର ଆଖି ଆଗରେ ନାଚ ଉଠେ କଳ୍ପନାର ନ୍ ଛବି ।

ଗୋଠବଣା ଗାଈ, ମନ୍ଦିରର ଘଣ୍ଟି ଅନେକ ଦୂରରେ ବାଜ । ନାଳ ଅର ପାଖର ତାଳ ବଣରେ ଶୃନ୍ଦ ହସି ଉଠନ୍ତି । ଧୂପ ବାକସ୍ ହାତରେ ଧରି ମନ୍ଦିରକୁ ଯାଏ । କିଛିକ୍ଷଣ ପରେ ର ଅଳଭ ଘଣ୍ଟା ବାଜ ଉଠେ । ଧୂପ ଗନ୍ଧରେ ଦେଉଳଟି କ ଉଠେ । ଲକ୍ଷ୍ମୀ ଅଳଭ ଛୋଇ ଦେଇ ଫେରିଲାବେଳେ ଲୁ ଭେଟେ । ବୁଢ଼ା ଆନନ୍ଦରେ ବିଭୋର ହୋଇ ଆକାଶରେ ମାମୁର କୁଟବାଳ ଖେଳ ଦେଖୁଥାଏ । ଲକ୍ଷ୍ମୀର ପଦ ଶବ୍ଦ ବୁଢ଼ା ଚମକି ପଡ଼େ । ସେଥିଭୁ ଆଖି ଫେରାଇ ନରମ ଗଳାରେ କ ' ମା ଲକ୍ଷ୍ମୀ ! ତୋର ଏ ବୁଢ଼ା ପୁଅକୁ ମୋଟେ ଦୟାନାହିଁ ।'' ଲକରେ ବୁଡ଼ିଯାଏ । ଧୀରେ ଧୀରେ ମଥାର କୁଞ୍ଚାଙ୍କୁ ଉ ସଜାଡ଼ି କହେ "ମୁଁ ଦେଖିନାହିଁ ତୁମକୁ ମଉସା ।'' ହ୍ମାର ଉତ୍ତରକୁ ଅପେକ୍ଷା ନ କରି ଦେଉଳର ଅର ପଟକୁ ଯାଇ ଥାଏ । ପଛପଟରୁ ପରଶୁ ହସି ହସି କହେ "ଏଟା ତୋର କ । ମୁଁ କଣ କୁଅ ହୋଇଛି କି ? ମିଛ ସତ ଦୁଇ ଗୁର ପଦ ଭୁଲାଇ ଦେବୁ । ତୁ ହେଲୁ ବଡ଼ଲୋକ ।" ଲକ୍ଷ୍ମୀ ତା କଥାରେ ଦେଇ କହେ "ନଜ କଥା କହୁନ । ମୁଁ ବଡ଼ଲୋକ ତା ?" ପରଶୁ ପ୍ରତିବାଦ କରି କହେ "ହେଉ, ବଡ଼ ଲୋକ ତା ହଲ୍ କନ୍ୟା ବଡ଼ଲୋକ ଘର ତ........ ।''

"ଚୁପ୍, ତୁମ ବଦମାସି ଜାଣେ ପରଶୁ ଭାଇ ।''

ଦହେଁଯାକ ହସି ଉଠନ୍ତି । ବୁଢ଼ା ଠାକୁରଙ୍କ ନଜର ଦୁଃଖ ଇ ସାରି ଲକ୍ଷ୍ମୀ ପାଖରେ ହାତ ପତାଏ ଠାକୁରଙ୍କ ପ୍ରସାଦ ଲାଗି । ସେଠାରୁ ଗୁଲିଯିବାବେଳେ ଅଡ଼ ନୟନରେ ଅନାଇ ଦେଖେ ର ଦୁର୍ବଳ ହାତ ଦୁଇଟି ଧୀରେ ଧୀରେ ଯାଇ ଲାଗି ରହିଛି ଳିଥିବା ଚମଡ଼ା ଟଙ୍କା କପାଳରେ କେବଳ ଠାକୁରଙ୍କ ଶ୍ୟରେ ।

× × + ×

ପରଶୁ ତା ଦୁଆର ପାଖରେ ପଥର କାଟିବାରେ ଲାଗିଛି । ମନେ କାନ୍ତ କଡଙ୍କର ଦୁନ୍ଦୁଭିରୁ ଦୁଇ ସ୍ୱର ପଦ ଗୁଣ୍ ହୋଇ ଅଜଡ଼ାଇ ଯାଉଛି । ଲକ୍ଷ୍ମୀ ମନ୍ଦିର ଫେରନ୍ତା ଘଣ୍ଟି ହାତରେ ଧରି ପରଶୁ ପଛପଟେ ଠିଆ ହୋଇ ହସି କହିଲା "ପରଶୁଭାଇ ! ଆଜ ତ ବଡ଼ ଜୋରରେ ମନ-ଆ ସଙ୍ଗିତର ତାନ ଛୁଟିଛି ।" ପରଶୁ ତା କଥାରେ କିଛି ଉତ୍ତର ଇ କାମରେ ଅଗ ପରି ଲାଗିଛି । କହାଣ ମୁନରେ ପଥର ଖୋଳୁଛି । ଲକ୍ଷ୍ମୀକୁ ଦେଖି ଅଧିକ ଜୋରରେ କହାଣର ମଥା ଉପରେ ଚୋଟ ଦେଉଛି ଗୋଟାଏ କାଠ ମୁଗୁରରେ ଛନ୍ ଛନ୍ ପାହାର । ଲକ୍ଷ୍ମୀ ପରଶୁ ପାଖକୁ ଲାଗିଯାଇ କହିଲା "ପରଶୁ ଭାଇ ! ମୁଁ ପରା ସେଦିନ ଗୋଟିଏ ପିତୁଳା ଗଢ଼ି ଦବାକୁ ତୁମକୁ କହିଥିଲି ?"

"ମୋ ପ୍ରସ୍ତୁତ କାହିଁ ?"

"ଏଟା ହେଉଛି ଫାଙ୍କି । ମନ ଥିଲେ ସବୁ...... ।"

ତା କଥାରେ ବାଧା ଦେଇ ପରଶୁ କହିଲା "ମନ ଅଛି କି ନାହିଁ ଜାଣିଲୁ କିପରି ?"

'ମୁଁ କଣ କୁଅ ହୋଇଛି କି ?"

"ମୁଁ କ'ଣ ତୋତେ ଏବେ ଅଉ କୁଅ ଡାକୁଅଛି । ତୁ ତ ପକ୍କା ଜିନକୋଡ଼ ବନ୍ଦର ବୁଢ଼ୀଟିଏ ।"

ଲକ୍ଷ୍ମୀ ହସି ଉଠିଲା । ପରଶୁ ତା ସଙ୍ଗେ ଯୋଗ ଦେଲା ।

ଲକ୍ଷ୍ମୀ ପରଶୁକୁ ଜୋରରେ ଢଳାଇ ଦେଇ କହିଲା, "ହିଁ ମୋତେ କାହିଁକି ପିତୁଳା ଦେବ ?"

"ତୋତେ ନ ଦେଇ ମୋର ପୁଣି କିଏ ଗୋଟାଏ ଅଛି ଯେ ତାକୁ ଦେବି ?"

"କାହିଁକି, ଯାହାକୁ ଘରକୁ ଆଣିବ ।"

ପରଶୁ ହସି ଉଠିଲା । ତାପରେ ଘର ଭିତରକୁ ଉଠି ଯାଇ ପିତୁଳାଟି ଆଣି ଲକ୍ଷ୍ମୀ ହାତରେ ଦେଇ କହିଲା, "ତୋ ବରାଦ୍ ଅନୁସାରେ ହୋଇଛି ନା ?"

"ହିଁ ଠିକ୍ ହୋଇଛି । ବଡ଼ ସୁନ୍ଦର ପିତୁଳା ତୁମେ କାଟିପାର ତ ପରଶୁ ଭାଇ ?"

"ଠିକ୍ ତୋରି ପରି ।" ପରଶୁ କହିଲା ।

ଲକ୍ଷ୍ମୀ ବିରକ୍ତି ସ୍ୱରରେ କହିଲା, "ତୁମେ ବଡ଼ ଦୁଷ୍ଟ ।"

ଲକ୍ଷ୍ମୀ ମୁହଁଟି ଲଜରେ ଲାଲ ପଡିଗଲା ଓ ଭୁଲିପଡ଼ି ପିତୁଳାଟି ନେଇ ସେଠାରୁ ପଳାଇଲା ।

× + + +

ଅଇଦବେ ଲକ୍ଷ୍ମୀ ଆସି ବୁଢ଼ାକୁ କହିଲା, "ମଉସା, ମତେ ଗୋଟିଏ ପିତୁଳା ଗଢ଼ି ଦିଅ ।"

"ମୁଁ ତ ବୁଢ଼ା ହେଲିଣି, ମା' ମୋ ଆଖିକ ତ ଭଲ ଦରଶ ପଡୁନ । ଅଚ୍ଛା କହ କମିତିକା ପିତୁଳା ?"

"ଠିକ୍ ପରଶୁ ଭାଇଙ୍କ ଭଳିଆ ରୂପ ହୋଇଥିବ ।"

"ତୋର କ'ଣ ହେବ ?"

"ମୋତେ ପରଶୁ ଭାଇ ଗୋଟିଏ ପିତୁଳା ଗଢ଼ି ଦେଇଛନ୍ତି । ତା ସାଙ୍ଗେ ବାହାଘର କରିଦେବି ।"

Digitized by srujanika@gmail.com

"ଅଚ୍ଛା ଅଁଇଲ୍ ଦେଖିବା ସେ ପିତୁଳା ।"

"ନା, ଦେଖେଇବ ନାହିଁ ।"

ବୁଢ଼ା ବୁଝି ପାରିଲା । କହିଲା "ଅଚ୍ଛା ନୂଆ ଗଢ଼ିଦେବ ।"

\+ + × +

ବୁଢ଼ା ମନପ୍ରାଣ ଦେଇ ପିତୁଳା ଗଢ଼ିବାରେ ଲଗିଛି । ସେ ପଥରଥିକୁ ହାଡ଼ ମାଂସ ଦେଇ ସ୍ଥିର କରିଛି—ତାର ପ୍ରତିମୂର୍ତ୍ତି ସ୍ଥିର କରି ପାରିବନି ? କିନ୍ତୁ ତା'ର ଯେ ବଳ ବୟସ ନାହିଁ—ଯୌବନର ସେ ଶକ୍ତି ଓ ସାମର୍ଥ୍ୟ ନାହିଁ—ତେବେ ବି ସେ ଗଢ଼ିବାରେ ଲଗିଲା—।

× × + ×

ଏବେ ଲକ୍ଷ୍ମୀର ମା' ଆସି କହିଲେ, "ଏ କାଳରେ ଆଉ କ'ଣ ଠକ୍ ଠକ୍ କରୁଛ ?"

"ତମ ଲକ୍ଷ୍ମୀ ପାଇଁ ଗୋଟେ ପିତୁଳା ଗଢ଼ୁଛି—ତା କୁଣ୍ଢେଇ ସାଙ୍ଗରେ ବାହାଘର କରିବ । ମୋ ମା' ପରା ସେ—ତା କଥା ନ ରଖିବ କମିତି ?"

"କୁଣ୍ଢେଇ ବାହାଘର ତ କରୁଛି—ତା' ବାହାଘର କଥା ମନରେ ଅଛିନା ? ଗୋଟେ ଭଲ ଜାଗା ଦେଖି ଦିଅ ନା—ତା ବାପ ଥିଲେ କେବେଠୁ କ'ଣ କରୁଥାନ୍ତେ ।"

'ଅଚ୍ଛା ଲକ୍ଷ୍ମୀବଉ, ଆମ ପଥର ସାଙ୍ଗରେ କଲେ କେମିତି ହୁଅନ୍ତା?"

"ମୁଁ କଣ ମନା କରୁଛି—ସେ ତ ବାପ ଛେଉଣ୍ଡ—ମୁଁ ଭରସା କରି କେବେ କହୁ ନ ଥିଲି—ତମେ କରିବ ନ କରିବ—ତା ବାପଙ୍କର ତ ସେଇୟା ଇଚ୍ଛା ଥିଲା । ସେ ପଥରଥିକୁ କେତେ ସୁଖ ପାଉ ନ ଥିଲେ—ଆଜ ସେ ଥିଲେ……"

ଏତିକି କହି ଆଖି ଛଳ ଛଳ କରି ପକାଇଲେ ।

"ଅଚ୍ଛା ଏଇ ଫଗୁଣ ମାସରେ ବାହାଘର କରିଦବା ।"

"ମୋର କ'ଣ କହିବାର ଅଛି—ତମେ ଯେତେବେଳେ ଚାହିଁବ ତମ ବୋହୂକୁ ଘରକୁ ନେବ—ତମେ ତ ସବୁ କରିବ ।"

\+ × + +

ବୁଢ଼ା ଲକ୍ଷ୍ମୀକୁ ବୋହୂ କରି ଆଣିଛି । ସେ ଲକ୍ଷ୍ମୀକୁ ପୂର୍ବପରି ମା' ବୋଲି ଡାକେ । ବୋହୂ ବୋଲି ଡାକିବାକୁ ତା' ପାଟି ଆଉଟେ ନାହିଁ । ତାଙ୍କର ଛୋଟ ଦୁନିଆଟି ହସି ଉଠିଛି । ବୁଢ଼ା ଲକ୍ଷ୍ମୀକୁ ତା'ର ମନଲାଖି ପିତୁଳା ଗଢ଼ି ଦେଇଛି । ଲକ୍ଷ୍ମୀ ତାକୁ ନେଇ ପଣାରେ ଥିବା ପିତୁଳା ପାଖରେ ଥୋଇ ଦେଇଛି । ସେଥିଭିକୁ ତାଁର ବିଶେଷ ନଜର ନାହିଁ—ସେ ଯେ ବର୍ତ୍ତମାନ ଜୀବନ୍ତ ପିତୁଳାର ମୂଳକ ।

ବୁଢ଼ା ପ୍ରତିଦିନ ସଞ୍ଜ ହେଲେ ପୂର୍ବପରି ଦିଅଁଙ୍କ ଅଳତି ଦେଖିବାକୁ ଯାଏ ଓ ଦିଅଁଙ୍କ ମୁଣ୍ଡିଆ ମାରି କହେ ଯେ ଠାକୁରେ ତା'ର ଅନ୍ତରର ପ୍ରାର୍ଥନାର ପ୍ରତିଦାନ ସ୍ୱରୂପ ଯାହାକୁ ପାଇଛି ସେଥିପାଇଁ ସେ ଚିର କୃତଜ୍ଞ । କେବଳ କେବେ କେବେ ଭାବେ ଭୂତପରି କଥା, କିନ୍ତୁ ଭାବନା ତାର ଶେଷ ହୁଏ ଦୁଇ ଟୋପା ଅଶିର ଲୁହରେ—।

——※——

( ମଜାକଥା ୨୩ ପୃଷ୍ଠା ଉତ୍ତରୁ )

—ମୁଁ ଯେପରି ଚେତେ ବୁଝେ ନାହିଁ—ଏତିକି କହି ପାରେ ଯେ ଭଲ ଦାମ୍ଭ ।

—ନାହିଁ ନାହିଁ ମୋତେ ଠିକ୍ ମାନୁଛ କି ନାହିଁ କହିବ ନା—ଅର୍ଥାତ ଅସଲ ଠାରୁ ମୁଁ ଅଧିକା ମୂ……

ଶବ୍ଦଟା ପୁରା କହିବାକୁ ସରମ ଲଗିବାରୁ ଅଟକି ଗଲେ କାରଣ ଜଣେ ଅପର ଭଦ୍ରଲୋକ ସେଠି ବସିଥିଲେ ବୋଲି ତାଙ୍କ ହୁସ୍ ପଡ଼ିଗଲା । ଅନନ୍ୟାତିଶଯ୍ୟରେ ସେ କଥାକୁ ବୋଧହୁଏ ଖିଆଲ ନ ଥିଲା ।

ନିଜକୁ ସମ୍ଭାଳି ନେଇ ଏଜେଣ୍ଟଙ୍କୁ ଚାହିଁ ସେ ହସି କହିଲେ, "ଅଚ୍ଛା, ଏ ସବୁ ବିଷୟରେ ତ ଆପଣମାନଙ୍କର trained eyes expert knowledge ରୁ କହନ୍ତୁ ଦେଖି—ଏ ନେକଲେସଟ ତା ଠାରୁ ସୁନ୍ଦର ନୁହେଁ କି ?"

ଏଜେଣ୍ଟ ବଡ଼ ଅଡୁଆରେ ପଡ଼ିଲେ । ତା ପରେ ପୁରୁଷଙ୍କୁ ଚାହିଁ କହିଲେ—ଆପଣଙ୍କ opinion କଣ !

ସ୍ୱାମୀ କହିଲେ, "—ଏଥିରେ opinion ର କଥାଇ ନାହିଁ । ତାଙ୍କର ପସନ୍ଦ ଯେତେବେଳେ ହେଉଛି, ନବାକୁଇ ହେବ ।…ହଁ, ଦାମଟା କେତେ ?

—ଦାମ ? ଜାଣନ୍ତି ତ ଆମର fixed price—ଆଉ guaranteed genuineness—କିନ୍ତୁ ଗୋଟାଏ କଥା—ଏଇ ଟ୍ରେନରେ ତ ଆପଣ ଆଉ ଟଙ୍କା ଦେଇ ନାହାନ୍ତି । ଯଚାଇ କରିବେ test କରିବେ । Satisfied ହେବେ, ତେବେତ ଯାଇ…

—ହଁ ଠିକ କଥା । ଆପଣ ତେବେ ପୁରୀ ଚାଲନ୍ତୁ । ବାକି ଦେଖା କରିବେ । ସେଇଠି ସବୁ କଥା ଠିକ୍ ଠାକ କରିନେବା । ତା ପରେ ଟଙ୍କାଟା…ଅଚ୍ଛା—ସେ ପରେ ।—ହଁ, difficulty ଟ ବୁଝି ପାରୁଛ । କେହି କି କେବେ ଏତେ ଟଙ୍କା ହାତରେ ଧରି ସବୁବେଳେ ଘରୁ ବାହାରି ଥାଏ ? ସବୁ ଟଙ୍କା ହୁଏତ ବର୍ତ୍ତମାନ ପାଖରେ ନ ଥାଇ ପାରେ ଆପଣଙ୍କର ତେବେ ସେଥିପାଇଁ ଚିନ୍ତା ନାହିଁ । ଆଗେ test କରାଟା ସରୁ—ଦେଖାଯିବ ।…ଆପଣମାନେ ରହିବେ କେଉଁଠି ପୁରୀରେ ?

—ସେଟା ଠିକ ନାହିଁ । ମୟୂରଭଞ୍ଜ କୋଠିରେ ତ ଅ ଉଠିବୁଁ, ତା ପରେ ପୁରୀ ରାଜାଙ୍କର guest ବି ହୋଇ ପାରୁଁ ।

Relative ନିଶ୍ଚୟ ?

Very close relative.

—ପୁରୀ ରାଜା ସାହେବ ବି ଆମର ହେବେନ । ତା ସାଙ୍ଗରେବି ଦେଖା କରିବାର କଥା ମୋର ।

Digitized by srujanika@gmail.com

ତେବେତ ଭଲ କଥା !

ଏଇ ସମୟରେ ମହିଳା କହି ଉଠିଲେ—ମୋର ଏ ପୁରୁଣା ନେକଲେସଟା ଯେ ବଦଳ ଦେବାର କଥା ।

—ହଁ, ବଦଳ ଅବଶ୍ୟ ନେଇ ଥାଉଁ । ତେବେ ତା ପୂର୍ବରୁ ଟିକିଏ test କରି ନେବାକୁ ହୁଏ ।

—ଆପଣଙ୍କ ପାଉଡରର ଜିନିଷତ ।

—ତା ଛଡ଼ା ଆପଣଙ୍କ ଅଙ୍ଗଲଗି ଅଳଙ୍କାର ।

ମହିଳା ଇଟିକି ଲଜ୍ଜିତ ହୋଇ ଉଠିଲେ ।

ତାଙ୍କ ସ୍ୱାମୀ କହିଲେ, "ଅଛା, ଗୋଟାଏ କଥା ହେଉ ଆପଣ ଆମଟା ରଖନ୍ତୁ, ଆଉ ଆପଣଙ୍କରଟା ତ ସେ ପିନ୍ଧିଛନ୍ତି, ପିନ୍ଧି ଥାଆନ୍ତୁ କଣ ମତ ଆପଣଙ୍କର ?

—ଏଥିରେ ଆଉ ମତ କଣ ! ବିଶେଷତ ଆପଣମାନଙ୍କ ପରି ଉଚ୍ଚ ବଂଶର ମହତ ବ୍ୟକ୍ତିଙ୍କ ଠେଇଁ ।—ଦେଖୁଛନ୍ତି ତ ନାରୀମାନଙ୍କର ସଉକଟା !

Mere Coquetishness— ଏତିକି କହି ହୋ ହୋ କରି ହସି ଉଠି ପୁରୁଣା ନେକଲେସଟା ଏଜେଣ୍ଟଙ୍କ ହାତକୁ ବଢ଼ାଇ ଦେଲେ । ଏଜେଣ୍ଟ ନିଜ କପାଳରେ ହାତ ଲଗାଇ ସମ୍ମାନ ଦେଖାଇ ନେକଲେସଟିକୁ କେସ୍ ଭିତରେ ଥୋଇ ବେଗରେ ଭରିଲେ । ତାପରେ ଏଣୁ ତେଣୁ କେତେକ କଥା ବାର୍ତ୍ତା ହେଲା । ଓହ୍ଲାଇବା ପୂର୍ବରୁ ପୁରୁଷ ବ୍ୟକ୍ତି କହିଲେ "ତେବେ କାଲି ସକାଳେ positively ଆମ୍ଭେମାନେ ପ୍ରସ୍ତୁତ ଥିବୁ ।

—ଆପଣଙ୍କର ଯେ ଆଜ୍ଞା—କହି ଏଜେଣ୍ଟ ବିଦାୟ ନେଲେ ।

\+ × ×

ଏ ଘଟଣାର ଦୁଇଦିନ ପରେ କଟକର ଜହରତ ସୌଦାଗର ମାଧବଜୀଙ୍କ ସହିତ ଜଣେ ଅପରିଚିତ ଭଦ୍ରଲୋକ ଓ ଭଦ୍ର ମହିଳା ସାକ୍ଷାତ କଲେ । ସେମାନଙ୍କ ହାବ ଭାବ ଓ ବେଶ ଭୂଷା ଦେଖି ମାଧବଜୀ ଚେୟାରରୁ ଉଠି ସମ୍ମାନ ପ୍ରଦର୍ଶନ କଲେ । ଏବଂ ସସମ୍ଭ୍ରମରେ ସେମାନଙ୍କୁ ବସିବାକୁ ଅନୁରୋଧ କଲେ । ମାଧବଜୀ ଭାବିଥିଲେ ଯେ ଆଜି ତାଙ୍କର ବହୁତ ଟଙ୍କାର ଅଳଙ୍କାର ବିକ୍ରି ହୋଇ ଯିବ । ପାଠକେ ନିଶ୍ଚୟ ଏମାନଙ୍କୁ ଚିହ୍ନି ପାରୁଛନ୍ତି ।

ପୁରୁଷବ୍ୟକ୍ତି କହିଲେ, ମହାଶୟ ଏଇ ନେକଲେସଟିର ମୂଲ୍ୟ ନିରୂପଣ କରିବା ପାଇଁ ଆପଣଙ୍କୁ ଅନୁରୋଧ କରୁଛୁଁ । ଏତିକି କହି ଗୋଟିଏ ଜହରାତି ଖଚିତ ମୋତିର ନେକଲେସ ତାଙ୍କ ହାତକୁ ବଢ଼ାଇ ଦେଲେ । ମାଧବଜୀ ଅତି ଯତ୍ନ ସହକାରେ ନେକଲେସଟିକୁ ଦେଖି ଈଷତ୍ ହସି କହିଲେ "ବିଲକୁଲ ଇମିଟେସନ ଖଣ୍ଡିଏ ଏକ ସଚ୍ଚା ନାହିଁ ।"

ଆଗନ୍ତୁକ ଦ୍ୱୟଙ୍କ ମୁହଁ ଶୁଖିଗଲା । ଦୁହେଁ ହତାଶ ଦୃଷ୍ଟିରେ ପରସ୍ପର ଚାହାଁ ଚାହିଁ ହୋଇ ଏକାବେଳେକେ ଚେୟାରରୁ ଉଠିଲେ । ମାଧବଜୀ ନେକଲେସଟି ଫେରାଇ ଦେଲେ । ସ୍ତ୍ରୀ ପୁରୁଷ ଉଭୟେ ବିନା ବାକ୍ୟ ବ୍ୟୟରେ ବାହାରି ଆସିଲେ । ଅଭିବାଦନ କରିବାକୁ କାହାରି ଅବକାଶ ନ ଥିଲା । କେବଳ ମହିଳାଙ୍କ ତୁଣ୍ଡରୁ ବାହାରି ଗଲା "କି ବଦମାସ !"

ଏହାର ଅନ୍ଦାଜ ଘଣ୍ଟା ଦୁଇ ପରେ ଜଣେ ସାହେବୀ ପୋଷାକ ପିନ୍ଧା ଭଦ୍ରଲୋକ ମାଧବଜୀଙ୍କ ସହିତ ସାକ୍ଷାତ କରି ଗୋଟିଏ ନେକ-ଲେସ ଦେଖାଇଲେ ଓ କହିଲେ "ଦୟାକରି ଏଇଟିର ଦାମ କରି ଦେବେକି ?"

ମାଧବଜୀ ନେକଲେସଟି ଧରି କିଛିକ୍ଷଣ ଦେଖି ହସି କହିଲେ, "ଦାମ ବିଲକୁଲ୍ ନଦାରଦ୍ ।" ସାହେବ ଚମକି ପଡି କହିଲେ, କଣ କହୁଛନ୍ତି ଆପଣ ! ଏ ଯେ......

—ଏ ଯାହାହେଉ ଭୁଲ୍ ହେଲା । ଏହା କହି ନେକଲେସଟି ତାଙ୍କ ଆଡ଼କୁ ଫିଙ୍ଗିଦେଲେ । ତାକୁ ଟେବୁଲ ଉପରୁ ଉଠାଉ ଉଠାଉ ସାହେବଙ୍କ ତୁଣ୍ଡରୁ ବାହାରି ଗଲା "ଜୁଆଚୋର !"

ଭଦ୍ରଲୋକର ଅବସ୍ଥା ଦେଖି ମାଧବଜୀ ଟିକିଏ ହସିଲେ । ମାତ୍ର ଆଉ କିଛି ପଚାରିବା ପୂର୍ବରୁ "ଆପଣଙ୍କୁ ଯେଉଁ କଷ୍ଟ ଦେଲି ସେ ପାଇଁ କ୍ଷମା କରିବେ । ଏତିକି କହି ସାହେବ ସଟାଂ କରି ବାହାରି ଚାଲିଗଲେ ।

—※—


ଆସନ୍ତା ସଂଖ୍ୟାକୁ ଚାହିଁ ରହନ୍ତୁ

କାନ୍ତ-କବିଙ୍କର

'ହୁଇଲ୍ ସାଇଡ'

( ନବବଙ୍କିକା )

ଓ

ଚଟକ ଚନ୍ଦ୍ରହାସ ଚମ୍ପୂ


Digitized by srujanika@gmail.com

# ଛାଞ୍ଚୁଣି ବନାମ କୋରଡ଼ା

ପ୍ରିୟ ଭଉଣୀ,

ଗତସଂଖ୍ୟା ଛାଞ୍ଚୁଣି × କୋରଡ଼ାରେ ଯେଉଁ ଅଶ୍ଳୀଳତା ବାଣୀ ତୁମର ଭଉଣୀଟିକ ଦେଇଥିଲ, ପଢ଼ି ଆନନ୍ଦିତ ହେଲି। କିନ୍ତୁ ଭଉଣୀଟି ଯେ ତୁମର ଶାନ୍ତଶିଳା ଏବଂ ନମ୍ରଶିଳା ତା ଜଣା। ବିନା କାରଣରେ ଅବଳାର ଆକ୍ରମଣ ହେବା ଅସମ୍ଭବ। ଅବଶ୍ୟ ତୁମ ଭଉଣୀଟିର କିଛି ନା କିଛି ଦୋଷାଦୋଷ ଥାଇପାରେ। ସ୍ୱାମୀ ସ୍ତ୍ରୀର ସର୍ବସ୍ୱ, ଏବଂ ହୃଦୟର ଦେବତା। ଦେବତା ଯଦି ରାଗି ଭୋଗ ନ ଖାଏ, ତେବେ ଭକ୍ତ କଣ ଦେବତାଙ୍କୁ ମାଡ ଲଗାଏ? ଏହାର କଣ ମାନେ ଏହି? ତୁମେ ଯେ ଭଉଣୀ ଲେଖିଛ, ମୁଁ ହୋଇଥିଲେ ଖଣ୍ଡିଏ ଚପଲି ହେଉ, ବା ଖଣ୍ଡିଏ ଛାଞ୍ଚୁଣି ହେଉ, ଝାଡ଼ି ଦେଇଥାନ୍ତି; କିନ୍ତୁ ବୋଧେ ଭଉଣୀ ପୁରୁଷ ପୁଅଙ୍କୁ ଖୁସି ହୋଇ ଗାରଡ ପଢ଼ି ଡାଆଣି ! ଛଡ଼ାଇବା ନିଷ୍ଠା ତୁମର ନାହିଁ। ଆଜି ପୁରୁଷ ପୁଅର। ଜାଣ ତ, ପୁରୁଷ ପୁଅର ହୃଦୟରେ କେତେ ଦୂର ପ୍ରଭାବ, କେତେ ଦୂରରେ ତାର ସ୍ଥାନ? ଲେଖିଛ, ଆଗେ ତାଙ୍କୁ ବଶବର୍ତ୍ତୀ କର, ଅଧୀନ କରି ରଖି ପାରିଲେ ଅଭିମାନ କରିବ। କିନ୍ତୁ ପୁରୁଷ ପୁଅକୁ ବଶବର୍ତ୍ତୀ ତ କରି ପାରିଛ! ସେ ଆଜି ନୁହେଁ, ପ୍ରାୟ ଯୁଗ ଯୁଗ ଧରି। କିନ୍ତୁ ପୁରୁଷକୁ ଯେ ଅଧୀନ କରିବ ଏଟା ଅସମ୍ଭବ। ବୋଧେ ଏତେଗୁଡ଼ାଏ ବସ୍ତୁ ଶୁଣି ଭଉଣୀ ରାଗିଯିବନି, କିନ୍ତୁ ଆଶାକରେଁ ଭଉଣୀ ରାଗ ନ କରି କ୍ଷମା ଦେବ। ଯଦି ଚିରଦିନ ପାଇଁ ଦାମ୍ପତ୍ୟ ଜୀବନରେ ସୁଖ ଭୋଗ କରିବାକୁ ଅଭିଳାଷ ଥାଏ, ତେବେ ସ୍ୱାମୀ ସେବା କର। ସ୍ୱାମୀର ଅଧୀନା ହୁଅ। ଚିରଦିନ ପାଇଁ ନାରୀ ଜାତିର ସ୍ଥାନ ହୃଦୟରେ ଶ୍ରେଷ୍ଠ ହେବ ଏବଂ ଯୁଗେ ଯୁଗେ ନାରୀର କୀର୍ତ୍ତି ପୂଜା ପାଇବ।

ଭାବନ ଭଉଣୀ! ସୀତା, ସାବିତ୍ରୀ, ଦମୟନ୍ତୀ ଚିରଦିନ ପାଇଁ କୀର୍ତ୍ତି ବୈଜୟନ୍ତୀ ଉଡ଼ାଇ ଅମର ହୋଇଗଲେ। ଏହି ସ୍ୱାମୀ ସେବାରୁ। ସ୍ୱାମୀହିଁ ସ୍ତ୍ରୀର ପ୍ରଭୁ, ସ୍ୱାମୀହିଁ ସ୍ତ୍ରୀର ସର୍ବସ୍ୱ। ଇତି।

ତୁମର ଜଣେ—ଭାଇ

---

ପ୍ରିୟ ସଂପାଦକ,

ଗତ ସଂଖ୍ୟା ତଗରରେ ଜଣେ ଭଉଣୀଙ୍କର ଗୀରବାଣୀ ଶୁଣି ମୋର ପୁରୁଷରକ୍ତ କାହିଁକି କେଜାଣି ଗରମ ହୋଇ ଉଠୁଛି। ତେଣୁ ଦୁଇପଦ ନ କହି ରହିପାରୁନ।

ଭଉଣୀ ଆମର ଛାଞ୍ଚୁଣି ଅସ୍ତ୍ର ଧରି ପୁରୁଷ ସଂହାର ପାଇଁ ରଣ ମଦରେ ମାତି ଉଠିଛନ୍ତି। ଏଥିକୁ ପୁରୁଷ ପକ୍ଷରୁ ଅଣ୍ଟା କରି କୋରଡ଼ା ନ ବସିଲେ ଗୀରବାଳା ଥଣ୍ଡା ହେବେ ନାହିଁ ବୋଲି ମୁଁ ମନେକରେଁ।

ଭଉଣୀ ମନେ ରଖନ୍ତୁ ଯେ ପୁରୁଷଙ୍କର ସେବା କରିବା, ଖିଜମତ କରିବା, ହୁକୁମ ମାନିବା ପାଇଁ ତାଙ୍କର ଜନ୍ମ ଓ ଜୀବନ ଧାରଣ। ତାହା ନ କରି ପୁରୁଷଙ୍କ ଉପରେ ପ୍ରଭୁତ୍ୱ କରିବାକୁ ମନ କରିବା ଯେପରି ଧୃଷ୍ଟତା ସେଇପରି ଅସମ୍ଭବ ଓ ଅସ୍ୱାଭାବିକ

ନାରୀଙ୍କର ଗୋଟାଏ ବାଟ (right) ଯୁକ୍ତି କଣ? ରାନ୍ଧିବା, ବାଢ଼ିବା, ଗୋଡ଼ ଘଷିବା, ପିଲା ସମ୍ଭାଳିବା ତାଙ୍କ କାମ। ମୋଟ ଉପରେ ପୁରୁଷର ମନ ନେବା ଓ ତାର ସୁଖ ସ୍ୱାଚ୍ଛନ୍ଦ୍ୟ ଦେଖିବା ପାଇଁ ତାଙ୍କୁ ଅଣା ହୋଇଛି। ଅବଶ୍ୟ ପୁରୁଷମାନେ ତାଙ୍କୁ ଅର୍ଥାତ୍ ପ୍ରକୃତିକୁ ମା'ନଙ୍କୁ ସ୍ନେହ ଓ ସଦୟ ଦୃଷ୍ଟିରେ ଦେଖିବା ଉଚିତ। ତାହା ବୋଲି ସେମାନେ ଯଦି କିଛି ଅଧିକାର ଦାବି କରନ୍ତି ଓ ପୁରୁଷଙ୍କ ମୁଣ୍ଡରେ ଚଢ଼ିବାକୁ ଯାଆନ୍ତି ତେବେ କେବଳ ଘୋଡ଼ା କୋରଡ଼ା।

ନାରୀଙ୍କର ସ୍ୱଭାବ, ସେମାନଙ୍କୁ ବଡ଼ ଆଖି ଉପରେ ଯେତେ ରଖିଥିବ, ସେତେ ସେ ଠିକ୍ ଥିବେ। ଟିକିଏ ମୁହଁ ଦେଲେ ମୁଣ୍ଡରେ ଚଢ଼ିବେ। ଏ ଯୁଗରେ ନାରୀମାନେ ଯେ ସ୍ୱାଧୀନତା ବା ସମାନ ଅଧିକାର ଦାବି କରୁଛନ୍ତି, ସେ ପୁରୁଷଙ୍କ ଦୋଷରୁ। ପୁରୁଷଗୁଡ଼ାକ ଅତି ନରମା ତା ମାଇଚିଆ ହୋଇ ଯିବାରୁ। ଠିକ୍ ପୁରୁଷତ୍ୱ ଦେଖାଇଲେ ନାରୀ ଜବଦ ହୋଇଯିବେ ଓ ଠିକ୍ ବାଟରେ ଚାଲିବେ।

ଖାଣ୍ଟି କଥା କହିବାକୁ ଗଲେ ପ୍ରଥମ ଲେଖିକା ଭଉଣୀ ଯେ ତାଙ୍କ ସ୍ୱାମୀଙ୍କ ନାମରେ ଏତେ ଅଭିଯୋଗ କରିଛନ୍ତି ତାର କାରଣ ତାଙ୍କ ସ୍ୱାମୀ ମାଇଚିଆ। ସେ ଯଦି ମୂଳରୁ କୋରଡ଼ା ଚଳାଇ ସାଏସ୍ତା କରି ରଖି ଥାଆନ୍ତେ, ଆଜି ଭଉଣୀ ଆମର ଏ ଭଳିଆ କଥା କହିବାକୁ ସାହସ କରନ୍ତେ ନାହିଁ, କିମ୍ବା ଏ ଭଳି ଦାବି କରିବାଟା ତାଙ୍କ ମନରେ ବି ଆସେ ନ ଥାନ୍ତା।

ସ୍ୱାମୀ ତାଙ୍କର ବୋଧହୁଏ ମୂଳରୁ ଭୁଲ କରିଛନ୍ତି। ମୂଳରୁ ତାଙ୍କୁ ଆଙ୍ଗୁଳି ଦେଖାଇ ଦେଇଛନ୍ତି। ମୂଳରୁ ରସି ଢିଲା କରିଛନ୍ତି। ମୂଳରୁ ସ୍ୱାଧୀନତାର ବାଟ ଦେଖାଇଛନ୍ତି। ସେଥିପାଇଁ ଭଉଣୀଙ୍କର ମିଜାଜଟା ଏପରି ହୋଇ ଯାଇଛି।

ଏତେବେଳେ ଅବଶ୍ୟ କେବଳ କୋରଡ଼ା ଦେଇ ସୁଧାରିବା ସହଜ ନୁହେଁ। ହାତ ବାଗ କନ୍ଧୁଣିକୁ ଗଲାଣି। ତେବେ ବାଟ ଅଛି ଏବେ ବି। ଅତି ମନମଉଜିଆ ତେଜୀ ଘୋଡ଼ାକୁ ସାଏସ୍ତା କରିବାକୁ ଗଲେ କେବଳ ପାହାର ଦେଲେ ଚଳେ ନାହିଁ। ତାଙ୍କୁ ଅଇଁସା ଅଇଁସେ କରି ଫୁଟକି ମାରି ପହିଲେ ଠଣ୍ଡା କରିବାକୁ ପଡ଼େ। ସେଇପରି ଭଉଣୀଙ୍କ ସ୍ୱାମୀଙ୍କୁ ଏଇ ପରାମର୍ଶ ଦେଉଁଛି, ସେ ତାଙ୍କ ପ୍ରଥମ ଭୁଲର ପ୍ରାୟଶ୍ଚିତ ସ୍ୱରୂପ ଓଲଟି ଟିକିଏ ଭଉଣୀଙ୍କ ମନ ସେଇନ୍ତୁ, ତାଙ୍କୁ ସାଉଲି ବାଉଲି, ଅଇଁସା ବେଉସା କରି ବାଗକୁ ଆଣନ୍ତୁ। ବାଗ ମାନିଗଲେ ଥରେ, ତାପରେ—। ତେଣିକି ସୁରକ୍ଷୁରରେ ଚାଲିବ ସବୁ। କିନ୍ତୁ ଲଗାମଟିକୁ ଏକାହାତରେ ରଖିଥିବେ ଟି!

ମୋ ମତରେ ଏ ସମସ୍ୟାର ଏଇ ହେଉଛି ଅସଲ ସମାଧାନ ବା ଔଷଧ।

ଆପଣଙ୍କ
ଭଉଣୀଙ୍କ ଭାଇ

Digitized by srujanika@gmail.com

ବ୍ୟଙ୍ଗ କବିତା—

## ସରଳା ସ୍ତୁତି

ନମସ୍ତେ ସରଳା ଦେବି, ବହୁଗୁଣାନ୍ୱିତା,
ଯଶେ ଗୁଣେ ଏମନ୍ତ କି ଭାରତ-ବନ୍ଦିତା ।
ସାହିତ୍ୟ-ରସିକା ପୁଣି ସ୍ୱୟଂ ପ୍ରଲେଖିକା,
ଥିଲେ, ଛନ୍ତି ହୋଇ କେତେ କାହିଁ ସମ୍ପାଦିକା ।

ସୁବକ୍ତ୍ରୀ ବୋଲିଣ ଖ୍ୟାତି ଅଛି ସବୁ ଠାଇଁ,
ନାରୀ ନେତ୍ରୀ ରୂପେ ତବ ପଟାନ୍ତର ନାହିଁ ।
ରାଜନୀତି-ବିଶାରଦା, ଏସେମ୍ବ୍ଲି-ସଦସ୍ୟା,
ନିତ୍ୟ ନବ କଳେବରେ ଘଟାନ୍ତି ସମସ୍ୟା ।

କଂଗ୍ରେସୀ ନାୟିକା, କେବେ ମିତ୍ରରେ ସଂପୃକ୍ତା,
ଅଶାରେ ପଡ଼ିଲ ବାଲି (ଏବେ) ହିନ୍ଦୁ ଅନୁରକ୍ତା ।
ଆଦର୍ଶ ଗୃହିଣୀ, ନାରୀ, ଜନନୀ ଓ କନ୍ୟା,
ତୁମ ଯୋଗୁଁ ଉତ୍କଳ ହେଲ କିନା ଧନ୍ୟା !

କବିର ପ୍ରେୟସୀ ତୁମେ ପ୍ରଗଢ଼ କାବିଣୀ,
କଲି-ଟୋ-ପ୍ରଣୟିନୀ ଗୋ, ଅଭ୍ୟୁଦାୟିନୀ ।
ସୌମ୍ୟା ଶାନ୍ତା କାନ୍ତା ମୂର୍ତ୍ତି ମଧୁର ଭାଷିଣୀ,
କିନ୍ତୁ ଚବିଷା ଦେଖ ସୁର ତରଙ୍ଗିଣୀ ।

ଉତ୍କଳ ଆକାଶେ ତୁହି ଅମଳ ଚନ୍ଦ୍ରମା,
ମାଳତୀ, ନନ୍ଦିକା ଆଦି ଖଦ୍ୟୋତିକା ସମା,
ସୁଦକ୍ଷା, ପ୍ରୀତିକ୍ଷା ତୁମେ ନାରୀ ଶିରୋମଣି
"ଉତ୍କଳିକା" ପ୍ରସବିଣୀ ନାନା ଗୁଣ ଖଣି ।

ଯୌନ ଶାସ୍ତ୍ର ବିଶାରଦା ପୁଣି ଆଲୋଚିକା,
କଟକ ନଗରୀ ମଧ୍ୟେ ଶ୍ରେଷ୍ଠ ନାଗରିକା ।

## ପଣ୍ଡିତ ପ୍ରଶସ୍ତି

ଜୟ ଜୟ ନୀଳକଣ୍ଠ ପଣ୍ଡିତ-ପ୍ରବର,
ତୁମ ଶ୍ରୀଚରଣେ ମୋର ହଜାରେ ଜୁହାର ।
ଚକ୍ଷୁ ବର୍ତ୍ତୁଳ କ୍ଷେତ୍ର ମନୋହର ବେଶ,
ସୁବିନ୍ୟସ୍ତ ଶୁଭ୍ର ଦାଢ଼ୀ ସ୍ୱଳ୍ପ କେଶ ଦେଶ ।
ତାମ୍ବୂଳ ଶୋଭିତ ଓଠ ହସେ ଫଟ ଫଟ,
ପାନ ପିକେ ଶ୍ୱେତ ଦାଢ଼ୀ ହୁଏ ଲଟ ପଟ ।
ଶିକ୍ଷାବ୍ରତ ଅନୁପ୍ରାଣ, ଏମ୍. ଏ. ଡିଗ୍ରୀଧର,
ନାନା ଶାସ୍ତ୍ର-ବିଶାରଦ, ଭାଷା-ମାଳାକର ।
କବି, ଗୀତାକାର ପୁଣି ବୈୟାକରଣିକ,
ସାହିତ୍ୟ ଦେଇଲେ ତୁମେ ଉଜ୍ଜ୍ୱଳ ମାଣିକ ।
ଉତ୍କଳ ଭୂଖଣ୍ଡେ ତୁମେ କେଶରୀ ସମ,
'ସିଂହ ଭାଗ' ସବୁ ମାଡ଼ ବସ ଆଗ କର ।
ରାଜନୀତି କ୍ଷେତ୍ରେ ମଧ୍ୟ ନୁହଁ ହେ ନୂତନ,
ଗୁଣିକ୍ୟଙ୍କ ଗୃହ ଖ୍ୟାତ ରଖିଚ ଅକ୍ଷୁଣ୍ଣ ।
'ନବଭାରତ'କୁ କରି ଆପଣା ବାହାନ,
ରାଜନୀତି-ଆକାଶରେ କର ବିଚରଣ ।
କଂଗ୍ରେସର ବଡ଼ ଚଣ୍ଡୀ, କରି ବଡ ଟାଣ,
ଅଟଟ ପଣିଆ ଯୋଗୁଁ ଖାଇ ଗଲ ହାଣ ।
ଅଗ୍ରଗାମୀ ଦଳପତି, ମହାବୀର୍ଯ୍ୟବାନ,
'ଦ୍ୱନ୍ଦ୍ୱ-ସାମ୍ରାଜ୍ୟ' ତହିଁର ପ୍ରକୃଷ୍ଟ ପ୍ରମାଣ ।
ଚତୁରପଣରେ କିଏ ହେବ ତୁମ ସମ,
ମେଘ ଦେଖି ଛତା ଟେକ ଉଚିତ ବିଗ୍ରହ ।
ମିତ୍ର-ମନ୍ତ୍ରୀ ପଦ୍ମପଦ ଗଢ଼ି କଉଶଳେ,
ଓଡ଼ିଶାର ଜୟ-ବାନା ଉଡ଼ାଅ ଭୂତଳେ ।
ନମୋ ନମ ନୀଳକଣ୍ଠ, ନିଦାଘ ଗରଳ,
ସହାସ୍ୟେ କରୁଚ ପାନ ବହି ଅବଚଳ ।

ଲେଖକ:—ଶ୍ରୀ ରମେଶଚନ୍ଦ୍ର ମହାନ୍ତି ।

Digitized by srujanika@gmail.com

# ଯାତ୍ରା-ମଉଜ

—ମଜାକବିତା—

ଲେଖକ:—ଶ୍ରୀ ଶରତଚନ୍ଦ୍ର ଦୀକ୍ଷିତ୍।

ଅଜାଙ୍କ ସାଥିରେ ଯାଇଥିଲି ଥରେ ପୁରୀ ରଥ ଯାତ ଦେଖି,
ଆଉ ସାଲେ ହେବ—ଯୋଉ ମଜା ହେଲା ଠିକେ ତାହା ବଖାଣୁଛି ।୧।
ଆମ ଗାଁଅଁ ଠାରୁ ଇଷ୍ଟେସନ ଯାକେ, ପାଞ୍ଚ କୋଶ ବାଟ ନୁହଇ ଊଣା,
ମୁଁ କହିଲି, "ଅଜା ଚଟ୍ ପଟ୍ ଯିବା, ଭିଡ଼ଥିବ ଗାଡି ଅଛଇ ଜଣା।୨
ଅଇ ବୁଢ଼ୀ ଆମ, ହଜାଡି ଥୋଇଲେ—ଯିବାର ଜିନିଷ ମାଳକୁ ମାଳ,
ଡେଙ୍କିଚ ଚୋଟାଏ, ଗୁଡ଼ଲ ଦ'ସେର, ଅଦୁର ଦ' ବଡ଼ା ସଜନା ଡାଳ।୩।
ସଜ ଦେଖି ମୋର ଅକଲ ଗୁଡୁମ ହୋଇଗଲା, କହି ନ ପାରେଁ କିଛି,
ଗୋଟି ଗୋଟି କରି ଗଣି ମୁଁ ଦେଖିଲି ସାତଟା ଯାଉଁଳା ଥୁଆ ହୋଇଚ।୪।
ଯାହାହେଉ ଅମେ କାନ୍ଧରେ କାଉଁଳା ପକାଇ ହୋଇଲୁଁ, ଘରୁ ବାହାର,
"ଦେଖ, ଦେଖ ମୋର ପାନ ବଟୁଆଟା ରହିଗଲା ପଖ ଠଣା ଉପର।"୫।
ଆଈ ଯାଇ ତହୁଁ ତର ତର ହୋଇ ଦେଲେ ଯେ ବଟୁଆ ଅଜାଙ୍କୁ ଆଣି,
ସଜ ସଜ ହୋଇ କାନ୍ଧଥାନ୍ତି ଅଇ—କି କହିବ ସେହୁ ମୋହନ ଠାଣି!।୬।
କାନ୍ଧରେ ଜାଉଁଳା, କାଖରେ ବଟୁଆ, ହାତେ ଛତା ବାଡି ହଲାଇ କରି,
ଚାଲୁଥାନ୍ତି ଅଜା, ଯାଉଥାଏଁ ମୁହିଁ ଗୁଡ଼ଟା ଜାଉଁଳା ପଛରେ ଧରି।୭।
ଖଣ୍ଡେ ଦୂର ଯାଇ ଡାକୁ ଥାନ୍ତି ଅଜା "ବେଗି ବେଗି ପକାବେ ଗୋଡ"
ପଛୁ ମୁଁ କହଇ, "ଜାଉଁଳା ଖସୁଛି, ତହିଁ କି ହୋଇଛି ବାପ୍ପ ବୋଝ" ।୮।
ବାଲି ବାଟେ କାହିଁ ପାଣି ଅଣ୍ଟା ଯାଏଁ, ଅଣ୍ଟୁ ଯାଏଁ କାହିଁ କାଦୁଅ ପଙ୍କ,
ଗୁଡ଼ଟା ଜାଉଁଳା କାନ୍ଧେଇ କାନ୍ଧେଇ, ଝାଳେ ବୁଡ଼ିଲଣି ମୋ ଦେହ ଯାକ।୯।
ଫେରି ଦେଖୁଁ ଅଜା ଖସଡ଼ିଲା ଗୋଡ, ପଡିଗଲେ ମୁହିଁ ମାଡିକି,
ପଛୁଁ ମୁଁ ଦଉଡ଼ୁଁ, କଣ୍ଟା ଫୁଟି ଗଲା, ଯାଉଁଳା ପଡ଼ିଲା ଛିଡ଼ିକି।୧୦।
ଧୋଇ ପୋଛି ହୋଇ ଷ୍ଟେସନେ ପହଞ୍ଚି ଅଚେ ଟିକିଏ ବସିଲେ,
ପାଣି ସଟ ପଟ ବଟୁଆରୁ ଅଜା ପାନ ଖଣ୍ଡେ ଭାଙ୍ଗି ଚେପିଲେ।୧୧।
ଟିକଟ ବାବୁଠୁଁ ଟିକଟ ଆଣିଲି ତେବେବି ନ ଅସେ କମ୍ପାନି ଗାଡ଼ି,
ପାନ ଖଣ୍ଡ ଯହୁଁ କାଦୁଅ ଲାଗିଲା—ଅଜାଙ୍କ ମିଜାଜ ଗଲା ବିଗିଡ଼ି।୧୨।

Digitized by srujanika@gmail.com

ଘରେ ମୁଣ୍ଡ ଝାଡ଼ି ଉଠନ୍ତେ ଚୂରୁକ ବେଞ୍ଚ ପଛରେ ଗଲିଟି ଲୁଚି,
ତଳ ତଳେ ତାକୁ ଖୋଜିଲି ଖୋଜିଲି ତେଣେ ଗାଡ଼ି ଆସି ପାଖେ ହେଲଣି ଜାକ
ଟାଣି ମୁଁ ଛଡ଼ାଇ ଦେଲି ସେ ଚୁଟିଟା, ଚଟ୍ ପଟ ତହୁଁ ଧର ଜାଉଁଳ,
ଅଜା ଯାଇ ତେଣେ ଝୁଣ୍ଟି ପଡ଼ିଲେଣି—ଦାନବାଲା ଘରେ ଦାଅଇ ଗାଳି । ୧୪ ।
ହାଇରେ କପାଳ, ବାଗିଲେ କି ହେବ, ଅଜାତ ଗୋଟାଏ ଅନ୍ଧାର ଜଣା,
ଦୋକାନିଃ ତାର ଗଡ଼ାଇ ଦେଲଣି ତେବେବ ସେ କଥା ତାଙ୍କୁ ଅଜଣା । ୧୫
ଦୋକାନ ଭିତରୁ ବୋଧ ଶୋଧ କରି ଅଜାଙ୍କୁ ନେଲି ମୁଁ ଗାଡ଼ି ଭିତର,
ଦୋକାନ ସାଥିରେ ଧକ୍କା ପଡ଼ି ତେଲେ ଜାଉଁଳ ଗୋଟାଏ ଝାମ୍ପିଲି ଗ୍ଲେଷ । ୧୬
ଗାଡ଼ି ଭିତରେବ ଜେଗା ନାହିଁ ଟିକେ, ଅଜାଙ୍କୁ ଧେନି ମୁଁ ବସିଲି ତଳେ,
ଦୁଆର ପାଖରେ ବସିଥାନ୍ତି ଅଜା, କଣରେ ଥାଏ ମୁଁ ଜାଉଁଳ ମେଲେ । ୧୭ ।
ଚଇଁଶୀ ବଜାଇ ଦଉଡ଼ିଲା ଗାଡ଼ି, ଲାଗିଲା ଦେହକୁ ଖୋଲା ପବନ,
ଆରାମ ଟିକିଏ ପାଇବାରୁ ତହୁଁ, ଆଖିକୁ ଆସିଲା ଭାରି ଢୁଲୁମ । ୧୮ ।
କାହାର ଗୋଟାଏ ଚହଡ଼ା ପାଟିରେ ଭାଙ୍ଗି ଗଲା ନିଦ ଗୁଅଜି ଭରି,
ଗୃହୁଁ ମୁଁ ଦେଖିଲି ଅଜାଙ୍କ ସାଙ୍ଗରେ ଉବଲ ଗୋଟାଏ କରୁଛି କଳି । ୧୯ ।
ଦାଖ ଲୋକଠାରୁ ବୁଝିଲି ଯେ — ଅଜା ପକାଇଛନ୍ତି ପରା ନେଞ୍ଜାଏ ଛେପ,
ପଡ଼ିଗଲା ଯହୁଁ ତା ଲୁଗା ଉପରେ, ହୋଇଲା ତାହାର ବିଷମ କୋପ । ୨୦ ।
ତେଣେ ମୁଁ ଶୁଣିଲି, ଉବଲ କହୁଛି, "ରହରେ ଟିକିଏ ତୁ ନଇସୁଆ,
ସାହାବ ପାଖରେ ମାଡ଼ ନ ଖୋଇଲେ ଜାଣିବୁ ମୁଁ ତୋର ମାଇପ, ଛୁଆ !!"
କାନେ ହାତ ଦେଇ ବସି ମୁଁ ପଢ଼ିଲି କଅଣ କହିବି 'ମେଅର' ଟାକୁ,
ଦୁଆର ଅଜି ବହୁଥାନ୍ତି ଅଜା ଚାଟିଟାକୁ କଢ ପାକୁ ପାକୁ । ୨୧ ।
ଏଇକ ବେଳରେ ଷ୍ଟେସନ, ଟିକେଟ ଚେକ କରିବାକୁ ଖୋଲାଗଲା ଦ୍ୱାର,
ଅଜାଙ୍କ ଆମର ଲେଜଟି ପଡ଼ିଲେ, ଗୋଡ଼ ଦୁଇଥାଏ ଗାଡ଼ି ଭିତର । ୨୩ ।
ଅଟ ପାଟେ ଯାଇ ଗୋଡ଼ ଦୁଇଟାକୁ କୁଣ୍ଢାଇ ଧରି ମୁଁ ଭିତରେ ଟାଣେ,
ସାହାବବ ତେଣେ ଅଜାଙ୍କ କାନକୁ ଟାଣି ଭିତରକୁ ଠେଲିଲ ଆଣେ । ୨୪ ।
ଟଣା ଓଟରରେ ଭିତରକୁ ଆସି ପଚାରନ୍ତି ଅଜା "ବଟୁଆ କାହିଁ"
ପଡ଼ିଗଲା ତେଲେ ବଟୁଆଟି କାହୁଁ ଖସି ଦେଖି ଅଛୁ, ପାଇଲେ ନାହିଁ । ୨୫ ।
ଟିକେଟ ସାହାବ ଖୁରୁଣ୍ଟି ହୋଇଛି ଅଜାଙ୍କର ତେଲ ଟିକେଟ ପାଇଁ,
ଅଜା ଗାଡ଼ିସାରା ଚାଲି ମାରୁଛନ୍ତି "କିଏ ନେଲା ମୋର ବଟୁଆ କାହିଁ" । ୨୬ ।

Digitized by srujanika@gmail.com

# କାଳିଆ ବଳଦ ଗଲା ଗଲା..........

ସଂଗ୍ରାହକ:—ଶ୍ରୀମାନ୍

ପୁତ୍ର—'ପୂର୍ବ ପୁରୁଷ' ମାନେ କ'ଣ ବାପା !

ପିତା—ଏଇ ମୁଁ ତୋର ଜଣେ ପୂର୍ବ ପୁରୁଷ ଆଉ ତୋ ଗୋସ ବାପା ଜଣେ—ଏଇପରି—

ପୁଅ—ଏଥିରେ ଲୋକେ ସେମାନଙ୍କ ପାଇଁ ଗର୍ବ କରନ୍ତି କାହିଁକି ?

× + ×

କାରଖାନା ମେନେଜର— ତମେ ତ ଯୁଦ୍ଧ ଯୋଗୁଁ ବେଶୀ ଦରମା ପାଉଛ ତମର ଏ ବେଶ କାହିଁକି — ତମେ ଏତେ ଦରମା କ'ଣ କରୁଛ ?

କର୍ମଗୃସ୍ତ—ମୁଁ ମୋ ଦରମା ମୋ ସ୍ତ୍ରୀଙ୍କୁ ଦେଇ ଦିଏ ।

ମେନେଜର—ନିଜ ପାଇଁ ତ କିଛି ରଖୁଥିବ ।

କର୍ମଗୃସ୍ତ–ନା ରଖିବି କିମିତି ? Law ଯେ ରହୁଛି ।

ମେନେଜର—Law କଣ ?

କର୍ମଗୃସ୍ତ—ଆଜ୍ଞା Mother-in-law.

+ × +

ଯଦି ପ୍ରତ୍ୟେକ ଯୁବକ ପ୍ରତ୍ୟେକ ଯୁବତୀଙ୍କ ମନ କଥା ବୁଝି ପାରୁ ଥାନ୍ତେ ତାହାହେଲେ ପେଟ୍ରୋଲ ଖର୍ଚ୍ଚଟା ଅନେକ କମି ଯା'ନ୍ତା ।

× × ×

ଯୁବକ—(ଭାବପତ୍ନୀକୁ) ମୁଁ ତମକୁ ଏମିତି ଗୋଟେ ଚୁମା ଦେବି ଯାହା ତମେ ଆଗରୁ କେବେ ପାଇ ନ ଥିବ ?

ଯୁବତୀ—କିଏ କହିଲା ମୁଁ ଆଗରୁ ପାଇ ନ ଥିବ ବୋଲି ।

× + ×

ଯୁବତୀ—(ଯୁବକକୁ) ୧୦ ବର୍ଷରୁ ଉପର ହେବ ଆମେ ବନ୍ଧୁ ଭାବରେ କଟେଇ ଆସିଲେ, ତମେ କଣ ଭାବି ପାରୁ ନାହିଁ ବର୍ତ୍ତମାନ ଆମର ବାହା ହେବା ଦରକାର ।

ଯୁବକ—ହିଁ ସେ କଥା ମୁଁ ବୁଝୁଛି—କିନ୍ତୁ ଆମକୁ ବାହା ହଉଛି କିଏ ?

× × ×

ଜେଲବାବୁ—(ଆସାମୀ ପ୍ରତି ଯେ କି ଜାଲ ମୋକଦ୍ଦମାରେ ଦଣ୍ଡିତ ହୋଇଛି ) କହ, ତୁ କି କାମ ଭଲ କରି ପାରିବୁ ?

ଆସାମୀ—ଆପଣ ଯଦି କିଛିଦିନ ମୋତେ ଆପଣଙ୍କ ଦସ୍ତଖତଟା ଲେଖି ଅଭ୍ୟାସ କରିବାକୁ ଦେବେ ତ ମୁଁ ଆପଣଙ୍କ ଲାଗି ସବୁ ଅଫିସ କାଗଜ ପତ୍ରରେ ଦସ୍ତଖତ କରି ଦେବି ।

× × ×

ଜଣେ ଭଦ୍ରଲୋକ ଜେଲ ପରିଦର୍ଶନ କରୁଥିଲା ବେଳେ ଜଣେ ପରିଚିତ ଲୋକକୁ ଦେଖି ପଚାରିଲେ "କିହୋ ତମକୁ କିଏ ଏଠିକି ଆଣିଲା ?"

ଆସାମୀ —"ଭୁଲ ବିଶ୍ୱାସ"

ପରିଦର୍ଶକ—ତାହାକୁ ଭୁଲରେ ବିଶ୍ୱାସ କଲ !

ଆସାମୀ—କାହାରିକି ନୁହେଁ ନିଜକୁ, ମୁଁ ଭାବିଥିଲି ଦୌଡି ପଳାଇ ଯାଇ ପାରିବି ବୋଲି ।

× + ×

ସ୍ୱାମୀ—ଆମେ ଡାକ୍ତର ବଦ୍ୟା ପାଖରେ କେତେ ଋଣୀ କୁହତ ?

ସ୍ତ୍ରୀ—କାହିଁକି ତମେ କଣ ଡାକ୍ତରଙ୍କ ବିଲ ଦେଇ ନାହିଁ କି ?

× × ×

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି.........

## ନାଗବନ୍ଧୁ

**ଉଦ୍ଦେଶ୍ୟ—**

(୧୮ ବର୍ଷରୁ ନ୍ୟୁନ ବାଳକ ବାଳିକାମାନଙ୍କ ପାଇଁ)

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରିଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

## ନୋବେଲ ପୁରସ୍କାର

'ନୋବେଲ ପୁରସ୍କାର' ବର୍ତ୍ତମାନ ଜଗତର ସଂସ୍କୃତିର ମାପକାଠି କହିଲେ ଚଳେ। ଏହି ପୁରସ୍କାର ଯେଉଁ ଦେଶ ଯେତେଥର ପାଇଛି, ସେ ଦେଶ ନିଜକୁ ସେତିକି ଗୌରବାନ୍ୱିତ ବୋଲି ଭାବୁଛି। ଏହି ପୁରସ୍କାର ମଣିଷ ସମାଜର ସଂସ୍କୃତିକୁ ଆଗେଇ ନେବାରେ ଯେ ଯଥେଷ୍ଟ ସାହାଯ୍ୟ କରୁଛି—ଏହା ନିଃସନ୍ଦେହ। କେତେଜଣ ସହରରେ ସ୍କୁଲ ପିଲାଙ୍କୁ ଛାଡ଼ି ଦେଲେ, ଅନ୍ୟ ପିଲାମାନଙ୍କ ଭିତରୁ ଖୁବ୍ କମ୍ ଏହି ପୁରସ୍କାର ବିଷୟରେ ଭଲ ଭାବରେ ଜାଣିଥିବେ ବୋଲି ମନେ ହୁଏ। ସେଥିପାଇଁ ଏହି ପୁରସ୍କାର ବିଷୟରେ ଏଠାରେ କିଛି କହିବାର ଚେଷ୍ଟା କରା ଯାଉଛି।

ଇଉରୋପ ମହାଦେଶର ଉତ୍ତରକୁ ଲାଗି ସ୍ୱିଡେନ ଦେଶ। ଷ୍ଟକ୍‌ହୋଲମ୍ ଏହାର ରାଜଧାନୀ। ଏହି ସହରରେ ଆଲଫ୍ରେଡ୍ ବାରନହାର୍ଡ୍ ନୋବେଲ ନାମରେ ଜଣେ ଲୋକ ଖ୍ରୀ: ୧୮୩୩ ଅକ୍ଟୋବର ତା ୨୧ ରିଖରେ ଜନ୍ମଗ୍ରହଣ କରିଥିଲେ। ସେ ଡିନାମାଇଟ୍ ନାମକ ଏକ ପ୍ରକାର ମାରାତ୍ମକ ଧାତୁ ଆବିଷ୍କାର କରି ବହୁତ ଅର୍ଥ ଉପାର୍ଜନ କରିଥିଲେ। ସେ ପୃଥିବୀର ସବୁ ଜାତି ସବୁ ଲୋକଙ୍କୁ ନିଜର ପରି ଦେଖୁଥିଲେ। ସେଥିପାଇଁ ସେ ମଲାବେଳକୁ ତାଙ୍କର ବିପୁଳ ସମ୍ପତ୍ତି ନିଜର ବଂଶଧରମାନଙ୍କୁ ନ ଦେଇ ସାରା ଜଗତର ଲୋକଙ୍କ କଲ୍ୟାଣ ପାଇଁ ଉଇଲ କରି ଦେଇ ଯାଇଛନ୍ତି। ଏହି ସମ୍ପତ୍ତିର ମୂଲ୍ୟ ସତର ଲକ୍ଷ, ପଚିଶ ହଜାର ପାଉଣ୍ଡ (ପ୍ରାୟ ୨୪୦୦୦୦୦୦୦ ଟଙ୍କା) ଏହି ମୂଳଧନର ସୁଧରୁ ବର୍ଷରେ ପାଞ୍ଚଟି ପୁରସ୍କାର ଦିଆଯାଏ। ଏହି ପୁରସ୍କାରର ପାଞ୍ଚଟି ବିଭାଗ ଅଛି ଓ ପ୍ରତି ପୁରସ୍କାରର ମୂଲ୍ୟ ଏକ ଲକ୍ଷ, ପନ୍ଦର ହଜାର ଟଙ୍କା। ତଳେ ଲେଖା ଯାଇଥିବା କୌଣସି ବିଭାଗରେ ପୁରସ୍କାର ପାଇବାର ଉପଯୋଗୀ ଉଦ୍ଭାବନ କରିଥିବା ଲୋକଙ୍କୁ ଏହି ପୁରସ୍କାର ଦିଆଯାଏ।

( ୧ ) ରସାୟନ ବିଦ୍ୟା—Chemistry
( ୨ ) ପଦାର୍ଥ ବିଜ୍ଞାନ—Physics
( ୩ ) ଶରୀର ବିଜ୍ଞାନ—Physiology
( ୪ ) ସାହିତ୍ୟ—Literature
( ୫ ) ଅନ୍ତର୍ଜାତିକ ଶାନ୍ତି—International Peace

ରସାୟନ ଓ ପଦାର୍ଥ ବିଜ୍ଞାନ ବିଭାଗରେ ପୁରସ୍କାର ଦେବା ଭାର ସ୍ୱିଡେନର ବିଜ୍ଞାନ-ସଭା ଉପରେ, ଶରୀର-ବିଜ୍ଞାନ ବିଭାଗର ଭାର ଷ୍ଟକହୋଲମ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କ ଉପରେ, ଅନ୍ତର୍ଜାତିକ ଶାନ୍ତିର ପୁରସ୍କାର ଦେବା ଭାର ନରଓ୍ୱେ ପାର୍ଲିଆମେଣ୍ଟର ମନୋନୀତ ପାଞ୍ଚ ଜଣ ସଭ୍ୟଙ୍କ ଦ୍ୱାରା ଗଠିତ ପରିଷଦ ଉପରେ ଏବଂ ସାହିତ୍ୟ ବିଭାଗରେ ପୁରସ୍କାର ଦେବା ଭାର ସ୍ୱିଡେନର ସାହିତ୍ୟ ପରିଷଦ ଉପରେ ଥାଏ। ସାହିତ୍ୟ ବିଭାଗର ନିୟମ ଏହି ଯେ ସାହିତ୍ୟଟି ଯେ କୌଣସି ଭାଷାରେ ଲେଖା ହୋଇପାରେ ମାତ୍ର କୌଣସି ଏକ ଇଉରୋପୀୟ ଭାଷାରେ ତାହାର ଅନୁବାଦ ଥିବା ଆବଶ୍ୟକ।

ଖ୍ରୀ: ୧୮୯୬ ଡିସେମ୍ବର ତା ୧୦ ରିଖରେ ମହାମତି ନୋବେଲଙ୍କର ମୃତ୍ୟୁ ହୋଇଥିଲା। ପ୍ରଥମ 'ନୋବେଲ ପୁରସ୍କାର' ଖ୍ରୀ: ୧୯୦୧ ଡିସେମ୍ବର ତା ୧୦ରେ ଦିଆ ହୋଇଥିଲା। ଯେଉଁ ବର୍ଷ କୌଣସି ବ୍ୟକ୍ତି ଏହି ପୁରସ୍କାର ପାଇବାର ଉପଯୁକ୍ତ ବିବେଚିତ ନ ହୁଅନ୍ତି, ସେ ବର୍ଷର

Digitized by srujanika@gmail.com

ପୁରସ୍କାର ପରବର୍ତ୍ତି ପାଇଁ ଜମା ରହେ । ଏକ ସମୟରେ ଯଦି ଏକରୁ ଅଧିକ ବ୍ୟକ୍ତି ଗୋଟିଏ ବିଷୟରେ ପୁରସ୍କାର ପାଇବାର ଉପଯୁକ୍ତ ବୋଲି ବିବେଚିତ ହୁଅନ୍ତି, ତାହେଲେ ସେହି ପୁରସ୍କାର ସେମାନଙ୍କ ଭିତରେ ସମାନ କରି ବାଣ୍ଟି ଦିଆଯାଏ ।

ଆମ ଦେଶର ବଙ୍ଗର ସ୍ୱର୍ଗୀୟ ରବୀନ୍ଦ୍ରନାଥ ଠାକୁର ଖ୍ରୀଃ ୧୯୧୩ ରେ ସାହିତ୍ୟ ବିଭାଗରେ 'ଗୀତାଞ୍ଜଳି' ପାଇଁ ଏବଂ ପଦାର୍ଥ ବିଜ୍ଞାନ-ବିଭାଗରେ ମାନ୍ଦ୍ରାଜର ଚନ୍ଦ୍ରଶେଖର ଭେଙ୍କଟ ରମଣ ଖ୍ରୀଃ ୧୯୩୦ରେ ନୋବେଲ ପୁରସ୍କାର ପାଇଥିଲେ ।

ଲେଖକ—'ଛନିଶ ଅଠାଇଶ'
ଦଶମ ଶ୍ରେଣୀ, ବାରିପଦା ।

---

## କିଏ ?

କେ ମୋ ଶୁଷ୍କପ୍ରାଣେ ବସି ଅଲକ୍ଷିତ ଭାବେ
ବଜାଇଲା ଯୌବନର ମୋହନ ମୁରଲୀ ?
କା ମଧୁ କରୁଣା ସ୍ପର୍ଶେ ମୋ ନିରସ ପ୍ରାଣେ
ଜାଗି ଉଠେ ଉଚ୍ଚାଶାର ଉତ୍ତୁଙ୍ଗ ହିମାଦ୍ରି ?
ବାଣୀ ପୂଜା କରିବାର ସୁମୋହନ ମନ୍ତ୍ର
କେ ଉଚ୍ଚାରେ ମୁହୁର୍ମୁହୁ ମୋ କଣ୍ଠ ବିବରେ ?
କା ମଧୁ ପରଶ ଆଜି ପ୍ରତି ଅଙ୍ଗେ ମୋର
ଖେଳିଯାଏ ଶିରି ଶିରି ବିଜୁଳି ଝଙ୍କେ ।
କିଏ ମୋତେ ଶିଖାଇଲା ଓଡ଼ିଆ ମୋ ଜାତି,
ଓଡ଼ିଶାରେ ଜନ୍ମ ମୋର ଓଡ଼ିଶା ମୋ ମାତା ?
କା ପ୍ରେରଣା ଲଭି ପ୍ରାଣ କାନ୍ଦି ଉଠେ ମୋର
ଦେଖି ଓଡ଼ିଆ ଭାଇର ଦୁଃଖ ଦୁରବସ୍ଥା ?
ଏତିକି ପ୍ରାର୍ଥନା ସେହି ବିଭୁଙ୍କ ଚରଣେ
ପୂର୍ଣ୍ଣ ହେଉ ତାଙ୍କ ଇଚ୍ଛା ମୋ' କ୍ଷୁଦ୍ର ପରାଣେ ।

ଶ୍ରୀ ହରିବନ୍ଧୁ ନାୟକ (୪୪୬ ନଂ ନାଗ)

---

## ସୃଷ୍ଟି

ଗମ୍ଭୀର ତାମସୀ-ରାତି ନିଶୀଥ-ଗଗନେ
ନୀଳ ଚନ୍ଦ୍ରାତପତଳେ ଶୁଭ୍ର- ତାରାଗଣେ
ପ୍ରକାଶନ୍ତି ନିଜ ଜ୍ୟୋତି, ନିଜ ସ୍ଥାନେ ରହି
ଅପେକ୍ଷନ୍ତି ଏକ ଏକ ସୃଷ୍ଟି ଭାର ବହି ।
ପ୍ରଭାତେ ତରୁଣ ରବି ଉଇଁ ପୂର୍ବ ଦିଗେ
ସ୍ୱର୍ଣ୍ଣାଲୋକ ଶିରେ ଢାଳି ଅସ୍ତାଚଳେ ମିଶେ
ଫୁଟନ୍ତି ଅସଂଖ୍ୟ ପୁଷ୍ପ ସେ କର ପରଶେ
କି ଅମୃତ କାନେ କାନେ ତାରେ ଗୋ ବରଷେ !
ଉଷାର କାଉଁରୀ ସ୍ପର୍ଶେ ସଂଜ୍ଞାହତ ପ୍ରାଣୀ
କର୍ମ-ସ୍ରୋତେ ଭାସିଯାନ୍ତି ବାହି ଗୋ ତରଣୀ ।
ଆକାଶେ ସୁଧାଂଶୁ ଆସେ ଅଭିସାର ପାଇଁ,
ବିରହ-ବିଧୁରା-ପ୍ରିୟା କୁମୁଦିନୀ ସଇ ।
ଆସେ ପ୍ରିୟା-ପାର୍ଶ୍ୱେ ହୃଦାବେଗ ଅସମ୍ଭାଳେ,
ପରମ-ପ୍ରଣୟୀ ପ୍ରିୟ-ହୃଦେ ପ୍ରେମେ ଢାଳେ ।
ଏହି ପାଇଁ ଅନି ଧ୍ରାଣ ହୁଏ ଅବିଚଳିତ,
ଏ କି ସୃଷ୍ଟି ? ପ୍ରଭୁ—ଭାବି ବୁଦ୍ଧି ପରାଜିତ !

ଶ୍ରୀ ନରେନ୍ଦ୍ର ମୋହନ ନାୟକ (୧୭୨ ନଂ ନାଗ)

## ପ୍ରଶ୍ନ

୧ । ବାଇସାଇକେଲର (Bicycle) ଆବିଷ୍କର୍ତ୍ତା କିଏ ?
୨ । ପୃଥିବୀରେ କେତେ ହେମିସ୍ଫିୟର ଅଛି ?
୩ । କେଉଁ ଭାଷାରେ ସବୁଠାରୁ ବେଶୀ ଶବ୍ଦ ଅଛି ?
୪ । କେଉଁ ସ୍ଥାନର ମେଳା ପୃଥିବୀ ପ୍ରସିଦ୍ଧ ?
୫ । ଟେଲିଗ୍ରାଫର ଆବିଷ୍କର୍ତ୍ତା କିଏ ?
୬ । ସିନେମା (ଚଳଚିତ୍ର) କିଏ ଆବିଷ୍କାର କରିଥିଲେ ?
୭ । ଏଲିଫାଣ୍ଟା ବା ଗଜଦ୍ୱୀପ କେଉଁଠି ଅଛି ?

ଉପରୋକ୍ତ ପ୍ରଶ୍ନଗୁଡ଼ିକ ସତ୍ୟବାଦୀର ନାଗ ଶ୍ରୀ ଭବାନୀ ପ୍ରସାଦ ଷଡ଼ଙ୍ଗୀ ପଠାଇଛନ୍ତି ।

## ଅଜାଙ୍କ ଜବାବ

୩୨୮ ନଂ ନାଗ—ତମ ଚିଠି ପାଇଛି । ତମେ ଯେଉଁ Suggestion ଦେଇଚ ଯେ ନାଗଙ୍କ ଲେଖା ସମାଲୋଚନା କରିବା ସକାଶେ ତାହା ମନ୍ଦ ନୁହେଁ । କିନ୍ତୁ ଆଠ ଦଶଟି ନାଗଙ୍କ ଛଡ଼ା 'ଝଙ୍କାର'ରେ ଲେଖନ୍ତି କେତେ ଜଣ ? ସେ ୮ । ୧୦ ଜଣଙ୍କ ଲେଖା ଭିତରେ ପୁଣି ସମାଲୋଚନା ହେବ କଣ ?

ମୋ ଫଟୋ ଛପେଇବାକୁ ଲେଖିଛ—ତମ ଅଜା ଅଜି ମୋତେ ରଖେଇ ଦେବେନା ? ସତ୍ୟଯୁଗ ଆସୁଛି—ଦେଖିବାକୁ ବଡ଼ ଆଶା—ଆଉ ସେତିକି କହନା ।

ଆଜିକାଲି ନାଗସଂଖ୍ୟା ପଚିଶ ଭିତରେ ।

Digitized by srujanika@gmail.com

REG. NO. P. 441 THE DAGARO—16-7-1943.

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲି:

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀୟ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୭ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

### ସୁଦୃଢ଼ତାର ପରିଚୟ—

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ତେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସର୍ବତ୍ର ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
ସେକ୍ରେଟେରୀ

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗେନାଇଜର


Digitized by srujanika@gmail.com

# Dagaro

୭ମ ବର୍ଷ
୬ମ ସଂଖ୍ୟା

**Utkal's most popular Fortnightly**
OF
*LIGHT, LEAD & LAUGHTER.*

ଶ୍ରାବଣ
ପ୍ରଥମାର୍ଦ୍ଧ




ସମ୍ପାଦକ

## ଶ୍ରୀଲକ୍ଷ୍ମୀକାନ୍ତ ମହାପାତ୍ର

ବାର୍ଷିକ ତିନି ଟଙ୍କା ଆଠଅଣା    ପ୍ରତିଖଣ୍ଡ ଦୁଇଅଣା

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରାଚୀନ ରସାୟନିକ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚକ୍ଷୁ, ହସ୍ତାଙ୍ଗୀରେ ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ **ଅମୃତ** ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ଜଣେ ଜଣେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୧ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ **ଆରୋଗ୍ୟ** ହୁଏ । ଏକ ଶିଶି ୫୨୧ଙ୍କା ମାତ୍ର ୫ ୨ ୧ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ

ଆଳାମଚାନ୍ଦ ବଜାର, କଟକ ।


---

## ଡଗର ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷ ଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩୪ ଓ ଷଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଗୋଟିଏ ଡଗର କିଣିଆଣି ଦେଇ ପାଇ ପାରିବେ ।

୪ । ଡଗର, ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ," 'ଡଗର' ପୋ: ଭଦ୍ରକ ( B. N. R. ) ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକଟିକଟ ନ ଥିଲେ କବିତା, ପ୍ରବନ୍ଧ ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---

ପରିଚାଳନା ସମ୍ପାଦକ—ଶ୍ରୀ **ରାଜମୋହନ ଦାସ ।**

Digitized by srujanika@gmail.com

୭ମ ବର୍ଷ
ପଞ୍ଚମ ସଂଖ୍ୟା
ଶ୍ରାବଣ ପ୍ରଥମାର୍ଦ୍ଧ
ତା ୧-୮-୪୩ ରିଖ

# ଡଗର

## ହୁକା ହୁକା ହୁଆ
( ବିଲୁଆ ବିଗୁର )

—ପାକ୍ଷିକ—
ବାର୍ଷିକ—ଟ୧।
ପ୍ରତିସଂଖ୍ୟା —୵୦୬
ବିଜ୍ଞାପନ ହାର—୫୲

ଏସ୍: ତ୍ରିପାଠୀ ସାହାବ ଓ ଏସ୍: ରାୟ ସାହାବ ଦୁହିଁଙ୍କୁ ଦୁହେଁ ଖାସ୍ ବିଲାତି ବୁଲ୍‌ଡଗ୍ ବୋଲି ଅନେକେ ଗରଧା କରି କହି ଥାଆନ୍ତି । ମାତ୍ର ଦୁଇଟା ଅଣ୍ଡିରା ବୁଲ୍‌ଡଗ୍ ଏକାଠି ରହିଲେ ପରା କାମୁଡ଼ା କାମୁଡ଼ି ଲଗନ୍ତି । ଓଡ଼ିଶା ସରକାର ଏ ଦୁହିଙ୍କୁ ଏକା ଖୁଣ୍ଟରେ ବାନ୍ଧି ରଖି ଦେଇଥିଲେ ବୋଲି ଦୁହେଁ ବହୁତ ଦିନରୁ କାମୁଡ଼ା କାମୁଡ଼ି ନ ହୁଅନ୍ତି ପଛକେ ଅଂପୁଡ଼ା ଅଂପୁଡ଼ି ଲାଗିଛନ୍ତି ବୋଲି ଲୋକେ କାନ କୁହାକୁହି କରୁଥିଲେ । ଏସ୍, ରାୟ ମଜବୁତ ହୃଷ୍ଟ ତଳ ପଟ୍ଟଅ ଓ ପଛପେଲା ସ୍ଥାନ ଥିବାରୁ ତାଙ୍କର ଭଲ ପାଇଁ ତାଙ୍କୁ ନେଇ ଘାସ ବାଡ଼ିରେ ବାନ୍ଧି ଦେଇ ଅହିବାର କେତେ ଭିତର କଟକଣା ହେଉଛି ବୋଲି ଶୁଣାଗୁଣା ହେଉଥିଲା ।

ଏଇଥିସ୍ତି ଓଡ଼ିଶା ଶିକ୍ଷା ସରକାର ସତକୁ ସତ ରାୟ ସାହେବଙ୍କୁ ନେଇ ଘାସ ବାଡ଼ିରେ ବାନ୍ଧି ଦେଇଛନ୍ତି ଶୁଣିଲୁଁ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କାରଣ ନରକରେ ବାସ କରି ସମ୍ବିତାନ ସାଙ୍ଗରେ କଳି କଲେ ଯାହା ହୁଏ, ତାଙ୍କର ତାହାଇ ହୋଇଛି । ମନ ଭାବୁଛି—ପାଟମନ୍ତ୍ରୀ ଗଜପତି ମହାରାଜାଙ୍କ ନାକ ତଳେ ଏହା ହୋଇ ପାରିଲା ତ !

\+ × × ×

ଏସ୍, ରାୟଙ୍କ ଏଣିକି ତରକି ତାରକର ଅସନ୍ତୋ ଝମେଲରୁ ପାର ହୋଇ କଲେଜର ଇତିହାସ ଗାଦି ଉପରେ ଆରାମରେ ଆଖି ବୁଜି ଶୋଇ ପଡ଼ିବେ । ବହୁତ ଦିନ ଧାଁଅ ଧପଡ଼ମୟ କର୍ମ ଜୀବନ ପରେ ଏଟା ତାଙ୍କର ଆରାମ ଅବସର ହେବ । କାରଣ ବୋଡ଼ ବୋଡ଼ ବର୍ଷ ହେଲା ଅବଧାନଙ୍କ ଉପରେ ରଙ୍ଗଅଳଚିର କରି କରି ସେ ତାଙ୍କର ଇତିହାସ ପାଠଗୁଡ଼ିକ କେବଳ ରୋମନ୍ଥନ ନୁହେଁ, ବିଲକୁଲ ହଜମ କରି ବିରେଚନ କରି ସାରିଲେଣି; ଏ ଅବସ୍ଥାରେ ତାଙ୍କୁ ଇତିହାସ ଅଧ୍ୟାପକ କରିବାଠାରୁ ଗଣିତ ବା ରସାୟନ ଅଧ୍ୟାପକ କରିବା ବରଂ ଉଚିତ । ପଦାର୍ଥବିଦ୍ୟା ପଣ୍ଡିତ ତ୍ରିପାଠୀଙ୍କୁ କଲେଜରୁ ବାହାର କରି ନେବା ଦ୍ୱାରା କଟକ କଲେଜର ଶିକ୍ଷା ଓ ସଂସ୍କୃତି, ପ୍ରବାହ ଓ ଫ୍ରିଟ୍ରିରେ ଯେଉଁ ଭଟ୍ଟା ପଡ଼ିଥିଲା ତାହା ମନମରା, ସେସବୁ ଭଙ୍ଗା ତାଙ୍କ ଦ୍ୱାରା ପୂରଣ ହେଲା ପରା ? ଯାହାହେଉ, ରାୟ ସାହେବଙ୍କ ସୌଭାଗ୍ୟରେ ତାଙ୍କୁ ଆମ୍ଭେମାନେ ହୃଦୟର ଉତ୍କୃଷ୍ଟ ଅଭିନନ୍ଦନ ଜଣାଉଛୁଁ ।

× + × ×

ଏସ୍ ରାୟଙ୍କ ଇଲେଗ ପୁଣି ପାସୋରିଥିବା ପୁରୁଣା ପାଠ ନୂଆ କରି ପଢ଼ାଇବାକୁ ପଡ଼ିବ । ବୁଢ଼ା ଶୁଆ ପୁଣି ଥରେ ରାମ ରାମ କହିବ ; ମାତ୍ର ଜୀବନ-ଉତ୍ସର୍ଗୀ ତ୍ରିପାଠୀ ସାହେବ ପଦାର୍ଥ ବିଦ୍ୟାରେ ଜଣେ ଧୁରନ୍ଧର ବୋଲି ପ୍ରଖ୍ୟାତ । ଏ କାଳରେ, ଯେତେବେଳେ ବୈଜ୍ଞାନିକ ଶିକ୍ଷାର ଅବଶ୍ୟକତା ଏତେ ଜରୁର ହୋଇ ପଡ଼ିଛି, ତାଙ୍କ ଭଳି ଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରକୃତ ଅଧ୍ୟାପନା ଅର୍ଥାତ୍ ଛାତ୍ର ପଢ଼ା କାମରୁ କାଢ଼ି ନେଇ ମାଷ୍ଟରଗଡ଼ା କାମରେ ରଖିବା ଦ୍ୱାରା ସରକାର କୌତୁକ ମଣିକୁ ନେଇ ଗେଣ୍ଡା ଗଦାରେ ପୋତି ଦେଲା ପରି ଲାଗୁଛି । ସରକାରଙ୍କ ଏ ଭଳି ପ୍ରତିଭା-ଅପବ୍ୟୟ ଓ ଗୁଣ-ଅପଚୟ ରୂପ ବିଗୁର ପ୍ରତି ଖୋଦ ଶିକ୍ଷାମନ୍ତ୍ରୀଙ୍କର ତୀବ୍ର ଦୃଷ୍ଟି ଆମନ୍ତ୍ରଣ କରୁଅଛୁଁ ।

\+ × + +

ଅନେକେ ପଚାରୁଛନ୍ତି—ଅନ୍ୟ ଅନ୍ୟ ପ୍ରଦେଶମାନଙ୍କରେ ଶହ ଶହ ଅଟକବନ୍ଦୀ ଛାଡ଼ ପାଉଥିବା ବେଳେ ଓଡ଼ିଶାରେ କାହିଁକି ସେପରି ହେଉନି । ଆମେ ଜାଣୁ, ଓଡ଼ିଶାରେ ଛଅ ଜଣ ସରିକି ଖଲାସ ହେଲେଣି । ଅନ୍ୟ କଣ ? ଏଟା ସେମିତି ଠିକ୍ ତ ! ଓଡ଼ିଶା ଆପଣାର ହୁସ୍ ଘେନ୍ ଯାହା

Digitized by srujanika@gmail.com

କରିବାର ସେତିକି କରିବ ତ ! ଆମେ ତ ଏଥିରେ ସଫଳତା କିଛି ଦେଖି ପାରୁନାହୁଁ ।

ତେବେ ଗୋଟାଏ କଥା ବୁଝି ନପାରି ମନଟା ଗୋଳେଇ ଯାଉଛି । ଦୁଇଜଣ ଅଟକବନ୍ଦୀ କୁଆଡ଼େ ଖଲାସ ହୋଇଥିଲେ ଯେ, ଖଲାସ ହେବ[illegible]ସ ପୁଣି ଧରା ହେଲେ । ଖଲାସଟା ତେବେ କାହାର [illegible]ରଙ୍କ ହୁକୁମରେ ହୋଇଥିଲା, ଆଉ ପକଡ଼ା ଓ ପୁଣି କାହାର ସରକାର କଲେ ?

\+ + × ×

ଦେଶ ସାରା ଗୋଟାଏ ହୁଟପଟା ଉଠିଛି କି ଶୀଘ୍ର ଅଟକବନ୍ଦୀ ସବୁ ଖଲାସ ପାଇବେ । ବୋଧହୁଏ ଗାନ୍ଧିଜୀଙ୍କର ବଡ଼ଲାଟଠାରୁ ତଥାକଥିତ ଚିଠି ସଂବାଦରୁ ଏ କଳ୍ପନାର ସୃଷ୍ଟି । ଲୋକର ଅନ୍ତର ଇଚ୍ଛା ବା ଅଭିରୁଚିରୁ କଳ୍ପନାର ଜନ୍ମ ହୁଏ । ସେଥିଲାଗି କଥାଟାରେ ବିଶ୍ୱାସ ହୁଏ ଯେତିକି ଅବିଶ୍ୱାସ ହୁଏ ତତୋଧିକ । ଆମର କିନ୍ତୁ ଆଉ ଗୋଟାଏ ଭାବନା ହୋଇଛି । ଆଉ ଯଉଁଠି ଯାହା ହବାର ହଉ ପଛକେ, ଓଡ଼ିଶାରେ ଯଦି ସତକୁ ସତ ଏହା ଘଟେ, ତେବେ କଂଗ୍ରେସବାଲାଏ ଆସି ପୁଣି ଆସେମ୍ବ୍ଲି ହଲରେ ପେଲି ପଶିବେ । ତାହାହେଲେ ଆମର ଜନତା ନବାଟେ, ଲୋକପ୍ରତିନିଧି ମନ୍ତ୍ରୀମଣ୍ଡଳର କଣ ହେବ ! ଦେଶ ପକ୍ଷରେ, ବିଶେଷତଃ ଏଇ ଘଡ଼ିସନ୍ଧି ବଖତରେ ଏପରି ଦୁର୍ଘଟଣା ହେଲେ, ଓଡ଼ିଶା ଦେଶ ଜିଇବ କିପରି ? ସେଥିପାଇଁ ଆମେ ଲୁଚି କରି କାନରେ ଗୋଟାଏ ସିଧା, ସହଜ କଥା କହି ଦେଉଛୁଁ । ସତରେ ଯଦି—ଈଶ୍ୱର ନ କରନ୍ତୁ—ଏଇଆ ହୁଏ, ତେବେ ଓଡ଼ିଶା ଆସେମ୍ବ୍ଲିକୁ ମୂଳତବି ରଖିଦେବା ଉଚିତ । କାହାରି ଗୋଡ଼ରେ କଣ୍ଟା ଫୋଡ଼ିବ ନାହିଁ କି ମୁଣ୍ଡରେ ବାଜ ପଡ଼ିବ ନାହିଁ । ଆଖିରୁ ଯଦି ଲୁହ ଗଡ଼ିବ ତ ଘର କଣରେ ପୋଛି ଦବାକୁ ନେଡ଼ ଯିବନାହିଁ ଘୋର ।

\+ × + +

ବାଲେଶ୍ୱରରେ କେତେଗୁଡ଼ିଏ ସରକାରୀ ଚାକିରି ଓ ସରକାରୀ ଅନୁଗ୍ରହ ସାପେକ୍ଷ ମୁଦିଆ, ବିଦେଶୀ ଅଥବା ବଙ୍ଗାଳୀଙ୍କୁ ଦିଆଯାଉଛି ବୋଲି ଅନେକ ଓଡ଼ିଆଙ୍କ ମନ ଖଟା ହୋଇ ଯାଉଛି ବୋଲି ଆମେ ଶୁଣି ପାରୁଛୁଁ । ସତରେ ଯଦି ତାହା ହୋଇଥାଏ, ତେବେ ଅମ୍ବିଳିଅ ଓଡ଼ିଆଙ୍କୁ ଅନେକ ଏତିକି କହୁଁ ଯେ ସେମାନେ ଏ ଭଳିଆ ପ୍ରାଦେଶିକତା ଓ ସଂକୀର୍ଣ୍ଣତା ଛାଡ଼ି ମହାଭାରତୀୟ ଉଦାର ମନୋଭାବ ହାସଲ କରି ଓଡ଼ିଶୀ ସ୍ୱଭ୍ରାତା ପାସୋରି ପକାନ୍ତୁ । ଜଗତକୁ ଦେଖାନ୍ତୁ—"ଓଡ଼ିଆ ବେହିସା ଦାତା ହାମ୍ଭ !"

ତାପରେ, ଯଦି ବେ-ଓଡ଼ିଆ ଖାଣ୍ଟି ଯୋଗ୍ୟବ୍ୟକ୍ତି ମିଳିଥାଏ, ତେବେ, କର୍ତ୍ତୃପକ୍ଷଙ୍କର ଅନ୍ୟାୟ ନୁହେଁ ତ କିଛି ।

\+ × × ×

ଓଡ଼ିଶାର ଜାତୀୟ ଯୁବ ସାମୂହ୍ୟରୁ ନେତୃବୃନ୍ଦ ଏତେଦିନକେ ବିରାଟ ଉଦ୍ୟମ ତଥା ବିପୁଳ ଗର୍ଜ୍ଜନ ସହକାରେ ରଣକ୍ଷେତ୍ରରେ ଅବତରଣ କରିଅଛନ୍ତି । ଏଣିକି ଆଶାହୁଏ ଛତ୍ରଲୀୟଗଣ ସ୍ୱଦେଶରକ୍ଷା ମନ୍ତ୍ରରେ ଦୀକ୍ଷିତ ହୋଇ ନଗଣ୍ୟ ଉଦରଚିନ୍ତା ଛାଡ଼ି ମିତ୍ର ପକ୍ଷର ସହାୟତା କର୍ମରେ ମାତି ଉଠିବେ । ତାହାରି ଉପରେ କେବଳ ନେତାମାନଙ୍କର ବର୍ତ୍ତମାନ ଓ ଜାତିର ଭବିଷ୍ୟତ ନିର୍ଭର କରେ ବୋଲି ନିଃସ୍ୱାର୍ଥ ପଣ୍ଡିତମାନଙ୍କ ମତ । ଦାଢ଼ିଟା ସାମୂହ୍ୟର ଅନ୍ତରାୟ ବୋଲି ବୋଧହୁଏ ସକଳ କର୍ମକର୍ତ୍ତାଙ୍କୁ ଦାଢ଼ୀହୀନ କରା ହେଉଛି, ଅଥବା ଦାଢ଼ିଶୂନ୍ୟତାକୁ କର୍ତ୍ତୃତ୍ୱର ଯୋଗ୍ୟତା ହିସାବରେ ଗ୍ରହଣ କରା ଯାଉଛି । ମନେହୁଏ କିଣ୍ଟିକି ଗଲେ ଯୋଗ୍ୟତାର ମାତ୍ରା ଅଧିକର ବଢ଼ି ଉଠିବ ଓ କର୍ତ୍ତାମାନଙ୍କୁ ଆଉରି ଜଞ୍ଜାଳହୀନ କରାଇ ସ୍ୱକର୍ମରେ ସମଧିକ ପ୍ରବୃଦ୍ଧନା ଦଅଇବ ।

× + + ×

ନବ ଇଟାଲୀର ଅଗ୍ରଗାମୀ ମଶାଲଧାରୀ ଓ ଗର୍ଜ୍ଜନକାରୀ ଭାଗ୍ୟବିଧାତା ବେନିଟୋ ମୁସୋଲିନୀ—ଯେ କି ଜଗତରେ ଫାସିଜମ୍ ନାମକ ନୂତନ ଶାନ୍ତି-ଧର୍ମର ଅବତାରଣ କରିଥିଲେ ଓ ଯାହାଙ୍କ ଆଦର୍ଶରେ ହିଟଲରଙ୍କ ନାତ୍ସି ଧର୍ମର ଉଦ୍ରେକ—ଆଜି ସେହି ମୁସୋଲିନୀ ଇଟାଲୀର ସର୍ବମୟ ଓ ନିରଙ୍କୁଶ କର୍ତ୍ତୃତ୍ୱରୁ ବିଦାୟ ଗ୍ରହଣ କରିଅଛନ୍ତି । ଏଥିରୁ ଜଣାଯାଏ ଇଟାଲୀର ଆଭ୍ୟନ୍ତରୀଣ ଅବସ୍ଥା ସଙ୍କଟାପନ୍ନ । ପ୍ରତ୍ୟକ୍ଷ ପରାଜୟ ଓ ଆପଣାର ଲୋକଙ୍କଦ୍ୱାରା ଅବମାନନା ଲାଭ କରିବାଠାରୁ କୌଣସି ଉପାୟରେ ଟେଙ୍ଗଖସଡ଼ା ମାରି ପଳାୟନ କରିବା ଶ୍ରେୟସ୍କର ଭାବି ମୁସୋଲିନୀ ମହୋଦୟ ସମ୍ଭବତଃ ଏହି

(ଅବଶିଷ୍ଟାଂଶ ୧୦ ପୃଷ୍ଠାରେ ଦେଖନ୍ତୁ)

Digitized by srujanika@gmail.com

# ସୁଇସାଇଡ୍

**SUICIDE**

( ଏକାଂକ ନାବରଂଗିକା )

ଲେଖକ:—ଶ୍ରୀ କ: ମ:—

[ ବିଭୂତି, ଡାକ୍ତର ମିଶ୍ରଙ୍କ ସାନ ଶଳା । ଡା: ମିଶ୍ର ବାଲେଶ୍ବରରେ ପ୍ରାକ୍ଟିସନ ଡାକ୍ତର ହୋଇ ଅଫିମ ବାଜୀ କରନ୍ତି । ବିଭୂତି କଟକ କଲେଜରେ ବି. ଏ. ପଢ଼ନ୍ତି—ଖରା ଛୁଟିରେ ଭଉଣୀ ଘରକୁ ଆସିଛନ୍ତି ।

ଡା: ମିଶ୍ର ଗୋଟାଏ କ'ଲ ପାଇ ସେଦିନ ବାହାରକୁ ଚାଲିଗଲେ । ରାତିରେ ଫେରିବେ ନାହିଁ । ଘରେ ରହିଲେ ଶଳା ବିଭୂତି, ସ୍ତ୍ରୀ ସୁରମା ଆଉ ଚାକର ଦାନା ।

ସଞ୍ଜ ପରେ ବିଭୂତି ବୈଠକଖାନାରେ ବସି ଖଣ୍ଡିଏ ଡାକ୍ତରି ମେଗାଜିନ ଲେଉଟାଉ ଥିଲେ, ଏତିକି ସମୟରେ ସୁରମା ପ୍ରବେଶ ହୋଇ କହିଲେ । ]

ସୁର—ଆଜି ଟିକିଏ ବୁଲି ଗଲ୍ ନାହିଁ ଯେ ବିଭୂତି !

ବିଭୂ—ଦେହଟା ଭଲ ଲାଗୁ ନାହିଁ ।

ସୁର—ତାଙ୍କୁ କହିଥିଲ, ନା ?

ବିଭୂ—ହେଁ:—ଯାଉ ଡାକ୍ତର ତ ! ଅଫିମ ଖିଆ ବାମ ଯାଉ—ତାଙ୍କୁ ପୁଣି !—ହେଁ:—

(ସୁରମା ଏଥିରେ ଟିକିଏ ଅଭିମାନ ହେଲେବି ଶୁଣିଲା ଭଳି ହସ ଟିକିଏ ହସି ଦେଇ ନିଜର ରସିକତା ଦେଖାଇଲେ ।)

ସୁର—ଲୁଚି ଦିଖଣ୍ଡ କରି ଦେବି ? ଦୁଧ ଟିକିଏ ଆଉ ଲୁଚି ଖାଇ ସକାଳ ସକାଳ ଶୋଇ ପଡ଼ ।

ବିଭୂ—ନାହିଁ, ଖାଇବି ନାହିଁ କିଛି ।

ସୁର—ଏଁ, ରାତିଟାରେ ଉପାସ ରହିବୁ ! ପୁରୁଷ ପୁଅଙ୍କପରା—

ବିଭୂ—ଯାଃ—ଭୋକ ନା ଅଉ କିଛି !

ସୁର—ତେବେ ଖାଲି ଦୁଧ ଟୋପାଏ ପିଇ………

ବିଭୂ—ଯାଃ—କହିଲିତ ଖାଇବି ନାହିଁ କିଛି ।

ସୁର—ତେବେ କଣ ଯିମିତି ଶୋଇବୁ !

ବିଭୂ—ଶୋଇବି !—ଶୋଇବି ନାହିଁ ଆଜି ।

ସୁର—କାହିଁକି ମ ?

ବିଭୂ—କହିଲିତ ଥରେ—ଖାଲି ଲାଗୁଛି ।

ସୁର—( କଅଁଳେଇ ) କଣ ରାଗିଛୁ କିରେ ବାଇଆଟା ।

ବିଭୂ—ନା—ରାଗିବି କାହିଁକି ମ । କାହା ଉପରେ ବା ରାଗିବି ଏଠି !

ସୁର—ତେବେ ନିଶ୍ଚୟ ରାଗିଛୁ।……ହଁ……କହିବୁ ନାହିଁ କାହିଁକି ସେ କଥା—ଅଧମ ମୋର କଣ ଯେ…ଯାଉ ପର ଠାଇଁ ବଳି……

ବିଭୂ—ଯାଃ, ଖାଲି ବକ୍ ବକ୍ କରୁଛ । କହିଲିତ ମୋ ମନଟା ଠିକ ନାହିଁ ।

ସୁର—କେବେଠାରୁ କହିଲ ? ବଡ଼ କଥା ଯେ ନା…

ବିଭୂ—ସେଇ ଏକା କଥା । ଅପା, ତମେ ନେଇଥିବା ଦୁଇଟି ଭୁ ଟଙ୍କାର ହଁ ନା ଏତେ । ମୁଁ ଅଦୌ ରାଗି ନାହିଁ ତୋ ଉପରେ । ଯଦି ରାଗିଥାଏଁ ତ… ସେଠା… ସେଠା…ନା…ଥାଉ ।

ସୁର—କଣ କହୁ ନାହୁଁ ମୋ ପାଖରେ ।

ବିଭୂ—ତୁ ସେଥିରୁ କଣ ପାଇବୁ—ଆଉ କରି ପାରିବୁ ବା କଣ ।

( ଭାଇ ଭଉଣୀ ଚୁପ୍ କରି ରହିଲେ ଘଡ଼ିଏ । ବିଭୂ ପୁଣି ମେଗାଜିନର ବିଜ୍ଞାପନ ଦେଖିବାକୁ ଲାଗିଲେ । କିଛିକ୍ଷଣ ପରେ ବଡ଼ ଗଳାର ଉତ୍କଣ୍ଠାରେ ନୋଯାଇ ସୁରମା କହିଲେ )

ସୁର—ବାହାଘର କଥା କଣ ହେଉଛିରେ ?

Digitized by srujanika@gmail.com

ବନ୍ଧୁ—( ଚମକି ପଡ଼ି ) କଣ ବାହାଘର ?

ମୁର—କହ କାହାର ନାହିଁ ଜିନିଷ ! ହଉ, ମତେ ନେଉଛ ନା ? ଏଇ ଥର ମାଘ ପରା ?

ବନ୍ଧୁ—ସପନ ଦେଖୁଛୁନା କଣ ! ଯେତେ ସବୁ ଅଜଗୁବ ଖବର, ସବୁ ଏଇ ମାଇପଙ୍କ ପାଖରେ ।

ମୁର—ଅଜଗୁବ କାହିଁକି ହେଲା । ବାପା ତ ଚିଠି ଦେଇ ଥିଲେ, ଥର ମାଘ ଜିନିଷ ହେଲେ ବାହାଘର କରେଇବେ ।

ବନ୍ଧୁ—କାହାର ?

ମୁର—ଆଉ ପୁଣି କାହାର ? ଦେଖୁଛ ଅଛନ୍ତି କି ?

ବନ୍ଧୁ—ତେବେ ତାଙ୍କର ନଜର ହୋଇଥିବ ।

ମୁର—ହଃ—କି ଅବଥା କଥାଟାରେ । ବାପଙ୍କୁ ଜମିଛ କଥା ଏଡ ବାଳର ସାଥୂଆ ପିଲଙ୍କ ଛଡ଼ା ଆଉ କେହ କହନ୍ତା ନାହିଁ ।

ବନ୍ଧୁ—ହୁଁ, ଠିକ୍, ବାପ ଯେତେବେ ପିଲଙ୍କ ମନ ନ ବୁଝି...

ମୁ—ହିଁଃ......କଣ ବୋଲ......

ବନ୍ଧୁ—ଦେଖ୍ ଅପା – ବାପମାନେ ମନେ କରନ୍ତି ପିଲଙ୍କ ଉପରେ ତାଙ୍କର ପୁରା ଅଧିକାର ଯେପରି ତାଙ୍କ ଇଲୁର ଉପରେ, ବଳଦ ଉପରେ, ଘୋଡ଼ା ଉପରେ ମଟର ଉପରେ – ଏପରିକି ଘର ଉପରେ, କଲମ ଉପରେ...

ମୁର – ଅନ୍ୟାୟ କଣ ହେଲା ଭଲ ! ସେ ଜନ୍ମ ଦେଇଛନ୍ତି, ବଢ଼େଇ କଢ଼େଇ ମଣିଷ କରିଛନ୍ତି – ଆଉ –

ବନ୍ଧୁ – କଥାଟାତ ଉଣ୍ଟି ସେଇଠି । ଖାଲି ଯଦି ଜନ୍ମଟା ଦେଇ ବଢ଼େଇ ଥାଆନ୍ତେ, ତେବେ ସେ ପ୍ରଭୁ, କର୍ତ୍ତା, ମାଲିକଭୁ ଯାହା କହ ସବୁ ଦାବି କରି ପାରନ୍ତେ । କରିବା ପଥ୍ୟ ଉଚିତ । କିନ୍ତୁ ଏଇ ଯେ କହିଲ "ମଣିଷ କରେଇଛନ୍ତି" ବୋଲି—ତାର ମାନେଟା କଣ ଜାଣ ? ତାଙ୍କର ମନେ ରଖିବା ଉଚିତ ଯେ ଆମେ ମଣିଷ ହୋଇ ସାରିଛୁ । ଆମ ସାଙ୍ଗରେ ମଣିଷର ବ୍ୟବହାର କରିବା ତାଙ୍କର କର୍ତ୍ତବ୍ୟ ।

ମୁର – ଆଉ ଯଦି ନ କରନ୍ତି ତା ?

ବନ୍ଧୁ – ତେବେ ମଣିଷ ଯେ ହୋଇଛୁ ସେ ସବୁକୁ କାହିଁକି ଯାଉଁଛୁ ଧରି – ବା ନଜୀବ ବସ୍ତୁ ପରି !

ମୁର – କଣ କରିବ ତେବେ !

ବନ୍ଧୁ – ସକ୍ରିୟ ବିରୋଧ କରିବ – ନ ପାରିଲେ ନିଷ୍କ୍ରିୟ ପ୍ରତିରୋଧ କରିବ ।

ମୁର – କନିଅଁ ମନ ମାନ ନାହିଁ ପରା? – ପାଢ଼ୀଙ୍କ ଝିଅଟିତ ଖୁବ୍ ଭଲ । ମୁଁ ଦେଖିଛି ଯେ ।

ବନ୍ଧୁ – ଦେଖିବାକୁ ଭଲ, ଶୁଣିବାକୁ ଭଲ, ଖାଇବାକୁ ଭଲ, ଏ ସବୁ କଥା ନାହିଁ କରୁଚି ! କିନ୍ତୁ ସେଥିକରେ କଣ ସବୁ ସରିଗଲା ?

ମୁର – ଆଉ ପୁଣି କଣ !

ବ । ମୁନସି ସ୍ତ୍ରୀ ନେଇ ଭୋଗ କରିବା ଆଉ ଜନସଂଖ୍ୟା ବୃଦ୍ଧି କରିବା ଯଦି ବିବାହର ଉଦ୍ଦେଶ୍ୟ ବା ଲକ୍ଷ ହୋଇଥାଏ, ବା ଥିଲା—ଏ କନ୍ୟାଟି ଭଲ—ଖୁବ୍ ଭଲ । କିନ୍ତୁ ଯୁଗର ପ୍ରଗତି ସାଙ୍ଗରେ ମଣିଷର ଦୃଷ୍ଟିର ପରିସର ଯେ ବଢ଼ିଗଲାଣି କେତେ, ତା ଜଣା ଅଛି ତ ! ସ୍ତ୍ରୀ ତ ଏବେ ଆଉ ବିଳାସ ସାମଗ୍ରୀ, ସନ୍ତାନ ଜନୟିତ୍ରୀ, ସେବିକା ହୋଇ ରହିନାହିଁ—ତାର ଆସନ ଯେ ଉଠି ଗଲଣି କେତେ ଉପରକୁ । ସେ ଏଇକ୍ଷିଣି ଜୀବନ-ସଙ୍ଗିନୀ, ସହଧର୍ମିଣୀ, ସହଗାମିନୀ । ପୁରୁଷର ଶିକ୍ଷା ଓ କର୍ମ ସହିତ ମିଶି ମେଳେଇ ନ ପାରିଲେ, ସେ ସ୍ତ୍ରୀଟା କଣ ମ ! ଜିନିଷ ଦେଖାଏ ବିବାହ ଗୋଟାଏ ନାଟକ ବିଡ଼ମ୍ବନା, ଗୋଟାଏ ପ୍ରବଞ୍ଚନା, ଗୋଟାଏ ବିକଟ ନିଷ୍ଠୁରତା ।

ମୁରମା । ତୋ ସଙ୍ଗରେ ତ ପାରିବ ନାହିଁ ମୁଁ । ବାଲି ସିଏ ଆସନ୍ତୁ, ବୁ ଏଇକ୍ଷିଣି ଅଳଅଟା କରେଇ ଦେଇ ଟ୍ରେନ୍ ହୋଇ ଶୋଇ ପଡୁଛି । ମୁଁ ଯାଏଁ, ଘରେ ବ ହେଲଣି ।

(ମୁରମା ବାହାରିଗଲେ)

(ବନ୍ଧୁଛି ପୁଣି ମେଗେଜିନ ଦେଖିବାକୁ ଲଗିଲେ । କିଛି-କ୍ଷଣ ପରେ ସେଲଫ ଉପରୁ ବହି ଖଣ୍ଡିଏ ଟାଣି ଆଣି ଛବି ଦେଖିଲେ । ତାପରେ ଆଉ ଖଣ୍ଡେ, ପୁଣି ଆଉ ଖଣ୍ଡେ । ମଝିରେ ମଝିରେ କାନ୍ଥ ଘଡ଼ିକୁ ଚାହୁଁ ଥାଆନ୍ତି । ଶେଷରେ ବିରକ୍ତ ହୋଇ ବହିଟାକୁ ଫୋପାଡ଼ି ଦେଲେ ।)

ବ । ବୃହସ୍ପତିବାର—ଘଡ଼ିଟା କେତେ ଅଛି । ବେହାଲ୍ କେତେ—ଡ୍ୟାମ୍ କେତେ...... । (କାନ ପାରିଲେ) ହୁଁ, ସବୁ ଶୁନ୍ ଶାନ୍ । ଏବେ ମୋ କାମ ମୁଁ କରେଁ ।

Digitized by srujanika@gmail.com

(ବଙ୍କିମ ତାଙ୍କ ସୁଟ୍‌କେସ ଖୋଲି କାଗଜରେ ମୋଡ଼ା ହୋଇଥିବା ଟେବଲେଟ ଅଫିମ ବାହାର କଲେ । ତାକୁ ଅଳ୍ପ ଥରେ ଭଲ କରି ଦେଖିଲେ । ତାପରେ ଖଟ ଉପରେ ପଡ଼ିଗଲେ ଦେହମାନ ହୋଇ ।)

ବଙ୍କି । (ଘଡ଼ିକୁ ଚାହିଁ ଥରେ ଥରେ) ହୁଁ—ପ୍ରାୟ ଏଗାରଟା । ଘଡ଼ିଟା ଲେଟ୍ ନାହିଁ, ପ୍ରାୟ ଠିକ୍ ଅଛି । ଡାକ୍ତରର ଘଡ଼ି କନା ! ଠିକ୍ ନ ଥିଲେ ଚଳିବ କମିତି । ହୁଁ—ଠିକ୍ ଥିବ । ତାପରେ ସମସ୍ତ ପ୍ରାୟ ହୋଇଗଲା । ମିଡ୍ ନାଇଟ୍ ତ ! ମିଡ୍ ନାଇଟ୍ ଆଉ କାହାକୁ କହନ୍ତି ? ଏବେ— ବର୍ତ୍ତମାନ ଆଉ ଡେରି କରିବାର ଦରକାର । (ଅଫିମ ଟେବଲେଟକୁ ହାତରେ ଧରି ଦେଖିବାକୁ ଲାଗିଲେ ।) (ହଠାତ୍ ଚହଟି) ଥରେ ଯାଃ—ଅଳ୍ପ ଅଟା ତ ଲିଭି ହୋଇନାହିଁ ।

(ଉଠି ଅଳ୍ପ ଅଟା କମେଇ ଦେଲେ । ପୁଣି ଖଟ ଉପରେ ଶୋଇପଡ଼ିଲା ବେଳକୁ ବାହାର ପଦଶବ୍ଦ ଶୁଭିଲା ।)

ବ । କିଏ ?

ଧନା । ଆଜ୍ଞା, ମୁଁ ଧନା !

ବ । ଅରେ ନାଆଁ ନାହିଁ ତୋର ?

ଧନା । ମୁଁ ଧନା ଆଜ୍ଞା ।

ବ—(ସ୍ୱଗତ) ଓଃ, ମୋର ଭୁଲ । କବାଟଟା ବନ୍ଦ କରି ନ ଥିଲି । ଏତିକ ବେଳକୁ ଆସି ଉଠିଛି ନୁଇସାନ୍‌ସ୍ !

(ପ୍ରକାଶ୍ୟ) ତୁ କୁଆଡ଼େ ରେ ?

ଧନା—ମୁଁ ପରା ଏଠି ଶୋଇବି, ମା କହିଲେ ।

ବ—ମୋର କଣ ନାହିଁ ଲାଗିଛି ଯେ ମୁଁ ଡରିବ ବୋଲି ତୁ ଜଗି ଶୋଇବୁ ।

ଧନା—ନାହିଁ ଆଜ୍ଞା, କେତେବେଳେ କଣ ଦରକାର ହେବ କୁଆଡ଼େ ରାତି ବଖତେ—

ବ—ଖାଇଥିଲେ ବା ରାତିରେ ଝାଡ଼ା ଦେଖାନ୍ତା—ଉପାସ ତ ଅଛି, ଆଉ କଣ !

ଧନା—ବାବୁ ବାହାରକୁ ଗଲେ ମୁଁ ଏଠି ଶୁଏଁ ଆଜ୍ଞା ।

ବ—ମୁଁ କଣ ଚୋର ଯେ ତୋ ବାବୁର ଧନ ଦୌଲତ ନେଇ ପଳେଇବି । ଭାରି ତ !—

ଧନା—ଆଜ୍ଞା, ଆପଣ ଯେତେବେଳେ ରାଗୁଛନ୍ତି, ମୁଁ ଯାଉଚି ତେବେ—

ବ—ହଁ, ଯା ବାହାର । ମୁଁ କବାଟ ଦିଏଁ ।

(ଧନା ବାହାର ଯିବାକୁ ଲାଗିଲା)

ବ—ଏ ଧନା ଶୁଣ୍ ଶୁଣ୍ । ତୁ ଏଠି ଏମାନଙ୍କ ଘରେ କେତେଦିନ ରହିଲୁଣି ?

ଧନା—ସେଇ ଗାନ୍ଧି ଗୋଳ ବରଷ ।

ବ—ଓଃ, ଏତେଦିନ ! ଦଶବର୍ଷ ହେବ ! ବାଃ, ଖୁବ୍ ପୁରୁଣା ଲୋକ ତୁ ତେବେ !

ଧନା—ଆପଣଙ୍କ ଦୟାରୁ ।

ବ—କେତେ ପାଉ ? ନା, ପେଟ ଖୋରାକ ? ବାବୁଟା ତୋର ଭାରି ଦୟା କନା !

ଧନା—ମାସକୁ ଦଶ ଟଙ୍କାରେ ରହିଥିଲି; ଏବେ ତିନି କରି ଦଉଛନ୍ତି ।

ବ—ଓଃ, ଭାରି ଦଉଛନ୍ତି !

ଧନା—ଆଜ୍ଞା ସେ କଥା କହନ୍ତୁ ନାହିଁ । ମୋ ଜୀବନ ରଖିଛନ୍ତି ସେ ।

ବ—କମିତି ?

ଧନା—ସେ ବହୁତ କଥା ବାବୁ । ମରି ଯାଇ ଥାଆନ୍ତି । ବାବୁ ଥିଲେ ହସପାତାଲ ଡାକ୍ତର ସେତେବେଳେ । ଏଇଲଗେ ସିନା ଅଫିମ ଡାକ୍ତର ହୋଇଛନ୍ତି । ତାଙ୍କରି ଦୟାରୁ ବଞ୍ଚିଗଲି । ସେଇ ଦିନୁ ଆଜ୍ଞା...

ବ—ଓଃ ସେଇଥି ପାଇଁ । ତେବେ ଜଣାଗଲା ଯେ ଦରମା କଥା । ସେଇ ଉପକାରଟା ସୁଝୁଛୁ ?

ଧ—ଆଜ୍ଞା ନାଇଁ, ଟଙ୍କା ଦବାରେ ବାବୁଙ୍କର ହେଳା ନ ଥାଏ । ଦେବତା ପୁରୁଷ ସେ । ପୁଅ ଭଳି ଦେଖନ୍ତି ।

ବ—ପୋଲିସରେ ପାଇଲେ, ସମସ୍ତେ...ଅଛି ତୋ ଘରେ ଆଉ କିଏ ଅଛି ପିଲା, କବିଲା ?

ଧ—ହଁ, ଛଅଟା ଅଛି ଝିଅଟିଏ । ଦ'ଟୋଟ ବାଛୁ ।

ବ—କେତେ ଦିନୁ ବାହା ହେଲୁଣି ?

ଧ—ଏଇ ମାସକୁ ଲାଗିଲା ଗୁରୁଧାନ ହେଲା । ବାବୁ ତ ବାହା କରେଇଛନ୍ତି !

ବ—ହଁ, ବାବୁ ତ ସବୁ କରେଇଛନ୍ତି ! ଖାଲି ଯା ଝିଅଟା ତୋହର !

ଧନା—ଆଜ୍ଞା ପିତା ସମାନ ସେ । ପାପ କଥା କୁହାବ ।—

ବ—ହଉ, ତୁ ଯା ଏବେ, ମୁଁ କବାଟ ଦିଏଁ ।

(ଧନା ବାହାରଗଲାବେଳେ)

Digitized by srujanika@gmail.com

ବ—ଏ, ଶୁଣ ଶୁଣ୍ ଗୋଟାଏ କଥା । (ଧାନା ଫେରିଲା)

ବ—ତୁ ତ ଏତେଦିନ ରହିଲୁଣି ଡାକ୍ତର ପାଖରେ, କେତେ କେତେ ରୋଗୀ ଦେଖିଥିବୁ ?

ଧାନା—ଅନୁମାନ ଅଜ୍ଞା ।

ବ—କେତେ ଡାକ୍ତର ପାଖେ ଥିବୁଣି, ନାଇଁ ?

ଧାନା—ଆପଣଙ୍କ ଦୟାରୁ କଛ କଛ—ଘା ଘଉଡ଼ା କଟାଛିଣ୍ଡା... ହେଁ......

ବ—ବେଶ୍ । ଅଫିମଖିଆ ରୋଗୀ କେବେ ଦେଖିଚୁ ?

ଧାନା—କାହିଁକାହାକ ଅଜ୍ଞା ।

ବ—ତୁ ଭଲ କରି ପାରିବୁ ?

ଧାନା—ମଁ ଅପି ଦେଇ ବାନ୍ତି କରେଇ ଦେଲେ ହେଲା । ଆଉ ଦରକାର ତ ଅଛି । ବାବୁ ଜାଣନ୍ତି ।

ବ—ଅଫିମ ଖାଇଲେ ରୋଗୀ ମରି ଯାଆନ୍ତି, ନାଇଁ ?

ଧାନା—ହଁ ମରନ୍ତି ବି ବଞ୍ଚନ୍ତି ବି । ସେ କରମ କଥା ।

ବ—ମରିବା ଦେଖିଚୁ ?

ଧାନା—ତା ଆଉ ଦେଖିନାହିଁ ?

ବ—ଢେର କଷ୍ଟ ହୁଏ, ନା ?

ଧାନା—ହୁଏ ବି, ନ ହୁଏ ବି ।

ବ—ସେ କିରକମ ?

ଧାନା—କେହି କେହି ଛଟପିଟ ହୋଇ ମରନ୍ତି, ଆଉ କେହି ବା ଫିମେ...ଟେଇଁଅ, ସାମର୍ଥ ଲୋକ ଢେର ଛଟପିଟ ହୁଅନ୍ତି, ଗର୍ଜନ ଛାଡ଼ନ୍ତି ଏକା ।

ବ—ଅଛା—ଯା— (ଧାନା ଯିବାକୁ ବସିଲା)

ବ—ଏ, ଧାନା !

ଧାନା—ଅଜ୍ଞା ।

ବ—ତୋ ଭରଯାନ୍ତି କମିତିକା ?

ଧାନା—ଏଲ ଫିମେତି ପାଞ୍ଚଜଣଙ୍କର ।

ବ—ଦୂର, ବୋକା । ସେ କଥା କହୁନାହିଁ ଯେ । ଲୋକଟା କିରକମ, ମନ ମିଳେ ତ ଖୁବ୍ ?

ଧାନା—ଗରିବ ଲୋକଙ୍କର ସେଥିରେ କ ଲୋଡ଼ା ?

ବ—ଆରେ, ତମ ଭିତରେ ଖୁବ୍ ଲଭ୍—ମାନେ ପ୍ରେମ—ଯାହାକୁ କହନ୍ତି ଭଲ-ପାଇବା ଅଛି ତ ?

ଧାନା—ଗୁରି କଳସ, ଷୋଳ ଧାନ୍ୟ ମାଉ ହାତ ଧରିଣ ଯେତେବେଳେ—ତା ଆଉ—

ବ—ମୋ କଥା ତୁ ବୁଝି ପାରିଲୁ ନାହିଁ...ବାହା ତ ସମସ୍ତେ ହୁଅନ୍ତି । କିନ୍ତୁ ଠିକ୍ ଯାହାକୁ କହନ୍ତି......ଯା ମୁଁ ବୁଝେଇ ପାରିବି ନାହିଁ—ପେଟ! କଣ ସମସ୍ତଙ୍କର ଥାଏ ?

ଧାନା—ନ ଥିବ କାହିଁକି ଅଜ୍ଞା । ନଥିଲେ ଏଇ ବଡଲୋକଙ୍କ ଘରେ ବା ନଥିବ । ଆମ ଗରିବ ଗୁଣ୍ଡବାଙ୍କର—

ବ—ଅଛା ଉଡଅଟ୍—

ଧାନା—ଅଜ୍ଞା ହଁ ।

ବ—ହଉ ଯା ଯା ଏବେ । ଆଉ ଡୁକିଲୁ ଏ ଘରକୁ ଆଉ ଆସିବୁ ନାହିଁ ଆଜ ରାତିରେ ।

ଧାନା—କବାଟ ଦେବେ ପରା—କମିତି ଆସିବ ?

ବ—ଓଃ, ସେହି କଥା ଯେ—ହଉ ଯା—

( ଧାନା ଗଲିଗଲା, ବନ୍ଧୁ କବାଟ ଦେଇ ଖଟ ଉପରେ ଶୋଇଲେ )

( କ୍ରମଶଃ )

( ବାକି ଆରଥରକୁ ବାହାରିବ )

---


# ମରମ

**କବି—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

ନବ ଯୁଗର ନବୀନ ଭାବୋଚ୍ଛ୍ୱାସ

ପଢ଼ିଲେ ମୁଗ୍ଧ ହେବେ

ମୂଲ୍ୟ:—ଠ୦୯ ଅଣା

# ଚିଡ଼ିଆଖାନା

ରଙ୍ଗିନ ଛବି ଓ କୌତୁକିଆ ଗୀତରେ ଭରା ।

ପିଲାଏ ପାଇଲେ ଖିଲିପିବେ ।

ମୂଲ୍ୟ—ଠ୦।/

Digitized by srujanika@gmail.com

କଥାଟିଏ କହୁଁ………………

# ଅକୁହା କଥା

——ଶ୍ରୀ ବସନ୍ତକୁମାର ପାଲ——

ଗିରିଶ ଆଉ ଲୀଳା—ଲୀଳା ଆଉ ଗିରିଶ—ଏଇ ସେମାନଙ୍କର ଜୀବନ । ଗିରିଶ—ମିଲ୍‌ର ମାଲିକ । ଅଜସ୍ର ସମ୍ପତ୍ତି—ଆଧୁନିକ ରୁଚି ସମ୍ପନ୍ନ ବଙ୍ଗ୍ଳା ପେଟେଣ୍ଟ ଘର—ବାଗ ବଗିଚା—ମଟରକାର—ଆଉ ବେଙ୍କ ବାଲାନ୍ସ ଖୁବ୍ ମୋଟା ରକମର ।

ଆଉ ଲୀଳା—ତାର ସ୍ତ୍ରୀ—ଯୁବତୀ ପୁଣି ଅନିନ୍ଦ୍ୟ ସୁନ୍ଦରୀ । କେଉଁଥିରେ ତାର ଅଭାବ । ସ୍ୱାମୀ ତାର ସୌମ୍ୟକାନ୍ତ ଯୁବକ—ଉଚ୍ଚ ଶିକ୍ଷିତ—ଏତେବଡ଼ ବିରାଟ ମିଲ୍‌ର ମାଲିକ—ଧନୀ । ପରିଧାନ ପାଇଁ ତାର ନାନାବିଧ ବହୁମୂଲ୍ୟ ବସନ ଆଉ ଅଳଙ୍କାର—ଘରେ ଦାସ ଦାସୀ । ନାରୀର ଯେତେ କିଛି ଈପ୍ସିତ ବସ୍ତୁ ସେ ପାଇଛି । କିନ୍ତୁ ତଥାପି କାହିଁକି ସେ ସବୁବେଳେ ଖରା ଝାଞ୍ଜିରେ ଝାଉଁଳି ପଡ଼ିଥିବା ସୂର୍ଯ୍ୟମୁଖୀ ଫୁଲଟି ପରି ଢଳ ଢଳ ? ଏତେ ସବୁ ଧନ ସମ୍ପଦ ଥାଇ କ'ଣ ସେ ସୁଖୀ ନୁହେଁ ? ଏହାର ଉତ୍ତର ସେ ଖୋଜି ପାଏ ନାହିଁ—ନାରୀର ଚିର କାମ୍ୟ ବସ୍ତୁ କଣ ଏହି ସବୁଥିରେ ନିହିତ ଅଛି ?

ଗିରିଶ ଏକ ଅଦ୍ଭୁତ ଖାମଖିଆଲି ମିଜାଜ୍‌ର ଲୋକ । ଏତେ ବଡ଼ ଦୁନିଆରେ ସେ ତାର ବ୍ୟବସାୟ ଛଡ଼ା ଆଉ କିଛି ଖବର ରଖେନା । ସେ ଜାଣେ ଯେ ଧନ ଅର୍ଜନ କରିବା ଯେପରି ମଣିଷର ମୁଖ୍ୟ ଉଦ୍ଦେଶ୍ୟ । ଆଉ ଏହା ବି ସେ ଭାବେ, ଲୀଳାକୁ ସେ ଖୁବ୍ ସୁଖରେ ରଖିଛି । କ'ଣ ସେ ନ କରିଛି ଲୀଳା ପାଇଁ ? ତାରି ପାଇଁ ତ ତାର ଏତେ ଦିନ ରାତି ଅକ୍ଲାନ୍ତ ପରିଶ୍ରମ । କିନ୍ତୁ ଦିନକ ପାଇଁ ସୁଦ୍ଧା ସେ ଭାବିଲା ନାହିଁ ଯେ ଏହି ସମସ୍ତ ପାଇ ତାର ଲୀଳା କ'ଣ ପ୍ରକୃତରେ ସୁଖୀ ହୋଇ ପାରିଛି ? ଏହାହିଁ କଣ ନାରୀର ଚିର କାମନାର ବସ୍ତୁ ?

ଦିନ ଯାଏ—ମାସ ଯାଏ—ବର୍ଷ ବି ଯାଏ । ଗିରିଶ ଆଉ ଲୀଳାର ସଂସାର ଠିକ୍ ଗୋଟାଏ ମେସିନ ପରି କାମ କରିଯାଏ । କିନ୍ତୁ କେହି କାହାରିକି ମୁହଁ ଫିଟାଇ ଦିନେ ହେଲେ ଏ କଥା ପଚାରି ପାରନ୍ତି ନାହିଁ । ମନର ବ୍ୟଥା ମନରେ ମରେ ।

ସୁସଜ୍ଜିତ ଡ୍ରଇଂ ରୁମ—ଦୁଆର ଆଉ ଝରକାରେ ମୂଲ୍ୟବାନ ପରିଷ୍କାର ସିଲ୍କର ପରଦା—କାନ୍ଥରେ କେତେଗୁଡ଼ିଏ ଦେଶି ଏବଂ ବିଲାତି ଚିତ୍ରର ଫ୍ରେମ ବନ୍ଧା ଫଟୋ ଟଙ୍ଗା ହୋଇଛି । ତଳେ ଗୋଟିଏ ସୁନ୍ଦର କାଶ୍ମୀରୀ ଗାଲିଚା ଉପରେ କେତେ ଖଣ୍ଡ ସୋଫା ଝରକାର ଗୋଟିଏ ପାଖକୁ ଗୋଟିଏ ପିଆନୋ । ଝରକା ନିକଟରେ ଛିଡ଼ା ହୋଇ ସ୍ଥିର ଦୃଷ୍ଟିରେ ବାହାରକୁ ଅନାଇଛି ଲୀଳା । ଅସ୍ତଗାମୀ ସୂର୍ଯ୍ୟର ରଶ୍ମି ଝରକା ମଧ୍ୟ ଦେଇ ତାର ମୁଖର ଗୋଟିଏ ପାଖରେ ପଡ଼ିଛି । ଆଉ ସେ କଡ଼ର ବଡ଼ Dressing Mirror ପଡ଼ିଛି ତାର ଛାଇ—ତା ପଛକୁ ମିଲ ମେସିନର ପ୍ରତିବିମ୍ବ ଗୋଟିଏ ମୂକ ସ୍ତମ୍ଭ ପରି ଛିଡ଼ା ହୋଇଛି । ସେଠାରେ ଛିଡ଼ା ହୋଇ ସେ ଦେଖୁଛି 'ଅନୁପା' ଓ 'ରୂପ'କୁ । ଅନୁପା ତାଙ୍କ ମିଲର ଫାୟାରମେନ—ଆଉ ତାର ସ୍ତ୍ରୀ କାମକରେ ବଏଲର୍ ରୁମ୍‌ରେ । ଅତି ସାମାନ୍ୟ ତାଙ୍କର ରୋଜଗାର । କିନ୍ତୁ ତଥାପି କେଡ଼େ ସୁଖୀ ସେମାନେ । ଅଧିକ ଧନ ସଂପଦ ପାଇଁ ତାଙ୍କର ସ୍ପୃହା ନାହିଁ—ଆକାଂକ୍ଷା ମଧ୍ୟ ନାହିଁ । କୁଲି ଶେଡ୍‌ର ଛୋଟ ଭଙ୍ଗାରୁଜା ଘରଟିରେ ସେମାନେ ରହନ୍ତି ।

ମିଲର ଶେଷ ଭୁଙ୍ଗା ବାଜି ଯାଇଛି । ସାରା ଦିନର ହାଡ଼ଭଙ୍ଗା ଖଟଣି ପରେ ଅନୁପା ତାର ଦୁଆର ମୁହଁରେ

Digitized by srujanika@gmail.com

ବାରଣ୍ଡାର ଖଟ ଉପରେ ବସି ଲୁଗା ବାକ୍ସରେ ବର୍ଷି ହେଉଛି । ଅଉ ସ୍ୱଂପ ବସିଛି ତା କରକୁ ଲଗି । ଅଦୂରରୁ ସେମାନଙ୍କର କଥାବାର୍ତ୍ତା ଅସି ଲୀଳା କାନରେ ବାଜିଲା । ସ୍ୱଂପ କହୁଛି, "କୋଇଲି ଚିମା ଭାଙ୍ଗି ଭାଙ୍ଗି ଅଉ ଦେଲ୍ସ୍ ଠେଲି ଠେଲି ଅଜ ·ଭାରି ଥକି ଯାଇଛ ନା ? ତମେ ଶୁଅ, ମୁଁ ଟିକିଏ କଟକୀ ଟେଲ ନେଇ ଅସେ, ଘଷି ଦେବ ।"

ଅନ୍ୟା ବ୍ୟଙ୍ଗ କରି କହିଲା, "ଅଉ ତୋର ହିଲରରେ ସ୍ୱଭଳ ଚାଲିବା କାମଟା ଭାରି ହାଲୁକା ନା ?"

ଏହା କହି ସେ ସ୍ୱଂପକୁ ଟାଣି ଅଣି ତା ଗାଲଟିପି ଦେଲା । ସ୍ୱଂପ ଲଜ୍ଜାରେ ଜଡ଼ସଡ଼ ହୋଇ ଘର ଭିତରକୁ ଉଠି ପଳାଇଲା । ଅନ୍ୟା "ଶୁଣ୍ ! ଶୁଣ୍" ବୋଲି କହି ତା ପଛେ ପଛେ ଘର ଭିତରକୁ ପଶିଗଲା ।

ଲୀଳାର ବଡ଼ ବଡ଼ ଅଖି ଦୁ'ଟାରୁ ଦୁ'ଟୋପା ଲୁହ ଗଡ଼ି ପଡ଼ିଲା । କହିଁ କହିଁ ହୋଇ ସେ କାନ୍ଦି ଉଠି ପିଅନୋର ରିଡ୍ ଗୁଡ଼ିକ ଉପରେ ଲେଟି ପଡ଼ିଲା । ଗୋଟିଏ କରୁଣ ମୂର୍ଚ୍ଛନାରେ ଘରଟି ଥରି ଉଠିଲା । ଏହିସମୟରେ ବ୍ୟସ୍ତ ଭାବରେ ସେ ଘରେ ପ୍ରବେଶ କଲା ଗିରିଶ । ଗୋଟିଏ ହାତରେ ତାର ଖଣ୍ଡେ ଅର୍ଦ୍ଧ ଦଗ୍ଧ ସିଗାରେଟ୍ ଏବଂ ଅନ୍ୟ ହାତରେ ଭେଲଭେଟର ଗୋଟିଏ Ornament Case— ଛୋଟିଆ ବୋତାମ ଖୋଲା । ସେ ଅସି ଡାକିଲା, "ଲୀଳା ! ଲୀଳା ! ଏଇ ଦେଖ; ମୁଁ ତୁମକୁ ଗୋଟା ଘର ଖୋଜି ସାରିଲଣି ।" ଲୀଳା ସ୍ଥିର ଦୃଷ୍ଟିରେ ଫେରି ଚାହିଁଲା । ଅଖିରୁ ତାର ସେ ପର୍ଯ୍ୟନ୍ତ ଅଶ୍ରୁର ଦାଗ ଲିଭି ନ ଥାଏ ।

"ତୁମ ଅଖିରେ ପାଣି କାହିଁକି ଲୀଳା ?" ଗିରିଶ କହିଲା—ଅଚ୍ଛା ଛଡ଼, ଦେଖିଲ ତମ ପାଇଁ କି ସୁନ୍ଦର ନେକ୍ଲେସଟି ଅଣିଛି । ଏମ୍, ବି, ସରକାର ଦୋକାନରୁ ପାର୍ସେଲଟି ବର୍ତ୍ତମାନ ଅସି ପହଞ୍ଚିଲା । ହଁ, ତମେ ଗୋଟିଏ ଗୀତ ଗାଅ ତ !" ଲୀଳା ନୀରବରେ ସମ୍ମତି ଜଣାଇଲା । ପିଅନୋର ରିଡ୍ ଗୁଡ଼ିକ ତାର କୋମଳ ଅଙ୍ଗୁଳି ସ୍ପର୍ଶରେ ଥରି ଉଠିଲା । ଗିରିଶ ମନ୍ତ୍ରମୁଗ୍ଧ ପରି ତାର ମୁଖକୁ ଅନାଇ ରହିଲା । ଲୀଳାର ମୁଖ ମଧ୍ୟ କ୍ରମେ ଉଜ୍ଜ୍ୱଳ ହୋଇ ଉଠିଲା । ଯେପରି ମୁହୂର୍ତ୍ତକ ମଧ୍ୟରେ ଅତୀତର ସବୁ ଅବସାଦକୁ ସେ ଫିଙ୍ଗି ଦେଇଛି ।

ଏହି ସମୟରେ ବାହାରୁ ଡାକ ଶୁଭିଲା—"ବାବୁ ଘରେ ଅଛନ୍ତି—ବଡ଼ବାବୁ—" ଗିରିଶ ଚଞ୍ଚଳ ହୋଇ ଉଠି କହିଲା, "ଏହି ଦେଖିଲ ଲୀଳା, ହେଡ଼କ୍ଲର୍କ ବାବୁ ଡାକିଲେଣି । ତାଙ୍କୁ ଅଜି ତିନିହଜାର ଟଙ୍କାର ଗୋଟିଏ ଚେକ ଦେବାକୁ ହେବ । ଉଃ ! ସେମାନେ ମୋତେ ଟିକିଏ ସ୍ଥିର ହୋଇ ବସିବାକୁ ମଧ୍ୟ ଦେବେ ନାହିଁ । ଅଚ୍ଛା, ତୁମେ ଗାଉଥାଅ, ଅଉ ମୁଁ ଅଫିସ ରୁମରେ ବସି ସବୁ ଶୁଣୁଥିବି ଯେ । କଣ କହୁଛ—ଏଁ—"

ଏହା କହି ସେ ଦ୍ରୁତ ପଦରେ ବାହାରକୁ ବାହାରି ଗଲା । ପିଅନୋର ରିଡ୍ ଗୁଡ଼ିକ ଉପରେ ତାର ଅଙ୍ଗୁଳି ଗୁଡ଼ିକ ଅଟେ ଅଟେ ଅଟକିଗଲା । ମୁଖ ତାର କ୍ରମେ ମଳିନରୁ ମଳିନତର ହୋଇ ଉଠିଲା । ଚତୁର୍ଦ୍ଦିଗ ନିସ୍ତବ୍ଧ ! କେବଳ ଅଫିସ ରୁମରେ କଥାବାର୍ତ୍ତା ଶୁଭୁଥାଏ—"ଗୋବିନ୍ଦ ! ରାଉତରା ସାହେବ ଜୟନ୍ତୁଲାଲ ଗନ୍ଧିକୁ ଅଜି ଡାକରେ ପାଞ୍ଚହଜାର ଟଙ୍କାର ସେହି ହୁଣ୍ଡିଟା ପଠାଇଦିଅ । ମୁନ୍ସିକୁ କହ, ଅଦାମ ହାଜି ପିରମହମ୍ମଦ୍ ସହିତ ଯେଉଁ ହଜାରେ ବସ୍ତାର ଜବାବ୍ ପକ୍କା ହୋଇଥିଲା, ଅଜି ଯେପରି ସେ ଗୁଡ଼ିକ ଲୋଡ ହୁଏ । ବେଙ୍କକୁ ଦୁଇହଜାର ଟଙ୍କାର ଗୋଟିଏ ଡ୍ରାଫ୍ଟ ପାଇଁ ଲେଖିଦିଅ—କମଳକୋଟେନ ମହାବୀର ପ୍ରସାଦ ଦୁଇହଜାର ସାତଶହ—ବି, ଏଲ୍ ଅଗରୱାଲ୍ ସ୍ୱରହଜାର—ହୋସେନ୍ କାଶମ୍ ଦାଦା ସାତହଜାର—

—✻—

ସୁନାପୁଅ

ପିଲାଙ୍କ ହାତରେ ଦେବା ପାଇଁ ଅତି ସୁନ୍ଦର ଗୀତ ବହି ।

ମୂଲ୍ୟ—୫୦/

—୦—

Digitized by srujanika@gmail.com

# କି ସବୁଜିନି ଦେଖା ନଯାଏ.........

ସଂଗ୍ରାହକ:—ଶ୍ରୀ ଚଣ୍ଡୀଚରଣ ଦାସ

### ଅଦ୍ଭୁତ ମାଙ୍କଡ଼ସା ଜାଲ

ନ୍ୟୁଗିନୀ ଓ ତାର ଉତ୍ତର ଦିଗରେ ଥାଏଉଲେନ ଦ୍ୱୀପ ପୁଞ୍ଜର ଜଙ୍ଗଲରେ ବଡ ବଡ ମାଙ୍କଡ଼ସା ଅଛ ଡାଳରେ ବୃହତ୍ ଆକାରରେ ଜାଲ ବୁଣି ବସିଥାନ୍ତି । ଏହି ଏକ ଜାଲର ବ୍ୟାସ ମାପରେ ପ୍ରାୟ ୬ଫୁଟ । ନ୍ୟୁଗିନୀର ଅଧିବାସୀ ମାନେ ଏହି ମାଙ୍କଡ଼ସା ଜାଲର ପରିଚୟ ପାଇ ସେ ସବୁକୁ ମାଛଧରା କାର୍ଯ୍ୟରେ ଲଗାଇ ଅଛନ୍ତି । ଉକ୍ତ ଜାଲରେ ସେ୦୪ ରୁ ପର୍ଯ୍ୟନ୍ତ ଓଜନର ମାଛ ଧରାଯାଏ । ଜଙ୍ଗଲର ଯେଉଁଠାରେ ମାଙ୍କଡ଼ସାର ପାଦୁର୍ଭାବ ଖବ୍ ବେଶୀ, ସେଠାରେ ସେମାନେ କେତେକ ଲମ୍ବ ବେତକୁ ନୁଆଇଁ ଗୋଲକର ବାନ୍ଧି ଠିଆକର ରଖି ଆସନ୍ତି । ତା-ପରେ ଏକ ସପ୍ତାହ ଗତ ନ ହେଉଣୁ ମାଙ୍କଡ଼ସାର ଅନୁଗ୍ରହରେ ସେଥିରେ ଚମତ୍କାର ଜାଲ ତିଆରି ହୋଇଯାଏ । ତେତେବେଳେ ସେମାନେ ସେ ସବୁକୁ ଜଙ୍ଗଲରୁ ବାହାର କରି ଆଣି ମାଛଧରା ଆରମ୍ଭ କରନ୍ତି ।

### ବୃକ୍ଷବାସୀ ମତ୍ସ୍ୟ

ଭାରତ ମହାସମୁଦ୍ରର କେତେକ ସ୍ଥାନରେ ଏକପ୍ରକାର ମାଛ ଦେଖାଯାନ୍ତି । ଏମାନେ ପକ୍ଷୀ-ପରି ବୃକ୍ଷରେ ବସା ବାନ୍ଧନ୍ତି ଅବଶ୍ୟ କେବୁ ସାମୁଦ୍ରିକ ଗଛ ଡାଳରେ ମଧ୍ୟ ବସା ବାନ୍ଧିଥାନ୍ତି । ଏ ପ୍ରକାର ଅଦ୍ଭୁତ ମତ୍ସ୍ୟ ଅନ୍ୟତ୍ର ଦେଖା ଯାନ୍ତି ନାହିଁ । କେବୁ ନିକଟବର୍ତ୍ତୀ ହେଲେ ଏମାନେ ଦେହର ରଙ୍ଗ ବଦଳାଇ ଗଛର ରଙ୍ଗ ସହିତ ମିଶି ଯାଆନ୍ତି । ଏମାନେ ଅତି ଭୀରୁ ପ୍ରକୃତିର ।

### ପ୍ରକୃତିର ବିଚିତ୍ରତା

ଅଦ୍ଭୁତ ପରିବର୍ତ୍ତନ

ତୁର ଲୋକନର ଜଣେ ୨୦ ବର୍ଷ ବୟସ୍କା ଯୁବତୀ ହଠାତ୍ ପୁରୁଷ ହୋଇ ଯାଇଛି । ତାହାର ବିବାହ ହୋଇ ଯାଇଥିଲା । ବିବାହର ୧୦ ଦିନ ମଧ୍ୟରେ ସେ ଶୂଳ ରୋଗରେ ଆକ୍ରାନ୍ତ ହେଲା । କେତେ ଦିନ ପରେ ଡାକ୍ତର ପରୀକ୍ଷା କରିଯାଇ ଦେଖାଗଲା ଯେ ବାଳକାର ସ୍ତ୍ରୀଲିଙ୍ଗ ପରିବର୍ତ୍ତେ ପୁଂ ଲିଙ୍ଗ ହୋଇ ଯାଇଛି । ସାମାନ୍ୟ ଅସ୍ତ୍ର ଚିକିତ୍ସା ପରେ ଯୁବତୀଟି ବର୍ତ୍ତମାନ ଜଣେ ସୁନ୍ଦର ପୁରୁଷ ହୋଇ ପାରିଛି ।

---


କାନ୍ତ କବିଙ୍କର

ନୂତନ ଓ ପରିବର୍ଦ୍ଧିତ ସଂସ୍କରଣ

**ଜୀବନ ସଂଗୀତ**

( Song of Soul )

ଅପେକ୍ଷାରେ ରହନ୍ତୁ ।

---

**WANTED.**

A Sole agent to Sell "Dagaro" for Cuttack town For terms apply to.—

Dagaro Office
P. O. Bhadrak.
( B. N. Ry. )


Digitized by srujanika@gmail.com

( ଚିଲ୍ ଆଖିରେ ୬ଷ୍ଠ ପୃଷ୍ଠା ପରରୁ )

ଚରଖାରାଟରିତ ପନ୍ଥା ଅବଲମ୍ବନ କରିଅଛନ୍ତି । ମାତ୍ର ବିଲେଇ ଯେପରି ଆଖି ବୁଜି ଦୁଧ ପିଇଲେ ମଧ୍ୟ ଇଟାଲିର ଲୋକେ ଓ ଜଗତର ଜନତା ମୁସୋଲିନୀଙ୍କ ଦୁର୍ବୃତ୍ତିତାକୁ ପାସୋରି ପାରିବେ ନାହିଁ । ମୁସୋଙ୍କର ପତନ ହିଟଲରଙ୍କ ପତନର ଅଗ୍ରସର ବୋଲି ସ୍ୱତଃ ମନେହେବା ଅସ୍ୱାଭାବିକ ନୁହେଁ । ଏହା କି ସତ୍ୟଯୁଗର ଅସ୍ତମାରମ୍ଭ ?

× × × ×

ବଙ୍ଗଳାରେ ଗୋଟିଏ କଥା ଅଛି—"ଚୋରେ ଚୋରେ ଠେକାଠେକ ।" କଥାଟାର ଅର୍ଥ ଏହିକି, ଦୁଇଜଣ ସିଆଣିଆ ବା ଧୂର୍ତ୍ତ ଲୋକ ଲଢ଼ିଲେ ଦେଖଣାହାରଙ୍କୁ ବଡ଼ ମଜାଦାର ହୁଏ ।

ହିନ୍ଦୁ ମହାସଭା ଓ ମୁସଲିମ ଲୀଗ୍‌ର ନୀତି ଜାତି ଓ ଦେଶର ଉନ୍ନତି କରିବା ହେଲେ ମଧ୍ୟ ଦେଖିବାକୁ ଦୁହିଙ୍କର ରାସ୍ତା ପରସ୍ପର ବିରୋଧୀ । ଯଥା ଜଣେ ପାକିସ୍ଥାନବାଲା ଅପର ହିନ୍ଦୁସ୍ଥାନବାଲା । ଜଣେ ମୁସଲମାନ ସ୍ୱାର୍ଥ ରକ୍ଷକ, ଅପର ହିନ୍ଦୁସ୍ୱାର୍ଥ ରକ୍ଷକ । ମଝିରେ କଂଗ୍ରେସ ହିନ୍ଦୁ ବି ମୁସଲମାନ ବି—ଅର୍ଥାତ୍, ଯାହାକୁ କହନ୍ତି, ନୁହେଁ ହିନ୍ଦୁ କି ନୁହେଁ ମୁସଲମାନ । ମଝିରେ ପଡ଼ି କଂଗ୍ରେସ ହେଉଛି ଦୁଇଭାଗ—ଯେଉଁ ଦୁଇଭାଗ ହୁଏ, ଯେ ଦୁଇ ନାବରେ ଦିଏ ପା' ।

ଏଣେ ଜିନା ସାହେବ କଂଗ୍ରେସକୁ ହିନ୍ଦୁସ୍ଥାନ ବୋଲି କରନ୍ତି ଅବିଶ୍ୱାସ ଅଉ ବୀର ସାଭରକାରଙ୍କ ମତରେ କଂଗ୍ରେସ ମୁସଲମାନ ଖୋସାମଦିଆ ବୋଲି ରଖନ୍ତି ଅନାସ୍ଥା ।

ଫଳରେ କଂଗ୍ରେସ ପ୍ରତି ଖପ୍‌ପା ହେବା କଥାରେ ଜିନା ଓ ସାଭରକାର ଉଭୟଙ୍କର ଏକମତ । ଏଇ ଏକମତଟା ବର୍ତ୍ତମାନ ମେଳଚୂଳ ଖାଲି ନୁହେଁ, ମାତବର ବନ୍ଧୁତ୍ୱରେ ପରିଣତ ହେବାକୁ ବସିଲାଣି ।

\+ × × +

ଏବେ ଜିନା ଚୋରର ଶେଖରଙ୍କୁ, ସାଭରକାର ଚୋରର ଶିରୋମଣି । ଶୁଣାଯାଏ ଦୁହିଙ୍କ ଭିତରେ ଗୋଟାଏ ଅସ୍ଥାୟୀ ଆପୋଷ ସନ୍ଧି ହେବାର ହେଉଛି । କିଛିଦିନ ପାଇଁ ଦୁହେଁ ଦୁହିଙ୍କ ବିରୋଧଭାବ ମହଲତ ରଖି ମିଳିମିଶି ଯିବେ—ଅଉ ଏକଯୋଗରେ ହାତ ଧରାଧରି ହୋଇ ରାଜନୀତି କ୍ଷେତ୍ରକୁ ବାହାରି ପଡ଼ିବେ । ଏହା ଫଳରେ ସ୍ୱରଅଙ୍କେ ହିନ୍ଦୁ + ମୁସଲମାନ ସହଯୋଗ ( coalition ) ମନ୍ତ୍ରୀମଣ୍ଡଳ ମାନ ପ୍ରତିଷ୍ଠା ହୋଇଯିବ । କଂଗ୍ରେସ ତ ଗମ୍ଭୀର କଣରେ ଅଛି—ବିବାଦ କରିବାକୁ ଅଉ ବାହାରି ହଲକ ପାଇବ ନାହିଁ । ଅତଏବ ନବାବ ଓ ନବ୍ୱ'ଦରେ ଦେଶ ହୋଇଯିବ ସ୍ୱାଧୀନ । ତେଣିକି ପଛେ ଦେଖାଯିବ । ଅଣ୍ଟି ସବେ କନସାର୍ଟ ବଜାଇ ଜୋରସରେ ବୋଲ—

"କି ଜୟ, କି ଜୟ,
ଗାଅ ହିନ୍ଦୁ ମୁସଲମାନ କି ଜୟ !"

---

## କୁତୁକୁତୁ

ବାପ—ମୋର ପୁଅ ତନ୍ତୁ ଯେପରି ଉନ୍ନତି କରି କରି ଉପରକୁ ଗଲାଣି, ବାସ୍ତବିକ ମୋର ଭାରି ଗର୍ବ ହେଉଛି ।

ବନ୍ଧୁ—କଣ କରୁଛି କି ସେ ?

ବାପ—ପହିଲେ ସେ ଯୋତା ସଫା କରୁଥିଲା, ଆଜି-କାଲି ଖିଅର କରୁଛି ।

\+ × × +

ସତ୍ୟାନନ୍ଦବାବୁ—ତମ ଚେହେରା ତ ଭଲ ଦିଶୁନି । ତମେ ଛୁଟିରେ ଯାଉନ କାହିଁକି ?

କୈଳାସବାବୁ—ଯିବାକୁ ମୋର ଇଚ୍ଛା ଅଛି କିନ୍ତୁ ଅଫିସ ଛାଡ଼ିବାକୁ ସାହସ ହଉନି ।

ସତ୍ୟାନନ୍ଦବାବୁ—କାହିଁକି, ତମେ ମାସେ ପନ୍ଦରଦିନ ନ ରହିଲେ କି ଅଫିସକାମ ତ ବେଶ ସୁରୁଖୁରୁରେ ଚାଲିବ ।

କୈଳାସବାବୁ—ସେଇଆ ତ ହେଉଛି ଅସୁବିଧା । ମୁଁ ଏ କଥାଟା ସେମାନଙ୍କୁ ଜଣେଇଦବାକୁ ଚାହେଁନି ।

× + + +

ପ୍ରଥମ ବ୍ୟକ୍ତି—ଆପଣ କଣ ଭାବୁଛନ୍ତି ମୁଁ ଗୋଟାଏ ଓଲୁ ?

ଦ୍ୱିତୀୟ ବ୍ୟକ୍ତି—ମୁଁ ଏପର୍ଯ୍ୟନ୍ତ ଜାଣିନି । ମୁଁ ତ କମା ଏଠି କାଲି ଆସି ପହଞ୍ଚିଛି ।

( ଦେବ ମହାପାତ୍ର )

Digitized by srujanika@gmail.com

ସଜନା ଗଛମୂଳେ··· ·······'

# କିରାଣୀ ବିରହ

—ମଜାକବିତା—'

ଲେଖକ– ଶ୍ରୀ ନରେନ୍ଦ୍ର ମୋହନ ନାୟକ ।

ବରଷକ ଗଲା ଗଡ଼ି
ତଥାପି ନଇଲେ "ପର୍ବଣ-ପ୍ରିୟା" ମୋ
( ଖାଲି ) ଦିନଗଲା ଘଷି ଖଣ୍ଡ ।
ଆଖି ପାଣି ଯାକ ଆଖିରେ ମରୁଛି
ଚାହିଁ ଚାହିଁ ହରବଡ଼ି ।
ଜେଠେ ଯେ ନିଦାଘେ ମଳୟ ବହିଲା,
ବଇଶାଖ ଝାଞ୍ଜି ହୃଦୟ ଦହିଲା,
ଆଷାଢ଼ ରଜନୀ ବିଫଳେ ପାହିଲା ··
ତାଙ୍କ ପଥ ଚାହିଁ ଚାହିଁ···
ଏତେ କି ଠାଣୁଆ ନାରୀ-ହୃଦୟ ଗୋ
ତଥାପି ଆସିଲେ ନାହିଁ !! ୧ ।

ଶ୍ରାବଣର ବାରିଧାର—
ପରାଣେ ଉଚ୍ଛୁଳା-ପୀରତି-ଅସାର
ଘାଣ୍ଟିଲା ହୃଦୟ-ସାର !
ଶରତ ନିଶିର ପୁନେଇ ଜୋଛନା,
ହେମନ୍ତର ପ୍ରିୟା ଶେଫାଳି-ବାସନା
ମନରେ କରନ୍ତି ଅଶାନ୍ତ ରଚନା
ମୁହିଁ ତାଙ୍କ ପୋଡୁ ନାହିଁ···
'ପ୍ରିୟା' ପାଇଁ ମୁଁ ଯେ ଅପନ ପାଉଛି
ସେ କଥା ବୁଝିବେ କାହିଁ ? ୨ ।

ପଉଷ ମାସର ଜାଡ଼,
"ପ୍ରିୟାର" ଗରମ-ପରଶ-ବିହୁନେ
ଭାଙ୍ଗେ ମୋ ନରମ ହାଡ଼ !
ରାତି ଯାଉ ଖାଲି ଅନିଦେ କଟୁଛି,
"ପ୍ରିୟା-ଚିନ୍ତା" ମୋର ହୃଦୟ ଘାଣ୍ଟୁଛି ।
ଏ ବିରହ-ଜ୍ୱାଳା ଦେଲେ କାଇଁ ପ୍ରଭୁ
ମୋ ଭଳି ରସିକ ଜନେ ···।
ସାରା ଜୀବନଟା ପୋଡ଼ି ଜାଳି ଗଲା
କେବଳ ଜଣିକ ବିନେ ! ୩ ।

ଅହେ "ମେଟ୍ରି-କୁଲେ-ଶନ !"
ତୁମେ ପର (ମୋ) ନାଁଅ ସାଥିରେ ଥିବାରୁ
ଟେକୁ ନାହିଁ ପ୍ରିୟା ମନ !
ହୋଇଥାନ୍ତି ଯଦି ଜଣେ ଏମ୍: ଏ: ବି: ଏ:,
ନହାତ ଅନ୍ତତଃବେ ଆଇ ଏସ୍‌ସି ଆଇ: ଏ:,
ମାନସ-ପ୍ରିୟା ମୋ କୁନ୍ତଳ ଆସନ୍ତା
ଖେଳାଇ ମଞ୍ଜୁଳ-ବେଣୀ···
ମୁନିଅ ମୁନିଅ-ଗୁଚ୍ଛ-ଗୁହାଣୀରେ
ହାଣନ୍ତା ହୃଦୟ ଠାଣି !! ୪ ।

ତଥାପି ଚାହିଁଛି ପଥ···
ତାଙ୍କ ବଚନ "ଚିର-କୁମାରି" ରହିବ
କଲିଣି ଜୀବନ ବ୍ରତ ।
ଫାଇଲ୍ କପି କର କାଞ୍ଛରେ ହେଲେ
ଭୁଲିବି ତୁମକୁ ସତ ।
ଏମନ୍ତେ ହେଲଣି ହାତାଙ୍ଗୁଳି ବଥା,
କଲମର ମୁନ ହୋଇଲଣି ଟେଣ୍ଟା,
ବିରହ-କବିତା, ପ୍ରେମର-ଚିଠାଉ
ଲେଖି ଲେଖି ଶେଯ ପାଖେ
ତେବେବି ନିଲଠା ଅଶା ଛାଡ଼ୁ ନାହିଁ
ଖୋଦାର ମରଜି ଆଶେ !! ୫ ।

Digitized by srujanika@gmail.com

# କାଳିଆ ବଳଦ ଗଲ୍ପ ଗଲ୍ପ..........

ସଂଗ୍ରାହକ:—ଶ୍ରୀ ଦେବ ମହାପାତ୍ର

ଦୁଇବନ୍ଧୁ ବସି ଗପ କରୁଥିଲେ ।

୧ମ ବ୍ୟକ୍ତି—"ହଁ, ମୁଁ ରାତି ଗୋଟାଏ ବେଳେ ଆସି ଘରେ ପହଞ୍ଚିଲି, କବାଟ ଖୋଲି ଘରକୁ ଗଲି, ଦେଖିଲି ଯେ କେହି ଜଣେ ଅପରିଚିତ ଲୋକ ମୋର ସ୍ତ୍ରୀକୁ ଚୁମା ଦେଉଛି । ମୁଁ ଦାଣ୍ଡ ଆଡେ ଦୌଡି ପଳେଇ ଗଲି । ରାତି ଦୁଇଟା ବେଳେ ପୁଣି ଆସିଲି, ଖୁବ ଧୀରେ କବାଟ ଖୋଲିଲି ସେଇ ଲୋକଟା ସେମିତି ମୋର ସ୍ତ୍ରୀକୁ ଚୁମା ଦେଉଥିଲା । ସେଇ ଯୋଗୁଁ ମୁଁ ଫେର ଦୌଡି ପଳାଇଲି ଦାଣ୍ଡକୁ । ରାତି ଅଢ଼େଇଟା ବେଳେ ଫେର—"

ଆର ଜଣକ କହିଲା—ରହୁଥା, ରହୁଥା, ତମେ ଏମିତି ଦାଣ୍ଡଆଡେ ଧାଇଁ ପଳଉଥିଲ କାହିଁକି ? ତମେ କଣ ଘର ଭିତରକୁ ସିଧା ପଶି ମାରି ପାରୁ ନଥିଲ !"

ଗପୁଛି ଲୋକଟା ରାଗିଗଲା, କହିଲା—"କଣ କହୁଛ ! ଘର ଭିତରକୁ ପଶି ଯାଇ ଥାନ୍ତି ଆଉ ଏତେ ରାତିରେ ଲୋକଙ୍କଠୁ ବୋଲି ଭାବିବା ଆଗରେ ଧରା ପଡ଼ିଥାନ୍ତି ! ବାଃ ବୁଦ୍ଧି !!"

\+ × +

ପୁଅ ଅଙ୍କ କଷୁ କଷୁ ଅଟକି ଗଲା । ବାପା କହିଲେ—"କଣ ହେଲା ? ପ୍ରଶ୍ନଟା ପଢ଼ ଜୋର ପାଟିରେ ।"

ପୁଅ—(ପଢ଼ିଲା) ଜଣେ ଲୋକ ତାର ଭାର୍ଯ୍ୟାକୁ ଘରଖର୍ଚ୍ଚ ପାଇଁ ଗୋଟିଏ ଟଙ୍କା ଦେଲା । ତାହା ଘର ଖର୍ଚ୍ଚକୁ ନିଅଣ୍ଟ ହେବାରୁ ସେ ତାର ସ୍ୱାମୀକୁ କହିଲା—"

ବାପ—ଏଇଟାତ ଗଣିତ ପ୍ରଶ୍ନ ନୁହେଁ, ଏତ ପ୍ରାଚୀନ ଇତିହାସ ।

\+ + +

ବାପ ଏ ସପ୍ତାହରେ କିଏ ସବୁଠୁଁ ଭଲ ବ୍ୟବହାର କରିଛି ଏବଂ ବୋଉ ଯାହା କହୁଛି କିଏ ସବୁଠୁଁ ବେଶୀ ଶୁଣିଛି ?

ପିଲାଏ - ବାପା ତୁମେ । + ×

ସ୍ତ୍ରୀ—ତମେ ଦୁଇଶ ଟଙ୍କା କମେଇଛ ଶୁଣି ମୋ ବାପା କଣ କହିଲେ ?

ସ୍ୱାମୀ—ସେ ଟଙ୍କା ଟା ଉଧାର ନବାକୁ ଚାହିଁଲେ ।

\+ × +

ଦୋକାନୀ—କାଲି ଆପଣଙ୍କୁ କେତେ ଅର୍ଡର ମିଳିଲା ?

ଏଜେଣ୍ଟ—ମୁଁ ଗୋଟାଏ ଦୋକାନରେ ଦୁ'ଟା ଅର୍ଡର ପାଇଲି ।

ଦୋକାନୀ—କଣ କଣ ?

ଏଜେଣ୍ଟ - ପ୍ରଥମ ଅର୍ଡର ହଉଛି 'ନିକଲ୍ ଯାଓ' ଦ୍ୱିତୀୟ ଅର୍ଡର ହଉଛି "ବାହାରେ ଯାଇ ଠିଆ ହୁଅ ।" × +

ଶିକ୍ଷକ—ମଧୁ ତୁ ଆଜି ମୁଣ୍ଡ କୁଣ୍ଡେଇ ଆସିନୁ କାହିଁକି ?

ମଧୁ—ପାନିଆ ନ ଥିଲା ସାର୍ ।

ଶିକ୍ଷକ—ବାପାଙ୍କ ପାନିଆ ନେଲୁନାହିଁ କାହିଁକି ?

ମଧୁ—ବାଳ ନାହିଁ ସାର୍ ।

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ

କବିକେତୁ ଦୁର୍ବଳାସୂତ୍ର ମଟରକାର ବିରଚିତ

## ( ଝ )

ଝଂଚେଡ଼ା ମାଏ ଝେଲୁଝର ଓଲୁ ।
ଝୁଣ୍ଟି ଝାମା, ଚୋଡ଼ ରଡ଼େ ଝେଲୁ ॥
ଝିଙ୍କାଝିଙ୍କି କର ନୋହିବ ଫଳ,
ଝଠାପଠା ଲାଗି ହଟିବ ବଳ ।
ଝୁଙ୍କ ଛାଡ଼ ଏବେ ମୋ ବୋଲ କର,
ଝୁଠା କଥାଠାକୁ ମନେ ନ ଧର ।
ଝାଲ. ବୁହା ସିନା ହୋଇବ ସାର,
ଝରିବ ଆଖିରୁ ଲୋତକ ଧାର ।
ଝାଞ୍ଜିର ମୁହଁକୁ ନାହିଁ କି ଲାଜ,
ଝିଠ ପଣ ଏବେ ଝଠଡ ତ୍ୟଜ ।
ଝୁଣା, ପଣା, ବଳ ମନାସ କଲେ,
ଝାଡ଼ଖଣ୍ଡୀ ଦୟା କରିବେ ଭଲେ ।

ହେ ନାଗର, ତୁମ୍ଭେ କୁଆଡ଼ୁଟେ ଭୁଲା ପଥରେ ମୁଣ୍ଡ କଚାଡ଼ ହେଉଛ ସିନା । ସେ ଯେଉଁଭଳି ଜବର ଝୋକା, ଆମପରି ଲୋକ କଣ ତାକୁ ମଙ୍ଗାଇ ପାରିବ ? ମୁଁ କହୁଛି ସେ ଆଶା ଛାଡ଼ିଦିଅ । ଯେହିପରି କୁଞ୍ଚ, ସାଧନା କର କର ଝାଡ଼ଖଣ୍ଡୀଙ୍କୁ ସନ୍ତୋଷ କରି ପାରିଲେ କେଜାଣି କଣ ହୋଇପାରେ ଅବା ।

ଏହା ଶୁଣି ଚଟକଚନ୍ଦ୍ର କହିଲେ—

## ( ଞ )

ନ ଭାଙ୍ଗରେ ଶୁଖାଙ୍ଗ ଭରସା ହୁଅ ସାହା,
ନାଉରି ନୋହିଲେ ନ୍ତହ ନିହାତି ଜାଣିଥା ସହି
ନଡ଼ବଡ଼ ହୋଇଯିବ ନାହା । ୧ ।
ନାକରୁ ନେଉଳ ପାଣି ନଉକର ବୋଲି ଜାଣି
ନଗାଡ଼ି ପିଅ ଝୋପେ ଘ୍ରହା । ୨ ।
ନିଶାକାଳେ ଥରେ ତାକୁ ନିରୋଳାରେ ଭେଟିବାକୁ
ନିଠାଇ ବତାଇ ଦିଅ ରାହା । ୩ ।
ନିଷ୍ଟୟ କହିଲି ତୁମ୍ଭେ ନାଗରୀ ବାଜିବ ହାତେ
ନକା ହେବି—ନ ହୋଇବ ବାହା ।

ତୁ ଯେତେ ଯାହା କହିଲେ ହେଁ ଛାଡ଼ୁଛି କିଏ ? ଏକମାତ୍ର ତୋ ହାତ ଛଡ଼ାଅରେ ମୋ କାମ ହାସଲ ହେଲେ ହେବ । ମୁଁ ତ ଏମନ୍ତ ଝଙ୍କମାନ କରି ସାରିଛି ଏତେବେଳେ ଆଉ ମଝି ଦରିଆରେ ଭସାଇ ଦେ'ନା—ସଖି, ମୁଁ ଜବାବ ଦେଉଛି ତୁ ଯାହା କହିବୁ ତାହା କରିବି ।

ଏହାଶୁଣି ସ୍ୱାଧୀନା କହିଲେ—

## ( ଟ )

ଠଙ୍କାରକୀ ଭ୍ରୂ ସରକୀ ବାସବ
କୋଦଣ୍ଡରୁ ଶ୍ରେଷ୍ଠ ଧନୁ,
ଠାଣ କରି ଏକା କାମ ମାରେ ଠେକା
ତୁମ୍ଭଙ୍କୁ, କି କଲା ହନୁ ? ଠୋ
ଠେଠେରକ ଠେଠେଇ ଘୁଷୁରି କରିବା
ଠିକୀଏ ନାହିଁ କି ଡର,
ଠାକୁଅଛି ରହି ଠେକିନେବା ପାଇଁ
ଠୋକାକୁ ଅପଣା ଘର ।
ଠାଉରେ ଠାକୁ ଠାହୁଲି ଠାପରି
କରୁଅଛି ଠାକି ମାରି,
ଠାବା ଘାତର (ସେ) ବୁଝିଛି ମାତର
ଜାଣିଥାଅ ଭଲ କରି ।
ଠାଉଠାଉ ହୋଇ କେତେ ଯାଅ କହି
ଠୁଙ୍କାରି ଠୁଙ୍କାରି ମୁହିଁ,
ଠିପି ଦେଲେ ସେହି ଠାକୁଅ ଗଳିକୁ
ପିଠିବ ନାହିଁ ଠି ତୁହି ।

ସେ ତ ବେପର୍ଦ୍ଦା ଅଧୁନିକା କିଶୋରୀ—ତାକୁ ହାଟ ବଜାରରେ କିଏ ବା ଦେଖୁନାହିଁ ? ଥରେ ମନ ଦେଖି ତୁମ ଝୁଲୁରେ କହିବ କାମନାଣ ସିଦ୍ଧି ହୋଇଗଲା ମ ? ମାତ୍ର ତୁମ୍ଭ ଯେଉଁ ମତଲବ ଅଛିଛ ତାହା ସଫଳ ହେବ ନାହିଁ ଜାଣିଥା—କାରଣ ତା ଆଗରେ ତୁମ୍ଭେ ଅତି ନଗଣ୍ୟ, ହୀନମାନଅ ।

ଏହାଶୁଣି ଚଟକଚନ୍ଦ୍ର କହିଲେ—

( ୦ ଅଦ ଟୀତକୁ ଠାକ ଦେଲୁ )

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି........

## ଶ୍ରୀମତୀ କମଳା ନେହେରୁ

ନାଗବନ୍ଧୁ

ସ୍ନେହର ନାତିଭାଇ ଭଉଣୀଏ, ପ୍ରଣାମ।

ଆପଣମାନେ ସ୍ୱାଧୀନ ଦେଶର ବିଖ୍ୟାତ ନେତା ଜବାହରଲାଲଙ୍କୁ ଜାଣିଥିବେ। କମଳା ନେହରୁ ମହାମନା ପଣ୍ଡିତ ଜବାହରଲାଲ ନେହେରୁଙ୍କର ସହଧର୍ମିଣୀ। ସେ କାଶ୍ମୀରର ଉଚ୍ଚ ବ୍ରାହ୍ମଣ ବଂଶରେ ଜାତ ହୋଇଥିଲେ। ତାଙ୍କର ପିତା ଜଣେ ବିଖ୍ୟାତ ଧନୀ ଥିଲେ। ସତର ବର୍ଷ ବୟସରେ ସେ ଜବାହରଲାଲଙ୍କ ସଙ୍ଗେ ପରିଣୟ ସୂତ୍ରରେ ଆବଦ୍ଧ ହୋଇଥିଲେ।

**ଉଦ୍ଦେଶ୍ୟ —**

(୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

ବିବାହ ପରେ ଯେତେବେଳେ ସେ ଶ୍ୱଶୁରଗୃହକୁ ଆସିଲେ ସେତେବେଳେ ତାଙ୍କର ସ୍ୱାମୀ ଓ ଶ୍ୱଶୁର ବିପ୍ଳବାତ୍ମକ ଗଣ ଆନ୍ଦୋଳନରେ ଯୋଗ ଦେଇଥିଲେ। ଏଣୁ ତାଙ୍କର ଜୀବନର ପ୍ରଧାନ ଭାଗ ଭାରତ ଇତିହାସର ଛିମୁଲ ବିପ୍ଳବାତ୍ମକ ଗଣ ଆନ୍ଦୋଳନ ମଧ୍ୟରେ ଅତିବାହିତ ହୋଇଛି। ସେ ଜଣେ ନିସ୍ୱାର୍ଥପର କର୍ମୀ ଥିଲେ ମଧ୍ୟ ଜବାହରଲାଲଙ୍କ ନାଁ ବ୍ୟତୀତ ଜନସାଧାରଣ ତାଙ୍କ ନିଷ୍ଠା ଓ ବ୍ୟକ୍ତିତ୍ୱ ବିଷୟରେ ଅଜ୍ଞ।

କମଳା ସ୍ତ୍ରୀ ସ୍ୱାଧୀନତାର ପକ୍ଷପାତୀ ଥିଲେ ଏବଂ ନାରୀ ଯେ ପୁରୁଷ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଏ କଥା ଆଦୌ ସ୍ୱୀକାର କରୁ ନ ଥିଲେ। କିନ୍ତୁ ହିନ୍ଦୁ ନାରୀର ପତିଭକ୍ତି ଓ ପତିଗତପ୍ରାଣ ହେବା ଆଦର୍ଶକୁ ସେ ଛାଡି ପାରି ନ ଥିଲେ। ୧୯୩୧ରେ ଜେଲ ଗଲାବେଳେ ସେ କହିଥିଲେ ଯେ "ମୋ ସ୍ୱାମୀଙ୍କ ପଦାଙ୍କ ଅନୁସରଣ କରି ମୁଁ ଆଜି ଧନ୍ୟ ହୋଇଛି।"

ସତ୍ୟାଗ୍ରହ ଆନ୍ଦୋଳନ ସମୟରେ କମଳା ପୁରୁଷ ବେଶ ଧାରଣ କରି ସ୍ୱେଚ୍ଛାସେବିକାମାନଙ୍କୁ ଡ୍ରିଲ ଶିଖାଉଥିଲେ। କୌଣସି ଦାୟିତ୍ୱପୂର୍ଣ୍ଣ ବା କଠିନ କାର୍ଯ୍ୟରେ ସେ ଆଗଭର ହୋଇ ବାହାରୁଥିଲେ। ସ୍ୱେଚ୍ଛାସେବିକାମାନଙ୍କୁ ସେ ନିଜ ଆଦର୍ଶ ଦ୍ୱାରା ଏପରି ଅନୁପ୍ରାଣିତ ଓ ଉନ୍ମାଦିତ କରୁଥିଲେ ଯେ, ଜବାହରଲାଲ ମଧ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ।

ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ତାଙ୍କର ସ୍ୱାସ୍ଥ୍ୟହାନି ଘଟିଲା। ୧୯୨୦ ସାଲରେ ସେ ସ୍ୱାସ୍ଥ୍ୟ ପରୀକ୍ଷା ଉଦ୍ଦେଶ୍ୟରେ ଜବାହରଲାଲଙ୍କ ସଙ୍ଗେ ଇଉରୋପର ସ୍ୱିଜରଲାଣ୍ଡକୁ ଯାଇଥିଲେ ଏବଂ ସେଠାରୁ ପ୍ୟାରିସ୍ ବର୍ଲିନ ଓ ମସ୍କୋକୁ ଯାଇ ଭାରତକୁ ଫେରିଆସିଲେ। ଏହା ପରେ ତାଙ୍କର ସ୍ୱାସ୍ଥ୍ୟର ଯଥେଷ୍ଟ ଉନ୍ନତି ହେଲା।

କମଳା ନିଜ ସ୍ୱାମୀଙ୍କୁ କଦାପି ଅଯଥା ପ୍ରଶଂସା କରୁ ନଥିଲେ। ତାଙ୍କ ସ୍ୱାମୀଙ୍କ ପକ୍ଷରେ ଯାହା ଅସ୍ୱାଭାବିକ ବୋଲି ଲୋକେ ଭାବୁଥିଲେ କମଳା ତାହା ତାଙ୍କ ପକ୍ଷରେ ଏକାନ୍ତ ସ୍ୱାଭାବିକ ବୋଲି ମନେ କରୁଥିଲେ।

Digitized by srujanika@gmail.com

ଜହରଲାଲ ଥରେ ତାଙ୍କ କନ୍ୟା ଇନ୍ଦିରାଙ୍କ ପାଖକୁ ଲେଖିଥିଲେ—"ଜଣେ ଖୁବ୍ ସାହସୀ ଓ ଅଦ୍ଭୁତ ଶକ୍ତି ସମ୍ପନ୍ନା ରମଣୀଙ୍କୁ ମାତା ରୂପେ ପାଇ ତୁ ଭାଗ୍ୟବତୀ ହୋଇଛୁ ।" ଏଥିରୁ କମଳାଙ୍କ ପ୍ରତି ଜହରଲାଲଙ୍କ ସମ୍ମାନ ଓ ଶ୍ରଦ୍ଧା କେତେଦୂର ଦୃଢ଼ ତାହା ବେଶ ଜଣା ପଡ଼େ ।

୧୯୩୪ ଠାରୁ କ୍ଷିପ୍ର ଗତିରେ କମଳାଙ୍କର ସ୍ୱାସ୍ଥ୍ୟ ଭଙ୍ଗ ହେଲା । ତାଙ୍କର ଅବସ୍ଥା ଏପରି ଗୁରୁତର ହେଲା ଯେ ସରକାର ଜହରଲାଲଙ୍କୁ କିଛିଦିନ ପାଇଁ ଜେଲରୁ ଖଲାସ କରିଦେଲେ । ଇନ୍ଦିରା ମଧ୍ୟ ଶାନ୍ତି ନିକେତନରୁ ଆସିଲେ । ୧୧ ଦିନ ସେବା କରି ସାରିଲା ପରେ ଜହରଲାଲ୍ ପୁନରାୟ ଜେଲ୍‌କୁ ଗଲେ । ଏହାପରେ କମଳା କନ୍ୟା ଇନ୍ଦିରା ଓ ପରିବାର ଚିକିତ୍ସକଙ୍କ ସହିତ ସୁଇଜରଲାଣ୍ଡର ବାଡେନୱାଇଲର ଠାକୁ ଗଲେ । କିଛିଦିନ ପରେ ଏହିଠାରେ ୧୯୩୬ ରେ କମଳା ଇହଧାମ ତ୍ୟାଗ କଲେ । ମୃତ୍ୟୁ ପୂର୍ବରୁ ଜହରଲାଲ୍ ମଧ୍ୟ ସେଠାକୁ ଯାଇଥିଲେ ।

ଜହରଲାଲ୍ ତାଙ୍କ ଆତ୍ମ ଚରିତ ଏହି ଦେଶପ୍ରାଣା ରମଣୀଙ୍କୁ ଉତ୍ସର୍ଗ କରିଛନ୍ତି । ବର୍ତ୍ତମାନ ପଣ୍ଡିତ ଜହରଲାଲ୍ ଚିରଦିନ ପାଇଁ କମଳାଙ୍କ ସାହାଚର୍ଯ୍ୟ ଓ ପ୍ରେରଣାରୁ ବଞ୍ଚିତ ।

କୁମାରୀ ନନ୍ଦିନୀ
୪୪୫ ନଂ ନାଗ

---

## ସ୍ରଷ୍ଟା

ସୁରଭି କୁସୁମ ଫୁଟେ ମଉଳିବା ପାଇଁ,
ପାର୍ଥିବ ପଦାର୍ଥେ ଚିରକାଳ ସ୍ଥିତି ନାହିଁ !
ସୁଖ ଆସେ ମନୁଷ୍ୟର ସଂସାର ଜୀବନେ,
ଦଗ୍ଧିବାକୁ ତିଳେ ତିଳେ ଦୁଃଖର କଷଣେ ।
ଜନ୍ମ ପଛେ ରହିଅଛି ମୃତ୍ୟୁ-ମହାକାଳ,
ଯୌବନ-ନଉକା ଗ୍ରାସେ ଜରା-ପାରାବାର !
ବିରହ ଘଟଇ ପ୍ରାଣେ ପ୍ରଣୟ ବର୍ଦ୍ଧନେ,
ମିଳନର ମଧୁମୟ ସ୍ମୃତି ଆକର୍ଷଣେ ।
ଅଶ୍ରୁ ଆସେ ନୟନରେ ପ୍ରବୋଧନା ପାଇଁ,
ଲାଘବ କରଇ ଦୁଃଖ, ଅଶ୍ରୁ ବନ୍ଧୁ ହୋଇ ।
ବସନ୍ତ ଆସଇ ଏଥେ ସହି ଶୋଭାଧାରେ,
ନିବାବେଳେ ରଖିଯାଏ ରୌଦ୍ର-ତାପ-ଭରେ !
ପ୍ରେମ ଆଣେ ସରସତା ପ୍ରତି ପ୍ରାଣେ ପ୍ରାଣେ,
ହଳାହଳ ରଖିଯାଏ ପ୍ରତି-ଆଗମନେ ।
କି ସୁନ୍ଦର ସୃଷ୍ଟି ତବ ଅହେ ବିଶ୍ୱ ସ୍ରଷ୍ଟା,
ଭଲ-ମନ୍ଦ, ଏ ଦୁଇରେ ବିଶ୍ୱର ପ୍ରତିଷ୍ଠା !

ଶ୍ରୀ ନରେନ୍ଦ୍ରମୋହନ ରାୟଚ
୧୭୨ ନଂ ନାଗ

---

## ନୂଆ ନାଗଙ୍କ ନାମ

୪୫୯ । ଶ୍ରୀ ବୈରାଗୀ ଚରଣ ମିଶ୍ର, ସା; କଳାରହାଙ୍ଗ, ପୋଃ ଡାରା, (P. O. Dara) ଜିଃ କଟକ

୪୬୦ । ଶ୍ରୀ ରବୀନ୍ଦ୍ରନାଥ ଦାସ, C/o ଶ୍ରୀ ଉପେନ୍ଦ୍ର ନାଥ ଦାସ, ପୋଲିସ ଅଫିସ, ପୋଃ ବାରିପଦା, ମୟୂରଭଞ୍ଜ ଷ୍ଟେଟ ।

୪୬୧ । ଶ୍ରୀ ଶତ୍ରୁଘ୍ନ ଦାସ, C/o. D. Das.
101/1 Clive Street Calcutta.

୪୬୨ । ଶ୍ରୀ କାହ୍ନୁଚରଣ ଖୁଣ୍ଟିଆ ,,

୪୬୩ । ଶ୍ରୀ ଜୟରାମ ମହାକୁଲ ,,

୪୬୪ । ଶ୍ରୀ ଗଙ୍ଗାଧର ମହାକୁଲ ,,

୪୬୫ । ଶ୍ରୀ ରଙ୍ଗାଧର ପାଣ୍ଡବ
C/o J, B. Paudaba ,,

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲି:

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀୟ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛନ୍ତି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୬ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

**ସୁଦୃଢ଼ତାର ପରିଚୟ—**

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ତେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସର୍ବତ୍ର ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
ସେକ୍ରେଟେରି

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗାନାଇଜର


Digitized by srujanika@gmail.com

# Dagaro


୭ମ ବର୍ଷ

୬ଷ୍ଠ ସଂଖ୍ୟା

**Utkal's most popular Fortnightly**
**OF**
**LIGHT, LEAD & LAUGHTER.**

ଶ୍ରାବଣ

ଦ୍ୱିତୀୟାର୍ଦ୍ଧ




ସମ୍ପାଦକ

## ଶ୍ରୀଲକ୍ଷ୍ମୀକାନ୍ତ ମହାପାତ୍ର

ରାଜସଂସ୍କରଣ

ବାର୍ଷିକ ପାଞ୍ଚଟଙ୍କା

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର — ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ଚକ୍ରୁତ ଚିହ୍ନ, ହସ୍ତାଙ୍ଗୁଳି ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବନ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫ ୮ ୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ୫୨୯ଙ୍କା ମାତ୍ର ୫ ୨ ୯ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ
**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ
ଆଲମଚାନ୍ଦ ବଜାର, କଟକ ।

---

## ଡଗର ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷ ଠାରୁ 'ଡଗର' ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩୪ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଗଣ୍ଡିଏ ଡଗର ଦୁଇଅଣା ଦେଇ ପାଇ ପାରିବେ ।

୪ । ଡଗର, ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ," 'ଡଗର' ପୋଃ ଭଦ୍ରକ ( B. N. R. ) ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକଟିକଟ ନ ଥିଲେ କବିତା, ପ୍ରବନ୍ଧ ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---

ପରିଚାଳନା ସମ୍ପାଦକ—**ଶ୍ରୀ ହରିମୋହନ ଦାସ ।**

Digitized by srujanika@gmail.com

୭ମ ବର୍ଷ
ଷଷ୍ଠ ସଂଖ୍ୟା
ଶ୍ରାବଣ ଦ୍ୱିତୀୟାର୍ଦ୍ଧ
ତା' ୧୬-୮-୪୩ ରିଖ

# ଡଗର

## ହୁକା ହୁକା ହୁଆ
( ବିଲୁଆ ବିଗୁର )

— ପାକ୍ଷିକ —
ବାର୍ଷିକ — ଟ ୩॥
ପୃଷ୍ଠ ସଂଖ୍ୟା — ୨୦୭
ରେଜିଷ୍ଟ୍ରେଶନ — ୨୫୮

ସତ୍ୟଯୁଗ ହୋଇଗଲା । ଆମେ ଯାହା ଯେ ହୁଇଟା ଯୋଗ ଭୋଗ ଅମଳ କରି ପାରିଲୁଁ ସେଥିକୁ ଆମର, ଅର୍ଥାତ୍ 'ଡଗର' ଓ ତାର ପାଠକ ପାଠିକା ମାନଙ୍କର ପରମ ସୌଭାଗ୍ୟ । କଳ୍କୀ ଅବତାରଙ୍କ ଘୋଡ଼ାଟାପୁ ତଳେ ନ ପଡି ତାଙ୍କ ଖଣ୍ଡାମାଡ଼ ହାତରୁ ଖସିରି ଯାଇ ଆମେ ଯେ ବଞ୍ଚି ଯାଇଛୁଁ, ଏଥିରୁ ସଫା ପ୍ରମାଣ ଯେ ଆଉ ଯେ ହୁଅନ୍ତୁ ବା ନ ହୁଅନ୍ତୁ—ଅନ୍ତତଃ 'ଡଗର' ଓ ତାର ପରିବାର ବର୍ଗ (ପାଠକ ପାଠିକା ) ମ୍ଲେଚ୍ଛ ତ ନୁହନ୍ତି, ଆଉରି ସତ୍ୟବନ୍ତ, ସଜ୍ଜନ ଅଟନ୍ତି ।

ଏଥିପାଇଁ ଆଜି ନବସତ୍ୟଯୁଗର ଆରମ୍ଭରେ ଆମ୍ଭେମାନେ ଡଗରର ସ୍ୱଜନ, ପରିଜନ ବୃନ୍ଦଙ୍କୁ ଶୁଭ ଅଭିବାଦନ ଜଣାଉଛୁଁ ଓ ଭଗବାନଙ୍କୁ ଡାକୁଛୁଁ ସେମାନେ ଏହିପରି ନିରାମୟ ଶରୀର ନିଶ୍ଚିନ୍ତ ମନରେ ଏହିପରି ଆଉରି କେତେ ଯୁଗ ଡଗରର ଅମୃତରସ ଆସ୍ୱାଦନ କରି ଅମର ହୋଇ ରହିଥାଆନ୍ତୁ ।

× + × +

ହାଟ ଲଣ କରିବ କରିବ ବୋଲି ଯେଉଁମାନେ ପାଟ ଆଁ କରି ଗୁହଁ ରହିଥିଲେ, ସେମାନେ ଗୋଟାଏ ଫସ୍‌କରେ ଉଡ ନ ଯାଆନ୍ତୁ ପଛକେ, ପାଟ ଅମୃଳା କରି ମୁହଁ ମୋଡ଼ି ଦେଲେଣି । ଆମ ବଡ଼ଲାଟ ସାହେବ ଶେଷ ବଖତରେ ଗୋଟାଏ କିଛି ଏମିତି ଟିକ ବଦାନ୍ୟ ଉପହାର ଦେଇଯିବେ ଯେ, ଯାହାକୁ ଭାରତଜନେ 'ମୁମର ମୁମର, ଚିରଦିନ ହେଉଥିବେ ଝୁରି' ବୋଲି ଅନେକେ ଆଶା କରି ରହିଥିଲେ । ମାଇ ଲର୍ଡ ମଜଲୁର ଏଥର ମୁଧା ସେଇ ପୁରୁଣା ପୋଥିରୁ ଦୁଇପଦ ଉଲଟାଇ ଦେଇ ସମସ୍ତଙ୍କର ମନର ଟାଙ୍କୁ ମାରି ଦେଇଛନ୍ତି ।

ଆମେ କହୁଛୁଁ, ହେ ଭାଇମାନେ, ହତାଶ ହୁଅନାହିଁ, ଆଶା ବାନ୍ଧି ରହିଥା । ଆଶା ବୈତରଣୀ ନଦୀ । ତାର ଧାର ଶୁଖେନାହିଁ । ବିଖ୍ୟାତ ସାହାରା ମରୁ ଭୂମିଙ୍କୁ "ଓଏସିସ" ଭାରତ ମରୁରେ କି ଭେଳକି ଦେଖାଉଛନ୍ତି, ସେଥିପାଇଁ ମନମରା ନ ହୋଇ ଟାଙ୍କ ବସିଥା ।

× + × ×

ଆମ ପାଟମନ୍ତ୍ରୀ ଗଜପତି ମହାରାଜା ଆଉ ଯାହା ହୁଅନ୍ତୁ— ସେ ଜଣେ ଯେ ବଡ଼ ଲଢ଼ୁଆ ଏଥିରେ ସନ୍ଦେହ ନାହିଁ । 'ମରଣେ ରଣେ ବା' ପଣ କରି ରଣ କ୍ଷେତ୍ରେ କରିବା ତାଙ୍କର ନୀତି । ଯାହାଙ୍କ ବାପ ଅଜା ଗଙ୍ଗା ଗୋଦାବରୀ କରିଥିଲେ, ସେ ସାମାନ୍ୟ ଲଢେଇରେ ହଟିବା ପାତ୍ର ନୁହନ୍ତି । ତାଙ୍କର ଚେଷ୍ଟାରେ ଓଡ଼ିଆ ଭଲ ହେଉ ମନ୍ଦ ହେଉ ଆପଣାର ଖାସ ପ୍ରଦେଶ ପାଇଛନ୍ତି । ଏବେ ଓଡ଼ିଶାର ଏ ଦୁର୍ଦ୍ଦିନରେ ସେ ପୁଣି ଆଗରୁ ହୋଇ ଏବେ ଖାଦ୍ୟ ରଣରେ ପୁରୁଷୋତ୍ତମଦେବ ପଦ୍ମାବତୀଙ୍କୁ ଆଣିଲା ପରି କେଜୁଲକ୍ଷ୍ମୀ ହାସଲ କରି ଆଣିଛନ୍ତି । ଓଡ଼ିଶା ଯେଉଁ ଅବାଧ ବାଣିଜ୍ୟ ହୁକୁମ ଦ୍ୱାରା ସଦ୍ୟ ମରଣକୁ ବରଣ କରିଥିଲା, ତାହା ମହାରାଜାଙ୍କ ଉଦ୍ୟମରେ ରଦ୍ ହୋଇ ଯାଇଛି । ଓଡ଼ିଆ କଞ୍ଚାଦାନ ହେଲେ ବଞ୍ଚି ରହିବାର ଆଶା ଦେଖାଗଲା । ଏଥିପାଇଁ କୋଟି ଓଡ଼ିଆ ମହାରାଜାଙ୍କ ଜୟଗାନ ନ କରି ରହିବେ ନାହିଁ ।

× × + +

ଗଲା କାଲି ଶେଷରେ ପଞ୍ଚଗ୍ରହକୂଟ ବଖତରେ ଗୋଟାଏ କିଛି ଅଘଟଣ ଘଟିବ ବୋଲି ସମସ୍ତେ ଆତଙ୍କମିଶ୍ରିତ କୌତୂହଳରେ ଗୁହଁ ବସିଥିଲେ—ଏବଂ ସେପରି କିଛି ନ ହେଲା ବୋଲି ନିରାଶ ବି ହୋଇଥିଲେ ଅନେକେ । ଏବେ ସେମାନେ ଶୁଣି ଖୁସି ହେବେ ଯେ ସମ୍ପୂର୍ଣ୍ଣ ନ ହେଉ ପଛକେ ସ୍ଥାନେ ସ୍ଥାନେ ଅନାଧୁନିଆ କୁଟି ଦେଇ ଯାଇଛି । ଅଜମେର-ମାରୱାଡ଼ରେ ବନ୍ଧ୍ୟାଲେଖ ବନ୍ୟାରେ ମରିଛନ୍ତି । ବାକି ଉତ୍ତର ବାଲେଶ୍ୱର ଅଞ୍ଚଳରେ ପୁଣି ଦୁର୍ଭିକ୍ଷ କୂଟ ପଡ଼ି

Digitized by srujanika@gmail.com

ଯାଉଛି । ଜାଜପୁର ଅଞ୍ଚଳ ମଧ୍ୟ ବୁଡ଼ି ପାଇ ଯାଉଛି ଭଲକରି ।

ଏ ସବୁ ଶୁଣି ମନେ ହେଉଛି ଯେଉଁମାନେ ଜବୁର ଗଲେ, ସେମାନେ କେବଳ ଅଘରଦ୍ୱାର, ନାମକୀର୍ତ୍ତନ, ହୋମ, ଭାଗବତପାଠାଦି କରି କୁହ ପାହାଡ଼ର ମୁଣ୍ଡ ବୁଲେଇ ଦେଇଛନ୍ତି ମାତ୍ର । କିନ୍ତୁ ଗ୍ରହବାପୁତ୍ରାଙ୍କର କଥାରେ ଅଗୁଆ ଥାଣ, ପଛୁଆ ଥାଣ ଏହିପରି ଜବଲ ଥାଣ ଦେଖା ଯାଇଥାଏ । ତାହା ଯଦି ସତ ହୁଏ, ତେବେ ତାଙ୍କ ପାଳି ଅସନ୍ତା ଜର୍ଥ ସକୁ ବ ପଢ଼ିଲେ ପଡ଼ିପାରେ । ଏଥିପାଇଁ ବ୍ୟସ୍ତ ହବାର କିଛି ନାହିଁ ।

\+ + + ×

ବାଲେଶ୍ୱର ସହରରେ କାମଦେବ ବାମଦେବ ଏଣ୍ଡ କୋଂ ନାମରେ ଗୋଟିଏ unlimited କୋଂପାନି ଖୋଲା ହେବାର ପ୍ରସ୍ତାବ ଗ୍ରହଣ ଚାଲିଛି ବୋଲି ଆମେ ଆନନ୍ଦର ସହିତ ଶୁଣିପାରୁଛୁଁ । ଏଥିରେ ଦେଶଉଦ୍ଧାର ଭାବରେ ସରକାର ମୃଷ୍ଟପୋଷକତା ନହବାର ମଧ୍ୟ କଥା ଅଛି । ବାଲେଶ୍ୱରବାସୀଙ୍କର ଦାନାର ଅଭାବ ମୋଚନ କରିବା ସକାଶ ଏହି କୋଂପାନି ଏକ ଅଭିନବ ଉପାୟ ଆବିଷ୍କାର କରିଥିବାର ଶୁଣାଯାଏ । ତାହା ରେଜେଷ୍ଟର ପେଟେଣ୍ଟ କରି ନେଇ କେବଳ ବାଲେଶ୍ୱର ବାସୀଙ୍କୁ, ବିଶେଷତଃ ଉତ୍ତର ବାଲେଶ୍ୱର ଅଞ୍ଚଳରେ ଯୋଗାଣ କରାଯିବ । ଏଇ ଉପାୟଟି କଣ ତାହା କଂପାନି trade secret ହିସାବରେ ଗୋପନ ରଖିଥିବାରୁ ହାଟ ବଜାରରେ ଜଣା ପଡ଼ୁନାହିଁ, ମାତ୍ର ଆମ ଲବ ସମ୍ବାଦଦାତା ଯେତେଦୂର ତଦନ୍ତ କରନ୍ତି ତାହା ଏହି ଯେ—ଏ କଂପାନି ଉପାସେ ରହିଥିବା ଲୋକଙ୍କ ଆସାନ୍ ସକାଶେ ନିରୋଳ ଓଦାକନା ଶସ୍ତାଦରରେ ସପ୍ଲାଇ କରିବେ । ଓଦା କନାର ଜବଲ ଗୁଣ ଏହିକି ତାହା କ୍ଷୁଧା ନିବାରଣ ସଙ୍ଗେ ସଙ୍ଗେ ଟିକିଏ ଲମ୍ବ ହୋଇଥିଲେ ଏ ବସ୍ତାଭାବ ବେଳରେ ଲଜ୍ଜାନିବାରଣ ବି କରି ପାରିବ ।

ଏଭଳି ଦେଶ ହିତବ୍ରତୀ କଂପାନିର ଉଦ୍‌ଯୋକ୍ତାମାନଙ୍କୁ ଆମ୍ଭେମାନେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଏହି ଅନୁରୋଧ କରୁଛୁଁ କି ଦାନା କନାହୀନ ସମଗ୍ର ଓଡ଼ିଶାରେ ଏହାର ବ୍ରାଞ୍ଚମାନ ଖୋଲନ୍ତୁ । ଷ୍ଟାଣ୍ଡାର୍ଡ଼ ଲୁଗା ତ ଆସି ଗଲଣି । ସରକାରଙ୍କଠାରୁ ସେଥିର ଏଜେନ୍ସିଟି ହାସଲ କରି ନେଲେ ଆଉ ମାଲର ଅଭାବ ବି ଘଟିବ ନାହିଁ । + + ×

ସରକାର ପେନସନ ଖିଆ ଯାକ ସରକାରଙ୍କ ପୋଷାପୁଅ ବୋଲି ଜଣା । ସରକାର ନିମକ ଖାଇ ତାଙ୍କର କାମରେ ବଳ ବୟସ ସାରି, ବୃଦ୍ଧାବସ୍ଥାରେ ତପସ୍ୱୀ ପାଳନ୍ତି କେବଳ ପେନସନ ଉପରେ-ତାଙ୍କର ନିର୍ଭର ।

ଶୁଣାଯାଉଛି ବାଲେଶ୍ୱରର ଏଇ ପେନସନଥିଙ୍କ ଉପରେ ବିପତ୍ତି ପଡ଼ିଛି । ଏମାନେ ମୁହଁ ଖୁରରେ ତାଙ୍କ ପେଂସନ୍ ପାଇ ପାରୁ ନାହାନ୍ତି । କଥାଟା ଯେ ବିଲକୁଲ ସତ ଏହା ବିଶ୍ୱାସ କରିବାକୁ ମନ ବଳୁନାହିଁ । କାରଣ ବାଲେଶ୍ୱର କର୍ତ୍ତାସାହେବ ସ୍ୱୟଂ ଜଣେ ପେନସନଥି । ଯଦି ଅଉ କାହାର ଯୋଗୁ ଏ ନିଷ୍କରୁଣା ଘଟୁଥାଏ ତେବେ ସେ କଣ ମନେ କରନ୍ତି ଯେ ତାଙ୍କ ଭାଗ୍ୟରେ କେବେ ପେନସନ ଘଟିବ ନାହିଁ ?

ଯାହାକୁ କହନ୍ତି—ଉପର ବରଡ଼ା ଖସୁଛି, ତଳ ବରଡ଼ା ହସୁଛି.........ତୋ ଦିନକାଳ ଆସୁଛି ! × + +

ବିଗତ ବୈଶାଖ ଦ୍ୱିତୀୟାର୍ଦ୍ଧ ୧୪ ସଂଖ୍ୟା ଡଗରରେ ଉତ୍କଳ ସାହିତ୍ୟ ସମାଜର ବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଘେନି ଯାହା ଲେଖା ହୋଇଥିଲା ତଦ୍ୱାରା କାହାର କାହାର ମନ ଦୁଃଖ ହୋଇଥିବାର ଶୁଣି ଆମ୍ଭେମାନେ ନିହାତି ଦୁଃଖିତ ।

କାହାର ପ୍ରତି ଆକ୍ରୋଶାତ୍ମକ କଟାକ୍ଷ ପାତ କରିବା କେବେ 'ଡଗର'ର ନୀତି ନୁହେଁ—ବରଂ ନିରୋଳ ଓ ଅନାବିଲ କୌତୁକ ଦ୍ୱାରା ରସସୃଷ୍ଟି କରି ଆନନ୍ଦ ଦେବା ହିଁ 'ଡଗର'ର ଲକ୍ଷ୍ୟ । ସୁଧୀ, ରସିକଜନଠାରେ ରସ ନିବେଦନ ସାର୍ଥକ ହୁଏ ବୋଲି ଆମର ଧାରଣା । ତଥାପି ଯଦି କେହି ମନରେ 'କେନ୍ଥ' ଆଣି ଥାଆନ୍ତି । 'ଅଜ ରୋଷ ବଦନା' ବୋଲି ତାଙ୍କ ହାତ ଓଠ ଧରି ମାଫି ମାଗି ନେଉଛୁଁ । ଏହି ବିଶ୍ୱାସରେ ଯେ ଏତିକ ମାଗୁଣି ଶରଦିନକୁ ସେନା ହେବାରେ କିଛି ବାଧା ନ ରହୁ ।


**WANTED**

For Kuver Bank Ltd. Manager, Cashier, Accountant Ledger Keeper on handsome pay for proposed Bhadrak Branch. Deposits are essential for Manager & Cashier. Apply sharpto:—

Managing Director.
Kuver Bank Ltd.
3 & 4. Hare St. Calcutta.


Digitized by srujanika@gmail.com

# ସୁଇସାଇଡ୍

**SUICIDE**

( ଏକାଂକ ନାବରଂଗୀକା )

( ପୂର୍ବପ୍ରକାଶିତ ଅଂଶରୁ )

ବସନ୍ତ—( ଘଡ଼ିକୁ ଚାହିଁ ) ବାରଟା ! ଠିକ୍ ମଧ୍ୟ-ରାତ୍ର । ଶବ୍ଦ ହେଲା । (କାନ ପାରି) ପୃଥିବୀ ନିସ୍ତବ୍ଧ, ନିଶବ୍ଦ—ମୋତେ ବିରକ୍ତ କରିବାକୁ, ମୋର ପୁଣ୍ୟ କର୍ମରେ ବାଧା ବିରୋଧ ଦେବାକୁ କେହି ନାହିଁ । ମୁଁ ଏକାକୀ । ଘରଅଡ଼େ ଅନ୍ଧକାର । ଆଉ ଘଡ଼ିକେ ମୁଁ ବି ଏହି ଘୋର ଅନ୍ଧକାରରେ ବିଲୀନ ହୋଇଯିବି । ଜଗତ ଜାଣିବ, କେଉଣ ଦେଶର ଓ ସମାଜର ମୁକ୍ତି ପାଇଁ, ଆଦର୍ଶ ଓ ସ୍ୱାଧୀନତା ରକ୍ଷା ପାଇଁ କିପରି ଆତ୍ମଦାନ କରିଛି । ଅରେ ! ଜାଣିବ ବା କିଏ କିମିତି? ଏ ଘଡ଼ି ହିଁ ଏକା ସାକ୍ଷୀ । କାନ୍ଥରେ ରହି ରହି ସବୁ ଦେଖୁଛି । ଏଇ ଦେଖ୍, ମୁଁ, ବସନ୍ତର ଆତ୍ମା କିପରି ମୃତ୍ୟୁରୂପ ମହା-ସାଗରରେ......ଅରେ ଯାଃ, ଭୁଲି ତ ଯାଉଛି ! ଚିଠି ଖଣ୍ଡେ ଲେଖା ହୋଇନାହିଁ । ତା ଲେଖି ନ ଗଲେ, କାଲି ଡାକ୍ତର ବିଚରା ହଇରାଣରେ ପଡ଼ିବ । ପୁଲିସ ଆସି ତାକୁ ବ୍ୟତିବ୍ୟସ୍ତ କରିବ । ଯାଏଁ ।

( ବସନ୍ତ ଉଠି ଟେବୁଲ ପାଖକୁ ଗଲା ଓ ଚିଠି ଲେଖି ବସିଲା । ଲେଖି ସାରି ଚିଠିଟି ଥରେ ପଢ଼ିଲା ଆପେ )

ପ୍ରିୟ ଡାକ୍ତର ନନା,

ମୁଁ ଆତ୍ମହତ୍ୟା କରୁଛି, ଆପେ ଆପଣା ମନକୁ,—ଅର୍ଥାତ୍ ସ୍ୱେଚ୍ଛାରେ । ବାପମାନଙ୍କ ସ୍ୱେଚ୍ଛାଚାର ବା ଅତ୍ୟାଚାରର ପ୍ରୋଟେଷ୍ଟ ସ୍ୱରୂପ ମୋର ଏ ଆତ୍ମଦାନ । ମୋ ମୃତ୍ୟୁ ପାଇଁ ଆଉ କେହି ଦାୟୀ ନୁହେଁ । ତମ ଘରେ ମରି ତମକୁ ଯଉଁ ହଇରାଣ ହଟ କଲି ସେଥିପାଇଁ ତମେ ଓ ଆପା କ୍ଷମା ଦେବ । ଇତି

ତୁମ୍ଭର
ବସନ୍ତ

ବେଶ ହୋଇଛି । ଖୁବ୍ ଶର୍ଟ ଆଉ ପ୍ରିସାଇଜ । ବାଜେ ବେଶିଗୁଡ଼ାଏ ଲେଖିବାର ଦରକାର ନାହିଁ, ଅନ୍-ନାଚୁରାଲ ମଧ୍ୟ । ( ଚିଠିଖଣ୍ଡ ମୋଡ଼ି ତକିଆ ତଳେ ରଖିଲେ ) ଅଚ୍ଛା, ଡାକ୍ତର ଯଦି ମୋ ମୃତ୍ୟୁ ପୂର୍ବରୁ ଆସିଯାଏ—ହୁଏତ କେମ୍ପା ଧରି ବଞ୍ଚେଇ ଦେଇ ପାରେ । ତାହେଲେ କଣ ହବ ! ଡାକ୍ତର ଆସିବା ପୂର୍ବରୁ କଣ ମରି ଯାଇଥିବି ! ଅଫିମ ଖାଇଲେ କେତେ ବେଳ ପରେ ମୃତ୍ୟୁ ହୁଏ ? ଉଃ, ଘଣ୍ଟାକ ପଶ୍ଚର ପାରିଲି ନାହିଁ ତ... ସତେ ଏମିତି ବି ତ ଷ୍ଟମାକ୍ ପମ୍ପ ଲଗେଇ ଜାଣେ । ହଉ । ( ଅଫିମ ଧରି ପାଟି ଆଁ କଲା ) ରେ ଅଫିମ, ତୁ ଅତି କ୍ଷୁଦ୍ର, ସାମାନ୍ୟ, ନଗଣ୍ୟ ହେଲେ ମଧ୍ୟ ତୋର ଶକ୍ତି କରାମତି ଅସୀମ, ଅପାର, ଅନନ୍ତ । ମୋ ପରି କେତେ ହତଭାଗାର ଶେଷ ଅସ୍ତ୍ର, ଅସହାୟର ସହାୟ, ହତାଶର ଆଶା, ନିରାଶ୍ରୟର ଆଶ୍ରୟ ! ତୋତେ ମୋର କୋଟି କୋଟି ନମ—

(ଏହି ସମୟରେ ଦାଣ୍ଡପାଖ ଦୁଆରେ ଠକ ଠକ ଶବ୍ଦ ହେଲା)

ବସନ୍ତ—(ଚମକି) କିଏ ? (କାନ ପାରିଲେ)

( ପୁଣି ଠକ୍ ଠକ୍ )

ବସନ୍ତ—କିଏ ସେ ?

ବାହାରୁ—କବାଟ ଖୋଲନ୍ତୁ ।

ବସନ୍ତ—ଏଠିକା ଲୋକ ଗୁଡ଼ାକ କି ଅଭଦ୍ର । ଗୋଟାଏ ଲୋକକୁ ମୁହୂର୍ତ୍ତରେ ମରିବାକୁ ବି ଦେବେ ନାହିଁ । ନା, ଭଲ କାମରେ ସବୁବେଳେ ବାଧା ।

( ଉଠି ଦ୍ୱାର ଖୋଲିଲେ )

ବସନ୍ତ—କିଏ—କଣ ଚାହୁଁଛ ?

ସରଳା—ମୁଁ, ମୁଁ ସରଳା— ଅଫିମ ଭରିଏ ଜଲଦି ଦିଅନ୍ତୁ ।

ବ—ଏଁ—ସରଳା !—ସ୍ତ୍ରୀ ଲୋକ !—ଏ ଅନ୍ଧାର ରାତି ଦୁ'ପହରରେ ଏଠି......

ସ—ସେ କଥାରେ ମୁଣ୍ଡ ବିଥେଇବା ଆପଣଙ୍କର କାମ ନୁହେଁ । ଜଲଦି ଦିଅନ୍ତୁ ଭରିଏ ଅଫିମ । ଭାରି ଦରକାର ।

ବ—ଅଫିମ !—ଅଫିମ ମୁଁ କେଉଁଠୁ ପାଇବି ?

ସ—ବାଃ, ଆପଣ ଅଫିମ ଡାକ୍ତରେ—ଆପଣ ଅଫିମ କେଉଁଠୁ ପାଇବେ କହୁଛନ୍ତି !

Digitized by srujanika@gmail.com

ବି—ମୁଁ ଅଫିମ ଡାକ୍ତର ନୁହେଁ ଯେ ।
ସର—ଓଃ, ତେବେ, ତେବେ ଆପଣ କିଏ ?
ବି—ମୁଁ, ମୁଁ—ତାଙ୍କର......ଏଇ—ଏଇ ସେ ମୋର......
ଏଇ...ବନ୍ଧୁ ।
ସର—ଓ—ତେବେ ତାଙ୍କୁ ଡାକି ଦିଅନ୍ତୁ Kindly
ବି—ସେ ଘରେ ନାହାନ୍ତି—କଲ୍‌ରେ ଯାଇଛନ୍ତି ।
ସର—କେତେବେଳେ ଆସିବେ ?
ବି—ଆଜି ନୁହେଁ—ବୋଧହୁଏ କାଲିକି ।
ସର—ମୁଁ ତେବେ କରିବି କଣ ! ମୋର ଯେ ନିହାତି ଦରକାର ।
ବି—କିନ୍ତୁ ଅଫିମ ବିକିବାର ଏ ବେଳ ତ ନୁହେଁ । ଆଉ ପୁଣି ଆପଣଙ୍କର ଲାଇସେନ୍ସ ଅଛି ତ ?
ସର—ନା, ସେସବୁ କିଛି ନାହିଁ । ବଡ଼ ବିପଦରେ ପଡି...
ବି—ବିପଦ ! ଆପଣଙ୍କର ! ମୁଁ କିଛି ସାହାଯ୍ୟ କରିପାରେ ?
ସର—ଖୁବ୍ ପାରନ୍ତି, ଯଦି ଭରିଏ ଅଫିମ ଯୋଗାଡ଼ କରି ଦେଇ ପାରନ୍ତି ।
ବି—ଅଫିମ ସାଙ୍ଗରେ ମୋର କିଛି ସଂପର୍କ ନାହିଁ—ତେବେ ସେହିପରି କୌଣସି ବିଶେଷ ଜରୁରୀ ପ୍ରୟୋଜନ ପାଇଁ କିଛି—
ସର—ଦେଇ ପାରିବେ ? ଭଗବାନ ମଙ୍ଗଳ କରନ୍ତୁ ।
ବି—ପାରେଁ—କିନ୍ତୁ—
ସର—କିନ୍ତୁ ଫିନ୍ତୁ ନୁହେଁ । ମୋର ପ୍ରୟୋଜନ ଆପଣଙ୍କ ଠୁଁ ନିଶ୍ଚୟ ବେଶି । ମୋର ମା ବେମାର ପଡିଛନ୍ତି, ତାଙ୍କର ପାଇଁ—
ବି—Thy neccessity is greater than mine—ଏଇ ନୀତିରେ ମୁଁ ଏକା ଆପଣଙ୍କ ପାଇଁ ସ୍ୱାର୍ଥତ୍ୟାଗ କରିପାରେଁ ।
ସର—ତେବେ ଶୀଘ୍ର । ଡେରି କରନ୍ତୁ ନାହିଁ ।
ବି—ଆପଣ ଭିତରକୁ ଆସନ୍ତୁ, ମୁଁ ଦେଉଛି ।
( ସରଳା ଘର ଭିତରକୁ ପ୍ରବେଶ କଲେ ବିଭୂତି ସଙ୍ଗରେ ।
ବିଭୂତି କଣ୍ଠନାଟା ଠିକ ଦେଇ କହିଲେ )
ଠିଆ ହୋଇ ରହିଲେ ଯେ—ବସନ୍ତୁ ନା ସେଇ ଚେୟାରରେ ।
ସର—ବସିବାକୁ ସମୟ ନାହିଁ—ତେଣେ—

ବି—ମୋ ପାଖରେ କିନ୍ତୁ ଜମା ଭରିଏ ଅଛି । ମୁଁ ସେଥିକି ଡାକ୍ତର ପାଖରେ ବସୁଁ ବସୁଁ ଲଟେରେ ମାରି ଆଣିଥିଲି । ଭରିକର ଗୋଲାଟିଏ । ତା ଆପଣଙ୍କର କିଛି କମ ହେଲେ.........
ସର—କମ ହେଲେ ଚଳିବ ତ ? ମୁଁ କଣ ଜାଣେ !
ବି—ବାଃ, ଆପଣ ଜାଣନ୍ତି ନାହିଁ ଆଉ କିଏ ଜାଣେ ?
ସର—ନା, ନା, ବୋଧହୁଏ ଚଳିବ ନାହିଁ । ଏଫେକ୍ଟ ହବ ନାହିଁ ।
ବି—ଓ, ଆପଣ ଏଜୁକେଟେଡ୍ ଗାର୍ଲ ପରି ଜଣା ଯାଉଛନ୍ତି ।
ସର—(ସଲଜ୍ଜେ ଈଷତ୍ ହସି) ହଁ, ମୁଁ ସ୍କୁଲରେ ପଢ଼େ—ମେଟ୍ରିକ୍ କ୍ଲାସରେ—ଆଉ ଗାର୍ଲ ଗାଇଡ଼ର ଲେଫ୍‌ଟେନ୍ ।
ବି—ଓ, ବେଶ ବେଶ୍ । ଆପଣ ଖାଲି ଏଜୁକେଟେଡ୍ ନୁହଁ, ମଡାର୍ଣ୍ଣ, ଅପ୍ ଟୁ ଡେଟ୍ ମଧ୍ୟ !
ସର—(ଈଷତ୍ ଲଜ୍ଜାରେ) ଆପଣ ?
ବି—ମୁଁ କଲେଜରେ ପଢ଼େ—ଏଇ ବି, ଏ, କ୍ଲାସରେ ।
ସର—ଓ ! ନମସ୍କାର ମିଷ୍ଟର......
ବି—ବିଭୂତି ଭୂଷଣ......
ସର—ହଁ, ମିଷ୍ଟର ବିଭୂତି ଭୂଷଣ !
ବି—ନମସ୍କାର ମିସ୍......
ସର—Miss ସରଳା......ଅଫିମଟା ଦିଅନ୍ତୁ ଡେରି ହେଉଛି ।
ବି—ହଁ, ଦିଏଁ । ଭୁଲି ଯାଉଥିଲି ।
(ବିଭୂତି ତକିଆ ତଳୁ ଅଫିମ ବାହାର କରି ସରଳା ହାତରେ ଦେଲେ)
ସର—ଧନ୍ୟବାଦ Thank you very much. I am much obliged ନା, grateful to you Bibhuti Babu.
(ସରଳା ହଠାତ୍ ଅଫିମଟିକ ପାଟିରେ ପକାଇ ଦେଲେ । ବିଭୂତି "ଇଏ କଣ କଲ, ଇଏ କଣ କଲେ" କହି ସରଳାର ବାଧା ସତ୍ତ୍ୱେ ତାଙ୍କ ପାଟି ଭିତରେ ଅଙ୍ଗୁଳି ପୁରାଇ ଅଫିମ ବାହାର କରି ପକାଇଲେ)
ସରଳା—(ବ୍ୟଥିତା ପ୍ରାୟ ବସି ପଡ଼ି କ୍ରନ୍ଦନ ସ୍ୱରରେ) ଆପଣ କଣ କଲେ ! ଆପଣ କାହିଁକି ଏହା କଲେ ! ସବୁ ନଷ୍ଟ କରିଦେଲେ ଆପଣ । ମୁଁ କଣ କରିବି ?
ବି—ଆପଣ କାହିଁକି ଅଫିମ ଖାଇଲେ ?

Digitized by srujanika@gmail.com

ସରଳା—ମରିବା ପାଇଁ ।

ବ—ଅଁ, ମରିବା ପାଇଁ ! ସେ କଣ ! କାହିଁ ଦୁଃଖରେ ? କାହିଁକି ମରିବେ ଆପଣ ?

ସର—ଜାଣିଲେଣି ଯେତେବେଳେ ଆପଣ, ଆଉ ଲୁଚେଇ ଲାଭ ନାହିଁ । କହିବି, ସବୁ କହିବି ବନ୍ଧୁଛ ବାବୁ । କିନ୍ତୁ ଆପଣ ବା କାହିଁକି ଅଫିମ ଭରିଏ ଚୋରି କରି ରଖିଥିଲେ ତା କହିଲେ ଯାଇ କହିବି ।

ବ—ମୁଁ—ମୁଁ ! ମୁଁ...ଏମିତି......

ସର—ନା, ବିଶ୍ୱାସ କରିବି ନାହିଁ । ଡୋବା ଡାକ୍ତରଙ୍କୁ ଠକେଇ ଅଫିମ ଚୋରି କରି ପାରନ୍ତି, କିନ୍ତୁ ଜଣେ ମଡାର୍ଣ୍ଣ ଏଜୁକେଟେଡ଼ ଗାର୍ଲ ଆଗରେ ଲୁଚେଇ ପାରିବେ ନାହିଁ । ଠିକ୍ କହନ୍ତୁ, କାହିଁକି, କି ଉଦ୍ଦେଶ୍ୟରେ ଆପଣ ଅଫିମ ରଖିଥିଲେ ତକିଅ ତଳେ ?

ବ—ଧରା ଯେତେବେଳେ ପଡ଼ିଲିଣି, ଆଉ ଲୁଚେଇ ଲାଭ କଣ । ମୁଁ ଏ ଅଫିମ ନିଜେ ଖାଇବି ବୋଲି ରଖିଥିଲି ।

ସର—ଅଁ—ଆପଣ ନିଜେ ଖାଇବେ ! କାହିଁକିମ ?

ବ—ଏଇ ଶୁଣନ୍ତୁ । ବାପା ଗୋଟାଏ antidated, rustic, girl ସାଙ୍ଗରେ ମୋର ବିବାହ ଠିକ୍ କରିଛନ୍ତି । ତାଙ୍କର ହେଜାମ୍ବ କିଦ୍ ମୋତେ ବଶ ହବାକୁ ହବ । ତାହାର ପ୍ରୋଟେଷ୍ଟ ସ୍ୱରୂପ ମୁଁ ଏଇ......

ସର—O—! ବେଶ ବେଶ—ମୋର ବି ସେଇଆ । ଗୋଟାଏ ବିଗତ-ଯୌବନ, ବେରସିକ idiot ସାଙ୍ଗରେ ମୋର ବିବାହ ଠିକ୍ ହୋଇଛି । ତାହାର ପ୍ରୋଟେଷ୍ଟ କରି ମୁଁ ବି ଖାଉଥିଲି । କହନ୍ତୁ ଭଲ ବନ୍ଧୁଛ ବାବୁ, ଏ ଯୁଗରେ ଏ ଅତ୍ୟାଚାର କିଏ ସହ୍ୟ କରିବ । ଏତେଗୁଡ଼ାଏ education ପାଇ । ଯଉଠି heart କୁ heart ନ ମିଳିବ, ଯଉଠି ଜୀବନର ଆଦର୍ଶ ନ ମିଳିବ, ଧାରା ନ ମିଳିବ ସେଠି......ଅଚ୍ଛା, ମୁରବିମାନଙ୍କର ଆମ ଶରୀର ଉପରେ ଅଧିକାର ଥାଇ-ପାରେ—ତା ବୋଲି heart ଉପରେ......

ବ—Surely, exactly, precisely

ସର—ଅଚ୍ଛା, ଆପଣ ଆପଣା ଘରେ ନ ମରି ଏଠି କାହିଁକି ମରିବା ସ୍ଥାନ ସ୍ଥିର କରିଥିଲେ ?

ବ—ଆପଣ ବା କାହିଁକି ଘର ଛାଡ଼ି ଡାକ୍ତର ବିଶ୍ୱର ଘରେ—

ସର—ଆପଣ ଆଗେ କହି ସାରନ୍ତୁ କାରଣଟା ।

ବ—ମୋର କାରଣ ସେପରି କିଛି ନୁହେଁ—ଅଫିମଟା ମିଳି-ଗଲା ସହଜରେ ।

ସର—ମୋର କାରଣ [illegible] ମିଳିଥିବ ସହଜରେ ।

ବ—ଓଃ, ତେବେ [illegible] ଦୁଇଜଣ ଭିତରେ !

ସର—ଠିକ୍ ତା ନୁହେଁ । ତେବେ [illegible] ଆଉ ବଡ଼ publicity ରେ ମରିବାଟା ନୁହେଁ କଣ, unwept, unsung......ବୁଝିଲେ ?

ବ—ମୋର ବି ଠିକ୍ ସେଇଆ, କାରଣ ଦେଖନ୍ତୁ, ମୋ ମରିବାଟା ତ ମୋ ନିଜପାଇଁ ନୁହେଁ—public cause, national interest.

ସ—ଓଃ, ଆପଣଙ୍କ ଅଫିମର ଦାମଟା

ବ—ଦାମ ! ମୁଁ ତ କଣିନାହିଁ ।

ସ—ତେବେ ମୋ ପାଇଁ ଲୋକସାନ ହେଉଥିବ ।

ବ—କାହାର ଲୋକସାନ ? ହେଲେ ଡାକ୍ତରର ହୋଇ-ପାରେ, ଏକାଉଣ୍ଟ ମିଳାଇବାବେଳେ ।

ସ—ଆପଣଙ୍କର ଦାମଟା ନ ନବାଟା ଯିମିତି ଉଦାରତା, ମୋର ଦାମ offer ନକରିବାଟା ସିମିତି meanness ହୁଅନ୍ତା ନାହିଁକି ! (ଘଡ଼ିକୁ ଚାହିଁଲେ) ଦଶଟା ବାଜିଗଲାଣି! ମୁଁ ଏବେ ଯାଏଁ । ଆପଣ ଅଫିମ ଦେଇ ମୋର ଯେତେ ଉପକାର କଲେ, ମୋର ମୃତ୍ୟୁରେ ବାଧା ଦେଇ ସେତିକି ଅନିଷ୍ଟ ବି କଲେ ବନ୍ଧୁଛ ବାବୁ ।

ବ—ତମେ ବି ତ ମୋର କମ ଅନିଷ୍ଟ କରିନାହଁ । ମୋର ଅଫିମଟା ବି ନଷ୍ଟ ହେଲା ଅଉ ମରିବାର ସାଧଟା ବି ମାଟି ହେଲା । ମୁଁ ବେଶି injured.

ସର—ତେବେ କ୍ଷମା କରନ୍ତୁ । ମୁଁ ଯାଏଁ ।

( ଦୁଆର ପାଖକୁ ଯାଇ ବାହାରକୁ ଚାହିଁଲେ ) ବାପ୍‌ରେ କି ଅନ୍ଧାର ।

ବ—( ବାହାରକୁ ଚାହିଁ ) ହଁ, ଭାରି ଅନ୍ଧାର ।

ସର—ଆପଣ ଟିକିଏ ଦୟା କରି ଛାଡ଼ି ଦେଇ ଆସିବେ ? ବେଶି ବାଟ ନୁହେଁ ।

ବ—ଆପତ୍ତି ନାହିଁ—ତେବେ ମୁଁ ଫେରିବି କାହା ସଙ୍ଗରେ ।

ସର—ଓଃ, ସତେ ତ ! ମୋର ଖିଆଲ ନଥିଲା । କଣ କରାଯିବ ପୁଣି ?

ବ—ଗୁଡ଼ଚଟାକୁ ଡାକିବ ?

ସର—ସେ କଣ ଉଠିବ ମନେ ! ଏତେ ରାତିରେ......

Digitized by srujanika@gmail.com

ବ—ତାହାହେଲେ ଆପଣ ଏଇଠି ଭିତରେ ଯାଇ ଶୋଇ ପଡ଼ନ୍ତୁ । ଅପାକୁ ଡାକେଁ ?
ସର—ବେକାର୍ କଥା କଣ ! ସବୁ ଜଣା ପଡ଼ିଯିବଯେ !
ବ—ପୁଣି ଉପାୟ ?
ସର—ହିଁ, ଉପାୟ ?
ବ—ଆପଣ ଏଇ ଘରେ ଶୁଅନ୍ତୁ ।
ସର—ଆଉ ଆପଣ ?
ବ—ମୁଁ ଚେୟାରରେ ବସିବି । ଖଟ ଯେ ଗୋଟାଏ ।
ସର—କଷ୍ଟ ହେବ ନାହିଁ ତ ?
ବ—ନା, ବରଂ ଆନନ୍ଦ । Gallantry କଥା !
ସର—ଅଚ୍ଛା, ତା'ହେ ହେଉ ।

(ସରଳା ଖଟ ଉପରେ ଶୋଇଲେ । ବସନ୍ତ ଚେୟାରରେ ବସିଲେ । କିଛିକ୍ଷଣପରେ )

ସର—ଆଲୁଅଟା ଭଲ ଲାଗୁନାହିଁ ବସନ୍ତ ବାବୁ ।
ବ- ନିଭେଇ ଦେବି ?
ସର—ଆପଣଙ୍କର ଅସୁବିଧା ହେବ ନାହିଁ ତ ?
ବ—ନା ।
ସର—ଲୋକେ କଣ କହିବେ ।
ବ—ଅଛି କିଏ ?
ସର— ତେବେ—ଆପଣଙ୍କର ଯାହା ଇଚ୍ଛା ।

(ବସନ୍ତ ଆଲୁଅଟା ଲିଭାଇ ଚେୟାରରେ ବସିଲେ । କିଛିକ୍ଷଣ ଉଭୟେ ନୀରବ । )

ବ—ଶୋଇଲେଣି କି ?
ସର—ନା, ବେଡେ ଉଦ୍ । ପଢ଼ା ଲାଗୁଚି ।
ବ—ସେଟା ଆଫିମର ନିଶା । ପାର୍ଟିକୁ ଯାଇଥିଲ ତ ।

( ପୁଣି ନୀରବ )

ସର—ଶୋଇଲେଣି କି ?
ବ—ନା, ନିଦ ଆସୁନାହିଁ ।
ସର—ଆପଣ ତେବେ ବାହା ହେବେ ।
ବ—ହେବାକୁ ତ ପଡ଼ିବ, ତେବେ ସେଠି ନୁହେଁ ।
ସର—ଆଉ କେଉଁଠି ?
ବ—ଦେଖିବାକୁ ହେବ । କୌଣସି educated, modern uptodate girl—
ସର—ହୁଁ । (ପୁଣି ନୀରବ)
ବ—ଆପଣ ବାହା ହେବେ ନିଶ୍ଚୟ ।
ସର—ତା' ତ ହେବ । କିନ୍ତୁ ସେଠି ନୁହେଁ କେବେ ।
ବ—ଆଉ ?
ସର—ଯାହା ସାଙ୍ଗରେ heart ମିଳିବ ।

( ନୀରବ )

ବ—ତୁମ ମା ଏଥିରେ ରାଜି ହେବେ ?
ସର—କଉଥିରେ ?
ବ—ଯଦି—ଯଦି...ମାନେ—ଏଇ ଆମ—
ସର—ତୁମ'ବାବା କଣ ରାଜି ହେବେ ?
ବ—କରାଇବାକୁ ପଡ଼ିବ ।
ସର—ତେବେ ମାଙ୍କୁ ବି କରାଇବାକୁ ପଡ଼ିବ ।

( ନୀରବ )

ସର—ଶୋଇଲଣି କି ?
ବ—ନା ।
ସର—କଷ୍ଟ ହେଉଥିବ ।
ବ—ସେମିତି ନୁହେଁ ।
ସର—ତମେ ଶୁଅ, ମୁଁ ବସେଁ ।
ବ—କାହିଁକି ?
ସର—ମତେ ନିଦ ଆସୁନାହିଁ ।
ବ—କଣ ଗରମ ହେଉଚି ?
ସର—ନା, ଅନ୍ଧାରରେ ଏକା ଡର ମାଡ଼ୁଚି ।
ବ—ମତେ ଭାରି ଗରମ ହେଉଚି ।
ସର—ପଙ୍ଖା ଅଛି ଏଠି ?
ବ—ହିଁ ଅଛି ।
ସର—ଟିକିଏ ବଷ୍ଟି ଦେବ ?
ବ—ଏତେ ଦୂରରୁ ।
ସର—ହିଁ, ତା ସତ । ଥାଉ । (ନୀରବ)
ବ—ଆଉ ଡର ମାଡ଼ୁଛି ?
ସର—ଆଉ ଗରମ ହେଉଚି ?
ବ—ପାଖକୁ ଯିବି ?
ସର—ପଙ୍ଖାଟା ଆଣିଥିବ ଏକା ହାତରେ ।

( ବସନ୍ତ ଉଠି ପଙ୍ଖା ଖୋଜୁ ଖୋଜୁଁ )

ବ—ରାତି ଆଉ ବୋଧହୁଏ ବେଶି ନାହିଁ ।
ସର—ସତେ !......ଘଣ୍ଟା ଟିକିଏ ଦେଖିବ କି ?
ବ—ଅନ୍ଧାର ଯେ—
ସର—(ବିରକ୍ତିମିଶା ବ୍ୟସ୍ତ ସ୍ୱରରେ) ଉଃ.......
ବ—Excuse please............

—— * ——

Digitized by srujanika@gmail.com

କଥାଟିଏ କହେଁ……………….

# ସ୍କଚ୍ ହ୍ୱିସ୍କିର ରୁବାୟେତ୍

——ଶ୍ରୀ ସୁରେନ୍ଦ୍ର ମହାନ୍ତି——

ବାହାର ଦରଜାର ଶିକୁଳିଟା ଝଣ୍ ଝଣ୍ ହୋଇ ଉଠିଲା ।

ଲୀଳା, ଦରବୁଜା ଆଖିପତା ଦୁଇଟା ମେଲି ଚାହିଁଲା ବାହାରକୁ । ଆକାଶ ମଝିରେ ଚନ୍ଦ୍ର ଗଡ଼ିଗଲାଣି ତଳେ ଜହ୍ନ ଆଲୁଅର ସୁଅ । ଘର ଭିତର ନୀରବ । ମାଣ୍ଟେଲ୍‌ପିସ୍ ଉପରେ ଘଣ୍ଟାଟା ଶୁଭୁଛି, ଠିକ୍···ଠିକ୍···ଠିକ୍, ଠିକ୍···ଠିକ୍···ଠିକ୍···ର ବ୍ୟତିକ୍ରମ ନାହିଁ, ବାଟଭୁଲି ଅବାଟରେ ଚାଲିବାର ଦୁର୍ବୁଦ୍ଧି ନାହିଁ ।···ଭୁଲ କରିବାର ରୋମାଞ୍ଚ ନାହିଁ·····କେବଳ ଏକଘାଗିଆ, ଗତ ପ୍ରଗତିର ମୂର ଠିକ୍···ଠିକ୍···ଠିକ୍···! ବିଦ୍ରୋହ ନାହିଁ ତା' ଭିତରେ ! ମଣିଷ ଏଇ ଘଣ୍ଟା ପରି ହୁଏନା କାହିଁକି ? ତା'ହେଲେ ଜୀବନରେ ତାର ଯନ୍ତ୍ରଣା ନାହିଁ ଏତେ ଦୁଃଖ, ଦୁର୍ଦ୍ଦିନ ! ଲୀଳା, ଟେବୁଲ ଉପରେ ମଞ୍ଜି ଚିଞ୍ଜି ହେଉଥିବା କାମଟାକୁ ଭଲ ଭାବରେ ଠେଲି ଦେଲା । ଗୋଟାଏ ବଞ୍ଜିବାକୁ ଅନ୍ତୁଭବ କରେଇ ମିନତି ବାଜା ! ଆଖିପତା ଦୁଇଟା ବୁଜି ହୋଇ ପଡ଼ୁଥାଏ । ଲୀଳା ଯାଇଁ ଝରକା ପାଖରେ ଠିଆ ହେଲା । ତଳ ରାସ୍ତାଟା ନିର୍ଜନ ହୋଇ ଆସିଥାଏ । ଗୋଟାଏ କଳୀ ଯେଉଁ ବାଟ ଦେଇ ଖୁବ୍ ଜୋରରେ ଚାଲିଗଲା । ତା' ପଛେ ପଛେ କ୍ଳାନ୍ତ ପାଦ ଦି'ଟା ଘୋଷାରି ଘୋଷାରି ଚାଲିଥାଏ ଗୋଟାଏ ରିକ୍‌ସାବାଲା, ଖାଲି ରିକ୍‌ସାଟା ଟାଣି ଟାଣି । ଓଠରେ ପିକାଟା ତାର ଦପ୍ ଦପ୍ ହୋଇ ଜଳି ଉଠୁଛି ।

ବାହାର ଦରଜାର ଶିକୁଳିଟା ପୁଣି ଝଣ୍ ଝଣ୍ ହୋଇ ଉଠିଲା ।

"ଲୀଳା ! ଲୀ—ଳା !"

ମାତାଲ ସ୍ୱାମୀ ତାର ଫେରି ଆସିଛି । ଲୀଳା, ଯାଇଁ ଦରଜାଟା ଖୋଲି ଦେଲା । ଖୋଲା ଦୁଆର ଦେଇ ଘର ଭିତରେ ଲମ୍ବି ହୋଇ ପଡ଼ିଲା ଆସି ବାହାରର ଜହ୍ନ ଆଲୁଅ । ଭିତରକୁ ଟଳି ଟଳି ପଶିଆସିଲା ଲୀଳାର ସ୍ୱାମୀ ସୁରେଶ । ପାଦର ଗତିଟା ତାର ଶିଥିଳ, କଣ୍ଠର ସ୍ୱରରେ ମାଦକାଧିକ୍ୟର ବିକୃତି । ସିଡ଼ି ଦେଇ ଟଳି ଟଳି ନୀରବରେ ଉପରକୁ ଉଠି ଆସିଲା । ଲୀଳା ତା' ପଛେ ପଛେ ଉପରକୁ ଉଠୁଥାଏ ।

ସୁରେଶ ସିଧା ଯାଇ ପଶିଗଲା ତା'ର 'ଷ୍ଟଡ଼ି' ଭିତରକୁ । ଭିତରେ ଆଲୁଅ ନାହିଁ । ଖୋଲା ଝରକାଗୁଡ଼ାକ ଭିତର ଦେଇ, ଘର ଭିତରେ ବନ୍ଧୁର ଜ୍ୟୋତ୍ସ୍ନାର ବନ୍ୟା । ସୁରେଶ କ୍ଳାନ୍ତ ଭାବରେ ଗୋଟାଏ କାଉଚ୍ ଉପରେ ଢଳି ପଡ଼ିଲା । ଲୀଳା, ଟେବୁଲ ଉପର କାଣ୍ଡିଲ୍‌ଷ୍ଟାଣ୍ଡ୍‌ରେ ବତି ଜାଳିଦେଲା । ବାହାରର ପବନରେ ମହମବତିର କ୍ଷୀଣ ଆଲୋକଶିଖାଟି ଥରି ଉଠୁଥାଏ……ମରଣର ଆନନ୍ଦରେ ।

ସୁରେଶ୍ ବିକୃତ କଣ୍ଠରେ ଚିତ୍କାର କରି ଗାଇବାକୁ ଆରମ୍ଭ କଲା ଗୋଟାଏ ଗୀତ……

"ସାକୀର ପାନପାତ୍ରେ
ବୁଦ୍‌ବୁଦ ସମ ସଖୀ……"

ଲୀଳା, ସୁରେଶ୍‌ର ହାତଦୁଇଟା ଜୋରରେ ହଲେଇ ଦେଇ କହିଲା "ଛିଃ ! କ ଅଭଦ୍ର ତମେ ? ତଳ ଫ୍ଲାଟ୍‌ର ଲୋକମାନେ କଣ ଭାବୁଥିବେ କହ ତ ?"

ସୁରେଶ୍ ଖୁବ୍ ଜୋରରେ ହୋ, ହୋ, ହୋଇ ହସି ଉଠି କହିଲା, "ଲୀଳା ! ଅନ୍ୟର ମତାମତ ଉପରେ ତ ମଣିଷ ବଞ୍ଚେନାହିଁ !"

Digitized by srujanika@gmail.com

ତା'ପରେ ପୁଣି ହସି ଉଠିଲା ଅକାରଣରେ, ହୋ-ହୋ ହୋଇ । ଲୀଳା କହିଲା, "ତମେ ପୁଣି ଆଜି ମଦ ପିଇଚ ! କାହିଁକି ? କାଲି ପ୍ରତିଜ୍ଞା କରିଥିଲ ପରା, ଆଉ କେବେ ମଦ ଛୁଇଁବନି ବୋଲି !"

କଣ୍ଠରେ ତାର, ଅଭିଯୋଗ...ଅଭିମାନ...ଅଶ୍ରୁ !

ସୁରେଶ କହିଲା, "ଲୀଳା ! ଦେଖୁଚ ତମେ ମାତାଲ-ଠାରୁ ବି ଅଧମ ବୋକା ! ମଣିଷର ପ୍ରତିଜ୍ଞାରେ ତମେ ବିଶ୍ୱାସ କଲ କିପରି ? ହସିବା କଥା ଏହା ।" ପୁଣି ହସି ଉଠିଲା ହୋ' ହୋ' ହୋଇ । ତା'ପରେ ଗମ୍ଭୀର ଭାବରେ, ଚକ୍ଷୁ ତାର ଭଙ୍ଗୀରେ ଆରମ୍ଭ କଲା, "ବୁଝିଚ ଲୀଳା, ମଣିଷର ଜୀବନ କେତେ ଦୁର୍ବଳ ? ଏଇ ମହମବତୀର ଆଲୁଅ ପରି ! କେତେବେଳେ ଯେ ଆସିବ ବାହାରର ଦମ୍କାଏ ଝଡ଼, ଆଉ ନିଭିଯିବ ଏଇ କ୍ଷୀଣ, ପ୍ରକମ୍ପିତ ଅଗ୍ନିଶିଖା ! ତା'ର କ'ଣ କିଛି ଠିକଣା ଅଛି ଲୀଳା ? ଦୁର୍ବଳ ମଣିଷର ପ୍ରତିଜ୍ଞା-ଗୁଡ଼ାକ ବି, ତା'ଠୁ ବଳି ଦୁର୍ବଳ ! ମଣିଷ ପ୍ରତିଜ୍ଞା କରେ, ପ୍ରତିଜ୍ଞା ଗୁଡ଼ାକ ଭାଙ୍ଗିବା ପାଇଁ ।"

ଲୀଳା ଫେରାଦ ସୁରରେ କହିଲା......"ତମେ କାଲି ମୋ ଦେହ ଛୁଇଁ କହିଥିଲ ନା, ଆଉ କେବେ ମଦ ଖାଇବନି ବୋଲି ! ତମ ଦୃଷ୍ଟିରେ କଣ ମୋ'ର ଦେହ ଛୁଇଁ ପ୍ରତିଜ୍ଞା କରିବାର କିଛି ଦାମ ନାହିଁ ?"

ସୁରେଶ ପୁଣି ହସି ଉଠିଲା ଖୁବ୍ ଜୋରରେ । ତା'ପରେ କହିଲା........"ଅଃ ଲୀଳା ! ସେ ଯୁକ୍ତିତର୍କ ରଖ ମ ! ଦେଖିଲ ବାହାରର ଏଇ ଜହ୍ନ ଆଲୁଅ......ଆକାଶଟା କେତେ ଉଚ......ଏଇ ରାତି, ଏଇ ଜ୍ୟୋଛନା-ଚଞ୍ଚଳ ପବନ ! ଏହା ଭିତରେ, ତମ ମୋ ଭିତରେ ଏଇ ଅଭିଯୋଗ, ଅଭିମାନ କ'ଣ ଭଲ ଲାଗୁଛି ଲୀଳା !—"

ତା'ପରେ ଗୋଟାଏ ଆବେଗରେ ଲୀଳାକୁ ଚାପି ଧରିଲା, ତା'ର ଛାତି ଉପରେ ! କିନ୍ତୁ ଲୀଳା ସୁରେଶର ବନ୍ଧନରୁ ନିଜକୁ ମୁକ୍ତ କରି, ଝଡ଼ ପରି ପଳାଇଲା ପଦାକୁ । ସୁରେଶ ଅବିଷ୍ଟ କଣ୍ଠରେ ଡାକିଲା—'ଲୀଳା !'

ଲୀଳା ବାରଣ୍ଡାରୁ ଜବାବ୍ ଦେଲା—"ହଁ ।"

କଣ୍ଠରେ ତାର ସଜଳ ଅଭିମାନ !

ସୁରେଶ ପାଇପ୍‌ରେ ନିଆଁ ଧରି ଛିଡ଼ା ହେଲା ଯାଇଁ ଖୋଲା ଝରକାର ରେଲିଂ ଧରି । ବାହାରର ପବନରେ ମହମବତୀଟା ନିଭି ଯାଇଥାଏ ସେତେବେଳକୁ ।

ବାହାରେ ରୂପକଥାର ରାତି । ଆରବ୍ୟ କାହାଣୀର ସ୍ୱମନ୍ତ ରାଜପୁରୀ ପରି ମାୟାମୟ ! ଆକାଶ ଯେମିତି ମୃତ୍ତିକା ସଙ୍ଗରେ ରଚିଛି ନିର୍ଲଜ ଅଭିସାର ସେଥିପାଇଁ ରତିପୁଲକିତା ଧରଣୀର ସାରା ଅଙ୍ଗ ଭରି, ଜ୍ୟୋତ୍ସ୍ନାସିକ୍ତ ଗୋଟାଏ ମଧୁ ଚଞ୍ଚଳତା ଉଛୁଳି ପଡ଼ୁଛି ।

ସୁରେଶ ଫେରିଯାଇଁ, କାନ୍ଥର ସେଲ୍‌ଫ୍‌ରୁ ଗୋଟାଏ ହ୍ୱିସ୍କି ବୋତଲ ଆଉ ଗ୍ଲାସ୍ ବାହାର କରି ଆଣିଲା । ତା'ପରେ ଏମିତି ନିଃଶବ୍ଦରେ ନିଃଶେଷ ହୋଇ ଆସୁଥାଏ ବୋତଲଟା, ଘର ଭିତରେ ବାହାରର ଜହ୍ନ ଆଲୁଅର ଛାଇ ଭଳି !

ଆଉ ଘରୁ ଶୁଭୁଥାଏ, ଲୀଳାର ରୁଦ୍ଧ କ୍ରନ୍ଦନ !

ବୋତଲଟା ସରି ଆସିଲା । ସୁରେଶ ପୁଣି ଚିତ ପଡ଼ିଲା ଯାଇଁ କାଉଚ୍ ଉପରେ । ଅର୍ଦ୍ଧନିମୀଳିତ ଆଖି ଉପରେ ପଡ଼ୁଥାଏ ଆସି ବାହାରର ଜହ୍ନ ଆଲୁଅ ।

ସେଠି ମୁକ୍ତି......ପ୍ରାଣ ମୁକ୍ତିର ଗୋଟାଏ ଉଚ୍ଛୃଙ୍ଖଳତା । ଅନ୍ୟର ମର୍ଜି ଜଗି ଚଳିବାର ବନ୍ଧନ ନାହିଁ କିନ୍ତୁ ଭିତରେ ବନ୍ଧନ......କାରାଗାରର ପ୍ରାଚୀର ଭଳି !

ସୁରେଶ୍ ପାଗଳ ପରି କାଉଚ୍ ଉପରୁ ଉଠି ପଡ଼ି, ଅର୍ଥହୀନ ଭାବରେ ଘରର କାନ୍ଥଗୁଡ଼ାକୁ ବାଡ଼େଇବାକୁ ଲାଗିଲା, ଦୁଇ ହାତରେ । ସେ ଯେମିତି ଚାହେଁ, ଭିତରର କାନ୍ଥଗୁଡ଼ାକ ଭାଙ୍ଗି, ସେଠି ବାହାରର ଜହ୍ନ ଆଲୁଅର ସୁଅ ଖେଳାଇ ଦେବ ।

\+ + × ×

ତା' ପରଦିନ ସକାଳ........

ସୁରେଶ ତଳେ କାର୍ପେଟ୍ ଉପରେ ଲେଟି ପଡ଼ିଥାଏ । ଖୋଲା ଝରକାବାଟେ ଭିତର ଦେଇ ପଡ଼ୁଥାଏ ଦିନର ଆଲୁଅ ।

ଲୀଳା ଖୁବ୍ ଧୀରେ ଧୀରେ ଆସି, ସୁରେଶର ମୁଣ୍ଡ ପାଖରେ ଠିଆ ହେଲା । ତା'ପରେ କପାଳରେ, ତାର ହାତ ଦେଇ ଡାକିଲା, "ହେ-ଏ-ଇ, ଉଠ ମ ! ଦିନ ଆସି ନ'ଟା ବାଜିବ ।"

ସୁରେଶ୍ ଆଖି ମେଲି ଚାହିଁଲା, ଧୀରେ ଧୀରେ ! ମୁହୂର୍ତ୍ତକ ଭିତରେ ମନେ ପଡ଼ିଗଲା ତା'ର ଗଲା ରାତିର କଥା !

ଲୀଳାର ଦୁଇଟା ଆଖି ଭରି, ଯେମିତି ସୁରେଶର ଏଇ ଦୁର୍ବଳତା ବିରୁଦ୍ଧରେ ଅଭିଯୋଗ ! ସୁରେଶ୍ ଲୀଳାର ହାତ

Digitized by srujanika@gmail.com

ହାତଟା ଛୁଇଁ ଧରି କହିଲା—"ଲୀଳା ! ମୁଁ ନାହିଁ ମୋର ! କ୍ଷମା ଦେବନି ମତେ ?"

ଲୀଳା ନୀରବରେ ଅଶ୍ରୁ ଭରା ତାର ଟେକି ଚାହିଁଲା ସୁରେଶକୁ ।

ସୁରେଶ କହିଲା—"ମୁଁ ବଡ଼ ଭୁଲ କରିଛି ଲୀଳା, କିନ୍ତୁ କଣ କରିବି ଲୀଳା ? ବଡ଼ ଦୁର୍ବଳ ମୁଁ । ଯେତିକି ପ୍ରତିଜ୍ଞା କରେ ଆଉ ଭୁଲ୍ କରିବିନି ବୋଲି, ସେତିକି ଭୁଲ୍ କରି ବସେଁ । ଲୀଳା ! ଦାଗି ତମେ ! ପୁଣିଥରେ ଏ ଭୁଲ୍ କ୍ଷମା କରିବନି ?"

କଣ୍ଠରେ ତାର ନିର୍ବୋଧ ଶିଶୁର ଅସହାୟତା !

ଲୀଳା ଢଳି ପଡ଼ିଲା ସୁରେଶର ଛାତି ଉପରେ । ତା'ପରେ କହିଲା—"ଆଉ ଥରେ ପ୍ରତିଜ୍ଞା କର ତମେ ! ଆଜିଠୁଁ ଆଉ କେବେ ଛୁଇଁବନି ସେଗୁଡ଼ା । ସନ୍ଧ୍ୟା ହେଲେ ଆଉ କ୍ଲବ୍ ଯିବନି କି ବୋତଲ ଲେଡ଼ି ଫ୍ରେଣ୍ଡ ଧରି ଯିବନି 'ବାର୍' ଭିତରକୁ ।"

ସୁରେଶ କହିଲା—"ତମରି ନାଁରେ ପ୍ରତିଜ୍ଞା କରୁଛି ଲୀଳା, କାଲି ରାତିରେ ମୋର ପ୍ରତିଜ୍ଞା ଭୁଲି ଯାହା କରିଛି ସେଇଟା ଗୋଟାଏ ଦୁର୍ଘଟଣା ! ଜୀବନରେ ସେ'ପରି ଆଉ କରିବନି କେବେ । ସେଇଟା ଦୁର୍ଘଟଣା ବୋଲି ଭୁଲିଯାଅ ଲୀଳା ! କିନ୍ତୁ ତମକୁ ମୁଁ କପରି ବୁଝେଇବି ଯେ ମୁଁ ମଦ ଖାଏଁ, ତଥାପି ମାତାଲ ନୁହେଁ ।"

× × × +

ସେଇଦିନ ରାତି……

ପ୍ରାୟ ବାରଟାରୁ ଅଧିକ ହୋଇ ଯାଇଛି । ଆକାଶ ଭରି ସେଇ ଉଚ୍ଛ୍ୱସିତ ଯୌବନତା……ଯେଉଁ ଧାଡ଼ି ଦଉଡ଼……ଚଇତାଳି ହାଓ୍ୱାର ସେଇ ମଦୁଆଳତା ।

ସୁରେଶ ହୋଟେଲରେ ମୁଣ୍ଡରେ ଫେଲ୍ଟଟା ସୁପେଇ ଧରି ପଶି-ଗଲା ଗୋଟାଏ ବାର୍ ଭିତରକୁ । ଆଜି ରାତିର ହୋଟେଲ ଅଭିସାରିକା ତରୁଣୀର ହାତଟା ନେଇ ଛନ୍ଦି ଦେଇଛି ତା' ବାହୁ ଭିତରେ ।

ବାର୍ ଭିତରେ ଜୀବନଟା ଯେମିତି ବାହାରର ଏଇ କଳ୍ପନା ଅପରି ସ୍ୱପ୍ନମୟ…କ୍ଷଣିକ…abstract…ଯାହାକୁ ଧରି ହୁଏନା, ଉପଭୋଗ କରି ହୁଏ ଖାଲି………କିନ୍ତୁ କଳ୍ପନାରେ !

——✻——


# କୁବେର ବ୍ୟାଙ୍କ ଲିଃ—

ପ୍ରତିଷ୍ଠିତ—ସନ୍ ୧୯୨୭ ମୂଳଧନ—୨୦ ଲକ୍ଷ ହେଡ଼ ଅଫିସ—କଲିକତା

## ନବ ପ୍ରତିଷ୍ଠିତ ଶାଖା—ଭଦ୍ରକ

ପ୍ରସ୍ତାବିତ ଶାଖା—ଓଡ଼ିଶାର ଅନ୍ୟାନ୍ୟ ସହରମାନ

୧ । ମହାଶୟ ଗଣେଶ ପ୍ରସାଦ ସାହୁ—ଜମିଦାର, ଅ: ମାଜିଷ୍ଟ୍ରେଟ । ୨ । ଶ୍ରୀଯୁକ୍ତ ମୁକ୍ତିକାନ୍ତ ପାତ୍ର—ଜମିଦାର । ୩ । ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ଦେ—ଅବସର ପ୍ରାପ୍ତ ସବ୍‌ଜଜ୍ । ୪ । ଶ୍ରୀଯୁକ୍ତ ହରିଚରଣ ଚାଟାର୍ଜି ଉକିଲ ଏମାନଙ୍କ ପୃଷ୍ଠପୋଷକତା ଓ ଅନୁକୂଲ୍ୟରେ ସ୍ଥାପିତ

## କୁବେର ବ୍ୟାଙ୍କ

ଭଦ୍ରକରେ ଅତିଶୀଘ୍ର ଶାଖା ଖୋଲୁଛି ।

ଶ୍ରୀଯୁକ୍ତ **ନିର୍ମଳଚନ୍ଦ୍ର** ଦେ ବି, ଏଲ, ଉକିଲ ଏହି ଶାଖାର ପରିଚାଳନାର ଭାର ଗ୍ରହଣ କରିବା ଲାଗି ପ୍ରସ୍ତାବ କରି ଅଛନ୍ତି ।


Digitized by srujanika@gmail.com

# ଛାଞ୍ଚୁଣି ବନାମ କୋରଡ଼ା

ଭଉଣି !

ତୁମ୍ଭ ବିଷୟରେ ଜଣେ ସପକ୍ଷ ଭଉଣୀ ଓ ଦୁଇଜଣ ବିପକ୍ଷ ଭାଇ ଓ ଭାଇର ପୁଅ କେତେ ବକିଲେଣି । ପ୍ରଥମ ଲେଖିକା ତୁମ୍ଭ ଦୁଃଖରେ ସମଦୁଃଖିତା ହୋଇ ଛାଞ୍ଚୁଣିରେ ଝାଡ଼ୁ, ବେପରର ସଦ୍‌ବ୍ୟବହାର କରିଛନ୍ତି ଯା'କି ଲୋକ ଅତି ଦୁଃଖରେ କରିଥାଏ । ପର ଲେଖକ ଦୁଇଜଣ ସେହି ଲେଖିକାଙ୍କର ଲେଖା ଉପରେ ଗରମ ହୋଇ, ସ୍ତ୍ରୀର କାମ ମୁହଁ ଖେଳାଇବା ଅଧି ବର୍ଣ୍ଣାଇଛନ୍ତି ।

ସଂସାରରେ ତୁମ ସ୍ୱାମୀଙ୍କ ଭଳିଆ ବହୁତ ଏକଜିଦିଆ ଲୋକ ଦେଖାଯାନ୍ତି । କିନ୍ତୁ ସେହି ଏକଜିଦିଆ ଦୁଇପ୍ରକାରର— ଗୋଟିଏ କ୍ଷଣସ୍ଥାୟୀ, ଅନ୍ୟଟି ଚିରସ୍ଥାୟୀ । ଯେ କ୍ଷଣସ୍ଥାୟୀ ଏକଜିଦିଆ ସେ ଲୋକ ବହୁତ ଭାବି ତା ଜିଦିକୁ ବଦଳାଇ ଦିଏ ଓ ତାର ସମାଧାନ କରିଦିଏ । ତୁମେ ଭଉଣୀ ସମ୍ଭବତ ଦ୍ୱିତୀୟଟିରେ । ଅନେକଙ୍କ ଜଣେ ଶତ ଅପମାନ, କଷ୍ଟ ପାଇଲେ ମଧ୍ୟ, ତାଙ୍କର ସର୍ବସ୍ୱ ଗଲେ ମଧ୍ୟ ତାଙ୍କ ଜିଦ ଛାଡ଼ନ୍ତି, ନାହିଁ । ତୁମ ସ୍ୱାମୀ ସେହି ଜାତିର ।

କଥାରେ ଅଛି, ଦୁଇହାତ ନ ଲାଗିଲେ ତାଳି ବାଜେନାହିଁ । ତୁମ୍ଭେ କୌଣସି ବିଷୟ (ଘରର ସ୍ୱାଧୀନତା) ପାଇଁ ଜିଦ ଧରିନ୍ତି ସେ ମଧ୍ୟ ଧରିଛନ୍ତି । କ୍ରମଶଃ ସେହି ଜିଦ୍ ବଢ଼ିଛି ଯାହାଓ ତୁମ ଜିଦ୍ କିଛି ପାହାଚ ତଳେ ଅଛି ।

ତୁମେ ଭଉଣୀ ଲେଖିଛ ତୁମ୍ଭେ ତୁମ୍ଭର ମର୍ଯ୍ୟାଦା ବୁଝିଛ, ପିଲାଦିନରୁ ଅଭିଜାତର ବାତାବରଣରେ ବଢ଼ି ଅଛ ଓ ଆଧୁନିକ ଭାବ ଧାରାର ସଂସର୍ଗରେ ଅଛ । ତେବେ ତୁମ୍ଭର ଉଚିତ ଥିଲା ବିବାହ କରିବା ସମୟରେ ସେହି ଧରଣର, ସେହି ଭାବର ଓ ସେହି ଢଙ୍ଗର ଆଧୁନିକ ରୁଚି ସଂପନ୍ନ ଜଣେ ଲୋକକୁ ବିବାହ କରିବା । ତୁମ୍ଭେ ବିବାହ କରିଛ ତୁମ ମତର ସଂପୂର୍ଣ୍ଣ ବିପରୀତ ମତର ଲୋକକୁ । ସେ ଯେତେବେଳେ ଅନ୍ନନିର୍ଭରଶୀଳ, ଯେତେବେଳେ ତୁମ ଉପରେ ନିର୍ଭର ନକରି ସ୍ୱାଧୀନରେ ଚଳିପାରନ୍ତି— ସେ ଭାଗ୍ୟବାନ ହେଲେ ମଧ୍ୟ, ଆଧୁନିକ ଶିକ୍ଷାରେ ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ତୁମ୍ଭର ମର୍ଯ୍ୟାଦା ବୁଝିଲେ ନାହିଁ । ସେ ଯେତେବେଳେ ଭାଗ୍ୟବାନ ଯେତେବେଳେ ଅତୀତରେ ତୁମ୍ଭଙ୍କୁ ନପଚାରି ଚାଲିଛନ୍ତି । ତୁମ୍ଭ ପରମ୍ପରାରେ ଶିକ୍ଷିତା ବୋଲି ତାର ସମାଧାନ ମନେ ମନେ ବହୁତ ଥର କରିବାକୁ ଚେଷ୍ଟା କରିଥିବ, ବହୁତ ଭାବିଥିବ ଓ ଏବେ ମଧ୍ୟ ଚାହିଁ ଅଛ ପରର ପରାମର୍ଶ ଓ ସମାଧାନ । ତୁମ୍ଭେ ମୂଳରୁ ଜାଣିପାର ନାହିଁ ତୁମ୍ଭର ଗୁପ୍ତ କନ୍ଦାବାଦ ଶନୈଃ ଶନୈଃ ତୁମ୍ଭ ସ୍ୱାମୀଙ୍କଠାରୁ ତୁମ୍ଭପ୍ରତି ଯେ ସ୍ନେହ ମମତା ଥିଲା ତାହା ହ୍ରାସ କରୁଛି । ଏବେ ତାହା ଶୁଷ୍କ । ତେଣୁ ତୁମେ ତାଙ୍କର ଅଲୋଡ଼ା ପଦାର୍ଥ । କଥାରେ ଅଛି 'ଲଢ଼ା ବି ନଛାଡ଼େ, କମାର ବି ନଛାଡ଼େ' । ତୁମ୍ଭ ଦୁଇଜଣଙ୍କର ସେହି ଅବସ୍ଥା ମୂଳରୁ, ସି ଏବେ ମଧ୍ୟ ସେଇଆ ।

ତୁମ୍ଭେ କବିବରଙ୍କର ଗୋଟିଏ ପଦ ଉଚ୍ଚାରଣ କରିଛ "ଚିହ୍ନି ବାକୁ ଶିଖିନାହିଁ ପରମନ, ସେକି କେବେ ପ୍ରଭୁ ପଣକୁ ଭାଜନ ।" ସେହିପଦଟି ଓଲଟାଇ ଦିଅ । "ଚିହ୍ନି ବାକୁ ଶିଖିନାହିଁ ପ୍ରଭୁମନ, ସେକି କେବେ ଦାସୀ ପଣକୁ ଭାଜନ ।" ତୁମ୍ଭ କଥାଟି ସତ ହେଲେ ଏହାବି ଅସତ୍ୟ ନୁହେଁ । ଗୋଟିଏ କଥା ଅଛି first obey—than command" ତୁମ୍ଭର ଉଚିତଥିଲା ତୁମ୍ଭର ସ୍ୱାମୀଙ୍କୁ ଜିଦ୍‌ଖୋର ଦେଖି ତାଙ୍କର କଥାକୁ ଅନ୍ଧଙ୍କ ଭଳିଆ ଭଲ ହେଉବା ଖରାପ ହେଉ କରିଯାଇଥାନ୍ତ ମନେ ମନେ ନିନ୍ଦା ବା ପ୍ରତିବାଦ ନକରି । ଦେଖିଥାନ୍ତ ଅଳ୍ପଦିନ ପରେ ଚୁମ୍ବକ ଟାଣିଲାପରି କିପରି ସେ ତୁମ ଆଡ଼କୁ ଟାଣିହୋଇ ଆସିଥାନ୍ତେ ଓ ମନ୍ତ୍ର କଲା ଭଳିଆ ତାଙ୍କର ସମସ୍ତ ରାଗ, କ୍ଷମତା ମନ୍ତ୍ରକୀଳିତ ସର୍ପ ଭଳିଆ ଦୂରେଇ ଫିଙ୍ଗି ତୁମ ଇଚ୍ଛା ଅନୁସାରେ ନାଚିଥାନ୍ତେ । ଏଇ ତାର ପ୍ରକୃତ ଗାରୁଡ଼ି । ତୁମ୍ଭେ ମଧ୍ୟ ଶେଷରେ ପରାସ୍ତ ହୋଇ ପୁଣି ମନେ ଧାରଣା କରିଛ, "ଅଚ୍ଛା, ଦେଖି ମୋର ସାହାଯ୍ୟ ନନେଇ ସେ କିପରି ଚଳନ୍ତି । ସେ ଆସି ଆସିବେ ଖୋସାମତ କରି, ମୁଁ ଯଦି ବର୍ତ୍ତମାନ ତାଙ୍କର ବଶ୍ୟତା ସ୍ୱୀକାର କରେ ମୁଁ ସ୍ୱାଧୀନ ଚିନ୍ତାଶୀଳା ହୋଇ ଶିକ୍ଷିତାହୋଇ, ଯେ ଶୁଣିବ ସେ କଣ କହିବ ? ମୋର କଣ ମାନ ନାହିଁ ? ମୁଁ ସ୍ତ୍ରୀ ହୋଇ କଣ ତାଙ୍କର କିଛି କରିପାରେ ନାହିଁ ?" ଇତ୍ୟାଦି ସେ ଧାରଣା ତୁମକୁ ସମାଧାନ ଦିଗକୁ ନେଇ ପାରିନାହିଁ, ପାରିବ ନାହିଁ ।

ଛାଡ଼ ସେକଥା ଭଉଣୀ । ପଛକଥା ଗୁଡ଼ିକ ଭୁଲି ପକାଅ । ତୁମ୍ଭର ତ ଏହା ଶେଷ ଜୀବନ । ଅଉ ଏ ଶେଷ ଜୀବନରେ ନୀରସତା ଆଣୁଛ କାହିଁକି ? ଅନ୍ତରେ ଅନ୍ତରେ ସେହିକଥା ଭାବି ଜଳିପୋଡ଼ି ହେଉଛ କାହିଁକି ? ବର୍ତ୍ତମାନ ମୁକ୍ତ ସମୟ ଅଛି । ତୁମର ସ୍ୱାମୀଙ୍କୁ ଭଲ ପାଇବାକୁ ଶିଖ ଓ ସେବାକର । ଦେଖିବ ସେ ତମର ଗୋଟାପଣ ହେବେ । ଇତି ।

ତୁମ୍ଭର
ଶ୍ରୀ ଦାମୋଦର ଦାଶ ।

Digitized by srujanika@gmail.com

ସଜନା ଗଛମୂଳେ… .. …..

# ମୁନି-ପୁର

—ମଜାକବିତା—

ଲେଖକ:—ଶ୍ରୀ କୁବେର ଦଳାଇ

ବାର ମୁନିଙ୍କର ବିହାର ଥାନ ଏ
ଭାରତ ଠାକୁର ଭୂଇଁ,
ଘଉ ଘଉ ଏଥି କେତେ କୋଉ ମତ
ଜନ୍ମି ମାଇ ଯାଏ ଧୋଇ ।

କୃଷ୍ଣ ଦେଖଗଲେ ଗୋପ-ଲୀଳା ଏଥି
ବିଶ୍ୱାମିତ୍ର ସୃଷ୍ଟି ନୂଆ,
ସଗର ଖୋଳିଲେ ସାଗର, ଏ କଥା
ଅମର ପୁରାଣେ ଥୁଆ ।

ବୁଦ୍ଧ ବୁଣିଗଲେ ଅହିଂସା-ବିହନ
ପଡ଼ି ପଡ଼ି ହେଲା ପୋଗୁ,
ଶଙ୍କର ମୁନିଙ୍କ ଶିବ ମନ୍ତ୍ର ଆପେ
ଗଡ଼ି ଗଡ଼ି ହେଲା ନୋଗୁ ।

ଚୈତନ୍ୟ ଠାକୁରେ ନାମ ସାଜେ ଦେଲେ
ମନୁଷ ଜାତିଙ୍କି ସାଜ,
ଝାଞ୍ଜ ଖୋଲ ଧରି ଭକତେ ଯାଆନ୍ତି
ମଙ୍କଦମା ବଣେ ହଜି ।

ନାନକ ଗଢ଼ିଲେ ଦାଢ଼ିଆ ଜାତିଏ
ରାମାନନ୍ଦ ଦେଲେ ଚିତା,
ପିତା ହେଲା କେତେ ମିଠା କଥା ଆଜ
ମିଠା ହେଲା କେତେ ପିତା ।

ସେହି ତ ଏ ଦେଶ ବାନ୍ତ ଛଲେ ପୁଣି
ଗାନ୍ଧିଜୀ ଅହିଂସା-ବୀଜ,
ରୁଟିଲ କାହାକୁ ଅଛୁଆରେ ଥୋଇ
ଦେଖେଇଲେ ଭେପା ଠେଛ ।

ଯେ ଯା' ବାଟେ ଯିଏ ଗୁଲଶ ଚରମେ
କଣାଯିବ ଭଲ ଭେଲ,
ଏ ବେଳେ ଯୁଦ୍ଧର ହୁଙ୍କାର ଏ ଦେଶ-
ପେଟେ ଭଲ କଲବଲ ।

କଳା-ଗୋଲ ମର ସତ ଉମ୍ବଜବ
ବାଚ୍ୟ ଖଞ୍ଜି ଦେଲ ପାଞ୍ଜି,
ଜନରବ କୋଠି ମୁଖେ ମୁଖେ ଫୁଟି
ବୁଣିଲ ବିପଦ-ମଞ୍ଜି ।

ଚଢ଼ୋଇଙ୍କୁ ସବୁ ଉରନ୍ତି ଠାକେ ଲ
ଉଠିଲ ହୋମର ଧୂମ,
ଗ ଆଁ ଦେବୀ ମାଈ ଗୋଲଠା ବିପଦେ
ଉଡ଼ାଇ, ରଖିଲେ ଧାମ ।

ହାୟ, ସତ୍ୟ-ଯୁଗ ନ ଆସିଲ ! ଥକି
ଅଟକିଲ ପଥ ବାଟେ;
ଅସିଥିଲେ ପୁଣି ନୂଆ ମୁନି ଉଠେ
ଥାଆନ୍ତେ ଏ ଦେଶ-ହାଟେ ।

Digitized by srujanika@gmail.com

# କାଳିଆ ବଳଦ ଗଲା ଗଲା..........

ସଂଗ୍ରାହକ:—ଶ୍ରୀ ଦେବ ମହାପାତ୍ର

"ସୁରମାର ଏବକାର ଫଟୋଟି ଏତେ ସୁନ୍ଦର ହୋଇଛି କହି ହେବନି"

"ସତ ?"

"ହଁ, ଫଟୋଟି କାହାର ବୋଲି ମତେ ପଚାରି-ବାକୁ ପଡ଼ିଥିଲା ।" × × ×

ପୌଢ଼ା—ହେ ବାଳକ, ମୁଁ ବୁଡ଼ୁ ବୁଡ଼ୁ ରୁ ମତେ ରକ୍ଷା କଲୁ । ମୁଁ ତତେ ଅଠଅଣା ପଇସା ଦେବାକୁ ଚାହୁଁଥିଲି କିନ୍ତୁ ଦେଖ ମୋ ପାଖରେ ଟଙ୍କାଟିଏ ଅଛି, ରେଜା ପଇସା ନାହିଁ ।

ଟୋକା—କିଛି ଚିନ୍ତା ନାହିଁ, ଅନ୍ୟ ଥରେ ଡେଇଁ ପଡ଼ୁ । × + +

"ମୁଁ ଦୁଇବର୍ଷଧରି ମୋ ନିଜ ଖୋରାକ ନିଜେ ରୋଷେଇ କରୁଛି ।"

"ତେବେ ନିଶ୍ଚୟ ତୁମର ଚାଲିରେ କିଛି ବେମାରି ଅଛି ।" × + +

ପ୍ରେମିକ—ତମେ ଜାଣିଚ ତମେ ଅସୁନ୍ଦରୀ ନୁହ !

ପ୍ରେମିକା—ତମେ ଏକଥା ନ ଭାବୁଥିଲେ ବି ଏମିତି କହିବ !

ପ୍ରେମିକ—ଯେତେ ହେଲେ ବି ତମେ ସେମିତି ଭାବିବ ମୁଁ ନ କହିଲେ ସୁଦ୍ଧା । × ×

"ପାଞ୍ଚବର୍ଷଧରି ମୁଁ ଯୋଉ ଲୋକଟିକୁ ଜାଣେ ସେ ମୋତେ କାଟି ଦେଲା ।"

"ସେ କିଏ ?"

"ମୋ ଭଣ୍ଡାରୀ ।" × ×

ଜଗୁବୋଉ—ହେ ଚନ୍ଦ୍ରବୋଉ, ତମପୁଅ ମୋ ପୁଅ ଖାତାରୁ ଅଙ୍କ କପି କରୁଛି ବୋଲି ମୁଁ କିଛି କହୁନ କିନ୍ତୁ ମୁଁ ଜାଣିଚି ମତେ ଏତିକି କହିବାକୁ ପଡ଼ିବ ଯେ ଅଙ୍କର ଉତ୍ତର ଭୁଲ ହେଲା ବେଳକୁ ତମ ରଘୁ ମୋ ଜଗୁକୁ ଯୋଉ ପିଟା ପିଟୁଚି!

× + ×

ବାପା—ଚୁନୁ, ତୁ କହ ପାରିବୁ କି ମୋ ଘଡ଼ିରେ ଏ ଯେଉଁ ଛୋଟ କଣ୍ଟା ଅଛି ସେଥିରୁ ସଙ୍କସାନ କଣ୍ଟାଟି କାହିଁକି ବଡ଼ କଣ୍ଟା ଅପେକ୍ଷା ଜଲଦି ଜଲଦି ଚାଲୁଛି ?

ଚୁନୁ—ମୁଁ ଭାବୁଛି କାରଣଟା ବୋଧେ ସେଇଟା ଯୋଉଥି ପାଇଁ ତମ ସାଙ୍ଗରେ ଚାଲିଲାବେଳେ ମତେ ଦୌଡ଼ିବାକୁ ପଡ଼େ । × ×

ବାପ—ଚାଃ ଘରେ ପହଞ୍ଚି କି ନ ପହଞ୍ଚିଚ ପଇସା ମାଗିଲୁଣି ! ଟିକିଏ ଡେରି ସହୁଲା ନାହିଁ ।

ପୁଅ—କିନ୍ତୁ ବାପା ଆଜି ଯେ ଟ୍ରେନ ଘଣ୍ଟାଏ ଲେଟରେ ଆସିଛି । × × ×

ବାପ ଗୋଟିଏ ମନୋବିଜ୍ଞାନ ପରୀକ୍ଷା କରିବାକୁ ଇଚ୍ଛା କଲେ । ସେ ପୁଅକୁ ଗୋଟିଏ ବହି, ଗୋଟିଏ ଆତ, ଅଉ ଗୋଟିଏ ଅଧୁଲି ଦେଲେ । ପୁଅ ଯଦି ବହିଟି ନେବ ତେବେ ବଡ଼ ହେଲେ ସେ ଜ୍ଞାନୀ ହେବ, ଯଦି ଆତ ନେବ ତେବେ କୃଷକ ହେବ ଅଉ ଯଦି ଅଧୁଲି ନେବ ତ ବେବସାୟରେ ଉନ୍ନତି କରିବ ।

ବାପ ବାହାରକୁ ଚାଲି ଯାଇ କେତେ ସମୟ ପରେ ଆସି ଦେଖିଲେ, ପୁଅ ବହି ଉପରେ ବସିଛି, ଅଧୁଲିଟି ପକେଟରେ ପୁରାଇଚି ଅଉ ଆତ ଖାଉଚି ।

ବାପ କହିଲେ "ମିମାଂସା ହୋଇଗଲା— ପୁଅ ମୋର ଗଛଳଅ ଓକିଲ ହେବ । + +

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ

**କବିକେତୁ ଦୂର୍ବଳାସୁର ବିରଚିତ**

## ( ଠ )

ଠିକ ଠବର୍ଣ୍ଣ ଲ ଚନ୍ଦ୍ରାନନା ଚୋ ଚିତ୍ତରେ ।
ଠକାଠକ ଭାବ ରଖି ନଟେଥି ନ ଦେଇଣ ସଖି
ଠାବ ଦେଇ ଥିବୁଟିକ କଣ୍ଠିତରେ ॥
ଠଣଠଣିଆ ଚଟିରେ ଠୁକର ମାର ପିଟିରେ
ଠେଲିଦେବା ହୋଇବକି ଉଚିତରେ ?
ଠିଆହୋଇ ମୋହପାଇଁ ଠାବଦେଲେ ଠକୁରାଇ
ଚୁଲେ ପୁଣ୍ୟ ଯିବନାହିଁ ପଚିତରେ !
ଠେକୁଆ ସରକ ମୋତେ ଠକୁରୁଛି ଯେବେ ସତେ
ଠେଙ୍ଗାରେ ଠୁଙ୍କାଇ ଦେବି କେଶ୍ଚିତରେ ।

(ରସଗୋଲା ପରି ବର୍ତ୍ତୁଳ ତୋର ବଦନ ଦେଖି ମୁଁ ଭାବିଥିଲି କି ତୁ ସେହିଭଳି ସରସ ଓ ମଧୁର; ତୁ ଇଚ୍ଛା କଲେ କଷ୍ଟସୁ ମୋର କାମ ହୋଇ ଯାଆନ୍ତା । ତୋର ବା ଇଡ଼ିରେ ହାନି କଣ ହୁଅନ୍ତା ? ମାତ୍ର ଏଥିଣି ତୋର ଭାବ ଦେଖି ମୁଁ ଜାଣୁଛି କି ମୋତେ ହଲପଟା କରିବା ମାନସରେ ତୁ ଗୋଡ଼ ଲମ୍ବାଇ ବସୁଛୁ । ଜାଣିଛୁ ତ ବଜାର ଗୁଣ୍ଡା ଦଳ ଆମର ଅଛନ୍ତି; ଆମେ ଯେତିକି ଭଲ ସେତିକି ମନ୍ଦ । ସାତ ବାପର ନୋହୁଁ । ଆମ ସାଙ୍ଗରେ ଖେଳିଖି ଇଲେ ମଜାଟା ବୁଝାଇ ଦେବୁଁ ଏକା ।

ଏହାଶୁଣି ସ୍ୱାଧୀନା ଫେଁ ଫେଁ ଚର୍ଚ୍ଚିଉଠି ବକିବାକୁ ଲଗିଲେ—

## ( ଡ )

ଡର ନାହିଁ କି ହେ ପର ତରୁଣୀ ହରଣୁଁ ।
ଡାକିହାକି କରି ଡକାଇତ ପରି
ଧରନେବ ଧରକଣୁଁ ॥ ଘୋ ।
ଡ଼ମା ଡ଼ମା ଆଖି ଦେଖାଇ ହେଉଛ
ମୁହିଁରେ ଦେଉଛ ଶାଣ,
ଡମ୍ଫା କଥାରେ ମୁଁ ଡରିବା ପାତର
ନୁହଇଁ ମାତର ଜାଣ ।
ଡକିଂଏ ଡକିଂଏ ଶୀତଳ ଗୋଇବା
ଉଚିତ ତତଲା ଜାଉ,
ଡାହାଣୀଙ୍କ ଭଳି ହେଉଅଛ ଦଳି
ଗିଳିବାକୁ ଠାଉ ଠାଉ ।
ଡେଙ୍ଗା ମୁଣ୍ଡ ଫାଟି ଖୋଳପିବ ମାଟି
ବସି ଶିର୍ଘାତଆ ମାଡ଼,
ଡ଼ିଆଁ ମାରୁ ଖାଣି ଭିତରେ ପଶିବ
ଭାଙ୍ଗିବ ଠେଙ୍ଗଣି ହାଡ଼ ।
ଡାମ୍ବ ଗ୍ରୀପକେଲ୍ ପିଙ୍ଗିଲ କୋଡ଼ରେ
ପଡ଼ି ହେବ ହରବର,
ଡ଼ିପୋଟିଙ୍କ ଆଗେ କହି ଏଇଲାଗେ
ଠୁଙ୍କି ଦେବ ମାମୁଁରେ ।
ଡୋରି ବନ୍ଧା ହୋଇ ଯୋଡ଼ା ବେତ ଖାଇ
ଠାଣୁଥିବ ଯେବେ ଘଣ୍ଟା,
ଡାଲି ଭାତ ମାରି- ବାର ମତଜଟା
ପଶିଯିବ ସେତେବେଳ ଜଣା ।

ମୋତେ କଣ ସାଧାରଣ ମଫସଲ ମଣିଷ ଜାଣି କରି ପାଇଛ ଯେ ତୁମ ଭୟରେ ଡରିଯିବି ! ସେ କାଲ ପଖାଲକୁ ବାଘ ଖାଇଲାଣି, ଜବରଦାସ୍ତି, ସେଭଳି ମତଲବ ଛାଡ଼ିଦିଅ । ଛିଲେମାନ ଚେଷ୍ଟା କଲେ, ପୁଲିସ ଦ୍ୱାରା ଚାଲଣ କରାଇ ଜେଲ ଗରାଦି ଦେବାକି ।

ଏହାପରେ ସିଧା ସିଧା ଜବାବ ପାଇ ଚଟକଚନ୍ଦ୍ର ଦେଖିଲେ ଯେ ଏଠାରେ କେବଳ ଧମକାଣରେ ଫଳ ହେବନାହିଁ; ଏଣୁ ନରମ-ଗରମ ମିଶାମିଶି ଏହି ବାଣୀ ବଖାଣିଲେ ।

(କ୍ରମଶଃ)

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ—**

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଡଗରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

## ମୋ ଭାଇ

ହସୁଛୁ ତାରକା     ନୀଳ ନଭେ ଠାରି
ଚାହିଁ ଦେଖି ମୋର ଭାଇ,
ପଦେ ପଦେ ତାଳ     ଦେଇ ସମୀରଣ
କି ଉଲ୍ଲାସେ ଆସେ ଧାଇଁ।
କୁଳୁ କୁଳୁ ଛନ୍ଦେ     ହୁଳହୁଳି ଦିଏ
ସ୍ରୋତସ୍ୱିନୀ ନଦୀ ବୁକେ,
କହ ଭାଇ ମୋର     ତୋ' ନୟନେ ଅଶ୍ରୁ
ଭରି ଉଠେ କିବା ଦୁଃଖେ?
ଜଗତ-ବନ୍ଦନ     ଜଗନ୍ନାଥ, କୋଳ—
ମଣ୍ଡନ କରନ୍ତି ଯା'ର,
ସେହି ତୋ ଜନନୀ     ଜନମଭୂମିଟି,
ବୀର ସନ୍ତାନ ତୁ ତାର।
କଳା ଧଳା ଘୋଡ଼ା     ଚଢ଼ି ଭ୍ରମ କର
କାହିଁ ଅଭୟ ନ ପଥେ,
ଗଲେ ତୋହପାଇଁ,     ତୁ ପୁଣି କାନ୍ଦୁଛୁ
ଲଜ୍ଜା କି ନ ଲାଗେ ତତେ?
ତୋ ପୂର୍ବପୁରୁଷେ     ବାଳକ ରଖିଲେ
ବାଜିଶ' ବଢ଼େଇ ପ୍ରାଣ,
ଲୋଡ଼ା ହେଲେ ଯେବେ     ହସି ହସି ସେ ତ
ଦେଲେ ନିଜ ପ୍ରାଣ-ଦାନ।
ଅମାବାସ୍ୟା-ନିଶି     ଅନ୍ଧାର ଆସିଛି
ଯେବେ ରେ ମୋ' ବୀର ଭାଇ,
ତହିଁ ବି ହସିଛୁ     ତୋ' ଭଳି ନିର୍ଭୟେ
କାନ୍ଦୁ ତୁ'ରେ କାହିଁପାଇଁ?
ସୁଖ ଯେବେ ଅଛି     ଦୁଃଖ ତ ରହିବ
ସୃଷ୍ଟିର ଅକାଟ୍ୟ ନୀତି,
ବୀର ଭାଇ ମୋର,     ତୁନି ହ'ରେ ବାପୁ
ନ କର ତୁ ତହିଁ ଭୀତି।
ଆଲୋକେ ଚାଲିବା     ସହଜ ତ ପଥ
କି ଅଛି ଅସାଧ୍ୟ ତହିଁ,
ଅନ୍ଧକାରେ ପଥ     ଯିଏ ପାରେ ଚାଲି
ବୀର ସିନା ତାକୁ କହି!
ତୁନିହ' ମୋ ଭାଇ     ତୁନିହ'ରେ ବାପୁ
ଜାତି-ଇତିହାସେ ଚାହିଁ,
ଧୈର୍ଯ୍ୟ, କ୍ଷମା, ଦୟା,     ସତ୍ୟ ତୋ' ଜୀବନ
ନହୁଅ ଆଜ ତୁ ବାପୁ।

କୁମାରୀ ଶୈଳବାଳା ୧୭ ନଂ

---

## ନାରୀ

ମଧୁରିମା ମନ୍ଦହାସ ସେନେହ କୋମଳତା,
ବିମଳ ପ୍ରୀତି-ରାଗ ସୋହାଗ ସରଳତା।
ଜଡ଼ିଛି ଯା ଅନ୍ତରେ—କିଏ ଅଛି ଦେବୋପମ,
ବିଶ୍ୱର ସାରା-ବକ୍ଷେ ସୃଷ୍ଟି କାହିଁ ତା ସମ?
ସମ୍ପଦେ ବିପଦେରେ ଜୀବନେ ଦୁଃଖେ ସୁଖେ,
ଯାହାର ଲୋଡ଼ା ହୁଏ ସର୍ବଦା ରୋଗ ଶୋକେ।

Digitized by srujanika@gmail.com

କେସନେ ସେ ଦୃଷ୍ଟିର କରନ ନନ୍ଦାବାଦ,
ସ୍ୱାର୍ଥପରେ ସିନା ଦଅନ୍ତ ଅପବାଦ !
ବନ୍ଧୁର ସମାଜ ତା ନ କର ବବେଚନା,
ମେଣ୍ଟାଇ ଦଏନାହିଁ ତାର ହୃଦ-ଯାଚନା !
ଗାଅଇ କଏ କେତେ ତା ନାଟମ ଅପଗୀତ,
ଲେତକେ ଭରଯାଏ ତାର ଅନ୍ତର କଛ ।
ଯେ ଯା'କୁ ସ୍ନେହ ଦଏ ତାହାର ପ୍ରତଦାନ—
ଦେବାକ ଏ ସଂସାରେ ହୁଏ ଗୋ ପାପକାମ ?

\+ × +

ଏତେ ଗୋ ସୌହାର୍ଦ୍ଦ୍ୟତା ଦଅଇ ନରେ ଯେନ୍ହୁ,
ନର୍ମଳ ହୃଦୟୁ ଠାରେ ଶିର ମୋ ନତ ହେଉ ।

ଶ୍ରୀ ନରେନ୍ଦ୍ରମୋହନ ନାୟକ ।
୧୭୨ ନଂ ନାଗ

## ଅଜାଙ୍କ ଜବାବ

ବ୍ରଜଗୋପାଳ—(୪୦୭) ୧ । ନାଗ ପାଣ୍ଠିରେ ଏମିତ କଛ ଟଙ୍କା ନାହିଁ ଯଦ୍ୱାର କ କୌଣସି ପ୍ରକାର ପଦକ ଦଆଯାଇ ପାରବ । କଛଦନ ତଳେ ଉତ୍ତର ବାଲେଶ୍ୱର ବନ୍ୟା ସାହାଯ୍ୟ ପାଇଁ ଟ ୫ ୮ ଦଆଯାଇଥିଲ । ଏତେ ନାଗ ଥାଇ ସୁଦ୍ଧା ପ୍ରତବର୍ଷ କାହାଠାରୁ ନାଗ ଫି ମିଳେନାହିଁ ।

୨ । ଅଜାବନ ସଭ୍ୟର ମାନେ ହେଉଛ ଥରେ ନାଗ ଫି ଦେଇ ୧୮ ବର୍ଷ ପର୍ଯ୍ୟନ୍ତ ସଭ୍ୟ ହୋଇ ରହି ପାରବା । ସାଧାରଣତଃ ପ୍ରତବର୍ଷ ଅଣାଏ ଲେଖାଁଏ ଦେବାକୁ ପଡ଼େ । 'ଜଗର'ର ନାଗସଙ୍ଘ "Statesman" ର Benji League ବା "Illustrated Weekly ର Young" Folks League ଭଳଆ ଗୋଟିଏ ଅନୁଷ୍ଠାନ । ଏଥିରେ କେବଳ ଅଠର ବର୍ଷରୁ ଊଣା ପିଲ୍ଲମାନଙ୍କର ପ୍ରବେଶ ଅଧିକାର ଅଛ, ଅନ୍ୟମାନଙ୍କର ନାହିଁ । ଯଦ କେହି ନାଗର ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ, ଅଥଚ ନାଗ ସଂଘର ସଭ୍ୟ ହୋଇ ରହିଛ ସେପର ସଭ୍ୟଙ୍କର ସଂଘରୁ ବଦାୟ ନେବା ଉଚତ । ଅନ୍ୟ ନାଗମାନଙ୍କର ମଧ କର୍ତ୍ତବ୍ୟ ଯେ ସେ ତାଙ୍କୁ ଚେତେଇ ଦେବେ ଓ ଏହ ଅର୍ଥସବୁ ଜଣାଇବେ । ଯଦ ଏପର କୌଣସି ଲୋକ ନାଗସଙ୍ଘ ପାଇଁ ଲେଖା ପଠାଇବାକୁ ଚାହାନ୍ତ ସେମାନେ ତାହା ପଠାଇ ପାରବେ । "ପୁରାତନ ସଭ୍ୟ" (Ex-member) ବୋଲ ପ୍ରବନ୍ଧ ବା କବତା ତଳେ ଲେଖିବାକୁ ହେବ ଓ ନମ୍ବର ଦେବାକୁ ହେବ ।

୩୮୧ ନମ୍ବର—ତମର ରୋଗମୁକ୍ତ ସଂବାଦ ଶୁଣି ଖୁସି ହେଲ । ଅଜୀବନ ନାଗ ଫି ପଠାଅ ଓ ଲେଖା ଟକ୍ତିଏ ମଧ ପଠାଅ ।

## ନୂଆ ନାଗଙ୍କ ନାମ

୪୬୬ । ଶ୍ରୀ ଚନ୍ଦ୍ରମଣି ଦାଶ, 7, Loyaus Range, Calcutta. । ୪୬୭ । ଶ୍ରୀ ଅଧିକାର ବାରକ, "ଶାନ୍ତ ଅଶ୍ରମ" 3. Clive Row, Calcutta । ୪୬୮ । ଶ୍ରୀ କାଳନ୍ଦୀ ଚରଣ ନାୟକ, ଗ୍ରା: ଠାକୁର ପାଟଣା, ପୋ: ନୂଆପଡା; ଜି; କଟକ । ୪୬୯ । ଶ୍ରୀ ସୁରେନ୍ଦ୍ର ନାଥ ଦାସ, ୨ନଂ ଅତ୍ଯୁଣ ରୋଡ଼ ( ସାକଚ ) P. O. Jamshedpur. ୪୭୦ । ଶ୍ରୀ ଦାମୋଦର ଦାସ, Raipur Store Depot, P. O. & Dt. Raipur (C. P.) ୪୭୧ । ଶ୍ରୀ ପ୍ରହ୍ଲାଦ ପ୍ରସାଦ ମହାନ୍ତି, ବାଲେଶ୍ୱର ଜିଲ୍ଲାସ୍କୁଲ ୧୧ଶ ଶ୍ରେଣୀ, ପୋ. ବାଲେଶ୍ୱର । ୪୭୨ ଶ୍ରୀ ମନୀନ୍ଦ୍ରକୁମାର ମିଶ୍ର, କୋଠାର ଏମ୍: ଇ: ସ୍କୁଲ, ପୋ: କୋଠାର, ଜି: ବାଲେଶ୍ୱର ।।

Digitized by srujanika@gmail.com

REG. NO. P. 441

THE DAGARO—16-8-1943.


# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀୟ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ସୁଦ୍ଧା ଅଧିକ ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ

ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୬ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା

ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

**ସୁଦୃଢ଼ତାର ପରିଚୟ—**

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ତେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସର୍ବତ୍ର ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗସ୍, କଲିକତା

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗେନାଇଜର
କଟକ ।


Digitized by srujanika@gmail.com

# Dagaro


୭ମ ବର୍ଷ

୭ମ ସଂଖ୍ୟା

Utkal's most popular Fortnightly
OF
LIGHT, LEAD & LAUGHTER.

ଭାଦ୍ର

ପ୍ରଥମାର୍ଦ୍ଧ




ସମ୍ପାଦକ

## ଶ୍ରୀଲକ୍ଷ୍ମୀକାନ୍ତ ମହାପାତ୍ର

ବାର୍ଷିକ ତିନି ଟଙ୍କା ଆଠଅଣା ପ୍ରତିଖଣ୍ଡ ଦୁଇଅଣା

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲି:

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀୟ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ହିଁ ବା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୭ ବର୍ଷ ଧରି କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା ଜଗତରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଛି ।

**ସୁଦୃଢ଼ତାର ପରିଚୟ—**

୧୯୪୦ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକାଅଶୀ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ତେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସବଳ ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗେନାଇଜର
କଟକ ।


Digitized by srujanika@gmail.com

୭ମ ବର୍ଷ
ସପ୍ତମ ସଂଖ୍ୟା
ଭାଦ୍ର ପ୍ରଥମାର୍ଦ୍ଧ
ତା ୧-୯-୪୩ ରିଖ

# ଡଗର
## ହୁକା ହୁକା ହୁଆ
### ( ବିଲୁଆ ବିଗୁର )

— ପାକ୍ଷିକ —
ବାର୍ଷିକ - ୮।୦
ପୃଷ୍ଠସଂଖ୍ୟା — ୨୦୭
ସଜସ୍ପୂରଣ — ୨୬୧

ଭାରତବାସୀ ବିଶ୍ୱଜନୀନ ( international ) ଜନ୍ତୁ, ତେଣୁ ଦେଶାତ୍ମବୋଧ ଠାରୁ ଆମର ସାର୍ବଭୌମିକତ୍ୱବୋଧଟା ଟିକିଏ ବେଶି । ଅର୍ଥାତ୍ ସ୍ୱକୀୟାଠାରୁ ପରକୀୟା ପ୍ରେମଟା ଅଧିକ । ଏହି କାରଣରୁ ଆମେ ଏଯାଏଁ ନିଜ କଥା ପଛକୁ ପକାଇ, ଏପରିକି ଆସନ୍ନ କାଳରୂପୀ ଅନ୍ନାଭାବ ପାସୋରି ଇଟାଲିର ଅବସ୍ଥା ବିଷୟରେ ଅଧିକ ଚିନ୍ତାନ୍ୱିତ । ଶିକ୍ଷିତ ଲୋକ ଦୁଇଜଣ ଭେଟ ହେଲେ ମାତ୍ରେ ଆଗ ଆଲୋଚନା ଚାଲିଛି ଇଟାଲିର ଭାଗ୍ୟବିପର୍ଯ୍ୟୟ ଘେନି । ବଡ଼ ଚିନ୍ତା—ମୁସୋଲିନୀ ଗଲେ କୁଆଡ଼େ ? ସେ ଜର୍ମନୀରେ ଅଛନ୍ତି କି ରୋମରେ ବନ୍ଦୀ ହୋଇଛନ୍ତି, ପୁଣି ନିଜ ଘରେ ନଜରବନ୍ଦୀ କି ଜେଲଖାନାରେ ବନ୍ଦୀ ଇତ୍ୟାଦି ବିଷୟମାନଙ୍କରେ, ନାନା ତର୍କ ବିତର୍କ, ଏପରିକି ଗରମାଗରମ ହାତାହାତି ହେବାର ଉପକ୍ରମ ହୋଇଯାଉଛି । ଆମେ କହୁଁ—ବାବୁ, ଏତେ କଳରେ କି ଲେଡ଼ା—ଖବର କାଗଜ ଯଦି ଗୋଳମାଳିଆ ହେଉଛି ତ ସିଧା ମୁସୋଲିନୀଙ୍କ ଠାରୁ ଦୋରଙ୍ଗ ଭାଷା କହି ରିପ୍ଲାଇ କାର୍ଡ ଦେଲେ ତ ଧୋକା ମେଣ୍ଟି ଯାଆନ୍ତା !

× × × +

ଗତ ଅଗଷ୍ଟ ତା ୧୬ ରିଖ ଠାରୁ ଅବାଧ ବାଣିଜ୍ୟ ହୁକୁମ ଉଠିଗଲା । ଏହା ଫଳରେ ଓଡ଼ିଶାର ଧାନ ଚାଉଳ ଆଉ ଓଡ଼ିଶାର ବାହାରକୁ ଯାଇ ପାରିବ ନାହିଁ । ଯଦି ଯାଏ, ତେବେ ଅନୁମତି ନେବାକୁ ପଡ଼ିବ ।

ଏଇ 'ଯଦି'ଟାକୁ ଅନେକେ ଭୟ କରୁଛନ୍ତି । କାରଣ ଏଇପରି 'ଯଦି,' 'କିନ୍ତୁ,' 'ମାତ୍ର' ପ୍ରଭୃତି ଦୁଇ ଅକ୍ଷରିଆ ଶବ୍ଦମାନଙ୍କର ତଳ ଫାଙ୍କ ଦେଇ ଅନେକ କିଛି ହୋଇଯିବାର ମୌକା ରହୁଛି । ତେବେ ଆମେ ମନେକରୁଁ, ଯେତିକି ହୋଇଛି ସେତିକିହିଁ ଆମ ପକ୍ଷରେ ଶୁଭପ୍ରଦ ଓ ସେଥିପାଇଁ ପାଟମନ୍ତ୍ରୀ ମହାରାଜା ସାହେବ ସମସ୍ତଙ୍କର ଧନ୍ୟବାଦର ପାତ୍ର ।

× × × ×

ଓଡ଼ିଶାକୁ ବଳକା ପ୍ରଦେଶ ବୋଲି କହି ଅଚ୍ଛା କରି ବଢ଼େ ଦୁହିଁ ନିଆ ହୋଇଛି । ଏବେ ଯେଣିକି ନିଅଣ୍ଟିଆ ବୋଲି କହିବାକୁ ଗଲେ ଅନେକେ ଶୁଣିବାକୁ ନାରାଜ । ଏଇ ଯେଉଁ ନଈ ବଢ଼ିଟା ହୋଇଗଲା ସେଇଟା ତାଙ୍କର ଆଖି ଖୋଲି ଦେବ ବୋଲି ଆମର ବିଶ୍ୱାସ । ତେବେ ତାଙ୍କ ଗରଜ ବେଳରେ ଓଡ଼ିଶା ଯେପରି ବଦାନ୍ୟତା ଦେଖାଇ ଥିଲା ଓଡ଼ିଶାର ଜୀବନ ଯିବା ବଖତରେ କେହି ସେପରି ଦେଖାଇବେ କି, ନା, ତମ କରମ ତମେ ଅଦର ପଡ଼ିଥା ବୋଲି କହି ପବିତ୍ର (pious) ସହୃଦୟତା ଦେଖାଇବେ ?

× + × ×

ମା ଲକ୍ଷ୍ମୀ ଉତ୍କଳରୁ ପଳାୟନ କରିବାରୁ ବୋଧହୁଏ ତାଙ୍କ ସଉତୁଣୀ ଠାକୁରାଣୀ ଏ ବେଳ ଉତ୍ତରି ରାଜ୍ୟ ବିସ୍ତାର କରିବାରେ ତତ୍ପରା ହୋଇ ପଡ଼ିଛନ୍ତି । ଜ୍ଞାନ ଲିପ୍ସୁ ଓ କଳାଲୁଣ୍ଠୀ ଓଡ଼ିଆ ଛାତ୍ର ବଖତ ଠଉରେଇ ବୁଦ୍ଧି ପେଟ ପୋଡ଼ିବାକୁ ଖାତିର ନ କରି ଚଉ ମନର ଉନ୍ନତି ସାଧନରେ ଲାଗି ପଡ଼ିଲେଣି । ଉତ୍କଳ ମହା ବିଦ୍ୟାପୀଠର ଅନୁକୂଳ କଳିଷ୍ଠ ବମୁ ନ ବମୁଣ୍ଡ ଓଡ଼ିଶା ତମାମ ନୂଆ ନୂଆ କଲେଜ ବସାଇବାର ଧୂମ ଲାଗି ଗଲାଣି । ଅନିଷ୍ଟ ମଧ୍ୟ ଦେବ ଇଚ୍ଛେ ମିଳିବାର ଯେଉଁ ପୁରୁଣା କଥାଟା ଅଛି ଏଇଟି ତାର ପ୍ରମାଣ । ଯାହାହେଉ ଓଡ଼ିଶା ପକ୍ଷରେ ଏହା ଯେ ଅତି ଶୁଭ ଲକ୍ଷଣ ଏଥିରେ ସନ୍ଦେହ ନାହିଁ ।

\+ + + +

Digitized by srujanika@gmail.com

କଥା ଉଠିଲାଣି କଟକ ସହରରେ ଆଉ ଗୋଟିଏ କଲେଜ ବସିବ—ସମ୍ଭବତଃ ଏକାଡେମିରେ। ତା ପଛେ ପଛେ ବର୍ଷିଇ ଉଠିଲେ ଶ୍ରୀକ୍ଷେତ୍ରବାସୀ। ତେଣେ ସମ୍ବଲପୁରରେ ଲାଗି ଗଲାଣି ପ୍ରଚେଷ୍ଟା। ଶୁଣାଯାଉଛି ପୁଣି ଜଜପୁରର ଶ୍ରୀ ବିରଜା କ୍ଷେତ୍ରରେ କେହି କେହି ଖୋସିଣି ଭିଡ଼ୁଛନ୍ତି। ସବୁ ପଛକୁ ରହିଯାଇଥିଲା ଯେ ବାଲେଶ୍ୱର—ତାର ବି ଏତିକିବେଳକୁ "ଫରକ ଉଠିଛି ଭାଙ୍ଗାଣ ଅଛି!" ପଛରେ ହେଉ ପଛକେ, ବର୍ତ୍ତମାନ ବାଲେଶ୍ୱରର ଯେଉଁ କାହିଲେ ଅବସ୍ଥା, ସେଥିରେ ଏପରି ଗୋଟାଏ ଚେଷ୍ଟା ବା ବିସ୍ତରଣା ବି ବାଲେଶ୍ୱର ପକ୍ଷରେ ଗୌରବର କଥା।

ତେବେ କଥା ହେଉଛି, ସମସ୍ତେ ଥାଳ ଧରି ସରକାର ଦୁଆରେ ଏକାବେଳେ ହାଜର ହୋଇ ବସିଲେ ହୁଏତ କାହାରିକୁ ଭିକ ଦି ମିଳିପାରେ ଅଥବା ଯେ ଟିକେ ଦେଖାଇ ବଳ ପାଟି କରି ପାରିଲା, ସେହି ଏକା ମାରି ଅଣିଲା। ବାଲେଶ୍ୱରରେ ସେ ଗୁମ ନ ଥିଲେ ବି, ଅଯୋଧ୍ୟା ଯେତେବେଳେ ରହିଛି, ରାମ ବାହାରିବା କେତେ ମାସ! ଏପରି କେହି ଜଣେ ହେଲେ କି ବାଲେଶ୍ୱରରେ ନାହିଁ ଯେ ବାପ ଅଜାଙ୍କ ବଂଶର ଗୌରବ ବଢ଼ାଇବା ସଙ୍ଗେ ସଙ୍ଗେ ଆପଣା ନାମକୁ ଅକ୍ଷୟ କରି ଯାଇ ପାରିବ?

× × + +

ବଙ୍ଗଦେଶରେ ଖାଦ୍ୟାଭାବ ହେତୁ ଅତି ଭୟଙ୍କର ଅବସ୍ଥା ଉପୁଜିଛି ବୋଲି ବଙ୍ଗର ମେମ୍ବର ସାର ଗଜନଭି ଏଥର ବିସ୍ତରକର ବଙ୍ଗକୁ ଦୁର୍ଭିକ୍ଷ ଅଞ୍ଚଳ( Famine area ) ଘୋଷଣା କରିବା ନିମନ୍ତେ ଏକ ମୁଲତବି ପ୍ରସ୍ତାବ ଆଗତ କରିଅଛନ୍ତି। ଗଜନଭି ସାହେବ କହିଛନ୍ତି କି ସେଠାରେ ପେଟ କଷ୍ଟ ସହି ନପାରି ମା-ବାପ ତାଙ୍କ ପିଲାଙ୍କୁ ନଈରେ ଭସାଇ ଦେଉଛନ୍ତି। ଲୋକେ ଖାଦ୍ୟାଭାବରେ ବହୁତ ମରିଯାଉଛନ୍ତି।

ଓଡ଼ିଶା ସମ୍ବନ୍ଧରେ କିଛି ହେଉନାହିଁ ବୋଲି ଯଦି କେହି କହେ, ଆମେ ତାଙ୍କୁ ବୁଝାଇ ଦେଉଛୁଁ କି—ଆମ ଓଡ଼ିଶାର ପ୍ରତିନିଧି ବି କମ୍ତି ନାହାନ୍ତି। ପଂଡିତ ନୀଳକଣ୍ଠ ଦାସ କେନ୍ଦ୍ର ଆସେମ୍ବ୍ଲିରେ ପ୍ରସ୍ତାବ ଆଗତ କରୁଛନ୍ତି କି ଆସେମ୍ବ୍ଲି ସଭ୍ୟମାନଙ୍କ ଦରମା ମାସକୁ ଟ ୫୦୦୲ କରି ହେଉ। ଏତକ ହୋଇଗଲେ ଓଡ଼ିଶାର ଖାଦ୍ୟାଭାବ ଓ ବେକାର ସମସ୍ୟା ଏକାବେଳକେ ଉଭେଇଯିବ ନାହିଁ କି?

× × ×

ଇଟାଲିର ଭୂତ ଭାଗ୍ୟ ବିଧାତା ସେନର ମୁସୋଲିନୀଙ୍କ ସମ୍ବନ୍ଧରେ ଗୋଟାଏ ଶୋକ ସଂବାଦ ବାହାରିଛି। ସେ ପରା ଗୋଟାଏ ବୁଡ଼ା ଜାହାଜରେ ଚଢ଼ି, ବୁଡ଼ ଖୁଜ କଉଁଠିକି ଯାଉଥିଲେ। ମିତ୍ରପକ୍ଷର ବୋମା ମାଡରେ ସେ ଜାହାଜଟି ଚୂନାଚୂର ହୋଇଗଲା। ତହିଁରେ ଥିବା ଲୋକେ ବୁଡ଼ିମଲେ। ଅତଏବ ବୁଡ଼ିଥିବା ଲୋକଙ୍କ ଭିତରେ ମୁସୋଲିନୀ ଥିବାର କଥା।

ବଙ୍ଗଳାରେ ଗୋଟାଏ ଢଗ ଅଛି—"ଡୁବେଛ ଯଖନ, ଦେଖି ପାତାଳ କତଦୂର। ମୁସୋଲିନୀ ତ ଆଗରୁ ଆପେ ବୁଡ଼ି ଇଟାଲିକୁ ବୁଡ଼ାଇ ଦେଇଥିଲେ। ଏଇକ୍ଷିଣି ଆମ ମନେହୁଏ ସେ ବୁଡ଼ି ବୁଡ଼ି ପାତାଳ ତକ୍‌ବଜ୍‌ କରିବାକୁ ଯାଇଥିବେ।

+ + +

ଲଢ଼େଇର ଭଡେଇର ମଉସୁମ। ଏଥିରେ ଯେତେ ଶାନ୍ତିପ୍ରିୟାସୀ ହେଲେ ମଧ୍ୟ କିଏ କେତେଦିନ ସ୍ଥିର ହୋଇ ରହି ପାରୁଛି। ସମସ୍ତେ ବେଚୈନ! ଆଉ ଅଉ କ୍ଷେତ୍ର କଥା ଛାଡ଼; ବର୍ତ୍ତମାନ ଓଡ଼ିଶାର ସାହିତ୍ୟ କ୍ଷେତ୍ରଟା ବି କୁରୁକ୍ଷେତ୍ର ପାଲଟି ଗଲାଣି ଏକପ୍ରକାର। ଏକପକ୍ଷରେ ଶ୍ରୀମତୀ ସରଳା ପ୍ରମୁଖ ସମାଜଦଳ ଓ ଅପର ପକ୍ଷରେ ଶ୍ରୀ ବାଳକୃଷ୍ଣ ପ୍ରମୁଖ ପରିଷଦ-ମେଳ। ବାକ୍ୟବାଣ, କଲମ ବାଣ ପ୍ରଭୃତି ଚାଲିଲାଣି ଏକ ପକ୍ଷରୁ। ଅପର ପକ୍ଷର ପାଲଟାବାଣ ଛୁଟୁନାହିଁ ଏଯାଏଁ। ସେଇଟା ନହେବା ପର୍ଯ୍ୟନ୍ତ ଯୁଦ୍ଧଟା ଅଖିଦରଣି ଓ ମନସରସା ଭାବରେ ଘନେଇ ଉଠି ପାରୁନାହିଁ।

ଯେତେ ନୈତିକ ବଳର ଦମ୍ଭ କରନ୍ତୁ ପଛକେ ଅଙ୍ଗନା ପରିଚାଳିତ ସେନାସଙ୍ଘ ରଣରଙ୍ଗ କରିବା ଯେ ବିପଦଜନକ—ଏକଥା ଆମେ ପରିଷଦଙ୍କୁ ଚେତାଇ ଦେଉଛୁଁ—ବିଶେଷତଃ ସେ ଅଙ୍ଗନା ଯେବେ ବୀରାଙ୍ଗନା ହୋଇଥାନ୍ତି। ଏଣୁ ଅନ୍ତଃତ ପୌରୁଷ (Chivalry) ଅଛନ ଅନୁସାର ପରିଷଦର ହାର ମାନିଯାଇ ରହିବା ସୁବିଧା ଓ ସମ୍ମାନଜନକ ନୁହେଁ କି?

+ + +

Digitized by srujanika@gmail.com

କଥାଟିଏ କହୁଁ...................

# ଗୋପନ ଫାଲ୍‌ଗୁ ଛନେ

ଶ୍ରୀ ଇନ୍ଦୁ ଦାସ

ମାନବ ସ୍ୱଭାବର ବୈଶିଷ୍ଟ୍ୟ, ଯେ ଗଣର ଚର୍ଚ୍ଚିତ ଦୃଷ୍ଟି ଓ ବିକୃତ ବଗ୍ନର ବୁଦ୍ଧିରେ ଦୁର୍ବୋଧ୍ୟ କୁତ୍ସିତ ଓ କଦାକାର ହୋଇଗଲେ, ସମଗ୍ର ଚିନ୍ତାଧାରା ଓ ଦୃଷ୍ଟିଭଙ୍ଗୀକୁ ମତ ବାଦତ କରି ଗୋଟିଏ ସମ୍ପୂର୍ଣ୍ଣ ଭିନ୍ନ ପଥକୁ ଠେଲିଦିଏ, ତାହା ସମସ୍ତେ ଭଲ ଅଧିକ ଜାଣନ୍ତି ଓ ଉପଲବ୍ଧି କରିଛନ୍ତି । ଦୃଷ୍ଟାନ୍ତ ଯେ ବିରଳ ତା ନୁହେଁ, ବରଂ ବହୁଳ । କିନ୍ତୁ ତଥାପି ସେ ପଥ ରୁଦ୍ଧ କରିବା ପାଇଁ, ସେ ଦୃଷ୍ଟି ଉନ୍ନତ କରିବା ପାଇଁ ସେ ଚିନ୍ତା ବଦଳାଇବା ପାଇଁ ଚେଷ୍ଟା ଯେ ଖୁବ୍ ଅଳ୍ପ ବା ମୋଟେ ହୁଏନି, ସେକଥା ସମସ୍ତେ ବାହାରେ ମୁକ୍ତ କଣ୍ଠରେ ସ୍ୱୀକାର ନ କଲେ ମଧ୍ୟ ଅନ୍ତରରେ ଯେ ତାହା ଅନୁଭବ କରନ୍ତି, ତା ସତ ଏବଂ ନିଶ୍ଚୟ । ଏବଂ ଇଏ ହିଁ ବିଷଫଳ ଯେ କେମ ସମାଜ ତଥା ମଣିଷ ଜୀବନରେ, ବିଷ ବୃକ୍ଷ ଧରି, ଅହରହ କେବଳ ତାଡନା ବା ଯନ୍ତ୍ରଣା ଦିଏ, ସେଇ କଥାଟା ମୁଁ ଆଜି କହୁଛି ।

ଗଲା ମେ ମାସର କଥା । ସେଦିନ ଉଜଟର ଅର୍ଥନୀତି ପରୀକ୍ଷା । ହେଲଣାରୁ ଉଠି ଯିଥା ସକାଳ, ଉକଥଳଙ୍କ ଅର୍ଥନୀତି ବହି ଖଣ୍ଡ ଧରି, ଯେ ପଢ଼ିଲି ପାଳଣା ମନରେ । ମୁଦ୍ରାର ପରି-ମାଣ ପରିମାପକ ସୂତ୍ରଟା ( Quantitive theory of money ) ମୋଟେ ମନେ ରହୁନି, ଅଥଚ ସେଇଟାଯେ ପରୀକ୍ଷାରେ ପଡ଼ିବାର ସମ୍ଭାବନା ।—ଅନ୍ତତଃ ଏଇ ଆଶଙ୍କା ତା'ର ଥିଲି—ଅଧ୍ୟାପକ ସେଇ ଆଶା ଦେଇଥିଲେ । ସୁତରାଂ ନିଶ୍ଚିତ ହେଉ ସେଟା ମନେ ରଖିବାକୁହିଁ ହେବ । ସୂତ୍ରଟା ତ ମନେ ଅଛି, କେବଳ ଗୋଳମାଳ ହେଉଛି ବୁଝାଇବାପାଇଁ । M. V., ସେ ତ ଅତି ସହଜ କଥା—ଆସଲ ହେଉଛି M.' V.' । ଯା'ହେଉ ପଢ଼ିବେ, ତାକୁ ପଢ଼ିବାକୁ ହେବ, ମନେ ରଖିବାକୁ ହେବ । ନହେଲେ ଯଦି ମନେ ନ ରହେ, କାଳିବାକୁ ଉପରେ ଟିକିଏ ଲେଖି ନେଲେ ହେବ—କିଏ ଦେଖୁଛି ?—ସରୁ ସରୁ କରି ଲେଖିଲେ, ମୋଟେ ଜଣା ଯିବନି ।

ଘଣ୍ଟାକ ପରେ ଉଜଳ ବାହାରିଲି ପାଇଖାନାରୁ । ଘର ଭିତରକୁ ପଶିବାକୁ ଯାଉଛି, କାନରେ ପଶିଲା, ବାମା କଣ୍ଠର ମିଷ୍ଟ ମିଳନ ଓ ପୁରୁଷ କଣ୍ଠର କର୍କଶ କାକୁତି । ବେସରକାରି ଛାତ୍ରାବାସରେ ମହିଳାମାନଙ୍କର ଆଗମନ ନୂତନ ନ ହେଲେ ମଧ୍ୟ ପୁନଃ ପୁନଃ ନୁହେଁ । ହଠାତ୍ କୌତୂହଳୀ ହୋଇ, ପରଦା ଅନ୍ତରାଳରୁ ଉଙ୍କି ମାରି ଦେଖିଲି, ଦୁଇଟି ମହିଳା ତା ବିଛଣାରେ ବସିଛନ୍ତି । ଜଣେ ମଳିନା ଗୌରବର୍ଣ୍ଣା, ଅପରଟି ଘୋର କୃଷ୍ଣବର୍ଣ୍ଣା ଅତି ଦୁର୍ବଳା । ସେମାନଙ୍କର ମିଳନ ଓ କାକୁତିର ଉତ୍ତରରେ, ବନ୍ଧୁ ସେମାନ୍ତ ତାଙ୍କର ଅତ୍ୟନ୍ତ ଉଦ୍‌ବେଗକୁ ଉଦ୍ଧତ କରି କହିଲେ—'ଆମ୍ଭ ବନ୍ଧୁ । ଆପଣମାନେ ଅଯଥା କେବେ ଆସିବେ । ମୋର ବନ୍ଧୁ ଜଣେ ପରୀକ୍ଷାର୍ଥୀ ( Examinee ) । ତାଙ୍କର ଆଜି ପରୀକ୍ଷା—ଏ ଦେଶରେ ମୁଁ ତାଙ୍କୁ ଆଜି କିଛି କହି ପାରିବି ନାହିଁ ।'' ଉଜଳ ଗମ୍ଭୀର ଭାବରେ [illegible] ପଶି ଆସି ପୁଣି ବହି ନେଇ ବସିଗଲି ଟେବୁଲ ପାଖରେ । ମହିଳା ଦୁଇଟି ନୀରବରେ ନମସ୍କାର କରି, ବନ୍ଧୁ ବସନ୍ତଙ୍କ-ଠାରୁ ଅନୁଚ୍ଚ ସ୍ୱରରେ ବିଦାୟ ନେଇ ଗଲେ । ଉଜଳ ବକ୍ର ଦୃଷ୍ଟିରେ ସେମାନଙ୍କ ଯିବା ବାଟକୁ ଲକ୍ଷ କରି, ବନ୍ଧୁଙ୍କୁ ପଚାରିଲି, "ଘଟଣା କଣ ? ହଠାତ୍ ଏ ସୌଭାଗ୍ୟ, ମାନେ ଦୁର୍ଭାଗ୍ୟର ହେତୁ ! ଏମନ୍ତି ଦୁର୍ଦ୍ଦିନ ଓ ଏମନ୍ତି ଦୁର୍ଗତି ଦେବୀଙ୍କର ଏ ଆକସ୍ମିକ ଅଭିଯାନର ଅର୍ଥ କଣ ?'' ବନ୍ଧୁ ବସନ୍ତ ଇଟିକ୍ ତାଚ୍ଛିଲ୍ୟ ଭାବରେ କହିଲେ, "ଏମାନେ 'ବିନା ସର୍ତ୍ତରେ ବିଧବା-ବିବାହ' ସମିତିର ସଭ୍ୟ । ଉଦ୍ଦେଶ୍ୟ, କାଙ୍କ୍ଷିତ ଅର୍ଥଯାଚନା । ମୁଁ ସେମାନଙ୍କ ଉଦ୍ଭଟ ଭାବରେ ବିମୁଗ୍ଧ ହେଉଛି । ଉଜଳ କ୍ଷୀଣ ଗାମ୍ଭୀର୍ଯ୍ୟ ସହିତ କହିଲି, "ବିଧବା-ବିବାହ ! କିନ୍ତୁ ହଠାତ୍ ତାଙ୍କର ଏ ଭ୍ରମ ହେଲା କାହିଁକି ? ସିନ୍ଦୂର ଲଭିବା ତ ଦୂରର କଥା, ଲଭିବା ଯେ ଏ ଜୀବନରେ

Digitized by srujanika@gmail.com

ଘଟଣ ।—ଶ୍ରୀ ଭଗବାନଙ୍କର ଶ୍ରେଷ୍ଠ ଆଶୀର୍ବାଦ । ଓଃ, ଦେଖି ହୃଦୟହୀନର, ଆମକୁ ଏଟା ଇଚ୍ଛାକୃତ ଅପମାନ । ତମେ ଟିକ୍ ପ୍ରତିବାଦ କଲନି କାହିଁକି ?" ବନ୍ଧୁ ଉତ୍ତରରେ କହିଲେ—"ମୁଣ୍ଡଟା ହେଲଣି କି ?" ରଜତ ବ୍ୟସ୍ତ ହୋଇ କହିଲେ, "ହିଁ ଏଇ ଏକରକମ—ମାନେ ଆଉ ଥରେ ଟିକିଏ ଆଖି ବୁଲାଇ ନିଅ ।"

ବଟଣ୍ୟାଳକ ବସନ୍ତଙ୍କର କବି ହେବାର ବାସନା ଗୋପନ ଥିଲା । ସୁତରାଂ ଅନେକ ସମୟରେ ଟିକିଏ ବେଶୀ ମାତ୍ରାରେ ଗାମ୍ଭୀର୍ଯ୍ୟ ରକ୍ଷା କରିବାକୁ ଚେଷ୍ଟା କରିଥାନ୍ତି । ତା ଛଡ଼ା 'ନୂତନର ଉପକାରିତା' ବିଷୟରେ ସେ ଏଇ ଦଶହରା ଦିନ ମେଳ ଗୋଟିଏ ରଚନା ଲେଖିଛନ୍ତି; ସାହିତ୍ୟ ସମାଜର, ବାର୍ଷିକ ଅଧିବେଶନ ପଢ଼ିବାକୁ ।

ପରୀକ୍ଷା ସରିଗଲାଣି । ବଡ଼ ବଡ଼ ପଣ୍ଡିତ, ଲେଖକ, କବି ଓ ରାଜନୀତିଜ୍ଞ ଇତ୍ୟାଦି ମାନଙ୍କର ବ୍ୟକ୍ତିଗତ ଜୀବନରେ ଯେଉଁ ସବୁ ଲୁପ୍ତ, ଗୁପ୍ତ, ଶ୍ରୁତ, କଥିତ ବା କଳ୍ପିତ କାହାଣୀ ଓ ସତ୍ୟ ଅଛି, ସେଇ ବିଷୟ ନେଇ ସାରା ଜୀବନଟା କଟେ ତାଙ୍କର ଗବେଷଣା ଓ ତୀବ୍ର ସମାଲୋଚନାରେ । ତର୍କ ଯେତେବେଳେ ଯାଇ climaxରେ ପହଞ୍ଚେ, ବନ୍ଧୁ ବସନ୍ତ ତାଙ୍କର 'ଜୀବତତ୍ତ୍ୱ'ର ନୂଆ ମୋଟା ବହି ଖଣ୍ଡ ନେଇ, ଅଖଣ୍ଡ ମନଯୋଗରେ ବସିଯାନ୍ତି—ଭାବନ୍ତି, କବି ହେବେ, ନା କଟକ ବିଶ୍ୱବିଦ୍ୟାଳୟରେ ଜୀବତତ୍ତ୍ୱର ଅଧ୍ୟାପକ ହେବେ । ଆଉ ରଜତ ବସେ, "ଯୌନ-ମନସ୍ତତ୍ତ୍ୱର ସରଳ-ସଂକ୍ଷିପ୍ତ ସମାଧାନ" ନେଇ ।

ଇମିତି ଦିନେ ସନ୍ଧ୍ୟାବେଳେ ରଜତ ବସି ଖଣ୍ଡେ କଣ ବହି ପଢ଼ୁଛି । ସେଦିନର ମହିଳା ଦୁଇଜଣ ଆସିଲେ ଘର ଭିତରକୁ । ପୁଷ୍ଟା ଶ୍ରୀମତୀ ପୂତନା 'ନ'ରୁ'ର' ପର୍ଯ୍ୟନ୍ତ ପ୍ରାୟ ଏକମିନିଟ ସମୟ ନେଇ କହିଲେ, 'ନମସ୍କାର' । କଣ୍ଠରୁ ତାଙ୍କର ମଧୁ କ୍ଷରି ପଡ଼ିଲା । କ୍ଷୀଣା ଶ୍ରୀମତୀ ଦୁର୍ଭିକ୍ଷା, ତାଙ୍କର ଅଦ୍ଭୁତ ଚକ୍ଷୁକୁ ଅଦ୍ଭୁତର କରି, ନୀରବରେ ହାତ ଯୋଡ଼ିଲେ । ରଜତ ତଳକୁ ମୁହଁ ପୋଛି ପ୍ରତିନମସ୍କାର କଲା । ଓ ଦେହ ଉଠେଇବାକୁ ଚେଷ୍ଟା କରି, ନିକଟବର୍ତ୍ତୀ ବେଞ୍ଚଟାକୁ ନିର୍ଦ୍ଦେଶ କଲା—ଉଦ୍ଦେଶ୍ୟ, ବସନ୍ତୁ । କ୍ଷୀଣା ଶ୍ରୀମତୀ ଦୁର୍ଭିକ୍ଷା, ଯେ ଆସିଲେ ମୃଗଚୁମ୍ବକ କଥା କହି ଜାଣନ୍ତି, ସେ ବିଷୟରେ ସେ ସଂପୂର୍ଣ୍ଣ ଭାବରେ ସଚେତନ । ରଜତ ବେଚାରା ସେ ଗୃହାଣୀକୁ ସହ୍ୟ କରି ପାରିଲାନି । ସନ୍ଧ୍ୟାର ମ୍ଳାନଛାୟାରେ ରଜତର ମୁଖର ରକ୍ତାଭ ଦେଖା ନ ଗଲେ ମଧ୍ୟ, ସେ ଲଜ୍ଜା ଓ ସଙ୍କୋଚରେ ପ୍ରାୟ ମୁମୂର୍ଷୁ । ଶ୍ରୀମତୀ ଦୁର୍ଭିକ୍ଷାଙ୍କର ବକ୍ତବ୍ୟ ଶୁଣିବା ପୂର୍ବରୁ, ରଜତ ଶ୍ରୀମତୀ ପୂତନାଙ୍କୁ ଉଦ୍ଦେଶ୍ୟ କରି କହିଲା, "ହିଁ ଆପଣଙ୍କ ବିଷୟରେ ମୁଁ ମୋ ବନ୍ଧୁଙ୍କଠାରୁ ଶୁଣିଛି, କିନ୍ତୁ କଥା କଣକି, ଯେଉଁ ଅର୍ଥ ଆମେ ଆପଣଙ୍କୁ ସାହାଯ୍ୟ କରି ପାରିବା, ତା' ପ୍ରକୃତରେ ଅତି ସାମାନ୍ୟ । ଆପଣ କଣ ସେଥିରେ ସନ୍ତୁଷ୍ଟ ହେବେ ?" ପ୍ରତ୍ୟୁତ୍ତରରେ ହୁଏତ ସେ ଅନେକ କିଛି ଆଶା କରିଥିଲା—ନିତାନ୍ତ ପକ୍ଷରେ ମୃଦୁ ଆପତ୍ତି ବା ଅସନ୍ତୋଷର ଅନୁରୋଧ । କିନ୍ତୁ କ୍ଷୀଣାଙ୍ଗି ତାଙ୍କର କଣ୍ଠର ବ୍ୟାୟାମ ଆରମ୍ଭ କରି କିଛି କହିବା ପୂର୍ବରୁ, ପୁଷ୍ଟା ଶ୍ରୀମତୀ ପୂତନା ଦେଖି କହିଲେ, "ଅର୍ଥ ତ ଆମର ଏକମାତ୍ର କାମ୍ୟ ନୁହେଁ ରଜତବାବୁ, ବରଂ ଯାହା କାମ୍ୟ, ସେ ହେଉଛି ଆପଣମାନଙ୍କର ସହୃଦୟ ସହାନୁଭୂତି । ଆମେ ତ ତା ଆପଣମାନଙ୍କଠାରୁ ପ୍ରଚୁର ପରିମାଣରେ ଆଶା କରୁଁ । ଆଉ ଏଇ ସହାନୁଭୂତି, ଆମେ ଯଦି ଆପଣମାନଙ୍କଠାରୁ ଦାବୀ ନ କରିବା ତ, ଆଉ କାହାଠାରୁ କରିବା ? ଆପଣମାନେ ପରା ଆମର ଗର୍ବ, ଜାତିର ଗୌରବ, ଦେଶର ଭବିଷ୍ୟତ । ସୁତରାଂ ଆପଣ ଏଇ ତୁଚ୍ଛ ଅର୍ଥ ପାଇଁ ଏତେ କୁଣ୍ଠିତ ହେଉଛନ୍ତି କାହିଁକି ? ତା'ଛଡ଼ା ଆପଣମାନଙ୍କଠାରୁ ଆମେ ତ କଉଦିନ ହେଲେ, ଖୁବ୍ ବେଶି ଅର୍ଥ ଆଶା କରିନୁ । ଛାତ୍ରାବାସରେ ଛାତ୍ରମାନଙ୍କର ଅର୍ଥ ସମସ୍ୟା ଓ ଅର୍ଥାଗମର ଉତ୍ସ ବିଷୟରେ, ମୋ'ର କେବଳ ବହିପଢ଼ା ଜ୍ଞାନ ନୁହେଁ, ବ୍ୟକ୍ତିଗତ ଅଭିଜ୍ଞତା ଅଛି ।" କ୍ଷୀଣା ଶ୍ରୀମତୀ ଦୁର୍ଭିକ୍ଷା, ସୁ ଅଭ୍ୟାସ ବଶତଃ ନିଜର ଚକ୍ଷୁ ଦ୍ୱୟର ଘୂର୍ଣ୍ଣନା ଆରମ୍ଭ କରି, କର୍କଶ କଣ୍ଠକୁ ଯଥା ସମ୍ଭବ କୋମଳ କରି କହିଲେ, "ହିଁ ଠିକ୍ କଥା ।" ରଜତର ମନେ ହେଲା, ଘର ଭିତରେ ଦୁହିଁଠାରୁ ଜଣେ କିଏ ଝିମିଟି ହୁଣ ବାକୁ ଧରି ପିନ୍ଧୁଛି । ରଜତ କ୍ଷୀଣାଙ୍ଗୀଙ୍କୁ ଆଉ କିଛି କହିବାକୁ ସୁଯୋଗ ନ ଦେଇ, ବିଛଣା ତଳୁ କିଛି ଅର୍ଥ ବାହାର କରି, ଶ୍ରୀମତୀ ପୂତନାଙ୍କୁ ଉଦ୍ଦେଶ୍ୟ କରି କହିଲା, "ଏଇ ଯତ୍ସାମାନ୍ୟ ଦାନ ଆପଣଙ୍କୁ ଦେଇ, ଦବାକୁ ଲଜ୍ଜା ହେଉଛି, କିନ୍ତୁ ଉପାୟ ନାହିଁ ।" ମହିଳାଟି ଟିକିଏ ସଂକୁଚିତ ହୋଇ କହିଲେ, "ଆପଣ ଲଜ୍ଜିତ ହେଉଛନ୍ତି କାହିଁକି ? ବରଂ ଆମ୍ଭମାନଙ୍କର ଲଜ୍ଜିତ ହେବା ଉଚିତ ।

Digitized by srujanika@gmail.com

ଆପଣ ବର୍ତ୍ତମାନ ଯଦି ଏବଂ ଏଇ ସମାବସ୍ଥାରେ ଆପଣଙ୍କଠାରୁ କିଛି ଅର୍ଥ ମାଗିବା ମାନେ ପ୍ରକାରାନ୍ତରରେ ଜୋର (Tax) କରିବା । କିନ୍ତୁ ଆପଣ କଣ ଭାବୁଛନ୍ତି କହନ୍ତୁ ତ ? ହଠାତ୍ ବଡ଼ ଅନ୍ୟମନସ୍କ ଦେଖା ଯାଉଛନ୍ତି ଯେ ?" କଥାଟା ସତ । ମହିଳାଙ୍କର କଣ୍ଠସ୍ୱର, ଭାବ, ଭାଷା ଓ କହିବା ଭଙ୍ଗିରୁ ଯଉଁ ଶିକ୍ଷା, ସଭ୍ୟତା ଓ କୃଷ୍ଟିର ସୁସ୍ପଷ୍ଟ ଆଭାସ ମିଳୁଥିଲା, ରଜତ ଖାଲି ବିସ୍ମିତ ହେଉନ—ମନେ ମନେ ନିଜକୁ ଧିକ୍କାର ଦେଲା, ତାଙ୍କ ବିଷୟରେ ଏତେ ହାଲ୍‌କା ଓ ହୀନ ଭାବରେ ଭାବିଛି ବୋଲି । କିନ୍ତୁ ମନର ଭାବକୁ ଗୋପନ କରି କିଛି କହିବା ପୂର୍ବରୁ, ଶ୍ରୀମତୀ ଦୁର୍ଗିଷା, ତାଙ୍କର ଚକ୍ଷୁ ଦ୍ୱୟକୁ ଯଥା ଶକ୍ତି ସଂକୁଚନ ଓ ପ୍ରସାରଣ କରି କହିଲେ, "ଭାବୁ ନାହାନ୍ତି ଲଳିତା, ସେ ତମକୁ ଦେଖୁଛନ୍ତି"—କହି, ହସରେ ଫାଟି ପଡ଼ିଲେ । ଓଃ, କି ଭୀଷଣ ହସ ସେ ! ସମସ୍ତ ବିଲାତି ବାଦ୍ୟ-ଯନ୍ତ୍ରର ସମ୍ମିଳିତ, ଯେପରିକି ଉଚ୍ଚସ୍ୱର ଝଙ୍କାର । ନାରୀର ଏହି ଅଭଦ୍ର ଇଙ୍ଗିତରେ, ନାରୀ ଅପମାନିତା ନହେଲେ ମଧ୍ୟ ନାରୀର ମୁଖ ଅବଚଳିତ ରହିଲେ ମଧ୍ୟ, ରଜତ କ୍ରୋଧ, ଲଜ୍ଜା ଓ ଅପମାନରେ ହତବୁଦ୍ଧି ଶୂନ୍ୟ ହୋଇ, କିଛିକ୍ଷଣ ପାଇଁ ଅଚଳ ପ୍ରାୟ ହୋଇ ରହିଲା । ପରେ କହିଲା, "ଲଳିତା ଦେବୀ, ଆପଣଙ୍କ ବାନ୍ଧବୀ ଯାହା କହିଲେ, ତା ମଧ୍ୟରେ ମୋ ପ୍ରତି ଯଉଁ ସୁସ୍ପଷ୍ଟ ଅଭଦ୍ର, ନିର୍ଲଜ ଇଙ୍ଗିତ ଅଛି ତା' ମୁଁ ଚେଷ୍ଟା କଲେ ମଧ୍ୟ ଭୁଲି ପାରିବି ନାହିଁ । ମୁଁ ଅଉ ଯାହା କରେନା କାହିଁକି ଆପଣଙ୍କର ରୂପ ଯେତେ କୁତ୍ସିତ ଓ କଦାକାର ହେଉନା କାହିଁକି, ସେ ବିଷୟରେ ମୋର ମୋଟେ ହେଲେ କୌତୁହଳ ନାହିଁ । ତାଛଡ଼ା ଈଶ୍ୱରଙ୍କ ସୃଷ୍ଟି ବିଷୟରେ ମୁଁ ଟିକେବି ହେଲେ ସମାଲୋଚନା କରିବା ଭଳି ଧୃଷ୍ଟତା କରିବି ନାହିଁ । ଆପଣ କଣ ମୋର ଏ କଥା ବିଶ୍ୱାସ କରନ୍ତି ନାହିଁ ?" ଲଳିତା ଦେବୀ କିଛି କହିବା ପୂର୍ବରୁ ରଜତ ପୁଣି କହିଲା, "ଆପଣ ଠିକ କହୁଥିଲେ, ମାତ୍ର ମୁଁ ଭାବୁଥିଲି—ଭାବୁଥିଲି ଆପଣମାନଙ୍କର ପାର୍ଥକ୍ୟ କଥା—ଭାବୁଥିଲି ଦୁର୍ଗିଷା ଦେବୀଙ୍କର କଣ୍ଠସ୍ୱର ଓ ଚକ୍ଷୁ ଦ୍ୱୟର କଥା—ସେ ଯେ ତାଙ୍କର ଚକ୍ଷୁ ଦ୍ୱୟକୁ ପୁରା ମାତ୍ରାରେ ଖଟେଇ ନେଇ ପାରୁଛନ୍ତି, ତାଙ୍କର କଣ୍ଠ ସ୍ୱରକୁ ବର୍ଦ୍ଧନ କରି ଅଟେଇ ନେଇ ପାରୁଛନ୍ତି, ନାରୀ ଗଣ୍ଡି ଟପି ନର ଗଣ୍ଡିକୁ ଅନେକ ଦୂର ଅଗ୍ରସର ହେଲେଣି—ସେଇ କଥା—ସେ ଅଉ କିଛି କହି ପାରିଲା ନାହିଁ । ଲଜ୍ଜା, ଅପମାନ ଓ ଦୁଃଖରେ ଚୁପ୍ ହୋଇ ବସି ରହିଲା । ଲଳିତା ଦେବୀ କୁହିଲେ, 'ଦୁର୍ଗିଷା ଦେବୀ' କିଏ ! ବାନ୍ଧବୀ ମଧ୍ୟ । ଶ୍ରୀମତୀ ଦୁର୍ଗିଷା କିଛିକ୍ଷଣ ମୌନ ରହି, ମଳିନ ମୁଖକୁ ମଳିନ-ତର କରି କହିଲେ, "ଲଳିତା, ମୁଁ ଅନ୍ୟ ଘରୁ ସଂଗ୍ରହ (Collection) କରୁଛି" କହି ଘର ଛାଡ଼ି ଚାଲିଗଲେ ।

ଅକସ୍ମିକ ଅବସ୍ଥାରେ ଘରଟା ପୂରି ରହିଲା । କିଛିକ୍ଷଣ ପରେ ଲଳିତା ଦେବୀ କହିଲେ, "ଲବଙ୍ଗ ମିଛ କହିନ, ରଜତ ବାବୁ ! ମୁଁ ବଡ଼ କୁତ୍ସିତା । ସେ ମାତ୍ର ମୋତେ ଟିକିଏ ଥଟ୍ଟା କରିଥିଲା । ଆପଣଙ୍କୁ ଅପମାନ କରିବା ଭଳି ଉଦ୍ଦେଶ୍ୟ ବୋଧହୁଏ ତା'ର ନଥିଲା । ଆପଣ ତା'କୁ ମିଛଟାରେ ଆଘାତ ଦେଲେ ।" ରଜତ ନିଜର ଭୁଲ ବୁଝି ପାରିଥିଲା, କିନ୍ତୁ ତଥାପି ତା କଣ୍ଠରୁ ବାହାରିଲା, "ମିଛଟାରେ ! ହଁ ।" ଲଳିତା ଦେବୀ ସ୍ମିତ ହସି କହିଲେ, "ଆପଣ ପିଲଙ୍କ ପରି ହେଉଛନ୍ତି । ଏଇ ସାମାନ୍ୟ ମାନ ଅଭିମାନରେ ଯଦି ଏମିତି ବିଚଳିତ ହେବେ, ସଂସାରରେ ଚଳିବେ କେମିତି ? ଛିଃ, ଆପଣଙ୍କ ପରି ଲୋକର ଏ ସାମାନ୍ୟ କଥାରେ ବିଚଳିତ ହେବା ଉଚିତ ନୁହେଁ ।" ଏ ମୃଦୁ ଭର୍ତ୍ସନାରେ ରଜତ କାଣ୍ଡ-ଜ୍ଞାନ ବର୍ଜିତ ପ୍ରାୟ ହୋଇ କହି ବସିଲା, "କିନ୍ତୁ ଆପଣ କାହିଁକି ସେମାନଙ୍କ ସାଙ୍ଗରେ ମିଶୁଛନ୍ତି ? ସେମାନେ ଭିନ୍ନ ଜାତିର । ଆପଣଙ୍କ ସ୍ଥାନ ସେଠି ନୁହେଁ । ତାଙ୍କ ସଙ୍ଗରେ ରହି ନିଜକୁ କାହିଁକି ଛୋଟ କରୁଛନ୍ତି ?" ଲଳିତା ଦେବୀ କିଛିକ୍ଷଣ ଅପଲକ ଆଖିରେ ଅନାଇ ରହି, ମୁହଁ ଟିପି ହସି କହିଲେ, "କିନ୍ତୁ ହଠାତ୍ ଆପଣଙ୍କର ଏ ଧାରଣା ହେଲା କାହିଁକି ? ଆପଣ କେମିତି ଜାଣିଲେ ମୁଁ ସେମାନଙ୍କଠାରୁ ଭିନ୍ନ ? ସେଇମାନେ ତ ମୋ'ର ସହକର୍ମିଣୀ, ବନ୍ଧୁ—ଅଚ୍ଛା, ଆପଣ ଅଜ ମୁଣ୍ଡ ଖୁଆନ୍ତୁ, ମୁଁ ଅଉ ଦିନେ ଆସିବି । ସମିତି ତରଫରୁ ନୁହେଁ, ମୋ'ର ନିଜର କିଛି କାମ ଅଛି ।" ରଜତ ଯନ୍ତ୍ରଚାଳିତ ପରି ସମ୍ମତି ଦେଲା । ଗଲାବେଳକୁ ଲଳିତା ଦେବୀ କହିଲେ, "ରଜତ ବାବୁ, ଅଜିକାର ଏଇ ଅପ୍ରିୟ ଘଟଣା ପାଇଁ ଅଟେମ—ମାନେ, ମୁଁ ଦାୟୀ । ଆପଣ କ୍ଷମା କରିବେ ।" ରଜତ କିଛି କହିବା ପୂର୍ବରୁ ଲଳିତା ଦେବୀ ହାତ ଟେକି ନମସ୍କାର କଲେ । ହଠାତ୍ ମୁହୂର୍ତ୍ତକ ପାଇଁ, ରଜତ ମୁହଁକୁ ଅନାଇ ବଂ[illegible] ହେଲେ । କିଛି ନ କହି, ରଜତ

Digitized by srujanika@gmail.com

କାନରେ ହାତ ଦେଇ କହିଲେ "ଛିଃ ।" ବର୍ଷଣୋନ୍ମୁଖ ମେଘରେ ଶୀତଳ-ପବନ ସ୍ପର୍ଶ ହେଲା । ରଜତର ଆଖିରୁ ବଡ଼ ବଡ଼ ଦୁଇ ଟୋପା ଲୁହ ଗଡ଼ି ପଡ଼ିଲା ।

ବନ୍ଧୁ ବସନ୍ତ କହିଲେ, "ତମର ଦେବାଟା ଭୁଲ ହୋଇଛି । ହଉ, ଦେଲ ଭଲ କଲ, ତା ନ ହେଲେ ଥରକୁ ଥର ଆସି ବିରକ୍ତ କରନ୍ତେ । କିନ୍ତୁ ହଠାତ୍ ସନ୍ଧ୍ୟାବେଳଟାରେ ଆସିଲେ ଯେ ? ମୁଁ ଥିଲେ ତାଙ୍କୁ ସିଧା ରାସ୍ତା ଦେଖାଇଥାନ୍ତି । ଅଚ୍ଛା, ତମ ପୂତନା ଦେବୀ କ'ଣ ଛପିଲେ ? ରଜତ ଗମ୍ଭୀର ହୋଇ କହିଲା, "କୌଣସି ମହିଳାଙ୍କ ସଂପର୍କରେ ମୁଁ ଏପରି ଆଲୋଚନା କରିବାକୁ ପ୍ରସ୍ତୁତ ନୁହେଁ । ବାଧା ଦେଇ ବନ୍ଧୁ କହିଲେ, "ମହିଳା ! ଆଃ—ହାଃ— ! ପୂତନା ପୁଣି ମହିଳା ? ତା'ହେଲେ ହିଡ଼ିମ୍ବା ପ୍ରଭୃତି କି ଅପରାଧ କଲେ ?" ରଜତ ଗମ୍ଭୀରତର ହୋଇ କହିଲା, "ସେ ପୂତନା ନୁହନ୍ତି, ଲଳିତା ଦେବୀ ।" ପୁଣି ବନ୍ଧୁ ବାଧା ଦେଇ କହିଲେ— "ଲ-ଳି-ତା ! କିନ୍ତୁ ଏ ଶବ୍ଦଟା କିଏ କଲା ? ନାମ ସଙ୍ଗରେ ଯେ ରୂପର ବିରାଟ ପାର୍ଥକ୍ୟ । ଲାଳିତ୍ୟର ତ କଣାମାତ୍ର ନାହିଁ । ଆଉ ତମର ବା ଆଜି ଗୀତର ସ୍ୱର ପଞ୍ଚମରେ କାହିଁକି ? ରଜତ ବିରକ୍ତ ହୋଇ କହିଲା, "ମୁଁ ତ କବି ନୁହେଁ, ସାଧାହିଧା ମଣିଷଟେ । ଗୀତ ମୋ'ର ସବୁଦିନେ ସେଇ ଏକତାଳିଆ ସୁର । ତମେ ଖାଲି ଅଭଦ୍ର ନୁହଁ, ଅଶିଷ୍ଟ ମଧ୍ୟ ।

ଦୁଇବନ୍ଧୁ ଗମ୍ଭୀର ହୋଇ ବସି ରହିଲେ । ବସନ୍ତ ମନେ ମନେ ରଜତର ଅମାର୍ଜନୀୟ ଅପରାଧ କଥା ଭାବିବାକୁ ଲାଗିଲେ ଓ ସଂଗତ ଅସଂଗତ ଶାସ୍ତି କଥା ଚିନ୍ତା କରିବାକୁ ଲାଗିଲେ । ପ୍ରତିଜ୍ଞା କଲେ, ସେ ରଜତକୁ କେବେ ହେଲେ କ୍ଷମା କରି ପାରିବେ ନାହିଁ । ରଜତ ବସି ଭାବିଲା, ସନ୍ଧ୍ୟା ବେଳର ଆକସ୍ମିକ ଦୁର୍ଘଟଣା କଥା । ସେ ହଠାତ୍ ଲଳିତାଙ୍କୁ ବା ଇମିତି କାହିଁକି କହିଲା ? ନିଜ ପାଇଁ ନା, ଲଳିତା ଦେବୀଙ୍କୁ ସହାନୁଭୂତି ଦେଖାଇବା ପାଇଁ ? ଲଳିତା ଦେବୀଙ୍କ ପାଇଁ ତା'ର ସହାନୁଭୂତି ଇମିତି କାହିଁକି ପ୍ରବଳ ହୋଇ ଉଠିଲା ? ଯେତେ ଭାବିଲା, ତା' ମନ ଭିତରେ ସବୁ ଗୋଳେଇ ହୋଇଗଲା । ସେ ଉପଲବ୍ଧି କଲା, ଲଳିତା ଦେବୀଙ୍କ ତା ଅଜଣାରେ ସେ କେତେ ଶ୍ରଦ୍ଧା, ଭକ୍ତି ଓ ସହାନୁଭୂତି ଦେଇଛି । ଯେତେ ବେଶି ଭାବେ, ତା ଅନ୍ତର, ଲଳିତା ଦେବୀଙ୍କ ପାଇଁ କେଉଁ ଅଜଣା-କଳ୍ପିତ-ଦୁଃଖରେ ଭରି ଉଠେ । ଲଳିତା ଦେବୀଙ୍କର କଣ୍ଠ ଓ ମୁଖରେ ଯେଉଁ ସହାନୁଭୂତି ଓ କଲ୍ୟାଣୀୟା ନାରୀ ମୂର୍ତ୍ତିର ଛାୟା ପଡ଼ିଥିଲା, ତାକୁ ସେ ସତ୍ୟ ବୋଲି ହିଁ ପ୍ରମାଣ କରିଥିଲା ।

ଆରଦିନ ସକାଳେ ଦୁଇବନ୍ଧୁ ଅଭ୍ୟାସ ବଶତଃ, ସାଙ୍ଗ ହୋଇ ଚା ଖାଉଛନ୍ତି । ରଜତ ଈଷତ୍ ଲଜ୍ଜିତ ହୋଇ କହିଲା, "କାଲି ମୋ ମନ ମୋଟେ ଭଲ ନ ଥିଲା—ଗୁଡ଼େ ଅପ୍ରିୟ କଥା କହିଛି । ମନରେ କିଛି ଭାବନ ତ ?" ବସନ୍ତ ଖୁବ୍ ଜୋରରେ ହସି ଉଠି କହିଲେ, "ପାଗଳ ହେଲ ତମେ ? ମୁଁ ଏଇ କଥାରେ ରାଗିବି ? ତାହେଲେ ମୋତେ କବିତା ଲେଖା ଛାଡ଼ି ଦେବାକୁ ହେବ । ସମାଲୋଚକମାନଙ୍କର ମିଥ୍ୟା ସମାଲୋଚନା ଓ ସଂପାଦକମାନଙ୍କର ଅଭଦ୍ର ନାସ୍ତିବାଣୀ ଯେ କେତେ ଛନ୍ଦ, ସେ କଥା ତମେ ଜାଣିନ । ତାକୁ ତ ପୁଣି ମୋତେ ସହିବାକୁ ହୁଏ ? ଆଉ ମୁଁ ରାଗିବି ଏଇ କଥାରେ ? ପୁଣି ତମ ଉପରେ ? ଅଚ୍ଛା, ଏ କଥା ତମେ କିମିତି ହେଲେ ମୁହଁରେ ଧରିଲ ?" ରଜତ ସଲଜ୍ଜ ହସି ନୀରବରେ କ୍ଷମା ମାଗିଲା । ବସନ୍ତ ବେଶ ଗମ୍ଭୀର ହୋଇ କ୍ଷମା କଲେ । କହିଲେ, "ଭବିଷ୍ୟତରେ ରଜତ ଝିମିତି ଇମିତି କେବେ ନ ଭାବେ ।"

( ଅସନ୍ତା ସଂଖ୍ୟାରେ ସମାପ୍ୟ )

**WANTED.**

A Sole agent to Sell "Dagaro" for Cuttack town For terms apply to.—

Dagaro Office
P. O. Bhadrak.
( B. N. Ry. )

Digitized by srujanika@gmail.com

ବିଲେଇ ହାତରେ…………

# ପ୍ରେମ ପଥର ବାଧା

**ଲେଖକ—ଦେବ ମହାପାତ୍ର**

ଭାଗ୍ୟକୁ ମୁଁ ଏକାଳରେ ଜନ୍ମ ହୋଇଛି, ତା ନହେଲେ ଯଦି ପୂର୍ବକାଳରେ ଜନ୍ମ ହୋଇ ଥାନ୍ତି ତେବେ ମୋ ଅବସ୍ଥା ବାରଗଣ୍ଡା ଦଶ ହୋଇ ଥାଆନ୍ତା। ପୂର୍ବକାଳରେ ପ୍ରେମ କରିବା କଥା ଶୁଣନ୍ତୁ ଝିଅଙ୍କୁ ଦେଖିବା ହାତ ସପନ। ତାଙ୍କ ବାପାଙ୍କୁ ଯାଇକରି ଦେଖା କରିବାକୁ ପଡ଼ନ୍ତା। ଆଉ ସିଏ ପଚେ କେତେଗୁଡ଼ାଏ କଠିନ ପ୍ରଶ୍ନ ପଚାରନ୍ତେ। ଏବେକାର ଜେନେରାଲ ନଲେଜରେ ଉତ୍ତର୍, ଏମିତିଆ ପ୍ରଶ୍ନରେ ମୁଁ ଧାବୁଡ଼ି ଯାଆନ୍ତି। ଯଦିବା କୌଣସି ଉପାୟରେ ଉତ୍ତର ଦେଇ ପାରନ୍ତି, ସେ କହନ୍ତେ, "ବାରହାତ ଖଣ୍ଡା ଧର, ଘୋଡ଼ାରେ ଚଢ଼ ଆଉ ଅଜଣା ଦେଶକୁ ଯାଇ ଅଜଣା ଚିଜ ନେଇ ଆସ, ତେବେ ଯାଇ ମୋ ଝିଅକୁ ପାଇବ।"

ମତେ ଘୋଡ଼ା ଚଢ଼ି ଆସେନା, ମୁଁ କେମିତି ଯାଇ ପାରନ୍ତି? ତାଛଡ଼ା ମୋର ହାଇଟ୍ ଜମା ସାଢ଼େ ତିନିହାତ—ବାରହାତ ଖଣ୍ଡା ଧରିବା ମୋ ପେଇଁ କାଟିବାର ପାଠ ହୋଇ ପଡ଼ନ୍ତା। ମୁଁ ଅବଶ୍ୟ ଫେଲ ହୋଇ ଯାଆନ୍ତି। ଯଦି ଚେଷ୍ଟା କରି ବାହାରନ୍ତି ତେବେ ଅଗ୍ନାଅଗ୍ନି ଜନସ୍ଥରେ ବାଘ ଭାଲୁ ହାବୁଡ଼ରେ ପଡି ମୋ ହାଲକ ବୁଝି ଯାଆନ୍ତାନି କି? ଅଶୀ ବାଳର ମସୀଅ ବୁଢ଼ୀଠାରୁ ସବୁ ହାଲ ଯୋଗାଡ଼ କରିବାକୁ ପଡ଼ନ୍ତା। ସେ ମତେ ଗୋଟାଏ ପେଣ୍ଡୁ ଦିଅନ୍ତା—ପେଣ୍ଡୁ ଗଡ଼େଇ ମୁଁ ପଛେ ପଛେ ଅସନ୍ତି। ପେଣ୍ଡୁଟା ସହସ୍ର ଯୋଜନ ଯାଇ ଗୋଟାଏ ଟାପୁରେ ଲାଗନ୍ତା। ସେ ଟାପୁରେ ପଶି ମୁଁ ଅସୁର ଅସୁରୁଣୀଙ୍କୁ କେବେ ମାରି ପାରନ୍ତିନି—ହଣା ଖାଇ ଯାଆନ୍ତି। ଯଦି ବା ତାଙ୍କୁ ନେହୁରା କରି, ତାଙ୍କର ଗୋଡ଼ ହାତ ଧରି ପ୍ରାଣଟା ବଞ୍ଚେଇ ନଏ ତେବେ କଣ ସେଇଠି ସରିଲା? ଆହୁରି କେତେ କାମ ବାକି ରହି ଯାଆନ୍ତା। ଗୋଟାଏ ସେ ଖପରେ ବୁଡ଼, ଗୋଟାଏ ଦଅରେ ଚଢ଼ି, ନାଗ ସାପ, ଅଜଗର ସାପ ମାରି, ଗୋଟାଏ ଫରୁଆ ପାଇ, ଫରୁଆ ଭିତରୁ ଭଅଁର ଜଣ୍ଟି ଚିପି, ଆଉ ଯେତେ ଯେତେ ପଥିବ କରିବାକୁ ପଡ଼ନ୍ତା, ମୁଁ ଜାଣେନି ମୋ ଦେଇ ଏତେ କଥା ହୁଅନ୍ତାନି। ବୁଢ଼ା ଜବନଟା ଯାଅନ୍ତା। ପ୍ରେମ ମୁଣ୍ଡରେ ବାଡ଼ି ପଡ଼ନ୍ତା।

ଅଜକାଲି ପ୍ରେମ କରିବା ସହଜ—ଖୁବ୍ ସହଜ। ପ୍ରେମମା ଚଳିଅ ଟୋକିଟିଏ ମିଳିଗଲେ ଆହୁରି ବେଶି ସହଜ ହୋଇ ପଡ଼ିବ। ଖାଲି ଗୋଟାଏ କଥା—ମୁକବୋଧ ପଟ୍ଟନାୟକ ଭଳିଆ ନଲଠା, କେହିଅ ସାଙ୍ଗଟିଏ ନଥିଲେ ହେଲା। ମୁ-ବୋ-ପ, ତା ନାଆଁ ଧରିଲାବେଳକୁ ମୋ ରକ୍ତ ଗରମ ହୋଇ ଉଠେ। ମୋ ଚିଉ ଚଢ଼ି ଯାଉଛି ମୁଣ୍ଡ ଉପରକୁ। ମୋଠିଁ ତା ବଳ ବେଶି, ତା' ନ ହେଲେ କେବେଠୁ ତାକୁ ଗଡ଼ ଗଡ଼ କରି କାଟି, ତା ରକ୍ତରେ ଚିତା ଦେଇ ଏତେବେଳକୁ ପାସ୍ ଯାଇ ସାରନ୍ତିଣି। ପ୍ରେମ ଭଳିଆ ସୂକ୍ଷ୍ମ ଜିନିଷର ମୂଲ୍ୟ ସେ କଣ ବୁଝିବ? ଘଟଣା କଣ ମୁଁ ଆପଣଙ୍କୁ ଖୋଲି କରି କହୁଛି ଶୁଣନ୍ତୁ।

ମୁକବୋଧ ମୋର ସାଙ୍ଗରେ ଆମ ଅଫିସରେ କାମ କରେ ଆଉ ତା ଘରଟା ବି ଠିକ୍ ମୋର ଘରକୁ ଲାଗି କରି। ଆମ ଛାଇଟା ଟାଉନଠୁ ଦୁଇମାଇଲ ଦୂରରେ। ଆମ ଅଫିସର ଷ୍ଟାଫ କର୍ମିକଙ୍କ ପାଇଁ ଷ୍ଟାଫ ଘର ଛାଡ଼ିଦେଲେ ସେ ଗାଁରେ ଆଉ କାହାରି ଘର ନାହିଁ। ଦିନଯାକ ଅଫିସରେ ଖଟି ଖଟି ସନ୍ଧ୍ୟାବେଳାକୁ ଘରକୁ ଆସିଲା ପରେ ଆମ ଭିତରୁ ବୁଢ଼ୋଙ୍କ କଥାଳୀ ତାଙ୍କ ପୁଅ ମାଇପ, ବାଡ଼ ବଗିଚା ଆଉ ଘର ଧନ୍ଦାରେ ମନ ଦିଅନ୍ତି। ବାକି ରହିଯାଉଁ ମୁକବୋଧ ପଟ୍ଟନାୟକ ଆଉ ମୁଁ—ଦୁଇଜଣ ଯାକ ଅବିବାହିତ। ମୁକବୋଧ କଥା କହେ, ଗୀତ ଗାଏ, ଭୁଲି ଯିବାକୁ ଡାକେ। ମୁଁ କଣ ତା ଭଳିଆ ଫାଲତୁ ଧାଡ଼ିଆ ହୋଇଛି ଯେ ସବୁବେଳେ ଯମଦୂତମାନଙ୍କ ଏମିତି ହତ୍ୟା କରିବେ! ମୁଁ ଅଫିସରୁ ଫାଇଲ ଆଣି ଘରେ କାମ

Digitized by srujanika@gmail.com

କରେ । ଆମ କର୍ମଚାରୀଙ୍କର ପ୍ରମୋସନ କହନ୍ତୁ, ଉନ୍ନତି କହନ୍ତୁ ସବୁ ନିର୍ଭର କରେ ତାଙ୍କ ଉପରେ । ଏ କଥାଟା କିନ୍ତୁ ସୁବୋଧକୁ ଏପର୍ଯ୍ୟନ୍ତ ମାଲୁମ ନାହିଁ । ଛାଡ଼ନ୍ତୁ, ଆମ ସମସ୍ତ ଗୁଡ଼ାକ ଏମିତି ଶୃଙ୍ଖଳ ଶୃଙ୍ଖଳ କଟୁଥିଲ, ଏଇ ସମୟରେ ଆମ ନୂଆ ହେଡ଼କ୍ଲର୍କ ନରେଶବାବୁ ଆସି କାମରେ ଜଏନ୍ କଲେ । ସେ ଆସିଲବେଳକୁ ସୁବୋଧ ଏଠି ନ ଥିଲ, ଦେଢ଼ ମାସ ଛୁଟିରେ ଗାଁକୁ ଯାଇଥିଲ । ନରେଶବାବୁ ଆସିଲେ, ଆଉ ତାଙ୍କ ସାଙ୍ଗରେ ଆସିଲ—ପ୍ରତିମା । ମାତୃହୀନା ଗୋଟିଏ ବୋଲକ ଝିଅ, ପ୍ରତିମା ଯେମିତି ଶିକ୍ଷିତା ସେମିତି ସୁନ୍ଦରୀ । ସେ ମତେ ଦେଖିଲ, ମୁଁ ତାକୁ ଦେଖିଲି । ମତେ ଦେଖି କରି ସେ ଯେ ମତେ ଗୋଟାଏ ପ୍ରେମିକ ବୋଲି ଭାବିଥିବ ଏ କଥା ମୁଁ କହୁନାହିଁ । ମୋ ଚେହେରାରେ ଏମିତି କିଛି ଲକ୍ଷଣ ନାହିଁ ଯେ ଦେଖିଲେ ମତେ ଗୋଟାଏ ପ୍ରେମର ପାତ୍ର ବୋଲି କେହି ଠଉରେଇବ ! ପ୍ରେମ କରିବା ଟେକ୍‌ନିକ୍ ବୋଲି ଆପଣ ଯାହାକୁ କହନ୍ତି ସେମିତିଆ ମଧ୍ୟ ମତେ କିଛି ଜଣା ନାହିଁ । ଝିଅମାନେ ମତେ ଦେଖି କରି ମୋ ପଛେ ପଛେ ଗୋଡ଼ାନ୍ତିନି କିମ୍ବା ମୁଁ ବି ବଳାଇ ପରି ତାଙ୍କ ପଛେ ପଛେ ଗୋଡ଼ାଏନି । ଯ୍ୟା' ବୋଲି ମୁଁ ଝିଅଙ୍କୁ ଭଲ ପାଏନି ଏକଥା କହି ପାରିବେନି । ମୁଁ ତାଙ୍କୁ ମନେ ମନେ ଖୁବ୍ ଭଲ ପାଏଁ । ମନେ ମନେ ତାଙ୍କର ପୂଜା କରେ । କୋଉ ଝିଅ କେତେ ସୁନ୍ଦର ମୁଁ ମନେ ମନେ ତୁଳନା ବି କରିଥାଏ । ତାଙ୍କୁ ପାଇବା ପାଇଁ ଅନେକ ସମୟରେ ମନେ ମନେ କାମନା ବି କରିଥାଏ କିନ୍ତୁ ମନ କଥା ମନରେ ରହିଯାଏ, କାର୍ଯ୍ୟତଃ କେଣେ ଆଗେଇ ପାରେନି । ତାର କାରଣ ହେଉଚି, ମୋ ମନରେ କିଛି ଗୋଟାଏ ଇଚ୍ଛା ହେଲ ବେଳକୁ, ତାଙ୍କ ଭିତରେ ବରାବର ଗୋଟାଏ ପାଚେରି ଆସି ଛିଡ଼ା ହୋଇଯାଏ । ଏଇ ପାଚେରିଟାକୁ ଭାଙ୍ଗିଭୁଙ୍ଗି ସମତଳ କରି ଦେଇଥିଲ—ପ୍ରତିମା ।

ଆମ୍ଭମାନଙ୍କର ଚିହ୍ନାପରିଚୟ ହେଲ, ଦୁଃଖ ସୁଖ ପଡ଼ିଲ, କିଏ କୋଉଠି ରହନ୍ତି, କାହାଘରେ କେତୋଟି ପିଲାଝିଲା ପ୍ରତିମା ବୁଝି ନେଲା । ଦିନେ ଗଲା, ଦି'ଦିନ ଗଲା ତେଣିକି ଦିନ ଆମେ ସବୁ କିରାଣୀମାନେ ସନ୍ଧ୍ୟାବେଳଆ ତା' ବାପାଙ୍କ ପାଖରେ ବସି କଥାବାର୍ତ୍ତା ହେଉଥିଲୁ ପ୍ରତିମା ବସି ବସି ଶୁଣୁଥିଲା । ତା ସାହସକୁ ଧନ୍ୟ କହିବେ, ଏତେ ଲୋକଙ୍କ ଆଗରେ ହଠାତ୍ ମତେ କହିଲା, "ଜଗୁବାବୁ, ଏଠି ସାଙ୍ଗ ସାଥି କେହି ନାହାନ୍ତି, ଆପଣଙ୍କ ଫୁରସତ ସମୟରେ ମତେ ଟିକିଏ ଟାଉନ ଆଡ଼େ ବୁଲେଇ ନେବେନି ?"

ସାଙ୍ଗେ ସାଙ୍ଗେ ତା ବାପା ନରେଶବାବୁ କହିଲେ, "ହଁ ଜଗୁବାବୁ ତାକୁ ଟିକିଏ ବୁଲେଇ ନେବେ । ଆପଣଙ୍କ ଉପରେ ଘରର ଭାର ବେଶି କିଛି ନାହିଁ ବୋଲି ଅନୁରୋଧ କରୁଚି । ପ୍ରତିମା ପିଲାଟି ଦିନରୁ ବଡ଼ ବଡ଼ ଟାଉନରେ ବହୁତ ସାଙ୍ଗ ସାଥି ମେଳରେ ରହି ଆସିଚି । ରୋଜ ବୁଲି ନ ଗଲେ ତା ଦିହ ଭଲ ରହେନି । ଆପଣ ତାକୁ ଟିକିଏ ଏଠିକାର ବଜାର ହାଟ ଆଉ, କଣ କଣ ଦେଖିବାର ଜାଗା ଅଛି ବୁଲେଇ ଆଣିଲେ ଖୁବ୍ ଉପକାର କରିବେ ।"

ସେଇଦିନଠୁ ମୁଁ ଜାଣିପାରିଲି ଯେ ପ୍ରତିମା ମତେ ଦେଖୁଁ ଦେଖୁ ମୋ ପ୍ରେମରେ ପଡ଼ି ଯାଇଚି ତା ନ ହେଲେ ଏମିତିକା ଅନୁରୋଧ କରନ୍ତାନି । ସୁଯୋଗ ସୁବିଧା ନ ପାଉଥିବାରୁ ଯୋଉ ପ୍ରେମ କରିବା ଇଚ୍ଛାଟା ମୋ ମନ ଭିତରେ ଏପର୍ଯ୍ୟନ୍ତ ଘୁମେଇ ରହିଥିଲା, ବର୍ତ୍ତମାନ ଗର୍ଜିକିନା ଚେଇଁ ଉଠିଲା । ମୁଁ ମନେ ମନେ ପ୍ରତିମାକୁ ମୋର ପ୍ରିୟା ବୋଲି ବାଛି ନେଲି । ବଜାରରୁ ବାସନା ତେଲ ବୋତଲଟିଏ ଆଉ ସ୍ନୋ ଡବାଟିଏ କିଣି ଆଣିଲି ସେଇଦିନ, ଏବଂ ତା ପରଦିନଠୁ ଅଫିସରୁ ଫେରି ମୁହଁ ହାତ ଧୋଇ ଟିକିଏ ବାସନା ତେଲ ନଗେଇ, ଫିରେଇ କାଟି, ସ୍ନୋ ଟିକିଏ ମୁହଁରେ ମା'ରି ପ୍ରତିମାକୁ ବୁଲି ନିବାପାଇଁ ଡାକିବା ହେଲା ମୋର କାମ । ପ୍ରତିମା ଅନେକଦିନ ଆସେ ଅନେକ ଦିନ ମତେ ଏଭଏଡ଼ କରେ । ଜାଣନ୍ତି ତ ଝିଅମାନେ ଯେତେ ପାଠ ପଢ଼ିଲେ ସୁଦ୍ଧା ଲାଜଟା ଛାଡ଼ି ପାରିବା ସହଜ ନୁହେଁ ।

ଆମେ କଥା ହେଉ । ଉଏଦେବ୍ ଠଉଁ ଆରମ୍ଭ କରି ହିଟ୍‌ଲର ଯାକେ ଅନେକ କଥା । ଅନେକ ସମୟରେ ମୁଁ ଅଫିସ କଥା ପକାଏ—ମୋର ଇଚ୍ଛା ଆମର ବନ୍ଧୁତା ଅଧିକ ଘନିଷ୍ଠ ହେଉ । ପ୍ରତିମାକୁ ଦେଖିଲି ଅଫିସରେ କଣ ଘଟଣା ଘଟେ ସବୁ ଖବର ରଖିଚି । କିଏ କେମିତି କାମ କରେ, କାହାର କେବେ ବଦଳି ହେବ, କିଏ କେବେ ପ୍ରମୋସନ ପାଇବ, ସବୁ କଥା ସେ ଜାଣେ । ସେ କହିଲା, ତାର ବାପା କୁଆଡ଼େ ରାତିରେ ସବୁ କଥା ତାରି ଆଗରେ କହି ଦିଅନ୍ତି, ଏମିତି କି ସାହେବଙ୍କ ସାଙ୍ଗରେ ଯୋଉ ଗୁପୁଚୁପିଆ କଥା! ହୁଏ ସେ

Digitized by srujanika@gmail.com

ସବୁ ବି । ଏଇଟା ମୋ ପାଇଁ ଖୁବ୍ ସୁବିଧା ହୋଇଗଲା । ଅନ୍ୟ କିରାଣୀମାନେ କୌଣସି କଥା ଜାଣିବା ଆଗରୁ ମୁଁ ଜାଣି ନେଇ ପାରିଲି ।

ପ୍ରତିମା ଯେମିତି ଢଙ୍ଗରେ ଶାଢ଼ୀ ପିନ୍ଧେ ଆଉ ଥରେ ଥରେ ଯେଉଁ ହାତକଟା ବ୍ଲାଉଜ ପିନ୍ଧେ, ତା' ସାଙ୍ଗରେ ମନ ଭୁଲା ହଲେଇଲି, ଅଧିକାଂଶ ସମୟରେ ମୋ ମନ ଭିତରେ ପୁରୁଷୋଚିତ ସମସ୍ତ ଦୁର୍ବଳତା ଗୁଡ଼ାକ ଆସି ଉଙ୍କି ମାରନ୍ତି—ମୁଁ କିନ୍ତୁ ସେ ବାସନା ସବୁ ଦମନ କରେ । ମୋର ତା ପ୍ରତି ପ୍ରେମ ଗୁଡ଼ାକ ତା ଆଗରେ ବଢ଼େନି । ମୁଁ ଖାଲି ଅପେକ୍ଷା ରହିଥାଏ, କେବେ ବସନ୍ତ କାଳ ହେବ, କହିବି । ଆପଣ ଜାଣିଥିବେ, ବସନ୍ତ କାଳ ପ୍ରେମ କରିବା ପାଇଁ ଉପଯୁକ୍ତ ସମୟ । ଶୀତ ଦିନରେ ଗୋଡ଼ହାତ ଥରୁଥିବ, ଦାନ୍ତରେ ଦାନ୍ତ ବାଜୁଥିବ । ଥଣ୍ଡାରେ ପ୍ରେମ କରିବା ବଡ଼ ଅଡୁଆ । ବର୍ଷାଦିନରେ ବି ସେଇକଥା—କାଦୁଅ ଚପରଚପରରେ କିଏ ପ୍ରେମ କରି ହୁଏ ? ଖରାଦିନେ ବି ଗରମରେ ଝାଳ ବୋହି ପଡ଼ୁଥିବ ଦିହରୁ, ପ୍ରେମ କଥା କହିବା ଅପେକ୍ଷା ବେଞ୍ଚଣା ଖଣ୍ଡିଏ ଧରି ବସିଲେ ଅଧିକ ଆନନ୍ଦ ମିଳେ । କିନ୍ତୁ ବସନ୍ତ କାଳ କଥା ଅଲଗା—ବସନ୍ତ କାଳଟା କ୍ୟାଲେଣ୍ଡରରେ ନାହିଁ କିନ୍ତୁ କେବେ ପଡ଼େ ମୁଁ ଜାଣିନି । ବସନ୍ତ କାଳରେ ଜହ୍ନରାତି ହୋଇଥିବ, ପ୍ରତିମା ସାଙ୍ଗରେ ହାତ ଧରାଧରି ହୋଇ ବୁଲୁଥିବି । ଦିନେ କହି ଦେବି, "ପ୍ରତିମା, ପ୍ରିୟତମା ମୋର—ମୁଁ ତମକୁ କେତେ ଭଲପାଏଁ, ତମେ ମତେ—" ପ୍ରତିମା ପ୍ରେମ କବିତା ପସନ୍ଦ କରେ, ସେଇଥିପାଇଁ ରାଜି ହୋଇଯିବ ଅବଶ୍ୟ ।

ଅନେକ କଥା ମନରେ ଥିଲା ଆଉ ମୁଁ ଜାଣିଥିଲି ସବୁ କଥା ଦିନେ ସତ ହୋଇ ଯାଇ ଥା'ଆନ୍ତା । କିନ୍ତୁ ମଝିରେ ଆସି ବିଗାଡ଼ି ଦେଲା ମୁଢ଼ବୋଧ । ତାର ଛୁଟି ସରିଗଲା, ସେ ଆସି କାମରେ ଯୋଗ ଦେଲା । ସେ ଯୋଉଦିନ ଆସି ପହଞ୍ଚିଲା ସେଇଦିନ ସାତଟାବେଳେ ନରେଶବାବୁ ସବୁଦିନ ପରି ଟାଉନ କ୍ଲବକୁ ଯାଇଥିଲେ ଟେନିସ୍ ଖେଳିବା ପାଇଁ—ପ୍ରତିମା ଆଉ ମୁଁ ବାଗରେ ବସି କଥାବାର୍ତ୍ତା ହେଉଥିଲୁ, ମୁଢ଼ବୋଧ ପଞ୍ଚନାମ୍ବର ବେହଅ ପରି ସିଟି ବଜେଇ ବଜେଇ ସାମନା ରାସ୍ତାରେ ଲହର ଫହର ହେଉଛି ପରି ଥରେ । ସେ ଇର୍ଷାରେ ନିଶ୍ଚୟ ଜଳି ପୋଡ଼ି ଯାଉଥିବ । ତାର କେମିତି ବେଶି ଇର୍ଷା ହେଉ ସେଥିପାଇଁ ସେ ଗଲାବେଳକୁ ମୁଁ ଖୁବ୍ ହସି ହସି ପ୍ରତିମା ସାଙ୍ଗରେ କଥା କହୁଚି ।

ତହିଁ ଆରଦିନ ବି ସେମିତି ସେ ଯାଉଥିଲା ଯେତେବେଳେ—ଆମେ ବସି କଥା ହେଉଥିଲୁ । ପ୍ରତିମା ଡାକିଲା, "ଟିକିଏ ଶୁଣିଯିବେ ।" ମୁଢ଼ବୋଧ ଆସି ହାଜର । ପ୍ରତିମା କହିଲା—"ସମସ୍ତଙ୍କ ସାଙ୍ଗେ ଚିହ୍ନା ହେଲା, ଆପଣଙ୍କ ସାଙ୍ଗେ ଚିହ୍ନା ହେଇନି, ଆପଣ କାଲି ଆସିଚନ୍ତି ନା ?"

ପ୍ରତିମା ଶିକ୍ଷିତା ଝିଅ, ତା ବାପାଙ୍କ ଅଫିସର କିରାଣି ବୋଲି ଟିକିଏ ସହାନୁଭୂତି ଦେଖେଇ ପଚାରି ଦେଲା, ତା କଥାର ଉତ୍ତର ଦେଇ ଏଥର ଆପଣା ରାସ୍ତା ଦେଖି ଗଲେ ମୁଢ଼ବୋଧ ଭଦ୍ରଲୋକ ହୋଇଥିଲେ ସିନା ଏ କଥା କରନ୍ତା, ସେ ସେଇଠି ଚେୟାର ଟାଣି ନେଇ ବସି ପଡ଼ି ଗପ ଆରମ୍ଭ କରିଦେଲା । ତା ହସ ଦେଖିବେ କିଏ ! ତା କଥା ଦେଖିବେ କିଏ ! ସାହିତ୍ୟ, ସଂଗୀତ ସିନେମା ଥିଏଟର ପ୍ରଭୃତି କେତେ ଗୁଡ଼ାଏ ଅବାନ୍ତର କଥା ପକେଇଲା । ପ୍ରତିମା ଉପରକୁ ଦେଖିବାକୁ ଖୁବ୍ ଖୁସି ହୋଇ ଶୁଣୁଚି ବୋଲି ଜଣା ପଡ଼ୁ-ଥିଲା କିନ୍ତୁ ମୁଁ ଜାଣୁଚି, ସେ ମନେ ମନେ ନିଶ୍ଚୟ ଜାଣି ପାରୁଥିବ—ମୁଢ଼ବୋଧର ଜୀବନର ଆଦର୍ଶ କେତେ ନୀଚ !

ମୁଢ଼ବୋଧର ଏଇ ଉପରପଡ଼ା ଢଙ୍ଗ ଅସଭ୍ୟତାର ପରିଚାୟକ ଏବଂ ମୁଁ ନାପସନ୍ଦ କରୁଚି ଏଇ କଥାଟା ତାକୁ ଜଣାଇବା ଉଦ୍ଦେଶ୍ୟରେ ମୁଁ ଯୋଉ ଉଠି ଗଲି ଆସିଲି । ପ୍ରତିମାକୁ କହିଲି, "ମୋତେ ଟିକିଏ ଟାଉନକୁ ଯିବାକୁ ପଡ଼ିବ କେତେଟା ଜିନିଷ କିଣିବା ପାଇଁ ।" ମୁଁ ଚାଲିଗଲି, ଫେରିଲି ରାତି ଦଶଟାରେ । ଶୁଣିବେ, ମୁଢ଼ବୋଧଟା ଏତେ ନିର୍ଲଜ, ସେ ସେତେବେଳ ଯାଏଁ ସେଇଠି ବସି ଗପ କରୁଥିଲା ପ୍ରତିମା ସାଙ୍ଗରେ, ନରେଶ ବାବୁ ବି ବସିଥିଲେ ପାଖରେ । ସେମାନେ ଭଦ୍ରଲୋକ ବୋଲି ଭଦ୍ରତା ଖାତିର ମାତ୍ର ତାହାର କରି ଦେଇ ନାହାନ୍ତି, ବୁଝୋଉ ଥିବେ, କିଏ ବେଶି କରି ଯେପରି ବସି କରି ଗପ କରୁଚୁ କହିଲ ?

ଆଉ ଦିନେ—ମୁଢ଼ବୋଧ କିଏ କାମରେ ଟାଉନଆଡ଼େ ଯାଇଥିଲା । ମୁଁ ଯାଇ ପ୍ରତିମା ସାଙ୍ଗେ ଗପ କରୁଥିଲି, ଏତିକିବେଳେ ଠିକ୍ ସମୟ ପଡ଼ିଚି ଜାଣି ମୁଁ ମୁଢ଼ବୋଧର ସବୁ ଗୁଣଗ୍ରାମ ପ୍ରତିମାକୁ କହିଦେଲି । ମୁଁ କହିଲି ଯେ ମୁଢ଼ବୋଧର ମୋଟେ ଭବିଷ୍ୟତ ବିଷୟରେ କିଛି ଚିନ୍ତା ନାହିଁ । ସେ ଘରକୁ ପଇସାଟିଏ ପଠାଏ ନା କିମ୍ବା ସେଭିଙ୍ଗ୍ସ ବ୍ୟାଙ୍କରେ ଜମା କରେନା, ସବୁ ପଇସା ନିଜେ ଉଡ଼ାଏ । ଦାଢ଼ିକିଳି ତାର ଏପର୍ଯ୍ୟନ୍ତ ହୋଇନି । ବାଜେ ଉପନ୍ୟାସ ପଢ଼େ, ଗୀତ ଗାଏ । ପ୍ରତିମା ମୁରୁକି ମୁରୁକି ହସୁଥିଲା । ମୁଢ଼ବୋଧ କେତେ ବଡ଼

Digitized by srujanika@gmail.com

ଅପଦାର୍ଥ ସେଇକଥା ଭାବି ପ୍ରତିମା ହୁଏତ ମୁଁ ଜାଣି ପାରିଲି । ତାପରେ ପ୍ରତିମା କହିଲା, "ଆସନ୍ତୁ ଟିକିଏ ବୁଲି ଯିବା ।" ଆମେ ବୁଲି ଗଲବେଳେ ଅନେକ ବିଷୟ ପଡ଼ିଲା—ଅଫିସ କଥା ବେଶି । ପ୍ରତିମା କହିଲା, "ଜଗୁବାବୁ, କାଲି ଘରେ ବାପା ଗୋଟାଏ କଥା କହୁଥିଲେ ଆପଣମାନଙ୍କ ବିଷୟରେ, ମୁଁ କିନ୍ତୁ ଆପଣଙ୍କୁ କହିବିନି ।"

ମୁଁ ପଚାରିଲି, "ତାଙ୍କ କହିବାରେ କଣ ଆପତ୍ତି ଅଛି ?"

ସେ କହିଲା, "କଥାଟା ଭାରି କନ୍‌ଫିଡେନ୍‌ସିଆଲ୍, ସେଇ ଯୋଗୁ ମୁଁ କହିବି ନା ।"

ମୁଁ କିନ୍ତୁ କଣ ଛାଡୁଛି ! ଝିଅମାନଙ୍କ ମୁହଁରୁ ତାଙ୍କର ମନ କଥା କେମିତି କାଢ଼ି ନେବାକୁ ହୁଏ ସେ ବାଗ ମୁଁ ଜାଣେ—ସେଇ ଯୋଗୁ ଶେଷରେ ପ୍ରତିମା ବାଧ୍ୟ ହୋଇ କହିଲା, "ଜଗୁବାବୁ ମୁଁ ଆପଣଙ୍କୁ ବୋଲି କହୁଛି, ଖୁବ୍ ସତର୍କ ହୋଇ ଚଳନ୍ତୁ । ଆପଣ ଦୁଇଜଣଙ୍କର ପ୍ରମୋସନ ବିଷୟରେ ସାହେବ ବାପାଙ୍କଠାରୁ ଗୋଟାଏ ରିପୋର୍ଟ ମାଗିଛନ୍ତି । ବାପା ଆପଣ ଦୁହିଁଙ୍କର କାର୍ଯ୍ୟକଳାପ ଲକ୍ଷ୍ୟ କରି ଗୋଟାଏ କାଗଜରେ ନମ୍ବର ଦେଇ ରଖିଛନ୍ତି, ସାହେବଙ୍କୁ ଦେଖାଇବେ ।"

ମୁଁ ଏଇ କଥାଟା ଜାଣି ଖୁବ୍ ଖୁସି ହେଲି । ପ୍ରତିମାକୁ କହିଲି, "ଆପଣଙ୍କର ଏଇ ଉପକାର କେବେ ଭୁଲି ପାରିବିନି । ଆପଣଙ୍କୁ ଅନେକ ଧନ୍ୟବାଦ । ଆପଣ ଦେଖିବେ ଯେ ମୁଁ ଆପଣଙ୍କର ଏଇ ଦୟା ପାଇଁ ପ୍ରକୃତରେ ଉପଯୁକ୍ତ ।"

ସେଇ ରାତିରେ ଶୋଇଲାବେଳେ ମୋର ଆଖି ଆଗରେ ଭାସି ଉଠୁଥିଲା ପ୍ରତିମାର ଛବି । ସେ ମୋତେ କେତେ ଭଲ ପାଏ ! କେତେ ନଜର ରଖୁଛି !! ସେ ଚାହେଁ ମୁଁ କିପରି କାର୍ଯ୍ୟରେ ଉନ୍ନତି କରେ । ସୁବୋଧକୁ ଟପି ମୁଁ କିପରି ଅଧିକ ଆଗେଇ ଯାଏଁ ସେ ଦେଖିବାକୁ ଚାହେଁ । ତା' ପ୍ରେମ ପାଇବା ପାଇଁ ମୁଁ ଉପଯୁକ୍ତ, ଏ କଥା ଦେଖେଇବି ତାକୁ । ଯେପରି ମୋ ଲାଗି ତାର ମନରେ ଗର୍ବ ଆସିବ । ସେଦିନ କହିବ, "ପ୍ରିୟେ ଦେଖ, ଜଗବନ୍ଧୁ ଯାହା କହେ ସେୟା କରେ ।"

ତା ପରଦିନଠାରୁ ମୁଁ ଅଫିସରେ ଖୁବ୍ ମନ ଦେଇ କାମ କଲି । ମୋ କାର୍ଯ୍ୟ ଉପରେ ମୋର ଭବିଷ୍ୟତ ନିର୍ଭର କରୁଛି, ମୋର ଉନ୍ନତି ନିର୍ଭର କରୁଛି । ହେଡ଼କ୍ଲର୍କ ଦେଖି ନଥାନ୍ତୁ, ସାହେବ ଦେଖି ନଥାନ୍ତୁ, କିଏ କେତେ ଗୁଣର, କିଏ କେତେ କାମ କରିପାରେ ଏବେ ବାଛି ନଥାନ୍ତୁ । ଅପରନ୍ତୁ ହଠାତ୍ ଆସି ପହଞ୍ଚିଯାଏ ବୋଲି କହନ୍ତି । ଖୁବ୍ ସତ କଥା—ମୁଁ ସେୟା ଦେଖିଲି । ଦୁଇ ତିନିଦିନ ପରେ ଗୋଟାଏ ମସ୍ତ ବଡ଼ ସୁଯୋଗ ଆସି ପହଞ୍ଚିଗଲା । ମୁଁ ଜାଣିଲି ଯେ ମୋର କାର୍ଯ୍ୟକୁଶଳତା ଦେଖାଇବା ପାଇଁ ଏଇଟା ହେଉଛି ସୁବର୍ଣ୍ଣ ସୁଯୋଗ । ହେଡ଼କ୍ଲର୍କ ବାବୁ ମତେ ଆଉ ସୁବୋଧକୁ ଡାକି କହିଲେ, "ଏଇ ପୁରୁଣା ରେକର୍ଡଗୁଡ଼ାକ କପି କରିବା କଥା ଅଛି—ଆପଣ ଦୁହିଁଙ୍କ ଭିତରୁ କିଏ ସୁନ୍ଦର ଅକ୍ଷରରେ ଉତାରି ପାରିବ ?" ସୁବୋଧ ପାଟି ଫିଟାଇବା ପୂର୍ବରୁ ମୁଁ ଆଗୁତରୁ କହିଲି, "ଆଜ୍ଞା ମତେ ଦିଅନ୍ତୁ, ମୁଁ କରିବି ।"

ହେଡ଼କ୍ଲର୍କବାବୁ କହିଲେ, "ବହୁତ ଗୁଡ଼ାଏ ଅଛି, ଆପଣଙ୍କ ପୁରସତ ଦେଖି କପି କରିବେ, ଯେତେ ଜଲଦି ଦିଅନ୍ତି ଭଲ କଥା, ଘରକୁ ନେଇ ଯାଆନ୍ତୁ ।"

ମୁଁ କିନ୍ତୁ ଘରକୁ ଆଣିନି । ସୁବୋଧ ଆସି ଗୋଳମାଳ କରିପାରେ ଏୟା ଭାବି ମୁଁ ଅଫିସରୁ ଛ'ଟା ବେଳେ ନ ଆସି ରାତି ନଅଟା ପର୍ଯ୍ୟନ୍ତ ବସି ଯାହାହେଉ, ମାତ୍ର ଗୋଟାକ ଭିତରେ କାମଟା ଶେଷ କରିଦେଲି । ସବୁ ଡକୁମେଣ୍ଟ ଗୁଡ଼ାକ ଖୁବ ବଡ଼ ବଡ଼ ସୁନ୍ଦର ଅକ୍ଷରରେ ଉତାରି ଦେଲି । ତାପରେ ତୃପ୍ତିର ନିଶ୍ୱାସ ମାରିଲି କାଲିକୁ ଯାହା ଶୁଣିଲି ସେଥିରେ ମୋ ମୁଣ୍ଡରେ ଚଡ଼କ ପଡ଼ିଲା । ପ୍ରତିମା ବାହାଦେଉଛି ଅଯୋଗ୍ୟ ସୁବୋଧଟାକୁ । ନରେଶବାବୁ ରାଜି ହୋଇଛନ୍ତି । ଆଉମାସ ଦଶ ତାରିଖରେ ତାଙ୍କ ବାହାଘର ହେବା ପକ୍କା ହୋଇ ଯାଇଛି ।

ପ୍ରମୋସନ ଫ୍ରମୋସନ କଥା ମିଛ । ମତେ ଠକିବାର ସେ ଦିନୁଁ କେମିତି ଅବାଧ୍ୟରେ ବୁଲି ପାରିବେ ସେଇଥିପାଇଁ ଏ ଷଡ଼ଯନ୍ତ୍ର କରିଥିଲେ । ପ୍ରମୋସନ, ପାଇବା ଆଶାରେ ମୁଁ ମାସଟାଯାକ ଲେଖି ଲେଖି ମରୁଛି ଏଆଡ଼େ । ଏ ଟୋକା ଟୋକି ମାସଟାଯାକ ଫୁର୍ତ୍ତିକରି ବାହାହେବାକୁ ବସିଲେଣି !!
ପ୍ରତିମା କେବେ ମିଛକଥା କହନ୍ତାନି—ଏ ସବୁ ସୁବୋଧର କାଣ୍ଡ । ବର୍ତ୍ତମାନ କଥାଟା ଯୋଡ଼ଯାକେ ଗଲଣି ମୁଁ ଖାଲି ପ୍ରତିମା ମୁହଁକୁ ଅନେଇ କିଛି କରି ପାରୁନି । ତେବେ ସବୁଦିନ ସମାନ ଯାଏନି, ମୋର ବି ଦିନ ଆସିବ ଯେ, ବାଗ ପଡ଼ିବ ଯେ, ଆଉ ସେଇଦିନ ଦେଖିବେ ସୁବୋଧକୁ ଏମିତି ଟେଙ୍ଗାଏ ଦେବି ଯେ କାଲକାଳକୁ ମନେ ରଖିଥିବ, ସେତିକବେଳେ ଯାଇ ଜାଣିବ—ମୋ ନାଆଁ ଜ-ଗ-ବ-ନ୍ଧୁ !

—୦—

Digitized by srujanika@gmail.com

# କାନିଆ ବଳଦର ଗାଲା ଗାଲା .........

ଜଣେ ଭଦ୍ର ସାକ୍ଷିଙ୍କୁ ଅନେକ ବେଳଯାଏ ଜେରା-କରସାରି ଅପର ପକ୍ଷର ଓକିଲ ନରସିଂହ ତାଙ୍କୁ ଭଦ୍ରତା ରକ୍ଷିବା ପାଇଁ କହିଲେ—"ମୁଁ ଆପଣଙ୍କୁ ବହୁତ ବାଜେ ପ୍ରଶ୍ନ ପଚାରି ବିରକ୍ତ କଲି; କିଛି ମନେ କରିବେ ନାହିଁ ।"

ସାକ୍ଷି ହସି ଉତ୍ତରଦେଲେ—"ନାହିଁ, ନାହିଁ,—ମୋ ଘରେ ଯେ ଡ଼ାଏ ପିଲା ଅଛନ୍ତି ଯେ, ସେ ହରଦମ ଏପରି ପଚାରନ୍ତି ।" × × ×

ରୋଗୀ—ବୋଧହୁଏ ଏ ଅପରେସନଟା ଗୋଟାଏ ବଡ଼ (major) ଅପରେସନ ?

ଡାକ୍ତର—ବୋକା ନା କଣ ! ଜମା ଦୁ'ଟା ଟଙ୍କାରେ କେହି କି ମେଜର ଅପରେସନ କରିପାରେ !

\+ × +

ଦୋକାନୀ—ଅଚଳ ଟଙ୍କା ପଇସା ଗ୍ରାହକଙ୍କଠାରୁ ନେବା ଆମର ଦୋକାନର ରୁଲ ବିରୁଦ୍ଧରେ ।

ଗ୍ରାହକ—କିନ୍ତୁ ମୁଁ ଏଇ ଟଙ୍କାଟା ଏଠୁ ନେଇଥିଲି ଯେ !

ଦୋକାନୀ—ହୋଇ ପାରେ । ଦେବା ବିରୁଦ୍ଧରେ ଆମର କୌଣସି ରୁଲ ନାହିଁ ।

× + +

ଯୁବକ—ତୁମେ ଯଦି ମତେ ଗ୍ରହଣ ନକର ତେବେ ମୁଁ ଯେତେ ଦିନ ବଞ୍ଚିରହିବି ଅନ୍ୟ କାହାରିକୁ କେବେ ଭଲ ପାଇବିନି ।

ଯୁବତୀ—କିନ୍ତୁ ମୁଁ ଯଦି ତୁମକୁ ଗ୍ରହଣ କରେ, ତେବେ ?

\+ × +


# କୁବେର ବ୍ୟାଙ୍କ ଲି:—

ପ୍ରତିଷ୍ଠିତ—ସନ୍ ୧୯୨୭ ମୂଳଧନ—୨୦ ଲକ୍ଷ ହେଡ୍ ଅଫିସ—କଲିକତା

## ନବ ପ୍ରତିଷ୍ଠିତ ଶାଖା—ଭଦ୍ରକ

ପ୍ରସ୍ତାବିତ ଶାଖା—ଓଡ଼ିଶାର ଅନ୍ୟାନ୍ୟ ସହରମାନ

୧ । ମହାଶୟ ଗଣେଶ ପ୍ରସାଦ ବସୁ—ଜମିଦାର, ଅ: ମାଜିଷ୍ଟ୍ରେଟ । ୨ । ଶ୍ରୀଯୁକ୍ତ ମୁକ୍ତକାନ୍ତ ପାଢ଼ୀ—ଜମିଦାର । ୩ । ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ଦେ—ଅବସର ପ୍ରାପ୍ତ ସବ୍‌ଜଜ୍ । ୪ । ଶ୍ରୀଯୁକ୍ତ ହରିଚରଣ ଚାଟୁର୍ଜି - ଉକିଲ ଏମାନଙ୍କ ପୃଷ୍ଠପୋଷକତା ଓ ଅନୁକୂଲ୍ୟରେ ସ୍ଥାପିତ

## କୁବେର ବ୍ୟାଙ୍କ

ଭଦ୍ରକରେ ଅତିଶୀଘ୍ର ଶାଖା ଖୋଲୁଛି ।

ଶ୍ରୀଯୁକ୍ତ **ନିର୍ମଳଚନ୍ଦ୍ର ଦେ** ବି, ଏଲ, ଓକିଲ ଏହି ଶାଖାର ପରିଚାଳନାର ଭାର ଗ୍ରହଣ କରିବା ଲାଗି ପ୍ରସ୍ତାବ କରି ଅଛନ୍ତି ।


Digitized by srujanika@gmail.com

ସଜନା ଗଛମୂଳେ… .. …..

# ଅନ୍‌ଜାନ୍

—ମଜାକବିତା—

ଲେଖକ:—ଶ୍ରୀ ଶରତଚନ୍ଦ୍ର ଦୀକ୍ଷିତ୍

'ଅନ୍‌ଜାନ୍' ଥିଲି ଯେତେବେଳେ ସଖି
ସେତେବେଳେ କେଡ଼େ ମିଠାକଥା,
ରାନ୍ଧା ପାଣି ଯତ୍ନେ ଦେଉଥିଲ ସଜନୀ !
ହୋଇଲିକି ରହା ଖଟ ପିଢ଼ା ।
'ଅନ୍‌ଜାନ୍' ହେଲେ ଦିନେ ଦିନେ ସଖି
ବୁଲି ଯାଇ ଥାଏଁ ତୁମଘର,
କୋଠ କଣରୁ ଦିଶୁଥାଏ ଆଖି
ଜୁଳୁଜୁଳୁ ଅହା କି ମଧୁର ।
ବିଭାଘର ପରେ ସେହି ଆଖି ଅବା
ହୋଇଲିକି ସତେ କାହିଁ ଗଲା ?
'ଅନ୍‌ଜାନ୍' ହେଲେ ଝଲମଲ ରୂପ
ଡେଲରେ ଦିଶୁଛି କଳକଳା ।

ଅନ୍‌ଜାନ୍ ବେଳେ 'ଶାଳୀମାନେ' ସଖି
ବେଢ଼ି ଯାଉଥିଲେ ପାଖେ ମୋର,
ଡେଲରେ ଦେଖିଲେ ନ ଗୁହାନ୍ତି କିଆଁ ?
ଦେବାକୁ ନାହିଁ ଯେ ଉପହାର ।
'ଶଳା'ଟା ବି ପୁଣି ଏଡ଼ିକି ହୋଇଲା
'ଅନ୍‌ଜାନ୍' ହେଲେ ଭଲ କହୁ,
ବେଭାର ବୋଲି ମୁଁ କଲେଣି କାହିଁକି ?
ନାଇଁକୁ ଶିଖାଇଲେ ଦିଏ ଥୋଇ ।

'ଶାଶୁଙ୍କ'ଠାରୁ ଯାହା ଥିଲି ଟା ହେଟା
ପଢ଼ାଖର୍ଚ୍ଚ ମୁଁ ମାଗିବାରୁ,
'ଅଭାବରେ ଡୁକୁଣି ମାଡ ହେଉଛନ୍ତି'
ମନାସୁଛନ୍ତି ସେ 'ଜୋଇଁ' ମରୁ ।
ଭାଗ୍ୟକୁ 'ଶଶୁରେ' ନାହାନ୍ତି ବୋଲି ମୁଁ
ସମ୍ଭାଳି ଚଳୁଛି ଏତେ ଦିନ,
ନେ ହେଲେ କେ'ଦିନୁ ଯୁଦ୍ଧରେ ଥାଆନ୍ତି
ମୋପାଇଁ ଭଲ ସେ 'ଅନ୍‌ଜାନ୍' ।

---

କୁତୁକୁତୁ

ସ୍ତ୍ରୀ—ମୁଁ ଗୀତଟିଏ ଗାଇବି କି ?

ସ୍ୱାମୀ—ନା, ନା ଗାଇଲେ ପଡ଼ିଶା ଲୋକେ ଭାବିବେ ମୁଁ ତମକୁ ପିଟୁଛି ।

× + +

ଭୂଗୋଳ ଶିକ୍ଷକ—ଯେତେବେଳେ ପାଣି ବରଫ ହୋଇଯାଏ କ'ଣ ବିଶେଷ ପରିବର୍ତ୍ତନ ଘଟେ ?

ଛାତ୍ର—ଦାମ ବଢ଼ି ଯାଏ ।

+ + +

ମେଜିଷ୍ଟ୍ରେଟ—ତମେ ଯଦି ଜାଣିଛ କିଏ ତୁମର ସାଇକେଲ ଚୋରେଇଛି ତେବେ କାହିଁକି ଯାଇ ନେଇ ଆସୁନ, କିମ୍ବା ତାକୁ ଧରି ପକେଇ ଦେଉନ ?

ଗୋପାଳ—ମୁଁ ଖାଲି ଅପେକ୍ଷା କରୁଛି ଯେ ଟାୟାର ଦିଟା ବଦଳାଇ ଦିଆ ଯାଉ ।

( ଦେବ ମହାପାତ୍ର )

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ

( ମର୍ତ୍ତାଣ୍ଡ ଚମ୍ପୂ )

**କାନ୍ତ-କବି ବିରଚିତ**

( ଢ଼ )

ଚାଲେ ତ ଚାଳିଲୁ ନାହିଁ କୃପାସୁଧା ଝରକାରେ ।
ଟୋଲେ ପିଇବାର ପାଇଁ
ଯେତେ ହେଲେ ହାଇଁ ପାଇଁ
ଚୁଲାଇ ଗୁହିଁଲୁ ନାହିଁ ପାଦ ଧରି ଧରକାରେ ।
ଡାଳରେ ରଖିଛ ଟାଙ୍କି
ଟେକେଇ ମାଲକୁ ଙ୍କି
ଟୋକେ ଡହୁଁ ଦେଲେ ଫିଙ୍କି କସହାନ୍ତା ସରକାରେ
ଟେମିଣୀଙ୍କ ପରି ସଖି
ଡଗ ମେଲୁ କାଢ଼ି ଆଖି
(ଟୋ) ଟେଙ୍କିକୁଠା ସ୍ୱିତ ଦେଖି
ଟଳି ଏକା ଡରକାରେ । ୩ ।
ଡିପାଲି ଟଣ୍ଡାଏ ଦୁରୁ
ପିଠିରେ ଦେଲେଣି ଟୋଇ
ଟମେଯିବ ଥଣ୍ଡା ହୋଇ ଟରମଠା ଜଡ଼ିକା ରେ ।

ସଖି, ମୁଁ ନିରୂପାୟ ହୋଇ ତୋହରି ଶରଣ ନେଉଛି ବୋଲି ସିନା ତୁ ମୋ ଉପରେ ଏତେ ନିର୍ଦ୍ଦୟା ହେଉଛୁ । ତୁ ଯାହା କହ ପଛକେ ସବୁ ଦେହାତର କଥା—ଆଖି କଣରେ ଟିକିଏ ଗୁହିଁଦେଲେ ହୋଇପିବ । ମାଏ ତୁ ଇତର ଲୋକଙ୍କ ପରି ହାତ ଗୋଡ଼ ଛାଟି ମୋ ଉପରେ କମ୍ପମାନ ହେଉଛୁ ! ମାଇକିନା ଜାତିର ସ୍ୱଭାବ ଏହିପରି ନା କଣ ? କହିବୁ ତ ଏଇଲଗେ ଦେଖିଲୁ କାମ ଦେଇଦେବ ।

ଏହି କଥା କହି ଚଟକଚନ୍ଦ୍ରଙ୍କୁ ଲୁଗା ସମସ୍ତ ହେବାର ଦେଖି ସ୍ୱାଧୀନା ପାଣି ହୋଇଯାଇ କହିଲେ—

---

( ଣ )

ଅମାବାସ୍ୟାଇନ୍ଦୁ ପ୍ରିୟବନ୍ଧୁ ହେ ମୁଁ ଗଲିଣି ।
ଅଶ୍ୱାରୂଢ଼ ଏକସାଥେ ଅଶ୍ୱରେ ଧରି ତା ହାତେ
ଆଣିବ ମଗାଇ ତାକୁ ଏ ଜବାବ ଦେଲିଣି ।
ଅସଙ୍ଗ ହେବ ସେ ନନ୍ଦ ଉଆରଣ୍ଡା ବଳେ ବାନ୍ଧ
ଅନ୍ତଆର କଲେ ତାର ଦମ୍ଭ ଯିବ ଢ଼ଳିଣି ।
ଅକାଳରେ ପଡ଼ିଯାଇ ଆସେ ସେ ଆସିଲେ ଧାଇଁ
ଅନ୍ତର ନକରି ତାକୁ ପାଦେ ଦେଇ ଠେଲିଣି ।
ଅତର, ଗୋଲାପ, ପେଗେ (peg)
ଅନର (honor) କରିବ ବେଗେ
ଅଟଇ ମୋ ସଖି ପରା ମୂର୍ତ୍ତିମତୀ ଜଲିଟି (jollity)

ତୁମେ ଏତେଦୂର ଡର ହୋଇଗଲ ଯେ ! ମୁଁ ତୁମ ସହିତ ଟେକ୍କ ହେଉଥିଲି ମାଏ । ତୁମେ ତାହା ବୁଝି ନ ପାରି ବୋକା ବନିଗଲ ଏକା ! ଅଚ୍ଛା ହେଉ, ଏବେ ସ୍ଥିର ହୁଅ, ମୁଁ ଯେପରି ହେଉ ତୁମର ମନୋବାଞ୍ଛା ପୂରଣ କରିବି । ଏକା ସାବଧାନ, ସେ ବଡ଼ ଚେଲେଞ୍ଜର ଅଟେ ; ସେ ଅସିଲାକ୍ଷଣି ଯଥା-ଶୀଘ୍ର ଅଭ୍ୟର୍ଥନା କରିବଟି । ତାର ଅସମ୍ମାନ ହାନ ହେଲେ ପୁଣି କଥାଟା ଅଲଗା ହୋଇପିବ ।

ଏହା କହି ସ୍ୱାଧୀନା ସେଠାରୁ ପ୍ରସ୍ଥାନ କରି ନବୀନାଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ—

---

(କ୍ରମଶଃ)

---

୧—ମଦ୍ୟ ( peg ) ୨—ସମ୍ମାନ ( honor ) ୩—ଆନନ୍ଦ ( jollity )

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ—**

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨। ଉପରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

## ଭକ୍ତ କବି ଜଗନ୍ନାଥ ଦାଶ

ପ୍ରିୟ ନାଗ ଭାଇ ଓ ଭଉଣି

ନମସ୍କାର ! ଆଜି ମୁଁ ଆମ ଓଡ଼ିଶାର ସୁପ୍ରସିଦ୍ଧ ଭକ୍ତକବି ସ୍ୱର୍ଗୀୟ ଜଗନ୍ନାଥ ଦାଶଙ୍କ ସମ୍ବନ୍ଧରେ ଦି' ପଦ କଥା କହିବି । ଭକ୍ତ କବିଙ୍କର ଜୀବନ ଉତ୍କଳରେ କିଏ ବା ନ ଜାଣେ ? ସୁତରାଂ ଆପଣମାନଙ୍କୁ ମଧ୍ୟ ଜଣା ଥିବ । ତଥାପି ପୁନରାବୃତ୍ତି କଲେ ଅସଙ୍ଗତ ହେବ ନାହିଁ କାରଣ ମହାତ୍ମାମାନଙ୍କର ଜୀବନ ଆଲୋଚନା କରିବା ଦ୍ୱାରା ଆମ୍ଭମାନଙ୍କର ଶିକ୍ଷା ହୁଏ ଓ ସେମାନଙ୍କର ଅର୍ଚ୍ଚନା ହୁଏ ।

ଭକ୍ତକବି ଉତ୍କଳର ପୁରୀ ଜିଲ୍ଲା କପିଳେଶ୍ୱରପୁର ଶାସନରେ ୧୪୯୧ ଖ୍ରୀଷ୍ଟାବ୍ଦରେ କ୍ଷୁଦ୍ର ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ପିଲାଦିନେ ଚଟଶାଳୀରେ ପଢ଼ିବା ସମୟରେ ଜଗନ୍ନାଥ ଦାଶଙ୍କର ମେଧାଶକ୍ତି ଜଣା ପଡ଼ିଥିଲା । ସେହି ଶକ୍ତିବଳରେ ଖୁବ୍ ଅଳ୍ପଦିନରେ ସେ ସଂସ୍କୃତ ପଢ଼ା ଶେଷ କରି ପୁରୀ ଜଗନ୍ନାଥଙ୍କ ମନ୍ଦିରରେ ବଡ଼ପଣ୍ଡା ହୋଇଥିଲେ । ତାଙ୍କ ପିତାମାତା ଖୁବ୍ ଗରିବ ଥିଲେ । ଜଗନ୍ନାଥ ଦାସଙ୍କର ମତି ସଦା ସର୍ବଦା ଧର୍ମ ଆଡ଼କୁ ଯାଉଥିଲା । ସେ କଦାପି ମିଥ୍ୟା ଏବଂ ପାପାଚାରର କାର୍ଯ୍ୟକୁ ପଶୁ ନ ଥିଲେ । ଜଗନ୍ନାଥ ଦାଶ ଭଗବାନଙ୍କର ପ୍ରଧାନ ଭକ୍ତ ବୋଲି ସର୍ବସାଧାରଣ ଲୋକମାନେ ଅଳ୍ପ ଦିନରେ ଜାଣି ପାରିଥିଲେ । ଜଗନ୍ନାଥ ଦାଶଙ୍କର ଜୀବନରେ ପ୍ରଧାନ ପଣ ଥିଲା ବିବାହ କରିବେ ନାହିଁ ବୋଲି ।

ପରିଶେଷରେ ତାହାହିଁ ହେଲା । ତାଙ୍କ ପିତାମାତା ବିବାହ ପାଇଁ ଶତବାର ବାଧ୍ୟ କରିଥିଲେ ଓ ସେ କଦାପି ସ୍ୱୀକୃତି ଦେଇ ନଥିଲେ । କାରଣ "ସଂସାର ପଥ ବଡ଼ ଜଞ୍ଜାଳମୟ" ସେ ପଥରେ ଯାଇ ହେଲେ ଜୀବନର ଗତି ବିଫଳ ବୋଲି ତାଙ୍କର ଧାରଣା ଥିଲା । ଥରେ ଓଡ଼ିଶାର ସ୍ୱନାମଧନ୍ୟ ରାଜା ପ୍ରତାପରୁଦ୍ରଦେବ ଜଗନ୍ନାଥ ଦାଶଙ୍କୁ ଥୋଡ଼ା ଚନ୍ଦନ ଦେଇ କହିଲେ, "ତୁମେ ଶ୍ରୀ ଜଗନ୍ନାଥଙ୍କ ଅଙ୍ଗରେ ଲେପନ କରି ଦେବ ।" ଜଗନ୍ନାଥ ଦାଶ ତାହା ନ କରି ସେହି ଚନ୍ଦନତକ ରାଜାଙ୍କ ସମ୍ମୁଖରେ କାନ୍ଥରେ ଲିପି ଦେଲେ । ତହୁଁ ରାଜା ବିଶେଷ ରାଗି ଯାଇ ଜଗନ୍ନାଥ ଦାଶଙ୍କୁ କିଛି ନ କହି ଆପଣା ଘରକୁ ଚାଲିଗଲେ । କିଛିକ୍ଷଣ ପରେ ଜଗନ୍ନାଥ ଦାଶ ରାଜାଙ୍କୁ ଡକାଇ ଆଣି ଦେଖାଇ ଦେଲେ, ଯେ ସେହି ଚନ୍ଦନତକ ପ୍ରଭୁଙ୍କ ଶ୍ରୀଅଙ୍ଗରେ ବୋଳା ହୋଇଛି । ଏହା ଦେଖି ରାଜା ଜଗନ୍ନାଥ ଦାସଙ୍କୁ ଶତ ଧନ୍ୟବାଦ ଦେଇ ଥିଲେ ।

ଦାସଙ୍କ ଜୀବନରେ ଯେ ଏହି ଗୋଟିଏ ବିଷୟ ଆଶ୍ଚର୍ଯ୍ୟଜନକ, ତା ନୁହେଁ. ତାଙ୍କ ଜୀବନରେ ପ୍ରାୟ ବହୁତ ଘଟଣା ଏହିପରି ଅଛି ।

ଆଦର୍ଶ ପୁରୁଷର ଗୁଣହିଁ ଜଗତରେ ଶ୍ରେଷ୍ଠ । ଜଗନ୍ନାଥ ଦାଶଙ୍କର ଗୁଣରେ ସର୍ବସାଧାରଣ ଲୋକେ ମୁଗ୍ଧ ହୋଇ ପଡ଼ିଥିଲେ, କିନ୍ତୁ ଦୁଷ୍ଟ ଖଳ ପ୍ରକୃତିର ଲୋକେ ଜଗନ୍ନାଥ ଦାସଙ୍କ ଗୁଣର ଭୂୟସି ପ୍ରଶଂସା ଦେଖି ସହ୍ୟ କରି ପାରୁ ନଥିଲେ । କେବଳ ତାଙ୍କର

Digitized by srujanika@gmail.com

ଦୋଷ ଖୋଜି ବୁଲୁଥିଲେ ।

ଥରେ ପ୍ରତାପରୁଦ୍ରଦେବଙ୍କୁ ଏହି ଖଳ ପ୍ରକୃତିର ଲୋକ ଅଭିଯୋଗ କରି କହିଥିଲେ, "ଜଗନ୍ନାଥ ଦାସ ପୁରାଣ ପାଠ କରୁ କରୁ ଗୋଟିଏ ସ୍ତ୍ରୀ ଲୋକ ସହିତ ପାପ କାର୍ଯ୍ୟରେ ଲିପ୍ତ ରହନ୍ତି ।"

ତହୁଁ ରଜା ଶୁଣି ଜଗନ୍ନାଥ ଦାସଙ୍କୁ ଜେଲରେ ରଖିଲେ । ପରଦିନ ରାଜା ଜେଲକୁ ଯାଇ ଦେଖନ୍ତି ତ, ଜଗନ୍ନାଥ ଦାସ ଗୋଟିଏ ସୁନ୍ଦରୀ ସ୍ତ୍ରୀ ହୋଇ ଯାଇଛନ୍ତି । ତହୁଁ ରାଜା ଜଗନ୍ନାଥ ଦାସଙ୍କର କିପରି ଅସାଧାରଣ ଶକ୍ତି ଅଛି ଜାଣିପାରି ଜେଲରୁ ମୁକ୍ତି ଦେଲେ ଏବଂ ସେହିଦିନଠାରୁ ଗୁରୁ ବୋଲି ମାନିଲେ ।

ଜଗନ୍ନାଥ ଦାସ ତାଙ୍କ ଜୀବନରେ ଯେ କେବଳ ଏହି ଘଟଣାଦ୍ୱାରା ଶ୍ରେଷ୍ଠ ଥିଲେ ତା ନୁହେଁ । ସେ ମଧ୍ୟ ଜଣେ ପ୍ରଧାନ ଭାବୁକ ଓ ଭକ୍ତ କବି ଥିଲେ । ତାଙ୍କର ରଚିତ ଶ୍ରୀମଦ୍ ଭାଗବତ ତାଙ୍କୁ ସାରା ଉତ୍କଳରେ ଶ୍ରେଷ୍ଠ ସ୍ଥାନ ଦେଇଅଛି । ଆଜି ଯଦିଓ ଜଗନ୍ନାଥ ଦାସ ଉତ୍କଳରେ ଜାହାନ୍ତି ତାହେଲେ ଭାଗବତ ପୋଥି ଲେଉଟାଇଲେ, ଜଣାଯାଏ ସେ ଚିର ଅମର ! କିଏ ବା ନପଢ଼େ, ଭାଗବତ ! ସନ୍ଧ୍ୟା ହେଲେ ଗାମେ ଗାମେ ଭାଗବତ ଟୁଙ୍ଗି କଂପି ଉଠୁଥିଲା । ଆଜି ଯଦି ସେହି ଭାଗବତ ଟୁଂଗି କାଳର କବଳରେ ଲୀନ ହୋଇଛି, ତଥାପି ଉତ୍କଳରୁ ଭାଗବତର ପ୍ରଭାବ ହ୍ରାସ ହୋଇନି !

ଦ୍ୱିତୀୟରେ ଭକ୍ତ କବି, ତାଙ୍କ ଜୀବନରେ ଖୁବ୍ ଅସାଧାରଣ ପାଣ୍ଡିତ୍ୟ ଜ୍ଞାନ ଉପାର୍ଜ୍ଜନ କରି ପାରିଥିଲେ ଏବଂ ତାଙ୍କର ସାରା ଜୀବନ ପ୍ରଧାନ ବୈଷ୍ଣବ ଥିବାରୁ, ବଙ୍ଗଳାର ପ୍ରଧାନ ହରିଭକ୍ତ ଶ୍ରୀ ଚୈତନ୍ୟ ଦେବ ତାଙ୍କୁ ଅତି ବଡ଼ ସ୍ଥାନ ଦେଇଥିଲେ ।

ଆଜି ଭକ୍ତ କବି ତାଙ୍କର ରଚିତ ଅମୂଲ୍ୟ ସାର ସମ୍ପଦ ଉତ୍କଳକୁ ଦାନ ଦେଇ ଚାଲିଗଲେ ସତ, କିନ୍ତୁ ତାଙ୍କର ସ୍ଥାନ ଉତ୍କଳରେ ଯେ କେତେ ଉଚ୍ଚ ଥିଲା, ତାହା ଉତ୍କଳୀ କେହି ସମ୍ମାନ ଦେଇ ପାରିନି । ତେଣୁ କବିଙ୍କ ନିକଟରେ ଉତ୍କଳ ଚିରଦିନ ଋଣୀ ।

ହେ କବି, ଉତ୍କଳକୁ ଛାଡ଼ି ଚାଲିଗଲ ସତ, କିନ୍ତୁ ପାଣ୍ଡିତ୍ୟ ଆସନରେ ଅଳଙ୍କୃତ ହେବାକୁ ତୁମପରି ବ୍ୟକ୍ତି ଉତ୍କଳରେ ଅଦ୍ୱିତୀୟ !

ଶ୍ରୀ ଗୋପୀନାଥ ବେହେରା (୩୭୭ ନଂ ନାଗ)

—※—

## ପ୍ରଶ୍ନ

୧ । କେଉଁ କ୍ଷୁଦ୍ର ଜନ୍ତୁ ବର୍ଷକୁ ଦଶ ଟନ ମାଟି ଖାଏ ଏବଂ ଏହା କେଉଁ ବୈଜ୍ଞାନିକ କହିଥିଲେ ?

୨ । ପ୍ରକୃତ ରବିନ୍‌ସନ୍ କ୍ରୁସୋ କିଏ ?

୩ । କେଉଁ ଗଛ ଜନ୍ତୁ ଖାଏ ଏବଂ ତାହା କେଉଁ ଦେଶରେ ଉତ୍ପନ୍ନ ହୁଏ ?

୪ । ସ୍ଥଳଜନ୍ତୁ ମାନଙ୍କ ମଧ୍ୟରେ ଶ୍ରେଷ୍ଠ ପହଁରାଳି ଓ ଡ଼ିଆଳି କିଏ ?

୫ । କେଉଁ ଜନ୍ତୁର ପିଲ ସମୟର ଓଜନ ଗୋଟିଏ ବଡ଼ ହାତୀର ଓଜନ ସଙ୍ଗେ ସମାନ ?

ଉପରୋକ୍ତ ପ୍ରଶ୍ନଗୁଡ଼ିକ କୁମାରୀ ବାରୁଣୀ ଦେବୀ (୪୧୭ ନଂ) ତାଙ୍କର ନାଗ ଭାଇ ଓ ଭଉଣୀମାନଙ୍କୁ ପଚାରିଛନ୍ତି ଏବଂ ଉତ୍ତର ପାଇଁ ମାସେ ସମୟ ଦେଇଛନ୍ତି ।

—※—

## ନୂଆ ନାଗଙ୍କ ନାମ

୪୭୩ । ଶ୍ରୀ ସୁରେଶଚନ୍ଦ୍ର ମହାନ୍ତି, ( ଆଜୀବନ ସଭ୍ୟ ) C/o ଶ୍ରୀ ରମେଶଚନ୍ଦ୍ର ମହାନ୍ତି, ମୁନହଟ, ବାଲେଶ୍ୱର । ୪୭୪ । ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି, ( ଆଜୀବନ ସଭ୍ୟ ) C/o ଶ୍ରୀ ରମେଶଚନ୍ଦ୍ର ମହାନ୍ତି, ମୁନହଟ, ବାଲେଶ୍ୱର । ୪୭୫ । ଶ୍ରୀ ସୁରେନ୍ଦ୍ର ନାଥ ମିଶ୍ର, କୁଜଙ୍ଗ ଉଚ୍ଚ ଇଂରାଜୀ ବିଦ୍ୟାଳୟ, ୯ମ ଶ୍ରେଣୀ, ପୋଃ କୁଜଙ୍ଗ, ଜିଃ କଟକ । ୪୭୬ ଶ୍ରୀ ଲୋକନାଥ ଚୌଧୁରୀ, କୁଜଙ୍ଗ ଚନ୍ଦବିହାରୀ ଉଚ୍ଚ ଇଂରେଜୀ ବିଦ୍ୟାଳୟ, ୧୧ଶ ଶ୍ରେଣୀ, ପୋଃ କୁଜଙ୍ଗ, ଜିଃ କଟକ । ୪୭୭ । କୁମାରୀ ଅନ୍ନପୂର୍ଣ୍ଣା ଦାସ (ଆଜୀବନ) C/o ଶ୍ରୀ ପ୍ରହ୍ଲାଦ ଚନ୍ଦ୍ର ଦାସ, ଜମୀଦାର ଭଦ୍ରକ । ୪୭୮ । କୁମାରୀ ମନୋରମା ଦାସ, ( ଆଜୀବନ ) C/o ଶ୍ରୀ ପ୍ରହ୍ଲାଦଚନ୍ଦ୍ର ଦାସ, ଜମୀଦାର ଭଦ୍ରକ । ୪୭୯ । ଶ୍ରୀ ପ୍ରତାପଚନ୍ଦ୍ର ଦାସ (ଆଜୀବନ) C/o ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ, ଜମୀଦାର ଭଦ୍ରକ । ୪୮୦ । କୁମାରୀ ଶ୍ରୀ ସଂଘମିତ୍ରା ଦାସ, ( ଆଜୀବନ ସଭ୍ୟ ) C/o ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ, ଜମୀଦାର ଭଦ୍ରକ ।

Digitized by srujanika@gmail.com

# ବ୍ୟାଙ୍କ ଅଫ କଲିକତା ଲି:

## ବାଲେଶ୍ୱର

ଚୋରର ଡକାୟତଙ୍କ ଉପଦ୍ରବରୁ ରକ୍ଷା ପାଇବାକୁ ଚାହାନ୍ତି ?

ଏକମାତ୍ର ନିର୍ଭରଯୋଗ୍ୟ ଜାତୀୟ ପ୍ରତିଷ୍ଠାନ **ଦି ବ୍ୟାଙ୍କ ଅଫ୍ କଲିକତା** (Bank of Calcutta) ଲିମିଟେଡ୍‌ରେ ଆପଣଙ୍କ ଟଙ୍କା ଜମାରଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି କରନ୍ତୁ । କରେଣ୍ଟ ଡ଼ିପୋଜିଟ୍‌ରେ ସୁଧ ଶତକଡ଼ା ବାର୍ଷିକ ଟ୬୲ ସେଭିଂସ ଡିପୋଜିଟରେ ସୁଧ ଶତକଡ଼ା ବାର୍ଷିକ ଟ୬୲ ସ୍ଥାୟୀ ଅମାନତର ସୁଧ ସେକ୍ରେଟେରୀଙ୍କ ଠାରୁ ଜାଣିବେ । ଗତବର୍ଷ ଶତକଡ଼ା ଟ୬୲ ( ଆୟକର ବାଦ ) ଲଭ୍ୟାଂଶ ଦିଆ ଯାଇଛି । ସମସ୍ତ ପ୍ରକାର ବେଙ୍କିଂ କାର୍ଯ୍ୟ ସୁବିଧା ଜନକ ସର୍ତ୍ତରେ କରାଯାଏ ।

ହେଡ୍ ଅଫିସ:—୩, ମେଙ୍ଗୋ ଲେନ୍
କଲିକତା

**ଶ୍ରୀ ପ୍ରିୟନାଥ ନନ୍ଦୀ ବି, ଏଲ୍,**
ଅନାରାରୀ ସେକ୍ରେଟେରୀ
ବାଲେଶ୍ୱର ବ୍ରାଞ୍ଚ ଅଫିସ ।

---

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚିହ୍ନ, ସର୍ବାଙ୍ଗିକ ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବିଷ୍ଟରୁ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଃ୮୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହରୁ **ଛଉ ପ୍ରଭୃତି ଅତିଶୀଘ୍ର ଆରୋଗ୍ୟ ହୁଏ । ଏକ ଶିଶି ଃ୵୲ଙ୍କା ମାତ୍ର ଃ ୵ ୲ଙ୍କା ମାତ୍ର ।**

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ**

**ଆଲିଶା ବଜାର, କଟକ ।**


Printed & published R. M. Das at the Gopinath Press Bhadrak.


Digitized by srujanika@gmail.com

୭ମ ବର୍ଷ
୮ମ ସଂଖ୍ୟା


# Dagaro

**Utkal's most popular Fortnightly**
**OF**
***LIGHT, LEAD & LAUGHTER.***


ଭାଦ୍ର
ଦ୍ୱିତୀୟାର୍ଦ୍ଧ





## ବ୍ୟାଙ୍କ ଅଫ୍ କଲିକତା ଲିଃ ବାଲେଶ୍ୱର

ଏହା ଏକ ପ୍ରତିଭାଶାଳୀ ଓ ନିର୍ଭରଯୋଗ୍ୟ ବ୍ୟାଙ୍କ । ଏଥିରେ ଟଙ୍କା ରଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶରେ ଶିଳ୍ପ ବାଣିଜ୍ୟର ଉନ୍ନତି କରନ୍ତୁ । ଏହି କେତେଦିନ ଭିତରେ ବାଲେଶ୍ୱର ଶାଖା ଅନୁପ୍ରାଣିତି ଚେବଳ ଗଢ଼ି ଉଠୁଛି । ଅତିଶୀଘ୍ର ଭଦ୍ରକଠାରେ ଏହାର ଶାଖା ଖୋଲିବ । ବିସ୍ତୃତ ବିବରଣୀ ପାଇଁ ଲେଖନ୍ତୁ ।

ହେଡ଼ ଅଫିସଃ—୩, ମେଙ୍ଗୋ ଲେନ୍
କଲିକତା

**ଶ୍ରୀ ପ୍ରିୟନାଥ ନନ୍ଦୀ ବି, ଏଲ୍**
ଅନାରାରୀ ସେକ୍ରେଟେରୀ
ବାଲେଶ୍ୱର ବ୍ରାଞ୍ଚ ଅଫିସ ।


Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର — ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନକ ପଦ୍ଧତି ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚକ୍ଷୁ, ଅଙ୍ଗାଙ୍ଗିକ ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଟ ୮୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ଟ ୨୲ଙ୍କା ମାତ୍ର ଟ ୨୲ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦାଚାର୍ଯ୍ୟ

ଆଳମଚାନ୍ଦ ବଜାର, କଟକ ।

---

# ଡଗର ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩୲ ଓ ଷାଣ୍ମାସିକ ଟ ୨ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଖଣ୍ଡିଏ ଡଗର ଦଇଅଣା ଦେଇ ପାଇ ପାରିବେ ।

୪ । ଡଗର ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ," 'ଡଗର' ପୋ: ଭଦ୍ରକ ( B. N. R. ) ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକଟିକଟ ନ ଥିଲେ କବିତା, ପ୍ରବନ୍ଧ ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---

ସମ୍ପାଦକ
**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସମ୍ପାଦକ
**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

୭ମ ବର୍ଷ
ଅଷ୍ଟମ ସଂଖ୍ୟା
ଭାଦ୍ର ଦ୍ୱିତୀୟାର୍ଦ୍ଧ
ତା ୧୬-୯-୪୩ ରିଖ

# ଡଗର
## ହୁକା ହୁକା ହୁଆ
### ( ବିଲୁଆ ବିଚାର )

—ପାକ୍ଷିକ—
ବାର୍ଷିକ ଟ ୩॥୦
ପ୍ରତିସଂଖ୍ୟା—୦୭
ବିଜ୍ଞାପନ ମୂଲ୍ୟ—୫୯

ଓଡ଼ିଶା ଯେତେବେଳେ ବିହାର ଲାଙ୍ଗୁଡ଼ରେ ଯୋଖା ହୋଇଥିଲା, ସେତେବେଳେ ସମଗ୍ର ପ୍ରଦେଶ ପାଇଁ ଗୋଟାଏ ଟେକ୍ସଟ୍ ବୁକ କମିଟି ଥିଲା । ତହିଁ ଭିତରେ ଓଡ଼ିଶାରୁ ମଧ୍ୟ ତିନିଜଣ ଥିଲେ, ଯେଉଁମାନଙ୍କ ଉପରେ ଓଡ଼ିଆ ପାଠ୍ୟ ପୁସ୍ତକ ନିର୍ବାଚନର ଭାର ଥିଲା । ଏହି ମେମ୍ବର ଗ୍ରୁପ ବହୁକାଳ ରହିଥିଲେ ଆମର ବର୍ତ୍ତମାନ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର ଆପଣେ । ଗୋଦାବରୀଶ ବାବୁଙ୍କର ଏହି ପାଠ୍ୟପୁସ୍ତକ ସହିତ ଦୀର୍ଘ ସମ୍ବନ୍ଧ ତାଙ୍କର ଶିକ୍ଷାମନ୍ତ୍ରୀ ହେବାର ଗୋଟାଏ ଯୋଗ୍ୟତା ବୋଲି ଧରାଯାଇ ମଧ୍ୟ ପାରେ ।

ତାହାପରେ ଓଡ଼ିଶାପ୍ରଦେଶ ହେଲା ଯେତେବେଳେ କଂଗ୍ରେସ ମନ୍ତ୍ରୀମଣ୍ଡଳ ବସିଲା, କାହିଁକି ବେଜାଣି ବହୁଦର୍ଶୀ ଗୋଦାବରୀଶ ପଣ୍ଡିତଙ୍କୁ ପାଠ୍ୟ ନିର୍ବାଚନ କମିଟିକୁ ନିଆଗଲା ନାହିଁ । ବସ୍ତୁତ ସଚ୍ଚା କରି କଂଗ୍ରେସ ସରକାର ଗୋଟାଏ ବଡ଼ ଟେକ୍ସଟ ବୁକ୍ କମିଟି ଗଢ଼ିଲେ । ସେଇ କମିଟି ଫେରବଦଳ ହୋଇ ହୋଇ ଏ ଯାଏ ଚାଲି ଆସୁଥିଲା । ବର୍ତ୍ତମାନ ଶୁଣାଯାଉଛି ଆମ ସରକାର ଏ କମିଟିକୁ ଖତମ କରି ଦେଇ ପାଠ୍ୟ ନିର୍ବାଚନର ସଂପୂର୍ଣ୍ଣ ଭାର ଡିପାର୍ଟମେଣ୍ଟ ହାତରେ ରଖିଦେବେ ।

କେହି ପଚାରି ପାରେ ଏଇଟା କଉଁ ଗାଆଁ ଡିମକ୍ରେସି ? ଟେକସ୍ଟବୁକ କମିଟିର ଏକ୍ସପାର୍ଟ ପଣ୍ଡିତଙ୍କର ଏଇଟା ଭବାନ୍ତର ନା ଅଭିମାନ ? ପଣ୍ଡିତଜୀ ଉଭୟ ଶିକ୍ଷା ଓ ଅର୍ଥ ମନ୍ତ୍ରୀ । ଶିକ୍ଷା ସହିତ ଅର୍ଥ ମିଳିଲେ ପରିଣାମରେ ଅନର୍ଥର ସୃଷ୍ଟି କରେ ପରା !

× + ×

“ଓଡ଼ିଆସେ ଦାତା କେହି” କଥାଟା ମାଲୁମ ନ ଥିବ କାହାକୁ ? ବାଜ ପଦଟା ଆମେ ନ କହିଲୁ ତ ନାହିଁ । ଓଡ଼ିଆ ଏବେ ତାର ସେଇ ଦାତା ପଣିଆ ଅଠର ଅଣାରେ ଜାହିର କରି ଦୁନିଆର ସାବାସି ମାରି ନେଇଛି ଦେଶ ଗର୍ବରେ ଆମ ଛାତି ଫୁଲି ଉଠୁଛି ।

ଓଡ଼ିଶାରେ ଗୁଜର ପାଇବାକୁ ହେଲେ ବିଦେଶୀ ଡୋମିସାଇଲ ଲୋକଙ୍କ ଲାଗି କିଛି କଟକଣା ଆଗରୁ ଥିଲା । ଏଇ କ୍ଷୁଦ୍ରତା ନିନ୍ଦନୀୟ ବୋଲି ଆପଣାର ଉଦାରତା ଦେଖାଇବା ପାଇଁ ଆମ ସରକାର ଏବେ ସେ କଟକଣା ଉଠାଇ ଦେଇ ପଡ଼ୋଶୀମାନଙ୍କର ଧନ୍ୟବାଦାର୍ହ ହୋଇଛନ୍ତି । ଯିଶୁ ପରା କହିଥିଲେ Love thy neighbours first !

× + ×

କେବେ ଶିବି ରାଜା ଆପଣା ଦେହରୁ ମାଂସ କାଟି ଛଞ୍ଚାଣ ଚଢ଼େଇକୁ ଦେଇଥିଲେ ବୋଲି ତାଙ୍କ ନାଆଁରେ ଆଜି ଯାଏ ଧନ୍ୟ ଧନ୍ୟ ପଡ଼ୁଛି । ଆମ ମହାରାଜା ସେଇପରି ଆପଣା ଜାତିଭାଇଙ୍କୁ ମାରି ସାଇ ପଡ଼ିଶାଙ୍କୁ ଅନ୍ନ ଛତ୍ର ଦାନ କଲେ ତ ଦୋଷ କଣ ହେଲା ହେ ? ଓଡ଼ିଆ ସଡ଼ନ୍ତୁ ପଛକେ, ବାହାର ଲୋକେ ଗୁଜର ପାଆନ୍ତୁ ଓଡ଼ିଶାରେ । ଓଡ଼ିଆ ଗଡ଼ନ୍ତୁ ପଛକେ ଓଡ଼ିଶାର ଧାନ ବାହାର ଲୋକଙ୍କ ପେଟରେ ପଶୁ । ଏହି ଆତ୍ମତ୍ୟାଗ, ପରୋପକାର ପୁଣ୍ୟ ବଳରେ ଓଡ଼ିଆଙ୍କ ପାଇଁ ଅନନ୍ତ ବୈକୁଣ୍ଠ ଧାମ ଖାସ ମାର୍କା ମରା ( reserved ) ହୋଇ ରହିଲା, ଏଥିରେ ସନ୍ଦେହ ନାହିଁ । ପୁଣି ସେ ଅନ୍ତକାଳଟା ବି ବେଶୀ ଡେରି ନୁହେଁ ଆଉ ।

\+ + +

ଓଡ଼ିଶାରେ ଏକା ଗଞ୍ଜାମ ଜିଲ୍ଲାରେ ଅନାହାରରୁ ୩୩୨ ଜଣ ଲୋକ ମରିବା ଖବର ଖୋଦ ସରକାରଙ୍କ ଠାରୁ ପାଇ ଛାତିରେ ଛନକା ପଶି ଯାଉଛି । ମନେ ହେଉଛି—ଖାଲି କଣ ଏତିକି ! କଲିକତା ସହରର ଲୋକସଂଖ୍ୟା ଗଞ୍ଜାମର ପାଞ୍ଚଗୁଣ । ସେଠି ଯେ ମରୁଛି ସେ ଗଣତିରେ ପଡ଼ୁଛି । ଏକା ଗଞ୍ଜାମ କଥା କିଏ ପଚାରେ—ଓଡ଼ିଶାର ଚହୁଦିଗ ହାହାକାର । ଅଜଣା, ଅଗଣା କିଏ କେତେ କେଉଁଠି ମରୁଛି, ତାହା କିଏ କହିପାରେ !

Digitized by srujanika@gmail.com

ଆମର ବଡ଼ ଇଂରେଜୀ ଖବର କାଗଜ ନାହିଁ, ପଟେ ବାହାରୁ ନାହିଁ, ନେତା ନାହାନ୍ତି । ଓଡ଼ିଶାର କଥା ବାହାର ଲୋକେ ଜାଣିବେ କେମିତି ? ହାୟ ଇଂରେଜ ରାଜତ୍ୱରେ, ପ୍ରଜାସ୍ୱ ମୂଳକ ସରକାର ଅମଳରେ, ରେଲ, ଜାହାଜ, ଟେଲିଗ୍ରାମ, ଟେଲିଫୋନ ଯୁଗରେ ଏହା ପୁଣି ସମ୍ଭବ ହେଲା ତ ! ଓଡ଼ିଆ ଜାତିଟା ଲୋପ ହୋଇଯିବ ନା କଣ ? ମନେ ହୁଏ ଏଭଳି ଦରମଲା ଜାତିଟା ଜୀଇଁ ରହି ଧରଣୀର ଭରା ବଢ଼ାଇବା ଠାରୁ ମରି ବିନାଶ ହୋଇଯିବା ମଙ୍ଗଳ ।

+　　+　　+　　+

ଅବାଧ ବାଣିଜ୍ୟ ନିୟମ ଉଠିଯିବା ଫଳରେ ଓଡ଼ିଶାରୁ ବାହାରକୁ ଧାନ ଚାଉଳ ରପ୍ତାନି ବନ୍ଦ ହୋଇଗଲା ବୋଲି ଅନେକେ ଖୁସି ହୋଇଗଲେ । ବର୍ତ୍ତମାନ ପୁଣି ଆମ ପାଟମନ୍ତ୍ରୀ ମହାରାଜା ଅପୋଷରେ ବଙ୍ଗକୁ ଚାରି ଲକ୍ଷ ମହଣ ଧାନ ପଠାଉଛନ୍ତି । ଲୋକେ ଯେ ଖୁସି ହୋଇଥିଲେ, ତାର କାରଣ ସେମାନେ ଅନୁମାନ କରିଥିଲେ କି ଏଥର ଚାଉଳର ଦର କମି ଯିବ । ତାହା ହେଲା କି ନାହିଁ ସରକାର କହି ପାରିବେ । ବର୍ତ୍ତମାନ ପାଟମନ୍ତ୍ରୀଙ୍କର ରାଜୋଚିତ ଉଦାରତା-ଟିର ଯଦି କେହି ମନ ଉଣା କରନ୍ତି ତେବେ ସେମାନେ ବେକୁବ । କାରଣ ଜୋର ଜବରଦସ୍ତିରେ ଯାହା କରା-ଯାଏ ତାହା ସିନା ବାଧେ; ଏ କାମଟା ଏଭଳିଆ ଯେ ସ୍ୱେଚ୍ଛାରେ—ଅର୍ଥାତ୍ ବିନା ବଳାତ୍କାରରେ କୁଣିଆ, ଧୀରମସ୍ତିଷ୍କ, ସ୍ଥିର ବୁଦ୍ଧିରେ........!

+　　+　　×　　+

କଲିକତା ସହରରେ ପ୍ରତିଦିନ ହୋଇ ହୋଇ କଳା-ମୁଣ୍ଡିଆ ବେଦରକାର ମଣିଷ ନ ଖାଇ ନାହକରେ ମରି ଧରଣୀର ଭରା ଲାଘବ କରୁଛନ୍ତି । ଏ ଖବର ପାଇ ଆମେ ଭାବୁଥିଲୁ ଯେ ଆମ ଜଗନ୍ନାଥ ମହାପ୍ରଭୁଙ୍କର ଚାଉଳ କୋଠି ଭଣ୍ଡାର ଅଛି ବୋଲି ସିନା ଓଡ଼ିଆ ବାପୁଡ଼ା ମରି ପାରୁ ନାହାନ୍ତି । ଓଡ଼ିଆ ଜାତିଟା ସବୁକଥାରେ ପଛୁଆ କିନା—ନ ଖାଇ ମରିବା ବିଷୟରେ ବି ବଙ୍ଗଳା ଦେଶ ସାଙ୍ଗରେ ପାଟ ଦେଇ ପାରିଲେ ନାହିଁ !

ଏବେ କିନ୍ତୁ ଆମର ସେ ଭ୍ରମ ଦୂର ହୋଇଛି । ଓଡ଼ିଶା ସରକାରଙ୍କ ପ୍ରଧାନ ସେକ୍ରେଟାରୀ ସାହେବ (Chief Secretary) ସେଦିନ ସାମ୍ବାଦିକ ସମ୍ମିଳନୀରେ ସ୍ୱୟଂ କହିଛନ୍ତି କି ଗଞ୍ଜାମରେ ଶହ ଶହ ଲୋକେ ଖାଇବାକୁ ନ ପାଇ ପେଟ ଜାଳାରେ ମଲେଣି । ଓଡ଼ିଶାର ଆଉ କେଉଁଠି ଆଉ କେତେ କଣ ହୋଇଛି କି ନାହିଁ ତାର ହିସାବ ଦିଆ ହୋଇନାହିଁ । ଯେତେବେଳେ, ଆମର ମନକୁ ବୋଧ ଦେଇ ରହିବାକୁ ହେବ ଯେ ଓଡ଼ିଶାର ଅନ୍ୟ ଜିଲ୍ଲା ଲୋକଙ୍କର ଖାଦ୍ୟାଭାବ ଘଟିନାହିଁ କିବା ଘଟିଥିଲେ କି ସେମାନଙ୍କୁ ତାର ପ୍ରତିଷେଧକ ଉପାୟ—'ଓଦାକନା' ପ୍ରୟୋଗଟା ଭଲ ଜଣା ଅଛି । ଗଞ୍ଜାମ ଲୋକଙ୍କୁ କଣ ଏଇଟା ମାଲୁମ ନାହିଁ ?

×　　+　　×　　×

ଉପର ଓାଳାଙ୍କ ହୁକୁମରେ ଉତ୍କଳରୁ ହୁ-ହୁ କରି ଧାନ ଚାଉଳ ଦକ୍ଷିଣା ବତାସରେ ମେଘ ଉଡ଼ିଲା ପରି ଉତ୍ତରକୁ ଉଡ଼ି ଚାଲିଛି । ଶୁଣିବାରେ ଉତ୍କଳରେ ସେପରି ନିଅଣ୍ଟ ବା ଦାନା କଷ୍ଟ ନାହିଁ । ଯେଉଁମାନେ ମୋଟା'ମୋଟା ଦରମା ପାଇ ସହର ବଜାରରେ ଧୋବଧାଉଳିଆ ହୋଇ ନିଶ ଫୁଲେଇ କୁରୁସି ମାଡ଼ି ବସିଛନ୍ତି, ମଫସଲର ହା-ହାକାର ସେ କାହିଁ ତଦନ୍ତ କରିବେ ? ସହର ଭିତରେ ଖେଳ ବୋଳ, ନାଟ ତାମସା ନିତି ଲାଗି ରହିଛି । ଗରିବର କ୍ଷୀଣ ଶ୍ୱାସ ସେଥିରେ ବୁଡ଼ି ଯାଉଛି ।

ଚାଷ କାମ ସରିଲା । କଣିଶିଆ ମୂଲିଆମାନେ ଆଉ ମଜୁରି ପାଉ ନାହାନ୍ତି । ସେମାନଙ୍କ ଅବସ୍ଥା ଜାଣୁଛି କିଏ ? ଯାହା କଲେ ଜାଣନ୍ତେ ସେ ସାହସ ବା କ୍ଷମତା ତାଙ୍କର ନାହିଁ ! ଆକାଶକୁ ଚାହିଁ ନୀରବରେ ମରିବା ଛଡ଼ା ଆଉ ଉପାୟ କଣ ?

×　　+　　+　　×

ଯେଉଁ ବଡ଼ବଡ଼ିଆ ସବଜାନତାମାନେ କହୁଛନ୍ତି ଯେ ମଫସଲରେ ବହୁତ ଧାନ ମହଜୁଦ ଅଛି, ତାଙ୍କର କଥା (ଈଶ୍ୱର କରନ୍ତୁ) ସତ ହୋଇଥିଲେ ତ ଅତି ଭଲ କଥା । ମାତ୍ର ସେ ଧାନ ଯେ ତାଲା ବନ୍ଦ ଅମାର ଭିତରେ । ତାହା ବାହାରିକି ଆସିବାର ଉପାୟ କଣ ସେମାନେ କହୁଛନ୍ତି ? ଯାହାଙ୍କ ହାତରେ କ୍ଷମତା ଅଛି, ସେ ନିଜେ ଯାଇ ସେ ଗନ୍ତାଘରମାନ ମୁକୁଳା କରନ୍ତୁ । କରଜ ନେଇ ହେଉ, କଣି ନେଇ ହେଉ, ଯେପରି ହେଉ ତାହା ଖାଇ ଗରିବ ବଞ୍ଚି ଯାଆନ୍ତୁ ଆଗ । ସରକାରୀ ଟାଣୁଆ ହାତ ନ ବାଜିଲେ ଏ ଗନ୍ତାଘରର ତାଲା ଭାଙ୍ଗିବ ନାହିଁ କେବେହେଁ । ପୁଣି ଗଡ଼ିତପଡ଼ିତ ହେଲେ ଭିତରେ ଭିତରେ ଉଇ ଖାଇଯିବ ତେଣେ । ମରିବେ ଗରିବ । ଉତ୍କଳ ହାକିମଙ୍କର ଏଥିକୁ ନଜର ପଡ଼ିବ କି ଥରେ?

Digitized by srujanika@gmail.com

କଥାଟିଏ କହୁଁ ...................

# ଗୋପନ ଫଲ୍‌ଗୁ ଭଳେ

—ଶ୍ରୀ ଇନ୍ଦୁ ଦାସ—

ପୂର୍ବ ପ୍ରକାଶିତ ଅଂଶରୁ

ଲଳିତା ଦେବୀଙ୍କ ସଙ୍ଗରେ ରଜତର ପ୍ରାୟ ଦେଖା ସାକ୍ଷାତ ହୁଏ । ସେ ରଜତଙ୍କୁ ସ୍ନେହ କରନ୍ତି । ଦିନେ କହିଲେ, ଆପଣ ମୋଠୁଁ ଏତେ ଛୋଟ ଯେ, 'ଆପଣ' 'ବାବୁ' ପ୍ରଭୃତି କହିବାକୁ କେମିତି ସଙ୍କୋଚ ହୁଏ । ମୁଁ ଖାଲି ରଜତ ବୋଲି ଡାକିବି, କେମିତି ?—ରଜତ ସମ୍ମତି ଦେଇ କହିଲା, ସେ ମଧ୍ୟ ଅନେକ ଦିନରୁ ଏ କଥାଟା ଭାବି ଥିଲା; କହିନି, କାଳେ ସେ କିଛି ମନରେ ଭାବିବେ । ଲଳିତା ଦେବୀ ରଜତ ମୁଣ୍ଡରେ ହାତ ରଖି କହିଲେ, "ଓଃ ମୁଁ କାଳେ କ'ଣ ଭାବିବି, ନୁହେଁ ? ଆଚ୍ଛା ପାଗଳ ତ ?" ରଜତ ପିଲାଟି ପରି କହିଲା, 'ତା ନୁହେଁ ଆଉ କ'ଣ ? ଆପଣମାନେ ଆଜିକାଲି ଯେଉଁ ବ୍ୟବଧାନ ସୃଷ୍ଟି କରିଛନ୍ତି, ତାକୁ ତ ପ୍ରତି ପଦେ ପଦେ ଜଗି, ଚାଲିବାକୁ ହେବ, ତା ନ ହେଲେ, ଆପଣ ମାନେତ ଯାହା କରିବେ—ସବୁଠୁଁ ବେଶୀ କରିବେ, ଆପଣମାନଙ୍କର ପୃଷ୍ଠ-ପୋଷକମାନେ ।"—ଲଳିତା ଦେବୀ କଥାଟା ବୁଝି ପାରିଲେନି । ପଚାରିଲେ, 'କ'ଣ ?'—ରଜତ ସେ କଥାର ଉତ୍ତର ନ ଦେଇ, ହଠାତ ପଚାରି ବସିଲା, "ଆଚ୍ଛା ଆପଣ ତ ବିଧବା, ତା ପରେ ବିବାହ ମଧ୍ୟ କରି ନାହାନ୍ତି, ମୁଣ୍ଡରେ ପୁଣି ସିନ୍ଦୂର କାହିଁକି ପିନ୍ଧିଛନ୍ତି ?"—ଲଳିତା ଦେବୀଙ୍କର ମୁହଁ ହଠାତ୍ ଶୁଖିଗଲା । ରଜତ ବ୍ୟସ୍ତ ହୋଇ କହିଲା, 'ମାଫ୍ କରିବେ, ମୁଁ ନ ଜାଣି ଆପଣଙ୍କୁ ଆଘାତ କରିଛି । ମୋର ପଚାରିବାଟା ଅନ୍ୟାୟ ହୋଇଛି ।' ମାନେ ମୁଁ ଠିକ୍ ଏକଥା—ଇତ୍ୟାଦି । ଲଳିତା ଦେବୀ ମ୍ଳାନ ହସି କହିଲେ, 'ରଜତ, ଘରେ କ'ଣ କେବେ ହେଲେ ତମେ ଏମିତି ପରିସ୍ଥିତିରେ ପଡ଼ିନ ? ତମ ବୋଉ କିମ୍ବା ଅପା, କାହାକୁ ହେଲେ କ'ଣ ଏମିତି କିଛି କହିନ, ଯା ପାଇଁ ତମେ ଲଜ୍ଜିତ ହୋଇଛ ? ଆଉ ସେଥିପାଇଁ କ'ଣ ତମେ ତାଙ୍କଠି କ୍ଷମା ମାଗିଛ ? ମୁଁ କ'ଣ ବୁଝୁନି, ଯେ ମୋ ଧ୍ୟାନ ଭଙ୍ଗ ଇଚ୍ଛା କରି ମୋତେ ଗୋଟେ ଆଘାତ ଦେଇଛ ? ତା ପାଇଁ ଏତେ ବ୍ୟସ୍ତ ହୋଇ କ୍ଷମା ମାଗୁଛ କାହିଁକି ? ତା ଛଡ଼ା ତମର ଏ ବିଷୟରେ ଜାଣିବାର ସମ୍ପୂର୍ଣ୍ଣ ଅଧିକାର ରହିଛି, ଭାଇ, ତା ଛଡ଼ା ଏ ବିଷୟରେ ଅଛି—ଏଡ଼େ ବଡ଼ ଲଜ୍ଜାର କଥା । ଏ କଥା ଯିଏ ଶୁଣିବ, ସେ ଯେ ହସିବ । ମୁଁ ଅନେକ ଥର ଚାହିଁଛି, ତମକୁ ମୋ କଥା କହିବି । ତମଠି ନିଜକୁ ନିର୍ଦ୍ଦୋଷ ପ୍ରତିପନ୍ନ କରିବା, କିମ୍ବା ତମ ସହାନୁଭୂତି ପାଇବା ଉଦ୍ଦେଶ୍ୟରେ ନୁହେଁ—କହିବି ମୋ ନିଜ ଗରଜରେ—ମୋ ଦୁଃଖ ଲାଘବ କରିବା ପାଇଁ । ଆଜିଯାକେ ମୁଁ କେବଳ ଠକି ଆସିଛି—କାହାଠି କେବେ ଟିକିଏ ଆଶ୍ରୟ ପାଇନି । ତମଠୁ ଯେଉଁ ଶ୍ରଦ୍ଧା କିମ୍ବା ଭକ୍ତି ଟିକିକ ପାଉଛି, ସେଇ ମୋର ଏକମାତ୍ର ସମ୍ବଳ ।—ଆଉ, ତମେ ମୋତେ ଯେତିକି ଦେଇଛ, ମୋ ବିଷୟ କିଛି ନ ଜାଣି । ମୋର କେବଳ ଭୟ ହୁଏ, ମୋ ସାନ ଭାଇଟି ମୋ ବିଷୟ ଜାଣିଲା ପରେ ମୋତେ ହୁଏତ ଆଉ ଏମିତି ଶ୍ରଦ୍ଧା କରି ପାରିବନି । ଖାଲି ଏଇ ହରାଇବା ଭୟରେ, କେତେ ଦିନ, ମୁଁ ମୋ ଭିତରେ ଯୁଦ୍ଧ କରି ଆସୁଛି । ମୋ ପକ୍ଷରେ ଏ ଦୁଃସ୍ୱପ୍ନ ଦେଖିବା କଣ ଅସଙ୍ଗତ ? ଅନେକ ଥର ଭାବିଛି, ତମକୁ ସବୁ ଅକପଟରେ କହିବି, କିନ୍ତୁ ମୋ ଭିତରେ ଯେଉଁ 'ନାରୀ' ଅଛି, ସେ ମୋତେ ବାଧା ଦେଉଛି । ସେ କ'ଣ ଲଜ୍ଜା !—ସଙ୍କୋଚ ?—ସେ ଯା ହେଉନା କାହିଁକି, ଆଜି ସେ ପ୍ରଶ୍ନ ଅବାନ୍ତର ।—ମୋ କଥା ଶୁଣିବ ?—କଥାଟ ନୁହେଁ କାହାଣୀ—ହଁ ବେଶ ବଡ଼ କାହାଣୀଟିଏ । ରଜତ ମୂକ ପରି ବସି ରହିଲା । ଲଳିତା ଦେବୀ ପୁଣି କହିଲେ, "ମୋ ବାପାଙ୍କ ପରିଚୟ ଅତି ସଂକ୍ଷେପ । ବାପାଙ୍କ ଅବସ୍ଥା ଖୁବ୍ ସ୍ୱଚ୍ଛଳ ଥିଲା ।—ଅକାଳ ମୃତ୍ୟୁରେ ସବୁ ଗଲା । ବୋଉ ମଧ୍ୟ ଅଳ୍ପ ଦିନ ପରେ ମରିଗଲା । ମୁଁ ମଣିଷ ହେଲି ମାମୁଁଙ୍କ ଘରେ । ମାମୁଁ ମୋର, ରୁଚି ସଂପନ୍ନ ଓ ରୁଚିରେ ମଣିଷ ଥିଲେ । ପିଲା ଦିନରୁ ମୁଁ ବଡ଼ ବୁଦ୍ଧିଆ । ସମସ୍ତେ କହିଲେ, "ଝିଅକୁ କିଏ ଘରକୁ ନେବ ?—ମାମୁଁ କଥାଟା ବୋଧହୁଏ ବୁଝିଲେ, ତାଙ୍କର ଖିଆଲ ହେଲା, ମୋତେ ପଢ଼ାଇବେ । ସ୍କୁଲର ଗଣ୍ଡି ଟପି କଲେଜରେ ପଢ଼ିଲି । ରହେଁ ଛାତ୍ରୀ ନିବାସରେ । ମୋ ସାଥିମାନେ

Digitized by srujanika@gmail.com

ମୋ ରୂପ ଦେଖି ସମବେଦନା ପ୍ରକାଶ କରନ୍ତି । କିନ୍ତୁ ମୁଁ କେବେ ହେଲେ ନିଜକୁ କୁତ୍ସିତ ବା କଦର୍ଯ୍ୟ ମନେ କରିନି । ଯୌବନ ଯେତେବେଳେ ମୋ ଦ୍ୱାର ଅର୍ଗ ଦେଲା, ପ୍ରକାଶ ହେଲା, ଆରମ୍ଭ ହେଲା ମୋର ଦୁଃଖ । ମୋର ବୟସର ଝିଅମାନେ ଯାହା କରୁଥିଲେ, ସେ କଥାତ ମୋତେ ଅଜଣା ନ ଥିଲା ।—ସେ କଥା ତମର ଶୁଣିବା ଦରକାର ନାହିଁ । ତେବେ ଏତିକି କହୁଛି, ଯୌବନ ଆସିବା ବହୁ ପୂର୍ବରୁ, ନାରୀ ତା'ର ସମସ୍ତ ଅଙ୍ଗକୁ ନିଃଶେଷ କରି ସାରିଥାଏ—କୋଣୋ-ନ୍ମୁଖ ଶିଶୁ ଯୌବନକୁ ବସ୍ତ୍ର-ବ୍ୟବହାର କରି ପଙ୍ଗୁ କରି ଦେଇଥାଏ ।—ବାହାରେ ଥାଏ ମାତ୍ର ଶୁଖିଲା ଖୋଳ—ଯୌବନର ପ୍ରକାଶ ହୁଏ ତାର ଉପରେ । ମୁଁ ଜାଣେ, ମୋ ସଖିମାନେ କ'ଣ କରୁଥିଲେ ?—ପ୍ରକାଶ୍ୟ ବାରବନିତା ମଧ୍ୟ ତା' କରେନି । ବାରବନିତା ତା'ର ରୂପ ବିକ୍ରୟ କରେ ରୂପପାଇଁ ; ଇନ୍ଦ୍ରିୟପାଇଁ ଯେ ଅଳ୍ପ ଅଧିକ ନ କରେ ତା' ନୁହେଁ, କିନ୍ତୁ ଅର୍ଥ ତା'ର ମୁଖ୍ୟ—ଇନ୍ଦ୍ରିୟ ଚରିତାର୍ଥ ହେଉଛି ଗୌଣ । ସେ ଲୋକଙ୍କୁ ଭୁଲାଏ ଲୋକଙ୍କ ଲାଳସାରେ । କିନ୍ତୁ ଏମାନେ ସବୁ କରନ୍ତି କ'ଣ ? ଅର୍ଥାତ୍ ଅର୍ଥର କାମ୍ୟ ନୁହେଁ—ଇନ୍ଦ୍ରିୟ ସୁଖହିଁ ଏକମାତ୍ର କାମ୍ୟ । ଅଥଚ ଏହି ହୀନ ଲାଳସା ଚରିତାର୍ଥ ପାଇଁ ଏମାନେ ସବୁ ଯାହା କରନ୍ତି ସେ କ'ଣ ବାରବନିତା ଠାରୁ କୌଣସି ଗୁଣରେ ଶ୍ରେୟଃ । ଭଲତ, ମୁଁ ନାରୀ । ମୁଁ ବୁଝେଁ ନାରୀ କଥା ଭଲ । ଏ କଥା ହୁଏତ ତମେ ବିଶ୍ୱାସ କରି ପାରୁନ, କିନ୍ତୁ ତମ ଯୌବନ ଶାସ୍ତ୍ର କ'ଣ କହେ ? ନାରୀର ଲାଳସା କ'ଣ ପୁରୁଷ ଠାରୁ ବେଶି ନୁହେଁ ? ଇତିହାସ ତମର କ'ଣ କହେ ? ଟ୍ରୟ ନଗରୀ କ'ଣ ହେଲେନ୍ ପାଇଁ ପୋଡ଼ି ନଷ୍ଟ ହୋଇନି—ତମ ରାମାୟଣ, ମହାଭାରତ କ'ଣ କହେ ? ତା ମଧ୍ୟରେ କ'ଣ ନାରୀର କିଛି ତଥା କଥିତ ମାହାତ୍ମ୍ୟ ନାହିଁ? କଥା ଅପ୍ରିୟ କିନ୍ତୁ ସତ୍ୟ । ମୁଁ ଏ ପାପରୁ ଅବଶ୍ୟ ବଞ୍ଚିତ ଥିଲି ଏବଂ ଏଥି ପାଇଁ ମୋର କଦାକାର ରୂପ ମୋତେ ସାହାଯ୍ୟ କରିଥିଲା । ମୋର ଲାଳସା ବା ତମ ଭଦ୍ର ଭାଷାରେ 'ପ୍ରେମ' ଯେ କୌଣସି ରୂପସୀର ପ୍ରେମ ଠାରୁ କମ୍ ତାହା ନୁହେଁ । ଜ୍ୱଳନ୍ତ-ଯୌବନ-ତାପରେ ଉତ୍ତପ୍ତ ରୂପ ଅକୃତ୍ରିମ ନ ହେଲେ ମଧ୍ୟ, ମୁଁ ତାକୁ ଅନ୍ତରରେ ଠିକ ରୂପସୀମାନଙ୍କ ପରିହିଁ ଅନୁଭବ କରୁଥିଲି । ଅଥଚ ଏହି 'ଅକୃତ୍ରିମ' ନ ହେବା ଫଳରେ ମୁଁ କାହାରି ଆଗରେ ସର୍ବଗ୍ରାସୀ ଅଗ୍ନି ଜଳାଇ ରଖିବାର ସୁଯୋଗ ପାଇନି । ସ୍ୱୀକାର କରିବାକୁ ହେବ, ମୋର କ୍ଷୀଣ ବାହୁଲତା ପରିବର୍ତ୍ତରେ ଥିଲା ସ୍ଥୂଳ—ବାହୁ ମାତ୍ର । କିନ୍ତୁ ସେହି ସ୍ଥୂଳ ବାହୁର ବନ୍ଧନ କ'ଣ ଅସ୍ଥୂଳ ବାହୁ ବନ୍ଧନ ଠାରୁ ଶିଥିଳ ? ଆରକ୍ତ କରତଳ ବା ଲାବଣ୍ୟ ଶିଖା ପରି ଅଙ୍ଗୁଳି—ଏ ସବୁ ମୋର ନ ଥିଲା । —ଦେହର ପ୍ରତ୍ୟେକ ଗଠନରେ ସାମଞ୍ଜସ୍ୟ ସୌନ୍ଦର୍ଯ୍ୟର ଭଙ୍ଗି ନାନା ସ୍ୱାଭାବିକ ଭଙ୍ଗିରେ ସ୍ଫୁରିତ ହୋଇ ଉଚ୍ଛୁଳି ନ ପଡ଼ି, ବରଂ ଅସ୍ୱାଭାବିକ ଭଙ୍ଗିରେ ଭାଙ୍ଗି ପଡ଼ୁଥିଲା । ହେଲେ ମଧ୍ୟ, ମୋ ଭିତରେ ଯେଉଁ ଅନୁଭୂତି, ସେ କ'ଣ ରୂପସୀମାନଙ୍କର ଅନୁଭୂତି ଠାରୁ କୌଣସି ଗୁଣରେ କମ୍ ? କିନ୍ତୁ ଏହି ଦୁର୍ଦ୍ଦୃଷ୍ଟ ଦେହରେ ଯେବେ ଏତେ ଲାଳିତ୍ୟ, ଏତେ କଠିନ କୋମଳ-କଲ୍ଲୋଳ-ପରିପୂର୍ଣ୍ଣତା ପ୍ରତିପାଦନ ପୁଣି ଉଠୁଥିଲା ଯେ ମୁଁ ନିଜେ ନିଜକୁ ଦେଖି ବିସ୍ମିତ ହେଉଥିଲି । ସୁତରାଂ ମୁଁ ଯେ ମୋ ସଖିମାନଙ୍କ ଦଳରେ ମିଶି ପାରିଲିନି, ଏହାତ ସହଜ କଥା । ତା' ପରେ ଆରମ୍ଭ ହେଲା ମୋର ଯାତନା । ନାରୀ ଯେ ନାରୀ ପ୍ରତି, ଏମିତି ଅତ୍ୟାଚାର କରିପାରେ, ତମେ ସେ କଥା ବିଶ୍ୱାସ କରି ପାରିବନି । ଲବଙ୍ଗର ଇଙ୍ଗିତ କଟୂକ୍ତିରେ ସେ ଦିନ ମୁଁ କଷ୍ଟ ପାଇନି, ଅଗରୁ ଅଗରୁ ଜଣା ଅଧିକ ଅଭ୍ୟସ୍ତ ଅଛି ବୋଲି । ଏମିତି ହୋଇ କଟିଲା ମୋ'ର ଶିକ୍ଷା ଜୀବନ । ଘରେ ଯେତେବେଳେ ଚୁପ ହୋଇ ବସି ରହିଲି, ସାରାଦିନ କେବଳ, ହିତୈଷିଣୀମାନଙ୍କର କଟୂବାଣୀ, ଅଯାଚିତ ମର୍ମଦାହୀ ଉପଦେଶ, ଅଭଦ୍ର ନିର୍ଲଜ୍ଜ ବକ୍ରୋକ୍ତି—ଚିତ୍ତ ମୋର ବିମୁଖ ହୋଇ ଗଲା । କାମତ କିଛି ନାହିଁ, କେବଳ ସେହି ପୁରୁଣା ବହି ଗୁଡ଼ାକ ଓଲଟାଉ ଥାଏଁ । ବିବାହ କଥାଟା ମୁଁ ପ୍ରାୟ ଭୁଲି ଯାଇ ଥିଲି; ଯିବା କଥା ଏବା । ଏହି କୁତ୍ସିତ ରୂପ ନେଇ, କିମିତି ବା ଏ ଦୁରାଶା ମୁଁ ମନରେ ପୋଷି ରଖନ୍ତି ? କିନ୍ତୁ ଦିନେ ଆସିଲେ ଜଣେ ।—ମାମୁ ମୋ ସଙ୍ଗରେ ତାଙ୍କର ପରିଚୟ କରାଇ ଦେଲେ । ସେ ବିଲାତ ପ୍ରତ୍ୟାଗତ ଇଂରାଜୀ ଅଧ୍ୟାପକ । ତାଙ୍କ କଥାବାର୍ତ୍ତା ମୋତେ ଭାରି ଭଲ ଲାଗିଲା । ସାଙ୍ଗ ହୋଇ କେତେ କବିତା ଯେ ପଢ଼ନ୍ତି ତା'ର ଠିକ ନାହିଁ । ତାଙ୍କର ଜ୍ଞାନର ଗମ୍ଭୀରତା ଦେଖି ମୁଁ ବିସ୍ମୟରେ ହତବାକ୍ ହୋଇ ଚୁପ୍ ହୋଇ ବସି ରହେଁ ।

Digitized by srujanika@gmail.com

ଅନେକ ସମୟରେ ତାଙ୍କର ମୁହଁକୁ କେବଳ ଅନାଇ ରହେଁ,—କଣ ଯେ ସେ କହନ୍ତି, ଶୁଣି ପାରେ ନା। ତାଙ୍କର କହିବା ଭଙ୍ଗିଟି ସୁନ୍ଦର ଓ ସହଜ। ମୁଁ ଲକ୍ଷ କରିଛି, ସେ ବେଳେ ବେଳେ ମୋ ମୁହଁକୁ ବଡ଼ କରୁଣ ଭାବରେ ଅନାଇ ରହିଥାନ୍ତି। ଉଚ୍ଛ୍ୱାସରେ ସେ ମୋର ଆଖି ଓ ନାକର ପ୍ରଶଂସା କରନ୍ତି—ଅନ୍ତର ମୋର ପୁଲକରେ ଶିହରି ଉଠେ। ଉଚିତ ! ସେ ପୁଲକ ବା ଶିହରଣ, କଣ କୌଣସି ଗୁଣରେ ଯେ କୌଣସି ରୂପସୀର ପୁଲକ ଶିହରଣ ଠାରୁ ଊଣା ? ଯା ହେଉ, ଇମିତି ହୋଇ କେତେ ଦିନ କଟିଗଲା। ଦିନେ ସେ ମୋତେ ହଠାତ୍ କହି ବସିଲେ, "ମୁଁ ତମକୁ ଭଲ ପାଏଁ (I love you) ଅନାକାଂକ୍ଷିତ, ଅପ୍ରତ୍ୟାଶିତ, ମଧୁର, ମୁଁ କେବେ ସ୍ୱପ୍ନ ଦେଖି ନ। ବିହ୍ୱଳ ହୋଇ ପଚାରିଲି, "ମାନେ ? ଆପଣ କଣ କହୁଛନ୍ତି ?"—(what do you mean by that ?) ସେ କହିଲେ, "ଯାହା କହିଲି, ସେଇଆ"—(I mean, what I say) ସେ ଦିନର କଥା ମୁଁ କହି ପାରୁନି।—ଅନ୍ତରରେ କେବଳ ଅନୁଭବ କରୁଛି। ତା' ପରେ ଆରମ୍ଭ ହେଲା, ଗତାନୁଗତିକ ବ୍ୟାପାର। ଧୀରେ ଧୀରେ ମୁଁ ଆଗେଇ ଗଲି ବହୁ ଦୂରକୁ। ସେ ଯେତେବେଳେ ମୋତେ ଆଦର କରି କହନ୍ତି, "ଲତା, ମୁଁ ତମକୁ ଏତେ ଭଲ ପାଏଁ କାହିଁକି ?"—ମୁଁ ଆଦରରେ ଢଳିଟ ପଡି କହେ, "ମୁଁ କୁତ୍ସିତା ବୋଲି।—ତମେ ମୋତେ ଭଲ ପାଅନ, ଦୟାକରି"। ସେ ଅଭିମାନରେ ଚୁପ୍ ହୋଇ ରହନ୍ତି। ମୁଁ ପୁଣି ତାଙ୍କୁ ଆଦର କରି, କଣ୍ଠରେ ତାଙ୍କ ମୁହଁ ଚୁପି କହେ, "ପ୍ରିୟ ! ତମେ ରାଗିଲକି ? ମୁଁ କ'ଣ ଜାଣେନା, ତମେ ମୋତେ କେତେ ଭଲ ପାଅ ? ତମେ ଏକଥା କାହିଁକି କୁହ ?—ତମେ ମତେ ଭଲପାଅ, ଏକଥା ମୁଁ ଯଦି ନବୁଝିବି, ନ ଜାଣିବି, ସଂସାରରେ ଆଉ ବୁଝିବ କ'ଣ ?"—ସେ ଆଦରରେ ମୋର ଚିବୁକ ଧରି କହନ୍ତି, "ତେବେ ?—ତମେ ଇମିତି କାହିଁକି କୁହ ?—ବଡ଼ ଦୁଷ୍ଟ ତମେ—ତମେ ଜାଣନା, ଇମିତି କଥା ଶୁଣିଲେ ମୁଁ କେତେ କଷ୍ଟ ପାଏଁ ?"—ମୁଁ ମୋର ଏଇ ପୃଥୁଳ ବାହୁରେ, ନିବିଡ଼ ଭାବରେ, ତାଙ୍କୁ ବୁକରେ ଚାପି ରଖି କହେ, "ଜାଣେ ଜାଣେ—ଇମିତି କେତେ କଣ। କିନ୍ତୁ, ମୁଁ ଅକପଟରେ, ସେତେବେଳେ ସବୁ ବିଶ୍ୱାସ କରୁଥିଲି। କିଛିଦିନ ପରେ ଅଧ୍ୟାପକ ପ୍ରାୟ ଆସିବା ବନ୍ଦ କରି ଦେଲେ। ମୁଁ ନିଜେ ଦିନେ ଉପଯାଚିକା ହୋଇ, ତାଙ୍କ ପାଖକୁ ଗଲି। ଅଧ୍ୟାପକ ପ୍ରାୟ ଆଶ୍ଚର୍ଯ୍ୟ ହୋଇ କହିଲେ, "ତମେ କ'ଣ କହୁଚ ?—ତମ କଥା ମୁଁ ମୋଟେ ବୁଝି ପାରୁନି। ଏ ଧାରଣା ତମର କିମିତି ହେଲା ? କିଏ ତମର ଏ ଅନିଷ୍ଟ କଲା ? ତମକୁ ମୁଁ ଭଲ ପାଏ ? ନା, ନା—ତା କେବେ ହୋଇ ପାରେ ନା। ତମ ବିବେକ କ'ଣ ଏଇଆ କହୁଛି ? ତମ ମୁହଁରୁ ମୁଁ ଏପରି ଶୁଣିବି ବୋଲି, କେବେ ଆଶା କରିନି। ତମ ବିଷୟରେ ମୋର ଖୁବ୍ ଉଚ୍ଚ ଧାରଣାହିଁ ଥିଲା। ତମକୁ ଭଲ ପାଏଁ, ଏ କଥା ଆଜି ଉଠି ପାରେ ନା। ତା ଛଡ଼ା, ଏ ସହଜ କଥାଟାର ଇମିତି ଜଟିଳ ଅର୍ଥ କରିବାର ଉଦ୍ଦେଶ୍ୟ ମୁଁ ମୋଟେ ବୁଝି ପାରୁନି। କି ଆଶ୍ଚର୍ଯ୍ୟ, ସ୍ତ୍ରୀ—ପୁରୁଷ ମଧ୍ୟରେ ସେଇ ଗୋଟିଏ ଚିରନ୍ତନ ଘୃଣ୍ୟ ସମ୍ବନ୍ଧ ଛଡ଼ା ତମେ କ'ଣ ଆଉ କିଛି ପବିତ୍ର, ନୂତନ'ର ସନ୍ଧାନ ପାଇନ ? ବଡ଼ ଲଜ୍ଜାର କଥା—ବଡ଼ ଦୁଃଖର ବିଷୟ। ହଁ, ମୋର ମନେ ପଡ଼ୁଛି, ତମକୁ ମୋର ଦିନେ ବେଶ ଭଲ ଲାଗିଥିଲା। କିନ୍ତୁ, ଏଇ "ଭଲ ଲାଗିବା" ଟାକୁ ବିଶ୍ଳେଷଣ କରି ଦେଖିଲେ ବୁଝି ପାରିବ, ମୁଁ ଭଲ ପାଇଥିଲି, ତମ ଭିତରେ କବିତାର ଜୀବନ୍ତ ଛବି ଦେଖି—ତମ ଭିତରେ କବିତା'ର ଚଞ୍ଚଳ ଉତ୍ସ ଦେଖି। ମୁଁ ମୁଗ୍ଧ ହୋଇ ଯାଇଥିଲି। ମୁଁ ବର୍ତ୍ତମାନ ବୁଝୁଛି, ତମର ଭୁଲ କେଉଁଠି ? ମୁଁ ହୁଏତ ଉଚ୍ଛ୍ୱାସରେ କେତେବେଳେ କ'ଣ କହିଛି, ତମ ଉଦ୍ଦେଶ୍ୟରେ ନୁହେଁ,—ସେ ଅଜ୍ଞାତର ମହାତ୍ମାମାନଙ୍କ ଓ ମହା ମାନବୀମାନଙ୍କ ଉଦ୍ଦେଶ୍ୟରେ। ଆଉ ତମେ ମୋର ସେଇ ଉଚ୍ଛ୍ୱାସର କରିଛ ଭୁଲ ଅର୍ଥ। ହିଁ, ତମର ଏ ଭୁଲ ପାଇଁ ମୋ'ର ଦୁଃଖ ହେଉଛି। ଦୁଃଖର ସହିତ ମୁଁ ମୋର ସମ ବେଦନା ପ୍ରକାଶ କରୁଛି। ତା ଛଡ଼ା, ତମର କଥା, ମୁଁ ଯଦି ଯୁକ୍ତି ଛଳରେ ସତ୍ୟ ବୋଲି ଗ୍ରହଣ କରେଁ, ତା ହେଲେ ମୋତେ ଏଇ କଥା କହିବାକୁ ହେବ ଯେ, ମଣିଷର ବୟସ ଓ ବୁଦ୍ଧିର ବୃଦ୍ଧି ସଙ୍ଗେ ସଙ୍ଗେ ରୁଚିର ବୃଦ୍ଧି ଓ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ସୁତରାଂ ତମର ଯୁକ୍ତି ଅନୁସାରେ ମୁଁ ତମକୁ ଯେଉଁ ରୁଚି ନେଇ ଭଲ ପାଉଥିଲି ସେ ରୁଚି ମୋର ଆଜି ନାହିଁ। ତା ଛଡ଼ା, କୌଣସି ନାରୀ ଠାରେ ନିଜକୁ ବାନ୍ଧି ରଖିବା ଭଲ, ଦୁର୍ବଳତାକୁ ମୁଁ କିମିତି ପ୍ରଶ୍ରୟ ଦେବି ? ନାଃ, ତମେ

Digitized by srujanika@gmail.com

ତମର ଏଇ ଅସଙ୍ଗତ, ଅନ୍ୟାଯ୍ୟ ଅବଦାର ପାଇଁ ମୋର ଜୀବନର ଆଦର୍ଶକୁ ବଳିଦେବା ପାଇଁ, ପରାମର୍ଶ ଦେଉଛ। ନା ତମେ ତା କେବେ ଦେଇ ପାରନା। ଆଶ୍ଚର୍ଯ୍ୟ, ବିବାହ! ସେତ ଇଚ୍ଛା କରିଥିଲେ ମୁଁ ଅନେକ ଦିନରୁ କରି ପାରିଥାନ୍ତି। ଆଜ ଯୌବନ'ର ଶେଷରେ, ପ୍ରୌଢତା'ର ଗଣ୍ଡି ମଧ୍ୟରେ ନୂଆ ପ୍ରଶ୍ନ ଆଉ ଉଠି ପାରେ ନା,—ଉଠିବା ଉଚିତ ନୁହେଁ। ମୁଁ ଆଉ ଅଚେତ କହୁଚି, ମୁଁ ତମକୁ କେବେ ହେଲେ ଭଲ ପାଇନି।—ନାଃ, ମୋର ମୋଟେ ମନେ ପଡ଼ୁନି। ତେବେ ମୋତେ ସ୍ୱୀକାର କରିବାକୁ ହେବ, ତମେ ମୋତେ ଯଥେଷ୍ଟ ଆନନ୍ଦ ଦେଉଥିଲ—ତମ ଭିତରେ ମୁଁ ଦେଖିଥିଲି, ସେଲିଙ୍କର (Shelly's) ଭାବ ପ୍ରବଣତା ଓ ବାଇରନଙ୍କର (Byron's) ଉଚ୍ଛ୍ୱାସ। ତମ ଭିତରେ ମୁଁ ଦେଖିଥିଲି ମିଲ୍‌ଟନଙ୍କର ରାଫେଲଙ୍କ', "ପୂର୍ବ-ଯୁଗ-ଆଦର୍ଶ" (Pre-Rapheltic ideal of Milton)—କେତେ କ'ଣ। ସେଥି ପାଇଁ ମୁଁ ତମକୁ ଧନ୍ୟବାଦ ଦେଉଛି। ମୁଁ ଆଜି ନୂଆ ତମକୁ ବନ୍ଧୁ ଭାବରେ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି। ତମେ ବର୍ତ୍ତମାନ ଏ ସବୁ ଠିକ ବୁଝି ପାରୁନ—କିନ୍ତୁ ସୁସ୍ଥ ମସ୍ତିଷ୍କରେ ଚିନ୍ତାକରି ଦେଖିଲେ, ମୋର ବିଶ୍ୱାସ, ତମେ ଠିକ ମୋ'ର କଥା କହିବ। ବର୍ତ୍ତମାନ ତମେ ଯାଅ—କିଛିଦିନ ବିଶ୍ରାମ କର, ଦେଖିବ, ସବୁ ବଳେ ଠିକ ହୋଇ ଯିବ। (Just get a little sound sleep, and your nervous system will recover its natural tone.)। ତା ଛଡ଼ା, ତୁମକୁ ବିବାହ କରିବ, ଏ କଥା ତମେ କେମିତି କଳ୍ପନା କଲ ?—ନା, ତମକୁ ଏ କଥା ଭୁଲି ଯିବାକୁ ହେବ।

ଇହା ପରେ କେହି ନାସ କ'ଣ କିଛି କହି ପାରେ ? ଲଜ୍ଜା, ବେଦନା, ଅପମାନ ଓ ଦୁଃଖରେ, ନାରାୟଣରେ ଘରକୁ ଫେରି ଆସିଲି। ବିଛଣାରେ ପଡ଼ି କାନ୍ଦିବାକୁ ଚେଷ୍ଟା କଲି, କିନ୍ତୁ କାନ୍ଦି ପାରିଲିନି। କାହାଠି ବା ଏକଥା କହିବ ? କିଏ ବା ବିଶ୍ୱାସ କରିବ ? ପ୍ରୌଢ଼ ଅଧ୍ୟାପକ, ମୋ ପରି କୁତ୍ସିତା ନାରୀକୁ ଭଲ ପାଇ ଥିଲେ ? ହଂସାକୁ ମୁଁ ଘୃଣା କରେ କିନ୍ତୁ ତା'ର ପ୍ରତିହିଂସାର ଏକ ଶ୍ରେଣୀର ଜନପ ? ଧିକ ଯଦି ନିନ୍ଦନୀୟ ହୁଏ, ପ୍ରତିଧ୍ୱନିକୁ ବା ସମାଦର କରିବ କେମିତି ? ମୁତରାଂ ଚୁପ୍ ହୋଇ ରହିଲି। ମୁହିଁ ସିନା ବନ୍ଦ କରି ରଖିଲି, କିନ୍ତୁ ମୋ ନିଜ ଦେହ, ଯେ ତା' ସ୍ୱରଅଡ଼େ କହି ବୁଲିଲା। ମୁଁ ଗର୍ଭବତୀ। ବାଙ୍ଗ ବାଣରୁ ଆରମ୍ଭ କରି ବୈଦ୍ୟକ ଜାତନା ପର୍ଯ୍ୟନ୍ତ ପ୍ରୟୋଗ ହେଲା—ମୋର ଗୋପନ ଅଭିସାରର ନାୟକଙ୍କୁ ଜାଣିବା ପାଇଁ। ଶେଷରେ ମାମୁଁ ଆସି ପଚାରିଲେ "ଲତା, ତୁ ଏ କାମ କାହିଁକି କଲୁ ?" ମୁଁ ବେଦନା ଲଜ୍ଜାରେ ମରିଗଲି। ମାମୁଁ ବୋଧହୁଏ କଥାଟା ବୁଝିଲେ। ମୋତେ ସେ କ୍ଷମା କଲେ। ମୋ ମୁଣ୍ଡରେ ହାତ ରଖି କହିଲେ—"ମା ତୁ ମୋତେ କ୍ଷମା କର। ମୁଁ ଏଥି ପାଇଁ ଦାୟୀ"। ସମସ୍ତଙ୍କର ସମ୍ମିଳିତ ଚେଷ୍ଟା ଓ ଇଚ୍ଛା ପାଖରେ ମୋ'ର ମା' ହେବାର ଇଚ୍ଛା, କୁଆଡ଼େ ଉଭିଗଲା। ଶେଷରେ ମୁଁ ସେଇମାନଙ୍କ ମତରେ ମତ ଦେଲି। ନିର୍ଦ୍ଦିଷ୍ଟ ସମୟର ବହୁ ପୂର୍ବରୁ, ବିକୃତ, ଶୀତଳ, ସନ୍ତାନ ପ୍ରସବ କଲି।

ପୁଣି କିଛି ଦିନ ପରେ ମୋ'ର ପ୍ରକୃତ ବିବାହ ହେଲା। ଜଣେ ମଧ୍ୟବିତ୍ତ ବ୍ୟବସାୟୀଙ୍କ ସଙ୍ଗରେ। ବିବାହ ତାଙ୍କ ନିଜର ପ୍ରୟୋଜନ ନଥିଲା ଯେତେ ବେଶି ପ୍ରୟୋଜନ ଥିଲା ତାଙ୍କର ଘର ପାଞ୍ଚଟି ପିଲାଙ୍କର ତତ୍ତ୍ୱାବଧାନ ପ୍ରତି। ସେ ଯେ ମୋତେ ଭଲ ପାଉଥିଲେ, ଏ କଥା ମୁଁ ଠିକ କହି ପାରିବିନି। ତେବେ ଆଦର କରୁ ନ ଥିଲେ—ଅସମ୍ମାନ କରୁ ନଥିଲେ। ବରଂ ସେ ଯେ ମୋତେ ପାଇ ଗର୍ବ ଅନୁଭବ କରୁଥିଲେ, ତା' ମୁଁ ଜାଣେ। ସେ ଅନେକ ସମୟରେ କହନ୍ତି, "ଆଜି ଯାଏଁ ମୁଁ ଲକ୍ଷ୍ମୀଙ୍କୁ ବାନ୍ଧି ରଖି ଥିଲି ଆଜି ପୁଣି ସରସ୍ୱତୀଙ୍କୁ ବାନ୍ଧିଛି। ଏ ଦି ଭଉଣୀ ଯେ ଏକା ସାଙ୍ଗରେ ଧାଆଁ ରହନ୍ତିନି—ଲକ୍ଷ୍ମୀ ଚଞ୍ଚଳ ସେ ହୁଏତ ଦିନେ ଛାଡ଼ି ଚାଲିଯାଇ ପାରନ୍ତି, କିନ୍ତୁ ତମେ ମୂର୍ତ୍ତିମତୀ ସରସ୍ୱତୀ, କ'ଣ ମୋତେ ଛାଡ଼ି ଚାଲିଯିବ"—ମୁଁ ଲାଜରେ ମରିଯାଏଁ। ଇମିତି ହୋଇ କଟିଗଲା କେତେ ଦିନ।

ତାଙ୍କ ବନ୍ଧୁମାନେ ବିବାହ ଭୋଜି ଖାଇବା ପାଇଁ ଅଡ଼ି ବସିଲେ। ଦିନେ ସେ ମୋ ମତ ନେଇ ସମସ୍ତଙ୍କୁ ନିମନ୍ତ୍ରଣ କଲେ। ଅଧ୍ୟାପକ ମଧ୍ୟ ସେ ଦିନ ଆସିଲେ। ମୋ'ର ଇଚ୍ଛା ନଥିଲା, ତାଙ୍କ ବନ୍ଧୁ ମେଳକୁ ଯିବାକୁ। ସେଇ ମୋତେ ଯୋର କରି ସେଠାକୁ ନେଇଗଲେ। ସମସ୍ତଙ୍କ ସାଙ୍ଗରେ ପରିଚୟ କରାଇ ଦେଲେ। ଅଧ୍ୟାପକଙ୍କ ସାଙ୍ଗରେ ପରିଚୟ କରାଇ ଦେଲାବେଳେ, ଅଧ୍ୟାପକ ଯୋର'ରେ କହି ଉଠିଲେ, "ଆରେ ଯାଃ, ମୋ ସଙ୍ଗରେ ପରିଚୟ କରାଇ

Digitized by srujanika@gmail.com

ଦେବା ଦରକାର ନାହିଁ । ମୁଁ ତାଙ୍କୁ ଭଲ କରି—ମାନେ ତମଠୁଁ, ଭଲ କରି ଜାଣେ ।"—ତା' ପରେ ମୋ ମୁହଁକୁ ଚାହିଁ ପଚାରିଲେ, "ହଁ, ଅଞ୍ଜ, ତମେ ତମର ସେ ପାଗଳାମି ଛାଡ଼ିଛ ତ ? ( By the by, have you got that nasty thing off your heart ? ) ତା' ପରେ ହଠାତ୍ ଗମ୍ଭୀର ହୋଇ କହିଲେ, "ଅସ୍ଥି ଦୁର୍ବଳେ, କୁଟିଳେ, ତମେ କେବଳ ନାରୀ!" ( Oh ! Frailty, thy name is woman ) ଜଣେ ଦୁ'ଜଣ ତାଙ୍କୁ ସମର୍ଥନ ମଧ୍ୟ କଲେ । ତା ପରେ ମୋତେ କହିଲେ, "ଅଞ୍ଜ, ତମେ ସେତେବେଳେ ଯଉ ଧାରଣା କରିଥିଲ, ତାକୁ ତ ତମେ ଅକପଟରେ ବିଶ୍ୱାସ କରିଥିଲ ?—ତାକୁ ଏତେ ଶୀଘ୍ର ପୁଣି ଅବିଶ୍ୱାସ କରି, ନୂଆ ଜଣପରେ ପୁଣି କେମିତି ବିଶ୍ୱାସ ସ୍ଥାପନ କଲ ? ଓଃ ଏକଥା କେବଳ ନାରୀ ଚରିତ୍ରରେ ସମ୍ଭବ । ( This is possible in woman and woman alone )" ମୋ ମୁହଁରେ ଯଉ କାଳି ଲେପି ହୋଇଗଲା, ସେ ବୋଧ ହୁଏ ତା' ଲକ୍ଷ କଲେ, ଏବଂ ମୋ ପାଖକୁ ଆସି କହିଲେ, "ତମେ କ'ଣ ଅସୁସ୍ଥ ବୋଧ କରୁଛ ?" ତା ପରେ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ କହିଲେ, "ମାଫ୍ କରନ୍ତୁ, ମୁଁ ଦୁଇ ମିନିଟ ମଧ୍ୟରେ ଆସୁଛି ।"—ଦ୍ୱିତୀୟଉତ୍ତରରେ କେବଳ ଅଧ୍ୟାପକଙ୍କ କଣ୍ଠରୁ ବାହାରିଲା, "ତମେ ତାର ଦୁଇ ଗୁଣ ସମୟ ନେଇ ପାର । ମୋର ବିଶ୍ୱାସ, ସେଇଆ ହେବ । Oh, Certainly, you can double your minutes, and I believe, it will be so )।" ସେ କେବଳ ଥରେ ପଛକୁ ଅନାଇଲେ । ମୋତେ ସାଙ୍ଗରେ ଆଣି ବିଛଣାରେ ଶୁଆଇ ଦେଇ ଉପରିଗଲେ । ମୁଁ କେବଳ ନିଃଶ୍ୱାସ ମାରି ମୁହଁମାଡ଼ ଶୋଇଲି ।

ଦୁଇ ଚାରି ଦିନ ପରେ, ଥରେ ସେ ମୋତେ ପଚାରିଲେ, ଅଧ୍ୟାପକ ସେଦିନ କଣ କହୁଥିଲେକି ?- ମୁଁ ସରଳ ପ୍ରଶ୍ନର ମିଥ୍ୟା ଉତ୍ତର ଦେଇ ପାରିଲି ନ ଅକପଟରେ ସେ ସବୁ ଶୁଣିଲେ—ବିଶ୍ୱାସ ମଧ୍ୟ କଲେ । ଶେଷରେ ବଡ଼ କୁଣ୍ଠିତ ହୋଇ କହିଲେ, ଲଳିତା, ତମ କଥା ମୁଁ, ଅକପଟରେ ବିଶ୍ୱାସ କରିଛି । ମୁଁ ଜାଣେ ତମେ କିଛି ଦୋଷ କରି ନା କଲୁ; ତଥାପି ତମ ସ୍ଥାନ ଏଠି ହେବନି । ଘରେ ମୋର ଲୋକ ଥିଲେ ସେମାନେ ଯଦି କୌଣସି ପ୍ରକାରରେ ଏ କଥା ଜାଣି ପାରନ୍ତି, ତମର ଦୁର୍ଦ୍ଦଶା ନିଶ୍ଚୟ ହୋଇବ । ତମେ କଣ ତା ସହି ପାରିବ? ନା, ମୁଁ ତମକୁ ସେପରି ଅବସ୍ଥାରେ ଦେଖି ସହ୍ୟ କରିପାରିବି? ମନରେ କଷ୍ଟ କରି ନା । ମୁଁ ଅନ୍ୟତ୍ର ବ୍ୟବସ୍ଥା କରୁଛି । ତମେ ଦୂରରେ ରୁହ । ତମର ସମସ୍ତ ବ୍ୟୟର ଭାର ମୁଁ ବହନ କରିବି, ସମୟ ପାଇଲେ ତମ ପାଖରେ ରହିବି—ସେ ଆଉ କିଛି କହି ପାରିଲେ ନି ବେଦନା ବିଧ୍ୱସ୍ତ ବୁକୁ, କମ୍ପିତ କରି ଯଉ ଦୀର୍ଘ ନିଃଶ୍ୱାସ ତାଙ୍କ ବୁକୁ ଚିରି ବାହାରିଲା । ମୁଁ ତାକୁ ମୋର ଏଇ କଠିନ କାନରେ ଶୁଣିଛି । ବୁକୁ କୃତଜ୍ଞତାରେ ପୁରିଗଲା । ତାଙ୍କ ଗୋଡ଼ ତଳେ ମୁଣ୍ଡିଆ ମାରି, ସେଇ ରାତିରେ ଘରୁ, ତାଙ୍କର ସାଙ୍ଗରେ ବାହାରି ଆସିଲି ଏଠିକି । ଭାବିଥିଲି, ଅତୀତକୁ ପଛରେ ପକାଇ ଆସି, ସବୁ ନିଃଶେଷ କରି ଦେଇଛି । କିନ୍ତୁ ରଜତ ସେଇ ଅଳ୍ପ କେଇ ଦିନରେ ପିଲା ଗୁଡ଼ିକ ଯେ ମୋତେ ଇମିତି ନିବିଡ଼ ଭାବରେ ବାନ୍ଧି ପକାଇଥିଲେ' ମୋର ମା' ହେବାର ଆକାଂକ୍ଷାକୁ ଧୀରେ ଧୀରେ ଜଗାଇ ଦେଇ ଥିଲେ, ମୁଁ ମାନି ବୁଝିଲି ସେଇ ଦିନ, ଯଉଦିନ, ସେ ଆଣି ମୋତେ ଏଠି ଛାଡ଼ି ଦେଇଗଲେ । ସେ ସମୟ ପାଇଲେ, ଆସି ମୋ ପାଖରେ ପ୍ରାୟ ରହନ୍ତି । ରଜତ ! ମୋ'ର ସ୍ୱାମୀ, ସନ୍ତାନ, ସମସ୍ତେ ଅଛନ୍ତି । ତଥାପି ମୁଁ ସେଥିରୁ ଆଜି ବଞ୍ଚିତା । ନିଜେ ପାଇ ହରାଇଛି । ଏ କ'ଣ ମୋ'ର ନିଜର ଦୋଷ ? ନା ଭଗବାନଙ୍କ'ର ଅଭିଶାପ ? ଯା' ହେଉନା କାହିଁକି, ଏ ଦୁଃଖ କ'ଣ ମତେ କମ୍ ବାଧେ ? ତଥାପି ସହିବାକୁ ପଡ଼ିଛି । ଭୁଲିତ କେବେ ପାରିବନି । କିନ୍ତୁ ଭୁଲିବାକୁ ଚେଷ୍ଟା କରେ । ସେଇଥିପାଇଁ ତ ମୁଁ ଅନ୍ୟ କାମରେ ମନ ଦିଏଁ । ଇୟେ ମଧ୍ୟ ତାଙ୍କର ଆଦେଶ ବା ଉପଦେଶ । ସେଥିପାଇଁ ମୁଁ ଏ ସବୁ ସମିତି, ସଂଘ ନେଇ ବ୍ୟସ୍ତ ରହେଁ । ଘରେ ତ କିଛି କାମ ନାହିଁ ? କ'ଣ କରିବି ?" କହି ରଜତ ମୁହଁକୁ କିଛିକ୍ଷଣ ଅନାଇ ରହି କହିଲେ, 'ରଜତ ଅନେକ ରାତି ହେଲାଣି, ବସାକୁ ଯାଅ, ପୁଣି ଆଉଦିନେ କହିବି ।" ରଜତ ରୁଦ୍ଧ କଣ୍ଠରେ କହିଲା, "ନା, ମୁଁ ଆଉ ଶୁଣିବି ନାହିଁ, ନା, ଆପଣଙ୍କର କହିବା ଦରକାର ମଧ୍ୟ ନାହିଁ ।" ରଜତକୁ ବିଦାୟ ଦେଲା ବେଳେ ଲଳିତା ଦେବୀ ଅତି ଯନ୍ତ୍ରଣାରେ ଅନୁଚ୍ଚ ସ୍ୱରରେ କହିଲେ, "କାଲି ଆସିବତ ?" ରଜତ

( ୧୦ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

ବିଲେଇ ହାତରେ............

## ହାଫ୍ ଟିକେଟ୍

(ମଜାକଥା)

ଲେଖକ—କୁମାର ଶରତ୍‌କାନ୍ତ ଭୂୟାଁ।

ଲୋକେ କହନ୍ତି ଟି. ଟି. ସି. ଗୃହସ୍ଥା ବଡ଼ ଲୋଭନୀୟ, କିନ୍ତୁ ମନ କଥା ମନ ଜାଣେ।

ମୋ ଜୀବନରେ ମୁଁ ଚାକିରିଟି ସେତିକି ଉପଭୋଗ କରି ପାରିଥାନ୍ତି ସେତେବେଳକୁ ମନଟା ଥାଏ ଚଞ୍ଚଳ, ନୂଆ ଗୃହସ୍ଥ ପୁଣି ଅବିବାହିତ।

ଛୋଟବେଳେ ମନେ ହୁଏ କାଠଯୋଡ଼ି କୂଳେ ବଡ଼ ବୁରୁଜ ଉପରେ ବସି ଶରତ୍ ଚନ୍ଦ୍ରିମା ଉପଭୋଗ କରିବାକୁ, ଆଜ ଯେତେବେଳେ ମନେ ହୁଏ Austin କାର୍‌ଟାରେ ୬୦ ମାଇଲର ଦୁରନ୍ତ ସ୍ପିଡ୍ ଦେଇ କଟକ ଟାଉନରେ ଉଡ଼ାଇ ନେବାକୁ। କିନ୍ତୁ ତାହାଙ୍କ ଅଜାଣି ମନଟା ଆପେ ଆପେ ଭାରି ହୋଇ ଆସେ; ମନେ ପଡ଼େ କିଛି ଗୋଟାଏ ଉପଭୋଗ କରିବାକୁ ଗଲେ ଦରକାର 'ସାର୍ଥୀ' ଟାଏ—ମାମୁଲି ନୁହେଁ × × × ଖାଣ୍ଟି ଆପଣାର।

ବିଜ୍ଞାନ ଯୁଗର ଲୌହ ରଥଙ୍କ ମାଡ଼ି ଆସେ—ଧୂଆଁ ଉଠି କଳା ମେଘର ସୃଷ୍ଟି କରେ। ଅସଂଖ୍ୟ ଯାତ୍ରୀଙ୍କର କୋଳାହଳରେ ପ୍ଲାଟଫର୍ମ ସରଗରମ ହୋଇ ଉଠେ କେତେ ଯାଆନ୍ତି କେତେ ଆସନ୍ତି। ସବୁ ଜଣାପଡ଼େ ନୂଆ ପରି...

ବଡ଼ ଦରକା ଲାଗେ ମୋ ନିଜ ଉପରେ ଆଉ ଚାକିରୀରେ କିଛି ନୂତନତ୍ୱ ନାହିଁ—ସେହି 'ଟିକେଟ୍' 'ଟିକେଟ୍' ଖାକି ପୋଷାକ, ପଞ୍ଚିଂମେସିନ ଏତିକି ନେଇ ମୋ ଚାକିରୀ ଜୀବନର ଦୌଡ଼। ଇଅ ଭିତରେ ଇମିତ କିଛି ନାହିଁ ଯେ ଜୀବନଟାକୁ ସରସ କରି ତୋଳିବ, କର୍ମକ୍ଲାନ୍ତ ଜୀବନର ଅବସାଦକୁ କଟେଇ ର' Restaurant ରେ × ×

ପ୍ରାଣଟା ହା' ହା' କାର କରି ଉଠେ—ନୀରସ ପ୍ରାଣ ମୋର ଅତି ଦୁଇଟାରେ ଚଲି କରି ଯୋଗାଡ଼ ଦେଇ ସନ୍ଧାନ କରେ କାହାକୁ ... ... କିନ୍ତୁ ପାଏ ନାହିଁ ...... ତା ପରେ ମନଟା ମୋର ଲଗାମ ଛିଡ଼ା ଘୋଡ଼ା ପରି ହୋଇ ଉଠେ, କେତେ ଅଶିରେ ପଡ଼ନ୍ତି ଉଭେଇ ଯାଆନ୍ତି ମୋତେ ଜଣା ପଡ଼େ ସମସ୍ତେ ଯେପରି engaged.

(୨)

ସେଦିନ ଡିଉଟି ଥାଏ ମୋର 6. UP. ରେ...ନିତ୍ୟ ନୈମିତ୍ତିକ ଡିଉଟି ମୋର କରି ଚାଲିଛି ଠିକ ଯନ୍ତ୍ର ଚାଳିତ ପରି—ଟ୍ରେନ୍ ଛୁଟି ଚାଲିଛି—ମେଦିନୀପୁରରୁ ଲୋକ ଭର୍ତ୍ତି Compartment ଗୁଡ଼ା Over loaded। ତଥାପି ନିସ୍ତାର ନାହିଁ—ଫୁଟ୍‌ବୋର୍ଡ଼ ଉପରେ ବାଦୁଡ଼ି ପରି ଝୁଲି ରହି-ଛନ୍ତି। ମୋତେ ଦୟା ମାଡ଼ିଲା ତାଙ୍କ ଅବସ୍ଥା ଦେଖି—ତା ସାଙ୍ଗେ ସାଙ୍ଗେ ମନରେ ଆସିଲା ଦୁଃଖ, ଗଣ୍ଡାଏ ଚାଉଳ ପାଇଁ କାହିଁ କେତେ ଦୂରରୁ ସୁଦୂର ବଙ୍ଗଳାରୁ ସେମାନେ ଧାଇଁ ଆସିଛନ୍ତି ଗଣ୍ଡାଏ ଚାଉଳ ପାଇଁ—ବର୍ତ୍ତମାନ ସୁଦ୍ଧା ତାଙ୍କ ଦେଶରେ ଲୋକେ ଆମକୁ କହୁଥାନ୍ତି "ବେଟା ଉଡ଼େ" ଘୃଣାରେ ନାକ ଟେକନ୍ତି ଯେମାନେ ଆଉ ଭାବନ୍ତି ଆମର ନିଜର କିଛି ନାହିଁ କେବଳ ତାଙ୍କର ପାଳଟା ଲୁଗା ଧୋଇବା ଆମର କାମ। କିନ୍ତୁ ବିସ୍ମୃତ ତାଙ୍କର ସେ ଗର୍ବ ଆଜ ଭାଙ୍ଗି ଦେଇଛି। ସେମାନେ ହଜାର ହଜାର ସଂଖ୍ୟାରେ ଧାଇଁ ଆସିଛନ୍ତି ଆମର ଓଡ଼ିଶାକୁ ଗଣ୍ଡାଏ ଚାଉଳ ପାଇଁ। ଓଡ଼ିଶାର ନିଜର ଖାଇବାକୁ ନାହିଁ ତଥାପି ତାଙ୍କୁ ଦେଇଛି ଅନେକ। × × ×

Digitized by srujanika@gmail.com

ମୋ ଭାବନାରେ ବାଧା ଦେଇ ଟ୍ରେନ୍‌ଟା ଝନ୍‌ଝନ୍ ହୋଇ ଅଟକି ଗଲା, ଭଦ୍ରକ ଷ୍ଟେସନରେ। ଭାବିଲି ଟିକେ ସବୁ କମ୍ପାର୍ଟମେଣ୍ଟରେ ଆଖି ପକାଇ ଦେବି ବୋଲି........ ଟ୍ରେନ୍ ଚଂଚଳ ପ୍ଲାଟଫର୍ମ ବୁଲିଗଲି ଇଞ୍ଜିନ୍‌ଠାରୁ ଗାର୍ଡ ରୁମ ପର୍ଯ୍ୟନ୍ତ। ମୋ ଆଖି ପଡ଼ିଗଲା ଗୋଟିକିଆ ଗୋଟାଏ ସେକେଣ୍ଡ କ୍ଲାସ ବେଟମେରରେ ଫିମେଲ କମ୍ପାର୍ଟମେଣ୍ଟ, ଜଣେ ମାତ୍ର ଯୁବତୀ, ଦେଖିଲେ ମନେ ହୁଏ ବୟସ ୨୦।୨୧ ହେବ। ବେଶ୍ up to-date। ଦୁଇଟି ସାରା କଳା ବେଣୀ ସତେକି ଫଣୀ ପରି ଝୁଲି ପଡ଼ିଛି ଛାତି ଉପରକୁ। ନେଳୀ ଜର୍ଜେଟ ଶାଢ଼ୀ ଉପରେ ନାଲି ବ୍ଲାଉଜଟା ଚକ୍ ଚକ୍ କରି ଉଠୁଛି। କାନରେ ଦୁଇଟା ସୁନାର ଫୁଲ, ହାତରେ ଦୁଇପଟ ସୁନାର କାଚ, ଉଦାସ ନୟନରେ ସେ ଚାହିଁଛି କାହିଁ କେତେ ଦୂରକୁ ଝରକା ଭିତର ଦେଇ, ହାତରେ ତାର ଖଣ୍ଡିଏ 'ଝଙ୍କାର'।

ଗାର୍ଡ ହୁଇସିଲ୍ ବାଜି ଉଠିଲା—ଡିସ୍‌ଟାଣ୍ଟ ସିଗ୍‌ନାଲରେ ନେଳିଆ ଆଲୁଅ ଦେଖାଗଲା। ଗାଡ଼ି ଆଗକୁ ଚାଲିଲା—ମନ ଭିତରେ ମୋର ଉଠିଲା ଅଶେଷ ଭାବନାର ଝଡ଼। ସତେ କ'ଣ ଏଇ ମୋର ମାନସୀ, ଷୋଡ଼ଶୀ ରୂପସୀ, କିନ୍ତୁ କଥା କହିବାର ସୁଯୋଗ ନାହିଁ। ସେ ମୋର ଏତେ ପାଖରେ ଅଥଚ କେତେ ଦୂରରେ—ରାତିରେ ଲେଡ଼ିଜ୍ କମ୍ପାର୍ଟମେଣ୍ଟ ଅନ୍ଧାରୀ, ଜଣେ ମାତ୍ର ଯୁବତୀ। ଯିବାପାଇଁ ସାହସ ହେଉନି ଭିତରକୁ + + + +

ଅନେକ ଭାବି ଭାବି ଠିକ୍ କଲି ନା ଯିବି ଭିତରକୁ। ଭଲ ପାଇବାକୁ ହେଲେ Adventure ଦରକାର। ତା ନ ହେଲେ ସେ କାହିଁକି ବୁଝିବ ଯେ ମୋ ପ୍ରାଣ ଭିତରେ ତା ପାଇଁ ଦରଦ ଫୁଟି ଉଠିଛି। ଆଉ ଷ୍ଟେସନରେ ଗାଡ଼ି ରହୁ ରହୁ ପ୍ଲାଟଫର୍ମ ଗଲି ସେ କମ୍ପାର୍ଟମେଣ୍ଟ ପାଖକୁ। ସେ ସେତେବେଳେ 'ଝଙ୍କାର' ପଢ଼ିବାରେ ଏକାବାରେ ବ୍ୟସ୍ତ। ଛୋଟ ଷ୍ଟେସନଟାଏ। ଗୋଟାଏ ମିନିଟ୍ ପରେ ଟ୍ରେନ ଛାଡ଼ିଲା, ମୁଁ ଫୁଟବୋର୍ଡ ଉପରେ ଠିଆ ହୋଇ ପଞ୍ଚଂମେସିନ୍‌ରେ ଠକ୍ ଠକ୍ କଲି।

ସେ ଚମକିଲା ପରି ହୋଇ ଚାହିଁଲା ବାହାର ଆଡ଼କୁ। ତାର ବୋଧହୁଏ ଭ୍ରମ ହେଲା 'ମୁଁ କିଏ ?' ମୋ କୋଟ କଲର ଉପର ବେଜଟାରେ ଆଲୁଅ ପଡ଼ି ଚକ୍ ଚକ୍ କରୁଥାଏ। ସେ ଟିକେ ସଂକୁଚିତା ହେଲା ପରି ଜଣା ପଡ଼ିଲା—ତାପରେ ମୁଁ ପଚାରିଲି, "May I come in।" ସେ ହସି ହସି କହିଲା, "ଆସନ୍ତୁ ନା"

ଟ୍ରେନ ଚାଲିଥାଏ ଅବିରାମ ଗତିରେ। ମୋତେ ଜଣା ଗଲା ଦକ୍ଷିଣବା ବୋଇଛି ଧ୍ରୁବତାରାର ସନ୍ଧାନ ପାଇଲା ପରା। ସେ ନିଶ୍ଚୟ ମୋତେ ଭଲ ପାଇଛି ମାନେ Love at the first sight ତା ନ ହେଲେ ଏ ହସର ମାନେ କ'ଣ ହୋଇପାରେ।

ସେ କବାଟ ଖୋଲିଦେବା ସାଙ୍ଗେ ସାଙ୍ଗେ ମୁଁ ଅତିବେଗରେ ଉଠିଗଲି ଭିତରକୁ। ମନରେ ମୋର ସେତେବେଳେ ଉଠୁଥିଲା ଭବିଷ୍ୟତ ଜୀବନର କେତେ ସୁନେଲି ସ୍ୱପ୍ନ।

× + × +

କି ସୁନ୍ଦର ପରମ ସୁହାଣୀ—ମନରେ ମୋର ଆଶା ଉଙ୍କି ମାରି ଉଠିଲା—ସତେ କଅଣ ଏଇ ମୋର ମାନସୀ !

ସେ ତା ଟିକେଟ୍‌ଟା ବଢ଼ାଇ ଦେଲା। ମୁଁ ଚେକ୍ କରି ତାକୁ ପଞ୍ଚ୍ କରି ଦେଇ ସାରି ଦେଖିଲି ହାଫ୍ ଟିକେଟ୍ ଟାଏ।

କଥା କହିବାକୁ ସୁଯୋଗ ମିଳିଲା × × ×

ମୁଁ ପଚାରିଲି "ଆପଣଙ୍କର ହାଫ୍ ଟିକେଟ୍ ?"

ସେ କହିଲା "ନିଶ୍ଚୟ" ମୁହଁରେ ତାର ଠିକ୍ ସେମିତି ହସ ମୋତେ ବି ଭାରି ହସ ମାଡ଼ିଲା ତାର ବାଲ୍ୟ ଚପଳତା ଦେଖି।

ମୁଁ କହିଲି 'କିନ୍ତୁ ଆପଣଙ୍କର ହାଫ୍ ହେବନି"

ସେ—"କାହିଁକି ହେବନି ?"

ମୁଁ—"ବାର ବର୍ଷ ପର୍ଯ୍ୟନ୍ତ ହାଫ୍ ଟିକେଟ—"

ସେ କଥାରେ ଜୋର ଦେଇ କହିଲା; "ମୋର କଣ ଦେଖି କହୁଛନ୍ତି ଯେ ମୋ ବୟସ ବେଶୀ ଏବଂ ହାଫ ଟିକେଟ ହେବନି।"

ଭାବୁଥିଲି "କଅଣ ଦେଖି କହୁଛ ଯେ ହାଫ୍ ଟିକେଟ ହେବନି ବୋଲି" କହିଦେବି ତା ଆଗରେ, ଆପେ ଆପେ ଅଟକି ଗଲି; ରାଗ ହେଲା ରେଲୱେ କୋମ୍ପାନୀ ଉପରେ ଫିମେଲ ଟି. ଟି. ସି. ରଖୁନି କାହିଁକି ?

Digitized by srujanika@gmail.com

ସେ ପୁଣି କହିଲା "କି ଟ୍ରେପ ହେଲେ ଯେ !"

ମୁହଁରେ ତାଙ୍କ ଯେଉଁ ଚପଳ ହସ ମୁଁ ଜଣେ ଯୁବତୀ ଆଗରେ ଏତେଦୂର ଅପ୍ରସ୍ତୁତ ହେବି ବୋଲି ଆଶା କରି ନ ଥିଲି, ମନରେ ଆସିଲା ରାଗ, ଟି: ଟି: ସି ର କାରାମତି ଇଏ ଜାଣି ନାହିଁ ପରା । ଗାଡ଼ିରେ ଯଦି ମନୁଷ୍ୟର ଭିଡ଼ ଥାଏ ତାହାହେଲେ ଏଇ T. T. C. ଗୁଡ଼ାକୁ । ସେମାନଙ୍କ ଉପରେ ବନାହିବେଙ୍କ୍ ବାଲି ଅସ୍ତ୍ରାସ୍ତ୍ର ନେଇ ଥାନ୍ତି ପାଇଖାନାରେ ବା ବେଞ୍ଚ ତଳେ । କିନ୍ତୁ ସାମାନ୍ୟ ଜଣେ ଯୁବତୀର ଅପମାନ ସହିବା ଦୁଷ୍କର ।

ମୁଁ କହିଲି "ଆପଣ ଟିକେଟ୍ ଚେଞ୍ଜ କରିବେ କି ନାହିଁ ମୋତେ କହନ୍ତୁ, ତା ନହେଲେ ବଡ଼ ବ୍ୟସ୍ତରେ ପଡ଼ିବେ—"

ସେ ମିନତି ଭରା କଣ୍ଠରେ କହିଲା "kindly change କରି ଦିଅନ୍ତୁ ମୁଁ ଚାର୍ଜ ଦେଇ ଦେଉଛି ।"

ମୋର ଜଡ଼ାପଟ ହେବାର ଦେଖି ବିଜୟ ଗର୍ବରେ ଟିକେଟ୍ ବୁକ୍ କାଢ଼ି ଚାର୍ଜ କରି ବସିଲି । Excess ଇତ୍ୟାଦି ସବୁ ମିଶି ଠିକ କଲି ଟ ୧୦୪ ତା ପରେ ସେ ମୋ ହାତରୁ ଟିକେଟ୍ ଆଉ ତାର ରସିଦ୍ ଖଣ୍ଡ ନେଇ ଦେଖିଲା ତା ପରେ କହିଲା "ଧନ୍ୟବାଦ ।"

ମୁଁ କହିଲି "ଟଙ୍କା"

ସେ କହିଲା "ଦେଉଛି"

ଏତିକି କହି ଚାଲିଗଲା ଦୁଆର ପାଖକୁ ତା ପରେ ଏଲାର୍ମ ଚେନ ଉପରେ ହାତ ଦେଇ ହସି ଉଠିଲା ହୋ ହୋ ହୋଇ—

ମୁଁ ଚମକି ପଡ଼ିଲି । ତାପରେ କହିଲି "ଇଅ ମାନେ !" ସେ କହିଲା "ମାନେ ତ ବେଶ ପରିଷ୍କାର, ମୁଁ ଏକ୍ସଟ୍ରା, ପୁଣି ଫାଇଟ ପାସେଂଜର, ଲେଡ଼ିଜ୍ କଂପାର୍ଟମେଣ୍ଟ ରାତି ବାରଟା ତୁମେ ଭିତରକୁ ଆସି ମୋ ଉପରେ ଅତ୍ୟାଚାର କରିବାକୁ ବସିଛ ! କୋଉ ରେଲୱେର୍ ଆଇନରେ ଏତିକି ଅଛି ।

ମୁଁ ଚଟ୍‌କିରି ଫେରି ପଡ଼ିଲି ବାସ୍ତବ ଜଗତକୁ । ମୋ ମୁଣ୍ଡ ବୁଲାଇ ଦେଲା—ଗୋଟାଏ ବଡ଼ cheating, କିନ୍ତୁ ଉପାୟ ନାହିଁ । କେହି ବିଶ୍ୱାସ କରିବେ କି ମୋ କଥା, ହୋଇପାରେ ମୁଁ T. T. C କିନ୍ତୁ ଏତେ ତ ଅଧିକାର ମୋର ନାହିଁ, ମୋର ହୋସ୍ ହେଲା—

ପୁଣିଥରେ ସେ ହସି ଉଠିଲା ହୋ' ହୋ' ହୋଇ ମୋ ପଞ୍ଜରା ଭେଦ କଲା ସେ ହସର ଢେଉ ।

ଟ୍ରେନ ବନ୍ଦ ହେଲା......ଆଗରେ ଗୋଟାଏ ଷ୍ଟେସନ୍ ।

ମୁଁ ଚଟ୍‌କିରି ଓହ୍ଲାଇ ପଡ଼ିଲି ତଳକୁ × ×

ମୋ କାନରେ ବାଜିଲା ଗୋଟାଏ ଖିଲି ଖିଲି ହସର ଅଓ୍ୱାଜ୍ ଆଉ Excuse me please.........

ଟ୍ରେନ ପୁଣି ଚାଲିଲା ଆଗକୁ—

— * —

( କାହାଣୀ ୭ମ ପୃଷ୍ଠା ଉତ୍ତାରୁ )

ଉତ୍ତରରେ କହିଲା, "ନ ଆସିବାର କି କାରଣ କ'ଣ ଘଟିଛି କି ?" ଲଳିତା ଦେବୀ ମୁହୂର୍ତ୍ତେ ମାତ୍ର, ଜ୍ଞାନଶୂନ୍ୟ ପ୍ରାୟ ଛିଡ଼ା ହୋଇ ପରେ ରଜତର ଦୁଇହାତ ଗୁଡ଼ିଧରି କାନ୍ଦି ପକାଇଲେ । କହିଲେ "ରଜତ ମୁଁ ଜାଣିଥିଲି ତମେ ତମ ଅସତୀ ଭଉଣୀକୁ କ୍ଷମା କରିବ । ମୋର ଏଇ ଧାରଣା ଥିଲା । ତା ନହେଲେ ମୁଁ ମୋ ଅନ୍ତରର କୁତ୍ସିତ ବ୍ୟାଧି ତମ ଆଗରେ ମୋଟେ ମେଲି ଧରି ନଥାନ୍ତି ! ରଜତ କହିଲା ଅପା, ମୁଁ ପରା ତମ ସାନ ଭାଇ ? ଦୋଷଗୁଣ ବିଚାର କରିବା'ତ ମୋ କାମ ନୁହେଁ ।—ଦୋଷ ଗୁଣ ନେଇ ତ ତମେ ମୋ'ର ଅପା । ତା' ଛଡ଼ା ଯେ ତମର ଅନ୍ୟ ସ୍ୱାତନ୍ତ୍ର୍ୟ—ଅନ୍ୟ ପରିଚୟ ନାହିଁ ।" ଲଳିତା ଦେବୀ ନିଜକୁ ସଂଯତ କରି, ରଜତର ଚିବୁକ ସ୍ପର୍ଶ କରି ପରମ ସ୍ନେହରେ କହିଲେ, "ଯା, ଅନେକ ରାତି ହେଲାଣି, କାଲି ଆସିବୁ" ।

ରଜତ ଅନ୍ୟ ମନସ୍କ ଭାବରେ, ସାରା ରାସ୍ତା ଚାଲିଲା । ବିଛଣାରେ ଶୋଇ କେବଳ ସେଇଟିଏ କଥା, ପୁନଃ ପୁନଃ ଭାବିବାକୁ ଲାଗିଲା । ନାରୀର କଦର୍ଯ୍ୟ କୁତ୍ସିତ ରୂପର ଅନ୍ତରାଳରେ, ଯାହା ଛବି ସେ ଆଜି ଦେଖିଲା, ସେ କୌଣସି ରୂପସୀର ଅନ୍ତରର ଛବି ସଙ୍ଗରେ କଣ ତା'ର ତୁଳନା ହୋଇ ପାରେ ନା ? ମୂଲ୍ୟ ହୁଏତ ଅଧିକ ହୋଇ ନ ପାରେ—ସମାନ ହୋଇ ପାରେ; କିନ୍ତୁ ତୁଚ୍ଛ ବା ହୀନ ତ ହେବ ନାହିଁ ।—ନାରୀର ଅନ୍ତଃତଳେ ଏକ ପୂତ ଧାରା !—

## ଭ୍ରମ ସଂଶୋଧନ

ଗତ ସଂଖ୍ୟା 'ଡଗର' (୭ମ ସଂଖ୍ୟା) ପ୍ରଶ୍ନର ପରୀକ୍ଷକଙ୍କ ନାମ ଆର, ଏମ୍, ଦାସ ( R. M. Dns ) ନ ହୋଇ ଜି, ସି, ମହାପାତ୍ର (G. C. Mahapatra) ହେବ ।

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ *

( ମଡାର୍ଣ୍ଣ ଚମ୍ପୂ )          କାନ୍ତ-କବି ବିରଚିତ

## ( ତ )

(ସଖିରେ) ତୋ ଯୌବନ ତରକା ଚୋକା
 ମୋ ମରଜ କଟିଲାରେ ।
ତଳେ ହେଲେ କାନେ ତାର
 (ମୋ) ଅରଜ ନ ପଶିଲା ରେ । ଘୋ ।

ତୁହା ତୁହା ହୋଇ ତାହୁ  ତୁତୁକାର କରି କହୁ
 ତମ୍ପଭଳି ଆସି ତଣ୍ଡ ଦାନ୍ତେ ଦାନ୍ତ ଘର୍ଷିଲାରେ ।
ତେଜକଟା ତାହାର ଦେଖି  ତରସି ଗଲି ମୁଁ ସଖି
 ତରାଟି ଦଅନ୍ତେ ଆଖି ଲଞ୍ଜଟେକ ଖସିଲାରେ ।
ତୁହି ତ ତଳେ କାତ  ତହିଁରେ ପୁଣି ଯୁବତୀ
 ତରଳ ଜାଣି ତୋ ମତ ରଡପଡ ଧର୍ଷିଲାରେ ।
ତୋଡମୁହାଁ ଚୋକାଟାଏ  ତାଡ୍ଡ ଖାଇ ବୁଲୁଥାଏ
 'ତୋବା ତୋବା !' ତାକୁ କାହିଁ
 ତୋ ମନଟା ରସିଲାରେ ?

ସଖି, ତୋ କଥାରେ ପଡ଼ି ତ ତାହାଠାକୁ ଗଲି । ଯାଇ କି ଅପମାନଟା ଯେ ପାଇଲି ତାହା ତୁ କେମନ୍ତେ ଜାଣିବୁ । ଝଙ୍କ ମାଇଲା, ଧୂଅଁ ଖାଇଲା, ଆଉ ଏଭଳିଆ କଥାରେ ମଣିବ ନାହିଁ । ପହିଲୁ ମୋତେ ସେ କେତେ ବାଗରେ ପରଖି ନେଲା, କିନ୍ତୁ ଶେଷରେ ନିଜରୂପ ଦେଖାଇ ଯଉଁ କଠୋର କଥା କହିଲା, ଆଉ କେହି ହୋଇଥିଲେ ଦୂବଗଛରେ ଦଉଡ଼ି ଦଅନ୍ତା । ମୁଁ ତୋଠାରେ ଏ ବେହିଆ ମୁହଁ ଦେଖାଇବାକୁ ଆସି ଥାଆନ୍ତି ନାହିଁ; କେବଳ ତୁ ମୋର ଅତି ପ୍ରିୟ-ସଖି ବୋଲି ଭଲ କଥା ପଦେ କହି ତୋତେ ସାବ-ଧାନ କରି ଦେବାକୁ ଆସିଲି । ଛି, ଛି—ଏ ଆଶା ଛାଡ଼ିଦେ, ନୋହିଲେ ଶେଷରେ କାନ୍ଦି କାନ୍ଦି ଦିନ ସରିବ ନାହିଁ । ତତଲ ପାଣିରେ ଗୋଡ଼ ପୁରାଇଲେ କଣ ହୁଏ ଜାଣିଛୁ ତ !

ଏହା ଶୁଣି ଲକ୍ଷଣି ନବୀନା ସ୍ୱାଧୀନାଙ୍କ କୋଳରେ ଢଳି ପଡ଼ିଲେ ଓ ତାଙ୍କ ସ୍କନ୍ଧ ଉପରେ ମଥା ରଖି କାନ୍ଦିବାକୁ ଲାଗିଲେ ।

## ( ଥ )

ଥାପିରେ କହ ତଥାପିରେ ପ୍ରିୟସଖି
 ଥିବକି ଛାଡ଼ିବ ପ୍ରାଣ ।
ଥର ଥର ହୋଇ  କମ୍ପୁଅଛି ଦେହ
 ଖମ୍ପିବାରୁ କାମ ବାଣ । ୧ ।
ଥିର ଅଣାଚଖି  ଥିଲି ତୋହଠାରୁ
 କରିବୁ ବୋଲି ତ୍ରାଣ । ୨ ।
ଥର ଥର ହୋଇ  ଥପ୍ପ ନ ଧରୁଛୁ
 କଥା କହୁ ଠାଣି ଠାଣି । ୩ ।
ଥକାରେ ଯାଉଛି  ଶୋଚ ପିବ, ହୋଇ
 ନ ପାରିବ ହରଣି । ୪ ।
ଥାକରେ ରହୁଛି  ଲୋବନରୁ ଜବା
 ଥୋପାକାଏ ତହିଁରୁ ଆଣି । ୫ ।
ଥୋଇଦିଅ ମୋର  ଥୋମଣି ଉପରେ
 ପକାଉଛି ସହୁ ରାଣି । ୬ ।

ସଖି ତୋ କଥା ଶୁଣି ମୋର ମରିବାକୁ ମନ ହେଉଛି । ତୁ ଯେତେ କବର୍ତ୍ତିଲେ କଣ ହେବ, ଅଉନିବର୍ତ୍ତିବାକୁ ବାଟ ନାହିଁ । ପ୍ରେମର ଉଚ୍ଛ୍ୱାସ ଭିତ-ରେରୁ ହାବୁକା ମାରି କଲିଜା ପାଏ ବାନ୍ଧି ଦେଲାଣି । ମୋତେ ଶାନ୍ତିରେ ମରିବାକୁ ଦିଅ, ସଖି । ମାତ୍ର ଯଦି ମୋର ଇଚ୍ଛା ଉଚିତ ବୋଲି ମନେ କରୁ, ଅର୍ଥାତ୍ ଏଥି ରହିଲେ ମୋର ଆଶା ପୂରଣର ସମ୍ଭାବନା ଅଛି ବୋଲି କହୁ, ତେବେ ମୁଁ ମୂର୍ଚ୍ଛା ଗଲେ ଯାହା କରିବୁ କହି ରଖିଥାଏଁ ଶୁଣ । ମୁଣ୍ଡରେ ଉଉଡିକଲୋନ ଓ ice bag ଦେବୁ, ନାକରେ Smelling salt ଶୁଙ୍ଘାଇବୁ ଓ ସେଥିରେ କିଛି ନ ହେଲେ Vinum galiei ଟିକାଏ ଟିକାଏ ଖୁଆଇବୁ । ତହିଁରେ soda water, ଟିକାଏ ମିଶାଇବାକୁ ଭୁଲିବୁ ନାହିଁ ଟି !

( କ୍ରମଶଃ )

* Reproduction in part or full is strictly protibited.

Digitized by srujanika@gmail.com

# କାଳିଆ ବଳଦ ଗାଲ୍ପା ଗାଲ୍ପା............

ସଂଗ୍ରହକ—ଶ୍ରୀ ଦେବ ପଦ୍ମାପାଣି

ଭୂଗୋଳ ଶିକ୍ଷକ—ଯେତେବେଳେ ପାଣି ବରଫ ହୋଇଯାଏ କଣ ବିଶେଷ ପରିବର୍ତ୍ତନ ଘଟେ ?

ଛାତ୍ର—ଭଲ୍ୟୁ ବଢ଼ିଯାଏ ।

\+ + ×

ଗୋବିନ୍ଦ—ତମେ ଯଦି ଜାଣିଚ କିଏ ତୁମର ସାଇକେଲ ନେଇଯାଇଛି ତେବେ କାହିଁକି ଯାଇ ନେଇ ଆସୁନ, କିମ୍ବା ତାକୁ ଧରି ପକେଇ ଦେଉନ ?

ଗୋପାଳ—ମୁଁ ଖାଲି ଅପେକ୍ଷା କରିଛି ସେ ଟାୟାର ଦିଟା ବଦଳେଇବା ଯାଏଁ ।

× + ×

ଅଜା ତାର ନାତୁଣୀକୁ କହୁଥିଲେ, "ଆଜିକାଲି ଝିଅଙ୍କର ଲାଜ ସରମ ବୋଲି କିଛି ନାହିଁ । ଆମ ବେଳର କଥା ଥିଲା ଭିନ୍ନ ।"

ନାତୁଣୀ କହିଲା, "ଅଜା, ତମେ ତାଙ୍କୁ କଣ ସଚ୍ଚୁ କହୁଥିଲ କି ?"

× + ×

ପୁଅ—ବାପା, ଆଜି ଆମ ମାଷ୍ଟ୍ରେ ଆମକୁ ଶିଖାଉଥିଲେ ଟଙ୍କା କିପରି ଖର୍ଚ୍ଚ କରିବାକୁ ହୁଏ ।

ବାପ—କେତେଦିନ ଗଲେ ସେ ସଞ୍ଚୟ ପଦ୍ଧତି ଶିଖେଇବେ ।

× + ×

ଡ୍ରାଇଭର—(ଯାହାକୁ ଧକ୍କା ଲଗାଇ ଦେଇଚି) ଏଇଟା ତୋର ଭୁଲ, ତୋର ଦୋଷ । ମୁଁ ଦଶ ବର୍ଷ ହେଲା ମୋଟର ଚଳାଇ ଆସୁଚି, ମୁଁ ଠିକ ଜାଣେ ଏ ବିଷୟରେ ।

ପଥିକ—ମୁଁ ବି ନୂଆ ଶିଖାଳି ନୁହେଁ । ମୁଁ ପଚିଶ ବର୍ଷ ହେଲା ଚାଲି ଆସୁଚି ।

\+ + ×

ଭୋଜି ସରିଲା ପରେ ଗପୁଡ଼ି ଲୋକଟି ଢେକୁରା ଦେଇ ଦେଇ କହିଲା, "ମୁଁ ଯଦି ଅଧିକ ଖାଇ ଥାଆନ୍ତି ତ କଥା କହି ପାରନ୍ତିନି ।"

ପଛରୁ ଜଣେ କିଏ କହି ଉଠିଲା, "ହେ, ତାକୁ ଆଉ ଦୁଇଗୋଟା ଲଡୁ ଦିଅ ।"

\+ × +

କାମ ସାରି ଡାକ୍ତର ଟିକିଏ ବିଶ୍ରାମ କଲାବେଳକୁ କବାଟରେ କେହି ଜଣେ ଖୁବ୍ ଜୋରରେ ଆଘାତ କଲା । ଡାକ୍ତର ଉଠି ପଡ଼ି ପଚାରିଲେ, "କିଏସେ ? କଣ ଲୋଡ଼ା ?"

ଲୋକଟି କହିଲା, "ମୋତେ ଗୋଟାଏ କୁକୁର କାମୁଡ଼ି ଦେଇଚି ।"

ଡାକ୍ତର—ତମକୁ କଣ ଜଣାନାହିଁ ଯେ ମୋର ରୋଗୀ ଦେଖିବା ସମୟ ୧୨ଟା ଠାରୁ ୩ଟା ଭିତରେ ।

ଲୋକ—ମୁଁ ଜାଣେ କିନ୍ତୁ କୁକୁର ଜାଣି ନଥିଲା । ବାର ବାଜିବାକୁ ଦଶ ମିନିଟ ଅଛି ସେ ମୋତେ କାମୁଡ଼ି ଦେଲା ।

\+ × +

ହେମି—ମୁଁ ଶୁଣିଲି କାଲି କୁଆଡ଼େ ବିପିନ୍ ତତେ ଚୁମା ଦେଲା !

ପେମି—ନାହିଁ ତ, ତାଛଡ଼ା ସେ ତ କାହାରିକୁ କହିବ ନି ବୋଲି ପ୍ରତିଜ୍ଞା କରିଥିଲା ।

Digitized by srujanika@gmail.com

# ଓଡ଼ିଆ ଭାଇ ପ୍ରତି

—ମଜାକବିତା—

ଲେଖକ:—ଶ୍ରୀ ହରିବନ୍ଧୁ ନାୟକ

କାନ୍ଦୁ କିମ୍ପା ଅଜ୍ଞ ଓଡ଼ିଆ ଭାଇରେ ନ ପାଇ ମୁଠାଏ ଭାତ,
ତୋ ଦେଶେ ପରାରେ ବିଜେ କରିଛନ୍ତି ଚକାଡୋଳା ଜଗନ୍ନାଥ । ୧
'ଛପର ଫାଡ଼ିକି ନ ଦେବାଛୁ ଖୋଦା' କିମ୍ପା ତୁ କରୁଛୁ ଖେଦ,
ହନୁ ଦୀନତାର କରନ୍ତି ଭକ୍ତକୁ ଶ୍ରୀ ପ୍ରଭୁ ହୋଇଲେ ତୋଷ ।।
ପୁଷ୍ଟିକର ଖାଦ୍ୟ କଥା ଗୁଡ଼ ଭାଇ ତୁଚ୍ଛା ମୁଠେ ଶାଗ ଖାଇ,
ଠିକ୍‌ଏ ହେଲେ ତ ପ୍ରଜନନ ଶକ୍ତି ଊଣା ତୋର ହୋଇନାହିଁ ।
ଦୀନତା ତୋହର ଆଶୀର୍ବାଦ ସିନା ଦେଖୁ କାହିଁ କ୍ଷୋଭ କର.
ଜନ ସୁମାରିରେ ତୋ ସଂଖ୍ୟା ବଢ଼ିଛି ଫଙ୍ଗପାଳ ଦଳପରି
ତୋ ଦେଖୁ ବଙ୍ଗକୁ ଧାନ ବସ୍ତାଣିରେ ଦୋଷୁ ତୁ ମନ୍ତ୍ରୀଙ୍କୁ କାହିଁ ?
ନ ଖାଇ ନ ପିଇ ପରକୁ ଦେବାଠା ସିନା ଉଦାର ପଣିଆ ।
ଖାଇବାକୁ ତୁ ତ ବଞ୍ଚିରହୁ ନାହୁଁ ଖାଉ ତୁ ବଞ୍ଚିବା ପାଇଁ,
ତା! ଯଦି ନ ହେଲା ଆନନ୍ଦେ ମରରେ ପରକୁ ଭୁଜୁଲା ଦେଇ ।
ସ୍ୱାଧୀନତା, ଧନ, ମାନ, ଖ୍ୟାତି ଆଜି ପାଇଁ ନ ବଳାଅର ମନ,
ଯେ ଛିମିରେ ଅଛୁ ସେ ଛପିରେ ଥାଇ କର ନାମ ସଂକୀର୍ତ୍ତନ ।
ଦେଶ ପରିସ୍ଥିତି ଦର୍ଶନେ ଯଦ୍ୟପି ଉଚ୍ଛୁକି ଉଠୁଛି କୋହ,
ଯା' ଖାଉ ତା ଠାରୁ ବେଶି ବେଶି କରି ଅଫିମ ଚଢ଼ାଇ ଖାଅ ।
ଭୋଲ ହୋଇ ଗଲେ କିଛି ନ ଦେଖିବୁ, ସପନ ରାଇଜେ ଚରି,
ମର୍ତ୍ତ୍ୟେ ଥାଇ ସିନା ଅମର୍ତ୍ତ୍ୟ ଆନନ୍ଦ ଭୁଞ୍ଜିବୁରେ ପ୍ରାଣ ଭରି ।
ଓଡ଼ିଆ ଭାଇରେ ଭଲ ଚାହୁଁ ଯଦି ମୋ କଥାଟି ଠିକ କର,
ସ୍ୱାର୍ଥତ୍ୟାଗ କର ପର ଉପକାରେ ଧାନ ବାଣ୍ଟି ଦିଅ ତୋର ।
ଜୀର୍ଣ୍ଣ ଶୀର୍ଣ୍ଣ ହୋଇ, ଅନାହାରେ ଥାଇ, ପେଟେ ଓଦାକନା ଦେଇ
'ରାମ ନାମ ସତ୍ୟ' ଗାଇରେ ଓଡ଼ିଆ ନାଚୁ ଥାଅ ଧେଇ ଧେଇ ।

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

ଉଦ୍ଦେଶ୍ୟ—

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨। ଉପରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

## ଦେଶପ୍ରାଣ କବି ମିଲଟନ୍

ପ୍ରିୟ ନାଗ ଭାଇ ଓ ଭଉଣୀମାନେ !

ତୁମ୍ଭେମାନେ ଏଥିମଧ୍ୟରେ ଅନେକ ମହାପୁରୁଷଙ୍କ କଥା ଶୁଣିଲଣି । ଆଜି ମୁଁ ମଧ୍ୟ ସେହିପରି ଜଣେ ମହାପୁରୁଷଙ୍କ କଥା ତୁମମାନଙ୍କୁ କହିବି । ସେ ହେଉଛନ୍ତି ଜନ୍ ମିଲଟନ୍ । କବି ମିଲଟନ୍ ୧୬୦୮ ଖ୍ରୀଷ୍ଟାବ୍ଦରେ ଲଣ୍ଡନରେ ଜନ୍ମିଥିଲେ । ବାଲ୍ୟକାଳରେ ସେ St. Pauls school ରେ ଅଧ୍ୟୟନ କରିଥିଲେ ଏବଂ ତତ୍ପରେ ଉଚ୍ଚଶିକ୍ଷା ନିମିତ୍ତ କେମ୍ବ୍ରିଜକୁ ଗଲେ । ଏହି ସମୟରେ ସେ ଲାଟିନ୍ ଭାଷାରେ ଅନେକ କବିତା ରଚନା କରି, ଜଣେ କବି ବୋଲି ସୁଖ୍ୟାତି ଅର୍ଜ୍ଜନ କରିଥିଲେ । ୧୬୨୯ ରେ ସେ ବି: ଏ: ଏବଂ ୧୬୨୯ ରେ ଏମ୍: ଏ: ପାଶ କରିଥିଲେ । ତାଙ୍କର ସୁବିଖ୍ୟାତ କବିତାବଳି ମଧ୍ୟରୁ ସେ ଅଧିକାଂଶ ଛାତ୍ର ଜୀବନରେ ରଚନା କରିଥିଲେ ।

ମିଲଟନ୍‌ଙ୍କ ଜୀବନର ଦ୍ୱିତୀୟ ଅଧ୍ୟାୟ ଦେଶ ସେବାରେ ଅତିବାହିତ ହୋଇଥିଲା । ୧୬୩୮—୩୯ ମସିହାରେ ସେ ୟୁରୋପ ଭ୍ରମଣରେ ଥିବା ସମୟରେ ଇଂଲଣ୍ଡରେ ଗୃହ ବିବାଦର ସୂତ୍ରପାତ ହୁଏ । ଏହି ସଂବାଦ ପାଇ ସେ ସ୍ୱାଧୀନତା ପାଇଁ ସଂଗ୍ରାମ କରିବାକୁ ସ୍ୱଦେଶକୁ ବାହୁଡ଼ି ଆସିଲେ । ଧର୍ମ, ରାଜନୀତି ଏବଂ ଗାର୍ହସ୍ଥ୍ୟରେ ସ୍ୱାଧୀନତା ତାଙ୍କ ଜୀବନର ମୂଳମନ୍ତ୍ର ଥିଲା । ତେଣୁ ସେ ସ୍ୱେଚ୍ଛାଚାରୀ ରାଜା ପ୍ରଥମ ଚାର୍ଲସ୍‌ଙ୍କ ଅନୀତି ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ପାର୍ଲିଆମେଣ୍ଟ ସପକ୍ଷରେ ସଂଗ୍ରାମ କରିବାକୁ ବାହାରି ପଡ଼ିଲେ । ଏହିପରି ଭାବରେ ଦୀର୍ଘ କୋଡ଼ିଏ ବର୍ଷ ସେ ମାତୃଭୂମିର ସେବା ଏବଂ ସ୍ୱାଧୀନତା ପାଇଁ କଟାଇ ଦେଲେ । ତା'ପରେ ସେ British Commonwealth ଅଧୀନରେ ଲାଟିନ ସେକ୍ରେଟେରୀ ଏବଂ ତତ୍ପରେ ଯାଞ୍ଚକର୍ତ୍ତା (Censor of the Press) ରୂପେ ୧୬୪୯ ରୁ ୧୬୫୧ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏହି ସମୟରେ ସେ ରାଜତନ୍ତ୍ର ଶାସନ ବିରୁଦ୍ଧରେ ଜଣେ ମୁକ୍ତ ସମାଲୋଚକ ଭାବରେ ସମଗ୍ର ୟୁରୋପରେ ଖ୍ୟାତି ଲାଭ କରିଥିଲେ ।

କିନ୍ତୁ ମନୁଷ୍ୟର ସବୁଦିନ ସମାନ ଯାଏ ନାହିଁ । Commonwealthର ପତନ ପରେ ଦ୍ୱିତୀୟ ଚାର୍ଲସ୍ ଇଂଲଣ୍ଡର ସିଂହାସନ ଅଧିରୋହଣ କଲାମାତ୍ରେ ମିଲଟନ୍ ତାଙ୍କର ପୂର୍ବ ପଦରୁ ବିତାଡିତ ହେଲେ । ସ୍ୱଦେଶ ପାଇଁ କଠିନ ପରିଶ୍ରମ କରି ସେ ଏହି ସମୟରେ ଦୃଷ୍ଟିଶକ୍ତି ମଧ୍ୟ ସମ୍ପୂର୍ଣ୍ଣରୂପେ ହରାଇଥିଲେ । ତତ୍ପରେ ସେ ପୁଣି ତାଙ୍କ କବିତା ରାଜ୍ୟକୁ ଫେରି ଆସିଲେ । ସେ ଏହି ଜରାଜୀର୍ଣ୍ଣ ଅନ୍ଧ ଅବସ୍ଥାରେ ତାଙ୍କର ପୃଥିବୀ ବିଖ୍ୟାତ ମହାକାବ୍ୟ Paradise Lost ଏବଂ Paradise Regained ପ୍ରଣୟନ

Digitized by srujanika@gmail.com

କରିଥିଲେ । ୧୬୦୩ ରେ ସେ ମେରୀ ପାଓଲଙ୍କୁ ବିବାହ କରିଥିଲେ । କିନ୍ତୁ ଉଭୟଙ୍କର ମତ ବିରୋଧ ହେତୁ ତାଙ୍କର ବୈବାହିକ ଜୀବନ ସୁଖମୟ ନ ଥିଲା । ୧୬୭୪ ମସିହା ନଭେମ୍ବର ୧ ତାରିଖରେ ସେ ଇହଲୀଳା ସାଙ୍ଗ କରିଥିଲେ ।

ମିଲ୍‌ଟନ୍ ବଡ଼ ସ୍ପଷ୍ଟବକ୍ତା, ସ୍ୱାଧୀନଚେତା, ସାହିତ୍ୟପ୍ରେମି ଏବଂ ଈଶ୍ୱର ବିଶ୍ୱାସୀ ଥିଲେ । ସେଥିପାଇଁ ୧୮୦୨ ରେ ଯେତେବେଳେ ଇଂଲଣ୍ଡ ପୁଣି ଥରେ ଅଶାନ୍ତିରେ ଜର୍ଜରିତ ହେଉଥାଏ, ସେତେବେଳେ କବି ୱାଡ୍‌ସ୍ ୱାର୍ଥ (Words worth) ମିଲ୍‌ଟନ୍‌ଙ୍କ ଆତ୍ମାକୁ ଆହ୍ୱାନ କରି ଲେଖିଛନ୍ତି—

Milton ! though shouldst be living at this hour

England hath need of thee. She is a fen of stagnant waters.

× + +

ଅଜି ଏତିକି । ନମସ୍କାର । ଇତି ।

ତୁମ୍ଭର ସ୍ନେହର
ଶ୍ରୀ ବସନ୍ତକୁମାର ପାଳ (୪୦ ନଂ ନାଗ)

---

## ପ୍ରଶ୍ନ ଉତ୍ତର

୪ର୍ଥ ସଂଖ୍ୟା 'ଜଗର'ରେ ବାହାରିଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର କୁମାରୀ ଅନ୍ନପୂର୍ଣ୍ଣା ଦାସ (ନଂ ୪୭୭ ଦେଇଛନ୍ତି ।

୧ । କର୍ଲ ଭନ ଡ୍ରେଇସ୍ ନାମରେ ଜଣେ ଜର୍ମାନ ପ୍ରଥମ ବାଇସାଇକେଲର ଅବିଷ୍କର୍ତ୍ତା । ସେତେବେଳେ ଏହାର ନାମ ଭେଲୋସି ପେଡ଼ (Veloci pade) କୁହାଯାଉଥିଲା ଏବଂ ଏହାକୁ ଗୋଡ଼ରେ ଠେଲି ଚଲାଇବାକୁ ହେଉଥିଲା । ତାପରେ ଉନ୍ନତ ଧରଣର ସାଇକେଲ ମାକ୍‌ମିଲନ କାର୍କ ପାଟ୍ରିକ୍ ଅବିଷ୍କାର କରନ୍ତି ଓ ବିଶେଷ ଉନ୍ନତ ଧରଣର ସାଇକେଲ ଜେମସ୍ କେମ୍ ଷ୍ଟାର୍ଲି ବାହାର କରନ୍ତି ।

୨ । ଢେଙ୍କାନାଳ ।

୩ । ଗୁଜରାଟ୍ ଭାଷାରେ ସବୁଠାରୁ ବେଶୀ ଶବ୍ଦ ଅଛି ।

୪ । ଅହମଦାବାଦ ମେଲା ପୃଥିବୀ ପ୍ରସିଦ୍ଧ ।

୫ । ଏଚ୍: ଏଫ୍: ଟି: ମର୍ସ ଜଣେ ମାର୍କିନ ବୈଜ୍ଞାନିକ ବିଦ୍ୟୁତ୍ ସାହାଯ୍ୟରେ ସଙ୍କେତ ପଠାଇବାକୁ ସର୍ବପ୍ରଥମେ ସମର୍ଥ ହୋଇଥିଲେ ।

୬ । ଜେନ୍‌ସନ୍‌ସ୍ ନାମରେ ଜଣେ ବୈଜ୍ଞାନିକ ପ୍ରଥମେ ଟେଲିସ୍କୋପ ଆବିଷ୍କାର କରନ୍ତି । ସେତେବେଳେ ସେ ଯନ୍ତ୍ରର ନାଁ ଥିଲା ମାଇକ୍ରୋସ୍କୋପ । ଟେଲିସ୍କୋପ ପରିଫଳନ ଯନ୍ତ୍ର ବା ପ୍ରଜେକ୍ଟର ଫରାସି ବୈଜ୍ଞାନିକ ଲ୍ୟୁମିୟେର ଉଦ୍ଭାବନ କରନ୍ତି । ଉଇଲିୟମ ଫ୍ରିସେନ୍ ଗ୍ରୀନ ନାମରେ ଜଣେ ବୈଜ୍ଞାନିକ ସିନେମାର ବହୁ ଉନ୍ନତି ସାଧନ କରିଅଛନ୍ତି ।

୭ । ଏ ପ୍ରଶ୍ନ ପେଣ୍ଟିଙ୍ଗ ପର୍ଯ୍ୟାୟର ଉତ୍ତର ନ ଥିଲା । ପ୍ରତ୍ୟେକ ଛାତ୍ର ଯେଉଁମାନେ ଭୂଗୋଳ ପଢ଼ିଛନ୍ତି ସେମାନେ ଜାଣନ୍ତି । ବୋମ୍ବେ ନିକଟରେ ଗୋଟିଏ ଛୋଟ ଦ୍ୱୀପ ଅଛି, ତାହାର ନାମ ଏଲିଫେଣ୍ଟା ବା ଗଜଦ୍ୱୀପ ।

## ନୂଆ ନାଗଙ୍କ ନାମ

୪୮୧ । ଶ୍ରୀ ଯଦୁମଣି ଦାଶ C/o Gopinath Behera 101, Clive St. Calcutta

୪୮୨ । ଶ୍ରୀମତୀ ଭଗବତୀ ଦାସ C/o ଯଦୁମଣି ଦାଶ ସା: କଣ୍ଡାରୁଣୀ. ପୋ: ଅଳଙ୍ଗ, । ଜି । କଟକ ।


୪୮୩ । କୁମାରୀ ଜାହ୍ନବୀ ଦେଇ, C/o ଶ୍ରୀ ବାଞ୍ଛାକର ଦାଶ, ନୂଆଗାଁ ଉ: ପ୍ରା: ସ୍କୁଲ, ପୋ: ଅଳ ଜି: କଟକ । ୪୮୪ । ଶ୍ରୀ ଗଙ୍ଗାଧର ଦାଶ, C/o Andrewyule Co. 8. Clive Row Calcutta.

Digitized by srujanika@gmail.com

୭ମ ବର୍ଷ
୯ମ ସଂଖ୍ୟା

Dagaro
Utkal's most popular Fortnightly
OF
LIGHT, LEAD & LAUGHTER.

ଆଶ୍ୱିନ
ପ୍ରଥମାର୍ଦ୍ଧ




## ବ୍ୟାଙ୍କ୍ ଅଫ୍ କଲିକତା ଲି: ବାଲେଶ୍ୱର

ଏହା ଏକ ପ୍ରତିଭାଶାଳୀ ଓ ନିର୍ଭରଯୋଗ୍ୟ ବ୍ୟାଙ୍କ୍ । ଏଥିରେ ଟଙ୍କା ରଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି କରନ୍ତୁ । ଏଇ କେତେଦିନ ଭିତରେ ବାଲେଶ୍ୱର ଶାଖା ଅନୁଷ୍ଠାନଟି ବେଶ ଗଢ଼ି ଉଠିଛି । ଅତିଶୀଘ୍ର ଭଦ୍ରକଠାରେ ଏହାର ଶାଖା ଖୋଲିବ । ବିସ୍ତୃତ ବିବରଣ ପାଇଁ ଲେଖନ୍ତୁ ।

ହେଡ୍ ଅଫିସ୍:—୬ନଂ, ମେଙ୍ଗୋ ଲେନ୍
କଲିକତା ।

ଶ୍ରୀ ପ୍ରିୟନାଥ ନନ୍ଦୀ ବି, ଏଲ୍,
ଅନାରେରି ସେକ୍ରେଟେରୀ
ବାଲେଶ୍ୱର ବ୍ରାଞ୍ଚ ଅଫିସ୍ ।

Digitized by srujanika@gmail.com

REG.NO. P. 441
THE DAGARO—16-9-1943.


# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀୟ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ଗତ ୩୭ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

**ସୁଦୃଢ଼ତାର ପରିଚୟ—**

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ଛଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସବଳ ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗାନାଇଜର
କଟକ ।


Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରବୀଣ ରସାୟନର ପ୍ରଣାଳୀ ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ଦିନରୁ ନାନାପ୍ରକାର ଛଉ ବା ବିକୃତ ଚକ୍ଷୁ, ହାତଗୋଡ଼ର ଜ୍ୱାଳା ଶରୀରର ଅବସାଦ, ସୂଚୀବିଦ୍ଧବତ୍ ବେଦନା ଅରୁଚି, ଅବସନ୍ନତା, ନାଡ଼ିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ **ଆମର** ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଃ ୮୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଳ୍ପରେ **ଆରୋଗ୍ୟ** ହୁଏ । ଏକ ଶିଶି ଃ ୨୲ଙ୍କା ମାତ୍ର ଃ ୨୲ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

**ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦାଚାର୍ଯ୍ୟ

ଆଲମଚାନ୍ଦ ବଜାର, କଟକ ।

---

# 'ଡଗର' ବିଜ୍ଞାପନ

ପୂଜା ବନ୍ଦ ଯୋଗୁଁ ୧୦ମ ସଂଖ୍ୟା 'ଡଗର' ପ୍ରକାଶ ହୋଇ ପାରିବ ନାହିଁ । ଛୁଟି ପରେ ଦିଆଲି ସଂଖ୍ୟା 'ଡଗର' ପ୍ରକାଶ ପାଇବ । ତାହା ଆକାରରେ ପରିବର୍ଦ୍ଧିତ ହେବ ଓ ଦାମ ଖଣ୍ଡି ଚାରିଅଣା ହେବ । ଆମର ଏଜେଣ୍ଟମାନଙ୍କୁ ଅନୁରୋଧ ଯେ ସେମାନେ ଦିଆଲି ସଂଖ୍ୟା 'ଡଗର' ପାଇଁ ୧୬ ତାରିଖ ଭିତରେ ଏଠା ଅଫିସକୁ ଅର୍ଡର ପଠାନ୍ତୁ । ଗ୍ରାହକମାନଙ୍କୁ ଦିଆଲି ସଂଖ୍ୟା 'ଡଗର' ପାଇଁ କୌଣସି ଅର୍ଡର କିମ୍ବା ଅଧିକା ଦେବାକୁ ପଡ଼ିବ ନାହିଁ ।

**—ପରିଚାଳନା—**

---

ସମ୍ପାଦକ
**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସମ୍ପାଦକ
**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

୭ମ ବର୍ଷ
ନବମ ସଂଖ୍ୟା
ଆଶ୍ୱିନ ପ୍ରଥମାର୍ଦ୍ଧ
ତା ୧-୧୦-୪୩ ରିଖ

# ଡଗର

## ହୁକା ହୁକା ହୁଆ
## ( ବିଲୁଆ ବିଗୁର )

—ପ୍ର. ଷ୍ଠ—
ବାର୍ଷିକ ମୂଲ୍ୟ
ମୁଦ୍ରିତ ସଂଖ୍ୟା — ୮୦୭
ଏକଖଣ୍ଡର ମୂଲ୍ୟ—୬୫.

ରୁଷ୍ୟା ରଥ ନେଉଟେ ନାହିଁ, ନନ୍ଦୀମୁଅ ଉଜାଣି ବହେ ନାହିଁ ବୋଲି ଯେଉଁମାନେ ଭାବିଥିଲେ ସେମାନେ ଏବେ ଅବାକାବା ହୋଇ ଗୁମ୍ ମାରି ବସି ଗଲେଣି । ଜର୍ମାନ ପହିଲ୍ ପହିଲ୍ ବନ୍ଧୁକ ଚଳା ଦେଖାଇ ଅଟିରେ ଯେଉଁଙ୍କ ଧନ୍ଦା ଲଗାଇ ଦେଇଥିଲା, ଏଇକ୍ଷଣି ସବୁ ସେମାନଙ୍କ ପୁଣି ଲେଉଟି ଗଲଣି । ଯୁଦ୍ଧର ମୁଅଁଟା ଲେଉଟିବାର ଅବସ୍ଥା ଏଣେ ଅଫ୍ରିକାରେ— ଯେତେବେଳେ ବ୍ରିଟିଶ ସେନା ଇଟାଲି ଜର୍ମାନ ଦଳକୁ ଠେଲି ଠେଲି ପଛକୁ ହଟାଇଲେ । ଏଣେ ରୁଷିଆ ବି ପଛ ଠେଲି କରି ଜର୍ମାନଙ୍କୁ ହଟାଇ ଆଣିଲା । ଅଫ୍ରିକାରୁ ଏବେ ଅକ୍ଷଶକ୍ତି ମୂଳପୋଛ । ରୁଷିଆରୁ ଜର୍ମାନ ଭାଗିସ୍ ! ଏଥିପାଇଁ କହନ୍ତି ପର—ମଣିଷ କ୍ଷଣ କ୍ଷଣକେ ଆନ !

× + + +

ଇଟାଲି 'ଯୋ ଚଳାଉଛ ସଙ୍ଗବଛ' ନୀତିରେ ଜର୍ମାନ ଦଳରୁ ଭାଙ୍ଗି ଯାଇ ମିତ୍ରପକ୍ଷଠାରେ ଆତ୍ମସମର୍ପଣ କରି ବୁଦ୍ଧିର ପରିଚୟ ଦେଇଛି । ଯେ ଯେଉଁ ଗାତ ଖୋଳେ, ଆପେ ତହିଁରେ ପଡ଼େ ବୋଲି ଯେଉଁ କଥାଟା ଅଛି ତାହା ଠିକ୍ । ବେଳ ଜାଣି ଇଟାଲି ଦିନେ ଜର୍ମାନର ଲାଙ୍ଗୁଡ଼ ଧରି ମଲା ଫ୍ରାନସ ଉପରେ ମାଡ଼ ବସିଥିଲା । ଆଜି ତାର ତହିଁ ବଳି ଅବସ୍ଥା ।

ଶୁଣାଯାଉଛି ତାକୁ ମିତ୍ରପକ୍ଷ ଓ ଉପରୁ ଜର୍ମାନ ଇଟାଲିକୁ ଗ୍ରାସି ଆସୁଛନ୍ତି । ଧାଇଁ ଧାଇଁ ତ ଲଢ଼ାଇ ଲାଗିବେ—ବେଣାମୁଠି ନବାଣ ହୋଇ ଯିବ ଚିନା ! + × × ×

ଆମ ଶତ୍ରୁ ଇଟାଲି ଶରଣ ପଶିଲା—ଆମର ଆନନ୍ଦ । ଲଢ଼େଇଟା କମିଗଲେ ଖେଳ ଖତମ ହେଲେ ଆମେ ଉପାସ ହେବାରୁ ବଞ୍ଚିଯିବୁଁ । ଏତିକି ଆମର ପ୍ରଧାନ କଥା । ମନ ଜାଣୁଛି ଏଥର ଜର୍ମାନ କାବୁ ହୋଇ ପଡ଼ିବ । ମାତ୍ର ବେଳହୁଁଙ୍କ ଭଳି ଜର୍ମାନ କହିଲାଣି କି ଯାହା ଯିଏଁଟାକୁ ବେକରେ ବାନ୍ଧି ପଉଁଅଡ଼ ଅରେ ପଡ଼ିଥିଲି, ଭଲ ପାଇଗଲି ଏଥର । ଇଟାଲି ପରି ଦୁର୍ବଳ, ଦୋହିଁଣୀ ଲାଙ୍ଗୁଡ଼ଟାକୁ ଖସାଇ ଦେଇ ଜର୍ମାନର ସୁବିଧା ହୋଇଛି ବୋଲି ଜର୍ମାନ କହିପାରେ । ଏଥିପାଇଁକା କଥା କି ଦିନେ କହିଥିଲା, "ଇଟାଲି କାନ୍ଧରେ" ର ଲାଗିନାହିଁ ଲାଗିଲା । × × + ×

ଇଟାଲିର ବାଘ ମୁସୋଲିନୀ ଯନ୍ତ୍ରରେ ପଡ଼ିଥିଲେ । ମାତ୍ର ତାଙ୍କର କୌଣସି ପତ୍ତା ମିଳୁ ନଥିଲା । ଏବେ ଜଣାଯାଉଛି କି ଇଟାଲି ସରକାର ତାଙ୍କୁ ଗୋଟିଏ କ୍ଷୁଦ୍ର ଦ୍ୱୀପରେ ବନ୍ଦୀ କରି ରଖିଥିଲା । ସେ ସନ୍ଧାନ ପାଇ ବାଘର ଭାଇ ଧାଗ ଭଗଲ ହିଟଲର ଝାଂପ ମାରି ମୁସୋଲିନୀଙ୍କୁ ନେଇ ପଳାଇ ଆପଣା ଡେଣା ଘୋଡ଼ାଇ ରଖିଲାଣି ।

କଥାଟା ଶୁଣି ଦିନ୍ ଖରାପ ହୋଇ ଯାଉଛି ଆମର । କାରଣ ଆମେ ବଡ଼ ଆଶା ରଖିଥିଲୁଁ କି ମୁସୋଲିନୀ ଦିନେ ମିତ୍ରପକ୍ଷଙ୍କ ହାତରେ ପଡ଼ିବେ ଓ ସେ ତାଙ୍କୁ ଲୁହା ପଞ୍ଜୁରି-ରେ ପୁରାଇ ଚିଡ଼ିଆଖାନାରେ ରଖି ଦେବେ । ହାୟ ସେ ଆଶା ଗୁଡ଼ରେ ବାଲି ହେଲା । ଛୁଆପିଲା ଅବକାଶରେ ପଢ଼ିଥିବା ଜାଅନ୍ତା ବାଘ ଦେଖି କେତେ ଖୁସି ହୋଇ ଥାଆନ୍ତେ !

× + × ×

ଦେଶକରେ ପେଟ ଜଳୁଥିବା ବେଳେ ମିଠା ଖାଦ୍ୟ ନ ହେଉ ପଛକେ ମିଠା କଥା ପଦେ ପଦେ ଜଣା ଅନ୍ତୋମ-ବାନ୍ଧବ ନୁହେଁ । ପେଟ ପୂରୁ ବା ନ ପୂରୁ ଦିନ୍ ଥଣ୍ଡା ହୋଇ-ଯାଏ କହୁଛି ।

ଆମ ନୂଆ ବଡ଼ଲାଟ ଲର୍ଡ଼ ୱାଭେଲ ଏଠାକୁ ନ ଆସୁଣୁ, ଭାରତ ଉପରେ ମୁହିଁଟି ହୋଇ ସାରିଲେଣି ଏଇ ବାଗରୁ । ହେଲେ ଖାଇ ସାରି ତାଙ୍କର ଭାରତରେ ଦୁର୍ଭିକ୍ଷ ଓ ଦୁର୍ଦ୍ଦଶା କଥା ମନେ ପଡ଼ିଯିବା ନହାତି ହ୍ରାଭିବେ । ତେଣୁ ଏକ ଭୋଜ ବୈଠକରେ ସେ କହି ଦେଇ ଆପଣା ମୃତ୍ତିରେ ପଡ଼ିଥିବା ଓ ବାହାରେ କଦ ହେଉ ନଥିବା ଗରିବ ଭାରତ ଦେଶ୍ୟରେ କହିଲେ କି ଯେ ଆସିଲା କ୍ଷଣି ପ୍ରଥମେ ଡିନୋଟ କଥାରେ ଲାଗି ପଡ଼ିବେ ।

Digitized by srujanika@gmail.com

୧ । ଭାରତର ଶତ୍ରୁ ଜାପାନକୁ ଧ୍ୱଂସ କରିବା ।

୨ । ଭାରତର ଅର୍ଥିକ ଉନ୍ନତି କରାଇବା ।

୩ । ଭାରତର ରାଜନୈତିକ ଅଗ୍ରଗତିରେ ସହାୟତା କରିବା । × × × +

ଆମ ବିଚାରରେ ଏ ତିନୋଟିଯାକ କର୍ମ ତାହାର ଲୋକଙ୍କ ଦୃଷ୍ଟିର ହେଲେ ବି ବ୍ରିଟିସ ରାଜପ୍ରତିନିଧିଙ୍କ ପକ୍ଷରେ ଇଚ୍ଛା କଲେ ଅତି ସହଜ ।

ଜାପାନ ତ ହଟିବାର ଦେଖାଗଲାଣି । ଅତଏବ ତାକୁ ଜବଦ କରିବା କଷ୍ଟ ନୁହେଁ । ଟଙ୍କା କଳ ସରକାର ହାତରେ ଯେତେବେଳେ, ଅର୍ଥିକ ଉନ୍ନତି କରାଇବାଟା କଉ କଥା । ବାକି, ରାଜନୈତିକ ବ୍ୟାପାରଟା ତ ? ସରକାର ଦଳ ଦରଅରେ ଗ୍ଲୁହି ଦେଲେ ନାହିଁ ! ଏକାଦିନକେ ଗୋଟାଏ କଲମ ଗାରରେ ଅଗ୍ରଗତି କିଏ ପଚାରେ, ଉନ୍ନତି ବି ସ୍ଥିହଲେ ହୋଇଯାଇ ପାରେ ।

ଏତେଦିନକେ ଆମ ଦୁଃଖ ମୋଚନ ହେଲ ବୋଲି ଜାଣି ଆମେ ଅଚ୍ଛୁରା ଉଏଭଲ ସାହେବଙ୍କର ଜୟ ଜୟକାର କରୁଅଛୁଁ ଓ ଭାରତବାସୀଙ୍କୁ କହୁଛୁଁ ସମସ୍ତେ ଏକ ତାନରେ ରଡ ଦିଅ—ଲର୍ଡ ଉଏଭଲ ଜିନ୍ଦାବାଦ୍ । × + ×

ମରିବା ଦୁଇ ରକମର ଅଛି ବୋଲି ବାପ ଅଜା କହି ଯାଇଥିଲେ । କିଏ ଖାଇ ମରେ, ଅଉ କିଏ ବା ନ ଖାଇ ମରେ । ଖାଇ ମରିବାର ଅନେକ ଘଟଣା ଆମେ ଦେଖି ଅଛି ମୂଳରୁ କରିଥାଇଁ ଓ ସମୟ ସମୟରେ ଅଙ୍ଗ ନଜେଇ ଥାଇଁ । ମାତ୍ର ନ ଖାଇ ମରିବାର ବାଗଟା ଆଖି ପଇଠ କେବେ ହୋଇ ନ ଥିଲା ଆମର । ଯାହା ଦିଆରୁ ହେଉ, ଏଇ ସଭ୍ୟତା ସଂସ୍କୃତିର ବୋଲବାଲା ଯୁଗରେ, ବିଂଶ ଶତାବ୍ଦିର ମଧ୍ୟ ଭାଗରେ ସେଇଟା ଖାଲି ଦେଖିବାରେ ନୁହେଁ, ଆପଣା ଅଙ୍ଗରେ ନଜେଇବାର ବେଳ ପଡ଼ିଗଲା । ସେଥିପାଇଁ ଜଗନ୍ନାଥଙ୍କୁ ଧନ୍ୟବାଦ ଦେଉଛୁଁ କି ଏ ବେଳକୁ ଆମକୁ ବଞ୍ଚେଇ ରଖିଥିଲେ ବୋଲି ସିନା ଏହା ଦେଖିଲୁଁ । ଜନ୍ମ ହୋଇ ନ ଥିଲେ ବା ଆଗରୁ ଖାଇ ମରିଯାଇଥିଲେ ଏ ମଉଜ ଭୋଗ କରନ୍ତା କିଏ ! × × +

କଲିକତା ସହରରେ ନଖାଇ ସହ ସହ ଲୋକ ମରିବା କଥା ଶୁଣି ଚମକି ପଡ଼ୁଥିଲୁଁ । କିନ୍ତୁ ସେତେବେଳେ ବି ଆମେ କହୁଥିଲୁଁ କି କଲିକତାରେ ହିସାବ କିତାବ ଲେଖିବାର ବ୍ୟବସ୍ଥା ଅଛି ବୋଲି ସିନା ଏ କଥା ଜଣା ପଡ଼ୁଛି—ଆମ ଗାଆଁ ଗହଳରେ କେତେ ବାପୁଡ଼ା ଯେ ଏଇପରି ମରୁଥିବେ ତାର ହିସାବ ରଖୁଛି କିଏ ? ସତକୁ ସତ ଆମ ଆଶଙ୍କା ସଫଳ ହୋଇଛି । ଗଞ୍ଜାମ ତଥା ବାଲେଶ୍ୱରରେ ନ ଖାଇ ଶହ ଶହ ସଂଖ୍ୟାରେ ମରିବା କଥା ସରକାର ପ୍ରକାଶ କଲେଣି । ଶୁଣାଯାଏ ଖୋଦ୍ ବାଲେଶ୍ୱର ସହର ଭିତରେ ପ୍ରତିଦିନ ଏହିପରି ମରି ଭଲ ଲୋକଙ୍କର ଅସୁବିଧା କରୁଛନ୍ତି ଓ ମ୍ୟୁନିସିପାଲିଟିକୁ ଖର୍ଚ୍ଚାନ୍ତରେ ପକାଉଛନ୍ତି । ତଥାପି କହିବା—ଓଡ଼ିଶା ବଳକା ପ୍ରଦେଶ—ଓଡ଼ିଶାରୁ ଧାନ ଚାଉଳ ବାହାର କରିଦିଅ । + × +

ଆମ ମନ୍ତ୍ରୀ ମହାରାଜ ଦାତାଶ୍ରେଷ୍ଠ କର୍ଣ୍ଣ ଆଗକଥା ଭାଉ, ଏବେ ଚାରଲକ୍ଷ ମହଣ ଦାନ କରି ଦେଇ ଆସିଲେ । କାରଣ ଓଡ଼ିଶାର ଆପଣା ଗରଜକୁ ବଳି ଧାନ ଚାଉଳ ଯଥେଷ୍ଟ ଅଛି । କିନ୍ତୁ ଏଇଣିକି ତାଙ୍କର ଚିଫ୍ ସେକ୍ରେଟେରି, ତାଙ୍କର କଲେକ୍ଟରମାନେ ଯଉଁ ଅଭାବ ଅନାଟନର ରଡ ପକାଉଛନ୍ତି ତାହା ମହାରାଜାଙ୍କ କାନରେ ବାଜୁଥିବ ତ ? ଆମେ ଏବେ କାହା କଥାକୁ ସତ ବୋଲି ମଣିବା ? କଲେକ୍ଟର ଓ ବଡ଼ ଅଫିସରମାନେ କଣ ମନ୍ତ୍ରୀଙ୍କ ସରକାରର ବାହାରେ ? ଏ ବିଷୟରେ ଆମ ମନରେ ଯେଉଁ ଧୋକା ଉପୁଜୁଛି ତାକୁ ଦୂର କରିବ କିଏ ? × + ×

ସେଦିନ ଓଡ଼ିଶାର ଖାଦ୍ୟ ସମସ୍ୟା ଘେନି କଟକ ଟାଉନ ହଲରେ ଗୋଟାଏ ବଡ଼ ଧରଣର ସଭା ହୋଇଗଲା । ସଙ୍ଗୀତ ସଭାପତି ବକ୍ତୃତା, ଧନ୍ୟବାଦ ଇତ୍ୟାଦି ବଡ଼ ସଭାର ଯାହା ସବୁ ସାଜବାଜର କଉଁଠାରେ ଉଣା ନ ଥିଲା ଯେତେବେଳେ, ନିଶ୍ଚୟ କହିବାକୁ ହେବ ଯେ ଏ ସଭାଟା ଖୁବ୍ ସଫଳତାର (successfull) ହୋଇଛି ।

ସଭାସଦ୍‌ଗଣ ବଡ଼େ ବେଦନ ବାଢ଼ିଲେ, ହା-ହୁତାଶ କାଢ଼ିଲେ, ଉଷ୍ମା ଝାଡିଲେ—ଏକା କରି ପାରିଲେ ନାହିଁ ଗୋଟିଏ କଥା—ସେଟା ହଉଛି—ଖାଦ୍ୟାଭାବ ନିବାରଣର କଟକଣା । ସମସ୍ତଙ୍କ ମୁଖରେ ସେହି ଗତାନୁଗତିକ ହତାଶ ଭାବ, ନିରୁପାୟତାର ଅଳ ପରିଫୁଟ । ଏଥିର ଉପାୟ ବିଧାନ କରିବା ଆମ କ୍ଷମତାର ବାହାରେ—ଅତଏବ ଆମେ କହୁଛୁଁ କି ଏତିକିବେଳେ ସମସ୍ତେ ସେଇ ରାମାନୁଜ ମହାମନ୍ତ୍ର ଜପ କର—"ନତାଶ୍ରୟଂ ମାଂ ଜଗନ୍ନାଥ ରକ୍ଷ ।"

Digitized by srujanika@gmail.com

କଥାଟିଏ କହୁଁ...............

# କବିର ଶ୍ରେଷ୍ଠ ଦାନ !

(କାହାଣୀ)

ଲେଖକ—ଲକ୍ଷ୍ମୀନାରାୟଣ ମହାନ୍ତି

ଜୈନେନ୍ଦ୍ର କୁମାର ! ଜଣେ ସିଦ୍ଧହସ୍ତ ପ୍ରବୀଣ କଥା-ସାହିତ୍ୟିକ ! ଘଟଣା ପରେ ଘଟଣା ତାଙ୍କୁ ଘେରି ଯାଆନ୍ତି । କେତେକ ଗଳ୍ପ-ଲେଖକ ଘଟଣା ପାଇଁ ବ୍ୟଗ୍ର ହୁଅନ୍ତି । କିନ୍ତୁ ଜୈନେନ୍ଦ୍ର କୁମାରଙ୍କୁ ଘଟଣାଗୁଡ଼ା ଖୋଜି ବୁଲନ୍ତି । ଘଟଣାପରେ ଘଟଣା ଦ୍ରୁତଗତିରେ ମାଡ଼ିଆସନ୍ତି । ତାଙ୍କୁ ଟିକିଏ ଫୁରସତ ଦିଅନ୍ତି ନାହିଁ । ଗାଧୋଇବାବେଳେ, ଖାଇବାବେଳେ, ପିଇବାବେଳେ, ଶୋଇବାବେଳେ ଓ କଥା କହିବାବେଳେ ଘଟଣାସବୁ ମୁଣ୍ଡିଆମାରି ଆସନ୍ତି । ସେ ଯଉଁ ଧ୍ୟାନ କରନ୍ତି, ଏମାନେ ତାଙ୍କୁ ବାଧା ଦିଅନ୍ତି । ଯେପରିକି ସେ ଟିକିଏ ନିଦେଇବା ପାଇଁ ବିଛଣା ଧରିଲେ, ଏମାନେ ତାଙ୍କୁ ପାଇ ବ୍ୟସ୍ତ କରନ୍ତି ।

"ମୁଁ ଦେଖୁଚି କାଣ୍ଡ ଜାଣୁ ତୁମେ ନିଜ ଶରୀରକୁ ମାଟି କରୁଚ"—ତାଙ୍କ ସ୍ତ୍ରୀ ଲାବଣ୍ୟବତୀ କହନ୍ତି । "ମଣିଷ କାମ କରେ । କରୁ, କିନ୍ତୁ ତାର ବିଶ୍ରାମର ଦରକାର । ତୁମେ ଦିନ ରାତି ଗଣ୍ଟି ଗଣ୍ଟି ଏତେ ରାତି ଯାଏ କାମ କରୁଛ । ଦେହକୁ ଟିକିଏ ବିଶ୍ରାମ ଦେଉନ । ଏମିତି ଚବିଶ ଘଣ୍ଟା ଅନବରତ କାମ କଲେ, ଆଜି ଯଦି କିଛି ନ ହୁଏତ, ମୋର ଭୟ ହେଉଛି—ଅଳ୍ପ ଦିନରେ ତୁମ ଆଖି ଖରାପ ହୋଇଯିବ ।"

କିନ୍ତୁ ଜୈନେନ୍ଦ୍ର କୁମାର ତାଙ୍କ କାତର ଅନୁନୟ ବିନୟକୁ କାନ ଦିଅନ୍ତି ନାହିଁ । ସେ କହନ୍ତି—"ଆଖି ବା ଅନ୍ୟ କୌଣସିକୁ ମୁଁ ଖାତିର କରେ ନାହିଁ । ମୋର ଗପ ଲେଖିବାକୁହିଁ ମୁଁ କେବଳ ଖାତିର କରେ । ବିଶ୍ରାମ ନେବା ମାନେ ସୁନ୍ଦର ସୁନ୍ଦର ଘଟଣା, ଚିନ୍ତା ଓ ଅନ୍ଧାର କେତେ ଭଲ ଜିନିଷ ଜଣେ ଜାଣେ ଲିପିବଦ୍ଧ ନ କରି ବିନଷ୍ଟ କରିଦେବା । ମୁଁ ତ ଏହା ସହି ପାରିବି ନାହିଁ । ବିଶ୍ୱ ଏପରି କ୍ଷତି ସହ୍ୟ କରି ପାରିବ ନାହିଁ ।"

ଜୈନେନ୍ଦ୍ର କୁମାର କ୍ୱଚିତ ଅବକାଶ ନିଅନ୍ତି ।

ଅବିରାମ ପରିଶ୍ରମ ଫଳରେ କ୍ରମେ କ୍ରମେ ତାଙ୍କ ଦୃଷ୍ଟିଶକ୍ତି ଦିନକୁ ଦିନ ଦୁର୍ବଳ ହୋଇ ପଡ଼ିଲା । କିନ୍ତୁ ତାଙ୍କର ସେଥିପ୍ରତି ଆଦୌ ଭ୍ରୂକ୍ଷେପ ନାହିଁ । ସେ ତାଙ୍କ ଜୀବନର କର୍ତ୍ତବ୍ୟ ସାଧନରେ ମଗ୍ନ । ଅବଶେଷରେ ଚଷମା ନ ଦେଇ କାମ କରି ପାରିଲେ ନାହିଁ । ତାଙ୍କ ସ୍ତ୍ରୀ ପୁଣି ବାରଣ କଲେ ଓ କାମର ତୋଡ଼ କମାଇ ଦେବାକୁ ମିନତି ଜଣାଇଲେ । କିନ୍ତୁ ସେ କୌଣସି ପ୍ରତି କର୍ଣ୍ଣପାତ କଲେ ନାହିଁ । ଚଷମା ଦେଇ, ପୂର୍ବପରି କାମରେ ନିମଗ୍ନ ରହିଲେ ।

ସେ ଅସଂଖ୍ୟ ଗପ ଲେଖିଲେଣି । ତଥାପି ସନ୍ତୁଷ୍ଟ ନୁହନ୍ତି । ସେ ଏପରି ଏକ କାହାଣୀ ରଚନା କରିବେ, ଯାହାକି ଉପନ୍ୟାସ-ଜଗତରେ ଶ୍ରେଷ୍ଠ ଆସନ ଲାଭ କରିବ । ସେ ନିଶ୍ଚୟ ଏକ ଉତ୍କୃଷ୍ଟ ଉପନ୍ୟାସ ପ୍ରଣୟନ କରିବେ—ତାହା ସଂସାରରେ ସର୍ବଶ୍ରେଷ୍ଠ ଓ ଆଦର୍ଶ ସ୍ଥାନୀୟ ଉପନ୍ୟାସ ହେବ, କଳା—ନୈପୁଣ୍ୟର ସବୁଠାରୁ ଚୋଖାକି [illegible] ଉଠିବ । ଏହି ବିରାଟ ଆଶା ମନରେ ପୋଷଣ କରି ସେ ଉନ୍ମତ୍ତ ହୋଇ ଯାଇ [illegible] ଏହିତ କର୍ତ୍ତବ୍ୟ କରୁ ଥାଆନ୍ତି ।

ଅକସ୍ମାତରେ ତାଙ୍କ ସ୍ତ୍ରୀଙ୍କ ଅନୁନୟ ମିଥ୍ୟା ଅଟିଲା! ଦିନେ କଠୋର ସତ୍ୟରେ ପରିଣତ ହୋଇ ଉଠିଲା । ଜୈନେନ୍ଦ୍ର କୁମାର ଅନ୍ଧହେଲେ । ଆଲୋକିତ ଜଗତରେ ତାଙ୍କ ଚକ୍ଷୁକୁ ଅଭେଦ୍ୟ ଅନ୍ଧକାର ବ୍ୟତୀତ ଅନ୍ୟ କିଛି ହେଲା ନାହିଁ ।

Digitized by srujanika@gmail.com

ପରିବର୍ତ୍ତନଟା ଅବଶ୍ୟ ଅଦ୍ଭୁତ ! କିନ୍ତୁ ଏହା ଅତୀବ କରୁଣା ଦ୍ରବ ଓ ହୃଦୟ ଦବାଇବ । ଜୈନେନ୍ଦ୍ର କୁମାର ଯେତେବେଳେ ହୃଦୟଙ୍ଗମ କଲେ, କି ଅମୂଲ୍ୟ ରତ୍ନ ସେ ଆଜି ହରାଇଛନ୍ତି, କାନ୍ଦିଲେ, ଲୋତକ ଢାଳିଲେ । କିନ୍ତୁ ଆଉ କ'ଣ ହେବ ଅଛି ? ମୂଢଭଳି ଦୁର୍ଭାଗ୍ୟକୁ ଆଦରି ସେ ପଡ଼ି ରହିଲେ । ଜୀବନ୍ମୃତର ଗତି ଅଳସମୟ !

ମୂକ ଅପେକ୍ଷା ଅନ୍ଧର ବେଶୀ ଖଟିଲେ ଓ କାମ ଭିତରେ ବୁଡ଼ିରହି ତାଙ୍କ ଦାରୁଣ ଦୁଃଖ ଯାତନା ପାଶୋରି ଯିବାକୁ ସତତ ଚେଷ୍ଟା କଲେ ।

ତାଙ୍କ ସ୍ତ୍ରୀ ପ୍ରବୋଧନା ଦେଲେ—"ଆଖି ପାଇଁ ଏତେ ମନ ଦୁଃଖ କାହିଁକି ? ମୁଁ ଯେ ତୁମର ଆଖି !"

ତାଙ୍କର ଦୃଷ୍ଟିହୀନତା ଟାଇପ କରିବା ପଥରେ କଣ୍ଟକ ରୂପେ ଦଣ୍ଡାୟମାନ ହୋଇ ପାରିଲା ନାହିଁ । ସେ ଟାଇପରେ ଧୁରନ୍ଧର । ନ ଦେଖି ସେ ଖୁବ୍ ଜୋରରେ ଟାଇପ କରି ପାରନ୍ତି । ଟାଇପଟା ଯେପରି ତାଙ୍କର ଗୋଟାଏ ଅଙ୍ଗ ହୋଇ ପଡ଼ିଛି ।

ବାହ୍ୟ ଜଗତର କୌଣସି ବସ୍ତୁ ସେ ଅଧୁନା ଦେଖି ପାରିଲେ ନାହିଁ । ତେଣୁ କୌଣସିଟା ତାଙ୍କର ଦୃଷ୍ଟି ଆକର୍ଷଣ କରି ପାରିଲା ନାହିଁ । ସେ ଅଗତ୍ୟା ଅତି ଅନାୟାସରେ ମନକୁ ଆୟତ୍ତ କରି ପାରିଲେ ।

ଟାଇପ ମେସିନର ବାଁ ପାଖରେ ଗୁଡ଼ାଏ ଅଲେଖା କାଗଜ ଟାଇପ କରିବା ପାଇଁ ରଖା ହୋଇଥାଏ । ଡାହାଣ ପଟେ ଟାଇପ କରି କାଗଜ ଗୁଡ଼ିକ ସଗୃହିତ ହେବା ନିମନ୍ତେ ଫାଇଲ ଟ୍ରେ ହୋଇଥାଏ । ଟାଇପ ସରିଲେ ତାଙ୍କ ସ୍ତ୍ରୀ ସେ ଗୁଡ଼ିକ କ୍ରମାନ୍ୱୟରେ ସଜାଡ଼ି, ଗୁନ୍ଥି ସଂପାଦକଙ୍କଠାକୁ ପଠାଇ ଦିଅନ୍ତି ।

ତଥାପି, ତାଙ୍କର ସର୍ବୋତ୍କୃଷ୍ଟ—ଉପନ୍ୟାସ ପ୍ରଣୟନ-ଲିପ୍ସା, ଯେ କି ସଂସାରରେ ଶ୍ରେଷ୍ଠ କଥା-ସାହିତ୍ୟର ଆସନ ଲଭିବ, ଭାଙ୍ଗି ନ ଥାଏ । ସେ ଚିନ୍ତାମଗ୍ନ ରହି ଭାବନ୍ତି—"ବୋଧହୁଏ ପ୍ରକୃତ ସର୍ବୋତ୍କୃଷ୍ଟ ଉପନ୍ୟାସ ଲେଖିବା ମନୁଷ୍ୟ ଶକ୍ତିର ବହିର୍ଭୂତ । ମନୁଷ୍ୟକୁ ଧୀର ଚିତ୍ତରେ ପ୍ରତିଭାର ଦୁର୍ଲଭ୍ୟ ସ୍ଫୁରଣ ପାଇଁ ଅପେକ୍ଷା କରିବାକୁ ପଡ଼ିବ । ଦୈବ-ପ୍ରେରିତ ମୁଖ ସମୟ ପାଇଁ ତାକୁ ଧୈର୍ଯ୍ୟର ସହିତ ପ୍ରତୀକ୍ଷା କରିବାକୁ ହେବ ।"

ସେ ଅଧୈର୍ଯ୍ୟ ସହିତ ସଂଗ୍ରାମ କରି କରି ଅପେକ୍ଷା କରିବାକୁ ଲାଗିଲେ । ସେ ବରାବର ଅନୁଭବ କରୁଥିଲେ ଯେ ଦୈବ-ପ୍ରେରିତ ମୁହୂର୍ତ୍ତ ନିଶ୍ଚୟ ଆସିବ—ଏହା କେବଳ ମାତ୍ର ସମୟର ପ୍ରଶ୍ନ ଥିଲା ! ସେ ନିଶ୍ଚିତ ଥିଲେ—କୌଣସି ଏକ ମହତ କାର୍ଯ୍ୟ ସାଧନ ପାଇଁ ସେ ଧରା-ପୃଷ୍ଠରେ ଅବତୀର୍ଣ୍ଣ ହୋଇଛନ୍ତି—ସଂସାରର ଶ୍ରେଷ୍ଠ କାହାଣୀ ପ୍ରଣୟନ କରିବେ !

ପ୍ରତୀକ୍ଷମାଣ ଦୈବ-ପ୍ରେରିତ ମୁହୂର୍ତ୍ତ ଶେଷରେ ଦିନେ ରାତିରେ ଅକସ୍ମାତ ଆସିଲା ; ପାହାନ୍ତା ହେବାକୁ ବେଶୀ ଡେରି ନ ଥାଏ । ସେ ହଠାତ୍ ନିଦରୁ ସ୍ୱପ୍ନରୁ ଉଠିଲା ପରି ଉଠି ପଡ଼ିଲେ । ଗୋଟିଏ ସୁନ୍ଦର ପ୍ରସଙ୍ଗ ତାଙ୍କ ମଥାରେ ଢୁକିଛି ଜଗତର ସର୍ବୋତ୍କୃଷ୍ଟ ଉପନ୍ୟାସ, ତାଙ୍କର ଶ୍ରେଷ୍ଠ ରଚନା ତାଙ୍କ ମଧ୍ୟ ଦେଇ ଆତ୍ମ-ପ୍ରକାଶ କରିବାକୁ ବାଟ ଖୋଜୁ ଥାଏ ।

ସେ ତାଙ୍କ ସ୍ତ୍ରୀଙ୍କୁ ଡାକିଲେ ନାହିଁ । ଅସ୍ତେ ଅସ୍ତେ ଦରାଣ୍ଡି ଦରାଣ୍ଡି ଗୋଡ଼ ଚିପି ଚିପି ଯାଇ ତାଙ୍କ ଲେଖା ଘରେ ପ୍ରବେଶ କଲେ । ଟେବୁଲ ପାଖ ଚେଅରରେ ବସିଲେ । ଅସ୍ୱସ୍ତିର ନିଶ୍ୱାସ ମାରି କିଛି ସମୟ ଚିନ୍ତାମଗ୍ନ ରହିଲେ । ଶେଷରେ ସର୍ବୋତ୍କୃଷ୍ଟ ରଚନା ତାଙ୍କ ମସ୍ତିଷ୍କରେ ପ୍ରବେଶ କଲା । ଅତ୍ୟଧିକ ଆନନ୍ଦ ତାଙ୍କୁ ବିହ୍ୱଳ କରି ପକାଇଲା । ସେ ଅନୁମାନ କଲେ—ମାତ୍ରାଧିକ ଆନନ୍ଦର ଆତିଶଯ୍ୟରେ ତାଙ୍କ ହୃଦୟ ଯେପରି ଭାଙ୍ଗି ପଡ଼ିବ ।

ଅଲେଖା କାଗଜ ପୂର୍ବପରି ଗଦା ହୋଇ ପଡ଼ିଥାଏ । ସେ ଟାଇପ ମେସିନର ଯୋଡ଼ଣାଟା ଖୋଲି ରଖିଦେଲେ । ଖଣ୍ଡିଏ କାଗଜ ବସାଇ ଟାଇପ କରିବାକୁ ଲାଗିଲେ ।

ଆଶ୍ଚର୍ଯ୍ୟ ଘଟଣା—କଥୋପକଥନ ଅଦ୍ଭୁତ ଆଶ୍ଚର୍ଯ୍ୟଜନକ—ଭାବ୍-ଅନ୍ତରର ପୂର୍ଣ୍ଣ ବ୍ୟଙ୍ଗ ବିଦ୍ରୂପ—ଚମତ୍କାର ସାଦୃଶ୍ୟବ୍ୟଞ୍ଜକ ତୁଳନା, ଉପମା ଓ ବର୍ଣ୍ଣନା !

ଜଣେ ଭାବ-ପ୍ରବଣ ଉନ୍ମାଦଙ୍କ ପରି ସେ ଟାଇପ କରି ଯାଉଛନ୍ତି । ସେ ଅନୁଭବ କରୁଛନ୍ତି—ସେ ଗପ ଲେଖୁ ନାହାନ୍ତି, ଗପ ତାଙ୍କ ଭିତର ଦେଇ ନିଜେ ଲେଖି ଚାଲି ଆତ୍ମ-ପ୍ରକାଶ ଲଭିବାରେ ବ୍ୟଗ୍ର ହୋଇ ଉଠୁଛି ।

ଅଧୁନାତନ ଏପରି ଅବିରାମ ଶବ୍ଦ ସ୍ରୋତର ପ୍ରବାହ ତାଙ୍କ ଅନୁଭୂତିର ବାହାରେ । ପରେ ପରେ କଣ ଘଟିବ

Digitized by srujanika@gmail.com

( କାହାଣୀ ଅବଶିଷ୍ଟାଂଶ )

ତାହା ଭାବିବାକୁ ତାଙ୍କୁ ଅବସର ମିଳୁ ନ ଥିଲା । ଟିଅର ମାଳ !—ଯେମିତି କଏ ଡାକୁଛି, ଏ ଟାଇପ କରି ଯାଉଛନ୍ତି ଧମାଧମ୍ ।

ଶେଷରେ ସେ ଚମତ୍କାର ଚରମ ସୀମାରେ ଉପନୀତ ହେଲେ—ବନ୍ଦ ହେଲେ । ସେ ସଂସାରର ବୃହତ୍ କାହାଣୀ, ସୃଷ୍ଟି କରିଛନ୍ତି । ତାଙ୍କ ଜୀବନର ଅଭିଷ୍ଟ ସେ ପୂର୍ଣ୍ଣ କରି ପାରିଛନ୍ତି । ସେ ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ ଏବଂ କିଛି ସମୟ ପାଇଁ ନୀରବରେ ବସିଲେ । ଏହି ଅତ୍ୟଧିକ ପରିଶ୍ରମ ଫଳରେ ସେ ଅତୀବ କ୍ଲାନ୍ତ ହୋଇ ପଡ଼ିଲେ । ସେ ଶହେ ଖଣ୍ଡ କାଗଜ ଟାଇପ କରିଛନ୍ତି—ସବୁ ପାଣ୍ଡୁଅରେ ପଡ଼ିଛି ।

ତା ପରେ ସେ ଆନନ୍ଦରେ ଆତ୍ମହରା ହୋଇ ଚିତ୍କାର କରି ଉଠିଲେ । ତାଙ୍କ ସ୍ତ୍ରୀ ଉଠିପଡ଼ି ଭୟରେ ତାଙ୍କ ପାଖକୁ ଦୌଡ଼ି ଆସିଲେ । ପଚାରିଲେ—'ଏ କଣ ? ଏ କଣ ?

ଜୈନେନ୍ଦ୍ର କୁମାର ନିଶ୍ୱାସ ଗ୍ରହଣ କରି କହିଲେ—"ପ୍ରିୟେ ! ମୁଁ—ମୁଁ ଆଜି ମୋର ଜୀବନର ବ୍ରତ ଉଦ୍‌ଯାପନ କଲି । ଆଜି ସର୍ବୋତ୍କୃଷ୍ଟ ଉପନ୍ୟାସ ସୃଷ୍ଟି କରିଛି—ସଂସାରରେ ଅଦ୍ଭୁତ କଥା—ସାହିତ୍ୟ !" କ୍ଲାନ୍ତ ହୋଇ ଚୌକି ଉପରେ ଅଚଳ ପଡ଼ିଲେ ।

ସକାଳର ସୂର୍ଯ୍ୟ ଅଳ୍ପ ଅଳ୍ପ ଝରକା ବାଟେ ଉଙ୍କି ମାରୁଥିଲା । ଜଗତ ଜାଗରୂକ ହେବା ବେଳକୁ, ଜୈନେନ୍ଦ୍ର କୁମାର ଚିର-ନିଦ୍ରାର କୋଳରେ ଆଶ୍ରୟ ନେଲେଣି ।

କିନ୍ତୁ ତାଙ୍କ ସ୍ତ୍ରୀ ଯେତେବେଳେ ଶ୍ରେଷ୍ଠ ରଚନା ଖୋଜନ୍ତି, ସେ ଅତିଶୟ ଦୁଃଖରେ ଦେଖିଲେ—କାଗଜଗୁଡ଼ା ବରଫ ପରି ଧଳା ରହିଛି । ତା ପରେ ଯାଇ ସେ ତାଙ୍କର ଭୁଲ ବୁଝି ପାରିଲେ । ସେ ପୁରୁଣା ଫିତାଟା ( ରିବନ ) ଟାଇପ ମେସିନରୁ କାଢ଼ି ନେଇଥିଲେ । କିନ୍ତୁ ନୂଆ ଫିତା ବଦଳାଇବାକୁ ତାଙ୍କର ମନେ ନାହିଁ ।

ତାଙ୍କ ସ୍ୱାମୀ ଜୈନେନ୍ଦ୍ର କୁମାର ଫିତାଶୂନ୍ୟ ଟାଇପ ମେସିନରେ ସଂସାରର ସର୍ବୋତ୍କୃଷ୍ଟ ଉପନ୍ୟାସ ପ୍ରକାଶ କରି ଏ ଜଗତକୁ ତାଙ୍କର ସର୍ବଶ୍ରେଷ୍ଠ ସାହିତ୍ୟର ଦାନରେ ବିଭୂଷିତ କରାଇ, ଆଜି ଅମରଧାମକୁ ବାହୁଡ଼ି ଯାଇଛନ୍ତି !!!

—*—

# କୁବେର ବ୍ୟାଙ୍କ ଲିଃ—

ପ୍ରତିଷ୍ଠିତ—ଖ୍ରୀ ୧୯୨୭ ମୂଳଧନ—୨୦ ଲକ୍ଷ ହେଡ଼ ଅଫିସ—କଲିକତା

## ନବ ପ୍ରତିଷ୍ଠିତ ଶାଖା—ଭଦ୍ରକ

ପ୍ରସ୍ତାବିତ ଶାଖା—ଓଡ଼ିଶାର ଅନ୍ୟାନ୍ୟ ସହରମାନ

୧ । ମହାଶୟ ଗଣେଶ ପ୍ରସାଦ ସାହୁ—ଜମିଦାର, ଅ: ମାଜିଷ୍ଟ୍ରେଟ । ୨ । ଶ୍ରୀଯୁକ୍ତ ମୁକ୍ତକାନ୍ତ ପାଢ଼ୀ—ଜମିଦାର । ୩ । ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ଦେ—ଅବସର ପ୍ରାପ୍ତ ସବ୍‌ଜଜ୍ । ୪ । ଶ୍ରୀଯୁକ୍ତ ହରିଚରଣ ଚଟ୍ଟର୍ଜି ଉକିଲ ଏମାନଙ୍କ ପୃଷ୍ଠପୋଷକତା ଓ ଅନୁକୂଲ୍ୟରେ ରକ୍ଷିତ

## କୁବେର ବ୍ୟାଙ୍କ

ଭଦ୍ରକରେ ଅତିଶୀଘ୍ର ଶାଖା ଖୋଲୁଛି ।

ଶ୍ରୀଯୁକ୍ତ ନିର୍ମଳଚନ୍ଦ୍ର ଦେ ବି, ଏଲ, ଉକିଲ ଏହି ଶାଖାର ପରିଚାଳନାର ଭାର ଗ୍ରହଣ କରିବା ଲାଗି ପ୍ରସ୍ତାବ କରି ଅଛନ୍ତି ।

Digitized by srujanika@gmail.com

ବିଲେଇ ହାତରେ ....... ........

# ନାରୀ ନିଶା

——ଶ୍ରୀ କସ୍ତୁରୀଚରଣ ମହାପାତ୍ର——

ନାରୀ ପ୍ରଗତି—ନୂଆ ହାଉଆ—ନୂତନ ଅନୁଭୂତି । ସମସ୍ତେ ତ ଚାହିଁଲେ ପ୍ରଗତିବାଦୀ ନେତ୍ରୀଙ୍କର ପତି ହେବେ, ପତି ହୋଇବାକୁ କେତେକର ବା ସାହାସ ହେବ ? ପାଟି ଫିଟାଇବାର ଜୁ ନାହିଁ । ପ୍ରଗତି ମହଲରୁ ଖଡ଼ୁମୂଷା ଉପହାର ଆସୁ ନ ଆସୁ ପ୍ରଗତି ପ୍ରୟାସୀ ଯୁବକ ମହଲରୁ ଆଗେ ଅଭ୍ୟର୍ଥନା ଚାଲି ଆସିବ—Rustic, Back-date, moral wretch, ଗଡ଼କୁତ୍ର, ଜାତୀୟ ଉନ୍ନତିର ଧୂମକେତୁ ଇତ୍ୟାଦି କେତେ କଅଣ ମୁଖରୋଚକ ଦେବେ । ଛୁଆଁଣୀ ଯେତେବେଳେ ଚତୁର୍ଦ୍ଦିଗର ସହଯୋଗିତାରେ କୋରଡାକୁ ପ୍ରତିହତ ଓ ଜବତ କରିବାକୁ ନେଇ ଭିଡ଼ି ଖୋଜା, ସେଠାରେ ଆପଣା ମହତ ଆପେ ରଖି କଥା କହିବା ଦରକାର ।

ପ୍ରଗତିଶୀଳା ସହର ସୀମନ୍ତିନୀ ଶିକ୍ଷିତା କେତେକ କୁମାରୀ ଏବଂ ବିଶିଷ୍ଟ ସମ୍ଭ୍ରାନ୍ତ ମହିଳାଙ୍କ ଅକ୍ଲାନ୍ତ ଉଦ୍ୟମରେ ଏତେ ଦିନକେ ଓଡ଼ିଶାରେ ଆମର ଗଢ଼ି ଉଠିଛି ଗୋଟିଏ ନାରୀ-ମଙ୍ଗଳ ସମିତି । ଏତେ ଦିନକେ ଉତ୍କଳ ଲଳନାଙ୍କର ଆଶା ଆକାଂକ୍ଷା ହୋଇଛି ପରିପୂର୍ଣ୍ଣ । ଆଜି ସେଇ 'ନିଖିଳ ଉତ୍କଳ ନାରୀମଙ୍ଗଳ ସମିତି'ର ବିଶେଷ ଅଧିବେଶନ । ଏଇ ସଭାରେ ଆଜି ସମିତିର ବ୍ୟବସ୍ଥାତ୍ରୀ ମଞ୍ଜୁରାଣୀ କୁଅଁରେ ନାରୀର ଦାବି ସଂପର୍କୀୟ ଏପରି ଏକ ଯୁଗାନ୍ତକାରୀ ପ୍ରସ୍ତାବ ଆଲୋଚନା ପାଇଁ ଉତ୍ଥାପନ କରିବେ, ଯାହା ଶୁଣି ସାରା ବିଶ୍ୱ ଅବାକ୍ ହୋଇଯିବ । ଅଦ୍ୟକାର ସଭାର ଏହା ବିଶେଷ ଆକର୍ଷଣ । ଆଗରୁ ସଂବାଦ ପତ୍ରରେ ଯଥାରୀତି ବିଜ୍ଞପ୍ତି ପ୍ରକାଶ କରି ପ୍ରଗତିବିଶାରଦା ବହୁ ବହୁ ନାମଜାଦା ଅଟ୍ଟନିକାଙ୍କୁ ଆହ୍ୱାନ କରାଯାଇଛି । ନିର୍ଦ୍ଦିଷ୍ଟ ସମୟର ଯଥେଷ୍ଟ ଆଗରୁ ସଭା ମଣ୍ଡପ ଗହ ଗହ ଡାକିଲାଣି । ଆସନ ସବୁ ଭରପୂର, ସୋରିଷ ପକାଇବାର ଠାବ ନାହିଁ । ଚତୁର୍ଦ୍ଦିଗରେ ଯେପରି ପ୍ରଗତିର ଗୋଟାଏ ପ୍ରାଣମତାଣିଆ ବାତାବରଣ ସୃଷ୍ଟି ହୋଇଛି । ସଭାରେ ପ୍ରଧାନ ଆମନ୍ତ୍ରିତ ଭଦ୍ରବ୍ୟକ୍ତି ଶ୍ରୀଯୁକ୍ତ ମହେଶ୍ୱର ମହାପାତ୍ର । ଏଇ ମହେଶ୍ୱର ବାବୁ ନାରୀମଙ୍ଗଳ ସମିତି ସହିତ ବିଶେଷ ଭାବରେ ସଂଶ୍ଳିଷ୍ଟ; ତାଙ୍କର ସାଧନା ଓ ଅଦମ୍ୟ ଉଦ୍ୟମବଳରେ ନାରୀମଙ୍ଗଳ ସମିତି କ୍ରମେ ସହରର ପରିସୀମା ଅତିକ୍ରମ କରି ଉତ୍କଳର ପୁର ପଲ୍ଲୀରେ ଛତୁ ଫୁଟିଲା ପରି ବିଚ୍ଛୁରି ହୋଇ ପଡ଼ିଲାଣି । ପ୍ରତ୍ୟେକ ନାରୀ ପ୍ରାଣରେ ଜାଗରଣ ଗର୍ଜି ଉଠିଲାଣି । ନାରୀ ଜାତିର ସମ୍ମାନ ସେ ପଦେ ପଦେ ଜଗିଥାନ୍ତି । ପଦ ପଦିକାରେ ତାଙ୍କର ସର୍ବଦା ତୀକ୍ଷ୍ଣ ସତର୍କ ଦୃଷ୍ଟି—ଏତେ ଟିକିଏ ଫାଙ୍କ ଦେଇ ଯେପରି ନାରୀ ଜାତିର ସମ୍ମାନରେ ଆଞ୍ଚ ନ ଲାଗେ, ତା'ର ଅବମାନନା ନ ହୁଏ । କେହି ସଙ୍କୀର୍ଣ୍ଣ-ମନା ଅପଦାର୍ଥ ଯଦି କେବେ ଏ ଭଳି ଆସ୍ପର୍ଦ୍ଧା ଦେଖାଏ, ତାହାହେଲେ ସେ ଏପରି ଟାଣେ ଲାଗି ଦେବେ ଯେ 'ନାରୀ' ଏ ନାଁଟା ଧରିବାକୁ ବି କେବେ ସେ ଭରସିବ ନାହିଁ, ଏ ଆତ୍ମପ୍ରତ୍ୟୟ ମଧ୍ୟ ମହେଶ୍ୱର ବାବୁ ପୋଷଣ କରନ୍ତି । ଏ ପ୍ରକାର ମନୋଭାବର ଅନ୍ତରାଳରେ ସେଇ cupid ର କାରସାଦି ପ୍ରଚ୍ଛନ୍ନ ଅଛି ବୋଲି ସନ୍ଦେହ କରିବା ବାସ୍ତବିକ ଘୋର ଅନ୍ୟାୟ । ସେ ଆନ୍ତରିକ ଭାବରେ ମନ ପ୍ରାଣ ଢାଳି ଦେଇ ଭାରତର ଭବିଷ୍ୟତ ଗଢ଼ି ଚାଲିଛନ୍ତି । ତାଙ୍କର ଦୃଢ଼ ଧାରଣା, ଦେଶକୁ ଉନ୍ନତ କରିବାକୁ ହେଲେ, ପୁରୁଷ ଜାତି ପଛେ ରସାତଳେ ଯାଉ ପଛକେ ନାରୀଜାତିଟାକୁ ଠେଲି ହିମାଳୟ ଶିଖରରେ ଥାପିବାକୁ ହେବ । ଅଦ୍ୟାବଧି ସେ ଅବିବାହିତ, ସହକର୍ମୀବର୍ଗ ମଧ୍ୟ ଖାଣ୍ଟି ନିଖୁଣ କୁମାରୀ । ଏ କାର୍ଯ୍ୟରେ ତାଙ୍କର ଟିକିଏ ହେଲେ ସ୍ୱାର୍ଥ ନାହିଁ । କେବଳ ନାରୀମଙ୍ଗଳ ସମିତିର ନୂଆ ନୂଆ ସଭ୍ୟାଙ୍କ ସହିତ ମହେଶ୍ୱର ବାବୁ କେତେଥର

Digitized by srujanika@gmail.com

joyride ରେ ବାହାରିବାର ଦେଖା ଯାଇଛି । ସେତେବେଳେ ମନରେ ତାଙ୍କର କଣ ସବୁ ଆଶା ଲହରୀ ଉଠେ ତାହା ସଠିକ ସମ୍ବାଦ କାହାରିକୁ ମାଲୁମ ନାହିଁ । ସମିତିର ଏକ ବକ୍ତୃତା ଅଧିବେଶନରେ ତାଙ୍କୁ ଡାକ ପଡ଼ିବ ନାହିଁ ତ ଆଉ କ'ଣ ଡାକ ପଡ଼ିବ ଆମ ତମକୁ ? ସଭାନେତ୍ରୀଙ୍କର ପାର୍ଶ୍ୱ ଚୌକିରେ ଆଜି ତାଙ୍କର ଆସନ । ସଭାନେତ୍ରୀଙ୍କ ସହିତ ସେ ମଧ୍ୟ ସମାଲ୍ୟ ସଂବର୍ଦ୍ଧନା ଲାଭ କରି ମୁରୁକି ହସି ଦେଲେ ।

ତା ପରେ ସଭାର ରୀତିମତ କାର୍ଯ୍ୟ ଆରମ୍ଭ । ମଞ୍ଜୁରାଣୀ ଦଣ୍ଡାୟମାନା ହୋଇ ଆରମ୍ଭ କଲେ—

"ସଭାନେତ୍ରୀ ଏବଂ ବନ୍ଧୁଗଣ,

ଆଜି ସଭାର ଅସଲ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଆମ ସମିତିର ପ୍ରଧାନ ପୃଷ୍ଠପୋଷକ, ଓଡ଼ିଶା ମରୁର ଏକମାତ୍ର ଓଏସିସ୍ ଉତ୍କଳ ଭାଗ୍ୟାକାଶର ଏକମାତ୍ର ଉଜ୍ଜ୍ୱଳ ତାରକା ଶ୍ରୀଯୁକ୍ତ ମହେଶ୍ୱର ବାବୁଙ୍କୁ କୃତଜ୍ଞତା ନ ଜଣାଇ ରହି ପାରୁ ନାହିଁ । ଆଜି ଆମ ନାରୀମଙ୍ଗଳ ସମିତି ଯେ ଏତେ ଜନପ୍ରିୟ ହୋଇ ପାରିଛି, ସମିତିର ଶାଖା ପ୍ରଶାଖା ଦୂର ପଲ୍ଲୀରେ ଗଢ଼ିଉଠିଛି ତା ମୂଳରେ ଅଛି ସେହି ମହାଶୟଙ୍କର ପ୍ରେରଣା ଏବଂ ସହୃଦୟତା । ଅନେକ ଲେଖକଙ୍କର ଯେତେବେଳେ ନାରୀ ଜାତିର ଅବମାନନା କରି ପ୍ରବନ୍ଧ ଲେଖିବା ବଦଭ୍ୟାସ ବଢି ଚାଲିଛି, ମହେଶ୍ୱରବାବୁ ସେତେବେଳେ ତାଙ୍କ 'ପ୍ରତିବାଦ' ଲେଖି ସେମାନଙ୍କୁ ଉପଯୁକ୍ତ ସ୍ଥାନ ନିର୍ଦ୍ଦେଶ କରି ଦେଉଛନ୍ତି । ବିଛୁଆତି ବଣରେ ସେ ଏକମାତ୍ର ତୁଳସୀ ଗଛ । ସଂପ୍ରତି ସେ Post-war Women ବୋଲି ଗୋଟିଏ ଗ୍ରନ୍ଥ ଲେଖିବାରେ ମନୋନିବେଶ କରିଛନ୍ତି । ଆଜି ଯେତେବେଳେ ଆମେ ଏକ ଗୁରୁତର ଦାବୀ ଉତ୍ଥାପନ କରିବା ପାଇଁ ସମବେତ, ତାଙ୍କ ପରି ଜଣେ ହିତକାମୀଙ୍କର ଉପସ୍ଥିତି ଅସୀମ ଆନନ୍ଦର ବିଷୟ ।

ପ୍ରସ୍ତାବଟା ଏବେ ଏବେ ମୁଁ ଆପଣମାନଙ୍କ ସମକ୍ଷରେ ଉତ୍ଥାପନ କରିବି । ପୁରୁଷମାନେ ପୂର୍ବକାଳରେ ନାରୀମାନଙ୍କୁ ବୋବା ବନେଇ କିପରି ହୀନ ଭାବରେ ଅବମାନନା କରି ଆସିଛନ୍ତି ସେ କଥା ଭାବିଲେ ନିଶ୍ଚୟ ଆପଣମାନଙ୍କର ରକ୍ତ ଗରମ ହୋଇ ଉଠେ । ଯାହା ଭଲ, ଯାହା ଶ୍ରେୟ ସ୍ୱାର୍ଥପର ଭାବରେ ପୁରୁଷର ଉପରେ ଏକଚ୍ଛତ୍ର ଅଧିକାର । ନାରୀ ସେ ସବୁ ଉପସ୍ୱତ୍ୱରୁ ଏକାବେଳକେ ବଞ୍ଚିତା । ନାରୀର ନାମ ସୁଦ୍ଧା ରଖା ହୋଇଛି 'ଅବଳା' । ଛି, ଛି, କି ଗର୍ହିତ ପକ୍ଷପାତ ଦୋଷ । ଯାହାହେଉ, ଅଧୁନା ନାରୀ ଶିକ୍ଷାଲାଭ ପାଇ ସବୁ ଅନ୍ୟାୟ ଅତ୍ୟାଚାରର ପ୍ରତିକାର ଲୋଡ଼ିଲେଣି । ସେ ଆଉ ପରାଧୀନା ହେବ ନାହିଁ, ନାରୀ ଆଉ ଦୁର୍ବଳା ଅବଳା ନୁହେଁ । ଆଧୁନିକା ନାରୀ ସବଳା ପ୍ରବଳା । ପୁରୁଷ ସହିତ ସବୁଥି ତା'ର ସମାନ ଅଧିକାର ।

ଆଗେ ପୁରୁଷମାନେ ନିଜ ନାମର ପ୍ରଥମେ 'ଶ୍ରୀ' ଲେଖି ସ୍ତ୍ରୀ ଲୋକମାନଙ୍କୁ ଭଣ୍ଡାଇ ସେମାନଙ୍କ ନାମ ସହିତ 'ଶ୍ରୀମତୀ' ଯୋଡ଼ି ଦେଉଥିଲେ । ପାଶ୍ଚାତ୍ୟ ଶିକ୍ଷାଲାଭ ଫଳରେ ନାରୀର ଯେତେବେଳେ ଚକ୍ଷୁ ଫିଟିଲା, ପୁରୁଷର ଏ ଅନ୍ୟାୟ ଚାଲାକି ଧରା ପଡ଼ିଗଲା । ସଂପ୍ରତି ଆମ ଶିକ୍ଷିତା ଭଉଣୀମାନେ ସମସ୍ତ ଲଜ୍ଜା ଫିଙ୍ଗି ଦେଇ ଦ୍ୱିଧା ସଙ୍କୋଚର ମସ୍ତକ ଚର୍ବଣ କରି ସମାଲୋଚନାକୁ ପଦଦଳିତ କରି ନିଜ ନିଜ ନାମର ପ୍ରଥମେ ଶ୍ରୀମତୀ ପରିବର୍ତ୍ତେ ଶ୍ରୀ ଲେଖିବାକୁ ଆରମ୍ଭ କଲେଣି । ଏହା ତ ଦରକାର । ନାରୀ ଜାତି ଯେ ଜଡ଼ ନୁହେଁ, ମୂର୍ଖ ନୁହେଁ, ତା ଭିତରେ ଯେ ପ୍ରଗତିର ସ୍ପନ୍ଦନ, ଚେତନା ଅଛି ଏହାତ ତା'ର ନିଦର୍ଶନ । ପ୍ରଥମ ପ୍ରଥମ କେତେ ଜଣ ରକ୍ଷଣଶୀଳ ବୃଦ୍ଧାମାନଙ୍କର ସେ କାଳୀୟ ମନୋଭାବର ଲୋକ ପ୍ରତିବାଦ କରୁଥିଲେ । ସେଥିରେ ଦବି ଯିବାର ହେବୁ ନାହିଁ । ନାରୀର ସମବେତ ଶକ୍ତି ଆଗରେ ସମସ୍ତ ସମାଲୋଚନା ମଥା ନତ କରିବ ।

କିଛି ଦିନ ଆଗେ ସ୍ତ୍ରୀ ମାନେ ବାହାରେ ବୁଲିଚାଲି ବିଚରଣ କରିବାକୁ ଲୋକେ ନା-ପସନ୍ଦ କରୁଥିଲେ । ଆଜି ସମସ୍ତେ ହୃଦୟଙ୍ଗମ କଲେଣି ଯେ ଏହା! ସଭ୍ୟତାର ଗୋଟାଏ ଅଙ୍ଗ । ସ୍ତ୍ରୀମାନେ କୋଟା ପିନ୍ଧି ବାହାରକୁ ବାହାରିଲେ ଲୋକେ ନାକ ଟେକୁଥିଲେ । ଆଜି ସେ କଥାକୁ ସମସ୍ତେ ଖାଲି ଯେ ପସନ୍ଦ କରୁଛନ୍ତି ତା ନୁହେଁ, ଆମ କୋଟା କିପରି ରମଣୀୟ ହେବ ବେଶୀ ଟସ ଟସ ହେବ ସେଥିପାଇଁ ଅବିରତ ନିତ୍ୟ ନୂତନ ପ୍ରଚେଷ୍ଟା ଲାଗିଛି । ଆଉ ଯେଉଁ ଆଧୁନିକା ହାଇହିଲ୍ ପିନ୍ଧିରେ ବୁଲି ଯାଉଛି ତା ଚରଣ ତଳେ

Digitized by srujanika@gmail.com

ସେବେଠୁ ସେମାନଙ୍କର ମନ ବସ୍ତ୍ର ଚଢ଼ୁଛି । ସମସ୍ତ ଥିଲା ଯେତେବେଳେ ଅଧୁନିକ ଧରଣରେ ବସ୍ତ୍ର ପରିଧାନ କରିବାକୁ ସେ କେବେ ପସନ୍ଦ କରୁ ନ ଥିଲେ । ମାନବ ସଭ୍ୟତା ନିତ୍ୟ ନୂତନ ପଥରେ ଅଗ୍ରେଇ ଚାଲିଛି । ଆମେ ମଧ୍ୟ ନୂଆ ନୂଆ ପଥରେ ଅଗ୍ରେଇ ଯିବୁ ।

ଭଉଣୀମାନେ, ଆଜି ଆମେ ପୁରୁଷମାନଙ୍କଠାରୁ ସବୁ କ୍ଷେତ୍ରରେ ସମାନ ଅଧିକାର ହାସଲ କଲେଣି । କେବଳ ଗୋଟିଏ ଜିନିଷ ବାକି ଅଛି । ତା ପ୍ରତି ଏପର୍ଯ୍ୟନ୍ତ କୌଣସି ବୁଦ୍ଧିମତୀ ନାରୀର ନଜର ପଡ଼ିନାହିଁ ଏବଂ ସେଥିର ସ୍ୱାର୍ଥପର ପୁରୁଷଜାତି କୌଶଳରେ ଆଜି ପର୍ଯ୍ୟନ୍ତ ତାକୁ ଏକା ଭୋଗ କରି ଆସୁଛି । ସେ ଜିନିଷଟି ହେଉଛି "ନିଶ" । କୌଣସି ଦେଶର ନାରୀ ଅଦ୍ୟାବଧି ଏ କ୍ଷେତ୍ରରେ ପୁରୁଷ ସହିତ ସମାନ ଅଧିକାର ଦାବି କରିନାହିଁ । କିନ୍ତୁ ପ୍ରକୃତରେ ଏହା ଏକ ନିନ୍ଦନୀୟ ବିଷୟ । "ନିଶ" କେବଳ କେତେଗୁଡ଼ିଏ କୁଞ୍ଚିତ କେଶର ସମାବେଶ ନୁହେଁ । ସେ ଗୋଟାଏ ବିରାଟ ମହତ ଗୁଣର ପ୍ରାଚ୍ୟ ପ୍ରତୀକ— ବୀରତ୍ୱର symbol, ସାହସିକତା ନିଦର୍ଶନ । ବୁଦ୍ଧି ଓ ପ୍ରବୀଣତାର ପ୍ରତୀକ ଏବଂ ସୌନ୍ଦର୍ଯ୍ୟ ବର୍ଦ୍ଧକ । ଅଧୁନିକା ପ୍ରଗତିଶୀଳା ନାରୀ ଏ ସକଳ ଗୁଣରେ ପୁରୁଷର ସମକକ୍ଷା, ବରଂ ଅଗ୍ରଗାମିନୀ । ଅଥଚ, ତାର ପ୍ରାପ୍ୟ 'ନିଶ'ର ଅଧିକାରରୁ ଏକାବେଳେକେ ବଞ୍ଚିତା । ଏ କେତେ ବଡ଼ ଅନ୍ୟାୟ ଭାବ ଦେଖି ? ନାରୀ କାହିଁକି ନିଶର ଅଧିକାର ନ ପାଇବ ? ବର୍ତ୍ତମାନ ମହାସମରରେ ବିମାନ ଯୁଦ୍ଧ ଟ୍ରାଙ୍କ ଯୁଦ୍ଧ ସମର ପରିଚାଳନା ଯନ୍ତ୍ର ନିର୍ମାଣ ପ୍ରଭୃତି ସକଳ କ୍ଷେତ୍ରରେ ନାରୀ ପୁରୁଷକୁ ଟପି ଯାଉଛି । ସେ ଆଜି ପର୍ଦ୍ଦାନ୍ତରାଳରେ ଅସୂର୍ଯ୍ୟଂପଶ୍ୟା ନୁହେଁ । ହିମାଚଳକରେ ଉଦ୍‌ଭାସିତା ବିଦ୍ୟୁତ୍ ଯୋଗ୍ୟ ବୀରାଙ୍ଗନା । ଏତେଦିନ ଆମେ ଅପମାନନା ସହ୍ୟ କରି ଆସିଛୁ । ଆଉ ନୁହେଁ । ଏଥର ଆମର ପ୍ରତିଶୋଧ ନେବାର ପାଳି । ଆମେଇ ନିଶ ଦ୍ୱାରା ହେବ ପ୍ରତ୍ୟେକ ଗୁଣର ପ୍ରକୃତ ଅଧିକାରିଣୀ । ( hear, hear )

ବନ୍ଧୁଗଣ, ଅନେକ ନାରୀ ସଭ୍ୟତାକୁ ଉନ୍ନତୀୟା ନାରୀ କିଛି ଦାନ କରିନାହିଁ । ପୁରାକାଳର ସେହି ସତୀତ୍ୱ, ପତିଭକ୍ତି, ଆତ୍ମତ୍ୟାଗ ଇତ୍ୟାଦି ଖାଲି ଅଯଥା କଳ୍ପନାର ବିଷୟ ନେଇ ବୃଥା ଗର୍ବ କରି ଆସିଛି । ଆଜି ଅସାମାନ୍ୟ ନିଶ ଦାନ ନକଲେ ମହତ ହେଉନାହିଁ । ଏତେଦିନ ଆମେ ବିଦେଶରୁ ଏବଂ ଅନ୍ୟାନ୍ୟ ପ୍ରଦେଶରୁ ପ୍ରଗତି ଅନୁକରଣ କରି ଆସିଛୁ । ନାରୀମଙ୍ଗଳ ସମିତି ମୋର ଏ ପ୍ରସ୍ତାବ ଗ୍ରହଣ କଲେ ଆଜି ବଙ୍ଗର ନାରୀପ୍ରଗତି ଏକ ଶତାବ୍ଦୀ ଅଗେଇ ଯିବ ।"

ଏହି ସମୟରେ ଜଣେ ସାଧାରଣ ଶ୍ରୋତ୍ରୀ ଉଠି ପ୍ରଶ୍ନ କଲେ—"କିନ୍ତୁ ମୁଷ୍କିଲ ଏଇ ଯେ ଆମର ନିଶ ଉଠିବ କିପରି ? ଖାଲି ଏଇ କଥା ନେଇ ଯାହା କିଛି—"

ବକ୍ତ୍ରୀ ପ୍ରଶ୍ନ ଶେଷ କରିବାକୁ ଅପେକ୍ଷା ନ କରି ଉତ୍ତର ଆରମ୍ଭ କଲେ—

"ତୁମ ମୁହଁରେ ଏ ପ୍ରଶ୍ନ ବଡ଼ ଅସଙ୍ଗତ ଶୁଭେ ଅଞ୍ଜଳୀ ! ବିଶେଷତଃ ତୁମେ ଯେତେବେଳେ ବିଜ୍ଞାନର ଛାତ୍ରୀ । ଏ ବିଜ୍ଞାନ ଯୁଗରେ କିଛି ଅସମ୍ଭବ ହୋଇ ଅଛି କି ? ସେଥିପାଇଁ proper research ହେବା ଦରକାର । ଏ ଦିଗରେ ବିଶେଷ ଭାବରେ ଉଦ୍ୟୋଗ କରିବା ପାଇଁ ମହେଶ୍ୱର ବାବୁଙ୍କ ସଭାପତିତ୍ୱରେ ଗୋଟିଏ ସବ୍‌କମିଟି ହୋଇଯାଉ । ସୃଷ୍ଟିକର୍ତ୍ତା ! ଏତେ ପକ୍ଷପାତୀ ନୁହନ୍ତି ଯେ ପୁରୁଷର ଖାଲି ନିଶ ଉଠିବ, ସ୍ତ୍ରୀର ନିଶ ଉଠିବ ନାହିଁ ଏପରି ଅନ୍ୟାୟ ବିଧାନ ପ୍ରଣୟନ କରିଥିବେ । ଉପଯୁକ୍ତ ଚେଷ୍ଟା ହେଲେ ଅଳ୍ପଦିନେ ଆମେ ସଫଳ କାମ ହେବା । ଥରେ କୌଣସି ମତେ ନିଶ ଉଠିଲେ by evolution ଆମ ପରବର୍ତ୍ତୀ generation ମାନଙ୍କର ମଧ୍ୟ ସ୍ୱତଃ ନିଶ ଅଙ୍କୁରିବ । ଆମ ଏଇ କ୍ଷୁଦ୍ର ସମିତିକୁ nucleus କରି ଗଢ଼ି ଉଠିବ ଗୋଟାଏ ବିରାଟ ସଭ୍ୟତା ଯାହା ତୁଳନାରେ ଅନ୍ୟ ସବୁ ପ୍ରଗତି ମ୍ଳାନ ହୋଇଯିବ ।

ହଁ, ଏଇ ସଂପର୍କରେ ଆଉ ଗୋଟିଏ କଥା । ବର୍ତ୍ତମାନ ପୁରୁଷମାନେ ଯେତେବେଳେ ଶାନ୍ତି, ମୁକ୍ତି, ଜ୍ୟୋତି, ରମା ପ୍ରଭୃତି କେତେ ରସାତ୍ମକ କୋମଳ ମାଧୁର୍ଯ୍ୟ ନାମ ଧାରଣ କରିବାକୁ ଭଲ ପାଉଛନ୍ତି । ଏଇ ସୁଯୋଗରେ ଆମର ଗୋଟାଏ ମସ୍ତବଡ଼ ସୁବିଧା ମାରି ନେବାର ଅଛି । ନାରୀମାନେ ଏବେଠୁ କୋମଳ ନାମ ବଦଳେଇ ବୀରତ୍ୱ ବ୍ୟଞ୍ଜକ ସାହସିକତା ସୂଚକ କର୍କଶ ନାମ ଧାରଣ କରିବା ଦରକାର । ତାହାହେଲେ ଜଗତ ସମକ୍ଷରେ କହି ପାରିବା ଆମେହିଁ କେବଳ ବୀରଜାତି । 'ନିଶ'ରେ ଆମର ପୂରା

( ପରପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com

# କାଳିଆ ବଳଦ ଗଲା ଗଲା..........

ସଂଗ୍ରାହକ—ଶ୍ରୀ ଦେବ ପଦ୍ମାପାନ

ମହେଶ ଅନେକ ଚେଷ୍ଟାରେ ନଳିନୀକୁ ମୋଟରରେ ବସାଇ ବୁଲେଇ ନେବାକୁ ରାଜି କରାଇ ପାରିଲା । ସେ ନଳିନୀର ହାତଟାର ପ୍ରେମରେ ଛୁଇଁଲା,

ମହେଶ—"ନଳିନୀ.............."

ନଳିନୀ—( ନିଜହାତ ଛଡ଼େଇ ଆଣି ) ଦେଖ ମହେଶ ବାବୁ, କିଛି ଫାଜିଲାମି କଲେ ଚଳିବନି । ମୋର ହାତ ଧରିବନି, ଚୁମ୍ମା ନାହିଁ କିମ୍ବା କିଛି ନାହିଁ, ବୁଝିଲ ?

ମହେଶ—ହଁ ବୁଝିଲି ।

ନଳିନୀ—ବେଶ ! ଆଚ୍ଛା ବର୍ତ୍ତମାନ ଆମେ କୋଉଁଠିକି ଯିବା ?

ମହେଶ—ସିଧା ଘରକୁ ।

\+ + +

ଗୋଟିଏ ଯୁବକ ତାର ଭାବୀପତ୍ନୀକୁ ଗୋଟିଏ ମୁଦି ଉପହାର ଦେବାକୁ ବସିଲା । ତାର ଇଚ୍ଛା ହେଲା ମୁଦି ଉପରେ କିଛି ଲେଖା ଗଲେ ଭଲ ହୁଅନ୍ତା କିନ୍ତୁ କଣ ଲେଖିବ କିଛି ଠିକ କରି ନପାରି ବାପଙ୍କର ପରାମର୍ଶ ନେଲା । ତାର ବାପା କହିଲେ "ଲେଖିଦେ ଯୁବକୁ ନଦେଖି ମନେ ପକାଅ ମତେ"

କେତେଦିନ ପରେ ଯୁବକର ଭାବୀପତ୍ନୀ ମୁଦି ଉପରର ଲେଖା ପଢ଼ି ଖୁବ୍ ଆଶ୍ଚର୍ଯ୍ୟ ହୋଇ ପଡ଼ିଲା । ସେଥିରେ ଲେଖାଥିଲା, "ଯୁବକୁ ଦେଖି ମନେ ପକାଅ ବାପାଙ୍କୁ"

କେ—ଆପଣଙ୍କ ପୁଅ କଣ ବର୍ତ୍ତମାନ ଯୋଦ୍ଧା ହେବାକୁ ମନ କରୁଛି ?

ବାପ—ନା, ନା, ସେ କେବେଷଣି ଯୋଦ୍ଧା ହେବ ଏ କଥା ମୁଁ ଜମା ବିଶ୍ୱାସ କରିବି ନି କାରଣ ସେ ବର୍ତ୍ତମାନ ବାଣ୍ଡଲର ଡିଗ୍ରୀ ପାଇଁ ପଢ଼ା ପଢ଼ି କରୁଛି ।

\+ × +

---

( ମଜାକଥା ପୂର୍ବପୃଷ୍ଠା ଉତ୍ତରୁ )

ଅଧିକାର । ବର୍ତ୍ତମାନ ମୋ ପ୍ରସ୍ତାବରେ ବନ୍ଧୁମାନେ ଅନୁମୋଦନ କରନ୍ତୁ ।"

ଏତେ କହି ଯାଇ ମଞ୍ଜୁରାଣୀ ନିଜ ବାଗ୍ମିତାରେ ନିଜେ ବିଭୋର ହୋଇ ବସି ପଡ଼ିଲେ । ଅଥଚ ଅଗରେ ବଂଶ ଘଣ୍ଟି ତା ପ୍ରତି ମୋଟେ ଲକ୍ଷ ନାହିଁ । କିନ୍ତୁ ତା ଶେଷରେ ହୋସ୍ ପାଇ ଗୁହଁ ଦେଖନ୍ତି ଅଧିକାଂଶ ଆସନ ଖାଲି ଖାଲି ହେଲେ ସେମାନଙ୍କ ମଧ୍ୟ ଶୂନ୍ୟ ହୋଇ ଗଲାଣି ଯେ କେତେ ଜଣ ଧୈର୍ଯ୍ୟ ଧରି ବସି ରହିଥିଲେ ସେମାନେ ମଞ୍ଜୁରାଣୀଙ୍କ ପ୍ରତି ଅନୁଗତ୍ୟ ହେତୁ ହେଉ କିମ୍ବା ବନ୍ଧୁମାନେ ପ୍ରକାଶ କରିବାର ନିରାର୍ଥକତା ବୁଝିରୁ ହେଉ ଚୁପ୍ କରି ରହିଲେ । କିନ୍ତୁ ବୁଝିଲେ ସର୍ବସମ୍ମତି କ୍ରମେ ତାଙ୍କ ଯୁଗାନ୍ତକାରୀ ପ୍ରସ୍ତାବ ଗୃହୀତ ହେଲା । ସଭ ସମିତିକାକୁ ଏ ପ୍ରସ୍ତାବର ଏକ ନକଲ ଲେଖାଁ କରି ପଠାଇବାକୁ ସ୍ଥିର ହୋଇ ମାମୁଲି ଭାବରେ ସଭା ଭଙ୍ଗ ହେଲା । ମଞ୍ଜୁରାଣୀଙ୍କ 'କାର୍' ବାହାରେ ଅପେକ୍ଷା କରୁଥିଲା । ଉଭୟଙ୍କ ମା ମଞ୍ଜୁରାଣୀ ଓ ମହେଶ୍ୱରବାବୁ ଲଗାଲଗି ହୋଇ ବସି 'କାର୍' ଛୁଟେଇ ଦେଲେ ସିଧା ବାଟେ ଯାଉ ଅଚ୍ଛି ।

——*——

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ *

( ମଡାର୍ଣ୍ଣ ଚମ୍ପୂ )

କାନ୍ତ-କବି ବିରଚିତ

## ( ଦ )

ରେ ଦୁଃଖିଧନ, ଦାନ୍ତ ଦେଖେଇବାକୁ ଶିଖା କଲିଛନି ।
ଦୁଃଖମଯ୍ନ ନ କର ଘରଯ ମନ ॥ ଘୋଷା ॥

ଦ୍ରୁବିଗଲେ ମୋଟତ ଦେଖି ଦୂରୁଁ
ଦଉଡ଼ିଲେ ହସି କୁରୁ କୁରୁ,
ଦାଢ଼ି କୁ ହଲାଇ ନିଶକୁ ଫୁଲାଇ
କାମଡ଼ାଟରେ ନଗୁରଣୀ ଭୁରୁ ।
ଦୁମୁ ଦୁମୁ ହୋଇ ଗୁଲୁ ଗୁଲୁ
ଦୁଲୁକିଲ ଦେହ ଦାଲୁ ଦାଲୁ
ଦରବଗଳତ ହେଲ ମୋହ ନେଶ
ଦେଖିବା ମାତ୍ରେ ସେ କଳା ଭାଲୁ ।
ଦମାକଷ୍ଟା ଦବ୍ରଗଲଣିଟି
ଦରଜ କଲଣି ଅଣ୍ଟା ପିଠି [ଆଣ୍ଟୁ ଗଣ୍ଠି]
ଦମା ଚଲ ଫାଟି ହେଲେ ଘୁଟିଘିଟି
ଦୁହୁଆଖି କର ମିଟିମିଟି ।
ଦକ ଦକ କଅଁ କରୁ ଛାତ
ଦେଲୁଣି ତ ସାର ଜାତ ପତ
ଦୁବଘାସ ସେହୁ, ଦାରୁ ଅଟୁ ତୁହ
ଦାଉରେ ପଡ଼ୁଛୁ ଦନ୍ତା ହାତୀ !
ଦଗାଏତେବ ପାଲଟିଲ ତୋର
ଦକ୍‌ଦାରରୁ ତୁ ହେଲୁ ପାର
ଦହ ହୋଇ କର ଚଲ ଅସି ସର
ଦଲ୍‌ଖସ୍‌ କର ଦମ୍‌ ମାର ।
ଦାସ ପଣେ ତାକୁ ଖଟାଇବୁ
ଦରକାର ତକ ମେଣ୍ଟାଇବୁ
ଦୁଃଖୀ ହୋଇବାର ଦସ୍ତୁରର ମୋର
ଦାବଟା ଫାବଲ ଜାଣିଥିବୁ ।

ରେ ସଖି, ତୁ ମୋର ଜୀବଜୀବନ; ତୋ ଦୁଃଖ କ ମୁଁ ସହୁ ପାରିବି ! ମନ ବଢ଼ିବା ପାଇଁ ଟିକିଏ ଟେକ୍ନିକ ବ୍ୟବହାରିଥିଲି ତୋ ପାଖରେ । ପ୍ରାର୍ଥନା ପେଉଁ କାମରେ ଲାଗେ, ସେ କଣ ଫେଲ ମାରିବ ! କାମ୍ନା ବାଲ୍‌ଭୁଲ୍‌ ଫଏସଲ କର ଅସିଛି । ଆଉ କଛି କଥା ନାହିଁ—ଖାଲି ମୋର କମିଶନଟା କଥା ବିଚାର କରିବୁ ।

ଏହାଶୁଣି ନବୀନା ହୁଷ୍ଟା ହୋଇ କହିବାକୁ ଆରମ୍ଭ କଲେ—

## ( ଧ )

ଧୀରାତରେ କା ଧନ ତୁ ନ ଦେଲୁ ଆଜ ।
ଧରା ପରା କଲେ କାହିଁସେ ମୁଠେ ନାଜ ? ଘୋଷା

ଧମକ ଦେବାରେ ସହୁ ଧୂନିଛରା ଅଟୁ ତୁହ
ଧଧାଇ ଦେଲୁ ତା ସେହୁ ଧଡ଼ିବାଜ । ୧
ଧରାରେ ତୋ ନଦେଖି ମୁହଁ, ଧାଲୁଅ ଜୀତ ରହ
ଧାନକୁଟି ସୁଦିବ ଏ ରଣି ବାଜ । ୨
ଧକ୍କାଦେଇ ତା ବେକରେ, ଧାର ଅଣିନୁକ ଥରେ
ଧୁଆଁ କାଢ଼ି ଦଅନ୍ତି ଯୁଡ଼ି ଲାଜ । ୩
ଧାଇଁ ଏପଟ ସେପଟ (ତୋର)ଧକାଇହେବ ନପେଟ
ଧନରେ ତୁ ଝଟପଟ ଲଟ ଭାଜ । ୪

ସଖି, ତୁ ମୋତେ ଯାହା ଦେଲୁ, କମିଶନ୍‌ ତ ଅଛ ଶେଷ କଥା—ମୁଁ ତୋଠେଇଁ ଜୀବନତମାମ୍‌ କଣା ହୋଇ ରହିଲି । ତୋ ବୁଦ୍ଧିକୁ ବାଳିହାର ନ ଦେଇ ରହି ପାରୁନାହିଁ । ତଥାପି ଛଳେ, ବଳେ, କୌଶଳେ ଯାହା କରି ଅସିଲୁ, ତହିରେ ବଡ଼ ଥକା ହୋଇଥିବୁ ଓ ତୋତେ ଭୋକ ଲାଗିବ । ଟଙ୍କାଲ ଷ୍ଟୋଭଟା ଜଗାଇ ଦେ । ଗୁଣ୍ଡା ଖାଉ ଟିକା ?

ଏକା ତୁ ଯାହା ତା କାନମୋଡ଼ି ଧରିଅଣି ଥାଆନ୍ତୁ ସାଙ୍ଗରେ ତେବେ ସାଙ୍ଗେ ସାଙ୍ଗେ ତୋର ବକ୍‌ସିସ୍‌ଟା ମିଳି ଯାଆନ୍ତା । ( କ୍ରମଶଃ )

* Reproduction in part or full is strictly prohibited.

Digitized by srujanika@gmail.com

# ଛାଞ୍ଚୁଣି ବନାମ ଟୋକାରଡ଼ା

ପ୍ରିୟା ଭଉଣୀ,

ତୁମେ ଖାଲି ପାଲଟିଏ ଲଗେଇ ଦେଇଚ। ଉପର ସମ୍ପାଦକଙ୍କର କାଗଜ, କଲମ, ଛାପାଖାନା ଅଛି। ପଇସା ଗୁଡ଼ାକର ସରୁ ନାହିଁ, ତାଙ୍କ ହୁଅର ଏକାବେଳେକେ ସାହାଣ ମେଲ। ଆଉ ଏ ଓଡ଼ିଶା ସ୍କୁଲକରେ ମାଗଣା ଶିକ୍ଷା ଓ ଉପରେ ପଢ଼ାଉ କମ ନାହାନ୍ତି। ଅତଏବ ପତି ଦେବତା ଠାରୁ ସ୍ୱାଧୀନା ସ୍ତ୍ରୀ ଜାତି ପର୍ଯ୍ୟନ୍ତ ଅନେକ ଅନେକ କଥା ପଢ଼ି ଗଢ଼ି ଗଲଣି। ପାଗଳ, ତୁମେ ଭଉଣୀ, ପାଗଳ! ଏ ମୁଁ ଅଙ୍ଗନ୍ଧି ଲଗେଇ ଦେଇ ମୁହଁରେ ଲଙ୍ଗା ଗୁଞ୍ଜି ଟିଁ ଟିଁ ହେଉ ହଟିବାରେ କି ଲଜ୍ଜା କହୁନ ଦେଖି। ଯେଉଁମାନେ ତୁମକୁ ଉପଦେଶ ଦବାକୁ ହମ ହମ ହେଇ ବାହାରି ପଡ଼ନ୍ତି, ସେଇମାନଙ୍କୁ ମୁଁ ପଚାରେଁ, ଭଲ କହି ଦେଖିଚ, ନାରୀ ତାର ନାମଟି ହାସଲ କରେଇ ନବାରେ, ତୁଚ୍ଛା ମରଦଙ୍କୁ ନାକରେ ଦଉଡ଼ି ଦେଇ ଘୋଷାରିବାରେ ପଛେଇ ଯାଇଚ, କି, କାହାର କଥାକୁ ଅପେକ୍ଷା କରୁଚି? ନାରୀଜାତି ମା ପେଟରୁ ଅଇଲେ ନେଇ ଆସୁ ବା ନ ଆସୁ, କିନ୍ତୁ ମର୍ଦ୍ଦଙ୍କ ଗୁମାନ, ଦମାକ ଭାଙ୍ଗିବାର ମହାସ୍ତ୍ର ଖଣ୍ଡିକ ନେଇ ଆସିଥାଏ।

ନା, ଭଉଣୀ, ମୁଁ ତୁମର ଏ ଗଯ୍ୟଟୋପି ପିନ୍ଧା ହୁଅର ହବାକୁ ରାଜି ନୁହେଁ। ସତରେ ଯେବେ ତୁମର ସ୍ୱାମୀ ତୁମ ଉପରେ ଗୁମାନ କରି ଥାଆନ୍ତି, ତା' ହେଲେ ମୋର କେବଳ ତାଙ୍କର ପାଇଁ ଦୁଃଖ ଯେ, ସେ ରାଗର କର୍ମ ପାଉଚି। କେବଳ ଯେଉଁମାନେ ପର୍ଯ୍ୟନ୍ତେଇ କରି ବାହାରି ଛନ୍ତି, ସେଇ ମାନଙ୍କୁ ମୋର ପଦେ ଅଧେ କହିବାର ଅଛି। ଏ ବିଶ୍ୱାସୀଙ୍କୁ ବିବାହ ପ୍ରସଙ୍ଗରେ ମାତ୍ର ତିନି ପ୍ରଧାନ ଶ୍ରେଣୀରେ ଭାଗ କରାଯାଇ ପାରେ। ୧। ଯେଉଁମାନେ ଭାବନ୍ତି ଯେ ସ୍ତ୍ରୀ ଅର୍ଦ୍ଧାଙ୍ଗିନୀ, ପୁରୁଷର ସହଧର୍ମିଣୀ, ୨। ଯେଉଁମାନେ ଭାବନ୍ତି ଯେ ବିବାହ ଗୋଟାଏ ସାମାଜିକ ଚୁକ୍ତି, ୩। ଯେଉଁମାନେ ଭାବନ୍ତି ଯେ ବିବାହ ଅବାଧ ବିଳାସର ଗୋଟାଏ ଉପାୟ। ଆମ ଶାସ୍ତ୍ର ଓ ଇଂରେଜି ଶାସ୍ତ୍ର ମଧ୍ୟ କହେ ଯେ ସ୍ତ୍ରୀ ପୁରୁଷର ଅର୍ଦ୍ଧାଙ୍ଗିନୀ, ସହଧର୍ମିଣୀ। ଏ ମତ ଯେବେ ମାନି ନିଆଯାଏ, ତା ହେଲେ ମୁଁ ମୋର ଅଧେ ଦେହକୁ ଆଦର କରି, ଆଉ ଅଧକୁ ଅନାଦର କରି ନପାରେଁ। ଯଦି କେହି ପୁରୁଷ ଏପରି ଅନାଦର କରେ, ତା ହେଲେ ବୁଝିବାକୁ ହବ ଯେ ସେ ଏ ଶ୍ରେଣୀର ନୁହନ୍ତି। ଅତଏବ ଏ ଶ୍ରେଣୀର ମତରେ ସ୍ତ୍ରୀର ଯାହା କରିବା ଉଚିତ, ତାହା ପାଇବାର ହକଦାର ସେ ହେଇ ପାରିବେ ନାହିଁ। ଯଦି ବିବାହ ଗୋଟିଏ ଚୁକ୍ତି ହୁଏ, ତା' ହେଲେ ଚୁକ୍ତି ଉଭୟ ଅଡ଼ୁ। ଜଣେ କହିବ ମୁଁ ତୁମକୁ ସମ୍ମାନ କରିବି, ଆଦର କରିବି, ସ୍ନେହ କରିବି; ଆଉଜଣେ ଚୁକ୍ତି କରିବ ଯେ ମୁଁ ତୁମକୁ ଦେବତା ବୋଲି ମାନିବି, ତୁମର ପିଲା ବୋହିବି, ତୁମ ଘରର ଗୋଲାମି କରିବି। ପୁରୁଷ ଯେବେ ତାର ଚୁକ୍ତି ରକ୍ଷା ନ କରେ, ତା ହେଲେ ସ୍ତ୍ରୀ କୁ ତାର ଚୁକ୍ତି ରକ୍ଷା କରିବାକୁ କହିବା ଅନ୍ୟାୟ ଓ ଅଯୌକ୍ତିକ। ଯଦି ତୃତୀୟ ଶ୍ରେଣୀର କଥା ହୁଏ, ତେବେ ଆଉ କଣ, ବିଳାସର ବଳି ବନ୍ଧୁର ଖବାଟକ ସେ ସବୁ ହେଇ ଯାଇଚି। ଏବେ ସେ ଯେବେ ଏକେଶ ହୁଅନ୍ତି, ଆମେ କେତେଣ। ପୁରୁଷ ଗୋଟିଏ ମାଇଲେ ବି ସ୍ତ୍ରୀ ତାକୁ ସହିବେ ଓ ସହି ନେଇ ନିଜର କର୍ତ୍ତବ୍ୟ କରି ଯିବେ—ଏପରି କଥା ସେଇଠାରେ ତୁଟୁଛି, ଯେଉଁଠାରେ ପୁରୁଷର ସ୍ନେହ ସ୍ତ୍ରୀ ପ୍ରତି ସମାନ ଭାବରେ ରହେ, କେବଳ କ୍ଷଣିକର ବମନରେ ସେ ରାଗି ଯାଇଚି। କିନ୍ତୁ ଯେଉଁଠାରେ ଭୋଗ ପର୍ଯ୍ୟନ୍ତ ମାତ୍ରାତିରିକ୍ତ ଅଛି, ସେଠାରେ ବିଭୋଗର ବଦଳରେ ସଭୋଗ ଦବା ମାଙ୍କଡ଼ି କେବଳ ମୋଟ ହାର ଦବା ଭଳି।

ନା, ଭଉଣୀ ଏ ସବୁ ପାତିବ୍ରତ୍ୟ ମଧ୍ୟରେ ମୁଁ ନାହିଁ। ଏ ମଧ୍ୟ ପାତିବ୍ରତ୍ୟ ନୁହେଁ, ଏ ନିନ୍ଦ୍ୟତା ଗୋଲାମି। ଟିକେ ମା ସ୍ତ୍ରୀର ଜୀବନରେ କେବେ କେବେ କଳିଗୋଳ, ରୁଷା ରୁଷି ଯେ ନହେବ ତା କହୁନି, ସେ ହବ। ସେତିକି ନ ହେଲେ ଦାମ୍ପତ୍ୟ ଜୀବନ ବଡ଼ ଏକ ଟାଣିଆ ହୋଇ ଯିବ। କିନ୍ତୁ ଅସଲରେ ଏ ଗୋଟାଏ ପଥ ନଥ ପୋଉ। ସ୍ୱାମୀର ଦୋଷ ସ୍ତ୍ରୀ ସହିନବ, ସ୍ତ୍ରୀର ଦୋଷ ସ୍ୱାମୀ ସହିନବ। ତେବେ ଯାଇ ହେବ ଘର। ରକ୍ତ ମାଂସର ମଣିଷ ସେମାନେ। ଭୁଲ ଭଟକା ଦୁ' ପଟରୁ ହବା ସ୍ୱାଭାବିକ। କିନ୍ତୁ ଯେଉଁଠି ଏ ସହିବା ଭାବଟିକ ରହିଲନି, ସେଠି ଦାମ୍ପତ୍ୟ ଜୀବନର

Digitized by srujanika@gmail.com

ଅହଙ୍କାର ଭରା ଗଳ୍ପ । ମୂର୍ଖାଙ୍କୁ ଭଳି ଧରଚାରେ କ ମୁଖ ଅଛି ମିଳିବ ? ଯାହା ଯାଉଛି, ତା ଦିବାକୁ ଦଚାହିଁ ପଣ୍ଡିତେଇ । ସ୍ୱାମୀ ଯେବେ ସ୍ତ୍ରୀର ମର୍ଯ୍ୟାଦା ରଖିଲେନି, ସ୍ତ୍ରୀ ତାହେଲେ ସ୍ୱାମୀର ମର୍ଯ୍ୟାଦା ରଖିବ କଅଁ ? ଏ ତ ଗଳ୍ପ ନା କଥା ।

ତାହାର କଥା କହିବ ? ମଣିଷ ଯେତେବେଳେ କୌଣସି କଥାରେ ନିଶ୍ଚିତ ହୋଇଯାଏ, ଯେତେବେଳେ ତା ପ୍ରତି ତାର ଅବଜ୍ଞା ଆସିଯାଏ । ପୁରୁଷ ଯେତେବେଳେ ବୁଝେ ଯେ ମୁଁ ଯେତେ ଯାହା କଲେ ବି, ସ୍ତ୍ରୀର ସମ୍ମାନ ଓ ମର୍ଯ୍ୟାଦା ପାଇ ପାରିବ ସେତେବେଳେ ସେ ସ୍ତ୍ରୀକୁ ହତାଦର କରିବାକୁ ଆରମ୍ଭ କରେ । ସେ ଯେତେବେଳେ ବୁଝେ ଯେ, ଏ କାମ କଲେ ସ୍ତ୍ରୀର ମନରେ କଷ୍ଟ ହେବ, ସେତେବେଳେ ସେ ସେଇ କାମ ଦ୍ୱିଗୁଣରେ କରି କରେ । ଏପରି ସ୍ଥାନରେ ତାକୁ ଚେତେଇ ଦବା ଉଚିତ ଯେ, ସ୍ତ୍ରୀଠାରୁ ସମ୍ମାନ ଓ ମର୍ଯ୍ୟାଦା ପାଇବା ତାର ଏକଚାଟିଆ ହକ ନୁହେଁ । ଦେଲେ ଖାଇବ, ନ ଦେଲେ ମିଳିବନି । ତା ହେଲେ ଦେଖିବ ସେ ବଳେ ବଳେ ମୋଡ଼ ହୋଇ ଆସିବ । ସେ ଯେତେବେଳେ ବୁଝିବ ଯେ, ସେ ଯାହା ଇଚ୍ଛା ତା କରୁ, ସ୍ତ୍ରୀର ମନରେ ତା ଲାଗି କଣ ଦୁଃଖ ବା କଷ୍ଟ ନାହିଁ, ତାର ଅପମାନନା, ତାର ଅବଜ୍ଞା, ତାର ନିର୍ଦ୍ଦୟତା ସ୍ତ୍ରୀକୁ ଛୁଇଁ ପାରୁନି, ସ୍ତ୍ରୀର ମନରେ କୌଣସି ବିକାର ଆଣି ପାରୁନି, ସେତେବେଳେ ସେ ତାର ଅସ୍ମ-ସମ୍ମାନରେ, ତାର ପୌରୁଷ ଅଭିମାନରେ ଏପରି ଧକ୍କା ଖାଇବ ଯେ, ବଳେ ବଳେ ସ୍ତ୍ରୀର ମନ ଦଖଲ କରିବାକୁ ଚେଷ୍ଟା କରିବ । ଏଇ ହେଉଛି ପ୍ରକୃଷ୍ଟପନ୍ଥା । ମାଲିସି କଳିଗୋଳ କରିବାର ନାହିଁ । ମାଡ଼ ପିଟିକରିବାର ଦରକାର ନାହିଁ । ଚୁପ୍‌ଚାପ୍‌ରେ ଏ କାମ ହୋଇଯିବ । ଖାଲି ଭାବ ଭଙ୍ଗୀର ପରିବର୍ତ୍ତନରେ । ଏ କଥା ଯେ ଜାଣେ, ସେ ଯେ କୌଣସି ସ୍ତ୍ରୀ ପାଖରେ ବର୍ଷେ ଦିବର୍ଷ ଶିକ୍ଷାନବିଶ୍‌ର କାମ କରୁ, ଠିକ୍ ବୁଝି ପାରିବ । ଏ ହେଉଛି ସ୍ତ୍ରୀ ଜାତିର ଗୁପତ ଅସ୍ତ୍ର, ସହଯାତ କବଚ କୁଣ୍ଡଳ । ତୁମେ ତ ଏ କଥା ଜାଣ ଭଉଣୀ ! ତୁମର ଏ ଗୁପତ ବାଣଟି ପଦାରେ ପକାଇ ଦେଲି ବୋଲି, ମୋ ଉପରେ ରଚିବ ନା । ଅଉ ରାଗିଲେ ବି, ଏତେ ଦୂରକୁ ତୁମର ଛଞ୍ଚୁଣୀ ବା କୋରଡ଼ା ପାଇବନି ତ ! ଡର କଥଣ ?

ତୁମର
ବଳଦେବ ଶର୍ମା

---

## କାତୁକାତୁ

ଗୋଟିଏ କିରାଣୀ ଦରଖାସ୍ତ ଦେଲା ଯେ ସେ ବାହାହେବାକୁ ଚାହୁଁଛି ଏବଂ ତା'ର ଦରମା ବଢ଼ାଇ ଦିଆଯାଉ । ତାର ଦରଖାସ୍ତ ମଞ୍ଜୁର ହେଲା ଏବଂ ସେ ଅଧିକ ଦରମା ପାଇଲା । କିଛିଦିନ ପରେ ତାର ହାକିମ ତାକୁ ଦେଖି ପଚାରିଲେ, "ବର୍ତ୍ତମାନ ତୁମର ବିବାହିତ ଜୀବନ ନିଶ୍ଚୟ ସୁଖରେ କଟୁଥିବ ।"

କିରାଣୀ – ମୁଁ ତ ବାହା ହୋଇନି ।

ହାକିମ — ବାହା ହୋଇନ ? କିନ୍ତୁ ତମେ ପ୍ରମୋସନ ପାଇଁ ଦରଖାସ୍ତ ଦେଇ ନ ଥିଲକି ଯେ ତୁମେ ବାହା ହେବ ବୋଲି ଭାବୁଛ ?

କିରାଣୀ – ହଁ ଅଜ୍ଞା, କିନ୍ତୁ ମୁଁ ବର୍ତ୍ତମାନ ଭାବିବା ଛାଡ଼ି ଦେଇଛି ।

+ × +

ଗୋଟିଏ ଶିକ୍ଷକ ଧର୍ମଶିକ୍ଷା ଦେଉ ଦେଉ ଦେଖିଲେ ଯେ ପିଲାଏ ଖୁବ୍ ଅନ୍ୟମନସ୍କ ହୋଇ ପଡ଼ିଛନ୍ତି । ପିଲାଙ୍କ ଭିତରେ ସରସତା ଆଣିବା ପାଇଁ ସେ ହଠାତ୍ ପଚାରିଲେ, "ତମ ଭିତରୁ କିଏ ସ୍ୱର୍ଗକୁ ଯିବ ହାତ ଟେକ ।"

ପିଲାଙ୍କ ଭିତରେ ସରସତା ଜାଗି ଉଠିଲା । ହାତ ସବୁ ଉଠି ପଡ଼ିଲା । ଗୋଟିଏ ପିଲା କିନ୍ତୁ ହାତ ନ ଟେକି ବସି ରହିଲା । ତା ପାଖକୁ ଲଗି ଯେଉଁ ଟୋକା ବସିଥିଲା ସେ ତାକୁ କହୁଣୀ ମାରି ହଲେଇ ଦେଇ କହିଲା, 'ହାତ ଟେକୁନୁ, ତତେ କଣ ଏଇ ଖିଣା ଜାଗାକୁ ପଡ଼ି ରହିବ ?'

% + + ×

Digitized by srujanika@gmail.com

# ପଇଚାନ୍

## ( 'ଅନ୍‌କାନ୍'ର ଉତ୍ତର )

—ମଜାକବିତା—

ଲେଖକ:—**ଶ୍ରୀମତୀ ସରସ୍ୱତୀ ଦିକ୍ଷୀତ**

ନାଗର !
ଗାଆଣୀ ଗାଇଲେ ସରବ ନାହିଁ ହୋ
'ଅନଲାଟେନ' ତୁମ ଦୁଃଖର,
ଯଉତୁକ କଥା ଲେଖିଛ ଯାହା
ପାଟରେ ଥିଲେ ତ ଧାଅନ୍ତ ଖୁନ୍ଦ—
ଘଡ଼ି, ସାଇକେଲ, ହେଲ ଗାଲିଚା,
ବାଟ ଖରଚକୁ ନଗଦ ଟଙ୍କା ।
ମା' ବପୁରୀ ମୋ ନ ଜାଣେ କିଛୁ,
ମାମୁଁ କେତେଣେ ପୁଣି ଚମକାଉଛୁ—
'ପାଟୁଆ ବରଟା' ଦୁଆରୁ ଫେରିବ !
ନ ଦେଇ ପାରିଲେ ଟଙ୍କାଟା ଫଟା
ହୋଇଣ ଖପା,
ସଖା !
ମା' ଉଡ଼ାବଡ଼ ଗାଁରେ ବଢ଼ିଲା
ପୁରୁଣା କଳିଆ ସୁନାର ଦଣ୍ଡା ।
ନାହାକ ଗୁଡ଼ାଠା କଲା ଗଣନ,
ତେବେ ଯାଇ ହେଲା 'ବାଟ ବରଣି'
କୁଅ କା' ବେଳେ ପଡ଼ିଲା ଚଣ୍ଡି
ମୋ ମା' ହାତରୁ ଖସିଲା ପାଣ୍ଡି—
କେଉଁରେ ମାଗୁଛ ଜଡ଼ା ଖରଚ ଯେ
ବାପଲୋ ମା' ମୋ ପାଇବ କାହିଁ ?
ସରମ ନାହିଁ !

ବର,
'ପରଗୁନ' ହୋଇ ତୁମ ଘରେ ଛିଟକ
ଚଟି ଯାଉଛନ୍ତି ମୋ ଆଦର ।
'ଶଶୁରେ' ଡାକନ୍ତି 'ଗେହ୍ଲେଇ ଝିଅ'
'ଶାଶୁ ସାଆନ୍ତାଣୀ' ବଉଁଗେ ମୋହ,
'ଖୁଡ଼ୁ ଡାସୁରଙ୍କ' ଫାଟୁଲ ମୁହଁ,
'ଧାଅବ ହୋଚା'ର ସ୍ୱର ସେନେହ,
'ଖୁଡ଼ୀ ଶାଶୁ' କଥା କ'ଣ କହିବ
ପଢ଼ିଲେ ସିଏ ତ ଚପ ମାଡ଼ିଲ
ନାଚର ଅଳା ?
ସାଙ୍ଗ !
ଏତେ କଥା ଯହୁଁ କହିଗଲ ଯେବେ
ନ କରିବ ମୁହିଁ ରଙ୍ଗ ।
'ଅନ୍‌ଲାଟେନ' ତୁମ ଅଖିରେ ଲୁହ,
ଦେଖି ଅସିଲା ମୋ ମନରେ କୋହ,
ହେବି ନାହିଁ କି ଖୋଜୁଛି ରାଣୀ,
ତୁମେ ମୋର, ମୁହିଁ ତୁମରି ଜାଣି,
ଭଲ ବୁଝି ଦେଖ ମୋ ବୋଲ କି
ଏ, ଆର, ପି,ରେ ଚାକ୍ରି ଚୁଟିବ ଯେବେ,
ଦରମା ପାଇଲେ 'ଜର୍ଜେଟ୍' ଶାଢ଼ି
ଅଣିବା ପାଇଁକି କରେ ଜଣାଣି
ମାଗେ ମେଲାଣି ।

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ନ୍ୟୁନ ବାଳକ ବାଳିକାମାନଙ୍କ ପାଇଁ)

ଉଦ୍ଦେଶ୍ୟ—

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଉପରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

## ମହେନ୍ଦ୍ର ଗିରି

ପ୍ରିୟ,

ନାଗ ଭାଇ ଭଉଣୀମାନେ ପ୍ରଣାମ !

ମୁଁ ଜଣେ ବୃଦ୍ଧ ଲୋକଙ୍କଠାରୁ ମହେନ୍ଦ୍ର ପର୍ବତର ବର୍ଣ୍ଣନା ଶୁଣି ତାହା କ୍ଷୁଦ୍ର ପ୍ରବନ୍ଧ ଆକାରରେ ନିମ୍ନରେ ଉଲ୍ଲେଖ ନ କରି ରହି ପାରିଲି ନାହିଁ।

ଆମ୍ଭେମାନେ ମହେନ୍ଦ୍ର ବିଷୟରେ ଅନେକ କବିଙ୍କ କବିତା ପଢ଼ିଅଛୁଁ। ମହେନ୍ଦ୍ର ପର୍ବତମାଳା ପୂର୍ବଘାଟ ପର୍ବତର ଅଂଶ ବିଶେଷ, ଏହା ଶୃଙ୍ଗ ବହୁଳ ବୈଚିତ୍ର୍ୟମୟ, ତୀର୍ଥ ସମାକୁଳ ଓ ଉପମାର ଅଳଙ୍କାର ହୋଇ ଓଡ଼ିଶା ପ୍ରଦେଶର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ମଞ୍ଜୁଷା ରାଜ୍ୟର ଅନତିଦୂରରେ ଧନଂଶବା ଗ୍ରାମ ନିକଟରୁ ଉତ୍ଥିତ ହୋଇ ଉତ୍କଳର ମୁକୁଟ ରୂପେ ବିଦ୍ୟମାନ।

ମହେନ୍ଦ୍ର ପାଦ ଦେଶରୁ ମଧ୍ୟ ପର୍ଯ୍ୟନ୍ତ ୬୦ ଗୋଟି ପାଉଣ୍ଡ ଅଛି। ମଞ୍ଜୁଷା ଅନ୍ତର୍ଗତ ସାବା ଗ୍ରାମ ନିବାସୀ ଶ୍ରୀ ରଙ୍ଗ ବିଶୋଇ ଖୁବ୍ ଦକ୍ଷତାର ସହିତ ଏହି ପଥ ନିର୍ମାଣ କରି ଅଛନ୍ତି। ଏହି ପାବଚ୍ଛରେ ହାତୀ, ଘୋଡ଼ା, ଛଅଜଣ ପଥିକ ଏକ ଧାଡ଼ିରେ ଅକ୍ଳେଶରେ ଯାତାୟାତ କରି ପାରିବେ। ଏହି ପଥ ନିର୍ମାଣରେ ଟ ୧୮,୦୦୦ ଙ୍କା ବ୍ୟୟିତ ହୋଇଥିବାର ପ୍ରକାଶ। ଉକ୍ତ ପଥ ନିର୍ମାଣ ସକାଶେ ବିଶୋଇ ମହାଶୟ ଗଭର୍ଣ୍ଣମେଣ୍ଟ ଠାରୁ ସ୍ୱର୍ଣ୍ଣ ଘଡ଼ି ପୁରସ୍କାର ପାଇଥିଲେ।

ସ୍ୱଚ୍ଛ ସଲିଳା ସଙ୍ଗୀତ ମୁଖର ସ୍ୱର୍ଣ୍ଣମୁଦ୍ରା ନଦୀ ଅତି ଆହ୍ଲାଦରେ ନାଚି ନାଚି ଆପଣା ସୁଖରେ ଆପେ ଉତ୍ଫୁଲ୍ଲିତା ହୋଇ ମହେନ୍ଦ୍ରର ପାଦ ଧୌତ କରୁଅଛି। ଏହାର ଶିଖର ଦେଶରେ ଗୋଟିଏ ବୃହତ୍ ଯାନ୍ତ୍ର ନିବାସ ଅଛି। ଏହା ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ନିର୍ମିତ। ଏହି ସ୍ଥାନଟି ଉପଯୁକ୍ତ ପାରଧିସ୍ଥଳ ମନେକରି ରାଜାମାନେ ଏଠାରେ ବାସ କରୁଥିଲେ। ତେଣୁ ଏହା ରାଜାବସା ନାମରେ ଅଭିହିତ। ଏହାର ବକ୍ଷେ ଅନେକ ଦେବାଳୟ ପ୍ରାସାଦମାନ ଶୋଭା ପାଉଅଛି। ତନ୍ମଧ୍ୟରୁ ମହେନ୍ଦ୍ରାଶ୍ରମ ଓ ଗୋକର୍ଣ୍ଣେଶ୍ୱର ଦେବାଳୟ ପ୍ରସିଦ୍ଧ। ମହେନ୍ଦ୍ର ପର୍ବତର ଅଗ୍ର ଭାଗରେ ସୂକ୍ଷ୍ମ ଖଣ୍ଡ କୃତରେ ତୁଷାର ପାତ ହୁଏ।

ଏହାର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବା ମୋ ପକ୍ଷରେ ଅସମ୍ଭବ। ଏହାର ଜଳବାୟୁ ଅତ୍ୟନ୍ତ ସ୍ୱାସ୍ଥ୍ୟକର ଓ ତାହାର ଚତୁଃପାର୍ଶ୍ୱସ୍ଥ ଭୂମି ରମଣୀୟ ଅଟେ। ଏହା ବକ୍ଷରେ କେଉଁଠାରେ ତରୁଲତା ପୂର୍ଣ୍ଣ, କେଉଁଠାରେ ଟଙ୍କ ଭୂମି କେଉଁଠାରେ ଋଷିମାନଙ୍କର ପୁରାତନ ଆଶ୍ରମର ଭଗ୍ନାବଶେଷ, କେଉଁଠାରେ ଉଗ୍ର ମୂର୍ତ୍ତି କେଉଁଠାରେ ତାଳ ଓ ଶାଳ୍ମଳି, ଅଶୋକ, ନାରିକେଳ ରମ୍ଭା ବୃକ୍ଷାଦି ଆଉ ସ୍ଥାନେ ସ୍ଥାନେ ଜଳାଧାର 'ଗୁଡକ ପୁଷ୍ପିତ ଶାଳ୍ମଳି ଏବଂ ଅଶୋକ ସ୍ତବକ ଅନ୍ତରାଳରେ

Digitized by srujanika@gmail.com

ଦର୍ପଣ ପରି ପ୍ରତୀୟମାନ ହୁଏ । ଶିଖର ଉପରୁ ଲକ୍ଷୀର ମଧ୍ୟ ଦୃଷ୍ଟି ପଥାରୂଢ଼ ହୁଏ । ମହେନ୍ଦ୍ର ନିର୍ମିତ ଗୁମ୍ଫା ଗୁଡ଼ିକ ତୋରଣମାଳା ପରି ଶୋଭା ପାଉଅଛି । କୌଣସି କୌଣସି ଗୁମ୍ଫାରେ ପାଲି ଭାଷାରେ ନାନା କଥା ଲେଖା ଯାଇଅଛି । ତା ମଧ୍ୟରୁ ଅନେକ ନଷ୍ଟ ଓ ଅପାଠ୍ୟ ହୋଇ ଗଲଣି । ଗୋଟିଏ ସ୍ଥାନରେ ୧୩ ଖଣ୍ଡ ପଥରରେ ପ୍ରତ୍ୟେକରେ ୬ ଧାଡ଼ି ଲେଖାଏଁ ଐତିହାସିକ ଘଟଣାବଳୀ ଖୋଦିତ ହୋଇଅଛି । ଏହି ମହେନ୍ଦ୍ର ପର୍ବତସ୍ଥ ଶୈଳମାନଙ୍କ ମଧ୍ୟରେ ଅନନ୍ତ ଗିରି ସର୍ବାପେକ୍ଷା ଉନ୍ନତ, ପ୍ରଶସ୍ତ ଓ ଭୟଙ୍କର । ଏହାର ସୌନ୍ଦର୍ଯ୍ୟ ଶୋଭା ଅତ୍ୟନ୍ତ ମନୋହର ଓ କ୍ଷୁଦ୍ର ବୃହତ କେତେକ ଶୈଳ, କେତେକ ଉଦ୍ଭିଦ, କେତେକ ଜଳାଧାର ଦେଖାଯାଏ । ପୁଣି ସେହି ଶୈଳ ଅନ୍ତରାଳରେ ଦୂରରେ ସ୍ୱର୍ଣ୍ଣମୁଦ୍ରା ନଦୀ ସୈକତ ଶଯ୍ୟା ଦେଖା ଦେଇ ଏକ ଉତପ୍ରେକ୍ଷା ମନକୁ ଆଣେ । ବାସ୍ତବରେ ଏହି ଦୃଶ୍ୟ ସମତଳ ସୈକତ ପ୍ରାନ୍ତର ଦର୍ଶକ ମନକୁ ଆକର୍ଷଣ କରେ ।

ପଥିକ ଭ୍ରମଣ କରୁଥିବା ସମୟରେ ହିଂସ୍ରଜନ୍ତୁମାନଙ୍କର ବିକଟ ଚିତ୍କାର, ମଧୁମକ୍ଷିକାର ଗୁଣ୍ ଗୁଣ୍ ଶବ୍ଦ, ବିହଙ୍ଗର ମଧୁର କାକଳି ଶୁଣିବାକୁ ପାଏ ବୈଚିତ୍ର୍ୟମୟ ବିହଙ୍ଗର ମଧୁର ସଙ୍ଗୀତ ପଥିକର ହୃଦୟକୁ ଆକର୍ଷଣ କରେ । ମହେନ୍ଦ୍ରର ରାତ୍ରିକାଳର ସମୁଦ୍ର ଦୃଶ୍ୟ ଅତି ବିସ୍ମୟକର । ରାତ୍ରିକାଳରେ ସମୁଦ୍ର ଯେପରି ମହେନ୍ଦ୍ର ନିକଟସ୍ଥ ଥିଲାପରି ଜଣାଯାଏ । ଚନ୍ଦ୍ର ପ୍ରଭାତରେ ଅନ୍ଧକାର ସଙ୍ଗେ ସଙ୍ଗେ ସମୁଦ୍ର ଦୂରକୁ ଘୁଞ୍ଚି ଗଲା ପରି ବୋଧହୁଏ । ମହେନ୍ଦ୍ରର ଉପମା ବର୍ଣ୍ଣନା କରିବା ମୋ ପକ୍ଷରେ ଧୃଷ୍ଟତା ମାତ୍ର ତେଣୁ ଉପସଂହାରରେ ପଦେ କହି ବିଦାୟ ନେବି ।

ଏହି ପର୍ବତର ଏକ ପାର୍ଶ୍ୱରେ ଚିର ବସନ୍ତ ଏବଂ ଅନ୍ୟ ପାର୍ଶ୍ୱରେ ଚିର ଗ୍ରୀଷ୍ମ ହୁଏ ବୋଲି ପ୍ରବାଦ ଅଛି । ଏହା ମଧ୍ୟ ଉତ୍କଳ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସମୟରେ ଉତ୍କଳର ସୀମା ସେତୁବନ୍ଧ ରାମେଶ୍ୱର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ବର୍ତ୍ତମାନେ କେବଳ ଓଡ଼ିଶାର ମହୀଧରମାନଙ୍କ ମଧ୍ୟରେ ମହେନ୍ଦ୍ର ମୁକୁଟ ପରି ବିଦ୍ୟମାନ । ପୂର୍ବକାଳରେ ତା ମଧ୍ୟରେ ଏକ ଦ୍ୱାର ଥିଲା ଯେ କି ରାତ୍ରରେ ୧୯ ମାଇଲ ପରିଧି ଉଜ୍ଜ୍ୱଳ ଦେଖା ଯାଉଥିଲା । ଇତି ।

ତୁମ୍ଭମାନଙ୍କର
ଶ୍ରୀ ଉପେନ୍ଦ୍ର ଦାସ ୩୮୧ ନଂ ନାଗ

## ପ୍ରଶ୍ନୋତ୍ତର

ଗତ ସେପ୍ଟେମ୍ବର ( ୭ମ ସଂଖ୍ୟା ) 'ଜଗର'ରେ ନାଗ ଭଉଣୀ କୁମାରୀ ତାରୁଣୀ ଦେବୀ ଯେଉଁ ପ୍ରଶ୍ନ ଗୁଡ଼ିକ ପଚାରି ଥିଲେ ତାହାର ଉତ୍ତର ଦେବାକୁ ଆଜି ମୁଁ ଦୁଃସାହସିକା ହୋଇଅଛି । ଜାଣେନା ମୋର ଉତ୍ତର କେତେଦୂର ଠିକ୍ ହୋଇଅଛି ।

ଉତ୍ତର

୧ । କିଅ ( Earth-worm ) ଏହା ବର୍ଷକୁ ଦଶ ଟନ ମାଟି ଖାଏ ।

୨ । ପ୍ରକୃତ ରବିନ୍‌ସନ କ୍ରୁସୋ ଆଲେକ୍‌ଜାଣ୍ଡର ସେଲକାର୍କ ।

୩ । Pitcher ( ପିଚର ) ନାମକ ଗଛ ଜନ୍ତୁ ଖାଏ । ଏହାର ଫଳ କୁମ୍ଭାକାର । ଏଥିରେ ଏକ ପ୍ରକାର ସୁଗନ୍ଧ ଯୁକ୍ତ ଚିକ୍କଣ ପଦାର୍ଥ ଥାଏ । ପୋକମାନେ ଏହାର ବାସନାରେ ଆକୃଷ୍ଟ ହୋଇ ଏହା ପାଖକୁ ଆସନ୍ତି ଓ ଏଥିରେ ବସିଲା ମାତ୍ରେ ଏହାର ମୁହଁ ବନ୍ଦ ହୋଇ ଯାଏ । ପୁଣି କିଛି ସମୟ ପରେ ଏହା ଉନ୍ମୁକ୍ତ ହୁଏ । ଏହା ଆଫ୍ରିକା ଓ ଆମେରିକାରେ ଦେଖାଯାଏ ।

୪ । କଚ୍ଛପ ସ୍ଥଳଚରମାନଙ୍କ ମଧ୍ୟରେ ଶ୍ରେଷ୍ଠ ପହଁରାଳି ଓ ଡୁବାଳି ।

୫ । ଛମାର ଫଳସମୟର ଓଜନ ଗୋଟିଏ ହାତୀ ସଙ୍ଗେ ସମାନ ।

ଶ୍ରୀମତୀ ସରସ୍ୱତୀ ଦେଈ (୪୮୬ ନଂ ନାଗ)

—•—

## ନୂଆ ନାଗଙ୍କ ନାମ

୪୮୫ । ଶ୍ରୀ ହରେନ୍ଦ୍ର ନାରାୟଣ ଦାସ C/o. B. K. Das. Hd- Clerk. Purna Chandra Industial. P.O Baripada. ୪୮୬ । ମିସ୍ ମୁରଲିବାଳା ଦଣ୍ଡି C. o ଯତିନ୍ଦ୍ରନାଥ ବଟବ୍ୟାଲ Inspector of Central Excise N. E. I. Cuttack. ୪୮୭ । ଶ୍ରୀମତୀ ସରସ୍ୱତୀ ଦେଈ, (ଅଗ୍ରଗାମୀ ସଭ୍ୟ) C/o. C. Swain. Accountant—Watch & Ward Office. P. O. Chakradharpur. B. N. Ry. ୪୮୮ । ଶ୍ରୀମାନ କେଶବ ଚରଣ ବେହେରା ବାରିପାଟୀ ପୋଃ ମୋହନଗଞ୍ଜ—ବାଲେଶ୍ୱର । ୪୮୯ । କୁମାରୀ ବଂଶୀଧର ଭୂୟାଁ । ୭୩ ନଂ ଲେହର ରୋଡ଼ ଜାମସେଦପୁର ।

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀୟ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ହେଁ ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ

ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୭ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା

ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

**ସୁଦୃଢ଼ତାର ପରିଚୟ—**

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ତେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସର୍ବତ୍ର ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
**ସେକ୍ରେଟେରୀ**
**ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା**

**ନରେନ୍ଦ୍ର ପ୍ରସାଦ ଦାସ**
**ଅର୍ଗେନାଇଜର**
**କଟକ ।**


Digitized by srujanika@gmail.com

Printed & published ...

...ବର୍ଷ
୨ଶ ସଂଖ୍ୟା

Utkal's popular Fortnightly
OF
LIGHTAD & LAUGHTER.

କାର୍ତ୍ତିକ
ଦ୍ୱିତୀୟାଙ୍କ





## ବ୍ୟାଙ୍କ ଅଫ୍ କତା ଲି: ବାଲେଶ୍ୱର

ଏହା ଏକପ୍ରତିଷ୍ଠାଶାଳୀ ଓ ନିର୍ଭରଯୋଗ୍ୟ ବ୍ୟାଙ୍କ୍ । ଏଥିରେ ଟଙ୍କା ରଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି କର । ଦିନେଦିନେ ଭିତରେ ବାଲେଶ୍ୱର ଶାଖା ଅନୁଷ୍ଠାନ ବେଶ ଗଢ଼ି ଉଠିଛି । ଅତିଶୀଘ୍ର ଭଦ୍ରକ ଶାଖା ଖୋଲିବ । ବିସ୍ତୃତ ବିବରଣୀ ପାଇଁ ଲେଖନ୍ତୁ ।

**ଶ୍ରୀ ପ୍ରିୟନାଥ ନନ୍ଦୀ ବି, ଏଲ୍**
ଅନାରାରୀ ସେକ୍ରେଟେରୀ
ବାଲେଶ୍ୱର ବ୍ରାଞ୍ଚ ଅଫିସ ।

ହେଡ଼ ଅଫିସ:—୨ନଂ, ମେଙ୍ଗୋ ଲେନ୍
କଲିକତା.


Digitized by srujanika@gmail.com

ବାତରକ୍ତ ଓ କୁଷ୍ଟର

# ଭ୍ରାମରୀ ...

ଏହା ପ୍ରବଚନ ରସାୟନକ ପରୀକ୍ଷା ଦ୍ୱାର ପ୍ରସ୍ତୁତ ବାତରକ୍ତ ଓ କୁଷ୍ଟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ । ରୋଗ ଶରୀରରେ ଜନ୍ମି ଦୂଷରୁ ନାନାପ୍ରକାର ଛଉ ବା ବିକୃତ ଚର୍ମ, ହାତଗୋଡ଼ର ଜ୍ୱାଳା, ଦାଦ, ଗୁଡ଼ିବଡ଼ିବ ଟଉଳନ ଅଳସ୍ୟ, ଅବସନ୍ନତା, ନାହକା ଓ କଣ୍ଠର ସ୍ଥୀରତା ଓ ... ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି “... ଏକମାତ୍ର ପରମ ମହୌଷଧ ଏହା ଏକମାତ୍ର ସେବନ କଲେ ଏହାର ଉପକାରିତା ଜଣାପଡ଼ିବ । ଏକମାତ୍ର ... ଉପଯୋଗୀ ଔଷଧର ମୂଲ୍ୟ ୧୮୯ । ଭ୍ରାମରୀ ତେଲ ... ମାଲିସ୍ କଲେ ... ପ୍ରକୃତ ଅର୍ଥରେ ଅବେରାଗ୍ୟ ହୁଏ । ଏକ ଶିଶି ୧୯ଙ୍କା ମାତ୍ର ।

ଔଷଧାଳୟ

ବୈଦ୍ୟରାଜ:—ଶ୍ରୀ ଲ... ଆର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ

ଅ... ...

## ‘ଜଗର’ ନିୟମାବଳୀ

୧ । ‘ଜଗର’ ପ୍ରତି ଇଂରାଜି ମାସର ୧ ତା ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷଠାରୁ ‘ଜଗର’ର ପତ୍ରିକା ଡାକରେ ବାର୍ଷିକ ଟ ୩ ୱ ଓ ଷଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଗଣ୍ଡିଏ ଜଗର ଦେଇ ପାଇ ପାରିବେ ।

୪ । ଜଗର ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ ଆଦି ସମସ୍ତ “ପରିଚାଳନା ସମ୍ପାଦକ,” ‘ଜଗର’ ପୋଃ ଭଦ୍ରକ ( ) ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକ ଟିକଟ ନଥିଲେ ପ୍ରବନ୍ଧ, ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

Digitized by srujanika@gmail.com

ସମ୍ପାଦକ ... ପରିଚାଳନା ସମ୍ପାଦକ

ଡଗର

ହୁକା ହୁକା ହୁଆ

( ବିଲୁଆ ବିଗୁର )

୭ମ ବର୍ଷ
୧୬ ଶ ସଂଖ୍ୟା
କାର୍ତ୍ତିକ କୃଷ୍ଣାର୍ଦ୍ଧ
ତା୧୬-୧୧-୪୩ରିଖ

—ପାକ୍ଷିକ—
ବାର୍ଷିକ ଟ୧।
ମୁଦ୍ରିତସଂଖ୍ୟା—୨୦୭
ଏକଖଣ୍ଡର ମୂଲ୍ୟ—୦୬

ଓଡ଼ିଶାର ସାହିତ୍ୟର ଉନ୍ନତି କଳ୍ପେ କୌଣସି ବଡ଼ ଧରଣର ସମବେତ ଉଦ୍ୟମ ନଥିଲା । ଗୋଟିଏ 'ସାହିତ୍ୟ ସମାଜ' ଜନ୍ମ ହୋଇ କେତେ ଦିନ ହେଲା କେବଳ ପୁଣ୍ୟ ଶୀଳ ସନ୍ଧ୍ୟା ଯେମିତି ଶୋଇ ରହିଥିଲା ମାତ୍ର । ଏଇ ଲଢ଼େଇର ସମାବେଶ ଓ ଦୁର୍ଭିକ୍ଷର ହରିଲୁଟ ବେଳରେ ତାହା ଅକସ୍ମାତ୍ ଜେଗ୍ ଉଠି ରଣନନାଦ ସଙ୍ଗରେ ବୀଣା ବାଦନ ଯେ କି ଦେଉଛି । ଲଢ଼େଇର ଉତ୍ତେଜନା ମଉସୁମ ଭିତରେ ଉତ୍କଳ ସାହିତ୍ୟ ସମ୍ମେଳନର ପ୍ରବନ୍ଧ ଲଢ଼େଇ, ସଙ୍ଗୀତ ଲଢ଼େଇ, ପାଲ ଲଢ଼େଇ ଗୁଡ଼ିକ ବେଶ୍ ଖାପ ଖାଇବା ଭଳି ଲାଗୁଛି । ବାଣୀ ଭକ୍ତଗଣ ବୀଣାଗୁଡ଼ିକ ଗଦା ରୂପରେ ବ୍ୟବହାର କଲେ ଅସଲଟା ଖୁବ୍ ଜମି ଉଠନ୍ତା ଏବା ।

× + ×

ସାମ୍ୟବାଦୀ ନେତା • ଶ୍ରୀ ଜୟପ୍ରକାଶ ନାରାୟଣ ଜେଲଖାନାରେ ଥାଇଁ ଥାଇଁ ଖସି ପଳାଇ ଫେରାର ହୋଇ ରହିଥିଲେ । ପରେ ସେ ଧରାପଡ଼ି ପଞ୍ଜାବରେ ଅଛନ୍ତି । କେନ୍ଦ୍ର ଆସେମ୍ବ୍ଲିରେ ହୋଇଥିବା ଏକ ପ୍ରଶ୍ନରୁ ଜଣା ପଡ଼ୁଛି ଯେ ଜେଲ ଭିତରେ ତାଙ୍କୁ କୁଆଡ଼େ ବରଫ ଚଟ୍ଟା ଉପରେ ବସାଇ ଦିଆ ହୋଇଥିଲା । ପ୍ରଶ୍ନକାରୀଙ୍କ ମତରେ ଏହା କୁଆଡ଼େ ଅମାନୁଷିକ ଅତ୍ୟାଚାର ।

ଆମ ମନେହୁଏ ଯଦି ଏହା ହୋଇଥାଏ ତେବେ ତାହା ଅମାନୁଷିକ ଅତ୍ୟାଚାର ହିସାବରେ ନ ହୋଇ ଦୈବୀ ମୁକ୍ତିର ହିସାବରେ ବି ତ ହୋଇଥାଇ ପାରେ । ହୁଏତ ତାଙ୍କର ଅପାନ ବାୟୁ କ୍ଷିପ୍ର ବା ଗରମ ହେବାରୁ ତାହା ସମ ଶୀତଳ କରିବା ପାଇ ବରଫ ପ୍ରୟୋଗ କରା ହୋଇଥିବ । ତେବେ ମଥା ଥଣ୍ଡା ପାଇଁ ସେଇ ଜେଲରେ ଜୟପ୍ରକାଶ ନାରାୟଣଙ୍କ ମୁଣ୍ଡରେ ମଧ୍ୟମ ନାରାୟଣ ମର୍ଦ୍ଦନ ହୋଇଥିଲା କି ନା ତାହା ଜଣା ପଡ଼ୁନାହିଁ ।

\+ + × ×

ଖବର ମିଳିଛି ଯେ ଜର୍ମାନ ଭୂମଧ୍ୟସାଗରରେ ଲେରୋସ ନାମକ ଦ୍ୱୀପକୁ ବଳାତ୍କାର କରି ଦଖଲ କରି ନେଇଛି ଓ ଆଉ ଗୋଟାଏ ଦ୍ୱୀପ ଦଖଲ କରିବା ଉପରେ । ଏଣେ ରୁଷ ଓ ଇଟାଲିରେ ଦୋଜାନ୍ତୁ ହାରି ହାରି ଅନ୍ତ ହେଲେ ଓ ଅରକ୍ଷିତ ସ୍ଥାନ ଜୟ କରି ନେଇ ପୂଜାର୍ଥୀ ମାରି ଅନବୂକ ମୂର୍ତ୍ତିକୁ ବଢ଼େଇ ନବାର ଏ ଗୋଟାଏ ହିଟଲରର ବାହାନା ବୋଲି ମନେ ହୁଏ । ଏତିକ ଟିକେ ଟିକେ କରି ନ ପାରିଲେ ହିଟଲରଙ୍କ ନାକ କଣ ରହିବ କି ନାହିଁ ଯେ ! ଆମ ଦେଶରେ ଏହାର ପ୍ରମାଣ ଯାହାକୁ ଯେତେ ।

\+ + + ×

ଶୁଣାଯାଏ ମୁସୋଲିନୀ ସହିତ ହିଟଲର ନାକୁ ଭେଟ କରିବା ପାଇଁ ଜର୍ମାନ ଯାଉଛନ୍ତି । ମନେପଡ଼ୁ ବାଇ ପର, ଅପଣା ଅପଣା ମାନ ଜଣା ହୋଇପିବ ବୋଲି ମୁସୋଲିନୀ ଜର୍ମାନ ମାଡ଼ୁ ନ ଥିଲେ କି ହିଟଲର ଇଟାଲି ଛୁଇଁ ନଥିଲେ । ଭେଟ ହେଉଥିଲା ମଧ୍ୟସ୍ଥଳ ବ୍ରେନରର ପାସ୍‌ରେ । ଆଜ ହିଟଲରଙ୍କ ଇଟାଲିର ନେତା । ମୁସୋଲିନୀ ତାଙ୍କର ଅନୁଗ୍ରହ ପାଳିତ ନେତା । (ନା ଦେତା ?) ଦୁର୍ଭାଗ୍ୟ ମୃଣ୍ଡ ଚାଳକୁ ! ଏଇଥିପାଇଁ ମାଇପେ କହନ୍ତି—ମଣିଷ ଜଣ ଖଣକେ ଅ... ।

\+ + × +

ବାପରେ ବାପ୍ !—କଥାଟା ଶୁଣି ଛାତି ଭିତରେ ହୋଇ ବାଜିବାକୁ ଅରମ୍ଭ କଲାଣି । କେଉଁଠି ନାମକ ଜଣେ ସାହେବ (କେଉଁଠିକଙ୍କର ବେଙ୍ଗ ହେବେ କି ?) ଆମେରିକାର ସରକାର କର୍ଣ୍ଣଧାର ହୋଇ ଅସିଛନ୍ତି । ସେ ଦିଲ୍ଲୀରେ ଥାଇ କହିଛନ୍ତି କି—ନିକଟ ଭବିଷ୍ୟତରେ ଭାରତ, ଚୀନ, ବର୍ମା ଗୁରୁତ୍ୱପୂର୍ଣ୍ଣ ଏପରିକି ଭୀଷଣ ଗୁରୁତ୍ୱପୂର୍ଣ୍ଣ ରଣକ୍ଷେତ୍ରରେ ପରିଣତ ହୋଇପାରେ ।

କଥୁରରେ ହୋଇ ତ ଆମ ପ୍ରାଣ କଣ୍ଠାଗତ ହେଲାଣି, ଗୁରୁତ୍ୱ ହେଲେ ପୁଣି କଣ ହବ ? ହା ଆଲ୍ଲା !!

× + × ×

Digitized by srujanika@gmail.com

ଭାରତର ଯେଉଁ ଉତ୍ପାଦନ ଅବସ୍ଥା ( ଅର୍ଥନୀତି ନୁହେଁ ) ଘଟିଛି ଏଥିପାଇଁ ସରକାର ପ୍ରଧାନତଃ ଦାୟୀ ବୋଲି ବହୁତ ଜାଣିବା ଲୋକେ କଥାଟେ କହୁଛନ୍ତି । ସେଥି କାରଣରୁ ବାଲଭାଇ କେତେ ଦଳଅଲୋକ ମୂର୍ତ୍ତିମୋଲ କହି ପକାଇଲେଣି ଯେ ଭାରତ ମନ୍ତ୍ରୀ ଅମଳ ସାହେବ ଲଜ୍ଜା ଦେଉନ୍ତି । ଅମେ କହୁଛୁ ଅମଳଙ୍କର ଦୋଷ କଣ ? ସେତ ପର ଲୋକ ନୁହନ୍ତି—ସେ ଯେ ଶିଳ୍ପ ଅମର !

ତାପରେ, ଅଉ ଗୋଟାଏ କଥା । ଅବଧାନେ ଗଲେ ହବ କଣ ?—ଚାପାଟା ଭଲ............! + +

ଅମ ଓଡ଼ିଶୀ ମନ୍ତ୍ରୀଏ କୁଆଡ଼େ କହିଥିଲେ ଯେ— ଅମେ ଯେଉଁ ପୁନ୍ନଲକ୍ଷ ମହଣ ଧାନ ବଙ୍ଗଳାକୁ ଦେଉଛୁ, ତହିଁରୁ ଅଧେ ଅଗରୁ ବଙ୍ଗ ବେପାରିମାନେ କିଣି ସାରିଥିଲେ; ଅତଏବ ଅମ ଭଣ୍ଡାରରୁ ଯାଉଛି କମା ଦୁଇଲକ୍ଷ ମହଣ । ଏଣୁ ଭାତ ଏସ୍ତ ହବାର କୌଣସି କାରଣ ନାହିଁ ।

ଏବେ ପୁଣି ପ୍ରଧାନମନ୍ତ୍ରୀ ମହୋଦୟଙ୍କ ଦକ୍ଷିଣରୁ ଯେଉଁ କାହାଣୀ ବାହାରିଛନ୍ତି ତହିଁରେ ସେ କହିଛନ୍ତି ଯେ ଏଇ ପୂର୍ବଲକ୍ଷ ମହଣ-ଧାନ ବଳକାକୁ ବଙ୍ଗଳା ବେପାରିଙ୍କ କଣା । ଅର୍ଥାତ ଓଡ଼ିଶା ସରକାର କଣମାନ ନିଜ ଭଣ୍ଡାରରୁ ଦେଉନାହିଁ ।

ଜନୁଆ ଚୁଲିଆଙ୍କ ମୁହଁରେ ବାଳି ପଡ଼ିଲା !

\+ + × -

ଅଗ ଅଗ କେତେ ସରକାରୀ ଦାୟିତ୍ୱପୂର୍ଣ୍ଣ ଅଫିସରଙ୍କ ମୁହଁରୁ ଶୁଣା ଯାଉଛି କି ଓଡ଼ିଶାରେ, ବିଶେଷତଃ ଉତ୍ତର-ବାଲେଶ୍ୱର ଓ ଗଞ୍ଜାମରେ ବହୁତ ଲୋକ ପେଟ ଭୋକରେ ମରୁଛନ୍ତି । ଏଥିପାଇଁ କେତେ ଲଜ୍ଜା, କେତେ ଘୃଣା ବଢ଼ି-ଯାଉଛି । ମାତ୍ର ଅମ ମନ୍ତ୍ରୀ ମହୋଦୟ ଦୃଢ଼ତାର ସହ କହିଛନ୍ତି କି ବାଲେଶ୍ୱରରେ ଯେ ମରୁଛନ୍ତି ସେ ସବୁ ମେଦିନୀପୁରିଆ, ଅଉ ଗଞ୍ଜାମରେ ଯେ ମରୁଛନ୍ତି ସେ ସବୁ ବାହାରର ତେଲଙ୍ଗା ଲୋକ । ପ୍ରଧାନମନ୍ତ୍ରୀଙ୍କ ଶ୍ରୀମୁଖ ବାଣୀକୁ ଅବିଶ୍ୱାସ କରିବାର କାହାର ବଳ ନାହିଁ ଯଦିଓ ତାଙ୍କ ତଳିଆ ଅଫିସରଙ୍କ କଥା ଅବିଶ୍ୱାସ କରିବା ସହଜ ନୁହେଁ । ଏସବୁ ହିସାବ କିତାବର କଥା । ସେ ଯାହାହେଉ ଓଡ଼ିଆ ଲୋକେ ତ ମରୁନାହାନ୍ତି; ଅଉ ଯେ ମରିବାର ମରୁଥାଉ— ପ୍ରଭୁଙ୍କ ଶ୍ରୀମୁଖରେ ଫୁଲଚନ୍ଦନ ପଡ଼ୁଥାଉ । + × ×

ଠକ୍କର ବାପାଙ୍କଠୁଁ ଆରମ୍ଭ କରି ସାନ୍ତନମ୍, କାଞ୍ଜରୁ ଯାଏଁ ସମସ୍ତେ ଏକବାକ୍ୟରେ ଓଡ଼ିଶାର ଉତ୍ପାଦିକ ଅବସ୍ଥା, ମନ୍ତ୍ରୀ ପ୍ରଭୃତି ବଡ଼ ଠାରୁ ଉଣାଦୁଣା ବୋଲି କହିଗଲେ । ମାତ୍ର ଅମ ମନ୍ତ୍ରୀଗଣ ବରାବର କହୁଛନ୍ତି କି ଓଡ଼ିଶା ନିଅଣ୍ଟିଆ ପ୍ରଦେଶ ନୁହେଁ—ବରଂ ବଳକା ପ୍ରଦେଶ । କାହା କଥାକୁ ସତ ମଣିବୁ ଏବେ ? ଅପଣା ଘରଲୋକଙ୍କ କଥା ନମାନି ସାତ ସମୁଦ୍ରର ଉଡ଼ନ୍ତା ଚଢ଼େଇ କଥାରେ ପଡ଼ିବେ କିଏ କିମିତି ?

ହଉ ଥାଉ ଥାଉ ଏବେ ଅମ ଘରଲୋକ ପଣ୍ଡିତ ନୀଳକଣ୍ଠ ଦାସେ ଅପଣା କିମତ କଥାରେ ସମାମୀନାର ଓଡ଼ିଶାକୁ ନିଅଣ୍ଟିଆ ବୋଲି କହିଲେଣି । ଏଥିକୁ ଅମେ କାହାର ହୋଇ କାହାକୁ ଅନ୍ତର କରିବୁଁ ବୁଝି ପାରୁନାହୁଁ । ଦୁଇ ମଣ୍ଡଳଙ୍କ ଭିତରେ ଯେ କଳି ବାଢ଼ି ଘଷାଘଷି ହେଉଥିଲା ଏବେ ତାହା ପ୍ରାଣ ଲଢ଼େଇରେ ପରିଣତ ହେଲା କି ? × ×

ଅଷ୍ଟ୍ରେଲିଆର କର୍ତ୍ତା ଓ ରେକେଲ ଭାରତୀୟ ଦୁର୍ଭିକ୍ଷ ପାଇଁ ଏକଲକ୍ଷ ପାଉଣ୍ଡ ଦାନ କରିଛନ୍ତି । ରୁଷିଆ ମଧ୍ୟ ତାର ନିଜର ଏ ବିପଦ ବେଳରେ ପ୍ରଚୁର ସାହାଯ୍ୟ ଭାରତକୁ ପଠାଇବାର ସଙ୍କଳ କରୁଛି । ବ୍ରିଟେନ ଏତେବେଳକୁ କେତେ ଦେଇ ସାରନ୍ତାଣି—କେବଳ ଯୁଦ୍ଧ ଓ ଜାହାଜ ଅଭାବ ଯୋଗୁ ପାରୁନାହିଁ ଯାହା । ଏ ଅବସ୍ଥାରେ ଯେଉଁମାନେ ଅମ ପ୍ରଧାନ-ମନ୍ତ୍ରୀଙ୍କୁ ତାଙ୍କ ଉଦାରତା ଓ ମହତ୍ୱ ପାଇଁ ଦୋଷ ଦଉଛନ୍ତି ସେମାନେ କେଡ଼େ କ୍ଷୁଦ୍ର ଓ ସ୍ୱାର୍ଥପର ସତେ ! ସେତ ଅଉ ରାମା ଶାମା ନୁହନ୍ତି— ସେ ଯେ ଦୁର୍ଦ୍ଦମ ଗଜପତି !

× + ×

ଅନେକ ଦିନର ଜଡ଼ତା ପରେ ଡଗରକର ପ୍ରଗତି ବଜାର ଗୁଡ଼ାକ ସରଗରମ ହୋଇ ଉଠିଛି । ସମବାୟ ଷ୍ଟୋର ସ୍ଥାପନ, ଅନକ୍ଷ୍ଟ ନିବାରଣ, ଆଦର୍ଶ ଗ୍ରାମ ସଙ୍ଗଠନ ଠାରୁ ଆରମ୍ଭ କରି ସହକାରୀ ଥିଏଟର ପ୍ରଦର୍ଶନ ଯାଏଁ ଅନେକ କଛି ଅଳ୍ପକାଳ ମଧ୍ୟରେ ହୋଇ ଗଲାଣି । ଶେଷରେ ବହୁକାଳ ଧରି କଳ୍ପନାରେ ପୋଷା ହୋଇଥିବା ମେଃ ଇଂ ବାଳିକା ବିଦ୍ୟାଳୟର ଶୁଭ ଖମ୍ୱଟା ଖୋଦ ଶିକ୍ଷାମନ୍ତ୍ରୀ 'ଅଧିନ ଅତିଥି' ହୋଇ ଆସି ପୋତି ଦେଇଗଲେ । ସବୁ ହିତକର କାର୍ଯ୍ୟର ଭୂଫାନ ଗର୍ତ୍ତ ଭିତରେ ଏଠା ନୂଆ ବଡ଼ ହାକିମଙ୍କର ମୁଠି ଜୋର ଅଛି ବୋଲି ଲୋକେ କହୁଛନ୍ତି । ଏଇ ଜୋରଟା ଏଇଭଳି ଦିନାକେତେ ଥିଲେ ହେଇ ରହିଲେ ଡଗରକର ଅନେକ ଗୁଡ଼ାଏ ଜରୁର ଅଭାବ ଦୂର ହୋଇ ଯାଆନ୍ତା ପରା ।

Digitized by srujanika@gmail.com

# ରୂପାନ୍ତର



ସକାଳ ଉଠି ସମରେଶ ଚା ପିଉଥିଲା ଆରାମରେ ବସି ଛାତ୍ରାଳୟ ବେଦନଟାକୁ ଠିକ ଦେଇ ତାଜା ଖବର କାଗଜ ପଢ଼ି ସଂସାରର ଦେଶର ଗୋଟିଏ ସଂସାରର ବାହାର କଲା ସେଠାରୁ ଉପରେ ଲୁଚି ଧରି ତଳ୍ପୀରେ ଅଗ୍ନିସଂଯୋଗ କଲା। ଏତିକିବେଳେ ନାଥିଆ ଆସି ତା ଆଗକୁ ଖଣ୍ଡିଏ ଖାମ ବଢ଼ାଇ ଦେଇ କହିଲା, "ବାବୁ ଆପଣଙ୍କ ଚିଠି।" ନାଥିଆ ହୋଟେଲର ଭୃତ୍ୟ। କଥାଟା ଶୁଣିବା ମାତ୍ରେ ସମରେଶ ନିଶ୍ଚିନ୍ତ ଉଦାସ ମୁହଁ ଉପରେ ଉତ୍କଣ୍ଠା ଆଉ ସଙ୍କୋଚର ଗୋଟିଏ ରେଖା ଫୁଟି ଉଠିଲା। ସେ କଥାଟା ନ ଶୁଣିଲା ପରି ଶୂନ୍ୟ ଦୃଷ୍ଟିରେ ବାହାରକୁ ଚାହିଁ ଚେୟାରରେ ନୀରବ ହୋଇ ବସି ରହିଲା। ନାଥିଆ ବାବୁଙ୍କର ଚିଠି ପ୍ରତି ଅନାସକ୍ତିର କାରଣ ବୁଝି ନ ପାରି ଧୀରେ ଧୀରେ ଚିଠି ଖଣ୍ଡିକ ଟେବୁଲ୍ ଉପରେ ଥୋଇ ଦେଇ ନିଜ କାମକୁ ବାହାରି ଗଲା।

ସମରେଶ ଏଥର ଖୁବ ଚିନ୍ତିତ ଭାବରେ ଭାବୁଥିଲା। କାଲି ତ ସେ କେତେ ଭାବ ଚିନ୍ତା ଜୀବନର ସମସ୍ତ ସମ୍ବନ୍ଧର, ସମସ୍ତ ସୁଖ, ଦୁଃଖ, ଆଶା, ନିରାଶାର ସମସ୍ତ ଆନନ୍ଦ ସମସ୍ତ ବେଦନାର ହିସାବ କିତାପ୍ ଶେଷ କରି ଦେଇଛି। ତାହାର ଦୋଷ, ଅପାରଗତା ବିରୁଦ୍ଧରେ ଧରଣୀର ସମସ୍ତ ଅଭି-ଯୋଗକୁ ନତ ମସ୍ତକରେ ସ୍ୱୀକାର କରି ନେଇ ନିଜ ମନ ଭିତରେ ସମସ୍ତଙ୍କ ନିକଟରେ କ୍ଷମା ମାଗିଛି ସେ। ଫେରି— ଫେରି କାହିଁକି ଏହି ଚିଠି ! କେଉଁ ଅଭିଯୋଗର ବାଣୀ, କେଉଁ ଭୁଲ ଭ୍ରାନ୍ତିର ଇତିହାସ କେଉଁ ଲଜ୍ଜାହୀନ ଭିକ୍ଷା ଜୀବନ ଗ୍ଲାନିର ସ୍ତୁପ ବହି ଆଣିଛି ଏହି ଚିଠି। ଫେରି କୌଣସି ଗୋଟାଏ ନୂଆ ଅଜଣା ଆଘାତ ପାଇବା ଆଶଙ୍କାରେ ସମରେଶର ଅନ୍ତର ବିକ୍ଷୁବ୍ଧ ହୋଇ ଉଠିଲା। ଆଜିକାଲି ଯେ କୌଣସି ଚିଠି ପାଇଲେ ତାହାର ଏହିପରି ହୋଇଥାଏ। କୌଣସି ଚିଠି ପାଇଲେ ସେ ହଠାତ୍ ତାହା ଖୋଲି ପାରେନା।

କେତେବେଳଯାଏ ନିର୍ଲିପ୍ତ ଭାବରେ ବସି ସେ ଧୀରେ ଧୀରେ ସିଗାରେଟ୍‌ଟି ନିଃଶେଷ କଲା। ତାପରେ ଦ୍ୱିଧା ଜଡ଼ିତ ହାତରେ ଚିଠି ଖଣ୍ଡିକ ଟେବୁଲରୁ ଉଠାଇ ନେଇ ତାହା ଖୋଲିବା ପୂର୍ବରୁ ଖାମ ଉପରେ ଲେଖା ଶିରୋନାମା ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ସେ ଚକିତ ହୋଇ ଉଠିଲା। ହାତ ଲେଖା ତାହାର ପରିଚିତ। କେବଳ ପରିଚିତ କହିଲେ ବୋଧହୁଏ ଠିକ୍ ହେବନାହିଁ—ଏ ଲେଖା ତା ଅନ୍ତର ସଙ୍ଗରେ ସ୍ନିଗ୍ଧ ହୋଇ ଯାଇଛି। ଏହି ଲେଖା ଯାହାର ତାକୁହିଁ କେନ୍ଦ୍ର କରି କିଛିଦିନ ପୂର୍ବରେ ପରା କେତେ ସୁଖ ଦୁଃଖ କେତେ ବେଦନା ଆନନ୍ଦ ପରା ଏକ ସଙ୍ଗରେ ମିଶି ତା ଅନ୍ତର ଭିତରେ ପରା ଗୋଟିଏ ବିଚିତ୍ର ଅନୁଭୂତିର ସୃଷ୍ଟି ହୋଇଥିଲା। ତା ଜୀବନ ପଟ୍ଟ ଭୂମିରେ କିଛିଦିନ ପାଇଁ ଖେଳିଥିଲା ଅଲୌକିକ ଆଉ ଛାୟାର ଗୋଟିଏ ଅପୂର୍ବ ଅନବଦ୍ୟ ନୃତ୍ୟ। ଆଜିକାଲି ସମରେଶ ବୁଝି ପାରିଛି ତା ଅନ୍ତରର ସେହି ଅନୁଭୂତିର ମୂଲ୍ୟ ତା ନିକଟରେ

Digitized by srujanika@gmail.com

ଯେତେ ଆଢ୍ୟ ଯେତେ ଅମୂଲ୍ୟ ହୋଇ ଥିବେ, ଯାହାକୁ ଅବଜ୍ଞା କରି ତା ଚିତ୍ତ ରାଜ୍ୟରେ ଏହି ନବ ଦୂଜନର ଲୀଳା ଚାଲି ସେହି ଚିତ୍ତ ନିକଟରେ ତାହାର କୌଣସି ମୂଲ୍ୟ କୌଣସି ଦିନ ରହିନାହିଁ । ବାସ୍ତବରେ ଚାଲି ଚାଲି ବାଟୋଇ ତୃଷା ତୃପ୍ତି ପାଇଁ ପାଖ ଅଶ୍ୱତ୍ଥରେ ମାଟି ଭାଣ୍ଡରେ ପାଣି ପିଇଲା ପରେ ସେଟାକୁ ଯେପରି ଅନାଦରରେ ବାଟ ପାଖରେ ପିଙ୍ଗି ଦେଇ ପୁନଶ୍ଚ ବାଟ ଚାଲିବାକୁ ଟିକଏ ହେଲେ ବି କୁଣ୍ଠା କିମ୍ବା ଦ୍ୱିଧା ଅନୁଭବ କରେନାହିଁ, ସେହିପରି ସେ ତାକୁ କରିଛି ଅବହେଳା । କିଛିଦିନ ପାଇଁ ରଙ୍ଗ-ମଞ୍ଚର ଅଭିନୟ ପରି ଜୀବନର ପରମତମ ମୁହୂର୍ତ୍ତକୁ [illegible] କରି ସେ ତା ନିକଟରୁ ଦୂରକୁ ଘୁଞ୍ଚି ଯାଇଛି । ଅନୁଭୂତିର ଏପରି ଢଙ୍ଗ ଅଭିନୟ ବୋଧହୁଏ ତାହାର ଗୋଟାଏ ଶିଥିଳ ଅଥବା ଚରିତ୍ରର ବୈଶିଷ୍ଟ୍ୟ । କିନ୍ତୁ ତାହାର ସେହି ଶିଥିଳରେ ପଡି ଆଉ ଗୋଟିଏ ମାନବ ଜୀବନ ଯେ ଚିରଦିନ ପାଇଁ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଗଲା ସେ ଆଡ଼କୁ ଦୃଷ୍ଟି ଦେବାର ମନୋବୃତ୍ତି ତାହାର ନାହିଁ କିମ୍ବା ପ୍ରୟୋଜନ ସେ ମନେ କରେନାହିଁ । ତେବେ ଯେପରି ଅଛି ଏହି ଚିଠି ଖଣ୍ଡିକ—।

ଏପରି ଦିନ ତା ଜୀବନରେ ଥିଲା ଯେଉଁ ଦିନ ଏହିପରି ଚିଠି ହାତ ଲେଖା ଉପରେ ଦୃଷ୍ଟି ପଡିବା ମାତ୍ରେ ତା ଅଙ୍ଗରେ ପୁଲକର ରୂପ ଯାଉଥିଲା ବଦଳି । ଶତ ଦୈନ୍ୟ ଦୁଃଖଭରା ଜୀବନର ସମସ୍ତ ଗ୍ଲାନି ଉଠୁଥିଲା ଅପୂର୍ବ ରଙ୍ଗରେ ରଂଜିତ ହୋଇ । ଶତ ସହସ୍ର ମାନବ ମଣ୍ଡଳୀର ସଂପୂର୍ଣ୍ଣ ଅଜ୍ଞାନ ଅବହେଳିତ ହୋଇ ବାଟ ଚାଲି ବି ସେ ନିଜକୁ ମନେ କରୁଥିଲା ମହିମମୟୀ ସମ୍ରାଜ୍ଞୀ ପରି । ଯେଉଁ ପଥିକମାନେ ତାକୁ ଅବହେଳା କରି ବାଟରେ ଆପଣା ମନରେ ଚାଲି ଯାଉଥିଲେ ସେ ସେମାନଙ୍କୁ ଲକ୍ଷ୍ୟ କରି ମନେ ମନେ କହୁଥିଲା, ଯେଉଁ ସଂପଦରେ ମୋର ଅନ୍ତର ରାଜ୍ୟ ପରିପୂର୍ଣ୍ଣ ତାହାର କଣିକାଏ ଯଦି କେହି ପାଇଥାନ୍ତି ଏମାନଙ୍କ ସୌଭାଗ୍ୟର ସୀମା ନଥିବ ପରା । କିନ୍ତୁ ସେ ଦିନ ଆଜି ଆଉ ତାର ନାହିଁ । କଳ୍ପନାରେ ସେହି ଆନନ୍ଦ ସ୍ୱର୍ଗ ତାହାର ଭଙ୍ଗି ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଯାଇଛି କେବଳ ଅତୀତର ଅବହେଳିତ ବସ୍ତୁ ସ୍ତୂପରେ । ତା ବୋଲି ସେ ଅଭିଯୋଗ କରୁନ କାହାର ବିରୁଦ୍ଧରେ । ଅଭିଯୋଗ କରିବାର ଏଥିରେ ଅଛି ବା କ'ଣ—। ତା ଜୀବନର ପ୍ରଥମ ସାଧାର ସ୍ୱପ୍ନ ଶଙ୍ଖ ଯଦି କୌଣସି କାରଣରୁ ଆଉ ଅନାହତ ନ ହୁଏ ତାହାର ସାମାକୁ ଅଭିନନ୍ଦିତ କରିବା ପାଇଁ ଯଦି କାହାର ହୃଦୟବ୍ୟଗ୍ର ହସ୍ତ ପ୍ରସାରିତ ନ ହୁଏ ସେଥିପାଇଁ ସେ ଦୋଷ ଦେବ କାହାକୁ । ତାଛଡ଼ା ଅନୁଭୂତ ଯେଉଁ ଠାରେ ଅଚେତନ ସେଠାରେ କଣିକାଏ କରୁଣା ପାଇଁ ଭିକାରି ପରି ହାତ ପତାଇ ଠିଆ ହୋଇ ପାରିବ ନାହିଁ ସେ । ଜୀବନର ଘୂର୍ଣ୍ଣିବର୍ତ୍ତର ସେ ଚିର ଏକା ନିଃସଙ୍ଗ ଯାତ୍ରୀ । ମଝିରେ କେତୋଟି ଦିନ--କିନ୍ତୁ ସେହି ଦିନ ଗୁଡ଼ିକ ତ କଳ୍ପନା ଆଉ ଛଳନାର ପୂର୍ଣ୍ଣ । ଜଣେ ତାକୁ ନେଇ କିଛି ଦିନ ପାଇଁ ଖେଳିଛି ମାତ୍ର । ସେ ତାହାର କ୍ରୀଡ଼ନକ ମାତ୍ର

ସମତା କ୍ଷଣେ ପୁନରାୟ ଅନ୍ୟମନସ୍କ ହୋଇ ପଡିଲା । ହାତରେ ତା'ର କେବଳ ସେହି ଚିଠି । କିଛିକ୍ଷଣ ପରେ ଅଶ୍ରୁ ପରି କରୁଣ ହାସ୍ୟ ରେଖାଟିଏ ତା ଅଧରରେ ଫୁଟି ଉଠିଲା । ସଙ୍ଗେ ଗୋଟିଏ ଦୀର୍ଘନିଃଶ୍ୱାସ ଛାଡି ସେ ଧୀରେ ଧୀରେ ହସ୍ତସ୍ଥିତ ଚିଠି ଖଣ୍ଡିକ ଖୋଲିଲା । ତା'ର ଯୁଗରେ ଯୋଗ ଦେବାର ଖବର କାହାରଠାରୁ ଶୁଣି ଚିତ୍ରା ତାକୁ ଏହି ଚିଠି ଲେଖିଛି ! ଚିଠିଟା ପୂରି ଯାଇଛି କେତେ ଅବାନ୍ତର କଥାରେ । ସେମାନଙ୍କ ଅତୀତ ଜୀବନର କାହାଣୀକୁ ସ୍ମରଣ କରି ଅଥବା ଆଲୋଚନା କରି ଜୀବନ ଯେ କେଉଁପରି ଅସମ୍ଭବ ତାହା ବୁଝାଇବା ପାଇଁ କେତେ କଥା ଲେଖିଛି ସେ । ତାହାର ସେହି ଆଲୋଚନାରେ ଧର୍ମ ଆଉ ସମାଜର ନୀତି, ମାନବ ଜୀବନର ପ୍ରୟୋଜନୀୟ ଉପଦେଶ । ଚିଠିଟା ପଢ଼ୁ ପଢ଼ୁ ସମତାର ମୁହଁ କେତେବେଳେ ବା ଆରକ୍ତ କେତେବେଳେ ବା ପାଂଶୁ ବର୍ଣ୍ଣ ହୋଇଯାଉଥିଲା । ତାକୁ ଜଣା ଗଲା, ମନୁଷ୍ୟର ଗଭୀରତମ ବେଦନାକୁ ଏହିପରି ଆଘାତ କରି ତାକୁ ବାରନାରୀ ପରି ସଜାଇ ପଥ ଉପରେ ଠିଆକରାଇ ଜୀବନର ନିଷ୍କରୁଣ ରୂପ ଆଡ଼କୁ ମୁହଁ ଫେରାଇ ଦେଇ ତାକୁ ଆଘାତକର ଉଦ୍ଧାର କରିବା ଶକ୍ତି ଏକା ନାରୀ ବ୍ୟତୀତ ଏ ସଂସାରରେ ଆଉ କାହାର ନାହିଁ । ଋଣର ନିପୀଡ଼ନରେ ବିବ୍ରତ ହୋଇ ସେ ଧନୀ ନିର୍ମମ ମହାଜନର ଦାନ ଅବମାନନାର ରୂପ ଦେଖିଛି । ବିପଦ ବେଳେ ସାହାଯ୍ୟ ନେଇବାକୁ ଯାଇ ସେ କ୍ଷମତା ହୀନ ଆତ୍ମୀୟ ସ୍ୱଜନ ବନ୍ଧୁ ବାନ୍ଧବମାନଙ୍କର ଉପଦେଶ ଛଳରେ ବ୍ୟଙ୍ଗ ମିଶ୍ରିତ ପରିହାସ ମଧ୍ୟ ସେ କମ ଶୁଣିନ ।

Digitized by srujanika@gmail.com

କିନ୍ତୁ ସେହି ସମସ୍ତ ଅତ୍ୟାଚାରର ରୂପ ବଦଳି ମନୁଷ୍ୟଙ୍କ ଅପମାନ କରି ସେଗୁଡ଼ିକ ତୃପ୍ତ । କିନ୍ତୁ ଏହି ଠେଇରେ ବିଶ୍ୱ ତାର ଅନ୍ତରର ଅନନ୍ଦ ଦୁର୍ଲଭ ସୁଗନ୍ଧରେ ପୁରାଇ ଦେଇ ତା ଜୀବନର ଦେହରେ କାଦୁଅ ଲେପି ଦେଇଛି । ଏଥିକରେ ଫେରି ଯେ କ୍ଷାନ୍ତ କିଂବା ଶାନ୍ତ ନହୋଇ ତାକୁ ସାନ୍ତ୍ୱନା ଛଳରେ ଦେଇଛି କଣ୍ଟକିତମ ନିର୍ଦ୍ଦୟ ଶାସ୍ତି ।

ତା ଚିଠିର ଗୋଟିଏ ଜାଗାରେ ସେ ଲେଖିଛି, ମୁଁ ଯଦି ତମ ସ୍ମୃତିକୁ ସଂକଳ୍ପ କରି ତଡ଼ି ନପାରେ ସେଇଟା ମୋର ଅଧର୍ମ ହେବନି ସମରେଣ । ବରଂ ତମକୁ ଦେଖି ଯେଉଁ ସାମୟିକ ଦୁର୍ବଳତା ଅସି ମୋ ଚିତ୍ତକୁ ଅଛନ୍ନ କରିଥିଲା ତମକୁ ବିସ୍ମୃତିର ଚେଷ୍ଟାହିଁ ହେବ ମୋର ସେହି ଅପରାଧର ସଂଶୋଧନ । ଅଜି ତମେ ମୋର ସେହି ଦୁର୍ବଳତାର ସୁଯୋଗ ନେଇ ମୋ ଉପରେ ଯେଉଁ ଅଧିକାରର ଛାପ ବସାଇବାକୁ ପ୍ରୟାସ କରୁଛ ସେଇଟା ହେଉଛି ତମର ଅବିବେକ ଅସଂଯମ ଚିତ୍ତର କ୍ଷୁଦ୍ର ବାତୁଳତା । ରମଣୀର ବିଶେଷତଃ ଶିକ୍ଷିତା ତରୁଣୀର ମନ ଯେ କ'ଣ ତା ତମେ ଜାଣନାହିଁ ବୋଲି ଏପରି ଭାବିପାରୁଛ; ଅବଶ୍ୟ ସେଇଥିପାଇଁ ତମ ଉପରେ ମୋର କୌଣସି ରାଗ ନାହିଁ । କାହାରି ଉପରେ କୌଣସି ଅଧିକାର ବା ଦାବୀ ନାହିଁ କାହାରି; ଯାହା ଅଛି ତା ହେଉଛି କେବଳ ପ୍ରୟୋଜନର ସମ୍ବନ୍ଧ । ସେହି ପ୍ରୟୋଜନର ସମ୍ବନ୍ଧ ଗୋଟିଏ ଦିଗରୁ ଯଦି ଶେଷହୁଏ ତାହାର ଅନ୍ୟ ଦିଗଟା ଧରି ଝୁଲିରହିବାଟା ହେଉଛି ବର୍ବର ଅତ୍ୟାଚାର । ପୁରୁଷ ହୋଇ ନାରୀ ଉପରେ ଏପରି ଅତ୍ୟାଚାର କରିବାକୁ ଟିକିଏ ବି ସଂକୁଚିତ ନହୋଇ କିଂବା ଦ୍ୱିଧା ନକରି ମୋ ମନକୁ କର୍ଷିତ କରିବା ପାଇଁ ତମେ ଯୁଝି ଯାଉଛ । ମୋର ମନେହୁଏ ତମେ ତମ ନିଜର ଦୁର୍ବଳ ପ୍ରବୃତ୍ତିକୁ ଶାନ୍ତ କରିବା ପାଇଁ ତାକୁ ସବୁବେଳେ ଶୁଣାଉଛ ମିଛ ପାଇଁ ମୁଁ ଅଜି ଯାଉଛି ଯୁଦ୍ଧକୁ ଅତ୍ମ ବିସର୍ଜନ ଦେବାପାଇଁ—ବୋଧହୁଏ ମୋର ଏହି ପ୍ରଶ୍ନର ଉତ୍ତର ଦେବାର ଶକ୍ତି ନାହିଁ ମୋର, ସେଇଥିପାଇଁ ମୁଁ ପଳାଉଛି କହିବ, ନା, ନା, ମୁଁ ଯାଉଛି ମୋର ପାରିବାରିକ ଦୁରବସ୍ଥା ପାଇଁ । କିନ୍ତୁ ମୁଁ ଜାଣେ ଏହା ମିଥ୍ୟା, ଭୀରୁତା । ଯେଉଁ ଭୀରୁ କୌଣସି ତରୁଣୀର କ୍ଷଣିକ ଭ୍ରାନ୍ତିର ସୁଯୋଗ ନେଇ ତା ଦେହ ମନ ଉପରେ ଚିରଦିନ ପାଇଁ କଳଙ୍କ କାଳିମା ବୋଳି ଦେବାକୁ ଟିକିଏ ହେଲେ ବି ଲଜ୍ଜା ଅନୁଭବ କରେନାହିଁ କିଂବା କରି ପାରିଲା ପରେ ନିଜ ବିବେକର ଦଣ୍ଡ ଶାସ୍ତି ହାତରୁ ମୁକ୍ତି ପାଇବା ପାଇଁ ଅତ୍ମହତ୍ୟାର ଉଦ୍ୟୋଗ କରେ ତାଠାରୁ ମୁଁ ବିଶେଷ କିଛି ପ୍ରତ୍ୟାଶା କରେନାହିଁ । ତମେ ନିଶ୍ଚୟ ଜାଣିଥିବ ତମର ଏହି ଅତ୍ମହତ୍ୟାର ଉଦ୍ୟୋଗ ସଂଗରେ ମୋର କୌଣସି ସଂପର୍କ ନାହିଁ । ଛି—ଛି—ନିଜ ଦୋଷ ପାଇଁ ପରକୁ ଦାୟୀ କରିବାର ନୀଚତାର ବି ଅଭାବ ନାହିଁ ତମ ଭିତରେ । ମୁଁ ଅଜିବି ବୁଝିପାରୁନି ତମ ଭିତରେ କ'ଣ ଦେଖି ମୁଁ ଅତ୍ମ ବିସ୍ମୃତ ହୋଇଥିଲି । କିନ୍ତୁ ତମକୁ ମୁଁ କ୍ଷମା କରୁଛି ଏବଂ ପ୍ରାର୍ଥନା କରେ ଈଶ୍ୱର ମଧ୍ୟ ତମକୁ କ୍ଷମା କରିବେ ।

ଚିଠିର ଅଉ ଗୋଟିଏ ଜାଗାରେ ବିଶ୍ୱ ତାକୁ ସାନ୍ତ୍ୱନା ଦେଇ ଲେଖିଥିଲା, ଦୁଃଖ କରିବ ନାହିଁ ସମରେଣ । ଟିକିଏ ଧୈର୍ଯ୍ୟ ଧରି ଅନୁସନ୍ଧାନ କଲେ, ତମର ମନୋମତ ତରୁଣୀର ଅଭାବ ହେବନାହିଁ । ତମର ଧନହିଁ ହେଉଛି ତମର ଏ ପଥର ପ୍ରଧାନ ଅନ୍ତରାୟ । ସେଇଟାକୁ ଦୂର କରିବାକୁ ଚେଷ୍ଟା କରିବ । ତମେ ପରା କହୁଥିଲ କୌଣସି ଦିନ ଜୀବନର କୌଣସି ଅଦର୍ଶକୁ ସାହାଯ୍ୟ କରି ପାରିନାହିଁ, ବରଂ ଅଦର୍ଶକୁ ତାହାର ଉନ୍ନତ ଉଜ୍ଜ୍ୱଳ ଶିଖରରୁ ଟାଣି ଅଣି ନିମ୍ନରୁ ନିମ୍ନତମ ସ୍ତରକୁ—ଅନ୍ଧାର ଭିତରକୁ । ସେହି ହତ୍ୟାର ଅନ୍ତରେ ହେବାକୁ ତ ଟିକିଏ ହେଲେ ବି ଦ୍ୱିଧା ନାହିଁ ମୋର ! ଏଥର ବି ଜାଣିଥିବ ଯେଉଁ ପୁରୁଷ, ଜୀବନର ଅଦର୍ଶକୁ ସ୍ଥିର କରି ରଖି ପାରେନା ସେ କେବେ କୌଣସି ମାର୍ଜିତ ରୁଚି ରମଣୀର ପ୍ରେମ ପାଇ ପାରିବ ନାହିଁ ।

ଚିଠିଟାର ଅର୍ଥ ହୃଦୟଙ୍ଗମ କରି ନ ପାରିଲା ପରି ସମରେଣ ସେଇଟାକୁ ଥରେ, ଦୁଇଥର, ତିନିଥର, କେତେଥର ପଢ଼ିଲା । ପଢ଼ୁ ପଢ଼ୁ ତା ସାରା ଦେହରେ ଗୋଟାଏ ଅସହ୍ୟ ଘର୍ମ ଅନୁଭବ କଲା । ସେ ଅସ୍ଥିର ହୋଇ ଚେୟାରରୁ ଉଠି ଚିଠି ଖଣ୍ଡିକ ହାତରେ ଧରି ଅସି ବୁକୁ ବିଛଣାରେ ପଡ଼ି ରହିଲା । ତା ମନରେ ପଡ଼ିଲା ବିଶ୍ୱ ସଙ୍ଗରେ ତାର ପ୍ରଥମ ପରିଚୟ କାହାଣୀ । ସେଦିନ ତ ସେ ତାପାଇଁ ମନ ଭିତରେ କୌଣସି ଚାଂଚଲ୍ୟ କିମ୍ବା ଅକର୍ଷଣ ଅନୁଭବ କରି ନଥିଲା ! ତାପରେ ପରିଚୟ ଧୀରେ ଧୀରେ ବନ୍ଧୁତ୍ୱରେ ପରିଣତ ହେବା ପରେ, ଯେଦିନ ବିଶ୍ୱ ନିଜେ ତା ଜୀବନର ଦୁଃଖର କାହାଣୀକୁ ସମରେଣ ନିକଟରେ

Digitized by srujanika@gmail.com

ପ୍ରୀତିର ଅର୍ଘ୍ୟ ପରି ନିବେଦନ କରି ଏକାନ୍ତ ଭାବରେ ଆତ୍ମ ନିବେଦନ କରି ଦେଇଥିଲି—ମୋତେ ହୃଦୟରେ ସ୍ଥାନ ଦିଅ ବନ୍ଧୁ ! ସେଦିନ ରମେଶର ଏକାନ୍ତ ଆବେଦନରେ ତା ମନ ଭିତରେ ଉଜ୍ଜ୍ୱଳ କାମନା ପରିବର୍ତ୍ତରେ ଉଦିତ ହୋଇଥିଲା କରୁଣ ସୌହାର୍ଦ୍ଦ୍ୟ । ଯେଉଁ ସୌହାର୍ଦ୍ଦ୍ୟ କେବଳ କରୁଣା ଭିତରେ ଅବସାନ ନ ହୋଇ ବେଦନା ନିକଟରେ ନିଜକୁ ଏକାନ୍ତ ଭାବରେ କରେ ଅର୍ପଣ । ଏହି ଅର୍ପଣହିଁ ତା ଚିତ୍ତ ରାଜ୍ୟରେ ଯେଉଁ ଗୋପନ ପ୍ରୀତିର ମହନୀୟ ମାଧୁରୀ ସୃଜନ କରିଛି ତାହାହିଁ ହୋଇଛି ରମେଶର ଜୀବନର ପରମ ପ୍ରାପ୍ତି ।

ଚିତ୍ରାର ଏହି ଆତ୍ମ ନିବେଦନ ପରେ ସେ ପରସ୍ତ୍ରୀ ଜାଣିବି ରମେଶ ତାକୁ ପ୍ରିୟା ବୋଲି, ଜୀବନର ବନ୍ଧୁ ବୋଲି ଗ୍ରହଣ କରିଥାଏ । ତାହାର ଏହି ଗ୍ରହଣ ଭିତରେ ତାହାର ଏହି ଗ୍ରହଣ ପ୍ରଚଳିତ ସମାଜ ନୀତି ଓ ପୁରାତନ ସଂସ୍କାର ବିରୁଦ୍ଧ ହେଲେ ହୋଇପାରେ । କିନ୍ତୁ ଚିତ୍ରା ଉପରେ ଅତ୍ୟାଚାର ଯେ ସେ କରିଛି କେଉଁଠି ତାହା ରମେଶ ବୁଝି ପାରିଲା ନାହିଁ । ଏହାପରେ ଅଧୁରା କେତେ ଘଟଣା ଘଟି ଯାଇଛି । କାମନା ଚରିତାର୍ଥ ପରେ ଚିତ୍ତ ଦୁର୍ବଳ ଧ୍ୱଂସ ପାଇଛି । ତାହାର ମନର ଉଦ୍ଦେଶ୍ୟ ବୁଝି ରମେଶ ଜୀବନରେ ନିଜକୁ ଦେଇଛି ସାନ୍ତ୍ୱନା—ଯା ପାଇଛି ତାହାହିଁ ମୋର ଜୀବନର ସମ୍ବଳ, ଏହି କଥା ଭାବି । ଜୀବନର ସେହି ଚିତ୍ର ମାଧୁରୀର ସ୍ମୃତିହିଁ ଆଜି ଜାଗରିତ ହୋଇ ରହିଛି ତା ଅନ୍ତରର ଅନ୍ତରତମ ଦେଶରେ । ତାହାର ସବୁ କର୍ମରେ ପଡ଼ିଛି ତାହାର ଛାୟା । ତଥାପି ଦିନକପାଇଁ ସେ ତା ବିରୁଦ୍ଧରେ କୌଣସି ଅଭିଯୋଗ କରିନି । କିନ୍ତୁ ନାରୀ ଚିତ୍ତର ଏହି ଅପ୍ରକାଶିତ ପ୍ରକାଶ । ପ୍ରକୃତରେ ଏହା ଚିତ୍ରାର ତା ନିକଟରେ ଅଭିଯୋଗ ନା ତାର ନିଜ ମନକୁ ଆଉ ବିବେକକୁ ଭଣ୍ଡାଇବା ପାଇଁ ଛଳନା ତାହା ବୁଝି ନପାରି ରମେଶ ନିସ୍ତବ୍ଧ ଭାବରେ ଶୋଇ ରହିଲା । ସୁପ୍ତ ପ୍ରଣୟ ଭିତରେ ମନୁଷ୍ୟତ୍ୱର ଗୌରବ, ଗାମ୍ଭୀର୍ଯ୍ୟ, ଗର୍ବ ସମସ୍ତ ହରାଇ ଏକାନ୍ତ ନିଃସ୍ୱ ଭାବରେ ଯେଉଁ ବେଦନାକୁ ଅବଲମ୍ବନ କରି ସେ ଜୀବନର ଶୂନ୍ୟ ପ୍ରାନ୍ତରରେ ଯାତ୍ରାର ପ୍ରଦୀପଟି ଜଳାଇବାକୁ ବସିଥିଲା ତାହାର ସେହି ବେଦନା ଆଜି ଯେତେବେଳେ ବାହ୍ୟ ଭାବରେ ଆତ୍ମ ପ୍ରକାଶ କଲା ତାକୁ ଯେ ସେ କେଉଁପରି ଗ୍ରହଣ କରିବ କିଛି ବୁଝି ପାରିଲା ନାହିଁ । ଅଦ୍ଭୁତ ବିହଙ୍ଗ ପରି ଅସହାୟ ଅବ୍ୟକ୍ତ ଯନ୍ତ୍ରଣାରେ ତା ଆଖି ଦୁଇଟି ଲୋତକରେ ପୂରି ଉଠିଲା ।

—ଶ୍ରୀ ରମେଶଚନ୍ଦ୍ର ନାୟକ


## କୁବେର ବ୍ୟାଙ୍କ ଲିଃ

ହେଡ଼ ଅଫିସ—କଲିକତା ।

**ଶାଖା ଅଫିସ ମାନ:—**

ଢାକା, କାଲିମ୍ପଙ୍ଗ୍, ଶିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

**୧୬ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତ ପ୍ରକାର ବ୍ୟାଙ୍କିଂ କାର୍ଯ୍ୟ ନିର୍ବାହ ହୁଏ ।
ଜାଜପୁର ଶାଖା ଶୀଘ୍ର ଖୋଲିବ ।

ଏସ୍: କେ: ଚକ୍ରବର୍ତ୍ତୀ
ମ୍ୟାନେଜିଂ ଡାଇରେକ୍ଟର


Digitized by srujanika@gmail.com

ବିଲେଇ ହାତରେ .......................

# ଅକୃତ୍ରିମ ଶୋକ-ସଭା

ଶ୍ରୀ ହରିଶ୍ଚନ୍ଦ୍ର ବଡାଲ

ସଂପାଦକ ମହୋଦୟ ଏବଂ ଅସମବେତ ପାଠକ-ପାଠିକା ମହାଶୟ-ମହାଶୟାଗଣ !

ଆପଣମାନେ ଇତିପୂର୍ବେ ବହୁ ବହୁ ଲେଖକ-ଧୁରନ୍ଧରଙ୍କ ଶୋକସଭା ଶୋଭିତ, ମଣ୍ଡିତ ତଥା ଅଲଂକୃତ କରିଅଛନ୍ତି । ସଭାପ୍ରସ୍ଥାନ- ମଥରେ ବସିଥିବେ ଓ ଉକ୍ତ ଲେଖକଙ୍କର ମୃତ ଆତ୍ମାଙ୍କର ପ୍ରୀତି ଦୟା ଦାକ୍ଷିଣ୍ୟ ସୌଜନ୍ୟ ଆନୁକୂଲ୍ୟ ସମବ୍ୟଥା ସମବେଦନା ସହାନୁଭୂତି ଇତ୍ୟାଦି ଇତ୍ୟାଦି ଅସଂଖ୍ୟ ସଦ୍‌ଗୁଣରାଜିର ଅନ୍ତର ହୃଦୟ-ପାରାବାରରେ ଉଦ୍‌ବେଳ କରାଇ କେତେ ଆକାରରେ କେତେ ପ୍ରକାରରେ, କେତେ ରୀତିରେ କେତେ ଚକ୍ରଭାବରେ କେତେ ଅବା ଅଙ୍ଗ ଭଙ୍ଗିମାସହ ସଂତ-ବଙ୍କିମା ଉନ୍ମୀଳନ-ନିମୀଳନରେ ସଭାର ଗମ୍ଭୀର ଶୋଭା, ଭକ୍ତି ବିସ୍ମୟ ଅପିଚ ଭୟ ଉତ୍ପାଦନ କରିଅଛନ୍ତି । ଭାବାଧିକ୍ୟ ବଶତଃ ଆପଣ କେତେ ନଟରାଜୀୟ ପ୍ରଳୟ-ତାଣ୍ଡବ ପୋଜ୍, କେତେ ଉଦୟଶଙ୍କରୀ ମୁଦ୍ରା ଓ କେତେ ଅନା ପଭ୍‌ଲୋଭାଙ୍କ ହାତକୁ ନିଖୁଣ ଭାବରେ ଅଧୁତ୍ତଙ୍କର ପ୍ରକଟ କରି ଅଛନ୍ତି ତାହା ଆପଣଙ୍କୁ ଗୋଚର ଥାଉ ନଥାଉ କିନ୍ତୁ ଆମେ—ସଭାସ୍ଥ ଭ୍ରାନ୍ତ ଚକିତ ସନ୍ତ୍ରସ୍ତ ନାଗରିକ ଭଦ୍ର ସଂଘାନ ସଂଗତ ଦେଖିଛୁ—ଆମେ ତ ତାହା କଦାପି ଭୁଲିପାରୁନା ! ଅହୋ, ସେ କି ଉଚ୍ଛ୍ୱାସ, ସେ କି ମହତ୍ତ୍ୱ ପ୍ରକାଶ, ସେ କି ଶତ ସହସ୍ର ସାବାସ୍ ସାବାସ୍ !!

ମୁହୁର୍ମୁହୁ କରତାଳ ଚଟଚଟା ଧ୍ୱନି ମଧ୍ୟରେ ଆପଣଙ୍କର ଆସନ ପରିଗ୍ରହ— ସେ ଏକ ଚୋଟାଏ କର୍ଣ୍ଣପଟହ—ପଂକ୍ତାନ୍ତ-ମାନ ସମାରୋହ ବ୍ୟାପାର ।

କିନ୍ତୁ ମୋର ଅପେକ୍ଷାକୃତ ସଜ୍ଞାନ ଅବସ୍ଥାରେ (in my saner moments) ମୁଁ ଅବଶ୍ୟ କହିବି ଯେ ସେଦିନର ସେ ଉଚ୍ଛ୍ୱାସ, ପ୍ରଳାପ ମାତ୍ର, ସେ ଅଶ୍ରୁ ନକ୍ର ଲୋତକ (Crocodile tears) ବହୁ ଅଳୀକ ମାତ୍ର, ସେ ଶୋକ-ବିହ୍ୱଳତା ସେ ଭାବବିଳାସ ଅଭିମାତ୍ରାରେ କୃତ୍ରିମ ।

ଆପଣ ହୁଏତ ଭ୍ରୂକୁଞ୍ଚନ ଦ୍ୱାରା ବିସ୍ମୟ ଉଲ୍ଲୁଟାଇ ପଚାରିବେ—କାହିଁକି କହ ?

ମୋର ଉତ୍ତର ତତ୍‌କ୍ଷଣେ ମଉଜୁଦ୍ ଅଛି, ତାହା ଏହି— ଯେ, ଜଗତରେ ଏକମାତ୍ର ଅନ୍ଧ ଓ ଅକୃତ୍ରିମ ବସ୍ତୁ ହେଉଛି ଲେଖନୀ । କବି କହ, ଲେଖକ କହ, ନାଟ୍ୟକାର କହ ବା ଔପନ୍ୟାସିକ କହ— ସମସ୍ତେ ଆଶ୍ରୟ କରିଛନ୍ତି ସେହି ଏକ ଏବଂ ଅଦ୍ୱିତୀୟ ବସ୍ତୁକୁ । ଲେ-ଖ-ନୀ ! ଲେଖନୀ ନୋହିଲେ କବିଙ୍କ କାବ୍ୟ କୂଜନ ନୀରବ, ଲେଖକଙ୍କର ଇନ୍‌ଷ୍ଟଲମେଣ୍ଟ ସିଷ୍ଟମ୍‌ରେ ମାସକୁ ମାସ ଗଳ୍ପ ଲେଖିବା ବନ୍ଦ, ନାଟ୍ୟକାରଙ୍କ ଚରମ ଡ୍ରାମା ମଗଜରୁ ବାହାରକୁ ବାହାରି ନପାରି ତାଙ୍କୁ ପାଗଳା କରି ଦେବାର ଉପକ୍ରମ, ଆଉ ଔପନ୍ୟାସିକ ମୁଣ୍ଡରେ ହାତ ଓ ପେଟରେ ବେଦାକନା ଦେଇ ନିର୍ବାଣ ପ୍ରାପ୍ତିରେ ଦାଖଲ । ଖାଲି କଣ ସେତିକି ? ସମାଲୋଚକଙ୍କ କଣ୍ଡୁୟନ ପ୍ରବୃତ୍ତି ଚରିତାର୍ଥ; ଆଉ ସଂପାଦକଙ୍କ—

ଅରେ, ରାମ ରାମ ! ଆଉ ଟିକିଏ ହୋଇଥିଲେ ତ ଗୁଣକ୍ୟ ନନ୍ତର ଚହଭୂଁଡ କାମଟାଏ କରି ପକାଇଥିଲି, ଆଉ କଣ । ସଂପାଦକଙ୍କ କରାମତି ଲେଖନୀ ନଥିଲେ କମଲା କି କହିଲା ସେ ବିଷୟରେ ସ୍ପଷ୍ଟରୂପେ ମତାମତ ଦେବା ପୂର୍ବରୁ ଏ ଲେଖାଟା ଆଗ ବାହାରିବା ଦରକାର । ସେତକ ହେଇଗଲେ ତେଣିକି ମୁଁ ବେଳକାଳ ଉଣ୍ଡି ଅନ୍ୟ କଥା ପ୍ରସଙ୍ଗରେ ମୋ ମତଟା ଆପଣମାନଙ୍କ ଆଗରେ ଥୋଇବି ଯେ, ପାଠକ-ପାଠିକା ନିରାଶ ହୁଅନ୍ତୁ ନାହିଁ ।

ବର୍ତ୍ତମାନ, ମୂଳ କଥାଟା ହେଉଛି, ଲୋକାଲୋକ ବ୍ୟାପାର ରେ ଲେଖନୀଟାହିଁ ହେଲା ଅନ୍ଧ ଏବଂ ଅକୃତ୍ରିମ, ଆଉ ମ୍ୟୁଟାଣ୍ଟସ୍ ମ୍ୟୁଟାଣ୍ଡିସ୍, ଲୋକବସୁଭାବ ହେଲେ 'ଅନାଦି' ଓ

Digitized by srujanika@gmail.com

ଲର୍ଡ଼ିମ (ଅବଶ୍ୟ, ଏକୋ ଆଉ ଏ ଲେଖକ ବାଦେ) । ସୁତରାଂ, ପାଠକ ଏବଂ ପାଠିକା ଆପଣେ, ଆପଣ ଯଦି କୌଣସି କବି-ଲେଖକ-ନାଟ୍ୟକାର-ଔପନ୍ୟାସିକଙ୍କ ଶୋକ-ସଭାରେ ଉପସ୍ଥିତ ଥାଇ ସଭାର ଶୋଭା ବା ଗୌରବ ବୃଦ୍ଧି କରିଥାନ୍ତି, ଯୋଗ ଦେଇ ବିୟୋଗ-ଜନିତ ଶୋକକାତରତାର ଗୁଣ-କୀର୍ତ୍ତନ ଦ୍ୱାରା କଥଞ୍ଚିତ୍ ହରଣ କରିଥାଆନ୍ତି, ଯଦି ବକ୍ତୃତା ମଞ୍ଚରେ ବମ୍ପରରେ ବର୍ଣ୍ଣାଢ୍ୟମାନ ହୋଇ ବସ୍ତୁପବାଦ ଅବନ୍ଧୁବର ଅଖଣ୍ଡିତ ଆକ୍ଷେପୋକ୍ତି କ୍ଷେପାଦ୍ଧ ପ୍ରକ୍ରିୟା ଦ୍ୱାରା ମୂକକୌଶଳରେ ନିଜର ବ୍ୟାଘ୍ର "ଖାଇ"ର ପ୍ରମାଣ କରିଥାଆନ୍ତି, କମ୍ବା ଯଦି ଦରିଦ୍ର ଉତ୍କଳର ଦାରିଦ୍ର୍ୟ ପ୍ରପୀଡ଼ିତ ନିସ୍ପୃହତା ବଶତଃ ନିତାନ୍ତହିଁ ନିର୍ଗନ୍ଧ ଭାବରେ ସବସମକ୍ଷରେ ସ୍ମୃତିମାଳରେ ଅଶ୍ରୁ-ମୋଚନ କରି ଥାଆନ୍ତି ତେବେ ଆପଣ ଭୁଲ କରିଛନ୍ତି, ଠକି-ଛନ୍ତି ଓ ଠକାଇଛନ୍ତି ବା ଠକିବାକୁ ଚେଷ୍ଟାକରିଛନ୍ତି । ଆପଣ ଏକ ଲର୍ଡ଼ିମ ଶୋକସଭାରେ ଯୋଗଦେବା ଅପରାଧରେ ଅପରାଧୀ ହୋଇଛନ୍ତି ।

ଆଜି ମୁଁ ଆପଣଙ୍କୁ ନିମନ୍ତ୍ରଣ କରୁଛି ଏକ "ଥଲର୍ଡ଼ିମ" ଶୋକସଭାରେ ଯୋଗ ଦେବାପାଇଁ । ଆହା-ହା, ସେ-ଶୋକ ଯେ କି ନିଦାରୁଣ ଶୋକ, ତାହା ବିୟୋଗକାତର ମୋ ଛଡ଼ା ଆଉ କିଏ ବୁଝିବ ? କାରଣ, ଶୋକ ହେଉଛି ଲେଖକ ବିୟୋଗରେ— ଆଉ ଲେଖକଟି ହେଉଛି ମୋର ଅତିପ୍ରିୟ ହୃଦୟ-ନନ୍ଦିତ-ନିଧି ଷ୍ଟାଣ୍ଡାର୍ଡ ଡ୍ୟାଲ୍ଡମେଟିକ୍ ପାର୍କାର ଫାଉ-ଣ୍ଟେନ୍ ପେନ୍ !

ସେଦିନ କାହା ମୁହଁ ସ୍ୱହିଁ ଉଠିଥିଲି କେଜାଣି । ଶର-ଅତ୍ରେ ଖରତର ମୁନା-ଝର ସ୍ନେହସିକ୍ତ ପ୍ରଭାତ । ଆକାଶ ସୁନିର୍ମଳ; ସଦ୍ୟ କରଣସ୍ନାତା ଦିଗଙ୍ଗନା ନିଧୂ ସ୍ୱଚ୍ଛ ଶୁଭ୍ର ହାସ୍ୟମୟୀ । ତରୁଣ ସପ୍ରାଣ ସହାସ୍ୟ ବଦନରେ ନିଜର ଦୈନନ୍ଦିନ ପରିକ୍ରମା ଆରମ୍ଭ କରିଅଛନ୍ତି । କିଏ ଜାଣିଥିଲା ଯେ ସେଦିନର ଆରମ୍ଭରେ ଏଭଳି ଅନୁକୂଳ ଲକ୍ଷଣାବଳୀର ସମାବେଶ ଥିଲା, ସେହିଦିନର ଅବସାନ ଘଟିବା ପୂର୍ବରୁ ମୋର ପ୍ରିୟାଦପିପ୍ରିୟ ପାର୍କାର କଟକୀର ଚକରେ ଚିରଦିନ ଲାଗି ମୋର ସଙ୍ଗଚ୍ୟୁତ ଅଙ୍ଗଚ୍ୟୁତ ହୋଇଯିବ !

କଟକର ତରୁଣ ଚିତ୍ରଶିଳ୍ପୀ ଅଶୋକ କୁମାରଙ୍କ ଅମର ଚିତ୍ର-କୀର୍ତ୍ତି "ନଦୀମାତୃ" ଦେଖି ଫେରୁଛି— ହୃଦୟ ଭିତରେ ଶୋଭନା ମନ୍ଦାକ ଶାନ୍ତିର କଳକଣ୍ଠର ନିଟୋଳ ଗୁଞ୍ଜନ—

"ଧୀରେ ଧୀ-ରେ—
ଯା-ରେ ବାଦଲ, ଧୀରେ ଧୀରେ ଯା—।"

ଗୁଂଜନର ଉଠୁଛି, ଆଉ ମୁଁ ଉଠିବ ଅନ୍ୟମନସ୍କ ଭାବରେ ଗୋଟିଏ ଯାତ୍ରୀ-ବୋଝାଇ "ବି"ରୁଟ୍ ବସ୍‌ରେ । ବସ୍‌ଟା ବୋଝାଇ । ଏକତାଳ ଅଉ ଦୋତାଳା ସବୁ ପୂର୍ଣ୍ଣ ଯାତ୍ରୀ ଅଧିକା ହେବାରୁ ଦୋତାଲା ସିଡ଼ି ପାଖରେ ସାତ ଅଠ ଜଣ ଝୁଲାଝୁଲି କରି ଠିଆହୋଇଛନ୍ତି—ଠିଆହେବାର ଜାଗାମୁକା ଦୁର୍ଲଭ । ଏପରି ଅବସ୍ଥାରେ ମୁଁ ଚଢ଼ିପଡ଼ିଲି, କିନ୍ତୁ ମୋର 'ପରିସ୍ଥିତି' ହେଲା କଟେ । ଡାହାଣ ହାତରେ ରହିଲା ସିଡ଼ିର ରେଲିଂ ଆଉ ପିଠି ରହିଲା ବସ୍ ପଛ କାନ୍ଥରେ— ବାଜି ସାମନାକୁ ଡାହାଣକୁ ଟିକେ ଉପରକୁ ସବୁଆଡ଼କୁ ମୋତେ ଘେରି ରହିଲେ ଅଜଣା ଅଚିହ୍ନା ଅପରିଚ୍ଛନ୍ନ ଭୁମ୍ବାର "ମାବାଲି" (କାଲିକତାର ଗୁଣ୍ଡାଶ୍ରେଣୀର ଲୋକ) । ପରବର୍ତ୍ତୀ ଷ୍ଟପ୍‌ରେ ବସ୍ ଛାଡ଼ିହେଲା ଯାଇ ଏକତାଲରୁ ଆଉ ସିଡ଼ି ଉପରୁ ଲୋକେ ପେଲାପେଲି କରି ବାହାରିବାକୁ ଲାଗିଲେ— ଠିକ୍ ସ୍ରୋତପରି । ଏଣେ ତଳୁ ଓଲଟା ସ୍ରୋତପରି ଥୋକେ ଯାତ୍ରୀ ଚଢ଼ିବାକୁ ପ୍ରାଣପଣ ଚେଷ୍ଟା କରିବାକୁ ଲାଗିଥାନ୍ତି । ଏହି ଦୁଇ ଓଲଟା ସ୍ରୋତ ମଝିରେ ପଡ଼ି ମୋର ତ୍ରିଶଙ୍କୁ-ଅବସ୍ଥା ଅଧିକ ସଙ୍କଟର ହୋଇଉଠିଲା । ବସ୍ କଣ୍ଡକ୍ଟରର "ଉତାରନେ ଦେଓ, ଉତାରନେ ଦେଓ" ଯାତ୍ରୀଙ୍କ ଗଣ୍ଡଗୋଳ ଓ ଧ୍ୱନିରେ ଲୁପ୍ତହୋଇ ବିଲୀନ ହୋଇଗଲା —କଣ୍ଡକ୍ଟର ସ୍ୱୟଂ ସେସମୟରେ ସିଡ଼ିତଳ କୋଣରେ ପ୍ରାୟ ଚେପ୍‌ଟା ହୋଇଗଲାଣି, ବିଚରା !

ମୋର ଏଇ ନ ଯଯୌ ନ ତସ୍ଥୌ ଅବସ୍ଥା ମଧ୍ୟରେ କୌଣସି ପକେଟ-ମାରକର ମୋ ଛାତି ପକେଟରୁ କେମାଲୁମ୍ ପାର୍କାରଟି ଖସାଇ ନେଇଗଲା । ତାହାର ଦଳର ଜଣେ ସେତେବେଳେ ସିଡ଼ିଉପରୁ ମୋ ସହିତ ଝଗଡ଼ା ଲଗାଇ ଦେଇଛି ଯେ, ତୁମେ ଶୀଘ୍ର ହଟିଯାଅ, ମୁଁ ଓହ୍ଲାଇବି । ବାର-ଗରିଷ୍ଠ ପ୍ରକୃତ ଅସ୍ପଷ୍ଟ, ଆଉ ଦଳଟି ମଧ୍ୟ ଏଇ କାମରେ ବହୁ ଦିନରୁ ପକ୍କା । ସୁତରାଂ ବସ୍ କଣ୍ଡକ୍ଟର ସେଇ ମାରିବାର ହାତରେ ଅକସ୍ମାତ୍ ଫାଉଣ୍ଟେନ୍ କଲମଟାଏ ଦେଖି ପକେଟ୍ ମାରିଛି ବୋଲି ସନ୍ଦେହ କରିଥିଲେହେଁ ତାକୁ ତାହା ମୋ ପକେଟରୁ ଖସାଇ ନେବାର ଦେଖିପାରି ନଥିଲା; ତେଣୁ ବସ୍ ରୋକି ଦେଲା ନାହିଁ ।

ବସ୍ ଚାଲିବାକୁ ଆରମ୍ଭକଲା; ଯାତ୍ରୀମାନେ ଯେଝା ସିଟ୍‌ରେ ବସିଗଲେ । ସିଡ଼ିପାଖର ଭିଡ଼ ପତଳା ହୋଇଗଲା । କଣ୍ଡକ୍ଟର

Digitized by srujanika@gmail.com

ସେତ କୋଣରୁ ଅପ୍ରତ୍ୟାଶକର ପଚାରିଲି— ଆପଣଙ୍କର ଫାଉଣ୍ଟେନ୍ କଲମ ହଜିଛି କି ? ମୁଁ ଅବାକ୍— ପକେଟକୁ ଅନାଇ ଦେଖେଁ ତ କଲମ ନାହିଁ, କିନ୍ତୁ ତା'ର ଯୋଡ଼ ପେନ୍ସିଲଟି ସଂଗୀ ବିରହ ବ୍ୟଥାରେ ସତେକି ଯେପରି ଝାଉଁଳି ପଡ଼ିଛି ।

ମୁଁ କଲମ ହଜିଛି ବୋଲି କହିଲି ଓ କେପରି ଜାଣିଲେ ତାଙ୍କୁ ପଚାରିଲି । ସେ କହିଲେ ଦଳେ ପକେଟମାରୁ ସେହିକ୍ଷଣି ଓହ୍ଲାଇଗଲେ, ଜଣକ ହାତରେ ଗୋଟାଏ କଲମ ଦେଖି ତାଙ୍କ ସନ୍ଦେହ ହୋଇଥିଲା ।

ଭାରତର ଆର୍ଯ୍ୟାବର୍ତ୍ତର ଆମଦାନି ଏଇ ଛବି ଖିଅ କଣ୍ଡକ୍ଟରର ସ୍ଥିତ-ବୁଦ୍ଧି ଦେଖି ବଡ଼ ରାଗହେଲା । କିନ୍ତୁ ହେଲେ, କରୁଛି କଣ ! ଯେ ଲୋକଟା କଲମ ମାରିଛି ତାକୁ ଦେଖିବା ମୁଦ୍ଦା ମୁଁ ଦେଖିନାହିଁ—କଣ୍ଡକ୍ଟର ମଧ୍ୟ ବସ୍ ବନ୍ଦ ରଖି ମୋ ସଙ୍ଗେ କଲମମାରୁର ପଶ୍ଚାଦ୍ଧାବନ କରିବାକୁ ରାଜି ହେବନାହିଁ । ସୁତରାଂ ମନର କ୍ଷୋଭ ଓ କ୍ରୋଧ ଦମନକରି ପକେଟରୁ ରୁମାଲଖଣ୍ଡି କାଢ଼ି କପାଳରୁ ଝାଳ ପୋଛି ପକାଇଲି । ସେତେବେଳକୁ ଆଉ ପାଞ୍ଚଜଣ ଯାତ୍ରୀ ( ତା ମଧ୍ୟରୁ ଜଣେ ଆଧୁନିକା ତରୁଣୀ ) ମୋତେ ପ୍ରଶ୍ନ ଉପରେ ପ୍ରଶ୍ନ କରି ବ୍ୟତି-ବ୍ୟସ୍ତ କରୁଛନ୍ତି— କି କଲମ, କେତେ ଦାମ, କେବେ କିଣିଥିଲ, କଣ କରିବ, ମୁଁ କଏ, ପୁଲିସ୍‌ରେ ଖବର ଦେବାକୁ ହେଲେ ଶୀଘ୍ର ଦେବା ଦରକାର ଅଜ୍ଞା-ତା—ଏମିତି ଶତସହସ୍ର ପ୍ରଶ୍ନ, ସହାନୁଭୂତି, ପରାମର୍ଶ, ଉପଦେଶ !

ସବୁ ଦେଖି ଶୁଣି ମନେ ହେଉଥିଲା, ବମ୍ବେରେ ତ ଆଠ ବର୍ଷ ବିତିଗଲା ଏପରି ଘଟଣା କେବେ କେବେ ହେଲେ ଘଟି ନଥିଲା; ଆଜି କଣ "ବସ୍‌ମରୁ"ରେ ପକେଟମାରୁଙ୍କ ଅପୂର୍ବ ଲୀଳାଖେଳା ଦେଖିବା ପରେ ମୋ କଲମଟିରେ ପକେଟମାରୁ ହାତରେ ଏପରି ଲାଞ୍ଛନା ଭୋଗ କରିବା ଉଚିତ କି ?

କ୍ରମେ ମୋର ସହାନୁଭୂତି ପରାୟଣ ସହଯାତ୍ରୀଙ୍କ କୃପାରୁ ମୋର କ୍ଷତିର ପ୍ରକୃତ ପରିମାଣ ଧୀରେ ଧୀରେ ହୃଦୟଙ୍ଗମ କଲି । ଜାଟେଭ ବ୍ରାଦର୍ସରେ ପାର୍କାର ଷ୍ଟାଣ୍ଡାର୍ଡ଼ ଡ୍ୟାଲୁଅମେଣ୍ଟକର ଦାମ କମ୍ସେ ପଞ୍ଚାଶୀ ଟଙ୍କାରୁ କମ୍ ନୁହେଁ; ହ୍ୱାଇଟ୍‌ଉଏରେ ଅନ୍ତତଃ ଟ୧୮.୦୯—ଇଭନ୍ସ୍ ଫ୍ରେଜାରରେ କମ୍‌ସେକମ୍ ଟ୧୩୦୯ ।

"ବାବୁ, ଆପଣଭଲ ଟେକ୍‌ନିକ୍ ଭଳ ବାହାର ପକେଟ-ଟାରେ ଏମିତି ଦାମିଆ କଲମ କାହିଁକି ରଖିବାକୁ ଗଲେ ?" କେବଳ ବୋଲି ପ୍ରମାଣିତ ହେବାର ଆଉ ବାକି ରହି ନଥିଲା; ତେଣୁ ଏହି ଶଦଦେଶ ବାଣୀ ନୀରବରେ ଅଧୋବଦନରେ ହଜମ କରିବାକୁ ପଡ଼ିଲା ।

ଇତି ମଧ୍ୟରେ ସନ୍ନିକଟବର୍ତ୍ତିନୀ ଆଧୁନିକା ତରୁଣୀଙ୍କର ବାଚନିକ ସହାନୁଭୂତି ଅସହ୍ୟ ବୋଧହେବାରୁ ଇଚ୍ଛା ନଥିଲେ ସୁଦ୍ଧା ଏବଂ ଗନ୍ତବ୍ୟ ସ୍ଥାନଠାରୁ ବହୁ ଦୂରରେ ବାସରୁ ନିର୍ବି-ଘ୍ନରେ ଓହ୍ଲାଇ ପଡ଼ି ଆପାତତଃ ଅଯାଚିତ ସହାନୁଭୂତି, କରୁଣା ଓ ଅନୁକମ୍ପାମିଶ୍ରିତ ଅବଜ୍ଞା ବର୍ଷଣରୁ ଆତ୍ମରକ୍ଷା କଲି ।

ତାପରେ ଧୀରେ ଧୀରେ ପ୍ରିନ୍ସେସ୍‌ଷ୍ଟ୍ରିଟ୍ ଥାନାରେ ଫାଷ୍ଟ ଇନ୍‌ଫର୍ମେସନ୍ ଦେବାକୁ ଯାଇ ସେଦିନ ରାତି ଏଗାରଟା ପର୍ଯ୍ୟନ୍ତ କପର ଅଠାକାଠିରେ ଲଗି ଧଡ଼ପଡ଼ ହେଲି ଆଉ ଘରେ ଘରଣୀ ପିଲାକବିଲା ସବୁ କପର ମୋର ଏଇ ବିଚିତ୍ର ଡେରି ଦେଖି ନ ଖାଇ ନ ପିଇ ବଲବଲ ହେଲେ, ସେ କାହାଣୀ ଆପଣଙ୍କର ଏଠାରେ ହାସ୍ୟକର ହେବନାହିଁ ମୋର ମାନସିକ ଅବସ୍ଥା ପକ୍ଷରେ ଅସହ୍ୟ ଓ ଅସ୍ୱାଭାବିକ (?) ବୋଧରେ ପରିତ୍ୟାଗ କଲି ।

ତା'ପରର ସଂବାଦ ମଧ୍ୟ ମୋର ପ୍ରସଙ୍ଗ ସଂପର୍କରେ ଅବାନ୍ତର । ବମ୍ବେ ପୁଲିସର କାର୍ଯ୍ୟତତ୍ପରତା ସଂବନ୍ଧରେ ଭୁଣ୍ଡୁଣ୍ଡୁ ନ ପିଟାଇ ଏବଂ ଡିଫେନ୍ସ୍ ଅବ ଇଣ୍ଡିଆ ରୁଲ୍ସକୁ ଦୂରରୁ ଦଣ୍ଡବତ୍‌ଟାଏ କରି କେବଳ ଏତିକି ତଥ୍ୟ ହିସାବରେ ଲେଖକ ଏଠାରେ ଲିପିବଦ୍ଧ କରିବାକୁ ବାଧ୍ୟ ଯେ ସେଦିନ ସେଇ ଯୋଉଁ ଗୋଧୂଳି ଲଗ୍ନରେ ମୋ ସହିତ ମୋର ପ୍ରିୟ (ନା, ପ୍ରିୟା ?) ଲେଖନୀର ବିଚ୍ଛେଦ ଘଟିଲା ତାର ଅବସାନ ଆଜଯାଏ ଘଟିନାହିଁ । ଦୁଇ ମାସେ, ଗୁ-ର ଦସ୍ତା, ଛ-ବ-ଣ ଦିନ—ବିତି ଚାଲିଛି । ଆଉ କାହାରି ପକେଟରେ ସୁନ୍ଦର କଲମଟାଏ ଦେଖିଲେ ଛାତିରେ ହୁସ ଗୃହିଯାଉଛି—କିନ୍ତୁ ନାଚାର, ବିଲକୁଲ ନାଚାର । ଯେତେଥର ଫୋନରେ ପ୍ରିନ୍ସେସ ଷ୍ଟ୍ରିଟ୍ ପୋଲିସ୍ ଥାନାକୁ ଡାକେ ଉତ୍ତର ଜବାବ ଆସିଛି ଯେ ଯୋଉଁ ଇନ୍ସପେକ୍ଟର ବାବୁ ମୋର କେସ୍ ଡାଏରୀରେ ଲେଖିଥିଲେ ସେ ସେଠାରେ ନାହାନ୍ତି, ମୋର ଡାଏରୀର କାଗଜପତ୍ର ମିଳୁନାହିଁ, ବସ୍ କଣ୍ଡକ୍ଟରର ନାମ ଗ୍ରାମ ଇତ୍ୟାଦି କଣ, ମୋର କଲମ କି କଲମ, ମୋ ନାଁ କଅଣ, ମୁଁ ଥାଏ କେଉଁଠି, ମୋର ଫୋନ ଅଛି କି ନାହିଁ—

Digitized by srujanika@gmail.com

ଏମିତି ସତଉଗଣ୍ଡା ପାଲଟିଲୁ ପ୍ରଭୁ । ପୁଲିସ ବିଭାଗ ଯଦି ଚନ୍ଦ୍ରାର୍କ ବର୍ଷ ବଞ୍ଚି ଥାଉ, ଯଶ ପାଉ, କିନ୍ତୁ ମୁଁ ଆଉ ପୁଲିସରେ ଡାଏରୀ ଲେଖାଇବାକୁ ଯିବା ପରି ଦିଶୁନାହିଁ । ମୋର ପ୍ରିୟ ପାର୍କାରର ପୁନଃପ୍ରାପ୍ତି ଆଶା ମଧ୍ୟ ଆଉ ନାହିଁ ।

କିନ୍ତୁ, ଶୋକ ତ ମନରୁ ଯାଉନାହିଁ । ତେଣୁ ଆପଣମାନଙ୍କୁ ଏ ନିମନ୍ତ୍ରଣ । ଶୋକସଭାର ନିୟମାନୁଯାୟୀ ମହାପ୍ରସ୍ଥାନ ପ୍ରସ୍ଥିତର ମାହାତ୍ମ୍ୟ କୀର୍ତ୍ତନ ଗୋଟାଏ ଅବଶ୍ୟ କର୍ତ୍ତବ୍ୟ; ଆସନ୍ତୁ ସେ କର୍ତ୍ତବ୍ୟ ଆଗ ସମାଧା କରୁଁ ।

“ହେ ପାର୍କାର ! ତୁମେ ଥିଲ । ତୁମେ ନାହିଁ । ଆମେ ତୁମର ପ୍ରସ୍ଥିତ ସ୍ୱର ଅନୁପସ୍ଥିତି ମର୍ମେ ମର୍ମେ ଅନୁଭବ କରୁଛୁ । ତୁମେ ଯେ ଆଜି କେଉଁ ଲୋକର କି ଅବସ୍ଥାରେ ଅବସ୍ଥାନ କରୁଛ ତାହା ଆମର କ୍ଷୁଦ୍ର କଳ୍ପନାଶକ୍ତିର ଅନଧିଗମ୍ୟ । ସେ ଅଭେଦ୍ୟ ରହସ୍ୟର ଉଦ୍‌ଘାଟନ ଲାଗି ବୃଥା ପୁଲିସର ଦ୍ୱାରସ୍ଥ ନ ହୋଇ ଆମେ ତୁମର ଚିର ଉଦ୍ଦେଶରେ ସମ୍ପ୍ରତି ଆମର ଶ୍ରଦ୍ଧାଞ୍ଜଳି ନିବେଦନ କରୁଅଛୁଁ ।

“ହେ ପାର୍କାର ! ତୁମେ ବହୁତ ଥିଲ । ତୁମେ କ୍ଷୀଣକାୟ ପାର୍କେଟ୍ (Parkette) ଥିଲ ନାହିଁ, ତୁମେ ନାରୀ ଜନ-ମନୋରଞ୍ଜନ ତନୁ ମେଡିଅମ୍-ସାଇଜ୍ ମଧ୍ୟ ଥିଲ ନାହିଁ । ତୁମେ ଥିଲ ପ୍ରମାଣ—ସାଇଜ ଷ୍ଟାଣ୍ଡାର୍ଡ ! ତୁମର ବୃହତ୍ ସତ୍ତା ଯେ ଆଜି ମୋର କ୍ଷୁଦ୍ର ମନକୁ ଶୂନ୍ୟ କରି ବୃହତ୍ତର ଜଗତ ମଧ୍ୟରେ ବିରାଟତର ପରିଣତି ଅଭିମୁଖେ ଗତି କରୁଅଛି ସେଥିରେ ଆମେ ନାସ୍ତିକ ହେଲେ ମଧ୍ୟ ଆମ ମନରେ ତିଳେ ମାତ୍ର ସଂଶୟ ନାହିଁ । ତୁମେ ଆମର ପ୍ରଣତି ଗ୍ରହଣ କର ।

“ହେ ପାର୍କର ! ତୁମେ ମହତ୍ ଥିଲ । କାରଣ ମହତ୍ ବଂଶରେ ତୁମର ଜନ୍ମ । ତୁମର ଜନ୍ମଦାତା ପାର୍କାର ମହାଶୟ ଜଣେ ସାହେବ ଥିଲେ । ସାହେବ ମାତ୍ରେଇ ମହତ୍ । ସେହି ସାହେବଙ୍କର ଅଂଶରେ ଜାତ ତୁମେ, ତୁମେ ଯେ ମହତ୍ ସେ ବିଷୟରେ କେଉଁ ଅକାଳକୁଷ୍ମାଣ୍ଡ ସନ୍ଦେହ କରିପାରେ ? ଅତଏବ, ହେ ମହତ୍ ପାର୍କାର ! ଆମର ଏହି ଅସାହେବୀ ଦେଶରେ ଚିରନମ୍ରମସ୍ତକର ନତି ଗ୍ରହଣ କର ।

ଜଣେ କେହି କହି ଯାଇଅଛନ୍ତି—‘ପେନ୍ ଇଜ୍ ମାଇଟି-ଅର୍ ଦ୍ୟାନ୍ ଦ ସୋର୍ଡ’ ଅର୍ଥାତ୍ ତଲୁଆରଠାରୁ ଲେଖନୀର ଶକ୍ତି ସମଧିକତର । ସେ ଥିଲେ ଜଣେ ପ୍ରକୃତ ରସିକ । କିନ୍ତୁ କେବଳହିଁ ଆମେ ତାଙ୍କ କଥାଟାର ଅନ୍ତର୍ନିହିତ ଅର୍ଥଟାକୁ ଧରି ନ ପାରି ତଲୁଆର-ଲାଠି-ବଲ୍ଲମ ଛାଡ଼ି ପରମାନନ୍ଦରେ କଲମ ନେଇ ମାତି ଉଠିଲୁଁ । ବୀରପ୍ରସବିନୀ ଆର୍ଯ୍ୟସ୍ଥାନ ପରିବର୍ତ୍ତରେ ଶତାବ୍ଦୀ କେତେପଦ୍ମ ମଧ୍ୟରେ ଦେଖା ଦେଲା । ସୁଜଳା ସୁଫଳା ଶସ୍ୟଶ୍ୟାମଳା ଲେଖନୀ-ତୁଳିକା ଚାତୁରିକା-କୁଶଳା ଭାରତ-କମଳା । ବୀର ପ୍ରସୂତିର ବଂଶଧରମାନେ ଯେ କାଳକ୍ରମେ ଲେଖନୀ ଅସିଚାଳନ-କୁଶଳ କରଣୀ-କୁଳ ହୋଇ ଉଠିଅଛନ୍ତି ଏହାଦେଖି ଅନ୍ତରୀକ୍ଷଚାରୀ କୌଣସି ଭବିଷ୍ୟଦ୍‌ବିଧାତା ବୋଧହୁଏ ଅଲକ୍ଷ୍ୟରେ ହସିଥିଲେ ହବେ । ଆଜି ତାର ପ୍ରତିଧ୍ୱନିତ ମୁଲକ ଘରେ ଘରେ, ଜନପଦ ଜନପଦରେ, ନଗର ନଗରରେ—ସାରା ଦେଶଯାକରେ ।

ଏଇ ଯୁଗସନ୍ଧି କ୍ଷଣରେ ମୋର ଏଇ ସାମାନ୍ୟ ଲେଖନୀ ଶୋକରେ ଅଧୀର ହୋଇ ପଡ଼ିବାଟା ଅଦୌ ଶୋଭନୀୟ ନୁହେଁ ବୋଲି ମୋର ସାନ୍ତ୍ୱନାକାଙ୍କ୍ଷୀମାନେ ଭୂୟୋଭୂୟଃ ମନ୍ତ୍ରଣା ଦେଇଅଛନ୍ତି । ଏହି ଯୋଗରେ ଦ୍ୱନ୍ଦ୍ୱ-ସଂଗ୍ରାମରେ ପ୍ରବୋଧ ଦେବା ପାଇଁ ପାର୍ଥସାରଥି ପାଖରେ ଉପସ୍ଥିତ ନ ଥିଲେହେଁ ମୁଁ ବିଜୟ ନାଚ କୃତନିଶ୍ଚୟ ହେବାକୁ ଦମ୍ଭ ବାନ୍ଧିଛି । କିନ୍ତୁ ଶୋକସଭା ଏଟ୍‌ସେଟ୍ ସମ୍ମତ ପଦ୍ଧତି, ସୁତରାଂ ସେଥିରୁ ବାହାରି ହେବା ମୋର ଅସାଧ୍ୟ ।

ବିଶ୍ୱାସ କରନ୍ତୁ । ମୋର ଶୋକ ଅକୃତ୍ରିମ । ତରୁଣ ପାଠକ ପାଠିକାଙ୍କୁ ମୋର ଶୋକର ଅକୃତ୍ରିମତାର ପ୍ରମାଣ ଅତି ସହଜେ ଦେଇପାରେଁ, କିନ୍ତୁ ଅତରୁଣମାନେ ସାଧାରଣତଃ ଅ-କରୁଣ, ସେମାନଙ୍କୁ ପ୍ରମାଣ ଦ୍ୱାରା ବିଶ୍ୱାସ କରାଇବା ସେତେ ସହଜ ହେବନାହିଁ । ତଥାପି ଚେଷ୍ଟାର ତ୍ରୁଟି କରିବି ନାହିଁ । ବିଶ୍ୱାସ କରନ୍ତୁ, ଲେଖନୀ ଶୋକରେ ମୁଁ ଏତେଦୂର ମୁହ୍ୟମାନ ହୋଇ ପଡ଼ିଥିଲି ସେଦିନ ଯେ ମୋର ସମୀପବର୍ତ୍ତିନୀ ସହଯାତ୍ରିଣୀ ତରୁଣୀ ଆଧୁନିକାଙ୍କ ଅବୟବର ଲାଳିତ୍ୟ, ବେଣୀର ସୌରଭ, ଅଙ୍ଗବାସର ଲାବଣ୍ୟ ପ୍ରସାଧନର ଗୂଢ଼ଦ୍ରବ୍ୟ ବା କଣ୍ଠସ୍ୱରର ଭାଷା କିଛିହେଁ ମୋର ଚକ୍ଷୁକର୍ଣ୍ଣାଦି ଇନ୍ଦ୍ରିୟ ଉପରେ କୌଣସି ଛାପ ରଖି ଯାଇନାହିଁ । ଏହି ପ୍ରାଣଖୋଲା ସ୍ୱୀକାରୋକ୍ତିଠାରୁ ବଳବତ୍ତର କୌଣସି ପ୍ରମାଣ ପାଠକ ପାଠିକାଙ୍କ ଆଗରେ ଉପସ୍ଥାପିତ କରିବାକୁ ଶୋକାବିଷ୍ଟ ଲେଖକ ଅକ୍ଷମ ।

( ୧୭ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ *

( ମଡାର୍ଣ୍ଣ ଚମ୍ପୂ )

କାନ୍ତ-କବି ବିରଚିତ

( ନ )

ନବ ବିଳାସିନୀରେ ନଷ୍ଟବେଶ ହାସିନୀ,
ନାଟଲଗା ଫିକର    ଜାଣେ ସେହି ନାଗର
ମୁକୁର ଯେ ପ୍ରୀତିରେ ଛି-କର ଛି ॥
ନାଷ୍ଟିଥ୍ ପେଲ୍ ବଳେ    ଗଡ଼ାଇ ଦେବ ତଳେ
ଚଢ଼ାଇ ତ୍ରିକୂଟିର ଶିଖରକୁ । ୨ ।
ନାରୀ ଛପି ଏତିକି    ବୁଝିଛି ତା ପ୍ରୀତିକି
ନାହିଁ ପରତେ ତଳେ ହେଲେ ସହି
ନଈ ନ ଦେଖି କିଆଁ    ନଙ୍ଗଳା ହୋଇ ଟିଆ
ହେଲୁଣି ଡ଼ିଆଁ ମାରିବାକୁ ତୁହି । ୩ ।
ନଳୁଆ କେଳା ପରି    ପଙ୍କିରେ ଅଠାମାରି
ନେବଟି ଧରି କରି ଛଟପଟ ।
ନାକ କାଣ କାଟିବ    କାଦୁଆ ଲୋକେ ଘୋଷିବ
ନାରୀ ସମାଜେ ହେବୁ ବୟକଟ (boycott)
ନେଉଳ ମୁହାଁ ଚୋର    କପଟ କଣାଖୋର
ନଷ୍ଟଗଢ଼ବନ୍ଧା ତାର ସ୍ୱଭାବଟି ।
ନମ୍ବର ୱାନ ପାଜି    ଅଟେ ସେ,-ତାକୁ ବାଜି
ନୁହ ମୋ ବୋଲ ମାନ ହଟି ହଟି । ୪ ।

ସଜ୍ଜନ, ତୁ ଯେ ଏତେ ଝୁମ୍ପି ହୋଇ ଯାଉଛୁ, ଟିକିଏ ଭାବି ଚିନ୍ତି ଦେଖ୍ । ଲୋକଟା କିନ୍ତୁ ବଡ଼ ଧଡ଼ିବାଜ୍ । ମୋ ଶରୀରରେ ମାମଲତରେ ଗୋଡ଼ ପୁରାଇବା ଉଚିତ ନୁହେଁ ।

ଏହା ଶୁଣି ନବୀନାଙ୍କର ଜହ୍ନଫୁଲ୍ଲ ଆନନ ମଉଳି ପଡ଼ିଲା । ସେ ମୁହଁ କୁଞ୍ଚୁଣ୍ଡା କରି କହିବାକୁ ଲାଗିଲେ—

—

( ପ )

ପ୍ରିୟସହି, ପରମାଦ ବଡ଼ ତୁହି ଗୋ ।
ପାରୁ ପାହୁ ପଟଣ ମୋହି ଗୋ । ଘୋ ।
ପବନ ପୋଟଳି ରଖାଇ ଜାଣୁ ତ୍ରି ଉଡ଼ାଇ
ପୁଣି ଜାଣୁ ମଗ୍ନ ସଢ଼ା ପାଣିରେ ବୁଡ଼ାଇ
ପଲଉ ପାୟସ, ପଞ୍ଚାମୃତ ହାମୁଡ଼ାଇ
ପୀଡ଼ୁ ପେଟ କାମୁଡ଼ାଇ ଗୋ । ୧ ।
ପିଇଣି ପଇଡ଼ ଯେବେ ପିତ୍ତ ବୃଦ୍ଧି ହୋଇ
ପିଆଜ ପଖାଳ ଖାଇ ବଢ଼ାଇ ପିଳେହି
ପ୍ରେମ ପାଠ ପଢ଼ ପଢ଼ ପଦା ଅଡ଼େ ଯାଇ,
ପ୍ରତିକାର କିଛି ନାହିଁ ଗୋ । ୨
ପାଟି ଅଫା ଅଫା ହୋଇ ଉଠିଲାଣି ହିକ୍କା,
ପ୍ରଶ୍ନ କଡ଼ା କରି ଆଉ ନ କର ପରୀକ୍ଷା,
ପାଶ୍ କରି ପଲିସିଟା ଦିଅ ମୋତେ ଶିକ୍ଷା,
ପୁରାଅ ଏତିକି ଭିକ୍ଷା ଗୋ । ୩
ପ୍ରେମ୍ୟାଚ କରୁଛନ୍ତି ମୁହିଁ ତୋହରି ପଛରେ
ପ୍ରାଇଭେଟ ଭେଟା ଭେଟି କରାଇଦେ ଥରେ
ପୋଷ ମୁଁ ମନାଇ ନେବି କଥା ପଦକରେ
(ତୋର) ପୁରସ୍କାର ଦେବି ପରେ ଗୋ ।

ସହି, ତୁ ବଡ଼ ଚତୁରୀ; ଭଲକି ଭଲ କଥା କଥା କହି କେତେ ଛଇ ଦେଖାଉଛୁ ମ ! ତୋର କଠୋର ପରୀକ୍ଷା ସହିବାକୁ ମୋର ଆଉ ଶକ୍ତି ନାହିଁ । ଏତିକି ବେଳେ କଣ ଦାଉ ସାଧିବାକୁ ଥିଲା ତୋର ? ଜାଣିଲି ତୋ ମୁହଁରେ ଗୋଟାଏ କଥା, ପେଟ ଭିତରେ ଆନ ପ୍ରକାର ।

ଏହା ଶୁଣି ସ୍ୱାଧୀନା କହିଲେ—    କ୍ରମଶଃ

* Reproduction in part or full is strictly prohibited.

Digitized by srujanika@gmail.com

# ବହିପତ୍ର

## ସହକାର ୧୦ମ ସଂଖ୍ୟା ।

ଶ୍ରୀଯୁକ୍ତ ଗୁଲ୍‌ସ ମହାମୋହନଙ୍କ ପ୍ରବନ୍ଧ "ପ୍ରଗତିର ସଙ୍କେତ" ପଢ଼ିବାକୁ ସୁନ୍ଦର । ପ୍ରାଚୀନ ସଭ୍ୟତା ନିନ୍ଦାକରି ଆଧୁନିକ ସଭ୍ୟତାର ଉତ୍କର୍ଷ ଲେଖକ ଦେଖାଇଛନ୍ତି । ଏ ବିଷୟରେ ମତ ଦ୍ୱୈଧ ରହିଛି ଓ ରହିବ । ମାତ୍ର ଯେଉଁ "ସଙ୍କେତ" ଦେଖା ଯାଉଛି ସେଉଟା ପ୍ରଗତିର ନା ଅଧୋଗତିର ?

ପଦ୍ମଭୃଙ୍ଗ—ଶ୍ରୀ ହରୀ ରାଉତରାୟ । କବିତାରେ ଛନ୍ଦ ଓ ଝଙ୍କାର ଯଥେଷ୍ଟ ରହିଛି । ୧୦ମ ବର୍ଷ ୧୦ମ ସଂଖ୍ୟା ବଙ୍ଗଳା ସାପ୍ତାହିକ 'ଦେଶ'ରେ ପ୍ରକାଶିତ 'ଜାଗୃହି' ନାମକ କବିତାର ଆଂଶିକ ଅନୁକରଣ ହେଲେ ହେଁ, କବିଙ୍କର ନିଜସ୍ୱ ପଦ୍ଧତି ଯଥେଷ୍ଟ ଫୁଟି ଉଠିଛି । ଭାଷା ଯେପରି ଓଜସ୍ୱିନୀ, ଭାବ ସେହିପରି ଗମ୍ଭୀର । ଏପରି କବିତା ଆମ ସାହିତ୍ୟରେ ଗୋଟାଏ ନୂତନ ଧାରା ଆଣି ଦେଉଛି ବୋଲି ମନେହୁଏ ।

ଓଡ଼ିଆରେ "ତୋଳିବା" ଶବ୍ଦ କେବଳ 'ଚୟନ' ବା ଗୋଟାଇବା ଅର୍ଥରେ ବ୍ୟବହୃତ ହୁଏ । ଯଥା—ଫୁଲ ତୋଳିବା, ଧାନ ତୋଳିବା ଇତ୍ୟାଦି । ବଙ୍ଗଳାରେ ତୋଲାର ଅର୍ଥ ଉଠାଇବା, ଟେକିବା ପ୍ରଭୃତି । ଯଥା 'ହାତତୋଲା', 'ମାଥାତୋଲା' ପ୍ରଭୃତି, ଯଦିଓ 'ଫୁଲତୋଲା' ବି ହୁଏ, ହରୀବାବୁ ଏଇ 'ତୋଲା' ଶବ୍ଦକୁ ଏ କବିତାରେ ବାରଂବାର ବଙ୍ଗଳା ଅର୍ଥରେ ତୋଳିଛନ୍ତି । ଯଥା:—ତୋଳେ ହାତ, ତୋଳ ତୋଳ ବାଣୀ, ତୋଳ ଧର ନିଶାଣ, କିଏ ହାତେ ତୋଳ. ଏପରି ତୋଳା ରୀତିରେ ଦୋଷ ନଥିଲେ ମଧ୍ୟ ଏରୂପ ଅକାରଣ ଭାଷା ସଙ୍କରରେ ଆମର ବିଶେଷ ଆପତ୍ତି— ବିଶେଷତଃ ଏଭଳି ପ୍ରତିଭାଶାଳୀ କବିଙ୍କ କଲମରେ ।

ଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ "ଓଡ଼ିଆ ସାହିତ୍ୟର ଐତିହ୍ୟ" ମୂଲ୍ୟବାନ ପ୍ରବନ୍ଧ । ଗବେଷକ ପଣ୍ଡିତଙ୍କ କଲମରୁ ଏହିପରି ପ୍ରବନ୍ଧ ଆଶା କରାଯାଏ । ପ୍ରବନ୍ଧ କିନ୍ତୁ ସରିନାହିଁ ।

ସାହିତ୍ୟ ପରିଷଦର ବିଶେଷ ଅଧିବେଶନରେ ଖଡ଼ିଆଳକଲାଧୀଶ୍ୱର ଶ୍ରୀ ଆଦିତ୍ୟ ପ୍ରତାପ ସିଂହ ଦେଓଙ୍କର ଅଭିଭାଷଣ "ଉତ୍କଳୀୟ ସଂସ୍କୃତି" ଅତି ସଂକ୍ଷିପ୍ତ । Brevity is the soul of wit --

ଶ୍ରୀ ରାଜକିଶୋର ରାୟଙ୍କ "ଦଶହରା ଭେଟି" ସୁପାଠ୍ୟ କ୍ଷୁଦ୍ର ଗଳ୍ପ । କୁଶଳ ଗଳ୍ପ ଲେଖକଙ୍କ କଲମରେ ଲେଖା ଶିକ୍ଷା ଅତ୍ୟୁତ୍କୃଷ୍ଟ ପନ୍ଥା । ଦଶହରା ଭେଟି ଦେଇ ରାଜୁ ବାବୁ ଶିରୋପା ପାଇବାର ହକଦାର ।

କବି ମାନସିଂହଙ୍କ 'ମାଳାଗ୍ରହଣ' ବଡ଼ ଅଡ଼ୁଆ ଅଡ଼ୁଆ ଲାଗୁଛି । ହୁଏତ ଶ୍ରେୟ ହୋଇ ଥିବାରୁ !

"ଆଧୁନିକ ସାହିତ୍ୟର ଅଭାବ ଓ ଅଭିଯୋଗ" ଲେଖିବାକୁ କାଳନ୍ଦୀବାବୁ ଏକା ଧୁରନ୍ଧର । ହେଲେ ଏ ପ୍ରବନ୍ଧଟି ଦରପଚାବଦ୍ଧ ହେଲାପରି ଲାଗୁଛି । ଅପୂର୍ଣ୍ଣ ହେଲା ବା ହେଉ, ତୁଚ୍ଛ ଅଭିଯୋଗ କାହାଣି ହେବ କଣ ? ତାରି ପରିକାରି କହି ହେଲେ ଆପେ ଭଲ ବାଛି ଆସନ୍ତା !

ଶ୍ରୀ ଅନନ୍ତ ପଣ୍ଡାଙ୍କର ଗଳ୍ପ କି, କି, ଆଉ ଯେପରି ସୁନ୍ଦର ସେହିପରି କାଳୋପଯୋଗୀ । ଲୋକର ହୃଦୟ ବେଦନା କାହାଣିରେ ପରିସ୍ଫୁଟ ।

କବି ନବକିଶୋରଙ୍କ "ଯେ ଫୁଲ ମୋତେ ଲାଗିଛି ଭଲ" ଆମକୁ ବି ଲାଗିଲା ଭଲ ।

ବିନୋଦ ବିହାରୀଙ୍କ "ଓଡ଼ିଶାର ଚଳନ୍ତି ରଙ୍ଗମଞ୍ଚ" ମନ ମାଫିକ ଓ ଖାଣ୍ଟି ସମାଲୋଚନା । ସବୁ ଦିଗରେ ଏଇ ଭଳିଆ ସମାଲୋଚନା ଗୁଡ଼ାକ ଉତ୍କଳୀୟ ସାହିତ୍ୟ ଓ କଳା କ୍ଷେତ୍ରରୁ ବହୁତ ଆବର୍ଜନା ଦୂର ହୋଇଯାନ୍ତା ଓ ଭବିଷ୍ୟତରେ ଗଳା ମାରିବାର ବି ସୁବିଧା ପାଆନ୍ତା ନାହିଁ ।

(୧୭ପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com

# ଡବ୍‌ଲିଉ

**(W)**

ଶ୍ରୀ ଶରତ୍‌ଚନ୍ଦ୍ର ଦୀକ୍ଷିତ

‘ଡବ୍‌ଲିଉ’ ଟିଏ ପାଇଥିଲି ସଖା !
ସୁଗଲ-ଷ୍ଟୋଏନ୍ ସଙ୍ଗେ,
ଘୁରି ଘୁରି ଜେଟରେ ବଲ, ଗଣି, ତୃଦା·
ଅଫନ୍ତ୍ରା ଅଡ଼ ବାଟେ । ୧ ।

‘ପଟେଡ଼ା ମିଲ୍’ର କଳା ଧୂଆଁ ଯହିଁ
ଉଠୁଥାଏ ଉପରକୁ,
‘ସରବଣା’ ଯହିଁ ପଥରଣା ହୋଇ
ବାଟେଠାଇ ନଦେ ଲୁଗାଂକୁ । ୨ ।

ପଟେଲ.ପଛ ମୋ ତ୍ରଣୀୟ ଡୋଛିକି
ସେଇଠି ବାନ୍ଧିଲେ ନେଇ,
ବନ୍ଧ ହୋଇଲି ମୁଁ ବଟଟେଶ ସାଜି
କେଡ଼େ ଫଠା ଠମ ହୋଇ । ୩ ।

‘ଠାଇଟିଲ୍’ ମୋର ‘ଅଣ୍ଡାର ମେଟ୍ରିକ୍’
ସୃଷ୍ଟି ନଜାରରେ ଠାଣି,
ଅଇ. ଏ, ବି. ଏ, ଫେଲ ମାତ୍ରୁଛନ୍ତି
ସେଠି କାହିଁ ଅଛୁ ମୋ ଥାନ । ୪ ।

ଭିତ୍ରିଲି ଯେନେ ମୁଁ, ଜଲବଲ ଜଲ ମୋ
ରେଟହେର ଖଣ୍ଡ ଯା ଅଛୁ,
ସ୍କେଲିଟନ୍ ହୋଇ, ଲଟେ ଠାଟିଲ୍
ନେଇଥିଲେ ଅନା ବାଛୁ । ୫ ।

ବେକାର ମହଲେ ‘ଅଇନା’ ‘ଚଟୁଣି’
ଯେମିତ ଅସଲ ଚିଜ,
‘ଡବ୍‌ଲିଉ’ ଚିଜଟି ମୋ ପାଖେ ସେମିତ
ହୋଇଗଲା ପୁଣି ନିଜ । ୬ ।

‘ମାନଫିଟେ’ ସିନା ଧମ୍ପକାରିତ-ଲ
କରୁଥିଲେ ତାଙ୍କ ପ୍ରୀତ,
‘ଡବଲିଉ’ ମୋର ‘ଏକବିଣା’ ବୋଲି
ଜାଣିଥିଲେ ଯେତେ ସ୍ପୃଷ୍ଟ । ୭ ।

ରୂପଟି ତାଙ୍କର ସତେ ଜାଲଲଙ୍କି
ଆରେ ସଂଜ୍ଞା ଫୁଟି
ଭ୍ରମର ଉପମା ଦେବାକୁ, ଦେହରେ
‘ଜାଇମ୍ୟା’ ଗୋଟି ଗୋଟି । ୮ ।

ଯୁଦ୍ଧ ବଜାରର ସାଇଟରେନ୍ ପରି
ବଳିଜା ମଧୁର ବୋଲି,
ଭଲେର ରୋଗୀର ପଟେତ୍ରା ହୁଅଇ
ଦେଖିଲେ ତାଙ୍କ ଗୁଦାଣୀ । ୯ ।

ଜେଉଁ ଭଷାବେଚା ଜେମିତ ଭୁଲନା
କରନ୍ତି ତାଙ୍କର କାନ୍ତି,
ଛଡ଼, ଛଟେଚଟେ କଳଅବା ରୂପରେ
ଗାଣ୍ଠି ‘ମମତାଜ, ଶାନ୍ତି’ । ୧୦ ।

ଅବଶୋଷ ସଖା, ବିରହ ନିଅଁରେ
ଜଳିଲେ ମୁଁ ପୋଡ଼ି ମରେଁ,
ବୋପଘରେ ସିଏ, ମୋର ମନ ସରେ
ଟଙ୍କା ଅଛା କରେଁ । ୧୧ ।

ମାସେ ହେଲା ପୁଣି ଗଲେଣି ସେଠାକୁ
ଦୁର୍ବହ ଲାଗେ ଲାଇଫ୍
ଏବେ ଜାଣିଲ ଭାଷା ପିଠାଇ କହୁଛି
‘W’ ମାନେ ଯେ ୱାଇଫ୍ । ୧୨ ।

Digitized by srujanika@gmail.com

# କାଳିଆ ବଳଦ ଗାଲୁ ଗାଲୁ........

ସଂଗ୍ରାହକ:—ଶ୍ରୀମାନ୍——

ଟ୍ରେନ ଛାଡ଼ିବା ଉପରେ । ଜଣେ ଭଦ୍ରଲୋକ ଆସି ଅନ୍ୟ ଜଣେ ଭଦ୍ରଲୋକଙ୍କୁ ପଚାରିଲେ "ଆପଣ କ'ଣ ଏଇ ଗାଡ଼ିରେ ଯିବେ ?"

"ହଁ"

"ତାହାହେଲେ ମୋର ଗୋଟେ ଉପକାର କରିବେକି ? ମୋର ଦୁଇଟା ବଡ଼ ଟ୍ରଙ୍କ ଅଛି—ଆପଣ ଗୋଟେ ନେବେ—କାରଣ ସବୁ-ବେଳେ ମୋତେ ଅଧିକା ଚାର୍ଜ ଦେବାକୁ ପଡ଼ୁଛି ।"

"କିନ୍ତୁ ମୋର ଯେ ଟିକେଟ ନାହିଁ"

"ଆପଣ କହିଲେ ଯେ ଆପଣ ଏ ଗାଡ଼ିରେ ଯିବେ ।"

"ହଁ ମୁଁ ଯିବି, କିନ୍ତୁ ମୁଁ ଯେ ଟିକେଟ ଚେକର ।"

× × ×

ଜଣେ ଭଦ୍ରଲୋକ ବାରିକ ପାଖରେ କ୍ଷୌର ହେଉଥିଲେ । ବାରିକ ବୁଢ଼ାର ହାତ ଥରୁଥିଲା । ଫଳରେ ଗୋଟେ ଜାଗା କ୍ଷୁର ଲାଗି କଟିଗଲା । ଭଦ୍ରଲୋକଟି ଭାବିଲେ ଯେ ବାରିକ ଖୁବ୍ ମଦ ପିଇଛି, ବିରକ୍ତ ହୋଇ କହିଲେ "ବେଶୀ ମଦ ପିଇଲେ ଫଳ କ'ଣ ହୁଏ ଜାଣ"

"ଆଜ୍ଞା ହଁ, ବେଶୀ ମଦ ପିଇଲେ ଦାଢ଼ି ଓ ମୁହଁର ଚମଡ଼ା ପାତଳ ହୋଇଯାଏ ।"

+ + +

ପେସେଞ୍ଜର—ରେଲୱେ ଇଞ୍ଜିନ ସାଧାରଣତଃ କେତେ ବର୍ଷ ଚାଲେ ?

ଡ୍ରାଇଭର—୩୦ ବର୍ଷ ସାଧାରଣତଃ ତା'ର ଜୀବନ କାଳ ।

ପେସେଞ୍ଜର—ଏତେ ପ୍ରକାଣ୍ଡ ଓ ମଜବୁତ ଜିନିଷ ଏତେ କମଦିନ ତା'ର ଜୀବନୀ ଶକ୍ତି କାହିଁକି ?

ଡ୍ରାଇଭର—ମୁଁ ଭାବୁଛି ଖୁବ୍ ବେଶୀ Smoke କରେ ବୋଲି ତା'ର ଜୀବନୀ ଶକ୍ତି କମି ଯାଏ ।

+ + +

ଜଣେ ଲୋକ କୋଇଲା ଖଣିରେ କାମ କରୁଥିଲା ବେଳେ ଦୁର୍ଘଟଣା ଘଟିବାରୁ ମରି ପଡ଼ିଲେ ତାଙ୍କର ଜଣେ ବନ୍ଧୁ ଏହି ଖବରଟା ତାଙ୍କ ସ୍ତ୍ରୀଙ୍କ ପାଖରେ କିପରି କହିବେ ତାହା ଭାବି ଭାବି ଯାଇ ତାଙ୍କ ଘରେ ପହଞ୍ଚି ପଚାରିଲେ "ଅଚ୍ଛା ସେ ଇନ୍‌ସୁରେନ୍ସ ଏଜେଣ୍ଟଟା ତମ ସ୍ୱାମୀର ପ୍ରିମିୟମ ମାଗିବାକୁ ଆସି ନାହିଁ ?"

"ହଁ ଆଜି ଆସିଥିଲା, ବିରକ୍ତ କରି ଯାଇଛି କାଲି ଆସିବ ।"

ଏଥର ଯଦି ଆସି ସେ ପ୍ରିମିୟମ ମାଗେ ତ, ତାକୁ ଟୋ କର ଗୁମ୍ଫେ ଦେବ ।

× × ×

୧ମ ବ୍ୟକ୍ତି—ଭାଇ ଯାହା ସବୁ କରୁଛନ୍ତି ସେଥିରେ ବାପାଙ୍କର କେବଳ ପଇସା ନଷ୍ଟ ହେଉଛି ।

୨ୟ ବ୍ୟକ୍ତି—ତମ ଭାଇ କଣ କ'ଣ କରୁଛନ୍ତି ?

୧ମ ବ୍ୟକ୍ତି—ଖାଲି 'ଲଭ' କରୁଛନ୍ତି ।

+ × +

Digitized by srujanika@gmail.com

# ହରିଙ୍କେ ଗୋବିନ୍ଦ ବନମାଳି

## — ନାଗବଗ୍ଗ —

ଉଦ୍ଦେଶ୍ୟ — (୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

୧ । ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତ ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଜଗତର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

### 'କଳ୍ପନା'

ଇନ୍ଦ୍ରଜାଲର ଅନୁରାଗେ ରଞ୍ଜିତ ମେଘ କୁନ୍ତଳ,
କେଉଁ ରୂପସୀର ରୂପରେ ହସେ
ଅରୂପ-ବ୍ୟୋମ ଉଜ୍ଜ୍ୱଳ !
ସେହି ଛାୟାପଥ ନୀହାରିକା
କାହିଁ ସେ ରୂପର ଜ୍ୟୋତିଶିଖା !
ଉଡ଼ାଏ କିଏ ରୂପ-ତରଙ୍ଗେ ସୁନୀଳ ନୀଳା ଅଞ୍ଚଳ
ମନ୍ଦାକିନୀର ବକ୍ଷେ କାହାର ଊର୍ମି-ନୂପୁର ଚଞ୍ଚଳ !
ନିଃସ୍ୱ ପ୍ରାଣେ ରସମୟୀ କିଳ୍ପିକଳା ରଙ୍ଗିଣୀ,
ସଙ୍ଗୀହରା ନିର୍ଜ୍ଜନତାର ବିଜନ ମନଃ-ସଙ୍ଗିନୀ ।
କବିରି ହୀର ପ୍ରାଣେ ପ୍ରାଣେ,
ଉଚ୍ଛ୍ୱାସର ଯେ ବନ୍ୟା ଆଣେ,
ମରୁ ହୃଦୟେ କୁସୁମ ଫୁଟାଏ, ସରସ-ହୃଦ-ରଞ୍ଜିନୀ,
କେତେ ଯେ ଅଙ୍କେ ନୂତନ ଛବି,
ଧରି ଗ ଶୋଭା ରଞ୍ଜିନୀ !
ମାୟାବିନୀର ମାୟାର କାଠି ସ୍ପର୍ଶେ ଦେବା ଶକ୍ତି,
ସ୍ୱର୍ଗ ନରକ ଯାଏ ସେ ବୁଲି ମାୟାବିନୀର ଅସ୍ପୃଶ୍ୟ ।
ଭୂତ, ଭବିଷ୍ୟ, ବର୍ତ୍ତମାନେ
ଦେଖାଏ ଦୃଶ୍ୟ ସ୍ପର୍ଶଦାନେ—
ଅପାର ଜାଲ ବୁଣେ ସେ ପ୍ରାଣେ,
ଶୂନ୍ୟମନାର ମନ ହରି,
ତଡ଼ିତ୍ ସମ କରେ ସେ ଗତି ତଡ଼ିତ୍ ବେଗ ସଞ୍ଚରି ।
ତୁଷାର-ଶୁଭ୍ର ହିମାଳୟେ କରେ ସେ ଗତି କ୍ଷଣକେ
ସାତ ସମୁଦ୍ର ବୁଲି ପାରେ ସେ ଚକ୍ଷୁର ଏକ ପଲକେ !
ତପ୍ତ ମରୁ ସାହାରା ବାଲି,
କ୍ଷଣକେ ହୋଇ ଅଙ୍ଗେ ବୋଳି
କୁମେରୁ ଠାରୁ ସୁମେରୁ ସୀମା ବିଦ୍ୟୁତ୍ ବେଗେ ଝଲକେ
ମାନ୍ତ୍ରିକୀର ଗୋପନ ସ୍ପର୍ଶେ ଜାଗେ ମାନବ ପୁଲକେ ।
କଳ୍ପବାଳା ସେହିତ ତା'ର ନାମ କହନ୍ତି 'କଳ୍ପନା'
ଜୀବନ ଭରି ସୁଖ ଓ ଦୁଃଖ ସବୁ ତାହାର ଜଳ୍ପନା ।
କହନ୍ତେ ତା'ର ଦେବୋଦ୍ୟାନେ,
ଦୈତ୍ୟ ଫେରେ ପୁଲକ ପ୍ରାଣେ—
ମର୍ତ୍ତ୍ୟବାସର କଷ୍ଟ, ମୃତ ମୂର୍ଚ୍ଛେ ନିଧବ-ଅଙ୍ଗନା,
ମିଳନାଲୋକ ନିଭାଏ ହସି ବିରହ-मुଗ୍ଧ ତନ୍ମନା !
ଇଙ୍ଗିତ ତାର ହସାଏ ସୃଷ୍ଟି କଳ୍ପଲୋକ ପ୍ରାଙ୍ଗଣେ,
ରୂପ ଧରେ ସେ ଶିଳ୍ପୀ, କବିର ତୁଳିର ମୋହନ ସ୍ପର୍ଶନେ ।
ନିଦ୍ରାଳସୀ ସ୍ୱପନ ବାଳା
ସ୍ପର୍ଶେ ବସି ସଜାଏ ତାଳ
ପୁଲକି ଉଠେ ବିଶ୍ୱପ୍ରାଣ ତାହାର ମୋହନ ଅଞ୍ଜନେ
ନିଇଁ ଆସେ ଚିତ୍ତ-ଭୁବନ ଅଲକ୍ଷ୍ୟେ ତା'ର ବନ୍ଧନେ ।
ଦଗ୍ଧପ୍ରାଣ ଶୀତଳ ହୁଏ, ସ୍ନିଗ୍ଧ ତାହାର ଚନ୍ଦନେ ।

ଶ୍ରୀ ପ୍ରହ୍ଲାଦ ପ୍ରସାଦ ମହାନ୍ତି ୪୭୧ ନଂ ନାଗ

—❀—

### ଜୀବନ ଓ କର୍ତ୍ତବ୍ୟ

କଳ୍ପନା—କାନନେ ସ୍ୱପ୍ନ-ପାରିଜାତ,
କନ୍ତୁ ମୂଳକଥେ କେତେ ଚେତ୍ତ ଭ୍ରାନ୍ତି ।

Digitized by srujanika@gmail.com

...ଆଶା-ବେଣୁର ସେ ସ୍ୱନ ସୁମଧୁର,
ଯା' ମୋହେ ମୋହିତ ନିତ୍ୟ ଶଶୁ-ଯୁବା ।
ଯା'ର ଅଙ୍କେ କାଁସି ତାରା ଶଶୀ ରବି—
...ଜୀବନେ ମାଧୁରୀ ଢାଳି ଢାଳି ଛବି... ।
—ନବୀନଙ୍କ ଭ୍ରାନ୍ତ ସ୍ୱପନର ଜୀବନେ,
କିଏ କମନ୍ତଣ ଦିଏ ସେ ମରଣେ ?
× × ×
...ବୃଥା ଏ କଳ୍ପନା—ବୃଥା ଏ ସ୍ୱପନ,
ବୁଦ୍‌ବୁଦ ପରିଏ କ୍ଷଣିକ ଜୀବନ,
ମୃତ୍ୟୁ ଏକା ଶ୍ରେୟ ପରିଣତି ଯା'ର,
ଅସ୍ଥିରତା ଅଟେ ଯା' ପ୍ରିୟ ବେଭାର ।
ଭ୍ରାନ୍ତ ତୁହି ବନ୍ଧୁ ତା' ପେଣି ଗରବ—
କେଭେ ନ ମିଳିବ ଜୀବନେ—ଗୌରବ ।
ଜୀବନେ କର୍ତ୍ତବ୍ୟ ଅଟେ ସର୍ବୋତ୍ତମ,
ସେ ଧର୍ମ—ରକ୍ଷକ ପୁରୁଷ ଉତ୍ତମ ।

କୁମାରୀ ଶୈଳବାଳା, ୧୭ ନଂ ନାଗ

---

## ପ୍ରଶ୍ନୋତ୍ତର

ଦଶମ ସଂଖ୍ୟା 'ଡଗର'ରେ ପ୍ରକାଶ ପାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଅନେକ ନାଗଙ୍କଠାରୁ ମିଳିଛି—ସେଥି-ମଧ୍ୟରୁ କୁମାରୀ ମନୋରମା ଦାସ ( ନଂ ୪୬୮ ନାଗ ) ଙ୍କ ଉତ୍ତର ଶ୍ରେଷ୍ଠ ବିବେଚିତ ହେବାରୁ ତାହା ପ୍ରକାଶିତ ହେଲା ।

୧ । ଆଲୋକର ଗତିର ବେଗ ହେଉଛି ପ୍ରତି ସେକେଣ୍ଡ-ରେ ୧,୮୬,୦୦୦ ମାଇଲ ।

୨ । ଜର୍ଜ ଷ୍ଟିଭେନସନ୍ ନାମକ ଜଣେକ ଇଂରାଜ ରେଲଗାଡ଼ି ଆବିଷ୍କାର କରିଥିଲେ ।

୩ । କୌଣସି ଘଟଣା ଘଟୁଥିବା ସମୟରେ ତାହାର ପ୍ରତିଛବି ବୈଦ୍ୟୁତିକ ଶକ୍ତି ଦ୍ୱାରା ଅନ୍ୟ ସ୍ଥାନକୁ ଯେଉଁ ଯନ୍ତ୍ର ସାହାଯ୍ୟରେ ପ୍ରେରଣ କରାଯାଏ ସେହି ଯନ୍ତ୍ରର ନାମ ଟେଲିଭିଜନ (Television) । ଗୋଟିଏ ଘଟଣାକୁ ଫଟୋ ଇଲେକ୍‌ଟ୍ରିକ ସେଲ ( Photo Electric Cell ) ଦ୍ୱାରା ଆଲୋକ ବିନ୍ଦୁ ( Points of light ) ରେ ପରିଣତ କରା-ଯାଏ ସେହି ବୈଦ୍ୟୁତିକ ପ୍ରବାହ ( Electric Current )-ରେ ପରିଣତ କରାଯାଏ ସେହି ବୈଦ୍ୟୁତିକ ପ୍ରବାହ ଗୁଡ଼ିକ ସ୍ଥାନାନ୍ତରକୁ ପଠାଯାଏ । ଯେଉଁଠାରେ ଏହି ବୈଦ୍ୟୁତିକ ସଂକେତ ଗ୍ରହଣ କରାଯାଏ ତାହା ପୁଣି ଯନ୍ତ୍ର ସାହାଯ୍ୟରେ ଆଲୋକରେ ପରିଣତ କରାଯାଇ ଘଟଣାର ପ୍ରତିଛବି ଉଠା-ଯାଏ । ୧୮୮୪ ସାଲରୁ ଏହି ଟେଲିଭିଜନର ମୂଳନୀତି ଆବିଷ୍କୃତ ହୋଇଥିଲା କିନ୍ତୁ ତାହା ସାଫଲ୍ୟ ଲାଭ କରି ପାରି ନଥିଲା । ଜେ: ଏଲ: ବାର୍ଡ଼ ନାମକ ଜଣେକ ଇଂରାଜ ଓ ସି: ଏଫ୍: ଜେନ୍‌କିନସ ନାମକ ଜଣେକ ମାର୍କିନ ୧୯୨୫ ସାଲରେ ଏହି ଯନ୍ତ୍ରର ପୂର୍ଣ୍ଣ କାର୍ଯ୍ୟକାରିତା ବିଷୟରେ ସାଫଲ୍ୟ ଅର୍ଜନ କରିଥିଲେ ।

୪ । ସେନସସ୍ ( Census ) ବା ଜନଗଣନା ପ୍ରଥମେ ଗ୍ରୀକ୍ ଓ ରୋମାନମାନଙ୍କ ସମୟରେ ପ୍ରଚଳିତ ଥିଲା କିନ୍ତୁ ତା'ର କୌଣସି ସଠିକ ବିବରଣ ନାହିଁ । ସଭ୍ୟଜଗତରେ ପ୍ରଥମେ ୧୮୦୦ ଖ୍ରୀଷ୍ଟାବ୍ଦରେ ଜନଗଣନା ଆରମ୍ଭ ହୁଏ ।

୫ । ପ୍ଲାଟିନମ୍ ସବୁଠାରୁ ଭାରି ଧାତୁ ।

୬ । ଛଉନାଚ—ଏହା ଓଡ଼ିଶାର ଏକ ନୃତ୍ୟକଳା ବିଶେଷ । ଭାରତବର୍ଷର ଅନ୍ୟ କୌଣସି ଅଂଶରେ ଏହାର ପ୍ରଚଳନ ନାହିଁ । ଓଡ଼ିଶାରେ ସରେଇକଳା, ମୟୂରଭଞ୍ଜର ଛଉ ପ୍ରସିଦ୍ଧ—ନୀଳଗିରିରେ ମଧ୍ୟ ଛଉନାଚ ହୁଏ । ସରେଇକଳାର ରାଜକୁମାର କୁମାର ସୌରେନ୍ଦ୍ର ନାରାୟଣ ତାଙ୍କ ଦଳ ନେଇ ବିଲାତ ଓ ଆମେରିକାରେ ଖ୍ୟାତି ଅର୍ଜନ କରି ଅଛନ୍ତି ।

୭ । ଭାରତର ଯୋଗୀ, ମୁନିମାନଙ୍କ କଥା ଛାଡ଼ିଦେଲେ ମଧ୍ୟପ୍ରଦେଶର ପ୍ରଫେସର ଭାନ୍‌ସାଲି ବେଶୀ ଦିନ ନ ଖାଇ ବଞ୍ଚି ରହିବାର ଶକ୍ତି ଦେଖାଇଛନ୍ତି ।

୮ । ଓଡ଼ିଶାରୁ ସର୍ବପ୍ରଥମେ ମଧୁସୂଦନ ଦାସ ( ମିଷ୍ଟାର ଦାସ) ବିଲାତ ଯାଇଥିଲେ ।

୯ । ସରେଇକଳା ।

୧୦ । ଜି: ମାର୍କୋନି ପ୍ରଥମେ ରେଡ଼ିଓ ଆବିଷ୍କାର କରି-ଥିଲେ । ୧୮୯୫ ସାଲରେ ତାଙ୍କର ଗବେଷଣା ସଫଳ ହୁଏ । ସର୍ବପ୍ରଥମେ ବୈଜ୍ଞାନିକ ହାର୍ଟଜ୍ ଏହି ଗବେଷଣା ଆରମ୍ଭ କରନ୍ତି ।

୧୧ । ଭେକ୍‌ସିନେସନ (Vaccination) କହିଲେ ଟୀକା ଦେବା ବୁଝାଏ । ବସନ୍ତ ବଳେର ଦୁଷିତ ରୋଗର ପ୍ରତି-

Digitized by srujanika@gmail.com

ସେଥିର ବ୍ୟବସ୍ଥାର ନାମ ଭେକ୍‌ସିନେସନ । ଗୋରୁଙ୍କ ବସନ୍ତ ହେଲେ ସେହି ବସନ୍ତର ପୂଜକୁ ବୈଜ୍ଞାନିକ ଉପାୟରେ ଆଣି ମଣିଷ ଦେହରେ ଟୀକା ଦିଆଯାଏ । ଏହି ତଥ୍ୟ ଇଂଲଣ୍ଡର ଗ୍ଲୋଷ୍ଟରସାୟାରର ଡାକ୍ତର ଜେନାର ଆବିଷ୍କାର କରିଥିଲେ ।

୧୨ । ସେଇସ୍‌ମୋମିଟର (Seismometer)

୧୩ । ଓଟକୁ ମରୁଭୂମିର ଜାହାଜ କୁହାଯାଏ । ଜଳ ପଥରେ ଯେପରି ଜାହାଜ ସାହାଯ୍ୟରେ ପାର ହୁଅନ୍ତି— ସେହିପରି ମରୁଭୂମିକୁ ଓଟ ସାହାଯ୍ୟରେ ପାର ହୁଅନ୍ତି ।

୧୪ । ଆକାଶ ମେଘଶୂନ୍ୟ ରାତିରେ ପରିଷ୍କାର ଥାଏ । ମେଘର ଘୂପ ପୃଥିବୀକୁ ଗରମ କରେନାହିଁ । ସେତେବେଳେ ମାଟି, ଗଛ, ପଥର ପ୍ରଭୃତି ଦେହରୁ ଉତ୍ତାପ ଖସି ପବନଠାରୁ ଅଧିକ ଥଣ୍ଡା ହୁଅନ୍ତି । ତେଣୁ ପବନ ଏହି ସବୁ ଜିନିଷ ସ୍ପର୍ଶରେ ଆସି ଥଣ୍ଡା ହୋଇଯାଏ । ଥଣ୍ଡା ଅବସ୍ଥାରେ ଗରମ ଅବସ୍ଥା ପରି ପ୍ରଚୁର ଜଳୀୟ ବାଷ୍ପ ଗ୍ରହଣ କରି ପାରେ ନାହିଁ । ତେଣୁ ଆର୍ଦ୍ରତା (Moisture) ଘନୀଭୂତ ହୋଇ ଜଳ ବିନ୍ଦୁରେ ପରିଣତ ହୁଏ । ଏହି ଜଳବିନ୍ଦୁ ସବୁ ଘାସ ଓ ଗଛ ପତ୍ରରେ ପଡ଼େ । ଏହାକୁ ଶିଶିରବିନ୍ଦୁ କହନ୍ତି

---

( ମତାମତ ୧୦ ପୃଷ୍ଠା ଉତ୍ତାରୁ )

ଚରିତ୍ରରେ ଗୁଣାବଳୀ କୀର୍ତ୍ତିତ କୃତ୍ରିମ, କାର୍ଯ୍ୟାବଳୀର ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ପ୍ରଶଂସା ମଧ୍ୟ କୃତ୍ରିମ । କୃତ୍ରିମତାର ବହିର୍ଭାଗରେ ହାହାକାରମୟ ଅଶ୍ରୁମାର୍ଜନା । ମୋର ଲେଖନୀର ଶୋକ ସଙ୍ଗୀତର ଏବମ୍ବିଧ କୃତ୍ରିମତା ସର୍ବତୋଭାବରେ ପରିହାର କରିବାକୁ ମୁଁ ସଦା ପରିକର । ପାଠକ-ପାଠିକା ! ଯଦି ଅକୃତ୍ରିମ ଉପାୟରେ ଶୋକପ୍ରକାଶ କରିବାକୁ ଅଭିଳାଷ କରିଥାଅନ୍ତି ତେବେ ଅନୁଗ୍ରହ ପୂର୍ବକ 'ଡଗର'ର ସଂପାଦକ ସାହେବଙ୍କ ନିକଟରେ ମୋର ଲେଖନୀ-ଶୋକ-ନିବାରଣୀ-ପତ୍ର ପାଇଁ ଯଥାଶୀଘ୍ର ଘଟେ ମୁଦ୍ରା ଅଗ୍ରିମ ଦକ୍ଷିଣା ପୂର୍ବରୁ ପ୍ରେରଣ କରିବା ହେବେ । ହିତାକାଂକ୍ଷୀ ବନ୍ଧୁମାନଙ୍କର ମୋ ପ୍ରତି ପରାମର୍ଶ ଏହି ଯେ ସର୍ବବିଧ ବିପଦ୍‌-ଶୋକରେ ଅକୃତ୍ରିମ ନିରାମୟକାରୀ ଅତ୍ୟାଶ୍ଚର୍ଯ୍ୟ ପ୍ରଲେପ ହେଉଛି—ଭଜନ-ରସ ! ( ଅକ୍ଷରେ, ଅଧିକ ଜାଗଣ ନୋଟ )

ଯୁଦ୍ଧ ଯୋଗୁଁ ଦିନକୁ ଦିନ ଗ୍ରାହକ ଉପରକୁ ଉପରକୁ ବଢ଼ି ଯାଉଥିବା ଯୋଗୁଁ ସଂପାଦକ ମହୋଦୟଙ୍କୁ ବିନୀତ ଅନୁରୋଧ ଯେ ସେ ମୋର ଲେ-ଶୋ-ନି: ପତ୍ର ପର୍ଯ୍ୟନ୍ତ ଉଚିତ ମୁଦ୍ରା ସଂଗ୍ରହ ନ ହେବା ପର୍ଯ୍ୟନ୍ତ ସଂଗ୍ରହ କାର୍ଯ୍ୟ ବନ୍ଦ କରି ଦେବେ ନାହିଁ । କାରଣ "ଷ୍ଟାଣ୍ଡାର୍ଡ" ସାଇଜ ପରିବର୍ତ୍ତରେ ଏଥର "ଅଟୋମାଟିକ୍" ସାଇଜ ଲେଖନୀ କରିବାକୁ ମନ ବଳୁଅଛି । 'ପରଚର୍ଚ୍ଚାବୋଧୀ' ନିକଟରେ କାହାର ଅବା ମନ ନ ବଳନ୍ତା ! ଡା ଛଡ଼ା, ଅଛିବା ପାଞ୍ଚଟଙ୍କିଆ ... କାଢ଼ି କଳମକୁ ଯାହା କାମ ଦେବା ଭଳି ଲେଖାଏ ତାହାରେ, ତେବେ ସୁଏଡ ପାଞ୍ଚଟଙ୍କିଆ ନକଲରେ ପୂରା କଳମଟାଏ ହାତରେ ମଜବୁତ ... ଅଧିକ ଉପ-ହେତୁ ମିଳିବ ।

ପ୍ରକାଶ ଥାଉ ଯେ, କାଗଜର ଦୁର୍ମୂଲ୍ୟତା ଯୋଗୁଁ କେବଳ ପାଞ୍ଚଟଙ୍କିଆ ବା ତଦୂର୍ଦ୍ଧ୍ୱ ମୁଦ୍ରାଦାତାମାନଙ୍କୁ ସଂପାଦକ ତରଫରୁ ଛପା ରସିଦ ମିଳିବ ; ତନ୍ନ୍ୟୂନ ଦାତାମାନେ ରସିଦର ମାତ୍ରା ଖଣ୍ଡ ପତ୍ର ପାଇବେ ।

—*—

---

ବହିପତ୍ର—୧୨ ପୃଷ୍ଠା ଉତ୍ତାରୁ

ଶ୍ରୀ ଚନ୍ଦ୍ରଶେଖର ମିଶ୍ରଙ୍କ ଗଳ୍ପ— ଅଲୋଚନା ମନ୍ଦନୁହେଁ । ଗଳ୍ପ ଉପନ୍ୟାସରେ ଯୁକ୍ତିବାଦ ଓ ବାସ୍ତବ ବାଦର କଳି ନୂଆ ନୁହେଁ । ସବୁର ଅଙ୍ଗରେ ସବୁ କଥା ଏକାପରି ଦେଖିବା ଅସ୍ୱାଭାବିକ । ସେ ଯାହା ହେଉ ଅପଣା ସମାଲୋଚନା ଆପଣା ପୁସ୍ତକରେ ପ୍ରକାଶ କରି ଆପଣାର ଦୋଷ ଗୁଣ ନାଇବା ପ୍ରଥା ସହଜଭାବରେ ନୂଆ ଦେଖାଗଲା । ନଥିଲା ବୋଲକୁ·······

ଅକ୍ଷୟଙ୍କ ଫଳଜ ... ତୀନ ଗଳ୍ପର ଅନୁବାଦ ... ପଢ଼ିବା ଅତି ଉଚିତ ହେଲେ ମଧ୍ୟ ଏହା ଗଳ୍ପ ନ ସେ ଧାରଣାର ଛୁଟିନ୍ତି ।

ସାହିତ୍ୟ ପରିଷଦର "ଯୋଜନାବଳି"ରେ ଆମେ ଆଶାନ୍ୱିତ— ହେଲେ ଶ୍ରୀ ଅଚ୍ୟୁତ୍ କୁମାର କହୁଛନ୍ତି ଭଳି ... ପୁସ୍ତିକା ... ପ୍ରସବ କରିବା, ତୁରେଥାନ୍ତ ଓଡ଼ିଆଙ୍କର ସବୁ କାମପରି ଶେଷେ ବାଂଝ ପାଲଟି ନଯାଉ ।

Digitized by srujanika@gmail.com

REG. NO. P. 44। THE DAGARO—16-11-1943.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

ସଞ୍ଚୟୀ ସର୍ବତୋଃ ଜୟୀ । ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା ! ନିଜ ଶକ୍ତି ଅନୁସାରେ ସଞ୍ଚୟ କରିବା କେତେ ଦୂର ନିତାନ୍ତ ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ଯୋଗୁଁ ଅଭାବଗ୍ରସ୍ତ ଲୋକମାନେ କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାରକଲେ ଜଣାଯିବ । ଜୀବନର ଦାୟିତ୍ୱ ନେବା ଛଡ଼ା ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ । ସାମୟିକ କିଛି କିଛି କିସ୍ତି ଟଙ୍କା ଦାଖଲ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ ।

### ସୁଦୃଢ଼ତାର ପରିଚୟ—

୧୯୪୨ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବୀମାର ପରିମାଣ ୧୯ କୋଟି ୬୭ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବାର୍ଷିକ ଆୟ ୧ କୋଟି ୧୦ ଲକ୍ଷ ।
ବୀମା ପାଣ୍ଠି ୪ କୋଟି ୨୧ ଲକ୍ଷ ।
ମୋଟ ସମ୍ପତ୍ତିର ପରିମାଣ ୪ କୋଟି ୬୭ ଲକ୍ଷରୁ ଊର୍ଦ୍ଧ୍ୱ ।
ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲଡିଂସ୍
କଲିକତା ।

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗେନାଇଜର
କଟକ ।


Printed & published by G. C. Mahapatra at the Gopinath Press, Bhadrak. 1943.


ବାର୍ଷିକ ତିନିଟଙ୍କା ଆଠଅଣା ପ୍ରତିଖଣ୍ଡ ଦୁଇଅଣା

Digitized by srujanika@gmail.com

୭ମ ବର୍ଷ
୧୩ ଶ ସଂଖ୍ୟା

Dagaro
Utkal's most popular Fortnightly
OF
LIGHT. LEAD & LAUGHTER.

ମାର୍ଗଶିର
ପ୍ରଥମାଙ୍କ





## ବ୍ୟାଙ୍କ ଅଫ୍ କଲିକତା ଲିଃ ବାଲେଶ୍ୱର

ଏହା ଏକପ୍ରତିଷ୍ଠାଶାଳୀ ଓ ନିର୍ଭରଯୋଗ୍ୟ ବ୍ୟାଙ୍କ । ୧୯୧୮ ଅବ୍ଦ । ଦେଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶରେ ଶିଳ୍ପ ବାଣିଜ୍ୟର ଉନ୍ନତି କରନ୍ତୁ । ଏହି କେତେଦିନ ଭିତରେ ବାଲେଶ୍ୱର ଶାଖା ଅନୁଷ୍ଠାନ ବେଶ ବଢ଼ି ଉଠିଛି । ଅତିଶୀଘ୍ର ଭଦ୍ରକରେ ଏହାର ଶାଖା ଖୋଲିବ । ବିସ୍ତୃତ ବିବରଣୀ ପାଇଁ ଲେଖନ୍ତୁ ।

ହେଡ୍ ଅଫିସ:—୬, ମେଙ୍ଗୋ ଲେନ୍
କଲିକତା ।

**ଶ୍ରୀ ପ୍ରିୟନାଥ ନନ୍ଦୀ ବି, ଏଲ୍**
ଅନାରାରି ସେକ୍ରେଟେରୀ
ବାଲେଶ୍ୱର ବ୍ରାଞ୍ଚ ଅଫିସ ।


Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରବୀଣ ରସାୟନଜ୍ଞଙ୍କ ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଳ ବା ଅଦ୍ଭୁତ ଚିହ୍ନ, ହସ୍ତାଙ୍ଗୁଳି ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଳି ପ୍ରଭୃତି ଅଚିରେ ଅଦୃଶ୍ୟ ହୁଏ । ଏକ ଶିଶି ୨୲ଙ୍କା ମାତ୍ର ୫ ୨ ଟଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ**

ଆଲମଚାନ୍ଦ ବଜାର, କଟକ

# କୁବେର ବ୍ୟାଙ୍କ ଲି:

ହେଡ଼ ଅଫିସ—କଲିକତା ।

**ଶାଖା ଅଫିସ ମାନ:—**

ଢାକା, କାଲିମ୍ପଙ୍ଗ୍, ସିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ଡାଲହୌସି, ରାଣୀଘାଟ, ବଡ଼ବଜାର ।

**୧୬ ତାରିଖ ନଭେମ୍ବର ୧୯୪୩ ସର ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ କାର୍ଯ୍ୟ ନିର୍ବାହ ହୁଏ ।
ରାଜପୁର ଶାଖା ଶୀଘ୍ର ଖୋଲିବ ।

**ଏସ୍: କେ: ଚକ୍ରବର୍ତ୍ତୀ**
ମ୍ୟାନେଜିଂ ଡାଇରେକ୍ଟର

ସମ୍ପାଦକ
**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ସହକାରୀ ସମ୍ପାଦକ
**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

୭ମ ବର୍ଷ
୧୩ ଶ ସଂଖ୍ୟା
ମାର୍ଗଶିର ପୂର୍ଣ୍ଣିମା
ତା.୧-୧୨-୪୩ରିଖ

# ଡଗର

## ହୁକା ହୁକା ହୁଆ

( ବିଲୁଆ ବିଗୁର )

—ପାକ୍ଷିକ—
ବାର୍ଷିକ—ଟ୩
ପ୍ରତିସଂଖ୍ୟା—୦/୭
ରାଜସ୍ୱରଣ—୦/୯

ଆମର ପୁରୁଣା କଥାଟା ଅଛି——ନୁଣ ଖାଇଥା, ଗୁଣ ଗାଇଥା । ସରକାର ତାହାପୂର ନୁଣ ଭଣ୍ଡାର ଏକଚାଟିଆ କରି ଅମର ଭଲ ଘଣ୍ଟାରେ ପରି ଦାୟୀ କରି ଅମକୁ ନୁଣ ଯୋଗାଣ କରନ୍ତି । ଅମେ ସେଥିପାଇଁ ନୁଣ ଖାଉଁ, ଅଳ୍ପ ଗୁଣ ଗାଉଁ ।

ଏବେ କେତେକ ଖାଣ୍ଟି ବାହାଁକ ନୁଣ କହାଇଟା ହଠାତ୍ ତାହି ଉଠେଛି । ଏଥିରେ ଲୋକେ କେତେକ ବ୍ୟସ୍ତ ହେବାର ଜଣା ଯାଉଛି । କାରଣ, ଲୋକେ ଭାବୁଛନ୍ତି କି ସମୁଦ୍ର ଶୁଖିଗଲା ନା ପାକିସ୍ତାନ ଧରିଗଲା ! ଅମେ ସେଥିପାଇଁ ବୋଧ ଶୋଧ ଦେଇ କହୁଛୁଁ କି—ବେଶଭୂଷାମାନେ, ହିସାବ ଥିରୁ ଧର । ଏଇଟା ହିସାବ କରିବାର ମାମଲତ । ପଖାଳ ବେଳାଏକୁ ନୁଣ ମେଞ୍ଚାଏ ହେଉଛି ମାପ । ସେଇ ପଖାଳ ବେଳାଟା ଯେତେବେଳେ ଦିନରେ ଅଧେ ରହିଲାଣି, ଅଧପର ମେଞ୍ଚାଏ ନୁଣ ଖାଇବା ଖାଲି ଖାଦ୍ୟ ଦ୍ରବ୍ୟର ଅପବ୍ୟବହାର (Wastage) ମାତ୍ର ନୁହେଁ, ଅର୍ଥନୀତି ହିସାବରେ ମଧ୍ୟ ନାରସ୍ତିକ । ଏଥିପାଇଁ ଭାତ ସାଙ୍ଗରେ ଲବଣ ଭକ୍ଷଣଟାକୁ ମଧ୍ୟ ନୀତି ଦିଗରୁ ମଙ୍ଗଳକର ବୋଲି ସହି ନେବା ବିଧେୟ ।

\+ \+ \+ \+

ମନ୍ତ୍ରୀ ହେଲେ ଅଧିକ 'ଚିନ୍ତା' କରନ୍ତି ବୋଲି ଅଗରୁ ଶୁଣିଥିଲୁଁ । ଯେଉଁ ଭଲ କଥାଟିଏ ଅଗତ କଲେ ମନ୍ତ୍ରୀ କହି ଥାଆନ୍ତି—ଅମେ ସେ ବିଷୟରେ 'ଚିନ୍ତା' କରୁଛୁଁ । ଏଣୁ 'ଚିନ୍ତା'ଟା ମନ୍ତ୍ରୀମାନଙ୍କ ଏକଚାଟିଆ କାମ ବୋଲି ସମସ୍ତେ ଜାଣନ୍ତି ଓ ମଧ୍ୟ ଜାଣନ୍ତି ଯେ ସେ ଚିନ୍ତାର ଶେଷ ନାହିଁ । ଏ ଜନିଷ କଂଗ୍ରେସୀ ଅମଳରୁ ହୋଇ ଅସୁଛି । ଅର୍ଥାତ୍ କାମରେ ଯେଉଁଟା ହୁଏ ସେଥିରେ ଚିନ୍ତା ଭୁଲି ପାରେନା, କି ଚିନ୍ତା ଯେଉଁଠି ରହେ ସେଠି କାମ ପଶି ପାରେନା । ଉଦାହରଣ ସ୍ୱରୂପ କଂଗ୍ରେସ ଅମଳରେ ପ୍ରଜାସ୍ୱତ୍ୱ ଓ ମିଶ୍ର ମଣ୍ଡଳର ବିଶ୍ୱବିଦ୍ୟାଳୟର କାମ ଯେପରି ଦ୍ରୁତ ଲୟରେ ହୋଇଗଲା, ଖାଦ୍ୟ ଉତ୍ପାଦନ, କୃଷି ଉନ୍ନୟନ, ଦୁର୍ଭିକ୍ଷ ଦମନ, ବନ୍ୟା ନିବାରଣ ପ୍ରଭୃତି ସେଇପରି ବିଳମ୍ବିତ ଲୟରେ ଚାଲିଛି । ତେବେ ଏତିକି ନିଶ୍ଚୟ ଯେ ବିଳମ୍ବିତ ଲୟରେ ଓସ୍ତାଦ ଥାଏ ବେଶି ! + × + +

ସେଥିପାଇଁ କେବଳ ମନ୍ତ୍ରୀମାନଙ୍କ 'ଚିନ୍ତା' ପାଇଁ ଗୋଟାଏ ବିଷମର ଖାଦ୍ୟ ଯୋଗାଇ ଦେଇ ଦାୟିତ୍ୱରୁ ଖଲାସ ହେଉଛୁଁ । ତାହା ଏହି:—

ଅଧିକ ଖାଦ୍ୟ ଉତ୍ପାଦନଟା ଯଦି ପ୍ରକୃତରେ ବିଶ୍ୱବିଦ୍ୟାଳୟ ପରି ଜରୁରି କାମ ବୋଲି ମନ୍ତ୍ରୀଗଣ ମନେ କରନ୍ତି, ତେବେ ଲୋକଙ୍କୁ 'ସତ୍ୟକଥା କହିବ', 'ପରୋପକାର କରିବ' ପରି "ଅଧିକ ଖାଦ୍ୟ ଉତ୍ପାଦନ କର" ବୋଲି ମୌଖିକ ପୁରାଣ ଶାସ୍ତ୍ର ନ ଶୁଣାଇ, ଏ: ଅର: ପି:, ଯୁବ ସାହାଯ୍ୟ, ଭିଲେଜ ଗାର୍ଡ, ଖାଦ୍ୟ ଉତ୍ପାଦନ କର୍ମୀ ପ୍ରଭୃତି ବେକାର ଖାଦ୍ୟ ଭକ୍ଷକଙ୍କୁ ଲଗାଇ କର୍ମକ୍ଷେତ୍ର ( Practical feild ) ରେ ଅସଲ ଖାଦ୍ୟ ଉତ୍ପାଦନ କରନ୍ତୁ । ଦେଖିବେ କେତେ ଅଧିକା ଖାଦ୍ୟ ଉପୁଜି ପଡ଼ୁଛି । + + + +

କବି ଦୁଃଖରେ କହି ଗାଇଥିଲେ—

ଦେବୀ ବୀଣାପାଣୀ କେଉଁ ଭାଗ୍ୟ ଫଳେ,
କରୁଣା ତୋହର ଉଣା ଏ ଉତ୍କଳେ ।

ଏତେଦିନକେ ଦେବୀ ବୀଣାପାଣୀ ସତ ସତରେ ବିକେଇଆ ସୂଧ ଅସଲ ସହିତେ କରୁଣା ଭଣ୍ଡଟା ଅଜାଡି ଦେଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ପୂରା ଦମରେ ଖୋଲିଗଲା ଡିସେମ୍ବର ୨୬ ତାରିଖ । ମାସର ପହିଲି ବା ବର୍ଷର ଆରମ୍ଭରେ ନ ହୋଇ ମଝିରେ ହେଲା କାହିଁକି ବୁଝା ଯାଉନାହିଁ । ବୋଧହୁଏ ସେଦିନ ପୂର୍ଣ୍ଣିମା ଓ ମେଘଚନ୍ଦ୍ର ଥିବାରୁ ଓଡ଼ିଆ ମେଣ୍ଢା ଜାତିର ଶୀତଚନ୍ଦ୍ର ହିସାବରେ ଏ ଦିନକୁ ଶୁଭ ଦିନ ଧରି ହୋଇଛି ।

Digitized by srujanika@gmail.com

ଯାତ୍ରାଜେନ୍ଦ୍ର ସନ୍ତରଣୀ ମା ଲକ୍ଷ୍ମୀ ଭକ୍ତଜନଙ୍କୁ ଦବାଯ୍ ଦେଇ ଥିବାର ପାଦ ଭଙ୍ଗ ସରସ୍ୱତୀ ଯେ ଦେବଜନଙ୍କ ଭୂଷି ଅସି ପାଦ ମାଡ ବସିଗଲେ ଏଥିପାଇଁ ଅମେ ସରସ୍ୱତୀ ଠାକୁରାଣୀଙ୍କ ମନ୍ତ୍ରୀଙ୍କ ବୁଦ୍ଧିର ପ୍ରଶଂସା କରୁଁ ।

\+ × + +

ମନ୍ତ୍ରୀଙ୍କ କୃପାରୁ ଅମ ଜଜର ଉଜନକୁ ସିଦ୍ଧ ହୋଇଗଲା । ଓଡ଼ିଆ ଅଜ ଏକ୍ଷି ପରମୁଖାପେକ୍ଷୀ ନୁହେଁ । ମାନ୍ଦ୍ରାଜ ଭିତରେ ଥାଇ ତେଲଗୁଙ୍କର ନିଜ ବିଶ୍ୱବିଦ୍ୟାଳୟ ଅଛି, ଓଡ଼ିଆର ସ୍ୱତନ୍ତ୍ର ପ୍ରଦେଶ ଥାଇ ମଧ୍ୟ ବିଶ୍ୱବିଦ୍ୟାଳୟ ନ ଥିଲା । ଏହା କି ଲଜ୍ଜା ନହାର କଥା । ଏଣିକି ଓଡ଼ିଆ ମୁଣ୍ଡ ଟେକି କଥା କହି ପାରିବେ । ଗଜପତି ମହାରାଜାଙ୍କ ଯତ୍ନରେ ଅମର ଖାସ ପ୍ରଦେଶ ହୋଇଥିଲା, ପୁଣି ତାଙ୍କର ଦ୍ୱାରା ଖାସ ବିଶ୍ୱବିଦ୍ୟାଳୟ ପାଇଲୁଁ । ଏବେ ଘର ଧାନ ଗୁଡ଼ିକ ବନ୍ୟା ନଇଁ ଓଡ଼ିଆ ମାଟିଅ ମାଟିଅ ଜ୍ଞାନାମୃତ ପାନ କରି ଧନ୍ୟ ହେବେ । ଅଜ ପୁରୁଷାନୁକ୍ରମେ ଯାବଚ୍ଚନ୍ଦ୍ରାର୍କେ ଗ୍ରନ୍ଥଙ୍କ ନାମ ଜପୁଥିବେ । ମୃତ, ଅଧଃପାତିତ ଜାତିଟା ଖାଲି ବଞ୍ଚିଗଲା ନୁହେଁ, ବିଶ୍ୱ ଦରବାରରେ ଟେକିଗଲା ମଧ୍ୟ ।

ପେଟେ ଭାତ ଖାଇଦେଲେ ତହିଁ ଅରଜନ ପଦାର ମଇଳା, ମାତ୍ର ଏ ଯେଉଁ ଖାଦ୍ୟ ମିଳିଲା ଏହା ଖାଲି ଅଜର, ଅମର ନୁହେଁ, ଦର୍ଶନଶୀଳ । ଭଗବାନଙ୍କୁ ଧନ୍ୟବାଦ ଦେଉଁ ଆଉଁ ଆଉଁ ଓଡ଼ିଆ ଜାତି ଅଦ୍ଭୁତ ଏପରି ମେଣ୍ଟ ହୋଇଯାଉ ।

\+ + + ×

ରାୟ ସାହେବ ଦୁର୍ଗାଚରଣ ଦାସ ଓଡ଼ିଶାର ପ୍ରସିଦ୍ଧ ଜଙ୍ଗଲର ମାଲିକ ଅଛନ୍ତି । ଶୁଣାଯାଉଛି ତାଙ୍କୁ ସେଠୁ ଅନ୍ତର କରି ଜଣେ 'ଖୋଦ୍' ସେ ପଦରେ ବସାଇ ଦିଆ ହେବ । ଏହା ସାହେବ କେଉଁଠା ଲୋକ ଅନେକ ଜଣା ନ ଥିଲେ ମଧ୍ୟ ତାଙ୍କ ନାମ କହି ଦେଉଛି ଯେ ସେ ଜଣେ ବିଦ୍ୟାରେ ପାରଦର୍ଶୀ ଓ ଯୋଗ୍ୟ ପୁରୁଷ । ପ୍ରଚାର କାର୍ଯ୍ୟରେ ଲୋକ ଓ ବୁଦ୍ଧି ଅଗ ଲେଖା—କାରଣ ତାହା ଲୋକ ଶିକ୍ଷା କାମ । ଏମାନେ ପୂର୍ବକାଳରେ ଏହି ଶିକ୍ଷା କାର୍ଯ୍ୟ କରୁଥିଲେ ଓ ସେଥିପାଇଁ ଖ୍ୟାତି ଅର୍ଜନ କରିଥିଲେ । ଅମେ ତେଣୁ ମନେ କରୁଛୁଁ ଯେ ଏ ଏହା ଅପର୍ଣ ଅବଧାନ ହୋଇ ଓଡ଼ିଆ ଜାତିକୁ ଭଲ ପାଠ ପଢ଼ାଇବେ ଓ ଖାଉଁଦୁକ ବି ହୋଇବେ ।

ଜନଶିକ୍ଷା ଓ ଲୋକପ୍ରିୟର ଯାହାର ତାହାର କାମ ନୁହେଁ । ଜଣେ ଏହାଙ୍କୁ ନିଯୁକ୍ତ କରି ସରକାର ମୁନ୍ସିଆନା କାର୍ଯ୍ୟ କରିଛନ୍ତି ।

× + × ×

ଯେଉଁ ସବୁ ଜିନିଷର ଦାମ ହେଲି, ସବୁ କିତରେ କାଗଜର ଦାମ ଯେତେ ବଢ଼ିଛି ତାହା ଅଉ କେଉଁଥିରେ ହୋଇନାହିଁ । କଣ୍ଟ୍ରୋଲ ମାଲ ଭିତରେ କାଗଜ ଭଜ ଥାଇ ମଧ୍ୟ ବସିଛି ଓ ତାର ଖାସ ଏଜେଣ୍ଟ ବି ରହିଛନ୍ତି । କିନ୍ତୁ ଏଇ ଏଜେଣ୍ଟମାନେ କାହିଁକି ପଇସା ଦେଲେ ବି ଗୋଲ କଦ କାଗଜ ଦେଇ ନାହାନ୍ତି । ଏହାଛଡ଼ା ସରକାର ନିଜେ କାଗଜ ଯୋଗାଇବାର କଥା ଥିଲା । ଶୁଣିଥିଲୁଁ କାଲେକ୍ଟର ଜଲ ପାଇଁ ଦେତେ ରିମ କାଗଜ ଆସି ସଦର କଲେକ୍ଟର କଟେରିରେ ରଖା ହୋଇଥିଲା । ଉଦ୍ଦେଶ୍ୟ ଭଗ ଅଟେ । ମାତ୍ର କାହିଁକି କେଜାଣି ଉକ୍ତ ଉଦ୍ଦେଶ୍ୟରେ ଦିଆ ହେଲା ନାହିଁ । ଏଣେ ଶୁଣାଗଲାଣି ଯେଉଁ ସ୍କୁଲ୍‌ଟା ଥିଲ ତାହା ଭିତ ମଧ୍ୟରେ ଉଦ୍ରେଇ ସଲାଣି । ବୋଧହୁଏ ନୂଆ ମୂଷା ମାଡ଼ିଛନ୍ତି । ଏଥିରେ ଦୋଷ ଦେବା କାହାକୁ ? ଅପଣା କର୍ମକୁ ନା କର୍ତ୍ତାମାନଙ୍କୁ ? ସରକାର ଶୀଘ୍ର କାଲେକ୍ଟରଙ୍କୁ ଅଥବା ଅଫିସର ପଠାନ୍ତୁ । ସେଠି ପର ଦୁର୍ଭିକ୍ଷ !

× + + +

ପାଟମନ୍ତ୍ରୀ ମହାରାଜ ପୁଣି ଅଶାର ଦୁର୍ଗୀନ୍ଦ୍ର ବାଣୀ ଶୁଣାଇଛନ୍ତି । ସେ କହିଛନ୍ତି ଦୁର୍ଭିକ୍ଷର ଦାଉ ଓଡ଼ିଶାରୁ କମି ଗଲାଣି । ଧାନ ଫସଲ ବେଜାୟ ହୋଇଛି । ଅସନ୍ତା ଜାନୁୟାରି ଅଉ ତେଳକୁ କଷ୍ଟ ନ ଥିବ । ଅନ୍ନଛତ୍ରମାନଙ୍କରେ ଯେ ଖାଉଛନ୍ତି, ସେ ପ୍ରାୟ ସ୍ଥାନୀୟ ଲୋକ ନୁହନ୍ତି । ସବୁ ପ୍ରଦେଶରେ ଏପରି ନିଃସ୍ୱଙ୍କ ସଂଖ୍ୟା ୧୦୦ ହେବ ଜମାରୁ । କେତେ ଦିନ ପରେ ଏଇ ଶହକରୁ ଜଣେ ବି ନ ଥିବ । ମନ୍ତ୍ରୀଙ୍କ ବାକ୍ୟ ଶୁଣି ପେଟ ପୂରୁଛି । ଦୁର୍ଭିକ୍ଷ ରାକ୍ଷସ ପୁଚ୍ଛ ଉତ୍ତୋଳନ କରି ପଳାୟନ କଲାଣି । ଅଉ କଣ ? ଓ୍ୱାଃ, ଏବେ ଅସନ୍ତା ବର୍ଷକୁ ଏକୋଇଶ ଲକ୍ଷ ମହଣ ଧାନ ବିଦେଶକୁ ରପ୍ତାନି କରିବା ପାଇଁ ସଜ ହୋଇ ବସ । ଭାରତ ସରକାରଙ୍କ 'ହୁକୁମ'—ଓଡ଼ିଶା ସରକାରଙ୍କ 'ତାମିଲ'

Digitized by srujanika@gmail.com

ଢେଥାଡିଏ କାହୁଁ

# ତ୍ରୁଟି

**—ଶ୍ରୀ ପ୍ରମଥନାଥ ଦାଶ—**

ଶୀତଦିନର ସୁନେଲି ଖରା ଉଛୁଳି ଉଠୁଛି—ମନ ଆଜି ଖୁସି । ଛୁଟି—ଅନେକଦିନ ପରେ ଛୁଟି । ନିଛାଟିଆ ପଥରେ ଆଉ ଘଣ୍ଟା ଟାଣିବାକୁ ହେବନାହିଁ—ତେଣୁ ବେପରୁଆ ଫୂର୍ତ୍ତିରେ ମନକୁ ଭସାଇ ଦେଲି ସେପାଖର ଉଚ୍ଛୁଳା ସାଗର ଆଡ଼କୁ ।

ବାତାୟନ ଅନ୍ତରାଳରେ ଆଖି ଆଗରେ ନାଚି ଉଠେ ଚ୍ୟୁତ ବକୁଳର ଶାଖା—ହରିତଗୀର ପୁଷ୍ପକୁଞ୍ଜ । ଆଉ ସେଥିପାଇଁ କୁଦପାହାଡ଼ର ବକ୍ଷରେ ଶ୍ୟାମଳୀ ତରୁଲତା ପୂର୍ଣ୍ଣ ପୁଷ୍ପ-କୁଞ୍ଜର ଅନ୍ତରାଳରୁ ଗାଇ ଉଠେ ସେହି ଶୀତର ସମଧର୍ମୀ ମଳୟବସନ୍ତଟିଏ—ଅର୍ଥାତ୍ ସେ ଶୁଣାଇ ଦେଇଯାଏ ତାର ମନ୍ଦ୍ରଗମ୍ଭୀର ବାଣୀ, ନବଦମ୍ପତିର ମାନସପଟରେ ଏକ କ୍ଷୀଣ ଅଭିନବ ମିଳନ ମୂର୍ଚ୍ଛନା ଭରି । ମଳୟ-ବସନ୍ତଟି କରୁଣ ବେଦନାଭରା କଣ୍ଠରେ ଗାଇ ଉଠେ—ନବଦମ୍ପତିର କିଶୋରଟିଏ ଜନ୍ମାନ୍ତର—ରାଜା କୁମାର ପରି ରୂପ ହେଉ, ଯେପରି ଏକ ଅଜଣା ଦେଶର ରାଜାଙ୍କ ନବକୁମାର ରୂପ ଚଢ଼ିଛି ହୃଦୟର ଅନ୍ଧାରରେ ମନରେ ଘାରି ତାରି ଶୀତଳ ଚରଣରେଣୁ ଅଙ୍କିତ ମୃଦୁ ନାଚି ଅନ୍ତଦ୍ୱାରରେ ଜାଗ୍ରତ ।

ବାସନ୍ତୀ ଦ୍ରୁତ ଛୁଟି ଆସି କୁଞ୍ଜ ଅନ୍ତରାଳରେ ଶୀତର ମୃଦୁ ସମୀର ପରଶରେ ଶୀତଳ ସ୍ପର୍ଶ ପାଇ ଶିହରି ଉଠେ । ଯୌବନର ଶାଶ୍ୱତ ଶିହରଣର ବ୍ୟଥା ବୁକୁରେ ସହସା ଜାଗି ଉଠେ—କାରଣ ତରୁଣୀ ବଧୂ ସେ । ଅଭିନବ ରୂପ-ଯୌବନ ଚଢ଼ିର ଅର୍ଘ୍ୟଥାଳୀ ସ୍ୱାମୀର ଅଳଙ୍କୃତ, ପ୍ରେମ-ପିପାସିତ ହୃଦ ଦେବତାର ଆରାଧନାରେ ଅକାତ ଦିଏ ।

ସ୍ୱାମୀ ସେହି ପରଶ-ସୋପାନରେ ଚଢ଼ି ସୁଭାଷିଣୀ ପ୍ରିୟତମା ଆଡ଼କୁ ଅନାଇ ବ୍ୟଙ୍ଗ କରି କହେ—"ଶୁଣ ବାସନ୍ତୀ, ତୁମର ପିଞ୍ଜର-ପକ୍ଷୀ କଣ ହୃଦ-ଭରା କଥା କୁଞ୍ଜ-ଶାଖାପରେ ବସି ଗୁଞ୍ଜରଣ କରୁଛି ।"

ବାସନ୍ତୀର ଚନ୍ଦ୍ରାନନ ପରେ ସହସା ଜାଗିଲା ରକ୍ତିମ ରକ୍ତିମ-ଗଣ୍ଡେ ରକ୍ତ-ରେଖା ମଳିଲା ବେଶ୍; କିନ୍ତୁ କାବ୍ୟ-ବେଗର ଅବସର ହୋଇ ପାରିଲା ନାହିଁ—ତରୁଣୀ ବଧୂର ଚୁମ୍ବିତ ଅଧରରୁ ପର ମୁହୂର୍ତ୍ତରେ ଗର୍ଜନ ଆସିଲା—"ତୁମେ ମୋତେ ଅପମାନ କରୁଛ !"

କ୍ଷଣବିଳମ୍ବ କରି ଭୀତ କଣ୍ଠରେ କହିଲା—"ମୁଁ ।"

ବାସନ୍ତୀ ଉତ୍ତର ଜଣାଇଲା—"ହଁ ତୁମେ ! ତୁମର ସବୁ ଅସଭ୍ୟ ମନୋଭାବ—ସେ ସବୁ ସହି ପାରିବ ନାହିଁ ।"

ଜଡ଼ିତ କଣ୍ଠରେ ପୁଣି କହିଲା—"ମୋହର ଦୋଷଟା ତା କଣ ? ନିକୁଞ୍ଜ-ପକ୍ଷୀ ଗାଉଛି ମନେ ମନେ—ତୁମର ପିଞ୍ଜର-ପକ୍ଷୀ ଶୁଣୁଛି, ଆଉ ମୁଁ ତ ଶିଖେଇ ଦେଇନି ପ୍ରିୟେ ! —ହିଁ, ହିଁ, ତୁମର କୁଞ୍ଜ-ପକ୍ଷୀଟି ଯେମିତି ବେହାୟା—ତୁମେ ବି ସେଇୟା......"

ଯୌବନର ପ୍ରଖର ଦୀପ୍ତି ଯେପରି ନିଷ୍ପ୍ରଭ ହୋଇଉଠେ—ମୋର ହୃଦୟର ସ୍ପନ୍ଦନ ସେପରି କମି ଆସିଲା......

ଅଦୂରର କୁଞ୍ଜର ତରୁଗଛର ତାର ପୁଷ୍ପର ଅର୍ଘ୍ୟଥାଳୀ ସଜାଡ଼ି ଥିଲା—ସେ ବି ମଉଳି ପଡ଼ିଲା ପରି ଜଣାଗଲା ।

ପକ୍ଷୀର ମଧୁର କାକଳୀ ଯେମିତି ସ୍ତବ୍ଧ ହୋଇଗଲା ।

'ବେହାୟା' କଥାଟା ଅନେକ ପରିମାଣରେ ସତ । ବାସନ୍ତୀର କଥାରୁ ତ ସେ ଆଘାତ ପାଏ—ପ୍ରାଣର ସୂକ୍ଷ୍ମ ତନ୍ତ୍ରୀରେ ବ୍ୟଥା ଜନ୍ମାଏ କିନ୍ତୁ ସେଥିରେ ତାର ଦୋଷ ନାହିଁ—ତା ସାଙ୍ଗରେ ଗୋଟାଏ "ତ୍ରୁଟି" ଥିଲା—ସେମାନେ ଦୁହେଁ ଥିଲେ ଦୁହିଁଙ୍କ ବନ୍ଧୁ—ପ୍ଲେଟୋନିକ (Platonic friends) ଥିଲେ ।

Digitized by srujanika@gmail.com

କିନ୍ତୁ ନର ଓ ନାରୀ—ସେମାନେ କଣ କେବଳ ବନ୍ଧୁ ହୋଇ ରହି ପାରିବେ ?

ଆକାଶର ତାରକା ସେମାନଙ୍କ ମନର ଅନ୍ତରାଳରେ ଜଗାଏ ପିପାସା—ନିକୁଞ୍ଜ-ପକ୍ଷୀ ସେମାନଙ୍କ ସହିତ କରେ କଳହ । ପୁଷ୍ପ-କୁଞ୍ଜ ସେମାନଙ୍କୁ ଆକୁଳିତ କରେ—ସମୀରଣ ଥରି ଥରି ସେ ଦୁହିଙ୍କ ହୃଦୟ କୁଞ୍ଜରେ ଆଣିଦିଏ ଶିହରଣ ।

ସହସା ଚିନ୍ତା ଧାରରେ ବ୍ୟାଘାତ ଘଟିଲା । ବାସନ୍ତୀ ମୃଦୁ ଗୁଞ୍ଜରଣ କରି କହିଲା—"ଏ ବଙ୍ଗଳା ଉପନ୍ୟାସ ଖଣ୍ଡ ଯେ ବହିଷ୍କୃତ ଲେଖିବ କହୁଥିଲ ସେଥିରେ ବରଂ ହାତ ଦେଲେ ଭଲ ହୁଅନ୍ତା ।"

ଯଥାର୍ଥ ସଦୁପଦେଶ—ବନ୍ଧୁର ସଦୁପଦେଶ, ପ୍ରଣୟିନୀର ନୁହେଁ !

ମ୍ଳାନ ବଦନରେ ଚୁହିଁ ରହିଲି । ଶେଷକୁ ନିଜର ଅନ୍ୟମନସ୍କ ଭାବ ଦୂରେଇ କରି କହିଲି, "ଅଚ୍ଛା ଚେଷ୍ଟା କରିବି ।"

"ଚେଷ୍ଟା କରିବି କହିଲେ ହେବନାହିଁ—ଜାଣ ବନ୍ଧୁ ପାଇଁ ବସି ସମୟ କଟାଇବାଠୁଁ ବହି ଲେଖିବା ଭଲ ।"

ମିଛ କଥା—କାବ୍ୟସମ୍ମତ ନୁହେଁ । ଯେତେ ହେଲେ ମିଛକଥା ତ, ସ୍କୁଲ କଲେଜରେ, ଏଥିରୁ ଢେର ହଜମ କରିଛି, ତଥାପି ଏମାନଙ୍କ କବଳରୁ ଖସି ପାଇବା ସହଜରେ ଘଟି ଉଠେନାହିଁ ।

କାଗଜ କଲମ ତାହାର କଲି, ବାସନ୍ତୀ କ୍ଷଣ-ଅସ୍ପଷ୍ଟ ହୋଇ ଭିତରେ ପ୍ରବେଶ କଲା । ବହି ଲେଖିବାକୁ ବସିଲି ସତ, କିନ୍ତୁ ମନ ତ ମୋଟେ ଲାଗୁ ନଥିଲା—ଭାବର ଛନ୍ଦ ବୋଧହୁଏ କଥାର ସ୍ରୋତରେ ମିଶୁ ନ ଥିଲା ।

ଭାବୁଛି ଆକାଶ ପାତାଳ—ତାର ନା ଅଛି ସୁଖ, ନା ଅଛି ତାର ଜଟା । ବାସନ୍ତୀ ସୁନ୍ଦରୀ—ସର୍ବନାଶୀ ପରି ଏହାର କମନୀୟ ମୋହିନୀରୂପ । ସେରୂପ ଯେ ଅନ୍ତରକୁ ଆକର୍ଷଣ କରେ, ବିହ୍ୱଳ କରିତ ଚମକିତ କରେ—ଏହା ବୋଧହୁଏ ସେ ବୁଝେନାହିଁ । ବୁଝି ତାହାର ନିରଙ୍କୁଶ ।

ଅବକାଶ ଦିବସଟା ଏପରି କଳହରେ ଆରମ୍ଭ ହେଲା—ଏହାର ପରିଣତି କେଉଁଠି ?—କିଏ ଜାଣେ ! କିଏ ତା କହିପାରେ !

କାର୍ଯ୍ୟ-କର୍ମ ସଙ୍କୁଳ ଦିବସରେ ହୁଏତ କେତେ କଥା ବିସ୍ମୃତ ଥାଏ, କିନ୍ତୁ ଅବକାଶ ଦିବସରେ ?—ନା, କେବାସ୍ତ ନେବାକୁ ହେବ; ଯିବାକୁ ହେବ ହୁଏତ ସ୍ୱର୍ଗ କାଶ୍ମୀରର ବାହାରଥେ । ନଚେତ୍ ଗୋପାଳପୁରର ବାଲୁ-ବେଳା ଭୂମେ ।

ନିର୍ମଳ ତଡ଼ାଗ ତୀରେ ଅକଣ୍ଠ ପିପାସା ନେଇ ବସି ରହିବା—ଆଉ କିଏ ପାରୁ ପଛକେ, ମୁଁ ତ କିନ୍ତୁ ପାରିବି ନାହିଁ ନିଶ୍ଚୟ ।

"ଟୁର୍"—ତାହା ଠିକ୍ । କଳ୍ପନାରେ ଯାହା ଥିଲା ଅତି ସହଜ, କର୍ମକ୍ଷେତ୍ରରେ ତାହା ସଂପୂର୍ଣ୍ଣ ଅସମ୍ଭବ ।

ଉପାୟ କଣ ? ହୁଏତ ବ୍ୟବଧାନ—ହୁଏତ, ନା, ଏ 'ହୁଏତ'ର ସମାପ୍ତି ବା କେଉଁଠାରେ ?

କାଶ୍ମୀର—ଲୋକେ କହନ୍ତି ଭୂସ୍ୱର୍ଗ । ସେଠାକୁ ଗଲେ ଭଲ ହେବ ।

( ୨ )

ଟୁର୍ର ଇତିହାସଟା ଜାଣି ନେବା ଭଲ ।

ବନ୍ଧୁ ପ୍ରତିମାର ପରିଣୟରେ ପ୍ରୀତିଭୋଜନର ନିମନ୍ତ୍ରଣରେ ବାସନ୍ତୀର ସହିତ ପରିଚୟ ହୁଏ । ବନ୍ଧୁପତ୍ନୀ ପ୍ରତିମାର ଲଜ୍ଜାରୁଣାନନ ପାଖରେ ବାସନ୍ତୀର ଦୃପ୍ତ ମହିମା ମୋତେ ମୁଗ୍ଧ କରିପକାଏ । ବାସନ୍ତୀ ସେତେବେଳେ କଲେଜ ଛାତ୍ରୀ—ଗୋପନ ପ୍ରେମାଳାପର ଗୋଟିଏ ବଡ଼ ସୁଯୋଗ ଘଟି ଉଠେ । କିଛିଦିନ ପରେ ତାହାର ପ୍ରଣୟ ନିବେଦନ ଶୁଣି ବାସନ୍ତୀ କହିଲା, "ସେ, ନାରୀତ୍ୱର ଗୌରବ ମାଇଁ ଜୀବନ ଉତ୍ସର୍ଗ କରିପାରେ, କିନ୍ତୁ ବିବାହ-ବନ୍ଧନ ପାଇଁ ନୁହେଁ ।"

ମୁଁ କହିଲି, "ବନ୍ଧନ ନୁହେଁ, ତୁମେ ଗୁଳ ମୋହର କ୍ଷୁଦ୍ର କୁଟୀରରେ—ଖାଲି ଅନ୍ଧାରର ରଜନୀଗନ୍ଧାର ସୌରଭ ପରି, ତୁମେ ହେବ ବନ୍ଧନ ହୀନ ।"

ବାସନ୍ତୀ ବୋଇଲା, "ସେ କିପରି ହେବ, ଆପଣ କଣ ଖାଲି ବନ୍ଧୁ ନେଇ ତୃପ୍ତ ହୋଇ ପାରିବେ ? କଦାପି ନୁହେଁ । ସେତେବେଳେ ଆପଣ ଚାହିଁବେ ଆପଣଙ୍କର ହୃଦୟ, ଆପଣଙ୍କର ଶଯ୍ୟାସଙ୍ଗିନୀ, ଆପଣଙ୍କର ସନ୍ତାନର ଜନନୀ ରୂପରେ ।"

ଯୌବନର ଅନ୍ଧମୋହରେ ପଡ଼ି କହିଲି, "ନା, ନା, ତୁମେ ଓ ମୁଁ ଦୁହେଁ ହେବା ଖାଲି ବନ୍ଧୁ—ଦୁହିଙ୍କର ଥିବ ଜୀବନରେ ଚଳପ୍ରଚଳ ହେବାର ସମାନ ଅଧିକାର, ସେଠି କେବଳ ରକ୍ତ ମାଂସର ବନ୍ଧନ ତୁମର ମୋର, ନଥିବ—ତୁମେ ହେବ କେବଳ ସହଚରୀ—ଜୀବନର ଦୂତ .....।"

Digitized by srujanika@gmail.com

ପ୍ରତିମା ଯେତେବେଳେ ଧୂମକେତୁ ପରି ନ୍ୟାସ୍ତ ଉପରଙ୍ଗ କହିବା ପାଇଁ ଆମ ଦୁହିଁଙ୍କ ଚୁକ୍ତିର ମଧ୍ୟସ୍ଥଳରେ ଦପ୍ରିଦାନ୍ ଦେଲା— ଯେ ଆମ ଚୁକ୍ତିର ଇତିହାସ ଅମୂଳଚୂଳ [illegible] ଥିଲା, ତାପରେ ମଧ୍ୟସ୍ଥ ହୋଇ କହିଲା— "ମୁଁ ଜୋର ପୂର୍ବକ କହିପାରେ ଏହା ତାପସୀର ବ୍ୟାଯୁକ୍ତି । ଗଳ୍ପ ଉପନ୍ୟାସର ପୃଷ୍ଠ ଦେଇ ଦେଖ କଟେ ନାହିଁ । ତଥାପି ଭୁଲିବ ନାହିଁ ତ୍ରମ୍ବକେଶ ବାବୁ, ତାପସୀର ମନ ନନ୍ଦନୀ ପରି କୋମଳ ଓ ମୃଦୁଳ ଅଥଚ ସୁସ୍ପଷ୍ଟ । ତାର ମନ ଯେମିତି ଟଳେ, ଆଉ କାମର ଫୁଲ୍ଲବାଣ ଯେତେବେଳେ ଦୁର୍ବୃତ୍ତ ହୁଅନ୍ତେ ବଦଳିବ, ସେତେବେଳେ ତାପସୀର ଉତ୍କଣ୍ଠା ଯେଉଁ ପ୍ରାଣାନ୍ତ ହେବ ଅପଣଙ୍କର ହାତ ।"

ତାପସୀ ପ୍ରତିମାର କଥାରେ କ୍ରୋଧାନ୍ଧ ପ୍ରାୟ ହୋଇ ସଗର୍ବରେ ଦେବୀ ଫୁଲେଇ କହିଲା— ଦେଖ, ଭଲ ହେଉ, ଚୁକ୍ତି ଏବେ କଣ ହେଲା, ଏସବୁ ତାକେ କଥାରେ କଣ ଅଛି— ଅପଣ ପ୍ରତିଜ୍ଞା କରନ୍ତୁ ।

"ତୁମର ଚୁକ୍ତି ସ୍ୱାକ୍ଷରିତ କର ପ୍ରତିଜ୍ଞା କଲି ।"

କିନ୍ତୁ ସେତେବେଳେ କଣ ବା ଜାଣିଥିଲି ? ବାସନାର ନାଗପାଶର ଅନ୍ତର୍ନିହିତ ଶକ୍ତି ସେତେବେଳେ ଅଜ୍ଞାତ— କଦନାର ରସ କଳସରେ ସେତେବେଳେ କାବ୍ୟ ଜାନନରେ [illegible] କଲି— ଫଳତଃ, ଅଜ୍ଞାନ ତଣତଃ ଚୁକ୍ତି କଲି ।

ତାପସୀ ନିର୍ମମ—ସେ ଦିନର ସେ ଚୁକ୍ତିକୁ ସେ କଠୋର ଭାବରେ ପାଳନ କରିଆସୁଅଛି ।

ଦୁଃଖ ପାଉନା— ନାରୀ ଚିର ରହସ୍ୟମୟୀ ! କେବଳ ଚନ୍ଦନ ନିର୍ଯ୍ୟାସ ଯେଉଁମାନେ ବୁକୁ ପତେଇ ପାତି ନଥନ୍ତି ସେମାନେ ପୁଣି ଏତେ ନିଷ୍ଠୁରତା ବା ପାଆନ୍ତି କେଉଁଠୁ ? ସୃଷ୍ଟିର ଯେ ସନାତନ ଭାବ ପ୍ରବୃତ୍ତି ମଦମତ୍ତ କରେ, ତାକୁ କପଟ ଭାବରେ ପୁଣି ସେ ଅଜ୍ଞାନ ଭୁକ୍ତ ମାନିନେଲା— ଏପରି ହୁଏ ତାର କେଉଁ ଶିଆଳରୁ ଅବା କାହାର ଶିକ୍ଷାରୁ ?

ସମସ୍ୟା ସମସ୍ୟାହିଁ ରହିଯାଏ— ପାଷାଣୀ ତାପସୀ ପାଷାଣୀହିଁ ଥାଏ । କହିବା କଥାଓ ଥିଲା ଦାମ୍ପତ୍ୟ; ମୋର କିନ୍ତୁ କୌଣସି କ୍ଷତି ନାହିଁ । ଜୀବନ ମୋର ଏକାନ୍ତ ଶୂନ୍ୟତାରେ କଟେ ।

ପୃଥିବୀର ଦୈନନ୍ଦିନ ଯାତ୍ରାପଥର ମଝିରେ ସୌନ୍ଦର୍ଯ୍ୟ ନାହିଁ—ବିନ୍ଧ୍ୟାଚଳର ଶିଖରର ଉପରେ ଉଠି ପରିଚେୟ ଉଙ୍କିନ୍ କରି ଉଠାଏ—ସେ ଶିଖର—କେଉଁଠୁ ପାଏ ?

ତାପସୀ ସୁଖ ସ୍ୱଚ୍ଛନ୍ଦରେ ଅଛି । ପଦ୍ମପତ୍ର ପରି ସେ ନିର୍ଲିପ୍ତ—ତାକୁ ଅସକ୍ତିର ସକଳ ଅସକ୍ତ କରିପାରେ—ସେ ସଂସ୍ପୃଶ୍ଟରେ ଧନାତ୍ମକ କରେ । ଅନେକେ ମୋହର ଦୁଃଖ ବୁଝନ୍ତି ନାହିଁ—ମୋହର ବିରକ୍ତ ମଳିନ ମୂର୍ତ୍ତି ଦେଖିଲେ ଏ ଇତିହାସ କେହି ପଢ଼ିନାହିଁ— ତେଣୁ ସେମାନେ ମୋତେ ବିଦ୍ରୂପ କରନ୍ତି । କହନ୍ତି ମୁହିଁ ଦୁଃଖବାଦୀ—ମୁଁ ଏହି ମର୍ତ୍ତ୍ୟରେ ଦୁଃଖ ଗଢ଼େ ।

କିନ୍ତୁ ଜୀବନବ୍ୟାପୀ ଏହି ନୀରବ ସମ୍ମୁଖରେ ମୁଁ ଏ ମୂକ ବାଣୀ ହୋଇପାରେ, ବୁଝିପାରେ ନା—ଯେ ପାରେ ସେ ଅତି-ମାନବ କିମ୍ବା ଅ-ମାନବ; ମୁଁ ବି ଦେବତା ନୁହେଁ— ମୁଁ ସଂସାରର ଏକାନ୍ତ ଅତି-ସାଧାରଣ ରକ୍ତ ମାଂସ ଗଢ଼ା ମାଟିର ମଣିଷ.........।

( ୩ )

ଶୈଶବରୁ ପଲ୍ଲବ ଓରଫେ ପୀତାମ୍ବରହିଁ ମୋହର ଦୈନନ୍ଦିନ ଜୀବନର ସାଥୀ । ରାତିରେ ମୁଁ ଯେତେବେଳେ ପଲ୍ଲବ ଦେହପା ମୋର ମର୍ଦ୍ଦନ କରିଦିଏ, ଆଉ ପୃଥିବୀର ନିତ୍ୟ ନୈମିତ୍ତିକ କ୍ରିୟା କଳାପାଦିର ଗଳ୍ପ ଶୁଣାଏ । ପଲ୍ଲବ ମୋହର ବେଦନାଭରି ଦେହକୁ ଲୁଚି ଦାବନ୍ତରେ ଅନ୍ତରର ସରଳତା ଦର୍ଶାଇ ମୁଁ କହେଁ—'ଭାଙ୍ଗିଯିବ ।'

ପଲ୍ଲବ ମନଭରି ସ୍ୱରରେ ପଚାରେ—'ମା ବି ଫିଟେ ?'

ପଲ୍ଲବର ଏ ସୋହାଗଭରା ପ୍ରଶ୍ନରେ ଅନ୍ତରର ନିବିଡ଼ତମ ସ୍ଥାନ ମୋର ଆଲୋଡ଼ିତ ହୁଏ । ମୁହୂର୍ତ୍ତ ଓ ଶାନ୍ତିରେ ଦୀର୍ଘ କାଳରେ ଗମ୍ଭୀର ହୋଇ ଉତ୍ତର ଦିଏ— ନା !

ପଲ୍ଲବ ପୁଣି କହେ, "ଆଜି ବାବୁ ଘଣ୍ଟେ ଗାଡ଼ କରି— ତାପରେ ନିଦା—" ମୋ କଥାର ଆଉ ଉତ୍ତର ପାଏ ନାହିଁ । ମୋହରି ବି ଗାଡ଼ୀ କେଣିକି ଆଉ ଅବଶ୍ୟ ନାହିଁ । ସେ କଥା ପଚାରିଲି ଏଣି ମୁହଁ ଟେକି ପଲ୍ଲବ ପୁଣି, "ତୋର ମା' କଣ କହିଲେ ପଲ୍ଲବ ?"

ପଲ୍ଲବ ଉଦାସୀନରେ ଉତ୍ତର ଦିଏ, "ମା ଅଜି ସିନେମା ଯାଇଥିଲେ । ବନମାଳୀ ଗାଡ଼ୀ ଆଣି ନେଇଗଲା ।"

ଉତ୍ତର ଶୁଣି ମନରେ ମୋହର ପୁଞ୍ଜୀଭୂତ ଅତୀତ ଦୁଃଖ ଦୁର୍ଦ୍ଦଶା ଘନେଇ ଆସେ । ପୁଣି ମନେ ପଡ଼େ ତାର ସଭ— "ଘନ ଦୁଃଖୀ କାରୋଣୀ ସଭା ।" ସହରର ଉଦ୍ଭାସ

Digitized by srujanika@gmail.com

ସମାଜର ଅଧିନାୟିକା ବାସନ୍ତୀ । ତାର ଏ ସଭ୍ୟପଦ୍ଧତିରେ ପ୍ରତାଡ଼ିତ, ନିଷ୍ପେଷିତ, ପଦଦଳିତ ସମାଜଦୁଃଖୀ ଓ ଦୁଃଖିନୀର ଦୁଃଖ ନିବାରଣ ହୋଇଛି—ଆଜି ଘରେ କେବଳ ବ୍ୟଥାର ଅନଳ ଧୂ-ଧୂ ହୋଇ ଜଳୁଥାଏ ।

ପଲ୍ଲୁ କ୍ଷଣବିଳମ୍ବ ପରେ କହେ, "ବାବୁ ମା କହୁଥିଲେ, ସେ କାଶ୍ମୀର ଯିବେ । ମୁଁ କେଉଁଠି ରହିବ ବାବୁ ? ମୁଁ ବସାରେ ରହିବ ନାହିଁ – ମୁଁ ବି ଯିବ ।"

ଅନେକଦିନର ପୁରାତନ ଭୃତ୍ୟ ସେ—ମନଟା ଦମିଛଡ଼ା ହୁଏ । କଥା ଫେରେଇ ପୁଣି ପଚାରେଁ, "ଅଚ୍ଛା ପଲ୍ଲୁ କେବେ ଏକଥା ସେ କହୁଥିଲେ ?"

"କାଲି କହୁଥିଲେ ବାବୁ ।"

ମାନସପଟରେ ଆଉ ଏକ ବିହ୍ୱଳ ଓ ଉଦାସିନ ଛବି ଜାଗି ଉଠେ – ଏ କି ଅନ୍ୟାୟ ! ଗୃହରେହିଁ ରହିଛି, ସେ ଅପ୍ରୀତିକର ଜଗଦ୍ଦଳ ବନ୍ଧନ – ଆଉ ନାହିଁ ତ, ଏଥର ମୁକ୍ତି ଦିଅ – ।

ପଲ୍ଲୁ ପୁଣି ଆପତ୍ତି ଜଣାଇ ଅନୁନୟ ସ୍ୱରରେ ପଚାରେ, "ମୁଁ ଯିବ ବାବୁ ।"

କଥା ନ ସରୁଣୁ ପଲ୍ଲୁ ଅକସ୍ମାତ୍ ସନ୍ତ୍ରସ୍ତ ହୁଏ ବାସନ୍ତୀର ଦ୍ରୁତ ପଦଧ୍ୱନି ଶୁଣି । ସେ ତତ୍‌କ୍ଷଣାତ୍ ସେଠାରୁ ଅନ୍ତର୍ହିତ ହୋଇଯାଏ ।

ବାସନ୍ତୀ ବନ୍ଧୁର ପାଖାପାଖି ଲଗି ବସେ – ସନ୍ଧ୍ୟାର ଅନ୍ଧକାରରେ ଜ୍ୟୋତିର୍ମୟୀ ପରୀ ପରି ।

ମୁଁ ଭୀତ-ଚକିତ କଣ୍ଠରେ ପଚାରେ, "ସଭା କେମିତି ଚାଲିଲା ବାସନ୍ତୀ ?" ବାସନ୍ତୀ କୌଣସି ଜବାବ ଦିଏ ନାହିଁ । ନୀରବ ନିସ୍ପନ୍ଦ ହୋଇ ବସିଥାଏ । ଦକ୍ଷିଣ ଆକାଶରେ କେତେ କଥାର ପ୍ରଶ୍ନ ଉଠେ, ଅସ୍ପଷ୍ଟ ସ୍ୱରରେ ପୁଣି ପଚାରେ, "ଅଚ୍ଛା ବାସନ୍ତୀ, ଆଜି ବୈଠକରେ ତାହା ହେଲେ ଦେଶ ହିତକର କି କି କାର୍ଯ୍ୟ କଲ ?"

ଗମ୍ଭୀର ଭାବାପନ୍ନା ବାସନ୍ତୀ ବନ୍ଧୁର ଏ ପ୍ରଶ୍ନର ଜବାବ ନ ଦେଇ ବ୍ୟଗ୍ର ହୋଇ କହିଲା, "ସେ ସବୁ କଥା ଛାଡ଼ ବନ୍ଧୁ, ଆଗେ କହିଲ ତୁମେ ତା'ହେଲେ କାଶ୍ମୀର ଯାଉଛ ?"

ଜବାବ ପରେ ପ୍ରଶ୍ନର ଉଦ୍ରେକ ଦେଖି ମୁଁ ସ୍ତବ୍ଧ ରହିଲି, ଓ ଉତ୍ତର ଦେଲି, "ଅବଶ୍ୟ ଯିବି" ଅନ୍ୟମନସ୍କ ଭାବରେ – "ହଁ, ବିନମ୍ର ତାର ଗାର୍ହସ୍ଥ୍ୟ ଜୀବନ – ଶସ୍ତା ଦାମରେ ବିକୁଛି । ତାରପରେ ଗାଡ଼ୀ ନେଇ ତାହାର ପଡ଼ିବ ବେଙ୍କ ଅଜଣାର ପଥରେ, ମନରେ ଅତୀତ ବର୍ତ୍ତମାନର ବେଦନାପୁଞ୍ଜ ବହି – ମୂକସ୍ମୃତି ପଟରେ ହେବ ସାହାରା ପାଖୀ ।"

ଉଦ୍‌ଗ୍ରୀବ ବାସନ୍ତୀ ଅଧିକ ଅଧୀର ହୋଇ ପଡ଼ିଲା— "ତା ପରେ ?"

"ତାପରେ ଯେଉଁଠି ସୃଷ୍ଟି ହେବ, ସେଇଠି ବାନ୍ଧିବ ନୀଡ଼ – ଯାପିବ ସେ ଯାମ । ତହିଁ ଅଉନ୍ଦନ ପୁଣି ମୋ ବୁକୁ ତଳେ ଅଜଣା ମରୁରେ ପାଦ ଥାପୁଥିବ ନବୀନ ଅନାସକ୍ତିରେ...।" – ମନ ମୋ ଭରି ଉଦାସ ହୋଇ ଆସିଲା । • •

ପ୍ରେମାତୁର ବାସନ୍ତୀ ଅନୁଯୋଗ ସ୍ୱରରେ କହିଲା, "ଅଭିନୟ କରୁଛ ବନ୍ଧୁ ?"

"– ଅଭିନୟ କଣ ଜାଣେନାହିଁ ବାସନ୍ତୀ, ତମେ ଏମିତି କାହିଁକି କହୁଛ ?" ମୁଁ ମନରେ କଳ୍ପନା କରି କଥା କହି ପାରେନାହିଁ ।

ବାସନ୍ତୀ ପୁଣି କହେ, "ମୁଁ ତେବେ କ'ଣ ତୁମ ପଥର କଣ୍ଟକ ହୋଇଛି ?"

"ସେ ପ୍ରଶ୍ନ ଅବାନ୍ତର – ଅବାନ୍ତର ବାସନ୍ତୀ !"

"ଅବାନ୍ତର ?"

"ହଁ ଅବାନ୍ତର ! ଅବାନ୍ତର ନୁହେଁ ତ କଣ ? ତୁମେ ଶକ୍ତିମୟୀ, ମୁଁ ଦୁର୍ବଳ – ତେଣୁ ମୁଁ ପଳାଇଯିବାକୁ ଚାହେଁ – ତୁମେ ଥାଅ ତୁମର ସାମ୍ରାଜ୍ୟରେ ସାର୍ବଭୌମ ସାମ୍ରାଜ୍ଞୀ ହୋଇ......।"

ବାସନ୍ତୀ ପଚାରେ, "ଉପହାସ କରୁଛ ତେବେ ?"

"ନା, ନା କଦାପି ନୁହେଁ ।" ମୁଁ ଉତ୍ତର ଦିଏଁ ।

ବାସନ୍ତୀ ଚକିତା ହୋଇ ପଚାରେ, "ତେବେ ?"

ମୁଁ ବୁଝାଇବାକୁ ଚେଷ୍ଟା କରେଁ, "କାରଣ, ମୁଁ 'ତୃପ୍ତି' ରକ୍ଷା କରିବାକୁ ବର୍ତ୍ତମାନ ସଂପୂର୍ଣ୍ଣ ଅସମର୍ଥ ।"

ମୁକ୍ତାକାନ୍ତି ପରି ବାସନ୍ତୀର ହସ – ଅନ୍ଧାରକୁ ସ୍ୱପ୍ନ କରିଦିଏ । ବାସନ୍ତୀ ସ୍ମିତ ଚକିତ ହୋଇ ବୁଝିବାକୁ ଆଗ୍ରହ ପ୍ରକାଶ କରେ – "ତେଣୁ ତୁମେ କାଶ୍ମୀର ଯାଉଛ, କାଶ୍ମୀର-ବଧୂର ତତ୍ତ୍ୱ ଜାଣିବା ଆଶାରେ ।"

"ସେ ଶକ୍ତି ମୋର ନାହିଁ ଯାହା ଅନାୟାସ ସହକାରେ ବାନ୍ଧି ରଖିପାରେ ।"

Digitized by srujanika@gmail.com

—ଏକଥା କହିବା ପରମୁହୂର୍ତ୍ତରେ ଜୀବନର କେଉଁ ନିଭୃତତମ କୋଣରେ ବ୍ୟଥାର ସୁର, ଦୁଃଖର ବୀଣା ତନ୍ତ୍ରୀରେ ତାଳ ଉଠେ ।

ବାସନ୍ତୀ ଥଳାପାଇ ଅସମ୍ଭାଳ ନହୋଇ ପୁନଃ ପ୍ରତିବାଦ କରି କହେ, "ଶକ୍ତି ନାହିଁ, ଜାଣବନ୍ଧୁ ଯୁଗେ ଯୁଗେ ପୁରୁଷ ଚନ୍ଦ୍ରଗାମୀ......।"

ମୁଁ ବ୍ୟଥିତ କଣ୍ଠରେ ମୃଦୁ ମୃଦୁ କହେଁ, "ଏ ତୁମର ଦୁଃଖନିବାରଣୀ ସତ୍ତା ନୁହେଁ ବାସନ୍ତୀ !"

ବାସନ୍ତୀ ପଚାରେ, "ମୁଁ କଣ ତୁମକୁ ଭଲ ପାଏଁ ନାହିଁ ବନ୍ଧୁ ?"

ମୁଁ ଉତ୍ତର ଦେଇଥିବ ଦିଏ – "ଜାଣେନାହିଁ ବନ୍ଧୁ !"

ଏ ଅପ୍ରତ୍ୟାଶିତ ଉତ୍ତର ପାଇ ବାସନ୍ତୀ ଛଳଛଳ ଅଶ୍ରୁପୂର୍ଣ୍ଣ ନୟନରେ କହେ, "ବେଶ୍ – ଯିଏ ଭଲପାଏ ସେଇଠିକି ଯାଅ !"

ଦୁର୍ଜ୍ଞେୟ ରହସ୍ୟ ଭିତରେ ଦିନଗୁଡ଼ିକ ହେବାକୁ ପଡ଼େ । ଅକାଶ ମାର୍ଗରେ ଗ୍ରହ ଉପଗ୍ରହମାନଙ୍କର ଭ୍ରମଣ ପରିଭ୍ରମଣ ଚଳେ । ରଜନୀର ଅବର୍ତ୍ତନ ହୁଏ । ମଳୟ-ଫୁଲର ଗନ୍ଧ ବିତରଣ କରେ ।

ସହସା ଅଶି ଅନ୍ତରାଳରେ ଦେଖେଁ ବାସନ୍ତୀ ଚନ୍ଦନୋଦ୍ୟତ—"ଏକ'ଣ ବାସନ୍ତୀ ! ତୁମର ନୟନ ଯୁଗଳ ଅଶ୍ରୁସିକ୍ତ ଯେ ? କ୍ଷମାକର ବାସନ୍ତୀ ।'

ଅଶ୍ରୁପୋଛି ସେ କହେ,—"ଯାର ଭଲ ପାଉଥାନ୍ତି କିମ୍ବା ସେ ଧନରୁ ଭଲ ପାଇବାକୁ ଚେଷ୍ଟା କରିଥାନ୍ତି ତା'ହେଲେ ବୁଝନ୍ତି ଯେ ବାସନ୍ତୀ ତୁମର.........।"

ଏକ ନିଷ୍ଠୁର ପରିଣାମ ।— "ମୁଁ ତୁମକୁ ଭଲ ପାଏ-ନାହିଁ ?" ଅଶ୍ରୁର୍ନିଯାତ୍ରି ହୋଇ କହେଁ ।

ବ୍ୟାକୁଳା ତରୁଣୀ ଅଧୋବଦନା ହୁଏ, କ୍ଷୋଭଭରା ହୋଇ କହେ, "ନା, ନିଶ୍ଚୟ ପାରନା । ତୁମେ ଯାଅ ବନ୍ଧୁ, ତୁମେ ହେବ ଦେଶ ବରେଣ୍ୟ – ତୁମେ ଭବିଷ୍ୟ ପର ଭାଷା ପ୍ରତ୍ୟାଶା କରିବ କି ଅଶାରେ ତୁମ ମାନସଲକ୍ଷ୍ମୀ ହେବ ।"

ତରୁଣୀର ଏକ କ୍ଷୋଭ – ଏକ ଅଭିଯୋଗ ? ଖ୍ୟାତ କବିତ ତରୁଣୀର ଏ ଉଦ୍ବେଳିତ, ପିପାସିତ ପ୍ରାଣରେ ପ୍ରବୋଧ ଦେବାର ବୃଥା ପ୍ରୟାସକରି ପଚାରେଁ, "ବାସନ୍ତୀ, ତୁମେ କ'ଣ ଅସୁସ୍ଥ ?"

"ହଁ, ଅସୁସ୍ଥ ବନ୍ଧୁ । ମୁଁ ତୁମକୁ କେଉଁଆଡ଼େ ବି ଯିବାକୁ ଦେବନାହିଁ ।" ସ୍ପଷ୍ଟହୋଇ ବାସନ୍ତୀ ଉତ୍ତର ଦିଏ ।

ଉତ୍ତର ଦେଇ ସାରିଲା ପରେ ଯୌବନର ପ୍ରଥମ ପାହାଚ ସୋପାନର ଅରୋହଣୀ ଦେହରେ ତରୁଣୀ ନାରୀ ଅକଣ୍ଠ ପିପାସା ଯେପରି ବନ୍ଧୁର ପାର୍ଶ୍ୱଭିତ୍ତି ଦେଇ – ଅନ୍ତର ହୃଦରେ ଯୌବନର ଉଦ୍ଦାମତାରେ ସେ ବ୍ୟଗ୍ର ହୋଇ କହିଲା, "ତୁମେ କେଉଁଆଡ଼େ ଯାଇପାରିବ ନାହିଁ ବନ୍ଧୁ ! ନାରୀର ଏ ହୃଦ-ପିଞ୍ଜରରେ ଅବଦ୍ଧ ହୋଇ ରହିବ ।"

ଅନିକ ଉପରେ ସହସା ଅଲୋକ ପ୍ରଜ୍ଜ୍ୱଳିତ ହେଲା । ବାସନ୍ତୀର ମୁକୋମଳ ସରସ ହାତ ଚିହ୍ନାଇନେଇ କହିଲି - "ବାସନ୍ତୀ, ତୁମେହିଁ ବିଜୟିନୀ ।"

ଅଧିର ବାସନ୍ତୀ ଅଲିଙ୍ଗନର ଅବେଶରେ ବନ୍ଧୁର ଛାତି ପଟରେ ତରୁଣୀର ବକ୍ଷପାତ ଢଳି ପଡ଼ିଲା । ଲଜ୍ଜିତ ଅଭିମାନ-ଭରେ କହିଲା, "ବନ୍ଧୁ, ତୁମେ ଏ ଦୁର୍ବଳତାକୁ ସ୍ଥାନ ଦିଅନାହିଁ ବରଂ ଲଜ୍ଜାନ ଦେଇ ଅପଣାଇ କରିନିଅ । ଧନ୍ୟ ଅମେ ପ୍ରେମିକାନିକ ବନ୍ଧୁ ନୋହୁ – ଦମ୍ପତି ।"

→•(○)•←

## WANTED

A Sole agent to Sell 'Dagaro' for Cuttatk town. For terms apply to.—

Dagaro Office

P. O. Bhadrak.

(B. N. Ry.)

Digitized by srujanika@gmail.com

# —ଅପୂର୍ଣ୍ଣ—

— କୁମାର ଶରତ୍‌କାନ୍ତ ଭୂୟାଁ

( ୧ )

ଗଳ୍ପ ଲେଖା ଆଉ କବିତା ଲେଖା ଯଦି ସମସ୍ତଙ୍କ ହାତରେ ହେଉ ଥାଆନ୍ତା ତାହାହେଲେ ତାର ପରିସର ଏଇ ଛୋଟିଆ ପତ୍ର ପତ୍ରିକାରେ ସୀମାବଦ୍ଧ ହୁଅନ୍ତା ନାହିଁ ।

ଠିକ୍ ସେମିତି ପ୍ରେମ କରିବାଟା ବି ସମସ୍ତଙ୍କ ଦ୍ୱାରା ହୋଇ ପାରେନା—ଏଇଆ ଥିଲା କିଶୋରର ମତ ।

ତେବେ ସେ ଏଥିପାଇଁ କେବେ ଅସନ୍ତୋଷ କରେନା କାରଣ ସେ ଭଲ ଭାବେ ବୁଝିପାରିଥିଲା ମନୁଷ୍ୟର ଗୋଟାଏ ସମୟ ଅଉ ସୁଯୋଗ ଆସେ ଯେତେବେଳେ ପ୍ରେମଟା ଆପେ ଆପେ ଅଙ୍କୁରି ଉଠେ । ତା ମୂଳରେ ରହିଥାଏ "ଦୁଇ ଚକ୍ଷୁର ମିଳନ" ।

ତାପରେ ପରେ ଆସେ ଧ୍ରୁବ ପ୍ରେମ — ଏଇ ପ୍ରେମକୁ କେନ୍ଦ୍ରକରି କେତେ କବିତା ଆଉ ଉପନ୍ୟାସର ସୃଷ୍ଟି । ତାଜମହଲର ପଥର ବୁକୁର ଶିଳ୍ପୀର ମଜନ ହଞ୍ଜି— ଟୋଲ୍ପ ଟାଡ୍ରୀଗ ଅଂଗଲ — ହେ ଥେନ୍ ହେଲେନାର ଗନ୍ଧ । ଇମିତି କେତେଟା ନେଇ ମନୁଷ୍ୟ ଲେଖେ କବିତା ବା ଉପନ୍ୟାସ । ସାହିତ୍ୟର ସୃଷ୍ଟି କଅଣ କେବଳ ଏଇଥି ଲାଗି— ମନୁଷ୍ୟ କବିତାର ଉପାଦାନ ପାଏ କେବଳ ଷୋଡ଼ଶୀ ରୂପସୀ ଠାରୁ । କିନ୍ତୁ ଠିକ୍ ସେଇ ରୂପସୀ ଯେତେବେଳେ ବର୍ତ୍ତମାନର କଷାଘାତରେ ତାର ରୂପମାଧୁରୀ ହରାଇ ଗୋଟାଏ ହାଣ୍ଡି ଧରି ବାଟରେ ଠିଆହୁଏ ବର୍ତ୍ତମାନର ସବୁକୁ ଉପହାସ କରି । କବି ଆଖି ବୁଲାଇନିଏ— କବିତାରେ ସ୍ଥାନ ନାହିଁ ଦୁର୍ଭିକ୍ଷ ପ୍ରପୀଡ଼ିତାର— କବିତାରେ ସ୍ଥାନ ନାହିଁ ନରକଙ୍କାଳିର..................... ମେହ୍ଲାରି ଛବି ଆଉ ତାର କବିତା ।

କିଶୋର ଆଉ ଆଗକୁ ଭାବି ପାରିଲା ନାହିଁ, ତାର ଭାବନାରେ ବାଧାଦେଲା ଦୟାନିଧି ତାର କ୍ଲାସ ସାଙ୍ଗ । ଦୁହେଁ ପୁଣି ଫେରିଗଲେ କଳ୍ପନା ରାଇଜକୁ— କିଶୋର କହିଲା...... ଦୁନିଆ ଜୀବନର ସଫଳତା......ପୁଣି ଯେମିତି ଭାନୁ ପଣ୍ଡିତେ Hostel Superintendent ଦୟାନିଧି କହିଲା ବାସ୍ତବିକ୍ ସେ ଚେହେରା ଦେଖିଲେ ମାନବ ବନ୍ଧୁଜନଙ୍କର— ନମସ୍କାରେ କିଶୋର———?

କିଶୋର ଚାହିଁଲା ଖୋଲା ଝରକା ସେ ପାଖକୁ— ଦେଖା ଭାବୁ କିରାଣୀଙ୍କ ଘରଟା × × ×

ପିଲାଙ୍କୁ ଅଙ୍କ ଶିଖ ହୋଇଛି ଗୋଟିଏ କିଶୋରୀ, ମୁଣ୍ଡର କଳା କେଶଗୁଡ଼ା ଖୋଲିପଡ଼ିଛି ତଳକୁ । ଆଉ ତାର ଉଦାନ୍ତଟାକୁ ଡାହାଣ ହାତରେ ଧରି ସେ ରହିଛି ଠିକ୍ ଯେମିତି ଅଣ୍ଡକୁ... ଦୟାନିଧିକୁ କିଛି ନକହି କିଶୋର ଉଠିଗଲା ବାହାରକୁ । କିଶୋରଙ୍କ ଚେହେରା ପଶିଗଲା ଭିତରକୁ— ଦୟାନିଧି କହିଲା କେଣ୍ ହେଲା କିଶୋର ବାବୁ ଏଥର ଲେଖିଁ କବିତା...... କବି ତ ବାବା ତୁମେ ? କିଶୋର କହିଲା, ଦୟାନିଧି ସେ କିଏସେ—? ଦୟାନିଧି ବଡ଼ ଗର୍ବରେ ଉତ୍ତର ଦେଲା ଆରେ ଟୋକା ବୁଝୁନୁ— ଭାନୁ ପଣ୍ଡିତେ ସଞ୍ଜବେଳେ ଯାହାଙ୍କୁ ପଢ଼ାଇବାକୁ ଯାଆନ୍ତି, ନାଁ ଟା ତାର ମୁଧା... ...ହୋଇଲା କିଣିହୁଏ ବଡ଼ ପ୍ରାଇଜ, ମୋଟ କାହାଠିକି ଅଭାବ ନାହିଁ, ଯଦି ତୁ ପାରୁ ତାହାହେଲେ ତୋର କବିତା ଆଉ ଗଳ୍ପରେ ବାନ୍ଧିବାକୁ ଚେଷ୍ଟା କରନା— ।

( ୨ )

କିଶୋରର ଜୀବନରେ ଘଟି ଚାଲିଗଲା—
ସେ ସବୁଦିନେ ଦେଖେ ସ୍କୁଲଟାବେଳେ ମୁଧାକୁ.........
ତେବେ ଗୋଟାଏ କଥା କିଶୋର ଲକ୍ଷକରେ...... ଆଉ ତା ମନରେ ଉଠେ ଆଶା ନିରାଶାର ଝଡ × × ×

କିଶୋର ଚାହିଁଲେ ମୁଧା ଆଖି ତଳକୁ ନୁଆଁଏ ଆଉ କିଶୋର ପଢ଼ାକୁ ଆସିଲେ ମୁଧା ଆଗରୁ ଘରେ ଭିତରକୁ

Digitized by srujanika@gmail.com

ବାଃ ବାଃ ସାରଥୀ ଏ— କିଶୋର ପଛରେ ଦୟାନିଧିଙ୍କ । ଦୟାନିଧି indifferent ପରି ଉତ୍ତର ଦିଏ କ'ଣ ଜାଣି ବାବୁ ଏ ସବୁର ଅର୍ଥ ଅମେ ବୁଝୁନୁ । ତୁମେ କହ ତୁମେ ବୁଝ ଅମେ ଜାଣୁ କେବଳ—

ସେ ରହିଯାଏ ।

କିଶୋର ଭାବେ ଅର୍ଥ ଭାବେ—

ମନଟା ତାର ଛକ୍ ହୋଇ ଉଠିଲା......ଦୟାନିଧି ଅସି ସବୁଦିନେ ପଚାରେ "କେତେଦୂର"? କିଶୋର କେବଳ ଛାଡ଼େ ଗୋଟାଏ ଦୀର୍ଘ ନିଶ୍ୱାସ........

ସେଦିନ ଦୟାନିଧି ଦେଇଗଲେ ଗୋଟାଏ 'My Magazine' କିଶୋରକୁ ପଢ଼ିବାକୁ......... ମନଟା ମୋଟେ ତାର ଭଲ ନଥାଏ । ତାର କାରଣ ସେ କ୍ଲାସକୁ ନିୟମିତ ରୂପେ ଯାଉ-ନାହିଁ ବୋଲି ପଣ୍ଡିତେ ବଡ଼ ବଡ଼ା କଥାରେ ତାକୁ ଗାଳି-ଦେଲେ । ମାଷ୍ଟରଙ୍କ ମନଟାକୁ ଟିକେ ସରସ କରିବା ପାଇଁ ପିଟାଇ ପଢ଼ାଇଲେ ମେଗାଜିନଟା ଅଗେ advertise-mentରେ ଅଖି ପଡ଼ିବା ମାତ୍ରେ ମାତ୍ରେ ସେ ଅନୁଭବ କଲା ତା ଛାତି ଭିତରେ ଗୋଟାଏ ପୁଲକ—

Challenge Rs. 5000/-
8th. Wonder of the World.
Mesmerised Vashikarn
Handkerchief:—

Seceed in love, etc. etc.

\+ \+ \+ \+

ତାର ମନ ଅନନ୍ଦରେ ନାଚି ଉଠିଲା......... ଗୋଟାଏ order ଦେଇଦେଲା ସାଙ୍ଗେ ସାଙ୍ଗେ...........

ତା ମନରେ ଖାଲି ଝଙ୍କ ମାରୁଥାଏ "ଏଥର ସୁଧା ରାଣୀ କାହାର ହେବ ?"

ଠିକ୍ ଦିନ ସାତଟି ପରେ ପାର୍ସଲ ଅସିଲା । ଅବେଗରେ ଖୋଲି ଦେଖିଲା ସୁନ୍ଦର ରୁମାଲଟି......ଯଦି ଏମ ଫେଲ ମାରେ ତାହାହେଲେ କମ୍ପାନୀ ଦେବେ ୫୦୦୦ ( ଅରେ ବାଃ ଦୁଇ ଅଢ଼ୁଇ ଲକ୍ଷ...... ରୁମାଲଟାକୁ ଛାତିରେ ଭିଡ଼ାଇଲା ...... ଦୟାନିଧି କହିଲା କ'ଣ କହେ— କିଶୋର ବଡ଼ ଚରିତ୍ରର ଉତ୍ତର ଦେଲା 'କାହିଁନା', ଦୟାନିଧି ଚାଲିଗଲା ଗୋଟାଏ କଣେଇକ ହସ ହସି........

ଘଡ଼ି କଣ୍ଟା ବୁଲି ଚାଲିଲା ଟିକ୍, ଟିକ୍, ଟିକ୍, ଟିକ୍, ଦୁଇଟା ବାଜିଲା

× × × ×

କିଶୋର ଅବେଗରେ ବାହାରିଗଲା ରୁମ ଭିତରୁ ବାରଣ୍ଡାକୁ .........ସୁଧା କେତେବେଳେ ଅଗରୁ ଅସି ଠିଆ ହୋଇ-ଥିଲା । ସେତେବେଳେ କିଶୋର ମନ ଭିତରେ ବାହ୍ୟ ଜଗତର କୌଣସି ଚିହ୍ନ ପଡ଼ି ପାରୁ ନ ଥିଲା......ସେ କହି ପକାଇଲା, "ସୁଧା ରାଣୀ ତୁମେ ମୋର; ନା......" ଏତିକି କହି ଗାର୍ଡ଼ ପଡ଼ାକୁ ଚାଲିଗଲା ପଛ ଦୁଇ ଗୁଣିଥର ରୁମାଲଟା ହଲାଇ ଦେଲା ଖୁବ୍ ଜୋରରେ..... ତାପରେ ଦୁଇ ହାତରେ ସେ ରୁମାଲଟାକୁ ଛାତିରେ ଭିଡ଼ି ଧରିଲା । ପର କ୍ଷଣରେ ସେ ଅନୁଭବ କଲା ତା ମୁଣ୍ଡରେ ତିବ୍ର ଯନ୍ତ୍ରଣା .....ଫେରି ଚାହିଁ ଦେଖେ ବାବୁ ପଣ୍ଡିତେ, ଅଖି ତାଙ୍କର ଲାଲ୍ ନିଆଁ ଫରଫେଇ ପଡ଼ୁଥିଲା । ପୁଣି ଥରେ ଗର୍ଜି ଉଠି ଦୁଇ ଗାଲକୁ ଦୁଇଟା ମଧ୍ୟାହ୍ନିକ ଚାପୁଡ଼ା କସି ଦେଲେ.........କିଶୋର ଶୁଣିଲା ଦୟାନିଧିର ଗୋଟାଏ ଲୁଚା ହସର ଅବାଜ୍ .....

କୋମ୍ପାନି ପାଖକୁ ଲେଖିବାକୁ ତାର ଇଚ୍ଛା ହେଲାନି— ଠିକ୍ ଗୋଟାଏ ପକ୍ଷ ପରେ ଦୟାନିଧି ଯେତେବେଳେ ଦେଶ ପାଣି ଖାଇ ଘର ବେଶ ହୋଇ କିଶୋରକୁ ଡାକିଲା— କହିଲା, "ମୋର ବାହାଘର ନିମନ୍ତ୍ରଣ.........ଯିବୁ ତ, କିଶୋର ? ତୋତେ ସୁଧା ରାଗ ।" କିଶୋର ଚମକି ଉଠିଲା......

ଠିକ୍ ମଙ୍ଗଳ ଉତ୍ସବର ଘଣ୍ଟା ବାଜି ଉଠିଲା ବେଳକୁ କିଶୋର ରୁମାଲଟା ବାଁ ହାତରେ ଧରି ଡାହାଣ ହାତରେ ଧଇଁସଇଁ ଧରିଲା.........

ତା ଏକାଉଣ୍ଟରେ ପାଟିରୁ ବାହାରି ପଡ଼ିଲା—

"Foolish"

——※——

# ଚିଠାଉ—

## 'ଡଗର' ସମାଲୋଚନା ସମ୍ବନ୍ଧରେ

( ଶ୍ରୀ ସଚ୍ଚି ରାଉତରାୟ )

ପ୍ରିୟ 'ଡଗର' ସଂପାଦକ ମହୋଦୟ,

ଆପଣଙ୍କ ୧୨ଶ ସଂଖ୍ୟା 'ଡଗର'ରେ ମୋର 'ପଦ୍ମଭୃଙ୍ଗ' ନାମକ କବିତା ସମ୍ବନ୍ଧରେ ଆପଣଙ୍କ ଟିପ୍ପଣୀ ପଢ଼ିଲି। 'ତୋଳିବା' ଶବ୍ଦକୁ ବଙ୍ଗଳା ଅର୍ଥରେ ଅର୍ଥାତ୍ 'ଉଠାଇବା' ଅର୍ଥରେ ମୁଁ ବ୍ୟବହାର କରିଥିବାରୁ ଆପଣ ଆପତ୍ତି କରିଛନ୍ତି। ଆପଣ ଲେଖିଛନ୍ତି 'ତୋଳିବା' ଶବ୍ଦ ଓଡ଼ିଆରେ 'ଚୟନ' ଅର୍ଥରେ ପ୍ରୟୋଗ ହୁଏ, ଯଥା 'ଫୁଲ ତୋଳିବା'। ଆପଣଙ୍କ ଉଦାହରଣଟି ପଢ଼ି ମୋର ମନେ ହେଉଛି ଆପଣ ଯାହା ଲେଖିଛନ୍ତି ତାହା ବୋଧହୁଏ ଠିକ୍। କିନ୍ତୁ ଓଡ଼ିଆରେ ପୁଣି ତ 'ଦେଉଳ ତୋଳିବା', 'ଘର ତୋଳିବା' ହେଲେ। ଏଠାରେ ତୋଳିବା ଅର୍ଥ ଖାଲି 'ଗଢ଼ିବା' ନୁହେଁ, ଧୀରେ ଧୀରେ କ୍ରମିକ ସମନ୍ୱୟରେ ଉପରକୁ ଉଠାଇବା। ଧର୍ମଜଗତରେ 'ପୁଷ୍ପୋତ୍ତୋଳନ' ଯଦି ସମ୍ଭବ ହେଲା, ଓଡ଼ିଆରେ 'ଫୁଲ ତୋଳିବା' କାହିଁକି ଅପପ୍ରୟୋଗ ହେବ? ଅବଶ୍ୟ ଏ କଥା ଠିକ୍ ଯେ ଏଇ ଶବ୍ଦଟି ବ୍ୟବହାର କଲାବେଳେ ମୁଁ ଏତେ କଥା କମାଉ ଭାବି ନଥିଲି। ମୁଁ ଏହାକୁ ବିଶେଷ [illegible] ବଙ୍ଗଳା ଅର୍ଥରେ ଅର୍ଥାତ୍ 'ଉଠାଇବା' ଅର୍ଥରେ [illegible] ସାରନରେ ଏବଂ କବିତାର ଦେଉଳରେ [illegible]। ତାର କାରଣ କବିତାଟିର ରଚନା ସବୁବେଳେ [illegible] ବଙ୍ଗଳା କାଗଜ ପାଇଁ କବିତା ଲେଖି ଲେଖି [illegible] ଏ ଦୁଇ ଭାଷା ଭିତରେ ଥିବା ପାର୍ଥକ୍ୟ କ୍ରମେ [illegible] ଦେଖୁଛି। ଲେଖିଲାବେଳେ ମୋର [illegible] ଯେ ଏହା ଓଡ଼ିଆରେ ମହାବଣି [illegible] ପଡ଼ିବ। ଯାହାହେଉ, ଆପଣ ମୋ ଭୁଲ ଦେଖାଇ [illegible] ଯୋଗୁଁ ମୁଁ କୃତଜ୍ଞ। ଆପଣ 'ଫୁଲ ତୋଳିବା' [illegible] ଦେଇ ନଥିଲେ ମୁଁ ଆପଣଙ୍କ କଥାକୁ [illegible] ଉଡ଼ାଇ ଦେଇଥାନ୍ତି ଏବଂ ନିଜର [illegible] ବିଶେଷ ଭୁଲ କରି ବସିଥିଲି, ତାହା ଏବେ [illegible] ନଥାନ୍ତି। କିନ୍ତୁ ମୋ 'ଦେଉଳ ତୋଳିବା' [illegible] 'ଫୁଲ ତୋଳିବା' ଉଦାହରଣରେ ଆପଣ [illegible]? ସଂସ୍କୃତ 'ଉତ୍ତୋଳନ'ର ଓଡ଼ିଆ ଅପଭ୍ରଂଶ [illegible] କାହିଁକି? 'ତୋଳିବା' ଅର୍ଥ [illegible] ସେଥିରେ 'ଉଚ୍ଚ' ପ୍ରତିଶବ୍ଦ କରାଯାଇ ପାରନ୍ତା [illegible]।

ଦ୍ୱିତୀୟ କଥା, ଆପଣ ଏ କବିତାଟି ଅଂଶ [illegible] ବୋଲି ଲେଖିଛନ୍ତି। ଆପଣ ଯେଉଁ କବିତା [illegible] ବୋଲି ଲେଖିଛନ୍ତି ମୁଁ ତାହା ଅନୁ ମରାଠି ଦୁଇଟି ଯାକ ପଢ଼ିଲି, କିନ୍ତୁ କାହିଁ, ମୋର ତ ସେପରି କିଛି କମା ମନେ ହେଲାନାହିଁ, ଭାଷା, ଭାବ, ଅଙ୍କନ, ଶୈଳୀ, ବିଷୟବସ୍ତୁ ଏବଂ ଛନ୍ଦ ସବୁ ବିଷୟରେ ଦୁଇଟିଯାକ ସ୍ୱତନ୍ତ୍ର ଜିନିଷ; ଖାଲି ସେତିକି ନୁହେଁ ଉତ୍କର୍ଷତା ଦିଗରୁ ମଧ୍ୟ ଆପଣ ମୋ କବିତା ସଙ୍ଗରେ ଉକ୍ତ ଅପରପକ୍ଷ କବିତା ଲେଖାଟିର ନାମ ନ ନେଇ-ଥିଲେ ମୋ ପ୍ରତି ଅଧିକ ସୁବିଚାର କରିଥାନ୍ତେ। ସବୁ ଦିଗରୁ ଦୁଇଟି ଯାକ ସଂପୂର୍ଣ୍ଣ ସ୍ୱତନ୍ତ୍ର ଏବଂ ଅଲଗା ଜିନିଷ। କେବଳ ଠାଏ ଦୁଇଠାଏ ସାମଞ୍ଜସ୍ୟ ମୋ ଆଖିରେ ପଡ଼ିଲା—ଯେଉଁଥି-ଯୋଗୁଁ ମୁଁ ମନେ କରୁଛି ଯେ ଆପଣଙ୍କର ହୁଏତ ଏପରି ଭୁଲ ଧାରଣା ହେଲା। ତାହା ହେଉଛି "ଅର୍ଜୁନଙ୍କର ବୃହନ୍ନଳା ସାଜି ନଟ ବେଶ ଗ୍ରହଣ କରିଥିବା" ପୌରାଣିକ ଉପାଖ୍ୟାନଟିର ଭିନ୍ନ ଭାବରେ ଉଲ୍ଲେଖ। ଏହି ବିଷୟଟି ମହାଭାରତର ଅନ୍ତର୍ଗତ ଏବଂ ଏହା ଖାଲି ଏଇ କବିତାରେ ନୁହେଁ, ଏକାଧିକ ବଙ୍ଗଳା କବିତାରେ ( ଯେପରି ବୁଦ୍ଧଦେବ ବସୁଙ୍କ 'ପୂର୍ବରାଗ'ରେ ) ପ୍ରାୟ ଏକଇ ଅର୍ଥ ଏବଂ ଉଦ୍ଦେଶ୍ୟରେ ଏଇ ଦୁଇ କାମାସ ମଧ୍ୟରେ ବ୍ୟବହୃତ ହୋଇଥିବ। ମାତ୍ର କେହି ତ କାହାକୁ ଏଥିପାଇଁ ଦୁଷଣୀୟ ବୋଲି କହି ନାହିଁ। କେବଳ ଏଇ ପ୍ରାଚୀନ allegoryଟିକୁ ଭିନ୍ନ ଭିନ୍ନ ଏବଂ ଭଙ୍ଗୀରେ ଗ୍ରହଣ କରିଥିବା ଯୋଗୁଁ ଆପଣ ସମ୍ପ୍ରଦାୟ କେତେକଙ୍କୁ "ଅଂଶିକ ଅନୁକରଣ" କହିଲେ କିପରି! ମୋର ଏଇ କବିତାଟିର ଅଧିକାଂଶ ଭାଗ ମଧ୍ୟ ଏହିମଧ୍ୟରୁ 'ଚିତ୍ରାଙ୍ଗଦା' ନାମ ନେଇ 'ଅଳକା' ନାମକ ବଙ୍ଗଳା ମାସିକ ପତ୍ରର ୧୩୫୦ ସାଲ ବୈଶାଖ ସଂଖ୍ୟାରେ, ଏବଂ ପରେ 'ଯୁଗାନ୍ତର' କାଗଜର ରବିବାର ସଂଖ୍ୟାରେ ଏହାର ଆଉ କେତେକ ଅଂଶ ମଧ୍ୟ ବାହାରିଥିଲା। ମୋର ଏ ଦୁଇଟିଯାକ କବିତାରୁ କିଛି କାଟଛାଟ କରି ଏବଂ ନୂଆ ଭାବରେ ଓଡ଼ିଆରେ ଲେଖି ମୁଁ 'ଡଗର'କୁ ପଠାଇଥିଲି। ପ୍ରଥମେ କବିତାଟିକୁ ବଙ୍ଗଳାରେ ଲେଖି ପରେ ଓଡ଼ିଆ କରି ପଠାଇଥିବା ଯୋଗୁଁ ଯଦି ଠାଏ ଠାଏ 'ତୋଳି' ଭଳି ଶବ୍ଦ ରହିଯାଇଥାଏ, ତେବେ ମୁଁ ସେଥିଲାଗି ଦୁଃଖିତ। ଆପଣଙ୍କ ସମାଲୋଚନା ମୋତେ ଢେର୍ କାମ ଦେବ।

'ଡଗର'ର ଅନ୍ୟାନ୍ୟ ଲେଖା ମଧ୍ୟରେ ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳଙ୍କ 'ଶୋକ-ସଭା' ଏବଂ ଆପଣଙ୍କ ମହାଶୂନ୍ୟ ଟିପ୍ପଣୀ ଢେର୍ ଭଲ ଲାଗିଛି। ଆପଣ ମୋର ନମସ୍କାର ନେବେ। ଇତି।

ସଚ୍ଚି ରାଉତରାୟ

(ସଂପାଦକଙ୍କ ଜବାବ ୧୫ ପୃଷ୍ଠାରେ ଦେଖନ୍ତୁ)

Digitized by srujanika@gmail.com

କବିତା——

# "ତାହାରି ପାଇଁ"

ଶ୍ରୀମତୀ ସ୍ୱର୍ଣ୍ଣଲତା ଦେବୀ

ତାହାର ପାଇଁ ତ ଅମା ଅନ୍ଧକାରେ
ଚଳିଲି ମୁଁ ନେଇ ବ୍ରତ,
ତାହାର ପାଇଁ ତ ସବୁ ଠେଲିଦେଇ
ପଥରେ ବାନ୍ଧିଲି ଗତ ।
ତାହାର ପାଇଁ ତ ନରକ ପୁରକୁ
କଲି ସ୍ୱରଗ ଭୁବନ,
ତାହାର ପାଇଁ ତ ଘୋର ବନାନ୍ତକୁ
ମଣିଲି ନନ୍ଦନ ବନ ।
ତାହାର ପାଇଁ ତ ଅମାବାସ୍ୟା ନିଶାରେ
(ମୋ) ପୁନେଇଁ ଲୁଦଛି ଉଏଁ,
ତାହାର ପାଇଁ ତ ମରଣ ଭିତରେ
(ମୁଁ) କେତେ ଦୁଃଖ ବ୍ୟଥା ସହେ ।
ତାହାର ପାଇଁ ତ ସତତ ଲୁଣ୍ଠିଛି
ହାତେ ଟେଢ଼େ ମୋର ଖାଣ୍ଡି,
ତାହାର ପାଇଁ ତ ଜୀବନ ଦୀପକୁ
ଜାଳୁଥାଏ ଝାଣେ ବସି ।
ତାହାର ପାଇଁ ତ ପହଣ୍ଡେ ଖେଳାଇ
ଆନନ୍ଦ-ପ୍ରୀତି-ଲହର,
ତାହାର ପାଇଁ ତ ନୀରସ ହୃଦୟ
ବହଇ ସୁଧାର ବାରି ।
(ଭାବେ) ତାହାର ପାଇଁ ତ ରବଇ କୋଇଲି
ପଞ୍ଚମେ ରାଗିଣୀ ଧରି,
ତାହାର ପାଇଁ ତ ଅଦିନେ ବସନ୍ତ
ବହିଇଛି ଥିରି ଥିରି ।
ତାହାର ପାଇଁ ତ ଧୁତୁରା ଫୁଲକୁ
ପାରିଜାତ ମନେ କରେ,
ତାହାରି ପାଇଁ ତ ଅଗୁରୁ ଚନ୍ଦନ
ବୋଳି ହୁଏ ମୁଁ ଅଙ୍ଗରେ ।
ତାହାରି ପାଇଁ ତ ରଜନୀ ମଧ୍ୟରେ
ନୀରବ ଅଶ୍ରୁଟି ଢାଳେ,
ତାହାରି ପାଇଁ ତ ହୃଦୟ ମନ୍ଦିରେ
ଜାଗର ଦୀପକୁ ଜାଳେ ।

* * *

ତୁହେଁ ସହୋଦର, ଜ୍ଞାତି, ବନ୍ଧୁ କିବା
ଜନକ ଜନନୀ ତୁହେଁ,
ତେବେ କାହା ମୁହଁ ସାର ଦେବା ନିଶି
ତାହା ଲାଗି ଧାଡି ହୁଏଁ ?
ଥିବ ଯେବେ ଭକ୍ତି ତାଙ୍କରି ପଦ୍ମରେ
ଭେଟିବି ଦିନେ ଏ ଜୀବନେ,
ଅଥବା ମିଳନ ହେବ ତାଙ୍କ ସନେ
ନିତ୍ୟ, ସତ୍ୟ ସେ ଭୁବନେ ।

Digitized by srujanika@gmail.com

# କାକିଆ ବଳଦ ଗାଲ୍ପ ଗାଲ୍ପ........

ସଂଗ୍ରାହକ:—ଶ୍ରୀମାନ୍——

ଜଣେ ଅନ୍ୟମନସ୍କ ପ୍ରଫେସର ଓ ତାଙ୍କର ସ୍ତ୍ରୀ ଭୋଜନ ଖାଇବାକୁ ବାହାରିଥିଲେ । ଘରୁ ବାହାର ପ୍ରଫେସର ତାଙ୍କ ମୁଣ୍ଡରେ ହାତ ମାରି ଦେଖିଲେ ଯେ ସେ ତାଙ୍କର ଟୋପି ଭୁଲି ଆସିଛନ୍ତି । ସେ ତାଙ୍କର ସ୍ତ୍ରୀଙ୍କୁ କହିଲେ "ଟିକିଏ ରୁହ ମୋ ଟୋପିଟା ଭୁଲି ଆସିଛି ।" କହି ଘର ଭିତରକୁ ଗଲେ । ଘରେ ୭ । ୮ ମିନିଟ ରହି ଯେତେବେଳେ ଫେରି ଆସିଲେ ତାଙ୍କ ମୁଣ୍ଡରେ ଟୋପି ନଥିଲା । ତାଙ୍କ ସ୍ତ୍ରୀ ପଚାରିଲେ "କି-ହୋ ଟୋପି ଆଣିଲ ନାହିଁକି !"

ପ୍ରଫେସର— ଆରେ ଅସଲ କଥାଟା, ଆଣିବା କଥା ବି ଭୁଲିଗଲି ! + + +

ଜଣେ ଓକିଲ ଜଣେ ସ୍ତ୍ରୀଲୋକଙ୍କୁ ବହୁତ ସମୟ ଜେରା କରି ସାରିଲା ପରେ କହିଲେ ମୁଁ ଦେଖୁଛି ମୋ ପ୍ରଶ୍ନର ଜବାବ ଆପଣ ତ ବେଶ ସୁନ୍ଦର ଭାବରେ ଦେଲେ । କିନ୍ତୁ ଆପଣ ଯେ କହିଲେ ଶିକ୍ଷିତ ନୁହନ୍ତି ।"

ସ୍ତ୍ରୀଲୋକଟି ଉତ୍ତରରେ କହିଲେ "ଓକିଲଙ୍କ ପ୍ରଶ୍ନର ଜବାବ ଦେବାଲାଗି ବିଶେଷ ଶିକ୍ଷାର ଲୋଡ଼ା ହୁଏ ନାହିଁ ।" + × +

ଟୁଲୁ ବଗିଚାରେ ଖେଳୁ ଖେଳୁ କାନ୍ଦିଲା । ବୋଉ ଦଉଡ଼ି ଯାଇ ଦେଖି ଟୁଲୁକୁ ଗାଳିଦେଇ କହିଲେ ତୁ ଏଡୁଟେ ହେଲୁଣି । ତୋ ବୁଦ୍ଧି ଅକଲ କେବେ ହେବ । ତୁ ଅଣ୍ଠାକୁ ଜଳପେଟରେ ଗୋଇଠେ ପକେଇଲୁ !

ଟୁଲୁ—"ବୋଉ, ସେଥିରେ ମୋର ଦୋଷ ନାହିଁ । ମୁଁ ଗୋଇଠାଟା ମାରିଲା ବେଳେ ସେ ଭୁଲିଗଲା ନାହିଁକି !" × × ×

ବାଳିକା ସ୍କୁଲରେ ଜଣେ ଶିକ୍ଷୟିତ୍ରୀ ପଢ଼ାଉ ଥିବା ବେଳେ ପଚାରିଲେ "Orphan"ମାନେ କଣ ?" କେହି ଉତ୍ତର ନ ଦେଲାରୁ ଶିକ୍ଷୟିତ୍ରୀ ନିଜକୁ ଦେଖାଇ କହିଲେ 'ମୁଁ ଜଣେ Orphan," ଏବେ କୁହ ତା ମାନେ କଣ ?" ଜଣେ ବାଳିକା ତତ୍କ୍ଷଣାତ୍ ଉଠି କହିଲା "Orphan (ଅରଫାନ) ମାନେ ଯେଉଁ ସ୍ତ୍ରୀ ଲୋକମାନଙ୍କର ବାହା ହେବାକୁ ମନଥାଏ କିନ୍ତୁ ବାହା ହୋଇ ପାରେ ନାହିଁ । + + +

ମ୍ୟାନେଜର ଅଫିସର—ତୁ ସେ ଲୋକକୁ ଚିହ୍ନୁ—

କନେଷ୍ଟବଲ—ନା, ମୁଁ ତାକୁ ଭଲମତେ ଚିହ୍ନୁ-ଛି ଯେ ମୁଁ ବାହାରିଲା ବେଳେ ସେ ଆଉ ଦେଖା ଦେଉନାହିଁ । × × ×

ଜଣେ କର୍ମପ୍ରାର୍ଥୀ ତାଙ୍କ ମାଲିକଙ୍କୁ ଦରଖାସ୍ତ ଦ୍ୱାରା ଜଣାଇଥିଲେ ଯେ ବାହାହେବାକୁ ମନ କରୁଛନ୍ତି ତାଙ୍କର ଦରମା ବଢ଼ିବା ଦରକାର । ମାସ ଶେଷରେ ଦରମା ପାଇଲା ବେଳକୁ ଦେଖିଲେ ଯେ ତାଙ୍କ ଦରମା ବଢ଼ିଛି । ଦିନେ ହଠାତ୍ ତାଙ୍କ ମାଲିକଙ୍କ ସାଙ୍ଗରେ ଦେଖା ହେଲାରୁ ମାଲିକ ପଚାରିଲେ "କିହୋ, ତମେ ବାହାହୋଇ ସୁଖୀରେ ଅଛତ ?"

କର୍ମପ୍ରାର୍ଥୀ—"ନା ମୁଁ ତ ବାହାହୋଇ ନାହିଁ ।"

ମାଲିକ—ତମେ ଦରଖାସ୍ତ କରିଥିଲ ଯେ ବାହାହେବାକୁ ମନ କରୁଛ, ସେଇ ଯୋଗୁ ତମ ଦରମା ବଢ଼ିଲା ।

କର୍ମପ୍ରାର୍ଥୀ— ବର୍ତ୍ତମାନ ତ ଆଉ ସେଇଆ ମନକୁ ଆଣୁନାହିଁ । × × ×

Digitized by srujanika@gmail.com

ମଜାକବିତା—

# —କହିଲେ ବହିବୁ ରୋଷ—

ଶ୍ରୀ ବୀଣାକର ଦାଶ

କହିଲେ କହିବୁ ଦେଶରେ ଓଡ଼ିଆ,
କହିଲେ ବହିବୁ ରୋଷ,
"ନେତା" ଉପାଧି ପାଇଲେ ଯେତେ ଦେଶ
ତଥାପି ନହେଲୁ ତୋଷ ?
ମୁହଁ ଫୁଲେଇ ଗୁଡ଼ଆଡ଼େ ଚାଲି
ଗାଇ ବୁଲୁଅଛୁ ନାଚ,
ଧାନ ଗୁଡ଼ଲାଦ ପଠାଇ ବିଦେଶେ
ମାରିଲେ ଅମକୁ ମନ୍ତ୍ରୀ ।
ଯେତେ ଉପକାର କଲେ ସେ ତୁମର
ଚାହୁଁନାହଁ ତୁମେ ବୁଝି,
ଜନ୍ମ ଜନ୍ମାନ୍ତରେ ପାଇବନି କେଭେଁ
ସେ ଦେବତା ଋଣ ସୁଝି ।
ତୁମରମାନଙ୍କ ପାଇଁ ସେ ଛାଡ଼ିଲେ
ଦାରା, ସୁତ, ଘର, ବାଡ଼,
ତୁମର ପାଇଁ ତ ପୁଣି ସେ ଛାଡ଼ିଲେ
ହାତେ, ହାତେ ଲମ୍ବ ଦାଢ଼ି ।
ତା ଦେଶେ ଗଢ଼ିଲେ ବିଶ୍ବବିଦ୍ୟାଳୟ,
ମୂର୍ଖ ଧୋପି ହେବ ପାର,
ଏମ୍, ଏ. ବି. ଏ. ପଢ଼ି କରିବ ନାହିଁକି
ଶହ, ଶହ ରୋଜଗାର ?
କଷ୍ଟକଲେ କୃଷ୍ଣ ମିଳେ ବୋଲି ପରା
ଜାଣ ଅଛ ସୁନା ଭାଇ,
ଥୟ ଟିକେ ଧର, ମଲ୍ଁ, ମଲ୍ଁ ବୋଲି
ହୁରି ଡାକ ପକା ନାହିଁ ।

× × × ×

କହିଲେ କହିବୁ ଦେଶରେ ଓଡ଼ିଆ,
କହିଲେ କହିବୁ ରୋଷ,
ଉଣ୍ଡ୍ରାମୀ ଲୋକଙ୍କ କଥାରେ ପଡ଼ିକି
ଦେଉ ମନ୍ତ୍ରୀଙ୍କର ଦୋଷ ।
ସେ ଗୁଡ଼ାକ ପରା କ୍ଷେପ ଚାହାଁନା,
ଦେଖି ନାହୁଁ ଦଳେ ଦଳେ,
"ଦେଶ ପ୍ରେମୀ" ନାମେ ଦାହ ଦେଇ ଯାଇ
ପଶୁଛନ୍ତି ମାମୁଁ ଘରେ ।
ସୁନା ଭାଇ ପରି, ରୂପା ଭାଇ ପରି,
ଯେ କଥାରେ ଭୁଲ ନାହିଁ,
ସେଠୁଁ ଉଣାକର ଦଶ କାଟୁ ନାଶନାଲ୍-
ଉଥର ଫଣ୍ଡ ପାଇଁ ।
ତ୍ୟାଗୀ ହେଲେ ସିନା ଦେଶ ହେବ ବଡ଼,
ଜାତି ହେବ ବଳୀୟାନ,
ଏହି ଉପଦେଶ ରସ ପାନ କରି
ବଞ୍ଚାଅ ରଖିଥା ପ୍ରାଣ
ଯଦି ଏହା କରି ନପାରୁଛ, ତେବେ
ମାଇପ ଗହଣା ବିକ,
ପଣ୍ଡିତଙ୍କ ପରି ପରକୁ ବଞ୍ଚାଇ
"ମହାତ୍ୟାଗୀ" ହେବା ଶିଖ ।
ଏ ସବୁ ନକର 'ଭାତ, ଭାତ' ବୋଲି
ମନ୍ତ୍ରୀଙ୍କ ଜୀବନ ଖାଉ,
ମନ୍ତ୍ରୀ ତାଙ୍କ ଧାନ ଅମାର ଖୋଲି କି
ଦୋହୁ ଦେବେ ତୋତେ ଅଉ ?

× × × ×

କହିଲେ କହିବୁ ଦେଶରେ ଓଡ଼ିଆ
କହିଲେ ବହିବୁ ରୋଷ,
ଉପକାର ଯେତେ କଲେ ତୋର ତା'ର
ନ ଭୋଗିଲୁ ପଇରଷ ।

( ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ *

(ମତାର୍ଣ୍ଣ ଚମ୍ପୂ)  କାନ୍ତ-କବି ବିରଚିତ

## ( ଫ )

ଫାଟି ପଡ଼ିବାର ଧାଆଁ ଧପଡ଼ର
ଛନ୍ଦୁଁ ମୋ ଫଡ଼ିଆ ଚାଲ,
ଫନ୍ଦର ଢୋର ଅଖରକୁ ହେବାର
ଏନ୍ତୁ ଏକା ଏଥୁଁ ଫଳ ?
ରେ ଫାମ୍ପୁଲ, ଫଟିଗଲେ କି ତୋ ଆଖି,
ଫୁଲିଣିଙ୍କ ଭଳି ଫାଉଦର କଥା
କହୁ ଆ ମାରଣି ଫାଙ୍କି ! ୧ ।
ଫିସାଦ ଲଗାଇ ଫାନ୍ଦ ଲଗାଇଲୁ
ଫନ୍ଦିତ ଦେଖାଇ ନାନା,
ଫଟାକପାଳକୁ ଏତେ ଫିକରର
ଫିଜିଠା ମିଳିଲା ଛେନା !
ରେ ଫାମ୍ପୁଲ, ଫାଉ ନେଇକରି ମାର
ଫୁଲିଫଡ଼ି କେତେ ଫଟେଇ ହେଉଛୁ
ଦେଖାଇଣି ଫୁର୍‌ଫାର ! ୨ ।
ଫକଡ଼ ଠୋକାକୁ ଫେଟେକା ଠୋକା ରୁ
ଫିଠ୍ ଫ୍ରେଣ୍ଡସିପ୍ ହେବ,
ଫୁଲ୍ ଫୋର୍ସରେ ଫ୍ରି ଫ୍ଲାଟିଙ୍ଗ୍‌ର
ଫାଉଣ୍ଡେସନ୍ ଫିଟିଯିବ,
ରେ ଫାମ୍ପୁଲ, ଫେଥ୍ ରଖିଥିବୁ ସତେ,
ଫାତଅ ମାନିଲେ ଫକୀରଙ୍କ ଠେଇଁ
କାମ ହୋଇଯିବ ଫତେ । ୩ ।
ଫୁସୁଲ ଫାସର ହେଲେ ଯେ ହୁଅନ୍ତୁ
କେଅର ତାହାଁକୁ ଥୋଡ଼,
ଫୁଙ୍କି ଦେଇ ଏକା ଫୁଟକା ମାରିଲେ
ଫାଙ୍କାଫି ଯିବଟି ଉଡ଼ି,
ରେ ଫାମ୍ପୁଲ, ଫୁଙ୍କାର କହୁଛୁ ଧନ,
ଫୁଲକୋବି ଦିଅ ଫାଉଲ କାଟିର
ଫିଷ୍ଟରେ ରହିଲା ମନ । ୪ ।

ଏତେ କଥାକୁ ମୋର କି ଗରଜ ଥିଲା କହିଲୁ ! ତେ ଯଦି ଭଲ ଲାଗି ଯେତେ ଗଞ୍ଜଣା ସହିଲି, ଯେତେ ପରିଶ୍ରମ କଲି — ପିଠି କଙ୍କାଳ ଉଠିଲାଣି । ପୁରସ୍କାର ମିଳିବା ଦୂରେ ଥାଉ ଶେଷେ ତୋହରିଠାରୁ କଥା ଶୁଣିବାକୁ ହେଲା ! କାମଟା ସରିଯାଇ ଥିବାରୁ ଯିବା ଏପରି କହିଲୁ । ଅଛି ହେଉ ହେଉ ।

ଏଣିକି ଶୁଣି ନବୀନା କହୁଛନ୍ତି--- (କ୍ରମଶଃ)

---

( ମଜାକଥା ପୁର୍ବ ପୃଷ୍ଠା ଉତ୍ତାରୁ )

ଯାହା ହେବାର ତ ହେଲଣି, ଏଣିକି
ଗାଅ ସଭେ ଏକ ତାନେ,
"ଜୟ ଗଜପତି ଜୟ" ଗାଇନ ନର
ଉନ୍ମାଦନା ଅସୁ ପ୍ରାଣେ ।
ଆଉ ଥରେ ଗାଅ ତଣ୍ଟି ଫଟାଇଣି
ଜୟ ଫଉତଜା ଜୟ,
ଆଉ ତାଙ୍କ ଶିଙ୍ଗ ଲାଙ୍ଗୁଡ଼ର ଜୟ,
ଦୁର୍ଗନ୍ଧ ହୋଇବ କ୍ଷୟ ।
ଭଜିଲେ ବନ୍ଧୁକୁ ରୋଷରେ ଓଢ଼ିଆ
କହିଲେ ବନ୍ଧୁକୁ ରୋଷ,
ବୁଝି ବୁଝି ତୁମେ ଅବୁଝା ହୋଇଣି
ନ ଦେଉ ଖାଲି ପର ଦୋଷ,
ଦିଅନ୍ତାକି କେହି ତୋ ମୁଣ୍ଡେ ଅଣ୍ଡାଡ଼ି
ମଲ୍ଲିକା ରାଜ-ଦୋଷ ?

* Reproduction in part or full is strictly prohibited.

Digitized by srujanika@gmail.com

# ସଚ୍ଚିବାବୁଙ୍କୁ ଉତ୍ତର ସଂପାଦକଙ୍କ କୈଫିୟତ୍ ।

‘ତୋଳିବା’ର ସଂସ୍କୃତ ଧାତୁଗତ ଅର୍ଥ ଛାଡ଼ ଭାଷାରେ ବ୍ୟବହାର ହେଉଥିବା ଅର୍ଥ କେଉଁ ଆମର ବର୍ତ୍ତମାନ ପ୍ରଶ୍ନ । ‘ଫୁଲ ତୋଳିବା’ ଓ ‘ଫୁଲ ତୋଲ’ ଓଡ଼ିଆ ଓ ବଙ୍ଗଳା ଉଭୟରେ ‘ଚୟନ’ ଅର୍ଥ । ‘ହାତ ତୋଲ’, (raise) ପାଥର ତୋଲ (lift) ବଙ୍ଗଳାରେ ଯେଉଁ ଅର୍ଥରେ ଚଳେ, ଓଡ଼ିଆରେ ତାହା ଚଳେନାହିଁ । ବଙ୍ଗଳା ‘ଛବିତୋଲା’ ବ ଚଳୁଛି photograph ଅର୍ଥରେ । ଓଡ଼ିଆରେ ତାହା ନାହିଁ । ଓଡ଼ିଆରେ ‘ଫୁଲ ତୋଳିବା’ ଅର୍ଥ ‘ଚୟନ’, ଧାନ ସୁଦ୍ଧା ଛିନ୍ନ ହୋଇ ପଡ଼ିଥିଲେ ତାକୁ ମଧ୍ୟ ତୋଳାଯାଏ (gather ବା arrange) । ‘ବେଉଲ ତୋଳିବା’ ‘ଘର ତୋଳିବା’ ଓଡ଼ିଆରେ ହୁଏ; ଅଭର ମଧ୍ୟ ଲୁଅଁର ପୁଟେଇ ‘ଜହ୍ନିଘର ତୋଳିବା’ ବି ହୁଏ ସେଇପରି । ସଚ୍ଚିବାବୁଙ୍କ ମତରେ ବେଉଲ ବା ଘର ତୋଳିବା ଯଦି ‘କ୍ରମିକ ସମନ୍ବୟରେ ଉପରକୁ ଉଠାଇବା’ ହୋଇ ଥାଆନ୍ତା ତେବେ ବହିଁଫୁଲ ପାଟୁଡ଼ା flat ଭାବରେ ଭୂଇଁ ଉପରେ ଖଞ୍ଜି ‘ଜହ୍ନିଘର ତୋଳା’ ଯାଇ ପାରନ୍ତା ନାହିଁ । ଏଥିରୁ ସଫା ଜଣା ପଡ଼ୁଛି ଯେ ଓଡ଼ିଆରେ ‘ତୋଳିବା’ ଅର୍ଥ ‘ଟେକିବା’ ନୁହେ — ବରଂ ଖଞ୍ଜିବା, ସଜାଇବା, ରଚନା କରିବା । ବଙ୍ଗଳାର ଫୁଲତୋଳା, ଛବି ତୋଳା, ‘ରଙ୍ଗିନ ତୋଳା’ ପ୍ରଭୃତି ଆମ ଏ ଯୁକ୍ତିର ସହାୟକ । ‘ତୋଳା’ର ବଙ୍ଗଳାରେ ଯେ ‘ଟେକିବା’ ଅର୍ଥ ଆସି ଯାଇଛି ସେଇଟା ବୋଧହୁଏ ଏଇ ‘ସମନ୍ବୟ ରଚନାରୁ’ କ୍ରମବର୍ଦ୍ଧିତ ହୋଇ । “ବୁଟେଲ ଧର”— ଠିକ ବାଗରେ ଉପରକୁ ଉଠାଇ ଧରିବା । ଗମ୍ଭିରକୁ ପଣି ଲୁଟିଲେ ମୂଳ ଅର୍ଥଟା ଏକ । ଖାଲି ତଫାତ୍ ଏତିକି ଯେ ଓଡ଼ିଆରେ ‘ତୋଳା’ଟାକୁ ଏତେ ବେଶି ‘ଟେକା’ ହୋଇନାହିଁ, ଯେତେ ବଙ୍ଗଳାରେ ‘ତୋଳା’ ହୋଇଛି ।

ସଚ୍ଚିବାବୁ ତାଙ୍କ ସମର୍ଥନ ପାଇଁ ସଂସ୍କୃତ ‘ଉତ୍ତୋଳନ’ ଶବ୍ଦର ସାହାଯ୍ୟ ନେଇଛନ୍ତି । ସେ ଲେଖିଛନ୍ତି—‘ତୋଳିବା’ ଅର୍ଥ ‘ଟେକିବା ନ ହୋଇଥିଲେ ‘ଉତ୍’ ଉପସର୍ଗ କରାଯାଇ ପାରନ୍ତା କି ?

ଏଠାରେ ତାଙ୍କର ଯୁକ୍ତି ତାଙ୍କର ବିପକ୍ଷରେ ଯାଉଛି ପରି ମନେହୁଏ । ‘ତୋଳନ’ ମାନେ ଯଦି ‘ଟେକିବା’ ବୋଲି ହୋଇଥାନ୍ତା, ତେବେ ‘ଉତ୍’ର ଆଉ ଲୋଡ଼ା ପଡ଼ନ୍ତା ବା କାହିଁକି? ଖାଲି ‘ତୋଳନ’ କହିଲେ ତ ଟେକ ହୋଇ ଯାଆନ୍ତା । ଏଇ ‘ଉତ୍’ ଲାଗିବାଟାହିଁ ପ୍ରମାଣ କରୁଛି ଯେ ‘ତୋଳନ’ ମାନେ ଟେକିବା ନୁହେ— ବାଗେଇ ନେବା, ରଚିନେବା, ଖଞ୍ଜିନେବା, ସଜାଇନେବା । ‘ଉତ୍ତୋଳନ’ ମାନେ ବାଗରେ ଉପରକୁ ଉଠେଇବା । ‘ଲାଙ୍ଗୁଳ ଉତ୍ତୋଳନ, ସେଇ ହିସାବରେ । ଆଶାକରୁଁ ଏକଥାଗୁଡ଼ିକ ସଚ୍ଚିବାବୁଙ୍କ ମନକୁ ପାଇବ । ତାଙ୍କ ସରଳତା ଓ ଅନୁସନ୍ଧିତ୍ସା ପାଇଁ ତାଙ୍କୁ ଧନ୍ୟବାଦ । ଏଇଟାଇ ତାଙ୍କର ବିବର୍ଦ୍ଧନ ଶୀଳ ଓ ବିକାଶମାନ ବୃତ୍ତିର ଲକ୍ଷଣ ।

ସହକାରରେ ପ୍ରକାଶିତ ‘ପଦ୍ମମୁଖ’ କବିତାର ‘ବୃହନ୍ନଳା’ ideaଟି ବିସ୍ମୃତିର ଉପରର ଟିପ୍ପଣିଦ୍ୱାରା ସଚ୍ଚିବାବୁ ବ୍ୟଥିତ ହୋଇଛନ୍ତି ଜାଣି ଆମେ ଦୁଃଖିତ । ତାଙ୍କୁ ପୀଡ଼ାଦେବାର ବା ତାଙ୍କ ମାନ ପଦାରେ ପକାଇବାର ଉଦ୍ଦେଶ୍ୟ ଉତ୍ତରର ନଥିଲା ବା ନାହିଁ । ତାଙ୍କ ପ୍ରତିଭା ଓ ଶକ୍ତି ଆମର ଶ୍ରଦ୍ଧା ଓ ଦେଶର ସମ୍ମାନ ପାଇବାକୁ ହକଦାର ବୋଲି ଆମର ଧାରଣା । ତାଙ୍କ କଳ୍ପନା ଭଙ୍ଗୀ, ଶୈଳୀ ଓ ଭାବର ଧାର ଓଡ଼ିଆ ସାହିତ୍ୟରେ ନୂତନ ଅବଦାନ— ଏହା ଆମେ ସ୍ୱୀକାର କରିଛୁ ଓ କରୁଥିବୁଁ । ‘ବୃହନ୍ନଳା’ ପ୍ରସଙ୍ଗଟି ପ୍ରାୟ ଏକା ଭାବର ବ୍ୟବହୃତ ହୋଇଥିବାର ପୂର୍ବରୁ ଦେଖିଥିଲୁଁ ବୋଲି ସମାଲୋଚକର କର୍ତ୍ତବ୍ୟ ହିସାବରେ ଲେଖିଥିଲୁଁ । ‘ଜାଗୃହି’ର କୌଣସି ଲେଖକର ‘ଅଂଶିକ ଅନୁକରଣ’ ବୋଲି କହିବାରେ ଯଦି ଆମର ଦୋଷ ହୋଇଥାଏ ଓ ତାଙ୍କୁ ବାଧିଥାଏ, ତେବେ ଆଶାକରୁଁ ସେ ତାହା ଧରିବେ ନାହିଁ । ପଦ୍ମା ଲେଖକ ବୁଦ୍ଧଦେବ ବସୁଙ୍କ ଲେଖାରୁ ହୁଏତ ଜାଗୃହି କବି ଗ୍ରହଣ କରିଥିବେ ।

ଆମେ ଜାଣୁ ଯେ ଗୋଟାଏ idea ଭିନ୍ନ ଭିନ୍ନ କବିଙ୍କ ମୁଣ୍ଡକୁ ଘାତ (strike) କରିଥାଏ ଅଜଣାରେ ଏକାବେଳେ । ଏ କ୍ଷେତ୍ରରେ ତାହା ହୋଇଥିବା ଅସମ୍ଭବ ହୋଇ ନପାରେ । ଏହା ଛଡ଼ା ଅନେକ ସମୟରେ କଣ କେଉଁଠି କେବେ ପଢ଼ି, ପଢ଼ି କେବେ idea ଅବଚେତନ ମନରେ ରହିଯାଏ ଅଜ୍ଞାତରେ । ପୁଣି କେବେ ସମାନ ଭାବର ଅଲୋଡ଼ନ ଆସିଲେ ସେଇଟା ନୂଆ ଆକାର ଧରି ବାହାରି ପଡ଼େ । ଏଥିରେ ଦୋଷ କିଛି ନାହିଁ, କିମ୍ବା କବିଙ୍କୁ ଏଥିପାଇଁ ଦୋଷ ଦେବା ଠିକ ନୁହେ । ସେକ୍ସପିୟର, କାଳିଦାସ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ, ରାଧାନାଥ ପ୍ରଭୃତି ବଡ଼ ବଡ଼ କବିଙ୍କ ଲେଖାରେ ବି ଏହାର ପ୍ରମାଣ ବହୁତ । ଆମେ ଆଦୌ ସଚ୍ଚିବାବୁଙ୍କୁ ଦୋଷ ଦେଉଁନାହୁଁ ବା ସେପରି ଅଭିପ୍ରାୟ ଆମର ନଥିଲା କି ନାହିଁ ।

ସଂପାଦକ—ଉତ୍ତର

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

ଉଦ୍ଦେଶ୍ୟ—

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନପିପାସା ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନ କରିବା। ୨। ପତ୍ରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

## ଫିଲ୍ଡ ମାର୍ଶାଲ ଲର୍ଡ ଓ୍ୱାଭେଲ

ପ୍ରିୟ ନାଗ ଭାଇ ଓ ଭଉଣିମାନେ,

ନମସ୍ତେ। ଲର୍ଡ ଓ୍ୱାଭେଲଙ୍କୁ ଆମ୍ଭେମାନେ ଏତେଦିନଯାଏ ସାମରିକ ସେନାପତି ହିସାବରେ ଜାଣିଥିଲେ। ବର୍ତ୍ତମାନ ସେ ଭାରତର ଶ୍ରେଷ୍ଠ ରାଜପ୍ରତିନିଧି ଆସନରେ ପ୍ରତିଷ୍ଠିତ। ଅନ୍ୟ କଥାରେ ସେ ଭାରତର ଭାଗ୍ୟବିଧାତା ଓ ଭାରତର ଭବିଷ୍ୟତ ଉନ୍ନତି ତାଙ୍କର ଉପରେ ନିର୍ଭର କରେ।

ଜେନେରେଲ ଓ୍ୱାଭେଲ (ବର୍ତ୍ତମାନ ଲର୍ଡଙ୍କ) ଜନ୍ମ ସାମରିକ ବଂଶରେ। ତାଙ୍କର ପୂର୍ବପୁରୁଷମାନେ ବିଖ୍ୟାତ ସାମରିକ ସେନାପତି ଥିଲେ। ତାଙ୍କର ପିତା ମେଜର ଜେନେରେଲ ଏ. ଜି. ଓ୍ୱାଭେଲ (Major General A. G. Wavell) ଜୁଲୁ ଓ ଦକ୍ଷିଣ ଆଫ୍ରିକା ଯୁଦ୍ଧ ପାଇଁ ପ୍ରସିଦ୍ଧ ଓ ତାଙ୍କର ପିତାମହ ମଧ୍ୟ ଜଣେ



ଲର୍ଡ ଓ୍ୱାଭେଲ

ମେଜର ଜେନେରେଲ ଥିଲେ ଓ ସେ ୧୮୧୧ ମସିହାରେ ଟାଲାଭେରାଠାରେ ଫରାସୀମାନଙ୍କ ସହିତ ଯୁଦ୍ଧ କରି ଖ୍ୟାତି ଅର୍ଜନ କରିଥିଲେ। ଓ୍ୱାଭେଲ ପିଲା ସମୟରେ କୁଣ୍ଢେଇ ସୈନିକ (Toy Soldier) ନେଇ ଖେଳିବାକୁ ଭଲ ପାଉଥିଲେ। ତାଙ୍କର ପିତା ସେଇଯୋଗୁଁ ତାଙ୍କୁ ସାମରିକ ଶିକ୍ଷା ଦେବାକୁ ଉଚିତ ବିବେଚନା କରିଥିଲେ। ସେ ପ୍ରଥମେ ସାଣ୍ଡହର୍ଷ୍ଟରେ ସାମରିକ ଶିକ୍ଷା ପାଇ ପୁଣି ଇମ୍ପେରିଏଲ ଡିଫେନ୍ସ କଲେଜରେ ଶିକ୍ଷା ପାଇଥିଲେ।

ଓ୍ୱାଭେଲଙ୍କ ପ୍ରଥମ ସୈନିକ ଜୀବନ ଆରମ୍ଭ ହୁଏ ବୁଅର ଯୁଦ୍ଧ ସମୟରେ। ବୁଅର ଯୁଦ୍ଧ ଅନେକ ଦିନ ଧରି ଲାଗିଥିଲା ଓ ଓ୍ୱାଭେଲ ଖୁବ୍ ଦକ୍ଷତାର ସହିତ ସେଇ ଯୁଦ୍ଧରେ କାମ କରିଥିଲେ। ତାପରେ ସେ ଭାରତର ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ଓ ଫ୍ରାନ୍ସରେ ସାମରିକ ଅଫିସର ହୋଇ କାମ କରିଥିଲେ। ଏହି ସମୟରେ ଫ୍ରାନ୍ସରେ ତାଙ୍କର ଗୋଟିଏ ଚକ୍ଷୁ ନଷ୍ଟ ହୋଇ ଯାଇଥିଲା। ତାପରେ ସେ କିଛିକାଳ ପାଇଁ ସହକାରୀ ସାମରିକ ରାଜଦୂତ (Military Attache) ରୂପେ ରୁଷିଆର କକେସସ୍ ବାହିନୀରେ କାର୍ଯ୍ୟ କରିଥିଲେ। ରୁଷିଆରେ କିଛିକାଳ ଅବସ୍ଥାନ କଲା ପରେ ସେ ଆସି ମିଶରର ଏକ୍ସପିଡ଼ିସନେରି ସୈନ୍ୟ ବାହିନୀରେ (Egyptian Expeditionary Force) ରେ ଯୋଗ ଦେଇଥିଲେ। ଏହି ସୈନ୍ୟବାହିନୀରେ ବେଶିଦିନ କାମ କରିଥିଲେ ଏବଂ ଏହିଠାରେ ସେ ଲର୍ଡ ଏଲେନ୍ବିଙ୍କ ସଙ୍ଗେ ସହାଚର୍ଯ୍ୟ ଲାଭ କରିବାର ସୁବିଧା ପାଇଥିଲେ।

Digitized by srujanika@gmail.com

ଏହି ମହାଯୁଦ୍ଧରେ ତାଙ୍କର ମଧ୍ୟ ପ୍ରାଚ୍ୟର ବିପୁଳ ଜୟ ସମସ୍ତ ଜଗତକୁ ଚକିତ କରିଥିଲା । ସେ ମୁସୋଲିନିଙ୍କର ଆବିସିନିଆ ସାମ୍ରାଜ୍ୟ ଓ ଇରିଟ୍ରିଆ ଅଧିକାର କରିଥିଲେ । ୱ୍ୟାଭେଲ ମରୁ ଯୁଦ୍ଧରେ ଖୁବ୍ ଦକ୍ଷତା ଦେଖାଇଥିଲେ ବୋଲି ତାଙ୍କୁ "Wizard of the desert" ଆଖ୍ୟା ଦିଆଯାଇଛି ।

୧୯୪୧ ସାଲରେ ଯେତେବେଳେ ଯୁଦ୍ଧ ଏସିଆ ମହାଦେଶରେ ଦେଖାଦେଲା ସେତେବେଳେ ୱ୍ୟାଭେଲ ଭାରତର ପ୍ରଧାନ ସେନାପତି ( Commande-in-Chief ) ହୋଇ ଆସିଲେ । ଜାପାନ ଯେତେବେଳେ ଯୁଦ୍ଧରେ ପଶିଲା ସେ ଦକ୍ଷିଣ ପଶ୍ଚିମ ପାସିଫିକ୍‌ର ଶ୍ରେଷ୍ଠ ସେନାନାୟକ ( Supreme Commander ) ପଦରେ ନିଯୁକ୍ତ ହେଲେ । ସେଠାକାର କାର୍ଯ୍ୟ ସରିବାରୁ ସେ ପୁଣି ଭାରତକୁ ୧୯୪୨ ମସିହାରେ ପ୍ରଧାନ ସେନାପତି ହୋଇ ଫେରି ଆସିଲେ । କେତେକ ଦିନ ଏହି କାର୍ଯ୍ୟରୁ ଅବ୍ୟାହତି ଲାଭ କରି ବିଲାତ ଯାଇଥିଲେ । ହଠାତରେ ତାଙ୍କୁ ଭାରତର ଭାବୀ ବଡ଼ଲାଟ ରୂପେ ନିଯୁକ୍ତ କରାଗଲା । ଗତ ମାସରେ ସେ ଦିଲ୍ଲୀରେ ପହଞ୍ଚି ବଡ଼ଲାଟ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି ।

ୱ୍ୟାଭେଲଙ୍କୁ ବ୍ରିଟେନର ଖୁବ୍ ଲୋକପ୍ରିୟ ସେନାପତି ବୋଲି କୁହାଯାଏ । ( Britaoins' most popular General ) ସେ କେବଳ ଜଣେ ସୁଦକ୍ଷ ସେନାପତି ନୁହନ୍ତି, ସେ ମଧ୍ୟ ଜଣେ ବଡ଼ ଲେଖକ । ଜର୍ମାନୀର ଜଣେ ବଡ଼ ସେନାପତି ଜେନେରେଲ କେଟେଲ ( General Keitel ) ତାଙ୍କୁ "ବ୍ରିଟେନର ବୁଦ୍ଧିମାନ ସେନାପତି" ବୋଲି କହିଛନ୍ତି । ୱ୍ୟାଭେଲ ମଧ୍ୟ ପୃଥିବୀର ଜଣେ ବଡ଼ ନେତା ହିସାବରେ ପରିଚିତ । ସେ ଚ୍ୟାଂକାଇସେକ୍, ସ୍ମଟସ ଓ ଷ୍ଟାଲିନ୍ ପ୍ରଭୃତି ସୈନିକ ରାଜନୀତିଜ୍ଞମାନଙ୍କ ଭିତରୁ ଜଣେ । ସେ ବଡ଼ ଉଦାର ହୃଦୟ ଓ ଗଠନ ମୂଳକ କାର୍ଯ୍ୟ କରିବା ପାଇଁ ସର୍ବଦା ବ୍ୟଗ୍ର । ଯେଉଁମାନେ ତାଙ୍କ ଅଧିନରେ ରହି କାମ କରିବାର ସୁଯୋଗ ପାଇଛନ୍ତି ସେମାନଙ୍କ ପକ୍ଷରେ କହିବେ ଯେ ୱ୍ୟାଭେଲ ଜଣେ ମହାନ୍ ପ୍ରଗତିଶୀଳ ବ୍ୟକ୍ତି ଓ ତାଙ୍କର କାର୍ଯ୍ୟାବଳୀ କୁସଂସ୍କାରାଚ୍ଛନ୍ନ ନୁହେଁ ।

ସେ ଦେଶର ଯୁବଶକ୍ତିରେ ବିଶ୍ୱାସ କରନ୍ତି ଓ ନୂତନତାର ପକ୍ଷପାତୀ । ତାଙ୍କୁ ଦେଖିଲେ ତାଙ୍କ ମୁଖରୁ ମାନସିକ ଦୃଢ଼ତା ଓ କାର୍ଯ୍ୟକାରୀ କ୍ଷମତା ସ୍ପଷ୍ଟ ଅନୁମିତ ହୁଏ । ତାଙ୍କର ଦେହର ଗଠନ ବେଶ ଶକ୍ତ ଓ ଅଙ୍ଗପ୍ରତ୍ୟଙ୍ଗ ବେଶ ହୃଷ୍ଟପୁଷ୍ଟ । ତାଙ୍କୁ ଦେଖିଲେ କେହି ତାଙ୍କର ୬୧ ବର୍ଷ ବୋଲି ଅନୁମାନ କରି ପାରିବ ନାହିଁ । ସେ ଜଣେ ଲୋକପ୍ରିୟ ଓ ସୁବକ୍ତା ମଧ୍ୟ । ସେ ଜଣେ ଭାବୁକ ଓ ଲେଖକ । ସେ ସମର କୌଶଳ ନେଇ କେତେ ଗ୍ରନ୍ଥ ଲେଖିଛନ୍ତି ଯାହାକି ଅନେକ ସାମରିକ ବିଦ୍ୟାଳୟରେ ପାଠ୍ୟପୁସ୍ତକ ରୂପେ ପଢ଼ାଯାଏ । ଅଲ ବିଭିନ୍ନ ସ୍ଥାନର ସମର ପରିଚାଳନା ନେଇ ସେ ୧୯ଟି ଶ୍ରେଷ୍ଠ ପ୍ରବନ୍ଧ ଲେଖିଛନ୍ତି । ସେ ପ୍ରବନ୍ଧ ସବୁ Encylopedia Britanica-ରେ ସ୍ଥାନ ପାଇଛି । ତାଙ୍କ ଜୀବନର ଦୃଢ଼ବିଶ୍ୱାସ ଏହି ଯେ ସେ ଥରେ କହିଥିଲେ 'ଯଦି ବଡ଼ ସେନାପତି ହିସାବରେ ମୋର ଗୋଟିଏ ଗୁଣ ହାସଲ କରିବାର କଥା ଥାଏ ତାହା ହେଉଛି ସାହସ ଅର୍ଜନ କରିବାର ଶକ୍ତି" ( "If I had to take one quality as the mark of a great Commander I should call it spirit of adventure.")

ୱ୍ୟାଭେଲଙ୍କ ସ୍ତ୍ରୀ ଲେଡି ୱ୍ୟାଭେଲ ମଧ୍ୟ ଖୁବ୍ ଉଦାର ହୃଦୟା । ସେ କାଇରୋରେ ଥିଲାବେଳେ ସେଠାକାର ଆହତ ସୈନ୍ୟମାନଙ୍କର ସେବା ଶୁଶ୍ରୂଷା ଓ ସେମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟର ତତ୍ତ୍ୱାବଧାନ କରୁଥିଲେ । ଭାରତରେ ମଧ୍ୟ ସେ Troops Comfort Fund ପ୍ରଭୃତି ଖୋଲି ସୈନିକମାନଙ୍କୁ ବିଶେଷ ସାହାଯ୍ୟ କରୁଛନ୍ତି । ୱ୍ୟାଭେଲଙ୍କ ପୁଅ 'ଆର୍ଚି' (Archie) ସେନା ବିଭାଗରେ ଯୋଗ ଦେଇଛନ୍ତି ଓ ତାଙ୍କର କନ୍ୟାମାନେ ମଧ୍ୟ ଯୁଦ୍ଧ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି ।

ଲର୍ଡ଼ ୱ୍ୟାଭେଲ ବଡ଼ଲାଟ ହୋଇ ଆସିବା ପୂର୍ବରୁ ଏ ଦେଶର ଜଳବାୟୁ, ରାଜନୀତି, ସମାଜ, ଜନମତ, ଅତୀତ ଅବସ୍ଥା ସହିତ ବିଶେଷ ଭାବରେ ପରିଚିତ । ସେନାପତି ଓ କେନ୍ଦ୍ର ଆସେମ୍ବ୍ଲିର ରାଜ୍ୟରକ୍ଷା ସଦସ୍ୟ ( defence member ) ଭାବରେ ସେ ଆମ ଦେଶର ରାଜନୀତିରେ ବିଶେଷ ଅଭିଜ୍ଞତା ଅର୍ଜନ କରିଅଛନ୍ତି । ସେ ଯେ ଏତେ ବଡ଼ ଉଚ୍ଚ ସାମରିକ କାର୍ଯ୍ୟ ଭାର ଓ ଗୌରବ ତ୍ୟାଗ କରି ଭାରତର ବଡ଼ଲାଟ ପଦ ଗ୍ରହଣ କରିଛନ୍ତି, ନିଶ୍ଚୟ ତାଙ୍କ ମନରେ କୌଣସି ଉଚ୍ଚ ଆକାଂକ୍ଷା ଜାଗ୍ରତ ହୋଇଅଛି ଯଦ୍ଵାରା ସେ ଭାରତର ମଙ୍ଗଳ କରି ପାରିବେ ।

ଭଗବାନ କରନ୍ତୁ ସେ ଦୀର୍ଘ ଜୀବନ ଲାଭ କରି ଆମ ଦେଶର ସ୍ୱାଧୀନତା ଲାଭର ଅଗ୍ରଦୂତ ହୁଅନ୍ତୁ । ଇତି ।*

—କୁମାରୀ ବସୁନ୍ଧରା ମହାପାତ୍ର (୫୨୧ ନଂ ନାଗ)

*Illustrated Weekly of Indiaରୁ ସଂଗୃହୀତ

Digitized by srujanika@gmail.com

REG; NO. P. 441 THE DAGARO—1-12-1943.

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

ସଞ୍ଚୟୀ ସର୍ବତ୍ର ଜୟୀ । ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା ! ନିଜ ଶକ୍ତି ଅନୁସାରେ ସଞ୍ଚୟ କରିବା କେତେ ଦୂର ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ଯୋଗୁଁ ଅଭାବଗ୍ରସ୍ତ ଲୋକମାନେ କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାରକଲେ ଜଣାଯିବ । ଜୀବନର ଦାୟିତ୍ୱ ନେବା ଛଡ଼ା ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ । ସାମୟିକ କିଛି କିଛି କିସ୍ତି ଟଙ୍କା ଦାଖଲ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ ।

### ସୁଦୃଢ଼ତାର ପରିଚୟ—

୧୯୪୧ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୯ କୋଟି ୩୭ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବାର୍ଷିକ ଆୟ ଏକ କୋଟି ୧୦ ଲକ୍ଷ ।

ବୀମା ପାଣ୍ଠି ୦ କୋଟି ୨୧ ଲକ୍ଷ ।

ମୋଟ ସମ୍ପତ୍ତିର ପରିମାଣ ୪ କୋଟି ୫୭ ଲକ୍ଷରୁ ଊର୍ଦ୍ଧ୍ୱ ।

ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ ।

### ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲଡିଂସ୍
କଲିକତା ।

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗାନାଇଜର
କଟକ ।

Printed & published by G. C. Mahapatra at the Gopinath Press, Bhadrak. 1943.


ବାର୍ଷିକ ତିନିଟଙ୍କା ଆଠଅଣା ପ୍ରତିଖଣ୍ଡ ଦୁଇଅଣା

Digitized by srujanika@gmail.com

୭ମ ବର୍ଷ
୧୪ ଶ ସଂଖ୍ୟା

Dagara
Utkal's most popular Fortnightly
OF
LIGHT, LEAD & LAUGHTER.

ମାର୍ଗଶିର
ଦ୍ୱିତୀୟାର୍ଦ୍ଧ




## ବ୍ୟାଙ୍କ୍ ଅଫ୍ କଲିକତା ଲି: ବାଲେଶ୍ୱର

ଏହା ଏକ ପ୍ରତିଷ୍ଠାଶାଳୀ ଓ ନିର୍ଭରଯୋଗ ବ୍ୟାଙ୍କ୍ । ଏହାରେ ଟଙ୍କା ରଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି କରନ୍ତୁ । ଏହି କେତେଦିନ ଭିତରେ ବାଲେଶ୍ୱର ଶାଖା ଅନୁଷ୍ଠାନ ବେଶ ବଢ଼ି ଉଠିଛି । ଅତିଶୀଘ୍ର ଭଦ୍ରକଠାରେ ଏହାର ଶାଖା ଖୋଲିବ । ବିସ୍ତୃତ ବିବରଣୀ ପାଇଁ ଲେଖନ୍ତୁ ।

ହେଡ଼ ଅଫିସ:—୩, ମେଙ୍ଗୋ ଲେନ୍
କଲିକତା।

ଶ୍ରୀ ପ୍ରିୟନାଥ ନନ୍ଦୀ ବି, ଏଲ
ଅନାରାରି ସେକ୍ରେଟେରି
ବାଲେଶ୍ୱର ବ୍ରାଞ୍ଚ ଅଫିସ ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରବୀଣ ରସାୟନଜ୍ଞଙ୍କ ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛୁଲି ବା ବିକୃତ ଚିହ୍ନ, ହସ୍ତାଙ୍ଗୁଳି ଜ୍ୱାଳା ଶରୀରର ଅବସାଦ, ମୂତ୍ରବନ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛୁଲି ପ୍ରଭୃତି ଅଳ୍ପରେ ଆରୋଗ୍ୟ ହୁଏ । ଏକ ଶିଶି ୫୨୯ଙ୍କା ମାତ୍ର ୫ ୨ ୯ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:— **ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦାଚାର୍ଯ୍ୟ

ଆଲାମଚାନ୍ଦ ବଜାର, କଟକ


---

# 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩୷ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଗୋଟିଏ ଡଗର ଦୁଇଅଣା ଦେଇ ପାଇ ପାରିବେ ।

୪ । ଡଗର ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ," 'ଡଗର' ପୋଷ୍ଟ ଭଦ୍ରକ ( B. N. R. ) ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକ ଟିକଟ ନଥିଲେ କବିତା, ପ୍ରବନ୍ଧ, ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---


ସମ୍ପାଦକ
**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସମ୍ପାଦକ
**ଶ୍ରୀ ବ୍ରଜମୋହନ ଦାସ**


Digitized by srujanika@gmail.com

୭ମ ବର୍ଷ
୧୮ଶ ସଂଖ୍ୟା
ମାର୍ଗଶିର ଦ୍ୱିତୀୟାର୍ଦ୍ଧ
ତା ୧୬-୧୨-୪୩ଖ୍ରୀ:

# ଡଗର

## ହୁକା ହୁକା ହୁଆ
( ବିଲୁଆ ବିଗୁର )

—ପାକ୍ଷିକ—
ବାର୍ଷିକ · ଟ ୮/·
ମୁଦ୍ରିତ ସଂଖ୍ୟା — ୬୦୮
ଗ୍ରାହକ ସଂଖ୍ୟା — ୫୭୯

କିଛିଦିନ ପୂର୍ବେ ଠକ୍କର ପ୍ରମୁଖ କେତେଜଣ ଖ୍ୟାତନାମା ବ୍ୟକ୍ତି ଓଡ଼ିଶା ଗସ୍ତକରି ଆସି ଓଡ଼ିଶାର ଦୁର୍ଭିକ୍ଷକୁ ଗଛ ଉପରେ ଚଢ଼ାଇ ଦେଲେ ଓ ତାହା ସାଙ୍ଗରେ ଓଡ଼ିଶା ମନ୍ତ୍ରୀମଣ୍ଡଳର ଇଜ୍ଜତ ପଦାରେ ପକାଇ ଦେଇଗଲେ । ଏସବୁ ମନେ ହୁଏ ଆମ ମନ୍ତ୍ରୀମଣ୍ଡଳପ୍ରତି ବିରୋଧଭାବାପନ୍ନ ଲୋକଙ୍କର ଖେଳ । ସେଥିପାଇଁ ଆମେ ଆମ ମନ୍ତ୍ରୀମଣ୍ଡଳଙ୍କୁ ସୁପରାମର୍ଶ ଦେଉଛୁଁ କି ଏ ଡେଙ୍ଗୁରପିଟା ବା ପ୍ରୋପାଗଣ୍ଡା ଯୁଗରେ ତାଙ୍କର ନୀରବ ନିଶ୍ଚିନ୍ତ ହୋଇ ରହିଯିବା ଉଚିତ ନୁହେଁ । ଭାରତରେ ଓଲଟା ମତବାଦୀ ନେତାର ଅଭାବ ନାହିଁ ତ ! ମନ୍ତ୍ରୀମଣ୍ଡଳ ଏହିପରି ଅଧିକଜଣ ଗୋଟିଏ ନେତାଙ୍କୁ ଆମନ୍ତ୍ରଣ କରି ଆଣି ଏପଟ ସେପଟ ଥରେ ବୁଲାଇ ନିଅନ୍ତୁ, ଆଉ ତାଙ୍କୁ ଆଣି କଟକ ଟାଉନ ହଲରେ ଗୋଟାଏ ଲେକ୍ଚର ବା ବକ୍ତୃତା ଦିଆଇ ନିଅନ୍ତୁ ଓ ଲମ୍ବ ଲମ୍ବ ଇସ୍ତାହାର ଲେଖାଇ ଖବରକାଗଜ ଯଥା ଏ: ପି: ଇଉ: ପି: ପ୍ରଭୃତିଙ୍କୁ ପଠାଇ ଦିଅନ୍ତୁ ।
ଏହି ପ୍ରକାରରେ କାଉଣ୍ଟର ପ୍ରୋପାଗଣ୍ଡା ନ କରି ମିଥ୍ୟା, ଅନ୍ୟାୟ ଓ ଅତିରଞ୍ଜନର ପ୍ରଶ୍ରୟ ଦେବା କେବଳ ନିର୍ବୋଧତା ଦୁର୍ବଳତା ନୁହେଁ, ମହା ପାପ ମଧ୍ୟ । × + +

Grow more food ( ଅଧିକ ଖାଦ୍ୟ ଉତ୍ପାଦନ ) କଥାଟା ଏ ଖାଦ୍ୟାଭାବ ବେଳରେ ଶୁଣିବା ବେଳକୁ ବେଶ ଉତରୁ ପୂର ପୂର ଆସିଲା ପରି ଜଣା ପଡ଼ୁଥିଲା । ମାତ୍ର କିଛି କାଳରୁ ଶୁଣି ଶୁଣି ଏମିତିକା ଅରୁଚି ବି ଧରି ଆସିଲାଣି ।

ଯାହାହେଉ ଏବେ ପୁଣି ସରକାରଙ୍କର ମଣାଗି ଟେଉଁଛି ବୋଧହୁଏ । କାହିଁକି ନା ଏ ଆନ୍ଦୋଳନ ଚଳାଇବା ପାଇଁ ଅର୍ଥାତ୍ ଖାଦ୍ୟ ଉତ୍ପାଦନର ଉପକାରିତା ଲୋକଙ୍କୁ ବୁଝାଇବା ପାଇଁ ବହୁ ସଂଖ୍ୟାରେ ଲୋକ ନିଯୁକ୍ତ ହେଉଛନ୍ତି ଓ ଅର୍ଥ ସାହାଯ୍ୟର ଜୋହର ବାହାରିଛି । ଅଧିକ ଉତ୍ପାଦନର ଫଳ କି ଯେଉଁ ଲୋକେ ବୁଝି ନାହାନ୍ତି ତାଙ୍କୁ ଆମେ "ନଷ୍ଟସ୍ୟ କାନ୍ୟା ଗତି" ଛଡ଼ା ଆଉ କଣ କହିବା ? ସେଥିପାଇଁ ଆମେ ପ୍ରସ୍ତାବ କରୁଁ କି ଏହି ବୁଝାଳୀ ଅଫିସରମାନେ 'ଅଧିକ ଉତ୍ପାଦନ କର' ବୋଲି ଉପଦେଶ ଦେବା ସଙ୍ଗେ ସଙ୍ଗେ ଲୋକଙ୍କୁ ଆଉ ଗୋଟାଏ ଦୋଟାଏ କଥା ମଧ୍ୟ ଶିଖାଇ ଦିଅନ୍ତୁ । ଯଥା— ଅଧିକ ଖାଦ୍ୟ ଉଜାଣ କର, ଅଧିକ ବଳ ସଞ୍ଚୟ କର, ଅଧିକ ଶ୍ରଦ୍ଧା ସଞ୍ଚୟ କର, ଅଧିକ ଧନ ଅର୍ଜନ କର ଇତ୍ୟାଦି । କାହିଁକି ନା, ଆମ ଲୋକଗୁଡ଼ାକ କିଛି ଜାଣନ୍ତି ନାହିଁ ବା ବୁଝନ୍ତି ବି ନାହିଁ । ଶୁଣିଲେ ହେଲେ ଆଖି ଖୋଲନ୍ତା ।

\+ + + ×

### କବିବର ଚିନ୍ତାମଣି ମହାନ୍ତିଙ୍କ ମହାପ୍ରୟାଣ

କବିବର ଚିନ୍ତାମଣି ଆଉ ଇହଧାମରେ ନାହାନ୍ତି । ଡିସେମ୍ବର ୧୭ ତାରିଖ ରାତି ସାଢ଼େ ଏଗାରଟା ବେଳେ ତାଙ୍କର ଅମର ଆତ୍ମା ନଶ୍ୱର ଦେହ ତ୍ୟାଗ କରି ଚାଲି ଯାଇଅଛି । ସେ ଗତ ଦୁଇମାସ ହେଲା କଠିନ ଆମାଶୟ ରୋଗରେ ପୀଡ଼ିତ ଥିଲେ । ତାଙ୍କର ତିରୋଧାନରେ ଉତ୍କଳ ଗଗନରୁ ଗୋଟିଏ ଉଜ୍ଜ୍ୱଳ ଜ୍ୟୋତିଷ୍କ ଅନ୍ତର୍ଦ୍ଧାନ ହୋଇଅଛି । ଆମ୍ଭେମାନେ ତାଙ୍କର ପବିତ୍ର ଓ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କୁ ଜଣାଇ ଶୋକ ସନ୍ତପ୍ତ ଆତ୍ମୀୟସ୍ୱଜନଙ୍କ ସହ ସମବେଦନା ଅନୁଭବ କରୁଅଛୁଁ ।

ସଂ—'ଡଗର'

Digitized by srujanika@gmail.com

ଜାପାନ କଥା ସରିଲା ! ଏତେ ତୋଡ଼ଜୋଡ଼, ଏତେ ଫୁଟାଣି ଏବଂ ଅସୀମ ଧୈର୍ଯ୍ୟ ଉଡ଼ିଗଲା ଉପରେ । ବାପରେ ସହରରେ ବସି ବ୍ରିଟେନ, ଆମେରିକା ଓ ଚୀନର ମାଲିକମାନେ ମିଳିତ ହୋଇ ସ୍ଥିର କରିଛନ୍ତି ଯେ ଜାପାନ ଯେତେ ଯେତେ ଥାନ କବ୍‌ଜା କରି ନେଇଛି, ସେଥିରୁ ତାକୁ ତଡ଼ି ଦିଆଯିବ ଆଉ ତାକୁ ଏପରି ଜବତ କରିବାକୁ ହେବ ଯେ, ସେ ଯେପରି ଆଉ କେବେ ଏମିତି ଦୁଷ୍ଟାମି କରି ନପାରେ । ସୁଖର କଥା ଯେ ଯେଉଁସବୁ ଦେଶକୁ ଜାପାନ କବଳରୁ ମୁକ୍ତ କରାଯିବ, ସେଠାକା ଲୋକଙ୍କୁ ସ୍ୱାଧୀନତା ଦିଆଯିବ । ଅର୍ଥାତ୍ ବର୍ମା, ମାଲୟ, କୋରିଆ, ଚୀନ ଇତ୍ୟାଦି । ଏଥିରେ ଦୁଃଖ କେବଳ ଭାରତର ନାମ ସେ ତାଲିକାରେ ଉଠିବାର ସୁବିଧା ହେଲାନାହିଁ ।

\+ × × +

ଏ ବେଳରେ ଆମ ସରକାର ଶହ ଶହ କଂଗ୍ରେସିଙ୍କୁ ଅଟକାଇ ରଖିଛନ୍ତି । ସେମାନେ ସବୁ ବିଦ୍ରୋହୀ ହୋଇ କାହାର କଣ କରିବେ ? ବ୍ରିଟିଶର ଆଉ ଭୟ ନାହିଁ । ଶତ୍ରୁ ଏକପ୍ରକାର ପରାଜିତ । ଜର୍ମାନୀ ତ ପଡ଼ିଲା ଜାପାନ ଯିବ ଯିବ-କାର । ଏତେବେଳେ ଏହି ଲୋକଙ୍କ ମନୋବୃତ୍ତି ବ୍ରିଟିଶସିଂହ ପକ୍ଷରେ ଶୋଚନୀୟ ହୋଇ ନ ପାରେ । କଂଗ୍ରେସବାଲା ଯାହା ଦୁଇଜଣ ପଡ଼ିବେ, ତାହାରେ ଥିଲେ ଏ ଜଗତରେ ଅବାଞ୍ଛିତ ସୃଷ୍ଟିକାରେ ଜଣସୁଦ୍ଧା କୁତ୍ସିତ କାମ କରି ପାରନ୍ତେ । ସରକାର ସେମାନଙ୍କର ସାହଚର୍ଯ୍ୟ ଲାଭ କରି ଅନ୍ତତଃ କେମ୍ପେନ, ଅଧିକ ଶସ୍ୟ ଉତ୍ପାଦନର କାମରେ ଲଗାଇ ପାରନ୍ତେ । ତାହା ନ କରି ବୃଥାରେ ଶହ ଶହ ବନ୍ଦୀଙ୍କ ପିଛା ଯାହା ଖରଚ ହେଉଛି, ସେତିକ ପାଇଁଲେ ହୁଏତ ନଗର ମଣ୍ଡଳର ଲୋକଙ୍କ ବସ୍ତ୍ରାଭାବ ଦୁଃଖ ଯାଇ ପାରି ଥାଆନ୍ତେ ।

ଗଡ଼ଜାତ ମହାରାଜା ରାଜ୍ୟାଭିଷେକ ହୁଡ଼ କଢ଼ିବା ଦଶରେ ଯେପରି ପ୍ରାଣପଣେ ଲଢ଼ି ହେଉଛନ୍ତି—ଥରେ ଏ ଦେଶକୁ ତାଙ୍କର ଶୁଭଦୃଷ୍ଟି ପଡ଼ିବ କି ?

\+ × + +

ଦୁର୍ଭିକ୍ଷ ଯାଇ, ଅଜନ୍ମା ବର୍ଷ । ପୁଣି ଯଦି ଲେଉଟି ଆସେ, ତେବେ ଆଉ ଗୋଟିଏ ବେଶରେ ଆସିବ । ଆମର ଇଲାକା, ମନ୍ତ୍ରୀଗଣ ତାକୁ ଉପଯାଚି ବର୍ଜନରେ ଟେକେଟ କେବେ ନାହିଁ । କିନ୍ତୁ ଦୁର୍ଭିକ୍ଷ ପଛେ ପଛେ ଯେଉଁ ମଡ଼କ ଘୋଡ଼ା ଚଢ଼ିଲେଣି, ସେଥିକି ମନ୍ତ୍ରୀଗଣ ଜାଗ୍ରତ ଅଛନ୍ତି କି ନାହିଁ ସେଇ କଥା ପ୍ରାଣକୁ ଘାରି ଦେଉଛି ! ସେଥିପାଇଁ ଆମେ ସଭିଙ୍କୁ ଚେତାଇ ଦେଉଛୁ, ଏଥର ଚେତି ଏଥିକୁ ହୁସିଆର ରହନ୍ତୁ । କାରଣ ମାଘ ଫାଲ୍ଗୁନୀର ଘୋଡ଼ା ବିଶ୍ୱ ଦଶ ଦିଶି ଜଗିଛି ।

× + × +

ଆମ ନୂଆ ବଡ଼ଲାଟ ଲର୍ଡ ଓ୍ୟାଭେଲ ସାହେବ ଆସି ଏହା ଭିତରେ ଓଡ଼ିଶା ଗସ୍ତ କରି ଯାଇଛନ୍ତି । ସେ ଆମ ଓଡ଼ିଶାର ଦୁଃଖ, ଦୁର୍ଦ୍ଦଶା, ଦାରିଦ୍ର୍ୟ, ଜନସ୍ୱାସ୍ଥ୍ୟ, ଶିକ୍ଷା, ଅନାଟନ ସମସ୍ତ ବୁଝି ଆମ ପାଇଁ ଗଭୀର ସହାନୁଭୂତି ପ୍ରକାଶ କରି ଦପଦପ ଆଶାର ବାଣୀ ମଧ୍ୟ ଶୁଣାଇ ଦେଇ ଅଛନ୍ତି । ଆମେ ଓଡ଼ିଶାବାସୀ ସେଥିକି ଶୁଣି କୃତାର୍ଥ । ଏମିତି କେତେ ଜଣ ବଡ଼ ଲାଟ ଆସି ଆମ ଦୁଃଖ ଦୁର୍ଦ୍ଦଶା ସମ୍ବନ୍ଧରେ ପଦେ ଅଧେ ଆଶ୍ୱାସନା ବାଣୀ ଶୁଣାଇ ଦେଲେ ଆମର ହେଲା, ମନରେ ଗୋଟିଏ ସାହାସ ଆସିଲା- ଆମେ ଯେତେ ଦୁଃଖ କଷ୍ଟ ପାଉନା କାହିଁକି ମୁଣ୍ଡ ଟେକିବାର ସାହାସ ରଖିଛୁ ।

× × ×

ବଡ଼ଲାଟ ସାହେବ ଓଡ଼ିଶାର କେଉଁ କେଉଁ ଅଞ୍ଚଳମାନ ବୁଲି ଦେଖି ଗଲେ, କିନ୍ତୁ ବାଲେଶ୍ୱରର ଯେଉଁ ଅଞ୍ଚଳରେ ସର୍ବାଧିକ କଷ୍ଟ ହୋଇଛି ସେ ଅଞ୍ଚଳରେ ପାଦ ପକାଇବାକୁ ଭୁଲିଗଲେ । ବାଲେଶ୍ୱରବାସୀଙ୍କ ମନରେ ବଡ଼ ଅସନ୍ତୋଷ ରହିଗଲା । ବଡ଼ଲାଟ ସାହେବଙ୍କର ପ୍ରକୃତ ଦୋଷ କଥା କାହିଁକି ତା କର୍ମ ବ୍ୟସ୍ତ ସମୟ (busy time) ଭିତରେ ବାଲେଶ୍ୱରର ଉକ୍ତ ସ୍ଥାନ ଜାଗା କଥା ମନରେ ପଡ଼ିବା ହୁଏତ ସମ୍ଭବ ନୁହେଁ—କିନ୍ତୁ ଆମ ଓଡ଼ିଶା ସରକାର ସେ ଅଞ୍ଚଳ ବଡ଼ଲାଟ ସାହେବଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ଭଲ ହୋଇ ଥାନ୍ତା । ଆମେ କହୁ ବାଲେଶ୍ୱରର ଏହା ଦୁର୍ଭାଗ୍ୟ । ତେବେ ଆମର ଏତିକି ଆଶା ଯେ ଆମ ଜିଲ୍ଲା ମାଜିଷ୍ଟ୍ରେଟ ଯାଇ ବଡ଼ଲାଟଙ୍କ ପାଖରେ ଦେଖାକରି କଥା କହି ଆସିଥିଲେ । ଆମ ଦୁଃଖ ଦୁର୍ଦ୍ଦଶା କଥା ନିଶ୍ଚୟ କହିଥିବେ ଯେ !

Digitized by srujanika@gmail.com

ବିଲେଇ ହାତରେ……………………

# —ବିଭୂତିର ଆଇଡ଼ିଆ—

—ଶ୍ରୀ ସନାତନ ମହାନ୍ତି

ଏଇଥର ମେଟ୍ରିକ ଫେଲ ହୋଇ ବିଭୂତିର ଆଉ କୌଣସି ସନ୍ଦେହ ରହିଲା ନାହିଁ ଯେ ପରୀକ୍ଷକମାନେ ଷଡ଼ଯନ୍ତ୍ର କରି ତାକୁ ଫେଲ କରିଛନ୍ତି । ପରୀକ୍ଷକ ମାନଙ୍କ ମଧ୍ୟରୁ ଜଣକୁ ଯଦି ସେ ନିଜ ସମ୍ମୁଖରେ ପାଆନ୍ତା, ତାକୁ ଦେଖାଇ ଦିଅନ୍ତା ଥରେ ତାର କରାମତି । ସେ ମନେ ମନେ ପ୍ରତିଜ୍ଞା କଲା—ନିଶ୍ଚୟ ସେ ଏହାର ପ୍ରତିକାର କରିବ । କିନ୍ତୁ ସେ କଣ କରିବ— ଏଇହେଲା ତାର ବିଷମ ସମସ୍ୟା— ।

ସେଦିନ ଖବର କାଗଜ ପଢୁ ପଢୁ ତା ଆଖି ଆଗରେ ପଡ଼ିଗଲା, ବଡ଼ ବଡ଼ ଅକ୍ଷରରେ ଛପା ହୋଇଛି "ନିଖିଳ ଭାରତ ଛାତ୍ର ସମ୍ମିଳନୀ ।" ସେଇ ମୁହୂର୍ତ୍ତରେ ତା ମନରେ ଗୋଟିଏ ନୂତନ ଆଇଡ଼ିଆ ( idea ) ଜାଗି ଉଠିଲା "All India plucked Students' Confernce ( ନିଖିଳ ଭାରତ ଫେଲ ଛାତ୍ର ସମ୍ମିଳନୀ ) । ଏହି ସମ୍ମିଳନୀ ପରୀକ୍ଷକ ମାନଙ୍କୁ ଜବ୍ଦ କରିବାକୁ ସମର୍ଥ ହେବ । ବର୍ତ୍ତମାନ ଫେଲ ଛାତ୍ରମାନଙ୍କୁ ଏକତ୍ରିତ କରିବାକୁ ହେବ ।

ସେହିଦିନ ସେ ବାହାରି ପଡ଼ିଲା ତାର ନିକଟସ୍ଥ କେତେକ ଫେଲ୍ ଛାତ୍ର ଓ ଛାତ୍ରୀଙ୍କ ପାଖକୁ । ସେମାନଙ୍କୁ ଡାକି ସନ୍ଧ୍ୟାବେଳେ ତାର ବୈଠକରେ ଗୋଟିଏ ଛୋଟ ସଭା କଲା । ପ୍ରଥମେ ଧୀରେନ୍ ଆରମ୍ଭକଲା— "କଂଗ୍ରେସ ସଭାକୁ ଯେପରି ଭାରତରେ ସମସ୍ତ ପ୍ରଦେଶରୁ ପ୍ରତିନିଧି ଆସନ୍ତି, ସେହିପରି ଆମେ ମଧ୍ୟ ଚାରିଆଡ଼େ ବିଜ୍ଞାପନ ପଠାଇ ଫେଲ ଛାତ୍ରମାନଙ୍କୁ ପ୍ରତିନିଧି ପଠାଇବା ପାଇଁ ଅନୁରୋଧ କରିବା ।"

ହରପ୍ରିୟା ଧୀରେନର ପ୍ରସ୍ତାବକୁ ସପୋର୍ଟ କରି କହିଲା— "କିନ୍ତୁ ପରୀକ୍ଷକମାନଙ୍କୁ ଆମେ ଜବଦ କରିବା କିପରି ?"

ବିଭୂତି ହରପ୍ରିୟାର କଥାର ଉତ୍ତର ଦେବାକୁ ଯାଇ କହିଲା—"ଆମ୍ଭମାନଙ୍କର ଏହି ସମ୍ମିଳନୀ ସମସ୍ତ ୟୁନିଭର-ସିଟିର ଚାନ୍ସେଲର ଓ ଏକ୍‌ଜାମିନର ମାନଙ୍କୁ ଚେଲେଞ୍ଜ କରିବ । ସେମାନେ ଯେପରି ଆମକୁ ପରୀକ୍ଷା କରି ଫେଲ କରିଛନ୍ତି ସେହିପରି ଆମେ ମଧ୍ୟ ସେମାନଙ୍କୁ ପରୀକ୍ଷା କରିବା ।"

ଅରୁଣା ତା କେଶର ରେଶମ ଫିତାକୁ ସଜାଡ଼ୁ ସଜାଡ଼ୁ କହିଲା, "କିନ୍ତୁ ସେମାନଙ୍କ ପାଇଁ କୋଶ୍ଚେନ ତିଆରି କରିବ କିଏ? ଆମ ପେଟରେ ଯାହା ବିଦ୍ୟା ଅଛି, ଯିମିତିଆ କୋଶ୍ଚେନ କଲେ ମଧ୍ୟ ସେମାନେ ତାର ଠିକ୍ ଉତ୍ତର ଦେଇଦେବେ ।"

ପୁଣି ଧୀରେନ୍ ଆରମ୍ଭକଲା—"ସେ ସବୁ କାମ ମୋର— ତମମାନଙ୍କୁ ସେସବୁ ଭାବିବାକୁ ହେବନି— କେବଳ ସେହି କୋଶ୍ଚେନ ପେପର ଓ ବିଜ୍ଞାପନ ଛପାଇବା ପାଇଁ ତୁମେ ଛାତ୍ର ଭିତରେ ଚାନ୍ଦା ଆଦାୟ କର । ଖବର କାଗଜ ମାନଙ୍କରେ ଅନ୍ୟାନ୍ୟ ସ୍ଥାନର ଫେଲ ଛାତ୍ରମାନେ ଆବେଦନ ପତ୍ର ଦେଖିବେ ଓ ପ୍ରତିନିଧି ପଠାଇବେ । ସେତେବେଳେ ଆମ୍ଭେମାନେ ପ୍ରତ୍ୟେକ ଚାନ୍ସେଲର, ଭାଇସ୍ ଚାନ୍ସେଲର ଓ ଏକ୍‌ଜାମିନର ମାନଙ୍କ ପାଖକୁ କୋଶ୍ଚେନ ପେପର ପଠାଇବା ।"

ଧୀରେନର କଥାରେ ସମସ୍ତେ ରାଜି ହେଲେ । ସେହିକ୍ଷଣି ଧୀରେନ ଓ ହରପ୍ରିୟା ଗୋଟିଏ ବିଜ୍ଞାପନର ନମୁନା ଲେଖି ବସିଲେ:—

"ନିଖିଳ ଭାରତ ଫେଲ ଛାତ୍ର ସମ୍ମିଳନୀ"

ପରୀକ୍ଷକମାନଙ୍କ ଚକ୍ରାନ୍ତ ହେତୁ ଆମ୍ଭେମାନେ ପରୀକ୍ଷାରେ ଫେଲ ହୋଇଅଛୁଁ । ଚାନ୍ସେଲର ଓ ଏକ୍‌ଜାମିନର ମାନେ ମିଳିତ ହୋଇ ମନକୁ ଯାହା ଆସିଲା ତାହା କୋଶ୍ଚେନ ତିଆରି କରିଛନ୍ତି । ତାଙ୍କର ଏହି ଅନ୍ୟାୟ ବାକ୍ୟ ଆମେ ପରୀକ୍ଷାରେ ପାଶ କଲେ ତାଙ୍କ ଉପରେ ଦାବୀ କରିବା । ଏ ଅପମାନ ସହିବାର ନୁହେଁ— ପ୍ରଥମେ ପ୍ରଥମେ ଆମେ

Digitized by srujanika@gmail.com

ଥିବଥିଲୁଁ ମହାତ୍ମା ଗାନ୍ଧି ଏ ବିଷୟରେ ଦୃଷ୍ଟି ଦେବେ— ମାତ୍ର ଗାନ୍ଧିଙ୍କ କଥା ଛାଡ଼, ପଣ୍ଡିତ ନୀଳକଣ୍ଠଦାସ, ଡାକ୍ତର ମାୟା-ଧର ମାନସିଂ ପ୍ରଭୃତି ବଡ଼ ବଡ଼ ନେତାମାନେ ଏ ବିଷୟରେ ମୁଣ୍ଡ ଖେଳାଇଲେ ନାହିଁ । ଆମେ ତାଙ୍କ ଅପେକ୍ଷାରେ ଥିଲୁଁ— ତାଙ୍କଦ୍ୱାରା ଏହା ହେବନାହିଁ । ବର୍ତ୍ତମାନ ସମୟ ନଷ୍ଟ ନକରି ଫେଲଛାତ୍ରମାନଙ୍କୁ ସଂଘବଦ୍ଧ କରିବାକୁ ହେବ— ସଂଘବଦ୍ଧ ହେଲେ ତାହାରି ଉପରେ ଆମର ଭବିଷ୍ୟତ ନିର୍ଭର କରେ । ସେଥିପାଇଁ ଆମେ ଫେଲ ଛାତ୍ରମାନଙ୍କୁ ଅନୁରୋଧ କରୁଁ ଯେ ସେମାନେ ନିଶ୍ଚୟ ଏଥିରେ ଯୋଗ ଦେବେ ।

ନିଖିଳ ଭାରତର ବିଭିନ୍ନ ଅଞ୍ଚଳର ଫେଲ ଛାତ୍ର ସଂଘକୁ ଏକତ୍ର କରିବାପାଇଁ ସମସ୍ତ ସଂଘର ପ୍ରତିନିଧି ମାନଙ୍କୁ ଆହ୍ୱାନ କରି ବୃହଦାକାରରେ ସମ୍ମିଳନୀ କରିବୁଁ, ଆମେ ଚାହୁଁ ଏକତା— ଏକତାହିଁ ଶକ୍ତି । ଆମର ଶତ ଅନୁରୋଧ, ସେମାନେ ଯେପରି ଆମର ଏହି ସମ୍ମିଳନୀରେ ଯୋଗଦିଅନ୍ତି । ପ୍ରତ୍ୟେକ ସଂଘକୁ ସଂଘ ଅନ୍ତର୍ଭୁକ୍ତ ହେବା ପାଇଁ ଏଡ୍‌ମିଶନ ଫି ପାଞ୍ଚଟଙ୍କା ମାତ୍ର । ସେହି ପ୍ରକାରରେ ଯେତେ ଟଙ୍କା ଆଦାୟ ହେବ, ତାହା ସାହାଯ୍ୟରେ ଗୋଟିଏ ବିଖ୍ୟାତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ କରିବାକୁ ହେବ । ଯେ ପରୀକ୍ଷାରେ ଫେଲ ହେବ, ସେ ସେହି ନୂତନ ସ୍ଥାପିତ ବିଶ୍ୱବିଦ୍ୟାଳୟରୁ ସାର୍ଟିଫିକେଟ ପାଇବେ । ଯେ ପରୀକ୍ଷାରେ ଚାରିଥର ଫେଲ ହେବେ ସେ ବିଶ୍ୱବିଦ୍ୟାଳୟ ତରଫରୁ ରୌପ୍ୟ ପଦକ ପୁରସ୍କୃତ ହେବେ ଏବଂ ଯେ ମେଟ୍ରିକରୁ ଆରମ୍ଭକରି ଏମ୍. ଏ. ପର୍ଯ୍ୟନ୍ତ ପ୍ରତ୍ୟେକରେ ସାତଥର ଲେଖାଏ ଫେଲ ହେବେ ସେ ସେହି ବିଶ୍ୱବିଦ୍ୟାଳୟର ଚାନସେଲର ହେବେ । ଅନ୍ୟମାନଙ୍କୁ ବିଲାତ ପଠାଇବାର ସୁବିଧା କରାଯିବ ।

ତାପରେ ଯେଉଁ ଭାଇସ୍‌-ଚାନସେଲର ଓ ଏକଜାମିନର-ମାନେ ଆମକୁ ଫେଲ କରିଛନ୍ତି, ସେହି ପ୍ରକାର ତାଙ୍କ ପାଖକୁ କୋଶ୍ଚେନ ପେପର ପଠାଇ ଆନସାର ଶୁଣି ଦେଖିବା ଓ ସେମାନେ କେମିତି ପାଶକରିଛନ୍ତି ଜଗତକୁ ଦେଖାଇ ଦେବା । ଯଦି ସେମାନେ ଆନସାର ନଦିଅନ୍ତି ତାହାହେଲେ ଆମେ-ମାନେ ପିକେଟିଂ ଓ ଅନଶନ କରିବାପାଇଁ ପଶ୍ଚାତ୍‌ପଦ ହେବାନାହିଁ । ଆଶାକରୁଁ ଏଥର ଛାତ୍ରମାନେ ସଂଘବଦ୍ଧ ହେବାପାଇଁ କୁଣ୍ଠିତ ହେବେ ନାହିଁ । ଇତି

ନିଖିଳ ଭାରତ ଫେଲ ଛାତ୍ର ସମ୍ମିଳନୀ,
କାର୍ଯ୍ୟକାରୀ କମିଟିର ସଭାପତି

ଏଥର ଲୋକମାନେ ଆଶ୍ଚର୍ଯ୍ୟ ହେଲେ ଯେ କିଏ ସଭାପତି ହେବ । ସମସ୍ତେ ଠିକ୍‌କଲେ ଯେ ଧୀରେନ ଷୋଳଥର ଫେଲ ହୋଇଛି, ତେଣୁ ସେ ସଭାପତି ହେବ । ସେଦିନ ସଭା ବନ୍ଦ ରହିଲା । × × × ×

ତହିଁ ଆରଦିନ ମଧ୍ୟ ବଡ଼ ଘରେ ଗୋଟିଏ ସଭା ବସିଲା—ଆଜିକାର ପ୍ରଧାନ ବିଷୟ ହେଲା କୋଶ୍ଚେନ ପେପର ତିଆରି କରିବା । ମୋଟରେ ତିନୋଟି ସବ୍‌ଜେକ୍ଟର କୋଶ୍ଚେନ ତିଆରି ହେବ ଓ ଛପାଖର୍ଚ୍ଚ କମାଇବା ପାଇଁ ଗୋଟିଏ କାଗଜରେ ତିନୋଟିଯାକ କୋଶ୍ଚେନ ଛପାହେବ । ପ୍ରଥମ ଭାଗରେ ଅଙ୍କ, ଦ୍ୱିତୀୟରେ ଇତିହାସ ଓ ତୃତୀୟରେ ସଂସ୍କୃତ ।

ଏହିପରି ଭାବରେ ବହୁଚେଷ୍ଟାଦ୍ୱାରା ମୁଣ୍ଡର ଝାଳ ତୁଣ୍ଡରେ ମାରି ତିନୋଟି ସବ୍‌ଜେକ୍ଟର କୋଶ୍ଚେନ ତିଆରିକଲେ । କୋଶ୍ଚେନ ସବୁ ଛପାହେବା ପାଇଁ ସଜେଇ ରଖାଗଲା ।

"ନିଖିଳ ଭାରତର ଭାଇସ୍‌ଚାନସେଲର ଓ ଏକଜାମିନର-ମାନଙ୍କ ପରୀକ୍ଷା ପ୍ରଶ୍ନ:—"

ପୂର୍ଣ୍ଣ ସଂଖ୍ୟା— ୧୦୦, ସମୟ— ୩ ଘଣ୍ଟା

୧ମ ବିଭାଗ ।

୧ । ଗୋଟିଏ ହାତୀର ଲଘୁକରଣ କର ?

୨ । ସମସ୍ତ ଭାରତବର୍ଷର ଇତିହାସର ଦାମ ଯଦି ୫୬୯ ଟଙ୍କା, ତେବେ ମୟୂର ସିଂହାସନର ଦାମ କେତେ ?

୩ । ଗୋଟିଏ ରାମଛେଳିର ଦାଢ଼ୀରେ ୧୦୦ଟି ବାଳ ଥିଲେ, ଜଣେ ମନୁଷ୍ୟର ଦାଢ଼ୀରେ କେତେ ବାଳ ଅଛି ?

୪ । ପରୀକ୍ଷାରେ ଫେଲହେଲେ ଛାତ୍ର କ୍ଲାସ ପ୍ରମୋଶନ ପାଏ ନାହିଁ, ମାତ୍ର ଜଣେଲୋକ ହାର୍ଟ-ଫେଲ କଲେ ପରଲୋକ ପ୍ରମୋଶନ ପ୍ରାପ୍ତହୁଏ । କାହିଁକି ? ଫରମୁଲା ଲେଖ ।

୫ । ଗୋଟିଏ ବିଲୁଆର ଗୋଟିଏ ଦଗକୁ ବନ୍ଧାଇ ଦିଆଗଲେ, ଅନ୍ୟ ଦୁଇଦଗ କି ଉପାୟରେ ତାର ଗତିରୋଧ କରିବେ?

—୨ୟ ବିଭାଗ—

୧ । ମହାରାଜା ଅଶୋକ ଆମେରିକାରେ ବୌଦ୍ଧଧର୍ମ ପ୍ରଚାର କରିବାପାଇଁ ଯାହା ବ୍ୟବସ୍ଥା କରିଥିଲେ, ତାହାର ଯଥାଯଥ ବର୍ଣ୍ଣନା କର ।

୨ । ରବର୍ଟ କ୍ଲାଇବ ବଙ୍ଗଳା ଜୟକରି ରେଡିଓରେ ଯେଉଁ ବକ୍ତୃତା ଦେଇଥିଲେ ତାହା ଲେଖ ।

Digitized by srujanika@gmail.com

୩। ଶିବାଜୀ ଗୋଟିଏ ଘୋଡ଼ାରେ ଚଢ଼ି ସବୁ ଯୁଦ୍ଧରେ ଜୟ କରିଥିଲେ ଓ ରଣା ପ୍ରତାପ ଅନ୍ୟ ଗୋଟିଏ ଘୋଡ଼ାରେ ଚଢ଼ି ସବୁ ଯୁଦ୍ଧରେ ହାରି ଯାଇଥିଲେ; କାହିଁକି ? ଘୋଡ଼ା ଦୁଇଟିର ଆକାର, ଚରିତ୍ରଗତ ବିଶେଷତ୍ୱ ତୁଳନା କର ।

୪। ରାକ୍ଷସ ମୁଣ୍ଡରେ ଏକଗୋଛା ଚୁଟି ରଖିଛନ୍ତି, ପଣ୍ଡିତ ନାଳବଣ୍ଟ ଦାଣ୍ଡ ଦାଢ଼ୀ ରଖିଛନ୍ତି, ଦ୍ରୌପଦୀଙ୍କ ସଧାନାଥ ରାୟ ଦାଢ଼ ରଖିଥିଲେ, ଚନ୍ଦ୍ରଶେଖର ଦାଢ଼ ରଖିନଥିଲେ, ତାହାର କାରଣ ନିର୍ଦ୍ଦେଶ କର ।

—ଶସ୍ୟ ବଜ୍ରସ—

୧। ସ୍ୱର୍ଣ୍ଣକାର ଓ ସଟେନ୍‌ସନ ମଧ୍ୟରେ ସଂସ୍କୃତ ବ୍ୟାକରଣ ପାଇଁ ଯେଉଁ ବିବାଦ ହୋଇଥିଲା ଏବଂ ସ୍ୱର୍ଣ୍ଣକାର ଟେକା ଫୋପାଡ଼ି ସଟେନ୍‌ସନର ମୁଣ୍ଡ ଫଟାଇ ଦେଇଥିଲେ, ସଂସ୍କୃତ ବ୍ୟାକରଣରେ ତାହାଦ୍ୱାରା କିରୂପେ ପ୍ରଭାବ ବିସ୍ତାର କରିଅଛି, ଲେଖ ।

୨। ସଂସ୍କୃତରେ ଅତବାକ ମଧ୍ୟ ଘିନ୍ନ (ଘିଅ+ନୁଣ) ପ୍ରତ୍ୟୟ ଅଛି । ତେଣୁ ଏଥିରୁ ଅନୁମାନ ହୁଏ ଯେ ମତ୍ସ୍ୟ, ମାଂସ, ଡିମ୍ବ ପ୍ରଭୃତି ପ୍ରତ୍ୟୟ ମଧ୍ୟ ଥିଲା— ତେବେ ସେ ସବୁ ଖାଇ କେବଳ ଘିନ୍ନ ପ୍ରତ୍ୟୟ ରହିଗଲା, ଲେଖ ।

୩। ରଜା ଓ ପ୍ରଜା ଶବ୍ଦର ରୂପ ଯଦି ଏକ ପ୍ରକାର ହୁଏ, ତେବେ ରଜା ମୂଲ୍ୟବାନ ପୋଷାକ ପିନ୍ଧି, ସିଂହାସନ ଉପରେ ବସି ଯେଉଁ ଅବେଶ ଦଅନ୍ତି ପ୍ରଜା ଛିଣ୍ଡାବସ୍ତ୍ର ପରିଧାନ କରି ତାହା କାହିଁକି ପାଳନ କରେ ?

ଏହିଠାରେ କୋଶ୍ଚେନ ଶେଷ ହେଲା—ଧୀରେନ କହିଲା— "ଶୁଭସ୍ୟ ଶୀଘ୍ରଂ, ତେବେ ବର୍ତ୍ତମାନ କୋଶ୍ଚେନ ପେପର ଓ ଉତ୍ତରପତ୍ର ଛପାଇବାପାଇଁ ଯିବାକଥା ।" ଧୀରେନର କଥାରେ ସମସ୍ତେ ପକେଟରୁ ପଇସା ବାହାର କରୁଥିବାର ଦେଖି ଦୁର୍ଗା କହିଲା— କେଉଁ ! ଏ କାମଟା ଗୋଟେ ଅଳ୍ପ ଦିନରେ କରିବା ଉଚିତ ନୁହେଁ ।

କବୁଚିଂଡ଼ାଧାରେବର କହିଲା— ତା ହେବନି, ପାଇଖାନା ଯିବା, ଭାତ ଖାଇଲାବେଳେ ଶୁଭକ୍ଷଣ ?

ଦୁର୍ଗା କହିଲା ତାର ମାନେ, "ଯଦି ଆମ୍ଭେମାନେ ଶୁଭକ୍ଷଣରେ ଏସବୁ କାମ କରୁଥାନ୍ତୁ ତେବେ ଅମଙ୍ଗଳ ଅକଣ୍ଟି, ଅମାଙ୍ଗଲ୍ୟ ପ୍ରଭୃତି ହୁଅନ୍ତାନାହିଁ ।"

ଧୀରେନ— ତେବେ ଆମେତ କେହି ପାଞ୍ଜିର ପ ଅକ୍ଷର ବି ଜାଣୁନା ।

"ମୋର ବାପା ଜଣେ ପ୍ରଧାନ ଜ୍ୟୋତିଷ, ମୁଁ ପାଞ୍ଜି ଦେଖି ଜାଣେ ।" ଦୁର୍ଗା କହିଲା ।

ପାଞ୍ଜି ଆସିଲା, ଦୁର୍ଗା ପାଞ୍ଜିଟାକୁ ଧରି ଓଲଟ ପାଲଟ କରି କହିଲା "ଏକମାସ ଭିତରେ ଭଲ ସମୟ ନାହିଁ ।" ପାଞ୍ଜି ଓଲଟ ପାଲଟ କରିବାବେଳେ ଦୁର୍ଗା ଭାବୁଥାଏ "ମୋ ହାତରେ ବର୍ତ୍ତମାନ ପଇସା ନାହିଁ ବା ଦୁଇ ତିନି ଦିନ ଭିତରେ ଯୋଗାଡ଼ ହେବାର ସଂଭାବନା ନାହିଁ । ମୋର ଦୋଷ ଯୋଗୁ ଏକମାସ ଡେରି ହେଲା ପଛେ । ମୁଁ ତ ସିଧା କେବେ ଭାଙ୍ଗିବି ।"

"ଏକମାସ ଭିତରେ ଭଲ ସମୟ ନାହିଁ" କହି ଦୁର୍ଗା ସମସ୍ତଙ୍କୁ ଅନାଇଲା—

କିଏ ଜଣେ ପଛରୁ ଉତ୍ତର ଦେଲା— "ତେବେ ମାସକ ପରେ କାମ ଆରମ୍ଭ ହେବ ।" *

---

( *ସମ୍ପାଦକ ରଚିତ )

---

ମାଷ୍ଟ୍ରେ ଘରେ ଦଇ ପଢ଼ାର ଖାତା ଦେଖୁ ଦେଖୁ କହିଲେ "ଶ୍ୟାମ, ଏ ଲେଖାଗୁଡ଼ାକ ତମ ବାପାଙ୍କ ହସ୍ତାକ୍ଷର ଭଳିଆ ଜଣା ପଡ଼ୁଛି ।"

ଶ୍ୟାମ—ଧଣଗା ବିଚାର ନୁହେଁ, ମୁଁ ତାଙ୍କ ଫାଉଣ୍ଟେନ ପେନ୍ ବ୍ୟବହାର କରିଥିଲି ।

+ + +

ଗୋପ—ହେ ସନ୍ତୋଷ, ତୁ ରାତିରେ ତୋ ଭାରିଯାକୁ ଚୁମା ଦେଲାବେଳେ ପରଦାଟା ଦଉଡ଼ି ଟାଣି ଦେଇଥିବୁ । ମୁଁ କାଲି ରାତିରେ ତମ ଘର ବାଟେ ଗଲାବେଳେ ତତେ ଦେଖି ହସି ପକେଇଲି ।

ସନ୍ତୋଷ—(ହସିଦେଇ) ଭେଉ ହସ ତୋର ଉପରେ ପଡ଼ୁ । ମୁଁ କାଲି ରାତିରେ ଘରେ ନଥିଲି । × × ×

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ *

( ମତାର୍ଣ୍ଣ ଚମ୍ପୂ )          କନ୍ତ-କବି ବରଚିତ

( ବ )

ବିଚକ୍ଷଣୀରେ, ବିନା ତୋ ପ୍ରୀତି କେ ଗତି
ଅଛି ଜଗତୀରେ ॥ ପଦ ।
ବୋଲି ଦେଲି ସିନା ବେଲି ହୋଇ
ବୁଝିଲୁ ତ ବୋଇତାକୁ ତୁହି
ବଦନେ ବାଉଁଳି ବାଜୁନାହିଁ
ବଙ୍କ ବଙ୍କ ହେଉଅଛୁ ତୁଚ୍ଛା ଅଲଣୀରେ । ୧ ।
ବୋଧ ପର ମୁହଁଠାକୁ କରି
ବଳି ହେଉ ମୋତେ ଏତେ ସରି
ବାରବୁଲି କେତେ ତୋହପରି,
ବାହିରେ ବୁଲନ୍ତି ଭିକ ମାଗି ଅଟଣୀରେ । ୨ ।
ବଳି ଉଠିଥିଲି ତୋତେ ସଖି
ବତାଇବୁ ବୋଲି ବାଟଟିକି
ବିଗିଡୁଛୁ ଏବେ କିସ ଦେଖି,
ବକସିସ ନେବୁ ଭାବିଛୁକି ମାଗଣୀରେ ? ୩ ।
ବଜାରକୁ ଗଲି ଏଲକ୍ଷିଣି
ବସି ବରା ଖାଇବା ଯେ ଜାଣି
ବାଟେ ବସିଥିଲେ ଗୁଣମଣି,
ବାଆଁ ପଟେ ଆଉ ଯୁହିବାଟି ଅଜଣୀରେ । ୪ ।

ଯା ଲୋ ଯା—ଠାକୁରି ଭରି କଣ ପଦେ କହି ଦେଲି ବୋଲି ସେଇ କଥାକୁ ଧରି ବସିଛୁ ! ତୋର ମୋର ଯେ ଜୀବନ ଦିଅଦେଇ ଏହା କିଏ ନଜାଣେ କହିଲୁ ! ଯଦି ଇଚ୍ଛାଠାରେ ରାଗିଥାଉ, ତେବେ ମୁଁ ଦୋଷ ମାଗି ନେଉଛି । ଗଲା କଥା ଯାଉ । ମୋତେ ଆଉ ଡର ସହୁନାହିଁ । ଚାଲ ସହରସାକ ବୁଲି ବୁଲି ସେ ଯେଉଁ ବଜାରରେ ଥିବେ ତାଙ୍କୁ ଭେଟିବା । ଭେଟ ହେଲେ ହୋଇଗଲା ଅଛି ନୋହିଲେ ବାଟରୁ ଚେନାବୁର ଚିନାବାଦାମ କିଣି ନେବା ।

ଏହା କହି ଦୁହେଁ ହାତ ଧରାଧରି ହୋଇ ବାହାରିଲେ । ସେତେବେଳକୁ ମୁହଁସଞ୍ଜ ହୋଇ ଆସୁଥାଏ । ବେଶି ଦୂର ନ ଯାଉଣୁ ଏକ ନିର୍ଜନ ଗଳି ମୁଣ୍ଡରୁ ସଙ୍କେତ ସ୍ଥାନରେ ପ୍ରତୀକ୍ଷା କରି ଏକାକୀ ଛିଡ଼ା ହୋଇଥିବା ଚଂହଚନ୍ଦ୍ରଙ୍କୁ ଅଙ୍ଗୁଳିରୁ ଦେଖାଇ ଦେଇ ସ୍ୱାଧୀନା ନବୀନାଙ୍କୁ ଧୀରେ ଧୀରେ କହିଲେ—

( ଭ )

ଭଗ୍ନୀ, ଗୁହାଁ, ଦ୍ରଷ୍ଟ୍ରା ଭ୍ରୁଅ ଭ୍ରୂଭଙ୍ଗୀଭଙ୍ଗର,
ଜୀବ ଧଙ୍ଗି ।
ଭାଗ୍ୟେ ଏ ଚାଲିଆଖି
ଥିଲି ବୋଲିକି ଦେଖି, ହେଜରେ,
ଭଡ଼ାକି ନାଁଯା ତୁ ଭ୍ରୁରୁଡ଼ି ତେଜରେ ।
ଭୋକ ଲାଗଇ ଯେବେ ରେ ସଖି,
ଭୁଜା ଗଣ୍ଡେ ଗଣ୍ଡେ ଗୁଣ୍ଡେ ଦିଅ ଭକ୍ଷି,
ଭ୍ରୁକୁଞ୍ଚି ତଳି
ଭଲ ମାନୁଛି ଦେଖ    ଭାଲୁଭାଲୁଆ ମୁଖ
ଭଡ଼ଭଡ଼ିଆ ନାକ    ଭାଗ୍ୟୁଣ୍ଡି ମାନ ପିକ,
ଦାନ୍ତ କି ଜକଜକ, ସଖିରେ
ଭଲ ଟଙ୍ଗ ଅଧର    ଭରି ତାମ୍ବୁଳ ବୋଳ
ଭାଙ୍ଗ ଭକ୍ଷିଲି ଭଳି, ଭ୍ରମାଛ ତୋଳା ଗୁଲି-ରଙ୍ଗରେ
ଭାବ ମନବାଣି କାମ ତରଙ୍ଗରେ,
ନେଭାପା ପାଲରେ ପଡ଼ିଲେ ସତ
ଧିକ୍ଡ଼ାବ ସଖି ତୋର ସତୀ ବରତ,
ଭ୍ରୁକୁଣ୍ଡି ଲେ,
ଭୁକ୍ କାର୍ଯ୍ୟ ରେ    ଭାଞ୍ଜି ଦମ୍ଭ ଭୂଧର
ଭେଦ ଯାଇ ଭିତର    ଭିଆଣବଟି ଜୀବ
ଭାଉଠ ଜାକତର, ସଖିରେ,
ଜାଣେ ଗୁଣ୍ଡାଳି    ଜୁରକୁ ଦେବ ଛାଡ଼ି,

(ପରପୃଷ୍ଠା ଶେଷ ଦେଖନ୍ତୁ)

* Reproduction in part or full is strictly prohibited.

Digitized by srujanika@gmail.com

# ବେଶ୍ୟା

—— ଲେଖା — ଶ୍ରୀ ମହେଶ୍ୱର ମହାପାତ୍ର

"......... ପ୍ରାକୃତିକ ନୀତି ପ୍ରତିକୂଳାଚରଣ ଓ ସୃଷ୍ଟି ... ଶାଶ୍ୱତ ... ସ୍ୱାଭାବିକ ମୁକ୍ତ ମିଳନ ପଥରେ ... ବନ୍ଧୁର ... ଦୁଇଟିର ଉଚ୍ଛେଦ ସାଧନ କରିବ — ... ଅନାୟତ୍ତ ... ! ... କ୍ରମଂସ୍ଥାର ଅଜ ଘଣ ବୋଇମାନଙ୍କ ଭଦ୍ରାଲୁ କରୁ !— ... ଧାରା ... ମୁକ୍ତ ସମୀର ହିଲ୍ଲୋଳିତ ଏହି ଜଗତୀ ତଥ୍; ... କୁଳିକୁଳ ... ଦେଖାଇଛନ୍ତି ........ ସେମାନେ ନାରୀକୁଳ ... ଭୁଲିଛନ୍ତି— ... ନାହିଁ ... ଅଭ୍ୟାଗତ ନାହିଁ । ... — ଯାହାପାଇଁ ପ୍ରକୃତିର ସମସ୍ତ ମୁଖ ସୌନ୍ଦର୍ଯ୍ୟ ଅଧରାଗ୍ । ... ଅଜ. ଦୃଷ୍ଟି ... ମାନବ ସମାଜ, ... ? — ନାରୀକୁଳ ସ୍ୱ ଭାବର ... ଅଗ୍ନି ... ଜୀବନ ଅସ୍ୱାଭାବିକ ହୁଏ ସନା !......"

ବାସନ୍ତୀ ଗୋଧୂଳି । ସୂର୍ଯ୍ୟଦେବତା ମା' ବୋଲକୁ ଡେଇଁ ପଡ଼ିବା ଉପରେ । ସେପାଖ ଭରଟୋଳି ପାଖ ଚାଲରେ ... ଲୀଳା । ... ମାନଙ୍କ ମଧ୍ୟରୁ କେତେକ ... ସେନା, ... ଥାଇଁଛନ୍ତି । ଆଉ ... ପ୍ରାନ୍ତରେପର ରୁଣ୍ଡ ହୋଇ ହାସ୍ୟ କୌତୁକ କରୁଛନ୍ତି ।......ଏପଟ ... ପାଖ ... ଅଦୂରରେ ... ଗଛମୂଳେ କଣ୍ଢୁରି ଓ ବନ୍ଧୁ ଦୁହେଁ ବସି ... ଆଳାପ ... । ମଧ୍ୟେ ମଧ୍ୟେ ... ଯୋଡ଼ା ... ସ୍ରୋତ ଅତିକ୍ରମ କରି ସେପାରି ... ଅଙ୍କେ ... କରୁଛି । ... ଅତିକ୍ରମ କରି ... ଯୌବନ ... ଅଙ୍ଗ ସୌଷ୍ଠବ ସଂପନ୍ନା, ଅସିତଚରଣା, ମୃଗନୟନା, ... ଏବଂ ଲୀଳାମୟୀ ... । କଣ୍ଢୁରିର ... ହୋଇଗଲା । ବନ୍ଧୁ ମଧ୍ୟ ... ସୂଚକ ... କହିଲେ—"... ଏବେ ... ପୁନର୍ଗଠନ' ରେ ଲାଗି ପଡ଼ନା ! ... ଠିକ୍ factory' ରୁ ଶହ ଶହ ଅଧିକ ... ' ... ପଡ଼ିବ

ଯେ ।......ତା'ପରେ ... ସୋପାନ ... ପରିବର୍ତ୍ତେ ... 'ଜନତାନ୍ତ୍ର'- ... ଅଛି ... ଅଗ୍ରଗତି ... ପଢ଼ିବ ନାହିଁ ।......... !—"

... ପାଟରେ ... ଉପରେ ... ଉଡ଼ିଗଲେ— ... ।

"— ... ଦରକାରରେ କଥା କହି ପାରୁ- ... । ... । ... ଥିଲା ... ।"

......କଣ୍ଢୁରି କହିଲା ।

... ଜାଗେ ଥିଲା ନୁହେଁ । ସମାଜରେ ... ଗୋଟାଏ ମଣିଷ ମନରେ ... ପ୍ରଭାବ ... କେବଳ ... ଅବର୍ଣ୍ଣ ... ଏ ପାଇଁ ... ସମାଜ ...

Digitized by srujanika@gmail.com

କୁସଂସ୍କାରକୁ ସମୂଳେ ଉତ୍ପାଟନ କରିବାକୁ ହେବ ।”

କଣ୍ଡୁରି ଆତ୍ମପ୍ରସାଦ ଅନୁଭବ କଲା । ପଚାରିଲା—“କପରି ?”

“—କପରି ପରେ । ଦେଖୁଛନ୍ତି ନା କେତେ ରାତି ହେଲାଣି । ନଈରୁ କାଏ କୁଅତଡ଼ି ପଡ଼ୁଲେଣି । ଅନ୍ଧକାର ମେଘ ଖଣ୍ଡ ବି ଆକାଶରେ ଦେଖାଯାଉଛି । ଚାଲ୍ ଯିବା ଚାଲ୍ ।”......ଏତା କହି ବୁଢ଼ା କଣ୍ଡୁରିର ହାତ ଧରି ଟାଣି ନେଇଗଲା ।......ଯାଉଁ ଯାଉଁ ବାନ୍ଧ ଘରକୁ ଫେରୁ ଫେରୁ ଗାଇବାକୁ ଲାଗିଲା—

“ହେ......ମାଆ ଯେ ମୃଗ ପଛେ ଗୋଡ଼ାଇଲେ ଶ୍ରୀରାମ...।”

× × × ×

ପୂର୍ବର ଉପଭୋଗ୍ୟ ଦୃଶ୍ୟରୁ କଳିକା ତା'ର ଉଦ୍ଦୀପିତ ସୌନ୍ଦର୍ଯ୍ୟ ଆଉ ମହାନ କଲିକତାର ଯଥେଷ୍ଟ ପରିଚୟ ହୋଇଥାଏ । ପିଲାଙ୍କ ମନରୁ କଣ୍ଡୁରିର ଗାମ୍ଭୀର୍ଯ୍ୟ ଓ ଉଦାସୀନତା ତା'ର ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଉଥିଲା । ମାତ୍ର ଉପଯୁକ୍ତ ଅନୁଶୀଳନ ଅଭାବରୁ ବନମଲ୍ଲିକା ସଦୃଶ ତା'ର ସମସ୍ତ ପ୍ରତିଭା ତା' ଭିତରେ ଭିତରେ ମଉଳି ଯାଉଥିଲା ।......ଯେଉଁ ଦିନ କଣ୍ଡୁରି ତା'ର ମଫସଲ ଗାଁ ଛାଡ଼ି ଅପୂର୍ବ କଲିକତା ମହାନଗରୀର ଅଭିଜ୍ଞତା ଲାଭ କରିବା ନିମନ୍ତେ ଉପସ୍ଥିତ ହେଲା, ସେଦିନଠାରୁ କଣ୍ଡୁରିର ହୃଦୟ ପୁଞ୍ଜୀଭୂତ ଭାବରାଜି ପାଏ ଉପଯୁକ୍ତ ସ୍ଥାପନ ଦ୍ୱାର—ଅବଶ୍ୟ ଜୀବନ ଛନ୍ଦ ଏ ପାଇବା ପରି । କଲିକତାରେ ରହିବା ଦିନଠାରୁ କଣ୍ଡୁରି ସଂସାରଟାକୁ ଦେଖେ ନୂଆ ରୂପରେ ।......ସେଠିକା ଲୋକମାନଙ୍କର ଉନ୍ନତ ରୁଚି ଓ ଉଚ୍ଚ ଆଦର୍ଶ ଦେଖି ନିଜ ଦେଶର ମାନବ ସମାଜ ପ୍ରତି ତା' ଅନ୍ତରଟା ବିଦ୍ରୋହୀ ହୋଇ ଉଠେ ।......ସହରରେ ପୁରୁଷ ଓ ସ୍ତ୍ରୀମାନଙ୍କର ଏକତ୍ର ଭ୍ରମଣ, ରଙ୍ଗ ପ୍ରାସାଦରେ ଅବାଧ ମିଳନ ଓ ସମ୍ଭାଷଣ, କଲେଜରେ ଛାତ୍ର ଛାତ୍ରୀଙ୍କର ସହଶିକ୍ଷା ଓ ସ୍ୱାଧୀନ ବାକ୍ୟାଳାପ ଇତ୍ୟାଦି ଦୃଶ୍ୟ ପ୍ରତ୍ୟକ୍ଷ କରି ନିଜ ଦେଶର କୁସଂସ୍କାର କଥା ଭାବିଲା ବେଳେ ଗୋଟାଏ କପରି ଉତ୍କଟତା ଅନୁଭବ କରେ କଣ୍ଡୁରି—ହୃଦୟରେ ଦୁର୍ବିଷହ ଯନ୍ତ୍ରଣା ହେଉ ହେ,—ଏଇ କଲିକତା ଛାଞ୍ଚରେ ନିଜ ଦେଶକୁ ଗଢ଼ିବା ପାଇଁ ମନେ ମନେ ମନେ ଦୃଢ଼ ପ୍ରତିଜ୍ଞା କରି ନିଏ ।

ଦୀର୍ଘ ଚାରିବର୍ଷ କାଳ କଲିକତାରେ ଅବସ୍ଥାନ ପରେ କଣ୍ଡୁରି ବିଶ୍ୱବିଦ୍ୟାଳୟରୁ ବି: ଏସ୍‌ସି: ଡିଗ୍ରୀ ହାସଲ କରି ଘରକୁ ଆସିଛି । ମଫସଲ ଗାଁ । ମହାନଗରୀର ଯୁଗ୍ମ ପରିଭ୍ରମଣ ବା ସୌନ୍ଦର୍ଯ୍ୟର ପ୍ରଦର୍ଶନୀ ଏଠାରେ ନାହିଁ । ତେଣୁ ପରି-ବର୍ତ୍ତନହିଁ କଣ୍ଡୁରି ପକ୍ଷରେ ସାର ହେଲା । ବୈଶାଖ ମାସ । ସୂର୍ଯ୍ୟ ତାଙ୍କର ପ୍ରଚଣ୍ଡ ତାପରେ ପୃଥିବୀର ମୁଖକୁ ପୋଡ଼ି ପକାଉଛନ୍ତି । କଣ୍ଡୁରି ହୃଦୟରେ ବି ଭୟଙ୍କର ନିଆଁ ଜଳୁଛି । ଗାଁର ସଂକୀର୍ଣ୍ଣ ବାୟୁମଣ୍ଡଳ ଭିତରେ ରହି ତାକୁ ଜଣାଗଲା ଯେପରି ତା'ର ଶ୍ୱାସରୁଦ୍ଧ ହୋଇ ଯାଉଛି ।......ଗାଁର ଲୋକ ଗୁଡ଼ାଙ୍କ ସହିତ ତାକୁ ମିଳାମିଶା କରିବାକୁ ଭଲ ଲାଗେ ନାହିଁ । ବେଳେ ବେଳେ ବୁଢ଼ା ଆସିଲେ ତା' ସଙ୍ଗରେ ନାନା ରକମ କଥା ଭାଷା ହୋଇ କାଳାତିପାତ କରେ । ନୋହିଲେ ସବୁବେଳେ ବସି ତା'ର ବୈଠକ ଖାନାଟିରେ ବିଭିନ୍ନ ସଂବାଦ କଳ୍ପନା ଦେବୀଙ୍କର ଆଶ୍ରୟ ନେଉଥାଏ ।.........ଉତ୍ତାପ ଟିକେ କମିଏ ନାହିଁ ପଡ଼ିଲେ କଣ୍ଡୁରି ନଈକୂଳ ଅଭିମୁଖେ ମନକୁ ଚାଲି ଯାଇ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ସଂପଦରେ ବୁଡ଼ି ରହେ ।

ନିତିଅ ଚାଲିବା ପଥରେ ପଦ୍ମଫୁଲ ଫୁଟାଇ, ଚାରିପାଖ ପବନକୁ ସଂଗୀତମୟ କରି ଯେଉଁ ଦିନ ଛନ୍ଦୋମୟୀ ମୀନା କାଖରେ କଳସୀ ଧରି ମୁଦିଅ ଦେଇ ଚାଲୁଥାଏ ତା'ର ଦୋହଲାଇ ଦୋହଲାଇ ଜଳକଲ୍ଲୋଳିନୀ ପାଇବା କୂଳେ ଆସୁଥିଲା ସେଦିନ କଣ୍ଡୁରି ପ୍ରଥମେ ଦେଖିଲା, ଠିକ୍ ସେଇ-ଦିନ କଣ୍ଡୁରି ହୃଦୟରେ ଜନ୍ମ ନେଲା ମୀନାପ୍ରତି ପ୍ରଥମ ଦର୍ଶନେ ପ୍ରେମ । ନଈକୂଳେ ଦେଖା ଦାନ୍ତାନ୍ତି; ଏ ପାଖରେ କଣ୍ଡୁରି ଓ ସେ ପାଖେ ମୀନା । ମୀନା ଆଖିରେ ଆଖି ମିଳାଇ ଦେଖିଲା, ମୀନା ଦୃଷ୍ଟିରେ ଆଶା ଆଉ ଆଲୋକ ।......ଭାବିଲା “କ୍ଷେତ୍ର ପ୍ରସ୍ତୁତ କରିବାକୁ ହେବ ।”......ଶଙ୍ଖସ୍ୱରରେ ‘ମହାନଗରୀ’ ପ୍ରତିଷ୍ଠା କରିବାର ଆଶା କଣ୍ଡୁରି ହୃଦୟରେ ବଳବତୀ ହୋଇ ଉଠିଲା ।......ତା'ପରେ ପୁଣି.. ବିନିଦ୍ରତା...ଔତ୍ସୁକ୍ୟ... ଔଦାସୀନ୍ୟ ଆଉ ଚଂଚଳ ପ୍ରତୀକ୍ଷା ।—ଏବେ ପ୍ରାୟ ‘ରାଧା ଯେତେବେଳେ ଯମୁନା କୂଳେ, କୃଷ୍ଣ ସେତେବେଳେ କଦମ୍ବ ମୂଳେ ।’......କ୍ରମଶଃ ଉଭୟଙ୍କ ସ୍ନେହ ଓ ସ୍ନେହ ପ୍ରଗାଢ଼ ପ୍ରେମରେ ପରିଣତ ହେଲା । କଣ୍ଡୁରି ଭାବିଲା ପୂର୍ବବନା

Digitized by srujanika@gmail.com

ଭ୍ରମରର ଓ ମୀନା ଭାବିଲା ଭୂଷିବନା ବ୍ରତଗର ଜୀବନ ଧାରଣ ଅସମ୍ଭବ ।......ଅବଶ୍ୟ କସ୍ତୁରୀ ଓ ମୀନା ମଧ୍ୟରେ ବିବାହ ବିଷୟରେ ବିଶେଷ କିଛି ଅସୁବିଧା ନଥିଲା । କସ୍ତୁରୀ ଉଚ୍ଚଶିକ୍ଷିତ ଆଉ ମୀନା ସୁନ୍ଦରୀ ଓ ସୁଗୁଣାନ୍ୱିତା । ଜାତି, ବଂଶ ମର୍ଯ୍ୟାଦା ଇତ୍ୟାଦି ବିଷୟରେ ବି ଉଭୟପକ୍ଷ ପ୍ରାୟ ସମାନ । ତେଣୁ ଏ ବିବାହରେ ବର କିମ୍ବା କନ୍ୟାପକ୍ଷରୁ କୌଣସି ଆପତ୍ତିର କାରଣ ନଥିଲା । ବିବୁଧର ମଧ୍ୟସ୍ଥତାରେ ବିବାହଟା ବେଶ୍ ସୁରୁଚ୍ଛୁରେ ହୋଇଗଲା ।

× + + +

ଆଜିକାଲି ମୁକ୍ତ ବିହଙ୍ଗ ମିଥୁନଙ୍କୁ ଦେଖି କସ୍ତୁରୀ ମନରେ ଈର୍ଷା ହେଉନାହିଁ । ବିହଙ୍ଗଠାରୁ ଅଧିକ ନିରଙ୍କୁଶ ଜୀବନ ସେ ଯାପନ କରୁଛି ମୀନାର ସାହଚର୍ଯ୍ୟରେ । ଅବଶ୍ୟ କସ୍ତୁରୀ ଗୃହକୁ ଆସିନାବେଳେ ମୀନା ପହିଲି ପହିଲି ଟିକିଏ ଲଜ୍ଜ୍ୟା କରୁଥିଲା । ମାତ୍ର କସ୍ତୁରୀର 'ମହାନଗରୀ' ଟିଏ ତା' ଢଙ୍ଗ ଢାଙ୍ଗ ବଦଳାଇ ଦେଇଛି । ମୀନା ବର୍ତ୍ତମାନ ଖାଣ୍ଟି ଆଧୁନିକା— ସୁଯୋଗ୍ୟା ସହଧର୍ମିଣୀରୂପେ କସ୍ତୁରୀର 'ପୁନର୍ଗଠନ' କାର୍ଯ୍ୟ ପାଇଁ ଆଦର୍ଶର ବେଶ ପ୍ରସ୍ତୁତ କରିଛି । ଅସୂର୍ଯ୍ୟଂପଶ୍ୟା ରମଣୀ ପରି ବାହାଘର ମୁକ୍ତବାୟୁଠୁ ବଞ୍ଚିତ ହୋଇ ଘର କୋଣରେ ବସି ରହିବାକୁ ଆଉ ତାକୁ ଭଲ ଲାଗୁନାହିଁ । ଗାଁ ଗାଁ ବୁଲି ସଭା ସମିତିରେ ବକ୍ତୃତା କରିବାରେ ସେ ପାଉଛି ଆନନ୍ଦ ।... ପାଶ୍ଚାତ୍ୟ ପ୍ରସାଧନ ଭୂଷିତ ହୋଇ ପାଶ୍ଚାତ୍ୟ ଅଦବ କାଇଦାରେ କଥାବାର୍ତ୍ତା କରି ଯେତେବେଳେ ମୀନା ତା' ସଙ୍ଗରେ କିମ୍ବା ବିବୁଧ ସଙ୍ଗରେ ସଂସାର ପ୍ରବର୍ତ୍ତନରେ ବାହାରି ପଡ଼େ କସ୍ତୁରୀକୁ ଭାରି ଖୁସି ଲାଗେ— ଜଣାଯାଏ ତାକୁ, ଯେପରି ସେ ଅଛି 'ମହାନଗରୀ'ର ମୁକ୍ତ ଆବ୍ହାଉଆରେ ।

ସେ ଦିନ ପାଗଟା ଟିକିଏ ବାଉଁଳିଆ ହୋଇଥାଏ । କସ୍ତୁରୀ ଶରୀରଟା କିପରି ଅସୁଖ ଲାଗୁଥାଏ । ଶରୀରକୁ ବିଶ୍ରାମ ଦେବା ନିମିତ୍ତ କସ୍ତୁରୀ ଆଉ ସେ ଦିନ କ୍ଲବଆଡ଼େ ଗଲା ନାହିଁ । ଗଣ୍ଡିଏ ଖାଇ ଦେଇ ଖଟ ଉପରେ ପଡ଼ି ମାନସିଂହଙ୍କର 'ଧୂପ' ବହିଟା ଓଲଟାଇ ଓଲଟାଇ ନିଦରେ ଶୋଇ ପଡ଼ିଲା । ...ନିଦରେ ଶୋଇ କସ୍ତୁରୀ ଦେଖିଲା ଗୋଟିଏ ଅଦ୍ଭୁତ ସ୍ୱପ୍ନ ।......"ସୁସଜ୍ଜିତ ସୁନ୍ଦର ଉଦ୍ୟାନଟିଏ । ନାନାଜାତିର ଫୁଲ ଫୁଟି ନେତ୍ର ମନ ରଞ୍ଜନ କରୁଛି, କସ୍ତୁରୀକୁ କ୍ଷୁଧା ନାହିଁ କି ଶୋଷ ନାହିଁ—ବଗିଚାରେ ବୁଲି ତା'ର ଅପୂର୍ବ ଶ୍ରୀ ସମ୍ପଦ ପାନ କରୁଛି ।...ବଗିଚାର ମଧ୍ୟ ଭାଗରେ ସମସ୍ତ ସୌନ୍ଦର୍ଯ୍ୟ ମୂର୍ତ୍ତିମତୀ ଦେବୀ ଏକ ଅସୀନା—ମୃଦୁ ହାସ୍ୟମୟୀ, ନେତ୍ରରେ ଅପୂର୍ବ ଦ୍ୟୁତି, କସ୍ତୁରୀକୁ ଆଦେଶ କରୁଛନ୍ତି ତାଙ୍କର ପୂଜା କରିବା ପାଇଁ ।...ଦେବୀଙ୍କର ପୂଜାରୀ ହୋଇ କସ୍ତୁରୀ ନିଜକୁ ବଡ଼ ଭାଗ୍ୟବାନ୍ ମନେ କରୁଛି ।........ ହଠାତ୍ ଦିନେ କସ୍ତୁରୀ ଦେବୀଙ୍କୁ ପୂଜା ଅର୍ପଣ କରିବା ନିମିତ୍ତ ଆସି ଦେଖେ ତ ଅନ୍ୟ ଏକ ବ୍ୟକ୍ତି ଦେବୀଙ୍କ ଆରାଧନାରେ ନିଯୁକ୍ତ ।...କସ୍ତୁରୀ କାତର ପ୍ରାର୍ଥନା କରୁଛି ମାତ୍ର ଦେବୀ ଦୃକ୍‌ପାତ ମୁଦ୍ଧା କରୁନାହାନ୍ତି ।...... ଫୁଲଗୁଡ଼ିକ ଆଗପରି ଫୁଟିଛନ୍ତି ମାତ୍ର କସ୍ତୁରୀ ଆଖିକୁ ଆଉ ସେ ଗୁଡ଼ିକ ସୁନ୍ଦର ଦିଶୁନାହାନ୍ତି । ...କସ୍ତୁରୀ ନିରାଶ ହୋଇ ବଗିଚାରୁ ବାହାରି ଆସୁଛି ।....... " ......କସ୍ତୁରୀର ନିଦ ଭାଙ୍ଗିଗଲା । ଦିନ ଉତରିତ । ମୀନା ଘରକୁ ଫେରି ନାହିଁ । ଶୋଇ ଶୋଇ ବିରକ୍ତି ଲାଗିବାରୁ କସ୍ତୁରୀ କମିଜ୍‌ଟା ପିନ୍ଧି ବାହାରି ପଡ଼ିଲା ନଈକୂଳ ଆଡ଼େ !........ ନଈକୂଳେ ପହଞ୍ଚି ସେ ଯାହା ଦେଖିଲା, ସେଥିରେ ତା'ର ଚକ୍ଷୁସ୍ଥିର ହୋଇଗଲା—ତାକୁ ଜଣାଗଲା ଯେପରି ଆକାଶଟା ତା ମୁଣ୍ଡ ଉପରେ ଭାଙ୍ଗି ପଡ଼ୁଛି ।............ ସେ ଦେଖିଲା ଅଡ଼ମ୍ବରୁ ମୂଳେ ମୀନା ଆଉ ବିବୁଧ—ମୀନାର ମସ୍ତକ ବିବୁଧର କୋଡ଼ରେ; ଅର୍ଦ୍ଧ ନିମୀଳିତ ଚକ୍ଷୁ ଦ୍ୱୟ ବିବୁଧ ଦୃଷ୍ଟିରେ ନିବଦ୍ଧ, ମୁଖରେ ଲଜ୍ଜା ମିଶ୍ରିତ ମନ୍ଦହାସ୍ୟ— ବିବୁଧର ଡାହାଣ ହାତଟା ତାହାର ଅଳକା ସଜାଡ଼ିବାରେ ବ୍ୟସ୍ତ ।........କସ୍ତୁରୀ ସେଇଠୁ ଫେରିଲା ଘରକୁ ।

× + × +

—"କ୍ଲବଆଡ଼େ ବାହାରିଲ ଏତେବେଳେ ମୀନା"

"ଏଇ......କାଲି word ଦେଇଥିଲି ଯେ ବିବୁଧବାବୁଙ୍କୁ ଛର୍ଥୋଲ ସିନେମା ଦେଖି ଯିବା ସକାଶେ—"

—'କିନ୍ତୁ ତମେ ଜାଣ ମୀନା, ଶରୀର ମୋ'ର ଅସୁଖ—ଭାବୁଛି ତମେ ପାଖରେ ରହିଲେ ଟିକିଏ ଉପଶମ ପାଇବି ।"

Digitized by srujanika@gmail.com

—"ଜଲ୍ଦି ମୁଁ ଯେ କଥା ଦେଇ ଦେଇଛି – ନ ଯିବାଟା etiquette ହେବ ନାହିଁ ।"

.....କସ୍ତୁରୀ ଦୀର୍ଘ ନିଃଶ୍ୱାସଟିଏ ପକାଇଲା । ପୂର୍ବ ଦିନର ଦୃଶ୍ୟ ତା' ଆଖି ଆଗରେ ନାଚି ଉଠିଲା ।...... କିଛିବେଳ ନୀରବ ରହି ପୁଣି କହିଲା..."ଆଜି ମୀନା ଗୋଟିଏ କଥା ରଖି ପାରେ ?"

—"ହଁ ଦୟାକରି ଟିକିଏ ଜଲ୍ଦି କରନ୍ତୁ – It is getting late.

......କସ୍ତୁରୀ ଖଟ ଉପରୁ ଉଠି ଆସି ଟିକିଏ ଅଗ୍ରପଶ୍ଚାତ୍ ହୋଇ ଚାରିଆଡ଼କୁ ଅନାଇ ମୀନାର ଖୁବ୍ ନିକଟକୁ ଯାଇ ସ୍ନେହାତିଶଯ୍ୟର ସଙ୍କେତରୂପେ ତା'ର ଡାହାଣ ହାତଟିକୁ ଧରି ପାପୁଲିର ଉପରି ଭାଗରେ ସ୍ୱକର ସଞ୍ଚାଳନ ପୂର୍ବକ କହିଲା......ମୀନା...ଏଇ...ଏ ବିବୁଧ ସଙ୍ଗରେ.........

—"କସ୍ତୁରୀ ବାବୁ ମନରେ ବଡ଼ ଦୁଃଖ ହେଉଛି ଆପଣଙ୍କର ଏ ଅଧୋପତନ ଦେଖି । ମନେ ହୁଏ ଯେପରି ଆପଣଙ୍କର ସମସ୍ତ ମନୋଭାବ କାହାରି ପ୍ରୀତି କୋଳରେ ଗଚ୍ଛିତ କରୁଛ ।...କ୍ଷମା କରିବେ; ମୁଁ ଆଉ ଘର କୋଣକୁ ମୋ' ଜୀବନର ସମ୍ବଳ କରି ପାରିବିନି ।...ଯାଉଛି ନା ଆପଣ !"
...ମୀନା ଗୃହରୁ ନିଷ୍କ୍ରାନ୍ତ ହେଲା ।

କସ୍ତୁରୀ ଦେଖିଲା ମୀନାର ଗୃହାଙ୍ଗଣରେ ନିଶାର ଘନ ଅନ୍ଧକାର ।......ମନେ ପଡ଼ିଗଲା ତାର ସେଇ ଦିନ କଥା ଯେଉଁ ଦିନ ମୀନାକୁ ସେ ନଈକୂଳେ ପ୍ରଥମେ ଦେଖିଥିଲା...

ଅନ୍ଧକାର ଧରଣୀର, ମୁଖ ଆବୃତ କରି ଦେଲାଣି । କସ୍ତୁରୀ ପୂର୍ବପରି ମୂକବତ୍ ଦଣ୍ଡାୟମାନ – ଚକ୍ଷୁ ସ୍ପନ୍ଦନଶୂନ୍ୟ । ...ଶରତ୍‌ର ବଧିର [illegible] କରୁଣ ସଙ୍ଗୀତ ଗାଇ ଉଠିଲା । କସ୍ତୁରୀର ମୋହ ଭାଙ୍ଗିଗଲା – ବୁକ ଫଟା ଦୀର୍ଘଶ୍ୱାସଟିଏ ପକାଇ ଅନୁତାପ ମିଶା ସ୍ୱରରେ ଅସ୍ପଷ୍ଟ ଭାବରେ କହି ପକାଇଲା "ସଂ – ସା – ର !!!"

—*—


କବେର ବ୍ୟାଙ୍କ ଲିଃ

ହେଡ଼ ଅଫିସ—କଲିକତା ।

ଶାଖା ଅଫିସ ମାନ:—

ଢାକା, କାଲିମ୍ପଙ୍ଗ୍, ଶିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

୧୬ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।

ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ୍ କାର୍ଯ୍ୟ ନିର୍ବାହ ହୁଏ ।
ଜାଜପୁର ଶାଖା ଶୀଘ୍ର ଖୋଲାଯିବ ।

ଏସ୍: କେ: ଚକ୍ରବର୍ତ୍ତୀ
ମ୍ୟାନେଜିଂ ଡିରେକ୍ଟର


Digitized by srujanika@gmail.com

# କାଳିଆ ବଳଦ ଗଳ୍ପ ଗଳ୍ପ........

ସଂଗ୍ରାହକ:—ଶ୍ରୀ ଦେବ ମହାପାତ୍ର

"କାଲି ରାତିରେ ମୁଁ ଗୋଟିଏ ହାତ ପାଇଥିଲି । ଏତେ ସୁନ୍ଦର ହାତଟିଏ ! ମନେହେଲା ଆନନ୍ଦରେ ହୃଦୟ ମୋର ଭାଙ୍ଗି ପଡ଼ିବ । ଦୁନିଆରେ ଆଉ କେଉଁ ହାତ ଏତେ ସାନ୍ତ୍ୱନା ଦେଇ ପାରିବେନି କାଲିର ସେଇ ହାତ ଭଳିଆ । କି ସୁନ୍ଦର ହାତଟିଏ !"

"କାହା ହାତ କହୋ ?"

"ଗୁରୁତା ଠିଳା ଗୋଟାଏ ରଙ୍ଗା ।"

× × + +

ଯୁବକ ( ମନେ ମନେ )—ସେଇ ଝୋକଟି କି ସୁନ୍ଦର କଥା କହୁଛି ! ତାର ଗୃହିଣୀ କେଡ଼େ ମଉଜିଆ କରି । ଜଣାପଡ଼ୁଛି ସେ ନିଶ୍ଚୟ ମନେ ମନେ ମତେ ଭଲ ପାଉଛି । ତାର ବୟସଟା କେତେ ଜାଣି ପାରନ୍ତି କି !

ଯୁବତୀ (ମନେ ମନେ)—ସେଇ ଟୋକାଟା ମୋ ଆଡ଼େ ନିଶ୍ଚୟ ଢଳି ପଡ଼ୁଛି । କିପରି ଅନେଇ ରହୁଛି ମୋ ଆଡ଼େ । ତା ପାଖରେ ଥିଲାବେଳେ ମତେ କେତେ ଆନନ୍ଦ ଲାଗୁଛି ! ତାର ଦରମାଟା କେତେ ଜାଣି ପାରନ୍ତି କି !! × × +

ପ୍ରେମିକ—ଆଜିକାଲି ମୁଁ ଯାହା ଛୁଉଁଛି, ବିଗିଡ଼ି ଯାଉଛି ।

ପ୍ରେମିକା—ତେବେ ଆମେ ବାହା ହୋଇ ସାରିବା ପର୍ଯ୍ୟନ୍ତ ମତେ ଛୁଅଁନା ।

× × × ×

ଡାକ୍ତର—ମଦ ପିଇବା ଅଭ୍ୟାସ ତମର କେମିତି ଛଡ଼ିଲ ?

ରୋଗୀ—ପହିଲେ ମୁଁ ପାଣି ସାଙ୍ଗରେ ମଦ ମିଶାଇ ପିଉଥିଲି, ତାପରେ ମଦ ସାଙ୍ଗରେ ପାଣି ମିଶାଇ ପିଇଲି, ତାପରେ ପାଣି ନ ଥାଇ ମଦ ପିଇଲି ଆଉ ଆଜିକାଲି ପାଣି ପରି ମଦ ପିଉଛି । × + +

ଇନ୍ସପେକ୍ଟର ବାଳିକା ସ୍କୁଲ ପରିଦର୍ଶନ କରୁଥିଲେ । ମାଷ୍ଟରାଣୀଙ୍କୁ ପଚାରିଲେ, "ପିଲାଙ୍କ ଭିତରେ କେହି ଦୁଷ୍ଟ ଅଛନ୍ତି କି ?" ସେ ଉତ୍ତର ଦେଲେ, "କେହି ନାହିଁ ।" ଇନ୍ସପେକ୍ଟର ପରୀକ୍ଷା କରିବାକୁ ଚାହିଁଲେ । କହିଲେ, "ପିଲାଏ ତମେ ସବୁ ଆଖି ବୁଜି ଆଉ ଶୁଣ ।"

ତାପରେ ସେ ଚଢ଼େଇ ଭଳିଆ ଶବ୍ଦ କରି ପଚାରିଲେ, "ମୁଁ କଣ କରୁଥିଲି ?"

ଗୋଟିଏ ଝିଅ ସାବାସ୍ ପାଇବା ପାଇଁ ଚଞ୍ଚଳ ଉଠି ପଡ଼ି କହିଲା—"ଦାଦାଙ୍କୁ ଚୁମା ଦେଉଥିଲ ।"

---

( ପୂର୍ବପୃଷ୍ଠା ଉତ୍ତରୁ )

ସଖି, ଭଲ କରି ଦେଖିଲୁ, ଏ ସେହିଟି କି ? ଅହା, କି ଚେହେରା, କି ଠାଣି, କି ଛଟକ ଗୃହିଣୀ ! ଦେଖିଲୁଣି ପେଟର ଅନ୍ତନାଡ଼ୀ ସହିତେ ଚହଲି ଉଠୁଛି । ତୋର ସୌଭାଗ୍ୟ ଦେଖି ହିଂସା ହେଉଛି ସତେ ! ଲୁ ଆଖି ଲଗାଇ ଦେଖୁଥା ମୁଁ ଟିକିଏ ପରୀକ୍ଷା କରି ଆସେ ।

ଏହା କହି ସ୍ୱାଧୀନା ବମୁଗ୍ଧା ନବୀନାଙ୍କୁ ଏକାକିନୀ ରଖି ଟେ୍ କରି ଖସି ଚାଲିଗଲେ । ଏହି ସମୟରେ ଅନ୍ଧକାର ମାଡ଼ି ଆସୁଥିବାରୁ ପକ୍ଷୀବୃନ୍ଦ ନବୀନାଙ୍କର ବାସଗଛରେ ଅଦୃଶ୍ୟ ହୋଇ ଆନନ୍ଦମୟ ସଙ୍ଗୀତ ଆରମ୍ଭ କଲେ, ଏବଂ—

(କ୍ରମଶଃ)

Digitized by srujanika@gmail.com

କବିତା ——

# ମହାଯାତ୍ରୀ

## (ସାଥୀ ପାଣିଗ୍ରାହୀଙ୍କ ମୃତ୍ୟୁରେ)

ରାତ୍ରୀ—ଓଃ ହ୍ରସ୍ୱ ହେଲା, ମୃତ୍ୟୁର ଜ୍ୟାମିତି
ପୃଥିବୀର ନାଭି-- ଚକ୍ରେ ଗଢ଼େ ଅଗ୍ନି—ବୃତ୍ତ,
ଲକ୍ଷ ଲକ୍ଷ ଯନ୍ତ୍ରର ସଙ୍ଗୀତ ।
ମୃତ୍ତିକାର ଭୌଗୋଳିକ ସୀମା
ପ୍ରେତାୟିତ ଶତାବ୍ଦୀର ଅପମାନ କୁଟିଳ ଦ୍ରାଘିମା।
ଏ ସକଳ ପାରେ
ତୁମର ଧୂସର କଣ୍ଠ ହେ ଜଟାୟୁ !! ଅଛି ବାରେ ବାରେ
ଚନ୍ଦ୍ରହ୍ରାସ ହାଣେ
ତୀକ୍ଷ୍ଣ ଅଭିଯାନେ ।
ଏଥି ଅନ୍ତେ ତୁମ ବନ୍ଧୁତାର
ମରଣ ମଧୁର ସାଥୀ ମରଣର ଦୀର୍ଘ ସ୍ୱୟମ୍ବର
ବରିଛି ତୁମରେ,
ଅବର ସହସ୍ର ଯୋନି ତୁମ ଲାଗି ପ୍ରସବ ବ୍ୟଥାରେ
ପଡ଼ିଅଛି ଫାଟି
ସହସ୍ର ସହସ୍ର ସ୍ତନ ତୁମ ବଦନେ ସିକ୍ତ କରେ ମାଟି ।
ପଦେ ତବ ନମେ ଜନ
ସ୍କନ୍ଧ ତବ ମାଗଇ ଶରଣ ।
ପଛେ ଧର୍ମ ଶ୍ୱାନ —
ଚଳଇ ନୀରବେ
ମହାଯାତ୍ରୀ ! ପାହାଡ଼ର ଶବେ
ସୂର୍ଯ୍ୟାସ୍ତ—ଅନଳ
ଲିଭିଛି ଜଗିଛି ଅଙ୍ଗ, ଜଞ୍ଜାଳର
ହେବ ଅବସାନ ।
କହୁ ଚକ୍ରଧ୍ୱଜ

Digitized by srujanika@gmail.com

ମଜାକବିତା—

## —କବିର ମରମ କଥା—

—ଶ୍ରୀ ରମେଶଚନ୍ଦ୍ର ମହାନ୍ତି

ଭଲା ଯେ ପାଠକ— 'ଲେଖ ଲେଖ' ବୋଲି
ଲେଖିବାକୁ ତର କାହିଁ ?
ପୋଡ଼ା ପେଟ ପାଇଁ ଯୋଗାଡ଼ରେ ଲାଗି
ବେଳ ଜମା ଅଣ୍ଟୁ ନାହିଁ ।
ଚାଉଳ ଟଙ୍କାକୁ ଟାଙ୍କେ ହେଲାଣିଟି—
ଅଧ ବେଳ ଏକାଦଶୀ,
ଭୋକରେ ଜଠର ଚଉଁ ଚଉଁ କରେ
ଲେଖନୀ ପଡ଼ୁଛି ଖସି ।
ଲୁହ ଭଙ୍ଗ ଭେଟେ, କେଉଁ ଉପାୟରେ
କରିବୁଁ ସାହିତ୍ୟ-ନାଟ;
ପେଟ ଭରିଲେ ତ ବୁଦ୍ଧି ବାହାରିବ ?
ବତାଅ ସେଥିର ବାଟ !
ଯାହା ବା ଲେଖନ୍ତୁ ସମ ବିଷ୍ଟୁ କରି
ଦଇବ ସାଧିଲା ବାଦ,
କାଗଜରେ କାହିଁ ଲଗିଛି ଯା' ଏବେ
ଘଟେ ଯେଣୁ ପରମାଦ !
ତହିଁକି, ମାଗଣା ଜୁଟିବ କିଏ ହୋ,
ବେଠିକି ଉମର ଅଛେ ?
ଚାହା ସିଗାରେଟ, ଦାମ୍ ଜୁଟିଲେ ବି
ଲାଗିଥାନ୍ତୁ ତମ କାମେ ।
ସବୁ ଖାଇ ଘୋଡ଼ା ସଙ୍ଗେ 'ରେସ୍' ଦେବା
ସହଜ ଅମର ନାହିଁ,
ଦମ୍ଭ ଧରି ସିନା କଲମ ଚଳାଇଁ
ପଇସା ମୁହଁକୁ ଚାହିଁ ?
ପରାର୍ଥେ ସାହିତ୍ୟ— ସେବା କରିବାର
ପ୍ରବୃତ୍ତି ଗଲାଣି ମରି,
ଆପଣା ଦୁଃଖ ତ କଳେଇ ପଡ଼ୁଛି
କିଏସେ ହବ ଉଦ୍ଧାର ?

ପୁରୁଣା କାଳର କବିଙ୍କ ଧାଡ଼ିକା
ଦେଇ ନାହିଁ ମୋତେ ଲାଭ,
ଅଙ୍କ ବଢ଼ିଥିଲେ ଅମରପଦବୀ
ପାଇ ସାରନ୍ତେଣି ଭାବ !
ସେ କାଳର କବି ଜଙ୍ଗଲ ରେ ଥାଇ
ଲେଖିଗଲେ କାବ୍ୟ, ଗୀତ
ଏବ କାଳ କବି ଏ' ଓଳି, ସେ' ଓଳି
ବୁଲେ ଦାନା ପାଇଁ ନିତ ।
ସେଦିନ କବିର କଳପନା ଥିଲା
ରସ ଘୋଳା ବହୁମୁଖୀ,
ଭାବ ଫୁଟୁଥିଲା ମେଘ କୋଳେ ପରି
ବିଜୁଳି ଝଲକ ଦେଖି !
ଆଜିର ଏ କବି ଚଉପାଟେ ଦେଖେ
ଦାରିଦ୍ର୍ୟର ନଗ୍ନ ଛବି,
ଜମାଟ ବାନ୍ଧିଲା ଭାବତାଙ୍କ ଯାଏ
ଦୁଃଖ-ତାପନାରେ ଦ୍ରବି !
ଭାବ ପରେ ଭାବ— ତେଜି ଅସେ ମାତ୍ର
ଥୟ ନ ଧରଇ ବାଟେ,
ମାତ୍ର, ଭାଷା-ବେଳା ଛୁଇଁ ନ ଛୁଇଁଣୁ
ମିଳେଇ ଯାଏ ତା' ତଟରେ !
ମନେ ସୁଖ ଥିଲେ ଗାଆନ୍ତୁ ସିନା ହୋ
ମନଫୁଲାଣିଆ ଗୀତ, ?
ଝିଙ୍କି ଭିଡ଼ି କସ କବିତା ଲେଖିବୁଁ—
ତୋଷିବୁଁ ଅନର ଚିତ୍ତ ?
ଏ' ଯୁଗ କବିର ମରମ କଥା ଏ',
ପ୍ରକାଶେ ସରମ ନାହିଁ,
ଅଲୁଣା ତିଅଣେ ସୁଆଦ କି ମିଳେ ?—
ଆପଣେ ଦେବେ କି କହି ?

Digitized by srujanika@gmail.com

# ଝୁରିକି ଗୋବିନ୍ଦ ବନମାଳି

—ନାଗବଗୁ—

(୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

ଉଦ୍ଦେଶ୍ୟ—

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନପିପାସା ବଢ଼ାଇବା, ଶରୀରମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଉତ୍କଳର ମଧ୍ୟସ୍ଥଳୀରେ ପତ୍ରବନ୍ଧନ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରିବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

## ଭିଖାରିଣୀ—

କିଏ ଗୋ ପଥିକା। ହେଉ ଏତେ ସର
ଚଳନ୍ତ ଏ ଧୂଳି ପଥେ.
ଜନମ କି ତୋର ସହିବାକୁ ଦୁଃଖ
ବାଧ୍ୟ ନା କି ତାହା ତୋତେ !
ଖରା, ବର୍ଷା, ଶୀତ, ଝଡ଼ର ପ୍ରକୋପ
ସମାନ କି ତୋହ ଠାଇଁ ?
ଢାଳି ଦେଉ ପ୍ରାଣ କଷଣ ଚିତାରେ
ପେଟ ଗୃହଣ୍ଡିକ ପାଇଁ
ଅଙ୍ଗ ଶୀର୍ଣ୍ଣ ଲୁଚି ମ୍ଳାନିମା ଗରଭେ
ରହିଛି କଙ୍କାଳ ସାର
ଧୂଳି ସର ସର ଚିରା ପିନ୍ଧା କଣ୍ଡି
ସାର୍ଥକ ଉଦ୍ଦେଶ୍ୟ ତୋର ?
ନାହିଁ ପଲ ଖଣ୍ଡେ ଯାଚିବାକୁ ମୁଣ୍ଡ
ଅଶ୍ରୁ ତୋ ଝରେ ତଳ।
କଠୁର ସମାଜ ବୁଝେ ନାହିଁ ତୋର
ଦୁଃଖ ଫଠା ଏ ଜଞ୍ଜାଳ।
ଧନପତି ଗୃହେ ହାତକୁ ହଲାଇ
କହାଇ ଏ ବାଟ ଛଡ଼
ଦେଖି ତୋ ଯାତନା ତା ପଥର ପ୍ରାଣ
ଉଠେନା କି ଛଳେ ତାତି ?
ଗଣିବ ହୋଇଲେ ସବୁ ହେବେ ଅନ୍ଧ
ଯୋଡ଼ା। ଆଖି ଥାଉଁ ଥାଉଁ
ଧନିକ ହୋଇବ ଅଛି ବଡ ପାପ
ଏକଥା ଅଛିନ୍ତି କାହିଁ ?
ଅନ୍ଧ ବୋଲିବାକୁ ଯାହା ନାହିଁ କିଛି
ଏଡ଼ ବଡ଼ ଦୁନିଆରେ
କୃପଣ ସନ୍ତ ଗୋ ଏତେ ନାକଟେକା
ପଥର ଲଦ ଛାତିରେ ?

—ଶ୍ରୀମତୀ ସରସ୍ୱତୀ ଦେଈ

—❁—

## ବାୟା ଚଢ଼େଇ

ନଈ ଅରପାର ଗହଳିଆ ବଣ
ବଙ୍କା ତାଳଗଛ ପରେ,
ଲୁଡ଼ିଆ ଝିଣ୍ଟି ମୋ ସଦା ଝୁଲୁଥାଏ
ଦୁଲୁ ଦୁଲୁ ପବନରେ।
ତାହାର କୋଳେ ମୁଁ ଖେଳେ ଲୁଚକାଳି
ଆନନ୍ଦରେ କାଟେ ଦିନ,
କ୍ଷୁଦ୍ର ପ୍ରାଣୀ ବୋଲି କହନ୍ତି ସରବେ
(କିନ୍ତୁ) ବୁଦ୍ଧି ମୋର ନୁହେଁ ହୀନ ?
କାରିଗର ପରି କାମ ଦେଖି ମୋର
ଅନନ୍ଦ ହୁଅନ୍ତି ଜନେ,
ସେ ଅନନ୍ଦ ସାଥେ ଉଭାଇ ଦିଏ ମୁଁ
ମୋ ଅନନ୍ଦ ଗୀତ ଷଣେ।
ଚାହିଁ ଦେଖେ ତଳେ ସବୁଜ ପଡ଼ିଆ
ଉପରେ ନୀଳ ଆକାଶ,
ପାହାନ୍ତ ବାକରେ ସିନାନ କରଣ
ଦୂରୁଁ ଆଖିଠାରେ ଘାସ।

Digitized by srujanika@gmail.com

ଦୋଳ ଖେଳ ଖେଳ ବାଅ ସାଥେ ଯେବେ
ଖୁସି ଗୀତ ଯାଏ ଗାଇ,
କେତେବେଳେ ଅବା ନିଦ୍ରା ଦେବୀ କୋଳେ
ସ୍ୱପ୍ନ ରାଜ୍ୟ ଦୂରେ ଯାଇ ।
ଖରା ବରଷାକୁ ନ ଥାଏଟି ଡର
ସେହ୍ନ ବୁଡ଼ିଅଛି ପାଇଁ,
ଅତୀତର କେତେ ସ୍ୱପ୍ନ ଦେଖେ ବସି
ପୁନେଇ ଚନ୍ଦକୁ ଚାହିଁ ।
ସାରା ଦିନ ଖାଦ୍ୟ ଅନ୍ୱେଷଣ କରି
ଫେରଇ ରାତିକୁ ଘରେ,
ଚିର ପରିଚିତ କୁଡିଆ ଖଣ୍ଡି ମୋ
ବଙ୍କା ଡାଳଗଛ ପରେ ।
ଅମ୍ବ ବଉଳର ଗନ୍ଧଲେ କୋଇଲି
କରୁଥାଏ କୁହୁ ଗାନ,
ଦୂର ବନ ପଠୁ ନାଚ ନାଚ ଧୀରେ
ବହି ଆସେ ସମୀରଣ ।
ନୀଳ ଆକାଶରୁ ଟିକି ତାରା ମୋତେ
ଦପ୍ ଦପ୍ ଠାରେ ଆଖି,
ଦେଖି ଏ ଦେଶର କମନୀୟ ଛବି
ଆଖି ମୋର ରହେ ଲାଖି ।
କ୍ଷଣକ ପାଇଁ ମୁଁ ଭୁଲିଯାଏ ସବୁ
ଆନନ୍ଦରେ ହୁଏ ବାଇ,
ସେ ଆନନ୍ଦ ଦେଖି ବୋଲେ ଚଢ଼େଇପୁଅ
ନାଚ ଉଠେ ଗୀତ ଗାଇ ।

ଶ୍ରୀ ବୀଣାକର ଦାସ, ନଂ ୩୬୮ନମ୍ବର ନାଗ

—※—

## ପ୍ରଶ୍ନ

୧ । ପଦାର୍ଥ ବିଜ୍ଞାନରେ କିଏ କୃତିତ୍ୱ ଲାଭ କରିଥିଲେ ?
୨ । ସାଇକେଲ ସାହାଯ୍ୟରେ ପୃଥିବୀ ପର୍ଯ୍ୟଟନ କିଏ କରିଥିଲେ ?
୩ । ପଦବ୍ରଜରେ କିଏ ପୃଥିବୀ ପର୍ଯ୍ୟଟନ କରିଥିଲେ ?
୪ । ଭାରତ ବାହାରେ ହିନ୍ଦୁଧର୍ମର ପ୍ରଚାରକ କିଏ ଥିଲେ ?
୫ । ଉଡ଼ାଜାହାଜ କିଏ ଆବିଷ୍କାର କରିଥିଲେ ?
୬ । ବନ୍ଧୁକ କିଏ ଆବିଷ୍କାର କରିଥିଲେ ?
୭ । ଗ୍ରାମଫୋନ କିଏ ଆବିଷ୍କାର କରିଥିଲେ ଓ ତାହା କେତେ ମସିହାରେ ?
୮ । ପୃଥିବୀର ସପ୍ତାଶ୍ଚର୍ଯ୍ୟ କେତୋଟି ଓ ସେଗୁଡ଼ିକର ନାମ କଣ ?
୯ । ସବୁଠାରୁ ବୃହତ୍ ନଗର କିଏ ଓ ସେଠାର ଲୋକସଂଖ୍ୟା କେତେ ?
୧୦ । ଦିଆସିଲି କିଏ ଆବିଷ୍କାର କରିଥିଲେ ?
୧୧ । ବାରୁଦ କେଉଁ ଦେଶରେ ଆବିଷ୍କାର ହୋଇଥିଲା ?
୧୨ । ପୃଥିବୀର ବୃହତ୍ତମ ଘଣ୍ଟା କେଉଁଠାରେ ଅଛି ଓ ତାହାର ଓଜନ କେତେ ?
୧୩ । ପୁରୀ ଜଗନ୍ନାଥ ମନ୍ଦିର ବେଢ଼ାର ଲମ୍ବ କେତେ ଫୁଟ, ଓସାର କେତେ ଫୁଟ ଓ ଉକ୍ତ ଦେଉଳର ଉଚ୍ଚତା କେତେ ଫୁଟ ?
୧୪ । ସବୁଠାରୁ ବୃହତ୍ ମାଳଭୂମି କିଏ ?
୧୫ । ମୋଟରକାର କିଏ ଆବିଷ୍କାର କରିଥିଲେ ?

ଉପରୋକ୍ତ ପ୍ରଶ୍ନଗୁଡ଼ିକ ଶ୍ରୀଯୁକ୍ତ କଣ୍ଡୁରି ଚରଣ ଦାଶ (ନଂ ୪୫୭ ନାଗ) ପଠାଇଛନ୍ତି ।

—※—

## ନୂଆ ନାଗବଗ୍ଣଙ୍କ ନାମ

୪୯୯ । ଶ୍ରୀମତୀ ସାବିତ୍ରୀ ଦେବୀ, C/o ଶ୍ରୀ ରାଧାକାନ୍ତ ପଣ୍ଡିତ, ଗ୍ରା: ମଲ୍ଲିକାପୁର, ପୋ: ଅହିଆସ, ଜି: କଟକ । ୫୦୦ । ଶ୍ରୀ ଉଦୟନାଥ ମିଶ୍ର, C/o Co-oprative Stores, P. O. Jamshedpur. । ୫୦୧ । ଶ୍ରୀମାନ ବିଭୂତିପାଣି ସାହୁ, ଯୁବରାଜ ଏମ୍: ଇ: ସ୍କୁଲ, ମୟୂରଭଞ୍ଜ ଷ୍ଟେଟ । ୫୦୨ । ଶ୍ରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, (ଆଖଡ଼ାବଳ ସଭ୍ୟ) ସାଃ ସାମନ୍ତରାଏ ଶାସନ, ପୋଃ କେଉଁଝରଗଡ଼; କେଉଁଝର ଷ୍ଟେଟ ।

Digitized by srujanika@gmail.com

REG. NO. P. 441 THE DAGAO—16-12-1943.

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

ସଞ୍ଚୟୀ ସର୍ବତୋଃ ଜୟୀ । ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା ! ନିଜ ଶକ୍ତି ଅନୁସାରେ ସଞ୍ଚୟ କରିବା କେତେ ନିତାନ୍ତ ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ଯୋଗୁଁ ଅଭାବଗ୍ରସ୍ତ ଲୋକମାନେ କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାରକଲେ ଜଣାଯିବ । ଜୀବନର ଦାୟିତ୍ୱ ନେବା ଛଡ଼ା ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ । ସାମୟିକ କିଛି କିଛି କିସ୍ତି ଟଙ୍କା ଦାଖଲ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବ-ଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ ।

### ସୁଦୃଢ଼ତାର ପରିଚୟ—

୧୯୪୧ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବୀମାର ପରିମାଣ ୧୯ କୋଟି ୩୬ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବାର୍ଷିକ ଆୟ ଏକ କୋଟି ୧୦ ଲକ୍ଷ ।
ବୀମା ପାଣ୍ଠି ୪ କୋଟି ୨୧ ଲକ୍ଷ ।
ମୋଟ ସମ୍ପତ୍ତିର ପରିମାଣ ୪ କୋଟି ୫୬ ଲକ୍ଷରୁ ଊର୍ଦ୍ଧ୍ୱ ।
ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

| | |
|---|---|
| ଏନ୍ ଦତ୍ତ | ନରେନ୍ଦ୍ର ପ୍ରସାଦ ଦାସ |
| ସେକ୍ରେଟେରୀ | ଅର୍ଗେନାଇଜର |
| ହିନ୍ଦୁସ୍ଥାନ ବିଲ୍ଡିଂସ୍ | କଟକ । |
| କଲିକତା । | |

Printed & published by G. C. Mahapatra at the Gopinath Press, Bhadrak. 1943.
ବାର୍ଷିକ ତିନିଟଙ୍କା ଆଠଅଣା ପ୍ରତିଖଣ୍ଡ ଦୁଇଅଣା

Digitized by srujanika@gmail.com

Dagaro

୭ମ ବର୍ଷ
୧୬ ଶ ସଂଖ୍ୟା

ଚିନ୍ତାମଣି ସ୍ମୃତି ସଂଖ୍ୟା । ୩୬

ପୌଷ
ପ୍ରଥମାର୍ଦ୍ଧ




## ବ୍ୟାଙ୍କ ଅଫ୍ କଲିକତା ଲି: ବାଲେଶ୍ୱର

ଏହା ଏକ ପ୍ରତିପତ୍ତିଶାଳୀ ଓ ନିର୍ଭରଯୋଗ୍ୟ ବ୍ୟାଙ୍କ୍ । ଏଥିରେ ଟଙ୍କା ରଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶରେ ଶିଳ୍ପ ବାଣିଜ୍ୟର ଉନ୍ନତି କରନ୍ତୁ, ଏବଂ କେତେଦିନ ଭିତରେ ବାଲେଶ୍ୱର ଶାଖା ଅନୁଷ୍ଠାନ ଦେଶ ଚହଳି ଉଠିଛି । ଅତିଶୀଘ୍ର ଭଦ୍ରକରେ ଏହାର ଶାଖା ଖୋଲିବ । ବିସ୍ତୃତ ବିବରଣୀ ପାଇଁ ଲେଖନ୍ତୁ ।

ହେଡ଼ ଅଫିସ:—୩, ମେଙ୍ଗୋ ଲେନ୍
କଲିକତା ।

**ଶ୍ରୀ ପ୍ରିୟନାଥ ନନ୍ଦୀ ବି, ଏଲ**
ଅନାରାରି ସେକ୍ରେଟେରି
ବାଲେଶ୍ୱର ବ୍ରାଞ୍ଚ ଅଫିସ ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରବୀଣ ରସାୟନିକ ପଣ୍ଡିତଙ୍କ ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବହୁତ ଚକ୍ର, ହାତଗୋଡ଼ ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଅଜପ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅତିରେ ଅରୋଗ୍ୟ ହୁଏ । ଏକ ଶିଶି ୫୨୯ଙ୍କା ମାତ୍ର ୫ ୨ ୯ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ

ଅଲମଚାନ୍ଦ ବଜାର, କଟକ

---

## 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷଠାରୁ 'ଡଗର' ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩ ୯ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଗୋଟିଏ ଡଗର ଦୁଇଅଣା ଦେଇ ପାଇ ପାରିବେ ।

୪ । ଡଗର ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ," 'ଡଗର' ପୋଃ ଭଦ୍ରକ ( B. N. R. ) ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକ ଟିକଟ ନଥିଲେ କବିତା, ପ୍ରବନ୍ଧ, ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---

ସମ୍ପାଦକ
**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସମ୍ପାଦକ
**ଶ୍ରୀ ରାଇମୋହନ ଦାସ**

Digitized by srujanika@gmail.com



ଉତ୍କଳର ଯଶସ୍ୱୀ କବି ଓ ନିଷ୍ଠାପର ସାଧକ କବିବର ଚିନ୍ତାମଣି ମହାନ୍ତି ଇହଜଗତରେ ନାହାନ୍ତି । ବିଗତ ଡିସେମ୍ବର ମାସ ୧୭ ତାରିଖ ରାତି ୧୧ ଘଣ୍ଟା ସମୟରେ ଷଡ଼ଶୀତ ବୟସରେ ତାଙ୍କର ତିରୋଭାବ ଘଟିଲା ।

ଉତ୍କଳ ଭାରତୀ ଏକ ତାଙ୍କ ବନ୍ଦନେ ଧନ୍ୟା । ଭାରତୀ ଭଣ୍ଡାରକୁ ତାଙ୍କର ଦାନ ଅସୀମ । କାବ୍ୟ, ଉପନ୍ୟାସ, ଗୀତ, ସ୍ତୋତ୍ର ସବୁପ୍ରକାର କଳାରେ ସେ କୁଶଳୀ ଥିଲେ ଓ ଜରା, ବ୍ୟାଧି, ଶୋକ ତାପରେ ବ୍ୟଥିତ, କ୍ଲାନ୍ତ, ଅବସନ୍ନ ନ ହୋଇ ନିଷ୍ଠାପର ପ୍ରାଣରେ ଉତ୍କଳ ସାହିତ୍ୟର ଶ୍ରୀବୃଦ୍ଧି କରିଯାଇଛନ୍ତି । ରାଧାନାଥୀୟ ପନ୍ଥୀର ଶେଷ ସାଧକ ଓ ଉତ୍କଳର ସର୍ବଶ୍ରେଷ୍ଠ ଜୀବିତ କବି ଆଜି ଚାଲିଯିବା ଦ୍ୱାରା ସାହିତ୍ୟର ଗୋଟିଏ ଯୁଗ ସାଙ୍ଗ ହୋଇଗଲା ପରି ମନେ ହେଉଛି ।

Digitized by srujanika@gmail.com

# ୬ ଭକ୍ତି ଅର୍ଘ୍ୟ

ଚିତା ନୁହେ, ଚିତା ନୁହେ,— ନୁହେ ଅଗ୍ନି ଶିଖା;
ଅମର-ବିପଞ୍ଚି-ସ୍ୱର ଅନ୍ତିମ ମୂର୍ଚ୍ଛନା,
କବିର ଲଲାଟେ ରକ୍ତ ଚନ୍ଦନର ଟୀକା,
ମୃତ୍ୟୁ ନୁହେ— ବିଜୟ୍ର ଶୁଭ ବନ୍ଦାପନା ।

ହେ କବି, ହେ କ୍ଲାନ୍ତିହୀନ ନୈଷ୍ଠିକ ସାଧକ,
ହେ ଭାବୁକ, ଭକ୍ତବର, ବାଣୀ ପ୍ରିୟ୍ ସୁତ
ହେ ବୀର, ହେ ଆଜୀବନ ଭାରତୀ ସେବକ
ଲଭିଲ ଚରମ ସିଦ୍ଧି ହୋଇ ଜୟ୍ୟୁତ ।

ଅଶରୀରୀ ରୂପେ କେଉଁ କଳ୍ପଲୋକେ ବୁଲି
ପାଇଲ ହେ କବି ଯେଉଁ ଅମୃତ ସନ୍ଧାନ,
ଗଲ ସଂସାରର ସବୁ ଦୁଃଖ, ତାପ ଭୁଲି
ମର ଦେହେ ଲଭିଥିଲ ପୂର୍ଣ୍ଣ ଦେବପ୍ରାଣ ।

ହେ କବି ଯାଇଛ ଗାଇ ଯେ ଅମୀୟ୍ ଗୀତ,
ହେ ଗୁଣୀ ଯାଇଛ ବାଇ ଯେ ମଧୁର ରାଗ,
ଅମର ଝଙ୍କାର ତାର ପବନେ ନିହିତ
ଡାକେ ଏ ଜାତିକୁ ଉଚ୍ଚେ ଜାଗ. ଜାଗ, ଜାଗ ।

Digitized by srujanika@gmail.com

**ଲକ୍ଷ୍ମୀନାରାୟଣ ସାହୁ—**

"ଚିନ୍ତାମଣି ଯାଇଛନ୍ତି,—ସେ ମହାମଥର ଯାତ୍ରୀ ହୋଇଛନ୍ତି । କିନ୍ତୁ ଆମ ସମସ୍ତଙ୍କୁ ଏହି କଥା କହି ଯାଇଛନ୍ତି— ହେ ପ୍ରିୟ ପୁତ୍ରଗଣ ! ମାତୃଭାଷାର ସେବା କର । ଉତ୍କଳ ଜନନୀର ସେବା କର । ତାଙ୍କୁ ମହତ୍ତ୍ୱର ସ୍ଥାନରେ ପ୍ରତିଷ୍ଠିତ କରାଅ । ଚିନ୍ତାମଣି ତାଙ୍କର କର୍ତ୍ତବ୍ୟ ପୂର୍ଣ୍ଣତମ୍ୟା ପାଳନ କରି ଯାଇଅଛନ୍ତି । କିନ୍ତୁ ଆମେ ଅଧମସନ୍ତାନଗଣ ଉତ୍କଳ ଜନନୀଙ୍କୁ ଏକାବେଳକେ ଭୁଲି ଯାଇଅଛୁଁ ।

**ଜୟପୁରର ମହାରାଜା ସାହିତ୍ୟ ସମ୍ରାଟ—**

**ଶ୍ରୀ ବିକ୍ରମଦେବ ବର୍ମା —** ମୁଁ ଶୁଣି ଅତ୍ୟନ୍ତ ଦୁଃଖିତ ହେଲି ଯେ ଉତ୍କଳ ଭାରତୀଙ୍କର ଯୋଗ୍ୟ ସନ୍ତାନ କବିବର ଚିନ୍ତାମଣି ଆଜି ଇହଧାମରେ ନାହାନ୍ତି ତାଙ୍କର ତିରୋଧାନ ଦ୍ୱାରା ଉତ୍କଳ ସାହିତ୍ୟର ବିଶେଷ କ୍ଷତି ହୋଇଅଛି ।

( ଇଂରାଜୀରୁ ଅନୁବାଦ )

**ଶ୍ରୀ ଜଗବନ୍ଧୁ ସିଂହ, ଫୁଲ୍ଝର; ପୁରୀ—**

ଉତ୍କଳ ସାହିତ୍ୟାକାଶରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ଖସି ପଡ଼ିଲା । ଚିନ୍ତାମଣିଙ୍କ ପରି ନିଷ୍ଠାପର ସାହିତ୍ୟସେବୀ ବିରଳ । ତାଙ୍କ କାବ୍ୟ କବିତା ତାଙ୍କୁ କାଳେ କାଳେ ଅମର କରି ରଖିବ । ସେ ତାଙ୍କ କୃତି ମୂର୍ତ୍ତିମାନଙ୍କରେ ଚିରଦିନ ଜୀବି ରହି ଯାଇଛନ୍ତି । ତାଙ୍କ ଆତ୍ମା ଅମର ଧାମରେ ଶାନ୍ତି ଲଭୁ କରୁ ଏହାହିଁ ଆମର ସତତ କାମନା । ଉତ୍କଳବାସୀଙ୍କୁ ଯେଉଁ ଦାନ ସେ ଦେଇଯାଇଛନ୍ତି ତାହା ଅମୂଲ୍ୟ । ଉତ୍କଳବାସୀ ତାଙ୍କଠାରେ ଋଣୀ । ଏହି କ୍ଷତି ଉତ୍କଳ ଏପର୍ଯ୍ୟନ୍ତ ସହିନାହିଁ । ଶୋକସନ୍ତପ୍ତ ପରିବାରଙ୍କୁ ଜଗନ୍ନାଥ ଶାନ୍ତିପ୍ରଦାନ କରନ୍ତୁ ।

**ବିଚ୍ଛନ୍ଦଚରଣ ପଟ୍ଟନାୟକ, ଉତ୍କଳ ସାହିତ୍ୟ ସମାଜ**

ଉତ୍କଳର ସାରସ୍ୱତ ମନ୍ଦିର କଠାରୁ କେମିତି ସ୍ଖଳିତ ହୋଇ ପଡ଼ିଲା । ଉତ୍କଳୀୟ ସାରସ୍ୱତ ସାଧନାର ସ୍ତମ୍ଭ ଟଳି ପଡ଼ିଲା । ଉତ୍କଳ ଜନନୀଙ୍କ ଆଖିରୁ ସଂକଟରେ ଲୁହ ଶୁଖିନାହିଁ । ଚିନ୍ତାମଣି ପ୍ରକୃତରେ ଉତ୍କଳର "ଚିନ୍ତାମଣି" ଥିଲେ । ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ମୁଁ ଗଭୀର ସମବେଦନା ଜ୍ଞାପନ କରୁଛି ।

**କାଳନ୍ଦୀଚରଣ ପାଣିଗ୍ରାହୀ –**

କବିବର ଚିନ୍ତାମଣି ମହାନ୍ତିଙ୍କର ତିରୋଧାନ ସମ୍ବାଦ ପତ୍ରିକାମାନଙ୍କରୁ ଦେଖି ସନ୍ତପ୍ତ ହେଲି । ତାହାଙ୍କ ବିୟୋଗ ଦ୍ୱାରା ଉତ୍କଳ ସାହିତ୍ୟାକାଶର ଗୋଟିଏ ଉଜ୍ଜ୍ୱଳତମ ଜ୍ୟୋତିଷ୍କ ନିର୍ବାପିତ ହେଲା । ଏଭଳି ବରେଣ୍ୟ ପିତାଙ୍କୁ ଲାଭ କରି ଆପଣ ଧନ୍ୟ ହୋଇଅଛନ୍ତି । କିନ୍ତୁ ଉତ୍କଳର ବନ୍ଧୁ କବି ସାହିତ୍ୟିକ ଯେ ତାଙ୍କ ପିତା ରୂପେ ପାଇ ଧନ୍ୟ ହୋଇଥିଲେ । ଆପଣଙ୍କ ଦୁଃଖରେ ସେମାନେ ସମସ୍ତେ ସମଦୁଃଖୀ ବୋଲି ଜାଣିବେ । ଉତ୍କଳ ଭାରତୀଙ୍କର ଜଣେ ନଗଣ୍ୟ ସେବକ ରୂପେ ମୁଁ ମଧ୍ୟ ଉତ୍କଳର ସମସ୍ତ କବି ଓ ସାହିତ୍ୟିକମାନଙ୍କ ମଧ୍ୟରେ ଆନ୍ତରିକତାର ସହିତ ଆପଣଙ୍କୁ ସମବେଦନା ଜଣାଉଅଛି ।

**ଶ୍ରୀ ପଦ୍ମଚରଣ ପଟ୍ଟନାୟକ—** ଏହା କେବଳ କବିବର ଚିନ୍ତାମଣିଙ୍କ ତିରୋଧାନ ବ୍ୟକ୍ତିଗତ ଦୁଃଖ ନୁହେଁ, ଏହା ଜାତିର ଦୁଃଖ—ସମଗ୍ର ଦେଶର ଦୁଃଖ । ସେ ଯେପରି ଶତ ସହସ୍ର ବାଧା ବିଘ୍ନ ସଙ୍ଗରେ ସଂଗ୍ରାମ କରି ନିଜର କର୍ତ୍ତବ୍ୟ ସାଧନ କରି ଯାଇଅଛନ୍ତି, ତାହାର ତୁଳନା ନାହିଁ । ରୋଗ, ଋଣ ଓ ଦାରିଦ୍ର୍ୟର ପଦାଘାତକୁ ଭ୍ରୂକ୍ଷେପ ନ କରି ସେ ଯେଉଁ ତନ୍ମୟ ଚିତ୍ତରେ ବାଣୀ ବାଗ୍‌ଦେବୀଙ୍କର ଆରାଧନା କରି ଯାଇଅଛନ୍ତି ତାହା ଏ ଦେଶରେ କାହାଣୀ ହୋଇ ରହିବ ଏବଂ ଉତ୍କଳ ସାହିତ୍ୟର ଇତିହାସ ଲେଖକ ତାହାଙ୍କର ଏ ପୁଣ୍ୟ ସାହିତ୍ୟ ସାଧନା ପାଇଁ ତାଙ୍କର ଗ୍ରନ୍ଥରେ ତାହାଙ୍କୁ ଏକ ବିଶିଷ୍ଟ ଅଧ୍ୟାୟରେ ସ୍ଥାନ ଦେବେ, ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ।

**ଶ୍ରୀ ଗୋକୁଳକୃଷ୍ଣ କର, ଓଡ଼ିଆ ସାହିତ୍ୟ ପରିଷଦ—**

କବିବର ଚିନ୍ତାମଣି କବିଶେଖର ଅର୍ଦ୍ଧଶତାବ୍ଦୀକାଳ ଓଡ଼ିଆ ସାହିତ୍ୟର ସେବା କରି କାବ୍ୟ, କବିତା, ଉପନ୍ୟାସ ଓ ଅନ୍ୟାନ୍ୟ ଗଦ୍ୟ ସାହିତ୍ୟର ଯଥେଷ୍ଟ ପୁଷ୍ଟି ସାଧନ କରି ଯାଇଅଛନ୍ତି । ଅମିତ୍ରାକ୍ଷର ଛନ୍ଦରେ କାବ୍ୟ ଲେଖିବାରେ ସେ ଓଡ଼ିଆ କବିମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ । ବାର୍ଦ୍ଧକ୍ୟ ଓ କଠିନ ବ୍ୟାଧି ପ୍ରପୀଡ଼ିତ ହୋଇ ମଧ୍ୟ ସେ ଶେଷକାଳ ପର୍ଯ୍ୟନ୍ତ ଯେଉଁ ନିଷ୍ଠାପର ସାହିତ୍ୟ ସାଧନାରେ ମଗ୍ନ ଥିଲେ, ସେହି ମହାନ୍ ଆଦର୍ଶ ଆଜ ତାହାଙ୍କ ବିୟୋଗରେ ଦେଶବାସୀ ଉପଲବ୍ଧ ହେଉଅଛି । ତେଣୁ ଓଡ଼ିଆ ସାହିତ୍ୟ ପରିଷଦର ଏହି ସଭା ତାହାଙ୍କ ତିରୋଧାନରେ ଗଭୀର ଶୋକ ପ୍ରକାଶ କରିବା ସଙ୍ଗେ ସଙ୍ଗେ ତାହାଙ୍କ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଏବଂ ସମବେଦନା ଜଣାଉଅଛି ।

---

(ଏହା ଛଡ଼ା ଅନ୍ୟାନ୍ୟ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତିଙ୍କ ପକ୍ଷରୁ କବିଙ୍କୁ ଶ୍ରଦ୍ଧାଞ୍ଜଳି ମିଳିଛି ତାହା ସ୍ଥାନାଭାବରୁ ପ୍ରକାଶ କରାଯାଇ ପାରିଲା ନାହିଁ ।)

Digitized by srujanika@gmail.com

# କବି-ବିୟୋଗ

( କବିବର ଚିନ୍ତାମଣି ମହାନ୍ତିଙ୍କ ମୃତ୍ୟୁରେ )

—ଶ୍ରୀ ସଚ୍ଚି ରାଉତରାୟ

ହାଲଦୀ ! ବଡ଼ ଧୀରେ, ବନ ଶିରେ ବର୍ଷୁକ ମେଘ,
ନଈ ଧାଡ଼େ, ବଣ ବାଡ଼େ ଶୁଖିଲାଣି ଶିଉଳି,
ଦୂର ଗୋଠେ, ଅଛ ମଠେ ବଛୁରୀ ଗାଈଟି
ବାହୁନୁଛି ବାଉଳି,
ହାୟ ଲୋ ଦୁହାଁଳି !

ମୃତବତ୍ସା ଧରଣୀର ଶୁଣିଅଛୁ କ୍ରନ୍ଦନ,
ମର୍ମମଲ-ଭଞ୍ଜନ,
ଶୁଖିଛି ତା ଦେହ-ଶିରା, ଅଧରେ ପାଲିଶ୍,
ମରଣର ସଙ୍ଗେ କି ଜୀବନର ସାଲିସ୍ !

ବଜ୍ରାଘାତ ।
ଅଭିଜାତ
ଖୋଜେ ତାର କଣଟେ,
କେହି ନାହିଁ ଶିବିରେ ।

ପ୍ରେମ ଚନ୍ଦ୍ର
ମହେନ୍ଦ୍ର.........
ପାଣ୍ଡୁ.......
ଯୌଦାଗନ୍ଧ ସମାଜର ହାଡ଼ ।

ତଥାପି ସେ ଦୟା କର ଭବେ ବନ୍ଧୁଥର
ଉଦ୍ୟାନ ଖଣ୍ଡରେ ଲଘୁ ବନ ଭୋଜନର
ବିଜନ ଭ୍ରମଣ,
ଚମତ୍କାର, ଅତି ସାଧାରଣ !
ଚିଲିକାରେ ମାଛ ଧରା, ଶଗଲ-ଶୀକାର
ନୌକା ବିହାର,
କୁଟିର ଅଳସ ମଦେ ଗ୍ରାମ୍ୟନାରୀ କବିତାର ରସ,
ତାପରେ ଅନ୍ୟାନ୍ୟ କଥା, ତର୍କ-ଯୁଦ୍ଧ ନେଇ ଅଗ୍ର-ପୃଷ୍ଠ,
କ୍ଷଣିକ ବ୍ୟସନ ।
ସାଧାରଣ, ଅତି ସାଧାରଣ ।
ତଥାପି ସେ ଦଗ୍ଧ ଅଭିଜାତ
ସହୁଛି ଅଜି କ୍ଷତି, ଲଭିଛି ଅଘାତ ।

ମୃତବତ୍ସା ଗାଭୀ
ଉର୍ଦ୍ଧ୍ୱ ଶ୍ୱସେ ଛଳ କରେ ନାଦ ।
ମରିଛି ତା ବତ୍ସଟି,
ଅଛି ଖାଲି ତାର ଏକ ଆକାର ନକଲି—
ଅଦ୍ଭୁତ ବାଛୁରି,
ଚର୍ମ କନା, କାଗଜେ ତିଆରି । *
ଦୁଗ୍ଧଜୀବୀ ଚତୁର ଦୁହାଁଳି
ପାତିଅଛି ଫାନ୍ଦ—ଶୋଷଣ ଫିସାଦ ।

---

* "ନକଲି ବାଛୁରୀ" ରୂପକଟି ଏକ ସାମୟିକ ଇଂରାଜୀ ନାଟକରୁ ଗୃହୀତ । ସମସାମୟିକ ବୁଦ୍ଧିଜୀବୀ ସମ୍ପୃକ୍ତ ସମାଜର କୃତ୍ରିମ ବେଦନା ଦେଖାଇବା ପାଇଁ ଏଠାରେ ପ୍ରୟୋଗ କରାଯାଇଛି ।

Digitized by srujanika@gmail.com

ପ୍ରଭାତେ କହନ୍ତି ସେ ଜନନୀଙ୍କ ସ୍ତନେ,
ବଣିକ-ସମାଜେ ଶିଶୁ କ୍ଷଣିକା-ଜୀବନେ
ରଖିବାକୁ ଜୀଇଁ, ଦୀପ ପରି, ତୈଳ କଣା ଢାଳି ।
କିନ୍ତୁ ହାୟ, କରୁଣାୟ,
ସେଇ ପ୍ରିୟ ମଧୁର ମିଥ୍ୟାରେ
ଭ୍ରାନ୍ତ ରାଜ୍ୟ ବାରେ ବାରେ, ଭୁଲିଯାଏ ନିଜ ଛାଏଁ;
କିନ୍ତୁ ବନ୍ଦେ ନାହିଁ,
ଗୃହିବାକୁ ସେ ନିର୍ଜୀବ କରୁଣ କଂକାଳ,
ଠେଲେ ନାସା, ଶୁଂଘେ ଦେହ, ସ୍ତନେ ଶୁଖି କ୍ଷୀର
ବାହାରେ ରୁଧିର ।

ଏ ଅଦ୍ଭୁତ ବନ୍ଧ୍ୟା ସମାଜର
କବି-କୁମର !
ଅମେ ଖାଲି ନକଲି ସନ୍ତାନ,
ଜାଣୁନାହିଁ ଜମା କରି ପାନ
ମୃତ୍ତିକାର ସ୍ତନ,
ତଥାପି କବିତା ଲେଖୁଁ, ଅଜାଣତେ ବର୍ଦ୍ଧେ ଅନ୍ୟର
ପୋଷା-ଶୁକ ସ୍ୱର୍ଣ୍ଣ ପିଞ୍ଜରର ।

କବି-ଗୁରୁ ! ଆଜି ଦୂରୁ
ଦେଖ ଛନ୍ଦପାତ, ଜଳିଯାଏ
ହୃଦୁ ହୃଦୁ ପ୍ରବୀଣ ସଂକର
ଜ୍ୱଳନ୍ତ ପଳାଶ ପରି, ତାହାର ପ୍ରାସାଦ
ଭାଙ୍ଗି ପଡ଼େ ଭୂଇଁ ତଳେ, କର ଆଶୀର୍ବାଦ
କାଗଜ ସମାଜ ଜଳୁ ଯଥା ଏକ ମନ୍ଦିର ସ୍ତମ୍ଭ
ମୃତ ଅଭିଜାତ ଶିରେ ହେଉ ଆଜି ପ୍ରଥମ ଆରମ୍ଭ
ପ୍ରାନ୍ତିକ ପାତାଳ ଭେଦ ମାଟିର ମିନାର,
ମୃତବତ୍ସା ରାଜ୍ୟ ସ୍ତନେ ଲାଗୁ ପୁଣି ପ୍ରସବ—ଶୃଙ୍ଗାର ।

---*---


# କୁବେର ବ୍ୟାଙ୍କ ଲିଃ

ହେଡ୍ ଅଫିସ—କଲିକତା

**ଶାଖା ଅଫିସ ମାନ:—**

ଢାକା, କାଲିମ୍ପଙ୍ଗ୍, ସିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର,
ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

**୧୭ ତାରିଖ ନଭେମ୍ବର ୧୯୪୩ ରେ**
**ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତପ୍ରକାର ବ୍ୟାଙ୍କିଂ କାର୍ଯ୍ୟ ନିର୍ବାହ ହୁଏ ।
ଜାଜପୁର ଶାଖା ଶୀଘ୍ର ଖୋଲିବ ।

**ଏସ୍: କେ: ଚକ୍ରବର୍ତ୍ତୀ**
ମ୍ୟାନେଜିଂ ଡାଇରେକ୍ଟର


Digitized by srujanika@gmail.com

# କବିବର ଚିନ୍ତାମଣିଙ୍କ
# ସଂକ୍ଷିପ୍ତ ଜୀବନୀ

ବାଣୀକର ବରପୁତ୍ର ଚିନ୍ତାମଣି ଭଦ୍ରକ ସବ୍-ଡିଭିଜନ ଅନ୍ତର୍ଗତ କୁଳମୁଳାଇ ଗ୍ରାମରେ ୧୮୬୭ ମସିହା ମାର୍ଚ୍ଚ ମାସରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ୰ ମଦନମୋହନ ମହାନ୍ତି ଭଦ୍ରକ କୋର୍ଟରେ ଜଣେ ମୁକ୍ତାର ଥିଲେ । ୧୪ ବର୍ଷ ବୟସରେ ଚିନ୍ତାମଣି ତାଙ୍କର ପିତାଙ୍କୁ ହରାଇ ଥିବାରୁ ତାଙ୍କର ବିଦ୍ୟା ଶିକ୍ଷାରେ ବିଶେଷ ବ୍ୟାଘାତ ଘଟିଥିଲା । ସେ କେବଳ ମିଡ଼ିଲ ଭର୍ଣ୍ଣାକ୍ୟୁଲାର ପାଶକରି ଥିଲେ । ଅର୍ଥାଭାବ, ପିତୃବିୟୋଗ ଯୋଗୁଁ ଚିନ୍ତାମଣିଙ୍କୁ ପଢ଼ା ଛାଡ଼ି ଶିକ୍ଷକତା କାର୍ଯ୍ୟ କରିବାକୁ ପଡିଥିଲା । ସେ ୨୦ ବର୍ଷ ଶିକ୍ଷକ ହୋଇ କାର୍ଯ୍ୟ କରିଥିଲେ । ଏହି ଜୀବନରେ ତାଙ୍କର ପ୍ରଥମ ସାହିତ୍ୟ ଚର୍ଚ୍ଚା ଆରମ୍ଭ ହୁଏ । ବାଲେଶ୍ବର ଜିଲାର କୁମାରପୁର ଉ: ପ୍ରା: ସ୍କୁଲ ହେଉଛି ତାଙ୍କର ସାହିତ୍ୟ ଚର୍ଚ୍ଚାର ଆଦି ସାରସ୍ବତ ପୀଠ । ତାଙ୍କର ପ୍ରଥମ କବିତା ହେଉଛି "ସୁଗ୍ରୀବ ସହିତ ରାମଚନ୍ଦ୍ରଙ୍କର ମିତ୍ରତା" । ସେ ସମୟର 'ସମ୍ବଲପୁର ହିତୈଷିଣୀ''ରେ ତାଙ୍କର ଗଦ୍ୟ ଓ ପଦ୍ୟ ପ୍ରଥମେ ପ୍ରକାଶ ପାଏ ସେହି ପତ୍ରିକାରେ ତତ୍କାଳୀନ ସମ୍ପାଦକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ତାଙ୍କର ପ୍ରତିଭାରେ ଆକୃଷ୍ଟ ହୋଇ ତାଙ୍କୁ ନିଜ ପାଖକୁ ଡକାଇ ନେଇ ଖୁବ୍ ଉତ୍ସାହିତ କରିଥିଲେ ଓ ବାମଣ୍ଡା ରାଜାଙ୍କ ସହିତ ପରିଚିତ କରାଇ ଦେଇଥିଲେ । ତାଙ୍କର ଚେଷ୍ଟାରେ ମଧ୍ୟ ଚିନ୍ତାମଣିଙ୍କର ପ୍ରଥମ ପୁସ୍ତକ 'ମୋହିନୀ' ବାମଣ୍ଡା ରାଜାଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ଶିକ୍ଷା ବିଭାଗରେ ସେ ଦକ୍ଷତାର ସହିତ ୨୦ ବର୍ଷ କାର୍ଯ୍ୟ କରି ସାରିଲା ପରେ ବିଭିନ୍ନ ସାମୟିକ ସାହିତ୍ୟ ପତ୍ର ପତ୍ରିକାର ସମ୍ପାଦକ କାର୍ଯ୍ୟ କରିଥିଲେ । ସେ ସାହିତ୍ୟ ଜୀବନରେ ପ୍ରବେଶ କରି କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, କୃଷିତତ୍ତ୍ୱ ଏବଂ ବୋଧ ସନ୍ଦର୍ଭ ବିଷୟକ ଅନେକ ପୁସ୍ତକ ଲେଖିଯାଇ ଅଛନ୍ତି । ଅନ୍ୟୂନ ପ୍ରାୟ ୭୦ ଖଣ୍ଡ ପୁସ୍ତକ ମୁଦ୍ରିତ ହୋଇଅଛି । ତାହା ଏକ ବିରାଟ ଗ୍ରନ୍ଥାବଳୀ ହୋଇଅଛି । ଏହି ଗ୍ରନ୍ଥାବଳୀର ୪ର୍ଥ ଭାଗ ମୁଦ୍ରିତ ହୋଇଅଛି ଓ ଅନ୍ୟ ଖଣ୍ଡିକ ଯନ୍ତ୍ରସ୍ଥ । ତାଙ୍କର କେତେକ ପୁସ୍ତକ ମାନ୍ଦ୍ରାଜ ଓ ଓଡ଼ିଶାରେ ମାଟ୍ରିକ୍ୟୁଲେସନ, ଆଇ: ଏ:, ବି: ଏ:ର ପାଠ୍ୟ ପୁସ୍ତକ ରୂପେ ନିର୍ବାଚିତ ହୋଇଅଛି ।

କବି ଚିର ରୁଗ୍ଣ । ପିଲାଟିଦିନରୁ ତାଙ୍କର ସ୍ୱାସ୍ଥ୍ୟ ବଡ଼ ଖରାପ ଥେ ଅନେକ ଦିନ ଧରି ବାତ ରୋଗରେ ଭୋଗିଥିଲେ । ସେ ଭଗ୍ନସ୍ୱାସ୍ଥ୍ୟ ହେବାରୁ ଘରେ ସବୁବେଳେ ରହିବାକୁ ବାଧ୍ୟ ହୋଇଥିଲେ । ଭଗବାନଙ୍କ ଦୟାରୁ ତାଙ୍କର ସୁଯୋଗ୍ୟ ପୁତ୍ର ଶ୍ରୀ ଉପେନ୍ଦ୍ର ପ୍ରସାଦ ମହାନ୍ତି ବି. ଏ. ଡ଼ି. ଇଡ଼ ବର୍ତ୍ତମାନ ଭଦ୍ରକ ହାଇସ୍କୁଲର ଆସିଷ୍ଟାଣ୍ଟ ହେଡ଼ମାଷ୍ଟର ଉପାର୍ଜନ କ୍ଷମ ହୋଇଥିବାରୁ କବିବର ସାହିତ୍ୟ ଚର୍ଚ୍ଚାରେ ଏକନିଷ୍ଠ ଭାବରେ ମନନିବେଶ କରି ପାରିଥିଲେ ।

କବିବର ଆବାଲ୍ୟରୁ ପ୍ରାକୃତିକ ସୌନ୍ଦର୍ଯ୍ୟପିପାସୁ । ସେ ଅରଣ୍ୟ, ପର୍ବତ ଦେଖିବା ସଙ୍ଗେ ଓଡ଼ିଶାର ବିଭିନ୍ନ ଗଡଜାତମାନ ବୁଲି ଭିନ୍ନ ପ୍ରାକୃତିକ ଦୃଶ୍ୟ ଉପଭୋଗ କରି ସେ ବିଷୟରେ କବିତା ବା କାବ୍ୟ ଲେଖିଛନ୍ତି । ସେ ତାଙ୍କର ଭଗ୍ନ ସ୍ୱାସ୍ଥ୍ୟ ନେଇ ମଧ୍ୟ ସେ ଗିରିରାଜ ମହେନ୍ଦ୍ର ଚୂଡ଼ାରେ ଆରୋହଣ କରିଥିଲେ ।

କବି ପିଲାଟିଦିନରୁ ଅଧ୍ୟୟନପ୍ରିୟ ଓ ଧର୍ମପରାୟଣ ଥିଲେ । ସେ ଓଡ଼ିଆ, ବଙ୍ଗଳା ଓ କିଛି କିଛି ଇଂରାଜୀ ମଧ୍ୟ ସବୁବେଳେ ପଢ଼ୁଥିଲେ । ଭଞ୍ଜ ସାହିତ୍ୟ ଥିଲା ତାଙ୍କର ଚିର ଆଦରର ଧନ । ସେ ସେଥିରେ ମଧ୍ୟ ଖୁବ୍ ପାରଦର୍ଶିତା ଲାଭ କରିଥିଲେ । ତାଙ୍କର "ଘୁମୁସର କାବ୍ୟ" କହି ଦେଉଛି ୰ ଭଞ୍ଜଙ୍କ ପ୍ରତି

(ଅବଶିଷ୍ଟାଂଶ ୮ମ ପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com

# ଚିନ୍ତାମଣି ସ୍ମୃତି

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ଅନେକ ଦିନର କଥା— ପ୍ରାୟ ୩୫ ବର୍ଷ ହେବ— ହେଲେବି ହେଉ କାଲି ପରି ଲାଗୁଛି—କଟକର ଚିନ୍ତାମଣିଙ୍କ ସାଙ୍ଗରେ ମୋର ସେଇଦିନ ପ୍ରଥମ ସାକ୍ଷାତ।

ମୁଁ ସେତେବେଳେ କଟକ କଲେଜରେ ପଢୁଥାଏଁ। ମୁକୁର ଓ ଉତ୍କଳ ସାହିତ୍ୟରେ ଲେଖା ଲେଖି କରୁଥାଏଁ। କେଉଁ ସୂତ୍ରରେ ଭଦ୍ରକ ଆସି ଶୁଣିଲି ଚିନ୍ତାମଣି ବାବୁ ଘରକୁ ଆସିଛନ୍ତି। ଜଣେ ବଡ଼ କବି, ପୁଣି ଆମ ଗାଁଆର ଲୋକ —ମନରେ ସ୍ୱତଃ ଉତ୍କଣ୍ଠା ଜନ୍ମିଲା ତାଙ୍କୁ ଦେଖିବା ପାଇଁ। ତାଙ୍କ ଘର ଆମ ବସାଠାରୁ ଅଳ୍ପ ଦୂରରେ। ଏକା ସାଇ କହିଲେ ଚଳେ। ଦିନେ ଗଲି। ମନରେ ଦକଦକ ଲାଗୁଥାଏ; ଏତେ ବଡ଼ ଲେଖକଙ୍କ ଆଗରେ କଣ କହିବି। ମୁଁ ଜଣେ ଲେଖକ ବୋଲି ସେ ହୁଏତ ଜାଣିଥିବେ। କଥା ବାର୍ତ୍ତାରେ କାଳେ ମୋର ବିଦ୍ୟା ବୁଦ୍ଧି ଧରା ପଡ଼ିଯିବ!

ଯାହାହେଉ ମୁଁ ଗଲି। ନାମଜାଦା କବି ଜଣେ— ସେ କିପରି ହୋଇଥିବେ ବୋଲି ମୁଁ ଯେଉଁ ସବୁ କଳ୍ପନା କରି ଯାଇଥିଲି, ଯାଇ ଦେଖିଲି ତେଲକୁ ବତୀକୁ ଓଲଟା! ଜୀର୍ଣ୍ଣ ଶୀର୍ଣ୍ଣ ଲୋକଟିଏ, ଅଣ୍ଟା ଘନ ବେଶରେ ପିନ୍ଧା କାନିଟି ଦୋତେଡ଼ି ହୋଇ, ମଇଳା ଖଣ୍ଡେ ଚାଦର ମାଟି ପିଣ୍ଡାଟି ଉପରେ ବସିଛନ୍ତି। ଏଇ'ନା ଏତେ ବଡ଼ କବି! ଟୋକା ବୟସ, ତହିଁକି କଲେଜ ପଢୁଆ—ମନଟା ଟିକିଏ ଅମ୍ବିଲା ଧରିଗଲା।

ହଉ। ନମସ୍କାର କରିଏ ହୋଇ'ବସିଲି ପିଣ୍ଡା ଉପରେ। ପରିଚୟ ହେଲା। ଦେଖିଲି ମୋତେ ସେ ଆଗରୁ ଚିହ୍ନନ୍ତି ମୋତେ ଦେଖି ସେ ଏତେ ଖୁସି ହୋଇ ପଡ଼ିଲେ ଯେ ତାଙ୍କ ଗଦ୍‌ଗଦ ଭାବ ଦେଖି ମୋତେ କମ୍ପିଯିବା ଲାଜ ମାଡ଼ିଲା।

ବଡ଼ ଧୀର ବଡ଼ ଗମ୍ଭୀର କଥା। ମଝିରେ ମଝିରେ ଇଷତ୍ କୌତୁକର ଟିପ୍ପଣୀର ଛିଟା। କଥା କହୁଁ କହୁଁ ଦୁହେଁ ବିଭୋର ହୋଇ ପଡ଼ିଲୁ।

ଏହା ପରେ ମୁଁ ଯେତେବେଳେ ସୁବିଧା ପାଏଁ, ତାଙ୍କ ଦର୍ଶନକୁ ଯାଏଁ। ରୋଗ ଓ ଅକ୍ଷମତା ହେତୁ ସେ କୁଆଡ଼େ ଯାଆନ୍ତି ନାହିଁ। ମୁଁ ଯେତେବେଳେ ଯାଇଛି, ଦେଖିଛି, ଯେପରି ସେ ମୋ ଆସିବାକୁ ଅପେକ୍ଷା କରି ବସିଛନ୍ତି। ଧର୍ମ କଥା, ଗଞ୍ଜାମୀ ରଜାଙ୍କ କଥା ପ୍ରଭୃତି ସେ ବେଶୀ କହନ୍ତି। ଅଜଣା ଲୋକ କଥା ଶୁଣିବାକୁ ମୋତେ ବି ବଡ଼ ଭଲ ଲାଗେ। ମୋ ଠାରୁ ସେ କଟକ କଥା ଶୁଣନ୍ତି। ଅଇ ଅଇ କାହାରିର ଖବର ନିଅନ୍ତି, ବଡ଼ ଖୁସି ହୁଅନ୍ତି। ଦୁହିଁଙ୍କ ଜୀବନର ସୁଖ ଦୁଃଖ ବି କଥା ଭାଷା ହେଉ। କି ସରଳତା, କି ଉଦାର, ଅମାୟିକ ଭାବ। ତାଙ୍କ ଆଗରେ ମୁଁ ନିହାତି ପିଲା। କିନ୍ତୁ କି ନିଷ୍କପଟ, କି ସହଜ ବ୍ୟବହାର ତାଙ୍କର। ମୁଁ ଏକାବେଳକେ ମୁଗ୍ଧ ହୋଇଯାଏଁ। ମୋ ଛୁଟି କଟକରେ ସେ ପ୍ରାୟ ଘରକୁ ଆସନ୍ତି ବରାବର ଦେଖା ହୁଏ। କଥା ଯେପରି ସରେ ନାହିଁ। ଘଣ୍ଟା ଘଣ୍ଟା ଧରି ଚାଲେ ଗପ। ମାତ୍ର ଏତେ ଗପ ସପ ଭିତରେ ମୁଁ ଦିନେ ଶୁଣି ନାହିଁ ତାଙ୍କର କାହାରି ଉପରେ ଆକ୍ଷେପ ବା ଅଭିଯୋଗ। ସଂସାରରେ ଘର କରି ଦ୍ୱେଷ, ଶତ୍ରୁତା ପ୍ରଭୃତି ନିଶ୍ଚୟ ଥିବ। କିନ୍ତୁ କେବେ ହେଲେ କାହାରି ସମ୍ବନ୍ଧରେ କିଛି ସେ କହନ୍ତି ନାହିଁ। ଜଗତ ଯାକ ଯେପରି ତାଙ୍କର ପରମ ମିତ୍ର। ପ୍ରତ୍ୟେକ ଲୋକ ଯେପରି ଭଲ ଓ ଗୁଣୀ। କବି ହେଲେ ବ୍ୟକ୍ତିଗତ ରାଗ ଯେ ପ୍ରାଣରୁ ଉଭେଇ ଯାଏ, କବି କାହାରିକୁ ସାନ କରି ଦେଖି ପାରେ ନାହିଁ, କାହାରିକୁ ହେୟ ଜ୍ଞାନ କରେ ନାହିଁ—ଏକଥା ଚିନ୍ତାମଣିଙ୍କ ଠାରେ ମୁଁ ଦେଖିଛି। ସେତେବେଳେ ଥରେ ଥରେ ଭାବିଛି ଯେ ଲୋକଟା ନିହାତି ବୋକା ବା ଯାହାକୁ କହନ୍ତି—ଗୋବେଚୁର, ଅଜଳିଆ। ପରେ କିନ୍ତୁ ବୁଝି ପାରିଲି ତାଙ୍କର ଏଇଟା କେତେ ମହତ ପଣିଆ।

ଦୁଃଖ ଜଞ୍ଜାଳ ଯେ ତାଙ୍କର ନ ଥିଲା ତାହା ନୁହେଁ। ବରଂ ସାଧାରଣ ଠାରୁ ଏ ସବୁ ଚିନ୍ତାମଣିଙ୍କ ଭାଗରେ ବହୁତ ବେଶୀ ପଡ଼ିଥିଲା।

ଦୁରାରୋଗ୍ୟ ବ୍ୟାଧିରେ ଜର୍ଜରିତ, ଦାରିଦ୍ର୍ୟର ଯନ୍ତ୍ରଣାରେ ପ୍ରପୀଡ଼ିତ, ସାଂସାରିକ ଅଶାନ୍ତି ଦୁଶ୍ଚିନ୍ତାରେ ଜଳେ,— ଏତେ ହୋଇ ମଧ୍ୟ ସେ ବରାବର ଧୀର ସ୍ଥିର। ଆପଣାର ଅବସ୍ଥାରେ ଆପେ ସନ୍ତୁଷ୍ଟ। ଓଜର, ଆପତ୍ତି, ଉଦ୍‌ବେଗ କିଛି ତାଙ୍କୁ ଯେପରି ଛୁଇଁ ପାରୁ ନ ଥିଲା। ମନର

Digitized by srujanika@gmail.com

ଦୁଃଖ ମନରେ ମାତ୍ର, ହୃଦନ୍ତର ତାପ ହୃଦନ୍ତରେ ନଭାଇ ସେ ରହୁଥିଲେ ନିଷ୍କାମ ପ୍ରଶାନ୍ତ । ପୂର୍ଣ୍ଣ ଜଗତ୍ରେ ବିଶ୍ୱାସ ଓ ଜଗନ୍ନାଥଙ୍କ ଠାରେ ଏକାନ୍ତ ନିର୍ଭର ଥିଲା ତାଙ୍କ ଅଟଳ ବଳ ଏତେ ଦୁଃଖ କଷ୍ଟ ଭିତରେ ସେ ଗାଉଥିଲେ ଗୀତ, କରୁଥିଲେ ବାଣୀ ଅରାଧନା । ସେପରି ଅଦମ୍ୟ, ଅଶ୍ରାନ୍ତ ସାଧନା କେହି କେବେ ଦେଖି ନଥିବ କି ଶୁଣି ନଥିବ । ଦିନ ନାହିଁ, ରାତି ନାହିଁ କ୍ଳାନ୍ତି ନାହିଁ, ବିଶ୍ରାମ ନାହିଁ, ଲେଖି ଚାଲିଛନ୍ତି । ହାତରେ ଲେଖିବାର ଶକ୍ତି କମିଗଲା, ସେ ହାଲ ଛାଡି ନାହାନ୍ତି । ଦୃଷ୍ଟି ଶକ୍ତି କ୍ଷୀଣ ହେଲା, ତଥାପି ତାଙ୍କର ଲେଖା ବନ୍ଦ ହୋଇ ନାହିଁ । ଜରା, ବ୍ୟାଧି, କେହି ତାଙ୍କୁ ହଟାଇ ପାରି ନାହିଁ । ସେ ଅଙ୍ଗଦ ଲଢ଼େଇ କରି ଜୟୀ ହୋଇଛନ୍ତି · ଗୀତ ଗାଇଛନ୍ତି ବୀଣା ବାଇଛନ୍ତି ।

ପରେ ଯେତେବେଳେ ତାଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ହେଲା, ସେତେବେଳେ ସେ ଦୃଢ଼ ପର ନିରଭିମାନ, ନିରାଡ଼ମ୍ବର ଭାବରେ ରହୁଥିଲେ । କବିତା ଲେଖିବାର ନିଷ୍ଠାପର ସାଧନା ଦିନକ ପାଇଁ ଛାଡି ନାହାନ୍ତି ।

ବଡ଼ ଦୁର୍ଭାଗ୍ୟ ମୋର, ଏତେ ନିକଟରେ ଥାଇ ମଧ୍ୟ ମୁଁ ବିଗତ କେତେ ବର୍ଷ ତାଙ୍କ ଠାକୁ ଅଗପରି ଯାଇ ପାରି ନାହିଁ । ବ୍ୟାଧି ହେତୁ ଶଯ୍ୟା ତ୍ୟାଗ କରିବାକୁ ମୁଁ ଅକ୍ଷମ ହୋଇ ପଡିଲି । ତେଣେ ସେ ବି ଅକ୍ଷମ । ଦେଖା ହେବାର ଉପାୟ ନାହିଁ । ତେବେ ମୁଁ ମୁଠିଏ ପାଇଲେ କେବେ କେମିତି ସାକ୍ଷାତ କରି ଆସେ । ମୋତେ ଦେଖିବାକୁ ସେ କେତେ ବ୍ୟାକୁଳ ତାହା ମୁଁ ଜାଣେ । ତଥାପି ଗତ ଦୁଇ ବର୍ଷ ଭିତରେ ଥରେ ମଧ୍ୟ ଯିବି ଯିବି ବୋଲି ଯାଇ ପାରି ନାହିଁ । କିଏ ଜାଣିଥିଲା ଏତେ ଅକସ୍ମାତ୍ ସେ ଚାଲି ଯିବେ ବୋଲି । ବଡ଼ ଦୁଃଖ ରହିଗଲା ଥରେ ଶେଷ ଦେଖା ଦେଖି ପାରିଲି ନାହିଁ । କିନ୍ତୁ ମୁଁ ଜାଣେ, ମୋ ପ୍ରାଣର ବ୍ୟଥା ସେ ବୁଝିଛନ୍ତି । ମୋ ଉପରେ ତାଙ୍କର ଯେଉଁ ସ୍ନେହ, ଯେଉଁ ପ୍ରୀତି,—ସେ କେବେ ମନ ଦୁଃଖ କରି ନଥିବେ ଓ ମୋତେ ଅକ୍ଷମ, ହତଭାଗ୍ୟ ବନ୍ଧୁ ବୋଲି କ୍ଷମା ଦେବେ ।

ଚିନ୍ତାମଣି ଗଲେ । ଓଡ଼ିଶାର ଗୀତ ନିଭିଗଲା । ଆମର ଗର୍ବ କରିବାର, ଦେଖାଇ ହେବାର ଯାହାକିଛି ସରିଗଲା । ଜୀବନବ୍ୟାପୀ ସାଧନାର ମୁକ୍ତି ହୋଇଗଲା । ତୁମର । ଯେଉଁଠିକି ଗଲ ସେଠି ଆଉ ଗୀତ ଗାଇବାରେ ବାଧା ନାହିଁ ବିପତ୍ତି ନାହିଁ, ପ୍ରତିବନ୍ଧକ ନାହିଁ । ନିଶ୍ଚିନ୍ତ ହୋଇ ବାଣୀ ପୂଜା କରୁଥାଅ । ଆଉ ଆଶୀର୍ବାଦ କରୁଥାଅ କବିବର, ଯେ ରହିଲେ ଓ ଯେ ଏଣିକି ଜନ୍ମ ହେବେ ସେମାନେ ଯେପରି ତୁମର ଆଦର୍ଶରେ ନିଜର ଜୀବନ ଗଢ଼ି, ତୁମର ଟେକ ରଖି ପାରିବେ ।

—*—

( ସଂକ୍ଷିପ୍ତ ଜୀବନୀ ୭ଷ୍ଠ ପୃଷ୍ଠା ଉତ୍ତାରୁ )

ତାଙ୍କର କି ଗଭୀର ଭକ୍ତି । ଖୁବ୍ ଭୋର ଉଠି ସେ ସ୍ନାନ ସାରି ଭଗବାନ୍ ଆରାଧନା କରନ୍ତି ।

କବିଙ୍କର ପ୍ରତିଭାରେ ଆକୃଷ୍ଟ ହୋଇ ଓଡ଼ିଶାର ସାହିତ୍ୟ ପ୍ରେମୀ ରାଜାମାନେ ଯଥା:—ଜୟପୁର, ପାରଳା ଖେମୁଣ୍ଡି, ପାଟଣା, ସୁରଙ୍ଗୀ, ଲକ୍ଷ୍ମୀଚଡ଼ ପ୍ରଭୃତି ତାଙ୍କୁ ଆର୍ଥିକ ସାହାଯ୍ୟ କରି ତାଙ୍କର ରଚିତ ପୁସ୍ତକ ମୁଦ୍ରଣରେ ବିଶେଷ ସାହାଯ୍ୟ କରିଛନ୍ତି ।

ଉତ୍କଳ ସାହିତ୍ୟ ସମାଜର ୨୯ଶ ବାର୍ଷିକ ଅଧି-ବେଶନରେ କବିବର ସଭାପତି ହୋଇଥିଲେ । ସେଥିରେ କବିବରଙ୍କୁ ଉତ୍କଳର ଗୃହଆଡ଼ୁ ସମ୍ବର୍ଦ୍ଧନା କରାଯାଇଥିଲା ଓ ମାନପତ୍ର ମଧ୍ୟ ମିଳିଥିଲା ।

୧୯୩୫ ସାଲରେ ଅନ୍ଧ୍ର ୟୁନିଭରସିଟି କବି-ବରଙ୍କୁ "କବିଶେଖର" ଉପାଧି ସନନ୍ଦ ପ୍ରଦାନ କରି ସମ୍ମାନିତ କରିଅଛନ୍ତି । ଦେଶର ଭିନ୍ନ ସାହିତ୍ୟ ଅନୁ-ଷ୍ଠାନ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଓ ମାନପତ୍ର ଦିଆ-ଯାଇଅଛି । କିଛିଦିନ ତଳେ ଭଦ୍ରକ ସାହିତ୍ୟ ସମାଜର ୨ୟ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇ-ଥିଲା । ସେଥିରେ କବିବର ନିଜର ଶାରୀରିକ ଅସୁସ୍ଥତା ହେତୁ ଉପସ୍ଥିତ ହୋଇ ନ ପାରି ରୋଗ ଶଯ୍ୟାରୁ ଗୋଟିଏ ହୃଦୟସ୍ପର୍ଶୀ ବାର୍ତ୍ତା ପଠାଇଥିଲେ ।

ଦୀର୍ଘ କର୍ମମୟ ଜୀବନ ଯାପନ ପରେ ଏକନିଷ୍ଠ ସାହିତ୍ୟସେବୀ କବିବର ଚିନ୍ତାମଣି ଗତ ୧୯୪୩ ମସିହା ଡିସେମ୍ବର ମାସ ୧୭ ତାରିଖ ରାତି ପାଖ ୧୧ ଘଣ୍ଟା ସମୟରେ ମହାପଥର ପଥିକ ହୋଇ ନଶ୍ୱର ଦେହ ତ୍ୟାଗ କଲେ । ମୃତ୍ୟୁ ସମୟରେ ତାଙ୍କୁ ୬୭ବର୍ଷ ହୋଇଥିଲା

—*—

Digitized by srujanika@gmail.com

## କବିବର ଚିନ୍ତାମଣି ମହାନ୍ତିଙ୍କ 

# ପରଲୋକ ଗମନେ

ଦୀନ ହୀନ ଦଶା ଦେଖି ଉତ୍କଳର,
ଗୁପ୍ତ ବେଶ ଧରି ତୁମ୍ଭେ ବେଦବର,
ଶୁକ୍ତିକା ଗରଭେ ମୌକ୍ତିକ ପରାୟେ,
ଜନମିଲ ଆସି ଦରିଦ୍ର ନିଳୟେ ।

ଖସି ପଡ଼ିଥିଲ ସ୍ୱର୍ଗୁଁ ଭୂତଳେ,
ମହାବ୍ୟାଧିଗ୍ରସ୍ତ ମାନବ ରୂପରେ ।

କେ କହିବ ତାହା କେଉଁ ପାପଫଳ,
ମାନି ଉତ୍କଳର ନଷ୍ଟେ ପୁଣ୍ୟଫଳ ?

ପୁଣ୍ୟଫଳ ଶେଷ ହେଙ୍ଗ ଉତ୍କଳର,
ପ୍ରାୟଶ୍ଚିତ୍ତ ହେଲ ତୁମ୍ଭର ପାପର ।

ଦେବ ଦେହେ ତୁମ୍ଭେ ଉର୍ଦ୍ଧ୍ୱେ ଗଲ ଉଠି,
ଉତ୍କଳ ରହିଛି ଯେଉଁଠି ସେଇଠି ।

ତୁମ୍ଭଙ୍କୁ ନିରେଖି ବାଗଦେବୀ ସେବକ,
ଲକ୍ଷ୍ମୀ ପକାଇଲେ କୁପିତ କଟାକ୍ଷ ।

ସେ କୋପ କଟାକ୍ଷେ ନ ହୋଇ ବିମୁଖ,
ଧନ ହୀନ ପ୍ରାଣେ ମଣୁଥିଲ ସୁଖ ।

ସଭ୍ୟତା ଯେମନ ଏ ନବ ଯୁଗର,
ମାତ୍ର ନଥିଲେ ହିଁ ଉଦ୍ୟେ ତୁମ୍ଭ ଦ୍ୱାର ।

ବାଲ୍ମୀକି ପରାୟେ ତୁମ୍ଭେ ନିରନ୍ତର,
ବାଣୀ ଆରାଧନେ ଥିଲ ତତପର ।

ଭ୍ରୂକ୍ଷେପ ନ କରି ନିନ୍ଦା ସ୍ତୁତି ପ୍ରତି,
ଅଜୀବନ ଦେଲ ସାହିତ୍ୟରେ ମତି ।

ଉତ୍କଳ-ସାହିତ୍ୟ କ୍ଷୀଣ କଲେବର
ତୁମ୍ଭ ଯୋଗେ ହେଲ ଏବେ ସ୍ଥୂଳତର ।

ନୀରବ ସାଧକ ତୁମ୍ଭ ପରି ଜଣେ,
ଦେଖିନାହିଁ କାହିଁକି ମୋ ଦୀର୍ଘ ଜୀବନେ ।

ଆଧି ବ୍ୟାଧି ଝଞ୍ଜା ଯେତେ ତୁମ୍ଭପରେ,
ଯାଇଛି କେ ତାହା କଳିବ ସଂସାରେ ।

ତଥାପି ଅଟଳ ଥିଲ ଯୋଗୀବର,
ତୁଙ୍ଗ ଶୃଙ୍ଗ ଯଥା ହିମାଦ୍ରି ଶିଖର ।

ଷଟ୍‌ପଦ ପରାୟେ ବାଗ୍‌ଦେବୀ କାନନେ,
ମର୍ତ୍ତ୍ୟେ ଥାଇ ଭ୍ରମୁ— ଥିଲ ଅନୁକ୍ଷଣେ ।

ଈଶ୍ୱରଙ୍କୁ ଭଜନ କରି ମନଠାରୁ,
ରଖିଥିଲ ସଦା ହେ ଉତ୍କଳଗୁରୁ !

ଧନୀ ଗର୍ବେ ମଣି ଉତ୍କଳ ଚେତନା,
ବ୍ୟାଧିଗ୍ରସ୍ତ ଦେହେ ଥିଲ ତୁମ୍ଭ ମନ ।

ଜୀର୍ଣ୍ଣତନ୍ତୁ ତୋଳିଲେ କବି ଯତନେ,
ଦୃଢ଼ବ୍ରତୀ ଥିଲ ସାହିତ୍ୟ ସାଧନେ ।

ଅବିଚ୍ଛିନ୍ନ ତାହା ଥିଲ ସ୍ରୋତ ପରି,
କେ ଦେଖିଛି କାହିଁ ସାଧକ ଏପରି ।

ଆଣିଥିଲ ତୁମ୍ଭେ ଅମର ଜୀବନ,
କଲ ସାହିତ୍ୟକୁ ଅମରତ୍ୱ ଦାନ ।

**ଶ୍ରୀ ନୀଳାଦ୍ରି ଦତ୍ତ**

Digitized by srujanika@gmail.com

# କବିବର ଚିନ୍ତାମଣିଙ୍କ ସ୍ମୃତିରକ୍ଷା

କବିବର ଚିନ୍ତାମଣି ଆଜି ଇହଜଗତରେ ନାହାନ୍ତି । ତାଙ୍କର ଅମରଆତ୍ମା ଗତ ୪୩ ମସିହା ଡିସେମ୍ବର ୧୭ ତାରିଖ ରାତି ୧୧ ଘଣ୍ଟା ସମୟରେ ପରମାତ୍ମା ସହିତ ବିଲୀନ ହୋଇଯାଇଛି । ନଶ୍ୱର ଶରୀର ତ ମାଟିରେ ମିଶି ଯାଇଅଛି ମାତ୍ର ତାଙ୍କର ଅଦ୍ଭୁତ ପ୍ରେରଣା ଓ ଦୀର୍ଘ ଅର୍ଦ୍ଧଶତାବ୍ଦିବ୍ୟାପୀ ଅବିଚ୍ଛିନ୍ନ ସାହିତ୍ୟ ସାଧନା ଉତ୍କଳୀୟମାନଙ୍କ ମଧ୍ୟରେ ଜାଗରୁକ ରଖିବାପାଇଁ କ୍ଷୁଦ୍ର ହେଲେହେଁ ଗୋଟିଏ ସ୍ମୃତି-ସଦନ ଆବଶ୍ୟକ । ତାଙ୍କ ପ୍ରଣୀତ ଓ "ଚିନ୍ତାମଣି-ଗ୍ରନ୍ଥାବଳୀ" ରୂପେ ପ୍ରକାଶିତ ପ୍ରାୟ ୭୦ ଖଣ୍ଡ ଗଦ୍ୟ ଓ ପଦ୍ୟ ପୁସ୍ତକ ଉତ୍କଳ-ସାହିତ୍ୟକୁ ନବ କଳେବର ପ୍ରଦାନ କରିଅଛି । ତେଣୁ ଆମ୍ଭେମାନେ ତାଙ୍କଠାରେ ଏତେ ପରିମାଣରେ ଋଣୀ ଯେ ତାହାର ପ୍ରତିଦାନ ଏକପ୍ରକାର ଅସମ୍ଭବ । ଭଦ୍ରଖ ସାହିତ୍ୟ ସମାଜ ଏହା ଉପଲବ୍ଧି କରି କବିବରଙ୍କ ଜନ୍ମପୀଠ ଭଦ୍ରଖରେ "ଚିନ୍ତାମଣି-ସାହିତ୍ୟସଦନ" ପ୍ରତିଷ୍ଠାର କଳ୍ପନା କରିଅଛନ୍ତି । ଏଥିନିମିତ୍ତ ଅନ୍ୟୁନ ଦଶହଜାର ଟଙ୍କା ବ୍ୟୟିତ ହେବାର ଅନୁମାନ । ଉତ୍କଳୀୟ ସାହିତ୍ୟସେବୀ, ସାହିତ୍ୟ ପ୍ରେମିକ, ସାହିତ୍ୟର ପୃଷ୍ଠପୋଷକ ଓ ସହାୟକ ଧନୀ, ରାଜା, ମହାରାଜା, ଜମିଦାର, ବ୍ୟବସାୟୀ ପ୍ରତ୍ୟେକଙ୍କୁ ବିନୀତ ନିବେଦନ, ସେମାନେ ଏହି ମହତ୍ ଉଦ୍ଦେଶ୍ୟର ସଫଳତା ନିମନ୍ତେ ଚିନ୍ତାମଣି-ସ୍ମୃତିରକ୍ଷା ସମିତିର କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରହ୍ଲାଦଚନ୍ଦ୍ର ଦାସ ଜମିଦାର, ଭଦ୍ରଖ ପୋଃ, ବାଲେଶ୍ୱର ଜିଲ୍ଲାଙ୍କ ନିକଟକୁ ବଦାନ୍ୟ ଭାବରେ ଅର୍ଥ ସାହାଯ୍ୟ ପ୍ରେରଣ କରି ସାହିତ୍ୟ ସମାଜର ଏ ଗୁରୁଭାର ଲାଘବ କରନ୍ତୁ ।

ନିବେଦକ—

ରାୟସାହେବ ଶ୍ରୀ ଜଗବନ୍ଧୁ ମହାପାତ୍ର, ଏମ୍, ଏ. ସବ୍‌ଡିଭିଜନାଲ୍ ଅଫିସର, ଭଦ୍ରଖ ଓ ସାହିତ୍ୟସମାଜର ସଭାପତି ।

ଶ୍ରୀ ଗୋକୁଳାନନ୍ଦ ନାୟକ, ଏମ୍, ଏ, ହେଡ଼ମାଷ୍ଟର ଭଦ୍ରଖ ହାଇସ୍କୁଲ୍ ଓ ସାହିତ୍ୟ ସମାଜର ଉପସଭାପତି ।

ଶ୍ରୀ ଉପେନ୍ଦ୍ରନାଥ ପଣ୍ଡା— ସମ୍ପାଦକ — ଭଦ୍ରଖ ସାହିତ୍ୟ ସମାଜ ।

ଶ୍ରୀ ପ୍ରହ୍ଲାଦଚନ୍ଦ୍ର ଦାସ—ଜମିଦାର, କୋଷାଧ୍ୟକ୍ଷ —ଭଦ୍ରଖ ସାହିତ୍ୟ ସମାଜ ।

ଶ୍ରୀ ହେମେନ୍ଦ୍ରନାଥ ଚନ୍ଦ ଏମ୍, ଏସ୍, ସି, ବି, ଏଲ ସାଧାରଣ ସଦସ୍ୟ

ଶ୍ରୀ ମାଧବାନନ୍ଦ ମହାପାତ୍ର—ଓକିଲ ,,

ଶ୍ରୀ ନରେନ୍ଦ୍ରପ୍ରସାଦ ଦାସ, ଏମ୍,ଏ,ବି,ଏଲ୍ ,,

ହାକିମ୍ ମହମ୍ମଦ ଫାରୁକ—ଭାଇସ୍‌ପ୍ରେସିଡେଣ୍ଟ—ଇଉନିୟନ ବୋର୍ଡ, ସାଧାରଣ ସଦସ୍ୟ

ମହନ୍ତ ଶ୍ରୀ କାହ୍ନୁଚରଣ ରାମାନୁଜ ଦାସ ,,

ଶ୍ରୀ ସେଠ ରାମେଶ୍ୱର ପ୍ରସାଦ ,,

କାନ୍ତ-କବି ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ସମ୍ପାଦକ "ଡଗର" ,,

ଶ୍ରୀ ଉପେନ୍ଦ୍ର ପ୍ରସାଦ ମହାନ୍ତି, ବିଏ, ଡି, ଇଡି,

**ଭଦ୍ରକ ସାହିତ୍ୟ ସମାଜ—୩ । ୧ । ୧୯୪୪**

Digitized by srujanika@gmail.com

# ଡଗର

୭ମ ବର୍ଷ
୧୬ଶ ସଂଖ୍ୟା
ପୌଷ ପ୍ରଥମାର୍ଦ୍ଧ
ତା୧-୧-୪୪ରିଖ

## ହୁକା ହୁକା ହୁଆ
( ବିଲୁଆ ବିଚାର )

—ପାକ୍ଷିକ—
ବାର୍ଷିକ ଟ୩
ପୃଷ୍ଠସଂଖ୍ୟା—୬୦୭
ରେଜିଷ୍ଟ୍ରେଶନ—୫୫୮


ଜଣେ ପତ୍ର ପ୍ରେରକ କଲିକତାରୁ ଆମ୍ଭମାନଙ୍କୁ କେତେକ ସମ୍ବାଦ ପଠାଇଛନ୍ତି । ସେ ଗୁଡ଼ିକ ଆମେ ନମ୍ବରୱାରି ଲେଖି ତାର ଟିପ୍ପଣୀ ଦେଉଅଛୁଁ ।

୧ । ଓଡ଼ିଶାର ଅର୍ଥମନ୍ତ୍ରୀ ମାନ୍ୟବର ପଣ୍ଡିତ ଗୋଦାବରୀଶ ମିଶ୍ର ଡିସେମ୍ବର ମାସ ତୃତୀୟ ସପ୍ତାହରେ କଲିକତାରେ ପଦାର୍ପଣ କରିଥିଲେ ।

( ଅର୍ଥମନ୍ତ୍ରୀ ଯେତେବେଳେ ସେ କେବେ ଝିଅଘର ଯାଇ ନ ଥିବେ ବା ଅନ୍ୟ ସହରକୁ ଦେଇ ନ ଥିବେ । କଲିକତାର ମନ୍ତ୍ରୀଗଣ ଶନିବାରଅ Weekend ଗସ୍ତରେ ଯିବାର ରିୱାଜ ଅଛି । )

୨ । କେତେକ ଦେଶ ଭକ୍ତ ଓଡ଼ିଆ ତାଙ୍କୁ ନିମନ୍ତ୍ରଣ କରି ଘି ସିଙ୍ଗଡ଼ା ଓ ଝୁରିଭଜା ଦେଇଥିଲେ । ମାତ୍ର ମନ୍ତ୍ରୀ ମହୋଦୟ ଘି ନ ଖାଇ କେବଳ ତେଲର ଝୁରିଭଜା କିଞ୍ଚିନ୍ମାତ୍ର ସେବନ କଲେ ।

( ଦେଶ ପ୍ରତିନିଧି ମନ୍ତ୍ରୀ ଯେଣୁ, ଦୁର୍ଭିକ୍ଷ ପୀଡ଼ିତ ଦେଶବାସୀଙ୍କ ଦୁଃଖରେ ସମବ୍ୟଥୀ ହୋଇ ସେ ବିଳାସିତା ବର୍ଜନ କରି ଘି ତ୍ୟାଗ କରିଥିବେ ଓ ଓଡ଼ିଆ ମୂଳର ଦୀନତାର ଆଦର୍ଶରେ ତେଲଭଜା ଝୁରି ଗ୍ରହଣ କରିଥିବେ ।)

୩ । ନେମ୍ବୂତଲା— ପାଡ଼ା ମଧ୍ୟସ୍ଥ ଏକ ସନ୍ତ୍ରାନ୍ତ ଅପ୍ରଶସ୍ତ ଖୋଲି ବାଡ଼ିରେ ଏ ଘୃ ଭୋଜ ଅନୁଷ୍ଠିତ ହୋଇଲା ।

( ନିର୍ବିକାର ପଣ୍ଡିତଙ୍କ ପକ୍ଷରେ ଏଥିରେ କିଛି ହାନି ନାହିଁ । ଖୋଲିବାଡ଼ି ଓଡ଼ିଆ ଜାତିର ଦାରିଦ୍ର୍ୟର ପ୍ରତୀକ । )

୪ । ସଭା ଆରମ୍ଭରେ କେତେକ ବଜାର ବଙ୍ଗାଳ ଗୋଳମାଳ ଆରମ୍ଭ କଲାରୁ କେତେକ ଲୋକ ପଳାଇ ଗଲେ, ମାତ୍ର ସଭ୍ୟ ଲୋକେ ତାହା ଥମେଇ ଦେଲେ ।

( ହୁଁ !—ଓଡ଼ିଆ ଯେ ବୀର ଜାତି ! )

୫ । ବ୍ଲାକଆଉଟ ହେତୁ ବାହାରେ ଘୋର ଅନ୍ଧାର ଘୋଟିଥିଲା ।

( ବାହାରେ ଅନ୍ଧାର, ଭିତରେ ଅନ୍ଧ ଯେ ଅନ୍ତର୍ଦ୍ଦର୍ଶୀର ଲକ୍ଷଣ ! )

୬ । ଟଙ୍କାର ନୋଟରେ ଓଡ଼ିଆ ଅକ୍ଷର ନ ଥିବାର କେହି ଆପତ୍ତି ଜଣାଇଲେ ।

( ଓଡ଼ିଆ ମାନ ପାଇଁ ଜାନ ଦେଇ ପାରେ )

୭ । ଆଉ କେହି ଆପତ୍ତି କଲେ କି ଏପରି ଆଇନ କରାଯାଉ ଯେପରି କି କଲିକତା ଓଡ଼ିଆମାନେ କଲିକତାରେ ଥାଇ ଡାକ ଦ୍ୱାରା ଦରଖାସ୍ତ ପଠାଇ ଦେଲେ ହାକିମମାନେ ତାଙ୍କର ମାମଲା ମକଦ୍ଦମା ବୁଝି ଦେବେ ।

( ଡାକ କାମଟିକ ବି ହାକିମମାନେ କରି ପାରିଲେ ଆହୁରି ଭଲ । )

୮ । ପୁଣି ଜଣେ କହିଲେ କି କରପୋରେସନରେ ଓଡ଼ିଆଙ୍କୁ ବେଶି ସୁବିଧା ଦିଆଯାଉ । ମନ୍ତ୍ରୀ ଆପଣ ଏଥିରେ ଆଶ୍ୱାସନା ଦେଲେ ।

( କଲିକତା କରପୋରେସନଟା ନିକଟରେ ଓଡ଼ିଶା ଅଧୀନକୁ ଆସୁଛି ପରା । )

୯ । ଶେଷରେ କିଏ ଜଣେ କହିଲେ କି, ଆମର ଧାନ ଚାଉଳ ଅଭାବ ଓ ଦୁର୍ଭିକ୍ଷ ବେଳେ ଓଡ଼ିଶାରୁ ରପ୍ତାନି ବନ୍ଦ କରାଯାଉ । ଏଥିରେ ମନ୍ତ୍ରୀ ମହିମା ଉତ୍ତର ଦେଲେ କି— ଏହା ଦ୍ୱାରା ଓଡ଼ିଆମାନେ ଧାନ ବିକି ବଡ଼ଲୋକ ଧନୀ ହୋଇ ଯାଉଛନ୍ତି । ଏଣୁ ଏହା ଆମର ମଙ୍ଗଳକର ।

( ଆପତ୍ତିକାରୀ ଜାଣନ୍ତି ନାହିଁ ଯେ ଅର୍ଥମନ୍ତ୍ରୀ କେବଳ ପଣ୍ଡିତ ନୁହନ୍ତି, ଅର୍ଥଶାସ୍ତ୍ରରେ ମଧ୍ୟ ପଣ୍ଡିତ । )

ଏଥିରୁ ଅଧିକ ବୋଲିବା ବାହୁଲ୍ୟ ।

\+ + + +

ରାଜବନ୍ଦୀ ଖଲାସ ହେବେ ହେବେ ବୋଲି ଲୋକଙ୍କୁ ଲୋକ ଶୁଣି ଶୁଣି କାନ ଚୌର ହେଲାଣି । ଏବେ ସେଇ ଜଳ୍ପନା ପୁଣି ଥରେ ଉଠିଛି । ମନେ ହୁଏ, ଯେତେବେଳେ ସନ ସନିଆ (sensational) ଖବର କିଛି ନ ପାଇ ବଜାର

Digitized by srujanika@gmail.com

ମାନ୍ଦା ହୋଇ ଉଠେ, ପୁଣି ବଜାର ସରଗରମ କରିଦେବା ଲାଗି ଖବର କାଗଜ ବାଲାମାନଙ୍କର ଏ ଗୋଟାଏ ଫିକର । ଏ ଫିକରରେ "କନ୍ଥୁ ଭଙ୍ଗା ନଭୁଲେ" ଜାଣିଥା ।

× + × +

କଂଗ୍ରେସ ଅଟକବନ୍ଦୀଯାକ ଖଲାସ ହେଲେ ମାତ୍ରେ ଜାପାନୀ ଆକ୍ରମଣ ବିରୁଦ୍ଧରେ ଉଠି ପଡି ଲାଗିଯିବେ ବୋଲି ଅନେକେ ଆଶା କରନ୍ତି କିମ୍ବା ଆମ ଭାରତ ଯେତେବେଳେ ବର୍ମା ଆକ୍ରମଣ କରିବ ସେତେବେଳେ ଦେଶ ଭିତରେ ଏକତା ଆସିଥିବା ଦରକାର ବୋଲି ମଧ୍ୟ ଅନେକଙ୍କର ମତ । ଅର୍ଥାତ୍ କଂଗ୍ରେସବାଲାମାନେ ଏ ଆକ୍ରମଣରେ ସାହାଯ୍ୟ କରିବେ । ଆମ ବିଚାରରେ ଦେଶରେ ତ ଆମର ଏକତା ଖୁବ୍ ଦିଶୁଛି । ଏପରି ସ୍ଥଳେ ଗୋଟାଏ ପରୀକ୍ଷା (Experiment) କରିବାକୁ କେହି ରାଜି ହେବେ କି ? + × +

କଂଗ୍ରେସବାଲା ଖଲାସ ହେଲେ ଗୋଟାଏ ଭଡ଼ ଲାଭ ଯେ ହେବ ଏଥିରେ ସନ୍ଦେହ ନାହିଁ । ଆମେ ବାହାରେ ଥିବା ଲୋକେ ଜାପାନକୁ ଆକ୍ରମଣ କରିବୁ ଅସ୍ତ୍ର ଶସ୍ତ୍ର ନେଇ ସହିଂସ ଭାବରେ । କଂଗ୍ରେସୀଏ ଯଦି ଆସନ୍ତି, ସେ ସେତିକିବେଳେ ଆରପଟରୁ ଲଗାଇ ଦିଅନ୍ତୁ ଅହିଂସା ଆକ୍ରମଣ । ଦୋହାଇ ଆକ୍ରମଣ ମାଡ଼ରେ ନାସ୍ତା ନାବୁଦ୍ ହୋଇ ପଡ଼ନ୍ତା ଶତ୍ରୁ ବିଚରା ! × + × ×

ଶୁଣାଯିବାରେ ଓଡ଼ିଶା ମନ୍ତ୍ରୀଦଳ ତାଙ୍କ ଦଳ ବୈଠକରେ ପ୍ରସ୍ତାବ କରିଛନ୍ତି କି ଆଉ ତିନିଜଣ ମନ୍ତ୍ରୀ କରିବେ । ବର୍ତ୍ତମାନ ଅବସ୍ଥାକୁ ଚାହିଁଲେ କାମ ଏତେ ବଢ଼ି ଯାଇଛି ଯେ ଅଧିକା ମୁଣ୍ଡ ଓ ହାତ ଲୋଡ଼ା ପଡ଼ୁଥିବ । ଓଡ଼ିଶାର କୋଷ କ୍ଷୁଦ୍ର ଥିବା ସ୍ଥଳେ ଏତେ ଅଧିକା ମନ୍ତ୍ରୀଙ୍କୁ ଏକାବେଳେ ନିଯୁକ୍ତ ନ କରି ପରୀକ୍ଷା ସ୍ୱରୂପ କେବଳ ଜଣକୁ ବା ହେଲେ କରାଯାଉ ଛଅମାସ ସକାଶେ । ଛଅମାସ ଅନ୍ତେ ଅପେକ୍ଷା ତାଲିକା (Waiting list) ରେ ଥିବା ବାକି ଦୁହିଙ୍କୁ ପର୍ଯ୍ୟାୟ କ୍ରମେ (rotation) ନିଯୁକ୍ତ କରାଯିବ । ଏପରି ହେଲେ ମନ୍ତ୍ରୀମାନେ କେହି ମହଜା ଦାବୀ ବି କରନ୍ତେ ନାହିଁ । ମାତ୍ର ତାଙ୍କ ହାତରେ food control ଡିପାର୍ଟମେଣ୍ଟଟା ରହିଲେ ଭଲ ହୁଅନ୍ତା । + × +

ସରଗରମ ଗୁଜବ ଉଠିଛି କି ଓଡ଼ିଶା ମନ୍ତ୍ରୀଦଳ ସଂଖ୍ୟାନ୍ୟୂନ ଥିବାରୁ ସଂଖ୍ୟାଧିକ ହେବା ପାଇଁ ବିପୁଳ ଉଦ୍ୟମ କରୁଛନ୍ତି ଓ କଂଗ୍ରେସ ଦଳଥିଙ୍କ ଭିତରୁ ଅନ୍ତତଃ କେତେଜଣଙ୍କୁ ପ୍ରଲୋଭନ ଦେଖାଇ ହାତ କରିବାର ଯତ୍ନ କରୁଛନ୍ତି । ଯଦି ଏହା ସତ ହୋଇଥାଏ, ତେବେ ମନ୍ତ୍ରୀଦଳର ଏ ଉଦ୍ୟମ ଯେ ଯଥାର୍ଥ, ଉଚିତ ଓ ସଂଗତ ଏହା ବୋଲିବା ବାହୁଲ୍ୟ । ଯେଉଁମାନେ କଂଗ୍ରେସ ଦଳରେ ଥାଇ ଅଗଣା ତଳେ ଏତେକାଳ ରହିଲେ ସେ ପଦ ଅମ୍ଳାନଚିତ୍ତ ଓ ଦେଶହିତ ପାଇଁ ସ୍ୱସ୍ଥାନ ଛାଡ଼ି ନବାନୁରାଗ ଦୀକ୍ଷା ଗ୍ରହଣ କରନ୍ତି, ଏଥିରେ ଦୋଷ ତ ନାହିଁ, ବରଂ ପ୍ରଶଂସାର କଥା । ଚାଣକ୍ୟ ଡାକୁଛନ୍ତି—

"ସ୍ଥାନମୁତ୍ସୃଜ୍ୟ ଗଚ୍ଛନ୍ତି ସିଂହାଃ ସତ୍ପୁରୁଷାଃ ଗଜାଃ"

ଇଂରାଜରେ ପାଠ ଡାକୁଛି—Consistency is the hobgoblin of little minds.

× × × ×

କଂଗ୍ରେସର "ନିଷ୍ଠାପର ମେମ୍ବରମାନେ ଅଧିକାଂଶ ବନ୍ଦୀ" ଥିବାବେଳେ ଦଳପତି ହିସାବରେ ସ୍ୱାମୀ ବିଚିତ୍ରାନନ୍ଦ ଏକ ହୁକୁମନାମା ଛପାଇ ଧମକ ଦେଇଛନ୍ତି କି—ଯେଉଁ କଂଗ୍ରେସ ମେମ୍ବର ସ୍ୱଦଳ ଛାଡ଼ି ବିଶ୍ୱାସଘାତକତା କରିବେ, ସେମାନଙ୍କୁ କଂଗ୍ରେସରୁ ନିକାଲି ଦିଆଯିବ । କଂଗ୍ରେସ ଦଳ ଛାଡ଼ି ଯେଉଁମାନେ ଆସିଛନ୍ତି ଆଗରୁ ତାଙ୍କର ଅମ୍ଳାନଚିତ୍ତ ଯେଉଁମାନେ ଆଖିରେ ଦେଖୁଛନ୍ତି, ସ୍ୱାମୀଜୀ ଗୀତା ପଢ଼ାଇ ତାଙ୍କ ଆଖିରେ ଧୂଳି ଦେଇ ପାରିବେ କି ? ବର୍ତ୍ତମାନରେ ତ କଂଗ୍ରେସ ଗଣ୍ଡ—କେତେବେଳେ ସିନା କଣ ହେବ । ଚାଣକ୍ୟ ମୁନି ପୁଣି ଡାକିଲେ—

ଯୋ ଧ୍ରୁବାଣି ପରିତ୍ୟଜ୍ୟ ଅଧ୍ରୁବାଣି ନିଷେବତେ
ଧ୍ରୁବାଣିତସ୍ୟନଶ୍ୟନ୍ତି ଅଧ୍ରୁବଂ ନଷ୍ଟମେବ ଚ ।

× × × ×

ରଜାଘର ଖେଦାରେ ଯେତେବେଳେ ବଣୁଆ ହାତୀଙ୍କୁ ଧରାଯାଏ ସେତେବେଳେ କୁଟୁଣୀ ହାତୀକୁ ନିଯୁକ୍ତ କରାହୁଏ । ଏ କୁଟୁଣୀ ହାତୀ ଶିଖାଇ ବୁଝାଇ ମନ ନେବାରେ ପଣ୍ଡିତ । ଦୁଇଜଣ 'ସ୍ଥବିର' ବା 'ବିଷୟାସକ୍ତ' କଂଗ୍ରେସ ମେମ୍ବରଙ୍କୁ ଯଦି ଆୟତ୍ତ କରିବାକୁ ହୁଏ ତେବେ ରଜାଘର ସେହିପରି ଜଣେ ପଣ୍ଡିତ କୁଟୁଣୀ ନିଯୁକ୍ତ କରନ୍ତୁ । ପଣ୍ଡିତମାନେ ଏ ସବୁ କର୍ମରେ ଖୁବ୍ ବାହାଦୁର । କଥାରେ ଭୁଲାଇ ନ ପାରିଲେ ମହାପ୍ରସାଦ ତ ଦୂରରେ ନାହିଁ !

Digitized by srujanika@gmail.com

ବିଲେଇ ହାତରେ…… ……………

# ଇଉରେକା

—ଶ୍ରୀ କଣ୍ଡୁଚରଣ ମହାପାତ୍ର

ମିଷ୍ଟର ହିମାଂଶୁ ଆମର ବଡ଼ ଉଚ୍ଚାକାଂକ୍ଷୀ । ତିନି ତିନିଥର ମାଟ୍ରିକ୍ ଫେଲ ହେବା ପରେ ଚତୁର୍ଥ ଥର ପାସ୍ କରି, କଜୋଲୋ ସହେ କଲେଜରେ ଭର୍ତ୍ତି ହୋଇଛନ୍ତି ଏଇ ବର୍ଷ । ମାତ୍ର ବହୁ ପୂର୍ବରୁ ସେ ତା'ର ଲକ୍ଷ ଠିକ୍ କରି ରଖିଛନ୍ତି—ଜୀବନରେ ସେ ନିଶ୍ଚୟ ଜଣେ All India man ହେବ । ପ୍ରତ୍ୟହ ସକାଳେ ସେ ସଂବାଦ ପତ୍ର ନେଇ ମୋ ପାଖରେ ଆସି ହାଜର ହୁଏ । ସମ୍ବାଦ ପତ୍ରଟି ଆମୂଳଚୂଳ ମନୋଯୋଗ ସହକାରେ ପାଠ କରେ, ପ୍ରଧାନ ପ୍ରଧାନ ଅଂଶ ଗୁଡ଼ିକ ଚିହ୍ନିତ କରି ରଖେ । ଅଜି ସମସାମୟିକ ସମସ୍ୟାର ଆଲୋଚନା ଗବେଷଣା କରେ । ସମାଧାନର ଉପାୟ ଚିନ୍ତା କରେ । ତା ମତରେ—ରାଜଗୋପାଳାଚାରୀ ଘଟକ ହୋଇ ଯଦି ବର ଅଶ୍ୱତ୍ଥ ବିବାହ କରିଲା ପରି ମହାତ୍ମା ଗାନ୍ଧୀ ଏବଂ ମିଃ ଜିନ୍ନାଙ୍କ ଭିତରେ ଗୋଟାଏ ବୈବାହିକ ସମ୍ବନ୍ଧ ସ୍ଥାପନ କରାଇ ଦିଅନ୍ତେ, ତାହାହେଲେ ଚତୁର୍ଥୀ ଦିନ ସମସ୍ତ ସାମ୍ପ୍ରଦାୟିକ ସମସ୍ୟାର ସମାଧାନ ହୋଇଯାଆନ୍ତା । ଆଉ ସେଇ ବିବାହୋତ୍ସବକୁ କୌଣସି ମତେ ମିଃ ଆମେରିଙ୍କୁ ନିମନ୍ତ୍ରଣ କରି ଆଣି ପାରିଲେ ଭାରତର ସ୍ୱତନ୍ତ୍ରତାର ଅଚଳ ସମସ୍ୟାର ସମାଧାନ ହୋଇ ଯାଆନ୍ତା । "ନିରକ୍ଷରତା-ଦୂରୀକରଣ ଅଭିଯାନ" ସମ୍ବନ୍ଧରେ ତାର ମତ —ବୟସ୍କ ନିରକ୍ଷର ଲୋକମାନଙ୍କୁ ନୈଶ-ବିଦ୍ୟାଳୟରେ ଶିକ୍ଷା ଦେବାକୁ ହେଲେ ସେମାନଙ୍କ ବିଶ୍ରାମ ସମୟ ଉପରେ ଅନାବଶ୍ୟକ ହସ୍ତକ୍ଷେପ କରାହେବ । ତା ପରିବର୍ତ୍ତେ ଯଦି ପ୍ରତ୍ୟେକ ନିରକ୍ଷର ବୟସ୍କ ବ୍ୟକ୍ତିଙ୍କୁ ଜଣେ ଶିକ୍ଷିତା ଆଧୁନିକାଙ୍କ ସହିତ ବିବାହ କରାଇ ଦିଆଯାଏ (ଦ୍ୱିତୀୟ ଥର ପାଇଁ ହେଉ ବରଂ) ତେବେ ବିଶ୍ରାମ, ଆମୋଦ, ପ୍ରମୋଦ ଓ ଶିକ୍ଷା ବଡ଼ ସହଜ ସ୍ୱଚ୍ଛନ୍ଦରେ ଚଳିବ । ଏବଂବିଧ ସୂକ୍ଷ୍ମ ଉପାୟ ଆମ ମନ୍ତ୍ରୀମଣ୍ଡଳରେ କେବେ ଉପୁଜ ନାହିଁ । ସେଥିପାଇଁ ହିମାଂଶୁ ଉପାୟ ଉଦ୍ଭାବନା ଗୁଡ଼ିକୁ ଆମେ ଏ ଯାଏଁ ଶ୍ରଦ୍ଧା କରି ଆସିଛୁ ।

ସେଦିନ କୌଣସି କାର୍ଯ୍ୟୋପଲକ୍ଷେ ମୁଁ ବାହାରକୁ ଯିବାକୁ ଉଦ୍ୟତ ହେଉଛି, ଦ୍ୱାରରେ ଦେଖିଲି ହିମାଂଶୁ ଗୀତ ନିଶ୍ୱାସ ହୋଇ ମୋର ଅଡ଼ିକୁ ଛୁଟିଛି । ପାଖରେ ପହଞ୍ଚି ନ ପହଞ୍ଚୁଣୁ ସେ ଚିତ୍କାର କରି ଉଠିଲା, "ଇଉରେକା, ବ୍ରାଦର, ଇଉରେକା ।"

ନେଷୀ ଆର୍କିମିଡିସ୍ ଗୋଟାଏ କଠିନ ସମସ୍ୟାର ସମାଧାନ କରି ଏତେ ଆତ୍ମହରା ହୋଇ ଯାଇଥିଲେ ଯେ ରାସ୍ତାରେ "ଇଉରେକା, ଇଉରେକା" ଚିତ୍କାର କରି ଉଲଗ୍ନ ଅବସ୍ଥାରେ ରାଜ ଦରବାରକୁ ଦୌଡ଼ି ଆସିଥିଲେ । ଇଏ ପୁଣି କି ସମସ୍ୟାର ସମାଧାନ କଲା ? ପରମେଶ୍ୱରଙ୍କ କୃପାରୁ ଅବଶ୍ୟ ଆମ ଦେଶରେ ସମସ୍ୟାର ଅଭାବ ନାହିଁ । ଖାଲି ସମାଧାନର ଯାହା ଅଭାବ । ମୁଁ ଅବାକ୍ ହୋଇ ଆଉ କିଛି ଶୁଣିବା ପାଇଁ ଅପେକ୍ଷା କରି ରହିଲି । ହିମାଂଶୁ ପାଖକୁ ଆସି ମୋ ହାତ ଧରି ପକାଇ ଅନୁନୟ କଲା, ଖାଲି କାନ୍ଦୁ ଗୋଟିଏ petition ଲେଖି ଦେବାକୁ ହେବ । ବ୍ରାଦର । ଆଜି ରାତିରେ ବରଂ draft କରିଯାଉ । କ'ଣ କହୁଛ ?"

ତା'ର ତର ସହୁନାହିଁ, ଅଥଚ ରହସ୍ୟ କ୍ରମେ ବେଶି ଦୁର୍ଭେଦ୍ୟ ହୋଇ ଉଠୁଛି । ମୁଁ ପଚାରିଲି, "କରେ କଥା କ'ଣ ? ଏମିତି ଧଇଁସଇଁ ହୋଇ ଛୁଟୁଛୁ କାହିଁକି ? 'ଇଉରେକା' କ'ଣ ? ଦରଖାସ୍ତ ଲେଖା ହେବ କାହା ପାଇଁ ?"

ହିମାଂଶୁ—"ଦରଖାସ୍ତ ? ଦରଖାସ୍ତ ଉତେକି ଭାଇସ୍-ରୟଙ୍କ ପାଖକୁ । ସରକାରଙ୍କୁ ଆଜି ଏତେ ବ୍ରତ ଦେବାକୁ

Digitized by srujanika@gmail.com

ପଡ଼ିବ ନାହିଁ । ମୁଁ Food-crisisର ଆଶୁ ସମାଧାନ କରିଦେବି । ଖାଲି ଗୋଟାଏ କଣ୍ଟ୍ରାକ୍ଟ ଦରକାର—ତା ବଦଳରେ ମତେ ଫୁଡ଼ ମେମ୍ବର କରି ନେବାକୁ ହେବ । ଅଉ ଶୁଣ, ମୁଁ ଫୁଡ଼ ମେମ୍ବର ହେଲାକ୍ଷଣି ତତେ ନିଶ୍ଚୟ ମୋ ପ୍ରାଇଭେଟ୍ ସେକ୍ରେଟେରୀ କରିବି ।"

ବିଶ୍ୱାସ ହେଉନାହିଁ । ରାଜଧାନୀରେ ଘନ ଘନ ବୈଠକ ବସିଲା, ବଙ୍ଗର ଖାଦ୍ୟମନ୍ତ୍ରୀ କେତେ ଥର ଉଡ଼ାଉଡ଼ି କଲେ, ସ୍ୱରାଷ୍ଟ୍ରଙ୍କ ଦୌଡ଼ାଦୌଡ଼ି ଲାଗିଗଲା, ଅର୍ଥନାଶ ଢେର ହେଲା । ସ୍ୱୟଂ ଶ୍ରୀ ବାସ୍ତବ ଯାହା ବାସ୍ତବରେ ପରିଣତ କରି ପାରିଲେ ନାହିଁ, ବିଳାତ ରାଜସଭାରେ ଏତେ ଆଲୋଚନା ସମାଲୋଚନା ସତ୍ତ୍ୱେ ଯାହାର ଦୂରୀକରଣ ଅଦ୍ୟାବଧି ହୋଇ ପାରିନାହିଁ, ଏଇ କାଲିକାର ଟୋକା ବଟେ ତା'ର ଆଶୁ ମୀମାଂସା କରିଦେବ । କିନ୍ତୁ ଗମ୍ଭୀର ଆତ୍ମ ପ୍ରତ୍ୟୟର ଯେଉଁ ଦୀପ୍ତି ହିମାଂଶୁ ମୁଖରେ ପ୍ରକଟିତ, ତାକୁ ଦେଖିଲେ ତା କଥାକୁ ଏକାବେଳକେ ହସରେ ଉଡ଼ାଇ ଦେବାକୁ ପ୍ରବୃତ୍ତି ହେବ ନାହିଁ । ହୋଇପାରେ, ହିମାଂଶୁ ଦ୍ୱିତୀୟ ଆର୍କିମିଡିସ୍ ହେବା ଅସମ୍ଭବ କ'ଣ ? History repeats itself.

ପଚାରିଲି— "ଅଚ୍ଛା, ଫୁଡ଼ କ୍ରାଇସିସ୍‌ର କିପରି ଆଶୁ ପ୍ରତିକାର କରିବୁ ଶୁଣେଁ ?"

ବକ୍ରତାର ହାବଭାବ ପ୍ରକଟିତ କରି ସେ କହିଲା— Sorry, that's my trade secret. ଆଗେ ମୁଁ ଫୁଡ଼ ମେମ୍ବର ହୁଏ, ତାପରେ ତୁ ଶୁଣିବୁ ।"

ଏତେ ବଡ଼ ଗୁପ୍ତ ମହାଧନ—ଯାହା ବଳରେ ସେ ଫୁଡ଼ ମେମ୍ବର ପଦ ଲାଭ କରିବ—ମୋ ଆଗରେ ପୂର୍ବରୁ ପ୍ରକାଶ କରିଦେବ କିପରି ? ସିଧା ଅଙ୍ଗୁଳିରେ ଘିଅ ଉଠିବ ନାହିଁ ଭାବି ମୋ ହାତରେ ଯାହା ସମ୍ବଳ ଥିଲା ତାହା ପ୍ରୟୋଗ କରି କହିଲି—"କିନ୍ତୁ ମୁଁ ସବୁକଥା ନ ଜାଣିଲେ ଦରଖାସ୍ତ ଲେଖିବି କିମିତି ? ତା ଛଡ଼ା ମୁଁ ଯେତେବେଳେ ପ୍ରାଇଭେଟ୍ ସେକ୍ରେଟେରୀ, ମୋ ପାଖରେ କୌଣସି କଥା ଗୋପନ କଲେ ଚଳିବ କିମିତି ?" ଏହିପରି ବହୁତ ସାଧ୍ୟ ସାଧନାରେ ଶେଷରେ ସେ ବହୁମୂଲ୍ୟ ପ୍ଲାନ୍ କେବଳ ମୋର ଆଗରେ ପ୍ରକାଶ କରିବାକୁ ସମ୍ମତ ହେଲା । ପ୍ରଥମେ ମତେ ଗୋଟିଏ ନିର୍ଜନ ସ୍ଥାନକୁ ଡାକିନେଲା । ମୁଁ ଯେପରି ଗୁପ୍ତ ପ୍ଲାନ୍ କାହାରେ ପ୍ରକାଶ କରିଦେଇ ଫୁଡ଼୍ ମେମ୍ବର ପଦ-ଲାଭରେ ବାଧା ସୃଷ୍ଟି ନ କରେ ସେଥିପାଇଁ ମତେ ପ୍ରତିଶ୍ରୁତ କରାଇ ନେଲା । ତାପରେ ଚାରିଆଡ଼େ ସତର୍କ ଦୃଷ୍ଟି ବୁଲାଇ ନେଇ ମତେ ଚୁପ୍ ଚୁପ୍ କରି ପଚାରିଲା, "ମେସ୍-ମେରିଜମ୍ କଥା ଜାଣୁ, ମେସ୍ମେରିଜମ୍ ? ସେଇ ଯେ, ମୁହଁରେ ହାତ ବୁଲାଇ ଦେଇ କୁହାହେଲା ତମେ ବର୍ତ୍ତମାନ ହିମାଳୟର ଉତ୍ତୁଙ୍ଗ ଶିଖରରେ । ସଙ୍ଗେ ସଙ୍ଗେ ହିମରେ ଦେହ ଥର ଥର ହୋଇ କମ୍ପି ଉଠିଲା । ପୁଣି ପରମୁହୂର୍ତ୍ତରେ କୁହା ହେଲା, ତମେ ବର୍ତ୍ତମାନ ସାହାରା ମରୁଭୂମିରେ ମଧ୍ୟାହ୍ନଯାତ୍ରୀ । ତତ୍‌କ୍ଷଣାତ୍ ଦେହରୁ ଗମ୍ ଗମ୍ ଝାଳ ବୋହି ପଡ଼ିଲା । ସେଇ ମେସମେରିଜମ୍ କଥା ଜାଣୁ ତ ?"

ମୁଁ ସେତେବେଳେ ନିର୍ବାକ୍ ନିଷ୍ପନ୍ଦ । ଖାଦ୍ୟ ସମସ୍ୟା ସମାଧାନ ସହିତ ମେସ୍ମେରିଜମର ପୁଣି କି ସମ୍ପର୍କ ?

ସେ ଟିକିଏ ଗଳା ସଫା କରି ନେଇ ସମ୍ପର୍କଟା ବୁଝାଇ ଦେଲା । 'ଠିକ ସେମିତି ଅଭାବଗ୍ରସ୍ତ ପୀଡ଼ିତ ଲୋକମାନଙ୍କୁ ମେସ୍ମେରିଜମ ସାହାଯ୍ୟରେ ମୋହିତ କରି କୁହାହେବ—ତୁମେ ବର୍ତ୍ତମାନେ ଖାଲି ପୁରି, ଲୁଚି, ପାୟସ, ରସଗୋଲା, ସନ୍ଦେଶ ଇତ୍ୟାଦି ଖାଉଛ । ଦୂରରୁ ଖାଦ୍ୟ ସାମଗ୍ରୀ ତୁମ ସମ୍ମୁଖରେ ଢେର ହୋଇଛି । ସାଙ୍ଗେ ସାଙ୍ଗେ ବୁଭୁକ୍ଷୁ ନର ନାରୀଙ୍କ ପେଟ ଖାଦ୍ୟରେ ଭରି ଉଠିବ । ଅସ୍ଥି କଙ୍କାଳ ସାର ଶୀର୍ଣ୍ଣ ଶରୀରରେ ରକ୍ତ ମାଂସ ପୁଣି ଥୁଳ ହୋଇଯିବ । ସମସ୍ତ କିମ୍ବା ବ୍ୟୟ ଟେଣ୍ଡ କିଛି ଲାଗିବ ନାହିଁ । ଜାହାଜ ଦରକାର ନାହିଁ କି ୱାଗନ୍ ଦରକାର ନାହିଁ । ଖାଲି କେତେ ଜଣଙ୍କୁ ମେସମେରିଜମ୍ ଶିକ୍ଷା ଦେବାକୁ ହେବ । ସେଇ କେତେଜଣଙ୍କୁ ଖାଦ୍ୟ ଦେଇ ବଞ୍ଚାଇ ରଖିଲେ ଅନ୍ୟମାନଙ୍କୁ ମେସମେରିଜମ୍ ସାହାଯ୍ୟରେ ଖାଦ୍ୟ ପରିବେଷଣ କରାଯାଇ ପାରିବ । କିମିତି ? What an excellent idea !"

ଠିକ୍ ତ । ହିମାଂଶୁର କି ଚମତ୍କାର ଉଦ୍ଭାବନ ଶକ୍ତି ! ତା ପ୍ରତି ମୋ ଶ୍ରଦ୍ଧା ଶତଗୁଣ ବଢ଼ିଗଲା । ଏତେ ସହଜ କଥାଟା କାହାର ମସ୍ତିଷ୍କରେ ଏଯାଏଁ ଆସିନାହିଁ । ଯାହା-ହେଉ, ହିମାଂଶୁ ଏକା ଉପାୟରେ ଦୁଇ କାମ ହାସଲ କରି ନେଲା—ସ୍ୱାର୍ଥସାଧନ ଆଉ ପରୋପକାର, ଫୁଡ଼୍ ମେମ୍ବର ପଦଲାଭ ଓ ଖାଦ୍ୟ ସମସ୍ୟାର ସମାଧାନ । ଯେପରି, ଏକା ଟେକାରେ ପକ୍ଷୀ ମରିଯାଏ ଫଳ ଝଡ଼ିଯାଏ ଅଥବା ଯେପରି ଏକା ଭୋଜିରେ ପୁଅର ବିବାହୋତ୍ସବ ଓ ଲକ୍ଷ୍ମୀର ଆତ୍ମ-ସମର୍ପଣ, ଦୁଇ ଘଟଣାକୁ ମଧୁମୟ କରାଯାଏ । ସରକାରଙ୍କ ସମ୍ମୁଖରେ ଆମର ଏତିକି ଜଣାଣ, ହିମାଂଶୁର ପ୍ରସ୍ତାବ ଗ୍ରହଣ କରି ତାକୁ ଅଚିରେ ଫୁଡ଼୍ ମେମ୍ବର କରି ଦିଆଯାଉ ।

———*———

Digitized by srujanika@gmail.com

କଥାଟିଏ କହୁଁ ........................

# ମୀମାଂସା

ଲେଖିକା:—କୁମାରୀ ଶୈଳବାଳା

ଧରଣୀ ଉପର—ସୁଖ ଦୁଃଖ—ଆଲୁଅ ଅନ୍ଧାର - ବିଚିତ୍ର ଏ ଦିନ ରାତି—ଅମାବାସ୍ୟା ପୂନେଇ—ଶୀତ ଗ୍ରୀଷ୍ମ— କିମିତି ସେ ଲାଗି ରହିଛି...... ସୃଷ୍ଟିର ଆଦ୍ୟରୁ ସେ— ସୃଷ୍ଟିର ଶେଷ ଯାଏ ବି ରହିଥିବ। କେତେ ଦିନ—କେତେ ଯୁଗ ଗଲାଣି— ତଥାପି ଜନ୍ମର ହର୍ଷଗୋଳ ଭିତରେ ମୃତ୍ୟୁର କ୍ରନ୍ଦନ ଥମିଲା ନାହିଁ—ତଥାପି ଦୁର୍ବଳଙ୍କୁ ଦେଖି ସବଳ ଭାବିଲା— "ଯାହା ସମ୍ପଦ ନିଜ କରିନେଲେ ଅତୁଳ ସୁଖରେ ମୁଁ ରହିବି।"

କିମିତି ଯେତେବେଳେ ଚାଲିଛି ସୃଷ୍ଟିର ଖେଳ ସେଠି ଅତୁଳ ଗୋଟିଏ ନୂଆ ଅଙ୍କର ଅଭିନୟ ହେଲା।

ବିପୁଳ ସମ୍ପଦର ଅଧିକାରୀ ଭବାନୀ ବାବୁ ଜଣେ ନିସ୍ୱ ଅନାଥ ଭିକାରୀର ହାତ ଧରି ଆକାଶ ଆଡ଼େ ଚାହିଁଛନ୍ତି -ଅଶ୍ରୁପୂର୍ଣ୍ଣ ନୟନରେ। କଅଣ କିମିତି ଗଭୀର ଚିନ୍ତା କରୁଛନ୍ତି ସେ ଅନୁତପ୍ତ ହୋଇ।

ଭବାନୀ ବାବୁଙ୍କ ବାପା ଧରଣୀ ବାବୁ ଆଉ ସୁଧା ବାବୁ ଭାଇ ଭାଇ ଥିଲେ। କ୍ଷୀର ନୀର ପରି ସମ୍ବନ୍ଧ ଥିଲା ଦୁହିଙ୍କର। ସୁଧା ବାବୁଙ୍କୁ ସେ ପୁରର ଡାକରା ଆସେ ଯେତେବେଳେ —ଭୁବନ ନିହାତି ଛୁଆ। ମୃତ୍ୟୁବେଳେ ଧରଣୀଙ୍କ ତତ୍ତ୍ୱାବଧାନରେ ନିଜର ପ୍ରିୟ ପୁଅ ଆଉ ସମ୍ପତ୍ତିର ଭାର ଛାଡ଼ି ଶାନ୍ତିରେ ସେ ଆଖି ବୁଜିଲେ। ମନେଅଛି—ଧରଣୀ ବାବୁ ସେତେବେଳେ ଅଶ୍ରୁପୂର୍ଣ୍ଣ ନୟନରେ ମୃତ୍ୟୁ ଶଯ୍ୟାରେ ଭାଇଙ୍କୁ କହିଥିଲେ—"ଧର୍ମକୁ ସାକ୍ଷୀ କରି କହୁଛି—ଭୁବନ ଆଜିଠାରୁ ମୋ'ର ପୁଅ ପରି।"

ତା' ପରେ—ଦିନପରେ ଦିନ ବିତିଗଲା—ବର୍ଷପରେ। ଆକାଶରେ ରବି ହସିଲା—ଶଶୀ ଖେଳିଲା—ସ୍ରୋତ ନାଚିଲା —ପୂର୍ବେ ଯିମିତି......। ଭବାନୀ ଆଉ ଭୁବନ ଦୁଇ ଭାଇ ପରି ଚଳିଲେ ଏକାଘରେ।......ଏ କଥା କିନ୍ତୁ ସ୍ୱାର୍ଥୀ ସହି ପାରିଲେନି। ସମ୍ପଦର ମାୟା ପାଖରେ ବନ୍ଧୁତ୍ୱ ପାଣିରେ ଲୁଣପରି ମିଳାଇଗଲା। ସେଠି ସ୍ୱାର୍ଥ ଘାତକତା ଆସନ ପାତିଲା। ବାପାଙ୍କ ପରାମର୍ଶରେ ଭବାନୀ ଭାଇର ସମ୍ପତ୍ତି ସବୁ ନିଜର କରିନେଲେ—କୌଶଳରେ।

ତା'ପରେ— ଭୁବନ କିମିତି ହା ହାକାର କରି ବୁଲିଛି— ପେଟପାଇଁ। ଟାଣ ଓଳିତଳେ ହାତପାତି ଦିନ କାଟୁଛି। ବିଶ୍ୱାସ ଘାତକ ବନ୍ଧୁର ମୁହଁ ଚାହିଁ ବାଟ ଚାହିଁଥାଏ...

ଶଶୀକୁ ଚାହିଁ କୁମୁଦିନୀ ବୁକୁରେ ଶିଶିର-ଅଶ୍ରୁ କେତେଥର ଉଛୁଳି ଉଠିଛି। କେତେଥର ଧରଣୀର ସବୁଜ ଘାସ-ଗାଲିଚା ଟିକୁ ଡାଳି ପୋଡ଼ି ମଲାବେଳା ନାଚିଛି। ଆକାଶରୁ ଝିର ଝିର ବର୍ଷା ଧରଣୀ ବୁକୁରେ ମୁଣ୍ଡ ପିଟି ଫେରି ଯାଇଛି। ମଣିଷ ମନର ଏହି ଗତି— ପରିବର୍ତ୍ତନର ଏହି କଠୋର ମୁଖ ପାଖରେ ସେମାନଙ୍କ ଭିତରୁ କିଏ କେଉଁଠି ଉପହାସ କରି ହସିଛି— ଗଗନ ବା ବର୍ଷା ଅଶ୍ରୁ ଢାଳିଛି!

\+ \+ \+ \+

ଭବାନୀର ମନ ଫେରିଛି—। ସେ ଫେରେଇ ଭୁବନକୁ ସବୁ ସମ୍ପତ୍ତି ଦେଇ କରୁଛି ପ୍ରାୟଶ୍ଚିତ୍ତ.........।

କିନ୍ତୁ ଭୁବନ କହେ—"ନାହିଁ ଭାଇ, ମତେ ଆଉ ସେ ଧନରେ ପରୱାନା। ଦେଖ କେତେ ଶାନ୍ତିରେ ମୁଁ ଅଛି। ମୁଁ ଅତ୍ୟାଚାରିତ ହୋଇପାରେ— ନିଃସ୍ୱ ନୁହେଁ। ସୃଷ୍ଟିରେ ମୋ'ପାଇଁ ଦୟା ଅଛି— ସହାନୁଭୂତି ଅଛି—। ଆଉ ମୋର ଅଭାବ କଅଣ? ଧନ ନାହିଁ— ମୋ'ପାଇଁ ହୃଦୟ ତ ଅଛି— ଲକ୍ଷ ଲକ୍ଷ ନୟନରେ ଯାହା ବନ୍ଦୀ ହୁଏନା।"

"ଏହି ନୟନମଧ୍ୟରେ ବି—। ଏହା କୁ ଜାଣନା ଭୁବନ। ଯା'ର ଧନଅଛି— ଜଗତରେ ତାର ଅଭାବ କଅଣ? ଏଣୁ ଦେଖ ମୁଁ ତାହାରି ଖାତିର କରେନା। ଭାଇର ପରି ଅର୍ଥଟା ଦିଏ। ଜେତେକ ବି ଏମାନେ, ଧନ ଅଛି ବୋଲି ମତେ ହାତ

Digitized by srujanika@gmail.com

ଯୋଡ଼ି ଦାଉ ସ୍ୱକଣ୍ଠ । ତେବେ କାହିଁକି ଏତେ ବଡ଼ ସଂପଦ ଖରାପ ଲାଗୁଛି ଭାଇ— ?"

"ଭକ୍ତିରେ ନୁହେଁ—ହୃଦୟର ଭଲପାଇବା ଦେଇନୁହେଁ ଭୟରେ ସେମାନେ ତତେ ସମ୍ମାନ ଦେଖାନ୍ତି । ସେମାନେ ତୋ' ଅଧୀନରେ ପଡ଼ିଛନ୍ତି ବୋଲି, ଖାଲି ପେଟପାଇଁ ସେମାନେ ତୋ' ଦୁଃଖରେ ମୁହଁରେ ତତେ "ଅହା" କହି ପାରନ୍ତି କିନ୍ତୁ ହୃଦୟରେ ତୋ' ପାଇଁ କିଛି ନାହିଁ ତାଙ୍କର । ଦିନେ ଏ ଭାବିଲେ ବୁଝିବୁ ।

"ଧନୀ ହେବା କଅଣ ଏତେ ଅପରାଧ ?"

"ନାଁ—ନାଁ, ତା' କାହିଁକି ହେବ ? ତେବେ ସମସ୍ତେ ଧନୀ ହୋଇ ପାରନ୍ତି । କିନ୍ତୁ ଜୀବନର ମୂଲ୍ୟ ସମସ୍ତେ ବୁଝି ପାରନ୍ତି କି ? ତା' ହେଲେ ଏତେ ହାହାକାର କାହିଁକି ! ପରପାଇଁ ଯା' ଆଖିରେ ଅଶ୍ରୁ ନାହିଁ—ନିଜପାଇଁ ପରଠାରୁ ସେ ଅଶ୍ରୁ ଆଶା କରିବା କେଡ଼େ ଧୃଷ୍ଟତା ! ତେବେ ଏ ସୃଷ୍ଟିର ଆଦ୍ୟରୁ ଯେ ସୃଷ୍ଟିର ଶେଷଯାଏ ହେଉଥିବ ରହିବ । କିନ୍ତୁ ସେପରି ଧନୀ—ସବୁରି ନିନ୍ଦିତ୍ର ଯେ କେବଳ ପୀଡ଼ନ' ପାଏ—ଅଥଚ ହୃଦୟରୁ କାହାର କିଛି ପାଏନା—ତାଠାରୁ ଅବଶ୍ୟ ଭିକାରୀ, ଯାନ—ଯାହାପାଇଁ ଦଶଜଣଙ୍କ ହୃଦୟ କାନ୍ଦେ—ଦଶ ଜଣଙ୍କ ଆଖିରେ ଅଜାଣତରେ ଅଶ୍ରୁ ଢଳଢଳ ସେ ଶ୍ରେଷ୍ଠ ନୁହେଁକି ? ଜୀବନହୀନ ଆକାଶ—ରଶ୍ମିହୀନ ସୂର୍ଯ୍ୟ, ପରି—ହୃଦୟହୀନ ଭକ୍ତି—ହୃଦୟହୀନ ସ୍ନେହରେ କି ମୂଲ୍ୟ—କି ଆନନ୍ଦ ଥାଏ ଭାଇ ?

ତେବେ ଯେଉଁ ସଂପତ୍ତି ପାଇଁ ତୁ ବନ୍ଧୁ-ଦ୍ରୋହୀ ହେବାକୁ ଦିନେ କୁଣ୍ଠିତ ହୋଇନୁ—ସେ ସ୍ୱର୍ଗ ହେଲେ ମଧ୍ୟ ମୋର ଲୋଡ଼ାନାହିଁ ବନ୍ଧୁ ! ବେଶ ଅଛି ମୁଁ—ଏଇ ଦୀନ ସାଜରେ ।

'ମତେ ତୁ କ୍ଷମାଦେ' ଭାଇ ! ଜାଣେ—ମୋ' ପାପର ପ୍ରାୟଶ୍ଚିତ ନାହିଁ । ଦୟାକରି ଅନ୍ତତଃ ଭୁଲିଯା' । ଶତ ଶତ ଥର ମିନତି କରୁଛି—ମୋ' ଅପରାଧ କ୍ଷମା ଦେ— ।" ଭୁବନର ପାଦଧରି ଭବାନୀ କହିଲା ।

ବନ୍ଧୁ ! ବନ୍ଧୁ ତୁ ମୋର !! ମୋ' ପାଖରେ ତୋର ପୁଣି ଅପରାଧ କଅଣ ? ଏତିକି ମାତ୍ର ବୁଝିଥା'—ଯେ ନିଜର ହୃଦୟକୁ ଅନ୍ୟକୁ ଦେଇ ଶିଖନି—ସେ ଧନହୀନ—ଗର୍ବ ଅଭିମାନ ଦ୍ୱାରା ସେ ଦୀପି ଅନ୍ୟର ହୃଦୟ ଜୟକରି ପାରେନା । ଆଉ ଏ ଧନର ମାୟା ବଡ଼ ଭୟାନକ । ସେ ବନ୍ଧୁକୁ ବନ୍ଧୁଠାରୁ ବିଚ୍ଛିନ୍ନ କରେ—ତା' ମୋହରେ ଭାଇ ଭାଇକୁ ହତ୍ୟା କରେ—ତା' ମୋହରେ ମଣିଷ ମଣିଷକୁ ମାଟିଠାରୁ ତୁଚ୍ଛ ଜ୍ଞାନ କରେ—

ସେ ନିଜର ଅନୁତପ୍ତ ବନ୍ଧୁକୁ ବୁକୁ ଉପରେ ତୋଳି ଧରିଲା ।

(❊)

---

## କୁତୁକୁତୁ

ଭିକାରୀ ପଇସାଟିଏ ମାଗିବାରୁ ଭଦ୍ରଲୋକ କହିଲେ, "ଅରେ ତୁଅ ସେଇ ଲୋକ—ମୁଁ କାଲି ତତେ ଗୋଟାଏ ପଇସା ଦେଇଥିଲି ନା ?

ଭିକାରୀ—"ହେଇଥିବ, ଆପଣ କଣ ଭାବୁଛନ୍ତି ସେଇ ପଇସାଟା ପାଇ ମୁଁ ଜୀବନ ଯାକ ସ୍ୱାଧୀନ ହୋଇଗଲି ନା କଣ ? ×

ସ୍ତ୍ରୀ—ମୁଁ ସେଦିନ ପଢ଼ୁଥିଲି ଜିରାଫର ୧୮ ଇଞ୍ଚ ଲମ୍ବା ଜିଭ ଅଛି ।

ସ୍ୱାମୀ—ତମର ଈର୍ଷ୍ୟା ହଉଛି କି ? + +

ଗ୍ରାହକ—ତମ ବଟେଫ ତାଜା ଅଛି ତ ?

ବଦରଗୀ ଦୋକାନୀ—ନାହିଁ ଆଉ କଣ ?

କିଏ କଣ ଭାବିଚ ଡାଲ୍ଡାର ବାସି ଗରମ କରି ଦେଉଛୁ ବୋଲି ।

\+ × +

ପ୍ରେମିକ—ପ୍ରିୟେ ମୁଁ ତମପାଖରୁ ଯେତେବେଳେ ବିଦା ନେଇ ଚାଲିଯାଏ ମୋ ଜୀବନର ସମସ୍ତ ଆଲୁଅ ଲିଭିଯାଏ ।

ପ୍ରେମିକା—ଆଉ ତମେ ଯେତେବେଳେ ମୋ ପାଖକୁ ଆସ ଘରର ସମସ୍ତ ଆଲୁଅ ବି ଲିଭିଯାଏ । × + ×

Digitized by srujanika@gmail.com

## ଏଚ୍-ବି
## ( H. B. )
### ( 'ଡବଲିଉ'ର ଉତ୍ତର )

—ଶ୍ରୀମତୀ ସରସ୍ୱତୀ ଦୀକ୍ଷିତ

କଲିକତାଠାରୁ ଫେରି ଯାଉରେ ଧୂର ଫେସନ ଗୁଡ଼ଥର,
ମାମୁଁ ମୋ ଫେରିଲେ ଦେଖାଇଲେ ବୋଇଲେ ଖୋଜା ଟୋକୀ ଗୋଟେ ବର ।
କଲିକତାଠାରେ ଯେତିକି ଝିଅ ଦେଖିଛନ୍ତି ଏଠୁଁ ଯାଇ,
ହାଡ଼ଗୋଡ଼ା ଗଲା, ସଭିଙ୍କର ଅଦ୍ଭୁ ଗୋଟିଏ ତ ଭଲ ନାହିଁ ।
ଗୋଟାଏ ଦୁଇଟା କଲେଜ ପଢ଼ୁଆ ଭାଜଟି ତାଙ୍କର ଶୁଣି,
ହଜାର ହଜାର ! ମାମୁ ବାପୁଡ଼ାର ମାଟିଗଲା ଅଖା ମୁଣି ।
କଟକ କଲେଜେ ପଢ଼ୁଅଁ ଶୁଣିଲା ଲମ୍ବା ଲମ୍ବା କେତେ ବାତ୍,
ଗୋଟାଏ ଦୁଇଟା ନାତ୍ ଖାଇ ସେଠୁ ଫେରଲେଟି ସାଥେ ସାତ୍ ।
କହିଲେ ବଡ଼ପେ, "ଝିଅଟିର କି ଦେଖିଲ ସମସ୍ତେ ଫେସନ ଗୁହାଁଲେ,
ବଙ୍ଗାଳି କାଟିଂ, ବଙ୍ଗାଳୀ ପ୍ରିଣ୍ଟ, ନ ହେଲେ ତ ଚିତ୍ର ନୋହିଲେ ।
ନଥ, ନାକଫୁଲି, ଚନ୍ଦ୍ରହାର ଆଉ ଯେତେ ଯେତେ ଥିଲ ଗହଣା,
ଝିଅ ଝିଅଙ୍କ ଦେହରେ ଲାଗିଛି ଛୁଃ, କି ଅଜନା ଗହଣା !
ଝିଅ ଝିଅ ତ ପଖାଳ ଖାଇବ ଯେତେବେଳ ପଢ଼ିବା ଦିଂଶାରେ,
ଗୁ' ପଅ ବାଗ ଜାଣିବ କାହୁଁ ସେ— ଲିପଷ୍ଟିକ୍ ଓଠେ ଘଷାରେ ?
ଇମେଡ ଗୁଡ଼ାଏ ଓଡ଼ିକୁ ଅଣି ହନିମୁନ୍ ଶେଷେ ଥୋଇଲେ,
ପୋଡ଼ି ଜଳା ହୋଇ ମଇଁବ ପଣିଷ ଜୀବନଟା ପିବ ନୋହିଲେ ।
ବଲ୍‌ଡାନ୍ସ ନାଚ ଭରବା ଥାଉ ତ ଅଙ୍ଗ ହଲାଇ ତ ହୋଇନା,
ସିଗାରେଟ୍ ଖିଅ ଷ୍ଟାଇଲ୍ ଜାଣେନା, ଗୁଣ୍ଡଜଥାଏ କଲେ ଖାଇନା ।
ହହର ଚକାର ଘୁଡ଼ି ଦେଇ ଶେଷେ ଜଗେ ମାମୁଁ ହାଟ ପାଳିକି,
ମନଟା ମୋର ଖରସ ହୋଇଲା ବାହାଘର କଥା ଭାଳିକି ।
'କାଳା ପଂଡିତ'ଙ୍କୁ ଭଲ ଦିନେ ମାମୁ ପାଇଲା ଉଦଳା ହାଟରେ,
ତାଙ୍କ ଘରେ ଯୋଡ଼େ ବେଟେଲିଅର ଥିବା ଶୁଣି ଆସିଥିଲ ବାଟରେ ।
ଟେଡ଼ିଟି ହଜାର ମହନ ମୁହାଁ ଯେ ହାଣ୍ଡିଶାଳ କେଣବ ନ ଅଟେ,
ହାନଟି ହଜାର ମଜାଣ୍ଡି ରୋମିଓ ଦାନ ହେଲେ ଘରେ ନବସେ ।

( ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com

# କାଳିଆ ବଳଦ ଗଲା ଗଲା........

ସଂଗ୍ରାହକଃ—ଶ୍ରୀ ଜଦେବ ମହାପାତ୍ର

ସାନ୍ତ୍ରଙ୍କ ଭୁଇଁଟାଏ ଗାଈ ହୋଇଗଲା । ସେ ଗାଈ କୁଟୁମ୍ବର ମାତୃଷ୍ଠା ଦିନ ଠାରେ ସେ ଦୁଃଖ ପାଲଣି ସେ ପଡ଼ିଗଲେ । କେତେଦିନ ପରେ ତାଙ୍କର ଗାଈଟିଏ ମରିଗଲା । ସାନ୍ତ୍ରାଏ କିନ୍ତୁ ଏ ଦୁଃଖ ଭୁଲି ପାରିଲେନି । ଅହରହ ଗାଈଟି କଥା ଭାବି ବିକଳ ହେଲେ ।

ତାଙ୍କ ପଡ଼ୋଶୀ ମଙ୍ଗରାଜେ କହିଲେ, “ହଇହେ ସାନ୍ତ୍ର ତମେ କେମିତି ଲୋକହେ ? ତମ ଭାରିଯା ମରିଗଲା ସେ ଦୁଃଖ ପାଶୋରିଲ, ଆଉ ଗୋଟେ ଗାଈ ପାଇଁ ଏତେ ଦୁଃଖ କରୁଛ ! ଭାରିଯାଠୁଁ କଣ ଗାଈ ଭଳିଆ ଜନ୍ତୁଟା ଉପରେ ଏତେ ମାୟା ?

ସାନ୍ତ୍ର କହିଲେ, “ମଙ୍ଗରାଜେ ଏ କଥା ବୁଝନି । ଭାରିଯା ମଲା ପରେ କୋଡ଼ିଏଟା ବିବାହ ପ୍ରସ୍ତାବ ଆସିଲାଣି—କୋଡ଼ିଏ ଜଣ ଆସି ଝିଅ ଯାଚିଲେଣି କିନ୍ତୁ ଅଭାଗାଏ କେହି ମତେ ଗାଈଟିଏ ଯାଚି ନାହାନ୍ତି ।

+ × +

“ସେ ଅନେଇ ନଥିଲା ମୁଁ ତାକୁ ଗୋଟାଏ ଚୁମା ଦେଇଦେଲି ।”

“କଣ କଲା ସେ ?”

“ତାକୁ ସମସ୍ତଙ୍କ ସେ କେବଳ ଆଖି ବନ୍ଦ କରି ରହିଲା ।”

+ + ×

ଖଣ୍ଡ—ଟୁକୁ ଇତିହାସ କେମିତି ଉତ୍ତର ଦେବନି ?
ମାଆ—ଭଲ ଦେବନି । ତାର ବା କି ଦୋଷ !

ତାକୁ ଏମିତିଗୁଡ଼ାଏ ପ୍ରଶ୍ନ ପଚରୁଛନ୍ତି ଯାହାର ସେତେବେଳକୁ ଜନ୍ମ ହୋଇ ନଥିଲା ।

( ମଜାକଥା ପୂର୍ବପୃଷ୍ଠା ଉତ୍ତରୁ )

ଏର୍-ଭି ପଣରେ ଚାକୁରି ନେଲି ଦିନେ  ସାନ ଠିକୁ ମାଲା ପିନ୍ଧେଇ,
ଫ୍ଲାଇମ୍ୟାନ୍ ଶେଷେ ଯାହା ମୁଁ ଦେଖିଲି—  ଅନ୍ତର ଉଠିଲା ବିନ୍ଧେଇ ।
ଚେହେରାଟି ସତେ କୁଆଁର କନ୍ୟା ଯେ—  ଖେଳେ ଲୁଚକାଳି ମେଘରେ,
ଇଣ୍ଟର ଲକର ଷ୍ଟାର୍ଟିଂ ସ୍ଲୁ  ଉଡ଼ିବୁଲେ ହେଲ୍ପେ ବାଗରେ ।
ବୀରପଣେ ଦିନେ ରଗି ମୋ ଉପରେ ‘ଏପଲ୍ୟୁ’ କଲେ ଯୁଦ୍ଧରେ,
‘ଇନ୍‌ଷ୍ଟାରଭ୍ୟୁ ବୋର୍ଡ’ ପାଇଲାରୁ  ତାଙ୍କ ଶ୍ୱାସ ହୋଇଗଲା ରୁଦ୍ଧରେ ।
ପ୍ରବୋଧନା ଦେଇ ବୁଝାଇ କହିଲି—“ଉଡ଼ନାହିଁ ପ୍ରିୟ ନାଗର,
ବାଜଜ୍ ଭିତରେ ଲୁଚିଛ ରହିବ  ଧାଡ଼ିବନ କାହା ଅଗର ।
ଶୁଣି ଏହା, ଭୁଡ ଖାଇଲେ ସେଦିନ—କରୁଛୁ ଏବଠି “ଦ-ଏଣ୍ଡ”
‘ଏର୍-ଭି’ ମାନେ ପାଇବନି ଖୋଜି—ଏହା ଦୋ-ଅକ୍ଷର ‘ହ୍ୱାଜ୍‌ବେଣ୍ଡ’

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ *

( ମଡାର୍ଣ୍ଣ ଚମ୍ପୂ )  କାନ୍ତ-କବି ବିରଚିତ

## ( ମ )

ମଧୁରେ, ମନ୍ଦ ମନ୍ଦ ହୋଇ ଗନ୍ଧବହ ପ୍ରସରିଲା
ଆନନ୍ଦ ନର୍ଦ୍ଦମା ସୀମାରେ ।
ମୃଣୁରି ବାସେ  ଲେତକ ତରାସେ
ଭାଷିଲେ . ଇଷିମାରେ ।
ମଶକ ଦଳ  ହୋଇ ଅଳୀଏଳ
ପିଠିରେ ବସି ମାରେ, '
ମଂଡିତ ହେଲା ସେ ଗଳି ମୁଣ୍ଡ
ମହା ମଉଜ ହୋଇଲା ଛୁଣ୍ଡ
ମହକି ଗଲ ଅତର ବୋଲା ରୁମାଲ ସୁଷମାରେ ।ପଦ

ମାରିଲା ମାର ମୂନିଆ ତୀର
ମନ୍ଥି ଦେଲା ଦେନି ଶରୀର
ମିଳିଲେ ଦୁଇ ମୁଆଁସୀ ଏକ ହୋଇ,
ମୁହଁକୁ ମୁହଁ ଯୋଖି ବିଦେହ
ଅନଳେ ହେଲେ ଦହ,
ମସୀ ଅନ୍ଧାର ମାଡ଼ି ସତ୍ୱର
ଘୋଡ଼ାଇ ଦେଲା ମହୀ;
ମଦନ ମଦେ ବୁଡ଼ିଲା ଚେତା,
ମହାମୋହରେ ଘୂରିଲା ମଥା;
ମୂକ ପରାଏ ରହିଲେ ହୋଇ ମୁଖାକୁ ଚୁହାଁଚୁହିଁ ।୧

ମାଛ ହାଟରେ ଉଠିଲା ଗୋଳ,
ମାତାଲମାନେ ପାରିଲେ ବୋଳି;
ମଦର ଛଟି ଲୋଟିଲେ ଭାରି ମଜା,
ମାତିଲେ ସବୁ  ମଉଜି ବାବୁ
ଖାଇ ମଟର ଭଜା,
ମସଲା ଦିଆ  ମିଠା ବିଡ଼ିଆ
ତହିଁକି ହେଲା ଖୋଜା,
ମୋହନ ଭୋଗ, ମୁଆଁ, ମିଠାଇ,
ମେଦାକୁ ମେଦା ଖୁଆ ମଲାଇ,
ମୁଡ଼ି ମୁଡ଼କି ମଇଦାମାନେ
ବାଡ଼ିଲେ ତାଜାତାଜା । ୨ ।

ଭୁବନମୋହିନୀ ନବୀନାଙ୍କର ନିତ୍ୟ ନବ ନବ ଛବି ଓ ରସରାଜ ଚଟକଚନ୍ଦ୍ରଙ୍କର ନବଘନ ରସ ସମ୍ମିଳିତ ହୋଇ ଏପରି ଏକ ଅଚିନ୍ତ୍ୟ ଅନାବିଳ ଅମୃତଧାରାର ସୃଷ୍ଟି କରୁ ଯାହା ପାନ କରି ଅବଶ୍ୟ ପାଠକମାନଙ୍କର ଅନ୍ତରର ମରହଟ୍ଟା ଅନ୍ଧକାର ଦୂରୀଭୂତ ହୋଇଯାଉ ଓ ଦୁନିଆ ନବାଦର୍ଶର ଭାବବନ୍ୟାରେ ବୁଡିଯାଉ ।

ଟାଣି ଫିଙ୍ଗି ଦେଇଥିବା ସିଗାରେଟ ଖଣ୍ଡ ପରି, ପିଇ ସାରି ଭୁଇଁରେ ଗଡ଼ୁଥିବା ମଦ ବୋତଲ ପରି, ଚିରି ଟିକି ଟିକି ହୋଇଥିବା ସଙ୍କେତ ପ୍ରେମ ଚିଠାଉ ପରି ।

କାମକ୍ରୀଡ଼ାର ରଙ୍ଗାଙ୍ଗଣରେ ପୀଡ଼ା ପାଇ ଛିଡ଼ା ହୋଇଥିବା ବ୍ରୀଡ଼ାବନତା ନବୀନାଙ୍କ କର ଧରି ଚଟକଚନ୍ଦ୍ର କହିଲେ—

('ଯ' ଅଦ୍ଭ ଗୀତ ପର ସଂଗ୍ୟାରେ ବାହାରିବ)

* Reproduction in part or full is strictly prohibited.

Digitized by srujanika@gmail.com

# ହରିବୋଲ ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

ଉଦ୍ଦେଶ୍ୟ — (୧୮ବର୍ଷରୁ ୮ଣା ବାଳକ ବାଳିକାମାନଙ୍କ ପାଇଁ)

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରସର ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଉଗରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

## ଚୈତନ୍ୟଦେବ

ପ୍ରିୟ ନାଗ ଭାଇ ଓ ଭଉଣି !

ନମସ୍ତେ। ମୁଁ ଆଜି ଆପଣମାନଙ୍କୁ ଚୈତନ୍ୟ ଦେବ ମହାପୁରୁଷଙ୍କର ଜୀବନ ସଂକ୍ଷେପରେ ଲେଖୁଛି।

ନବଦ୍ୱୀପରେ ଚୈତନ୍ୟଦେବ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଜଗନ୍ନାଥ ମିଶ୍ର। ସେ ଏ ଦେଶରେ ପ୍ରେମମୂଳକ ବୈଷ୍ଣବ ଧର୍ମର ପ୍ରଧାନ ପ୍ରଚାରକ ଥିଲେ। ଯେଉଁ ହରିନାମ ସଂକୀର୍ତ୍ତନ ବର୍ତ୍ତମାନ ଘରେ ଘରେ ହେଉଅଛି, ଚୈତନ୍ୟଦେବଙ୍କ ସମୟରେ ଏହାର ବହୁଳ ପ୍ରଚାର ଆରମ୍ଭ ହୋଇଥିଲା। ଏବେ ମଧ୍ୟ ଲୋକେ କୀର୍ତ୍ତନ କରିବା ପୂର୍ବରୁ ଚୈତନ୍ୟଦେବଙ୍କର ଜୀବନର ଘଟଣାର ଅବଲମ୍ବନରେ ରଚିତ ଗୌର-ଚନ୍ଦ୍ରିକା ଗାନ କରନ୍ତି। ମହାପୁରୁଷ ଚୈତନ୍ୟଦେବ ତାଙ୍କର ଧର୍ମ ପ୍ରଚାର ପାଇଁ ବିଖ୍ୟାତ ହୋଇଛନ୍ତି ସତ କିନ୍ତୁ ସେତେବେଳେ ବିଦ୍ୟା ବୁଦ୍ଧିରେ ତାଙ୍କ ସମକକ୍ଷ ପ୍ରାୟ କେହି ନ ଥିଲେ। ସେ ସମୟର ବିଖ୍ୟାତ ପଣ୍ଡିତଗଣ ତାହାଙ୍କ ସହିତ ଧର୍ମ ବିଷୟରେ ଓ ଶାସ୍ତ୍ରୀୟ ଆଲୋଚନା କରିବାକୁ ଆସି ପରାଜିତ ହୋଇ ଯାଉଥିଲେ। ଅଗାଧ ପାଣ୍ଡିତ୍ୟର ଅଧିକାରୀ ହେଲେ ମଧ୍ୟ କେତେବେଳେ ଅହଙ୍କାର କରୁ ନଥିଲେ। ଛୋଟ ବଡ଼ ଭେଦଭାବ ତାଙ୍କର ନ ଥିଲା। ସମସ୍ତଙ୍କୁ ସେ ପ୍ରେମ ଚକ୍ଷୁରେ ଦେଖୁଥିଲେ। ଅନେକ ଦସ୍ୟୁ ତାହାଙ୍କର ସଦୁପଦେଶ ଶୁଣି ସତ୍‌ପଥ ଅବଲମ୍ବନ କରିଅଛନ୍ତି ଏବଂ ବହୁତ ହୀନ ଚରିତ୍ର ବ୍ୟକ୍ତି ତାଙ୍କ ସଂସର୍ଗରେ ଆସି ପ୍ରକୃତ ମନୁଷ୍ୟତ୍ୱ ଲାଭ କରିଛନ୍ତି। ଏହି ସମସ୍ତ ଅସାଧାରଣ କାର୍ଯ୍ୟାବଳୀ ଦ୍ୱାରା ଚୈତନ୍ୟଦେବଙ୍କର ନାମ ଆଜିପର୍ଯ୍ୟନ୍ତ ଇତିହାସରେ ଲେଖା ହୋଇ ରହିଅଛି ଓ ଇତିହାସ ଚିରକାଳ ସେହି ମହାପୁରୁଷଙ୍କର ଗୁଣାବଳୀ କୀର୍ତ୍ତନ କରୁଥିବ।

ଶୈଶବ କାଳରେ ଚୈତନ୍ୟ ଦେବଙ୍କର ନାମ ଥିଲା ନିମାଇ। ନିମାଇ ଯେତେବେଳେ ନବଦ୍ୱୀପରେ ସାର୍ବଭୌମ ପଣ୍ଡିତଙ୍କ ଟୋଲରେ ଅଧ୍ୟୟନ କରୁଥିଲେ, ସେତେବେଳେ ତାଙ୍କର ଜଣେ ସହପାଠୀ ଥିଲେ, ତାଙ୍କର ନାମ ରଘୁନାଥ। ଦୁହେଁ ବୁଦ୍ଧିମାନ୍ ଛାତ୍ର ଥିଲେ। ସେଥିପାଇଁ ଦୁହିଁଙ୍କ ମଧ୍ୟରେ ପ୍ରଗାଢ଼ ଭାବ ଥିଲା। କେହି କାହାର ଅନିଷ୍ଟ ଚିନ୍ତା କରନ୍ତି ନାହିଁ। କିନ୍ତୁ ନିଜେ ନିଜର କ୍ଷତି କରି ଓ ନିଜେ କଷ୍ଟ ସହି ସେ ଅନ୍ୟଙ୍କୁ ସୁଖୀ କରାଇବାକୁ ଯତ୍ନବାନ୍ ହୁଅନ୍ତି। ଦିନେ ରଘୁନାଥ ଓ ନିମାଇ ଗଙ୍ଗାରେ ନୌକାରେ ବସି ଯାଉଛନ୍ତି, ଏବଂ ତାଙ୍କ ଭିତରେ ନାନା ବିଷୟ ଆଲୋଚନା ମଧ୍ୟ ଚାଲିଛି। କଥା ପ୍ରସଙ୍ଗରେ ନିମାଇ କହିଲେ ଯେ ନ୍ୟାୟଶାସ୍ତ୍ର ସମ୍ବନ୍ଧରେ ସେ ଖଣ୍ଡିଏ ଗ୍ରନ୍ଥ ଲେଖିଛନ୍ତି। ରଘୁନାଥ

Digitized by srujanika@gmail.com

ବହୁ ପରିଶ୍ରମ କରି ଏହି ବିଷୟରେ ଖଣ୍ଡିଏ ଗ୍ରନ୍ଥ ରଚନା କରିଛନ୍ତି । ତାଙ୍କର ବିଶ୍ୱାସ ଥିଲା ଯେ, ତାଙ୍କ ଗ୍ରନ୍ଥଟି ନିମାଇଙ୍କଠାରୁ ଉତ୍ତମ । ବର୍ତ୍ତମାନ ଚୈତନ୍ୟଦେବଙ୍କଠାରୁ ତାଙ୍କ ରଚିତ ଗ୍ରନ୍ଥର ନାମ ଶୁଣି ସେ ଚୈତନ୍ୟ ଦେବଙ୍କୁ ତାହା ପଢ଼ି ଶୁଣାଇବାକୁ ଅନୁରୋଧ କଲେ । ଚୈତନ୍ୟ ଦେବ ଜାଣନ୍ତି ନାହିଁ ଯେ, ରଘୁନାଥ ସେହି ବିଷୟରେ ଗ୍ରନ୍ଥ ରଚନା କରିଛନ୍ତି । ଅତଏବ ରଘୁନାଥଙ୍କ ଅନୁରୋଧ ରକ୍ଷା କରିବା ପାଇଁ ସେ ତାଙ୍କର ପୋଥିଖଣ୍ଡ ବାହାର କରି ପାଠ କରିବାକୁ ଲାଗିଲେ । ନିମାଇ ଯେତେ ପଢ଼ିବାକୁ ଲାଗିଲେ, ରଘୁନାଥ ମୁହଁରେ ସେତେ ବିଷାଦର ଭାବ ଦେଖାଗଲା । ଏହି ଭାବ ଦେଖି ନିମାଇ ରଘୁନାଥଙ୍କୁ ଏହାର କାରଣ ପଚାରିଲେ । ସେତେବେଳେ ରଘୁନାଥ କହିଲେ ଭାଇ ! ମୁଁ ନ୍ୟାୟଶାସ୍ତ୍ର ସମ୍ବନ୍ଧରେ ଖଣ୍ଡେ ଗ୍ରନ୍ଥ ରଚନା କରିଛି । କିନ୍ତୁ ତୁମର ଗ୍ରନ୍ଥ ଯେପରି ଉତ୍କର୍ଷିକ ହୋଇଛି ମୋର ଗ୍ରନ୍ଥ ସେପରି ହୋଇ ନାହିଁ; ତୁମ ଗ୍ରନ୍ଥ ପ୍ରଚାର ହେଲେ ମୋ ଗ୍ରନ୍ଥକୁ କେହି ପଚାରିବେ ନାହିଁ ।

ଏହି କଥା ଶୁଣି ନିମାଇ ଅତିଶୟ ଦୁଃଖିତ ହେଲେ ଏବଂ ରଘୁନାଥଙ୍କ ଆଗରେ ତାଙ୍କ ଗ୍ରନ୍ଥଖଣ୍ଡି ଚିରି ଚିରି କରି ଛିଣ୍ଡାଇ, ତାହାକୁ ଗଙ୍ଗାରେ ଫୋପାଡି ଦେଲେ । ରଘୁନାଥ ବିସ୍ମିତ ହୋଇ ତାଙ୍କ ମୁହଁକୁ ଅନାଇ ରହିଲେ, ଏବଂ ବୁଝି ପାରିଲେ ଯେ, କେବଳ ବିଦ୍ୟା ଥିଲେ ମନୁଷ୍ୟ ହୁଅନ୍ତି ନାହିଁ; ମହାନୁଭବତାହିଁ ପ୍ରକୃତ ମନୁଷ୍ୟତ୍ୱ । ପରର ମଙ୍ଗଳ ପାଇଁ ଯେଉଁ ବ୍ୟକ୍ତି ନିଜର ଅମୂଲ୍ୟ ସମ୍ପଦ ଅକୁଣ୍ଠିତ ଚିତ୍ତରେ ବିସର୍ଜ୍ଜନ କରିପାରେ ସେ ମହାପୁରୁଷ । ସେ ଇତିହାସରେ ଚିର ବରଣୀୟ ।

ଲେଖକ :— ଶ୍ରୀ କଣ୍ଡୁରି ଚରଣ ଦାଶ ୪୫୭ ନାଗ

—✿—

## ନୂଆ ନାଗଙ୍କ ନାମ

। ୫୦୩ । ଶ୍ରୀ ରବୀନ୍ଦ୍ର ନାଥ ଦାଶ (ଅଜୀବନ) ଅନୁଗୁଳ ହାଇସ୍କୁଲ ୧୦ମ ଶ୍ରେଣୀ ପୋଃ ଅନୁଗୁଳ ଜିଃ କଟକ । ୫୦୪ । ଶ୍ରୀମତୀ ବିଦ୍ୟୁତଲତା ଦାଶ (ଅଜୀବନ) ଅନୁଗୁଳ ବାଳିକା ଏମ୍: ଇ: ସ୍କୁଲ ୭ମ ଶ୍ରେଣୀ ପୋଃ ଅନୁଗୁଳ ଜିଃ କଟକ । ୫୦୫ । ଶ୍ରୀମତୀ ସ୍ନେହଲତା ଦାଶ (ଅଜୀବନ) ଅନୁଗୁଳ ବାଳିକା ଏମ୍: ଇ: ସ୍କୁଲ ୫ମ ଶ୍ରେଣୀ ପୋଃ ଅନୁଗୁଳ ଜିଃ କଟକ ।

## ନାଗବନ୍ଧୁ କୁପନ୍

ମୁଁ ଜଣେ ନାତିନାତୁଣୀ ହେବାକୁ ଚାହେଁ ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହିତ

ବାର୍ଷିକ ଚାନ୍ଦା ୫ ୦ /
ଅଜୀବନ ଚାନ୍ଦା ୫ ୦ ୨
ର ଡାକ ଟିକଟ ପଠାଇଲି ।

ତୁମ ସ୍ନେହର ନାତି ନାତୁଣୀ

ଶ୍ରୀ ______________

ଠିକଣା ______________

ତାରିଖ

## ଭ୍ରମ ସଂଶୋଧନ ।

୪୧୫ନଂ ନାଗଙ୍କ ନାମ କ୍ଷେତ୍ରମୋହନ ଦାଶ ନହୋଇ ପ୍ରଭାତ କୁମାର ଦାସ ହେବ ।

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ୍

## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

"ସଞ୍ଚୟୀ ସର୍ବତ୍ର ଜୟୀ ।" ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା ! ନିଜ ଶକ୍ତି ଅନୁସାରେ ସଞ୍ଚୟ କରିବା କିପରି ନିତାନ୍ତ ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ଯୋଗୁଁ ଅଭାବଗ୍ରସ୍ତ ଲୋକମାନେ କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାରକଲେ ଜଣାଯିବ । ଜୀବନର ଦାୟିତ୍ୱ ନେବା ଛଡ଼ା ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ । ସାମୟିକ କିଛି କିଛି କିସ୍ତି ଟଙ୍କା ଦାଖଲ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ ।

### ସୁଦୃଢ଼ତାର ପରିଚୟ—

୧୯୪୧ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବୀମାର ପରିମାଣ ୧୯ କୋଟି ୩୭ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବାର୍ଷିକ ଆୟ ଏକ କୋଟି ୧୦ ଲକ୍ଷ ।
ବୀମା ପାଣ୍ଠି ୪ କୋଟି ୨୧ ଲକ୍ଷ ।
ମୋଟ ସମ୍ପତ୍ତିର ପରିମାଣ ୪ କୋଟି ୫୭ ଲକ୍ଷରୁ ଊର୍ଦ୍ଧ୍ୱ ।
ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲଡିଂସ୍
କଲିକତା ।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗାନାଇଜର
କଟକ ।


Printed & published by G. C. Mahapatra at the Gopinath Press, Bhadrak. 1943.

ବାର୍ଷିକ ତିନିଟଙ୍କା ଆଠଅଣା ପ୍ରତିଖଣ୍ଡ ଦୁଇଅଣା


Digitized by srujanika@gmail.com

୭ମ ବର୍ଷ
୧୭ ଶ ସଂଖ୍ୟା

# Dagaro

**Utkal's most popular Fortnightly**
OF
*LIGHT, LEAD & LAUGHTER.*

ପୌଷ
ଦ୍ୱିତୀୟାର୍ଦ୍ଧ




## ବ୍ୟାଙ୍କ ଅଫ୍ କଲିକତା ଲି: ବାଲେଶ୍ୱର

ଏହା ଏକପ୍ରତିଭାଶାଳୀ ଓ ନିର୍ଭରଯୋଗବ୍ୟାଙ୍କ୍ । ଏଥିରେ ଟଙ୍କା ରଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି କରନ୍ତୁ । ଏହି କେତେଦିନ ଭିତରେ ବାଲେଶ୍ୱର ଶାଖା ଅନୁଷ୍ଠାନ ବେଶ ଗଢ଼ି ଉଠିଛି । ଅତିଶୀଘ୍ର ଭଦ୍ରକରେ ଏହାର ଶାଖା ଖୋଲିବ । ବିସ୍ତୃତ ବିବରଣୀ ପାଇଁ ଲେଖନ୍ତୁ ।

ହେଡ଼ ଅଫିସ:—୩, ମେଙ୍ଗୋ ଲେନ୍
କଲିକତା ।

**ଶ୍ରୀ ପ୍ରିୟନାଥ ନନ୍ଦୀ ବି, ଏଲ**
ଅନାରାରି ସେକ୍ରେଟେରି
ବାଲେଶ୍ୱର ବ୍ରାଞ୍ଚ ଅଫିସ ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର                                    ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରଚଳନ ରସାୟନର ପ୍ରଣାଳୀ ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଇ ବା ବିକୃତ ଚର୍ମ, ସର୍ବାଙ୍ଗର ଜ୍ୱାଳା ଶରୀରର ଅବସାଦ, ମୂତ୍ରବନ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାଡ଼ିକା ଓ ଜଠରର ଶିଥିଳତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଇ ପ୍ରଭୃତି ଅତିରେ ଅରୋଗ୍ୟ ହୁଏ । ଏକ ଶିଶି ୫୨ ଟଙ୍କା ମାତ୍ର ୫ ୨ ଟଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ**

ଆଲାମଚାନ୍ଦ ବଜାର, କଟକ

---

## 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷଠାରୁ 'ଡଗର'ର ପରିବର୍ତ୍ତିତ ମୂଲ୍ୟ ଡାକରେ ବାର୍ଷିକ ଟ ୩୯ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଗୋଟିଏ ଡଗର ଦୁଇଅଣା ଦେଇ ପାଇ ପାରିବେ ।

୪ । ଡଗର ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ," 'ଡଗର' ପୋଷ୍ଟ ଭଦ୍ରକ ( B. N. R. ) ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକ ଟିକଟ ନଥିଲେ କବିତା, ପ୍ରବନ୍ଧ, ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---

ସମ୍ପାଦକ
**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସମ୍ପାଦକ
**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

୭ମ ବର୍ଷ
୧୭ ଶ ସଂଖ୍ୟା
ପୌଷ ଦ୍ୱିତୀୟାର୍ଦ୍ଧ
ତା୧୭-୧-୪୮ରିଖ


# ଡଗର

## ହୁକା ହୁକା ହୁଆ
( ବିଲୁଆ ବିଗୁର )


—ପାକ୍ଷିକ—
ବାର୍ଷିକ ଟ୧।୦
ପ୍ରଚାରସଂଖ୍ୟା—୬୦୭
ରାଜସଂସ୍କରଣ—୫୫


ଏତେଦିନେ ଓଡ଼ିଶାର ଖାସ୍ ହାଇକୋର୍ଟ ହେବା ସ୍ଥିର ହୋଇଗଲା । ବିଶ୍ୱବିଦ୍ୟାଳୟ ତ ହୋଇ ସାରିଛି— ବାକି ଥିଲା ଏଇ ଗୋଟାକ । ଓଡ଼ିଆଙ୍କୁ ଏଥର ଆଉ କେହି 'ଓଡ଼ିଆ' ବୋଲି କହି ପାରିବ ନାହିଁଟି !

ଯେଉଁ ହାଇକୋର୍ଟ ହେଉଛି ତାହା ହେବ ଛନମୁଣ୍ଡିଆ । କଥାରେ ଅଛି ଛନମୁଣ୍ଡିଅରେ କଣ ବୋଲିଛ ? କମିଟି-ବାଲମାନଙ୍କର ଯେ 'ଛନ' ଅଙ୍କ ଉପରକୁ ଏତେ ଶ୍ରଦ୍ଧା କହେଲୁ ତାହା ଆମ ଖୁଦୁବୁଦିଆ ମୁଣ୍ଡରେ ପଶୁନାହିଁ । ଜଜ୍ ରହିବେ ୬ ଜଣ, ବଡ଼ ଜଜଙ୍କ ଦରମା ୫୧୦୦୦ ଅର୍ଥାତ୍ ସଦର ଛର ଏକାଦଶ, ସାନ ଜଜଙ୍କ ଦରମା ୩୩୩୩ ଲେଖାଏ ଜଣକୁ । ଓହୋ ! ଓଡ଼ିଶାଟା ସବୁ ଛନମୁଣ୍ଡିଆ ହେଲାଣି ! ଆମ ମନ୍ତ୍ରୀ ଛନ, ଆମ ବଡ଼ ଠାକୁରେ ଛନ, ଆମ ମେଳା ଗୋଟିଏ ବି ଛନ ! + + + +

ସିରିଆ ଓ ଲେବାନନ ଦୁଇଟା ରାଜ୍ୟ ଫରାସୀ ଅଧୀନରେ ଥିଲା । ସେ ଦୁଇଟାଯାକ ଏବେ ଜନମ ଗାଇବେ ହୋଇଗଲେ ସ୍ୱାଧୀନ—ଏଇ ପହିଲି ଜାନୁଆରୀ ଦିନ । ଏହା ଦେଖି ଅନେକେ କହୁଛନ୍ତି—ଆମ ଭାରତର କଣ ହେଲା ଯେ ଗୋଟିଏ ମଣ ଘିଅ ପୋଡ଼ା ଲାଗିଛି ?

କଥାଟା ! କଣ କି—ସିରିଆ, ଲେବାନନ ବୁଝିଛନ୍ତି ଅହିନ୍ଦୁ ଦେଶ—ଘିଅ ପୋଡ଼ା ନାହିଁ । ଏଠି ସେ କଥା ହେଲେ କେବଳ ଖାଲି ଘିଅ ନୁହେଁ ତ, ସ୍ୱାଧୀନତା ବି ଦରକାର ଯେ !

ଏହା ଛଡ଼ା ଆଉ ଗୋଟାଏ କଥା ବି ଅଛି । ସିରିଆ ଲେବାନନ ଫରାସୀ ବାହୁଛନ୍ଦା ତଳ ଦେଶ । ଯାହାର ନିଜ ରକ୍ଷଣ ଅସମ୍ଭବ, ସେ କାହିଁ ପରକୁ ରଖିବ ? ଆମର ତ ଆଉ ସେ ଲଟ ନାହିଁ, ଆମ ଗାନ୍ଧିଜୀ ଯେ ମହତ୍ତ୍ୱମଣି । ଆମର ଜବରଦାହାକୁ ରହୁ ବାହାରୁ, ଅଣ୍ଡା ଦେଉଛି ତଳ ବାହାରୁ ।

\+ + + +

ଶୁଣି ଖୁସି ହେଲୁ ଯେ ପୁଣି ସାହିତ୍ୟ ସପ୍ତାହ ପାଳନ କରି ଉତ୍କଳ ସାହିତ୍ୟ ସମାଜ ଓଡ଼ିଆ ସାହିତ୍ୟର ଉନ୍ନତି ଓ ପ୍ରଗତି ଦିଗରେ ଉଠି ପଡ଼ି ଲାଗି ଗଲେଣି । ଏଥିରେ ଆଶ୍ଚର୍ଯ୍ୟ ହେବାର କଥା କିଛି ନାହିଁ । ଯଉଁଦିନୁ ପରିଷଦବାଲା ପଟ ପକାଇବାକୁ ବାହାରିଲେଣି ଆମେ ଏହି କଥା ଅନୁମାନ କରିଥିଲୁ । ତାପରେ ତଳ ଯେ ଭଲ କାମ ହୁଏ ଏହା ଜଣା କଥା । ଆଖି ଆଗରେ ବାଛିବା ଲୋକ ଥିଲେ କେହି ଅଳସ କି ନିଶ୍ଚିନ୍ତ ହୋଇ ବସି ପାରେନାହିଁ । ବିଶେଷତଃ ସମାଜ ଯେତେବେଳେ ଶୀର୍ଷ ବାବୁଙ୍କ ପରି କର୍ମୀ ପୁରୁଷ ଓ ସରଳା ଦେବୀଙ୍କ ପରି କର୍ମୀ ନାରୀଙ୍କ ହାତରେ ଅଛି, ଓ ପଛରେ ତାର ଯେଉଁ ପ୍ରତିଷ୍ଠା ରହିଛି ସେଥିରେ ସମାଜ ଯେ ତାର ସ୍ୱକୀୟ ଟେକ ରଖି ଅଧିକ ଉନ୍ନତି ପଥରେ ଅଗ୍ରସର ହୋଇ ପାରିବ ଏଥିରେ ଆଉ ସନ୍ଦେହ କଣ ? ସମାଜର ପୁରୋଧାମାନଙ୍କୁ ଆମ୍ଭେମାନେ ମୁବାରକ୍ ଜଣାଉଛୁଁ ଓ ତାଙ୍କ କର୍ମରେ ମଙ୍ଗଳ ମନାଉଛୁଁ ।

\+ × × ×

୧୯୪୮ ଅତି ଖୁସି ଭାବରେ ତାର ରାଜତ୍ୱ ଜାରି ଅଛନ୍ତୁ କରିବେ କି । ୪୭ ଯାହା କଲା ତାହା ତ ଚିରେ ମୁଠି ନାତେବନ ଦୋଷ ମଧ୍ୟ ଦେଇ ସହିଲେ । ଯେ ମରିଛନ୍ତି ସେ ପାର ପାଇଛନ୍ତି । ଯେ ଅଛନ୍ତି ସେ ବି ଦନ୍ତଗୁଞ୍ଜି କି ଦୁଇସଣ ଦୁଇଦିନରେ ଟାଣି ଓଟାରି ଜାନ୍ ବଞ୍ଚାଇ ରହିଛନ୍ତି ତାହା ଗୋଦା ଜାଣନ୍ତି ।

ମଣିଷ ଆଶା କରି ଜିଇଁ ରହେ । ୪୮ ଆସିଲେ ଗୋଟାଏ ଶନିଦଶା କେଜାଣି କଟିଯିବ ବୋଲି ଅନେକଙ୍କ ବିଶ୍ୱାସ ଓ ନିଶ୍ୱାସ ରହିଛି । ଏଣେ ଲୁଚୁ-ପାଣ୍ଡବ ଦୁଇପକ୍ଷର ମାଲିକମାନେ କହିଲେଣି ଯେ ଏଇ ୧୯୪୮ ସାଲରେ ସବୁଠାରୁ ଘୋର ଲଢ଼େଇ ଲାଗିବ । ଏହା ଶୁଣି ଆମର ଧାକାପି ଉଡ଼ିଯାଉଛି । ଯାହା ହେଲାଣି, ହେଉଛି ତାହାଠାରୁ ଯଦି ଅଧିକ ଘୋରତର

Digitized by srujanika@gmail.com

କଛି ଟାଏ, ତାହା ଆମ କଳ୍ପନାର ବାହାରେ । ଯଦି ସତରେ ତାହାହିଁ ହୁଏ, ତେବେ ତା ହବା ଅଗଷ୍ଟ ବରଂ ପାଇ ଦାଇ ଟରେ ଦିବା ଭଳି । ହୁଙ୍କରେ କଳଙ୍କ ହେବା ଠାରୁ ଏକାଥରକେ ବିଷୁଗ୍ଧ ମୂମରିବା ଶ୍ରେୟସ୍କର ।

ତଥାପି ଆମେ କଷ୍ଟି ରହିବାକୁ ପଡ଼ିବ । କାରଣ ଏହା ଭିତରେ ତ ଗୋଟାଏ ବଡ଼ ଆଶାର ବାଣୀ ଅଛି । ଏଇ ଆଶା ଆମକୁ ମରିବାକୁ ଦେଉନାହିଁ । ସେ ଆଶା ହେଉଛି ଯେ ଏଇ ୧୯୪୪ ରେ ଲଢ଼େଇ ଖତମ ହେବ । ଅଜ କେହି ନୁହେଁ, ଉଭୟ ପକ୍ଷର ଦ୍ୱନ୍ଦ୍ୱଂ ମାଲିକମାନେ ଏ କଥାରେ ଏକମତ ।

× + × +

ବାଲିଗୁଣ୍ଠା ନିର୍ବାଚନ ମକଦ୍ଦମା ଫଏସଲ ପାଇଁ ବସି-ଥିବା ବେଞ୍ଚର ଫେଡ଼ାଏତ ଅଳ୍ପ ଟୋକୁ ଟୋକୁ ମହାଦେବଙ୍କ ମୁଣ୍ଡରେ ବେଲପତ୍ର ପକାଇ ଦେଇଛନ୍ତି । ଭୂତ ପାଃମନ୍ତ୍ରୀ ବିଶ୍ୱ-ନାଥ ଦାସ ମହାଶୟ ଛଅବର୍ଷ ସକାଶେ ଆଉ ଭୋଟରେ ଛିଡ଼ା ହୋଇ ପାରିବେ ନାହିଁ ।

ଏପରି ହୁକୁମ ବେଆଇନ ଓ ଅନ୍ୟାୟ ବୋଲି ଆପତ୍ତି କରି ଦାସେ ଆପଣେ ହାଇକୋର୍ଟଠାରେ ଅପିଲ କଲେଣି । ଅନ୍ୟାୟ ହୁକୁମରେ ପ୍ରତିରୋଧ ନ କରିବା ଅନ୍ୟାୟ ପ୍ରଶ୍ରୟ ଦେବା ମଧ୍ୟ ସେଇଥି ହେଲେ ବି ଦାସେ ଏପରି ସବିନୟ ସଂଗ୍ରାମ ନ କରି ନିଷ୍କ୍ରିୟତା ଅବଲମ୍ବନ କରିଥିଲେ କଂଗ୍ରେସି ମନୋବୃତ୍ତି ସହିତ ଖାପ ଖାଇ ଥାଆନ୍ତା ପରା !

× × × ×

ପ୍ରଥମ ଥର କଲିକତାରେ ଜାପାନ ବୋମା ପଡ଼ିବା ବେଳେ ଲୋକେ ସ୍ୱୟଂଜାତ ହୋଇ ପଳାଇ ଆସିଥିଲେ ଏବଂ ଓଡ଼ିଆ ଗାଇମାନେ ତାର 'ସାନ୍ନିଧ୍ୟ' ଗ୍ରହଣ କରିଥିଲେ । ଏଥରକା ବୋମାପଡ଼ାରେ ସେହି ଓଡ଼ିଆମାନେ ଦମ୍ଭ କରି ଛାତି ପାତି ବସି ଯାଇଛନ୍ତି । ଓଡ଼ିଆ ପ୍ରକୃତ ବୀର ଜାତି ଏବଂ ସେ ବୀରତ୍ୱକୁ ଭୁଲି ଯାଇ 'ମେଣ୍ଢା' ହୋଇ ଯାଇଥିଲେ । ଏବେ ମାଲୁମ ପଡ଼ୁଛି ସେ ପୂର୍ବ ସ୍ମୃତି ଫେରି ଆସି ଥିବାରୁ ପୁଣି ବୀର ପଣିକି ଗଲେ । ଆମ ମନେ ହୁଏ, ହିନ୍ଦୁଂ ଗଜପତି ମହାରାଜା ଜଣେ ଓଡ଼ିଶାର ମାଲିକ ହୋଇଥିବାରୁ ତାଙ୍କର ଚେଷ୍ଟାରେ ସେ ସୌଭାଗ୍ୟ ପୁଣି ଫେରି ଆସିଛି ।

× × × ×

ଆମର ଆନନ୍ଦ ଓ ଗର୍ବର କଥା ଯେ ବାଲେଶ୍ୱରର ଜନପ୍ରିୟ ବଡ଼ ଡାକ୍ତର ଶ୍ରୀ ସୁରେନ୍ଦ୍ରନାଥ ଆଚାର୍ଯ୍ୟ ମହାଶୟ ପାହାଚ ପାହାଚ ନଇଁ ଏବାବେଳକେ ଉଠିଲେ ପ୍ରୋମୋସନ ପାଇ ରାୟବାହାଦୁର ହୋଇଛନ୍ତି । ବାଲେଶ୍ୱର ସହରର ଗଳି କନ୍ଦିର ମାଡ଼ି ବଗିଚାରେ ଡାଃ ଆଚାର୍ଯ୍ୟଙ୍କର ନୈପୁଣ୍ୟର ପୁରସ୍କାର ସ୍ୱରୂପ ଏ ସମ୍ମାନ ପାଇବା ତାଙ୍କର ନ୍ୟାଯ୍ୟ ଦାବି ହେଲେ ବି ଏଯାବେ ଯେ ତାହା ମିଳି ନ ଥିଲା ଏହା କର୍ତ୍ତୃ-ପକ୍ଷର ଦୃଷ୍ଟିହୀନତାର ପରିଚୟ । ସୁରେନ ବାବୁ ଅକ୍ଷି ବେମାରିର ହତୋଟ ଡାକ୍ତର ଥିବାରୁ ବୋଧହୁଏ ଦୃଷ୍ଟିଟା ସିଧା ପଡ଼ିଗଲା ।

× + × ×

ଦୁର୍ଭିକ୍ଷ ଓ ମଡ଼କରେ କେତେ ଲୋକ ମଲେ ତାର ହିସାବ ଯେତେଥର ବାହାରୁଛି, ବାହାର ସଙ୍ଗରେ ବାହାର ମେଳ ନ ଥିବାରୁ ଅନେକ ଲୋକ ମନରେ ଧନ୍ଦା ଧନ୍ଦା କରୁଛନ୍ତି । ମରିବା ଲୋକର ଠିକ୍ ତାଲିକା ମଙ୍ଗଳ-ଶୀଳ ଲୋକ ଦେବା ସମ୍ଭବପର ନୁହେଁ, କାରଣ ନିଜ ନାଆଁଟା ଲୋକ ପ୍ରାୟ ଭୁଲିଯାଏ । ଅତଏବ ଯେଉଁମାନେ ଗାଣ୍ଠି ହିସାବ ପାଇବାକୁ ଇଚ୍ଛା କରନ୍ତି ତାଙ୍କୁ ଆମେ କହୁଁ କି ସେ ଥରେ ଚିତ୍ରଗୁପ୍ତଙ୍କ ସେରସ୍ତାରେ ସହିମୋହର ନକଲ (certified copy) ପାଇଁ ଅର୍ଜେଣ୍ଟ ଫି ଦେଇ ଦରଖାସ୍ତ କରନ୍ତୁ ।

× + × +

ବଙ୍ଗ ପାଃମନ୍ତ୍ରୀ ଗୋଟାଏ ବଡ଼ 'କାମର କଥା' କହି ଏ ଅଟକ ବେଳରେ ଦେଶର ବହୁତ ଉପକାର କରିଛନ୍ତି । ସେ ତାର ପୁରଲେ ଜାହିର କହିଛନ୍ତି କି—କଲିକତାରେ ବୋମା ପଡ଼ିବାର ଆଶଙ୍କା ଦୂର ହୋଇନାହିଁ । ଯେତେ-ବେଳେ ପାରି ସେତେବେଳେ ଆସିପାରେ । ଅତଏବ ତୁମ୍ଭେ-ମାନେ ସର୍ବଦା 'ପ୍ରସ୍ତୁତ' ହୋଇ ରହ ।

ସବୁତ ବୁଝିଲୁ, ମାତ୍ର କଣ ପାଇଁ ପ୍ରସ୍ତୁତ ହୋଇ ରହିବା ଏଇଟା ବୁଝିପାରିଲୁ ନାହିଁ ଏବେ । ଖାଇବା ପାଇଁ ନା ମରିବା ପାଇଁ ?

+ × + +

Digitized by srujanika@gmail.com

# ଏଃ ଅରଃ ପିଃ ଓ ପ୍ରେମ

ଲେଖକ:—ପ୍ରିୟଦର୍ଶୀ

ଏ: ଅର: ପି ଭଳିଆ ଶୁଷ୍କ, ନୀରସ, ପ୍ରେମହୀନ ଅନୁଷ୍ଠାନରେ ଯେ ପ୍ରିୟବନ୍ଧୁ ସେକେଣ୍ଡଇ-ୟେର୍ ଗ୍ରୁପର ଛାତ୍ର ଯୋଗ ଦେବ, ଏ କଥା କେହି ଭାବି ନଥିଲେ। ପ୍ରିୟବନ୍ଧୁ ପାଠଶାଳା ଇଣ୍ଟରମିଡିଏଟ୍ ପର୍ଯ୍ୟନ୍ତ ପଢ଼ି ଆସିଛନ୍ତି। ଅଳ୍ପଦିନ ହେଲା ସେକେଣ୍ଡଇୟରରେ ନାଁ ଲେଖାଇ ଗ୍ରେଡ୍ ଜାରିଣି ହୋଇ ରହିଥିବ—ଭବିଷ୍ୟତ ତାର ଖୁବ୍ ଉଜ୍ଜ୍ୱଳ ଥିଲା—ହଠାତ ଜୀବନ ହବ୍‌ଭେଦଷ୍ଟି ହୋଇ ପଡ଼ ଥାନ୍ତା—ସେ ତାହିଁକି ଏ: ଅର: ପି ରେ ଯୋଗ ଦେଲା! ଏ ବିଷୟ ନେଇ ଛାତ୍ର ମହଲରେ ବେଶ ଗୁଞ୍ଜନ୍ୟ ସୃଷ୍ଟି ହୋଇଛି, କିନ୍ତୁ ପ୍ରିୟବନ୍ଧୁ ସମସ୍ତଙ୍କ ଭଲ କରି ବୁଝାଇ ଦେଇଛନ୍ତି ଯେ ତାର ଉଦ୍ଦେଶ୍ୟ ହେଉଛି—"ଏ: ଅର: ପି: ଯେ ଗୋଟିଏ dry & lifeless Organisation ବୋଲି ଲୋକଙ୍କ ମନରେ ଧାରଣା ଜନ୍ମିଛି ତାକୁ ଦୂର କରିବା। ଏ: ଅର: ପି ରେ ରହି କେବଳ ପ୍ରେମର ସାଧନା ଓ ଚର୍ଚ୍ଚା କରି ଯାଇ ଓ ଏ: ଅର: ପି ସହିତ ପ୍ରେମର ଯେ ଯୋଗ ସୂତ୍ର ଅଛି ତାହା ସେ ଜଗତକୁ ଦେଖାଇ ଦେବ, ଏହା ହେଉଛି ତାର ଦ୍ୱିତୀୟ ଉଦ୍ଦେଶ୍ୟ ତୃତୀୟ ହେଉଛି ସେ ପ୍ରଥମ ଦୁଇଟିର ଉଦ୍ଦେଶ୍ୟର ସାଫଲ୍ୟ ପ୍ରମାଣ କରିବ ଦେବ ଏ: ଅର: ପି ଅଫିସର ହୋଇ, ନିଜର ମାନସୀ ପ୍ରିୟାର ସନ୍ଧାନ କରି।' ବନ୍ଧୁଗଣଙ୍କ ମଧ୍ୟରୁ କେହି ଜଣେ କହିଲେ "Bravo ! Priyabandhu, we wish you luck."

ପ୍ରିୟବନ୍ଧୁ ଯେ ପ୍ରେମିକ ଏକଥା କହିବାକୁ ଭୁଲି ଯାଇଥିଲି। ବିଂଶ ଶତାବ୍ଦୀର ଜଣେ ultra modern ପ୍ରେମିକ ଯାହ ପ୍ରେମ କରେ। ଉଚ୍ଚ ଟେକ୍‌ନିକ୍ ଶ୍ରେଣୀର ମଧ୍ୟ ବେଶ ଭଲ ବୁଝନ୍ତି। ବିଧିବର୍ମୀ ତାଙ୍କର ଦାନରେ ଯଦିଓ ବିଶେଷ ପ୍ରାଚୁର୍ଯ୍ୟ ଦେଖାଇ ନାହାନ୍ତି, ତେବେ କଣା କରି ନାହାନ୍ତି। ମଣିଷ ସେମିତି ନ ହେଲେ ମଧ୍ୟ ଅସୁନ୍ଦର ନୁହେଁ। ଏଥି ସେଇ ତାଙ୍କର ରୂପର ସଂକ୍ଷିପ୍ତ ପରିଚୟ। ଆଉ ଗୁଣ—ଭାରି ମେଳାପୀ—Social, amiable—ଥରେ କଥା ପରିଚୟ ହେଲେ ପରକୁ ନିଜର କରି ନେଇ ପାରନ୍ତି। ଆଉ ଗୋଟିଏ ବିଶେଷ ବ୍ୟକ୍ତିତ୍ୱ—ଭଲ ଗୀତ ଗାଇବା—ବଙ୍ଗଳା ଗୀତର ପ୍ରେମିକ ସେ—ହାରମୋନିୟମ ଧରିଲେ ସେ ସୁର ଧରେ "ନାହିଁ ବା ଘୁମାଲେ ପ୍ରିୟ ରଜନୀ ଏଖନୋ ବାକୀ।"

ପ୍ରିୟବନ୍ଧୁ ଏ: ଅର: ପି: ରେ ଯୋଗ ଦେବାର ପ୍ରଥମ ଦିନ ଏ: ଅର: ପି ଷ୍ଟୋର୍‌ରେ ଟ୍ରେନିଂ ନେଲା। ନୂଆ ବେଶ ଓ ନୂଆ ସାଜ ପିନ୍ଧି ପ୍ରିୟବନ୍ଧୁ ବେଶ ଗର୍ବ ଅନୁଭବ କରୁଥିଲା। ସବୁବେଳେ ପିନ୍ଧେ ପାଣ୍ଟ୍, ସେଇ ପାଇଁ ଏଥି ଉପରେ ହାଫ୍ ପ୍ୟାଣ୍ଟ ଓ ସାର୍ଟ୍ ବୁଷ୍ ଶାର୍ଟ ପିନ୍ଧି। ଖାକି ପୁରା ଡ୍ରେସ୍ ପିନ୍ଧିଲେ ଆଉ ପାରେଡ୍ ଗ୍ରାଉଣ୍ଡରେ ଠିଆ ହୋଇ ଯାଏ ଆଉ ଏକ ମନ ଓ ଏକ ଦୃଷ୍ଟିରେ ନିରୀକ୍ଷଣ କରେ ଚତୁର୍ଦ୍ଦିଗ ନାରୀ, ନାରୀ ଓ ଷୋଡ଼ଶୀ ଅନନ୍ୟା—ସେତେବେଳେ ସେ ଭାବେ "Life is not worth living without romance." ସେଇ ରୋମାନ୍ସ ଯୋଗୁଁ ତ ଏ: ଅର: ପି: ରେ ଯୋଗ। ତାହିଁ ଏତୁଷ୍ଟିନୁ ତ ଜଣ କରି ପାରିବ ନାହିଁ ଖାଲି ସାର୍ଟ ପୁରା ଡ୍ରେସ୍ ଅନେକ ଲାଗିବ ? ନା, ଏଥର ମାନସୀ ପ୍ରିୟାର ସନ୍ଧାନ କରିବାକୁ ହେବ

Digitized by srujanika@gmail.com

କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରିବାକୁ ହେବ ଦୃଢ଼ତା ସହିତ—Now to action—ମନ୍ତ୍ରର ସାଧନ ବା ଶରୀରର ପତନ ।"

ଏଇ ପ୍ରତିଜ୍ଞା କରି ସେ ଦିନ ୫ଟା ବାଜିବା ଦିନରୁ ପ୍ରିୟବ୍ରତଙ୍କ ଧଡ଼ା ଚୂଡ଼ା ହୋଇ ସାଇକେଲ ଧରି ବାହାରି ପଡ଼ିଲ ପାର୍କ ସ୍ଥଳ ଅଭିମୁଖେ । ଗୁଣୁ ଗୁଣୁ କରି ଗାଇ ପ୍ରିୟ ଗୀତରୁ ଧାଡ଼ିଏ ଗାଇ ଗାଇ "କାହିଁ ବା ଧୂମାଳେ ପ୍ରିୟ ରଜନୀ ଏକେଲା ବାଳା" ପାର୍କର ଦ ଗେଟରେ ପହଞ୍ଚିଲା ବେଳକୁ ୟୁନିଭର୍ସିଟି ଘଣ୍ଟା ବାଜିଲା । ଘଣ୍ଟା ବାଜିବା ଶୁଣି ପ୍ରିୟବ୍ରତଙ୍କର ମନେ ହେଲା ଯେପରି ହୃଦୟରେ ତା'ର ପ୍ରେମର ସାଇରେନ୍ ଏ ବାଜି ଦେଲା କି ? ମନ୍ଦିର ଗର୍ଭରେ ସାଇକେଲ ଟେକିଲା ସେ ତା'ର ସମସ୍ତ ଦୃଷ୍ଟି ଶକ୍ତିକୁ ଚେଷ୍ଟା କରି ଦେଇ ଏକାଗ୍ରିତ କରି ଅନାଇ ରହି ଥାଏ ସେଇ ଅଡ଼କୁ । ପ୍ରଥମେ ଯେ ଝାଙ୍କଟାଏ ବେଞ୍ଚରେ ବାହାରିଲ ସେ ଟିକିଏ ହଳଦିଆ ଶାଢ଼ୀ ପିନ୍ଧିଥିଲେ—ପ୍ରିୟ ତାକୁ ଦେଖି ମନେ ମନେ କହିଲ "ହେ, ୟେଲୋ ମେସେଜ (Yellow message) ସୂଚିଣୀ ଦେବୀ ! ମୁଁ ତୁମକୁ ଅଭିନନ୍ଦନ ଜଣାଉଛି । ତୁମେ ମୋର ମାନସୀ ପ୍ରିୟାର ସନ୍ଧାନ ଆଣିଛ ନିଶ୍ଚୟ, ତୁମକୁ ଶତ ଧନ୍ୟବାଦ"

ସେତେବେଳକୁ ଅନେକ ଝାଙ୍କିବା ଗଲେ ବାହାରିଲୁ ଅନେକେଣି—ଏକ ବେଳେ ରଙ୍ଗରେ ଶାଢ଼ୀ ପିନ୍ଧିଛି—ତା' ଭିତରୁ ମାନସୀକୁ ଚିହ୍ନିବ କେମିତି ?—କିଛି ପଡ଼ିଗଲ ଗୋଟିଏ ଗୋଲାପୀ ଉପରେ । ଦେଖିଲ ତନ୍ୱୀ ଶ୍ୟାମାଙ୍ଗୀ ଲଜ୍ଜାମିଶ୍ରିତ ଭଙ୍ଗୀରେ ଚାଲି ଆସୁଛି । ତା' ସାଙ୍ଗରେ ସ୍ୱତନ୍ତ୍ର ତା' ଶ୍ରୀଶିଶ ମୁଖମା ଘର କରି ବସି । ପ୍ରିୟ ଏକ ଧ୍ୟାନରେ ଏକ ମନରେ ଅନାଇ ଥାଏ ସେଇ ଶ୍ୟାମାଙ୍ଗୀ ଆଡ଼କୁ ଏତିକି ବେଳେ କୁଆଡ଼ୁ ତା'ର ସାଇକେଲ୍ ସ୍ଲିପ୍ କଲା—ସେ ଅନ୍ୟ ମନସ୍କ ଥିବାରୁ କଣ୍ଟ୍ରୋଲ କରି ପାରିଲା ନାହିଁ—ଏକାବେଳକେ ଡ୍ରେନରେ ଯାଇ ହେଉମାନ୍ତ । ସବୁ ଦିନ ଯାକ ତା'ର ଅଡ଼କୁ ଅନେକ ଲୋକ ଉଠିଲେ ଓଃ, ସେ କ ବିଭ୍ରାଟ ଦୃଶ୍ୟ—ଏକ ମୁହଁରେ କଳା ବେଳ ଜମୁଛି—ଏକ ଠୋ ଠୋ କରି ହସୁଛି—ବାହାରି ମୁହଁରେ ସହାନୁଭୂତିର ଚିହ୍ନ ବର୍ଣ୍ଣ ସୂଚା ନାହିଁ । ତାର ମନେ ହେଉଥାଏ କିସ ସୁଭାଷ ଉନ୍ନତି ସଙ୍ଗିଆର ବୋମାର ବିସ୍ଫୋରଣ ଉଳଟ ତା ଆଡ଼କୁ ଛେଡ଼ି ପଡ଼ୁଛି । ଆଉ ଏ ଦିଅ ସୁଭାଷ ଶତ୍ରୁ ବିମାନ ଉଡ଼ାଉ ସେ ତୋମାରୁଭାଷ ଟେପାଫାଡ଼ୁଛନ୍ତି । ଝାଡ଼ି ଝୁଡ଼ି ହୋଇ ଉଠିଲା ବେଳକୁ ଦେଖିଲା ସବୁଜ ଶାଢ଼ୀ ଗୋଟିଏ ପଡ଼ି ତା ପାଖକୁ ଏକ ଜଣେ ଆସୁଛି ସବୁଜ ରଙ୍ଗ ଶାଢ଼ୀ ଦେଖି ପ୍ରିୟବ୍ରତଙ୍କୁ ମନେହେଲା ଏଥର ଗ୍ରୀନ ମେସେଜ— ମାନେ—Raiders passed & all clear." ଦେଖିଲା ତା ଶ୍ରୀଶିଶ ମୁଖମା ତା' ଅଙ୍ଗରେ ଓଠ ହୋଇ କହୁଛି "ମାନୁ ! ଏଗୁଡ଼ାକ ବଡ଼ ଖରାପ—ଅନେକ ଲୋକଙ୍କୁ ଆମେ ଏମିତି ଏଇ ସ୍ଥାନଟା ବେଳଟ ଟେଲ଼ା ଜାଗାରେ ଦେଖନ୍ତି ତମେ ଟିକିଏ ସାବଧାନ ହୋଇ ଯିବା ଅଛା କରନ୍ତ" ପଛରେ ତା'ର ସେଇ ଗୋଲାପି ଶାଢ଼ୀ ପରିହିତା ତନ୍ୱୀ ଶ୍ୟାମାଙ୍ଗୀ ସଙ୍ଗିନୀଟି । "ପୁଣି ସେହି ରେଡ୍ ମେସେଜ—ଯାହାକୁ ଦେଖି ଏପରି ଅବସ୍ଥା" ପ୍ରିୟବ୍ରତଙ୍କୁ ଯତ୍ପରୋନାସ୍ତି କିଛିକୁ ସଜାଡ଼ି ମୁକୁଳି କହିଲା "ହଁ, This Municipalty is a nuisance. ରାସ୍ତା ଗୁଡ଼ାକ କେମିତି କରିଛି ଦେଖିଲ । ଆଉ ତମେ ସବୁ ଏଠେ ଯାଅ—ଡେରି ହୋଇଯିବ ।" ଏକଥା ଶୁଣି ସେଇ ଶ୍ୟାମାଙ୍ଗୀ ତରୁଣୀଟି ଉପହା କରିଦେଲେ । ପ୍ରିୟବ୍ରତଙ୍କର ରାଗ ଭାରି ହେଉଥାଏ । ମ୍ୟୁନିସିପାଲିଟି ର ବୋର୍ଡ଼ ଚେୟାର ପୁରୁଷର ଶ୍ରାଦ୍ଧ ସେ ମନେ ମନେ ବାଢ଼ୁଥାଏ । ଆଉ ସେଇ ଶ୍ୟାମାଙ୍ଗିଟିର ମଧ୍ୟ । ସାଇକେଲରେ ଗୋଡ଼ ଦେଇ ପୁଣି ଚଢ଼ିବାକୁ ବସିଲେ ସେଅଡ଼ୁ ଭୂପେନ୍ ଓ ରୂପ ଶ୍ରେଷ୍ଠ ସାଇକଲରେ ଆସି ତା ପାଖରେ ପହଞ୍ଚିଗଲେ । ଚାଲିବା ତ ଦୂରର କଥା ଅଡ଼ଜ୍ଜକର ଅର୍ଦ୍ଧେକ ଦେଖି ଅଗ୍ରସର ହେବାକୁ ଲାଗିଲେ । ଭୂପ ପ୍ରିୟର ଏ ବେହାଲ ଅବସ୍ଥା ଦେଖି କହିଲ—"କରେ, କେଣ ତ ଭୁଡ଼ୁ ଭୁଡ଼ୁ ପାଣି ପିଇଛୁ !"

"ନା ଭାଇ ଏଠି ଗୋଟେ ଏମିତି incident ହୋଇଯିବ ବୋଲି ଭାବି ନ ଥିଲି—ଯୋଗକୁ ଏ ସାଇକେଲଟା କ ସ୍ଲିପ୍ କଲା ।"

"ଓଃ ଇନ୍‌ସିଡେଣ୍ଟ ! ମୁଁ ଭାବୁଥିଲି ଏଗୁଡ଼ା ରେଡ୍—ପାଗରେ ସ୍ଲିଟ୍ ହେଉ ନଥିବାରୁ ଦର୍ଶମାନେ ଆଶ୍ରମ ନେଇଥିଲ । କେଣ୍ଡ, ଖେଣ୍ଡ, ମନ ମୁର୍ଦ୍ଧେ—ତମ Love making ଆଉ ଏ ଏ: ଆଉ: ଟି: ପୋଷାକ ପିନ୍ଧ ବେଳେନାହିଁ ।"

Digitized by srujanika@gmail.com

"ଅରେ ଯା—ମୁଁ କଣ କର୍ କହିବାକୁ ଚାହୁଁଥିଲି—ଏଇବାଟେ ଏମିତି ଯାଉଥିଲି ନା—ଅଛି କହିଲ୍ ମୋର ଏ ଗାର୍ଲ ସ୍କୁଲରେ ଚାହା ସାଙ୍ଗରେ ଜଣା ନା ଶୁଣା"

"ପ୍ରିୟ! ମୋତେ ତୋ ନାଡ ନକ୍ଷତ୍ର ସବୁ ଜଣା। ଚାହାଘର ଅଗରୁ ପ୍ରିୟାକୁ ଅଭିନନ୍ଦନ ଜଣାଇବା ପାଇଁ ଚାହାଁଥିଲୁ ନା "Dont be Silly""

"ଚୁପ! କି ଚାହାଘର—କି ପ୍ରିୟା କଣ ଗୁଡ଼େ ବକୁଛୁ !"

"ପିଲ କଛି ଜାଣେ ନାହିଁ—ଅଛି ଘୂଲ ବସାକୁ—ପୋଷାକ ପତ୍ର ବଦଳା ଗରମ ଚା ସିଙ୍ଗଡ଼ାର ବ୍ୟବସ୍ଥା କର ତା ପରେ ଯାଇ କଥାବାର୍ତ୍ତା—କି nasty Smell ତୋ ଦେହରୁ ବାହାରୁଛି, ସେ ଦ'ଟା ଗାର୍ଲ ତୋ ପାଖରେ କମିତି ଛିଡ଼ା ହୋଇ ଥିଲେ ?"

\+ \+ \+

ବସାରେ ପହଞ୍ଚି ପ୍ରିୟବନ୍ଧୁ ପୋଷାକ ବଦଳାଇ ଭୂପେନ୍ଦ୍ର ସେ ଦୁହେଁ ଗରମ ସିଙ୍ଗଡ଼ା ଓ ଚା ର ସଦ୍ ବ୍ୟବହାର କରୁଥାନ୍ତି। ପ୍ରିୟବନ୍ଧୁ ଉଦ୍ଗ୍ରୀବ ହୋଇ ଭୂପେନ୍ଦ୍ରର କଥାକୁ ଅନେଇ ରହିଛି। ଭୂପେନ୍ଦ୍ର କିନ୍ତୁ ନିଜ କାର୍ଯ୍ୟରେ ବ୍ୟସ୍ତ ଥି ପୋର୍ଥ ଯାଇ ଭୂପେନ୍ଦ୍ର କହିଲା—"ସେ ଗାର୍ଲଟା କଏ ଜାଣୁ—A Hollywood Girl"

"ଅରେ ହଲିଉଡ୍ କଣ ?"

"ମୁଁ ଦେଖୁଛି ଏ: ଅର: ପିରେ ସୁକରି କରି କରି ତୋ ବୁଦ୍ଧିଟା bombed ହୋଇ ଗଲାଣି, ହଲିଉଡ୍ କଣ ଜାଣୁ ନାହିଁ ଚାରପଦା ହେଉଛି ଓଡ଼ିଶାର ହଲିଉଡ୍—ତାଙ୍କ ଘର ହେଉଛି ଚାରପଦାରେ ଅଛି ତୋ would be—।"

"ଅଛା ଭାଇ ସେ ଗାର୍ଲଟାର ନାମ କଣ ?"

"ନା'ଟା ମୋର ଠିକ ମନେ ପଡ଼ୁନାହିଁ—'ରିନା' ବୋଲି ତାକୁ ଡାକନ୍ତି।"

"ତାଙ୍କ ବସାଟା ?"

"ସେତ ହଷ୍ଟେଲରେ ରହେ"

"ତା' ହେଲେ ସେ ଅମ ମୁରମା ସାଙ୍ଗରେ ଲୁଅଚେଡ଼ ଯାଉଥିଲା।"

"ବୋଧହୁଏ ବୁଲି ବାହାରି ଥିବ ତାଙ୍କ ଘରକୁ—ସେ ଦୁହେଁ ଭାରି ସାଙ୍ଗ।"

"ଅରେ, ତୁ ଏତେ ଖବର ରଖିଛୁ—ମୋତେ ଅଗରୁ ଟିକିଏ Hints ଦେଇ ନାହୁଁ।

"ଜାଣିଥିଲେ କ'ଣ କରିଥାନ୍ତୁ—"

"ନା, ମାନେ ଟିକିଏ ସାବଧାନ ହୋଇଥାନ୍ତି। ରାସ୍ତାରେ ଯେଉଁ nasty incidentଟା ହୋଇଗଲା—"

"ତୁଭ ଏବେ ଏଣିକି ସାବଧାନ ହୁଅ, ଭବିଷ୍ୟତରେ ଇନ୍ସିଡେଣ୍ଟ ଏକ୍ସିଡେଣ୍ଟ ସବୁ ଏଭଏଡ଼ କରିବୁ"

'ଅଛା—ବସେ କ'ଣ କରିବା ଚାଲ ଯିବା ସିନେମା ଦେଖି'

"ନା ଭାଇ ଯେଉଁ କଟଡ଼ା ଖାଇଚ—ଦେହ ହାତ ସବୁ ବଥା—ଭଲ ଲାଗୁନାହିଁ—ଯାଉଛି ଖାଲି ଶୋଇ ରହିବି।"

"ହଁ ଶୋଇ ଶୋଇ ଭାବୀ ବଧୂର ମଧୁର ସ୍ୱପ୍ନ ଦେଖ—ମୁଁ ଯାଉଛି ମୋର ବେଳ ହେଲାଣି।"

ଭୂପେନ୍ଦ୍ର ଚାଲି ଗଲାରୁ ପ୍ରିୟବନ୍ଧୁ ତା'ର ଭାବୀ ପ୍ରିୟାର ଚିନ୍ତା କରିବାକୁ ଲାଗିଲା। କୌଣସି ବିଶିଷ୍ଟ ଇଂରାଜୀ କବିଙ୍କ ଭାଷାରେ—

Sweet Rina, Thou would be
thinking of me.
Am an A. R. P. Officer, Love-lorn,
And I have need of thee.

ଏତିକି ବେଳେ ତା'ର ଚିନ୍ତା ସ୍ରୋତରେ ବାଧା ଦେଲା ତା'ର ଚାକର—କଟେଇ।

"ବାବୁଙ୍କର ଏ ଖୋସ ମିଜାଜ ଦେଖି କଟେଇ ଅସି କହିଲା—"ଆଜ୍ଞା ମୁଁ ଖଣ୍ଡେ ଏ: ଅର: ପିରେ ଖବର କରନ୍ତୁ।"

"କରେ ହଠାତ୍ ଏ ଏ: ଅର: ପି ପ୍ରେମ କାହିଁକି ?"

"ଆଜ୍ଞା ମୁଁ ବାହା ହେବାକୁ ମନ କରିଛି ପରା।"

ପ୍ରିୟବନ୍ଧୁ ଅଛି ଅଛି କରି 'ହୋ' 'ହୋ' କରି ଖୁବ୍ ହସିଲା। ✻

---

✻ ଗଳ୍ପଟି ସଂପୂର୍ଣ୍ଣ କାଳ୍ପନିକ କୌଣସି ବ୍ୟକ୍ତି ବିଶେଷ ବା କୌଣସି ଅନୁଷ୍ଠାନ ପ୍ରତି ଆକ୍ଷେପ କରିବା ଉଦ୍ଦେଶ୍ୟ ନୁହେଁ।

Digitized by srujanika@gmail.com

କଥଟିଏ କହୁଁ...............

# ରକ୍ତ ଗୋଲାପ

ଲେଖକ——**କୁମାର ଶରତକାନ୍ତ ଭୂୟାଁ**

( ୧ )

ଜୀବନରେ ଗୋଟି ଗୋଟି ହୋଇ ବାଇଶଟି ବସନ୍ତ ମୁଁ ଉପଭୋଗ କରି ସାରିଛି । ସରସ ଧନ ଗୁଚ୍ଛର ମୋହ ଜଗତରେ ବାସ୍ତବତାର ଗୋଟାଏ ରୂପ ପଡ଼ିଛି । କେତେ ଭାବନା ପାଣିର ବୁଦ୍‌ବୁଦ୍ ପରି ଉଭେଇ ଯାଉଛି ।

କଲେଜ ଜୀବନର ପ୍ରଥମ ଅଙ୍କରେ ସ୍ୱଚ୍ଛ ଖ୍ରାଟ, ଦୁଗ୍ଧଫେନନିଭ ଶଯ୍ୟା, ବିଦ୍ୟୁତ୍ ଆଲୋକ ଉଦ୍ଭାସିତ କକ୍ଷ, Ping pong Table, Showor bath, Radio ରେ "ମେ ଜାନା କାହାର ଅଜ ମେରେ ନାଓ ଚଲୁରେ" ସବୁ ଥିବ ହେରାଦ୍ଧନ, ତା'ପରେ Degree ର କ୍ଷୀଣ ଜ୍ୟୋତି ଆଖିଆଗରେ ଧ୍ରୁବତାରା ପରି ଜକ୍ ଜକ୍ କରୁଥାଏ ଭବିଷ୍ୟତର ଉଦ୍‌ବେଳିତ କୋଳରେ...

ଯୁବକର ମନ ଭାବନା ରାଜ୍ୟର ସୀମା ଟପେ, B. A. B. L. ତା ପରେ Sub. Dy... ନୂଆ ଷ୍ଟାଇଲର ଘର..... ଆଗରେ ମୋଟର ଗ୍ୟାରେଜରେ ମିନର୍ଭା ଗାଡ଼ିଟାଏ, ଦୁଆର ଝରକାରେ ସବୁଜପ୍ରଭା ନେଳୀ ନାଲି କାର୍ଟେନ ତା ଭିତରୁ ଭାସି ଆସୁଥିବ ଅଧୁନିକା ରୁଚି ସମ୍ପନ୍ନା College ପାଠୋଇ Mrs. ଙ୍କର ଏସ୍‌ରାଜରେ ବର୍ତ୍ତମାନର ଅଦମଣୀୟ 'ଖିଅଲ' ର ଆଳାପ ।

ତା'ପରେ ଯୁବକ ଚେତରେ ବାସ୍ତବ ଦୁନିଆଟାକୁ........ କଳ୍ପନା କଳ୍ପନାରେହିଁ ରହିଯାଏ, ଯୌବନର ଦିନ ଉଭେଇ ଯାଏ, ଘଡ଼ି କଣ୍ଟା ବୁଲେ, ପୃଥିବୀ ତା କକ୍ଷ ଚାରିପାଖେ ବୁଲେ ଦିନଟି ଯାଏ, ତାପରେ ସୂର୍ଯ୍ୟ ଚାରିପାଖେ ବୁଲେ, ବର୍ଷଟିଏ ଯାଏ.........ଏହାରି ସାଙ୍ଗରେ ମନୁଷ୍ୟର ଭାଗ୍ୟଚକ୍ର ଘର ସର କରି ବୁଲିଯାଏ......ଶିଶୁ ମାନବ ହୁଏ......ତା'ପରେ ଘର, ଦ୍ୱାର, ପିଲା, ଝଞ୍ଜ୍.........

( ୨ )

କର୍ମକ୍ଳାନ୍ତ ଶରୀରଟାକୁ ଉଚ୍ଚ ଚେୟାର ଉପରେ ଲଗାଇ ଦେଇ ମୁଁ ଭାବୁଚେ ପୁଲିସ ଡିପାର୍ଟମେଣ୍ଟରେ ମୁଁ ଚାକିରୀ କଲି କାହିଁକି ? ହୋଇ ପାରେ ବଡ଼ାଏ ପାଓ୍ୟାର ହାତରେ ଅଛି । କିନ୍ତୁ ମେନୁଏଲରେ ଲେଖା ଅଛି ଅମୁକ ଯାଉନୁ ସାର୍ଥକ୍ ତା ଉଲ୍ଲଂଘନ Breach of Discipline. ଅବସର ନାହିଁ କହିଲେ ଚଳେ । ଭୂତ ଚଳେ ଘଣ୍ଟା S. I. ଚାକିରୀ କରିଅଛ ।

ଫୋନରେ ହେଲୋ କଲି । ସାମ୍ବାଦିକ ବେଲ୍‌ଟା ଭିଡ଼ି ଦେଇ ଉଠି ପଡ଼ିଲି । କଡ଼ା ଗଳାରେ Order ଆସିଲା "ଶୀଘ୍ର ଦେଖାକର" S. P. ଙ୍କର ହୁକୁମ, ଯିବା ପାଇଁ ଚଡ଼ିବ ତା ନହେଲେ ଚାକିରୀ ରହିବା ମୁସ୍କିଲ...... ଟୋପିଟା ମୁଣ୍ଡରେ ଦେଇ ବାହାରି ପଡ଼ିଲି ପଦାକୁ X X

ହରି ସିପାହୀ ଆସି ପୁଲିସ୍ ଷ୍ଟେସନରେ ଗୋଟାଏ ସଲାମ୍ ଠୁକି ଦେଲା; ମୋ ମନ ନଥିଲା ଏ ସବୁରେ......ବାହାରି ଯାଉଥିଲି Motor Cycle ରେ ଷ୍ଟାର୍ଟ ଦେବା ପାଇଁ, ସେ କହିଲା "ବାବୁ; ଏ ଲୋକଟା ଗୋଟିଏ ସ୍ତ୍ରୀ ଲୋକକୁ ବେଇଜ୍ଜତ କରିବାକୁ ଯାଉଥିଲା, ମୁଁ ଧରି ଆଣିଛି । ମନେ ହେଲା କହିଦେବି ସେତେବେଳେ ତାକୁ ଧରି ଆଣିଛୁ କ'ଣ ବାବୁଙ୍କୁ ବେଇଜ୍ଜତ କରିବାକୁ ଅରେ ବାବା ଚାକିରୀ କଥା, କଣ କରିବ, ସେଇ ବାହାରୁ ଡାକ ଦେଲି A. S. I. ରାମ ବାବୁଙ୍କୁ; କହିଣ ରୁଜୁ ହେ, Case u/s 354. I. P. C.

ମଟର ସାଇକେଲରେ ଷ୍ଟାର୍ଟ ଦେଲି । ହଠାତ୍ ଜଣକର ପାଖରେ ମୋ ନାଁଟା ଶୁଣି ଅମଙ୍ଗ ଠିଆ ହେଲି । ଏ ଯେ

Digitized by srujanika@gmail.com

ଅରେ 'ବ୍ରହ୍ମାନନ୍ଦ ଯେ' ଉଠି ଆସିଲ ଉପରକୁ । ମୋ ଶଶୁର ଘର ଗାଁର ଏକା ସାଙ୍ଗରେ ପାଷ୍ଟଇଅର୍ରେ ପଢୁଥିଲେ, ତାପରେ କଅଣ ହେଲା କେଜାଣି ଆଉ ତାର ଦେଖାନାହିଁ... ଥରେ ଦେଖା ହୋଇଥିଲା...ସେ ପାଗଳ ସେତେବେଳକୁ... 'ମଲା ଯା, ତାକୁ କାହିଁକି ଧରି ଧରିଅଣିଲ ମ.........'

ମୋର ମୁଣ୍ଡ ଭିତରେ ସବୁ ଗୋଳମାଳ ହୋଇଗଲା ।

\+ × + +

( ୩ )

ବ୍ରହ୍ମାନନ୍ଦ ପ୍ରଥମେ ଗୋଟାଏ ବଡ଼ ହସରେ ଥାନାଘର କମ୍ପାଇ ଦେଲା—ତାପରେ ଆରମ୍ଭ କଲା ତାର ବକ୍ତବ୍ୟ । "ଶୁଣ ସୁଦାମ ଶୁଣ ମୁଁ ପାଗଳ, ସାରା ଜଗତ ମୋତେ କହେ ପାଗଳ, ମାନବ ଜାତି କହେ ମୋତେ ପାଗଳ, କେବଳ ମୋ ମନ ମୋତେ ସାନ୍ତ୍ୱନା ଦିଏ, ମୁଁ ପାଗଳ ନୁହେଁ ବୋଲି........."

ମୋର ମନେ ହେଲା ଅରେ ଏତେ ପାଗଳ ସେ ହେଲା କିମିତି । ହଠାତ୍ ମୋର ମନେ ପଡ଼ିଲା, ମୁଁ ଯାଇଥିଲି ଦିନେ ପାଲିଙ୍କିରେ ଚଢ଼ି, ଚନ୍ଦନ ପାଟ ଦେଇ ଗୋଟିଏ ଅଜଣା ଅଶୁଣା ଯୁବତୀକୁ ମୋର ନିଜର କରି ବରଣ କରିବା ପାଇଁ ଠିକ୍ ସେଇଦିନ ତାକୁ ଦେଖିଥିଲି Vacant mind, ବେଶ ବାସ ଅସଂଯତ, କେତେ କଅଣ ଗପି ଯାଉଥାଏ; ଜଣେ କିଏ କହିଲା, "ବାବୁ, ଟିକାଟା ପାଠ ପଢ଼ିଥିଲା, ଥିଲାବାଲା ଘର, ହେଲେ କଅଣ ହେବ, ପାଗଳ ତ ?"

ଝଟକେ ଉପରେ ମୋର ବଡ଼ ଦୟା ହେଲା......ମୁଁ ପଚାରିଲି, "କରେ ବ୍ରହ୍ମାନନ୍ଦ ଖବର କଅଣ ?" ସେ ଆରମ୍ଭ କଲା; "ସୁଦାମବାବୁ ଶୁଣ, ମୁଁ ଆଜି ଆଇନ୍ ଆଖିରେ ଦୋଷୀ, ତଥାପି ମୁଁ ନିର୍ଦ୍ଦୋଷୀ, ମୁଁ ଆଜି ପାଗଳ ସମସ୍ତଙ୍କ ପାଖରେ ତଥାପି ମୁଁ ଭଲ, ତୁମ ହାତରେ କ୍ଷମତା ଅଛି, I. P. C. ଅଛି Cr. P. C. ଅଛି, ତୁମେ ମୋତେ Lock upରେ ରଖିପାର—ସବୁ କରିପାର, କିନ୍ତୁ ମୋ ପାଗଳା ମନଟାକୁ ତ ବୁଝାଇ ପାରିବ ନାହିଁ ।"

ଦିନ ଦୁଇଟା ବାଜିଯାଇଥିଲା । ସବୁ ଉଠିଯାଇଥିଲେ ଗୋଟି ଗୋଟି ହୋଇ ଖାଇବାକୁ । ଖାଲି ବସିଥିଲି ମୁଁ ପାଗଳାର ପ୍ରଳାପ ଶୁଣିବାକୁ ।

ସେ କହିଲା, "ଶୁଣ ସୁଦାମ୍ ବାବୁ ଆଗେ, ତାପରେ କହିବ ମୁଁ ପାଗଳ, ନା ଦୁନିଆ ପାଗଳ । ଅଚ୍ଛା ତୁମର ବିଶ୍ୱାସ ହୁଏ ଦେବତା—ଠାକୁର ବୋଲି କେହି ଗୋଟାଏ ଅଛି ?" ପୁଣି ସେହି ହସ.........

ସେ କହିଲା, "ଶୁଣ ସୁଦାମ, ଏକାମ୍ରକାନନରେ ବଡ଼ ଜଗତ ଠାକୁର, ହାଃ-ହାଃ-ହାଃ, ବେଶ୍ ଚାଲିଛି, ପ୍ରଷ୍ଟଦିନ ଖାଲି ଘିଅ ପଟ୍ ପଟ୍ ପିଠା, ଅନ୍ନ, ବ୍ୟଞ୍ଜନ, ଆଉ ଏଣେ ମାନବ ହା ଅନ୍ନ, ହା ଅନ୍ନ କହି ଗଗନ ପବନ କମ୍ପାଉଛି, ଭକ୍ତର ମୁଖ ଶୁଖୁଛି, ପ୍ରଳୟ ତାଣ୍ଡବ ନୃତ୍ୟ ଚାଲିଛି ନିତି । ତଥାପି ଅନ୍ଧମାନବ ବିଶ୍ୱାସ କରେ ତାର ପାଷାଣର ଦେବତାକୁ—ସେ କହେ, "ଦେବତାର ଅଭିଶାପ,' ମନୁଷ୍ୟର ହାତ ନାହିଁ, ଭ୍ରାନ୍ତ ମାନବ କହେ, କପାଳ ଲିଖନ ନ ହୋଇବ ଆନ ।

ମୁଁ କହେ ଅନ୍ଧ ଦୁନିଆ, ପାଗଳ ଦୁନିଆ, ଅରେ ବୋକା; କପାଳ କଅଣ, ଅଦୃଷ୍ଟ କଅଣ ? ଖାଲି ଗୋଟାଏ ଖେଳ; Magic ଟିକେ ଏଇ କଥା ମୋ ପାଟିରୁ ବାହାରିବା ମାତ୍ରେ ଦୁନିଆ ସହସ୍ର ଜିହ୍ୱା ହୋଇ କହେ ମୁଁ ପାଗଳ । ହଁ, ଆଉ ଗୋଟିଏ କଥା, ଶୁଣ ସୁଦାମ ଏଇ ଯଉଁ ଭଲ ପାଇବା...... ଇଏ କୁଆଡ଼େ ଗୋଟାଏ ଅମୃତମୟ ଦାନ ବିଶ୍ୱନିୟନ୍ତାଙ୍କର, ଏଟିକ ନ ଥିଲେ ମନୁଷ୍ୟ ଜୀବନର ଜୀବନଶକ୍ତି ନଥାନ୍ତା ।

ଏଇ ଭଲ ପାଇବାଟାକୁ ମୁଁ କହେଁ 'ଅଭିଶାପ' ଦୁନିଆରେ ଶତକଡ଼ା ନବେ ଜଣଙ୍କର ଜୀବନ ନଷ୍ଟ ହୁଏ ମଙ୍ଗଳମୟଙ୍କ ଦାନ 'ଭଲ ପାଇବା' ଧ୍ୱଂସରେ......ଦୁନିଆର ବଡ଼ ବଡ଼ କବି କହନ୍ତି "Love is heavenly." ଜଣେ ଜଣକୁ ଭଲପାଏ, ଏଥିର ଉପନ୍ୟାସ କାହିଁକି ଲେଖାଯାଏ, ଏଥି Tragedy ଆଉ Comedyର ସୃଷ୍ଟି କାହିଁକି ହୁଏ, ନାୟକ ଆଉ ନାୟିକାର ଚରିତ୍ର ଚିତ୍ରଣ କାହିଁକି ହୁଏ, କାଠଯୋଡ଼ି କୂଳରେ ଗୋଲାପି ଶାଢ଼ୀର ଅଂଚଳ କାହିଁକି ଉଡ଼େ, ହୋଟେଲ ହେନାର ଗନ୍ଧ କାହିଁକି ଛୁଟେ.........ମନୁଷ୍ୟ ଚେଷ୍ଟା କରେ ଗୋଟାଏ ଉପନ୍ୟାସର ନାୟକ ହେବ...... ନା......ଏଇଆ ତ ଭଲପାଇବାର ଉଦ୍ଦେଶ୍ୟ ?

\+ × + +

ପ୍ରଥମେ ସ୍ୱରଚକ୍ଷୁ ପ୍ରାନ୍ତେ ଚିହ୍ନିତ ଖେଳ ତାପରେ ଅଙ୍କୁର ଆସେ ତୁମ ଦେବତାର ଦାନ ଭଲ ପାଇବା.........

Digitized by srujanika@gmail.com

ତାପରେ କହିଛି ପୂର୍ବେ......ବାସନାରେ ଦଗ ଦେହଟେ, ଅଳ୍ପ ତୁଚ୍ଛ ଅସେ ତାର ପ୍ରେମ ନୈବେଦ୍ୟ ନେଇ......ଠିକ୍ ଏତିକବେଳେ ମନୁଷ୍ୟ ଭୂଲ କରେ.........

ଭ୍ରାନ୍ତ ମାନବର ସୌନ୍ଦର୍ଯ୍ୟ ପିପାସା କ୍ଷଣିକ ।"

( ୪ )

ମୋର ମନେ ହେଲା ଲେଖକ ପାଗଳ ହେଲେ philosopher ହୁଅନ୍ତି ନା philosopher ଗୁଡ଼ା ପାଗଳ... ମୁଁ କହିଲି, "ଅରେ ତୁ କଅଣ ଏଇଥିପାଇଁ ପାଗଳ ହୋଇଛୁ । ମାନେ ଯୌବନର ପ୍ରଥମ ଧକ୍କାକୁ ଏଡ଼ି ନ ପାରି ନିଜ ମନଟାକୁ ସମର୍ପି ଦେଇଥିଲୁ ଜଣେ ଷୋଡ଼ଶୀର ଚରମ ଓଠ ସରସକଥ ହାସ ଉଠେଇ ତାପରେ ତାର କଜଳଧୂଅ ଅଖି ପାର୍ଶ୍ୱର ଉପହାର ନ ପାଇଣୁ ତାକୁ ଅଉ ଜଣେ ମାରି ନେଇ ଗଂପଟ୍... ତା ପରେ ତୁମେ ପ୍ରେମର ସନ୍ୟାସୀ ସାଜି ବୁଲୁଅଛ ଦ୍ୱାରେ ଦ୍ୱାରେ ତାହାର ସନ୍ଧାନେ ଦ୍ୱାରୁ ଅନ୍ୟ କାହା ଦେହରେ ତାର ପ୍ରତିଚ୍ଛବି ଦେଖି ଆକ୍ରମଣ କରିବାକୁ ଗଲ ବେଳକୁ ସେ ମାନସୀ ନୁହେଁ......ହରି ସିପାହୀ...... ମେରିବାର ପାଗଳ । କିନ୍ତୁ ବନ୍ଧୁ I. P. C ରେ ଗୋଟାଏ ଦଫା ରହିଛି 354 Outraging female modesty.

ପାଗଳ ଖାଲି ହସିଲା......ତାପରେ କହିଲା "ଠିକ୍ ସୁଦାମ ତାକୁ ଠିକ୍ ଧରିଛ ବର୍ତ୍ତମାନ, ଏତେ ସହଜ କଥାଟାକୁ. ଏତେବେଳେ ଲାଗିଲା ପାଗଳ ତାର ପାଗଳାମିର ପ୍ରାୟଶ୍ଚିତ କରିଛାଡ଼ିଣ କମିଛି ଶୁଣିବ......ଶୁଣି ଯାଅ ତାକୁ ପରୁଛର; ସେ ଯେତେବେଳେ ବାର ବର୍ଷର ବାଳିକା, ଗାଁ ଗୁହାଳକୁ ପଢ଼ିବାକୁ ଆସୁଥିଲା—ମୁଁ ପରୀକ୍ଷା ଦେଇ ଘରେ ଥାଏଁ, ସରସ୍ୱତୀ ପୂଜା ହେଲା.. ...ପିଲାଙ୍କର ଶ୍ରେଷ୍ଠ ପୂଜା, ଫୁଲ ଡାଳୁ ତୋଳି ଗୋଡ଼ ଖସିଗଲା...... ଅଗାଧ ପାଣି...... ଭାବି ପାରିଲି ନାହିଁ । ଧାଇଁ ଯାଇ ତୋଳି ଧରିଲି ନିଜର ଜୀବନର ମାୟା ତୁଟାଇ......ଯୌବନ ଛୁଇଁବାକୁ ଯାଉ କେତେଟା ଥିଲି ବାକି ତଥାପି ସେ ବଡ଼ ସୁନ୍ଦର ଦେଖାଗଲା ମୋ ଆଖିକୁ.........

ମନେ ମନେ ଭାବିଲି "ଜୀବନର ରାଣୀ ଏ ମୋର" ସେମାନେ ବଡ଼ ଲୋକ......... ତଥାପି ମୁଁ ତାର ଆଖିର ଇଙ୍ଗିତରେ ବୁଝିଥିଲି ଯେ ସେ ମୋତେ ଘୃଣେ.........

କିନ୍ତୁ ଭାଇ ମୁଁ ତ ସସାଗରାଧରା ସମ୍ରାଟ ନୁହେଁ ଯେ ମାର୍ବଲ 'ତାଜ' ଗଢ଼ି ମୋ ପ୍ରେମର ନିଦର୍ଶନ ଦେଖାଇ ଥାଆନ୍ତି, ମନେ ମନେ ଦେଲି ତାକୁ ହୃଦୟେଶ୍ୱରୀର ଆସନ, ଅନ୍ତରରେ ହେଲି ତାର ସ୍ମୃତିର ପୂଜାରୀ । ଅଉ ତାଠାରୁ ପାଇଲି ମଧ୍ୟ ଅନେକ......ଦିନେ ତାର ଦେହ ରୋଗ ହେଲା......ଡାକ୍ତର ଆସିଲେ କେତେ ବଡ଼ ବଡ଼ ଡାକ୍ତର ......ମନ ମୋର ବ୍ୟାକୁଳ ହେଲା ସତେ ତାର କଣ ହୋଇଛି ଅଞ୍ଚଳରେ ବିଛଣା ଉପରେ ପଡ଼ି ସେ ମୋତେ ଚିନ୍ତା କରୁ ନାହିଁ ତ ? ଦିନ ଦୁଇଟି ପରେ ମୋର ପାଖକୁ ଅନୁରୋଧ ଆସିଲା Blood ଦେବାକୁ ହେବ । କାହିଁକି ନା ମୋ health ସେତେବେଳେ ଥିଲା ଅତି ସୁନ୍ଦର, କାହିଁକି ବା ମନା କରନ୍ତି......ଦେଲି......ସେ ଭଲ ହେଲା × ×

ତା ପରେ ଦିନ କେତୋଟିରେ ତା ଠାରୁ ଉପହାର ପାଇଲି ରଙ୍ଗୀନ ଗୋଲାପ ଟିଏ ଅଉ ଖଣ୍ଡେ ଚିଠି × +"

ତା ପରେ ପାଗଳ କାଢ଼ିଲା ତା ଛିଣ୍ଡା କୋଟ ପକେଟରୁ ଗୋଟାଏ ଲଫାଫା, ତା ଭିତରେ ଗୋଟାଏ ମଉଳା ଗୋଲାପ ଓ ଗୋଟିଏ ଛୋଟ ଚିଠି ଦୁଇଧାଡ଼ି ମୋଟେ "ରକ୍ତରେ ରକ୍ତ ମିଶିଛି, ଏ ସଂପର୍କ ଛିଣ୍ଡିବାର ନୁହେଁ ।"

ତା ପରେ ମୁଁ ଲକ୍ଷ କଲି ପାଗଳର ପାଗଳାମି କମି କମି ଆସୁଛି, ତାର ପାଗଳାମିଟା, ମେଘ ଘଡ଼ଘଡ଼ ନୁହେଁ— ଶଶୀର ସ୍ନିଗ୍ଧ କିରଣ । ସେ କହି ଗଲା "ହଁ ଶୁଣ ସୁଦାମା ତା ପରେ ମୋର କି ମୁଣ୍ଡ ବେମାର ହେଲା କି ଜାଣି ମୁଁ ବଡ଼ ଦୁର୍ବଳ ହୋଇ ଗଲି...... mind ଟା ବଡ଼ vacant ଜଣାଗଲା । ଠିକ୍ ଏଇ ସମୟଟା ତୁ ଲକ୍ଷ କରି ଥିବୁ......ମନେ ଅଛି ତୋର, ଯେତେବେଳେ ପ୍ରେମ ପାରଧୀରେ ଯାଇ 'ମନ୍ନୁ'କୁ ଦେଖି ଆସି ଥିଲୁ ......"

ଚମକି ପଡ଼ିଲି "ଅରେ ଏ ମନ୍ନୁକୁ ଚିହ୍ନିଲା କେମିତି ?" ତା ପରେ ମନକୁ ମନ ସାନ୍ତ୍ୱନା ଦେଲି 'ମନ୍ନୁ' ତ ତାଙ୍କ ଗାଁ ଝିଅ......ପାଗଳ ଖେପ ଛାଡ଼ି କହିଲା......ହଁ ତା ପରେ ମୋ ମୁଖ ସ୍ୱପ୍ନ ଭାଙ୍ଗିଲା......ଦିନେ ଦେଖିଲି ତାର ମହା ପ୍ରସାଦ ନିର୍ବନ୍ଧ ହୋଇଗଲା ଅଉ ଜଣକ ସାଙ୍ଗେ......ମୋର ବିଶ୍ୱାସ ଥିଲା ତଥାପି ଯେ ସେ ଏ ବନ୍ଧୁଘରରେ ସୁଖୀ ହେବନି । + × + ×

Digitized by srujanika@gmail.com

କିନ୍ତୁ ଯେବେ ବାଜା ବଜାଇ, ବରବେଶ ପିନ୍ଧି, ତାର ପ୍ରେମ ରାଇଜ ରାଜାର ଜନ୍ମ ଦୁନ୍ଦୁଭି ମନ୍ଦିରରେ ବାଜିଲା...... ମଶାଲ ଜଳିଲା—ବାଣ ଫୁଟିଲା.........ମୋର ମନେ ଅଛି ଏତିକି—"ଯଥା ରାବଣସ୍ୟ ମନ୍ଦୋଦରୀ + + +"

( ୫ )

ତାପରେ ମୋ ମୁଣ୍ଡଟା କଅଣ ହୋଇଗଲା ସୁଦାମ୍, ନାରୀ ଜାତିଟା ଉପରେ ମୋ ବିଶ୍ୱାସ ଏକବାରେ କମିଗଲା। ବିଶ୍ୱାସଘାତକ ନାରୀ—ତାପରେ ପାଗଳର ଆଖିକୁ ମୁଁ ଲକ୍ଷ କଲି ଠିକ୍ ଇନ୍‌ଜିନ୍‌ର ଫାର୍ନେସ ଭଳି ଜଳୁଛି......ସେ କହିଲା, "ଶୁଣ ସୁଦାମ୍, ସବୁ ଶୁଣ, ନାରୀ ସେ.........ମୁଁ ପ୍ରତିଜ୍ଞା କଲି ନାରୀର ନାରୀତ୍ୱ ଆଉ ଦେବତାର ଦାନ ଏହି ଭଲ ପାଇବା ଏଇ ଦୁଇଟାକୁ ପଦଦଳିତ କରିପାରିଲେ ମୋ ପାଗଳାମିର ପ୍ରାୟଶ୍ଚିତ୍ତ ହେବ......ସେହିଦିନଠାରୁ ନାରୀକୁ ଦେଖିଲେ ମୋ ହୃଦୟରେ ପୈଶାଚିକ ଭାବ ଜାଗିଉଠେ।"

ଉତ୍ତେଜନାରେ ପାଗଳ କଥା କହି ପାରିଲା ନାହିଁ...... ମୁଁ କଥାର ସୁଅଟାକୁ ବଦଳାଇବାକୁ ଯାଇ କହିଲି, "କିଏ ସେ ନାରୀ, ବ୍ରହ୍ମାନନ୍ଦ; ତୋ ଜୀବନଟାକୁ ନଷ୍ଟ କଲା, ବାସ୍ତବିକ୍ ବଡ଼ ଟ୍ରେଚେରସ୍......"

ପାଗଳ ପୁଣି ଟିକେ ହସି କହିଲା, "ହଁ ଶୁଣ ସୁଦାମ୍... ତୋ ଆଗରେ କହିବିନି ତ କହିବି କା ଆଗରେ—କିନ୍ତୁ ଭାଇ ତା ଜୀବନଟାକୁ ନଷ୍ଟ କରି ଦେବୁନି ମୋର ଶେଷ ଅନୁରୋଧ ଏତିକି......ତାପରେ ପୁଣି ତାଚ୍ଛ ଉଠିଲା ପାଗଳ...... କହିଲା ନାରୀ ନୁହେଁ ସେ ଅଗ୍ନିକେଶୀ......ତାପରେ ଫୁଲଟିକୁ ଶୁଙ୍ଘି ରହିଲା କ୍ଷଣକ ପାଇଁ। ତାପରେ ପୁଣି ସେହି ହସ... ଓଃ, କି ବିକଟ ସେ ହସ...ଥାନା ଘର ଭାଙ୍ଗି ପଡ଼ିଲା ପରି ଜଣାଗଲା। ତା'ର ଭିତରେ ସେ କହିଲା, "ନାରୀ ସେ ନାଁଟା ତାର ଜାଣିବୁ ସୁଦାମ୍ ତାହାହେଲେ ଶୁଣ 'ମନୁ' ତୋର ସୋହାଗର ଧନ......ତାପରେ ପୁଣି ହସ......

ମୁଁ ଚମକି ପଡ଼ିଲି। ପାଗଳର ହସ ବନ୍ଦ ହେଲା...... ମୁଁ ଦେଖିଲି ଦେହ ତାର ବରଫ ପରି ଥଣ୍ଡା......ଫୋନ କଲି hospitalକୁ। ଡାକ୍ତର ଆସିଲେ......ସବୁଶେଷ...... "ହାର୍ଟଫେଲ୍‌ୟୋର" କହି ଡାକ୍ତର ବିଦାୟ ନେଲେ × × +

ଟଳି ଟଳି ମଦୁଅଙ୍କ ଭଳି ଘରକୁ ଗଲି। ଦେଖିଲି ମୋର 'ମନୁ' ଠିକ୍ ସେଇ ସଜ୍ଜିତ ସୁନ୍ଦର ନାରୀ ପ୍ରତିମାଟିଏ ଠିକ୍ ସବୁଦିନ ପରି ଠିଆ ହୋଇଛି ଆଜି ମୋର ଅପେକ୍ଷାରେ...... ଦେଖିଲେ ଜଣାଯାଏ ଏତେ ଟିକେ ପାପ ତାକୁ ଛୁଇଁ ନାହିଁ ବୋଲି.........

ଅନ୍ୟମନସ୍କ ଭାବରେ ତାକୁ ମଉଳା ଗୋଲାପଟି ଆଉ ଚିଠିଟି ଧରାଇ ଦେଇ ଘରଭିତରକୁ ପଶିଗଲି। ସେ ଚମକି ଉଠିଲା। ମୁଁ କହିଲି, "ଭୟ ନାହିଁ 'ମନୁ' ସେ ଆଜି ଚାଲିଯାଇଛି ସେପାରିକୁ। ଖାଲି ତାର ଅବଶେଷ ରହିଗଲା... ତୁମକୁ ଟିକେ ଦେଖି ପାରିଲା ନାହିଁ......" ଆଖି ମୋର ଅଶ୍ରୁ ସଜଳ ହେଲା......ଆଉ କିଛି କହି ପାରିଲି ନାହିଁ।

ଅବଶ ଦେହଟାକୁ ବିଛଣା ଉପରେ ମେଲାଇ ଦେଲି। କ୍ଷଣକ ପରେ ପୂଜାହାସ ଡାକରେ ନିଦ ଭାଙ୍ଗିଲା—"ବାବୁ ଦୌଡ଼ି ଆସ ମା' କଅଣ ହୋଇଯାଉଛନ୍ତି।" ମୁଁ ଦୌଡ଼ି ଗଲି ଅର ଘରକୁ। ମନୁ ମୋର ଯନ୍ତ୍ରଣାରେ ଛଟପଟ ହେଉଛି ତା ମୁଣ୍ଡଟା ମୋ କୋଳ ଉପରେ ରଖାଇ ବସିଲି। ତାପରେ ମନୁ ଆଖିକୁ ଧିରେ ଖୋଲି କହିଲା, "ମୋତେ କ୍ଷମା କର ପ୍ରିୟ, ତୁମେ ମୋତେ ତୁମର ସବୁ ଦେଇ ଭଲ ପାଇଛ, ତଥାପି ମୁଁ ତୁମକୁ ଠକିଛି...କ'ଣ କରିବ.........ଏଥର ଭୁଲକୁ କ୍ଷମା କରିଦ......"

ଦେଖିଲି ହାତରେ ତାର ନାଇଟ୍ରିକ୍ ଏସିଡ୍ ଭର୍ତ୍ତି ବୋତଲଟା ଓ ସେହି ରକ୍ତ ଗୋଲାପ ଓ ଚିଠି ଖଣ୍ଡିକ—

——*——

( କୁହୁକୁ )

ସୁରେଶ ସ୍କୁଲରୁ ଯାଇ ବାଟରେ ବଜାରରେ ବୁଲୁଥିଲା। ହେଡ଼ମାଷ୍ଟରେ ତାକୁ ଦେଖି କୋପି ପଚାରିଲେ "କିରେ ଆଜି କଣ ସ୍କୁଲ୍ ଛୁଟି କି? ଏଠି କଣ କରୁଛୁ?"

ସୁରେଶ କହିଲା, "ଆଜ୍ଞା ସେଇକଥା ତ ମୁଁ ଭାବି ହେଉଛି—କିନ୍ତୁ ମୋ ମୁଣ୍ଡଟା କିମିତି ଖରାପ ହେଉଛି ଯେ କିଛି କଥା ସ୍ମରଣ ହେଉ ନାହିଁ।" × × +

Digitized by srujanika@gmail.com

କବିତା—

# —ନାହିଁ କି କ୍ଷମିବ ସହି !—

ଲେଖକ—ଲେଫ୍ଟେନାଣ୍ଟ ଆର: ଚକ୍ରବର୍ତ୍ତୀ
ଆଇ: ଏ: ଏସ୍: ସି:

ନାହିଁ କି କ୍ଷମିବ ସହି ? ପରାଣ ପ୍ରିୟତମେ,
ପ୍ରାଣ ଦେଇ ପାଇଥିଲି ଭଲ ଯା'ରେ ଯେତେ ।
ଯା' ହୃଦୟକୁ ବହିଥିଲୁ ହୋଇ ନନ୍ଦନ ଲୁବ୍ଧ,
କେମନେ ଭୁଲିବ ତାହାଠାରେ ଜୀବନେ କ୍ରୁଦ୍ଧ ।

ଭୁଲିବ କିପରି ଗୋ ରୂପସି ହୁଏ ଭୁଲି,
ଅଳିଭା ରେଖା ରଚେ ବୁକୁରେ ତାର ତୁଳି ।
ଭୀମ ଏ ସମର କ୍ଷେତ୍ର ହାହାରବେ ପୂର୍ଣ୍ଣ,
ତଥାପି ପାରେନା କରି ମୋ ଭାବନା ଚୂର୍ଣ୍ଣ ।

ଦୂର କେଉଁ ଅଜଣା ରାଇଜେ ସଂଗୋପନେ,
ଭ୍ରମନ୍ତି ମୋ ଯାଏ ଭ୍ରମି ଅନନ୍ତ ଗଗନେ ।
ମନେହୁଏ ଦେଉ ଅବା ଭଙ୍ଗି ଅକୁଳିତା,
ରୂପସୀ ଷୋଡ଼ଶୀ ଦେବ ଗୋହ୍ମଡ଼ା ବାରତା ।

ପଦେ ପଦେ ମୃତ୍ୟୁ ଆସି ଦେଇ ଯାଏ ଦେଖା
ପାରେନା ପରାଣେ ଦେଇ ଲେଶ ଦୁଃଖ ରେଖା ।
ବ୍ୟାକୁଳ ଭ୍ରାନ୍ତ ପ୍ରାଣେ ରହେ ମୁଁ ଉଜାଗି,
ପ୍ରିୟା ଦର୍ଶନ ଆଶା ରୁହେ କେବଳ ଜାଗି ।

ବାର ବାର ମୋ କଥା ଘନ ବାଦଲ ସାଥେ,
ଦେଇ ଦେଉଛୁ ତା'ରେ ଭେଟିଲେ ପ୍ରିୟା ସାଥେ—
କହିବୁ ତା'ରେ ମୁହିଁ ଜୀବନେ ଅଛି ରହି
ଫେରି ଜୀବନ କଥା ଶୋଷିବ ତାରେ କହି ।

ନ ଥିଲା ଆଶା ମୋର ବଞ୍ଚିବ ଏ ଜୀବନ,
ଜାଣି ତ ହେବୁ କଥା ହେଲି ମୁଁ କିପାଁ ହୀନ ।
କିବା ରହିଲା ଦୋଷ ଜାଣେନା ମୁହିଁ ନା'କି,
(ଯା ଲାଗି) ଅପବାଦ 'ଭଲ ପାଇବା' ମୁହିଁଟି ଅଛି ଶଙ୍କି ।

ଯା ପାଇଁ ସାଥୀହରା ଅକୁଳେ ଭାବେ ଏତେ,

Digitized by srujanika@gmail.com

ମଜାକବିତା——

## ——ଖୋଳ-ପୂଜା——

ଲେଖକ—— ତ୍ରିଶଙ୍କୁ ।

ସତ୍ୟ ନାରାୟଣ ପ୍ରଭୁ ଅବମାନେ ଥାଇ,
ରାଜମନ୍ତ୍ରୀ ବାପ୍ପକୁ ଯେ କହିଲେ ଡକାଇ ।୧।
ଜାଣୁଅଛି ଭକ୍ତ ମୋ'ର ସ୍ଥଳ କଥାଟାରେ,
ବିଲ୍‌କୁଲ୍ ସନ୍ତୁଷ୍ଟ ମୁଁ ବାପ୍ପ ତୋହଠାରେ ।୨।
ଯେଉଁବର ଇଚ୍ଛା ତୋ'ର ଦେବି ତୋତେ ମୁହିଁ,
ପ୍ରତିଜ୍ଞା କରୁଛି ବାପ ! ଡାଢ଼ି ବ୍ୟାପ୍ ଛୁଇଁ ।୩।

ସବୁର୍ କର ଧନ ଥୋଡ଼ା ସମୟ ଅନ୍ତର,
'ସବୁର୍ ଗଛେ ମେଓ୍ୱା ଫଳେ' କରୁ ଜଅ ହର

ଗୋଲକଧନ୍ଦାରେ ବାପ୍ପ ପଡ଼ିଅଛି ମୁହିଁ,
ପିଆବ୍ ଯିବାକୁ ପର ବେଳ ଅଣ୍ଟୁ ନାହିଁ ।୫।

ଭଣ୍ଡ୍ରଗୋଳଅ ସମସ୍ତ ହୋଇଲେ ଅଶେଷ,
ଚଳେ ମୁହିଁ ଯାଚ ଦେବି ମାଗିଥିବା ବର ।୬।

ଗଦା ଗଦା ଦରଖାସ୍ତ ଦୁନିଆ ଯାକର,
'ଅଣ୍ଡ୍ରର୍‌କନ୍‌ସିଡରେସନ୍'ରେ ରହିଛି ମୋହର ।

ସମସ୍ତ ଅଶ୍ରବୁ ହୋଇନାହିଁ ମୂଲଚାତ,
ପେଣ୍ଡିଙ୍ଗ୍ ଫାଇଲ୍‌ରେ ଥିବା କେତେ ଦରଖାସ୍ତ ।

ତେଣୁ ଶ୍ରୈକା ଯେତେବେଳେ ମାଗିଅଛୁ ତୁହି,
ଇଚ୍ଛା ମୁତାବକ୍ ଦେଇ ନାହିଁ ତତେ ମୁହିଁ ?

ରାଜମନ୍ତ୍ରୀ ବାପ୍ପ ମୋ'ର ଭୁଲିନାହିଁ ମୁହିଁ,
ଯେଉଁ ସବୁ ଚିଜ ମୋତେ ମାଗିଅଛୁ ତୁହି ।୧୦।

ହାଇକୋର୍ଟ, ରାଜଧାନୀ, ବିଶ୍ୱବିଦ୍ୟାଳୟ,
ଯେଉଁ ତିନୋଟି କଥାରେ ଲାଗିଛୁ ତୋ ଲୟ ।

ଚଉ ଖମ୍ବେ ଦେଲି ବାପ୍ପ ଖାଇ ତୋ ସିରଣୀ,
ଶନୈଃ ଶନୈଃ ଲଭିବୁ ତୁ ଏହି ଚିଜ ତିନି ।

ଅନେକଜଣ୍ଣ ଧାମା ବାଡ଼ ଅନାହାର କାଟିଲେ.
କଟୁର ଦେଖାକୁ ତାହା ମନରେ ମୁଁ ଭଲେ ॥

ଶୀଘ୍ର ଘୁଞ୍ଚାଇବ ତାହା ଅନାହାର ଭୟ,
ଦେବକୋଟି ଜଙ୍ଗଲ ହାଙ୍କିବେ ତୋ'ର ଜୟ ॥

ରାଜଧାନୀ ଆଉ କଥା ଥାଉ ଅପାତତଃ,
ତେବେ ସେ ସବୁ ମୁଁ କରି ହେଲେ ଫୁରୁସତ ।୧୫

ଯାହାଙ୍କୁ ମାହା ଦେବାକୁ ସତ୍ୟ କରୁ ହାତେ,
ରଖ୍ ଅଟରେ ଅଷ୍ଟରେ କଥାରେ ଓ ବାତେ ॥

ଏହି ପେ- ଏହି ମେ ବାପ ସେ ଅଭୟ ବର,
ଦେଲିଁ ତୋତେ ତଳ ହାତେ ଗ୍ରହଣ ତୁ କର ॥

ହୋଇଥିବେ ନାସ୍ତ୍ର ଜନେ ତୋ'ର ଜୟ ଜୟ,
ତୋହ ତପସ୍ୟାରୁ ଲଭ ନାସ୍ତ୍ର-ବିଦ୍ୟାଳୟ । *

---

* ବିଦ୍ୟାଳୟ = ବିଡ଼ + ଅଳୟ
(ଅଭିନବ ବ୍ୟାକରଣ)

Digitized by srujanika@gmail.com

# କାଳିଆ ବଳଦ ଗାଲ୍ପା ଗାଲ୍ପା......

ସଂଗ୍ରହକ:—ଶ୍ରୀ ଦେବ ମହାପାତ୍ର

ଯୁବତୀ—( ତଳକୁ ମୁହଁ ପୋତି ) "ଉ—ଉ—ଉ!"

ଯୁବକ—ମୋ' ଆଡ଼େଟିକେ ଚାହିଁବନି ?

ଯୁବତୀ— ମୁଁ ଚାହିଁଲେ ତମେ ଫେର ମତେ ଚୁମା ଦେବ ?

ଯୁବକ— ନା, ନା, କେତେ ଚୁମ୍ବନ ମନ କହୁନି ସମାଟେ ନୁହେଁ

ଯୁବତୀ— ତେବେ କି ଦରକାର ?

\+ + ×

ନେକା ଆପଣା ମନ କଥା ଟୋକିକୁ କହୁଛି ।

ଟୋକି—'ନା, ନା, ହଜାର ଥର ନା',

ଟୋକା— ମୁଁ ତ ଜମା ଥରେ ମାଗୁଥିଲି ତମେ ଏତେଥର ଘଟେଇ ଦେଉଛ କାହିଁ

\+ ×

ଯୁବତୀ—ତମେ ଏମିତି,ସବୁବେଳେ ଚୁମା ଦେବେଇ ନେବା ଚାହୁଁଥିଲ ଲଜ୍ୟାର କଥନ୍ତୁ ।

ଯୁବକ—ତମେ ବି କମ ଦୋଷୀ ନୁହଁ ! ତମେ ଗ୍ରେଷ୍ଠମାଲ ରଖିଲ ଯେ ।

\+ × +

ଲୋକଟାଏ ଦିନେ ଜଣକ ଘରେ ପହଞ୍ଚି କହିଲା ମୁଁ ଡାକ୍ତର ଖାନାରୁ ଔଷଧ ଆଣିଛି— କିନ୍ତୁ ସେ ଔଷଧ କେମିତି ଖାଇବି, କିଛି ସୁବିଧା ହେଉ ନାହିଁ । ଆପଣ ମୋତେ ସାହାଯ୍ୟ କରି ପାରିବେ କି ?

ଗୃହସ୍ଥ—ତୁମର ବୋଧହୁଏ ପଥର ବାଟି କବା ଭାଟଣାଯ ଦରକାର ?

ଲୋକ—ନାହିଁ—ଡାକ୍ତର କହିଛି ପେଟେ କଞ୍ଚା ଖାଇ ଏ ଔଷଧ ଖାଇବାକୁ ହୁଏ ।


## କୁବେର ବ୍ୟାଙ୍କ ଲିଃ

ହେଡ଼ ଅଫିସ——କଲିକତା

**ଶାଖା ଅଫିସ ମାନ:——**

ଢାକା, କାଲିମ୍ପଙ୍ଗ, ଶିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

**୧୬ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତପ୍ରକାର ବ୍ୟାଙ୍କି କାର୍ଯ୍ୟ ନିର୍ବାହ ହୁଏ ।

ଜାଜପୁର ଶାଖା ଶୀଘ୍ର ଖୋଲାଯିବ ।

**ଏସ୍: କେ: ଚକ୍ରବର୍ତ୍ତୀ**

ମ୍ୟାନେଜିଂ ଡାଇରେକ୍ଟର


Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ *



( ମଡାର୍ଣ୍ଣ ଚମ୍ପୂ )

କାନ୍ତ-କବି ବିରଚିତ

## ( ଯ )

ନିମାନେବି ରହିବି, ନାଥ ଅଟେ ଜାଣି ମୁଁ ତୋହର ଟେର
ନପାତା ଚଳି ମଳି— ଯୋଗ୍ଯ ଅରଦଳି
ଦେଖିବାକୁ ଅଳି ମନୋହର ରେ । ପଦ ।

ମାହୁ କାହୁଁ ଆଖି ମଡ଼େ ପ୍ରିୟସଖି
ଦିଶୁଥାଇ କି ସୁନ୍ଦର ରେ,
ମାତ ଖୋଇଥିଲି ନହିବକି ଭଲି
ନୋହୁ ତୋ ତନୁ ଗୁଚ୍ଛର ରେ । ୧

ନିମାଡ଼ି ବେନି କର ଧରୁଛୁ ପଯୁର
ଯାହା ଇଚ୍ଛା ତାହା କର,
ମାତନାତେ ମଳି, ମାଇଁ ଉଅର ବୋଳି,
ଗୁମ୍ଫା ଅଟେ ଯୁ-ନାଗରରେ । ୨ ।

ନିମାଖି ଗଳରେ ମାରେ ହରପର
ନନ୍ଦାଖି ନେହଲ ଜାରଜାର ରେ,
ନାକି ଧରି ଗୁହ— ପରେ ରେ ଯୁବତ
ଏଥିରୁ ମୋତେ ଜଞ୍ଜର ରେ । ୩ ।

ମାମିନୀଠା ପାହୁ ଯିବ ଯେବେ ସହୁ
ଧରା ପଡ଼ିବାକୁ ଡର ରେ,
ମାଇଁ ନିଆ ପଠି— ବାଟେ ଗୁଟିପଠି
ପଳାଇ ଯିବାଠି ଘର ରେ । ୪ ।

ରେ ଧାଳପଠ ମୁଦ୍ଧି, ମୁଁ ତୋର କିଣା କିଙ୍କର ବୋଲି ଜାଣି ମୋର ସକଳ କସୁର ମାଫ କରିବୁ । ଏହା କହି ଚାଟକଚନ୍ଦ୍ର ନବୀନାଙ୍କୁ ବାରଂବାର ଚୁମ୍ବନ କରୁଁ କରୁଁ ରୁମାଲ ଦ୍ୱାରା ବ୍ୟଜନ କରିବାକୁ ଲଗିଲେ । କିୟତ୍କାଳ ଅନ୍ତେ ମଣି ଗ୍ରସ୍ତାରେ ମଇଳା ଗାଡ଼ର କେଁକଟର ଶବ୍ଦ ଓ ଦୂରାଗତ ମୁଷଲ-ପାନ ଟର୍ପିମନ୍ଦରର ଦମାକ ଡାକରା ଶବ୍ଦ ଶୁଭୁଥିବାର ସୂଚନା କରି ଦଅନ୍ତେ, ଅନତିଦୂରରେ ଛକିରହିଥିବା ସ୍ୱାଧୀନା ଅଡ଼ଉହାଡ଼ରୁ ନବୀନାଙ୍କୁ ଲକ୍ଷ କରି କହିଲେ—

## ( ର )

ରସାଳ ଘାଟେ,
ଋଷି ମୁଣି ଏକା ଲେକ ହମାଟେ । ଘୋଷା
ରଜନୀ ପାହିଲା-ହେଲା ଉଷାରେ,
ବାଢ଼ ଦେଲେ କାଉ ଗ୍ରାମ ଆଶାଟେ ।
ନହିଲେ ପେଚୁଏ ଛୁଟି ବସାରେ,
ଏତ ତାଙ୍କ ବାହୁଡ଼ିଲେ ମଶାଟେ ।
ହାତଯାକ ମାଡ଼ ରଖି ନିଶାରେ,
ଟେର୍କିଲା ନାହିଁକି ଗତ ତୃଷାରେ ।
ଜାଣିଲେ ଏ କଥା ଦେଶ ସ୍ପଦାରେ,
ରାମା ତୋର ହୋଇବ କି ଦଶା ରେ ।
ନେପୁ ଏ କରବେ ନ୍ଯଠି ଘୋଷାରେ,
ରହାରେ ଖୋଇବୁ ଲେଜ ହସାରେ ।
ବାଣୀ ଅନ୍ତୁ, ନେକୁଣୀଙ୍କ ଭୂଷାରେ,
ନେଫା କରି ଗୁଲିଅଧ ଯୁଷାରେ ।

ସଖି, ହିତକାମୀଙ୍କ କଥା ନ ମାନି ତୁ ତ ଯାଇ ନନ୍ଦନ୍ତ ବେଳାର ଅଠାବାଠରେ ପଡ଼ି ଲାଗିଗଲୁଣି ଏବେ ଶ କହୁଛ ଖପିଆ—ନୋହିଲେ ଅସଭ୍ୟଣୀ ସାଙ୍ଗ ଟୋକିମାନେ ଠାପରା କରି ରଖି ଥୋଇ ଦେବେ ନାହିଁଟି !

ଏ କଥା ଶୁଣି ସେହୁ ଲଜାଳନନ୍ଦିତ ନୟନା ଧୂସରକୋଳ କରଣା, କେଳ କସରତକ୍ଲାନ୍ତା ନବୀନା ଝାଉଁଝୁଡ଼ ହୋଇ ଉଠି ଲଜ୍ଜାଜଡ଼ିତ କମ୍ପିତ କଣ୍ଠରେ ଚାଟକଚନ୍ଦ୍ରଙ୍କୁ କହିଲେ—

('ଲ' ଅଧ ଗୀତ ପର ସଂଖ୍ୟାରେ ବାହାରିବ)

* Reproduction in part or full is strictly prohibited.

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି

## —ନାଗବଗୁ—

(୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ —**

୧ । ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜନଉପକାରର ବଢ଼ାଇବା, ଶରୀର ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଉପରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଙ୍କ ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

## ମୋ' ଭଉଣୀ

ଶଣୁ ଉପର, ଯାଉଛି ଡାକ ନାହିଁକି ତୁମେ ଶୁଣି ?
ଧୂଆଁର ଠେଲି, ବହିର୍ଜଗତେ ଆସ ଗୋ ମୋ' ଭଉଣୀ
ସୀମାବଦ୍ଧ ପରାଣେ ଆଉ ବହିବ କେତେ ବେଦନ,
ରକ୍ଷଣଶୀଳ ସମାଜେ ଆଉ ହୋଇବ କେତେ ହୀନ ?
ଶାଶୁ ନଣନ୍ଦ ପରିବାରର ବାକ୍ୟବାଣ ସହି,
(ତୁମ) ଅବହେଳିତ ପରାଣ ଆଉ ହୋଇବ କେତେ ଦହି
ଆଖିରେ ତବ ପଡ଼େକି ନାହିଁ ଅତୀତ ଦେଶ ଛବି ?
ଅମର ଇତିବୃତ୍ତରେ ଯାଙ୍କୁ ଯାଇଛି ଲେଖି କବି !
ଏହି ଦେଶରେ ଥିଲେ ତ' ଦିନେ ଖନା ଓ ଲୀଳାବତୀ,
ତାଙ୍କ ଆଦର୍ଶେ ପରାଣ ତବ ହୁଏନା' ଗରବତୀ ?
ସୀତା ସାବିତ୍ରୀ ଦେଇଗଲେ ଯେ' ପତିବ୍ରତାର ଦୀକ୍ଷା,
ପ୍ରତିଭା ତଳେ ଆତ୍ମ-ଗୋପନ ନୁହେଁ କିନ୍ତୁ ସେ ଶିକ୍ଷା
ପଢ଼ିଛକି ଭଉଣୀ ମୋ'ର ଭାରତ ଇତିହାସ—
ଯେତେ ବୀରାଙ୍ଗ' ହୋଇଛି ଯହିଁ ଗୌରବ ସମାବେଶ ।
ଦୁର୍ଗାବତୀ ଆଣିଲେ ଯେଉଁ ମୋଗଲ ପ୍ରାଣେ ଭୀତି,
ଲକ୍ଷ୍ମୀବାଈ ରଖିଗଲେ ଯେ' ସମର କ୍ଷେତ୍ରେ କୀର୍ତ୍ତି,
ଭାରତ କବି ଗାଇବ ତାହା ସହସ୍ର ଯୁଗ ଧରି ;
ସମର କ୍ଷେତ୍ରୁ ସୁଦୂରେ କିପାଁ ରହୁଛ ଭଗ୍ନୀ ଡରି ?
ଧୂମ୍ର ମୁଖିତ ସମରାନଳ ଉଠିଛି ଶୂନ୍ୟେ ଜଳି,
ନିଭୃତ କୋଣେ କିପାଁ ତୁମେ ଅଛ କବାଟ କିଳି ?
ଭାଇ ତୁମରି ସମରାଙ୍ଗନେ ରହିଛି ତୁମ ପାଇଁ,
ଅଳସ ସ୍ୱପ୍ନ ତେଜିଣ ବେଗେ ଆସଗୋ ଭଗ୍ନୀ ଧାଇଁ ।
ଭାଇ ଭଉଣୀ ମିଳିଣ ଆମେ ଜୀବନ ରଣାଙ୍ଗନେ,
ଯୁଝିବା ବୀର ବୀରଙ୍କ ପରି ଆତ୍ମ ପ୍ରତିଷ୍ଠାନେ ।
ଏହି ଭାରତେ ରଚିବା ଆମେ ନନ୍ଦନ ଉପବନ,
ବହିର୍ଜଗତେ ଆସ ଭଉଣୀ କରିବା ଆମେ ରଣ ।

ପ୍ରହ୍ଲାଦ ପ୍ରସାଦ ମହାନ୍ତି (୪୭୧ ନଂ ନା ଗ)

## ସବୁଜ ଘାସ

ସବୁଜ ଘାସ ସବୁଜ ଘାସ,
ଉପରେ ତୋର ନୀଳ ଆକାଶ,
ଚୁମ୍ବିଲେ ମନ ହରେ,
ମୁକୁତା ଭଳି ଶିଶିର ବିନ୍ଦୁ
ଆହା କି ଶୋଭା ଧରେ ।
ସବୁଜ ଘାସ ସବୁଜ ଘାସ
ପୂନେଇ ଚାନ୍ଦ ଜୋଛନା ହାସ
ଚୁମ୍ପେଲ ନାଚେ ବସି,
ଉପରେ ତୋର ଭାସିଲେ ଚାନ୍ଦ
ଆନନ୍ଦେ ଚାନ୍ଦ ହସି ।
ସବୁଜ ଘାସ ସବୁଜ ଘାସ
ଉପରେ ତୋର ବରଷା ମାସ
ଝଞ୍ଜା ବରଷା କରେ,
ତଥାପି ତୋର ହୃଦୟ ଆଜ
ଆନନ୍ଦେ ସବୁ ସହେ ।

Digitized by srujanika@gmail.com

ସବୁଜ ଘାସ ସବୁଜ ଘାସ
କେତେ ଫୁଲର ସେନ ସୁବାସ
ପବନ ଯାଏ ବହୁ,
ତାସଙ୍ଗେ କିଆଁ ନାଚୁଛୁ ତୋର
ମରମ କଥା କହୁ ।
ସବୁଜ ଘାସ ସବୁଜ ଘାସ
କେତେ ଶୋଭା ତୁ କରୁ ପ୍ରକାଶ
ନୀଳ ଓଢ଼ଣା ଟାଣି,
କାହା ସଙ୍ଗରେ କହୁ ଲୋ କଥା
ମଥିରେ ବାଉଅଣି ।
ସବୁଜ ଘାସ ସବୁଜ ଘାସ
ଉପରେ ତୋର ନୀଳ ଅକାଶ
ଛିଦ୍ର ତାରାଟି ଗୁନ୍ଥି,
କାରଣ ଧାରା ଡାକୁଛୁ କଡ଼
ଆନନ୍ଦେ ତୋଅ ପାଇଁ ।

ଶ୍ରୀ ସୁଧାକର ଦାଶ ।
(୩୬୮ ପୁରାତନ ସଭ୍ୟ)

## ଜଗତେ

ପ୍ରଭୁ ତ୍ୟାଗଛି ଜଗତେ ହୋଇଲ ସୁନ୍ଦର,
କପାଁ ପୁଣି ଲଗାଇଲ ଲୋକର ହୃଦର ।
ପଛନ୍ଦ ସେନେହ ରଚ ପୁଣି ହତାଦର,
ରଚିଲ କପଇଁ ପ୍ରଭୁ କ ମାୟା ଭୁମ୍ବର !
ମିଳନ ମାଧୁରୀ ସାଥେ ବଚ୍ଛେଦ ବେଦନା,
ତବ ମାୟା କିଏ ପ୍ରଭୁ କରିବ କଳନା ?
କ ଭାବ ପୁର୍ଣ୍ଣଚନ୍ଦ୍ରଙ୍କୁ ଟିକି ଟିକି କର,
କ ଭାବ ପୁଣିଟି ତାକୁ ପୁର୍ଣ୍ଣହାସେ ଭର ।
ଲତିକାକୁ ଛନ୍ଦ ଦେଇ ମହୀରୁହ ପଦେ,
କତାସେ ଛେଦନ କର—ପୁଣି କ ଆନନ୍ଦେ ?
• ରହସ୍ୟ—ମନ୍ଦରେ ତବ କେ ପାଇବ ବାଟ,
ଧନ୍ୟ ପ୍ରଭୁ କେତେ ରଙ୍ଗେ ଲଗାଇଛ ନାଟ ?

## ଜୀବନେ

ଜୀବନେ ମାୟାର ବେଢ଼ି କେ ଦଏ ପିନ୍ଧାଇ,
ହାସ ଥାଉଁ ଅଶ୍ରୁ ପୁଣି ଜାଗେ କାହିଁପାଇଁ ?
ସନ୍ତୁଷ୍ଟ ଭ୍ରମଲ ତାକୋଟି ହସେ କଢ଼ ନବେ,
—ପ୍ରକୃଷ୍ଟହାସ ଏ ଜୀବନେ ଫୁଟିଛି କି ଭବେ ।
ଅଚିର ଜୀବନେ କିପାଁ ଏତେ ମୋହମାୟା,
ମୃତ୍ୟୁ ଚିରନ୍ତନ ଜାଣି କିପାଁ ଧରେ କାୟା...?
ଦିବା ଅନ୍ତେ ରଜନୀର—ତୀର—ଆଗମନ,
—ଜାଣି ବି କିପାଁଇ ମନ ଅନ୍ଧାରେ ଗମନ ?
ସୁଖେ ଦୁଃଖେ ସମତ୍ୱ ଯେ ରଖିଛୁ ମନେ,
ଲୋଭ ତ୍ୟାଗେ କରିଛୁ ଯେ ତୃପ୍ତ ନୟନେ ।
ମରତେ ସ୍ୱର୍ଗର ସେହୁ ଲଭିଛୁ ସନ୍ଧାନ,
ସସୀମ ଜୀବନେ ତାର ଅସୀମ ସନ୍ଧାନ ।

କୁମାରୀ ଶୈଳବାଳା (୧୭ ନଂ ନାଗ)

## ପ୍ରଶ୍ନ

୧ । ପୃଥିବୀର ଶ୍ରେଷ୍ଠ ଗାୟକ କିଏ ? (in Cinema)

୨ । 'ସବ୍‌ମେରିନ୍' କଣ ? ଏହା ଯୁଦ୍ଧ ସମୟରେ କିପରି କାର୍ଯ୍ୟ କରିଥାଏ ?

୩ । କିଏ ସର୍ବପ୍ରଥମେ 'ଛାପାକଳ' ଉଦ୍ଭାବନ କରିଥିଲେ ?

୪ । ଚଳଚ୍ଚିତ୍ର (Cinema) ପାଇଁ କେଉଁ ସ୍ଥାନ ପୃଥିବୀ ପ୍ରସିଦ୍ଧ ଅଟେ ?

୫ । ଗୃହବର୍ଣ୍ଣେ ଚଢ଼ା ଶରୀର ମୋର,
ସନ୍ଧ୍ୟେ ପାଠକେ ଅଛ ଭୁମର,
ମୋ ନାମ ଶେଷାର୍ଦ୍ଧ ତୃପ୍ତ ରମଣୀ,
ପ୍ରେମ ପ୍ରୀତିରେ ମୁଁ ସଦା ଅଗ୍ରଣୀ;
ଉପସର୍ଗ ଏକ,
ମୋ ଅଙ୍ଗେ ରହିଛି କୁହ ପାଠକ ।

ଶ୍ରୀ ଦେବୀପ୍ରସାଦ ଷଡ଼ଙ୍ଗୀ (୪୪୮ ନଂ)

Digitized by srujanika@gmail.com

REG. No. P. 441.　　　　THE DAGARO—16-1-1944.

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

ସଞ୍ଚୟୀ ସର୍ବତୋମ୍ ଜୟୀ । ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା ! ନିଜ ଶକ୍ତି ଅନୁସାରେ ସଞ୍ଚୟ କରିବା କେପରି ନିତାନ୍ତ ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ଯୋଗୁଁ ଅଭାବଗ୍ରସ୍ତ ଲୋକମାନେ କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାରକଲେ ଜଣାଯିବ । ଜୀବନର ଦାୟିତ୍ୱ ନେବା ଛଡ଼ା ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ । ସାମୟିକ କିଛି କିଛି କିସ୍ତି ଟଙ୍କା ଦାଖଲ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ ।

## ସୁଦୃଢ଼ତାର ପରିଚୟ—

୧୯୪୧ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବୀମାର ପରିମାଣ ୧୯ କୋଟି ୩୬ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବାର୍ଷିକ ଆୟ ଏକ କୋଟି ୧୦ ଲକ୍ଷ ।
ବୀମା ପାଣ୍ଠି ୮ କୋଟି ୨୧ ଲକ୍ଷ ।
ମୋଟ ସମ୍ପତ୍ତିର ପରିମାଣ ୪ କୋଟି ୩୬ ଲକ୍ଷରୁ ଊର୍ଦ୍ଧ୍ୱ ।
ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲଡିଂସ୍
କଲିକତା ।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର
କଟକ ।

Printed & published by G. C. Mahapatra at the Gopinath Press, Bhadrak. 1943.

ପ୍ରତିଖଣ୍ଡ ଦୁଇଅଣା　　　　ବାର୍ଷିକ ତିନିଟଙ୍କା ଆଠଅଣା


Digitized by srujanika@gmail.com

୭ମ ବର୍ଷ
୧୭ ଶ ସଂଖ୍ୟା

# Dagaro

Utkal's most popular Fortnightly
OF
LIGHT, LEAD & LAUGHTER.

ମାଘ
ପ୍ରଥମାର୍ଦ୍ଧ




## ବ୍ୟାଙ୍କ ଅଫ୍ କଲିକତା ଲିଃ ବାଲେଶ୍ୱର

ଏହା ଏକପ୍ରତିଷ୍ଠାଶାଳୀ ଓ ନିର୍ଭରଯୋଗବ୍ୟାଙ୍କ୍ । ଏଥିରେ ଟଙ୍କା ରଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି କରନ୍ତୁ । ଏହି କେତେଦିନ ଭିତରେ ବାଲେଶ୍ୱର ଶାଖା ଅନୁଷ୍ଠାନ ବେଶ ଚଳି ଉଠିଛି । ଅତିଶୀଘ୍ର ଭଦ୍ରକରେ ଏହାର ଶାଖା ଖୋଲିବ । ବିସ୍ତୃତ ବିବରଣୀ ପାଇଁ ଲେଖନ୍ତୁ ।

ହେଡ଼ ଅଫିସ:— ୩, ମେଙ୍ଗୋ ଲେନ
କଲିକତା।

**ଶ୍ରୀ ପ୍ରିୟନାଥ ନନ୍ଦୀ ବି, ଏଲ**
ଅନାରାରୀ ସେକ୍ରେଟେରୀ
ବାଲେଶ୍ୱର ବ୍ରାଞ୍ଚ ଅଫିସ ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରବୀଣ ରସାୟନିକ ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚକ୍ଷୁ, ସର୍ବାଙ୍ଗରେ ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଟ ୮୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ଟ୨୲ଙ୍କା ମାତ୍ର ଟ ୨ ୲ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ

ଆଲମଚାନ୍ଦ ବଜାର, କଟକ

---

# 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷଠାରୁ 'ଡଗର' ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩୲ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଗୋଟିଏ ଡଗର ଦୁଇଅଣା ଦେଇ ପାଇ ପାରିବେ ।

୪ । ଡଗର ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ," 'ଡଗର' ପୋଃ ଭଦ୍ରକ ( B. N. R. ) ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକ ଟିକଟ ନଥିଲେ କବିତା, ପ୍ରବନ୍ଧ, ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---

ସମ୍ପାଦକ

**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସମ୍ପାଦକ

**ଶ୍ରୀ ରାଇମୋହନ ଦାସ**

Digitized by srujanika@gmail.com

୭୩ ବର୍ଷ
୧୭ଶ ସଂଖ୍ୟା
ମାଘ ପ୍ରଥମାର୍ଦ୍ଧ
ତା ୧-୨-୧୯୮୬ ଖ୍ରୀ

# ଡଗର

## ହୁକା ହୁକା ହୁଆ

### ( ବିଲୁଆ ବିଗୁର )

—ପାକ୍ଷିକ—
ବାର୍ଷିକ - ଟ୩୯
ପୃଷ୍ଠସଂଖ୍ୟା—୫୦୭
ରଜତଜୟନ୍ତୀ—୫୬୯

ଗୃହମନ୍ତ୍ରୀ ପଟ୍ଟନାୟକଙ୍କ ମତାମତ——"ଏଠି ଦୁର୍ନୀତିର ଗନ୍ଧ ନାହିଁ ।"........ଯଦି ସମ୍ପତ୍ତି ଅଧିକ, ଆୟ ସମ୍ପର୍କ—ଅର୍ଥାତ୍ ଆୟ ନଥାଏ ମାତ୍ର ଅଧିକାର ନାଏ—ସେଥିକୁ ଏବେ 'ଗନ୍ଧ' କୁହାଏ । ଯେମିତି ମହକ ଅଗରୁ ମହଣକୁ ଆସେ କରି—ମାତ୍ର ମହଣ ଆସି ଅନେକ ଜନମ ଦେଇ ପାରନ୍ତି ଅନ୍ଧ ତଳ ବଣ ! ଏଣୁ ଦୁର୍ନୀତିକୁ ବାହାର କରିବାର ତା ଗନ୍ଧ ବାରିବାର କୌଣସି କଥା ନାହିଁ । ସ୍ୱୟଂ ସରକାର ଯାହା କହୁଛନ୍ତି ତାହା ସତ ଛଡ଼ା ଅନ୍ୟ କେ ନୁହେଁ ।

× + + ×

କେନ୍ଦ୍ରୀୟ ଅସହଯୋଗୀ କଂଗ୍ରେସ ଦଳର ଅଧ୍ୟକ୍ଷ ସ୍ପେଶାଲ ମନ୍ତ୍ରୀଦଳ ଅର୍ଥାତ୍ ସରକାରଙ୍କ ସହ ସହଯୋଗ କରୁନଥିବା ଦଳର ନେତାମାନଙ୍କ ଜାଣନ୍ତା ବୁଝନ୍ତା ମଧ୍ୟରେ ଚେଳ ଆଉ ବଦଳେ । ମଜାର କଥା—ବର୍ତ୍ତମାନ ଦଳ ଅନ୍ଧ ଗୋଟି ଗୋଟି କରି ବନ୍ଧୁ ଅଜାଣ ଗାଦିରେ ପକାଇ ଦେଉଛି । ଏ ବେଳେ ଏ ନାଟିରେ କେଉଁ ଦେଇ ବାହି, ଏବେ ତା ବାଡ଼ ବାଡ଼ ବସ୍ଥିତ—ଏବେ ଦୁଃଖେ ! ଅଣ ଏବେ ବଳିଛାଡ଼ ବନ୍ଧୁ ଯେ କେ ଏଣୁ ଅଜାଣ ଗଣ ଦୂରାଗତ ।

ଅନେକ କେନ୍ଦ୍ର ଅଯାଚ ସ୍ୱାଧୀନ ମାଇ 'ଡାକୁ'—ହୁକ୍କା ହୁଆ ହୁକା ହୁଆ - କା - ହୁଆ କୋ......

+ + + ×

ଯେ ନ ଜାଣନ୍ତି ସେ ପଚ ମୁଣ୍ଡରେ ବୋଝ ଲଦାଇ ବୁଝ ଗଡ଼ି ନାହିଁ । ଯେ ପାରନ୍ତି କେବଳ ସେ ଟ୍ରେଡ଼୍ ବୋମ ନେଇ ବିକିଯାଏ । କେହି ଯାଇ ଥରେ ମୂଳ କରିଥାଏ, ସେ ମୂଳକୁ ଭୁଲିଲେ ସୁଧାର ନୋହେ ନା କଣ ଅପରାଧ ? ନାହାନାହିଁ ଅଣ୍ଡ ଅଗରେ ନାଇ ଦେଉଥିବାବେଳେ ଜନତା ହୋଇ ବୁଝି ରହିବା ଅଣ୍ଡ ଧରା କେବଳ ପକ୍ଷରେ ସହଜ ନୁହେଁ ତ ! ହାତଘୋଡ଼ ଲଣ୍ଡାଇ କେତେବେଳେ ରହି ପାରନ୍ତି ନାଏ ! ଘରକରଣା ବୁଝି ଯାହାକୁ ଦେଣେ—ସେ କଣ ବରି ବସେ ପର ?

ଏଣୁ ଶକ୍ତ ସବୁର ଧର ବନ୍ଧୁ, ଅତଃ ନମ୍ ।

× × + ×

ଗୃହମନ୍ତ୍ରୀ ଲଣ୍ଡନରେ ମିଶନରୀ ଜଡ଼ାମଣ୍ଟ ଶୁଣା ଯାଉଛି । ବର୍ମାବାଳକୁ ରୂପ ଦେଖାଇଛି ଠ ଇଂରାଜିରେ ଅମେରିକା ବାହାରିଛି । ବଟର ଦୂତାବାସରୁ ବାହା ଖାଇ ଟେପା ହୋଇ ମରିବା କଥା । ଏଣେ ବର୍ମା ପାଟରେ ବାହାସ ପଲଟନ-ମାନେ ଜାପାନକୁ ବି ଦେଖାଇ ଦେଉଛନ୍ତି । ହାୟ, ହାୟ, ଏଇ କାରମାନଙ୍କ କେଉଁ ବୋଲାଇଥିଲେ ଯେ ଅମକୁ ଦାଦା ବସ୍ତକର ଏତେ ବାଟ ବାଟା ବତାଇ ପଢ଼ ନ ଥାନ୍ତା । ମୂଳକୁ ନ ହେବା ଠାରୁ ବିଳମ୍ବରେ ହେବାଟା ଭଲ ।

+ + × +

ମି: କାର୍ଣି ନାମକ ଜଣେ ଅଷ୍ଟ୍ରେଲିଆବାସୀ ସାହେବ ବଙ୍ଗ ଦେଶରେ ଲାଟ ହୋଇ ଆସିଛନ୍ତି ଭାଇ । ଏଥିପାଇଁ ବଙ୍ଗୀୟ ଅଟ୍ଟେ ଅସନ୍ତୋଷ, ଅଭିଯୋଗ, ପ୍ରତିବାଦ ଆଦି ଦେଖା ଦେଉଛି । କାରଣ ହେଉଛି ଏଇ ଯେ, ଗୋଷ୍ଠ ଇଂରେଜ ନୁହନ୍ତି ବୋଲି ଅଣ ବାହାର ପାଦ ସେବା କରି-ବାକୁ ଅମ ମନରେ ଘୃଣା ପଶୁଚ ।

ଅତଏବ ଭାଇ, ଗୋଲାମ ଯେ କରେ ତାର ପୁଣି ଏ ବାଛବିଚାର କାହିଁକି ପାଏ ! ଏ ଖାଲି କେବଳ ତମାସାର କଥା ଟିକା ! କାଲି 'କାର୍ଣିନାଥ' ଅଗରେ ମୁଣ୍ଡ ନୁଆଁଇ-ବାକୁ ଅବା ଲାଜ ମାଡ଼ ପାରେ, ମାତ୍ର ଗୋରା ମିଷ୍ଟର କାର୍ଣି ଯେ ଅମର ନମସ୍ୟ—କାରଣ ସେ ଅମ ରଜା ଭାରତର ଗଦି ବରଦର !

+ + × ×

Digitized by srujanika@gmail.com

ଗୋଟାଏ ଡାକ୍ତରୀ ଖବର କାଗଜରୁ ପଢ଼ୁଛୁ ଯେ ବ୍ରିଟିଶ ଓ ଜର୍ମାନ ମଧ୍ୟରେ ସନ୍ଧି ହେବାର ସମ୍ଭବ ଅଛି । ଖବରଟା ପୁଣି କାହାରଠାରୁ ପ୍ରଭଦା ନାମକ ଅଧା ସରକାରୀ ରୁଷ ସଂବାଦ ପତ୍ରରେ । ସଂବାଦଟା କଞ୍ଚା ମିଛ ବୋଲି ବ୍ରିଟିଶ ସରକାର ମହଲ ଘୋଷଣା କରି ଦେଲେଣି । ଏପରି ସ୍ଥଳେ ଉକ୍ତ ଖବରକୁ ପଢ଼ିବା ନ ଯାଇ ଆମ ସରକାରଙ୍କ ବିଶ୍ୱାସ କରିବା ଆମର କର୍ତ୍ତବ୍ୟ । ପୁଣି ଏଭଳି ଦଗାବାଜି କାହା-ବାର ବ୍ରିଟିଶ ଜାତିର ଧାତୁରେ କେବେ ଦେଖା ନାହିଁ କି ଇତିହାସ ଶୁଣାନାହିଁ ଯେତେବେଳେ ଖବରଟା ଦୁଶ୍ମନ୍ ପକ୍ଷର କାମ ବୋଲି ଅନୁମାନ ଅବଶ୍ୟ ।

\+ + × +

ଘରପାଖରେ ଜଣେ ଡାକ୍ତର ଥାଇଲେ ମଧ୍ୟ ଭୁଲକା କାହାର ପରାମର୍ଶ ନ ନେଇ ଏଯାବତ ଉଦର ମଧ୍ୟରେ ରକ ଗ୍ରହଣ ହୋଇ ରହିଛି । ତାର ମତଲବ ହୁଏତ ଯେଉଁ ପଥ କଟାପଟ ହବାର ହବନାକ ଜଣାପଡ଼ିବ ସେ ଝଟପଟ ତାହାର ପଟକୁ ଅଞ୍ଜନ ପଡ଼ିବ । ଏଇ ମାନ୍ତ ଧର ସଂସାରରେ ଅନେକ ସିଦ୍ଧାନ୍ତିଆ ଲୋକ ତାଥବତାସ ବଗତରେ ଦୁଇ ନାବରେ ପା' ଦେଇ ଅଛି ହୁଟିଆର ହୋଇ ରହି ଯାଆନ୍ତି । ମାତ୍ର ତାଙ୍କର ଦଶା କଣ ହୋଇ ପ୍ରାଣ ଯାଏ ତାହା ଅନ୍ୟ-ସବୁ ଲୋକଙ୍କୁ ମାଲୁମ । ଅତଏବ ଭୁରସ୍କ ବିଷୟରେ ଅଧିକ କହିବା ବୃଥା ।

× + + +

କଟକର ଅବତାରରର ନାମକ ଇଂରେଜୀ ଖବର କାଗଜର ସଂପାଦକ ଓ କଟକ ଜିଲ୍ଲା କଂଗ୍ରେସ ସମର ସାହିତ୍ୟର ନେତା ଶ୍ରୀଯୁକ୍ତ ମଧୁସୂଦନ ମହାନ୍ତି ତାଙ୍କର ନିର୍ଭୀକତା ଓ ସତ୍ସାହସ ପାଇଁ ଜନସମାଜରେ ଏକ ସୁଖ୍ୟାତି ଅର୍ଜନ କରିଅଛନ୍ତି ।

ତାଙ୍କ କାଗଜରେ ମନ୍ତ୍ରୀମଣ୍ଡଳର ଖାଦ୍ୟ ନୀତି ଯେଉଁ ସମାଲୋଚନା ହୋଇଥିଲା ତାହା ମନ୍ତ୍ରୀ ସରକାରଙ୍କୁ ପିଡା ବା ରାଗ ଲାଗିଲା ବୋଲି ପ୍ରଧାନମନ୍ତ୍ରୀ ମହାରାଜାଙ୍କ ହୁକୁମରେ ମଧୁବାବୁଙ୍କୁ କାଙ୍ଗ୍ରେସ ଯୁବ ସାହିତ୍ୟର ନୌକରୀରୁ ଡିସମିସ୍ କର୍ଯ୍ୟ ହୋଇଛି । ମଧୁବାବୁ ଏଥିପାଇଁ 'ଦୁଃଖିତ' ହୋଇ କ୍ଷମା ମାଗିଥିଲେ ହୁଏତ ତାଙ୍କର 'ଦାନା' ଶ୍ରେଣୀ ରହିଯାଇ ଥାଆନ୍ତା । ମାତ୍ର ସାହିତ୍ୟ ସଂପର୍କ ରହିବ ଯେ ତାଙ୍କ ସଂପାଦକୀୟ ସ୍ୱାଧୀନତା କ୍ଷୁଣ୍ଣ କରେ ନ ପାରନ୍ତି ବୋଲି ବେଳବେଳେ ଜଣାଇ ଦେଇ ସଂପାଦକଙ୍କ ମର୍ଯ୍ୟାଦା ରକ୍ଷା କରି ସମଗ୍ର ସଂପାଦକ ମଣ୍ଡଳୀର ଗୌରବ ବଢ଼ାଇ ହୋଇଅଛନ୍ତି । ଅନ୍ୟାନ୍ୟ ସଂପାଦକଙ୍କ ସହ ଝଙ୍କାର ତାଙ୍କୁ ଅଭିନନ୍ଦନ ଜଣାଉଛି ।

\+ × + ×

---

## ଜୟପୁର ମହାରାଜାଙ୍କ ପତ୍ର

ଝଙ୍କାର ସମ୍ପାଦକ ମହାଶୟ,

ଆପଣ ଏହି ଚିଠିକୁ ପତ୍ରରୂପେ ନିଜ ପତ୍ରିକାରେ ସ୍ଥାନ ଦାନ କରିବେ ।

"ଡୋଳିବା" ପଦ "ଦେଖିବା" ଅର୍ଥରେ ମଧ୍ୟ ଓଡ଼ିଆରେ ବ୍ୟବହୃତ । ନନ୍ଦଙ୍କ ଶବ୍ଦତତ୍ତ୍ୱବୋଧାଭି-ଧାନ ୫୬୨ ପୃଷ୍ଠା ପ୍ରଥମ ସ୍ତମ୍ଭ ଦ୍ରଷ୍ଟବ୍ୟ । ଗୋପାଳ-କୃଷ୍ଣ ପ୍ରୟୋଗ—

ଡୋଳିଦେ ଟୋଳ, ପୁଚିଲୁ ସଙ୍ଗେ ।

ଦେଖ ଗୋପାଳିଣୀ—

'ଡୋଳ ମୁଁ ଟେକିଲେ ଟୋଳ ହୋଇଗଲ୍ ତୁହି'

ଅନେକ ବସ୍ତୁରେଣା ଛନ୍ତି ।

ଆପଣଙ୍କର

ଶ୍ରୀ ବିକ୍ରମଦେବ ବର୍ମା

ସାହିତ୍ୟ ସମ୍ରାଟ ଶ୍ରୀ ଶ୍ରୀ ଶ୍ରୀ ବିକ୍ରମଦେବଙ୍କ ପତ୍ର ପାଇ ଆମ୍ଭମାନଙ୍କ ଭ୍ରମ ଦୂର ହେଲା । ଶ୍ରୀମାନ ହରି ରାଜଗୁରୁଙ୍କୁ ଅନୁରୋଧ ସେ ଦୋଷ ଦେବେ ନାହିଁ ।

ଝ: ସ:

Digitized by srujanika@gmail.com

ବିଚଳିର ହାତରେ .................. ..

# ଟେଷ୍ଟ

ଲେଖକ:—**କୁମାର ବଂଶୀଧର ଭୂୟାଁ**

"ଆଜ୍ଞା, ଆପଣ ଆଗରୁ କେଉଁଟି ଆକ୍ଟ କରିଛନ୍ତି ?"

"ହଁ, ମୁଁ ପ୍ରଥମେ East India Theatre Co. ରେ ଥିଲି। ଦେବଯାନୀ, ଶକୁନ୍ତଳା, ସୀତା ପ୍ରଭୃତିଙ୍କ ନାୟିକା ଭୂମିକା କରି ଅଛି।"

"ଏ ତ ସବୁ ପୌରାଣିକ। ଆଜିକାଲିକାର ଦୁନିଆରେ ଏ ସବୁ ଚରିତ୍ର ସେତେ ଚାଲୁନି ନାହିଁ। ଆଉ ପଛ ଆଉ ଏ ଅଭିନେତ୍ରୀ ନିଆଯାଉଛନ୍ତି ଖାଲି "ସାମାଜିକ"ର ନାୟିକା ଭୂମିକାରେ ଅଭିନୟ କରିବା ପାଇଁ। ପରେ ସଫଳତା ଲାଭ କଲେ ପରମାନେଣ୍ଟ ଷ୍ଟାର ହୋଇ-ପାରେ। I assure you."

"କିନ୍ତୁ ମୁଁ ପାରିବି। ସୋସିଏଲ ପ୍ଲେ ଏକ୍ଟିଂ ନ କରିଥିଲେ ସୁଦ୍ଧା ମୋର ଏ ବିଷୟରେ ଅଭିଜ୍ଞତା ଅଛି। ଆପଣ ଟେଷ୍ଟ କରି ପାରନ୍ତି।"

"କାଲି ଆସନ୍ତୁ, ଆହୁରି ମଧ୍ୟ କେତେ Candinate ଅଛନ୍ତି। ଆପଣଙ୍କ ଅଭିନୟ ସବୁ ସଂବାଲୁଷ୍ଟ ହୁଏ ତେବେ ରଖିପାରୁ।"

"କାଲି କ'ଣ ଏଇ ସମୟରେ ଆସିବି ?"

"ନା, ନା, ଆଉ ଏଠାକୁ ଆସିବା ଦରକାର କରୁନି, ସିଧା ଗୁଲ୍‌ଫିଲ୍ଡ Studio କୁ। Just at 7 P. M."

"ତେବେ ଆସୁଛି—ନମସ୍କାର—"

'ନମସ୍କାର—"

× × × +

ଅନ୍ତ ଅଭିନେତ୍ରୀଙ୍କର ଟେଷ୍ଟ କରାଯାଉଛି Studioରେ। ରେବା ଦେବୀ ମୁସଜ୍ଜିତା ହୋଇ କକ୍ଷରେ ପ୍ରବେଶ କଲେ। ଡାଇରେକ୍ଟର ରେବା ଦେବୀଙ୍କ ପ୍ରସାଧନ ଉପରେ ଥରେ ଦୃଷ୍ଟି ନିକ୍ଷେପ କରି କହିଲେ, "ଆଜ୍ଞା ରେବା ଦେବୀ! ବୁଝି ପାରୁଛନ୍ତି ତ ଆପଣଙ୍କ ଭୂମିକାଟା କିପରି କରିବାକୁ ହେବ ?"

"ଆଜ୍ଞା ହଁ—"

"ଆଚ୍ଛା ଆସନ୍ତୁ ଏଠାକୁ—"

ରେବା ଦେବୀ ପାଖକୁ ଗଲେ ଡାଇରେକ୍ଟର ଝରକା ସଂଲଗ୍ନ ଚେୟାରଟି ନିର୍ଦ୍ଦେଶ କରି କହିଲେ, ଆପଣ ଏଇଠି ବସି ଆକାଶକୁ ଦେଖନ୍ତୁ ନିବିଷ୍ଟ ... ... ଆଉ ମୁହଁରେ ଫିଲିଙ୍ଗ ଆଣନ୍ତୁ।"

ଦେବୀ ଡାଇରେକ୍ଟରଙ୍କ ଆଦେଶମତେ ଝରକା ଆଡ଼େ ଅନାଇ ରହିଲେ ତନ୍ମୟ ହୋଇ। ଡାଇରେକ୍ଟର କିଛି ଦୂରକୁ ଘୁଞ୍ଚି ଯାଇ ଦେବୀଙ୍କ ମୁହଁକୁ ଅନାଇଲେ ସେ ଠିକ୍ ପୋଜ୍ ଆଣୁଛନ୍ତି କି ନାହିଁ। ପୁଣି ପାଟି କରି ଉଠିଲେ, Feeling ଆଣନ୍ତୁ Feeling......ଉଃ,...ବୁଝି ପାରିଲେନି ବୋଧେ ଆପଣ। ଆଚ୍ଛା ଝରକା ଦେଇ ଆପଣ କଣ ଦେଖୁଛନ୍ତି ?"

—"ସାମନାରେ ଗୋଟାଏ ଶୁଖିଲା ଡାଳ, ଚାଦରଙ୍କର ଆକାଶରେ ସୂର୍ଯ୍ୟ ଉଙ୍କି ମାରୁଛି—ଉପରେ ବସିଛନ୍ତି ଯୋଡ଼ାଏ କପୋତ କପୋତୀ।"

ଏତିକି କହି ଦେବୀ ଚୁପ୍ ହେଲେ।

Digitized by srujanika@gmail.com

"ବାସ୍ ଏତିକ ଦେଖିଲେ, ସେମାନେ କପରି ପରିସ୍ଥିତିରେ ଅଛନ୍ତି ବୁଝି ପାରୁ ନାହାନ୍ତି ?"

"ପ୍ରେମାଭିନୟ ଭଙ୍ଗୀରେ ।"

"ଦେଖନ୍ତୁ, ଏତିକ ତ ଆମର ଦରକାର । ମାନେ ଏପରି ଆପଣଙ୍କର ପ୍ରିୟତମ ବିଦେଶରେ ଅଛନ୍ତି ଆଉ ଆପଣ ବିରହ ବଧୂର ହୋଇ ଏକାକୀ ବସିଛନ୍ତି । ଏଇ ଭାବନାରେ ଉଦାସୀନ ଦେଖାଇବାକୁ ହେବ । ସ୍ୱାମୀ ବିଦେଶରେ—ପୁଣି ବାଦଲଭରା ଶ୍ରାବଣରାତି......ଏଥିରେ ଜଣେ ଯୁବତୀ ଯାହା ଅନୁଭବ କରୁଥିବ, ଆପଣଙ୍କୁ ଠିକ୍ ସେଇ feelingଟା ଆଣିବାକୁ ହେବ । ଆଚ୍ଛା, ଏଥର ଚେଷ୍ଟା କରନ୍ତୁ ।" କହି ଡାଇରେକ୍ଟର ପାଟଳର ଛିଡ଼ା ହୋଇ ଦେବୀଙ୍କ ମୁହଁକୁ ଅନେଇ ରହିଲେ ।

ଦେବୀ ଠିକ୍ ଡାଇରେକ୍ଟରଙ୍କ କହିବାମତେ ମୁହଁରେ ଭାବ ଫୁଟାଇଲେ । ତାଙ୍କ ଅଙ୍ଗରେ ଖେଳିଗଲା ଗୋଟାଏ ମୃଦୁ ଶିହରଣ, ସେ ଆବେଗରେ ନିଜ ବକ୍ଷକୁ ଦୁଇ ହାତରେ ଖୁବ୍ ଜୋରରେ ଚୁପି ଧରିଲେ । ବିହ୍ୱଳା ହୋଇ ନିଜକୁ ହରାଇ ବସିଲେ ପ୍ରେମ ଛନ୍ଦରେ......

ଡାଇରେକ୍ଟର ପାଟି କରି ଉଠିଲେ, "Dim light."

ସାଙ୍ଗେ ସାଙ୍ଗେ ଆଲୋକ ବଦଳି ଗଲା । କକ୍ଷଟିରେ ଫାମ୍ପସା ଆଲୋକର ବନ୍ୟା ଖେଳିଲା । ଜୋଛନା ଝରିବା ଦେଇ ଦେବୀଙ୍କ ମୁହଁ ଉପରେ ପଡ଼ୁଥାଏ । ଦେବୀଙ୍କ ଦୃଷ୍ଟି ଉଜ୍ଜ୍ୱଳ ଜୋଛନା ପରଶରେ ଜକ୍ ଜକ୍ ଦେଖା ଯାଉଥାଏ । ସେ ସେଇପରି ଝରିବା ଆଡ଼େ ଅନାଇଥାନ୍ତି ତନ୍ମୟା ହୋଇ ।

ଡାଇରେକ୍ଟର କହି ଉଠିଲେ, "O. K. Light"

ସାଙ୍ଗେ ସାଙ୍ଗେ କକ୍ଷଟି ଆଲୋକିତ ହେଲା । ଡାଇରେକ୍ଟର ରେବାଙ୍କ ପାଖକୁ ଆସି କହିଲେ, "ଏଇଟା ଆପଣଙ୍କର ପ୍ରଥମ ପୋଜ୍, ଦ୍ୱିତୀୟଟା try କରନ୍ତୁ ।"

"ଆପଣ ଇମିତି ଅନ୍ୟମନସ୍କ ହୋଇ ବସିଥିବା ସମୟରେ ଆପଣଙ୍କର ସ୍ୱାମୀ ବିଦେଶରୁ ଫେରୁଛନ୍ତି । ସେ ଦୁଆର ନିକଟରେ ପହଞ୍ଚି ପ୍ରଥମେ କବାଟରେ ମୃଦୁ ଆଘାତ ଦେବେ ଏବଂ ଠିକ୍ ଏତିକବେଳେ ଏଣେ ଆପଣଙ୍କ ଭାବ ପରିବର୍ତ୍ତନ ହେବ । ଆପଣ ଉନ୍ମତ୍ତ ହୋଇ କବାଟ ଖୋଲି ଦେବେ ଏବଂ ତାଙ୍କୁ ଦେଖିବା ସାଙ୍ଗେ ସାଙ୍ଗେ ଏତେଦିନର ସଞ୍ଚିତ ପ୍ରେମାର୍ଘ୍ୟ ତାଙ୍କର ଚରଣରେ ଅଜାଡ଼ି ଦେବେ, ମାନେ ଆପଣ ସେତେବେଳେ ଏତେ ଉତ୍ତେଜିତା ହୋଇ ଉଠିଥିବେ ଯେ ଆପଣଙ୍କର ନିଜତ୍ୱ ବୋଲି କିଛି ନଥିବ । ଆପଣ ତାଙ୍କୁ ଦେଖିବା ସାଙ୍ଗେ ସାଙ୍ଗେ ତାଙ୍କ ବକ୍ଷରେ ଲୋଟି ପଡ଼ିବେ ଏବଂ ଅକାଂକ୍ଷା ଭରା ଗୁହାଣୀରେ କଂପିତ ଓଷ୍ଠର ମଧୁ ପିଇଲା ନେଇ ତାଙ୍କ ଓଷ୍ଠ ଉପରେ ଲଗାଇ ଦେବେ.........। ଏଥିରୁ ବେଶ୍ ଅନୁମାନ କରି ପାରୁଥିବେ । ମାନେ ଠିକ୍ ଜଣେ ବିରହିଣୀ ହଠାତ୍ ସ୍ୱାମୀଙ୍କୁ ପାଇଲେ ଏପରି ପରିସ୍ଥିତିରେ ତାର ଯେପରି feeling ଆସନ୍ତା, ଆପଣଙ୍କୁ ଏକ୍ଜାକ୍ଟ ସେଇଆହିଁ ଦେଖାଇବାକୁ ହେବ । ନଚେତ୍ କିନ୍ତୁ ଟିକଟା ଜମିବନି । ଅଚ୍ଛା, Be ready......

ଡାଇରେକ୍ଟରର order ଦେବାରୁ flash light—

ପୁଣି ପୂର୍ବଦୃଶ୍ୟ ଦେଖାଗଲା । ଦେବୀ ପୁଣି ସେଇ ଭାବ ଫୁଟାଇ ତନ୍ମୟ ରହିଲେ । ଡାଇରେକ୍ଟର ଅନ୍ତରାଳକୁ ପଶି ଯାଉଁ ଯାଉଁ ପୁଣି ଫେରି ଆସି କହିଲେ, "ଦେଖନ୍ତୁ ରେବା ଦେବୀ ! ଏପର୍ଯ୍ୟନ୍ତ ନାୟକ Select ହୋଇ ନାହାନ୍ତି ଯେ କି ଆପଣଙ୍କର ସ୍ୱାମୀ ଭୂମିକାରେ ଅଭିନୟ କରିବେ । ସେଥିପାଇଁ ଯଦି କିଛି ମନେ ନ କରନ୍ତି, ଏପରି ମୁଁ ନାଟକ ନାୟକ ଭୂମିକାରେ act କରୁଛି—"

ଦେବୀ ଅମତ ହେଲେନି । ଡାଇରେକ୍ଟର ଅନ୍ତରାଳକୁ ଯାଇ କବାଟରେ ମୃଦୁ ଆଘାତ କଲେ । ଦେବୀ ଆଘାତ ଶୁଣିବା ମାତ୍ରେ ତାଙ୍କ ଆଖି ଝରକା ଆଡ଼ୁ ଫେରି ଆସିଲା । ସେ ଚଞ୍ଚଳତା କବାଟ ଆଡ଼କୁ ଅନାଇ ଦେଲେ ନୟନରେ ଚମକ ଏବଂ ଓଠରେ ମଳିନ ହସଟିଏ ଫୁଟାଇ ଦେଇ—। ସେ ଉଦ୍ବେଳିତ ହୋଇ କବାଟ ପାଖକୁ ଧାଇଁ ଆସିଲେ । ଦେହ ମୁଣ୍ଡରୁ ଶାଢ଼ି ଖସି ପଡ଼ି ଗଲେ ଲୋଟୁଛି । କେଶ ଅଯତ୍ନ । ନୟନରେ ମଧୁଅଳସ ଗୁହାଣୀ । ଶିକୁଳି ଖୋଲି ଦେଲେ । ସାମନାରେ ଡାଇରେକ୍ଟର । ସେ ତିଳେ ମାତ୍ର feelingରେ ବାଧା ନ ଆଣି ଡାଇରେକ୍ଟରଙ୍କ ବକ୍ଷରେ ଲାଗି ରହିଲେ ଏବଂ ନିଜକୁ ତାଙ୍କ ଦେହରେ ହଜାଇ ବସିଲେ । ଦେବୀଙ୍କ କଂପିତ ଓଠଟି ଯାଇ ଡାଇରେକ୍ଟରଙ୍କ ଓଠ ଉପରେ ଲାଗିଗଲା.........ଡାଇରେକ୍ଟରଙ୍କ ସର୍ବାଙ୍ଗରେ ଖେଳିଗଲା ଗୋଟାଏ ଅଜଣା ଶିହରଣ । ସେ ଭୁଲିଗଲେ ନିଜ ଭୂମିକାଟାକୁ ଗୋଟାଏ କୋମଳ ପରଶରେ ତନ୍ମୟ ହୋଇ । ସେ ପାଟି କରି ଉଠିଲେ, "ଲାଇଟ୍ ଅଫ୍—"

ସାଙ୍ଗେ ସାଙ୍ଗେ କକ୍ଷଟିରେ ଅନ୍ଧକାର ଖେଳିଗଲା, ଅଭିନେତ୍ରୀଙ୍କର ମହାନ୍ କଳାର ଉନ୍ନତି କାମନା କରି—।

—※—

Digitized by srujanika@gmail.com

କଥାଟିଏ କହୁଁ ...............

# ବ୍ୟଥାର-ଜ୍ୱାଳା

ଲେଖକ——**ଶ୍ରୀ ବସନ୍ତ କୁମାର ପାଳ**

କହିଲି, "ହେ ଦେଖିଲ mediterranean ରେ ତ ବି ଏଥର ଲଢ଼େଇ ଲାଗିଗଲା। Foreign shipment ତ ଏକାଥରକେ ବନ୍ଦ। ଯାହା Chemical ଥିଲା ସବୁ ତ ସରିଲା। Foreign Material ଆସିଲେ ସିନା। ଏଥର ବାଧ୍ୟ ହୋଇ Factory ବନ୍ଦ କରିବାକୁ ପଡ଼ିଲା। ବୋଧହୁଏ କାଲି ପାଖରୁ—"

ପତ୍ନୀ ଶୁଭ୍ରା କଥାଟି ବୁଝିଲେ କେଜାଣି, ମୁହଁଟାକୁ ଟିକିଏ ଅମ୍ବିଳା କରି କହିଲେ—"ଅଚ୍ଛା ନାଆଁ ନଗା ଯୁଦ୍ଧ ଲାଗିଛି ଯେ ମଣିଷଙ୍କୁ ଟିକିଏ ଶାନ୍ତିରେ ରହି ଥୋଇ ଦେଉନି।" କହିଲି, ଏଥର କ'ଣ ଆଉ କରିବା। କାମ ଦାମ ତ କିଛି ନାହିଁ। କାଲିଠାରୁ ତ Factory ବନ୍ଦ କରି ଦେବାକୁ ହେବ।"

ସେ କହିଲେ—"ଆଚ୍ଛା ଜି, ବସି ବସି ପେଟରେ ଶୂନ୍ୟ ଲାଗିବ, ତେବେ ଚାଲନ୍ତୁ ପୁରୀ ଆଡ଼େ ଟିକିଏ ବୁଲି ଆସିବା। ହେ ସତେ ମୁଁ ବି ଢେର ଦିନୁ ପୁରୀ ଯାଇନି।"

ଅଗତ୍ୟା ପତ୍ନୀଙ୍କ ପ୍ରସ୍ତାବକୁ ସମର୍ଥନ କରି ପୁରୀ ଅଭିମୁଖରେ ବାହାରିପଡ଼ିଲୁଁ।

ତାପରେ ପୁରୀ ସହର— ସମୁଦ୍ର କୂଳ—ଉଜ୍ଜ୍ୱଳ ବାଲୁକା ଶଯ୍ୟା ଉପରେ ବସିଥାଉଁ ମୁଁ ଓ ମୋର ସ୍ତ୍ରୀ। ସଂଧ୍ୟା ଆଗତ ପ୍ରାୟ। ମୃଦୁମନ୍ଦ ଥଣ୍ଡା ପବନଟା ଖୁବ ଭଲ ଲାଗୁଥାଏ। ଲହଡ଼ି ଗୁଡ଼ାକ କେତେବେଳେ କମିତ ଆସି ଆମ ପାଦ ଛୁଇଁ ପୁଣି ଦୂରକୁ ପଳାଇ ଯାଉଥାନ୍ତି। ଏହିସମୟରେ ପଛଆଡ଼ୁ ହଠାତ୍ କିଏ ଜଣେ ମୋର କାନ୍ଧ ଉପରେ ହସ୍ତର ମୃଦୁ ଚାପ ଦେବାରୁ ଚମକି ପଡ଼ି ଫେରି ଚାହିଁଲି। ଦେଖିଲି ଜଣେ ଶୀର୍ଣ୍ଣକାୟ ଯୁବକ। ପ୍ରଥମେ ଦୋ ଦୋ ଚିହ୍ନା କଲି। ଆଗନ୍ତୁକ ଈଷତ୍ ହସି କହିଲେ, "ଜରେ ଚିହ୍ନି ପାରୁନ୍ ନା କ'ଣ?"

କହିଲି "ଓଁ, ଅରେ ଅମୁ ଯେ—ଏଟି—ଏମିତି।"

ମୋ କଥାରେ ସେ ବାଧା ଦେଇ କହିଲା—"ଆଉ ଏ, ତୋର ସ୍ତ୍ରୀ ବୋଧହୁଏ, ନମସ୍କାର।"

ସ୍ତ୍ରୀଙ୍କୁ ଲକ୍ଷ୍ୟ କରି କହିଲି, "ତୁମେ ଚିହ୍ନି ପାରୁନ ବୋଧେ? ଅରେ ଏ ମୋର ଅନ୍ତରଙ୍ଗ ବନ୍ଧୁ। କଲେଜ ସହପାଠୀ ଅମରେନ୍ଦ୍ର, ଯାଙ୍କ କଥା ମୁଁ ତୁମକୁ କହୁ ନ ଥିଲି ନା—"

ଶୁଭ୍ରା କହିଲେ, "ଏ. ଅମରେନ୍ଦ୍ର ବାବୁ! ନମସ୍କାର।"

କହିଲି "ଅଛ ଅମୁ! ତୁ ଏଠି ଏ ଅବସ୍ଥାରେ କାହିଁକି କହିଲୁ? କ'ଣ ତୋର ହୋଇଛି? ତୋର ଯେ ଅବ ଚେହେରା ଲୁଅରେ ଗଲା। ତୋତେ ଯେ ଅଳ ଚିହ୍ନି ହେଉନି।

ଅମୁ କହିଲା—"ସେ ବହୁତ କଥା ଭାଇ। ତୁ ସବ। ବିଶେଷତଃ ଭଦ୍ର ପତ୍ନୀ ଯେତେବେଳେ ଆସିଛନ୍ତି, ସେତେବେଳେ ଏ ସବୁ କଥାରେ କିଛିଏ ପଦ କହିଲେ ପଡ଼ିବାଟା ଉଚିତ ନୁହେଁ କି? ବେଶି ଦୁଃଖ ନୁହେଁ ଯେ!"

ତା'ପରେ ଆମେ ସମସ୍ତେ ଚାଲିଲୁଁ ଅମୁର ବସା ଆଡ଼କୁ।

ଯାଉଁ ଯାଉଁ ଅନ୍ତରର କେତେ ସ୍ମୃତି ମୁହୂର୍ତ୍ତକ ମଧ୍ୟରେ ମୋ ମନ ମଧ୍ୟରେ ଉଦୟ ହୋଇ ପୁଣି ଲୁଚିଯାଉଁ

Digitized by srujanika@gmail.com

ପର ଲୁଅଟେ ଉଭେଇଗଲା । College Hostel—ଗୋଟିଏ ଛୋଟ କୋଠରୀରେ ଥାଏଁ ମୁଁ, ଅମୁ ଆଉ ସୁରେଶ । ଚାରିକଣଯାକ ସହପାଠୀ—ଅଭେଦ ପ୍ରୀତି—ଆଉ ଅମୁ ଥିଲା କଲେଜର ସବୁ ପିଲାଙ୍କର ଶୀର୍ଷ ସ୍ଥାନରେ । କ୍ଲାସରେ first, ଫୁଟ୍‌ବଲରେ Captain, ଟେନିସ୍ Champion, ସଭାରେ ସଭାପତି, ଗଣ ଆନ୍ଦୋଳନରେ ନେତା, ବିଶେଷତଃ College Theatre ରେ ସେ ଥିଲା ଶ୍ରେଷ୍ଠ ଅଭିନେତା । ସେଥିପାଇଁ ମୁଁ କାହିଁକି, କଲେଜର ପିଲା, ପ୍ରଫେସର ସମସ୍ତେ ତାକୁ ଆଦର କରୁଥିଲେ । ଆଉ ସେତେବେଳେ ତାର ଚେହେରା ଠିକ୍ ଯେମିତି ଗୋଟିଏ ଗ୍ରୀକ୍ ଯୁବକ । ତାପରେ ପୋଥିପଢ଼ି ଛାଡ଼ି ମୁଁ ଗଲି Glass factory ର managing Agent ହୋଇ—ସୁରେଶ B. A. ପାଶ କରି ହେଲା କଟକରେ ମାଷ୍ଟର—ଅମୁ Law ପଢ଼ି କଟକରେ କଲା ଓକିଲାତି—କାରଣ ଗୃହର କରି ଦାସତ୍ଵ ବରଣ କରିବାର ସେ ପକ୍ଷପାତୀ ନୁହେଁ । ତାପରେ ସମସ୍ତଙ୍କର ଯେପରି ହୋଇଥାଏ, ଠିକ୍ ସେହିପରି ଆମ ଭିତରେ ମଧ୍ୟ କେତେଦିନ ଚିଠି ପତ୍ରର ଆଦାନ ପ୍ରଦାନ ପରେ ସବୁ ବନ୍ଦ ହୋଇଗଲା । କେବଳ ମଝିରେ ଥରେ ଶୁଣିଥିଲି ଅମୁ ଲୁଅଟେ ପ୍ରଫେସର ମିଶ୍ରଙ୍କ ଝିଅ ଦୁର୍ଗାବତୀଙ୍କୁ ବିବାହ କରିଛି । କିନ୍ତୁ ଅମୁର ଆଜ ଏ କ'ଣ ହୋଇଛି ? ରୁକ୍ଷ କେଶ; ମଳିନ ମୁଖ, ଛିଣ୍ଡା କନାକପଡ଼—ଯୋଉର ଏକ ଲକ୍ଷ୍ମୀ ଛଡ଼ା—ଏହି ସମସ୍ତ ଭାବୁ ଭାବୁ କେତେବେଳେ ଯେ ତା ଘରର ସାମନାରେ ପହଞ୍ଚିଲି ମୋତେ ଜାଣି ପାରିଲିନି ।

ଅମୁର ଘର—ଗୋଟିଏ ଛୋଟ ଏକତାଲା ଘର—ସାଧାରଣ ଗୃହସ୍ଥର ଘର ପରି ଅସ୍ଵାଭାବ ପଥ—କିନ୍ତୁ ବୋଧ ହେଉଥିଲା ଯେ କେଉଁଠି ଥିଅ ହୋଇଛି ତାର କିଛି ଠିକ ନାହିଁ—ଯେପରି ଗୃହଲକ୍ଷ୍ମୀର ଅଭାବ । କହିଲି, "କିରେ Mrs. କାହାନ୍ତି ?" ଆମକୁ ଖଣ୍ଡେ ଚୌକିରେ ବସିବାକୁ ଇଙ୍ଗିତ କରି ଗୋଟିଏ ଦୀର୍ଘ ନିଶ୍ଵାସ ଛାଡ଼ି ସେ କହିଲା—"ସେ ଗୋଟିଏ ସ୍ଵପ୍ନ ଭାଇ ।" ଏତିକି କହି ସେ ବାକ୍ସ ଅଲମାରି ପାଖକୁ ଯାଇ ଗୋଟିଏ କ'ଣ ବୋତଲ ଆଉ ଗୋଟିଏ କାଚର ଗ୍ଲାସ ଆଣି କହିଲା—"ସେଇଥି ତ ତୋତେ ଆଜ ମୋର କହିବାର କଥା—" ତାପରେ ଟିକିଏ ରହି ପୁଣି ସେ ବୋତଲଟାକୁ ଦେଖାଇ କହିଲା—"ତୋର ମଦ ଚଳେ ନାହିଁ ବୋଧେ ! ଆରେ ମୋ ଭାଇଲା ଦ'କାପ୍ ମୁଁ ଆଣିଲି ।"

ଦେଖିଲି ମୋର ସ୍ତ୍ରୀ ଘୃଣାରେ ମୁହଁଟିକୁ ସେଆଡ଼କୁ କରିଛନ୍ତି । ଆଶ୍ଚର୍ଯ୍ୟ ହୋଇ କହିଲି, "ଏଁ ! ତୁ ମଦ ଖାଉଛୁ କ'ଣ ?"

ଅମୁ କହିଲା ତୁମେ ସବୁ ଘୃଣା କରୁଛ ବୋଧେ ? କିନ୍ତୁ କ'ଣ ଆଉ କରନ୍ତି କହିଲୁ । ଏତିକି ଛଡ଼ା ଯେ ମୋର ଉପାୟ ନାହିଁ । ହଁ, ମୁଁ ମଦ ଖାଏଁ—ଆଉ ପ୍ରଚୁର ମଦ ଖାଏଁ—କିନ୍ତୁ କାହିଁକି ଖାଏଁ ଜାଣୁ ? ମଦ ଖାଇଲେ ମୁଁ ଦୁନିଆର ସବୁ ଚିନ୍ତା ଭୁଲିଯାଏଁ । ମଦ ମୋର ପ୍ରିୟବନ୍ଧୁ । ଦୁନିଆରେ ସମସ୍ତେ ମୋ ପ୍ରତି ବିଶ୍ଵାସଘାତକତା କରିଛନ୍ତି । କିନ୍ତୁ ମଦ କେଉଁଦିନ ମୋ ପ୍ରତି ସେ କଥା କରିନାହିଁ । ଚିନ୍ତାପରିବର୍ତ୍ତରେ ମୋତେ ଦେଉଛି ଅପୂର୍ବ ଆସ୍ଵାଦ—ଆଉ ହୃଦୟ ଖୋଲା ଆନନ୍ଦ ।"

ଏତିକି କହି ସେ ସେଥିରୁ ଟିକିଏ ପିଇଲା । ମୁଁ କେବଳ ବୋକାଙ୍କ ପରି ଅଁ କରି ତା ମୁହଁକୁ ଚାହିଁ ରହିଥାଏଁ । ତାପରେ ସେ ପୁଣି ଆରମ୍ଭ କଲା—"କିଛି ବୁଝି ପାରୁନୁ ବୋଧେ ? ତୁ ଯେ ଲୁଅଟେ ରହିଲୁ ତାର ତ କେଉଁଠି ପତ୍ତା ମିଳିଲା ନାହିଁ । କଟକରେ କେବଳ ରହିଲୁ ମୁଁ ଆଉ ସୁରେଶ । ଚିରବାଞ୍ଛିତା ମାନସୀ ଦୁର୍ଗାବତୀଙ୍କୁ ସ୍ତ୍ରୀ ରୂପେ ପାଇଥିଲି । କିନ୍ତୁ କିଏ ଜାଣିଥିଲା ଭାଇ ଅମୃତରୁ ଦିନେ ଏମିତି ଗରଳ ଜନ୍ମିବ ।"

କହିଲି—"କ'ଣ କହୁଛୁ ତୁ ଅମୁ ?"

"ଠିକ୍ କହୁଛି ଭାଇ, ମୋତେ ବିଶ୍ଵାସ କର ।" ଅମୁ କହିବାକୁ ଲାଗିଲା—"ଓକିଲାତିର ପ୍ରସାର ମଧ୍ୟ ଯଥେଷ୍ଟ ବଢ଼ିଲା । ମୁଁ ହେଲି କଟକରେ ଜଣେ ନାମଜାଦା ଓକିଲ । କ'ଣ ମୋର ଅଭାବ ଥିଲା କହିଲୁ ? ନାମ, ଯଶ ଅଜସ୍ର ଟଙ୍କା, ସୁନ୍ଦରୀ ସ୍ତ୍ରୀ—ସୁନାର ସଂସାର—ସୁରେଶ ପରି ବନ୍ଧୁ ହଁ ସୁରେଶ—ତୁ ତ ଜାଣିଥିବୁ, ତୋପରେ ଆଉ ତାକୁ ମୁଁ ପ୍ରାଣଠୁ ବଳି ଭଲ ପାଉଥିଲି । ତାପରେ ତୋର ଅନୁପସ୍ଥିତିରେ ସୁରେଶ ମୋର ଭଲ ପାଇବାଟା ପୂର୍ଣ୍ଣମାତ୍ରାରେ ଦଖଲ କରି ବସିଲା । ଏପରି ସେ ଆମ ଘରକୁ ଆସେ ଯାଏ—

Digitized by srujanika@gmail.com

ମୋ ସ୍ତ୍ରୀ ସହିତ ସବୁବେଳେ ଝଗଡ଼ା ପଦ୍ଦା'ର ବଳେ—ଠିକ୍ ଦିନକ ମୋ ସାଜଘର ପରି । କାହିଁକି ତା ସନ୍ଦେହ ହେବ—ମୁଁ ବେଶ ଠାରୁ ମୁଁ କ'ଣ କେବେ ତାଙ୍କୁ ହୃଦୟରେ ସ୍ଥାନ ଦେଇ ନାହିଁ । ସେଥିପାଇଁ ସେତେବେଳେ କୌଣସି ବାଧା ମୁଁ ଦେଇନ ।

କହିଲି—"ତାପରେ ?"

"ତାପରେ ହଠାତ୍ ଦିନେ ଦେଖିଲି ମୋ ସ୍ତ୍ରୀ ଅଉ ମୁକେଶ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଛନ୍ତି । ଠିକ୍ ତାର ଦୁଇଦିନ ପରେ ଖବର କାଗଜରେ ଦେଖିଲି ମାନ୍ଦ୍ରାଜ ମେଲ ଦୁର୍ଘଟଣାରେ ମୁକେଶଙ୍କର ନିହତ ହୋଇଛନ୍ତି । ମାତ୍ର ମୋ ସ୍ତ୍ରୀଙ୍କର କୌଣସି ଖବର ପାଇନି ବା ପାଇବାକୁ ଚେଷ୍ଟା ମଧ୍ୟ କରିନି । କାହିଁକି କରନ୍ତି କହିଲ ? ହୃଦୟ ଦେଇ ଭଲ ପାଇ ମଣିଷ ଯେତେବେଳେ ନାରୀର ମନକୁ ଚହ୍ନି ପାରେନା, ସେତେବେଳେ ତାର ସେ ଭଲ-ପାଇବା ବୃଥା ନୁହେଁ କି ? ହଁ ଭାଇ ! ସେତେବେଳେ ଆମର ସୌଭାଗ୍ୟକୁ ଆମ ଛୋଟ ସଂସାରରେ ନୂଆ ମଧ୍ୟ ଅବତୀର୍ଣ୍ଣ ହୋଇଥିଲା—ନୂଆ—ମୋର ପୁଅ । ବନ୍ଧୁ ସେ ବି ତାର ଦୁର୍ଭାଗ୍ୟ କାଳ ପାଶରେ ରହିବାକୁ ଇଚ୍ଛା କଲାନି । ଯେଉଁ ରାଜ୍ୟରୁ ଆସିଥିଲା, ଠିକ୍ ଛଅମାସ ପରେ ପୁଣି ସେହି ରାଜ୍ୟକୁ ପଳାଇଲା ।"

ଦେଖିଲି, ଅମୂର ଅଶ୍ରୁ ଢ଼'ଳାରୁ ଦୁ'ଟୋପା ଲୁହ ତାର ଉଜାଣତରେ ବହି ପଡ଼ୁଛି । କହିଲି—"ତାପରେ—"

ଏଥର ଶୁଷ୍କ ହସ ହସିବାକୁ ଚେଷ୍ଟା କରି ସେ କହିଲେ—"ତାପରେ ଅଉ କ'ଣ ? ଓକିଲାତିର ଜଳାଞ୍ଜଳି ଦେଇ ବର୍ତ୍ତମାନ 601 Orient Travelling Theatre ର ଶ୍ରେଷ୍ଠ ଅଭିନେତା ମୁଁ । ଆମ Party କେବଳ ମାସେ ହେଲା ଏଠିକି ଆସିଛି । ଆଉ ଏଇ ମଦ ମୋର ଦୁଃଖ ସୁଖର ସାଥି । ନୂଆର ସଂସାର ମୋର ପାଣି ଫୋଟକା ପରି ଚୂନା ହୋଇଗଲା । ଏଥର କାହିଁକି ମଦ ଖାଏ ବୁଝିଲ୍—କେବଳ ଏହି **ବ୍ୟଥାର-ଜ୍ୱାଳା** ନେଇ ଭୁଲ !"

——※——


**କୁବେର ବ୍ୟାଙ୍କ ଲିଃ**

ହେଡ଼ ଅଫିସ—କଲିକତା

**ଶାଖା ଅଫିସ ମାନ:—**

ଢାକା, କାଲିମ୍ପଙ୍ଗ୍, ଶିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

**୧୭ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତପ୍ରକାର ବ୍ୟାଙ୍କିଂ କାର୍ଯ୍ୟ କରାହୁଏ ।
ଜାଜପୁର ଶାଖା ଶୀଘ୍ର ଖୋଲିବ ।

**ଏସ୍: କେ: ଚକ୍ରବର୍ତ୍ତୀ**
ମ୍ୟାନେଜିଂ ଡାଇରେକ୍ଟର


Digitized by srujanika@gmail.com

# ୧୯୪୩

# ବର୍ଷ ବନ୍ଦନା

( ଚଉତିଶା ) ( କପିବର ହନୁମନ୍ତ )

କ—'କଣ୍ଟ୍ରୋଲ' ହୋଇଲା ନାରି ଘାଟ, ହାଟ ବାଟ,
କଲାସିକ ବନେ ଗଲେ ଅଡାଶିଆ ନାଟ ।
ଖ—ଖସିଲା ଇଟାଲି ହୋଇ ଅର୍ଦ୍ଧ-କର୍ଣ୍ଣ ଚ୍ୟୁତ,
ଖପିସ ଲାଗନ୍ତେ ମୁସୋଲିନୀ ହେଲେ ଭୂତ ।
ଗ—ଗଜପତି-ଗୋଦାବରୀ 'ଦୁହେଁ କର ଲାଗୁ,
ଗେଞ୍ଜରେଇ ପକାଇଲେ ବିଶ୍ୱବିଦ୍ୟାଳୟ ।
ଘ—ଘଣ୍ଟାକ ହୋଇଗଲା ଏକଘଣ୍ଟା fast,
ଘୁମାଉଁ ଘୁମାଉଁ time ହେଲା ସେତେଣେ past
ଙ—ଅଧମ ତାରଣ ଜାଣୁ A. R. P. ଅଇଲା,
All-R-Provided କେତେ ହୋଇଲା ।
ଚ—ଚର୍ଚ୍ଚିଲ ରୁଜ୍‌ଭେଲ୍ଟ ଭେଟ ହୋଇଲା ମିଶରେ,
ଚୀନର ଚିଅଙ୍ଗ ଯାଇ ମୋଡିଲେ କଣରେ ।
ଛ—ଛିଜା ପଞ୍ଝା ମହାସର ହୋଇ ନେତାଗଣ,
ଛେପ ଫିଙ୍ଗାଫିଙ୍ଗି ହେଲେ ଋଷି ବଡ଼ପଣ ।
ଜ—ଜାପାନ ରହିଲା ଏବେ ହୋଇ ଜାକିଜୁକି,
ଜର୍ମାନି ମରଇ ତେଣେ ଭୁଖା ଭୁକିଭୁକି ।
ଝ—ଝୋଲ, ଝାଲ, ଅମ୍ବଲର ବାଟ ଦୂରେ ଛଟି,
ଝୁରି ଭଜା ଖାଇ ମନ୍ତ୍ରୀ ସାରିଲେ ଚି-ପାଟି ।
ଞ—ନେହେରୁ ଆଜାଦ ଗାନ୍ଧି ଆଦି ବୁଦ୍ଧି ବାଳ,
ନମିତା ଖିଆ ମଜକେ କଟାଇଲେ କାଳ ।
ଟ—ଟଙ୍କାରେ ଲଗିଲା ଯଉଁ କାଗଜର ପର,
ଟପାଟପ ମାରି ତଥିଁ ଉଡ଼େ ଫରଫର ।
ଠ—ଠିକାଦାର, ବେପାରଙ୍କ ପୁଅବାର ପାହା,
ଠୁକି କପାଳକୁ ରହେ ପାଉମିଅଁ ଗୃହି ।
ଡ—ଡାକୁଣୀ ବୁଢ଼ୀ ଯେ କରେ ସ୍ୱ-ରାଜ୍ୟ ବିସ୍ତାର,
ଡାକ କହେ ଇନ-ଷ୍ଟୁଁ କରେଉଣ୍ଡି ପର ।
ଢ—ଢୋକିଙ୍କ ପିଇ ଦଣ୍ଡ ଝାଇଛନ୍ତି ଦାଇନର,
ଢମାଲି ଟଗ-ମ୍ମୁ ଲାଗେ ପ୍ରଭୁଙ୍କ ଉତ୍ତର ।
ଣ—ନାଗା ଦେଶ ନୂଆ ନାଟ ଗଲେ କଟକରେ,
ନଚାଇ ଭୁଲନ୍ତି ଲୋକ ନବ ଛଟକରେ ।
ତ—ତହୋଟନ୍ ସହରରେ ହିନାଥରେ ଟେଶ,
ତୁମୁଡ ଶବଦ ଶୁଣି ପୁରିଯାଏ ପେଟ ।
ଥ—ଥାପୁଡ଼ା ଥୋଇଣ ରୁଷ ହିଟଲରେ ଡଚ୍ଚେ,
ଥପୁ ଧରି ନ ପାରେ ସେ ଧାଏଁ ହଡ଼ବଡ଼େ ।
ଦ—ଦକ ଦକ ହୋଇ ପ୍ଲେନ ହୁଏ ଧଇଁସଇଁ,
ଦୂଇ ନାବେ ଦେଇ ପା' ତୁର୍କୀ ଗଲା ରହି ।
ଧ—ଧନ୍ଦି ହୁଏ ରୁମାନିଆ, ବୁଲଗେରିଆ ଜାଲ୍,
ଧରିବେ ସେ କେଉଁ କୂଳ, ଅବସ୍ଥା କାହିଲ ।
ନ—ନାହାସ ପାଶା ସାହେବ, ମିଶରେ ଉଜିର,
ନକାଳି ମୁସ୍ଲିମ ମେଳ ହୋଇଯିବେ ପୀର ।
ପ—ପଣ୍ଡିତେ ଖଣ୍ଡିତ ହୋଇ କୁଣ୍ଡାଇଣ ଦାଢ଼ି,
ପାନ ଖିଲେ ଖାଇ ଗଲେ ଶୋଇ ମୁହଁମାଡ଼ି ।
ଫ—ଫସର ଫାଟି କଂଗ୍ରେସର ହଟିଗଲା ବଳ,
ଫୁଲ୍ ଫୋର୍ସ ଧରି ଗଲେ କମ୍ୟୁନିଷ୍ଟ ଦଳ ।
ବ—ବୋଲବାଲା ବଢ଼ିଗଲା ମନ୍ତ୍ରୀ ଦଳ ଖୁସ୍,
ବାବା ବିଶ୍ୱନାଥ ଗେରୁଆଇଲେ ଲେବାର୍‌ଟ୍ରଷ୍ଟ ।
ଭ—ଭିକୁଆ ଓଡ଼ିଆ ଜାତି ଭୁଖା ଭ୍ରମେ ପଡ଼ି,
ଭେକେ ଭୁକି ଭୁକି ମଲେ ଛାଡ଼ି ଘୋର ରଡ଼ି ।

Digitized by srujanika@gmail.com

**ମ**—ମାତନେଲେ ମାହାପାଣେ, ଶୋଭଣ ଜଲଜା,
ମହାତାମୀ ଦଳ ଗୃହ୍ନେ ମାଇଲେ ହେଲ୍‌କା ।

**ଯ**—ଯାଚିଲା ଧନକୁ ଛଡ଼ି ଗାନ୍ଧିବାଲା ପାଚେ,
ଯାତଗ୍ରୀ ଦେଖିଲେ ଜଳା-କବାଟର ଫାଙ୍କେ ।

**ର**—ରାଜଗୋପାଳ ଅଗ୍ରଗଣ୍ୟ ଭଲ ଭଲ ଭଲ,
ତମ ନାମ ସତ୍ୟ ବୋଲି ହୋଇଲେ ବୋବାଳ

**ଲ**—ଲକ୍ଷ୍ ଲକ୍ଷ୍ ଉଡ଼େ ନୋଟ, ଟଙ୍କା କୋଟି କୋଟି,
ଲୁଣ୍ଠି ନେବା ପାଇଁ ହୁଏ ଠାକୁ ଠାକୁ ପାଟି ।

**ବ**—ବଙ୍ଗରେ ପଡ଼ିଲା କାଳ, ନାମିଲାଲ ଗୁଲ୍,
ବଗୁର ଓଡ଼ିଆ ଲୁଲ ହୋଇଲେ ନାକାଲ୍ ।

**ଶ**—ଶିନା ଛଟେଣ୍ଡ କାହା ଭଟଗ୍, କାର ନାହିଁ ଖୁଦ୍,
ଶାଗ ଖାଇ ଜଏ ଜାଏ, ଜଏ ମଏ ଭୂଖ ।

**ଷ**—ଷଣ୍ଢ ପରି କଏ ଗୁଲେ ଫୁଲାଇଣି ଛାତି,
ଶଣା ପରି କେହ୍ନୁ ଲୁଚି ରହେ ଦିନରାତି ।

**ସ**—ସାହିତ୍ୟ ସମାଜ ଆଉ ପରିଷଦ କଳ,
ସନ୍ଲା ଚଲାନ୍ତି ବାଣୀ ବାଳକୃଷ୍ଣ ଗୁଳ ।

**ହ**—ହକ୍‌କଥା କହିବାକୁ ଥୋମଣିରେ ତାଲା,
'ଧୁକାହୁଆ' ଡାକ୍ତା ଏବେ ବଢ଼ାଇଲୁଁ ପଲା ।

**କ୍ଷ**—କ୍ଷାନ୍ତ ହେଲୁଁ ଏବେ କରୁଁ, ହଜାର ସଲାମ,
କ୍ଷମିବ, ଏଥିରେ ନାହିଁ କାହାକର ଦାମ୍ ।

# ବନ୍ଧୁ ପତ୍ର

**ସହକାର—୨୩ ଭାଗ—ଦ୍ୱାଦଶ ସଂଖ୍ୟା—**

ଶ୍ରୀ ଚନ୍ଦ୍ରଶେଖର ମିଶ୍ରଙ୍କର 'ସମାଜ ଓ ସାହିତ୍ୟ' ପ୍ରବନ୍ଧର ଶିରୋନାମା ଦେଖି ଯାହା ମନେ ହୁଏ, ପ୍ରବନ୍ଧଟି ତାହା ନୁହେ । ଓଡ଼ିଆରେ ଗଣସାହିତ୍ୟ ଗଢ଼ାଉ ନ ଥିବା କଥା ପକାଇ ଲେଖକ ନିଜେ ଏହାର ସମାଧାନ ନ କରି 'ଚିନ୍ତାଶୀଳ' ବ୍ୟକ୍ତିଙ୍କୁ ଆହ୍ୱାନ କରି ଅଛନ୍ତି ।

ଏ ଦେଶରେ 'ଚିନ୍ତା' ହେଉ ବା ନ ହେଉ, କଥାଟା ପଡ଼ି ରଡ଼ି ନିହାତି ପୋକରା ହେଲାଣି । ପ୍ରବନ୍ଧ ଲେଖକ ଓ ଜଣେ ସାହିତ୍ୟିକ; ସେ ସ୍ୱୟଂ ଗଣସାହିତ୍ୟ ଲେଖାର ନମୁନା ଦେଖାଇ ଦେଇ ପାରିଲେ, ପାଠକ ଓ ଲେଖକଙ୍କର କଲ୍ୟାଣ ସାଙ୍ଗରେ ନିଜର ବି କଲ୍ୟାଣ ସାଧନ କରି ପାରନ୍ତେ ।

କବି ବୈକୁଣ୍ଠ ନାଥଙ୍କର 'ପୌରହିତ୍ୟ' ସାଧାରଣ ପଦ୍ୟ ।

"ମୃତ୍ୟୁ କଣ ଓ କଅଁ"ରେ ଦୋଯଟି ଗୋବିନ୍ଦ ତ୍ରିପାଠୀ ମହାଶୟ ଈଶ୍ୱର ତତ୍ତ୍ୱ ଆଲୋଚନା କରିଛନ୍ତି । ମୋଟରେ ତାଙ୍କର ମତ ଏହି ଯେ ଈଶ୍ୱର ଯେପରି ହୁଅନ୍ତୁ ପଛେ ମନୁଷ୍ୟ ଅନ୍ତରର ନିଦ୍ରିତ ଶକ୍ତିକୁ ଜାଗ୍ରତ କରିବା ହିଁ ହେଉଛି ଈଶ୍ୱର ସାଧନା । ତ୍ରିପାଠୀ ଆପଣେ ବଡ଼ ସୂକ୍ଷ୍ମ ଭାବରେ ବିଚାର କରିଛନ୍ତି ଓ ତାଙ୍କର ଅନନୁକରଣୀୟ ଭାଷା ଖୁବ୍ ବୋଧଗମ୍ୟ । କେବଳ ସେ ଦ୍ୱିତୀୟ ପ୍ରଶ୍ନଟିକୁ ସମ୍ପୂରିତ ଆଲୋଚନା ନ କରି ପାଠକଙ୍କୁ ଠକେଇ ଦେଲା ପରି ଲାଗୁଛି । ସେ ବିଷୟରେ ଅଧିକା ଗୁରୁପଦ ତାଙ୍କଠାରୁ ଶୁଣିବାକୁ ଆଶା ରହିଲା ।

କବି ସଚ୍ଚି ରାଉତରାୟଙ୍କ "ହିଟଲରବାଦ ଓ ଆନ୍ତର୍ଜାତିକ ପରିସ୍ଥିତି" ପ୍ରବନ୍ଧରେ ଆଲୋଚନା ନାହିଁ, ପ୍ରୋପାଗାଣ୍ଡା ହିସାବରେ ହିଟଲରୀଅଙ୍କର କେତେ-ଗୁଡ଼ଏ ଧ୍ୱଂସ ମୂଳକ କର୍ମର ତାଲିକା ।

ଶ୍ରୀ ଶରତ୍ ମୁଖାର୍ଜିଙ୍କ କବିତା "ଫୁଲଟିର" କଲିଜା ଭେଦିଲା ନାହିଁ ।

Digitized by srujanika@gmail.com

# କିସ ପ୍ରୀତି ଦେଖା ନଯାଏ...........

ସଂଗ୍ରାହକ ଶ୍ରୀ ——

ଏକ ପାଉଣ୍ଡ ମଧୁ ସଞ୍ଚୟ କରିବାକୁ ହେଲେ ଗୋଟିଏ ମହୁମାଛିକୁ ଦିନରାତି ୨୫ ବର୍ଷ ଲାଗିବ ।

\+ \+ \+

ବୈଜ୍ଞାନିକମାନେ ସ୍ଥିର କରିଛନ୍ତି ଯଦି ସମସ୍ତ ପକ୍ଷୀ ହଠାତ ଲୋପ କରି ଦିଆଯାଏ ତାହା ହେଲେ ମାନବ ଜାତି ସାତ ବର୍ଷରୁ ବେଶୀ ବଞ୍ଚି ପାରିବ ନାହିଁ । କୀଟ ପତଙ୍ଗ ଏତେ ବଢ଼ିଯିବେ ଯେ ସେମାନେ ପୃଥିବୀର ସମସ୍ତ ଉଦ୍ଭିଦ ନଷ୍ଟ କରିଦେବେ ।

\+ × \+

## ଅଦ୍ଭୁତ ଭାଷା ।

ପୃଥିବୀରେ କେତେ ପ୍ରକାରର ଭାଷା ଅଛି । ଆପଣ କ'ଣ ସବୁ ଗୁଡ଼ା ଜାଣନ୍ତି ନା ବୁଝନ୍ତି ? ତେବେ, କ୍ୟାନାରୀ ଦ୍ୱୀପପୁଞ୍ଜର ଅଧିବାସୀମାନଙ୍କ ମନୋଭାବ ଆଦାନ ପ୍ରଦାନର ପନ୍ଥା ବଡ଼ ଅଦ୍ଭୁତ । ସେମାନଙ୍କ ଭାଷା କେବଳ ତାଙ୍କ ତୁଣ୍ଡରେ ସିଟି ମାରି ଆପଣା ଆପଣାର ଭାବ ବ୍ୟକ୍ତ କରନ୍ତି । ଜଣେ ପ୍ରତ୍ୟକ୍ଷ ଦର୍ଶୀ ବୈଜ୍ଞାନିକ କହୁଛନ୍ତି କି ୨ । ୩ ମାଇଲ ଦୂରରେ ଥାଇ ସୁଦ୍ଧା ଏମାନେ ଏହି ଭାବରେ କଥା ଭାଷା ହୁଅନ୍ତି । ତେବେ, କେତେ ଜୋରରେ ସେମାନେ 'ସିଟି' ମାରୁ ନ ଥିବେ !


ବ୍ୟବସାୟ ଓ ସଞ୍ଚୟର ସୁଯୋଗ

**ପାୟୋନିଅର କମରସିଏଲ ବ୍ୟାଙ୍କ ଲି:-**

ଭଦ୍ରକ, ଯାଜପୁର

**ହେଡ୍ ଅଫିସ — କଲିକତା**

**ଶାଖା ଅଫିସ୍ମାନ:**—ହାଟଖୋଲା (କଲିକତା) ଲେମ୍ବୁୟାର୍ଡ (ପାଟନା) ଜୟନଗର—ମୋଜିଲପୁର, ଚନ୍ଦ୍ରକୋଣା (ମେଦିନାପୁର) ଅମଲଗୋରା (ମେଦିନାପୁର) ଘାଟାଲ (ମେଦିନାପୁର) କୋଲାଘାଟ୍ (ମେଦିନାପୁର) ସାଭାର (ଢାକା) ନାରାୟଣଗଞ୍ଜ (ଢାକା) ଗୌହାଟୀ (ଆସାମ) ଠାକୁର, ବସ୍ତୁପୁର ମେଦିନାପୁର, ଗୋପୋ ।

ସ୍ୱା—ପି. ଏନ୍: ରାୟ ଚଉଧୁରୀ
ମେନେଜିଂ ଡିରେକ୍ଟର ।


Digitized by srujanika@gmail.com

# — ପଳା ପଳା ପୁରୁଣା ଦେବତା —

ଲେଖକ—— **ଶ୍ରୀ କୁବେର ଦଳାଇ ।**

କାଠ ପଥରର ପୁରୁଣା ଦେବତା ପଳା ପଳା ପୁର ଛାଡ଼ି,
ହାଡ଼ ମାଉଁସର ମଣିଷ ଦେବତା ବସିଲେଣି ଗାଦି ମାଡ଼ି ।

ଭୁକି ଭୁକି ଆମ ତଣ୍ଟି ଶୁଖେ ତେମେ ଉତ୍ତର ନଦିଅ ପଦେ,
ମଣିଷ ଦେବତା ପଦଟିକ ଚ'ପଦ କହେ ହସ ଗଦ ଗଦେ ।

ତମ ପାଖେ ଥୋଇ ପୂଜା ନଇବେଦ୍ୟ ଫଳେ ନାହିଁ ଫଳ ଭଲେ,
ନୋଅଠ୍‌ରେ ଯାଙ୍କୁ ଥରେ ପୂଜା କଲେ ଦଣ୍ଡକରେ ଫଳ ମିଳେ ।

ଖାଇବା-ଅଭାବ ଘୁଞ୍ଚାଇ ନ ପାର କାଠ ପଥରର ଦାଅଁ ;
ରେସନ-କାର୍ଡରେ ବହୁନ୍ତି ଯା'ଙ୍କର ଖାଦ୍ୟ-ବଣ୍ଟନର ସୁଅ ।

ହେ କାଠ ଦେବତା ! ପୁରୁଣା କାଳିଆ ଫେସନ-ନକମା ଅଛି,
ନୂଆ ଦେବତାଙ୍କ ସୁଠ୍-ସାଜ ଆମ ପରାଣେ ଅଣୁଚି ପ୍ରୀତି ।

ଯୁଦ୍ଧ-ବିଦ୍ୟାରେ ତ ତାଲିମ ନୁହଁ ହେ ପୁରୁଣାକାଳିଆ ଦେବ,
ଯୁଦ୍ଧବେଳେ ଆଜ କିଏ ବା ତମକୁ ମାଗେଣା ସଲାପ ଦେବ ?

ନାଠ, ଥିଏଟର ଖେଳ ଇତରତେ ଫୁର୍ତ୍ତି ଫାଜଲାମି ପଣେ,
ନୂଆ ଦେବତାଙ୍କ ଜଣକୁ ତେମେ ତ ସରି ହେବ ନାହିଁ ପଣେ ।

ଚଢ଼ ଡ଼ରକୁସ ପୁରୁଣା ଦେବତା ଘର, ପିଲାପିଲି ଛାଡ଼ି,
ଯୁଦ୍ଧ ଡ଼ାକରେ ନ ଚଢ଼ିଲ ପାଟେ ବଢ଼ିଲ ଆସନ ମାଡ଼ି ।

ଭୀଷଣ ସାହସୀ ନୂତନ ଦେବତା କଷଣକୁ ନାହିଁ ଡ଼ର,
ପରଜା ପରାଣ ରଖିବାକୁ ଆଜ ଅର୍ଦ୍ଧଯୁଦ୍ଧେ ଅଗ୍ରସର ।

ତେଣୁ ହେ ପଥର ପୁରୁଣା ଦେବତା ପଳା ପଳା ପୁର ଛାଡ଼ି,
ହାଡ଼ ମାଉଁସର ମଣିଷ ଦେବତା ବସିଲେଣି ଗାଦି ମାଡ଼ି ।

Digitized by srujanika@gmail.com

# କାଲିଆ ବଳଦ ଗାଲୁ ଗାଲୁ........

ସଂଗ୍ରହକ:—ଶ୍ରୀ ସଦେବ ମହାପାତ୍ର

ସ୍ତ୍ରୀ—ମୁଁ ଖୁବ ଜଗିରଖି ପଇସା ଗଚ୍ଛିତ କରେ
କିନ୍ତୁ ଆମ ବାବୁ ପଇସାଟିଏ ବି ରଖି
ପାରିବେ ନାହିଁ...

ପଡ଼ୋଶୀ—ଭୁଲ ଧାରଣା । ସେ ମୋର ପାଞ୍ଚଶ
ଟଙ୍କା ରଖିଚନ୍ତି ବର୍ଷକରୁ ଉପର ହୋଇ
ଗଲାଣି ।

\+ × +

ସେ ଦିନ ରାତିରେ ଯୁବତୀଙ୍କୁ ଗୋଟିଏ ଚୁମା ଦେଇ ଦେଲା

ଯୁବତୀ ରାଗି କହିଲା—ତମକୁ ଏଥିରୁ ଭଲ କିଛି କଣ ଆସେନା ?

ଯୁବକ—ଆସେ, କିନ୍ତୁ ତାହା ସମୟ ସାପେକ୍ଷ ।

× × ×

"ମୁଁ ବିବାହିତ, ହଁ ମୁଁ ବିବାହିତ— ଅଜ ବିବାହ ଦିନ ମୁଁ ଏତିକି ଜାଣି ପାରିଛି ଯେ ବିବାହ ପୂର୍ବରୁ ତମେ ଗୋଟିଏ ସ୍ତ୍ରୀ ଲୋକ ବିନା ରହି ପାରିବନି ଅଜ ବିବାହ ପରେ ତମେ ତା ସାଥିରେ ରହିପାରିବନି ।"

\+ × × +

କବି କାଳିଚରଣ ବସାରେ ତାଙ୍କ ଦୂର ସମ୍ପର୍କୀୟ ଜଣେ ଶ୍ୟାଳକ ଏତେ ଅଧିକ ଦିନ ରହିଲା ଯେ ଏ ଅନାଟନ କାଳରେ କବି ବେଶ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେ । ବନ୍ଧୁଙ୍କୁ ମୁହଁ ଫିଟାଇ 'ଯାଅ' ବୋଲି କହିବାକୁ ସଙ୍କୋଚ ହେଉଛି, ଏଣେ ଗୃହରର ଅଭାବ । କଣ କରିବେ ! ରାତିରେ ସ୍ୱାମୀ ସ୍ତ୍ରୀ ଦୁହେଁ ପରାମର୍ଶ କଲେ । ସ୍ଥିର ହେଲା କି— କାଲି ସକାଳେ ଭାତ ଖାଇବାବେଳେ କବି କହିବେ କି ତାଙ୍କର ନୂଆ ନାଟକଟି ବଡ଼ ଜନପ୍ରିୟ ହୋଇଛି । ଏଥିରେ କବିପତ୍ନୀ ବାଧା ଦେଇ କହିବେ କି ତାହା ନିଆଁ ପାଉଁଶ ହୋଇଛି । ଦୁହିଁଙ୍କର ଏକଥା ନେଇ କଳି ଲାଗିବେ । ଶେଷକୁ ଦୁହେଁ ଯାକ ଶ୍ୟାଳକଙ୍କ ମତ ନେଉଥିବେ । ଶ୍ୟାଳକ ଯଦି ଭଉଣୀ ଅଡ଼ୁଆ ହୋଇ ମତ ଦେବେ, ତେବେ କବି ରାଗିଯାଇ ତାଙ୍କୁ କହିବେ—ତୁମେ ଏଇ କ୍ଷଣି ମୋ ଘରୁ ବାହାର । ଆଉ ଶ୍ୟାଳକ ଯଦି ଭିଣୋଇଙ୍କ ପକ୍ଷ ନେଉଥିବେ ତେବେ କବି ପତ୍ନୀ ରାଗିଯାଇ କହିବେ—ବାହାରି ଯା ମୋ ଘରୁ !

ଏହାପରି ସାର୍ ହେଲା । ତହିଁ ଆରଦିନ ଖାଇଲା ବେଳେ ସେ କଥା ପଡ଼ିଲା । କବି ଓ ପତ୍ନୀ ଦୁହେଁ ନୂଆ ନାଟକ ବିଷୟ ସମ୍ବନ୍ଧରେ କଳି ଲାଗି ଶ୍ୟାଳକଙ୍କ ମତ ପଚାରିଲେ ।

ସବୁ କଥା ଚୁପ୍ ହୋଇ ଶୁଣି ଗମ୍ଭୀର ଭାବରେ ଶ୍ୟାଳକ ଉତ୍ତର ଦେଲେ— "ନାଟକ ସମ୍ବନ୍ଧରେ ମୋ ମତ ନେଉଛ ଯେ—ମୁଁ କିନ୍ତୁ ମତ ଦେଇ ପାରୁନି—କାରଣ ନାଟକଟି ମୁଁ ପଢ଼ି ସାରିନି । ସେ ଯାହାହେଉ ମୁଁ ଏଠି ଅଉର ମାସେ ରହିବି—ଅଉ ତା ପୂର୍ବରୁ ନାଟକଟି ସରିବ ନାହିଁ ।"

× ×

ପ୍ରଶ୍ନ—ଗଲ ଅଗଷ୍ଟ ପନ୍ଦରରେ ଛନ୍ନାଦାନ ଅନ୍ଧାର
ହବାର ଥିଲା ମାତ୍ର ହେଲା ନାହିଁ । ଏଥିରେ
ସବୁଠାରୁ କ୍ଷତି ହେଲା କାହାର ?

ଉତ୍ତର—ସିନେମା ଦୋକାନର ଓ ବେଶ୍ୟାଙ୍କ ।

\+ × ×

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ *

( ମଡାର୍ଣ୍ଣ ଚମ୍ପୂ )

**କାନ୍ତ-କବି ବିରଚିତ**

## ( ଲ )

ଲୀଳାନିଧି ହେ, ଲାଜେ ମୁଁ ଗଲିଣି ସଢ଼ି,
ଲୁଚୁଇଛ କାହିଁ ବନ୍ଧୁ ହେ, ଦିଅ ମୋ ଲାଗି ଶାଢ଼ୀ ॥

ଲଗଲା ହୋଇଣି ମାଡ଼ୁଛି ଲାଜ ।
ଲଭ କରିବାର ଏକ ମଉଜ !

ଲାଇଫ୍ ଦେଇଥିଲି ତୁମକୁ ଲଭି
ଲୁଗା ଖଣ୍ଡି ଗ୍ଲୋରାଇଲ ହେ ଲୋଭ୍ ।

ଲୋଗ୍ଭ, ଲଫଙ୍ଗାଙ୍କୁ ଲଗାମ ନାହିଁ ।
ଲୁଙ୍ଗି ଖଣ୍ଡେ ହେଲେ ଦିଅ ପିନ୍ଧାଇ,

ଲଣ୍ଡ ଭଣ୍ଡ ବେଶ ହୋଇଛି ମୁଣ୍ଡେ
ଲୋସନ ଲଗାଇ କୁଣ୍ଡାଅ ଗୁଣ୍ଡେ,

ଲୁଟିଛ ଅଧରୁ ଲୋହିତ ଟିପ୍ସ
ଲିପ୍‌ଷ୍ଟିକ୍ ଟହିଁ ଦିଅ ହେ ମାର ॥

ଲିଭି ଯାଇଅଛି ଲପନ ଆଭା,
ଲେପି କ୍ରୀମ୍ ତାର ଫେରାଅ ଶୋଭା ॥

ଲୁଟେ ଲଗାଇଛ ନୋଟିଏ ପାଇଁ ।
ଲାଞ୍ଚଖୋର ! ତାହା ଜାଣେଇ ମୁହିଁ ॥

ଲେଉଟିବ ନଷ୍ଟେ କାଲି ପ୍ରତିକା ।
ଲୋଟେ ହେବ ନାହିଁ ଦେଉଛି ଲେଖି ॥

ଲୋକଙ୍କୁ ଆ... ଗଳିଟରେ ପଶି ।
... ଟେକି ଲମ୍ବା ପଳାଅ ଖସି ॥

ପୂର୍ବଦିଗ ରୂପ ନାୟିକା ଦୋମହଲା ତେମହଲା ପକା ଛାତ ଉପରକୁ ତାମ୍ବୁଲବୋଳ ମିଶ୍ରିତ କୁଳକୁଚ ପକାଇ ଦେଲଣି । ହେ ଚଉଦ୍ୱେଳ, ଏବେ ମୋତେ ଛାଡ଼ିଦିଅ ଏବେ ।

ଅବକାଳୁ ମିଆଁଙ୍କ ଘରୁଅନ୍ଦୁ ମୋରଗର ପ୍ରଭାତ କେକା ଶୁଭିଲଣି, ବପନମାନେ ଲୋକ ଦେଖିବା ଭୟରେ ଗୃହାଙ୍ଗଣକୁ ଅନାଇ ଗଳି ମଧ୍ୟରୁ ଛପି ଛପି ବାହାରିବାବେଳେ ତାହି ଉଠାଉଥିବା ଦୋକାନୀଗଣ ଗଳାଖଙ୍କାରମାରି ଟିହକାରି ଦେଲେଣି, ମେହେନ୍ତ୍ରାଣୀ ଝିଣ ଝାଡ଼ୁ କାଖେଇ ଯିବାବେଳେ ତାହିଁ ମଧ୍ୟରେ ଥିବା ଝାଙ୍କୁ ... ଖଡ଼ ଶବ୍ଦ କଲଣି, ମସଜିଦରେ ସକାଳ ନମାଜ ନିମନ୍ତେ ଇମାମ ଡାକ ମାରିଲଣି । ଏହି ସମସ୍ତ ଦେଖି ବିଭାବରୀ ଅବସାନ ପୂର୍ଣ୍ଣ ହେବାରୁ ନବୀନା ଧୀରେ ଧୀରେ ଗଳି ମଧ୍ୟରୁ ବାହାରିଲେ ଓ ତାଙ୍କୁ ଦେଖି ସଙ୍ଗ ପରିହାସରେ କହୁଅଛନ୍ତି ।

'ଚ' ଶବ୍ଦ ଗୀତ ପରିଶିଷ୍ଟରେ ବାହାରିବ

* Reproduction in part or full is strictly prohibited.

Digitized by srujanika@gmail.com

## [illegible] ଗୋବିନ୍ଦ ବନମାଳୀ

### —ନାଗବନ୍ଧୁ—

(୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

ଉଦ୍ଦେଶ୍ୟ—

୧ । ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଉଗରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

## ଲିଓ ଟଲଷ୍ଟୟ

ସ୍ନେହର ନାଗ ଭାଇ ଓ ଭଉଣୀ,

ନମସ୍କାର; ଆଜି ମୁଁ ତୁମ୍ଭମାନଙ୍କୁ ପୃଥିବୀର ଗଣ ସାହିତ୍ୟ ପ୍ରବର୍ତ୍ତକ ମହାମାନବ ଟଲଷ୍ଟୟଙ୍କ ବିଷୟରେ କିଛି କହିବି । ଆଜି ବିଶ୍ୱ ସାହିତ୍ୟ ଉପରେ ଯେଉଁ ଝଞ୍ଜା ପ୍ରବାହିତ ହୋଇ ଯାଇ ଅଛି ତାହା ମୂଳରେ ହିଁ ଟଲଷ୍ଟୟ । ମାନବର ଚିନ୍ତାଧାରାକୁ ନୂତନ ଧାରାରେ ଚଳାଇବା ଟଲଷ୍ଟୟଙ୍କ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଚିରନ୍ତନ ସାହିତ୍ୟ ମାନବ ସମାଜର ଶତ ଶତ ଦୁଃଖୀ ଦୈନ୍ୟ ପ୍ରପୀଡ଼ିତ ଲୋକଙ୍କର ଯେ କିଛି କରି ପାରିବ ନାହିଁ ତାହା ସେ ଉତ୍ତମରୂପେ ବୁଝିଥିଲେ । ମାନବ ସମାଜର ଚିନ୍ତାଧାରାକୁ କଳ୍ପନାର ପ୍ରଭାବରୁ ମୁକ୍ତ କରି ବାସ୍ତବ ଜଗତରେ ଚିହ୍ନ ଦେବା ତାଙ୍କର ଥିଲା ଜୀବନର ମୁଖ୍ୟ ଉଦ୍ଦେଶ୍ୟ । ଶତ ଶତ ଅତ୍ୟାଚାର ପ୍ରପୀଡ଼ିତ ଲୋକଙ୍କର ଦୁଃଖ ଓ Czarଙ୍କର ହୃଙ୍କା ପିଠା ଶାସନ ତାଙ୍କର ହୃଦୟରେ କଠୋର ଆଘାତ କରିଥିଲା । ସାହିତ୍ୟ ଯେ କେବଳ ପୁଞ୍ଜିବାଦମାନଙ୍କର ରୂପ ବର୍ଣ୍ଣନା କରିବ ଏହା ତାଙ୍କର ହୃଦୟରେ ଆଦୌ ସ୍ଥାନ ପାଇ ନ ଥିଲା । ସାହିତ୍ୟକୁ ଏହି ପ୍ରଭାବରୁ ମୁକ୍ତ କରି ସେ ଦେଶର [illegible] ଦୈନ୍ୟ ପ୍ରପୀଡ଼ିତ ମୂକ ମୌନ ଅଧିବାସୀ [illegible] ଜୀବନ କହିବାକୁ ଲାଗିଲେ । ସାହିତ୍ୟର ସୃଷ୍ଟି ଯେ ବିଶ୍ୱମାନବର ସେବା, ତାହା ସେ ମୁକ୍ତ କଣ୍ଠରେ ପ୍ରଚାର କରି ଥିଲେ । ସେଥିପାଇଁ ସେ ଆଜି ବିଶ୍ୱ ମାନବର ପୂଜ୍ୟ ଆଜି ତାଙ୍କର ପ୍ରେରଣାହିଁ ବିଶ୍ୱ ସାହିତ୍ୟକୁ ନିୟନ୍ତ୍ରିତ କରି ଅଛି । ସାହିତ୍ୟର ଏହି ପ୍ରେରଣା ଆଜି ବିଶ୍ୱମାନବ ସମ୍ମୁଖରେ ନୂତନ ସୃଷ୍ଟିର ଦ୍ୱାର ଉଦ୍‌ଘାଟିତ କରି ଅଛି ।

ମହାମାନବ ଟଲଷ୍ଟୟ ଋଷିୟାର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ସେ ପ୍ରଥମେ ଜଣେ ସାମାନ୍ୟ ସୈନିକ ରୂପେ କ୍ରିମିଆ ଯୁଦ୍ଧରେ ଯୋଗଦେଇ ଥିଲେ । ସେତେବେଳେ କିଏ ଜାଣିଥିଲା ଯେ ଜଣେ ସାମାନ୍ୟ ସୈନିକ ବିଶ୍ୱ ସାହିତ୍ୟର ଚିନ୍ତାଧାରା ପରିବର୍ତ୍ତନ କରିବ । ସୈନିକ ହୋଇ ରହିବାକୁ ସେ ଭଲ ମନେ କଲେ ନାହିଁ । ଋଷିୟା ଲୋକମାନଙ୍କର ଦୁଃଖ ତାଙ୍କର ହୃଦୟରେ ଦାରୁଣ ଆଘାତ ଦେଲା । ସୈନିକ କାର୍ଯ୍ୟରୁ ଅବସର ନେଇ ସେ ସାହିତ୍ୟର ଉପାସନା କରିବାକୁ ଲାଗିଲେ । ପ୍ରଥମେ ତାଙ୍କର କ୍ଷୁଦ୍ର କ୍ଷୁଦ୍ର ଗଳ୍ପ ଓ କବିତା ପ୍ରକାଶିତ ହୋଇଥିଲା; ସେତେବେଳେ ଋଷିୟାରେ ନାନା ପ୍ରକାର କୁସଂସ୍କାର ପ୍ରଚଳିତ ଥିଲା । ସମାଜ ସଂସ୍କାର କରିବା ନିମନ୍ତେ କିଛି ଦିନ ନିମନ୍ତେ ବାଣୀଦେବୀଙ୍କ ମନ୍ଦିରୁ ଅବସର ଗ୍ରହଣ କରିଥିଲେ । ଦେଶ ଭ୍ରମଣ ସମୟରେ ସେ ଜଣେ ସମ୍ଭ୍ରାନ୍ତ ରମଣୀଙ୍କର

Digitized by srujanika@gmail.com

ପାଣି ଗ୍ରହଣ କରିଥିଲେ । ବିବାହ ପରେ ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ **War and Peace** ଓ **Anna-karnia** ପ୍ରକାଶିତ ହୋଇ ଥିଲା । ଏଥିରେ ସେ ଅସାଧାରଣ ବ୍ୟକ୍ତିତ୍ୱର ପରିଚୟ ଦେଇଥିଲେ । ଏହି ପୁସ୍ତକ ଦ୍ୱୟ ପ୍ରକାଶିତ ପରେ ସେ ସାହିତ୍ୟ କ୍ଷେତ୍ରରେ ଶ୍ରେଷ୍ଠ ଆସନ ଲାଭ କରିଥିଲେ । ଏଥିରେ ସେ ଧର୍ମ ସମ୍ବନ୍ଧୀୟ ଓ ସମାଜ ସମ୍ପୃକ୍ତ ସର୍ବଶ୍ରେଷ୍ଠ ମତ ପ୍ରଦାନ କରିଥିଲେ । ତା ପରେ ତାଙ୍କର ଉପନ୍ୟାସ **Sonata** ପ୍ରଭୃତି ପ୍ରକାଶିତ ହୋଇ ଥିଲା । ଧନୀ ହୋଇ ସୁଦ୍ଧା ସେ ସରଳ ଓ ନିରାଡ଼ମ୍ବର ଭାବରେ ଜୀବନ ଯାପନ କରୁଥିଲେ । ସେ ନିଜ ହସ୍ତରେ ନିଜର ସମସ୍ତ କାର୍ଯ୍ୟ ସମ୍ପାଦନ କରୁଥିଲେ । ସମସ୍ତ ଦୁଃଖ ଜଞ୍ଜାଳରୁ ନିଜକୁ ମୁକ୍ତ କରିବାକୁ ଚେଷ୍ଟା କରି ସୁଦ୍ଧା ସେ ଅକୃତକାର୍ଯ୍ୟ ହୋଇଥିଲେ । ରେଲରେ କୌଣସି ସ୍ଥାନକୁ ଯାଉଥିବା ସମୟରେ ୮୨ ବର୍ଷରେ ଗୋଟିଏ ରେଲ୍ ଷ୍ଟେସନରେ ଇହଧାମ ପରିତ୍ୟାଗ କରିଥିଲେ ।

ଆଜି ଟଲଷ୍ଟୟ ଜଗତରୁ ଚିର ଦିନ ନିମିତ୍ତ ବିଦାୟ ନେଇଛନ୍ତି ସତ, ମାତ୍ର ସେ ଚିର ଅମର । ବିଶ୍ୱ ସାହିତ୍ୟକୁ ସେ ଯାହା ଦାନ କରିଯାଇ ଅଛନ୍ତି ତାହାହିଁ ଚିରନ୍ତନ । ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ତାଙ୍କୁ ଏକା ଋଷିଆରେ କାହିଁକି ସମସ୍ତ ଜଗତରେ ଶ୍ରେଷ୍ଠ ସ୍ଥାନ ପ୍ରଦାନ କରିଅଛି । କିଏ ବା ଆଜି ଗଣ ସାହିତ୍ୟର ଆଦର ନ କରୁଛି । ସାହିତ୍ୟିକର ଚିନ୍ତାଧାରା ଆଜି ଗଣ ଆନ୍ଦୋଳନକୁ କେନ୍ଦ୍ର କରୁଅଛି । ସେହି ମହାମାନବଙ୍କ ଉଦ୍ଦେଶ୍ୟରେ ମୋର ଭକ୍ତି ଅଞ୍ଜଳି ଅର୍ପଣ କରି ତୁମ୍ଭମାନଙ୍କଠାରୁ ବିଦାୟ ନେଉଅଛି । ଆଶାକରେଁ ଶୀଘ୍ର ଉଗରର ମଧ୍ୟସ୍ଥତାରେ ତୁମ୍ଭମାନଙ୍କ ଦର୍ଶନ ଲାଭ କରିବି ।

ଶ୍ରୀ ଲୋକନାଥ ଚୌଧୁରୀ ୪୭୬ ନଂ ନାଗ

## ସେଦିନ କଥା

ସେଦିନ ଯେବେ ଭାରତ ଋଷିର
ଯଜ୍ଞ ଧୂମେ ବନ ଭୂମି କୁଟିର
ଧର୍ମ ଗିରି
ଭାରତ-ଗଗନ କଲା ମୁଖର । ୧ ।
ବଜିଲି ଜଇନ ଶଙ୍କର ମତ
ନାଶିଲ ପତ୍ଲଣ କଲା ଅପ୍ଲୁତ
କେତେ ସପନ
ଦେଖିଲା ମାନବ ମର ଜୀବନ । ୨ ।
ସେଦିନ ଯେବେ ରେ ଭାରତ କବି
ସାହିତ୍ୟ-ଆକାଶ ଉଜ୍ଜ୍ୱଳ ରବି
ଗାଇଲା ଗୀତ
ପରାଣେ ଦେଲା ଜାଗରଣ ଶତ । ୩ ।
ସେ ଦିନ ଯେବେ ରେ ଭାରତ ଶିଳ୍ପୀ
ପଥରେ ଲେଖିଲା ଅମର କୀର୍ତ୍ତି
ପାଇ ଜୀବନ
ହସି ଉଠିଥିଲା ଜଡ଼ ପାଷାଣ । ୪ ।
ସେଦିନ ଯେବେ ରେ ଭାରତ ତପ
ଜ୍ୱାଲା ଦରିଅ ଲହରି ଚିର
ଆଣିଲା ବିତ୍ତ
ସ୍ମରଣେ ଆଜିରେ ପୁଲକେ ଚିତ୍ତ । ୫
ସେଦିନ ଯେବେ ରେ ଭାରତ ବୀର
ଅରାତି ରକତେ କାଟିଲା ଗାର
ଖଣ୍ଡା ଝେଲାଇ
ସେ କଥା ରକତେ ଦିଏ ଚେତାଇ । ୬ ।
ଭାରତ ଶିଳ୍ପୀ ଭାରତ କବିର
କରଣୀରେ ଖ୍ୟାତି ବଢ଼େ (ଏ) ଦେଶର
କିରଣ ମାଳା
ଆଲୋକିତ କରେ ଅନ୍ତର ବେଳା । ୭ ।
ସେ ଲୁଚିଲେ କାହିଁ କାଳ ଗରଭେ
ଭାରତ କହୁଛି ସ୍ମୃତି ଗରବେ
ତାର ସନ୍ତାନେ
ଗଢ଼ାଇବ ବୋଲି ନୂଆ ଜୀବନେ । ୮ ।

ଶ୍ରୀମତୀ ସରସ୍ୱତୀ ଦେଈ

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

ସଞ୍ଚୟୀ ସର୍ବତୋଃ ଜୟୀ। ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା ! ନିଜ ଶକ୍ତି ଅନୁସାରେ ସଞ୍ଚୟ କରିବା କେତେଦୂର ନିତାନ୍ତ ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ଯୋଗୁଁ ଅଭାବଗ୍ରସ୍ତ ଲୋକମାନେ କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାରକଲେ ଜଣାଯିବ। ଜୀବନର ଦାୟିତ୍ୱ ନେବା ଛଡ଼ା ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ।

ସାମୟିକ କିଛି କିଛି କଷ୍ଟ ହେଲେ ଡାଗିଲ୍ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବ-ଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ।

### ସୁଦୃଢ଼ତାର ପରିଚୟ—

୧୯୪୨ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ।
ମୋଟ ବୀମାର ପରିମାଣ ୧୯ କୋଟି ୩୬ ଲକ୍ଷରୁ ଊର୍ଦ୍ଧ୍ୱ।
ମୋଟ ବାର୍ଷିକ ଆୟ ଏକ କୋଟି ୧୦ ଲକ୍ଷ।
ବୀମା ପାଣ୍ଠି ୪ କୋଟି ୨୧ ଲକ୍ଷ।
ମୋଟ ସମ୍ପତ୍ତିର ପରିମାଣ ୪ କୋଟି ୩୬ ଲକ୍ଷରୁ ଊର୍ଦ୍ଧ୍ୱ।
ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲଡିଂସ୍
କଲିକତା।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର
କଟକ।


Printed & published by G. C. Mahapatra at the Gopinath Press, Bhadrak. 1943.

ପ୍ରତିଖଣ୍ଡ ଦୁଇଅଣା ବାର୍ଷିକ ତିନିଟଙ୍କା ଆଠଅଣା


Digitized by srujanika@gmail.com

୭ମ ବର୍ଷ
୧୮ ଶ ସଂଖ୍ୟା

# Dagaro

Utkal's most popular Fortnightly
OF
LIGHT, LEAD & LAUGHTER.

ମାଘ
ଦ୍ୱିତୀୟାର୍ଦ୍ଧ




## ବ୍ୟାଙ୍କ ଅଫ୍ କଲିକତା ଲି: ବାଲେଶ୍ୱର

ଏହା ଏକପ୍ରତିଷ୍ଠାଶାଳୀ ଓ ନିର୍ଭରଯୋଗ୍ୟ ବ୍ୟାଙ୍କ । ଏଠାରେ ଟଙ୍କା ରଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି କରନ୍ତୁ । ଏହି କେତେଦିନ ଭିତରେ ବାଲେଶ୍ୱର ଶାଖା ଅନୁଷ୍ଠାନ ବେଶ ବଢ଼ି ଉଠିଛି । ଅତିଶୀଘ୍ର ଭଦ୍ରକାରେ ଏହାର ଶାଖା ଖୋଲିବ । ବିସ୍ତୃତ ବିବରଣୀ ପାଇଁ ଲେଖନ୍ତୁ ।

ହେଡ୍ ଅଫିସ:—୩, ମେଙ୍ଗୋ ଲେନ୍
କଲିକତା

ଶ୍ରୀ ପ୍ରିୟନାଥ ନନ୍ଦୀ ବି, ଏଲ
ଅନାରେରୀ ସେକ୍ରେଟେରୀ
ବାଲେଶ୍ୱର ବ୍ରାଞ୍ଚ ଅଫିସ ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର

# ଭ୍ରାମରୀ ରସାୟନ

ଅବ୍ୟର୍ଥ ମହୌଷଧ

ଏହା ପ୍ରାଚୀନ ରସାୟନଙ୍କ ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚିହ୍ନ, ପ୍ରତ୍ୟଙ୍ଗରେ ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫ ୮ ୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ୫୨୯ଙ୍କା ମାତ୍ର ୫ ୨ ୯ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ

ଅଲମ୍‌ଚନ୍ଦ ବଜାର, କଟକ


---

## 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩୲ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଗୋଟିଏ ଡଗର ଦୁଇଅଣା ଦେଇ ପାଇ ପାରିବେ ।

୪ । ଡଗର ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ," 'ଡଗର' ପୋଃ ଭଦ୍ରକ ( B. N. R. ) ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକ ଟିକଟ ନଥିଲେ କବିତା, ପ୍ରବନ୍ଧ, ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---


ସମ୍ପାଦକ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ପରିଚାଳନା ସମ୍ପାଦକ

ଶ୍ରୀ ରାଇମୋହନ ଦାସ



Digitized by srujanika@gmail.com

୭ମ ବର୍ଷ
୧୮ଶ ସଂଖ୍ୟା
ମାଘ ଦ୍ୱିତୀୟାର୍ଦ୍ଧ
ତା୧୬-୨-୪୪ରିଖ

# ଡଗର

## ହୁକା ହୁକା ହୁଆ

( ବିଲୁଆ ବିଗୁର )

—ପାକ୍ଷିକ—
ବାର୍ଷିକ ଟ ୩୲
ମୁଦ୍ରଣସଂଖ୍ୟା—୫୦୭
ଖଣ୍ଡସ୍ତରଣ—୫୫୮

ଗରିବ ଓ ନିଶକ୍ତଙ୍କ ମୂଳକ ବୋଲି ଜାପାନମାନଙ୍କର ଓଡ଼ିଶା ପ୍ରତି ଟେକ୍ଟ ନଜର ଅଛି- ଏଇ କଥା ଶୁଣି ଆମେ ନିଦକ ହୋଇ ରହିଥିଲୁ । ମାତ୍ର ଦେଖା ଯାଉଛି ଯେ ଜାପାନ ଆଜି ଓଡ଼ିଶାକୁ ତାଙ୍କ ଶିକାର ତାଲିକାରୁ ବାଦ ଦେଇ ନାହିଁ । ଗଲା ତା ୪ ରିଖ ଫିରୁରି ମାସ ଗୋଟାଏ ଜାପାନ ଉଡ଼ାଜାହାଜ ଓଡ଼ିଶାର କୌଣସି ଅଜ୍ଞାତ ସହର ନିକଟରେ କେତୁଟା ବୋମା ପୋପାଡ଼ି ଦେଇଛି । ସେଥିରେ କ୍ଷତି ବୋଲି କିଛି ତ ହୋଇ ନାହିଁ, ବରଂ ବୋମାତକ ପଦାଘେ ପଡ଼ି କେତୁଟା ଗାତ କରି ପକାଇଛି ମାତ୍ର ।

ଅନିଷ୍ଟକୁ ସୁବିଧାରେ ପରିଣତ କରିବା ହିସାବୀ ଓ ବୁଦ୍ଧି-ମାନର କାମ । ଏଇ ଗାତ ଗୁଡ଼ାକ ଆମର କ କାମରେ ଲାଗି ପାରେ ତାହା ସରକାରଙ୍କର ଭାବି ଦେଖିବା ଉଚିତ ଦରକାର । ଆମ ବିଶ୍ୱାସରେ ମଡ଼କ ବା ଦୁର୍ଭିକ୍ଷର ମୁରଦାର ଗୁଡ଼ାକ ଏଇ ଗାତରେ ପୂରାଇ ଦେଲେ ଗାତ ଖୋଳା ଖର୍ଚ୍ଚ ରହିଯିବା ସାଙ୍ଗେ ସାଙ୍ଗେ ଜମି ମଧ୍ୟ ଉର୍ବର ହୋଇ ଯାଇପାରେ ।

ଏଣିକି ଜାପାନମାନେ ଯଦି କେବଳ ପଦାରେ ବୋମା ପକା ଅଭ୍ୟାସ କରନ୍ତି ତେବେ ଆମ 'ଗ୍ରୋ—ମୋର ଫୁଡ୍'' ର ବଡ଼ ଉପକାର ଆସନ୍ତା । ପଡ଼ିଆ ତଡ଼ା ଓ ପୋଡ଼ିସି ଖୋଳାରେ ଅଳ୍ପ ଖରଚ ଓ ମେହେନତରୁ ଆମେ ରକ୍ଷା ପାଇ ଯାଆନ୍ତୁ ।

× × × ×

ଶୁଣି ଜୋରି ଗୁଜବ ଉଠିଛି ଯେ ଓଡ଼ିଶା ସରକାର ପଚ୍ଛେଇ ଗଲେ ମଧ୍ୟ ଏଣିକି ରାଜବନ୍ଦୀ ଖଲାସ କରିବେ । ଆମେ ସେଥି ପାଇଁ ସରକାରଙ୍କୁ ଏତିକିବେଳୁ ହୁସିଆର କରି ଦେଉଛୁଁ କି ସାଧାରଣ ମେଲ କରି ଯେପରି ଖଲାସ ହେବାର ନ ଲଗାନ୍ତି । କାରଣ ରାଜବନ୍ଦୀ ବୋଇଲେ ପ୍ରାୟ ସମସ୍ତେ ନିଶୁଆ-ତେଲି । ଯେଉଁମାନେ କେବଳ ଫାସିଷ୍ଟ ଜାପାନୀ ଶତ୍ରୁ ସାଙ୍ଗରେ ଯୁଦ୍ଧ କରି ଅନ୍ତତଃ ବାକ୍ୟବାଣ ନିକ୍ଷେପ କରି ପାରିବେ ବାଛି ବାଛି ସେଇମାନଙ୍କୁ ଏକା ଖଲାସ କଲେ ଏ ବିପଦରେ ଦେଶର ଉପକାର ଓ ସରକାରଙ୍କ ବଳ ବୃଦ୍ଧି ହୋଇ ପାରିବ ।

× + + ×

ସରକାରଙ୍କ ଖାଦ୍ୟ ନୀତିର ସଫଳତା ନିମନ୍ତେ ପାଟମନ୍ତ୍ରୀ ମହାରାଜା ଓଡ଼ିଶା ଜନସାଧାରଣଙ୍କ ସହାୟତା, ସହଯୋଗ ଓ ସହାନୁଭୂତି ଲୋଡ଼ି ଏକ ଇସ୍ତାହାର ଜାରି କରିଛନ୍ତି । କୌଣସି ସରକାର ନୀତିରେ ଛେଳିପୁଅ, ମାଳିପୁଅ, ମଳି-ମୁଣ୍ଡିଆ ଜନଗଣର ସହଯୋଗ ବାଞ୍ଛା ମହାରାଜାଙ୍କ ପକ୍ଷରେ ଘୃଣା ଉଦାରତା, ମହାନୁଭବତା ବା ବିଚକ୍ଷଣତାର ପରିଚୟ ନୁହେଁ । ଏଣିକି କିଏ ମିଶ୍ର ମନ୍ତ୍ରୀମଣ୍ଡଳକୁ ଗଣାନୁମୋଦିତ ସରକାର ( populaministry ) ବୋଲି ନ କହିବ ! ଯେ ନ କହିବ, ସେ ହୁଏ ଓଲୁ ନ ହୁଏ ଦେଖି ନପାରି କହିଲେ କହିବ ।

× + × +

ବିଗତ ଜାନୁଆରି ତା ୨୬ ରିଖରେ ଅନେକ ସ୍ୱାଧୀନତା ଦିବସ ପାଳି ଥିଲେ ଶୁଣୁଥିଲୁ । ନିର୍ଜଳା ଉପବାସ କରି । ସବୁଦିନେ ଖାଇ, ଭଲ ଦିନରେ ଉପାସ କରିବା ଆମ ଦେଶର ଚିରଚରିତ ରେଓ୍ୟାଜ । ଏବେ ଖାଲି ଥାଳିରେ ଯେତେ ଉପାସ ରହିବାକୁ ପଡ଼ୁଛି, ଭଲ ଦିନରେ ଉପାସ ରହିବାରେ ଆଉ ବିଶେଷତା କିଛି ନ ଥିଲା ପରି ବୋଧ ହୁଏ । ତଥାପି ଯଦି ସ୍ୱାଧୀନତା ଦିବସ ପାଳିବା ଲାଗି ଗୋଟାଏ ଦିନ ଉପାସ କରି ହୁଏ, ତେବେ ବହୁତ ଖାଦ୍ୟ ବଳି ପଡ଼ିବାର କଥା । ଏଇ ଭଳିଆ ସ୍ୱାଧୀନତା ଦିବସ ଯଦି ମାସକେ ପନ୍ଦର ଦିନ ପାଳନ କରି ହୁଅନ୍ତା, ବୋଧହୁଏ ଏ

Digitized by srujanika@gmail.com

ଦେଶରେ କାନ୍ତାର ମନ୍ୱନ୍ତର ଘଟା ବନ୍ଧ ଯାଉଥିଲା ମୂଳପୂଜାରେ । ଆଉ ସତକୁ ସତ ସ୍ୱାଧୀନତା ହୋଇଗଲେ ପୂରାପୂରି ଉପବାସ ! ଦୁର୍ଭିକ୍ଷ ଛାଡ଼ ପଳାନ୍ତା ପରା !

× + ×

ଶୁଣା ଯାଉଛି ଯୁଦ୍ଧୋତ୍ତର ଭାରତୀୟ ବାଣିଜ୍ୟ ବଜାରର କାରବାର ପାଇଁ ଆମେରିକା ଅଜସ୍ର କାଗଜପତ୍ର ରହି କାରସାଦି କରି ବସିଲାଣି । ଏଥିପାଇଁ ବ୍ରିଟିଶ ବେଉସା-ଦାର ମହଲରେ ଭୁକୁଳିଣି ପଡ଼ି ଯାଇଛି କୁଆଡ଼େ । ଭାରତ ବଜାରକୁ ହାତେଇବାକୁ ଲୋଭ ନ ହେବ କାହାର ? କିନ୍ତୁ ଷଣ୍ଢ ଷଣ୍ଢ ଲଢ଼େଇ ଲାଗିଲେ ବେଣା ମୂଳ ଯେ ଉପୁଡ଼ି ଯିବାର କଥା—ଏ କ୍ଷେତ୍ରରେ ଆମର ସେ ଭୟ ନଥିଲା ପରି ଲାଗୁଛି । ଆମେ ଯେତେ ହେଲେ ଅଦା—ବେପାରୀ । ଆଉ ପୁଣି ଦୁଇ ଜାହାଜ ବେପାରୀଙ୍କ ଟଣା ଭିଡ଼ାରେ ଯଦି ବଜାର ସସ୍ତା ହୋଇଗଲେ ଆମେ ମଧ ଓରମାନ ମେଣ୍ଟାଇ ସସ୍ତା ସଉଦା କରି ନେବୁଁ ତ !

+ × +

ଶ୍ରୀମତୀ ସରୋଜିନୀ ନାଇଡ଼ୁ ଅଟକବନ୍ଦୀ ହୋଇ ରହିଥିଲେ । ତାଙ୍କୁ ସରକାର ଖଲାସ କରି ଦେଇଛନ୍ତି । ମାତ୍ର ତାଙ୍କ ଥୋମଣିରେ ଅଇନ ଚୁପ ଚୁଣ୍ଡି ଲଗାଇ ଦେଇଛନ୍ତି । ଏହି ଅନ୍ୟାୟ ଆଦେଶ ଦେଇଥିବା ଯୋଗୁଁ ସରକାରଙ୍କୁ ନିନ୍ଦାବାଦ କରି କେନ୍ଦ୍ର ପରିଷଦରେ ଏକ ପ୍ରସ୍ତାବ ପଡ଼ିଥିଲା ଗତ ୭।୨।୪୪ ତାରିଖରେ । ମାତ୍ର ପ୍ରସ୍ତାବ ବିପକ୍ଷରେ ଅଧିକା ଦୁଇଟା ଭୋଟ ହୋଇ ଯିବାରୁ ପ୍ରସ୍ତାବ କାଟ ଖାଇଗଲା । ଓଡ଼ିଆଙ୍କ ପ୍ରତିନିଧି କଂଗ୍ରେସ ଦଳର ପଣ୍ଡିତ ନୀଳକଣ୍ଠ ଭୋଟ ନେବା ବେଳରେ କୁଆଡ଼େ ପୋଷାକୀ ପାଣି ଢଳବରେ ଯାଇ ଦୁଇକୂଳ ସମ୍ଭାଳି ନେଲେ । ଠିକ ଯାହା କହନ୍ତି—ଶକାରକା ବଗତମେ.........! ନୋହିଲେ କି ପଂ—ଡି—ତ !

× + ×

ଭାରତରେ ଥିବା ପଲଟନ ଖୋରାକ ସକାଶେ କୁଆଡ଼େ ବେଜାୟ ଗୋରୁ ଲୋକସାନ ହେଉଛନ୍ତି । ଏପରି ହେଲେ କେତେଦିନ ପରେ ଗୋରୁ, ବଳଦ, ଅଭାବରୁ ଦେଶର କୃଷି ଓ ଶିଳ୍ପର ଅନିଷ୍ଟ ଘଟିବାର ସମ୍ଭାବନା । କଥାଟା ଯେତେ-ବେଳେ ନଜରରେ ପଡ଼ିଲାଣି, ସରକାର ଏଥିପ୍ରତି ଶୁଭ ଦୃଷ୍ଟି ଦେବେ ଏହା ନିଶ୍ଚିତ । ବାଇଶ କୃଷି ଓ ଶିଳ୍ପର ଉନ୍ନତି ଓ ପ୍ରସାରରେ ଯତ୍ନ କରୁଥିବା ସରକାର ଆପଣାର ଖାଦ୍ୟ କରି ବାକୁ ଯିବେ ନାହିଁ । ମାତ୍ର ଏହା ଶୁଣି ଗୋଟାଏ କଥା ମନରେ ହେଉଛି—ଧର୍ମମାର୍କା ଲର୍ଡ଼ ଲିନ୍‌ଲିଥ୍‌ଗୋ ଏହା ଶୁଣିଲେ କଣ କହିବେ !

× + × +

କଲିକତାରେ ଯେଉଁ 'ପଡ଼ା' ଚାଉଳ ଦିଆ ହେଉଛି ତହିଁରେ ଜଣ ପିଛା ଦିନକୁ ଓଜନ ପାଏ ଚାଉଳ ମିଳୁଛି କୁଆଡ଼େ । କଲିକତା ସହରବାସୀ ବାବୁଭାୟା ଆମ ଜାତି-ବାଦର ସନ୍ଦେଶ ରସଗୋଲା ଖାଇବା ଲୋକ । ତାଙ୍କୁ କେଜାଣି ପାଏ ଚାଉଳ ଯଥେଷ୍ଟ ହୋଇପାରେ । କିନ୍ତୁ ଯଦି ପୋଡ଼-ପିଠା ଜିଲା ପଖାଳଖିଆ ଓଡ଼ିଶା ମୁଲକରେ କେବେ ଏହିପରି ବେବସ୍ଥା ପଡ଼ ଷ୍ଟଲ୍ ହୁଏ, ତେବେ ଓଡ଼ିଆଙ୍କର କି ଦଶା ହେବ ଏହା ଭାବି ଏବେ ଦିନରୁ ଆମ ନାଡ଼ୀ ଛାଟ ଛାଟ ହେଲାଣି । ସେଥିପାଇଁ ଆଗରୁ ଆମ ଓଡ଼ିଆ ମନ୍ତ୍ରୀ ମହାରାଜ-ମାନଙ୍କୁ ଗୁହାରି କରି ରଖୁଛୁଁ କି, ଏ ବେବସ୍ଥା ଓଡ଼ିଶାକୁ ନ ପଶୁ ଦେବେ ।

+ × + +

ଆମେ ବୁଝିଥିଲୁଁ କି କଂଗ୍ରେସ ମାଡ଼ ଖାଇ ବଳ ମଳ ହୋଇ ଛଳୁ ପାଳିଟ ଗଲାଣି । କିନ୍ତୁ ନରମ ଦଳର ନେତା ସାର ଶୀତଳବାଦ୍ ଯାହା କହୁଛନ୍ତି ତହିଁରେ ଆମ ପ୍ରାଣରେ ଶୀତଳତା ଦୂର ହୋଇ ଯାଉଛି । ଶୀତଳବାଦ କହୁଛନ୍ତି କି "ଏ ଦେଶରେ କଂଗ୍ରେସର ପ୍ରଭାବ ନଷ୍ଟ ହୋଇନାହିଁ । କଂଗ୍ରେସ ଏତେ ବଳବାନ ହୋଇ ରହିଛି ଯେ ଆଜ ପୁଣି ଯଦି ଭୋଟ ହୁଏ କଂଗ୍ରେସହିଁ ପୂରାପୂରି ଜିଣିଯିବ ।" ଶୀତଳବାଦଙ୍କ କଥାକୁ ଆମେ ଅବିଶ୍ୱାସ କରନ୍ତୁ, ହେଲେ, ବାଙ୍କୁଡ଼ା ଓ ଧୁବୁଡ଼ିର ଉପନିର୍ବାଚନରେ କଂଗ୍ରେସୀ ହାଉଆ ଲଗା ପ୍ରାର୍ଥୀ ଦୁଇଜଣ ଜିଣିବା କଥା ଶୁଣି ଆଉ କଥାଟା ଉଡ଼ାଇ ଦେବାକୁ ବଳ ପାଉନାହିଁ । ମନଟା ପିତା ନ ହେଉ ପଛକେ ଖଟା ହୋଇ ଯାଉଛି କେବେ କେବେ । ମଦନ ପଣ୍ଡୁ ମାଇକେଲଙ୍କ ପଦ—ମରନ୍ଦ ଲୋଭା ମନେ ଘନ ଏ କେମନ ଦେଖି !

Digitized by srujanika@gmail.com

# କଳିର ଶେଷ

ଲେଖକ:— **କସ୍ତୁରୀଚରଣ ମହାପାତ୍ର**

ଏ କେତେଦିନ ହେଲା ଗୃହିଣୀ ତାହାଙ୍କ ଘନ ଘନ ତାଗିଦ କରୁଛନ୍ତି ବଦରୀନାଥ ଆମ ଘର ପାଖକୁ କେତେ ଦୂର । ବଦରୀନାଥ ଗୋଟିଏ ଶ୍ରେଷ୍ଠ ଭକ୍ତମନର ତୀର୍ଥସ୍ଥାନ ବୋଲି ଶୁଣିବା ପରି ମନେ ହେଉଛି ସତ, କିନ୍ତୁ ତାର ଦୂରତା ସମ୍ବନ୍ଧରେ ମୁଁ ଏକାବେଳକେ ଗଣ୍ଡ ମୂର୍ଖ । ନିଜର ଅଜ୍ଞତା ଯେପରି ପଦାରେ ପଡି ନ ଯାଏ, ସେଥିପାଇଁ ବଦରୀନାଥ କଥା ଉଠିଲାକ୍ଷଣି ମୁଁ ଅନ୍ୟ କଥାର ଜାଲ ପେଲାଇ ଦେଇ ପ୍ରଶ୍ନ ଏଡାଇ ଯାଏ । ତଥାପି ମନେ ମନେ ପ୍ରମାଦ ଗଣୁଛି—ଗୃହିଣୀଙ୍କର ହଠାତ୍ ତୀର୍ଥଯାତ୍ରା ଲାଳସା ଜାଗି ଉଠିଲା କି ? ତେବେ ତ ମୁସ୍କିଲ ! ସାତ ସମୁଦ୍ର ନ ହେଲେ ମଧ୍ୟ ତେର ନଈ ପାରି ହୋଇ ଗହନ କାନ୍ତାର ଭେଦି ଅପନ୍ତରା ଗହ୍ୱର ଠେଲି ସୁଦୂର କଲିକତାରୁ ଅଳ୍ପ କେତୋଟା ଦିନ ପାଇଁ ଛୁଟିରେ ଆସିଛୁ । ବଦରୀ-ନାଥ ଦର୍ଶନ ପାଇଁ ଧର ଅନ୍ତତଃ ଯଦି ଦୁଇଟା ଦିନ ଲାଗିଯାଏ, ତାହାହେଲେ ହାତରୁ ସେ ଦୁଇଟା ଦିନ ଖାଲି ଅନର୍ଥକ ମାଟି ହୋଇଯିବ ସିନା ! କୌଣସି ବିଦେଶ ପ୍ରତ୍ୟାଗତ ସ୍ୱାମୀ ଏ-ତ ପ୍ରଶ୍ରୟ ଦେଇପାରେ କି ? ସେଥିପାଇଁ ବଦରୀନାଥ ସମ୍ବନ୍ଧରେ ମୁଁ ଆଦୌ ଉତ୍ସାହ ଦେଖାଉ ନାହିଁ ।

ମାତ୍ର ଗୃହିଣୀଙ୍କର ଉତ୍ସାହ କମିବାର ନୁହେଁ । ସେ ଏହି ମଧ୍ୟରେ ରୟଟାର ଏବଂ ଅସୋସିଏଟେଡ୍ ପ୍ରେସ ସ୍ଥାନୀୟା ସାଇଁଲି ସମ୍ବାଦଦାତାମାନଙ୍କଠାରୁ ଖୁଣ୍ଟିନାଣ୍ଟି ସମ୍ବାଦ ସବୁ ଯୋଗାଡ଼ କରି ସାରିଛନ୍ତି । ତାଙ୍କ ଅନୁସନ୍ଧାନର କାରଣ ତୀର୍ଥଯାତ୍ରା ଲାଳସା ନୁହେଁ । ଅସଲ କାରଣ ଯାହା ବତାଇଲେ ସାମାନ୍ୟ ଗୁଛାଇ ଗାଛେଇ କହିଲେ ତା'ର ସାର ମର୍ମ ଏଇ । ଚତାଳିଶି ଅମାବାସ୍ୟା ଆଉ ବେଶି ବିଳମ୍ବ ନାହିଁ ଏବଂ ସେଇଦିନ କୁଆଡ଼େ କଳିଯୁଗର ଅବସାନ ଓ ସତ୍ୟଯୁଗର ଆରମ୍ଭ । ସେ ଦିନର ପ୍ରୋଗ୍ରାମ—ପଞ୍ଚଗ୍ରହକୂଟ, ଦୁଇଦିନ ବ୍ୟାପୀ ବର୍ଷା, ଝଞ୍ଜା, ବାତ୍ୟା ଭୂମିକଂପ, ପ୍ରଳୟ ଇତ୍ୟାଦି କେତେ କ'ଣ ଭୟାବହ ବ୍ୟାପାର । ବଦରୀନାଥ, ଅମୁହାଁ ଦେଉଳ, ଅମୁକ ପୀଠ, ଅମୁକ ପର୍ବତ ଇତ୍ୟାଦି କେତେକ କେନ୍ଦ୍ର ସ୍ଥାନରୁ କୁଆଡ଼େ ଦ୍ୱାଦଶ ହାତ ପରିମିତ ଅଗ୍ନି ବର୍ଷିତ ହେବ । ଘୋର ଅସାଧାରଣ ପୂର୍ବକ କାଳିକା ତାଣ୍ଡବ ନୃତ୍ୟ କରି ପାପୀମାନଙ୍କୁ ନିପାତ କରିବେ । ଆମ ଭିତରୁ କିଏ ପାପୀ କିଏ ସନ୍ଥ, ସେ ବିଷୟରେ କିଛି ଗ୍ୟାରେଣ୍ଟି ଦିଆଯାଇ ପାରିବ ନାହିଁ । ମାଳିକା ଏ କଥା ଆଗରୁ ଜଣାଇ ଅଛି । ତା ଛଡ଼ା ସବୁ ଦେଶର ପଞ୍ଜିକା ଏ ବିଷୟରେ ଏକମତ । ମାଳିକାରେ କଳିଯୁଗ ଶେଷର ପୂର୍ବ ଲକ୍ଷଣ ଯାହା ଯାହା ଲେଖାଅଛି, ସେ ସବୁ ଏ ପର୍ଯ୍ୟନ୍ତ ଅକ୍ଷରେ ଅକ୍ଷରେ ଅକ୍ଷରେ ସତ୍ୟ ହୋଇ ଆସିଛି । ବଡ଼ ଦେଉଳ ଉପରେ ଶାଗୁଣା ବସିଛି, ମନ୍ଦିରରୁ ଖଣ୍ଡେ ପଥର ଖସିଛି, ଜଗନ୍ନାଥଙ୍କ ନୈବେଦ୍ୟରେ ନିୟମିତ ଅନିୟମ । ଆଉ—

"ସମସ୍ତେ ହେବେ ଏକାକାର,
ନ ରହିବ ଭେଦର ବିଚାର ।"

ଅନ୍ନାଭାବରେ ଏବଂ ଯୁଦ୍ଧ ବଜାରର ଦୁର୍ମୂଲ୍ୟତାରେ ସମସ୍ତଙ୍କ ଆକାର ଏକା ହେଲାଣି । ଅର୍ଥାତ୍ ସମସ୍ତଙ୍କ ଅସ୍ଥି କଙ୍କାଳ ଦେଖା ଗଲାଣି । ସମସ୍ତଙ୍କର ତାଳିପକା ଜାମାଲୁଗା ।

Digitized by srujanika@gmail.com

ବଂଶଗତ ଜାତିଭେଦ ଉଠାଇ ଦେଇ ବ୍ରାହ୍ମଣ ଚଣ୍ଡାଳ ଏକ କରି ଦେଲଣି । ଏହା ବାଦ ସାଧାରଣ ଜୀବନରେ ଟିକିଏ ଚିନ୍ତା କରି ଦେଖିଲେ ଯେ କେହି ଲୋକ କଳିଯୁଗ ଶେଷର ଅନେକ କେତେ ସ୍ପଷ୍ଟ ସୂଚନା ଲକ୍ଷ କରି ପାରିବ । ରେଜା, କେରସିନ, ଚିନି, ବଜାରରୁ ଏକାବେଳକେ ଅନ୍ତର୍ହିତ । ରେଳଗାଡ଼ିରେ ସାଂଘାତିକ ଭିଡ଼ । ଗାଡିର ନିୟମାନୁବର୍ତ୍ତିତାରେ ଘୋର ବ୍ୟତିକ୍ରମ । ଡାକରେ ଚିଠି ପତ୍ର ଅସିବାରେ ଅସମ୍ଭବ ବିଳମ୍ବ ହେଉଛି । କାଗଜ ଅଭାବରୁ ଅଫିସରେ ସ୍ଲେଟ୍ ବ୍ୟବହୃତ ହେଲଣି । ଡିଷ୍ଟ୍ରିକ୍ଟ-ବୋର୍ଡ଼ ରାସ୍ତା ମରାମତି ହୋଇ ପାରୁନାହିଁ । ଅତଏବ ଚଳିତ ଅମାବାସ୍ୟା ଦିନ କଳିର ଶେଷ ଅବଶ୍ୟମ୍ଭାବୀ । ମାଳିକା ବଚନ ଅନ୍ୟଥା ହେବାର ନୁହେଁ ।

ସବୁ ଶୁଣିସାରି ଅଜାଣତରେ ମୋ ପାଟିରୁ ବାହାରି-ଗଲା "ଅଲ ବୋଗାସ୍ ।"

ଗୃହିଣୀ ତତ୍କ୍ଷଣାତ୍ ମୁହଁରେ ହାତ ଚାପି ଦେଇ କହିଲେ, "ଛିଃ, ତମ ଗୋଡ଼ ତଳେ ପଡ଼ୁଛି, ଆଉ ସେ ମ୍ଲେଚ୍ଛ ଭାଷା ପାଟିରେ ଆଣ ନା ।"

ଯାହାହେଉ ବଂଶ ଶତାବ୍ଦୀରେ, କାର୍ଯ୍ୟତଃ ନ ହେଉ ପଛକେ ଭାବ୍ୟତଃ ଜଣେ ସ୍ତ୍ରୀର ମସ୍ତକ ତା ସ୍ୱାମୀର ପଦ ସ୍ପର୍ଶ କଲା ଏବଂ ସେ ପରମସୌଭାଗ୍ୟବାନ ସାର୍ଥକନାମା ସ୍ୱାମୀ ଜଣକ ସ୍ୱୟଂ ମୁଁ । ଛାତିଟା ଗର୍ବରେ ଫୀତ ହୋଇ ଉଠିଲା । ମନେ ମନେ ସ୍ଥିର କରି ପକାଇଲି ଏଣିକି କେହି ପ୍ରଣାମ କଲେ, ଧନଜନ ଗୋପଲକ୍ଷ୍ମୀ ପ୍ରାପ୍ତି କିମ୍ବା ଅଷ୍ଟୋତ୍ତର ଶତ ସମ୍ବତ୍ସର ପରମାୟୁ ଲାଭ ପାଇଁ ଆଶୀର୍ବାଦ ନ କରି ଗାଉଁଲି ଝିଅଟିଏ ବିବାହ କର ବୋଲି କାମନା କରିବ । ସଂପତ୍ତିଶାଳୀ କିମ୍ବା ଦୀର୍ଘାୟୁ ହେବା ଅପେକ୍ଷା ବିବାହ ସମସ୍ୟାଟା ବଳି ପଡ଼ୁଛି କି ନା ? ନିଜର ସ୍ତ୍ରୀ ଯଦି ସଂପୂର୍ଣ୍ଣ ଆୟତ୍ତାଧୀନ ନ ହେଲା, ବିଶାଳ ଐଶ୍ୱର୍ଯ୍ୟର ମାଲିକ ହୋଇ କିମ୍ବା ଶତବର୍ଷ ପରମାୟୁ ଲାଭ କରି ଫାଇଦା କ'ଣ ?

ଗୃହିଣୀଙ୍କର କିନ୍ତୁ ଆଖିରେ ନିଦ ନାହିଁ କି ଭାବନାର ଅନ୍ତ ନାହିଁ । ସେ ଅନୁନୟ କରି ଚାଲିଛନ୍ତି । କୌଶଳ ଉଦ୍ଭାବନ କରିବାରେ ଲାଗି ପଡ଼ିଛନ୍ତି—କି ଉପାୟରେ ଅଳ୍ପ ସମୟ ଭିତରେ ଏବଂ ଅନାୟାସରେ ଯଥେଷ୍ଟ ପରିମାଣରେ ଧର୍ମ ଉପାର୍ଜ୍ଜନ କରାଯାଇ ପାରେ । ସହସା ହରି ଭକ୍ତିରେ ତନ୍ମୟ ହୋଇ ଗ୍ରାମବାସୀ ଯେଉଁ ଅଷ୍ଟପ୍ରହରୀ ସ୍ଥାପନ କରିଛନ୍ତି, ସେଥିପାଇଁ ମୋଟା ରକମର ଚାନ୍ଦା ଦେବାକୁ ହେବ । ପଡ଼ୋଶୀ ଦରିଦ୍ର ଭୋଜନ ଏବଂ ଗ୍ରାମ-ଦେବତୀ ମାର୍ଜ୍ଜନା କରାଇବାକୁ ହେବ । ତାଛଡ଼ା ନିଜ ଘରେ ଭାଗବତ ପୋଥି ବସାଇବାକୁ ହେବ । ଏତେଗୁଡ଼ାଏ ଘୋର ଆପଦରୁ ରକ୍ଷା ପାଇ ସତ୍ୟଯୁଗର ମଣିଷ ହେବାକୁ ହେଲେ ଆର୍ଥିକ କ୍ଷତିପ୍ରତି ଭ୍ରୂକ୍ଷେପ ନ କରି ଧର୍ମ କାର୍ଯ୍ୟରେ ହାତ ଖୋଲି କରିଦେବା ଦରକାର । ଚେଷ୍ଟା କଲେ ଏଇ ସପ୍ତାହକ ମଧ୍ୟରେ ହିଁ ଆବଶ୍ୟକ ପରିମାଣରେ ଧର୍ମ ଆହରଣ କରାଯାଇ ପାରେ ।

ହୋପ୍‌ଲେସ୍ କେସ୍ । ହତାଶ ହୋଇ ପଡ଼ିଲି । ନିଜକୁ ବଡ଼ ଅସହାୟ ମନେ ହେଲା । କି ଉପାୟରେ ଏ ଗାଉଁଲି ଗୃହିଣୀଙ୍କୁ ବୁଝାଇବି ଯେ ସେ ଯେତେ ପରିମାଣରେ ଉଦ୍‌ବିଗ୍ନ ହୋଇ ଉଠିଛନ୍ତି । ଅବସ୍ଥା ପ୍ରକୃତରେ ସେତେ ଗୁରୁତର ନୁହେଁ ? ମନେ ପଡ଼ିଲା ଗୋଟିଏ ପାଞ୍ଜିରେ ଲେଖାଅଛି—"ଘୋର କଳିଯୁଗ ଶେଷ, ସତ୍ୟ କଳିଯୁଗ ଆରମ୍ଭ ।" ଆପାତତଃ ଅବସ୍ଥାଟା ସୁଧାରିନେବା ପାଇଁ ସେ କଥାଟା ଜଣାଇଲି । ପ୍ରତ୍ୟକ୍ଷ ପ୍ରମାଣ ପାଇଁ ପଞ୍ଜିକାଟି ଦର୍ଶାଇବାକୁ ମଧ୍ୟ ପ୍ରସ୍ତୁତ ହେଲି । କିନ୍ତୁ କାହିଁ ମାଳିକା ବଚନ, ଆଉ କାହିଁ ଘର ସ୍ୱାମୀ ବଚନ !

ମୋ ମତାମତରେ ବିନା ପ୍ରୟୋଜନରେ ହିଁ ପରଦିନ ପ୍ରତ୍ୟୁଷରୁ ଧର୍ମାନୁଷ୍ଠାନ ରୀତିମତ ଆରମ୍ଭ ହୋଇଗଲା । ଏ ସପ୍ତାହକ ଯାକ ଗ୍ରାମଦେବତୀ ମାର୍ଜନା ଚାଲିଛି । ଘରେ ଭାଗବତ ବସିଛି । ପୁରୋହିତ ଅନୁନାସିକ ଉଚ୍ଚୈଃସ୍ୱରେ ଭାଗବତ ପାଠ କରି ଚାଲିଛନ୍ତି । ଗ୍ରାମରେ ଅଷ୍ଟପ୍ରହରୀ ବସିଛି । ହରିନାମ ସଂକୀର୍ତ୍ତନରେ ସାରା ଗ୍ରାମ ମୁଖରିତ । ଛୋଟବଡ଼ ନିର୍ବିଶେଷେ ଝିଅପିଅ ଭୁଲି ହରିନାମ ଗାନରେ ବିଭୋର । ପୁଣ୍ୟ ଅର୍ଜ୍ଜନରେ ବିରାମ ନାହିଁ । ହଠାତ୍ ଧର୍ମ ପ୍ରବୃତ୍ତି ସମସ୍ତଙ୍କ ମନରେ ଉତ୍କଟ ହୋଇ ଉଠିଛି । କମିଛି ଏଇ ଯାବାଟା ବର୍ତ୍ତିଗଲେ ଦେଶଟା ଧୀରେ ସୁସ୍ଥେ ଯାତ୍ରା କରିପାରିବ । ଆଜି ଅମାବାସ୍ୟା । ଗୃହିଣୀ ପ୍ରାତଃସ୍ନାନ ପରେ ନିର୍ଜ୍ଜଳା ଉପବାସରେ ସେଇ ଯେ ସକାଳୁ ଭାଗବତ ଧରି ବସିଛନ୍ତି ।

Digitized by srujanika@gmail.com

ଯଦି ବାରଟା ବାଜିଲାଣି, ତଥାପି ଉପଚାର ନାମଗନ୍ଧ ନାହିଁ । ଝଞ୍ଜା, ବାତ୍ୟା, ଭୂମିକମ୍ପରେ ରନ୍ଧନ ଅସମ୍ଭବ ବୋଲି ଆଗରୁ ଜଳପାନ ପ୍ରସ୍ତୁତ ହୋଇଥିଲା । ପରିଣାମଦର୍ଶୀ ସିଦ୍ଧହସ୍ତା ଗୃହିଣୀଙ୍କର ତୀକ୍ଷ୍ଣ ସତର୍କତାରେ କୌଣସି ଆୟୋଜନ ବାଦ ଯାଇନାହିଁ । ସବୁ ଠିକଠାକ୍ । ଆଜି କଳିଯୁଗକୁ ଯେ କୌଣସି ମତରେ ଶେଷ ହେବାକୁହିଁ ହେବ । ଘଡି ଟୁକ୍ ଟୁକ୍ କରୁଛି । ସାମାନ୍ୟ ପାଟିଗୋଳ ଶୁଭିଲେ ଗୃହିଣୀ କାନ ଡେରି ଶୁଣୁଛନ୍ତି, ଏଇ କାଳିଆ ବାଇହାତ ଖଣ୍ଡା ନେଇ ମାଡ଼ି ଆସିଲେ କି ? ଭଗବତଙ୍କୁ ଅନ୍ତର ଭୋରରେ ଜାବୁଡ଼ି ଧରୁଛନ୍ତି ।

ଗୃହିଣୀ ନିଜେ ତ ଶୋଇ ନାହାନ୍ତି, ମୋର ମଧ୍ୟ ପରିତ୍ରାଣ ନାହିଁ । ତନ୍ଦ୍ରା ଦୁର୍ନିବାର ହେବାର ଉପକ୍ରମ ହେଲାଣି ଭଗବତ ଶୁଣିବାପାଇଁ ଘନ ଘନ ତାଗିଦ କରି ମନୋଯୋଗ ଆକର୍ଷଣ କରୁଛନ୍ତି । ନିରୁପାୟ ହୋଇ ଗୀତା ବହିଟିଏ ମଥା ତଳେ ରଖି ଅର୍ଦ୍ଧସୁପ୍ତ ଅବସ୍ଥାରେ ଭଗବତ ଆବୃତ୍ତି ଶୁଣି ଯାଉଛି । ମାଳିକା ବଚନ କଦାପି ମିଥ୍ୟା ହେବାର ନୁହେଁ । କିନ୍ତୁ ଅନିଦ୍ରାରେ ଛଟପଟ ହୋଇ ସାରା ରାତିଟା କଟିଗଲା, ତଥାପି କଳିଯୁଗ ଶେଷ ହେଲା କି ନା ଟେର ମିଳିଲା ନାହିଁ ।

ଗୃହିଣୀଙ୍କୁ ପଚାରିଲି, "କି ହେ, କାଲି ରାତିଟାଯାକ ଯେ ଉପଦ୍ରବ କରି ଅନିଦ୍ରା ରଖାଇଲ, କଳିଯୁଗ ତମର ଶେଷ ହେଲା ତ ?"

ରନ୍ଧନ କାର୍ଯ୍ୟ ପାଇଁ ତର ତର ହେଉ ହେଉ ଗୃହିଣୀ ସ୍ମିତ ହାସ୍ୟ କରି କହିଲେ, "ଆମର ଏଅଡ଼େ କିଛି ନ ହେଲେ ବି ଅନ୍ୟ କେଉଁଠି ତ ପ୍ରଳୟ ହୋଇଥିବ ? ମାଳିକା ବଚନ କ'ଣ ମିଛ ହେବ ?"

ହାୟରେ, ତଥାପି ତାଙ୍କର ମତ ବଜାୟ ରହିଲା । ଆମ ମତର ପ୍ରତିଷ୍ଠା ହୋଇ ପାରିଲା ନାହିଁ ।

—*—

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

**ପାୟୋନିଅର କମରସିଏଲ ବ୍ୟାଙ୍କ ଲି:-**

ଭଦ୍ରକ, ଜାଜପୁର

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସ୍ମାନଃ**—ହାଟଖୋଲା (କଲିକତା) ଇସ୍‌ଓ୍ୱାର୍ଡ (ପାବନା) ଜୟନଗର—ମୋଜିଲପୁର, ଚେରହବାଟା (ମେଦିନାପୁର) ଅମଲଗୋଡ଼ା (ମେଦିନାପୁର) ଘଟାଲ (ମେଦିନାପୁର) ଭୋଲ୍ଘାଟ୍ (ମେଦିନାପୁର) ସାନ୍ତୁଭଅ (ଢାକା) ନାରାୟଣଗଞ୍ଜ (ଢାକା) ଗୌହାଟୀ (ଆସାମ) ବାଙ୍କୁଡ଼ା, ବିଷ୍ଣୁପୁର ମେଦିନାପୁର, ଗୋମୋ ।

ସ୍ୱା—ପି. ଏନ୍: ରାୟ ଚଉଧୁରୀ
ମେନେଜିଂ ଡିରେକ୍ଟର ।

କଥାଟିଏ କହୁଁ...............

# ବୈଭବ

(କାହାଣୀ)

ଲେଖକ— ଲକ୍ଷ୍ମୀନାରାୟଣ ମହାନ୍ତି

"ଭାନୁମତୀ ତାମସା । ଅଶ୍ରୁତ ପୂର୍ବ ଉଦ୍ଭଟ ତାମସା । ମନ୍ତ୍ର ନାହିଁ, ତନ୍ତ୍ର ନାହିଁ, ଯାଦୁ ନାହିଁ, ଗୁଣି ନାହିଁ, ଖାଲି ହାତରେ ଖେଳ । ଉଦ୍ଭଟ ତାମସା ଦେଖ । ଏ ସୁବିଧା ଆଉ ମିଳିବ ନାହିଁ । ଆସ, ଆସ । ତାମସା ଦେଖ ।"

ମୁଁ ଚମକି ଉଠିଲି ।

ବହୁ ଦିନର ଅତି ପରିଚିତ ସ୍ୱର ଏତେଦିନ ପରେ ଫେର ଶୁଣି ମନ ମୋର କେଉଁ ଅପରିଜ୍ଞାତ ଆନନ୍ଦରେ ପୁଲକି ଉଠିଲା । ମୁଁ ଉଠିଲି । ଘରୁ ବାହାରି ପଡ଼ିଲି ।

ବାଡ଼ିକୁ ଦୌଡ଼ିଯାଇ ସେଇ ସ୍ୱର ଚାହିଁବାକୁ ଲାଗିଲି । ଦେଖିଲି—ସାମନାରେ, କିଛି ଦୂରରେ, ଗୋଟେ ଭାର କାନ୍ଧେଇ, କମର ଭାଙ୍ଗି ସେ ଚାଲିଛି । ମୁଁ ତାକୁ ଡାକିଲି ନାହିଁ—କେବଳ ଦେଖୁଥିଲି । ହୃଦୟ ତା ସାଙ୍ଗରେ ମିଶିବାକୁ ବ୍ୟଗ୍ର ହୋଇ ଉଠୁଥାଏ । କିନ୍ତୁ ମୁଁ ତାକୁ ଡାକିଲି ନାହିଁ ।

ଗତି ତାର ମନ୍ଥର । କମ୍ପୁଥିଲା । ସାମନାକୁ ବଢ଼ି ଚାଲୁଥିଲା । ମୁଁ ସେମିତି ଛିଡ଼ା ହୋଇ ତାକୁ ଲକ୍ଷ କରୁଥାଏଁ ।

ମନ କହୁଥାଏ—"ତାକୁ ଡାକ ।"

ଆଉ ସେ ଟିକେବେଳେ ବୁଢ଼ା ପାଟି କରୁଥାଏ—"ଭାନୁମତୀ ତାମସା......।"

ତାର ସ୍ୱର କମ୍ପୁଥାଏ । ବଯୌତ ବାୟୁରେ ତାର କମ୍ପିତ ସ୍ୱର ମଡ଼େ ଶୁଣା ଯାଉଥିଲା—କରୁଣାରେ ଭରା । ଶୀର୍ଣ୍ଣା, କପଟ ଏକ ଦରଦ ଏହି ସ୍ୱରରେ ନିହିତ ଥିଲା ।

ସେ ଗଳିର ମୋଡ଼ରେ ପହଞ୍ଚିଲା ।

ଆଖିରେ ଦେଖିଲି—ଦେଖୁଁ ଦେଖୁଁ ରହିଗଲି ।

ଡାକିବି ଡାକିବି ବୋଲି ଭାବିଲି କିନ୍ତୁ କଥା ତଣ୍ଟି ପର୍ଯ୍ୟନ୍ତ ଆସି ପୁଣି ଫେରିଗଲା ।

କେତେ ଶୋଚିଲି ତାକୁ ଡାକିବି ବୋଲି । କିନ୍ତୁ ଡାକି ପାରିଲି ନାହିଁ ।

ଆଉ ସେତେବେଳକୁ ସେ ଚାଲି ଯାଇଥିଲା ।

× + + ×

ପରୀକ୍ଷା ପାଇଁ ମୁଁ ପଢ଼ୁଥାଏଁ—ସେଇ ଘରେ । ଦ୍ୱିପହରେ । ପ୍ରାୟ ଗୋଟେ ବେଳ ହବ । ଠିକ୍ ସେଇ ସମୟ । ମୁଁ ପଢ଼ିବାରେ ଲୀନ ଥାଏଁ । ଚାରିଆଡ଼େ କଣ ହଉଛି, କିଛି ଜାଣି ପାରୁ ନ ଥାଏ ।

ସହସା ଧ୍ୟାନ ଭାଙ୍ଗିଗଲା । ଗୋଟେ ଅସ୍ପଷ୍ଟ ସ୍ୱର କାନ ଭିତରେ ପଶିଗଲା—ହୃଦୟରେ ଧକ୍କା ବାଜିଲା ।

ଧ୍ୟାନ ଏକାଗ୍ର କରି ଫେର୍ ମୁଁ ପଢ଼ିବାରେ ଲାଗିଲି ।

ଏକ—ଦୁଇ—ତିନ ।

ଯମା ତିନଟା ଧାଡ଼ି ପଢ଼ିଛି, ଫେର୍ କଣ ଶୁଣାଗଲା । ଆଗଥର କିଛି ଭୁଲି ଯାଇଥିଲି, କିଛି ଥିଲା ।

Digitized by srujanika@gmail.com

ମୁଁ ଶୁଣିବାକୁ ଚେଷ୍ଟା କଲି । କିନ୍ତୁ କିଛି ଶୁଣାଗଲା ନାହିଁ । ପୁଣି ମାଲୁମ ହେଲା ଯେମିତି କିଛି ଶୁଣିବାକୁ ପାଇଲି—"ଭାନୁମତି ତାମସା......।"

କିଏ ସେ ?

ତେବେ ବି ମନରୁ ସନ୍ଦେହ ଗଲାନାହିଁ । ରହି ପାରିଲି ନାହିଁ । ବହିପତ୍ର ଛାଡ଼ି ଦାଣ୍ଡକୁ ଦୌଡ଼ିଗଲି ।

ଦେଖିଲି—ସେହି ବୁଢ଼ା—ଗଳିର ମୋଡ଼ରେ ଚାଲି ଯାଉଛି । ତାକୁ ଡାକିବି କି ନାହିଁ ଏମିତି ଭାବୁଛି ସେ ଗଳି ଭିତରକୁ ଚାଲିଗଲା । ଆଉ ସହି ପାରିଲି ନାହିଁ । ସେଇ ଧୂମୁଧୁମିଆ ଦମକରେ ଦୌଡ଼ିଲି ।

ସେ ଆଗରେ—ମୁଁ ପଛରେ ।

ହଟେଁ ଆଉ ଗୋଟେ ଗଳିର ମୋଡ଼ରେ ହେଇଗଲୁ ।

ମୁଁ ଆଗକୁ ଯାଇ ତା ବାଟ ଓଗାଳି ଦେଲି ।

ହଠାଏ ଦୁଃଖିତ ହୋଇ, ହଟି ଯାଇ ଆଗକୁ ବଢ଼ିଛି, ମତେ ଦେଖି ପକାଇଲା ।

ପ୍ରକୃତରେ ମୋର ତା ବାଟ ଓଗାଳିବା ଭୁଲ ।

ମୁଁ ତା କାନ୍ଧ ଉପରେ ଗୋଟେ ହାତ ରଖି ପଚାରିଲି—"ଚିହ୍ନି ପାରୁଚୁ ?"

ସେ ହଠାଏ ଏପାଖ ସେପାଖ ହଲି ବନ୍ଦ ହେଇଗଲା ।

ପର ନିଷ୍ପ୍ରଭ ଆଖିରେ ମୋ ମୁହଁକୁ କିଛିମିଟ ଅନାଇ ସ୍ତବ୍ଧ ହୋଇ ଛିଡ଼ା ହେଲା । ମୋ ହୃଦୟର ଅଲୋଡ଼ିତ ଭାବନାକୁ ଲୁଚି ରଖି ତାର ହୃଦୟ ମନ୍ଥି ସନ୍ଧାନ ନେବାକୁ ଚେଷ୍ଟା କରୁଥିଲି ।

କିନ୍ତୁ ସେ ଚୁପ ।

"କି ବୁଢ଼ା, ମତେ ଚିହ୍ନି ପାରୁନୁ ?" ମୁଁ କହିପକାଇଲି ।

"ନା, ବାବୁ ।"

ମୁଁ କହିଲି—"ତୁ ସେ ଦାଢ଼ିଆ ମିଆଁଙ୍କୁ ଜାଣୁ ? ସେ ଏଠି ନାହାନ୍ତି । ସେଇ ଆର ଗଳିର ମୋଡ଼ର ସାମନା ଘରେ—ଫାଟକବାଲା—"

"ହଁ, ହଁ ।"

ସେ ସମଝିଲା ।

"ଜଣେ ଜମିଦାର ଆଉ ଜଣେ—"

"ହଁ, ହଁ ।"

ତାର ଖିଆଲ ହେଲା ।

ପେରୁ କହିଲି—"ସେତେବେଳେ ମୁଁ ଛୁଆ ହେଇଥିଲି । ଚାରି ପାଞ୍ଚ ବର୍ଷର । ତୁ ଆସୁଥିଲୁ—ଆଉ ମୁଁ ତୋ ତାମସା ଦେଖୁଥିଲି—ଦିନ୍ ଦିନ୍ । ତୁ ଦିପହରେ ଆସୁଥିଲୁ । ଡାକ ଛାଡ଼ୁଥିଲୁ । ମୁଁ ଯେଉଁଠି ଥାଏଁ ତୋ ଡାକ ଶୁଣି ପଳାଇ ଆସେଁ । ତତେ ଧରି ଆମ ଘରକୁ ଆଣେଁ । ତୁ ଦାଣ୍ଡରେ ବସି ପେଡ଼ିରୁ ଉର୍ବାକୁ ବାହାର କରୁ । ମୁଁ ବାବାଙ୍କୁ କହେ—'ବାବା ! ତାମସା ଦେଖିବି । ଉର୍ବା ତାମସା—ହରି ଭଲ ।' ସେ ଆସି ଦେଖନ୍ତି । ମୁଁ ଡରି ଯାଏଁ । ସେତେବେଳେ ମତେ ଚୁପ ରହିବାର ଦେଖି ତୁ ବାବାଙ୍କୁ କହୁ—"ବାବୁ ! କାହିଁକି ପିଲାଟା ଉପରେ ରାଗୁଛନ୍ତି ? ପିଲା ଲୋକଟ । ତା ମନ ମାରନ୍ତୁ ନାହିଁ । ଦେଖିବାକୁ ଦିଅନ୍ତୁ । ଏ ଗରିବ ବୁଢ଼ାକୁ ଦି ଦି ଅଣା ଚାରିଅଣା ମିଳିଯାଉ ।' ମନେ ଅଛି ?"

"ହଁ, ହଁ ।"

"ସେ ଘର ଭିତରକୁ ଚାଲି ଯାଆନ୍ତି । ତାମସା ଆରମ୍ଭ ହୁଏ । ପେଡ଼ିରୁ ଉର୍ବାକୁ ଖୋଲି କହି ଉଠୁ—'ଯା, ନାଚ ଯା, ଯା ନାଚ ଯା ।'"

"ହଁ, ହଁ ।"

"ତାପରେ ଗୋଟେ ବାଉଁଶ ଉପରେ କାଠ ଟେଢ଼ଇଟେ ରଖି, ଉର୍ବାକୁ କହୁ— ଦେଖିରେ ଉର୍ବା, ଦେଖି ତୋର ହାତର ଲକ୍ଷ କିମିତି ? ଏତକା କହିବା ମାତ୍ରେ ଉର୍ବା ତୀର ମାରିଦିଏ, ଟେଢ଼ଇ ପାଣିରେ ଗଡ଼ି ପଡ଼େ ; ଉର୍ବା ନାଚି ଯାଏ ।"

"ହଁ, ହଁ ।"

"ଆଉ ଶେଷରେ ତୁ କହିଉଠୁ—ଖେଲ୍ ଖତମ୍, ପଇସା ହଜମ୍ ।"

(୧୧ ପୃଷ୍ଠା ୨ୟ କଲମ ଦେଖନ୍ତୁ)

Digitized by srujanika@gmail.com

# ଏ, ଆର୍, ପି,

ଲେଖକ ଶ୍ରୀ —

କିଏ କେତେ ନାମେ ଆମକୁ କରେ ଅଭିହିତ,
ଯେପରି ଦବୁ ଲ୍ଲେଚର୍ସ, ବଜାର୍ସ, ବେଶ୍ୟାର
ଆମର ଭିତରୁ ମୁଖ୍ୟ ଉପାଧି—'ପରହିତ'
ଯିଏ ଯାହା କହିବାର କହୁ—ଆମର ଛନ୍ତି ସ୍ୱୀକାର ।
କିଏ କହେ All Rascals Provided,
କିଏ ବା କହେ, ଅନ୍ଧାର-ଗୃହ-ପ୍ରହସନ୍
କିଏ କହେ All Round Pighead
ଆଜ କିଏ କହେ ଅସ୍ତ୍ର-ରକ୍ଷାର୍ଥେ-ପଳାୟନ,
ଯିଏ ଯାହା କହୁ ଆମେ ରହିବୁଁ ହରଦମ୍ ଠିକ୍
ଖାର୍ ମୁହଁ ଉପରେ ମାରି ଦେବୁଁ ଏକ Kick.
ଖାସ୍ ବାପର ନୋହୁଁ ଆମେ—ଅଫଲ ଚଣ୍ଡୁ Duty,
ଆଉ ଭିତ୍ତର ଖାଉଁ ନା—ଖାଲି ଗରମ ଗରମ ପିଉଁ TEA.
ସିଗ୍ରେଟ୍—ଅଭାବେ ସ୍ୱଦେଶୀ ବିଡ଼ିର ବଂଶ କରୁଁ ଧ୍ୱଂସ
ଜାଣିଥିବ—ଏଟାବି ଆମର ଡିଉଟିର ଗୋଟାଏ ଅଂଶ,
ଭଡ଼େଇର ମୌସୁମ ଯେତେ ଦିନ ଥିବ—ଆମର କ୍ୟା ଚିନ୍ତା;
ତାଳପାର ନାଚିଥିବୁଁଟି ତାକ୍ ଧିନାଧିନ୍ ଧିନତା ।
ନମିଳିଲି ତ ନାହିଁ ଗୃଜଳ—ମିଳୁଥିବ ଯେବେ ତାସ୍
ବଜିଁ ବଥାକୁ ଚେଅର ଆମର—(ଆମେ) ନବାବଙ୍କା ନାଭ ଖାସ୍ ।
ଜାପ୍ ଜର୍ମାନ୍ ମଲେଡ ମଲେ ଆରେ ମାର୍କିନଙ୍କ କାହିଁ ?
Playing cards ଛଅର ପାଇଁ ବେଳେକା ଫୁରସତ ନାହିଁ ।
ବୋମଟ ଭଣ୍ଡ ଏତକ ଦର୍କାର—Playing card ଠାରୁ ?
ଅକଲ ତାଙ୍କର ଏତିକି ନାହିଁ ! ବୁଦ୍ଧି ଟା କପଟ ବଣ ସାରୁ ।
ପିତାଙ୍କ, ବୋମାଙ୍କ ଆଜବ ଅତଙ୍କ ନାନା
ତାହା ସାଙ୍ଗରେ ବସ୍ତ୍ରାଙ୍କ ପୁଣି ଅତଙ୍କ ଦାନା ।

Digitized by srujanika@gmail.com

କବିତା——

# ଜଗତ ସମର କ୍ଷେତ୍ର

ଲେଖକ:—ଶ୍ରୀ——

ଲାଗିଛି ସତତ ଯହିଁ ଅବିଚ୍ଛିନ୍ନ ଜୀବନ ସଂଗ୍ରାମ
ଛୁହିଁ ଫେଡ଼ ନେଇ, ନାହିଁ ଅବକାଶ ତିଳେ,
ନାହିଁଟି ବିଶ୍ରାମ ।

କିଏ ଜିଣେ କିଏ ହାରେ ନାହିଁ ତାର ଥୟ,
ଘଡ଼ି ଘଡ଼ି ଲେଉଟିଲେ ଜୟ ପରାଜୟ ।
ଅନିବାର୍ଯ୍ୟ ନିୟମରେ ନିୟତିର ଖେଳ,
କାହାର ନାହିଁଟି ହାତ, ନାହିଁ କାଳ ବେଳ ।
ଶତ୍ରୁକୁ ଡରୁଛ ? ଦେଖି ତାର ଫୁଟି ଫାର ?
ଆଜି ଯେ ଜିଣିଛି କାଲି ଯାଇପାରେ ହାରି,
ଥାଉ ଦମ୍ଭ, ଥାଉ ବଳ, ଶକ୍ତି ବହୁଳ,
ଅତର୍କିତେ ଯାଇପାରେ ହଠି ସେ ନିମେଷେ,
ଖଣ୍ଡ ଖଣ୍ଡ ହୋଇଯାଏ ସକଳ କୌଶଳ ।
ଅଦୃଶ୍ୟ କା ଶସ୍ତ୍ରାଘାତେ, ଆଜି ପୁଣି ଶେଷେ,
ଦଳିତ, ମଥିତ, ସ୍ତ୍ରସ୍ତ, ଧ୍ୱସ୍ତ, ବିପର୍ଯ୍ୟସ୍ତ,
ହୋଇ ତୁମ୍ଭ କୃପାପ୍ରାର୍ଥୀ ହେବ ଦୀନବେଶେ ।

ଭାବିଛ ନିରୋଳେ ରହି ସମର ପ୍ରାଙ୍ଗଣେ,
ସ୍ନେହରେ ଆଉଁସି ପିଠି, ମିଠା କଥା କହି
ମୁଣ୍ଡରେ ବୁଲାଇ ହାତ ସବୁ କଥା ସହି,
ଜିଣିଯିବ ସହଜରେ ଆତତାୟୀ ଜନେ ?
ବୃଥା ଆଶା, ବୃଥା ଆଶା—ନୁହେଁ ଏ ସଂସାର
ଫୁଲର ବିଛଣା, ନୁହେଁ ପ୍ରେୟସୀର କୋଳ,
ସଂଗ୍ରାମର ଭୂମି ଏହା, ହଣାକଟା ସାର,
ଚାରିଆଡ଼େ ମାର, ମାର, ମାର,
ବିକଟ ଗର୍ଜନ ସହ ଶୁଭୁଅଛି ରୋଳ ।

ଛାଡ଼ିଦେ ମୁମୂର୍ଷୁ ଭାବ, ଛାଡ଼ ଦୁର୍ବଳତା,
ଦୁର୍ବଳର ଜୀଇବାର ଅଧିକାର ନାହିଁ,
ଦୁର୍ବଳର ଜନ୍ମ, ବୀର ଭକ୍ଷ ହେବାପାଇଁ,
ଏ ଅତି ନିଗୂଢ଼ କଥା, ଜାଣିଥା ସର୍ବଥା ।
ଶତ୍ରୁସନେ ସନ୍ଧି ? ପୁଣି ବୈରୀସନେ ମେଳ ?
ଚତୁରର ଚାତୁରୀର ଖେଳ,
ହାୟ, ହାୟ, କେଡ଼େ ବିଡ଼ମ୍ବନା !
ଧର୍ମଧ୍ୱଜୀ ଚାଟୁକାର ମୁଖ ପ୍ରବଞ୍ଚନା ;
ଶେଷଫଳ, ଦାରୁଣ ଲାଞ୍ଛନା ।
ଜୀଇବାକୁ ଇଚ୍ଛା ଯେବେ, ଜୀଅ ସିଂହ ପରି,
କୁକୁର ପରାୟେ ମର ନାହିଁ ଡରି ଡରି,
ନିତି ନିତି, ପୁଣି ଘଡ଼ି ଘଡ଼ି,
ସଂଗ୍ରାମରେ ଅଗ୍ରସର ହୁଅ ଅଣ୍ଟାଭିଡ଼ି,
ମଲେ ହେବ ବୀରମୃତ୍ୟୁ, ହେବ ସ୍ୱର୍ଗବାସ ।
ହାୟ ହାୟ କରିବାକୁ ନ ଥିବଟି ଶ୍ୱାସ,
ଅନୁତାପେ କାନ୍ଦିବାକୁ କ୍ଷଣେ ଅବକାଶ ।
ସେହି ମରଣହିଁ ତୋର ବିଜୟ ପତାକା,
ସେହି ତୋ ଅକ୍ଷୟ ଯଶ, ସେହି ଜୟ ଟୀକା ।
ରହିଛି ଅନ୍ତରେ ଭରି, ଦଅନାହିଁ ଚାପି,
ବୀର ଧର୍ମ ନୁହେଁ କର୍ମ କରି ମାପି ମାପି,
କ୍ଳୀବ, କାପୁରୁଷ, ଭୀରୁ ଚାଲେ ଗଣି ଗଣି,
ଠିକି ନିଖି ଲାଭ କ୍ଷତି ଇଷ୍ଟ ବୋଲି ମଣି ;
ନ ହୁଅ ହତାଶ ତିଳେ ଅନନ୍ତ ପିପାସା—
ଥରେ ହାରିଅଛ ବୋଲି ଛାଡ଼ନାହିଁ ଆଶା,
ଖେଳାଳିର ଧର୍ମ ଏହା—ଜିଣ ପୁଣି ପାଶା ।

Digitized by srujanika@gmail.com

# ବହି ପତ୍ର

**ସହକାର—୨୩ ଭାଗ—ଦ୍ୱାଦଶ ସଂଖ୍ୟା—**

"ପୁରାତନ ଓ ନୂତନ ଉତ୍କଳ ସାହିତ୍ୟ" ପ୍ରବନ୍ଧରେ ପ୍ରବୀଣ ଲେଖକ ଶଶୀବାବୁ ସାହିତ୍ୟରେ ଅଧୁନିକତାରେ ଉଦାମତାକୁ ଅନ୍ଧା କରିଛନ୍ତି । ସାହିତ୍ୟ ସେବୀମାନଙ୍କର ଏ ପ୍ରବନ୍ଧ ପଢ଼ିବା ଉଚିତ ।

ଶ୍ରୀ ଗୋପୀନାଥ ମହାନ୍ତିଙ୍କ "ଝଂଝାବତୀ" କାମୂଦନ୍ତ ପଢ଼ିବାକୁ ଭଲ ଲାଗିଲା ।

"ମୂକଛ ତେଉ" ପଦ୍ୟ—ଶ୍ରୀ ହାଡ଼ିବନ୍ଧୁ ସାହୁ । ମହାମାନବଟିର ପରିଚୟ ଦବାକୁ ଡର ମାଡ଼ିଲା କି ?

"ପ୍ରାଚୀନାର ପରିପାଠୀ"— ଶ୍ରୀ ବ୍ରଜକିଶୋର ରାୟ । ପୁରୁଣା ଓଡ଼ିଆ ସାହିତ୍ୟରେ ନାରୀର ପ୍ରସାଧନ ସମ୍ବନ୍ଧରେ କେତେଗୁଡ଼ିଏ ପଦୋଦ୍ଧାର । ଶେଷଟା ବେଖାପ ଲାଗେ ।

ଶ୍ରୀ ଲୋକନାଥ ପଣ୍ଡାଙ୍କର "ଜାତୀୟ ଶିକ୍ଷା" ଗତାନୁଗତିକ । "ଅନଂଦୃଷ୍ଟି"ରେ ପୃଷ୍ଠା ବାହାର କରିବାର ତାତ୍ପର୍ଯ୍ୟ କଣ ବା ଲାଭ କଉଁଆଡ଼ୁ ବୁଝି ହେଲାନାହିଁ ।

---

**ଶ୍ରୀମଦ୍ଭାଗବତ୍—**

ସଂକଳକ ରାୟବାହାଦୁର ଚିନ୍ତାମଣି ଆଚାର୍ଯ୍ୟ । ପ୍ରଥମସ୍କନ୍ଧ ମୂଲ୍ୟ ଟ୨୮ ଓ ଦ୍ୱିତୀୟସ୍କନ୍ଧ ମୂଲ୍ୟ ଟ୧୪ । କଟକ ଅରୁଣୋଦୟ ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ।

ଶ୍ରୀମଦ୍ଭାଗବତ ବିରାଟ ଗ୍ରନ୍ଥ । ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଉତ୍କଳର ଘରେ ଘରେ ଆଦୃତ । ଭାଗବତକୁ ବାଦ ଲୋକପ୍ରିୟ ଭକ୍ତିଶାସ୍ତ୍ର ଆଉ ନାହିଁ କହିଲେ ଚଳେ । ଏରୂପ ଉପାଦେୟ ଗ୍ରନ୍ଥକୁ ପ୍ରକାଶ କରି ଆଚାର୍ଯ୍ୟ ମହାଶୟ ଓଡ଼ିଆ ଜାତି ଓ ଓଡ଼ିଆ ସାହିତ୍ୟର ଅଶେଷ କଲ୍ୟାଣ ସାଧନ କରିଅଛନ୍ତି ।

ଆଚାର୍ଯ୍ୟଙ୍କ ଭାଗବତର ବିଶିଷ୍ଟତା ହେଉଛି ଯେ ଏଥିରେ ମୂଳ ସଂସ୍କୃତ ଓ ତାର ଗଦ୍ୟାନୁବାଦ ସାଙ୍ଗେ ସାଙ୍ଗେ ପଦକୁ ପଦ ମିଳାଇ ଜଗନ୍ନାଥ ଦାସ ଭାଗବତ ଦିଆ ଯାଇଛି । ଚିନ୍ତାମଣିବାବୁ ଜଣେ ଯେପରି ଖ୍ୟାତନାମା ଉକିଲ, ସେହିପରି ଜଣେ ବିଶିଷ୍ଟ ସାହିତ୍ୟିକ ମଧ୍ୟ । ଐତିହାସିକ ତଥ୍ୟ ସଂଗ୍ରହ ଓ ଗବେଷଣାରେ ତାଙ୍କର କୃତିତ୍ୱ ସର୍ବଜନ ବିଦିତ । ବର୍ତ୍ତମାନ ପରିଣତ ବୟସରେ ତାଙ୍କର ଚିନ୍ତା ଧର୍ମାଲୋଚନା ଆଡ଼କୁ ଆକୃଷ୍ଟ ହେବା ସ୍ୱାଭାବିକ । ତାଙ୍କର ଏହି ଅଭିନବ ସଂକଳନ ତାଙ୍କର ଐହିକ ଓ ପାରତ୍ରିକ ଉଭୟବିଧ ମଙ୍ଗଳ ସାଧନ କରିବ ବୋଲି ଆମ୍ଭମାନଙ୍କର ବିଶ୍ୱାସ ।

ଗ୍ରନ୍ଥର ମୁଖବନ୍ଧ ବା ଅବତରଣିକାରେ ସେ ଶ୍ରୀମଦ୍ଭାଗବତର ରଚନାକାଳ, ଗ୍ରନ୍ଥକାର ପ୍ରଭୃତି ନାନା ଅବଶ୍ୟ ଜ୍ଞାତବ୍ୟ ବିଷୟର ଅତି ଉନ୍ନତ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରି ଆଚାର୍ଯ୍ୟ ନାମକୁ ସାର୍ଥକ କରିଅଛନ୍ତି ।

ପ୍ରଥମସ୍କନ୍ଧର ପରିଶିଷ୍ଟରେ "ନାରଦୀୟ ଭକ୍ତି ସୂତ୍ରର" ସଂଯୋଗ ଦ୍ୱାରା ଗ୍ରନ୍ଥର ଉପାଦେୟତା ବୃଦ୍ଧି ପାଇଛି । ଦ୍ୱିତୀୟ ସ୍କନ୍ଧର ପ୍ରତି ଅଧ୍ୟାୟର ଶେଷରେ ସଂକଳକ ମହାଶୟ ଯେଉଁ ବିଷଦାର୍ଥ ଦେଇଛନ୍ତି ତହିଁରେ ପାଠକର ନାନା ସନ୍ଦେହ ଦୂର ହୋଇଯିବ ଓ ଅଧ୍ୟାୟର ମର୍ମ ହୃଦୟଙ୍ଗମ ହେବ ।

ମୁଦ୍ରଣରେ ଅନେକ ମୁଦ୍ରା ପ୍ରମାଦ ରହିଯାଇଥିଲେହେଁ ଛପା ସୁନ୍ଦର ଓ ପରିଷ୍କାର । ତୃତୀୟ ସ୍କନ୍ଧରେ ଶ୍ଳୋକାବଳୀର ସଂସ୍କୃତ ଅନ୍ୱୟ—ବ୍ୟାଖ୍ୟା ଓ ତତ୍ସହ ଶ୍ରୀଧର ସ୍ୱାମୀ ଟୀକା ଦେବା ପାଇଁ ଆମ୍ଭେମାନେ ଆଚାର୍ଯ୍ୟ ଆପଣଙ୍କୁ ଅନୁରୋଧ କରୁଛୁଁ । ବର୍ତ୍ତମାନ କାଗଜର ଦୁର୍ମୂଲ୍ୟତା ଥିଲେ ମଧ୍ୟ ଏତକ ନ ଥିବାରୁ ଏଭଳି ଗ୍ରନ୍ଥ ଅପୂର୍ଣ୍ଣ ପରି ଲାଗୁଛି । କାରଣ ଅନ୍ୱୟ ବ୍ୟାଖ୍ୟା ନ ଥିବାରୁ ଶ୍ଳୋକଗୁଡ଼ିକ ବେକାମ

Digitized by srujanika@gmail.com

ହୋଇ ଯାଉଛି । ଏହାଦ୍ୱାରା ମୂଲ୍ୟ ଯଦି ବଢ଼େ ତେବେ କାହାର ଆପତ୍ତି ରହିବ ନାହିଁ ।

ଚନ୍ଦ୍ରାମଣିବାବୁ ଚିରଜୀବୀ ହୋଇ ଏହିପରି ଦେଶ ଓ ଦଶର ସେବାରେ ଲାଗନ୍ତୁ ଏତିକି ଭଗବାନଙ୍କୁ ପ୍ରାର୍ଥନା ।

ଯେ କୌଣସି ଶିକ୍ଷିତ ଓଡ଼ିଆର ଘର ବା ପୁସ୍ତକାଳୟ ଏହି ଅଭିନବ ଗ୍ରନ୍ଥର ଅଭାବରେ ଅପୂର୍ଣ୍ଣ ନ ରହୁ ଏହା ପ୍ରତ୍ୟେକ ଉତ୍କଳବାସୀଙ୍କୁ ଆମର ଏକାନ୍ତ ଅନୁରୋଧ ।

## ସୁନା-ଗୁଣ୍ଡି—ମୂ ୧୨ ପ୍ଣ

କବି ଶ୍ରୀ ଦିଗମ୍ବର ଦାସ.— ପ୍ରାପ୍ତିସ୍ଥାନ— ବାହିନୀ ଅଫିସ, ୧୦୧/୧ କ୍ଲାଇଭ ଷ୍ଟ୍ରିଟ, କଲିକତା ।

ଗଡ଼ମାଳିଆ ବୃତ୍ତରେ ରଚିତ କବିତା ପୁସ୍ତିକା । ଝିଅଙ୍କ ପାଇଁ ନୀତିପୂର୍ଣ୍ଣ ଉପଦେଶ । ଭାଷା ସରଳ ଓ ସରସ । ଏପରି ବହି ପ୍ରତି ଓଡ଼ିଆ ଘରେ ଖଣ୍ଡିଏ ଲେଖା ରହିବା ଦରକାର ।

( ଭ ଡାଣୀ 'ମ ମୁଗ୍ଧା ଉପର )

"ଠିକ୍ ବାବୁ ! ଠିକ୍ । ତମର ତ ଖୁବ ମନେ ଅଛି । ଏଇ ଦଶ ବର୍ଷ ହେଲା ମୁଁ ବେମାର ଥିଲି । ଆଉ ବୁଢ଼ା ହୋଇ ଗଲିଣି । ଚାଲି ପାରୁନାହିଁ । ଢେର ବରଷ ବାବୁ, ପେଟ ଯେ ମାନୁନାହିଁ । ଏଥିରେ—।"

ଏହା କହୁଁ କହୁଁ ତା ଆଖିରେ ଲୁହ ଭରିଗଲା ।

ମୁଁ କହିଲି—"ଚାଲ, ଆମ ସେଠିକି ଚାଲ ।"

ସେ ଚାଲିଲା । ଆମ ଘରକୁ ଆସିଲା ।

ତାକୁ ଦାଣ୍ଡରେ ବସାଇ ଦେଇ ମୁଁ ଭିତରକୁ ଗଲି । ଚାଉଳ, ଡାଲି, ପରିବା ଆଣି ତାକୁ ଦେଲି ।

ତାର ପୁରୁଣା ମଇଳା ପୋଟଳୀଟିରେ ସେ ତାକୁ ବାନ୍ଧିଲା । ମନେ କଲ୍ୟାଣ କଲା ।

ଆଉ ଚାହିଁ ଲେଉଟିବାକୁ କରି କହିଲା—"ବାବୁ, ତାମସା ଦେଖିବ ?"

ତା ପୋଟଳୀ ଅଣ୍ଡାଳିଲା ।

ମତେ ଭୟ ମାଡିଲା ।

ତାକୁ ରେକ ଦେଇ କହିଲି —"ବୁଢ଼ା ! ମୁଁ ଯେ ଏତେଣି ବଡ଼ ହୋଇ ଗଲିଣି ।"

—※—


## କୁବେର ବ୍ୟାଙ୍କ ଲିଃ

ହେଡ଼ ଅଫିସ——କଲିକତା

**ଶାଖା ଅଫିସ ମାନ:——**

ଢାକା, କାଲିମ୍ପଙ୍ଗ୍, ଶିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

୧୭ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।

ସମସ୍ତପ୍ରକାର ବ୍ୟାଙ୍କି କାର୍ଯ୍ୟ କରାଯାଏ ।
ଜାଜପୁର ଶାଖା ଶୀଘ୍ର ଖୋଲିବ ।

ଏସ୍: କେ: ଚକ୍ରବର୍ତ୍ତୀ
ମ୍ୟାନେଜିଂ ଡାଇରେକ୍ଟର


Digitized by srujanika@gmail.com

# କାନ୍‌ଆ ବଳଦ ଗଲା ଗଲା........

ସଂଗ୍ରାହକ:—ଶ୍ରୀ———

ଦୁଇବନ୍ଧୁ ବସି ଖୁସି ଗପ କରୁଥିଲେ । ଜଣେ କହିଲା—"W ଯେତେବେ ରାନ୍ଧି ଜାଣିଥିବ, ଆଉ ରାନ୍ଧିବ ନାହିଁ—ଏହାଠାରୁ ବଳି ଦୁଃଖ ଆଉ କଣ ଅଛି !"

ଅନ୍ୟଜଣଙ୍କ କହିଲା—ଧେତ୍ ! W ଯେତେବେ ରାନ୍ଧି ଜାଣି ନଥିବ, ଆଉ ରାନ୍ଧି ବସିବ, ସେଇଟା ସବୁଠୁ ବଳି ଦୁଃଖ ।

\+ × + ×

ରାମ—ଆମ ଦେଶରେ ଯଦି ଆଉ ଦୁଇଗୁଣ ଜଣ ଅଧିକା ପିଲା ହୁଅନ୍ତେ, ଖରଚ କମି ଯାଆନ୍ତା ଜଣ ପିଛା ଟଙ୍କାଏ କରି ।

ହରି—କେତେ ଜଣ ଅଧିକା ହେଲେ ତେବେ ମୂଳରୁ ଖରଚ ଲୋଡ଼ନ୍ତା ନାହିଁ ?

\+ × × +

ସ୍ୱାମୀ—ମୋ ଲୁଗା ପଟା ଗୁଡ଼ାକ ଧୋବା ଘରେ ଦେଲ ଯେ, ସେଥିରେ ମୋ ନାଆଁ ଲେଖି ଦେଇଛ ନା ? ନୋହିଲେ ଧୋବା ଗୋଳମାଳ କରିବ ।

ନବପରିଣୀତା ସ୍ତ୍ରୀ—ମୁଁ କଣ ଜାଣିନାହିଁ ସେ କଥା ଭାବିଛ । ମୁଁ ପହିଲୁ ଖଣ୍ଡକରେ ତମ ନାଆଁ ଲେଖି ଦେଇ ବାକି ଗୁଡ଼ାକରେ ଏକନ୍ ( ,, )ମାରି ଦେଇଛି ।

× × ×

କାଠଗଡ଼ାରେ ଛିଡ଼ା ହୋଇଥିବା ଅସାମୀକୁ ଚାହିଁ ହାକିମ ପଚାରିଲେ—"ତୁମ୍ଭେ ଦୋଷୀ କି ନିର୍ଦ୍ଦୋଷୀ ?"

ଅସାମୀ ହାତଯୋଡ଼ି ଉତ୍ତର କଲା, "ହଜୁର ସେ କଥା । ଯଦି ମୁଁ କହି ପାରନ୍ତି ତେବେ ହଜାରେ ଟଙ୍କା ମହିନା ଖାଇ କୁରୁସିରେ ବସି ଥାଆନ୍ତି ।"

\+ + × ×

ଜଣେ ଆଧୁନିକା କଲେଜ ଛାତ୍ରୀଙ୍କ ଦେହ ଦୁଃଖ ନ ଲାଗିବାରୁ ଡାକ୍ତର ପରୀକ୍ଷା କରାଇଲେ । ଡାକ୍ତର ପରୀକ୍ଷା କରିସାରି କହିଲେ—"ତୁମର ଆଉ କିଛି ନାହିଁ କେବଳ ଲିଭର ବିଗିଡ଼ିଛି ।"

ରଙ୍ଗିଣୀ ଲଜ୍ଜିତା ହୋଇ କହିଲେ—"ଲିଭର ! ନାଇଁ ଡାକ୍ତର ମୋ ଲିଭର ଖୁବ୍ ଭଲ ମଣିଷ । ବିଚରା ବିଗିଡ଼ିବା କିଛି ହୋଇ ନାଇଁ ।

× × × +

ବାପ—( ସାନ ପୁଅକୁ ) କେବେ ତୁ ମନ ଦେଇ ପାଠ ପଢ଼ୁନୁ—ହାକିମ ହବୁ କେମିତି ?

ପୁଅ—ତାହିଁକି କୌଣସି ହାକିମଙ୍କ ଝିଅକୁ ବାହା ହୋଇ ?

ବାପ—ଏକଥା ତତେ କିଏ କହିଲା ?

ପୁଅ—ମାୟାଧର ବାବୁଙ୍କ ପୁଅ ତ ଭଲ ପାଠ ପଢ଼ୁନାହିଁ—ମାୟାଧର ବାବୁ ଆପଣଙ୍କ ପାଖରେ ସେଦିନ କହୁଥିଲେ ସେ ତାଙ୍କ ପୁଅକୁ ହାକିମ ଝିଅକୁ ବାହା କରାଉଛନ୍ତି, ସେହି ଆଶାରେ ।

\+ × × +

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ *

( ମଡାର୍ଣ୍ଣ ଚମ୍ପୂ )

**କାନ୍ତ-କବି ବିରଚିତ**

( ବ )

ବିତର୍ସି ଟବେଶ ମଣ୍ଡୁଳାରେ ବାଳା
ବିବିଧ ରୁଷ୍ଟୁଗି ଶୀଳା ।
ବିଭାବସ୍ତ ଅର୍ଦ୍ଧେ ଏକାକୀ ବିଭଚୁ
(ବୀଚ) ବଜାର ବିହାର ଲୀଳା ॥
ବିହଙ୍ଗଅ ଟୋଳା ରେ,
ଭୁଲ କୁଞ୍ଜୀ ଭଳି ହୋଇ ଖେଳା ରେ । ୧ ।

ବାଇସାଇକଲେ ବସି ରେ ବାଳା
ଭୁଲିବା ବାହାନା କରି,
ବାଙ୍କ ବାଙ୍କ ଅଳି ଗଳି ଦେଖିଲ୍
ବିଜୁଳି ବଉଁଟି ଧରି ରେ,
ବିଜନେ ବିଚରି ରେ,
ବାଟବଣା ହୋଇଲ୍ କି ଡରି ରେ । ୨ ।

ବିଟ ବ୍ୟାଡ (bad) ବଏ(boy) ପାଲେ ରେ ବାଳା,
ବେସୁରା ଗୀତ କି ଗାଇ,
ବଗୁଲିଅ ହୋଇ ଛୁଡ଼ ପାଉଅଛି
ବଡ଼ିଜ (bodice), ବସନ ଧଡ଼ି ରେ,
ଲୁଚି ଯାଇ ଝୁଡ଼ ରେ,
କାହେ ଚଳ ଯା ବିଗିହ୍ନ ରେ । ୩ ।

ବାଧିଛୁ କି ବେଣି କରି ରେ ବାଳା
ବଥା ହୋଇଛି କି ଧ୍ରତ,
ଭୁଜ ପଡ଼ୁଛି ତ ବେନି ଅଖିଯାକ
ବିତ ଜଳାଶରେ ମାତ ରେ;
ବୋଲଇ ଟେଜ ପତ୍ରୀ ରେ,
ଭୁଞ୍ଜା ପଢ଼ିଲେ ବଳେ ଗଡ ରେ । ୪ ।

ଦେହୁଅର ବଥ ହେଲେ ରେ ବାଳା
ବୋଲେ ସେ ନୋଇଲି ଘଇ,
ବଡ଼ଲୋକ ଯେବେ ବରୀ ଶ୍ରେବାଇବ
ବାଡ଼ ବଢା କିଛି ନାହିଁ ରେ;
ବାଦ୍ୟ ବଜାଇ ରେ,
ବାନା ଉଡ଼ାଇ ଦେବେ ଉଡ଼ାଇ ରେ । ୫ ।

ରେ ଲଳିତପୁଷ୍ପକୋମଳାଙ୍ଗି, ତୁ ତ ଗତ ଦଶ ମିଂ କାଉଚରେ ଶୋଇବାକୁ କଷ୍ଟ ଅନୁଭବ କରୁ— ଅଛ ଏ ମାଟି ଉପରେ ଗଡା, ପଡ଼ା, ଚଡା, ଝିଙ୍କା କେମନ୍ତେ ସହିଲୁ ? ଓ ବଡ଼ ବାଧୁଥିବ ତ !

ଉଣରଙ୍ଗରେ ପରିଶ୍ରାନ୍ତା ନବୀନା ଯୁବତୀ ହୋଇ ପାର୍ବତ୍ୟ ଶୀତଳ ସମୀର ସେବନ କରିବା କାମନାରେ ନଗ୍ନ ଚୂଳକୁ ଭୂଷଣେ ଓ ସାବୁନ, ସୁବାସିତ ତୈଳ, ଭ୍ରମଣ ଃଏଲେଃ ସାମଗ୍ରୀ ଧରିଥିବା ସଖୀଗଣ ସହ ପ୍ରାକୃତିକ ସ୍ନାନଜଳରେ ପ୍ରବେଶ କଲେ ।

ଏହି ସମୟରେ ଚଃଚଚନ୍ଦ୍ରଙ୍କର ସଖା ମାସ୍ତର ମଙ୍ଗୁ ଉପସ୍ଥିତ ହୋଇ ହସି ହସି କହିଲେ—

('ଣ' ଅଡ ଗୀତ ପରସଂଖ୍ୟାରେ ବାହାରିବ)

* Reproduction in part or full is strictly prohibited.

Digitized by srujanika@gmail.com

# ହୁରୈକି ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ନ୍ୟୂନ ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ—**

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଜଗତର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

## ପଲ୍ଲୀବାଳା

ସନ୍ଧ୍ୟା ନୋହୁଣୁ ପଲ୍ଲୀ ବାଳାଟି ଧୀରେ,
ଲଜ୍ଜାରେ ଟାଣି ଅବଗୁଣ୍ଠନ ତା' ଶିରେ।
ଗୋଧୂଳି ଲଗନେ ରୁଣୁ ଝୁଣୁ ନାଦ କରି,
ଚାଲିଗଲା ଭରା କଳସୀଟି କାଖେ ଧରି।
ଯୌବନ ପଥେ କରୁଛି ସେ ନୂଆ ଗତି,
ନାହିଁ ଆଉ ତା'ର ବାଲ୍ୟ କାଳର ମତି।
ଫୁଟି ଉଠୁଛି ତା' ଅଙ୍ଗୁ ଲାବଣ୍ୟ କଳି,
ଫୁଲରାଣୀ ଠାରୁ ଶତ ଶତ ଗୁଣ ବଳି।
କୁନ୍ତଳେ ରାଜେ ତା' ବନ୍ୟ କୁସୁମ ମାଳା,
ସୁନୀଳ ଆକାଶେ ଯେସନେ ସନ୍ଧ୍ୟା ତାରା।
ଆମ୍ର କାନନୁ ଗୁଣୁ ଗୁଣୁ ତାନେ ଅଳି,
ମଧୁ ଆଶେ ଆସେ ମଉଆଲି ସମ ଚଳି।
କନକ କିରଣ ଢାଳି ରଙ୍ଗ ଦିବାକର,
ଚୁମ୍ବନ ଦେଇ ଧରନ୍ତି ଧରଣୀ କର—।
"କାଲି ଦେଖା" କହି ସୁନୀଳ ଆକାଶ ତଳେ,
ଡୁବି ଯାଉଥାନ୍ତି ଅନନ୍ତ ସାଗର ଜଳେ।
ଦୂର ବିଲପଠୁ ସବୁଜ ଘାସର ବାଇ,
ସନ୍ଧ୍ୟାର ଯେବେ ଆରାମ ସ୍ନିଗ୍ଧ ଛାଇ।
ଧୀର ସମୀରେ ଧାନ୍ୟ ଶିଛ ଯାଏଁ ନାଚି,
ଶିଶିର ରାଣୀର ଟପ୍ ଟପ୍ ବଂଶୀ ବାଜି।
ସନ୍ଧ୍ୟା କୋଳରେ ଜହ୍ନି ଫୁଲ ଆଖି ଠାରି,
ଶସ୍ୟ ଶ୍ୟାମଳା ଧରା ହୁଏ ଅମ୍ବହରା।
କେଉଁ ଦୂର ଦେଶୁଁ କଳା ପରଦାଟି ଟାଣି,
ତାହା ଉପରେ ଆସିଲା ସନ୍ଧ୍ୟାରାଣୀ।
ଗୋଧୂଳି ଲଗନେ ଲୁଚିଗଲା "ପଲ୍ଲୀବାଳା"
ବିସ୍ମିତ ନୟନେ ଚାହିଁଲା ସନ୍ଧ୍ୟା ତାରା।

ଶ୍ରୀ ବୀଣାକାନ୍ତ ଦାଶ।
(୩୬୮ ପୁରାତନ ସଭ୍ୟ)

## ପ୍ରଶ୍ନୋତ୍ତର

୧୪ଶ ସଂଖ୍ୟା 'ଜଗତ'ର ୧୫ଟି ପ୍ରଶ୍ନ ମଧ୍ୟରୁ ୯ଟି ଉତ୍ତର କୁମାରୀ ଅନ୍ନପୂର୍ଣ୍ଣା ଦାସ (୪୭୭ ନଂ ନାଗ)ଙ୍କ ଦ୍ୱାରା ପ୍ରଦତ୍ତ ହେଲା।

୨। ରାମନାଥ ବିଶ୍ୱାସ ସାଇକେଲ ସାହାଯ୍ୟରେ ପୃଥିବୀ ପର୍ଯ୍ୟଟନ କରିଥିଲେ।

୪। ଭାରତ ବାହାରେ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ଧର୍ମ ପ୍ରଚାର କରିଥିଲେ।

୫। ରାଇଟ୍ ବ୍ରଦର୍ସ ଉଡ଼ାଜାହାଜ ଆବିଷ୍କାର କରିଥିଲେ।

୬। ବନ୍ଧୁକର ପୂର୍ବ ଇତିହାସ କେବେ ହେଲା କହି ହେବନାହିଁ। ବର୍ତ୍ତମାନ ଯେ ବନ୍ଧୁକର ଉନ୍ନତି ହୋଇଛି ତାହା ସ୍କଟଲଣ୍ଡର ପଞ୍ଚଦଶ ଶତାବ୍ଦୀରେ ବନ୍ଧୁକର ଅଧପୁରୁଣା କୁଆ ବନ୍ଧୁକ ହୋଇଥିବାର ପ୍ରମାଣ ଅଛି। ବର୍ତ୍ତମାନ ବନ୍ଧୁକରେ ଯେଉଁ ଉନ୍ନତି ହୋଇଅଛି ତାହା ଧର୍ମପାଳକ ମାନେ ସ୍କଟଲଣ୍ଡର ପାଦ୍ରୀ ଫରସାଇଥ୍ ୧୮୦୭ ସାଲରେ ଏହି ବନ୍ଧୁକ ତିଆରି କରି

Digitized by srujanika@gmail.com

ପେଟେଣ୍ଟ କରିଥିଲେ । ଏହାର କଳକବଜା ଅନେକଟା ଆଜକାଲିକା ବନ୍ଧୁକ ରକମ ଥିଲା । ତେବେ ସେଥିରେ ଚକ୍‌ମକ୍ ପଥର ସାହାଯ୍ୟରେ ବାରୁଦରେ ନିଆଁ ଲଗା ଯାଉଥିଲା । ରିଭଲଭର ବା ଛଅ ନଳିଆ ବନ୍ଧୁକ ସାମୁଏଲ କୋଲ୍‌ଟ ଆବିଷ୍କାର କରିଥିଲେ ।

୭ । ବିଖ୍ୟାତ ବୈଜ୍ଞାନିକ ଟମାସ୍ ଆଲ୍‌ଭା ଏଡ଼ିସନ ୧୮୭୭ ସାଲରେ ମନୁଷ୍ୟର କଥାର ଶବ୍ଦ ଧରିଥିଲେ । ତାହାଙ୍କ ଆବିଷ୍କୃତ ଫନୋଗ୍ରାଫ ଯନ୍ତ୍ର ସାହାଯ୍ୟରେ । ତତ୍‌ପୂର୍ବ ୧୮୫୫ ସାଲରେ ଲିୟନ୍ ସକଟ୍ ନାମକ ଜଣେ ବୈଜ୍ଞାନିକ ଶବ୍ଦ ଧରି ରେକର୍ଡ଼ କରିବାର ଚେଷ୍ଟା କରନ୍ତି । କିନ୍ତୁ ତାଙ୍କର ଚେଷ୍ଟା ବିଫଳ ହେଲା । ତତ୍‌ପରେ ଆଲଫ୍ରେଡ଼ ଗ୍ରାହାମବେଲ ଓ ଓମିଲ ବାର୍ଲିନାର କଥାକହିବା ଯନ୍ତ୍ରକୁ ଉନ୍ନତ କରିବାର ଚେଷ୍ଟା କରନ୍ତି । ବାର୍ଲିନାର ଗ୍ରାମୋଫୋନ ଅପେକ୍ଷା ନୂଆ ଧରଣର କଥାକହିବା କଳ ତିଆରି କରିଥିଲେ । ତାହାକୁ ଗ୍ରାମୋଫୋନ କହନ୍ତି । ଏହି ଗ୍ରାମୋଫୋନ ଓ ରେକର୍ଡ଼ ସର୍ବପ୍ରଥମେ ଆମେରିକାରେ ତିଆରି ହୁଏ ୧୮୯୭ ସାଲରେ ।

୮ । ବର୍ତ୍ତମାନ ପୃଥିବୀରେ ସାତୋଟି ଆଶ୍ଚର୍ଯ୍ୟ ଜିନିଷ ମଧ୍ୟରୁ—

୧ । ଏମ୍ପାୟାର ଷ୍ଟେଟ୍ ବିଲ୍‌ଡିଂ ।
୨ । ପାନାମା ଖାଲ ।
୩ । ଗୋଲ୍‌ଡେନ୍ ଗେଟ୍ ବ୍ରୀଜ୍ ବା ସେତୁ ।
୪ । ଟେମସ୍ ନଦୀର ତଳେ ଲଣ୍ଡନର ସୁଡ଼ଙ୍ଗ ପଥ ।
୫ । ଅସୁନ ବନ୍ଧ । (ମିଶର)
୬ । ଓ୍ୟାସିଂଟନର ସ୍ମୃତି ମନ୍ଦିର ।
୭ । ସିନ୍ଧୁ ପ୍ରଦେଶର ଲଏଡ଼ ବନ୍ଧ ।

୯ । ଲଣ୍ଡନ ପୃଥିବୀରେ ବଡ଼ ସହର । ଏଠାରେ ଲୋକସଂଖ୍ୟା ୮୬,୫୦୦୦୦ ।

୧୦ । ଫ୍ରାନସୋୟାଦେଲୋନ ୧୮୧୬ ସାଲରେ ଦିଆସିଲିଇ ଆବିଷ୍କାର କରିଥିଲେ । କିନ୍ତୁ ସାଧାରଣ ବ୍ୟବହାର ଉପଯୋଗୀ ଦିଆସିଲିଇ ଡାକ୍ତର ଚାର୍ଲସ୍ ସୌରିୟା ୧୮୩୧ ସାଲରେ ଆବିଷ୍କାର କରିଥିଲେ । ଶୁଣାଯାଏ ଏ ସମସ୍ତଙ୍କ ଆଗରୁ ହେକିଂଉଇଟ୍‌ଗଡ଼ଫ୍ରି ନାମକ ଜଣେ ବୈଜ୍ଞାନିକ ୧୬୮୦ ସାଲରେ ଦିଆସିଲିଇ କରିବାକୁ ଚେଷ୍ଟା କରନ୍ତି । ମାତ୍ର ତାହାର ଉପଯୁକ୍ତ ପ୍ରମାଣ ମିଳେନାହିଁ ।

୧୨ । ପୃଥିବୀ ମଧ୍ୟରେ ସବୁଠାରୁ ବଡ଼ ଘଣ୍ଟା ମସ୍କୋ ଏଜାର ଘଣ୍ଟାଟି ଏହା ୧୭୩୩ ଖ୍ରୀଷ୍ଟାବ୍ଦରେ ତିଆରି ହୁଏ । ଏହାର ଓଜନ ୪ ଲକ୍ଷ ୪୦ ହଜାର ପାଉଣ୍ଡ ବା ୧୯୭ ଟନରୁ ବେଶି । ଏହାର ଲମ୍ବ ୧୯୩ ଫୁଟ ଓ ବ୍ୟାସ ୨୨ ଫୁଟ ୮ ଇଞ୍ଚ ଅଟେ ।

## ପୁରସ୍କାର ଘୋଷଣା

ଶ୍ରୀ ରମେଶଚନ୍ଦ୍ର ମହାନ୍ତି ନାଗବଗ୍ଗମାନଙ୍କୁ କେତୋଟି ପୁରସ୍କାର ଦେବେ ବୋଲି ଜଣାଇଛନ୍ତି ।

## ବଡ଼ ହେଲେ ମୁଁ କଅଣ ହେବି ?

ଏହି ବିଷୟରେ ଉତ୍କୃଷ୍ଟ ଲେଖକ ଲେଖିକାଙ୍କୁ ନିମ୍ନଲିଖିତ ମତେ ପୁରସ୍କାର ଦିଆଯିବ ।

| | |
|---|---|
| ନାଗଙ୍କ ପାଇଁ ପ୍ରଥମ ପୁରସ୍କାର— | ଟ ୩ ୯ |
| ,, ୨ୟ ପୁରସ୍କାର— | ଟ ୨ ୯ |
| ନାଗୁଣୀଙ୍କ ପାଇଁ ୧ମ ପୁରସ୍କାର— | ଟ ୩ ୯ |
| ,, ୨ୟ ପୁରସ୍କାର— | ଟ ୨ ୯ |

ମୋଟରେ ଦଶଟଙ୍କାର ଭଲ ବହି ପୁରସ୍କାର ଦିଆଯିବ । ୧୯୪୪ ମାର୍ଚ୍ଚ ମାସ ୧୫ ତାରିଖ ପୂର୍ବରୁ ଲେଖାଗୁଡ଼ିକ ଉଗର ସମ୍ପାଦକଙ୍କଠାରେ ପହଞ୍ଚିବା ଦରକାର ।

ଶ୍ରୀ ରବୀନ୍ଦ୍ର ଦାସ ବାରିପଦାରୁ ଲେଖିଅଛନ୍ତି କି ଶ୍ରେଷ୍ଠ ମଜାକବିତା ଲେଖାଳିଙ୍କୁ ସେ ଗୋଟିଏ **ରୌପ୍ୟ ପଦକ** ଦେବେ ।

Digitized by srujanika@gmail.com

*REG. No. P. 441.*

THE DAGARO—16-2-1944.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

ସଞ୍ଚୟୀ ସର୍ବତୋଃ ଜୟୀ। ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା ! ନିଜ ଶକ୍ତି ଅନୁସାରେ ସଞ୍ଚୟ କରିବା କେଡ଼େ ନିତାନ୍ତ ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ଯୋଗୁଁ ଅଭାବଗ୍ରସ୍ତ ଲୋକମାନେ କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାରିଲେ ଜଣାଯିବ। ଜୀବନର ଦାୟିତ୍ୱ ନେବା ଛଡ଼ା ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ।

ସାମୟିକ କଷ୍ଟ କଷ୍ଟ, କିସ୍ତି ଟଙ୍କା ଦାଖଲ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ।

### ସୁଦୃଢ଼ତାର ପରିଚୟ —

୧୯୪୧ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ।
ମୋଟ ବୀମାର ପରିମାଣ ୧୯ କୋଟି ୩୭ ଲକ୍ଷରୁ ଊର୍ଦ୍ଧ୍ୱ।
ମୋଟ ବାର୍ଷିକ ଆୟ ଏକ କୋଟି ୧୦ ଲକ୍ଷ।
ବୀମା ପାଣ୍ଠି ୫ କୋଟି ୨୧ ଲକ୍ଷ।
ମୋଟ ସମ୍ପତ୍ତିର ପରିମାଣ ୪ କୋଟି ୩୭ ଲକ୍ଷରୁ ଊର୍ଦ୍ଧ୍ୱ।
ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ।

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଂସ୍
କଲିକତା।

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗାନାଇଜର
କଟକ।


Printed & published by G. C. Mahapatra at the Gopinath Press, Bhadrak. 1943.

ପ୍ରତିଖଣ୍ଡ ଦୁଇଅଣା    ବାର୍ଷିକ ତିନିଟଙ୍କା ଆଠଅଣା


Digitized by srujanika@gmail.com

୭ମ ବର୍ଷ
୧୯ ଶ ସଂଖ୍ୟା

# Dagaro

Utkal's most popular Fortnightly
OF
LIGHT, LEAD & LAUGHTER.

ଫାଲ୍‌ଗୁନ
ପ୍ରଥମାର୍ଦ୍ଧ



## ବ୍ୟାଙ୍କ୍ ଅଫ୍ କଲିକତା ଲି: ବାଲେଶ୍ୱର

ଏହା ଏକପ୍ରତିଷ୍ଠାଶାଳୀ ଓ ନିର୍ଭରଯୋଗ୍ୟ ବ୍ୟାଙ୍କ୍ । ଏଥିରେ ଟଙ୍କା ରଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି କରନ୍ତୁ ; ଏତ ଡେଢ଼ବର୍ଷ ଭିତରେ ବାଲେଶ୍ୱର ଶାଖା ଅନୁଷ୍ଠାନ ବେଶ ଗଢ଼ି ଉଠିଛି । ଅତିଶୀଘ୍ର ଭଦ୍ରକରେ ଏହାର ଶାଖା ଖୋଲିବ । ବିସ୍ତୃତ ବିବରଣୀ ମାଗି ଲେଖନ୍ତୁ ।

ହେଡ଼ ଅଫିସ:—୩, ମେଙ୍ଗୋ ଲେନ୍
କଲିକତା ।

ଶ୍ରୀ ପ୍ରିୟନାଥ ନନ୍ଦୀ ବି, ଏଲ
ଅନାରାରୀ ସେକ୍ରେଟେରୀ :
ବାଲେଶ୍ୱର ବ୍ରାଞ୍ଚ ଅଫିସ ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରବୀଣ ରସାୟନକ ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚର୍ମ, ହାତଗୋଡ଼ ଜ୍ୱାଳା ଶରୀରର ଅବସାଦ, ମୂତ୍ରାଧିକ୍ୟ ଦୁର୍ବଳତା ଆଳସ୍ୟ, ଅବସନ୍ନତା, ନାଡ଼ିକା ଓ କଣ୍ଠର ଶୁଷ୍କତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଟ ୮୦ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ଟ ୨୦ଙ୍କା ମାତ୍ର ଟ ୨ ଟଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦାଚାର୍ଯ୍ୟ

ଆଲମଚାନ୍ଦ ବଜାର, କଟକ

---

## 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶିତ ହୁଏ ।

୨ । ୭ମ ବର୍ଷଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩ ୪ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଖଣ୍ଡିଏ ଡଗର ଦୁଇଅଣା ଦେଇ ପାଇ ପାରିବେ ।

୪ । ଡଗର ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ," 'ଡଗର' ପୋଃ ଭଦ୍ରକ ( B. N. R. ) ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକ ଟିକଟ ନଥିଲେ କବିତା, ପ୍ରବନ୍ଧ, ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---

ସମ୍ପାଦକ
**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସମ୍ପାଦକ
**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

# ଡଗର

## ହୁକା ହୁକା ହୁଆ
( ବିଲୁଆ ବିଗୁଲ )

୭ମ ବର୍ଷ
୧୯ଶ ସଂଖ୍ୟା
ଫାଲ୍‌ଗୁନ ପ୍ରଥମାର୍ଦ୍ଧ
ତା ୧-୩-୪୪ ରିଖ

—ପାକ୍ଷିକ—
ବାର୍ଷିକ—୧॥୦
ମୁଦ୍ରଣସଂଖ୍ୟା—୬୦୭
ରାଜସଂସ୍କରଣ—୪୫୯


ଭୁଙ୍ଗ ନବାବ ବର୍ଷଂଠ ଦେବେ ତାଙ୍କ ପ୍ରଜା-ମାନଙ୍କ ନମିତା କରି ଏଇ ଏଇ ନିୟମ ଜାରି କରିଥିବେ ଯେ ଲୁଣିଆମାନେ ଜୁତା ଓ ପଗଡ଼ି ଖୋଲି କରି ଆସିବେ । ଆମ ଭକ୍ତିଲାଟ ସେହିପରି ସରକାରଙ୍କ ସଙ୍ଗେ ସହଯୋଗ କରିବା ପାଇଁ କଂଗ୍ରେସକୁ ଆମନ୍ତ୍ରଣ କରି କହି ଦେଇଛନ୍ତି ଯେ ସେମାନେ ତାଙ୍କ "ଅଗଷ୍ଟ ପ୍ରସ୍ତାବ" ଓ "ଭାରତ ଛାଡ଼" ବୋଲି ଛାଡ଼ି ଦେଇ ଆସିବେ । ଏହା ଉପରେ ପୁଣି ଭୁଲ ସ୍ୱୀକାର କରି ଦୁଃଖ ପ୍ରକାଶ କରିବେ । ଜୁତା ବା ପଗଡ଼ି ଛାଡ଼ିଲେ ବାହାର ମୁଣ୍ଡ ବା ପାଦ ଯୋଉ ଯିବ ନାହିଁ ତ ! ତେବେ ଆଉ ଆପତ୍ତି ରହିଲା କଣ ? ଏ ଭଳି ଆଦର ଆମନ୍ତ୍ରଣ ପ୍ରତ୍ୟାଖ୍ୟାନ କରିବା ଅରସି-କତା ହେବ ନି ! ସାମରିକ ମନ୍ତ୍ରୀ ସଂପନ୍ନ ବ୍ୟକ୍ତିଙ୍କର ସଦାବେଳେ ଖୋଲି କଥା ।

\+ × × ×

ମହାତ୍ମାଜୀଙ୍କ ସହଧର୍ମିଣୀ ଶ୍ରୀମତୀ କସ୍ତୁରବା ଦେବୀ ଅହିଅ ଶଙ୍ଖା ସିନ୍ଦୁର ନେଇ ଚାଲିଗଲେ । ବୃଦ୍ଧ କାଳେ ମାଇପ ମରିବା ଠାରୁ ବଳି କଷ୍ଟ ନାହିଁ । ଗାନ୍ଧିଜୀଙ୍କୁ ଏ ଶୋକ ଯେ କେତେ ବାଧୁଥିବ ତାହା ସେହି ଏକା ଜାଣନ୍ତି । କସ୍ତୁରବା ସ୍ୱାମୀଙ୍କର କେବଳ ସ୍ତ୍ରୀ ନଥିଲେ, ତାଙ୍କ ସହଚରୀ ମଧ୍ୟ ଥିଲେ । ନାରୀର ପାତିବ୍ରତ୍ୟ ଧର୍ମ ପାଳନରେ ତାଙ୍କ ଭଳି କେହି ନ ଥିଲେ । ଏପରି ମହାତ୍ମାମାନଙ୍କୁ ସ୍ୱାମୀ ରୂପରେ ପାଇ ସେ ମହା ଭାଗ୍ୟବତୀ । ଗାନ୍ଧିଜୀ ଜଣେ ମହାତ୍ମା, ଋଷି, ଯୋଗୀ । ହୁଏତ ଏ ସ୍ତ୍ରୀ ବିୟୋଗ ସେ ସହିଯିବେ, କିନ୍ତୁ ବାହାରେ ଥାଇ ନାନା କର୍ମ ଭିତରେ ସେ ଯେତେ ସହଜରେ ସହି ପାରି ଥାଆନ୍ତେ ଜେଲଖାନା ଭିତରେ ତାହା ପାରିବେ କି ? ଭଗବାନ ଏକା ସହାୟ ।

ଧଳା ଚମଡ଼ା ଯୁଦ୍ଧ ଯୁଦ୍ଧବନ୍ଦୀଗଣ ଜାପାନଙ୍କ ହାତରେ ପଡ଼ିଛନ୍ତି, ତାଙ୍କ ଉପରେ ଜାପାନୀମାନେ ଅମାନୁଷିକ, ନୃଶଂସ ଓ ଅପମାନଜନକ ଅତ୍ୟାଚାର କରୁଛନ୍ତି ବୋଲି ଖବର । ମଣିଷ ହୋଇ ମଣିଷ ଉପରେ ଏଭଳି ଅତ୍ୟାଚାର କରିବା— ଶତ୍ରୁ ହେଲେ ମଧ୍ୟ— ଘୋରତର ଅନ୍ୟାୟ ଓ ବର୍ବରତାର ପରିଚାୟକ । ପୁଣି ଜାପାନମାନେ ପରା ଅହିଂସାବାଦୀ ବୌଦ୍ଧ ଧର୍ମକୁ ମାନନ୍ତି ? ବୁଦ୍ଧଦେବ କଣ ଏ ଶିକ୍ଷା ଦେଇଥିଲେ ? ଏ ପରି ଯେ କରୁଛନ୍ତି ଯମ ପୁରରେ ତାଙ୍କୁ କଣ୍ଟା ଗଛ ବା ତତଲା ତେଲ ଛଡ଼ା ଆଉ କଣ ଅଛି ?

ଶାଶୁର ପାନ ଯାଇ ବହୂର ପାନ ପଡ଼ିଛି ।

× + × ×

ଏ ଜାନ୍ତାର ମହୋଦୟ ପେଟପୂର କଥାଟାଏ ଶୁଣ ! ବୁଲୁ ବୁଲୁ ନ ଉଠିବ ବାହାର ? ପଞ୍ଜାବର ଲାଟ ସାହେବ ଏକ ବକ୍ତୃତାରେ କହିଛନ୍ତି "ଏତେ ଖୋରାକ ଦେଶ ଅଛି ଯେଉଁଠି ଗହମ ଏତେ ପ୍ରଚୁର ଯେ ତାହା ଇନ୍ଧନରେ ଜାଳ ରୂପେ ବ୍ୟବହୃତ ହେଉଛି ।" ଦୁଃଖର କଥା, ଏ ଦେଶ କଏ ବା କେଉଁଠି ତାହା ଲାଟ ମହୋଦୟ ଖୋଲିଦେଇ ନାହାନ୍ତି ! ତେବେ ଆମର ଯୋଉଁ ଦୂର ମନ ଭାବୁଛି, ସେ ଦେଶ ପଞ୍ଜାବ ହୋଇଥିବ । ଅତଏବ ହେ ଦୁର୍ଭିକ୍ଷକ୍ଲିଷ୍ଟ ନରକଙ୍କାଳ ଭାଇମାନେ, ବେଳ ଥାଉଁ ଥାଉଁ ସବୁ ସମସ୍ତେ ଠେଲ ପେଲ ଧରି ଯାଇ ପଞ୍ଜାବ ମୁଲକକୁ ହିଜରତ କରିବା । କେବଳ ଡର ହେଉଛି ଯେ ପଞ୍ଜାବୀମାନଙ୍କ ପଦ୍ମ ପାଦସ୍ଥାନ ଭିତରେ ! ଥାନ ମିଳିବ କି ?

\+ ×

(୧୦ମ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ଜନନୀ କସ୍ତୁରବା



ଜନ୍ମ – ୧୮୬୯ – ମୃତ୍ୟୁ – ୧୯୪୪

ମହାତ୍ମା ଗାନ୍ଧିଙ୍କ ସହଧର୍ମିଣୀ ଶ୍ରୀମତୀ କସ୍ତୁରବା ଗୁଜରାଟ ପୋରବନ୍ଦରଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ସ୍ୱାମୀଙ୍କ ଜନ୍ମସ୍ଥାନ ମଧ୍ୟ ପୋରବନ୍ଦର । କସ୍ତୁରବାଙ୍କ ପିତା ଗୋକୁଳ ଦାସ ମାକନଜୀ ଜଣେ ଧନୀ ତୁଳା ବ୍ୟବସାୟୀ । ଗାନ୍ଧିଜୀଙ୍କ ପିତା ପୋରବନ୍ଦର ଦେୱାନ କରମଚାନ୍ଦଙ୍କ ସହିତ ତାଙ୍କର ଘନିଷ୍ଠ ବନ୍ଧୁତା ଥିଲା । ଏଥି ଯୋଗୁଁ ଦୁହିଁଙ୍କ ପୁତ୍ର କନ୍ୟାଙ୍କ ବିବାହ ଦେଇ ସେ ବନ୍ଧୁତ୍ୱ ଦୃଢ଼ତର କଲେ ।

କେହି କହନ୍ତି କସ୍ତୁରବା ସ୍ୱାମୀଙ୍କଠାରୁ ସାତମାସ ବଡ଼, କେହି କହନ୍ତି ଛଅମାସ ସାନ । ମହାତ୍ମାଜୀ ନିଜେ କହିଛନ୍ତି— "ଦୁହିଙ୍କ ବୟସ ସମାନ ।"

୧୮୮୩ ମସିହାରେ ତେରବର୍ଷ ବୟସରେ କସ୍ତୁରବାଙ୍କ ବିବାହ ହୋଇଥିଲା । ବିବାହ ପରେ ସେ ପ୍ରାୟ ଶ୍ୱଶୁରାଳୟରେ ଅବସ୍ଥାନ କରୁଥିଲେ । ଅଠର ବର୍ଷ ବୟଃକ୍ରମରେ ଗାନ୍ଧିଜୀ ଯେତେବେଳେ ଅଧ୍ୟୟନ ନିମନ୍ତେ ଇଂଲଣ୍ଡ ଗଲେ, କସ୍ତୁରବାଙ୍କ କୋଳରେ ଗୋଟିଏ ପିଲା । ଏହି ସୁଦୀର୍ଘକାଳ ସୁଦ୍ଧା କସ୍ତୁରବା ସ୍ୱାମୀଙ୍କୁ ଛାଡ଼ି ଏକାକିନୀ ରହିଥିଲେ । ୧୮୯୬ ମସିହାରେ ଗାନ୍ଧିଜୀ ଦକ୍ଷିଣ ଆଫ୍ରିକା ଗଲାବେଳେ ପତ୍ନୀ ଓ ପିଲାଙ୍କୁ ସଙ୍ଗରେ ନେଇ ଯାଇଥିଲେ ।

କସ୍ତୁରବା ବେଶି ପାଠ ପଢ଼ି ନଥିଲେ । ଅଳ୍ପ ଅଳ୍ପ ଗୁଜରାଟୀ ପଢ଼ି ପାରୁ ଥିଲେମାତ୍ର । କିନ୍ତୁ ସେ ତୀକ୍ଷ୍ଣ ବୁଦ୍ଧି, କୋମଳ ପ୍ରାଣ ଓ ଦୃଢ଼ ହୃଦୟର ଅଧିକାରିଣୀ ଥିଲେ । ତାଙ୍କୁ ପାଠ ପଢ଼ାଇବାକୁ ସ୍ୱାମୀଙ୍କର ଶତଚେଷ୍ଟା ବୃଥା ହୋଇଥିଲା ।

ଯୋଗ୍ୟ ଶିକ୍ଷା ନଥିଲେ ମଧ୍ୟ ନିର୍ମଳ ସାଧୁ ଚରିତ୍ର, ଲୋକ-ପ୍ରୀତି ଜନସେବା ପ୍ରଭୃତି କସ୍ତୁରବାଙ୍କୁ ଜଗତର ସର୍ବଶ୍ରେଷ୍ଠ ମହାମାନବଙ୍କ ସୁଯୋଗ୍ୟ ପତ୍ନୀ ଓ ଆଦର୍ଶ ଭାରତୀୟ ନାରୀ ପଦରେ ଅଧିଷ୍ଠିତ କରିଥିଲା ।

ସେ ସ୍ୱାମୀଙ୍କର ଛାୟା ରୂପରେ ରହି ତାଙ୍କର ସେବା କରୁଥିଲେ ଓ ସ୍ୱାମୀଙ୍କୁ ଦେବତାରୂପେ ଜ୍ଞାନ କରୁଥିଲେ । ସ୍ୱାମୀଙ୍କ ସୁଖ ଦୁଃଖରେ ସେ ସର୍ବଦା ପାର୍ଶ୍ୱ ଦେବାପାଇଁ ଉଦ୍‌ଗ୍ରୀବ ଥିଲେ । ତେଣୁ ଦକ୍ଷିଣ ଆଫ୍ରିକା ଓ ଭାରତର ସତ୍ୟାଗ୍ରହରେ ସେ ମହାତ୍ମାଙ୍କ ଅଧୀନରେ ଜଣେ ସାଧାରଣ ସେବିକାରୂପେ କର୍ମ କରିଥିଲେ ଓ ଅନେକବାର କାରାବରଣ କରିଥିଲେ ।

ଗାନ୍ଧିଜୀ ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ପ୍ରଥମେ ବିଳାସପୂର୍ଣ୍ଣ ଢଙ୍ଗରେ ଜୀବନ ଯାପନ କରୁଥିବା ସମୟରେ କସ୍ତୁରବା ମଧ୍ୟ ବିଳାସିତା ଉପଭୋଗ କରିଥିଲେ—ମାତ୍ର ସ୍ୱାମୀଙ୍କର ପରିବର୍ତ୍ତନ ସଙ୍ଗେ ସଙ୍ଗେ ସେ ଆପଣାର ଜୀବନ ଧାରାକୁ ପରିବର୍ତ୍ତିତ କରି ସହଜ ଦାରିଦ୍ର୍ୟ ବରଣ କରିନେଲେ ।

ଯଦିଓ ସ୍ୱାମୀଙ୍କର ଶିକ୍ଷା ଓ ଉନ୍ନତ ମାନସିକତା ସହିତ ତାଙ୍କ ମାନସିକତାର ବହୁତ ପ୍ରଭେଦ ଥିଲା, ତଥାପି ଦୁହିଁଙ୍କର ପ୍ରାଣ ଏକ ଓ ସେମାନଙ୍କ ପାରିବାରିକ ଜୀବନ ଶାନ୍ତି ଓ ସୁଖମୟ ଥିଲା ।

କସ୍ତୁରବା ସୌଭାଗ୍ୟବତୀ ରମଣୀ । ଅନ୍ତିମ ଶଯ୍ୟାରେ ସନ୍ତାନ ଓ ଆତ୍ମୀୟ ପରିବୃତା ହୋଇ ପତିଦେବତାଙ୍କ କୋଳରେ ମୁଣ୍ଡ ରଖି ଯେଉଁ ନାରୀ ଶେଷ ବାୟୁ ନିଃସରଣ କରି ପାରିଲା, ତାହାଠାରୁ ବଳି ସୌଭାଗ୍ୟବତୀ ଆଉ କିଏ !

ସାଂଘାତିକ ଭାବରେ ପୀଡ଼ିତ ଥିଲେ ମଧ୍ୟ ସରକାର ତାଙ୍କୁ କାରାମୁକ୍ତ କଲେନାହିଁ, ମାତ୍ର ଅନ୍ତର୍ଯ୍ୟାମୀ ଭଗବାନ ଏହି ପବିତ୍ର ଆତ୍ମାକୁ ଚିରମୁକ୍ତି ପ୍ରଦାନ କରି ନିଜ କୋଳକୁ ଟାଣି ନେଇ ଯାଇଛନ୍ତି ।

କସ୍ତୁରବାଙ୍କ ମହାପ୍ରସ୍ଥାନ ଜନିତ ଦୁରନ୍ତ ବିଷାଦ କାଳିମାରେ ଆଜି ସାରା ଭାରତ ଆଚ୍ଛନ୍ନ । ଦେଶବାସୀ ଆଜି ଜନନୀ ବିୟୋଗ ଦୁଃଖରେ ବ୍ୟଥିତ ହେଉଛନ୍ତି । କିଏ ତାଙ୍କୁ ସାନ୍ତ୍ୱନା ଦେବ ? ଭଗବାନହିଁ ଭରସା ।

Digitized by srujanika@gmail.com

# ଆର୍ଟ ଆଉ ପ୍ରେରଣା

ଲେଖକ—ଶ୍ରୀ ଦେବ ମହାପାତ୍ର

କବି ତାର କଳ୍ପନାକୁ ରୂପ ଦିଏ ଭାଷାରେ—ଭାସ୍କର ପାଷାଣ ବୁକୁରେ ରେଖା ଟାଣି ଫୁଟାଏ ମନର ଭାବ—ଚିତ୍ରକର ରଙ୍ଗତୁଳି ଦେଇ ମନର ଭାବ ପ୍ରକାଶ କରେ। ଏମାନଙ୍କୁ କହନ୍ତି ଆର୍ଟିଷ୍ଟ୍। ଏମାନଙ୍କ ଜୀବନ ଚରିତ ଆପଣ କେବେ ପଢ଼ିଛନ୍ତି କି? ମୁଁ ପଢ଼େ, ଆଉ ପଢ଼ି କରି ଯେତେବେଳେ ବାଧା ବିଘ୍ନ କଷ୍ଟ ଦୁଃଖ ଭିତରୁ ଉଠିଥିବା ତାହାଙ୍କୁ ଅନାଏ, ମନେ ହୁଏ ମୁଁ ବି ତାଙ୍କର ଭିତରୁ ଜଣେ। କାରଣ ତାଙ୍କ ଜୀବନ ସାଙ୍ଗରେ ମୋ ଜୀବନର ଅନେକ କଥା ମିଳିଯାଉଛି—ତାଙ୍କ ଭିତରେ ଯାହା ଅଛି ମୋ ଭିତରେ ବି ସେୟା ଅଛି। ସେମାନଙ୍କ ଭିତରୁ ଅନେକଙ୍କ ପରି ମୋର ବି ପଇସା ର ନିହାତି ଅଭାବ; ଆଉ ବଡ଼ କଥା ହେଉଛି ମୋ ଭିତରେ ଅଛି 'ପ୍ରେରଣା' ଯୋଉଥିରୁ ସବୁ ଆର୍ଟିଷ୍ଟଙ୍କ ଜୀବନର ଆରମ୍ଭ ଦେଖିବାକୁ ପାଆନ୍ତି।

'ପ୍ରେରଣା'! ପ୍ରେରଣା ଗୋଟାଏ ବଡ଼ ଜିନିଷ। 'ନାରୀର ପ୍ରେରଣା', 'ପ୍ରକୃତିର ପ୍ରେରଣା' କହିଲେ କଥା ସରିଗଲା। ଅର୍ଥାତ୍ ତା'ଠୁ ବଡ଼ ଆଉ କିଛି ନାହିଁ। ଆପଣ କଣ ନା କଣ କହି ଦେବେ, କିନ୍ତୁ ମୋ ପାଇଁ ଗୋଟାଏ ସମସ୍ୟା ବି ଉତ୍ପନ୍ନ। ମୁଁ ନାଇନ୍‌ଥ କ୍ଲାସରେ ପଢ଼ିଲା ଦିନରୁ ଚିତ୍ରକରର ଇଚ୍ଛାଟା ମୋ ମନରେ ପ୍ରଥମ ଲାଳସା ଦେଖା ଦେଲା। ମୋର ଭାରି ଇଚ୍ଛା ହେଲା ମୁଁ ଚିତ୍ରକର... କୋଉ ନା କୋଉ ପ୍ରକୃତିର ପ୍ରେରଣା ପାଇ ଯାଆନ୍ତି ସେ ସଂସାରରେ କ'ଣ ନା କଣ ହୋଇଯାଆନ୍ତି! କଣ ଝୁରନ୍ତି କଣ ଖୁସି ହୁଅନ୍ତି ବୋଲି କେତେ-ବେଳେ ଜାଣି ହୁଏ ଗୋଟାଏ ଛବି ଦେଖି ଦୁନିଆ ଭୁଲି ହୁଅନ୍ତି, କେତେବେଳେ ଶୁଣନ୍ତି "ନାଲି ସାଙ୍ଗେ ଗୋଟାଏ ହଳଦି ରଙ୍ଗ ମେଳ ହେବ।" ପୁଣି କେତେବେଳେ କହନ୍ତି, "ହଁ, କିଏ ଜାଣେ, କେତେ ଲୋକ ତ କହି ଦେଇ ନାହିଁ କରି ଯାଉଛନ୍ତି ମୁଁ ଯାଉଛି ଗୋଟାଏ ନୂଆ ଜିନିଷର ନେଇ ନୂଆ କିଛି ଉଦ୍ଭାବନ କରିବି"—କଣ ଉଦ୍ଭାବନ କରିବେ ବୋଲି କହେ ଭାବେ—ସେହି ଯନ୍ତ୍ରପାତି କଲ କବଜାଗୁଡ଼ାକ ମୁଣ୍ଡରେ ପଶି ସବୁ ଗୋଳମାଳିଆ କରିଦିଏ। ମୁଁ କିଛି ଗୋଟାଏ ଲକ୍ଷ୍ୟ ଠିକ କରି ପାରେନା। ମୁଁ ଜାଣିଲି ଯେ ଖାଲି ପ୍ରେରଣା ଅଭାବରୁ ମୁଁ କିଛି କରି ପାରୁନି। ବର୍ତ୍ତମାନ ଜଣେ ଯୁବତୀ ଲୋଡ଼ା—ଯାହାଠାରୁ ପ୍ରେରଣା ମିଳିବ। କିଏ ପ୍ରେରଣା ଦେବ ବୋଲି ଅମ ପାଇଁ ଏ ମୁଣ୍ଡରୁ ସେମୁଣ୍ଡ ସବୁ ଲୋକଙ୍କ କଥା ଭାବି ଗଲି। କିନ୍ତୁ ଟିକେ କହିଥିଲେ ପର, ଗୋଟାଏ ହେଲେ ମନକୁ ଅଶିଳିନ କିଏ ଉପଯୁକ୍ତ ପ୍ରେରଣା ଦେଇ ମୋ ଅନ୍ତରରେ ସାହାଯ୍ୟ କରି ପାରିବ! ମୁଁ ଆଶା ଛାଡ଼ି ଦେଲି। ତେବେ ମନେ ମନେ ଭାବେ ଚୋରିକରି, ଯାହା ... ଭିତରେ ଏପରିକି ଅନେକ ଅନେକ ... ଯେ "ମୁଁ ଯେପରି ଗୋଟାଏ ପାହାଡ଼ ତଳେ ବସିଛି—ପାହାଡ଼ ଉପରେ ଗୋଟାଏ ଘର ମାଳାର ବୋଡ଼ା—ବୋଡ଼ା ଉପରକୁ ଯିବାକୁ ବସ୍ତୁଗୁଡ଼ାଏ ପାହାଚ—ମୁଁ ନୂଆ ହୋଇ ବସିଛି, ହଠାତ୍ ଆସି ବାଜିଲା ମୋ ପିଠିରେ ଗୋଟାଏ ଝଡ଼ ବାତ ପିଲା ହାତ—ସେଇ ହାତଟା ମତେ ଟେକିଲା ଠେଲିଲା ଆଉ ମୁଁ ପାହାଚକୁ ପାହାଚ ଉଠି ଉଠିବା ଗଲି।"—ଛାପରେ ନିଦ ଭାଙ୍ଗିଯାଏ। ଆପଣ ହୁଏତ ବିଶ୍ୱାସ କରନ୍ତି କି ନାହିଁ କେଜାଣି ମୋର ଶୋଇଲା ବିଶ୍ୱାସ। ମୁଁ ଏଥର ଜାଣି

Digitized by srujanika@gmail.com

ପାରେ ଯେ ମୋର ଉନ୍ନତି ଅବଶ୍ୟ ହବ, ତେବେ ସେ ହାତଟା ହବ କାହାର ? ବୋଧ ନାଗର ହାତ ମୋ ପଛରେ ଥାଇ ମତେ ଉନ୍ନତି ମାର୍ଗରେ ଠେଲିବ ଆଉ ମୁଁ ପାହାଚକୁ ପାହାଚ ଅଗେଇ ଯିବି ।

ଏଇ ପ୍ରଶ୍ନର ସମାଧାନ ହେଇଗଲା ଦିନେ—

ଦିନେ ମୁଁ ସ୍କୁଲରୁ ଫେରି ପଖାଳ କଂସା ପାଖରେ ବସିଚି, ମୋ ସାନ ଭଉଣୀ ଝୁମି ମତେ ଟିକିଏ ଅସ୍ୱର ଆଉ ପିଆଜ ବୋଳାଏ ଦେଇ ଦେଇ କହିଲା—

“ଅନୁଭାଇ, ଜାଣିଚ ଆମ ଘରକୁ ଆଜି କିଏ ବୁଲି ଆସିଥିଲେ ?”

“କିଏ ?” ମୁଁ ପଚାରିଲି ।

“ଯୋଉଁ ନୂଆ ଓଭରସିଅର ଆସିନାହାନ୍ତି ଭୋଳାନାଥ ବାବୁ, ତାଙ୍କ ଭାର୍ଯ୍ୟା, ତାଙ୍କ ବୁଢ଼ୀମା, ଆଉ ତାଙ୍କ ଝିଅ ଇନ୍ଦୁ—ମୁଁ ତାକୁ ଇନ୍ଦୁ ଅପା ବୋଲି ଡାକୁଚି ।”

ଶୁଣିବାକୁ ଟିକିଏ ଅଗ୍ରହ ହେଲା, ପଚାରିଲି, “କେତେ-ବେଳେ ଆସିଥିଲେ ?”

ଝୁମି କହିଲା, “ଖରାବେଳେ—ଆଜି ଖରାବେଳେ ଗୋଟାକ-ଯାକ ସେମାନେ ଆମ ଘରେ ଥିଲେ । ଇନ୍ଦୁ ଅପା ଆମ ସବୁ ଘର ବୁଲି କରି ଦେଖିଲେ—ତୁମ ପଢ଼ା ଘରେ ତମର ଯୋଉଁ ଫଟୋ ଟଙ୍ଗା ହେଇଚି ତାକୁ ଦେଖିକରି କହିଲା ‘ଏ କିଏ ?’ ମୁଁ କହିଲି, ‘ଅନୁଭାଇ’, ସେଥିରୁ ପଚାରିଲେ, “କଣ ପଢ଼ନ୍ତି !” ମୁଁ କହିଲି, ‘ନାଇନ୍‌ଥ କ୍ଲାସରେ ।’ ସେଥିରୁ ସିଏ କହିଲା ଯେ ତାର ଗୋଟିଏ ଭାଇ ବି ନାଇନ୍‌ଥ କ୍ଲାସରେ ନାଆଁ ଲେଖେଇଚି ।”

ମୁଁ କହିଲି, “ଅରେ ଠିକ୍ ତ, ହଁ ଭୋଳାନାଥବାବୁଙ୍କ ପୁଅ । ତା ନାଆଁ ବ୍ରଜ—କାଲି ନାଆଁ ଲେଖେଇଚି ।”

ଝୁମି କହିଲା—“ଅନୁଭାଇ, ଆଉ ଜାଣିଚ, ତମ ପଢ଼ା ଘର କାନ୍ଥରେ ତମେ ଯୋଉଁ ଛବିଗୁଡ଼ା ଅଙ୍କିଚ, ତାକୁ ଦେଖି କରି ଖୁବ୍ ହସିଲା । କହିଲା, “କିଏ ଅଙ୍କିଚି ?” ମୁଁ କହିଲି, “ଅନୁଭାଇ” । ସେଇଥିକୁ କହିଲା, “ତମ ଭାଇ ତ ଖୁବ୍ ଆର୍ଟିଷ୍ଟ ।”

ମୁଁ ମନେ ମନେ କେଡ଼ାଏ ଖୁସି ହେଇ ପଚାରିଲି—“ସତ ?”

ଝୁମି ‘ହଁ’ ମାରିଲା । ମୁଁ ପଚାରିଲି, “ଅଚ୍ଛା ଝୁମି, ଇନ୍ଦୁ ଦେଖିବାକୁ କେମିତି ?”

ଝୁମି କହିଲା, “ଦେଖିବାକୁ ଟିକିଏ ସାବଳା ବର୍ଣ୍ଣ, ହେଲେ କଣ ହବ ବାଙ୍କ ଭଲ, ଆଉ ଜାଣିଚ ଅନୁଭାଇ ଇନ୍ଦୁ ଅପା ଏତେ ସୁନ୍ଦର କୁଣାକୁଣି କାମ ଜାଣେ କଣ କହିବି ! କଂପଟ, ମୋଜା, ସୁଏଟର ସବୁ କରି ଜାଣେ । ଆଉ କନାରେ ଏତେ ସୁନ୍ଦର ଡିଜାଇନ ଫୁଲ ଆଉ ପଟା କରିପାରେ—ଚମତ୍କାର ! ସେ କହିଚି ମତେ ଶିଖେଇ ଦବ ।”

ସେଦିନ ଝୁମି ଆଉ କଣ ସବୁ ଇନ୍ଦୁ ଅପାର ଗୁଣ ଗାଇଲା ମୋର ମନେ ନାହିଁ । ତେବେ ଆପଣ କହିବେ ମିଛ କହିବେ ଯେଉଁଦିନୁ ସେ କଥାଗୁଡ଼ାକ ପଛରେ ମୁଁ ଯେଉଁ ‘ପ୍ରେରଣା’ର ସନ୍ଧାନ ପାଇଲି, ମନେ ମନେ ସ୍ଥିର କଲି—‘ଯାହାହେଉ ବଡ଼ ହେଲେ ଗୋଟାଏ ଆର୍ଟିଷ୍ଟ ହେବି ।’ କାନ୍ଥରେ ଫୁଲ, ହାତୀ ଆଉ ଚଢ଼େଇ ତ ସମସ୍ତେ ଆଙ୍କି ପାରନ୍ତି କିନ୍ତୁ ତା ଭିତରୁ ପ୍ରତିଭାର ସନ୍ଧାନ କରି ଜଣେ ଯୁବତୀ ଯଦି ପ୍ରଶଂସା କରେ ତେବେ ସେଇଟା କଣ କମ୍ ପ୍ରେରଣା ! ତହିଁ ଆରଦିନ ଡ୍ରଇଂ ପିରିୟଡ଼ରେ ମୁଁ ଖୁବ ମନ ଦେଇ ଡ୍ରଇଂ କଲି । ବ୍ରଜ ସାଙ୍ଗରେ ଉପରେ ପଡ଼ି ବନ୍ଧୁତା କରି ପକେଇଲି । ଆଜି ସ୍କୁଲରୁ ଆସିଲାବେଳେ ତାଙ୍କର ଘର ବାଟ ଦେଇ ଆସିଲି—ତାଙ୍କ ଘର ପିଣ୍ଡାରେ ଗୋଟିଏ ଝିଅ ସାଦା କଳା ଧଡ଼ିଆ ଶାଢ଼ୀ ପିନ୍ଧି ରାସ୍ତା ଆଡ଼କୁ ପଛ କରି ଠିଆ ହେଇଥିଲା । ମୁଁ ତାର ପଛଅଡ଼ଟା ଦେଖିଲି, ସିଏ ଯେମିତି ଷ୍ଟାଇଲରେ ପଛ କରି ଠିଆ ହୋଇଥିଲା ମୁଁ ଜାଣିଗଲି ସିଏ ନିଶ୍ଚୟ ଇନ୍ଦୁ ହେଇଥିବ । ତାପରେ କଣ ହେଲା ? ତାପରେ ମୁଁ ଯେତେଥର ଇନ୍ଦୁକୁ ଦେଖେ ତାର ପଛଅଡ଼ଟା ଅଧିକ ନଜରରେ ପଡ଼େ । ମୁଁ ଭାବେ ଯାହାର ପଛପଟ ଏତେ ଆର୍ଟିଷ୍ଟିକ୍, ତା ମୁହଁପାଖ କେତେ ସୁନ୍ଦର ହେଇ ନ ଥିବ—ବାସ୍ତବିକ ସତ । ମୁଁ ଦିନେ ଲୁଚି ଲୁଚି ତାକୁ ଦେଖି ନେଲି । ଦେଖିବାକୁ ସିଏ ଟିକିଏ ସାବଳା ହେଲେ କଣ ହେବ, ତାର ଆଖି ଦୁଇଟି ଯେମିତି ସତେ ଦୁଇଟି କଣ ନା କଣ—ତାର ନାକ ଯେମିତି ସତେ ......ମୁଁ କହି ପାରୁନି କାହା ଭଳିଆ । ତାର ଓଠ ଯେପରି କ......ମୁଁ ଜାଣେନି କାହାପରି, ଆଉ ତାର ଗଢ଼ନ—ଅହା ହା ! ମୁଁ

Digitized by srujanika@gmail.com

ତାର ସେମିତିରେ ପଡ଼ିଗଲି ମନେ ମନେ । ତାକୁ ମତେ ଭାରି ଭଲ ଲାଗିଲା—ସେଦିନ ନୂଆ ଭାରି ବାପ ସମସ୍ତଙ୍କୁ ଦେଖିଲା ବେଳକୁ ମୋ ମନରେ ପୁଲକ ଆସିଲା । ତାଙ୍କ ଗାଈ ବାଛୁରି ଦେଖି କରି ମୁଁ ମନେ ମନେ ଖୁସି ହୁଏ, ଇନ୍ଦୁ ଘର ଗାଈ ବୋଲି । ତାଙ୍କ ବାଡ଼, ତାଙ୍କ କମଳା ଲେମ୍ବୁ ଗଛକୁ ଦେଖି ମୋ ମନରେ ଆନନ୍ଦ ଆସେ, ଆଉ ମୁଁ ଇନ୍ଦୁକୁ......

ଇନ୍ଦୁ କିନ୍ତୁ ମୋ ଆଗରେ କେବେ ବାହାରେନି—ଦେଖିଲେ ଲୁଚେ—ମୁହଁ ବୁଲେଇ ଦେଇ ଚାଲିଯାଏ—ମତେ କିନ୍ତୁ ତା ବ୍ୟବହାର କିଛି ଖରାପ ଲାଗେନି; କାହିଁକି ଜାଣନ୍ତି? ମୁଁ ତାରି ଦ୍ୱାରା ପ୍ରେରିତ ହୋଇ ଡ୍ରଇଂ ଅଭ୍ୟାସ ଏତେ ମନ ଦେଇ ଆପଣ ଦେଖିଥାଆନ୍ତେ ଯଦି ଜାଣିଥାଆନ୍ତେ ! ସବୁ-ବେଳେ ଡ୍ରଇଂ କଲି । କାନ୍ଥ କାଠ ସବୁ ଡ୍ରଇଂ—ସବୁ ଖାତା ବହିରେ ଡ୍ରଇଂ—ଡ୍ରଇଂ ଉପରେ ଖୁବ ଜୋର ଦେଲି । ସେଇଯୋଗୁଁ କ୍ଲାସରେ ଡ୍ରଇଂରେ ଫାଷ୍ଟ ନମ୍ବର ରଖିଲି । ମୁଁ ଗୋଟାଏ ଆର୍ଟିଷ୍ଟ ବୋଲି ତୁମେ ଜାଣିଲ, ମୋ ବୋଉ ଜାଣିଲା, ଇନ୍ଦୁ ଜାଣିଲା, ବୃନ୍ଦା ଜାଣିଲା । ସ୍କୁଲର ହେଡମାଷ୍ଟର ତୁମେ ଜାଣିଲେ । ସିଏ ତାର ସାଙ୍ଗ ସାଥି ସବୁ ଟିଚରଙ୍କୁ କହିଲେ ଯେ "ଅନୁପ ଆମର ଗୋଟାଏ ବଡ଼ ଆର୍ଟିଷ୍ଟ ।" ସାଇପଡ଼ିଶାରେ ନାଁ ହୋଇଯିବାକୁ ଡେରି ହେଲାନି ! କାହାରି ଯଦି କାହାରେ କଥା ଦେବାକୁ ପଡ଼େ ସିଏ ଡାକେ ମତେ—ପୂଜା ପର୍ବରେ ମଣ୍ଡପ କରିବା ପାଇଁ ନୂଆ ନୂଆ ଡିଜାଇନ ବାହାର କଲି—ତାପରେ ଆରମ୍ଭ ହେଲା ରୁମାଲରେ ଫୁଲ କରିବା, ସେମିଜ, ବ୍ଲାଉଜ ପାଇଁ ଡିଜାଇନ କରିବା, ଶାଢ଼ୀରେ ଧାଡ଼ି କରିବା ପ୍ରଭୃତି । ଇନ୍ଦୁ ତା ଭାଇ ହାତରେ କେତେ ଥର ମୋ ପାଖରୁ ଅନେକ ଡିଜାଇନ କରେଇ ନେଇଛି ଆଉ ମୁଁ ରାତିରେ ପଢ଼ିଲାବେଳେ ବାପା ବୋଉ ଆଉ ତୁମକୁ ଲୁଚେଇ ଲୁଚେଇ ଖାତା ତଳେ କାଗଜ ରଖି ଡିଜାଇନ ସବୁ ଆଙ୍କି ଦେଇଛି । ମୁଁ କାହିଁକି ଆଙ୍କେ ? ଏଇଟା ଗୋଟାଏ ଭାରି ଜଟିଳ ପ୍ରଶ୍ନ । ଆଉ ଟିକେ ଭାବିବାର ଜିନିଷ । ଆର୍ଟିଷ୍ଟ କାହିଁକି ଆଙ୍କେ ? ପ୍ରକୃତ ଆର୍ଟିଷ୍ଟ ସିଏ କଣ ଟଙ୍କା ମୁନାଫା ପାଇଁ ଆଙ୍କେ ? ସିଏ କଣ ମାନସମ୍ମାନ ପାଇଁ ଆଙ୍କେ, ନା ତା ନାଁ ଖବର କାଗଜରେ ଛପା ହେବା ପାଇଁ ଆଙ୍କେ ? ସିଏ ଆଙ୍କେ ତା ପ୍ରିୟା ପାଇଁ—ମୋ କଥା ବି ସେଇଆ । ମୁଁ ଆଙ୍କେ ମୋ ପ୍ରିୟା ପାଇଁ—ମୁଁ ଧନ ଚାହେଁନି, ଯଶ ଚାହେଁନି, ନାଁ ଚାହେଁନି, ଗାଁ ଚାହେଁନି—ଖାଲି ଏତିକି ଚାହେଁ ମୋ ପ୍ରିୟା ମୋ କଳାର ଭାବୁକ ହୋଇ ଇନ୍ଦୁ ଯଦି ଏଇ ଡିଜାଇନ ଗୁଡ଼ା ଦେଖି କହିବ 'ଭଲ ହୋଇଛି', ତାହେଲେ ମତେ ସବୁ ମିଳିଗଲା ବୋଲି ଜାଣେ—କିଛି ନ ମିଳିଲେ ବି । ମୁଁ ଡିଜା-ଇନଗୁଡ଼ା ନେଇ ବୃନ୍ଦାକୁ ଦିଏ—ବୃନ୍ଦା ତାଙ୍କ ଦାଣ୍ଡ ଘରେ ମତେ ବସେଇ ଦେଇ ଭିତରକୁ ଯାଏ ଇନ୍ଦୁକୁ ଦେଖେଇବା ପାଇଁ । ଫେରି ଆସି କହେ, "କହିଲା ଭଲ ହୋଇଛି ।" "କହିଲା ଭଲ ହୋଇଛି" ଏଇ ପଦକ କଥା ମୋ କାନରେ, ଯୋଉଁଠାକୁ କହନ୍ତି ଅମୃତ ଢାଳିଦିଏ, ମୋ ପରିଶ୍ରମ ସାର୍ଥକ ହୋଇଯାଏ, ମତେ ଲାଗେ ଯେମିତି ମତେ ମିଳିଗଲା କଣ ନାହିଁ କଣ—ମୁଁ ତୃପ୍ତ ହୋଇଯାଏ ।

ମୁଁ ତୃପ୍ତ ହଉଥିଲି—ନାଇନ୍ଥ କ୍ଲାସ, ଟେନ୍ଥ କ୍ଲାସ, ଇଲେଭନ୍ଥ କ୍ଲାସ ତିନିବର୍ଷ ଧରି ତୃପ୍ତ ହେଲି । କିନ୍ତୁ ମଣିଷ ଯେତେ ବଡ଼ ଆର୍ଟିଷ୍ଟ ହେଉ ପଛକେ ଖାଲି ଖାଲି କାହିଁତକ ତୃପ୍ତ ହଉଥିବ ? ମୁଁ ମାଟ୍ରିକ ପରୀକ୍ଷା ଦବା ପରେ ଅସମ୍ଭାଳ ହୋଇ ପଡ଼ିଲି । ମୁଁ କହିଲି ଯାହା ହବ ହବ ପଛକେ ଏ ବିଷୟରେ କିଛି ଗୋଟାଏ ନ କଲେ ହଉନି, କିଛି ନ ହେଲା-ବେଳକୁ ଟିକିଏ କଥାବାର୍ତ୍ତା । ମୋର ବନ୍ଧୁ ଶ୍ରୀକାନ୍ତ ମୋ ମନ କଥା ଅଳ୍ପ କେତେ ଜାଣେ । ମୋ ମନ ଭିତରେ ଯେତେବେଳେ ପ୍ରେମ ଉଛୁଳି ପଡ଼େ ମୁଁ ତାରି ଆଗରେ ଉଗାଳି ପକାଏ । ମୁଁ ଦିନେ ଶ୍ରୀକାନ୍ତକୁ କହିଲି, "ଭାଇ ଏମିତିଆ ଏମିତିଆ କଥା—ମୁଁ ତାକୁ ଏତେ ପ୍ରେମ କରୁଛି ସେ ଜାଣି ପାରୁନି, ମୁଁ କଣ କରିବି କହ—" ଶ୍ରୀକାନ୍ତ ବଡ ଜଣା, ସେଇଯୋଗୁଁ ପ୍ରେମ ବିଷୟରେ ଅଧିକ ଜାଣେ । ସିଏ କହିଲା, "ଗୋଟାଏ ଚିଠି ଲେଖ—" ଚିଠି ଲେଖାଗଲା ଆଉ ଗୋଟିଏ ବୃନ୍ଦା ହାତରେ ପଠାଗଲା—ଚିଠିର ଉତ୍ତର ଆସିଲାନି, କିନ୍ତୁ ଏତିକି ଶୁଣିଲି ଯେ ଇନ୍ଦୁ କୁଆଡ଼େ କହିଲା, "ଏଠି ତ ସୋରିଷ ଫୁଟିଲେ ବାସ ଚହଟି ଯାଉଛି—ଏ ଜାଗାରେ ପୁଅ ଝିଅଙ୍କର କଥାବାର୍ତ୍ତା ହେଲେ ବଦନାମି ହେବା କଥା ।" ମୁଁ ଶୁଣି କରି ଟିକିଏ ଦବି ଗଲି କିନ୍ତୁ ହାରି ଛାଡ଼ିନି । ମୁଁ ଶ୍ରୀକାନ୍ତକୁ ଫେରି କହିଲି, "ଭଲ ସେ ଉତ୍ତର ଦେଲାନି, କହିଲା ଯେ 'ଏଠି ସୋରିଷ ଫୁଟିଲେ ବାସ ଚହଟୁଛି । ସେଇଯୋଗୁଁ କହୁଛି ତା ବା କଥାବାର୍ତ୍ତା କରିବା

Digitized by srujanika@gmail.com

ଅସମ୍ଭବ । ମୁଁ ବର୍ତ୍ତମାନ ପଣ କରିଛି ବନ୍ଧୁ । ଅଳ୍ପଦିନ ପରେ ତ ଆମର ରେଜଲ୍ଟ ବାହାରିବ, ପାସ କଲେ ତ ଆଉ ପଢ଼ିବା ପାଇଁ କଲେଜଟା ଖୋଲିଛି । ତା ଆଗରୁ ଇନ୍ଦୁ ହାତରେ ପଡ଼ି........"

ଶ୍ରୀକାନ୍ତ ମୋ କଥାଗୁଡ଼ାକ ଭିତରେ ଗୋଟାଏ ପ୍ରେରଣା ପାଇଲା । ମତେ କହିଲା, "ପ୍ରେମ ଜିନିଷଟା ହେଉଛି ମୂଲ୍ୟବାନ୍ ଜିନିଷ । ତୁ ଗଦ୍ୟରେ ଚିଠି ଲେଖି ଉତ୍ତର ପାଇବୁ ବୋଲି କେମିତି ଆଶା କରୁଛୁ ? କବିତା ଲେଖ, ଦେଖିବୁ ସାଥେ ସାଥେ ଉତ୍ତର ଆସି ପହଞ୍ଚିବ ।" ତାପରେ ସାଙ୍ଗେ ସାଙ୍ଗେ କାଗଜ ପେନ୍ସିଲ ଧରି ମୋ ପାଇଁ ଲେଖି ବସିଲା—

"ବନ୍ଧୁ ବୋଲି ଡାକିବା ପାଇଁ
ଅରେ ମୋ ଛନ୍ଦ
ଅରେ ମୋ ହୃଦ
ବେଦନାର ଗୀତ !
ପ୍ରେମ ଯେ ଆସ ବସନ୍ତ ଦିନ୍ ମଳୟ ହେଲ,
ଛୁଇଁ ପାରୁନି ମୋ ବୁକେ ଏ କି ଯନ୍ତ୍ରଣା ଦେଇ ?
ଦର୍ପଣ ବୁକେ ପୀରତି ଉଠା
ଭାବୁନ ଏଠି ଯୋଉଛ ଫୁଟା ?
ନାହିଁ ଗୋ ନାହିଁ,
ଦେଖିବ ନାହିଁ,
ଶୁଣିଛ ମୁହିଁ ଯେତେ ବୋଲି ଚିଠି କର
ଖୋଜିବ ନାହିଁ ତୁଳୀ ମୋ ପଥେ ଅନ୍ଧ ଥର ।
ବନ୍ଧୁ ମୋର, ଏତିକି ମାଗେ,
ତୁଳୀରେ ମୋର ଖୋଜିବ ଦିବ ଯେମିତି ଲାଗେ ।
ଦେବାକୁ ଏଇ ଅଧିକାର,
ମୋର ଏଇ ଚଳନ ପତ୍ର ଚଳ ଲଭି କରିବନାହିଁ ଧିକ୍କାର ।

ଶ୍ରୀକାନ୍ତଟା ଗୋଟାଏ ଜିନିଅସ୍—ତା ନ ହେଲେ କି ମୋ ମନ କଥାଟା ତା ଭାଷାରେ ଏମିତି ଫୁଟାଇ ପାରନ୍ତା ! କିନ୍ତୁ ମୋ ପ୍ରିୟା ମୋ ତୁଳୀରେ ଖୋଜିକି ଦେଲା କି ? ଦେଲାନି— ସିଏ ଦବକ ବୋଲି ଏକା ଜିଦ ଧରି ବସିଚି ତା ଦେଇ ଗଦ୍ୟ ପଦ୍ୟ ସବୁ ସମାନ । ସେମିତି ଚୁପ୍ ରହିଲା—ଖୋଜିକି ପୋଷାକ ଦବା ଦୂରରେ ଥାଉ, କବିତାଟା ପାଇଚି ବୋଲି ବି କହି ପଠାଇଲାନି, ବୋଧହୁଏ ମୋର ଚଳନପତ୍ର ଚଙ୍ଗ ପାଇଁ ଯେତେ ମନେ ଅଜଣା ଧିକ୍କାର ଦେଉଥିବ ।

ତାପରେ ଯାହା ହୁଏ ସେୟା ହେଲା—ମୁଁ ପାସ କଲି, କଲିକତା ଗଲିନି । କାରଣ ପାସ ସାଙ୍ଗେ ସାଙ୍ଗେ ଗୋଟାଏ ଖୋଜ ଖବର ପାଇଗଲି ଆମର ଟାଉନରେ—ପ୍ରିୟାକୁ ଛାଡ଼ିବାକୁ ଇଚ୍ଛା ହେଲାନି । ବିଚାର କରି ଦେଖିଲି ଯେ ସିଏ ପ୍ରଧାନ ଅଟିଷ୍ଟ ତାର କଲିକତା ଯାଇ ଟଙ୍କା ଅପବ୍ୟୟ କରିବା ଏବେ ଦରକାର ନାହିଁ । ଘରେ ଥାଇ ମୁଁ ପ୍ରାଇଭେଟରେ ଆଇନ୍ତି କରି ପାରିବ—ସେୟା କରିଚି ବି । ମୋର ବାପା ବୋଉ ଆଉ ଜମିଦ୍ୱ ପରାଶରଙ୍କୁ ସତ କୀ ଭା !

ଇନ୍ଦୁ—ଇନ୍ଦୁ କାହା ହେଇ ଗଲାଣି । ମୋର ଦୁଃଖ ହେଉଛି । କାରଣ ମୋର ସେ ସତ୍ୟ ପ୍ରେମ, ନିଃସ୍ୱାର୍ଥ ପ୍ରେମ ! ତା ମୁହଁରେ କଜଳ ମୁଦି ମନେ ଅଛି । ଉଚ୍ଛେଦରେ ତା କଥା ମୁଁ ଅଧିକ ଭାବେ । ସିଏ କୋଉଠି ଥିବ ? ତ୍ଳାଇକ ସେମିତି ଚିହ୍ନୁଥିବ ତ ଡିକ୍ଲାଇନସୂତ୍ରା ଦେଖି ମନେ ମନେ ପଢ଼ୁଥିବ । ଖଟ ଉପରେ ଶୋଇଲା ବେଳକୁ ମୋର ତକିଆର ଉପରେ ଶୋଇ କରି ମୋ କଥା ଭାବୁଥିବ । କାନ୍ଥ ଅଡ଼ୁଆ ଅଖି ଚୋଇଁଥିବ ତ ମୋର ଅଙ୍କା ଫଟୋଗୁଡ଼ାକ ଦେଖୁଥିବ ; ନାକ ପୋଛୁଥିବ ତ ରୁମାଲରେ ମୋର ଫୁଲ ଦେଖି ମନେ ମନେ ପଢ଼ୁଥିବ । ମୁଁ ପାଖରେ ନଥିଲେ ବି ସେ କବିତାର ମୋର ସ୍ପର୍ଶ ପାଉଥିବ ମୁଁ ଯେମିତି ତାର ସ୍ପର୍ଶ ପାଉଚି ମୋ ମନ ଭିତରେ ତାକୁ ନ ପାଇଲେ ବି—ସ୍ୱପ୍ନଠାରୁ ଅଧିକ ଅସ୍ତିତ୍ୱ ଆଉ କଣ ଗୁଡ଼ିଏ ? ଆଉ କେଉଁ କଣ ଲୋଡ଼ା ?

ଗ୍ରୀଷ୍ମବର୍ଷ କଟି ଯାଇଛି । ମୁଁ ସେଇ ୮.୯ ଆଉ ସେଇ ବେଳା ହେଇ ଅଛି—ଗଲା ବଡ଼ଦିନ ଛୁଟିରେ ମୁଁ ଯାଇଥିଲି ଆଉ ଗୋଟାଏ ନୂତନ ପ୍ରେରଣା ପାଇ ଫେରି ଆସି—କାହା-ଠାରୁ ପାଇଚି ଜାଣନ୍ତି ? ସେଇ ଭୋଳାନାଥ ବାବୁଙ୍କ ଝିଅ ଇନ୍ଦୁଠାରୁ । ବାହାରୁ ଫେରିଲାବେଳେ ନାହିଁ ଅକସ୍ମାତ୍ ଭାବରେ ତା ସାଙ୍ଗରେ ଦେଖା ହୋଇଗଲା । କେମିତି ଅକସ୍ମାତ୍ ଭାବରେ ସେ କଥା ମନେ ପଡ଼ୁନି—ନଭେଲରେ ଯେମିତି ଅକସ୍ମାତ୍ ଭାବରେ ଦେଖାହୁଏ ସେମିତିଆ । ଇନ୍ଦୁ ଟିକିଏ ମୋଟା ହେଇ ଯାଇଛି । ତା କୋଳରେ ଗୋଟିଏ ପୁଅ । ସେ ମତେ ଚିହ୍ନି ପକାଇଲା । କହିଲା, 'ତୁମେ !' ମୁଁ 'ଅଥମଥ' ହେଇଗଲି । ପାଟିରୁ ଭାଷା ବାହାରିଲାନି, ତା ସାଙ୍ଗରେ ଆଗରୁ କେବେ କଥା ହୋଇ ନଥିଲି ନା, ସେଇ-ଯୋଗୁଁ । ସିଏ ମତେ ଲାଜ କଲାନି । ମୁଁ ଭାବିଲି ଯେ ସେଇ

Digitized by srujanika@gmail.com

'ମୁଁ' ଅଛି ଆଉ ସେଇ 'ସିଏ' ଅଛି—ମୋ ମନ ଶିଶୁସୁଲଭ ନୂଆ ଘର ପଚାରିଛି—ସେ ଅଗ ଲୋକ ବରୁଣଙ୍କ ଆଉ ବର୍ତ୍ତମାନ ଲୋକ ବରୁଣ କପରି? ଇନ୍ଦୁ ମୋ କୋଡ଼ରେ ତା ପୁଅକୁ ବସେଇ ଦେଲା। ମୁଁ ପୁଅଟିକୁ ଦେଖିଲି ଜାଣି ପାରିଲି ଯେ ବର୍ତ୍ତମାନ ସେ ଲୋକ କେମିତି ଅଛନ୍ତି? ବର୍ତ୍ତମାନ ସେ ଯେ ତାହା ହେଲେ ଗାଁଣି ଆଉ କୋଡ଼ରେ ଗୋଟିଏ ପୁଅ ଆଉ ଲୋକ କରିଯାଉ ନପାରେ! ମୁଁ ପୁଅର ଗାଲ ଟିପି ଦେଇ ପଚାରିଲି, "ନାଁଅ କ'ଣ ଟିଟି?"

ଇନ୍ଦୁ କହିଲା, 'ଶୁଣ, ତା ଭଲ ନାଁଅ ନଶରନ। ନହେଲେ ଲୋକେ ଜା ନା ସେଇଥିପାଇଁ ତା ଡାକ ନାଁ ଟିଟି।" ମୁଁ ହସିଲି।

ଇନ୍ଦୁର ପଶ୍ନର ଉତ୍ତରରେ ମୁଁ କହିଲି, "ଜମା ଦିନଟିଏ ଲାଗି ଦୁଃଖ ଆସେନି।"

"ଆମ ଘରେ ଆମ ନହିବ"—ଇନ୍ଦୁ ଅନୁରୋଧ କଲା।

ମୁଁ କହିଲି "ଆଜି ନୁହେଁ ... ଦେଖିବ।"

"ମୋର ଏଇ ଛୋଟ ଅନୁରୋଧଟି ରଖିବେ ନି?" ଇନ୍ଦୁ ନେଇ କଲା। ମୁଁ ରାଜିହେଲି। ତା ସ୍ୱାମୀ ଅଫିସରୁ ଫେରିଥିଲେ। ଏମିତି ... ମଧ୍ୟ ମୁହଁ ପଡ଼ିଲା, ଅବଶ୍ୟ ସେଇଟା ପ୍ରେମ କଥା ନୁହେଁ—ମୋର ବାପା ମୋତେ ଦେଇ ଥିବା ଜାମ କଥା। ... ର କରୁଛ ସେଇ କଥା। ତା ସ୍ୱାମୀ କଥା, ତାର ... ଦୁଃଖ ଆସିଲେ ସେଇ କଥା। ଇନ୍ଦୁ ମୋର ... ତାର ଦାଣ୍ଡ ଘରେ ବ୍ୟବସ୍ଥା କରିଦେଲା। ସତରେ ସତ ମୋର ଅନେକ କେତେଟା ଉଜାଗର ରାତିରେ, ନେଭୁଲ କୁଥରେ ଦେଖିଲି। ଏତେ ଦୂର ହେଲି କହୁଛି ନା—ଅଛି ସାର୍ଥକତା ... କହନ୍ତି।

ରାତିସାରା ଶୋଇଲାବେଳେ ଅନେକ କଥା ଭାବିଲି। ଏଇ ସେଇ ଇନ୍ଦୁ ଅନ ଗୋଟିଏ ମାଅ ହେଇ ସାରିଲାଣି—ମୋ ମନ ଭିତରେ ତାପାଇଁ ଏତେ ପ୍ରେମ ଅଛି, ତା ମନ ଭିତରେ ମୋପାଇଁ କଣ ସେମିତି କିଛି ଗୋଟିଏ ନାହିଁ? ତାର ସ୍ୱାମୀ ଗସ୍ତରେ ଯାଉଛନ୍ତି ଆଉ ସେ ମତେ ଏତେ ଆଦର କରି ଆଣି ଘରେ ରଖୁଛି—ଏହାର ଅର୍ଥ କଣ? ସତେ କଣ ସିଏ—

ମୋ ଭାବନାରେ ବାଧା ପଡ଼ିଲା—ଆର ଘରୁ ଇନ୍ଦୁ ପୁଅ ଟେଁ କରି ଉଠି ପଡ଼ିଲା—ଇନ୍ଦୁ ତାକୁ ବୋଧ କରୁଥାଏ ଜମା ପାରୁ ନ ଥାଏ, ଲୁଚୁ ରହା ଧରି କାନ୍ଦୁଥାଏ। ଇନ୍ଦୁ ହଠାତ୍ ମୋର ଘରେ ପଶି ଆସିଲା—ମୁଁ ଟିକିଏ ଅପ୍ରସ୍ତୁତ ହୋଇଗଲି। ଇନ୍ଦୁ କହିଲା, "ଏଇ ନିଅ ଏଇ କମ୍ବଳଟା ଘୋଡ଼େଇ ପଡ଼, ଆଉ ମୁଁ ଯେତେବେଳେ ଡାକିବି—ଅଫିସ୍ ଟିଏରେ ମାଙ୍କଡ଼, ତମେ ହାଉଁ ହାଉଁ କରି ପାଟି କରି ଆସିବ।"

ଇନ୍ଦୁକୁ ମୋର ପ୍ରତିଭା ଦେଖେଇବାର ଏଇ ଗୋଟିଏ ସୁଯୋଗ ମିଳିଲା ମତେ। ତା'ର ପ୍ରେରଣାରେ ମୁଁ ଅଫିସ୍ର ନାଟକ ... ଦ୍ୱାରା ବହୁତ ଥର ଆତ୍ମପ୍ରକାଶ କରିଛି, ବର୍ତ୍ତମାନ ... ହୋଇ ... ଓ ... ଦ୍ୱାରା ଆତ୍ମପ୍ରକାଶ କରିବାକୁ ପଡ଼ିବ। ମୁଁ ତାର ଆହ୍ୱାନକୁ ... କରି ରହିଲି—ସେ ଡାକିଲେ ମୁଁ ଅଭିନୟ କରିବି। ମୁଁ ମୋର ନିଜର ଅସ୍ତିତ୍ୱ ଭୁଲିଯାଇ ମାଙ୍କଡ଼ର ପ୍ରାଣ ନେଇ ପଶି ହେବି ମାଙ୍କଡ଼ ପରି ଗର୍ଜିବି। ତାର ପର ଦେଖିବ, ତାର ପରି ନିଜକୁ କରିବ। ... ମାଙ୍କଡ଼ ... ଅନୁଭବ କରି ଆଉ ଅଙ୍ଗଭଙ୍ଗୀ ଦ୍ୱାରା ପ୍ରକାଶ କରିବା।

ଇନ୍ଦୁ ... ଡାକିଲା, "ଅଫିସ୍ ଟିଏରେ ମାଙ୍କଡ଼" ମୋର ସାରା ... ଉଠିଗଲା—ମୁଁ କମ୍ବଳ ଘୋଡ଼ି ହୋଇ ଆସିଲି ଆଉ ... ମୋର ଆଙ୍ଗିକ ଅଭି-ନୟକୁ ... ମାଙ୍କଡ଼ର ... ପ୍ରକାଶ କରୁ କରୁ ... ଚିତ୍କାର କଲି "ହାଉଁ"। ... ଦେଲି ... କାନ୍ଦଣା ବନ୍ଦ ହୋଇଗଲା ... । ଇନ୍ଦୁ କମ୍ବଳ ସହିତ ମୋ ହାତଟାକୁ ... ଧରି କହିଲା, "ଅନୁଭାଇ, ତମେ ଗ୍ରେଟ୍—ତମେ ଏତେ ସୁନ୍ଦର ଏକ୍ଟିଂ କରିପାର ମୁଁ ଜାଣି ନ ଥିଲି—ତମେ ବାସ୍ତବରେ ଗୋଟିଏ ବଡ଼ ଅଭିନେତା।"

"ଅନୁଭାଇ! ଅନୁଭାଇ" ଡାକଟା ... ମତେ କେତେ ମିଠା ଲାଗିଲା। ଇନ୍ଦୁର ଆଖିରେ ଦେଖିଲି ପ୍ରଶଂସା ଆଉ ସ୍ନେହରେ ଦୟା, ମାୟା, ମମତା, ସ୍ନେହ, ପ୍ରେମ ସବୁ ଯେମିତି ଏକାଠି ... ପଡ଼ୁଛି—ଭାଇ ଡାକଟି ସୁନ୍ଦର, ବେଶି ମିଠା। ଛି, ଛି, ମୁଁ କଣ ଗୁଡ଼ାଏ ଭାବୁଥିଲି କେତେ ସମୟ ଆଗରୁ।

ମୁଁ ପୁଣିଥରୁ ସେଇ ଅଫିସ୍ ଅମ ଡ୍ରାମାଟିକ୍ କ୍ଲବରେ ନମ୍ବର ହୋଇଛି—ଏଣିକି ସ୍ଥିର କରିଛି ଯାଉଛି ଗୋଟିଏ ଏକ୍ଟର ହେବି—କାହିଁକି ନ ହେବି କହିଲେ—ମୋ ପଛରେ ଯେତେବେଳେ ଏତେ ବଡ଼ ପ୍ରେରଣା ରହିଛି—ଇନ୍ଦୁ, ମୋ ଭଉଣୀ ଇନ୍ଦୁ!!

---

Digitized by srujanika@gmail.com

କଥାଟିଏ କହୁଁ ...............

# ମରୀଚିକା

ଲେଖିକା—କୁମାରୀ ଶୈଳବାଳା

ଅପନ୍ତର ଗମ୍ଭୀର—ଚକ୍ରବାଳରେ—ଯେଉଁ ଦିଗକୁ ଯାଅ—କୋଶେ କା ଡଜନଟା' ବାଟ ନ ଗଲେ ଗଛଟିଏ କି ଘରଟିଏ ଦେଖିବ ନାହିଁ। ବୃକ୍ଷଲତା ପତ୍ରଶାଳୀ ଦେଖ ଯେତେ-ବେଳେ ସେ ଗମ୍ଭୀର ବାଲୁକା ହସି ଉଠୁଥାଏ—କୃଷକ ପୁଅର ବୁକୁ ନଗ୍ନର ଭୈରବ ପଳସ୍ତ କାଲି କାଲି ଦେଖାଇ କେଉଁଣି କଥା ଧାଇଁ ଯାଏ। ବୈଶାଖର ଝଞ୍ଜାରେ ତୃଷିତ ପଥିକ କ୍ଲାନ୍ତ ପଦରେ ଯେତେବେଳେ ସେଇ ଗମ୍ଭୀର ବକ୍ଷରେ ଶୁଷ୍କଅଙ୍ଗେ ଥରେ ଦୃଷ୍ଟି ପକାଏ—ଟୋପାଏ ଜଳ ଆଶାରେ—ମରୀଚିକା ନାଚି ନାଚି କି ନିଷ୍ଠୁର ଖେଳ ଖେଳେ !!

ସେଇ—ସେଇ ବିସ୍ତୀର୍ଣ୍ଣ ଗମ୍ଭୀରର ଠିକ୍ ମଝିରେ ନୁହେଁ—ଟିକିଏ ଏପଟକୁ—ବଡ଼ ଓସ୍ତ ଗଛଟାଏ ସେଇଠି—କିଏ ଜାଣେ କେତେ କାଳରୁ ଅପେକ୍ଷା କରି ଛିଡ଼ା ହୋଇଛି କାହାକୁ ?

ରୋଜ୍ ରାତି ଦ'ଘଡ଼ି ଭିତରେ ଦକ୍ଷିଣ ଦିଗରୁ ଟୋଟିଏ ଆ ଲୋକ ଆସେ—ଓସ୍ତ ଗଛ ଠାରୁ ହାତେ ଦ'ହାତ ଦୂରରେ ରହେ—। ଘଣ୍ଟାଏ—ଦୁଇଘଣ୍ଟା କେଉଁଦିନ ବା ତିନିଘଣ୍ଟା ରହେ—ପୁଣି ଫେରି ଯାଏ ସେଇ ଦକ୍ଷିଣ ଦିଗକୁ।

ସେଇ—ଦିନେ ହେଲେ ସେ ନିୟମରେ ବ୍ୟତିକ୍ରମ ହୁଏନି। ମୋର ସ୍କୁଲ ଯିବାରେ ପଡ଼ିଛି ବଡ଼େ ବଡ଼େ ଲୁଚି ହୋଇଯାଏ; ସେ ଅଲୋକ ଗତାନୁଗତିକ ଭୁଲି ହୁଏନି ଦିନେ ହେଲେ। ଭାବେ ପାଗଳ ବୋଲି। କିନ୍ତୁ ଏତେ ରାତିରେ ଆହାର ନାହିଁ, ବର୍ଷା ନାହିଁ ସେଇ ଗୋଟିଏ ଦୂରନ୍ତ ଉଦ୍ଦେଶ୍ୟ ନେଇ ସେହି ଗୋଟିଏ ମାତ୍ର ପଥିକ ରହିବ ମଣିଷ କିପରି ଏତେ ଅପେକ୍ଷା କାହିଁକି—ଯାଏ କାହିଁକି ?

ବଡ଼ ଅଶୁର୍ଯ୍ୟ ଲାଗେ, କେହି କେହି କହନ୍ତି ଯୋଗୀ ବୋଲି ଅଛ ବା କଏ କହନ୍ତି ଚିରକାଳ।

ମୋର କିନ୍ତୁ ବିଶ୍ୱାସ ହୁଏନି।

ଭୂତ ପ୍ରେତ ଉପରେ ସନ୍ଦେହ ମୋର ଆସ୍ଥା ନ ଥାଏ କେବେହେଲେ। କିନ୍ତୁ ମୋର କୌତୂହଳ ବ୍ୟଗ୍ର ହୋଇ ଉଠେ-ସେହି ରହସ୍ୟ-ଜାଲ ଛିନ୍ନ କରିବାକୁ।

ସେଦିନ ଥାଏ ସପ୍ତମୀ—

ମନର ଅଭିଳାଷ ଦମନ କରି ନ ପାରି ଗଲି। ହାତରେ ଉଜ୍ଜ୍ୱଳ ଟର୍ଚ୍ଚ। ସପ୍ତମୀର ଅସ୍ପଷ୍ଟ ଜ୍ୟୋତି-ଧରଣୀ ଯେପରି କାର ଭିକାରୀ !!

.........କ ଅଶୁର୍ଯ୍ୟ ସେ ଯେ ସୋଟିଏ ଲୋକ-କଂକାଳ ଖଣ୍ଡ ଯେପରି ତାର ଜୀବନର ପ୍ରମାଣ ହୋଇଥିଲା ! ଦେହରେ ଗଣ୍ଡ ଖଣ୍ଡ କେବଳ ଲଜ୍ଜା ନିବାରଣ ପାଇଁ ସେ ଖଣ୍ଡ ସେ ଯୋଡ଼ିଯାଇ ପିନ୍ଧିଥିଲା ଯେପରି। ହାତରେ ତାର ଛୋଟ ପାଇଲି ଖଣ୍ଡେ।

ସେ ଶୁଷ୍କଅଙ୍ଗେ ଚକିତ ଦୃଷ୍ଟିରେ ମୁହଁ ତୋଳି-ଚାହିଁ ଲଡିଥିଲା। ମୋର ଉପସ୍ଥିତି ସେ ଜାଣେନା ସେ ପର୍ଯ୍ୟନ୍ତ। ନିରବରେ ମୁଁ ତାର ପଛପଟେ ଥାଇ ତାର କାର୍ଯ୍ୟାଦି ଲକ୍ଷ କରୁଥିଲି।

ସେ ପୁଣି ଦୀର୍ଘନିଃଶ୍ୱାସ ପକାଇ ଥରେ ମୁହଁଲା ଗୁଲ ଅଡ଼କୁ। ମତେ ଦେଖି ସେ ଚମକି ପଡ଼ିଲା। ତା' ପାଖରେ ଲଣ୍ଠନଟିଏ ଜଳୁଥିଲା। କ୍ଷୀଣ ଆଲୋକରେ ତା' ମୁହଁରେ ବହୁତର ଗ୍ଲାନିଟିଏ ଛଡ଼ା ଆଉ କିଛି ମୁଁ ଦେଖିଲି ନାହିଁ। ଜୀବନର ସାମ୍ନାରେ ଉପସ୍ଥିତ ହୁଏ।

ବିସ୍ମିତ ହୋଇ ମୁଁ କହିଲି—"କିଏ ତୁମେ ବୁଢ଼ା !" ଏଠିକାରେ ଏତେ ରାତିରେ ମାନ୍ଦ କାହିଁକି ଚୋର୍ଗିଛ !

ସେ ମତେ ନିରୀକ୍ଷଣ କରୁ କରୁ କହିଲା—"ସେ ମୋ କପାଳ—ମୋ' କର୍ମ ମତେ ଘେରିଛି କରୁଛି ! —ଏ

କିଏ ବାବୁ ! ଏତେ ରାତିରେ ଏ ଅପନ୍ତରା ଜଙ୍ଗଲ ଦେଇ କୁଆଡ଼େ ଯାଉଛ ? ବୟସ କମ ଦେଖିଲେ ଭାରି ସାହସ ତମର ।"

ମୁଁ ତା' ପ୍ରଶ୍ନର ଉତ୍ତର ନ ଦେଇ କହିଲି—"ଅଛ ବୁଢ଼ା, ତମେ ଏଠି କଅଣ କରୁଛ କହିଲ, ମୋ କଥା ଶୁଣିବ ପଛେ ।"

ତାର ଛୋଟି ମାର୍ଜିତ—କଥା କହୁଥିଲା ଛାନ୍ଦଛ ପଦ । "ବାବୁ ଏ ପ୍ରଶ୍ନ କରି ମୋ ହୃଦୟ କଳିତ ଅମର ସ୍ମୃତିକୁ ତମେ ଅନ୍ତର ଉଜ୍ଜ୍ୱଳ କରି ଦେଲ ଯେ ! କିନ୍ତୁ ମୋ ଦୁଃଖରେ ଦୀର୍ଘ ଏତେ ଦିନ ପରେ ପରର କଥା ଆଜି ଶୁଣିଲି ତମ ଠାରୁ ନୂଆ କରି । ଭଗବାନ ତମକୁ ଦୀର୍ଘଜୀବୀ କରନ୍ତୁ ।

ତମେ ତ ବାଲିବାଳ ପିଲା ତମ କଥା ଛାଡ଼ ତମ ବାପା ବି ଏ ଯାଗାର ଲୀଳା ଦେଖି ନ ଥିବେ ବୋଧେ । ଯେଉଁସବୁ ତମର କହିଲେ ବୁଝି ପାରନ୍ତି, ସେହି ଦେଖିଥିବେ ।

ଏଠି ଯେତେବେଳେ ଜନ ବସତି ଥିଲା । ସେ ଜୀବନ ଗରଜ୍ଞ କମ ନ ଥିଲେ । ପାଖରେ ଭରିଥିଲା କିନ୍ତୁ ଏ ଜଙ୍ଗଲଟାର କଳେବର ଏତେ ବଡ଼ ନ ଥିଲା ।

ଏ ଯାହା ଯେତେ ବଳ ଦେଖୁଛ ସବୁ ତାଙ୍କ ଘରର । ଆମେ ସବୁ ଭାବ ଧରିଥାଉଁ । ଭାରି ସୁଖରେ ଚଳୁଥିଲୁଁ । ଏଇଠି—ଏଇଠି ଥିଲା ମୋ ଘର । ଦୁଇ ସାହାଳା ଅଟ୍ଟ । ପୁଅ, ବହୂ, ନାତି, ନାତୁଣୀରେ ଘର ପୂରି ଥିଲା । ସେଁ ଭିତରେ ଆମ ଘର ସବୁଠୁଁ ଭଲ ଥିଲା । ଆଜ ମା' ଦୁଇ ଭାତ ମୁଠିକର ବେଳେବେଳେ ଅଭାବ ତ ନ ଥିଲା ।

ଯେତେବେଳେ ପଇସା ଲେଉଥିଲା—ମୁଁ ମୂଳା କିଣି ଆଣୁଥିଲି । ମୋ ଟୋଇଲା ଘର ବଗିଚା ଏଇଠି ଥିଲା । ଏଇଠି ମୁଁ ଦଶ ମୂଳା ପୋତିଥିଲି । ତାହାରେ ସେବା ଭଗବାନଙ୍କ ନିଶାପଦରେ ରଖିବା ପାଇଁ କାମନା ରଖି ଅଶ୍ରୁ ଦେଇଥିଲି ।

ସେ ଅନେକ ପୂର୍ବବର୍ଷ ତଳର କଥା ।

ବାବୁରେ ! ମଣିଷ ଯଦି ଆଗତ ଭବିଷ୍ୟ ଜାଣି ପାରୁଥା'ନ୍ତା—ଏତେ ଦୁଃଖ ଅଶ୍ରୁ ଆଉ ଥା'ନ୍ତା କି ?

ଅହ୍ମା ! ସେ କରୁଣ ଘଟଣାକୁ କିଏ କଳ୍ପନା କରିଥିଲା ଯେ ! ଅଚେତ ଆଗରୁ ସନ୍ଧ୍ୟାର ଛାଇ ଯାଇଥାନ୍ତା ।

ଜର୍ଦାଳରେ—ମୁଖ-ଶଯ୍ୟାରେ ଶୋଇଥିଲୁଁ । ବାହାର ଅଧ-କନ୍ଦୁ କିଏ ଜଳିଗଲା । ଘାଇଲାଗା ପାଣି, ପ୍ରଳୟ ପାଗଳା-ସିନ୍ଧୁ ପରି ମାଡ଼ି ଆସିଲା । ଏତେ ବଡ଼ ଝାଙ୍କା ଜର୍ମନ !! —ଇମିତି ଥାଏ ବାବୁ ଯୋଗ !!!

ସେଇ ବାତ୍ୟା ଦେବର ରଶିଦାକୁ ସମସ୍ତ ମୋତେ ମିଳି ନାହିଁ; ମୋର—ମୋର କଥା କହୁଛ—ପୁଅ, ବହୂ, ନୂଆ ନାତୁଣୀ ସେଇ କରାଳ ବନ୍ୟାରେ ପ୍ରାଣ ହରାଇଲେ । ଏ ଅଛବର ଜୀବନଟା ବାହିଁକି ରହିଲା—ବୋଧେ ଦୁଃଖ ପାଇ ।

ଦୁଃଖ—ସାନ ନୁହେଁ । ସେଇ କେବଳ ବଞ୍ଚିରହି ଥିଲି । ମା' କଳେବରୀ ବନ୍ୟା କଲେ ତାଙ୍କୁ । ମୋ ନିଅଁ ନଗା ଜୀବନ କଥା ଛାଡ଼ ।

ଏନ ମୋର ତ ଯନ୍ତ୍ର ନାହିଁ—ଅନ୍ତର କେତେ ହିନସ୍ତା ହେବ ଏ ପାପ ଜୀବ ? ଭଗବାନଙ୍କ ଏତିକି ପ୍ରାର୍ଥନା ଦୁଃଖ କେମିତି ମଣିଷ ହୋଇ ଭଳିର ପାପ ସେ—ସେଇ ଯଦି ପରମାତ୍ମା ପାଇ ଥିବ ତ ଏ କାଳ ରହିବ ।

ବୁଢ଼ା ଦୀର୍ଘ ନିଃଶ୍ୱାସ ପକାଇ ସବୁ କହି ଯାଉଥିଲା । ମନ୍ତ୍ରମୁଗ୍ଧ ପରି ମୁଁ ଶୁଣୁଥିଲି । ଛ ମାସ ହେଲା ଧନଟି ମୋର ପଡ଼ିଛି । କହଣା ଛଡ଼ନ୍ତ ! ଉଠିବାର ତ ଶକ୍ତି ନାହିଁ । ବାହାକୁ କେତେ ମାଗୁଛୁ—କିଏ ଦେବ ? ମୋ ଦୁଃଖରୁ ନିତି ଦିନ କୋଡ଼ିଏ ଉଣାଇ ଭିକ ନେଇ ଯାଉଥିବେ—ଆଜ ମୋ ଧନଟି ପାଇଁ ଔଷଧ କରିବାକୁ ପଇସାଟିଏ ମିଳୁନି ନାହିଁ ।"

ଅର୍ଦ୍ଧ କଣ୍ଠରେ ବୁଢ଼ା କହିଲା—

"ଏଇଠି ଦଶଟାର ମୂଳା ପୋତିଥିଲି । ଗୋଡ଼ା ମନ ବୁଝିଲା ନାହିଁ । ଭାବିଲି—ଯଦି ଗୋଟିକୁ ଗୋଟିକୁ ପାଇଯାଏଁ । ଦୁଃଖର କେତେ କାମ ଦେବ ।

—ଦୁଇମାସ ହେଲା ଖୋଜି ଖୋଜି ଥକିଲିଣି । ରାତିରେ ଦୁଃଖ ମୋର କିଏ ଜାଣେ ଶୋଇ ପଡ଼ିଲେ ଏଇଠିକି ଆସେ । ଜାଣିଲ, ବାବା ! ଲୋକ ପରି, ନିଅଁ ଲଗା ମନର ଅଭ୍ୟାସ ।

ମୁଁ କହିଲି—"ବୁଢ଼ା, ପାଗଳ ହୋଇଛ ? ବନ୍ୟା ପାଣି ତ ତେବେ ପାଣି, ପୂର୍ବବର୍ଷ ଭିତରେ ଏ ଜମି କେତେ ଘୂରି ହେଲାଣି, ସେ ଆଉ ମିଳିବ ?"

ବୁଢ଼ା ବୋଦ ବୋଳା ଦସ ଟିକିଏ ହସି କହିଲା—"ବାବୁ, ଲୋଭ ରେ ମନର ଲୋଭ ।"

ସମସ୍ତ ସମସ୍ୟାରେ ଧନର ଦାମ ଜୀବନଠାରୁ ବେଶୀ ମନେହୁଏ, ଯେତେବେଳେ ଦରିଦ୍ରର ଜୀବନକୁ ଚହଲା

(ପରପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com

(ନବ ଅଙ୍କୁର ପ୍ରଥମ ପୃଷ୍ଠା ଛଡ଼ାରୁ)

ସବୁ ପଦାର୍ଥର ଦାମ ବଢ଼ିଛି । ଏ ଦେଶରେ ଯଦି ଚଳିଂଷା ଶସ୍ତା ହେଉଥାଏ, ତେବେ ତେଇଶଟା ପୋକ । ଶୁଣା ଯାଉଛି ପୋଷ୍ଟକାର୍ଡ଼ ଷ୍ଟାମ୍ପର ଦାମ ବୃଦ୍ଧି ହେବ । ରେଳ ଭଡ଼ା ଟଙ୍କାରେ ସ୍ୱଳ୍ପଟଣା ହେଲା ହେବ । ଏଥିରେ କେତେ ବାସ୍ତ ବଢ଼ାଇ ଦେଉଛନ୍ତି କିଏ ଜାଣେ । ଅଧମ ବନ୍ଧୁ—ଚାଲୁ, ଚାଲୁ—ଯେତେ ପାର ସେତେ ଚାଲୁ । ଏପରି ଚାଲି-ବାର ଅର୍ଥ – ଅଧମ ନିଜର ଅଙ୍କ ମଧ୍ୟ ତୋଳ ରଖୁ ନାହିଁ । ହେଁ ହେଁ ରୁହନ୍ତୁ । ମନେ କର ପଣ୍ଡିତ- ନେଇ ବଜାର ସେଇ ଟପଟ ପ୍ରାୟ ତେଙ୍ଗା କି କଥା—ହେଁ ହେବା ଶେଷେ କ'ଣ ହେବକି ? + × × ×

"ରେଳ ଗାଡ଼ିରେ ଯିବା ଅଣ୍ଡିରା ବଜାର ନାଇ" ବୋଲି ଅନେକ ଏକଲୁ ନିଜକୁ ଶିକ୍ଷା ଦେଇ ଯାଉଛନ୍ତି । ଦାମ ବୋଲା ଟିକିଟ ଏ ସବୁଦିନ ଜିନିଷର ଦାମରେ ବାନ୍ଧି । ପାରିବ୍ରି ନେମାଜାର ଓଡ଼ ମଡଳ ଛଡ଼ିକା ବର୍ଷାର ଦେଉଥିବା ଜଳ ଦେଲା ନୁହେଁ । ଯାହା ଦେଖ ଏବେ ଯେତେ ଠିକ ହୁଏ କାହାକୁ ଯିବ ଦେଖାଇବ । ରେଳ ଭଡ଼ା ଟଙ୍କାରେ ଠିକରେ ହେଉଛି ସଂଖ୍ୟା ଦେଖାଇ ହେଉଛି ସପ-ବାଇ କରନ୍ତୁ । ଟଙ୍କାରେ ଟଙ୍କାଏ ହୋଇଥିଲେ ଅଧିକ ଉନ ହୋଇ ଯାଇଥିଲା ଓ ବୋଲ ଦଶ ଟଙ୍କା ସ୍ଥାନରେ ଗୁଣ ହୋଇଛି ଓଡ଼ିଆ । ଏ ଟଙ୍କା ଯେତେବେଳେ ଗଳେନ ପାଇଁ ଖର୍ଚ୍ଚ କରିବ, ରହିବ ତା ନ ଦେବେ କହିଁକି ? ଏଥିରେ ଯେ ଆପତ୍ତି କରୁଛନ୍ତି ସେ ବୁଝନ୍ତୁ ।

× + × +

ରେଳ ଭଡ଼ା ବୃଦ୍ଧି ଦ୍ୱାରା ଆଉ ଗୋଟାଏ ଲାଭ ହେବ । ଜାପାନ ଶତ୍ରୁ ଯଦି କେବେ ଭାରତକୁ ମଣେ, ଅଧିକା ରେଳ ଭଡ଼ା ଦେଇ ନ ପାରି କଅଣ ଯାଇ ପାରିବ ନାହିଁ; ଯାହାଠି ଥିବ ସେଇଠି ରହି ଦେବେ ମାରିବ ।

× + ×

ସ୍ୱରାଜ୍ୟ ଦ୍ୱାରପଣ୍ଡ—ରେସନ, ରେସନ, ରେସନ । ଭଗ୍ନ ହୁଏ, ସରକାର ମେସିନ୍ ବଳରେ ସ୍ୱରାଜ୍ୟ ଗୁଣ୍ଡି ପରି ଚଳାଇବାକୁ ଯେପରି, ସେଥିରେ ସରକାର ଯଥେଷ୍ଟ ବାହବା କରନ୍ତୁ ତଥାପି ମୁଁ ଅନେକ ପାରନ୍ତେନି ? ହୁଏତ ଏଥିପାଇଁ କେବଳ ସହର ବାହାରେ ମଫସଲ ଗାଁ-ମାନଙ୍କରେ ମଧ୍ୟ ରେସନ ପଦ୍ଧତି ବ୍ୟବସ୍ଥା କରିବାକୁ ପଡ଼ିବ ।

ଏ ଅମ୍ଳାନିତ ଦୁର୍ଘଟଣା ସବାରେ ସରକାର ଅଜସ୍ର ସ୍ୱପ୍ନର ହେବା ଦରକାର । ନୋହିଲେ ତା । ଲୋକରେ ବାଲିଗଣ ଯେଉଁ କଥାକୁ ଭୁଲି ପାରିବ ନାହିଁ । ଘୋଡ଼ା ପଛରେ ଥାଇବା କେବଳ ସାର ।

× + ×

ଶୁଣା ଯାଉଛି ଭାରତରେ ଏଗାରିଟି କୋଟିଏ ଟଙ୍କାର ସମ୍ପତ୍ତି ରାଜବନ୍ଦୀ ମାନଙ୍କ ଭାଗ ଭରି ଦେଇଛନ୍ତି । ସ୍ୱରାଜ୍ୟ କେବେ ସ୍ୱର ଦେଇଛନ୍ତି କି ଏମାନଙ୍କ ଛାଡ଼ି ଅଯାଖ । କନ୍ଧ ଅଧମ ମନ୍ତ୍ରୀଙ୍କ— ମୋର ହେବରେ ସଉଦାଗର ନୁହେଁ । ଅମର ଏକଥା କହିବାର ମତଲବ ଏହି ଯେ—ଏହି କୋଟିଏ ଟଙ୍କାର ବାସ୍ତବ ଧନ କେବେ ସେବା କରି କରି ଦ୍ୱାଲିଆ ହୋଇଛନ୍ତି । ସେମାନେ ଯେତେବେଳେ ସରକାରଙ୍କ ପକ୍ଷା ଅ, ଏ ଦେଶରେ ସରକାରଙ୍କର ଛବି ତାଙ୍କୁ ଦେଖି ଓ ମୃତ୍ୟୁ ଦେଇ ଦେବା କଥା । ଏହିଭଳି ସେଥିର ଅଧିକାର ସେମାନେ ପାଇଲେ କି ନାହିଁ କି ?

( ବାଣୀ ମୂଳ ପୃଷ୍ଠା ଅବଶିଷ୍ଟ )

ଦୁଃଖ କର ଏ ଯେତେବେଳେ ଦେହର ନର୍ଥ ଜନ ଉଠେ ସେଇ ଯନ୍ତ୍ରଣାରେ ଯେତେବେଳେ ଅଧୀର ହୋଇ ଯାଏ ମନ ।

ତାର ଏହି କଥାର ଯଥାର୍ଥତା ମୁଁ ବୁଝି ପାରିଲି ନାହିଁ ଜୀବନର ପ୍ରଭାତରେ । ଦାରିଦ୍ର୍ୟ-ଦୁଃଖରେ ଅଧୀର ହୋଇ ଜୀବନକୁ ମୁଁ ଧନ ଠାରୁ ବଡ଼ କରିଥିଲି ଅବା । ତଥାପି ପ୍ରତିବାଦ କରିବାର ଶ୍ରଦ୍ଧା ନ ଥିଲା ।

ସମ୍ପ୍ରୀତି ଜନ୍ମ ସେତେବେଳେ ତଦାତ୍ମ୍ୟ ନଇଛି, ଘୋର ଅନ୍ଧକାରରେ ଧରଣୀକୁ ଅଛନ୍ନ କରି ।

ଦୁଃଖର ଅଶ୍ରୁଭିଜା ଇଚ୍ଛାପତ୍ରକୁ ଶୁଣି ମନଟା ଭରି ଉଠୁ ଥିଲା ଅନ୍ଧକାରରେ । ପକେଟରେ ହାତ ମାରି ଦେଖିଲି ଦୁଇଟଙ୍କା ଅଛି । ସେଇ ଟଙ୍କା ଦୁଇଟି ତା' ହାତକୁ ବଢ଼ାଇ ଦେଇ କହିଲି "ନିଅ, ତୁମ ପାଇଁ ଔଷଧ ପଥ୍ୟ କରିବ ।

କୃତଜ୍ଞତା ଜଣାଇ ଟଙ୍କା ଦୁଇଟି ନେଲା । ସେଇ ଟଙ୍କା ଦୁଇଟି ପାଇ ନେଲା ଟଙ୍କା ପାଇଲା ପରି ସେ ଆନନ୍ଦରେ ଅସ୍ଥିର ହୋଇ ପଡ଼ିଲା ।

ସମ୍ପ୍ରୀତି ଜନ୍ମ ସେତେବେଳେ ଆକାଶ ବୁକରେ ଜଳି ଜଳି ଯାଉଛି । ବୁଢ଼ାକୁ ସାନ୍ତ୍ୱନା ଦେଇ ମୁଁ ଫେରିଲି ।

❋❋❋

Digitized by srujanika@gmail.com

କବିତା —

# ଭିକାରୁଣୀ

ଲେଖକ:—ଶ୍ରୀ ରମାନନ୍ଦ ସାହୁ

ଗୋପାଳଙ୍କ-ମଠ ସାମନା-ଦ'ଆଳି କୋଠା-
ମ୍ୟୁନିସିପାଲିଟି-ବଢଖୁଣ୍ଟ ଯାହା ଉଠେ
ଖିଲପାନ ବିକେ ଯହିଁ ସେ ଏକ ଟେକ୍ସା—
ବସିଥିଲା ଏକ ଭିକାରୁଣୀ ତହିଁ ତଳେ !

ଆଖିରେ ତାହାର ବୟସ ନ ହୁଏ ଧରି,
ଅନୁମାନ, ସଦ୍ୟ ତରୁଣୀ ବୟସ ତାର;
ରୂପେ କିନ୍ତୁ ତା'ର ପ୍ରୌଢ଼ତ୍ୱ ଅଛି ଭରି —
ଆଖି ତଳେ ଫୁଟି ବସିଲାଣି କଳାଗାର ।

ଅନାହାର ନାହିଁ ଜୀବନର ସଫଳତା,
ମଧୁ-ଯୌବନ ତାହା ପାଶେ ମୂଲ୍ୟହୀନ !
ଶୁଷ୍କ ବାର୍ଦ୍ଧକ୍ୟ-ଯୌବନ-ସବୁଜତା—
ତା' ନୟନେ ତେଣୁ ଏକ ସ୍ୱପ୍ନ-ନୁହେଁ, ଭିନ୍ନ ।

ମଥାରେ ତାହାର ନିଖୁଗ ଧୂଳିଆ କେଶ,
ମୁଖରେ ତାହାର ହଳଦିଆ-ଧଳା ଦାନ୍ତ,
ଛିଣ୍ଡା କନା ଯେତେ ମଳିନ ଧୂସର ବେଶ,
ବୁଭୁକ୍ଷା-ପୀଡ଼ିତ ଅଙ୍ଗର ଗୃହାଣୀ ଶାନ୍ତ ।

ପାଞ୍ଚଶ ଗଜ ରୁ କାଠର ଅଙ୍ଗାର ଅଣି,
କଷ୍ଟେ ନିଭାଏ ଦୁର୍ବ୍ବାର ଜଠର ଜ୍ୱାଳା,
ନେଉଁକା-ନଡ଼େ ରଖିଛି ମୁଠାଏ ପଣି,
ପେଟପାପା ନିବାରେ ପର ତାହା ଭସ୍ମ-ଚାଳା ।

ବିଶ୍ୱାସ ମୁହିଁ ଆଖିରେ ଦେଖିନି' ନିଜେ,
ଶୀତଳେଲ୍ ଖାଇର ଉଦ୍ଭାଳିଲି କୁଣ୍ଡଳେ,
ଯେତେ ନିରେଖିଲି ସେହି ଦୃଶ୍ୟ ଦେଖିଲି ଯେ
ଏ କଥା ସ୍ୱପ୍ନରେ ? ଭାଷା ରୁଦ୍ଧ ହେଲା ଗଳେ ।

ମନୁଷ୍ୟର ଝାଳେ ଦେଖିଲି—ପଇସା ନାହିଁ,
ରହିଛି କେବଳ ଟଙ୍କା ଏକ ନୋଟ୍ ଟିଏ,
ଗାଁରବରେ ଟଙ୍କା ସେଠାରୁ ଅସିଲି ଧାଇଁ,
ପଣ୍ଟାରେ ପୋତେ ଦୋକାନେ ଯେତେକ ପୁଣି କିଏ !

ମଣିଷର ଏକ ମହାନ ଜୀବନ ତୁଲେ,
କାଗଜର ନୋଟ୍ ମୋ ଆଖିରେ ହେଲା ବଡ଼,
ସେହି କଥା ମୁହିଁ କେସନେ ଜୀବନେ ଭୁଲେ !
ପାରି ନାହିଁ ଦେଇ ଟଙ୍କାଟିଏ କାଗଜର ।

କେତେ ଦିନ ପରେ କରି ମୁଁ ଅନୁସନ୍ଧାନ,
ସହରର ସବୁ ଗଳି ଅଳି ରାଜପଥ;
ଦେଖ ସାମନା—ଚଉଷ୍ଠା ପୂର୍ବ ସ୍ଥାନ,
ସିନେମା ଫାଟକେ, ବଜାରରେ ଅବିରତ ।

ଚାଲିଆଁଳାର ଗଳି - ନର୍ଦ୍ଦମା ଧାରେ
ଉଷ୍ଣବନର ଏକ ପାରେଶ ଶବଟିଏ—
ଦାନ୍ତରେ ତାହାର ଲାଗିଛି ଲୁଟିରୁ ଫାଳେ,
ଗଳାଟି ତାହାର ଫଟାଇ ଦେଇଛି କିଏ !

ନିରେଖିଲେ ଦିଶେ କୁକୁର ଦାନ୍ତର ଚିହ୍ନ !
ଶ୍ୱାନ ଦଳେ ଭାଗ ଦାବୀ କରିବାର ବଳ
ନ ଥିଲା ତା', ତେବେ, ଶେଷ ହେଲା ତାର ଦିନ
ମୃତ୍ୟୁ ପରଶ ଦେଇ ମୁକ୍ତି କଲା ଚୋଳ ।

Digitized by srujanika@gmail.com

# କାନିଆ ବଳଦ ଗାଲ୍‌ପା ଗାଲ୍‌ପା........

ସଂଗ୍ରାହକ:—ଶ୍ରୀ———

ଶିକ୍ଷକ—ବ୍ରଜ, ସବୁଠାରୁ ଲମ୍ବା ଶବ୍ଦ (word) କାଏ କହିଲ ?

ବ୍ରଜ—Smiles ସାର୍ ।

ଶିକ୍ଷକ—କିପରି ହେଲା ! ଏ ତ ମୋଟେ ଛ'ଟା ଅକ୍ଷର ।

ବ୍ରଜ—ଆଜ୍ଞା ଆଗେ S ପରେ S—ମଝିରେ ରହିଲା ଏକ ମାଇଲ (mile) !

× × + ×

ଧନୀ ବାବୁ ଓ ମନୁ ବାବୁ ଦୁଇ ବନ୍ଧୁ ମିଳି ଟିଫିନ୍ କଲେ ଓ ମଦ ପିଇ ଗୁଡ଼ି ହେଲେ । ଶେଷରେ ଧନୁ ପା' ସକାଶେ ଅଲମାରିରେ ଢେଳେ ଏକ ବୋତଲ ବ୍ରାଣ୍ଡି ରଖିଥିଲେ ।

କିଛିକ୍ଷଣ ପରେ ମନୁ ଆଉ ସହି ନ ପାରି ଧନୀକୁ କହିଲା, "ବନ୍ଧୁ ମୋ ମୁଣ୍ଡଟା ଭାରି ଖରାପ ଲାଗୁଛି ।" ଧନୀ କହିଲା, ବନ୍ଧୁ ତୁମର ଏତେ ବଳକୁ ହେଲା—ମୋର ତ ଢାଳି ଧନ ଉପାସ ଦେହ ଖରାପ ଲାଗୁଛି ।"

\+ % +

ଡାକ୍ତର—ପାଞ୍ଚ ଅଛୁ ମାଉସୀ, ଫଡ଼ା ମାଛ ? ଠିକ୍ ଏ ବାଛୁ ଦେଉଛି, ମୁଁ ଔଷଧ ପଠାଇ ନେବି । ସେଥି ଭିତରେ କେତୋଟା ସଢ଼ି ପଡ଼ିଛି ବାଛି ଦେଲ ।

ମାଛ ବାଲୀ—ଏଇ ବାବା ! ମାଛ ଏଇ ସାତୋଟି ସେଥିରୁ ଏଇ ତିନୋଟା ସଢ଼ା ଆଉ ଏଇ ଚାରୋଟା ........

ଡାକ୍ତର—ବେଶ, ବେଶ୍, ତା ହେଲେ ସେଇ ପଚା ତିନୋଟାକୁ ଛାଡ଼ି ଏଇ ଚାରୋଟା ଓଜନ କରି ଦେ' ତ ।


## କ୍ୱେବେଈ ବ୍ୟାଙ୍କ ଲିଃ

ହେଡ଼ ଅଫିସ——କଲିକତା

**ଶାଖା ଅଫିସ ମାନ:——**

ଢାକା, କାଲିମ୍‌ପଙ୍ଗ୍, ସିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

**୧୬ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ୍ କାର୍ଯ୍ୟ ନିର୍ବାହ ହୁଏ ।
ଜାଜପୁର ଶାଖା ଶୀଘ୍ର ଖୋଲଯିବ ।

**ଏସ୍: କେ: ଚକ୍ରବର୍ତ୍ତୀ**
ମ୍ୟାନେଜିଂ ଡାଇରେକ୍ଟର


Digitized by srujanika@gmail.com

ମଜା କବିତା.....

# ଆମ ଅମଳ ଓ ତାଙ୍କ ଅମଳ

ଲେଖକ:—ଶ୍ରୀ ଗୋପୀନାଥ ବେହେରା

ଆମ ଅମଳରେ ଆମ ସରକାରରେ
ଆମ ରଜା ପାଳେ ଦେଶ,
ସ୍ୱରାଜ୍ୟ ଠାରୁ ଭଲ ସୁଖ ଥିଲେ
କେହି ତ ନ ପାଉଁ କ୍ଲେଶ ?
ତାଙ୍କ ଅମଳରେ ଧଜଡ଼ି ଗୋଟାକୁ
ଆମ ଅମଳରେ ଟଙ୍କା,
ତାଙ୍କ ଅମଳରେ ପିତଳ ଗଡ଼ୁକୁ
ଆମ ଅମଳରେ ଟଙ୍କା !
ତାଙ୍କ ଅମଳରେ ଟାଣି ଟଙ୍କାକୁ
ପାଞ୍ଚ ସେର ଥିଲା ଧାନ,
ଆମ ଅମଳରେ ପଇସା ଗୋଟେ ରେ
ଛଅଟା ମିଳୁ ବିଡ଼ା ପାନ ।
ତାଙ୍କ ଅମଳରେ ଅବଧାନା ପାଠ
ଆମ ଅମଳରେ ସ୍କୁଲ,
ତାଙ୍କ ଅମଳରେ ଶାଗ ଭାତ ଖାଇ
ଆମ ଅମଳରେ ହୋଟେଲ୍ ।
ବାପ ମାନଙ୍କେ ଚକୋଲେଟ୍ ଖାଇ
ଆମ ଅମଳରେ ନାଚ,
ତାଙ୍କ ଅମଳରେ ହଳ ଲଙ୍ଗଳରେ
ସାରା ଦିନ ଯାଏ ବିତ !
ତାଙ୍କ ଅମଳରେ ଚୁଡ଼ା ପିଠା ଖାଏ
ଆମ ଅମଳରେ ବଡ଼ା,
ତାଙ୍କ ଅମଳରେ ବିବାହେ ବାଜଣା
ଏବେ ଖାଲି ଯୋଡ଼ି ଯୋଡ଼ି ।
ତାଙ୍କ ଅମଳରେ ହାତେ ଲମ୍ବ ଚୁଟି
ବାନ୍ଧୁଥି ଲଙ୍ଗୁଡ଼ ପରି,
ଆମ ଅମଳରେ ଚଟ୍ ଚଟା ଚୁଲେ
ପଛକୁ କୁଣ୍ଡିଅ ଟେଳ ।
ତାଙ୍କ ଅମଳରେ ମୋଟା ଖଦି ପିନ୍ଧି
ଚଳୁଥିଲେ ଦିନ ରାତି,
ଆମ ଅମଳରେ ମିହି ଧୋତି ବିନା
ଫାଟି ଯାଉଅଛି ଛାତି ।
ତାଙ୍କ ଅମଳରେ ଟଙ୍କା ଭୋଟାଇରେ
ମାସର ଖରଚ ଚଳେ,
ଆମ ଅମଳରେ ଗାଁ ଠାକୁରେ
ହାତ-ଗୁଞ୍ଜା ଚଳେ ଚଳେ ।
ତାଙ୍କ ଅମଳରେ ପାଦରେ ଖଡ଼ାଉ
ଆମ ଅମଳରେ ବୁଟ୍,
ତାଙ୍କ ଅମଳରେ ମାଳକଚ୍ଛ ଟାଣୁ
ଆମ ଅମଳରେ ସୁଟ୍ !!
ତାଙ୍କ ଅମଳରେ ଦେବତାଙ୍କର ସେବା
ଭାଗବତ ପଢ଼ା ନିତି,
ଆମ ଅମଳରେ ଅଧଣି ପାଳିଅ
ହେବାରେ ଯାଉଛି, ରାତି !
ତାଙ୍କ ଅମଳରେ ମାଉପେ ବନ୍ଦନ୍ତି
ଚକ୍ରମୁଣ୍ଡ ଦେଇ ପାଦ,
ଆମ ଅମଳରେ ବାବୁଆଣି ଗିନ୍ନି
ପୁଞ୍ଚାନ୍ତି ଲେଖା.ର ସାଧ !!
ତାଙ୍କ ଅମଳରେ ବୁଢ଼ା ବୁଢ଼ୀଙ୍କର
ପୁରୁଣା କାଳିଆ କଥା
ଆମ ଅମଳରେ ଲଭ୍ ସିଙ୍କରେ
ଖେଳାଉଛନ୍ତି ଆମ ମଥା ।

Digitized by srujanika@gmail.com

# ହୁରେଁକି ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ସାନ ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ —**

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚରିତ୍ରମାନଙ୍କ ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଜଗତର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନା-ରେ ସେମାନଙ୍କୁ ଉନ୍ନତ କରିବା।


## ପୁରୁଣା ନାଗଙ୍କ ଚିଠି

ପ୍ରିୟ ଅଜା,

ଅନେକ ଦିନ ପରେ ଏଇ ଚିଠିଟି ଲେଖୁଛି ବୋଲି କିଛି ମନେ କରିବେନି। ବେଶିମନେ ତ ଆଉ ସେ ଛୋଟ ଜୀବନ ବା ବାଳକ ଯୁଗର କଥା ନାହିଁ ଯେ ମଝିରେ ମଝିରେ ଅଜାଙ୍କ ପାଖରେ ଚିଠିଏ ଥାଇ ଆବଦାର କରିଦେବା। ଏଥି ଭିତରେ ମୋର ଅନେକ ପରିବର୍ତ୍ତନ ହେଲାଣି ଏବଂ ମୋ ସାଙ୍ଗ ସାଥି ଅନେକଙ୍କର ବି ହୋଇଥିବ ବୋଲି ମୋର ବିଶ୍ୱାସ। କାହିଁକି ନା ଆଗେ ଆମେ ଯେଉଁ ନାଗଭାଇମାନେ ଚିଠିକୁ ଲେଖି ଚିଠିଏ ପାଁ ପାଁ କରି ଫାଟି ପଡ଼ୁଥିଲେ, ଆଜିକାଲି ସେମାନେ ସବୁ ଚୁପ୍ ଚାପ୍ ହୋଇଛନ୍ତି! ଏ କଥାଟିକୁ ଉଦାହରଣ କରି ଦେଖାଇ ୨, ୬, ୧୨, ୨୩ ଣଙ୍କ, ୧୫୦ ଏବଂ ୧୬୭ ନମ୍ବର ପୁରୁଣା ଭାଇ ଭଉଣୀମାନଙ୍କୁ କହୁଥିବାର କଥା, ହଁ ଅଜା! କଥାରେ ଅଛି ମଣିଷ ମନ ଛଣକେ ଆନ। ପୃଥିବୀ ତ ଦିନକୁ ଦିନ ବଦଳୁଛି। ସେଥି ସଙ୍ଗେ ଆମେ ସବୁ ବି ଯେ ବଦଳି ଯିବା ଏଥିରେ ଆଉ ଦୋଷ କ'ଣ? ତେଣିମାନ ସମାଜରେ ଗୁରୁ ଦାୟିତ୍ୱ ଆସି ମୁଣ୍ଡରେ ପଡ଼ିଲାଣି। ତୁମେ ତ ଆସି ବୁଢ଼ା ହେଲଣି ଏ ସବୁ ଚୋଟ ଚୋଟ କର ଅଙ୍ଗେ ନିଭେଇ ଥିବ। ସୁତରାଂ ଏ ବିଷୟରେ ବା ଅଉ ବେଶି କ'ଣ ଲେଖିବି।

ବନ୍ଧୁ ଗତ ଏଥର ଗଡ଼ିଗଲା ସେଥିପାଇଁ ଏଥର ମୋର ଚିର ପ୍ରିୟ ନାଗ ଦଳରୁ ବିଦାୟ ନେଉଛି। ନ ହେଲେ ଯେ ତମ ଆଇନ ଅମାନ୍ୟ କରିବାକୁ ହେବ? କେଜାଣି ବା ତମର ଯଦି ସେମିତି କିଛି Defence Rule ଥିବ ତେବେ ତ ମୁସ୍କିଲ। ଯାହା ହେଉ ସେଥି ସଙ୍ଗେ ମୋର ଅନ୍ତରେ ସମସ୍ତ ଶୁଭେଚ୍ଛା ନୂଆ ଛୋଟ ନାଗ ଭାଇ ଭଉଣୀଙ୍କୁ ଜଣାଉଛି। ଶୁଣିଲା ଆମେ 'ପୁରାତନ' ନାଗ ଭାବରେ ପରିଚିତ ହେବୁଁ। ଅଚ୍ଛା ଅଜା! ଏ କଥାଟା ଲେଖିଲା ବେଳକୁ ମୋତେ ଟିକିଏ କାହିଁକି କିମିତିକା ମନେ ହେଉଛି। ମନେ ହେଉଛି ଆମେ ଯେମିତି ଏଥର ଗୋଟା ଛଡ଼ା ଗାଈ ପରି ହେଲୁଁ। ସେଥିପାଇଁ ମୁଁ ଭାବୁଛି ଆମର ଗୋଟିଏ "ପୁରାତନ ନାଗ ସଂଘ" ଗଲେ କିମିତି ହେବ। ଯେମିତିକା "Old Boys' Association", "Old leaghers" "Association" ଇତ୍ୟାଦି। ତମେ ତ ମୁରବୀ ଲୋକ। ଯାହା ଭଲ ହେବ, ତାହା କରିବ। ମୋର ପ୍ରଣାମ ନେବ। ଇତି। ସ୍ନେହର

ଶ୍ରୀ ବସନ୍ତ କୁମାର

(ନଂ ୪୦ ପୁରାତନ ନାଗ)

**କବିବର ଚିନ୍ତାମଣି ମହାନ୍ତିଙ୍କ ମୃତ୍ୟୁରେ**

ସୁନ୍ଦର ଜୀବନ-ପୀଠେ ଚିର ବାଣୀ–ଆରାଧନା,
କରିଥିଲ ବ୍ରତ, କବିବର-ତୁମ୍ଭେ ମହାମନା '

Digitized by srujanika@gmail.com

ସୁଖ ଦୁଃଖ ସବୁର ଜୀବନେ, ଦେବୀ କଣ୍ଠା ସମ,
ନୋହିଛ କାତର—ଜାଣି ତାହା, ହେ କ୍ଷମା ପରମ !
ଅତୁଳନ ସ୍ଥାପିଗଲ ପେଉଁ ଅକ୍ଷୟ କୀରତି,
ଅମ୍ଳାନ କୁସୁମେ ମଣ୍ଡି ଦେଲ—ଉତ୍କଳ-ଭାରତୀ ।
ମରଣେ କି ସତେ ଏ ଜୀବନ—ଶେଷ ? ନୁହେଁ ତାହା,
ଜୀବନେ, ଉଜ୍ଜଳ କରେ ମୃତ୍ୟୁ ହୋଇ ସିନା ସାହା !
ମହାବନ କେବେ ତୁମେ କବ ମର ନାହିଁ ଅଜ,
ଚଳିଛ ସରଗେ—ନରଦେହ ତେଜି, ଦେବ ସାଜ ।

× × ×
× × ×

ଉତ୍କଳୂତ ଅଦରଣେ ନାଚୁ ନିଖିଳ-ପରାଣ,
—ଦିଅ ୯ ଅଶେଷ ସୁରଧାମୁଁ ଅମର ସନ୍ତାନ ! !

କୁମାରୀ ଶୈଳବାଳା
୧୭ ନଂ ନାଗବସ୍ତ

## ଭକ୍ତି—ଅର୍ଘ୍ୟ

( ୧ )

ହେ ଉତ୍କଳ ଭାରତୀର ନୈଷ୍ଠିକ ସାଧକ,
ରାଧାନାଥ—ଯୁଗ ଶୈଳୀ, ଭାଷାର ଧାରକ,
ଯଶୋଭ ବସୁଧରେ ଗଲ ଦିବ୍ୟ ଧାମେ,
ଝୁଲେନ୍ତି ଓଡ଼ିଆ ସ୍ମର ତବ ମଧୁ ନାମେ !

( ୨ )

ସ୍ୱଦେଶର ଚନ୍ଦ୍ରା ଧରେ ଭାଷାର ବୈଭବେ,
ଭଜିଲ, ନ ଲୋଡ଼ି କେବେ ପ୍ରଶଂସା, ଗୌରବେ;
ଗୀରବେ ସାଧନା କରି ଅର୍ଦ୍ଧ ଯୁଗ ଧରି,
ସିଦ୍ଧି-ଫଳ ଦେଶ ଜନେ ଗଲଟି ବିତରି !

( ୩ )

ଖରେଚି ଅସଂଖ୍ୟ ଚନ୍ଦ୍ର ଅରଚିଛ ଯଶ,
କାବ୍ୟ-କବିତା-ଭ୍ରମଣ-ଉପନ୍ୟାସ-ରସ ।
ଚିହ୍ନ ଏ ଓଡ଼ିଶୀ-ମାଟି କରିଛ ଉର୍ବର,
ଭାଷା-ଉଦ୍ୟାନର ମାଳୀ, ହେ କବି ଶେଖର !

( ୪ )

ଦାରିଦ୍ର୍ୟର କଷାଘାତେ ହୋଇନ ଚଞ୍ଚଳ,
ବ୍ୟାଧିର ପ୍ରକୋପେ ଭାଙ୍ଗିନି ସେ ମନୋବଳ,
ସାଧନ-ମାର୍ଗରେ ରହି ଦୃଢ଼, ଅଚଞ୍ଚଳ,
ଶାନ୍ତିରକୁ ଦେଲ ବଳି କରି ଛଳ ଛଳ ।

( ୫ )

ଓଡ଼ିଆ-ସାହିତ୍ୟ-ଗଗନରେ ତୁମେ ପରି,
ଜଳୁଥିଲ ଶିରୋମଣି, ଯଥା ଧ୍ରୁବତାରି;
ହେ ମହାମନୀଷି, କବିବର, ମହାପ୍ରାଣ,
ଜଣାଏଁ ମୋହର ନତି, ଦେଇ ସୁମହାନ !

ଶ୍ରୀମତୀ ତରଙ୍ଗିଣୀ ମହାନ୍ତି

## ପ୍ରଶ୍ନ—

୧ । ଇଂରାଜୀରେ 'ବଯ୍ସ୍କଟ୍' ଶବ୍ଦ କେଉଁଠାରୁ କିପରି ଭାବରେ ଉତ୍ପତ୍ତି ହୋଇଥିଲା ?

୨ । ବର୍ତ୍ତମାନ ଯୁଗରେ ଅଳନ୍ତାଗୁହା କିଏ ଅବିଷ୍କାର କରିଥିଲେ ?

୩ । ଖବର କାଗଜର ଆଦ ଜନ୍ମସ୍ଥାନ କେଉଁଠି ତାହା କିପରି ଭାବରେ ପ୍ରକାଶ କରା ଯାଉଥିଲା ଏବଂ ସେ କାଗଜ କେତେକ ଅଳଯାଏ କେଉଁ ଖାଉ ଛି କି—ନା ?

୪ । 'ଅର୍ୟଲଣ୍ଡ' କେତେ ଖ୍ରୀଷ୍ଟାବ୍ଦରେ ତ ଦ୍ୱାର ପୂର୍ଣ୍ଣ ସ୍ୱାଧୀନତା ହାସଲ ଅଛି ।

୫ । ଲୁଗାବୁଣା ଯନ୍ତ୍ର କଳକୁ ପ୍ରଥମେ କିଏ ଅବିଷ୍କାର କରିଥିଲେ ?

ପ୍ରିୟ ମହାଶୟ !

ମୁଁ ଉପରୋକ୍ତ ପ୍ରଶ୍ନ ଗୁଡ଼ିକୁ ମୋର ନାଗ ଭାଇ ଭଉଣୀମାନଙ୍କୁ ପଚାରୁ ଅଛି ଏବଂ ଏକ ଧାର୍ଯ୍ୟ ସମୟ ଦେଉ ଅଛି । ଇତି

ଶ୍ରୀ ସୁଶୀଲ କୁମାର ଦଳାଇ
ନ ୬୧୩ ମ୍ବର ନାଗ

Digitized by srujanika@gmail.com

REG. No. P. 441. THE DAGARO—1-3-1944..


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

ସଞ୍ଚୟୀ ସର୍ବତ୍ର ଜୟୀ । ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା ! ନିଜ ଆୟ ଅନୁପାତରେ ସଞ୍ଚୟ କରିବା କପର ନିତାନ୍ତ ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ହେତୁ ଅଭାବଗ୍ରସ୍ତ ଲୋକମାନେ କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାରକଲେ ଜଣାଯିବ । ଜୀବନର ଦାୟିତ୍ୱ ନେବା ଛଡ଼ା ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ । ପ୍ରତ୍ୟେକ କିଛି କିଛି କିସ୍ତି ଟଙ୍କା ଦାଖଲ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ ।

### ସୁଦୃଢ଼ତାର ପରିଚୟ—

୧୯୪୧ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୯ କୋଟି ୩୬ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବାର୍ଷିକ ଆୟ ଏକ କୋଟି ୧୦ ଲକ୍ଷ ।

ବୀମା ପାଣ୍ଠି ୦ କୋଟି ୨୮ ଲକ୍ଷ ।

ମୋଟ ସମ୍ପତ୍ତିର ପରିମାଣ ୦ କୋଟି ୪୬ ଲକ୍ଷରୁ ଊର୍ଦ୍ଧ୍ୱ ।

ଓଡ଼ିଶା । ଓଡ଼ିଶା [illegible] ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

| | |
|---|---|
| ଏନ୍. ଦତ୍ତ | ନରେନ୍ଦ୍ର ପ୍ରସାଦ ଦାସ |
| ସେକ୍ରେଟେରୀ | ଅର୍ଗାନାଇଜର |
| ହିନ୍ଦୁସ୍ଥାନ ବିଲଡିଂସ୍ | କଟକ । |
| କଲିକତା । | |


Printed & published by G. C. Mahapatra at the Gopinath Press, Bhadrak. 1943.

ପ୍ରତିଖଣ୍ଡ ଦୁଇଅଣା ବାର୍ଷିକ ତିନିଟଙ୍କା ଆଠଅଣା


Digitized by srujanika@gmail.com

୭ମ ବର୍ଷ
୨୦ ଶ ସଂଖ୍ୟା

# Dagaro

Utkal's most popular Fortnightly
OF
LIGHT. LEAD & LAUGHTER.

ଫାଲ୍‌ଗୁନ
ଦ୍ୱିତୀୟାର୍ଦ୍ଧ




## ବ୍ୟାଙ୍କ ଅଫ୍ କଲିକତା ଲି: ବାଲେଶ୍ୱର

ଏହା ଏକପ୍ରତିପତ୍ତିଶାଳୀ ଓ ନିର୍ଭରଯୋଗ୍ୟବ୍ୟାଙ୍କ୍ । ଏଥିରେ ଟଙ୍କା ରଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି କରନ୍ତୁ ; ଏହି କେତେଦିନ ଭିତରେ ବାଲେଶ୍ୱର ଶାଖା ଅନୁଷ୍ଠାନ ବେଶ ଗଢ଼ି ଉଠିଛି । ଅତିଶୀଘ୍ର ଭଦ୍ରକଠରେ ଏହାର ଶାଖା ଖୋଲିବ । ବିସ୍ତୃତ ବିବରଣୀ ପାଇଁ ଲେଖନ୍ତୁ ।

ହେଡ୍ ଅଫିସ:—୩, ମେଙ୍ଗୋ ଲେନ୍
କଲିକତା

**ଶ୍ରୀ ପ୍ରିୟନାଥ ନନ୍ଦୀ ବି, ଏଲ**
ଅନାରାରି ସେକ୍ରେଟେରୀ
ବାଲେଶ୍ୱର ବ୍ରାଞ୍ଚ ଅଫିସ ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର                                        ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରାଚୀନ ରସାୟନର ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ଦିନଠାରୁ ନାନାପ୍ରକାର ଛଇ ବା ବିକୃତ ଚିହ୍ନ, ସର୍ବାଙ୍ଗିକ ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାଡ଼ିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଟ ୮୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଇ ପ୍ରଭୃତି ଅତିରେ ଆରୋଗ୍ୟ ହୁଏ । ଏକ ଶିଶି ଟ ୨୲ଙ୍କା ମାତ୍ର ଟ ୨ ୲ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦାଚାର୍ଯ୍ୟ

ଆଲମଚାନ୍ଦ ବଜାର, କଟକ

---

## 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୬ମ ବର୍ଷଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩୲ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କ ଠାରୁ ଗୋଟିଏ ଡଗର ଦୁଇଅଣା ଦେଇ ପାଇ ପାରିବେ ।

୪ । ଡଗର ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ," 'ଡଗର' ପୋଷ୍ଟ ଭଦ୍ରକ ( B. N. R. ) ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକ ଟିକଟ ନଥିଲେ କବିତା, ପ୍ରବନ୍ଧ, ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---

ସମ୍ପାଦକ
**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସମ୍ପାଦକ
**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

୭ମ ବର୍ଷ
୨୦ଶ ସଂଖ୍ୟା
ଫାଲ୍‌ଗୁନ ଦ୍ୱିତୀୟାର୍ଦ୍ଧ
ତା ୧୬-୩-୪୦ ଖ୍ରୀ

# ଡଗର
# ହୁକା ହୁକାଁ ହୁଆ
( ବିଲୁଆ ବିଗୁର )

—ପାକ୍ଷିକ—
ବାର୍ଷିକ ମୂଲ୍ୟ
ପ୍ରତିସଂଖ୍ୟା — ୵୦୬
ଡାକମାସୁଲ — ୵୬

ପୁରୀ ଜଗନ୍ନାଥ ଯାତ୍ରୀମାନଙ୍କୁ ସାଥିରେ ନେଇ ଯେଉଁ "ସତ୍ୟଯୋଗ" ପାଇଁ ଚାଲିବାର ଉଦ୍ୟମ ଲଗାଇ ଥିଲେ ସେଇଟା ଗୁର୍ଣ୍ଣିଅ ସ୍ୱାମୀଙ୍କ ଗାରଡ଼ି ମନ୍ତ୍ର ଓ ଝାଡ଼ ଫୁଙ୍କରେ ଧସର ପାଞ୍ଚ ଘଲ ପରେ ! ଓଡ଼ିଶା ରଙ୍ଗମଞ୍ଚରୁ ଗୋଟାଏ ମଜାଦାର ମୁଅଙ୍ଗ ଯାଏ। ରବ୍ ହୋଇଗଲା ବୋଲି ଯାହାଙ୍କ ଦେଶଭକ୍ତମାନଙ୍କର ଦଳ ଅବଶେଷ ହୋଇ ଯିବାର ଦେଖାଯାଉଛି। ଏ ନରସିଂ ବଗତରେ ଏଭଳି ମଜାଟା ମାଟି ହୋଇଗଲେ ନିଜାକ ଖଟା ହେବାର କଥା। ଆମେ ସମ୍ପାଦକପାଇଁ ସମବେଦନା ପ୍ରକାଶ କରୁଛୁଁ।

× × + +

ଅଭ କେହି କେହି କହୁଛନ୍ତି ଜ ସ୍ୱାମୀଙ୍କ ଝାଡ଼ଫୁଙ୍କ ଏଥିପାଇଁ ଯେତେ ଦାମୀ ନୁହେଁ – ଯେତେ ଦାମୀ ପାଣମନ୍ତ୍ରୀ ମହାରାଜାଙ୍କ କେବେଳଶ ପାଟଣାହି ଦାନ କରିବାର କ୍ରୂପଣତା। ମନ୍ତ୍ରୀଙ୍କ ତଳାଘରେ ପାଟଣାହାର ଦର ଚଢ଼ା ଥିଲେ ମଧ୍ୟ ମହାରାଜାଙ୍କ ଭଳି ଲୋକଙ୍କୁ ତା କଉ କଥା ପ୍ରଣା ଥିଲା। ଏତିକରେ କି ତାଙ୍କ କୃପାପରିତ ସରିଯାଇ ଥାନ୍ତା ! ବରଂ ଏହାଦ୍ୱାରା ମନ୍ତ୍ରିଦଳର କହମଣ୍ଡ ପ୍ରକଟ ହୋଇ ଥାଆନ୍ତା କହୁଛ କହୁତ। ଅଭ ଟଙ୍କା ? ଲଗନ୍ତା ଟଙ୍କା ତ ଦଥନ୍ତା ଗୌରସେନ ! କ୍ୟା ପରୱ୍ୟା !

× × + +

ଶ୍ରୀ ମୋହନ ଦାସ ଗୋଟିଏଟା ମିଟିଂରେ ଅନୁପସ୍ଥିତ ଥିବାରୁ ଅଇନ ମୁତାବକ ମେମ୍ବର ପଦରୁ କାଟ୍ ଖାଇ ଯାଆନ୍ତି ବୋଲି ମନ୍ତ୍ରୀମଣ୍ଡଳ ଆସେମ୍ବ୍ଲିରେ ଏକ ପ୍ରସ୍ତାବ ପେଶ୍ କରିଥିଲେ। ମାତ୍ର ମୋହନ ଦାସ ସ୍ୱେଚ୍ଛାରେ ଏହା କରି ନାହାନ୍ତି ଏହି ଅଳରେ ସଭାପତି ମୁକୁନ୍ଦବାବୁ ମୋହନ ଦାସଙ୍କୁ ସଞ୍ଜୁ ଘୋଡ଼ାଇ ରଖାଇ ଦେଲେ।

ଗୋଟାଏ ପିଲା ଥରେ ଆଉ ଗୋଟାଏ ପିଲାକୁ କହିଲା, "ଅବଧାନଟା ମରିଯାନ୍ତା !" ଅଉ ପିଲା ଉତ୍ତର ଦେଲା, "ଗୋଟାଏ ମଲେ କଣ ହେବ ; ଛାପା ଚସି ଅଛି, ସେ ପୁଣି ଗୋଟାଏ ଅବଧାନ ଆଣିବ। ବାପଟା ଗଲେ –!

ସେଇପରି ମୁକୁନ୍ଦ ଦାସଙ୍କ ଭଳିଆ ଅବାଧ୍ୟ ମେମ୍ବରଙ୍କ ପାଇଁ କଛି ଗୋଟାଏ ଲାଟକଣା କରି ଥୁଆନ୍ତା ନେହେରୁ — ମିଛି ମାଇଲେ ଯିବ ଟଳି !

× × × +

ଆଣ୍ଡାମାନ୍ ନିକୋବର ଦ୍ୱୀପ ବୋଲି ଯାହା କହୁ ସେଇଟା ପରି ବ୍ରିଟିଶ ସାମ୍ରାଜ୍ୟର ଅନ୍ତର୍ଗତ ବୋଲି ଆମେ ଜାଣୁ। ଏବେ ସେହି ଆଣ୍ଡାମାନ ନିକୋବର ରାଜ୍ୟରେ ଜର୍ମାନ ଓ ଜାପାନର ଦୂତାବାସ ରଖି ସମସ୍ତଙ୍କର ଭଲ ଭଳ ହୋଇ ରହିବାର ଦେଖାଯାଉଛି। ଶାଢ଼ି ଶେଷମାନେ ଆଣ୍ଡାମାନ୍‌ରେ ଥାଇ ନାନା ଗୁପ୍ତ ଶବ୍ଦ ଜାଣି ପାରୁଛନ୍ତି। ସେଥି-ପାଇଁ ଶତ୍ରୁଙ୍କୁ ସ୍ଥାନ ନ ଦିଅ ବୋଲି ଆମ୍ଭେଭକ୍ତ ଅନୁରୋଧ କରି ଯାଇଥିଲୁ। ମାତ୍ର ଆମ୍ଭରିସ ସରକାର ଏ ଅନୁରୋଧକୁ କର୍ଣ୍ଣପାତ କଲେ ନାହିଁ।

ଅଧୀନସ୍ଥ ହୋଇ ଯଦି କେହି ମୁନିବକୁ ଅବଜ୍ଞା କରେ ତାର ଗୁରୁତର ଶାସ୍ତି ହେବା ଦରକାର ବୋଲି ଆମେ ମନେ କରୁଁ। ଅଚ୍ଛା, ନେଭିଲ ସାହେବ ଡ଼ଃ ଚେନେରାଙ୍କୁ ରାଜ୍ୟରକ୍ଷା ଅଇନ ବଳରେ ଭୁଲନ୍ତି ଅରେଷ୍ଟ କରି ଅଟକ-ବନ୍ଦୀ କରି ରଖି ଦେଲେ କମିତି ହୁଅନ୍ତା !

× + × ×

'ସମାଜ' ଅଟକବନ୍ଦୀଙ୍କ ସମ୍ବନ୍ଧରେ କେତେଗୁଡ଼ିଏ ଅଭିଯୋଗ କରି ନେଇଛନ୍ତି। ଏକରେ ଅନ୍ୟ ପ୍ରାଦେଶିକ ସରକାରମାନେ ଯେତେ ସୁଖ ଦେଉଛନ୍ତି, ଓଡ଼ିଶା ସରକାର ତାହା କରୁ ନାହାନ୍ତି। ଦୁଃଖରେ ସେମାନଙ୍କୁ ଭଲେ ଭଲ ମିଳୁନାହିଁ ଓ ତାଙ୍କ ପରିବାର ଉପୁଡ଼ି ଯାଉଛି। ଜିନିଷରେ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ଯଥେଷ୍ଟ ଦୃଷ୍ଟି ଦିଆ ଯାଉନାହିଁ।

ସରକାର ଏହାର ଉତ୍ତର ଦେବ! ଆଗରୁ ତେଣୁ ଭଲରେ ଆମେ ବୋଧଶୋଧ କରି ଦେଉଛୁଁ ଗୋଟି ଗୋଟି କହି !

Digitized by srujanika@gmail.com

୧ । ଓଡ଼ିଶା ଅନ୍ୟ ପ୍ରଦେଶ ତୁଳନାରେ ଶ୍ରେଷ୍ଠ ହେବାରୁ ତାର ସବୁ କଥା କମତି ହେବାର କଥା । ( କେବଳ ଖାଦ୍ୟ ବିଷୟରେ ଛଡ଼ା – ଲେଖକ )

୨ । ଅଟକବନ୍ଦୀମାନେ ସବୁ କଂଗ୍ରେସବାଲା ହେବାରୁ ଗାନ୍ଧିଙ୍କ ଆଦର୍ଶରେ ଦୀନ ଭାବରେ ରହିବାର କଥା । ତେଣୁ ଅଳ୍ପ ଭତ୍ତା ପାଇବାକୁ ସେମାନେ ହକଦାର । ଆଉ ତାଙ୍କ ସରକାର କାହାରି ଘର ସମାଳିବାକୁ କେଉଁଠି ଦାୟୀ ହୁଅନ୍ତି ନାହିଁ ।

୩ । ଦୁର୍ଭାଗ୍ୟଟା ଭଗବାନଙ୍କ ହାତରେ । ଜେଲଖାନାରେ ବନ୍ଦୀର ଓ ତାଙ୍କର ଥାଇଁ ଥାଇଁ ଯଦି ଦୁର୍ଭାଗ୍ୟ ଘେରେ ହୁଏ, ତେବେ –

ଭଗବାନ ଦାୟୀ କିବା କିଏ ଦାୟୀ । ଅପଣା ଦୁର୍ଭାଗ୍ୟକୁ ଅଟେ ନ ଟମାଳିଲେ ଦୋଷ କାହାର ?

ଅପଣା ହସ୍ତେ କହ୍ନା ଛେଦ........

\+ × + +

ଅଗ କାଳିଆ ଖବରକାଗଜମାନେ ସରକାର ବେସର-କାରୀ ଲୋକଙ୍କ ଅତ୍ୟାଚାର, ଅବିଚାର, କଥା ସବୁ ପଦାରେ ପକାଇ ହେଲେ ଓ ଅନେକ ସମୟରେ ତହିଁର ପ୍ରତିକାର କି ହୋଇଥାଏ । ଏବକାଳର ଖବରକାଗଜ ସବୁ ଯେ ସବୁ କଥାର ଦାଗ ନ ଦେଇ ବିଲକୁଲ "ସାବଟେରିନ" ପାଲିଛ ଗଲେଣି । ସେଥିଯୋଗୁଁ କେତେ କେତେ ଅନ୍ୟାୟ, ଦୁର୍ନୀତି ନୀରବରେ ଚଳିଛି ଓ ଲୋକେ ଅଶିବୁକ ସହି ଯାଉଛନ୍ତି ।

ନାସ ଟେନ୍ଗୀ ସରଳା ଦେବୀ କେବଳ ସମୟ ସମୟରେ କାହାରି ମୁଲାହିଜା ମୋହତେ ନ ରଖି ଅନେକ ଏଭଳି କଥା ଆସେମ୍ବ୍ଲିରେ ପକାଉଛନ୍ତି । ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ ନୀତିରେ ଆମେ ଏଥିପାଇଁ ଦେବୀଜୀଙ୍କର ଏହି ନିର୍ଭୀକତାକୁ ତାରିଫ କରୁଛୁ ଓ ଅନ୍ୟାନ୍ୟ ମେମ୍ବର-ମାନଙ୍କୁ ଏହା କରିବା ପାଇଁ ଅନୁରୋଧ କରୁଛୁ । ପ୍ରତିକାର ହେଉ ନ ହେଉ, ବାବୁ ରହିବ !

× × ×

ଉତ୍କଳ ଭାରତୀଙ୍କ ପଦପୀଠ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖଶାଳା । ମାତ୍ର ଏଥିରେ ଯେ ବଡ଼ ପଣ୍ଡା କଯୁକ୍ତ ହେଲେ ସେ—ସରକାର ଗୃହରଥ ହୋଇ ହେବାରୁ ନୀଳ ପଦ୍ମ ଗନ୍ଧ ସାଙ୍ଗରେ ଅମଳ ଗନ୍ଧ ଯେ ମିଶି ରହିଲା ଏଥିରେ ସନ୍ଦେହ ନାହିଁ ।

ମୟୂରଭଞ୍ଜର ମହାରାଜ ପ୍ର—ଗ୍ରୁତ୍ତସେଲର ହେଲେ । ମୁଖର କଥା । ମାତ୍ର କଳା ପ୍ରସନ୍ନ, ସାହିତ୍ୟ-ସମ୍ରାଟ ବିଶ୍ୱମ ଦେବ ଗଲେ କୁଆଡ଼େ ? ଉତ୍କଳ ସରସ୍ୱତୀ କନ୍ୟା ଓ ସାହିତ୍ୟକୁ ଅମଳରେ ଅଣୁ ନାହାନ୍ତି କି ! ନା ଜ୍ଞାନ ବାଣୀଙ୍କୁ କଳା ଗନ୍ଧଇଚ ?

\+ + + +

ବଳ ଛଡ଼ାଏ ଜଣେ—ବଳ ଖାଏ ଆଉ ଜଣେ ! ଆମ ଦେଶର ବଡ଼ ପଣ୍ଡିତ ମାନଙ୍କର ଉତ୍କଳ ବିଶ୍ୱବିଦ୍ୟାଳୟର ସବୁ ମମତା କଲେ—ମାତ୍ର ଦେଖିଲେ ତାଙ୍କୁ ସେ କେବଳ ଜଣେ ସାଧାରଣ ସିନେଟ ମେମ୍ବର !

ଶୁଣାଯାଏ ପଣ୍ଡିତଜୀ ଏ ଗୌରବାନ୍ୱିତ ପଦରୁ ଇସ୍ତଫା ଦାଖଲ କରିଛନ୍ତି । କହିବାର କଥା ମଧ୍ୟ । କାରଣ ସେଠାରେ ସେ "ଜଳ ବିନ୍ଦୁରେ ମୀନ ଯଥା" ହୋଇ ରହନ୍ତେ । ବିଶେଷତଃ ଉତ୍କଳ ଭାରତୀ ଯେତେବେଳେ କଳା ପ୍ର... ବିମୁଖା । ତେବେ ମନେହୁଏ ପଂଡ଼ିତଙ୍କ ବାଟିଟା ଅତ୍ତ ଅ କରୁଥିବ । କାରଣ ସେଠି ଆଉ କେହି ବାଟିଆ ନାହାନ୍ତି । ସମସ୍ତେ ନଖୁଆ, ତୋହିଲେ ମାନ୍ଦା । ପଂଡ଼ିତ ବାଟିଟା କାହିଁ ପକାନ୍ତି— ତେବେ— । ଭଣ୍ଡାର ନ ମିଳିଲେ— ପାଲଗଦା ତ !

× × ×

ସେଦିନ ଓଡ଼ିଶା ବ୍ୟବସ୍ଥା ସଭାରେ ଦୁଇଜଣ ସଭ୍ୟ ଅବତୋଷ ବା ଅଭିମାନ ମାରି ପେରିବ କଲେ କି ମନ୍ତ୍ରୀମାନେ ତାଙ୍କ କଥାକୁ 'ଲଘୁ' ଭାବରେ ଉଡ଼ାଇ ଦେଉଛନ୍ତି, ଅର୍ଥାତ କାନ ଦେଉ ନାହାନ୍ତି । ଏହାର ଉତ୍ତରରେ ପାଟ ମନ୍ତ୍ରୀ ମହାରାଜ ସଫେଇ ଦେଲେକି— ସଭ୍ୟମାନଙ୍କ କଥା ସେ ମନ କର୍ଣ୍ଣ ଦେଇ ଶୁଣନ୍ତି ।

ମନ୍ତ୍ରୀପର ବ୍ୟକ୍ତିଗତ ଗୁରୁତ୍ୱ ହେଲେ ତାର କଥାର ବି ଗୁରୁତ୍ୱ ଥାଏ । ଅଭିମାନ କରି ବା ଓଜର କରି କେହି ସମ୍ମାନ ଅର୍ଜନ କରି ପାରେନା ( ଅବଶ୍ୟ ସ୍ତ୍ରୀ ଛଡ଼ା ) । ଏପରି ସ୍ଥଳେ ଯଦି ମନ୍ତ୍ରୀମାନେ କାହାରି କଥାକୁ ଗୁରୁତ୍ୱ ଦେଉ ନଥିବେ

( ୮ମ ପୃଷ୍ଠା ଦେଖନ୍ତୁ । )

Digitized by srujanika@gmail.com

# କବିର ଖ୍ୟାତି

(ବିଦେଶୀ ଗଳ୍ପରୁ ଅନୂଦିତ)

ଲେଖକ——ଶ୍ରୀ

ଛତିଶ କବି ପ୍ରେମଗ୍ରନ୍ଥ କବିତା ଲେଖି ଲେଖି ଥକିଲେ, କିନ୍ତୁ କେହି ତାଙ୍କୁ ପଗ୍ଗରଲେ ନାହିଁ କି କହୁଁଟି କବି ବୋଲି ତାଙ୍କ ନାଆଁ ବି ପଡ଼ିଲା ନାହିଁ । ସେ ମନ ଦୁଃଖରେ ପୁଣି ଲେଖିଲେ,—ଅଖିଆ ଅପିଶ ଲେଖିଲେ—ରାତି ଜାଗରଣ ହୋଇ ଲେଖିଲେ—ଲେଖି ଲେଖି ନାକରୁ କାନରୁ ହେଲେ—ତେବେ ବି ଯଉଁ ତମିରେ ସେଇ ତମିରେ । ଅଳ୍ପଅକୁ ଆସିଚା ଭାଗ୍ୟରେ ଘଟିଲା ନାହିଁ ।

ପ୍ରେମ କବିତା ଛାଡ଼ି ଲେଖିଲେ ଭଜନ, ଭଜନ ଛାଡ଼ି ପ୍ରକୃତି ବର୍ଣ୍ଣନା, ତାକୁ ଛାଡ଼ି କାବ୍ୟ ସଙ୍ଗୀତ,—ତା'ପରେ କୌତୁକ କବିତା । କଉଁଥିରେ କିଛି ଯଶ ନ ମିଳିଲା, ଶେଷକୁ ଅଗ୍ରାହିଲେ ଅଲିତ୍ରା, ମଢ଼ାର୍ଣ୍ଣ ପଦ୍ୟ—ଦାଆ—ହାତୁଡ଼ି—ସର୍ବହରା—

ଭାବିଥିଲେ ଏତେ କବି ଏଇ ସର୍ବହରା କୁଲି ମଜଦୁରଙ୍କ ଗୁଣ ବଖାଣି ଯେତେବେଳେ ବଡ଼ ହୋଇ ସାରଲେଣି, ସେ ବା ନ ହେବେ କାହିଁକି ? ବଡ଼ ହେବାର ଏଇଟା ସବୁଠାରୁ ସହଜ ଉପାୟ ନୁହେଁକି ?

କିନ୍ତୁ ସେଥିରେ ବି କିଛି ହେଲା ନାହିଁ । ଲମ୍ବ ବାଳ ଘଷିଲେ ମୁଣ୍ଡରେ, କେଶ କରି ଯର ହେଲେ, ଅଖି ଉଦାସ କରି ଅକାଶକୁ ଚାହିଁ ରହିଲେ—ତଥାପି ତାଙ୍କ ନାଆଁରେ କବିଗାର ପଡ଼ିଲା ନାହିଁ । କବି କବି ବୋଲି ଡକା ଡକି କାନରେ ବାଜିଲା ନାହିଁ ।

କବି ପତ୍ନୀ ମୁକ୍ତେଚନା ଦିନେ ଖୋଲି କରି କହିଦେଲେ—ତୁମେ ଏଗୁଡ଼ାକ ସବୁ ଛାଡ଼ିଦିଅ । ନାଆଁ କରିବାକୁ ଯାଇ କଂଗ୍ରେସ କିମ୍ବା କମ୍ୟୁନିଷ୍ଟ ଦଳରେ ପଶ, ନୋହିଲେ—ଏ, ଅଉ, ପିରେ ନାଆଁ ଲେଖାଅ ।

—ମୁଁ ଅର୍ଥ ଛାଡ଼ି ଅଉ କିଛି କରି ପାରିବି ନ, କବି କହିଲେ ।

—ତେବେ ସ୍ୱେର କରୁ ନ ।—ସିଏବି ତ ଗୋଟାଏ ଅର୍ଥ !

କଥାଟା କବିଙ୍କ କଲିଜାକୁ ବିନ୍ଧିଲା । ସେ ସେଦିନ ପଦ ଯୋଡ଼ା କାମ ଛାଡ଼ି ଉପାୟ ଚିନ୍ତା କରିବାକୁ ଲାଗିଲେ ।

ତପସ୍ୟା ବ୍ୟର୍ଥ ହୁଏନା । ରାତି ଦିନଟା ସରିକି ତାଙ୍କ ମଗଜରେ ଗୋଟାଏ ବୁଦ୍ଧି ଖେଳିଗଲା ନୂଆ ଧରଣ ପର । କବିତା ଲେଖୁ ଲେଖୁ ପଦ ନ ପଡ଼ିଲେ, ଗୋଟାଏ ଗୋଟାଏ ଶବ୍ଦ ପାଇଁ ମୁଣ୍ଡ କରଣ୍ଡି କରଣ୍ଡି ଯେତେବେଳେ ମନଲାଖି ଶବ୍ଦଟା ମିଳିଯାଏ, ସେ ଯଉଁ ଆନନ୍ଦ, ଯଉଁ ଅସୁମ—ତହିଁ ଭଳି ଆନନ୍ଦରେ କବିଙ୍କ ଦାନ୍ତ ଡର ଉଠିଲା । ସେ ପାର୍ଶ୍ୱ ଶାୟିନୀ ପତ୍ନୀଙ୍କୁ ଠେଲି ଠେଲି କରି ନିଦରୁ ଉଠାଇଲେ ।

କହିଲେ—ହୋ, ଶୁଣୁଛ, ଗୋଟାଏ କଥା !

ମୁକ୍ତେ—ନୂଆ କଥା, ଚୂଲି କଥା । ସେଇ କବିତା କଥାତ ? ଉଠିଯାଇ ଲେଖି ପକାଉ ନ ।

—ନାଇଁମ—ସେ କଥା ନୁହେଁ; ଅଉ ଗୋଟାଏ କଥା । ଭାରି ମଜାର କଥା । ଶୁଣିକି ଥରେ !

—ମୁଁ ଶୁଣି ପାରିବିନ ଏଇଲେଗେ । ଭାରି ନିଦ ଲାଗୁଛି ; କାଲିକି କହିବ ।

—ଆରେ ଯାଃ—ସେ କଣ କାଲି କହିବା କଥା ଯେ !

ମୁକ୍ତୋଚନା ଶେଷ ବାଧ୍ୟ ହୋଇ କହିଲା—ତୁଇ ବଡ଼ ତମ ନୂଆ ପାଉଁସ କଥା ଶୁଣେ । ରାତି ଅଧରେ ଶୁଣିବାକୁ ତ ଦଶାଦଶ ଠାକୁର କହିଛି ।

Digitized by srujanika@gmail.com

—ନାଇଁ ନାଇଁ—ଶୁଣିଲେ ତୁମେ ଭାରି ଖୁସି ହବ ।

—ମୋର ଲେଖା ନାହିଁ—ତୁମର ହଉଥି ।

—ତେବେ ଶୁଣିବାକୁ କଣ ଏକା ଏକ ଉପଭୋଗ କରି ଥିବ ? ଶୁଣନା ! ଅଛି ଏଥିରେ ତୁମରି ଭାଗ ଅଛି ଯେ ; ନ ଜାଣିଲେ ଚଳିବ କମିତି !

—ହଉ କହ—ମୁଁ ଏଇ କାନ ଠିଆ କରି ଶୁଣିଲି ।

ବଡ ପ୍ରେମଗନ୍ଧ ଅଭିର ପାଖକୁ ଲେଖିଯାଇ ଆରମ୍ଭ କଲେ । "ଗୋଟାଏ ଗାର ମତଳବ ମୁଣ୍ଡରୁ ଅସିଛି ଏବା । ତୁମେ ସହାନ୍ନ ନ ହେଲେ ହବ ନାହିଁ । ସେଇଥି ପାଇଁ—"

—ଦୂରକର, ସିଧା ସିଧା କହି ପକାଉ ନା; ଏତେ ଗୌର ଚନ୍ଦ୍ରିକା କଲେ ମୁଁ ଶୁଣି ପାରିବି ନା ।

—ହଉ ତେବେ ଶୁଣ । କଣକି, କାଲି ଆମେ ଦୁହେଁ ବୁଲିଯିବା ସାଙ୍ଗ ହୋଇ କଇ ବୁଲକୁ, ବୁଝିଲ ।

—ତା'ତ ଯାଉଛେ; ନୂଆ କଥାଟେ କଣ ହେଲା ।

—ଇମିତି ଅଥୟ ହେଲେ ହବନା ? ଟିକିଏ ଶୁଣ ନା, ବୁଲିଯିବା କଇବୁଲକୁ । ବୁଲୁ ଥିବା ବୁଲୁ ଥିବାର ହଠାତ୍ ମୁଁ ପଡ଼ିଯିବି ନଈରେ ।

—କାହିଁକି ମ ! ଆତ୍ମହତ୍ୟା କରିବ ? ପଢ଼ିରି ଜାଣ ନାହିଁତ । ବୁଡ଼ି ମରିବ ଯେ । ଅବଶ୍ୟ ମରିବାର ମରିବ ପୁଣି ମୋତେ ସାଙ୍ଗରେ ନେଇ ପୁଲିସରେ ବନ୍ଦୋଇବ ।

………ଏଇ କଥା ।

—ମୁଁ ଅଗ କଥାଟା ସାରେଁ—ଟିକିଏ କହିବ ।

—ଆଉ କହିବ କଣ ! ତମେ ମରିବତ ଏଇନେ ଯାଇ ନଦୀରେ ପଡ଼ ନା ।

—ନା—ନା ମରିବା କଥା ନୁହେଁ । ସେଇଥି ପାଇଁ ତ କହିଲି ସାଙ୍ଗ ହୋଇ ବୁଲିଯିବା, ଯେତେବେଳେ କଇ କୂଳରେ ଲୋକ ବାକର ଯାଉଥିବେ ଲୋଟିଥିବ । ଠିକ ସେତିକି ଘୁଗୁ କ ପାଞ୍ଚଟାବେଳେ ।

—ହଉ, ତା'ପରେ ?

—ତା' ପରେ ଆମେ ଦୁହେଁ ବୁଲୁଥିବା—ମୁଁ ହଠାତ୍ କଇ ଅଡ଼କୁ ଆଉ ତମେ ଅନ ସଡ଼କ ଅଡ଼କୁ,—ବୁଝିଲ !

—ତା'ପରେ ?

—ତାପରେ—ହଠାତ୍, ଅକସ୍ମାତ୍, ଅଗୁନକ ଭାବରେ—ବୁଝିଲ ନାହିଁ ଗୋଟାଏ accident—ଆଉ କଣ !

—ନଇକୁ ଡେଇଁବ ?

—ଡେଇଁଲେ କମିତି ହବ ?

—ଆଉ ମୁଁ ପେଲି ଦେବି ?

—ନହି—ମୁଁ ଅଜାଣତରେ ଗୋଡ଼ ଖସିଯାଇ ପଡ଼ିବି ।

—ଆଉ ଏକୁଟିଆ ଯାଇ ପଡ଼ୁ ନ—ମତେ ସାଙ୍ଗ କରିବାକୁ ଦରକାରଟା ?

—ତମେ ନ ହେଲେ ଚଳିବ କମିତି ? ତମେ ଯେ ଉଡ଼ ସ୍ୱର ପକେଇବ—ବଞ୍ଚାଅ ଲୋକ ବାଞ୍ଚ । ଲୋକେ ଶୁଣି ଜମା ହୋଇ ଯିବେ । ନିଶ୍ଚୟ କେହି ନା କେହି ନଇକୁ ଡେଇଁ ମତେ ଉଦ୍ଧାର କରିବେ ।

—ହଉ, ସବୁତ ଯାଇ ହେଲା । କିନ୍ତୁ ସେଥିରେ ଲାଭଟା ?

—ଲାଭ ? ଲାଭ ହେବ, ଅସୀମ, ଅନନ୍ତ । ଶୁଣ ଥରେ ହେଉ ଟିକିଏ—କବି ଗମ୍ଭୀର ସ୍ୱରରେ କହିଲେ । ଟିକିଏ ଦମ୍ ନେଇ ପୁଣି ଆରମ୍ଭ କଲେ—ଲୋକ ଜମା ହେବେ ପଡ଼ିବେ । ସବୁ ଉକମର ଲୋକ । ତା ଭିତରେ ବି ଖବର କାଗଜ ରିପୋଟର ଥିବେ । ସମସ୍ତେ ପଚାରିବେ—ଇଏ କିଏ ? ତମେ କହିବ—ଇଏ, ହଉଛନ୍ତି—ଅମୁକ………

କଣ କହିବ ତା ତୁମେ ଜାଣ । ଯେତିକି ପାରିବ ଖୁବ ବଢ଼େଇ କରି………ବୁଝିଲ ।

—ସେଇଠୁ ?

—ସେଇଠୁ ସହରର ଯାକ ରାସ୍ତା ହୋଟେଲ ମହଲରେ ଦେଶର ମସ୍ତ ବଡ଼ ସାହିତ୍ୟିକ—କବି ପ୍ରେମଗନ୍ଧ ନଈରେ ହଠାତ୍ ପଡ଼ିଯାଇ ବୁଡ଼ି ମରୁଥିଲେ । ଜଣେ କେହି ଦୁଃଖୀ ତାଙ୍କୁ ଉଦ୍ଧାର କଲେ……ଇତ୍ୟାଦି । ତହିଁ ଆରଦିନ ଖବର କାଗଜମାନଙ୍କରେ ବଡ଼ ବଡ଼ ହେଡ଼ ଲାଇନରେ ବାହାରିବ—ସାହିତ୍ୟ ଧୁରନ୍ଧର ଦେଶ ବିଖ୍ୟାତ କବି ପ୍ରେମଗନ୍ଧ ସଜୀବ……ଇତ୍ୟାଦି । ତମ ନାଆଁ ଟାକ ରହିବ ଯେ ଆଉ କଣ ? ଏବାବେଳେ କସ୍ତି ମାତ୍ର ! ଗୋଟାଏ ଦିନ ଭିତରେ ଦେଶ ତମାମ ଆମ ନାଆଁ ମସ୍ତବଡ଼ କବି ବୋଲି ପ୍ରଚାର ହୋଇ ପଡ଼ିବ । ଥରେ ନାଆଁ ଉଠିଗଲେ ଟିକିଏ………ବାସ୍ !

\+ \+ \+

ତହିଁ ଆରଦିନ ସପତ୍ନୀକ କବି ନଦୀ କୂଳ ବାହାରିବା ବାହାରିଲେ ଠିକ ବେଳରେ । ଦେଖାଗଲା ଦିନେ ଟୋକା ଟେଶୁ ଅମୂଲ୍ୟ—ବୋଧହୁଏ କାଳେ କ ହୃକୁ ପିଲା ।

Digitized by srujanika@gmail.com

କବି କହିଲେ—ଏଇ ଠିକ୍ ବଖତ । ପଳେଇଁ ।

କବି ପତ୍ନୀ କହିଲେ ସ୍ପଷ୍ଟ ହେଇ ପଡ଼ିବନି—ହିମ୍ମତ ନେଇ ଚଢ଼ିଲା ପରି ନ ଦିଶେ ।

— ସେ କଥା ପୁଣି ମଞ୍ଚ ଦେଖାଇ କହିବାକୁ ହେବନି ! ଆମେ ଯେ ଅଛୁଁ !

ଧୁସ୍........ ଶବ୍ଦ ହେଲା ।

କବିପତ୍ନୀ ଚିତ୍କାର କରି ଉଠିଲେ । ଅମୁହାଁ ପିଲା ଗୁଡ଼ାକ ଧାଇଁ ଆସିଲେ । ସମସ୍ତେ କିନ୍ତୁ ବ୍ୟସ୍ତ ହେବାକୁ ଲାଗିଲେ, ମାତ୍ର କେହି ଜଣେ ହେଲେ ନଈକୁ ଡେଇଁବାକୁ ରାଜି ହେଲେ ନାହିଁ ।

ପାନ୍ଥ, ଗୋଲ, ହୋ—ହା ଖୁବ୍ ଜୋର ହେଲା । ଗ୍ରାମ-ଅଞ୍ଚଳ ଲୋକ ଧାଇଁଲେ । ମାତ୍ର ନଈକୁ ଡେଇଁଲା କିଏ !

କବି ଏଣେ ପ୍ରାୟ ବୁଡୁ ବୁଡୁ । କବିପତ୍ନୀଙ୍କର ଦମ୍ଭ ଶୁଖିଲା । ସେ ଯନ୍ତ୍ରଣାରେ ରୋଦନ କରିବାକୁ ଲାଗିଲେ, ଜାତିର ହେଉ ସ୍ୱାମୀର ଜୀବନରକ୍ଷା ନିମନ୍ତେ ସାହାଯ୍ୟ ଅନୁନୟ, ଅନୁରୋଧ କଲେ । ତଥାପି କେହି ଜଣେ ବୀର ପୁରୁଷ ବାହାରିଲେ ନାହିଁ ଏତେ ଲୋକ ଗହଳି ଭିତରୁ । ସମସ୍ତଙ୍କ ମୁଣ୍ଡରେ ଖାଲି ହାୟ, ହାୟ—ଲୋକଟା ବୁଡି ମଲା ! ଗୁଞ୍ଜୁ ଗୁଞ୍ଜୁ ।

ଶେଷରେ କିଏ ଜଣେ ବଳିଷ୍ଠ ଓ ସୁଶ୍ରୀ ଯୁବକ ନଈକୁ ଡେଇଁଲେ । ଘୁଞ୍ଚି ଘୁଞ୍ଚି ମୂର୍ଚ୍ଛିତ କବିଙ୍କୁ ଧରି ଉପରକୁ ଉଠିଲେ । ଲୋକେ ତାଙ୍କୁ ଧନ୍ୟ ଧନ୍ୟ କଲେ । ଖବର କାଗଜ ରିପୋର୍ଟରଗଣ ତାଙ୍କୁ ଘେରିଗଲେ ।

ସୁଲୋଚନାଙ୍କ ପାଖକୁ କେହି ଆସିବାକୁ ନାହାନ୍ତି । ସୁଲୋଚନା ବଡ଼ ବ୍ୟସ୍ତ ହେଲେ ତାଙ୍କ କଥାଟା କହିବା ପାଇଁ । ମାଇପି ଲୋକ—କଣ କରିବେ । ଏତେ ବଡ଼ ଘଟଣାଟା ବ୍ୟର୍ଥ ହେଲା ଦେଖି ସୁଲୋଚନା ସବୁଠୁ ସାହସକୁ ଠୁଳ କରି ପଶିଲେ ଭିଡ଼ ଭିତରକୁ ।

ସେତେବେଳକୁ ଅପରିଚିତ ଯୁବକଟି ମୂର୍ଚ୍ଛିତ କବିଙ୍କୁ ଗୋଟାଏ ଟ୍ୟାକ୍ସିରେ ଉଠାଇ ଡାକ୍ତରଖାନାକୁ ନେଇ ଯାଉଥାନ୍ତି ।

କବି ପତ୍ନୀ ଯାଇ ସେଇଠି ଭିଡ଼ିଗଲେ । ଜଣେ ରିପୋର୍ଟରଙ୍କୁ କହିଲେ—ମହାଶୟ, ଏ ଯେ ବୁଡ଼ି ଯାଉଥିଲେ—ମୁଁ ତାଙ୍କର.........ମାନେ ସେ ମୋର......

ରିପୋର୍ଟର ହସି କହିଲେ—ତା ଆମେ ଜାଣୁ ।

କବି ପତ୍ନୀ ପୁଣି କହିଲେ—ସେ କିଏ ଆପଣ ଜାଣନ୍ତି ? ସେ ଜଣେ—ଜଣେ ମସ୍ତ.........। ରିପୋର୍ଟର ଟିକେ ହସି ପଚାରିଲେ 'ଜାଣି ଶୁଣି ସେପରି ଲୋକଙ୍କ ବାହାରିଙ୍କୁ ଆଣିଲେ କିପରି; ବିଶେଷତଃ ନଈ କୂଳକୁ !''

ଏତିକି କହି ସେ ଚୁପ୍ ପଡ଼ିଲେ ।

ଅନ୍ୟ ଜଣେ କିଏ କହିଲା—"ଆପଣ ଏଇ ଭିଡ଼ମାରେ ସାଙ୍ଗରେ ଚାଲେ ଚାଲ ସୁଅନ୍ତୁ! ଡାକ୍ତର ଖାନାକୁ ।

ଅପର ଜଣେ କହିଲା— ଶୀଘ୍ର ଗାଡ଼ି ପଠାଇ ଦିଅନ୍ତୁ ।

× + +

ତହିଁ ଆରଦିନ ସକାଳ ସବୁ ଖବର କାଗଜରେ ବାହାରି ଗଲା ବଡ଼ ବଡ଼ ଅକ୍ଷରରେ ସମ୍ବାଦଟା ଏଇପରି ।

## କଟକରେ ଅଶୋକ କୁମାର

"ବିଖ୍ୟାତ ସିନେମା ଷ୍ଟାର ଅଶୋକ କୁମାର ପୁରୀ ଯିବା ବାଟରେ କୌଣସି ବିଶେଷ ସମ୍ବାଦ ପାଇଁ କଟକରେ ଓହ୍ଲାଇଥିଲେ ଦୁଇ ଦିନ ଲାଗି । ନଈ କୂଳରେ ବୁଲୁ ବୁଲୁ ଜଣେ ପାଗଳ ପ୍ରାୟ ବ୍ୟକ୍ତି ଦେଖିଲେ ପଡ଼ିଲେ ଓ ବୁଡ଼ି ଯାଉଥିଲେ । ଅଶୋକ କୁମାର ସେ ମନୁଷ୍ୟର ନିକଟରେ ଥିଲେ । ସେ ତତ୍କ୍ଷଣାତ୍ ନଈକୁ ଡେଇଁ ପାଗଳଟିକୁ ଉଦ୍ଧାର କଲେ ।"

× + +

ଡାକ୍ତର ଖାନାରୁ ଫେରି କବି ଦମ୍ପତି ଏହିପରି କଥାବାର୍ତ୍ତା ହେଉଥିଲେ ।

କବି କହିଲେ— ସବୁ ତମରି ଦୋଷ, ଏତେ ବଡ଼ ପ୍ଲାନଟା ତମରି ଲାଗି ସବୁ ମାଟିଗଲା ।

— କେମିତି ?

— ତମେ କହି ପାରିଲ ନି ପ୍ଲାନ ମୁଁ କରିଛି !

ମୋ କଥା ଶୁଣିଲ କିଏ !! ମୋ ଦୋଷ ଦେବାଟା ସହଜ ଏବା । ତମରି ପ୍ଲାନ ତମେ ନିଜେ ନଷ୍ଟ କଲ ।

— କେମିତି କଲି ?

— ଏଇଲାଗି କବିଙ୍କ ପରି ଅହଙ୍କାରୀ ଲୋକ!! ତମେ ଯେ ଗୋଡ଼ ଖସିକି ନଈରେ ପଡ଼ିଲ ସେଇଟା ଏକଦମ୍, natural ହେବ ! ତମ ଡେଇଁବାଟା ଡେଇଁ ପଡ଼ିବା ପରି ଲାଗିଲା ଠିକ୍ ।

---

Digitized by srujanika@gmail.com

# ଭୁଲ କାହାର !

ଲେଖକ—ଶ୍ରୀ ଯୁଗଳ ଚରଣ ଦାସ

ହାକିମଙ୍କ ରାଏ—ଜଜଙ୍କ ଟିପଣି—ଭୁଲ କହିବ କିଏ ? ତାଙ୍କର କେବେ ଭୁଲ ହୋଇପାରେ ? ଅସମ୍ଭବ—ସେ ଯେ ଧର୍ମର ଅବତାର । ଜଜ୍ ସାହେବଙ୍କ ୭ ଫର୍ଦ୍ଦ ରାଏ ଲେଖା ଭିତରେ—ସମସ୍ତ ଦଫାରେ ଭିକାରୀ ଦୋଷୀ ବୋଲି ସାବ୍ୟସ୍ତ ହେଲା । ୨ ବର୍ଷର ସଶ୍ରମ କାରାବାସର ହୁକୁମ ଭିକୁର ଯେତେବେଳେ ଶୁଣି ଆସିଲା—ତା ଆନନ୍ଦ କହିବ କିଏ ? ଗାଣ୍ଡି କନା ଖଣ୍ଡିକ ମୁଣ୍ଡରେ ବାନ୍ଧି ସହର ତମାମ୍ ଘରେ ଘରେ କହି ବୁଲିଲା—ତାର ଜିତ୍ ! ବଙ୍କଡ଼େ ଠାକୁରାଣୀ ମଣ୍ଡପର ମଜଲିସ କଳ୍ପନା ଚାଲିଲା—ତାର ପଛତେଲି ଦିଆ ସାଙ୍ଗସାଥି କହି ବୁଲିଲେ—'ଭିକୁର ଏବା ବାପର ପୁଅ—' କହୁଥିଲା, 'ଭିକା ଉତ୍ତେ ଯଦି ମୁଁ ଜେଲ ନ ଯାଏ—ତେବେ ଜାଣିଥା ପୁଅ ନୁହେଁ—ହାଡ଼ିର ପୁଅ ।'' ଆଜି କଲା ତ ସେଇଆ । ଭିକୁର ମନକଥା ଆଜି କିଏ କହିବ—ହୁଏତ ତାକୁ ଇନ୍ଦ୍ରପଦ ମିଳିଥିଲେ ଏତେ ଖୁସି ହୋଇ ନ ଥାନ୍ତା, କିନ୍ତୁ ନିମିଷକ ଲାଗି ଭାବିଲା ନାହିଁ—ଭିକା ତାର ଦାଦିପୁଅ ଭାଇ—ଏକା ନାହି ଦିଖଣ୍ଡ—ଆ ଓଳି ପାଣି ତା ଓଳି ପାଣି ଏକ ଯାଗାରେ ପଡ଼େ । ଦୁଃଖ ବିପଦରେ ହେଲେ ଭିକା ଆସି ଠିଆ ହେବ । କିନ୍ତୁ ସେ ସବୁ ମାୟା ମମତା ଭିକୁର ନ ଥିଲା ।

ସହର ସାରା କମିଟିଙ୍କ ଭିତରେ ରାଷ୍ଟ୍ର ହୋଇଗଲା । ଭିକାରୀକୁ ଦୁଇ ବର୍ଷ ଜେଲ । ଲୋକେ କହିଲେ ଚୋର କଲା କିଆଁ ? କପଟ ଚୋରି କଲା ? ଏହି କଥାର ଆଲୋଚନା—ଗୁଲି ଖଟିର ଟୋକା ପରି, କଟାଠାର ବଜାର ବସ୍ତି ବଢ଼ିବାରେ ଲାଗିଲା—ସମସ୍ତେ ଗୋଟିଏ ଗୋଟିଏ ଅଭିମତ ଦେଲେ କିନ୍ତୁ ଭିକାରି ନିର୍ଦ୍ଦୋଷୀ ଏ କଥା କିଏ କେମିତି କହିବ ? ତେବେ କଣ ଜଜ ସାହେବଙ୍କର ରାଏଟା ଭୁଲ ହୋଇ ପାରେ ? ଏତେବଡ଼ କମ୍ପାନୀ, ଶହ ଶହ ଅଫିସର ; ଦିନ ଦିପହରେ କିପରି ଭିକାରି ଚୋରି କରି ପାରିଲା । ଏଇ ହେଲା ବଡ଼ ଆଶ୍ଚର୍ଯ୍ୟର କଥା ।

ଭିକାରି କଣ କରିବ ତାକୁ ବୁଦ୍ଧି ଦିଶିଲା ନାହିଁ । ସେ ନିଜକୁ ଯେତେ ସାନ୍ତ୍ୱନା ଦେଉଥିଲା ସେତିକି ତାର ହୃଦୟ ଭାଙ୍ଗି ପଡ଼ୁଥିଲା । ତାର ଟିପ ଚିହ୍ନ ବେଳି ଯେତେବେଳେ ପାଠନାର Expert କହୁଛି ତେବେ ସେ କଣ କରି ପାରେ ? ୬ମାସ ମୋକଦ୍ଦମାରେ ଲଢ଼ି ଲଢ଼ି ଶେଷକୁ ତ ୨ ବର୍ଷ ଜେଲ ଆଦେଶ । ଆଉ ହାଜତ ଭିତରେ ରହି ବା ସେ ଆଉ କଣ କରି ପାରେ । ତା ମୁଣ୍ଡ ଖରାପ ହୋଇଗଲା । ସେ ପାଗଳ ହୋଇ ଗଲା । ହାଜତ ଭିତରେ ପାଟି କଲା ।

ମୁଁ ଚୋର, ଅସମ୍ଭବ—କଦାପି ନୁହେଁ । ମୁଁ ଚୋର ନୁହେଁ । ମୁଁ ଟଙ୍କା ନେଇ ନାହିଁ କି ସେ ବିଷୟରେ କିଛି ଜାଣେ ନାହିଁ କିନ୍ତୁ ଧନ୍ୟ ଦୁନିଆଁ ! ଧନ୍ୟ ଜଜ୍ ! ଧନ୍ୟ ତୁମର ବୁଝିମଣା ଓ ଧନ୍ୟ ତୁମର ରାଏ । ପର ନା କହି ପରଲାଗି ଟିପ ଦେଇ ମୁଁ କପଟ ଖଜଣା ଖାନାରୁ ଟଙ୍କା ଆଣିଲି ? ଟଙ୍କା ଦେବା ଅଫିସର କଣ ଅନ୍ଧ ଥିଲେ ? ନ ଦେଖି ଦେଲେ କିଆଁ ? ହୁଏତ ତାଙ୍କ ନିଜ ଲୋକକୁ ଦେଇ ପାରିଥାନ୍ତି । ଟିପ ଲକ୍ଷଙ୍କର ଆଉ ଜଣକ ସାଥିରେ ମିଳି ପାରେ ନା ।

Digitized by srujanika@gmail.com

ଟଙ୍କା ନେଲା କିଏ ? ଅଉ ମୁଁ ହେଲି ଚୋର । ଜେଲ ହେଉଛି ମୁଁ ? ଲୋକେ ଭଜାରର ହାଙ୍କଡ଼ ଭିତର ପାଗଳାମି କଥା ଶୁଣି ହସିଲେ ।

ଜାମିନରେ ଭଜାର ବସାକୁ ଫେରି ଆସିଲା । କେତେ ସଙ୍ଗ ସାଥି ତାର ଆସି ଜୁଟିଗଲେ । ଭଜାରକୁ ଦେଖାଇବା ପାଇଁ ବଡ଼ ଦୁଃଖ କଲେ । ଶେଷକୁ ତାର ଭାଗ୍ୟର ଦୋଷ ଦେଲେ । ତାକୁ କିପରି ଜେଲରୁ ମୁକୁଳାଇ ଆଣିବେ ସେ ଜଣଙ୍କ ଠାରୁ ଏ କଥା ମଧ୍ୟ ଶୁଣି ପାରି ନାହିଁ ।

କିଏ କହିଲା ଭଜା, ଜେଲ୍ ତ ଯିବୁ, ଏ ତ ତୋର ଘର ନୁହେଁ, ବିଦେଶ । ଏଠି ଜିନିଷ ପତ୍ର ସିନା ନଷ୍ଟ ହୋଇଯିବ ? ଘଣ୍ଟା ତ ଉଇ ଖାଇଯିବ । ୨୦ଟଙ୍କା ନେଇ ମୋତେ ଦେଇ ଯାଅ । କିଏ କହିଲା ଥାଳି ନୋଟା ଚେୟାର ଝିଲା ନେବ । ମୁକୁରୁ ଯିବ କିଏଁ ? କିଏ ତାର ଗରମ କୋଟ କଥା, କିଏ ସାଇକେଲ କଥା ଏହିପରି ସବୁ କହିବାକୁ ଲାଗିଲେ ଭଲୋଇ ହୋଇ ।

ଭଜାର କିଛି କହିଲା ନାହିଁ । ସମସ୍ତେ ଚାଲି ଗଲା ପରେ ସେ ଖାଲି ଭାବିବାକୁ ଲାଗିଲା—ମୁଁ ଚୋର ! କିମିତି ଚୋର ହେଲି ? ମୁଁ ତ ଚୋରି କରି ନାହିଁ— ଚାଲ କରି ନାହିଁ ।

ଖାଲି ଏଇ କଥା ଭାବୁଁ ଭାବୁଁ ତା ମୁଣ୍ଡ ଖରା ହୋଇ ଗଲା—ସେ ଥଳି କୂଳ ପାଇଲା ନାହିଁ ।

ରାତି ପାହିଲା । ସମସ୍ତେ ଦେଖିଲେ—ଭଜା ପାଗଳ ହୋଇ ଯାଇଛି ।

---


**କୁବେର ବ୍ୟାଙ୍କ ଲିଃ**

ହେଡ଼ ଅଫିସ—କଲିକତା

**ଶାଖା ଅଫିସ ମାନ:—**

ଡାକା, କାଲିମ୍ପଙ୍ଗ୍, ସିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ସୁଣୀଘାଟ, ବଡ଼ବଜାର ।

**୧୭ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତପ୍ରକାର ବ୍ୟାଙ୍କିଂ କାର୍ଯ୍ୟ ନିର୍ବାହ ହୁଏ ।
ଜାଜପୁର ଶାଖା ଶୀଘ୍ର ଖୋଲିବ ।

**ଏସ୍: କେ: ଚକ୍ରବର୍ତ୍ତୀ**
ମ୍ୟାନେଜିଂ ଡାଇରେକ୍ଟର


Digitized by srujanika@gmail.com

ତେବେ ସେହି ମନ୍ତ୍ରୀଙ୍କ ଦୋଷ ନୁହେଁ— ସମସ୍ତଙ୍କ ନିଜ ଲଘୁତ୍ୱ । ଦୁଃଖ ଲାଗୁଛି ଅଧ୍ୟାପକ ସଭ୍ୟଗଣ କିଣ ଏତେଦୂର ଲଘୁ ହେଲେଣି ! ତେବେ ଦେଖରେ ଚାଲି ବଳଶୀ ତାଙ୍କ ଅପଶାରୁ ଗୁରୁତ୍ୱ ବା ଓଜନ ( weight ) ବଢ଼ାନ୍ତୁ । ଏହିକି ଆମର ସୁ-ପରାମର୍ଶ ।

× + ×

ଓଡ଼ିଶା ବ୍ୟବସ୍ଥାସଭା ସେଦିନଠୁଁ ଚୌଧୁରୀ ବଜାର ମାଛ ହାଟ ପାଲଟି ଗଲା ନା କଣ ? ବ୍ୟବସ୍ଥା ସଭାରେ ବସିଥିବା ମେମ୍ବରମାନଙ୍କ ମାନ ଇଜ୍ଜତ ଓ ଅଧିକାର ରକ୍ଷା ସଭାପତିଙ୍କ ଦାୟିତ୍ୱ । ସେଠି ଯଦି ଜଣେ ମାନ୍ୟବର ମନ୍ତ୍ରୀ ଅନ୍ୟଜଣେ ମାନ୍ୟବର ସଭ୍ୟଙ୍କ ବ୍ୟକ୍ତିଗତ ଜୀବନ ସମ୍ବନ୍ଧରେ ଟିପ୍ପଣୀ ଦେଇ ତାଙ୍କର ଇଜ୍ଜତ ଖିଲାପ କରନ୍ତି ତେବେ କହିବା କାହାକୁ ?

ସେଦିନ ସରଳା ଦେବୀଙ୍କର ଗୋଟିଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅର୍ଥ ମନ୍ତ୍ରୀ ଗୋଦାବରୀଶ ମିଶ୍ରେ ଅପଟଣ ଯେଉଁ କଥା କହିଲେ ତାହା କୌଣସି ଭଦ୍ରଲୋକର ମୁହଁରେ ଧରିବାର ବା କାନରେ ଶୁଣିବାର କଥା ନୁହେଁ ।

ଏପରି ଅଶୁଚି, ଅଶ୍ଳୀଳ କଥା ଯେ କୌଣସି ଭଦ୍ର ସମାଜରେ ଅସମ୍ଭବ । ପୁଣି ଜଣେ ମାନନୀୟା ମହିଳାଙ୍କ ସମ୍ବନ୍ଧରେ ଓ ତାଙ୍କରି ସମ୍ମୁଖରେ ।

ଗୋଦାବରୀଶ ବାବୁ ଜଣେ ଅତି ପରିଚ୍ଛନ୍ନ ବ୍ୟକ୍ତି ବୋଲି ଜଣା । ତାଙ୍କର ମୁଖରୁ ଏପରି ଭାଷଣ ତାଙ୍କ ଅନ୍ତରର ଅପରିଚ୍ଛନ୍ନତା ପ୍ରକାଶ କରି ଦେଉଛି ବୋଲି ଲୋକେ କହିବେ । ବିଲାତ ପରି ସଭ୍ୟ ଦେଶର ପାର୍ଲିଆମେଣ୍ଟରେ ଏପରି କଥା ହୁଅନ୍ତା— ବିଶେଷତଃ ଜଣେ ମହିଳାଙ୍କ ସମ୍ବନ୍ଧରେ । ଯଦି ହୋଇ ଥାଆନ୍ତା ତେବେ ତାର ଫଳପ୍ରଦ ପ୍ରତିକାର ଓ ଶିକ୍ଷା ବେଶ୍ ଠୋକ୍ ହୋଇ ଯାଆନ୍ତା । ସ୍ୱୟଂ ଶିକ୍ଷା ମନ୍ତ୍ରୀଙ୍କୁ ପୁଣି ଉଚିତ ଶିକ୍ଷା ଦେବ କିଏ ?

× + + +

ଆଶ୍ଚର୍ଯ୍ୟ ଲାଗୁଛି, ଏପରି କଥା ଶୁଣି ସେଠି ଉପସ୍ଥିତ ଥିବା ପୁରୁଷ ମେମ୍ବରମାନଙ୍କର ପୌରୁଷ ହଜିଗଲା କୁଆଡ଼େ ? କେବଳ ସଭାପତି ଏଥିର ପ୍ରତିବାଦ ଓ ନିନ୍ଦା କରିଥିଲେ । ମାତ୍ର ମହା ପ୍ରଭାବଶାଳୀ ମନ୍ତ୍ରୀ ସେଥିରେ ଦବିଲେ ନାହିଁ, କିମ୍ବା ଉକ୍ତି ପ୍ରତ୍ୟାହାର କଲେ ନାହିଁ ବା ଦୁଃଖ ପ୍ରକାଶର ଭଦ୍ରତା ମଧ୍ୟ ଦେଖାଇଲେ ନାହିଁ । ଓଡ଼ିଶା ଦେଶ ଓ ଓଡ଼ିଆ ସଭ୍ୟ ବୋଲି ଏହା ସମ୍ଭବ ହେଲା ସିନା ।

ମନ୍ତ୍ରୀ ମହାଶୟ ସଭାପତିଙ୍କ ଆଦେଶ ଅନୁରୋଧ ମଧ୍ୟ ଅମାନ୍ୟ କରିଗଲେ । ଏପରି ଅବସ୍ଥାରେ ସଭାପତିଙ୍କର ତାଙ୍କ ସଭାତ୍ୟାଗ କରିବାକୁ ଆଦେଶ ଦେବା ଉଚିତ ଥିଲା । ମୁକୁନ୍ଦ ବାବୁ ଜଣେ ନିର୍ଭୀକ ନିରପେକ୍ଷ ବ୍ୟକ୍ତି ବୋଲି ଜଣା । ସେ କିପରି ନିଜର ଅପମାନ, ସଭାର ଅପମାନ ଓ ଜଣେ ମହିଳାର ଅପମାନ ହଜମ୍ କରି କେବଳ ପ୍ରଶ୍ନୋତ୍ତରଟା ବିବରଣୀରୁ ବାଦ ଦିଅ ହେଉ ବୋଲି କହି ଚୁପ ରହିଗଲେ ? ଏହା ସମଗ୍ର ଜାତିର ଘୋର ଅପମାନ ନୁହେଁ କି ?

+ + + ×

ଏଥର ମାଘ ମାସରେ ଟଙ୍କାକୁ ପାଞ୍ଚ ଗଉଣୀ ଧାନ ବିକୁଛି । ଗତ ବର୍ଷ ହିସାବରେ ଚାରି ଗଉଣୀ ଥିଲା ମାଘ ମାସରେ । ସେଥିରେ ଦେଖାଯାଉଥିଲେ ଆଷାଢ଼ ଶ୍ରାବଣକୁ ସାତ ଗଉଣୀ ହେଲା, ଏଥର ସେହି ଅନୁପାତରେ ଚଇତମାସ୍ୟାକୁ ଦେଢ଼ ବା ଦୁଇ ଗଉଣୀ ହେବାର ସମ୍ଭାବନା ହେବାରୁ ଗାଁଗହଳି ଲୋକଙ୍କର ଉଦ୍ବେଗ ଓ ଏହା ତାଙ୍କ ଉଚ୍ଚାଧିକାର ଅବଧାରଣା ହେବା ପାଇଁ ଥିବା ଲୋକେ ଅଜସ୍ର ଜାଗ୍ରତ ହୋଇଗଲେଣି ।

ସରକାର ଏଣେ କହୁଛନ୍ତି କି ବହୁତ ଲୋକଙ୍କ ସୁବିଧା ହୋଇଛି । ସେ କଥା ସତ । କାରଣ ଆମ ଦେଶରେ ଅଧିକାଂଶ ଲୋକ ଧାନ ବିକି ସଂସାର ଖରଚ ଚଳାନ୍ତି । ଜିନିଷ ପତ୍ର ମହରଗ ବେଳରେ ଧାନର ଭଲ ଦାମ ପାଇବାରେ ଅବଶ୍ୟ ଚାଷୀଙ୍କ ସୁବିଧା । ମାତ୍ର ଲୋଭ ଓ ଅଭାବରେ ଧାନ ଯଦି ବେଶୀ ବିକ୍ରୀ ହୋଇଯାଏ, ତେବେ ବର୍ଷା ଦିନକୁ ଦେଶରୁ ଧାନ ସରିଯିବ ଓ ଭାଉ ଏତେ ଅଧିକ ଚଢ଼ିଯାଇ ପାରେ ଯେ ଗତବର୍ଷ ଠାରୁ ବଳକର ଦୁର୍ଭିକ୍ଷ ପଡ଼ିବ । ବୁଦ୍ଧିମାନ ସରକାର ଯେବେ ଭଲ ସମାଜ ଉପାୟ କରିବେ ତେବେ ବା ରକ୍ଷା । ସେଥିପାଇଁ ସରକାର ଅଜସ୍ର ଅବହିତ ରହନ୍ତୁ । ଆଉ ଥରେ ମନ୍ୱନ୍ତର ଯେପରି ମଡ଼ା ଉପରେ ଖଣ୍ଡା ଚୋଟ ନ ବସାଉ ।

+ + +

Digitized by srujanika@gmail.com

କବିତା।—

# ଆସିବେ କାଲେ ପ୍ରିୟ

ଲେଫ୍ଟେନାଣ୍ଟ ଆର, ପ୍ରତିହାରୀ, ଅଇ, ଏ, ଏମ୍, ସି.

ଥରକୁ ଥର ସେ ଯେ ପାଉଛି କଣ୍ଟ କେତେ
ନାହିଁ ତ ତାର ଅନ୍ତ ଭଳନା,
ସରଳ ପ୍ରାଣେ ତାଙ୍କ ଗୁରୁ ଏ ଭାର, ଏତେ
ସହିବ କାହାର ସେ ଲଳନା —।

ଘଡ଼ିଏ ନ ଦେଖିଲେ ପ୍ରାଣ ଯା ଯାଏ ଉଡ଼ି
କେସନେ ଏ ବିରହ ସହିବ,
ଅଛନ୍ତି ତାଙ୍କ ଚନ୍ଦ୍ର ରୂପ ଛବି ଝୁରି
ତାହାକୁ ମନବ୍ୟଥା କହିବ।

ସ୍ମୃତି ସେ କେତେ ଦିନ ପାଉଛି ସ୍ମୃତି ସ୍ବର୍ଣ୍ଣ
ବୃଥା ଏ ଦୁଃଖ ଭଲ୍ଲ ବହନ,
ଅସାରେ ଗଲା ଭାସି ଜୀବନପାଙ୍କ ସ୍ବର୍ଣ୍ଣ
ପଥାଣି ଭଲ୍ଲ ଖାଲି ଦହନ।

ଜୀବନ ସାଥି ତାଙ୍କ ରହନ୍ତି ଯାଇ ଦୂରେ
ଅଜଣା ଅଦେଖା କେ ରାଇଜେ,
ନୟନେ ନୀର ସାର ଫାଟିତ ଟଲ ବୁକୁ
ଏମନ ଗୁରୁବ୍ୟଥା ରହି ଯେ। + + + +

ରୂପ ହୀନ ପ୍ରାଣ ହୀନ ଦେବତାଏ ଯେବେ
ବୁଝନ୍ତି ଥାନ୍ତେ ମରମ ବେଦନା,
(କ୍ଷୋଭ) ବାଯ ହୀନ ଖାଦ୍ୟ ହୀନ ମାନବ କି କେବେ
ଲୋଡ଼ନ୍ତି ଥାନ୍ତା ହରାଇ ଚେତନା। + + + +

ଏମନ ଜାଣି ସୁଦ୍ଧା ମୁଁ ପାଇଁ ନିଜ ଜିଦ
ଦେବତା ଅଗେ ମନ୍ତ୍ର ପଢ଼ିଲି
ଆସିବେ ବୋଲି ପ୍ରିୟ ଦର୍ଶନ୍କୁ କରି ଆଶା
ଧରଣୀ ଧୂଳି ପରେ ଲୋଟିଲି

ସୁନ୍ଦର ପକ୍ଷୀ ହାତେ ଦିଏ ଗୋପନେ ଯେତେ
ଅଜାତ ପ୍ରୀତି ବୋଲା ବାରତା,
ଆସିବେ କାଲେ ପ୍ରିୟ ଲେଉଟି ପୁଣି ଏଥେ
ଦେଖିବ ତାଙ୍କ ବିଗତ ମମତା—। —

— x —

Digitized by srujanika@gmail.com

# ବହିପତ୍ର

## ସହକାର — ୨୪ ଭାଗ — ପ୍ରଥମ ସଂଖ୍ୟା

କବିବର ଚିନ୍ତାମଣିଙ୍କ ସ୍ମୃତିପୂଜା ଉଦ୍ଦେଶ୍ୟରେ ସହକାରର ଏହି ସଂଖ୍ୟାଟିକୁ ଚିନ୍ତାମଣି ସ୍ମୃତି ସଂଖ୍ୟା ଆଖ୍ୟା ଦିଆ ଯାଇଛି । କବିବରଙ୍କୁ ଲକ୍ଷ୍ୟ କରି ଅନେକ ଖ୍ୟାତନାମା ଲେଖକ ଗଦ୍ୟ ଓ ପଦ୍ୟରେ ଲେଖାମାନ ଦେଇଛନ୍ତି । କବିଙ୍କ ପ୍ରତିଭା ବା ରଚନାର ଯଥୋଚିତ ଆଲୋଚନା ହୋଇନାହିଁ ।

ଏକା ବାଟରେ — ଲେ — ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀ । ଗୋଟିଏ ବିଦେଶୀୟ ଲେଖର ଅନୁସରଣରେ ଲିଖିତ ହେଲେହେଁ ବିଦେଶୀ ଗନ୍ଧ ଆଦୌ ନାହିଁ । ନରେଲ ଓଡ଼ିଆ ଜୀବନର ନିଖୁଣ ଛବି ।

ସୂତ୍ରଧରଙ୍କ 'ଅଭିନୟ ଓ ରଙ୍ଗମଞ୍ଚ' ପ୍ରବନ୍ଧ କଟକର ଦୁଇଟି ଥିଏଟର ଦଳର ସ୍ୱାଧୀନ ସମାଲୋଚନା । ଏ ସମାଲୋଚନା ଯଦି ଦଳପତିମାନଙ୍କର ଆଖି ଫିଟାଇପାରେ ତେବେ ଦେଶ, ଜାତି, ସମାଜ ଓ ସାହିତ୍ୟର ଉପକାର । ଆଜିକାଲିକା ସାହିତ୍ୟିକ ଲେଖା ଉପରେ ଏହିପରି ମିଠା କଡ଼ା ଚୁଟୁକି ମାରି ଦେବା ଲାଗି ସୂତ୍ରଧରଙ୍କୁ ଆମନ୍ତ୍ରଣ କରିବା ଉଚିତ୍ । ବାଟବଣା ଆର୍ଟିଷ୍ଟମାନଙ୍କ ପାଇଁ ଏହିଭଳି ଆଖି ଫିଟା ନ ହେଲେ ଆର୍ଟ ଜଗତରେ ଅରାଜକତା ମାଡ଼ିଯାଏ ।

## ଗଡ଼ଜାତ ଶାସନ — ଶ୍ରୀ ଶରତ୍‌ଚନ୍ଦ୍ର ଦାସ — ପୃ ୫୧ ଷ୍ଠା ।

ଏହି ପୁସ୍ତକଖଣ୍ଡି ଉପହାର ପାଇଁ ଆମ୍ଭେମାନେ ଲେଖକଙ୍କୁ ଧନ୍ୟବାଦ ଅର୍ପଣ କରୁଅଛୁ । ଗଡ଼ଜାତଗୁଡ଼ିକର ସାଧାରଣ ଶାସନ ପଦ୍ଧତିର ତ୍ରୁଟି ଓ ଗଡ଼ଜାତ ପ୍ରଜା ସାଧାରଣର ଅଭାବ ଅଭିଯୋଗ ପ୍ରଭୃତି ଏଥିରେ ଅତି ସ୍ପଷ୍ଟ ଭାବରେ ଓ ବଳିଷ୍ଠ ଭାଷାରେ ବର୍ଣ୍ଣିତ ହୋଇଅଛି । ବିଶେଷତଃ ମୟୂରଭଞ୍ଜ ଷ୍ଟେଟର ଅନେକ ଠିକ ଠିକ କଥା ବିଶଦ ଭାବରେ ସାଧାରଣଙ୍କ ଆଗରେ ଉପସ୍ଥାପିତ କରା ହୋଇଛି ।

ମୟୂରଭଞ୍ଜ ଅତ୍ୟାଚାର ମୂଳକ ଭିତରେ ଅଳ୍ପ-ପ୍ରାପ୍ତ ରହିଛି ବୋଲି ଆମ୍ଭମାନଙ୍କର ଧାରଣା । ସେଠାକାର ଶାସନ ଶୃଙ୍ଖଳାକୁ ଅନେକେ ଆଦର୍ଶ ସ୍ଥାନୀୟ ବୋଲି ପ୍ରଶଂସା କରିଥାନ୍ତି । ମାତ୍ର ଦୀପ ତଳେ ଯେ ଏତେ କାଟିକୁଟିଆ ଓ ଚୋରକୁଟିଆ ଅନ୍ଧାର ଥାଇ ପାରେ ତାହା ବିଶ୍ୱାସ କରିବାକୁ ପ୍ରବୃତ୍ତି ହୁଏ ନାହିଁ ସହଜରେ । ମୟୂରଭଞ୍ଜର ପ୍ରଜା ଓ ସରକାରଙ୍କ ଭିତରେ ଯେଉଁ ଟଣା ଓଟରା ଲାଗିଛି ତାହାର ଫଳ ସ୍ୱରୂପ ଦୁଇଟା ଅନୁଷ୍ଠାନର ଜନ୍ମ । ଗୋଟିଏ "ପ୍ରଜାମଣ୍ଡଳ" ଓ ଅପରଟି "ପ୍ରଜାମଙ୍ଗଳ ।" ଏ ଦୁଇ ପ୍ରତିଷ୍ଠାନ ମଧ୍ୟରେ କେବଳ 'ଙ୍ଗ' ଓ 'ଣ୍ଡ'ର ତଫାତ୍ ଥିବ ବୋଲି ଲୋକଙ୍କ ଧାରଣା ଥିଲା । ଗଡ଼ଜାତ ଶାସନ ପଢ଼ି ସେ ଧାରଣା ଅନେକଙ୍କଠାରୁ ଦୂର ହୋଇଯିବାର ସମ୍ଭାବନା ।

ସେ ଯାହାହେଉ ମନୁଷ୍ୟର ଅନ୍ତରକୁ ପଥର ରୂପ ଦେଇ ନିବଦ୍ଧ କରିବାଠାରୁ ସ୍ନେହ ସହାନୁଭୂତିର ହାଜୟା ଦେଇ ଜୟ କରିବାରେ ଧର୍ମ ଓ ବାହାଦୁରି ଅଛି ବେଶି । ଆଶାକରୁ ରାଜା ଓ ପ୍ରଜାଙ୍କ ମଧ୍ୟରେ ହୃଦୟ ବିନିମୟ ହେବା ଫଳରେ ଏଣିକରେ ମୟୂରଭଞ୍ଜ ଆଦର୍ଶ ସ୍ଥାନ ଅଧିକାର କରି ଭଞ୍ଜକୁଳର କୀର୍ତ୍ତି ମହାତ୍ମ୍ୟ ରକ୍ଷା କରିବ ।

Digitized by srujanika@gmail.com

# 'ଡବ୍‌ଲିଉ୍‌, 'ଏଚ୍‌, ବି'

## ('W.' 'H. B.')

—ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡା

ଖବର କାଗଜେ ପଢ଼ିଲି ଦିନେ ମୁଁ
ବଡ଼ ଟାଇପରେ ଛପା,
'ଡବ୍‌ଲିଉ' ଗୋଟାଏ ଦରକାର, ସେହୁ—
ଗୋରୀ ଥିବ ଯେହ୍ନେ ଚମ୍ପା ।

ନାସିକା ତାହାର ତିଳଫୁଲ ପରି
ସରୁ ଥିବ କଟି ଗୋଟା,
ପତଳା ହୋଇଲେ ଚଳିବ ଆମ୍ଭର
ଲୋଡ଼ା ନାହିଁ ମୋଟା ସୋଟା ।

'ଏଚ୍‌, ବି,' ଆମ୍ଭର ରୂପଚନ୍ଦ୍ର ଯେଣୁ
ଲୋଡ଼ା 'ଡବ୍‌ଲିଉ' କାନ୍ତ,
ଚଳିବ ସେ ଯଦି ଟାଲିକରେ ରୂପେ
ମନତାଜ ଅବା ଶାନ୍ତ ।

× × + +

ଆଜ ଦିନେ ପୁଣି ଦେଖିଲି କାଗଜେ
ଲୋଡ଼ା 'ଏଚ୍‌, ବି' ଗୋଟେ,
ବୟସ ତାହାର ଅଧିକ ନୋହିବ
ହୋଇବ ପଚିଶ ମୋଟେ ।

ହାଇ ଏଜୁକେଟେଡ ସମାର୍ଟ ଯୁବକ
ସୁସ୍ଥ ସବଳ ଅଙ୍ଗ,
ନାଚ ଜାଣିଥିବ ଚଷମା ଆଖିରେ
ଗୋରା ତକ ତକ ରଙ୍ଗ ।

ଅଶୋକ ପରି ସେ ହୋଇପାରେ ଯଦି
ହୋଇବ 'ଡବ୍‌ଲିଉ' ଲାଗି,
ଫିଟ୍‌ କାଣ୍ଡିଡେଟ୍‌ ଏପ୍ଲାଏ କରନ୍ତୁ
ଆପଣା କରରେ ଲେଖି ।

× × + +

ସପନରେ ଦିନେ ବାଜିବାଲେଇଲି
ଅଛି ତାହାଙ୍କର ଗୋଟା,
ସ୍ଲେଠୀ 'ଶାନ୍ତ'ଟାକୁ ବାହା ହୋଇଅଛି
ମୋ ଭାଇ 'ଅଶୋକ' ସ୍ଲେଠା ।

'W.' 'H.B.' ବିଚ୍ଛେଦ ମିଳନ
ଜଗତରେ ହେଲା ଶେଷ,
ପଢ଼ି ଶୁଣି ନରେ ମୁକତି ଲଭିବ
କହିଲେ ଲେଙ୍ଗଡ଼ା ଦାସ ।

* ଗୋଟିଏ ସଂଖ୍ୟାରେ 'W' ଓ ଗୋଟିଏ ସଂଖ୍ୟାରେ 'H, B' ପ୍ରକାଶିତ ହୋଇଥିଲା ।

Digitized by srujanika@gmail.com

ସଂଗ୍ରାହକ:—ଶ୍ରୀ———

ଜଣେ ବନ୍ଧୁ ଆଉ ଜଣେ ବନ୍ଧୁଙ୍କୁ ତାର ଦରକାର ବେଳେ ଶହେ ଟଙ୍କା ଧାର ଦେଇ ଥିଲ। ବର୍ଷକ ପରେ ପ୍ରଥମ ବନ୍ଧୁ ଦ୍ୱିତୀୟ ବନ୍ଧୁଙ୍କୁ ଅନୁନୟ କରି କହିଲା—"ଭାଇ ମୋର ଟଙ୍କାର ବଡ଼ ଟାଣ ଟଣି ପଡୁଛି। ସେଇ ଟଙ୍କା କେତୁଟା କେବେ ଦେବୁ କହତ? ଦ୍ୱିତୀୟ ବନ୍ଧୁ ତାର ଉତ୍ତରରେ କହିଲା—"ମୁଁ ତ ଆଉ ଜ୍ୟୋତିଷ ନୁହେଁ ଭାଇ, ଯେଥିପାଇଁ ଆଗରୁ ଆଉ କିପରି କହିବି କହ? × × ×

୧ମ—ଭାଇ! ମୁଁ କାଲି ଗୋଟେ ସପନ ଦେଖିଲି ଯେ ମୁଁ ଗୋଟେ ରସଗୋଲା କୁଣ୍ଡରେ ପଡୁଛି, ଆଉ ତୁ ଗୋଟେ ଘିଅ କୁଣ୍ଡରେ ପଡ଼ୁଛୁ।

୨ୟ—ହଁ ଭାଇ, ମୁଁ ବି ଠିକ୍ ସେଇପରି ଦେଖିଲି, କିନ୍ତୁ ମୁଁ ଅଧିକ କ'ଣ ଦେଖିଲି ଜାଣୁ? ତୁ ମୋ ଦେହ ଚାଟୁଛୁ, ଆଉ ମୁଁ ତୋ ଦେହ—

× × + ×

ବାପା—କୁନା, କହ ଆପେ ଗୁଳି ଗୁଳି ପିଠା, ନା ଗାଈ ବଛରା?

କୁନା—ବାପା, ମୁଁ ଗୁଳିକ ତମେ ଯଦ ମତେ ଖାଏଇବ। × + +

"ତୁ ଯଦି ନ ଖାଉ ତୋ ଔଷଧ ପିଇ ଦେଲେ ଡାକ୍ତରେ ତୋ ବୋଉ ତତେ କିଛି ଦେବ?"

"ମୁଁ ମଦ ନ ପିଏଁ ମିଏ ଦଏ।"

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ୍ ବ୍ୟାଙ୍କ ଲି:—

**ହେଡ୍ ଅଫିସ— କଲିକତା**

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଣ୍ଡ୍ରିବି, ଜୟନଗର, ମାଇନାପୁର, ମିତ୍ରବାଈ,

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, କାନ୍ଥିପାହାର, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼।
(କଟକ, ବାଲେଶ୍ୱର, ବରହମପୁର ଓ ଅନ୍ୟାନ୍ୟ ସ୍ଥାନରେ ଶୀଘ୍ର ଶାଖା ଅଫିସମାନ ଖୋଲା ଯାଉଛି)

ମେନେଜିଂ ଡିରେକ୍ଟର—

**ସ୍ୱା—ପି. ଏନ୍: ରାୟ ଚୌଧୁରୀ।**

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ *

( ମଡାର୍ଣ୍ଣ ଚମ୍ପୂ )

**କାନ୍ତ-କବି ବିରଚିତ**

**( ଶ )**

ହେ କୁଳ ଶାର୍ଦ୍ଦୁଳ !
ଶ୍ରମ ତୁମ ଆଜ ଯାକେ ହେଲ ସଫଳ ।।

ସ୍ୱପ୍ନ ନୋହିବାର ଶେଷ ହାକ,
ଶୁଷ୍କ ଦିଶୁଛି ତ ବଡ଼ ଶ୍ରୀମୁଖ ।

ଶାଗୁଣା ଘର ତୁମ୍ଭେ କୋପ ସ୍ଥିର,
ଶାସ୍ତି ଚଢ଼େଇଟିକି କଲକି ଜୁର ।

ଶରଦ ହୋଇଛନ୍ତି ଶଢିରେ ପଡ଼ି,
ଶିଙ୍ଘାଣି ସଡ଼ ସଡ଼ ପଡ଼ୁଛି ଚଢ଼ି ।

ନଶାଡ଼ାରେ ଶାମୁକାଏ ଶରୀର ଟୋକା,
ଶୁଖିଲି ଯିବ ଶସ୍ତ ଦେଲେଟି ଡିଲା ।

ଶିହାଣ ହୋଇ ଯାହା କଲ ଟହ ହଟି,
ସହରଯାକ କାଲି ଯିବଟି ରଟି ।

ଶାଉଁଳା ଶାଉଁଳାରେ ପଡ଼ିବ ନାହିଁ,
ଶୁଣାଗୁଣା ହୋଇବ ସାଇକି ସାଇ ।

ହେ ସ୍ନେହପ ମେନା, ତୁମ୍ଭର କର ସ୍ପର୍ଶ କିଂବା ପେଣ୍ଟ୍ରୁ ଲୁଚି ଲୁଚି ଏକ୍ସପୋର୍ଟ ହୋଇଅଛି ; ତୁମ୍ଭ ପକ୍ଷେ କୋମଳାଙ୍ଗୀ ଯୁବତୀର ବାଧ ଉଦ୍ଘାଟନ କରିବା କେତିଏ କୁହେଁ ତିହିଁଙ୍କ ତୁମ୍ଭେ ତ ତରୁଣୀ ଖେଳିବେ ହଟୋଇ ଅଛ ; କେତେ ଲୋଖି ଖବର ଧରିଛ— ଏଇ ସାମାନ୍ୟ ଅବଳାକୁ ତ ମେଳାକ ମେଳାଇ ଏବା ଢାଞ୍ଚରେ ଅଲୁଅଳ କରିଥିବ ।

ତୁମ୍ଭେ ତ ବଡ଼ ବାଡ଼ି ଗୁଣ୍ଡ ଓ ଲଫଙ୍ଗାଙ୍କ ଗହଳକୁ ଖାତି କର । ତହିଁରେ ପୁଣି ଅତି ବନ୍ଧୁଜନର ଅଣ୍ଟା ପୁଷ୍ଟ ହୋଇଥିବାରୁ ମଟନରେ ପାଣି ଜେଳନ ହୁଏ ପଡ଼ ! ହଉ, ଏଥର ତୁମ୍ଭ ନାଁରେ ପୋଷ୍ଟର ଲେଖି ସହରଯାକ ମାରି ଦେବା ଓ ଖବର କାଗଜ ଛପାଇ ଦେବା !" ମାଷ୍ଟର ଟଙ୍କୁ ଏପରି କହନ୍ତେ ଚନ୍ଦ୍ରକ-ଚନ୍ଦ୍ର ଜଣ୍ଟିଏ ହସି ଓ ହାସ୍ୟ ସହିତ ପ୍ରୀତି ପ୍ରକାଶ କରି କହିଲେ, "ରେ ବେକାର ଲୋକ, ମୁଁ ଏବଣି ବଡ଼ ବେହାଲ ହୋଇ ପଡ଼ିଛି—ନୋହିଲେ ମୁଣ୍ଡରେ ଥୋପି ଓ ଗାଲରେ ଚଟକଣ ବଜାଇ ଦେଇନି " ପୁଣି କବିମାନେ ପଢ଼ କହିଲେ—

( 'ଚ' ଅ [illegible] ରେ ବାହାରିବ )

* Reproduction in part or full is strictly prohibited.

Digitized by srujanika@gmail.com

# ହୁରେଁକି ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ—**

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନ ପରିସର ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଉପରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

### ତାରା ପ୍ରତି

ନିତିରାତି ଜାଗି ଚେଉବେହେଁ ତୁ ସଖି
ଅବଶ ତ ନୋହୁ ଟିକେ
ହସି ହସି ଏତେ ପ୍ରତୀକ୍ଷା କରୁ ତୁ
କା'ରେ ଏତେ ଉତ୍କଣ୍ଠାରେ ?
ଦୂର୍ବା-ହେମାବଳୀ ଧରଣୀର ଯୌବନ
ଫୁଲକାଇ ସମୀରଣ,
ଲୋଚନ-ସାଗରେ ହୁଏ ଅନୁଭବ
—— କି ସ୍ୱପନେ ତୁ ମଗନ ?
କେତେ ଯୁଗ ସଖି ହସୁ ତୁ ଏପରି
ନୀଳନଭ-ବୁକେ ରହି,
କି କେ ତୋ'ଶ୍ରବଣେ କେଉଁ ଦେବତାର
ଅଦ୍ଭୁତ-ମୋହନ-ବଂଶୀ ?
ମୂକ କାହିଁ ସଖି ତୋ' ଠାର କାହିଁ ମୁଁ
ବୁଝିବି ମରତ-ଜନ,
କଥା ପଦେ ମିନା ଶୁଣିଲେ ତୋ ମୁହଁ
ତୃପତ ହୁଅନ୍ତା ମନ ।
କି ଯୋଗ ତପ ବା ସାଧୁ ଲୋ ସଜନି,
ନକହୁ ସେ ଲଗି ବାଣୀ,
କାହା ଧ୍ୟାନେ ଥାଇ ଉଜାଗରେ ନିଶି ,
ଯାଉ ତୁ ନ ପାରେ ଜାଣି——

କୁମାରୀ ଶୈଳବାଳା (୧୭ ନଂ ନାଗ)

---

### ଦୋଳ

ବରଷକ ପରେ ଆସିଛି ଦୋଳ,
ଧରଣୀ ବକ୍ଷରେ ଆନନ୍ଦ ରୋଳ;
ପ୍ରଫୁଲ୍ଲିତ ଆଜି ମାନବ ପ୍ରାଣ,
"ଜୟ ରାଧେ-କୃଷ୍ଣ" ମିଳନ ଗାନ;
ଚଉଦିଗେ ଯାଏ ଖେଳି ଯେ,
ବନେ ବନେ ପିକ ସେ ସଙ୍ଗୀତ ତାନ
'କୁହୁ' ରବେ ଦିଏ ମେଳି ଯେ ।
ବସନ୍ତ ରାଣୀର ସକଳ ଶୋଭା,
ଧରିଛି କରିଛି ନୟନ ଲୋଭା;
ଚଉଦିଗୁଁ ପଡ଼େ ସୁଷମା ଝର,
ମରତ ହୋଇଛି ସରଗ ସର ;
ଭେଟାଇ କୁସୁମ ବାସ ଯେ,
ଅଜଣା ଧାଇଁଲେ ବହିଯାଏ ବାୟୁ
କରି ଶୋଭା ପରକାଶ ଯେ ।
ଫୁଟିଲାଣି ସରେ କଇଁ କମଳ,
ସୌନ୍ଦର୍ଯ୍ୟେ ମଣ୍ଡିତ ସରସୀଜଳ;
'ଗୁଣୁ ଗୁଣୁ' ଗୀତ ଭ୍ରମର ଗାଏ,
ମୁହଁ ଟେକି ପଦ୍ମ ଆକାଶେ ଚାହେଁ;
ଦିବାକର କର ପଡ଼ି ଯେ,
ଦର୍ଶିବାକୁ ଶୋଭା ସମୀରଣ କୋଳେ
ପଡ଼େ ଲଜ୍ଜ୍ୟାବତୀ ଢଳି ଯେ ଶ୍ରୀ ।

Digitized by srujanika@gmail.com

ହେ ଓଡ଼ିଆ ଭାଇ ଉଠରେ ଥରେ,
ଭାଙ୍ଗ ତୋ ନିଦ୍ରା ଏ ଶୁଭ ବାସରେ;
ମଣ୍ଡଛୁ ତୋହର କଙ୍କାଳ ଭାଙ୍ଗ,
ଯାଉଛୁ ପରାଣୁ ସାହସ ହଜି—
ଅଙ୍ଗ ମଳ ଥରେ ଗୁହାଁ ରେ,
କାହାପାଇଁ ଏତେ ସୌନ୍ଦର୍ଯ୍ୟ ସମ୍ପଦ
ସାଇତିଛୁ ତୋ'ର ମାଆ ରେ । ୪ ।
ଯା'ର ଅଚମନ ଗାରତା ଜାଣି,
ପ୍ରବେଶିଛି ମତ୍ତ୍ୟେ ବସନ୍ତ ରାଣୀ;
ଯା'ପାଇଁ ଆନନ୍ଦ ସାଗର ଧରା,
ଯା' ପାଇଁ ପରାଣ ପୁଲକେ ଭରା ;
ସେହୁ ଯଦୁପତି ପଦେ ଯେ,
ସ୍ୱର୍ଗ ପରବାସୀ ନୁଆଉଁଛୁ ମଥା
ଗାଇ ନାମ ପ୍ରେମାନନ୍ଦେ ଯେ । ୫ ।

ଶ୍ରୀ ବୀଣାକର ଦାଶ
୩୬୮ ପୁରାତନ ସଭ୍ୟ

---

## ଆମ ପରି ପିଲା

(ସଗୃହୀତ)

ସ୍ନେହର ନାଗ ଭାଇ ଓ ଭଉଣୀମାନେ,

ଆଜ ତୁମ୍ଭମାନଙ୍କୁ ଅମ ପରି ଗୋଟିଏ ପିଲାର କଥା କହିବ । ସେ ଥିଲା ଭାରି ଦୁଷ୍ଟ—ତୁମ ଅମଠାରୁ ବ ଅଧିକ ଦୁଷ୍ଟ । ଶୁଣିବ ତାର ଦୁଷ୍ଟାମୀର କଥା ! ଦିନେ ସେ ଓ ତାର ସାନ ଭାଇଟି ପୋଖରୀ ହୁଡ଼ାରେ ଯାଇ ଥାଆନ୍ତି । ଦୁହିଙ୍କ ହାତରେ ଥାଏ ଦୁଇଟା ମାଛ ଧରା ବନସୀ । ହଠାତ୍ ବଡ଼ ଭାଇ ସାନ ଭାଇଟିକୁ କହିଲା, "ଏଇ ସତୀଶ୍ ! ବନସିଟା ଟିକେ ଧର ତ, ମୁଁ ଅବକା ଆସୁଛି—" ଏହା କହି ସେ ଝପ୍ କିନା ଡେଇଁ ପଡ଼ ପାଣି ଭିତରକୁ ପଶିଗଲା । ..........କିଛି ସମୟ ବିତିଗଲା, କିନ୍ତୁ ତଥାପି ବଡ଼ ଭାଇ ପାଣି ଭିତରୁ ଅଳ ବାହାରିବାକୁ ନାହିଁ । ସେଇ ଯେଉଁ ବୁଡ଼ିଛି ତ ବୁଡ଼ିଛି । ଏହା ଦେଖି ସାନ ଭାଇଟି ଭୟରେ କାନ୍ଦି ଉଠିଲା । ତାର କାନ୍ଦ ଶୁଣି ପାଖ ଅଖରୁ ସମସ୍ତେ ଧାଇଁ ଆସି ପୋଖରୀ ତମାମ ଖୋଜିବାକୁ ଲାଗିଲେ । କିଛି ସମୟ ପରେ ବାଲକ ଭାଇ ତାର ପାଣିରୁ ଉଠେ—କିନ୍ତୁ ହାତରେ ଗୋଟିଏ କଇଁଚ ନେଇ । ସମସ୍ତେ ପଚାରିଲେ କ ସେ କାହିଁକି ପାଣିରେ ବୁଡ଼ିଥିଲା । ତା'ର ଉତ୍ତରଟା କଣ ଶୁଣିବ— 'ପାଣିରେ କାହିଁକି ବୁଦ୍‌ବୁଦ୍ ଉଠୁଥିଲା ସେଇଆ ଦେଖିବା ପାଇଁ ।' ଦେଖିଲ ତ ପିଲାଟାର ସାହସ କହିଲ ଭଲା ଏଇ ପିଲାଟି କିଏ ?—ସିଏ ହେଉଛନ୍ତି ବିଜ୍ଞାନ ଆକାଶରେ ନଭ ଯାଇଥିବା ଜ୍ୟୋତିଷ୍ଣ ଅଗ୍ରଣୀ ଜଗଦୀଶ ଚନ୍ଦ୍ର ବସୁ । ଇତି ।

ତମର ସ୍ନେହର
ବସନ୍ତକୁମାର ପଲ (୪୦ ନଂ ନାଗ)

---

## ନୂଆନାଗବର୍ଗଙ୍କ ନାମ

୫୦୬ । ଶ୍ରୀ ଗୋପିକାରଞ୍ଜନ ଦାସ (ଆଜୀବନ) ସୋରୋ ସତ୍ୟାନନ୍ଦ ହାଇସ୍କୁଲ, Class X. ପୋ: ସୋରୋ, ଜି: ବାଲେଶ୍ବର । ୫୦୭ । ଶ୍ରୀ ବଦ୍ରି-ନାରାୟଣ ମିଶ୍ର, ସୋନପୁର ହାଇସ୍କୁଲ, ଦଶମଶ୍ରେଣୀ P. O. Sonepur Raj. ସୋନପୁର ଷ୍ଟେଟ । ୫୦୮ । ଶ୍ରୀ ଗଙ୍ଗାଧର ଦାଶ, ( ଆଜୀବନ ସଭ୍ୟ ) ଗ୍ରା: ସିଙ୍ଘବାଲି, ପୋ: ନୂଆପଡ଼ା, ଜି: କଟକ । ୫୦୯ । ଶ୍ରୀ ଚୋଲକଣ୍ଠହାରୀ ମହାପାତ୍ର, ସତ୍ୟାନନ୍ଦ ହାଇସ୍କୁଲ, ସୋରୋ, ପୋ: ସୋରୋ, ଜି: ବାଲେଶ୍ବର । ୫୧୦ । ଶ୍ରୀମତୀ ବସନ୍ତକୁମାରୀ ଦାସ (ଆଜୀବନ ସଭ୍ୟା) C/o ବାବୁ ଅନାଦି ଚରଣ ଦାସ, ମୁ: ଦେଉଳ ସାହି, ପୋ: ବାରିପଦା, ମୟୁରଭଞ୍ଜ ଷ୍ଟେଟ ।

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

ସଞ୍ଚୟୀ ସବଠାରୁ ଜୟୀ । ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା ! ନିଜ ଶକ୍ତି ଅନୁସାରେ ସଞ୍ଚୟ କରିବା କେତେଦୂର ନିତାନ୍ତ ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ଯୋଗୁଁ ଅଭାବଗ୍ରସ୍ତ ଲୋକମାନେ କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାରକଲେ ଜଣାଯିବ । ଜୀବନର ଦାୟିତ୍ୱ ନେବା ଛଡ଼ା ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ । ସାମୟିକ କିଛି କିଛି କିସ୍ତି ଟଙ୍କା ଦାଖଲ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ ।

### ସୁଦୃଢ଼ତାର ପରିଚୟ—

୧୯୪୧ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବୀମାର ପରିମାଣ ୧୯ କୋଟି ୩୬ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବାର୍ଷିକ ଆୟ ଏକ କୋଟି ୧୦ ଲକ୍ଷ ।
ବୀମା ପାଣ୍ଠି ୦ କୋଟି ୨୧ ଲକ୍ଷ ।
ମୋଟ ସମ୍ପତ୍ତିର ପରିମାଣ ୪ କୋଟି ୩୬ ଲକ୍ଷରୁ ଊର୍ଦ୍ଧ୍ୱ ।
ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲଡିଂସ୍
କଲିକତା ।

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗାନାଇଜର
କଟକ ।


Printed & published by G. C. Mahapatra at the Gopinath Press, Bhadrak. 1943.

ପ୍ରତିଖଣ୍ଡ ଦୁଇଅଣା ବାର୍ଷିକ ତିନିଟଙ୍କା ଆଠଅଣା


Digitized by srujanika@gmail.com

୭ମ ବର୍ଷ
୨୧ ଓ ୨୨ ସଂଖ୍ୟା

# Dagara

Utkal's most popular Fortnightly
OF
LIGHT, LEAD & LAUGHTER.

ଚୈତ୍ର ମାସ ୧ମ ଓ ଦ୍ୱିତୀୟାର୍ଦ୍ଧ




## ବ୍ୟାଙ୍କ ଅଫ୍ କଲିକତା ଲି: ବାଲେଶ୍ୱର

ଏହା ଏକପ୍ରତିଷ୍ଠାଶାଳୀ ଓ ନିର୍ଭରଯୋଗ୍ୟ ବ୍ୟାଙ୍କ । ଏଥିରେ ଟଙ୍କା ରଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି କରନ୍ତୁ । ଏହି କେତେଦିନ ଭିତରେ ବାଲେଶ୍ୱର ଶାଖା ଅନୁଷ୍ଠାନ ବେଶ ଗଢ଼ି ଉଠିଛି । ଅତିଶୀଘ୍ର ଭଦ୍ରକଠାରେ ଏହାର ଶାଖା ଖୋଲିବ । ବିସ୍ତୃତ ବିବରଣୀ ପାଇଁ ଲେଖନ୍ତୁ ।

ହେଡ଼ ଅଫିସ:—୬, ମେଙ୍ଗୋ ଲେନ
କଲିକତା.

**ଶ୍ରୀ ପ୍ରିୟନାଥ ନନ୍ଦୀ ବି, ଏଲ**
ଅନାରାରି ସେକ୍ରେଟେରୀ
ବାଲେଶ୍ୱର ବ୍ରାଞ୍ଚ ଅଫିସ ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର                                        ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରଚଳନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଲ୍ଲ ବା ବିକୃତ ଚର୍ମ, ହସ୍ତାଙ୍ଗୁଳି ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବର୍ଦ୍ଧକ ବେଦନା ଅପଥ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫ ୮ ୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଲ୍ଲ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ୫୨୯ଙ୍କା ମାତ୍ର ୫ ୨ ୯ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ

ଆଲମଚାନ୍ଦ ବଜାର, କଟକ

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ୍ ବ୍ୟାଙ୍କ ଲି:—

**ହେଡ୍ ଅଫିସ — କଲିକତା**

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମିତ୍ରଗଞ୍ଜ ।

**ନବପ୍ରତିଷ୍ଠିତ ଶାଖା —ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାଡ଼ି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼ ପାଟନା

(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲା ଯାଉଛି) ।

ମେନେଜିଂ ଡିରେକ୍ଟର—

ନଳଦିଲ୍ଲି ନାଗପୁର ।                    ସ୍ୱା—ପି. ଏନ୍: ରାୟ ଚୌଧୁରୀ ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫ ୪ ୯ ଜମା ଦେଲେ—ବ ୪ ର୍ଥ ପରେ ଓ ୫ମ ବର୍ଷ ଶେଷରେ ୫ ୧୨୦ ଙ୍କା ପାଇବେ ।


Digitized by srujanika@gmail.com

# ଡଗର

## ହୁକା ହୁକା ହୁଆ

( ବିଲୁଆ ବିଗୁର )

୭ମ ବର୍ଷ
୨୧ଓ୨୨ ସଂଖ୍ୟା
ଚୈତ୍ର ୧ମ ଓ ୨ୟାର୍ଦ୍ଧ
ତା ୧୬-୩-୪୪ ରିଖ

—ପାକ୍ଷିକ—
ବାର୍ଷିକ ମୂଲ୍ୟ
ପ୍ରତିସଂଖ୍ୟା — ୬୦
ରାଜସଂସ୍କରଣ — ୫୯


ସମ୍ପାଦକଙ୍କ କଠିନ ଯାତନା ଜନିତ ଅସୁସ୍ଥତା ଓ ତାହାଁ ସଙ୍ଗେ ପରିଚାଳନା ସମ୍ପାଦକଙ୍କ ଅସୁସ୍ଥତା ଜନିତ ପୀଡ଼ନା ଯାହା ହେତୁ 'ଡଗର'ର ଧାରା ବାହିକତାରେ ବ୍ୟତିକ୍ରମ ଘଟିଥିଲା । ସେଥିପାଇଁ ଯୁଗ୍ମ ସଂଖ୍ୟା ପ୍ରକାଶ କରି ନିଶ୍ଚିନ୍ତ ହେବାକୁ ବାଧ୍ୟ ହେଲୁଁ । ଆଶାକରୁଁ ଏ ତ୍ରୁଟି, ଭୁଲ ଚିନ୍ତା, ଅନିଚ୍ଛାକୃତ ଅଭାବ ସାଙ୍ଗରେ ଥିବାର 'ଡଗର' ଅସୁବିଧାକୁ ପାଠକଗଣ କ୍ଷମା ଗୁଣରେ ସହ୍ୟ କରିବେ ।

ବ୍ୟବସ୍ଥା ସଭାର ପ୍ରଶ୍ନୋତ୍ତରରେ ଅର୍ଥ ମନ୍ତ୍ରୀ ମହୋଦୟ କହିଲେ ଯେ 'ନବଭାରତ' ନାମକ ଖବର କାଗଜକୁ ଗତବର୍ଷ ୪୬,୦୦୦ ଟଙ୍କା ଇନାମ ଦିଆ ହୋଇଛି ଓ ଚଳିତ ବର୍ଷ ଚୁକ୍ତି ଅନୁସାରେ ପ୍ରାୟ ୩୦,୦୦୦ ଦେବାର କଥା ।

ଏଥିରେ ଜଣା ଯାଉଛି କେତେକ ମେମ୍ବରଙ୍କ ମନ ଖରାପ ହୋଇ ଯାଉଛି ସାଧାରଣ ଧନର ଅପବ୍ୟୟ ହେଉଛି ବୋଲି ।

ଆମେ କହୁଁ ଏ ଦେଶର ସାହିତ୍ୟାନୁରାଗୀ ସରକାରଙ୍କ ଓ ସାହିତ୍ୟ ପଣ୍ଡିତମାନଙ୍କୁ ଇନାମ ଦେବା ଯେ କୌଣସି ସଭ୍ୟ ରାଜ ସରକାରର ଅବଶ୍ୟ କର୍ତ୍ତବ୍ୟ । ମହାରାଜାଙ୍କ ପୂର୍ବ-ପୁରୁଷଗଣ ଓ ସେ ନିଜେ ମଧ୍ୟ ଏହିପରି ସାହାଯ୍ୟ କରିଥିବେଇ ଆସିଛନ୍ତି । ଆପତ୍ତିକାରୀ ଖଲିକୋଟ ରାଜା ବାହାଦୁରଙ୍କ ପୂର୍ବ ପୁରୁଷଗଣ ମଧ୍ୟ ଏହିଭଳି ଦାନରେ କୃପଣତା କରି ନାହାନ୍ତି । ତା ବଦଳରେ ସେମାନେ ସଭାସଦମାନଙ୍କ କବିପୁରୁଷ-ମାନଙ୍କ ଠାରୁ ବହୁତ ବହୁତ ସ୍ତବ ସ୍ତୁତି ଲାଭ କରିଛନ୍ତି । ଏବେ ଓଡ଼ିଶା ସରକାର ପରି ଏତେ ବଡ଼ ସରକାର ଯଦି ବାଞ୍ଛିତ ଅର୍ଥ ଏ ଦିଗରେ ବ୍ୟୟ କରନ୍ତି, ତହିଁରେ ବାଧା ଦେବାଟା କେବଳ ଅସହଣି ବୋଲି ଧରାଯିବ କିନା !

କେବଳ ଗୋଟିଏ କଥାରେ ଖଟକା ଲାଗୁଛି ଯେ ଗତବର୍ଷ ୪୬,୦୦୦ ଏ ବର୍ଷ ୩୦,୦୦୦କୁ ଖସିବାର ରହସ୍ୟଟା କଣ ? 'କରୁଣା ହୋଇଲା ଊଣା କେଉଁ ଅପରାଧେ ?'

\+ \+ \+

କଟକ ସହର ରାମଚନ୍ଦ୍ର ଭବନ ରଙ୍ଗମଞ୍ଚରେ ଉତ୍କଳ ସାହିତ୍ୟ ସମାଜ ତରଫରୁ ସାତ ଦିନର ଗମତ ଚାଲିଥିଲା । ଓଡ଼ିଆ ଲୋକେ ସାହିତ୍ୟ ପଢ଼ନ୍ତି ଏତିକି ... ଯେ ତାଙ୍କ ମନ ନେବା ସକାଶେ କର୍ମକର୍ତ୍ତାମାନଙ୍କୁ ଢୋଲବାଜା ନାଟ, ଗୀତ, ଅଭିନୟ ପ୍ରଭୃତିର ସାହାଯ୍ୟତା ନେବାକୁ ପଡ଼ିଥିଲା । ଶ୍ରୀମତୀ ସରଳା ଦେବୀ ଯେ ତାଙ୍କ ଉତ୍କଳ ସୁଜନାତ ଭିତରେ ମୂକ ସାହିତ୍ୟ ପାଇଁ ଟିକିଏ ନରମ ଅନ୍ତର କୋଣ ରଖିପାରି ଉତ୍କଳୀ ଭଗିନୀଙ୍କ ମଧ୍ୟରେ ରସ ପରିବେଷଣ କରି ପାରିଛନ୍ତି ଏଥିପାଇଁ ତାଙ୍କୁ ଅଜସ୍ର ଧନ୍ୟବାଦ ।

\+ \+ \+

ନୀଳାଚଳରେ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ମଧ୍ୟ ହୋଇ ଯାଉଛି । ପରିଷଦ କର୍ତ୍ତାଗଣ ଯେ ରସିକ ଓ ସ୍ୱଭାବପ୍ରବଣ ତାହା ସେମାନଙ୍କର ସ୍ଥାନ ନିର୍ବାଚନରୁ ହିଁ ଜଣା ପଡ଼ୁଯାଉଛି । ଶୈବଳସନ୍ତ ପରିବ୍ୟାପ୍ତ, ସାଗର ଲହରି ମୁଖରିତ, ମଧୁର ମାଧୁର୍ଯ୍ୟ ରସଯୁକ୍ତ ଶ୍ରୀକ୍ଷେତ୍ରରେ ସାହିତ୍ୟ ରସ ଯେପରି ଜମିବାର କଥା, ନାଲି ଧୂଳି ଧୂସରିତ, ନର୍ଦ୍ଦମା ସୁଗନ୍ଧ ଝଙ୍କାରିତ, ମଶକ ଗୁଞ୍ଜରିତ କଟକରେ ସାହିତ୍ୟ ସେପରି ଜମିବାର ସୁବିଧା ନ ହେବାରୁ ବୋଧହୁଏ ପରିଷଦର ରସଗ୍ରାହୀମାନେ ତୀର୍ଥଯାତ୍ରାକୁ ପସନ୍ଦ କରିଛନ୍ତି ! ଆଶାକରୁଁ ସେଠାରୁ ସେମାନେ ଧର୍ମ ଓ କର୍ମ ହାସଲ କରି କଟକ ଉଦ୍ଧାରିତ ହେଲାଭଳି ଫେରିବେ । × × +

Digitized by srujanika@gmail.com

ଓଡ଼ିଆ ସମ୍ବାଦପତ୍ର ଗୁଡ଼ିକର ଯେଉଁଭଳି ଦୟନୀୟ ଅବସ୍ଥା ସେଥିରେ ଯେ କଟକରେ ଅନ୍ତତଃ ଗୋଟାଏ ସାମ୍ବାଦିକ ସମ୍ମିଳନୀର ବ୍ୟବସ୍ଥା ସମ୍ଭବ ହୋଇ ପାରିଲା, ଏଥିପାଇଁ ଉଦ୍ୟୋକ୍ତାମାନଙ୍କୁ ସାଧୁବାଦ ଅର୍ପଣ କରିବାକୁ ପଡ଼ୁଛି । ଏଥିରେ ଆଉ ଦଳ ନ ହୋଇ ସମ୍ମିଳନୀୟ ସାମ୍ବାଦିକ ମାନଙ୍କ ମଧ୍ୟରେ ଗୋଷ୍ଠୀ ଭାବ ଜାଗରିତ ହୋଇ ପାରିଲେହିଁ ସମ୍ମିଳନୀର ସଫଳତା ପ୍ରକାଶ ପାଇବ । ଆଉ ସମ୍ବାଦପତ୍ରର ସ୍ୱାଧୀନତା ରକ୍ଷା ବିଷୟରେ ଏତିକି କହିଲେ ଚଳେ ଯେ ସ୍ୱାଧୀନତାର ମହତ୍ତ୍ୱ ଜାଣିବା ସମ୍ବାଦପତ୍ରର ସଂଖ୍ୟା କେତୋଟି ଓଡ଼ିଶାରେ ?

\+ × + ×

ବିଲାତରେ ବହିଥିବା ଶ୍ରମିକ ଦଳ ପାର୍ଲାମେଣ୍ଟର ସଭାପତି ମିଃ ଚର୍ଚ୍ଚିଲଙ୍କୁ ଗୁଣ୍ଡେଙ୍କର "ଫିଉରର" ଅର୍ଥାତ୍ ନିରଙ୍କୁଶ ଶାସକ ବା ଏକଛତ୍ରାଧିପ ଉପାଧି ଦେଉଛନ୍ତି । ଏଥିରେ ଆମ ଭଳିଆ ଗଣତନ୍ତ୍ରବାଦୀ କଂଗ୍ରେସ ନେତାଗଣଙ୍କର ଶିଖିବା ପଢ଼ିବାର କଥା । ମାତ୍ର ଏଇକ୍ଷିଣି ଦେଶକାଳ ଯାହା ପଡ଼ିଛି— ସେଥିରେ ଗୋଟାଏ ଗୋଟାଏ ଫିଉରର ନ ହେଲେ କାମ ବି ଚଳୁନାହିଁ । ଡେମୋକ୍ରେସି କଥାଟା ଶିଖା କହିବାକୁ ଓ ଶୁଣି-ବାକୁ ଭଲ—ମାତ୍ର ଡିକ୍ଟେଟରସିପ୍ ଯେ ଯୁଗ ଧର୍ମ ହୋଇ ଉଠିଲାଣି, ଏକଥା ଯେ ନ ବୁଝିବ, ସେ ବଜାରେ ପର ଅଙ୍ଗ ଝୁଣ୍ଟି ଦୁଧ ପିଇବା ଲୋଭ କରିବାକୁ ହେବ । ଲଢ଼େଇର ବେଗଠାରେ ଡିକ୍ଟେଟର ବିନା କାମ ଚଳେ ନାହିଁ । ତୁମେ କଥା କଣ କହିବ—ଆପଣ ଘର ସମ୍ଭାଳ ପୂଜନା !

× + × +

ଜମ୍ବୁପୁର ଜଙ୍ଗଲରେ ଥିବା ହୁଦୁମା ଜଳପ୍ରପାତ ଓଡ଼ିଶାର ଅମୂଲ୍ୟ ସମ୍ପଦ । ଏଥିରୁ ବୈଦ୍ୟୁତିକ ଶକ୍ତି ଉପୁଜାଇ ପ୍ରାୟ ସମଗ୍ର ଓଡ଼ିଶାରେ ତାହା ବ୍ୟାପ୍ତ କରି ହେବ ଓ ତଦ୍ୱାରା ଓଡ଼ିଶାର ଶିଳ୍ପୋନ୍ନତିରେ ପ୍ରଭୂତ ସହାୟତା ମିଳିବ । ପୂର୍ବେ ଟେଣ୍ଡର ହୋଇଥିଲା ଯେ ଏହାକୁ କାମରେ ଲଗାଇବା ପାଇଁ ପ୍ରାୟ ପାଞ୍ଚ କୋଟି ଟଙ୍କା ଲୋଡ଼ା । ତାହାହେଲେ ବି ବର୍ଷକୁ ୧୦ ଲକ୍ଷ ଟଙ୍କା ଆୟ ହେବ । ଏପରି ସ୍ଥଳେ ଶୁଣାଯାଉଛି ଯେ ଓଡ଼ିଶା ସରକାର ଏ ପ୍ରପାତର କାର୍ଯ୍ୟଭାର ବହିବା ଅପେକ୍ଷା ଏହାକୁ ମାନ୍ଦ୍ରାଜ ସରକାରଙ୍କ ହାତରେ ଅର୍ପଣ କରୁଛନ୍ତି । କରିବାର କଥା । କାରଣ ଓଡ଼ିଆ ଚିରଦିନ ସେଇ ଖାନ, ଶୟନ, କରିବ ଓଡ଼ିଆ । ତେଣୁ ଦୁର୍ବଳ ଗଲେ ଛାନ କରନ୍ତୁ କି !

× + × ×

ଆପଣାର ପିଲା କବିଙ୍କୁ ପୋଷି ନ ପାରି ପରଘରେ ଛାଡ଼ି ଦେବା ଯାହା—'ହୁଦୁମା'କୁ କାମ କରି ନପାରି ପରକୁ ଦେବା ସେଇଆ । ଅଲଗା ସରକାର ହୋଇ, ଗଜପତିଙ୍କ ସଭାପତିତ୍ୱ ମଧ୍ୟ, ଓଡ଼ିଆ ଯଦି ସେଇ ପରମୁଖାପେକ୍ଷୀ ରହେ, ତେବେ ବୋଲିବା କାହାକୁ ? ଭାରତ ସରକାରଙ୍କ ପକ୍ଷେ ପାଞ୍ଚ କୋଟି ଟଙ୍କା ଉଧାର ଦେବା ବଡ଼ କଥା ନୁହେଁ । ଏପରି ନୋହିଲେ ଭାରତରେ ଅନେକ ଧନୀ କମ୍ପାନୀ ଅଛନ୍ତି, ଯେଉଁମାନେ କୌଣସି ଭଲ ସର୍ତ୍ତରେ ଏହା କରି ପାରନ୍ତେ । ମାନ୍ଦ୍ରାଜ ସରକାର ହାତକୁ ଗଲେ ଥରେ, ଯେପରି କଟକଣା ଆଉ ପଡ଼ିବେ, ସିଂହଭୂମି ପରି ଦିନେ ବୋଇପଡ଼ି ହେବ ସିନା ।

× + × ×

ଓଡ଼ିଶା ସରକାର ଜରୁରୀ ଆଇନ ବଳରେ ଗୋଟାଏ ନୂଆ ଆଇନ ପାସ୍ କରିବାକୁ ଯାଉଛନ୍ତି । ଅଶ୍ଳୀଳ ଲେଖା କାହାରିଲେ ଲେଖକ ସେଇ ଆଇନରେ ପଡ଼ିବେ ।

ଅଶ୍ଳୀଳ ଲେଖା ସବୁଦିନେ ନିନ୍ଦ୍ୟ ଓ ସମାଜର କ୍ଷତି କାରକ । ସେଥିପାଇଁ କଟକଣା ପିଙ୍ଗଳ କୋଡ୍‌ରେ ରହି-ଅଛି । ତଥାପି ଯଦି ଲେଖା ପିଙ୍ଗଳ କୋଡ୍‌କୁ ଟପି ଯାଉଥାଏ ଓ ସେଥିପାଇଁ ବିଶେଷ ଆଇନର ଲୋଡ଼ା ହୁଏ, ତେବେ ଏ ଆଇନକୁ ଜରୁରୀ କଟକଣା ସହାନୁଭୂତିରେ ସୃଷ୍ଟି କରିବାର ପ୍ରୟୋଜନତା କଣ ? ଏଥିରେ ସାଧାରଣ ପତ୍ର ପତ୍ରିକାର ସ୍ୱାଧୀନତା କେବଳ କ୍ଷୁଣ୍ଣ ହେବ ସିନା ! ଯଦି ଏପରି ଆଇନ ଯଥାରେ କରିବାର ହୁଏ, ତେବେ ସରକାର ଯୁଦ୍ଧରକ୍ଷା ରୂପ ଜରୁରୀ କଟକଣାର ବାହାନା ନ ଧରି ସ୍ୱତନ୍ତ୍ର ଓ ସ୍ୱାଧୀନ ଭାବରେ ଆଇନ କରି ପାରନ୍ତି । ତହିଁରେ କେହି କାହାରିକୁ ଦୋଷ ଦେଇ ପାରିବ ନାହିଁ ତ !

× × + ×

Digitized by srujanika@gmail.com

ବିଚଲିଇ ହାତରେ……………

# ସ୍ମୃତି

ଲେଖକ——ଦେବ ମହାପାତ୍ର

ବାଇଲକ୍ଷ ତେପନ ହଜାର ନଅଶ ଅଣତିରିଶ ଟଙ୍କା ପଚିଶ ପଇସା ଛ ପାହୁଲକୁ ଅଢ଼ାଇ ହଜାର ଦର ଏକ ଦଶମିକ ଛ'ପୂର୍ଣ୍ଣ ପାଞ୍ଚ ବିଭକ୍ତ ତେଇଶ ହ୍ରାସାନ୍ତରେ ପାଉଣ୍ଡ ଶିଲିଙ୍ଗ ପେନ୍ସରେ ପରିଣତ କର ।

ଗଣିତର ପ୍ରଶ୍ନ—ନୀରସ ଆଉ ଶୁଷ୍କ । ଆପଣ କହିବେ ନୀରସ ଆଉ ଶୁଷ୍କ । ମୁଁ ସ୍କୁଲରେ ପଢ଼ିଲାବେଳେ ସେଇଆ କହୁଥିଲି—'ନୀରସ ଆଉ ଶୁଷ୍କ ।' ଗଣିତକୁ ଘୃଣା କରୁଥିଲି ଯେତିକି, ଭୟ କରୁଥିଲି ସେତିକି । କିନ୍ତୁ ଆଜି ? ଆଜି ଯଦି ଆପଣ ମତେ ପଚାରିବେ କଣ କଲେ ମତେ ସବୁଠୁ ବେଶି ଭଲ ଲାଗେ ? ମୁଁ ନିଶ୍ଚେ କହିବି—ଅଙ୍କ କଷିବାକୁ । ଅଙ୍କ କଷିବାକୁ ମତେ ଭଲ ଲାଗେ । ଇଚ୍ଛା ହୁଏ ଘଣ୍ଟା ଘଣ୍ଟା ବସି ଅଙ୍କ କଷୁଥିବି । ଲକ୍ଷ ଲକ୍ଷ ଟଙ୍କାକୁ ଅଙ୍କର ଜୋରରେ ଏକ ଦଶମିକ ଛପୂର୍ଣ୍ଣ ପାଞ୍ଚ ବିଭକ୍ତ ତେଇଶ ହ୍ରାସ ବାରରେ ପାଉଣ୍ଡ ଶିଲିଙ୍ଗ ପେନ୍ସରେ ପରିଣତ କରୁଥିବି । ଶତକଡ଼ା ପାଞ୍ଚ ଛଟଙ୍କା ହାରରେ ଲକ୍ଷ ଲକ୍ଷ ଟଙ୍କାର ବାର୍ଷିକ-ସୁଧ ହିସାବ କରୁଥିବି । ସୁଧକଷା, ମିଶ୍ରଣକଷା, ଗ: ସା: ଗୁ:, ଲ: ସା: ଗୁ:, ଭଗ୍ନାଂଶ, ଶ୍ରେଢ଼ୀକଷା, ତୈରାଶିକ, ବହୁଗୁଣକ, ଚକ୍ରବୃଦ୍ଧି ଆଉ ପୌନଃପୁନିକ ଦଶମିକ ପ୍ରତ୍ୟେକଟି ବିଷୟ ଗଣିତର ପ୍ରତ୍ୟେକଟି ଧାରା ମୋର ହେଉଛି ଅତି ଆଦରର ବସ୍ତୁ । ଗଣିତ ମୋ ପାଇଁ ଆଉ ନୀରସ ଶୁଷ୍କ ହୋଇ ରହିନି ।

"ବାଇଲକ୍ଷ ତେପନ ହଜାର ନଅଶ ଅଣତିରିଶ ଟଙ୍କା—" ପଢ଼ୁ ପଢ଼ୁ ମୋ ମନରେ ଭାସି ଉଠୁଛି ଲକ୍ଷ ଲକ୍ଷ ସ୍ମୃତି, ହଜାର ହଜାର ମୂର୍ତ୍ତି, ଟଙ୍କା ପଇସା ପରି ପ୍ରିୟ ଆଉ ଟଙ୍କା ପଇସା ପରି ଦାମି । ମୋର ମନେ ପଡ଼ୁଛି ତା କଥା—ମତେ ଲାଗୁଛି ଯେମିତି ସତେ ସିଏ ଅଛି ଏଇ ପ୍ରଶ୍ନ ଭିତରେ ଲୁଚି ଲୁଚିକା । ଆଉ ଯେମିତି ସତେ ତାର ସେଇ ମିଠା ଗଳା କଣ୍ଠରେ ଅନୁରୋଧ କରୁଛି, "ଟିଣ୍ଟୋ, ଏଇ ଟଙ୍କା ଅଣାଗୁଡ଼ାକୁ ଟିକିଏ ଷ୍ଟର୍ଲିଙ୍ଗ୍‌ରେ କନଭର୍ଟ କରି ଦବନି ମୋ ପାଇଁ ? ଅଜର ରେଟ୍ ଅଫ୍ ଏକ୍ସଚେଞ୍ଜ ଉଥନ୍ ସିକ୍ସ୍ ପାଇଉ ବାଇ ଥାର୍ଟି ଟୁ ।"

ତା ନାଆଁ 'ଲୁଲୁ'—ଲୁଲୁ ଡ଼ସେଲ୍‌ସ୍ । ସିଏ ଟାଇପ କରୁଥିଲା, ଇନଭଏସ୍ କରୁଥିଲା, ଟଙ୍କା ଅଣାକୁ ଷ୍ଟର୍ଲିଙ୍ଗ୍ କରୁଥିଲା—ଶତକଡ଼ା ଛଟଙ୍କା ହିସାବରେ ସୁଧ କଷୁଥିଲା ଆଉ ଅଟକି ଯାଉଥିଲା ଯେତେବେଳେ, ମତେ ଭୁକ ଭୁକ ଅନୁରୋଧ କରୁଥିଲା, "ଟିଣ୍ଟୋ, ମୋ ପାଇଁ କରି ଦେବନି ଏଇ ଅଙ୍କଟା ?" ମୁଁ କରି ଦେଉଥିଲି । ତା ପାଇଁ ଅଙ୍କ କଷିବାକୁ ମତେ ଭଲ ଲାଗୁଥିଲା । ତା ପାଇଁ "ଅଙ୍କ କଷା" ମତେ ଭଲ ଲାଗିଥିଲା ଆଉ ଆଜି ଅଙ୍କ କଷିବାକୁ ବି ଭଲ ଲାଗୁଛି ତାରି ପାଇଁ । ମୁଁ ମୋର ସ୍ମୃତିରେ ତାର ସ୍ପର୍ଶ ପାଉଛି ଅଙ୍କ କଷୁ କଷୁ । ସେ ମୋ ପାଇଁ କେତେ ଅଙ୍କ କଷୁଥିଲା ! ମୁଁ ତା ପାଇଁ କେତେ ଅଙ୍କ କଷୁଥିଲି !! ଆଉ ଦୁହେଁ ମିଶି କେତେ ଅଙ୍କ କଷୁଥିଲୁ—ଅଫିସ ପାଇଁ !!!

ଗୋଟାଏ ମର୍ଚ୍ଚେଣ୍ଟ ଅଫିସରେ କାମ କରୁଥିଲୁ—ସେ ଆଉ ମୁଁ । ବିଦେଶକୁ ଲକ୍ଷ ଲକ୍ଷ ଟଙ୍କାର ମାଲ ପଠାଉଥିଲୁ ମାସ ମାସ—ସେଇଠି ହୋଇଥିଲା ଆମର ପରିଚୟ ଆଉ ଚିହ୍ନାଚିହ୍ନି । ସେ ସେଇ ଅଫିସରେ କାମ କରୁଥିଲା ଆଗରୁ ମୁଁ ନିଯୁକ୍ତ ହେଲି ପରେ । ମ୍ୟାନେଜର କହିଲେ "ମିସ୍ ଡ଼ସେନ୍‌ସ୍ଙ୍କ, ଯାଙ୍କ ନାଆଁ ଲେଜ୍ରର ରେଜିଷ୍ଟରରେ ।"

Digitized by srujanika@gmail.com

ସେ ଚିଉଇଂଗମ୍‌ର ଅଣି ପଚାରିଲା—"ନାଆଁ ?"

ମୁଁ କହିଲି, "ପି: ରଞ୍ଜନ ।

ସେ କହିଲା, "ପି: କହିଲେ କଣ ?"

ମୁଁ କହିଲି, "ପିଣ୍ଟୁ ।"

ସେ ମୁଣ୍ଡ ନୁଆଁଇ କେଶ ବସେଲା । ମୁଁ ତାର ବାଳକୁ ଦେଖୁଥାଏ ନେଟ୍ ଭିତର ଦେଇ ।

ସେ ମୁଣ୍ଡ ଟେକିଲା—ମୁଁ ପଚାରିଲି, "ଆପଣଙ୍କ ନାଆଁ କଣ—ଯଦି କିଛି ମନେ ନ କରନ୍ତି ।"

ସେ କହିଲା, "ଏଲ୍: ଡିହିଲିଙ୍ଗ୍ ।"

ମୁଁ ପଚାରିଲି, "ଏଲ୍ କହିଲେ କଣ, ଯଦି ଆପତ୍ତି ନ ଥାଏ ?" ତାର ଆପତ୍ତି ନ ଥିଲା—ସେ କହିଲା, "ଲୁଲୁ ।"

ସେଇ ଲୁଲୁ—ଯେଣ କହୁଛି ଏଥି । ଦେଖିସ ମନେ ହେବ ପୋଲ ସଡ଼ିର । ଉଚ୍ଚାରେ ପାଞ୍ଚ ଫିଟ୍ ଦେଢ଼ ଇଞ୍ଚ—ମୋ ଓଠ ଖାଉବ । ତା ବେକରେ ଗୋଟିଏ ସରୁ ମୁନା ହାର ଆଉ ସେଥିରେ ଝୁଲୁଚି ଗୋଟାଏ କ୍ରସ୍ । ମୁଁ ତାକୁ ଦେଖିଲି, ତା ବାହୁକୁ ଦେଖିଲି, ଆଉ ମୋର ଲାଗିବ ଅପସ ଜୀବନ କେମିତି କଟିବ ସେଇ ସ୍ୱପ୍ନ ଦେଖିଲି ବସି ବସିବା ।

ପହିଲି ଦିନେ ଦୁ'ଦିନ ସେ ତ ଧରିଛୁଅଁ ଦଉ ନଥାଏ । ଘର ବମ୍ପୀର ହୋଇ ବସିଥାଏ । ତାପରେ ଦିନେ—ଛ'ଟା ବାଜିଲା, ସେ ତାର ବ୍ୟାଗ, ପଛାସୋଲ ଧରି ଉଠିଲା ଯିବାକୁ । ମୁଁ କହିଲି, "ହଇଏ ମୋ ଲାଗି ଅପେକ୍ଷା କରିବେ, ଏକାଠାଙ୍କରେ ଯିବା ?"

ଆମେ ଏକାଠାଗରେ ଅଟେଲୁ । ଅଫିସ କାମ ଧାମ ଠାଇଁ କଥାଟା ଆରମ୍ଭ କରି ତା ନିଜ କଥା ପୁଛି ବଟିଲି । ସେ କହିଲା ତାଙ୍କ ଘର କରଟୀରେ, ସେ ଅଲ୍ଟାନ ହେଲା ବମ୍ବେ ଆସିଚି ଆଉ ଅସି କରି ସାଙ୍ଗେ ସାଙ୍ଗେ ଏଇ କାମଟା ପାଇ ଯାଇଚି । ଆମେ କଥା ଗଡି ଗଡି ଆସୁଥିଲୁ । ତା କଥା ଶୁଣିବାକୁ ମତେ ଭାରି ଭଲ ଲାଗୁଥିଲା । ବାଟରେ ଗୋଟାଏ ରେସ୍ତୋରାଁ ଦେଖି ମୁଁ କହିଲି—"ଆସନ୍ତୁ ହଇଏ ଚା' ଖାଇବା ।" ସେ କହିଲା, "ନା ଧନ୍ୟବାଦ, ମୁଁ ଖାଇବିନି ।" ମୁଁ ପଚାରିଲି, 'କାହିଁକି ?" ସେ କହିଲା, "ନା ମୁଁ କୌଣସି ବୟଫ୍ରେଣ୍ଡ ସାଙ୍ଗରେ ଚା' କେବେ ଖାଇବାକୁ ଯାଏନି ।" ମୁଁ ତାକୁ ଅନେଇଲି, ମୋ ମୁହଁରେ ପ୍ରଶ୍ନବାଚକ ଦେଖି ସେ କହିଲା, "ମୋର ମା'ଅ ଏ ସବୁ ପସନ୍ଦ କରନ୍ତିନି ।" ମୋ କାନମୂଳ ତାତି ଲାଲ ହୋଇଗଲା, ଆଉ ଫୁସଫୁସରେ ଆଉ ବାଟ ରହିଲାନି । ତା ଦେହର ଚେଷ୍ଟା ଅବଶ୍ୟ ଶୁଦ୍ଧ ଫର୍ଦ ନିଶ୍ୱାସ ଛାଡ଼ିଲି । ବେଇ କଦମ ଯାଇ ମୁଁ ସଯତ୍ନ ହୋଇ ପଚାରିଲି, 'ଆପଣଙ୍କ ମାଆ କଣ ଏଇଠି ଥାଆନ୍ତି ?"

ସେ କହିଲା, 'ହଁ, ବାପା ମା ଆଉ ଭାଇ ସମସ୍ତେ ଏଇଠି ଅଛନ୍ତି, ମୋର ବାପା ଗୋଟାଏ ଅଫିସରେ କାମ କରନ୍ତି ଆଉ ଭାଇ ସେଣ୍ଟ ଜେଭିଅରସ୍ ସ୍କୁଲରେ ପଢ଼ୁଚି ।"

ମୁଁ କହିଲି, "ଆପଣ ବଡ଼ ଭାଗ୍ୟବତୀ । ବାପା ମା'ଙ୍କ ପାଖରେ ଅଛନ୍ତି, ମୁଁ କିନ୍ତୁ ପରିବାର ଛାଡ଼ି ବହୁ ଦୂରରେ ଅଛି ।"

ସେ ପଚାରିଲା, "ଆପଣ କେବେ ଆସିଛନ୍ତି ବମ୍ବେ ?"

ମୁଁ କହିଲି, "ଦୁଇ ତିନିମାସ ହେବ ।"

'ବମ୍ବେ କେମିତି ଲାଗୁଚି ?"

"ଭଲ ଲାଗୁନି, ସାଙ୍ଗ ସାଥି କେହି ନାହାନ୍ତି । ଏଠିକାର ଲୋକମାନେ କେମିତି ସ୍ୱାର୍ଥପର, ସବୁବେଳେ କାର୍ଯ୍ୟବ୍ୟସ୍ତ ଆଉ ଭାରି ବିଜିନେସ୍ ମାଇଣ୍ଡେଡ୍ ।"

"ଆଉ ଝିଅମାନେ ?" ସେ ଟିକିଏ ଅନ୍ତରଙ୍ଗ ସହିତ ପଚାରିଲା । ମତେ ଶୁଭୁଥିବାର ପାଳି ପଡ଼ିଲା । ମୁଁ କହିଲି 'ଝିଅଙ୍କ ବିଷୟରେ ମତାମତ ଆପଣଙ୍କୁ କହିବାଟା ସୁନ୍ଦର ହେବ କି ନା ଜାଣେନି, ତେବେ—"

"ତେବେ କଣ କୁହନ୍ତୁ ।"

"ତେବେ ମୁଁ ଯାହା ଦେଖୁଚି, ଝିଅମାନେ ବେଶି ମିଳାପୀ ନୁହନ୍ତି, କେମିତି ଗୋଟାଏ ଅଲଗା ଭଳି—କିନ୍ତୁ ତାର ଅର୍ଥ କଣ ବୁଝନ୍ତିନି । ମତେ ବମ୍ବେ ଭଲ ଲାଗୁନି ।"

ଲୁଲୁ ଆଖି ମେଲା କରି ମୋର ଗୋଡ଼ଠାରୁ ମୁଣ୍ଡ ଯାଏ ଭଲ କରି ଦେଖି ନେଇ କହିଲା—"ହଁ ?"

ମୁଁ କହିଲି—'ହଁ ।"

ଅଲ୍ପ କେଇ କଦମ ଚୁପ ହୋଇ ଚାଲିଲୁ । ମୁଁ କହିଲି, "ମୁଁ ଚା ଖାଇବା ପାଇଁ ଡାକିଲି ବୋଲି କିଛି ଖରାପ ମନେ କରିନାହାନ୍ତି ତ ?"

ସେ ହସି କରି କହିଲା, "ନା, ମୋଟେ ନୁହେଁ, କଥା କଣ କି ମୋ ମାଆ ରାଗ କରନ୍ତି ।"

ମୁଁ ହଇଏ ସାହସ କରି ପଚାରିଲି, "ଆପଣଙ୍କର କଣ କେହି ବୟଫ୍ରେଣ୍ଡ ନାହାନ୍ତି ଯାହା ସାଙ୍ଗରେ ଚା' ଖାଇ ଯାଇ

Digitized by srujanika@gmail.com

ପାରିବେ, ଭୁଲି ଯାଇ ପାରିବେ, ମାନେ କେଣ୍ଟି ବକ୍ତୃତା, ଝୁର୍ ବକ୍ତୃତା, ମାଥ ଡାଣ୍ଟିଲେ ବି କଣ୍ଠ ବଢ଼ିବେନ, ଯେମିତିକି କେହି ବନ୍ଧୁ, ମୋର କହିବାର ଅର୍ଥ—"

ସେ କହିଲା, "ନା । ତେବେ ଦେଖ ମତେ ଏଇ ବାସ୍‌ଟା ଧରିବାକୁ ପଡ଼ିବ, ମୁଁ ଯାଉଛି, ଚେରିଓ ।"

ମୁଁ ଭାବିଥିଲି ଯେମିତିକି ବନ୍ଧୁ ହିସାବରେ ମୋତେ ଗ୍ରହଣ କରିବା ପାଇଁ ଅନୁରୋଧ କରିବାକୁ, କିନ୍ତୁ ସେ ଚାଲି-ଗଲା । ମୁଁ ହୋଷ୍ଟେଲ ଆସିଲି । ମନେ ମନେ ଠିକ୍ ଜାଣି ପାରିଲିନି ଯେ ଏଇ ଝିଅଟା ସାଙ୍ଗ ହେବା ପାଇଁ ପସନ୍ଦ କଲା ନା? ପହିଲୁ ଯେମିତି ପ୍ରେମରେ ହେଲାଣି ମୁଁ ଜାଣୁଛି ଅଫିସ ଜୀବନରେ ଯେଉଁ ସୁନେଲି କଳ୍ପନା ସବୁ କରିଚି ଫସର ପାଟିଯିବ । ଯେ ମୁହିଁ କମ୍ପ୍ୟୁଟରର କାମ କରୁଥିବ ମୁଁ ମୁହିଁ କମ୍ପ୍ୟୁଟରର କାମ କରୁଥିବି । ଏମିତିଆ ସ୍ୱାର୍ଥପର ଝିଅଙ୍କଠାରୁ ଦୂରରେ ରହିବା ଭଲ । ତା ନ ହେଲେ କାଗା ମାଥ ନାଥ କରି କେତେବେଳେ ଅପମାନ କରି ଦେବ । 'ମାଥ ପସନ୍ଦ କରନ୍ତିନ'—ଯେମିତି ସତେ ମୁଁ ଗୋଟାଏ କଣ ନା କଣ ! ସେଇ ରାତିରେ ମୁଁ ଠିକ୍ କଲି ଯେ ଆଉ ଲୁଲୁ ସାଙ୍ଗରେ ବନ୍ଧୁତା କରିବାର ଚେଷ୍ଟା କରିବିନି । ତହିଁ ଅରଦିନ ଅଫିସ ଗଲି ସେଇଆ ମନରେ ଦୃଢ଼ କରି ।

ଲୁଲୁ ଆସିଲା ଆଉ ଅନୁ ଅନୁ ହସ ମିଶେଇ କହିଲା, "ଗୁଡ୍‌ମର୍ଣ୍ଣିଂ ମିଷ୍ଟର୍ ଜେହୁ, କେତେବେଳରୁ ଆସିଲେଣି ?" ମୁଁ କହିଲି, "ଗୁଡ୍‌ମର୍ଣ୍ଣିଂ, ଏଇ ବର୍ତ୍ତମାନ ଆସୁଛି ।"

ମୁଁ ତା ଆଡ଼େ ଅନେଇଲି—ଏ ସେଇ ଲୁଲୁ କି ! ବିଶ୍ୱାସ ହେଉନି । ସେ ଗୋଟାଏ ଚମତ୍କାର ଫ୍ରକ୍ ପିନ୍ଧି ଆସି-ଥିଲା । ସ୍କାର୍ଟଟା ଚେକ୍ ଡ଼ିଜାଇନର ଆଉ ବ୍ଲାଉଜଟା ଓଟେଲ୍ ଆଉ ସେଥିରେ ଲଗିଥିଲା ନେଟା ସାଦା ବୋତାମ । ତା ମେକ୍ ଅପ୍‌ରେ ଥିଲା ଟିକିଏ ଟେଣି ପାଉଡର—ଓଠର ରଙ୍ଗ ଟିକିଏ ବେଶି ଗାଢ଼ ଆଉ ଆଖିର କ୍ରୁଭ୍ ଟିକିଏ ବେଶି ସ୍ପଷ୍ଟ । ତା ବାଳରେ ନେଟ୍ ଥିଲାନି ତା ବେକରେ ସେଇ ଜସ ଲଗା ହାର ଥିଲାନି । ସେ ସେମିତି ଦିଶୁଥିଲା ଯେମିତି ଝିଅ ଦେଖିଲେ ଭଲ ପାଇବାକୁ ଇଚ୍ଛା ହୁଏ ।

ସେଇ ଦିନଟାସାରା ସେ ମୋ ସାଙ୍ଗରେ ହସି ହସି କଥା କହିଚି, ଖୁବ୍ ଆଦର କରିଚି । ମତେ ଆଶ୍ଚର୍ଯ୍ୟ ଲାଗୁଥିଲା ମୁଁ ଭାବୁଥିଲି ବୋଧହୁଏ ମୋର ସଙ୍ଗୀହୀନ ଜୀବନ କଥା ଶୁଣି ତାର ମମତା ଆସିଚି କିମ୍ବା ସେ ହୁଏତ ଦେଖେଇବାକୁ ଚାହେଁ ଯେ ବମ୍ବେରେ ବି ଝିଅ ଅଛନ୍ତି ଯେଉଁମାନେ ବନ୍ଧୁତାର ଅର୍ଥ କଣ ବୁଝନ୍ତି ।

ବାସ୍ତବିକ ସେ ଜାଣେ । ଦିନ କେଇଟା ଭିତରେ ଆମର ବନ୍ଧୁତା ଜମି ଉଠିଲା । ଅଫିସ କାମଧାମ ଭିତର ଦେଇ ଆମର ବନ୍ଧୁତା ବଢ଼ି ଚାଲିଲା । ଆମ ଜବାନଙ୍କରେ ମିସ୍ ମିଷ୍ଟର୍ ଉଠିଯାଇ ରହିଲା ଖାଲି 'ଲୁଲୁ' ଆଉ 'ପିଣ୍ଟୁ' । ମୁଁ ତାକୁ ଡାକେ 'ଲୁଲୁ' ସେ ମତେ ଡାକେ 'ପିଣ୍ଟୁ' ।

ଅଫିସରେ ମୋର ଟେବୁଲଟା ମେନେଜରଙ୍କ ଟେବୁଲ ପାଖରେ—ଲୁଲୁ ବସେ ଅରି ଘରେ—ମଝିରେ ଗୋଟାଏ କବାଟ । ମୁଁ ହୁଏତ ଆଗରୁ ଆସି ଏଠାରେ ବସିଚି, ଲୁଲୁ ଆସେ ଆଉ ଅରି ଘରେ ଖଟାଖଟ୍ କରି ଟାଇପ କରି ସନ୍ଦେଶ ମୁଁ ଶୁଣେ ଆଉ ଗୋଟାଏ ଫାଇଲ ଧରି ଆସେ ତାକୁ କାମ ଦେବା ବାହାନାରେ । ଆମେ ଦିହେଁ ଦିହିଁଙ୍କି ଉଇସ୍ କରୁ ଆଉ ହସୁ । ମୁଁ ତାକୁ ଦେଖେଁ, ତାର ଜସ ଦେଖେଁ ଆଉ କହେ, "ତମେ ଆଜି ଖୁବ ସୁନ୍ଦର ଦିଶୁଚ ଲୁଲୁ, ରିଅଲି ।" ସେ ହସେ ଆଉ ଲଜେଇ ଯାଏ । ସେଇ ଛୋଟ କଥାରେ ସାରା ଦିନଟା ତା' ମନ ଖୁସି ରହେ । ସେ ମୋ ମୁହିଁକୁ ଅନେଇ ମୁରୁକି ମୁରୁକି ହସେ ଆଉ ମୁଁ ବି । କେତେ ବେଳେ ଯଦି ଦିହେଁ ଦିହିଁଙ୍କି ନ ଦେଖନ୍ତେ ଆମକୁ ଭଲ ଲାଗେନ । ମୁଁ ଛୋଟ ଛୋଟ ବାହାନାରେ କମ୍ପ୍ୟୁ ସର୍ଗା-ଟେଟ ଟାଣିବା ବାହାନାରେ ଥରକୁ ଥର ଆସେ ତା ରୁମକୁ । ଆଉ ମୁଁ ନ ଆସିଲେ, ସେ କିଛି ନା କିଛି ଗୋଟାଏ ପଚାରିବାକୁ ମୁଁ ଆସେ ମୋ ରୁମକୁ ।

ଏ କଣ ପ୍ରେମ ? ଆମେ ଦିହିଁଙ୍କି ଦିହେଁ ବୁଝି ପାରୁନ । ହୁଏତ ପ୍ରେମ ହୋଇଥିବ କିନ୍ତୁ କବିମାନେ କେଉଁଠି ଲେଖିଲେ ଭଳିଆ ଆମ ପ୍ରେମରେ ଉଦ୍ୟାନ ନଥାଏ, ଶୃଙ୍ଗାର ରାତି ନଥାଏ—ଧନ ଦିହ ପଢ଼ରେ ଅଫିସ ଘଣ୍ଟା ଦଶଟାଠାରୁ ଛଟା ଭିତରେ ଆମର ପ୍ରେମ । ଆମର ପ୍ରେମରେ କୋଇଲି କୁହୁ କୁହୁ ଡାକେନ—ଟାଇପ ରାଇଟର ଖଟ ଖଟ କରେ । ଆମ ପ୍ରେମରେ ଫୁଲ ଫୋପଡ଼ା ଫୋପଡ଼ି ଆସେନ—କେତେବେଳେ ମୁଁ ହୁଏତ ପିନ୍‌କୁସାନରୁ ଗୋଟାଏ ପିନ୍‌କଣ୍ଟା ନେଇ ଅଫ୍ରେ କରି ତା ପିଠିରେ ଫୋଡ଼ି ଦିଏ, ସେ କହେ—"ଇଡ଼ିଅଟ ।"

ଆମ ମେନେଜରର ଆମ ଉପରେ ସବୁ କାମ ଛାଡ଼ି ଦେଇ-ଥିଲେ । ଆମକୁ କାମ କରିବାକୁ ଭଲ ଲାଗୁଥିଲା । ଆଉ

Digitized by srujanika@gmail.com

ଲୁଲୁ ଟା ମତେ ଏତେ ଭଲ ପାଉଥିଲା ଯେ କିଛି ଗୋଟାଏ କାମ କରିବାକୁ ଦେବନି । ମୋଟ୍ ଚାଣି ଦେଇ କହିବ, "ଏଥି ମୁଁ କରିବି ।" ମୁଁ ମିଠାଇ କରୁଥିଲେ ସେ ନେଇ ମିଠେଇ ପକେଇଦବ । ମୁଁ ପୋଛାଣ କରୁଥିଲେ ସେ ନେଇ ପୋଛି ଦେବ । ମୁଁ ଦ୍ୱାରଣ କରୁଥିଲେ ସେ ଦ୍ୱାର ଦେଇବ ଠିକ୍ ଝେଙ୍କଟି କଲା ! ମୁଁ ଟାଇପ କରୁଥିଲେ ସେ କାଗଜ ଦେଇ କାଗଜ ଖଣ୍ଡି ଦେବ । ମୋର ଫୁଲ ଝଡ଼ିଗଲେ ସେ ଲଗେଇ ଦବ ଫୁଲରେ । ମୋର କାଗଜ ଉଡ଼ିଗଲେ ସେ ଉଠେଇ ଦେଇ ଟେବଲ ଦବ । ମୁଁ କାଳିରେ ଲେଖୁଥିଲେ ସେ ବ୍ଲଟିଂ ଦେଇ ଛାପେଇ ଦବ । ମୋର ଟେଲିଫୋନ ଆସିଲେ ସେ ଅଗରୁ ଯାଇ ଟାଣିନେବ ରିସିଭର୍‌ଟା । କିଛି ଗୋଟାଏ ବସ୍ତୁ ଟଙ୍କ ପଡ଼ିଗଲେ ସେ କିନ୍ତୁ ପାରୁ ନଥିଲା । ଟଙ୍କା ଗଣିବା ପାଉଣ୍ଡ ଶିଲିଂ ହିସାବ କରିବାକୁ ସେ ପାରୁନଥିଲା । କହୁଥିଲା, 'ପିଟ୍ରଣ୍ଣୁ, ଏଇ ଅଙ୍କଟା ମତେ ମୋଟେ ଆସୁନି, ମୋ ପେଇଁ ଦୟାକରି କରିଦିଅ ଏଇଟା । ଅଫିସ୍ ରେଟ୍ ଅଫ୍ ଏକ୍ସଚେଞ୍ଜ ଇଅନ୍ ସିକ୍ସ୍ ପାଇନ୍ ବାଇ ଥର୍ଟି ଥ୍ରୀ !''

ଦଶଟାଠାରୁ ଛଅଟା ଭିତରେ ସେ କରିବାର ମୋର ପାଖରେ ରହିବାକୁ ଚେଷ୍ଟା କରୁଥିଲା ଆଉ ମୁଁ ବି ତା ପାଖେ ପାଖେ ରହିବାକୁ ଚେଷ୍ଟା କରୁଥିଲି । ଲଞ୍ଚ ଟାଇମ୍‌ରେ ସବୁ-ଦିନେ ଆମେ ଧାଇଁ ଯାଉଥିଲୁ ପାଖରେ ଗୋଟାଏ ରେଷ୍ଟୋରାଁକୁ । ତା ମନରେ ଆଉ ମାଆର ଚିନ୍ତା ନଥିଲା । ତା ମମି ସାଙ୍ଗରେ ମୋର ପରିଚୟ କରେଇ ଦେଇଥିଲା ତେର ଅଗଷ୍ଟ, ଆଉ ତା ମମି କେବେ କେବେ ଏଗ୍‌ସାଣ୍ଡୱିଚ ମୋ ପେଇଁ ପଠେଇ ଦଉଥିଲେ ଲୁଲୁ ହାତରେ । ଲୁଲୁ ତା ବ୍ୟାଗ୍‌ରେ ପୁରେଇ ନେଇ ଆସୁଥିଲା ।

ଲୁଲୁ ଏଇ ଲଞ୍ଚ ଟାଇମ୍‌ଟାକୁ ଟାକି ରହୁଥିଲା ଆଉ ମୁଁ ବି । ଅଗ ରାତିରେ ତାଙ୍କ ଘରେ ଯେତେ ଘଟଣା ଘଟୁଥିଲା ସବୁ ଗୋଟି ଗୋଟି କରି ଶୁଣଉଥିଲା ମତେ—ଆମେ ଏକା ସାଙ୍ଗରେ ଖାଉଥିଲୁ, ଗପ କରୁଥିଲୁ, ଆଉ ହସୁଥିଲୁ । ତା କଥା ସବୁ ଶୁଣିବାକୁ ମତେ ଭଲ ଲାଗୁଥିଲା ଖୁବ । ସବୁଦିନେ ଫେରିବା ବେଳକୁ ପାଖେ ଯାଇ ସେ କହେ, "ପିଟ୍ରଣ୍ଣୁ ଟିକିଏ ଆଖି ବୁଜ" ମୁଁ ଆଖି ବୁଜେ ଆଉ ସେ ତାର ବ୍ୟାଗ୍‌ରୁ ଗୋଟିଏ ଚକଲେଟ ଆଣି ବାହାର କରି ପାଉଁଜରେ ମାଡ଼ି ଦିଏ । ମୁଁ କହିଲେ କହେଇ ଦେବା ନେବାର ଲୋଭ ସମ୍ଭାଳି ପାରେନା । କିନ୍ତୁ ତା ଆଗରେ ଧରି ପକାଏ । ସେ ମୁହଁକୁ ଗମ୍ଭୀର କରି କହେ, "ପିଟ୍ରଣ୍ଣୁ, କେତେଥର କହୁଛି ତମେ, ଗୋଟାଏ ଜେଣ୍ଟଲ୍‌ମେନ୍ ଲେଡ଼ିଲେଡ଼ିଙ୍କ ତମେ ଦେଖୁଛ ?" ତାପରେ ଥରେ-ଯାକ ହସି ପକାଉ । ସବୁଦିନେ କିନ୍ତୁ ଚକଲେଟ୍ ଦେବାନେବାକୁ ନେଇ କଜିଆ । ସିଏ କହେ, 'ମୁଁ ଦେବି', ମୁଁ କହେ, 'ମୁଁ ଦେବି ।' ସିଏ କହେ, କାଲି ସିନେମା ପାଇଁ ତମେ ପଇସା ଦେଇଥିଲ ଆଜି ମୋର ପାଳି ।" ମୁଁ କହେଁ, କାଲି କେକ୍ ଆଉ ପାଷ୍ଟ୍ରି ପାଇଁ ତମେ ପଇସା ଦେଇଥିଲ ମନେ ନାହିଁ କି ?" ଇଏହିରୁ ସବୁଦିନେ ଆମ କଜିଆ ଦେଖେ ଆଉ ହସେ । ଆଉ ଯିଏ ଶୁଣିଲେ ହସିବ କିନ୍ତୁ ଆମକୁ କେତେ ଲାଗୁଥିଲା ।

ଅଫିସ ଫେରିଲା ବେଳକୁ ଆମର ତେଣି ମୁଁ ଏ ରେଜ, ଟାଇମ୍‌କୁ ଶିଖିଲ ରସ୍ତେନ । ଲୁଲୁ କହେ "କେ ଦେଖିଲଣି କେତେ ଟାଇମ ହେଲାଣି, କଣ କରିବା ?" ମୁଁ କହେ—"ସତରେ ତ, ଆଜ ଖୁବ୍ ଡେରି ହେଇ ହେଇଗଲା ।" ତାପରେ ଦୁହେଁ ପ୍ଲାନ୍ କରି କରି ଆସୁ, ମେନେଜରଙ୍କ ପରି-ରକେ କି କୈଫିୟତ ଦବୁ । ଆମକୁ କିନ୍ତୁ କୈଫିୟତ ଦବାକୁ ପଡ଼େନି । ମେନେଜର ଆମ ଦୁହିଙ୍କୁ କିଛି କେବେ କହୁନଥିଲେ । ଆମକୁ ସେ ଭଲ ପାଉଥିଲେ ବୋଧେ—ଆମେ ଦୁହେ ଖୁସିରେ ଛୁଟିଦିନେ କାମ କରୁ ଯେ !! ମେନେଜରଙ୍କ ଯାହା ବୁଦ୍ଧି ଥିଲା ତାହା ତେର ଟେର କେଣି । ଆମେ ଦୁହିଙ୍କି ଦୁହେଁ କେତେ ଭଲ ପାଉ ସେ ଜାଣୁଥିଲେ—ସେ ବି ତ ଦିନେ ଟୋକା ଥିଲେ । ଆମର ମନ ଖରାପ କରିଦେଲେ ତାଙ୍କର କାମ ବି ଖରାପ ହବ ସେ କଥା ସେ ବୁଝିଥିଲେ ଭଲ କରି ।

ମେନେଜରଙ୍କ ନ ଥିଲାବେଳେ ଆମର ହୁଏ ମଜା । ଘଣ୍ଟେ ଘଣ୍ଟେ ଆମର ଟାଇପ୍ ରାଇଟିଂ କମ୍ପିଟିସନ ଚାଲେ । ଲୁଲୁ ଘଣ୍ଟା ଦେଖେ ମୁଁ ଟାଇପ୍ କରେ ଆଉ ମୁଁ ଘଣ୍ଟା ଦେଖେ ସେ ଟାଇପ୍ କରେ । ମୁଁ କିନ୍ତୁ ଶେଷରେ ହାରିଯାଏ ଇଚ୍ଛା କରି ହାରିଯାଏ ତା ନ ହେଲେ ଲୁଲୁ ଖୁସି ହବ କେମିତି ? ଆମର ତର୍କ ଆଲୋଚନା ସବୁଥିରେ ସବୁବେଳେ ମୁଁ ତାକୁ ଜିତେଇ ଦିଏ । ସେ ମତେ ଜିତି ଯେତିକି ଆନନ୍ଦ ପାଏ ମୁଁ ହାରି ଯାଇ ତାଠୁ ଆନନ୍ଦ ପାଏ ବେଶି । ସିନେମାରୁ ନୂଆ ଗୀତ ଶିଖିଥିଲେ ଆମେ ଦୁହେଁ ମିଶାଇ ଗାଉ । ମେନେଜରଙ୍କ ନ ଥିଲାବେଳେ ଅଫିସ ଘରେ ହେଇ ଡାନ୍ସ କରୁ

Digitized by srujanika@gmail.com

ଅଫିସର ଏସବୁ ସେ ସବୁ । କଏ ଅଙ୍ଗୁଠି ଭାଙ୍ଗି ପାରିବେ, ଘର ଘର ଯାଇ ଅପଣା ଜାଗାରେ ବସିପଡ଼ନ୍ତୁ, କିମ୍ବା ଲୁଲୁ ମୋ ଟେବୁଲ ପାଖରେ ଠିଆ ହେବ, ହାତ ଛିଟି ଟିପି, ମୁହଁ ଗମ୍ଭୀର କରି କହେ, "ପିଣ୍ଟୋ, ହଜଏ ବ୍ୟାଙ୍କ୍‌କୁ ଫୋନ କରି ବୁଝିବଟି ଅଜିର ଏକସଚେଞ୍ଜ ଉଅନ୍ ସିକ୍ସ ପାଇନ୍ ଚାରି ଥାଳି ହୁଁ ନା ପାଇଉ ଚାରି ସିକ୍ସଟିନ୍ ?" ପରେ ଅମେ ଯେତେବେଳେ ଏଇ କଥା ପକାଉ ଖୁବ୍ ହସୁ ।

ସେଇ ଲୁଲୁ—ମୋ ଜୀବନରେ ଯାହା କୋଉ ଠିଆ ମତେ ଭଲ ପାଇଥିଲା ବୋଲି କହିବ ଟେ ବୁଝିବ—'ଲୁଲୁ' । ସେ ମତେ ଭଲ ପାଉଥିଲା ସାରା ଦିନ ମୋରି ପାଖେ ପାଖେ ଘୂରୁଥିବ—ମୋ ପେଇଁ କାମ କରି ଦେଉଥିବ, ମୋର ସୁଖ ଦୁଃଖ ବୁଝୁଥିବ, ମତେ ଦେଖିଲେ ଖୁସି ହେଉଥିବ—ମୋ ପାଖରେ ସବୁ କଥା କହୁଥିବ ଅତି ନିଜର, ଅତି ଅପଣାର ପରି ! ସ୍ୱାଠାରୁ ବେଶି ସୁଖ ମୁଁ କେବେ ପାଇନି । ମୋର ଇଚ୍ଛା ସ୍ୱଏ ଭଗବାନ ଅଫିସରେ ଏମିତି କାମ କରୁଥାନ୍ତି, ଲୁଲୁ ପାଖେ ପାଖେ ଥାଆନ୍ତା !!

ଦିନେ ଖରାବେଳେ ଅମେ ଖାଉଥିଲୁ ଏକାଠି—ଲୁଲୁ କଥା କହୁଥିଲା—କେତେ କଥା—ଦରମା ପାଇଲେ କଣ କଥା କଣସ କଣିବ ସେଇସବୁ କଥା—ତାଙ୍କ ସାଇରେ ଗୌହାଏ ଭଏଡିଂରେ ଯୋଗ ଦବାପାଇଁ ନିମନ୍ତ୍ରଣ ପାଇଛି, ସେଦିନକୁ ଦିନ ଦିବାପାଇଁ କେମିତ ଉଜାଇବର ଡ୍ରେସ କରେଇବ ତାର କଳ୍ପନା କରୁଥିଲା । ମୁଁ ଶୁଣୁଥିଲି—ଝିଅ-ମାନଙ୍କର ବେଶ ପୋଷାକ କଥା କଣ ନ ବୁଝିଲେ ବି ଖୁବ୍ ମନ ଦେଇ ଶୁଣୁଥିଲି ଲୁଲୁ କଥା । ଲୁଲୁ କହିଲା, "ପିଣ୍ଟୋ ତମେ ମତେ ଶାଢ଼ୀରେ କେବେ ଦେଖିଛ ?"

ମୁଁ ଆଶ୍ଚର୍ଯ୍ୟ ହେଇ କହିଲି, "ନାଇଁ ତ, ତମେ ଶାଢ଼ୀ ପିନ୍ଧ ନା କଣ ?"

ସେ ହସି ହସି ମୁଣ୍ଡ ହଲେଇ କହିଲା, "ହଁ, କେବେ କେବେ ପିନ୍ଧେ ।"

ମୁଁ କହିଲି—"ସତ ? ଶାଢ଼ୀ ପିନ୍ଧିଲେ କେମିତି ଦିଶ ତମେ ?"

ସେ କହିଲା—"ଚମତ୍କାର, ମୋ ମମି କହୁଥିଲା ଶାଢ଼ୀ ମତେ କଅଢ଼େ ସୁଟ୍ ମାନେ !"

ମୁଁ କହିଲି, "ହେ ଲୁଲୁ, ଦିନେ ପିନ୍ଧି ଅଫିସ ଚାଲିଆସ ।"

ସେ କହିଲା, "ହେଉ କି—ଅଫିସ ! ନା, ନା, ସମସ୍ତେ ଥଟ୍ଟା କରିବେ । ତମର ଯଦି ଦେଖିବାକୁ ଇଚ୍ଛା, ଏଇ ରବିବାର ଦିନ ଭିକ୍ଟୋରିଆ ଗାର୍ଡ଼େନକୁ ଅସ, ପାଞ୍ଚଟା ବେଳକୁ ମୁଁ ଅସିଥିବି ଶାଢ଼ୀ ପିନ୍ଧି ନିଶ୍ଚୟ ।"

ମୁଁ କହିଲି,—"ମୁଁ ନିଶ୍ଚୟ ଅସିବି ।" ଲୁଲୁ ଖିଲ୍ ଖିଲ୍ ହସି ହେଲା; ଲୁଲୁ ସେଇ ସମୟରେ ମତେ ମୁହଁ ଯେମିତି ଭାବରେ ଚାହୁଁଥିଲା ଅଉ ଯେମିତି ଅଗରେ ଅନେକ ଚାହିଁ-ଥିଲା ମୋ ଅଡ଼େ ମୋର ମନ କେମିତି ଚଞ୍ଚଳ ହେଇ ଉଠିଲା । ମୋର ଏମିତି ଗୁଡ଼ାଏ କଥା କହିବା ପାଇଁ ଇଚ୍ଛା ହେଲା ଯାହା କହିବା ଉଚିତ ନୁହେଁ । ମୁଁ ମୋର ଚେଉଁକ ଛାଡ଼ି ଉଠି ପଡ଼ିଲି ଅଉ ଲୁଲୁକୁ ନ ଜଣେଇ ହଠାତ୍ ତାକୁ ଭିଡ଼ି ଅଣି ଗଳାରେ ଜାକି ଧରି ତା ଓଠରେ ଚୁମା ଦେଲି ଅନେକ ବେଳଯାଏଁ ।

ଲୁଲୁ ଏଥିପାଇଁ ପ୍ରସ୍ତୁତ ଥିଲାନି । ସେ ଟାଣି ଓଠାର ନିଜକୁ ଛଡ଼ାଇ ନେଲା—ତାପରେ ତାର ମୁହଁର ଉପର ଯେଉଁ ପରିବର୍ତ୍ତନ ଦେଖିଲି ତାକୁ ଅଉ ମୁହାଁମୁହିଁ ଚାହିଁବାର ସାହସ ମୋର ରହିଲାନି । ତାର ଅଖି ଦୁଇଟା ଲାଲ ହେଇ ଯାଇଥିଲା ଅଉ ମୁଁ ଦେଖିଲି ଅସ୍ତେ ଅସ୍ତେ ସେଥିରୁ ଠପ୍ ଠପ୍ ଲୁହ ଗଡ଼ି ପଡ଼ିଲା । ମୁଁ ଅପରାଧୀ ପରି ଚୁପ ହୋଇ ଠିଆ ହୋଇଥିଲି । ମୋର ଛାତି ଥରୁଥିଲା ଉତ୍ତେଜନାରେ ! ମୋତେ କିଛି କହିବାର ଅବକାଶ ନ ଦେଇ ଲୁଲୁ ତାର ବ୍ୟାଗଟା ଉଠେଇ ନେଇ ଚଞ୍ଚଳ ରୁମ୍‌ରୁ ବାହାରିଗଲା ।

ମୁଁ ଜାଣି ଉଠି ଅଫିସ ଅସିଲି, ସ୍ୱା ଭିତରେ ଲୁଲୁ ଅସି ମେନେଜରଙ୍କୁ କହି ମୋ ଗ୍ରୁପରୁ ନେଲାଣି କି ନାହିଁ ଦେଖିବାକୁ କାନ୍ଥ ଦେଖିଲି ଲୁଲୁ ଅଫିସ ଅସିନି—ସେଦିନ ଅସିନି କିମ୍ବା ପରେ ଅଉ କେବେ ଅସିନି । ଅମୃତ୍ସାର କାଉଣ୍ଟ ଦେଖେଇ ଇସ୍ତଫା ପାଇଁ ଦରଖାସ୍ତ ପଠେଇ ଦେଲା ପରେ ମ୍ୟାନେଜରେ ।

ଦି'ଦିନ ପରେ ମୁଁ ଗୋଟିଏ ଚିଠି ପାଇଲି—ସେଥିରେ ଲେଖା ଥିଲା—'ପିଣ୍ଟୋ !

ତମକୁ ଚମ୍ପେ ପାଇ ମୁଁ ଖିଲ୍ ଖିଲ୍ ହେଉଥିଲି କିନ୍ତୁ ଚମ୍ପାର ଅର୍ଥ କହିଲେ ତମେ ଯାହା ବୁଝ ମୁଁ ଏପର୍ଯ୍ୟନ୍ତ ବୁଝି ନଥିଲି । ମୁଁ କାମ ଛାଡ଼ି ଦେଉଛି । ମୋର ଅଶା ତମେ ମୋ ଜାଗାରେ ଉପଯୁକ୍ତ ସାଥୀଟିଏ ପାଇବ ଯିଏ ତୁମର କଥାର ଅର୍ଥ ବେଶ ବୁଝୁଥିବ—ବିଦାୟ ।

ତୁମର—'ଲୁଲୁ'

(ଅବଶିଷ୍ଟାଂଶ ୧୦ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

କଥାଟିଏ କହୁଁ............

# ଶ୍ରେଣୀ ନୁହଁ

ଲେଖକ— ଶ୍ରୀ ରଜନୀକାନ୍ତ

ସେ, ରାସ୍ତା କଡ଼ରେ ବୁଲୁଥିଲା ।

ଲକ୍ଷ୍ୟରେ ଅନନ୍ତ ତାର ଚାହାଣୀ ଭିତରେ ସୁସ୍ପଷ୍ଟ ତାର ଗାମ୍ଭୀର୍ଯ୍ୟ ଲେଖି ହେଉଥିଲା ଆଉ ମୁହଁରୁ ଛୁଟୁଥିଲା ଅଜସ୍ର ଦୀପ୍ତି । ତାଥିର ଶରୀର ଦୁର୍ବଳ ନ ଥିଲା । ମାଂସ ପେଶୀ ଅକର୍ମଣ୍ୟ ନ ଥିଲା । ଆଉ ସର୍ବୋପରି ସେ ବୃଦ୍ଧ ବି ନ ଥିଲା । ଥିଲା ଯୁବକ । ଶରୀରର ପ୍ରତ୍ୟେକ ମାଂସପେଶୀ ଭିତରେ ତା'ର ଯୁବକ ସୁଲଭ ସ୍ପନ୍ଦିତ ରକ୍ତ ସ୍ରୋତ ଟେକି ଉଠୁଥିଲା । ଅର୍ଥାତ୍ ତାର ଶରୀରକୁ ସବୁ ଦିଗରୁ ବିଚାର କଲେ, ସେ ଥିଲା ଏଣା ସେପରି ଥିଲା ବଳଶାଳୀ ଆଉ ନୀରୋଗ, ସେହିପରି କର୍ମଠ, ଫୁର୍ତ୍ତିବାନ୍ ଆଉ ତେଜସ୍ୱିତା, ଯାହା ତାହାର ଚାଲି ଚଳନରୁ ଜଣା ପଡ଼ୁଥିଲା । ତଥାପି ତା ମୁଣ୍ଡ ନୋଇଁ ଯାଇ ଥିଲା, ମନ ମରି ଯାଇ ଥିଲା । ତା'ର ମୁଣ୍ଡକୁ ଜବରଦସ୍ତ ନୁଆଇଁ ଦିଆ ଯାଇଥିଲା ଏବଂ ତାର ମାନସିକ ଶକ୍ତିକୁ ଖର୍ବ କରି ଦିଆ ହୋଇଥିଲା, କହିଲେ ଭୁଲ ନ ହେବ । ତାଥିର ଅତୀତ ପିଢ଼ିର ଦୁର୍ନାମ, ଅର୍ଥାତ୍ ତାଥିର ଅତୀତ ବଂଶଧରଙ୍କ କଦର୍ଯ୍ୟ ଆଉ ଅନୈତିକ ଚାଲିଚଳନ, ତା' ମଥାରେ ଅଭିଶାପ ଭଳି ବର୍ଷଣ କରୁଥିଲା । ତାଥିର ମନ ମରି ଯାଇଥିଲା । ସୁତରାଂ ତାକୁ ଯୁବକ ଥାଇଁ ବୃଦ୍ଧ ବୁଝାଇ ଦିଆ ଯାଉଥିଲା, ଜ୍ଞାନ ଥାଇଁ ଶିଶୁ କୁହା ହେଉଥିଲା ଏବଂ ବଳ ଥାଇଁ ପଙ୍ଗୁ କରାଇ ଦିଆ ହେଉଥିଲା । ତାଥିଠାରୁ ଅଧିକ ଅନ୍ଧ ଅକର୍ମଣ୍ୟ ଏବଂ ଶାରୀରିକ ଭାବରେ ଯାହାକୁ ଅ-ଧାରଣ ଅସୁସ୍ଥ ବ୍ୟକ୍ତି ଯେଉଁ କାମ କରିବାକୁ ଛଡ଼ା ହୋଇ ଥିଲେ; ସେଥିରୁ ତାକୁ ଲେଉଟାଇ ଦିଆ ହେଉଥିଲା ଏବଂ ତଦ୍ରୂପ ତାର ମାନସିକ ବିକାଶ ପାଇଁ ଦୁନିଆର ପ୍ରତ୍ୟେକ ବିଦ୍ୟାଳୟର ଦ୍ୱାର ବନ୍ଦ କରି ଦିଆ ହୋଇ ଥିଲା । ସେପରିକି ଗଣିତ ଭାବେ ତାଥିର ଏ ଦୁନିଆରେ କୌଣସି ଅସ୍ତିତ୍ୱ ନ ଥିଲା, ଯେହେତୁ ସେ ବେଶ୍ୟା ପୁତ୍ର ପୁଣି ଜାରଜ ।

ତାଥିର ପରେ ଗୋଟିଏ ଶ୍ରେଣୀର ଆଉ କେତେକ ଲୋକ, ଯିଏକି ନଗରର ଫୁଟପାଥ ଉପରେ କଡ଼େଇ କଡ଼େଇ ବୁଲନ୍ତି, ସେ ତାଙ୍କର ସାଥିରେ ଯାଇ ମେଳ ହେଲା । ତାଙ୍କର ସାଙ୍ଗ ହେବାର ଅର୍ଥ ଏହା ନ ଥିଲା ଯେ, ଏମାନେ ତାକୁ ଆର୍ଥିକ ସାହାଯ୍ୟ ବା ସହାନୁଭୂତି ଦେବେ । କାରଣ ଏମାନେ ବି ତାଥିରପରି ସର୍ବହରା ଫୁଟପାଥର ଜନମାନେ, ବାସ୍ତବରେ ତାକୁ କୌଣସି ସାହାଯ୍ୟ କରିବା ଭଳି ଅବସ୍ଥାରେ ନ ଥିଲେ । ତଥାପି ସେ ସେହିମାନଙ୍କ ସାଥିରେ ମିଶି, ଦୁନିଆରେ ତାଥିର ପରି ଆଉ ପଦଦଳିତ, ନିର୍ଯ୍ୟାତିତ, ଦଳିତ, ନଗୃହୀତ ଏବଂ ଲୋକମାନଙ୍କ ସାଥିରେ ଯେ ଗୋଟାଏ ଶ୍ରେଣୀ ଗଢ଼ି ଦିଆ ହେଲା, ଏଇ କଥା ଭାବି ଭାବି ସେ କେବେ କେବେ ମୁଗ୍ଧ ବି ହୁଏ ଥିଲା । ନିଜର ଗୋଟାଏ ଗୋଷ୍ଠୀ ଭିତରେ ପାଇବାର ଅନୁଭବ ତାଙ୍କ ତାର ବି ଅଛି ଥିଲା । କାରଣ ମଣିଷମାନେ ସାମାଜିକ ଜୀବ । ଋଷି, ସନ୍ୟାସୀ ବା ଯେ କୌଣସି Escapistଙ୍କୁ ଛାଡ଼ି ଦେଲେ ସାଧାରଣ ମଣିଷ ସମାଜ ବହିର୍ଭୂତ ବା ଶ୍ରେଣୀଚ୍ୟୁତ ହେଲେ ନିଜକୁ ଅତ୍ୟନ୍ତ ଉପଦ୍ରୁତ ଏବଂ ନିଃସହାୟ ଅବସ୍ଥାରେ ଦେଖିବାକୁ ପାଏ । ଅମର ରାସ୍ତାର ଏହି ଶ୍ରେଣୀ ଭିତରେ ବି ମାନବିକ ଆତ୍ମ-ମର୍ଯ୍ୟାଦା କୌଣସି

Digitized by srujanika@gmail.com

ସୀମା ଯାଏ ରହିଛି। ତେଣୁ ସେ ସ୍ୱତନ୍ତ୍ର ନିଜ ଭଳି ଆଉ ପାଞ୍ଚଜଣଙ୍କୁ ଠୁଳ କରି ନିଜପାଇଁ ଗୋଟାଏ ଶ୍ରେଣୀ ଗଢ଼ିଲା। ତାହା ସେ ପାଇଲାବି। ଏହା ତାକୁ ଯେତେ ଭୌତିକ ସୁଖ ନ ଦେଉ, ମାନସିକ ସୁଖ ଅପାତତଃ ଅଣିଲା। କାରଣ ଅବ୍ୟବସ୍ଥିତ ବନ୍ଧୁ ବା ସୁବ୍ୟବସ୍ଥିତ ବନ୍ଧୁ, ସମସାମୟିକ ନିଜ ସ୍ଥିତିଭିତରେ ଏକାକୀ ଏବଂ ନିରାଶ୍ରୟ ହେବାର ମର୍ମନ୍ତୁଦର ଲଜ୍ଜା ଏବଂ ଆତ୍ମଗ୍ଲାନି ପାଇବାର ଅବକାଶ ଅନ୍ତତଃ ତାର ଆଉ ରହିଲା ନାହିଁ।

ଦୁନିଆରେ ଗୋଟାଏ ଅଶ୍ରୁ ଅଛି, ଗୋଟାଏ ସାହାସ ବି ଅଛି; ତାଥି ବଳିଷ୍ଠ ଶ୍ରେଣୀ-ଜୀବନ। ଖାଲି ଚେତନ ନୁହେଁ, ଶ୍ରେଣୀଗତ ଜୀବନ ପାଖରେ ଗର୍ବ, ଦମ୍ଭ, ଶାନ୍ତି, ଅହଙ୍କାର ଇତ୍ୟାଦି ଯାହା କିଛି ମାନବ ମୂଳର ଦେହୁଡ଼ ଅଭିମାନ ରହିଛି। କ୍ଲାସରେ ପିଲାଏ ଏକାଠି କରି ଜଣେ କେଉଁ ବେଞ୍ଚ ଉପରେ ଠିଆ କରି ଯେ ଅଟକୁଲେ ଅବା ବାହାରେ ନିଲ୍-ଡାଉନ୍ କରାଉଥିଲେ, ବାସ୍ତବିକ ଲଜ୍ଜା ଆଉ ଘୋର ଅଟେ। କିନ୍ତୁ ସମସ୍ଥାନର ଆଉ ପାଞ୍ଚ ଜଣଙ୍କ ସାଥିରେ ବେଞ୍ଚ ଉପରେ ଠିଆ ହେଲେ ଯେ କୌଣସି ଲଜ୍ଜାଯୁକ୍ତ ଏବଂ କଠିନ ପ୍ରକାର ଦଣ୍ଡିତ ହେଲେ; ଲଜ୍ଜା, ସଂକୋଚ, ଅପମାନ ବୋଧ ବା ଆତ୍ମ-ଗ୍ଲାନିର ମାତ୍ରା ମନ ଭିତରେ ବେଟେକ ପରିମାଣରେ ଲଘବ ହୋଇ ଥିବାର ଦେଖିବାକୁ ମିଳେ। ଶ୍ରେଣୀ ଜୀବନର ଏଇ ସତ୍ୟତା ଏବଂ ଉପଯୋଗିତା ଅପାତତଃ ଆଉ କୌଣସି ମମନ୍ତ୍ୱରେ ନ ମିଳିଲେ, ବିପଦ ଅବସ୍ଥାରେ ବେଶୀ ମିଳେ। ରାସ୍ତାକଡ଼ର ନଗେନ୍ଦ୍ରର ଆଉ ସେପରି ଅବସ୍ଥା ନାହିଁ। ସୁତରାଂ ତାଥିର ଆତ୍ମଗ୍ଲାନି ମଧ୍ୟ ନାହିଁ। ରମା, ଖ୍ରୀମା, ଟେମି, ପେମୀଙ୍କ ପରି ସେ ଆଉ ପାଞ୍ଚଜଣଙ୍କୁ ବି ନିଜର ଗୋଷ୍ଠୀ କରି ସଂଗ୍ରହ କରି ପାରିଛି। ତାର ଗୋଟାଏ ଛୋଟ ଦଳ ବି ହୋଇଛି କହିଲେ ଅତ୍ୟୁକ୍ତି ହବ ନାହିଁ। ସେଇ ଦଳ ପୁଣି ସହରର ଅନ୍ୟ ପ୍ରାନ୍ତରରେ ତାର ଅବସ୍ଥାର ଆଉ କୌଣସି ଦଳ ଅଛି କି ନାହିଁ ତଲାସ୍ କରିବାରେ ଲାଗିଛି। ଏଇପରି ଛୋଟ ଦଳ ବଣିକ୍ଷା ଗୋଟାଏ ସହରର ମେଣ୍ଟ ପାଖ-ପଡ଼ୋଶୀ ସହରରେ ନିଜର ସ୍ଥିତି-ସାମ୍ୟ ଯେ କୌଣସି ଗୋଷ୍ଠୀ ରହିଛି ତାଥିର ଖବର ନେଉଛି। ଏଇପରି ଭାବରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ହଜ, ଦୁନିଆର ପ୍ରତେକ ବୁଭୁକ୍ଷିତ, ନିପୀଡ଼ିତ ଏବଂ ଶ୍ରମଜୀବି ଦଳ, ସଂଗଠନ ଏବଂ ଛୋଟ ବଡ଼ ଗୋଷ୍ଠୀମାନ ମିଶି ଗୋଟାଏ ଶ୍ରେଣୀ ନାମରେ ଅଭିହିତ ହୁଅନ୍ତି। ଏଇ ଶ୍ରେଣୀ ସହରର ଭେଙ୍ଗା ଦୋକାନ କୋଠା ମୁହଁରେ ଧୂଳି ଉଡ଼ାଇ ଦିନ ପଣ୍ଡିଆର ଚଳାଏ। ସହରର ଅଟର ଏବଂ ନକ୍ଷତ୍ରସୀମାରେ ଅବସ୍ଥିତ ଏଇ ଶ୍ରେଣୀର ଛୋଟସ୍ଥଳ କୁଡ଼ିଆ ଖଣ୍ଡମାନ ଅନ୍ୟ ପାଖର ଭେଙ୍ଗା ରଙ୍ଗିନ କୋଠା ତୁଳନାରେ ଏତେ ସ୍ପଷ୍ଟ ଏବଂ ଖର ଯେ, ବାସ୍ତବରେ ସେ ଦୁହିଙ୍କ ଭିତରେ ଗୋଟାଏ ତୁଳନା ହୋଇ ପାରିବ ନାହିଁ।

ସହର, ପାର୍କ, ଧର୍ମଘଟ, ଶ୍ରମିକସଭା ଏବଂ ଅଫିସ ନଦେଧାଲ୍ଲା ପ୍ରଭୃତି ପୃଷ୍ଠଭୂମିକର ଶବ୍ଦମାଳାରେ ଅହଙ୍କାରିତ ହବାର ବିଶେଷ ସରଗରମ ଥିବାର ଦେଖିବାକୁ ମିଳେ। ଖାଲି ଏତିକି ନୁହେଁ କେତେ କେତେବେଳେ ହତ୍ୟା, ଉତ୍ପୀଡ଼ନ ଗୁଳିଗର ଏବଂ ମେସିନ୍‌ଗନ ପ୍ରୟୋଗ ପ୍ରଭୃତି ଅଧିକ ଏବଂ ବାସ୍ତବ ବିପଦଜନକ ଘଟଣାମାନ ବି ପ୍ରୟୋଜିତ ହବାର ଶୁଣିବାକୁ ମିଳେ। ସ୍ତ୍ରୀ'ର ଭିତରେ ଥେଲଚାଲିର ଭେଙ୍ଗା କୋଠା ନିନ୍ଦା ଦୋହଲି ଉଠେ ଆଉ ଶ୍ରମିକ ଜନତାର ନୃଶଂସ ରକ୍ତଶୃଙ୍ଖ ଅଭିନ ନଇଁ ପଡ଼େ। ଏ ସବୁ କାହିଁକି? ଏ ସବୁର କାରଣ? ଏ ସବୁର କାରଣ ଖୋଜି ବସିଲେ ସବାବେଳେ ଆମକୁ ଅର୍ଥନୀତି ଏବଂ ରାଜନୀତି କ୍ଷେତ୍ରର ମୁଖାପେକ୍ଷୀ ହବାକୁ ପଡ଼େ।

\+ \+ ×

ନଗେନ୍ ରାସ୍ତାର ଜୀବ। ଗୋଟାଏ ରାସ୍ତାର ଶ୍ରେଣୀ ଭିତରେ ରହି ଯେତେବେଳେ ସେ ନିଜର ସମ-ସ୍ଥିତିପ୍ରାପ୍ତ କୌଣସି ଶ୍ରମଜୀବିର ମୁଖ ଦେଖିବାକୁ ବସି ରହିଲା ଏବଂ ତାର ବାସ୍ତବ ଜୀବିକାକୁ ନଷ୍ଟ କରି ତାକୁ ବେକାରରୂପେ ଏକ ବ୍ୟକ୍ତିତ୍ୱହୀନ ଖବ ଆଉ ଅନ୍ୟାୟ ମାର୍ଗରେ ପରିଚାଳିତ କରି ସେଥିରେ ନିଜର ଫାଏଦା ଖୋଜିବାକୁ ଆରମ୍ଭ କଲା; ସେତେବେଳେ ସେ ସେହି ଶ୍ରେଣୀର ଘନିଷ୍ଠ ଏବଂ ସ୍ୱରୂପର ସଂପର୍କରେ ଆସିଲା ବୋଲି ଅନେକ ନୈଷ୍ଠିକ ସମାଜତାତ୍ତ୍ୱିକ ପ୍ରମାଣ କଲେ। ଧର ସେ ସେଠାରୁ ହେଲାବି! କିନ୍ତୁ ସେ ଯେତେବେଳେ ଘଟଣା କ୍ରମରେ ଅବସ୍ଥାନ ବୁଝି ପାରିଲା ଯେ ବନ୍ଧୁଙ୍କୀ ମଦ ଖାଏ ଏବଂ ଖାଲି ଚେତନ ନୁହେଁ ଜଣକୁ ବଡ଼ ହୋଇ ଟଙ୍କା ବଟ୍ ରାସ୍ତାର ଆଉ ପାଞ୍ଚ ଜଣଙ୍କୁ ପଇସା ଦେଉଛି ଧନ ଯାଚି ଦବାକୁ କୁଣ୍ଠିତ ନୁହଁ, ସେତେବେଳେ ନଗେନ୍ ଏହି ଶ୍ରେଣୀ ଭିତରର ପ୍ରତାରଣା ଏବଂ ଧପାବାଜି ଦ୍ୱାର

Digitized by srujanika@gmail.com

ନିଜକୁ ଅତ୍ୟନ୍ତ ବିଡ଼ମ୍ବିତ ମନେ କଲା । ଯେତେବେଳେ ସେ ଏପରିକ ସେହି ଶ୍ରେଣୀ ଭିତରୁ ବାହାରି ଆସିବାକୁ ଇଚ୍ଛା କଲା । ଚେଷ୍ଟା ବି କଲା । କିନ୍ତୁ ଦୁଃଖର କଥା ତା ପରି ଆଉ ଶ୍ରେଣୀ ନ ଥିଲା । ଅନ୍ୟ ଶ୍ରେଣୀ ତାକୁ ଗ୍ରହଣ କରନ୍ତି ନାହିଁ, କାରଣ ତାଆଠାରୁ ଆଉ ଯେତେକ ଥିଲେ ସେ ସବୁ ତା'ର ଉପର ଶ୍ରେଣୀର ! ସେ ଶ୍ରେଣୀରେ ତାକୁ ନେବେ ନାହିଁ କିମ୍ବା ସେ ଶ୍ରେଣୀରେ ହେବା ପାଇଁ ତା'ର ଯୋଗ୍ୟତା ବି ନାହିଁ । ତଥାପି ତାକୁ ଶ୍ରେଣୀ ଛାଡ଼ିବାକୁ ହେବ । ଦଳ ଛାଡ଼ି ଦବାକୁ ହେବ । ଅବଶ୍ୟମ୍ଭାବୀ କାର୍ଯ୍ୟ ସ୍ୱରୂପ ସେ ନିଜର ଗୋଷ୍ଠୀକୁ ଛାଡ଼ି ଦେଇ, ସହରର ଅନ୍ୟ ପ୍ରାନ୍ତରେ ଅବସ୍ଥିତ ଆଉ ଗୋଟାଏ ସମ-ସ୍ଥିତିର ଦଳ ସହିତ ଯାଇ ସାମିଲ ହେଲା । ଡେଣା ନାହିଁଥିବା ପକ୍ଷୀ ପରି ସେ ଗୋଟିଏ ସହରର ଦଳରୁ ଆଉ ଗୋଟିଏ ସହରକୁ ବି ହେଇ ବୁଲିଲା । କିନ୍ତୁ ସବୁ ଠାରେ ଥିଲା ସେ ଶୋଷିତ ନୀଚ ବର୍ଗର ପ୍ରାଣୀ । ତାଆ ଜୀବନର ଅସଲ ଅଶୁଚିତା କେଉଁଠାରେ ହେଲେ କଟିଲା ନାହିଁ । ନିଜ ଶ୍ରେଣୀର ଅବାନ୍ତର ଆଉ କୌଣସି ଦଳର ସେ ହେଇ ପାରିଲା ନାହିଁ । ଯେପରି ସ୍ତ୍ରୀ ମର୍ଦ୍ଦ ହେଇ ପାରିବ ନାହିଁ, ତାକୁ ଶ୍ରେଣୀ— ଅବାନ୍ତର ହେବା କଥାଟା ଠିକ୍ ସେହିପରି ଅସମ୍ଭବ ବୋଧ ହେଲା ।

ମଣିଷର ଶ୍ରେଣୀ-ଉଗ୍ରଜନତା ବା ସମଷ୍ଟିବାଦ ଖାଲି ତାର ମାନସିକ ବା ଶାରୀରିକ ବନ୍ଧନରୁ ଆସେ ନାହିଁ, ଆସେ ତା'ର ଭୌତିକ ବନ୍ଧନରୁ । ଆମ ପ୍ରଚଳିତ ସମାଜରେ ପରମ୍ପରା କ୍ରମେ ପ୍ରଚଳିତ ଶ୍ରେଣୀ-ଅସାମଞ୍ଜସ୍ୟ ଦୂର କରିବାକୁ ହେଲେ ମୂଳ ସମାଜରେ ଏକ ଓଲଟ ପାଲଟ (over haul) ଦରକାର, ତାଆ ଶ୍ରେଣୀ ସଂଗ୍ରାମ କରିଥାରେ ହଉ ବା ଅନ୍ୟ କୌଣସି ଭୌତିକ ଉପାୟରେ ହଉ, ଯାଏ ଆସେ ନାହିଁ । ପୁଣି ଏଇ ଶ୍ରେଣୀ-ସଂଗ୍ରାମ ତ ଇତିହାସ ଗଢ଼ିବାର ଚରମ ଉପାୟ ! ଆମର ପରମ୍ପରା ଜୀବନକୁ ତଳେଇ ଦେଖିଲେ ସେଥିରେ କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀ ନାହିଁ ବା ସମାଜ ବି ନାହିଁ, କିମ୍ବା ତାହା ପରିବେଶରୁ ପୃଥକ୍ ପୃଥକ୍ ବି ନୁହଁ । ଖାଲି କେବଳ ଗୁଡ଼ାଏ ଅର୍ଥନୈତିକ ଏବଂ ରାଜନୈତିକ କାରଣ ଆମର ପ୍ରଚଳିତ ଜୀବନକୁ ଯେତେବେଳେ ଶ୍ରେଣୀ ଆକାରରେ ବା କେତେବେଳେ ଭିନ୍ନ ଭିନ୍ନ କରି ଯଥା ତଥା ନିୟନ୍ତ୍ରଣ କରୁଛି । ଆଜି ଯାଆର ଦୁଇବେଳ ପେଟ ପୂରେଇ ଖାଇବାର ସମ୍ବଳ ନାହିଁ କାଲି ସେ ସହରରେ ତେଲଙ୍ଗା କୋଠା ଉପରେ ତେଲଙ୍ଗା କୋଠା ଗ୍ରାସ କରିବାର ତାର କ୍ଷମତା ଅଛି ଏବଂ ଅନ୍ୟାୟ ସମାଜର ଗଣ୍ୟମାନ୍ୟ ବ୍ୟକ୍ତି କାଲି ସେ ଠିକ୍ ସେଇ କାରଣରୁ ଏ ସମାଜର ସବୁଠୁଁ ନ୍ୟୂନତମ ସ୍ଥାନକୁ ଆସି ଯାଉଛି ।

ନଟଗନ୍ ବି ବଡ଼ ହେଲା । ଅର୍ଥାତ୍ ଯେତେବେଳେ ତାଆ ପାଖରେ ପଇସା ହେଲା ଏବଂ ଯୋଗ୍ୟତା ଆସିଲା, ସେ ସମାଜର ଏଇ ତଥାକଥିତ ନୀଚ ଶ୍ରେଣୀରୁ ଉଚ୍ଚା ହେଇ, ସମାଜର ଆଉ ପାଞ୍ଚଜଣ ସଜ୍ଜନ ଏବଂ ଅଭିଜାତଙ୍କ ସାଙ୍ଗରେ ହାତ ଧରାଧରି ହେଇ ଭୋଜି ଖାଇ ଏବଂ ମଞ୍ଚରେ ଚଢ଼ି ଯାଇ ସମାଜର ସେଇ ପ୍ରତିପତ୍ତିଶାଳୀ ସ୍ଥାନରେ ହାଜର ହେଲା ।

—*—

## କୁତକୁତୁ

"କୁନା, ଯଦି ତୋ ବାପା ଜଣେ ଲୋକକୁ ମାହିକି କୋଡ଼ିଏ ଟଙ୍କା ଦେବାକୁ ପ୍ରତିଜ୍ଞା କରନ୍ତି ତେବେ ସେ ଲୋକଟି କେତେ ମାସରେ ଦୁଇଶ ଟଙ୍କା ପାଇ ପାରିବ ?"

"ଦୁଇଶ ମାସରେ"

"କୁନା, ତୁ ଅଙ୍କ ଜମାରୁ ଜାଣିନୁ ।"

"ନାହିଁ, ଆପଣ ମୋ ବାପାଙ୍କୁ ଜାଣି ନାହାନ୍ତି ସେ କହିଥିଲା ।"

\+ \+ \+

ମଜାକଥା ୨ମ ପୃଷ୍ଠା ଉତ୍ତାରୁ

ମୁଁ ଚେଷ୍ଟା ପଢ଼ିଲି ଆଉ ସେଇ ଦିନଠୁଁ ମୋ ମନର ଅବସ୍ଥା କଣ ହେଉଛି ଆପଣଙ୍କୁ କହିବାରେ କିଛି ଲାଭ ନାହିଁ କିନ୍ତୁ ଆମ ନୂଆ ଟାଇପିଷ୍ଟ ମିଷ୍ଟର ରାଓଙ୍କ ମୁହଁକୁ ଯେତେବେଳେ ଅନାଉଛି ମୋ ଛାତି ଭିତରେ କିଏ ଯେମିତି ହାତୁଡ଼ି ଚଳେଇ ଦିଏ ସେମିତି ଲାଗୁଛି ।

Digitized by srujanika@gmail.com

# 'ଫୁଡ୍-ରେଶନ'

——ଶ୍ରୀ ଦିଗମ୍ବର ଦାଶ

( ୧ )

କନଟ୍ରୋଲ୍, କନଟ୍ରୋଲ୍,
ଯୋଡ଼ ନାଗରା ବଜାଇ ଏବେ
ହରି ବୋଲ ହରି ବୋଲ,
ଯିଏ ଯେଉଁଠି ଅଛନ୍ତି ଭାଇ,
ଝପଟି ଛିଦ୍ର ଅସରେ ଠାଇଁ,
ରେଶନ କାର୍ଡ ହେଲାଣି ବଣ୍ଟା,
ଭାତ ହାଣ୍ଡିରେ ଲାଗିଲା କଣ୍ଟା,
ସମାନ ଅଂଶେ ନିଅନ୍ତୁ ସବୁ
ପଛରେ ନକର ଗୋଳ,
କନଟ୍ରୋଲ୍, କନଟ୍ରୋଲ୍,

( ୨ )

କନଟ୍ରୋଲ୍, କନଟ୍ରୋଲ୍,
ଗୃହ ଅଭେଦ ଗଜେଇ ଉଠିଲେ
ସଂସ୍କୃତିର ଠୋଲ,
ପେଣ୍ଡାଙ୍କୁ ଦେଖା ହେଲେ ପଣ୍ଡିତ,
ଆଇନରେ ହେଲେ ମଣ୍ଡିତ,
ଦୁସ୍ଥାନ ପରେ ଦୁସ୍ଥାନ ମାନ,
ପାଅଶ କର ଗ୍ରାମ୍ୟ ଧାମ,
ଧନ୍ୟ ଧନ୍ୟ କହନ୍ତି ଦେବେ
ଆନନ୍ଦେ ହୁଅ ଭୋଳ,
କନଟ୍ରୋଲ୍, କନଟ୍ରୋଲ୍।

( ୩ )

କନଟ୍ରୋଲ୍, କନଟ୍ରୋଲ୍,
ଥାଅ ଭାଇ ଭଜନି,
ନାଚ କୁଦ କରିବା କାହୁଁ ଗୋଳ।
ଅଜ ଅମର ଡର କାହାକୁ,
ଠାକୁରେ ଅଛନ୍ତି ଚଗୀ ବାହାକୁ,
ଗରବ ଆପେ ହେଲା ମୁଣ୍ଡ,
ଉସମଯୁଗର ଫିକର ତୁଣ୍ଡ,
ପ୍ରଭୁ ସରକାର ଯାହା କରନ୍ତି
ହବୁଥିବେ ତ ଭଲ।
କନଟ୍ରୋଲ୍, କନଟ୍ରୋଲ୍।

( ୪ )

କନଟ୍ରୋଲ୍, କନଟ୍ରୋଲ୍।
'ସିତଅ ରାମ' ବୋଲିବେ ଭାଇ
ଥରେ 'ରାଧା କୃଷ୍ଣ' ବୋଲ,
ଝୁଲାଅ କଣ୍ଠେ ତୁଳସୀ ମାଳ,
କେମନ ଅଫିସେ ଦୌଡ଼ିଗଲ,
କର ପଡ଼ିଲେ ତୁ ସିନା ଭୋଜନ,
ରଖି ମନକୁ 'ହରି' ବୋଲ ଭଜନ,
ଭଜପ୍ରଣୀ ପାଇ ଷ୍ଟାଣ୍ଡାର୍ଡ ଲୁଟା
ଗୋ' ତୁ ରଙ୍ଗିଛ ଢୋଲ,
କନଟ୍ରୋଲ୍, କନଟ୍ରୋଲ୍।

( ୫ )

କନଟ୍ରୋଲ୍, କନଟ୍ରୋଲ୍
କୋରିଅଙ୍କ ବନ୍ଧ ହୋଇଛି
ରଖିଥିବା ମାଲ୍।

Digitized by srujanika@gmail.com

ବାକ୍ସ ଓ ଛଣା ହେଲ ନାଚତ.
ମୁଣ୍ଡେ ମାଇଲେ ଧଭଏଁ ହାତ,
ଫୁଟେ ଫୁଟେ ଫକ୍କା ଫୁଙ୍କ ଫୁଙ୍କ,
ହେଲି ଏବେ ଚକୋର ଭାଙ୍ଗୁ ।
ମଇଦା ଅଟା ଗୁଞ୍ଜିଲ ଚିନି
ହୋଇଲାଣି ଦରୁ ଠୁଳ ।
କନ୍ଟ୍ରୋଲ କନ୍ଟ୍ରୋଲ ।

( ୬ )

କନ୍ଟ୍ରୋଲ କନ୍ଟ୍ରୋଲ,
ଜୁଟିନ ଥଇକର ଚେଲ୍ଡ ଆଣି
ଝଗଡେ ଏବେ ବୋଲ,
ଧରୁଥିଲୁ ଏବେ କୁଣ୍ଡେ ଭଣ୍ଡି,
ସମାନ ଭାବରେ ନାଅ ହେ ବାଣ୍ଟି
ଏ ମହା ପ୍ରସାଦ ନୁଅ ତୋଷ,
ମନେ କଦାପି ନ ଅଣ ରୋଷ,
ଭକ୍ତଙ୍କ ଶେଷ ମନ ଛେଞ୍ଚ ଖାଇ
ଦୂରଇବୁ ଢୋଲ,
କନ୍ଟ୍ରୋଲ କନ୍ଟ୍ରୋଲ ।

( ୭ )

କନ୍ଟ୍ରୋଲ କନ୍ଟ୍ରୋଲ,
ଏ. ଆର. ପି. ସିଭିଲ୍ ଗାର୍ଡ
ଲେଫ୍ଟ ରାଇଟ୍ କଦମ ଚଲ,
ରେଲ ଗାଡ଼ିର ହେଲ କଣ୍ଟଣୀ,
ଟୁର ଫିଗାରେ ବୁଦ୍ଧି ଟି ଚଣା,
ଟ୍ରେଞ୍ଚ ଟୋପ ଗୁଳା ବାରୁଦ,
କଳ ମୁଣିରେ ଛେସ୍ତୁ ଦାରୁଦ,
ଲିଭୁଥ ଭାଇଙ୍କ ସାହାଯ୍ୟ ପାଇ
ଚାଲିଚେର ଚକ୍ର ଟେଲ,
କନ୍ଟ୍ରୋଲ କନ୍ଟ୍ରୋଲ ।

( ୮ )

କନ୍ଟ୍ରୋଲ କନ୍ଟ୍ରୋଲ,
ଧାଇଛେନ୍ ଏବେ ଜଟିଳ ବାଳ
ଅଶ୍ରୁ ଟ୍ରେଞ୍ଚ ମୂଳ,
ପୂଜ୍ୟ ଜଗତ ସେ ହୋଇଲେ ଅଧା,
ହେଲେ ପଣ୍ଡିତ ଅଚଳ ଗଧା,
ଫୁଡ଼ ରେଶନ କୁଣ୍ଡା ଟୋପଶୀ,
ହାଡ଼ା ବଳଦ ଖାଇବ ଗୁଣ୍ଡି ।
ରାଜା ପରଜା ଜମିଦାର
ସମାନ ଭାବେ ଦେବେ ତାଳ,
କନ୍ଟ୍ରୋଲ କନ୍ଟ୍ରୋଲ ।

( ୯ )

କନ୍ଟ୍ରୋଲ କନ୍ଟ୍ରୋଲ,
ଅପିଲେ ପଶ କଣ୍ଟ୍ରୋ ଝଫ ର
ଶୁଣିବ 'ଢଲେ' 'ଢଲେ'
'ଗୁଡ଼ ମର୍ଣ୍ଣି' ଗୁଡ ନାଇଟ୍,
ବନ୍ଦେ, ଜୁହାର, ଥରୁ ରାଇଟ୍,
ଶୁଣି ତ ଭଲ ଆମ ଗୁହାରି,
ମୋ କାର୍ଡ ଖଣ୍ଡିକ ରେଜିଷ୍ଟାରି,
ହୋଇଲାଣି ଏବେ ବାହାରେ ଧାଡ଼ା
ପ୍ରେମରେ ଆଁଖି ଖୋଲ,
କନ୍ଟ୍ରୋଲ କନ୍ଟ୍ରୋଲ ।

Digitized by srujanika@gmail.com

# କାନ୍‌ଆ ଜଳପ ଗଳ୍ପ ଗଳ୍ପ.........

ସଂଗ୍ରାହକ:—ଶ୍ରୀ———

ରାମବାବୁ ଅଫିସରୁ ବସାକୁ ଆସି ଦେଖିଲେ ଯେ ପୁତ୍ର ଭୀମା କନ୍ୟା ଶ୍ୟାମା କେହି ନାହାନ୍ତି । ଘରରେ ଥମ୍ ଥମ୍ ହୋଇ ଜୋରରେ ଡାକିଲେ "ରେ ଭୀମା ! ତୁ କେଉଁଠି ?

ଭୀମା—ଆଜ୍ଞା ! ଏଇଠି । ଶ୍ୟାମା ପାଖରେ ।

ରାମବାବୁ—ଆରେ ଶ୍ୟାମା ତୁ କେଉଁଠି ?

ଶ୍ୟାମା—ଆଜ୍ଞା ଏଇଠି ! ଭୀମା ପାଖରେ ।

ରାମବାବୁ—( ଅତି ରାଗିଯାଇ ) ଆରେ, ତୁମେ ଦୁହେଁ ଯାଇ କେଉଁଠି ? କହୁ ନାହିଁକି ?

ଭୀମା—ଆଜ୍ଞା କହିଲି ପରା ମୁଁ ଶ୍ୟାମା ପାଖରେ ଆଉ ଶ୍ୟାମା ମୋ ପାଖରେ ।

\+ + +

୦ ବର୍ଷ ପରେ ସ୍ୱାମୀ ବିଲେଇତରୁ ଫେରି ଲେ ଆଗ୍ରହରେ ଖଣ୍ଡେ ଫୋଟୋ ସ୍ତ୍ରୀ ହାତକୁ ବଢ଼ାଇ ଦେଲେ । ସ୍ତ୍ରୀ ତାକୁ ଓଲଟି ପାଲଟି କରି କହିଲେ "ଆହେ, ଏ କ'ଣ ମ ! ତୁମ ପାଇଁ ଫଟୋ ଆଣିଲ ଯେ ପୁରୁଷ ଫେସନର ହେବ ଓ ସ୍ତ୍ରୀ ଫେସନର ନହେବ"

ସ୍ୱାମୀ—ଆରେ ମୁଁ କଣ ଜାଣିଥିଲି ପୁଅ ହେଉଛି କି ଝିଅ ହେଉଛି ।

( ଗୋବର୍ଦ୍ଧନ )

\+ × ×

ଡାକ୍ତର—ଆପଣ ସିନା ବିଶ୍ୱାସ କରୁ ନାହାନ୍ତି । କିନ୍ତୁ ଆପଣଙ୍କର ରୋଗ ଭଲେଇ ଦେଇସାରି ଏଇ ଶେଷ ଅବସ୍ଥାରେ ଆପଣଙ୍କର କ'ଣ କାହାରିକି ଦେଖିବାର ଆଶା ଅଛି ?"

ରୋଗୀ—ଆଜ୍ଞା ହଁ, ମୁଁ କେବଳ ଆଉ ଜଣେ ଡାକ୍ତରଙ୍କୁ ଦେଖିବାକୁ ଚାହେଁ ।

× + ×

ଜଣେ ଆଗନ୍ତୁକ ସିନେମା ହଲରେ ଯାଇ ପଚାରିଲେ "ଆଜି କି film ହେଉଛି ?"

—ଶାପମୁକ୍ତି ।

—Second class ଟିକଟର ଦାମ କେତେ ?

'—ଅଠଅଣା ।'

ଆଗନ୍ତୁକ ଗୋଟିଏ ଚାରିଅଣି ଦେଇ କହିଲେ—"ମତେ ଗୋଟେ ଟିକଟ ଦିଅନ୍ତୁ"

—ଆଉ ଚାରିଅଣା ?

—ଆଜ୍ଞା ମୁଁ "ମୁକ୍ତି" ଦେଖି ସାରିଛି, ବାକି "ଶାପ"ଟା ଦେଖି ସାରିଲେ ଚାଲି ଯିବି ।

× + ×

ଜଣେ ଭଦ୍ର ମହିଳା Telephone operatorକୁ ଡାକି କହିଲେ—"ମୁଁ ଟିକିଏ ମୋର ସ୍ୱାମୀଙ୍କ ସହିତ କଥାବାର୍ତ୍ତା କହିବାକୁ ଚାହେଁ ।"

ଅପରେଟର—'କେତେ ନମ୍ବର ?"

ଭଦ୍ର ମହିଳା—"ଅଚ୍ଛା ଲୋକତ, ଜଣକର ପୁଣି କେତୋଟା ସ୍ୱାମୀ ଯେ—ତାର ପୁଣି ଗୋଟେ ନମ୍ବର ।"

( ବସନ୍ତ )

\+ × +

Digitized by srujanika@gmail.com

କବିତା—

# ଅନ୍ତିକ—ସ୍ୱୀକାରୋକ୍ତି

——ଶ୍ରୀ ଇ: ଦାସ——

ବକୁଳ ଗଛମୂଳେ ଯେ ମାଳା ଦେଲ୍ ଗଳେ
ମଞ୍ଜନ ଭଟା କାନେ ମୋ ମଥା ନେଲ କୋଳେ
କାଳର ଗତି ସଙ୍ଗେ ଗଲଣି ସବୁ ଭୁଲି,
ଦେଖୁଛି ଆଜି ପ୍ରିୟ ସେ ଫୁଲ ଶୁଖି ଝରି
ଚାହୁଁଛି ଅନ୍ୟ କାନେ ଯେ କଥା ଫେରି ଫେରି
କାଳର ଗତି ସଙ୍ଗେ ହୋଇଛି ସବୁ ଧୂଳି ।
ତମର କୁହାକଥା ମୋ କୋଳେ ଦେଇ ମଥା
ଅଛନ୍ତି ସବୁ ଆଜି ମୋ ହୃଦେ ହୋଇ ଗୁନ୍ଥା
କାଳର ଗତି ସଙ୍ଗେ ଯାଉଛି ସବୁ ମିଳି ।
ତମର ଦିଅ ପ୍ରେମ ମୋ ବୁକେ ବଢ଼େ ନିତି,
ତମର ମଧୁସ୍ମୃତି ମୋ ବୁକେ ଜାଳେ ବତି,
କାଳର ଗତି ସଙ୍ଗେ ଯାଉଛି ସବୁ ଜଳି ।


## କୁବେର ବ୍ୟାଙ୍କ ଲି:

ହେଡ଼ ଅଫିସ——କଲିକତା

**ଶାଖା ଅଫିସ ମାନ:——**

ଢାକା, କାଲିମ୍ପଙ୍ଗ୍, ଶିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ଡାଂକେଶ୍ୱର, ରାଣୀଘାଟ, ବଡ଼ବଜାର ।

**୧୬ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ୍ କାର୍ଯ୍ୟ କରାହୁଏ ।
ଜାଜପୁର ଶାଖା ଶୀଘ୍ର ଖୋଲାଯିବ ।

**ଏସ୍: କେ: ଚକ୍ରବର୍ତ୍ତୀ**
ମ୍ୟାନେଜିଂ ଡାଇରେକ୍ଟର


Digitized by srujanika@gmail.com

# ବହିପତ୍ର

## ସହକାର—୨୪ଭାଗ ୨ୟ ସଂଖ୍ୟା

ଶଙ୍ଖାଦ—କବିତାଟି ଯାହା ଉଦ୍ଦେଶ୍ୟରେ ଲେଖା ଏବଂ ଯେଉଁ ଗୁଣ ଦେଇ ସହକାରର ସମ୍ମାନିତ ପ୍ରଥମ ସ୍ଥାନ ଅଧିକାର କରିଛି ତାହା ବୁଝି ହେଲା ନାହିଁ ।

ସ୍ୱରାଜ—ସ୍ୱର୍ଗଂ ଛବିକୁ ବର୍ଣ୍ଣନର ପରିଚୟ ।

ବୈଦିକ ସାହିତ୍ୟ ରହସ୍ୟରେ ଡମ୍ବୁର—ଅନୁବାଦଟି କାଳୋପଯୋଗୀ ଓ ଶିକ୍ଷାପ୍ରଦ ।

ମୁକ୍ତି—ଗଳ୍ପ—ଫକୀର ।

ଗଳ୍ପର ବର୍ଣ୍ଣନୀୟ ବସ୍ତୁ ଖୁବ ସୁନ୍ଦର, ଭାଷାଟି ଭଲ । କିନ୍ତୁ କଳା ସରସ ନୁହେଁ ।

ପଲ୍ଲୀ ଚିତ୍ର—କ୍ଷୁଦ୍ର ହେଲେହେଁ ଭଲ କବିତା । କବି ଯଦୁମଣିଙ୍କ ଜୀବନୀ ଓ ରଚନା—ନିତାନ୍ତ ଅପୂର୍ଣ୍ଣ ଜୀବନୀ ଓ ରଚନା ବିଷୟରେ କିଛି ନାହିଁ । ଏ ବିଷୟରେ ଅଧିକ ସତର୍କ ଓ ଆଲୋଚନା ଅବାଣେ କବିଭୂଷଣ ମହାଶୟଙ୍କୁ ଅନୁରୋଧ ।

ପଦେ କଥା—ଗଳ୍ପ—ଶ୍ରୀ ରାଜକିଶୋର ରାୟ । ଗଳ୍ପଟି ବେଶ ଭଲ ହୋଇଛି ।

ନାରୀ କବି ମାଧବୀ—ଏ ସମ୍ବନ୍ଧରେ ସମର୍ଥକ ଆଲୋଚନା ହେବା ଦରକାର ।

ରୂପ ଦେବତା—ପଦ୍ୟ—ଶ୍ରୀ ଚନ୍ଦ୍ରଶେଖର ମିଶ୍ର । କବିତାଟି ଭଲ ।

ରଙ୍ଗମଞ୍ଚ ଓ ଅଭିନୟ—କାଳି ବାବୁଙ୍କ ଚୁମ୍ବନ ନାଟକର ଦୋଷମାତ୍ରକଥନ ସମାଲୋଚନା । 'ଚୁମ୍ବନ' ନ ହୋଇ "ଆଲିଙ୍ଗନ" ହୋଇଥିଲେ ସମାଲୋଚକ ଆପତ୍ତି କରନ୍ତେ ନାହିଁ ବୋଲି ଲେଖିଛନ୍ତି । ଜନନୀ ତାର ପିଲାକୁ ସ୍ନେହବଶରୁ ଯେଉଁ 'ଚୁମ୍ବନ'ର ଜନ୍ମ ହୋଇଥାଏ, ତେବେ ତାକୁ "ଲେହନ" ବୋଲିଲେ ଅଧିକ ଶାପ ଲାଗିଥାନ୍ତା ପରା !

ଭାରତରେ କଳା ଓ ସାହିତ୍ୟର ସ୍ଥାନ—ପ୍ରବନ୍ଧଟି ପଢ଼ି ମନେ ହୁଏ ଆମ ଏଠି ସୋଭିଏଟ୍ ହୁଅନ୍ତା ଭଲ—ନୋହିଲେ ଉଭୟ ସାହିତ୍ୟିକ ଭୂଷିତ ହିନ୍ଦୁ କରନ୍ତୁ ।

---

## ଜାଗରଣ—୨ୟ ବର୍ଷ ୧ମ ସଂଖ୍ୟା

ଦୀର୍ଘକାଳ ଶୋଇ ପଡ଼ିଥିବା 'ଜାଗରଣ' ଉତ୍କଳ ସାହିତ୍ୟ ସମାଜର ମୁଖପତ୍ର ରୂପେ ଜାଗି ଉଠିଛି ପୁଣି, ଗୋଟିଏ ନୂଆ ସମ୍ପାଦକ ସଙ୍ଗରେ ପରିଚାଳନା ଓ ନେତୃତ୍ୱରେ ।

ଏ କାଳ ମଫସଲ ହେଉ ସାହିତ୍ୟ ପତ୍ରିକା ବିରଳ ଦେଶରେ ଆମ୍ଭେମାନେ 'ଜାଗରଣ'କୁ ସାଦର ସମ୍ଭାଷଣ ଜଣାଉଛୁଁ ।

ଶ୍ରୀ ବିଚ୍ଛନ୍ଦ ପଟ୍ଟନାୟକଙ୍କ ବାଗୀଶ୍ୱରୀ ବନ୍ଦନା ପଢ଼ି ମନେ ହୁଏ ତାଙ୍କର ପ୍ରାଚୀନ ସାହିତ୍ୟ ପ୍ରୀତି ବଡ଼ ପ୍ରବଳ । ପ୍ରବୀଣ ସାହିତ୍ୟ ସେବକ ଶଶି ବାବୁଙ୍କ "ସାହିତ୍ୟ ସେବା" ଉପାଦେୟ ।

ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡାଙ୍କ ଗଳ୍ପ 'ବୋମା' ପଢ଼ିଲେ ପ୍ରାଣରେ ବୋମା ପଡ଼ର ବେଦନା ଆସେ । ଶେଷଟା ଏତେ କରୁଣ ଯେ ଆଖିରୁ ଲୁହ ଗଡ଼ିପଡ଼େ । ଗଳ୍ପର ମୂଳରୁ ଗୋଟାଏ ଏଡ଼େ ବଳିଷ୍ଠତାର ଛାୟା ଜଣା ପଡ଼ି ନ ଥିଲେ ଅଧିକ ସୁନ୍ଦର ହୋଇ ଥାଆନ୍ତା ।

ଉତ୍କଳ ପ୍ରବାସୀଙ୍କ ଆପଣ ଏକ ପ୍ରବନ୍ଧରେ ସଙ୍ଗୀତ ଶିକ୍ଷାର ଉପଯୋଗୀତା ଦେଖାଇ ପ୍ରୟାସ କରି ଅଛନ୍ତି । ତାହାକୁ ଶୁଣିଲେ ତ ହୁଏ !

ପ୍ରାଚୀନ ଭାରତରେ ଯୁଦ୍ଧ—ଶ୍ରୀ ପ୍ରାଣନାଥ ମହାନ୍ତି ଗବେଷଣା ମୂଳକ ବେଶ ପ୍ରବନ୍ଧ ।

ବୀର ନାରୀ ଓ ବୃନ୍ଦାବନୀ ପଦ୍ୟ ଦ୍ୱୟ ମନ୍ଦ ନୁହେଁ ।

ଶ୍ରୀଯୁକ୍ତ ହରେକୃଷ୍ଣ ବଡ଼ାଳଙ୍କ "ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ମତ" ସୁଚିନ୍ତିତ ପ୍ରବନ୍ଧ ।

ଶ୍ରୀଯୁକ୍ତ ବୈଷ୍ଣବ ଦାସ ଦାଶଙ୍କ "ସାହିତ୍ୟରେ ଅର୍ଦ୍ଧ" ପାଣ୍ଡିତ୍ୟ ପୂର୍ଣ୍ଣ ।

## ଟୁଭକୁ ମୂଷି—ଶ୍ରୀ ଜଦୁନାଥ ଷଡ଼ଙ୍ଗୀ

ବାଇଣ୍ଡ ସହ ବେଶ ସାଇଜ—[illegible] ପୃଷ୍ଠା—ମୂଲ୍ୟ [illegible] ଅଣା । ସତ୍ୟବାଦୀ ପ୍ରେସରେ ମୁଦ୍ରିତ ।

କାଗଜ, ରଙ୍ଗିନ ଛବିଯୁକ୍ତ ମଲାଟ ଓ ଛପା ପୁସ୍ତକର ସୌନ୍ଦର୍ଯ୍ୟ ବଢ଼ାଇଛି । ଏପରି ବହିରେ ପ୍ରତି ପୃଷ୍ଠାରେ ଛବି ଦେବା ଉଚିତ । ବହି ଖଣ୍ଡି ପିଲାଙ୍କପାଇଁ ଉଚିତ । ଭାଷା ସରଳ ଓ ସହଜ । ଗୀତ ଗୁଡ଼ିକ ମଧୁର । ଛନ୍ଦେ ଛନ୍ଦେ କବିତ୍ୱ ପୂର ଉଠିଛି । ପିଲାଙ୍କ ମନ ଲାଗି ଆମୋଦ ସହିତ ପ୍ରକୃତ ଭାବରେ ତାଙ୍କୁ ଜ୍ଞାପନର ଚେଷ୍ଟା ଦେବା ଏ ପୁସ୍ତକର ବିଶେଷତ୍ୱ । କବି ଏଭଳି ଅଧିକ ବହି ଲେଖନ୍ତୁ—ଅନୁରୋଧ ।

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳୀ

## — ନାଗବଗୁ —

(୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ —**

୧ । ଉତ୍କଳର କୁଟୀରେ କୁଟୀରେ ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନ ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନ କରିବା । ୨ । ସଙ୍ଗରର ମଧ୍ୟସ୍ଥତାରେ ପଥବନ୍ଧନମନ୍ତ୍ର ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଙ୍କର ଆଦାନ ପ୍ରଦାନ ବଢ଼ାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କର୍ତ୍ତବ୍ୟର ବିଶେଷଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କ ଉଦବୋଧନ କରିବା ।

## ( ସଲ୍ଲୀନ ସମାଧି )

ଦିନ ଅନ୍ତେ ଆସେ ରବି
    ଗୋଲାକାରେ ଫୁଟି ଉଠେ ତାର
ରୂପେଲି ସ୍ୱପନେ ବସି
    ପୂର୍ଣ୍ଣଶଶୀ ବର୍ଷେ ଜ୍ୟୋତ୍ସ୍ନା ଧାର !
ତରୁ ଲତା ଅନ୍ତରାଳେ
    ସନ୍ଧ୍ୟା ହେଲା ବୋଲି ପକ୍ଷୀଗଣ
ନାନା ରଙ୍ଗେ ଗୀତ ଗାଇ
    କୋଳାହଳ କରୁଥାନ୍ତି ବନ ।
ଅକ୍ଲାନ୍ତ ଖଟଣୀ ସାରି
    ଫେରୁଥାଏ ଘରେ କୃଷି ହଳ,
ଧାନ କ୍ଷେତ ଶୋଭା ଦେଖି
    ମନ ଭୁଲି ଗୀତ ଗାଇ ଗାଇ ।
ମୁଣ୍ଡରେ ପଗଡ଼ି ବାନ୍ଧି
    ପଡ଼ିଅଛି ଲଙ୍ଗଳ, କୋଦାଳ
ଧନ. ଧନ ହୋଇ ଦେହ
    ବହୁଅଛି ତାଙ୍କ ଶ୍ରମଜଳ
କେତେ ଆଶା ଆକାଂକ୍ଷା
    ଚରିଛି ସେ ହୃଦୟ ମଧ୍ୟରେ
କାଟିଲେ ଅମଳ ଧାନ
    ଦୁଃଖ ତା'ର ଦୂରୁ ଯାଏ ଦୂରେ
ସାଧୁ, ମହାଜନ ମୂର୍ତ୍ତି
    ଜମିଦାର ଆଉ ଅତ୍ୟାଚାର
ପଶୁ ପରି ସହି ସହି
    ଗଣ୍ଠି ... ପଥର ।
ଅନାହାରେ କେତେ ଲୋକ
    ଦିନ ଯୋଗେ ଯୋଗେ ଦେଉଅଛି କାଟି
ତଥାପି ଭାବନ୍ତି ମନେ
    ଶ୍ରେଷ୍ଠ ତାଙ୍କ ଜନ୍ମଭୂମି ମାଟି ।
ଏହି ମାଟି ମଧ୍ୟରୁ ନିଏ
    କରିପାରେ ... ଅମଦାନ
ଏହି ମାଟି ଶ୍ରେଷ୍ଠ ଦାନେ
    ପେଟି ପାରେ କୋଟି କୋଟି ପ୍ରାଣୀ
ଏ ମାଟିକୁ ନିନ୍ଦା କରି
    ଯିବ ନି ସେ କେତେ ପରିବାର
କେତେ ଲୋକ ଏ ଗାଁଅଁରୁ
    ଯାଇଥିଲେ ବିଦେଶ କି ଯଶ ?
ବେଶ୍ୟାର କବଳେ ପଡ଼ି
    କିଏ ଅବା ହରାଇଲା ପ୍ରାଣ
କିଏ ବା ଉନ୍ମାଦ ହେଲା
    ଶବ୍ଦ ଶବ୍ଦ ଅଟକିଲା ମନ
ଅଜ କିଏ ବିଦେଶରୁ
    ଫେରିଲା ନା ଅଜ ଏ ଦେଶକୁ
ମଲେ ଏଠି ଶୀଘ୍ର ଛୁଆ
    ଧାଇଁବାକୁ ନ ଥାଇ ଶୋଷରୁ ।

× × ×

Digitized by srujanika@gmail.com

ସେହି ଭଗ୍ନ କୁଟୀରେଟି
ପିଲାଟିକୁ ତା'ର ପରିବାର
ତାହାର କୋଳରେ କେତେ
ଗାଉଅଛି ସୁଖ ଦୁଃଖ ଗୀତ ।
ଭାବପାର ମୃତ୍ୟୁବାଣୀ
ଫଳ ହୁଏ "ବାବା ବାବା" ଡାକ
ସେ କୁଟୀରେ ଅଙ୍ଗ ଅଟେ
ନାଚେ ତା'ର ଧନ କେତେ ରୂପ
କାନ୍ଦୁଅଛି ଝିଅଟି ଘରୁ
ଥର ମାସେ ଦେବାକୁ ଉଠାଇ
ଭାବିଲଣି କେତେ ଥର
ପାଣେ କାନ୍ଥୁ ଧନ ଏତେ ନାହିଁ
ଲୁଗା ପଟା ନାହିଁ କିଛି
ନାହିଁ ପୁଣି ଝିଅର ଗହଣା
ଶ୍ୱଶୁର ଘରକୁ ଯାଇ ଝିଅ
ମନ କରିବଟି ଜଣା ।
ଅମଳ ହୋଇନ ଧାନ
ମେଣ୍ଟି ନାହିଁ ଆଶା
ପ୍ରେମ ଗରଜନେ ବନ୍ୟା
ଭାଙ୍ଗି ଦେଲା ସଭିଙ୍କ ଭରସା
କାଳ କବଳରେ କେତେ
ନରନାରୀ ହରାଇଲେ ପ୍ରାଣ
ପ୍ରଳୟ ଉଚ୍ଛ୍ୱାସେ କେତେ
ପଲ୍ଲୀ ଗ୍ରାମ ହେଲା ଜଳ ମଗ୍ନ !
ସର୍ବେ ସମଦଶୀ ଯମ
କାଏ ନାହିଁ ଗଲେ ମୃତ୍ୟୁ ମୁଖେ
ଶିଶୁଟିକୁ ବକ୍ଷେ ଚାପି
ହା ବିଧାତା ଡାକେ କେହି ଦୁଃଖେ
ମାଆ ମାଆ ବୋଲି କେହି
ପ୍ରାଣ ଦେଲା ଧାଇଁ କାନ୍ଦି କାନ୍ଦି
ହେ ବିଧାତା ଶେଷ କେବେ
ହେବ ତବ ସଲୀଳ ସମାଧି ?

ଶ୍ରୀ ବୀଣାଧର ଦାଶ (୩୬୮ ପୁରାତନ ସଭ୍ୟ)

## ପୁରସ୍କାର ଘୋଷଣା

ଗତ ୧୮ ଶ ସଂଖ୍ୟା 'ଡଗର'ରେ ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି "ବଡ଼ ହେଲେ ମୁଁ କ'ଣ ହେବି" ଏ ବିଷୟରେ ନାଗ ନାଗୁଣୀଙ୍କ ପାଇଁ ଯେଉଁ ପୁରସ୍କାର ଘୋଷଣା କରିଥିଲେ ସେ ବିଷୟରେ ଉତ୍କୃଷ୍ଟ ଓ ଯଥେଷ୍ଟ ଲେଖା ମିଳି ନାହିଁ । ଅତଏବ ଘୋଷଣାର ସମୟ ପହିଲା ଜୁନ୍ ପର୍ଯ୍ୟନ୍ତ ବଢ଼ାଇ ଦିଆଗଲା । ଲେଖା ଗୁଡ଼ିକ ପହିଲା ଜୁନ ପୂର୍ବରୁ 'ଡଗର' ପରିଚାଳନା ସମ୍ପାଦକ ନିକଟରେ ପହଞ୍ଚିବା ଦରକାର ।

## ନୂଆ ନାଗଙ୍କ ନାମ

୫୧୧ । ଶ୍ରୀ ମହେନ୍ଦ୍ର କୁମାର ମହାନ୍ତି ଜଗନ୍ନାଥ ପୁର ପୋ: ଅ: ଭଦ୍ରକ । ୫୧୨ । ଶ୍ରୀ ରାମଚନ୍ଦ୍ର ପାଢ଼ୀ ପାଢ଼ୀ ରୋଡ଼ ପୋ: ଅ: ନାରାୟଣ ପାଟଣା କୋରାପୁଟ ( ଆଜୀବନ ସଭ୍ୟ ) ୫୧୩ । ଶ୍ରୀ ଶିବ ପ୍ରସାଦ ବଣ୍ଟାଳ C/o R. C. Pattanayk. ଏମ୍ ଏସ୍ ଟି. ଡ. ଇ. ଡ. ପୋ: ଅ: ବାରିପଦା ( ଆଜୀବନ ସଭ୍ୟ ) ୫୧୪ । ଶ୍ରୀ ଶଶାଙ୍କ ଭୂଷଣ ଦାସ ଅନନ୍ତପୁର ଏମ୍: ଇ: ସ୍କୁଲ, ପୋ: ଅ: ଅନନ୍ତପୁର, ବାଲେଶ୍ୱର ଜିଲ୍ଲା । ( ଟିକଟ ଦେବେ ) ୫୧୫ । ଶ୍ରୀ ବିମଳ ଚନ୍ଦ୍ର ଗୁହ ଗିବ୍‌ସନ୍ ହାଇସ୍କୁଲ ୭ମ ଶ୍ରେଣୀ ଛାତ୍ର ପୋ: ଅ: କେନ୍ଦୁଝର ଗଡ଼ କେନ୍ଦୁଝରଷ୍ଟେଟ୍ । ୫୧୬ । ଶ୍ରୀ ନରେନ୍ଦ୍ର ମୋହନ ବେହେରା ବାରିପଦା ହା: ଇ: ସ୍କୁଲ ୧୧ଶ ଶ୍ରେଣୀ ବାରିପଦା ୫୧୯ । ଶ୍ରୀ ନୀଳମଣି ଷଡ଼ଙ୍ଗୀ ସାଲିପୁର ଉ: ଇ: ବିଦ୍ୟାଳୟ ଏକାଦଶ ଶ୍ରେଣୀ ପୋ: ଅ: ସାଲେପୁର ଜିଲ୍ଲା କଟକ ।

—ଫ—

ସମ୍ପାଦକ
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ପରିଚାଳନା ସମ୍ପାଦକ
ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

REG. No. P. 441. THE DAGARO—16-4-1944.


# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

ଲକ୍ଷ୍ମୀ ସ୍ୱଭାବତଃ ଚପଳା । ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା ! ନିଜ ଶକ୍ତି ଅନୁସାରେ ସଞ୍ଚୟ କରିବା କେତେଦୂର ନିତାନ୍ତ ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ଯୋଗୁଁ ଅଭାବଗ୍ରସ୍ତ ଲୋକମାନେ ଯେଉଁ ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାରକଲେ ଜଣାଯିବ । ଜୀବନର ଦାୟିତ୍ୱ ନେବା ଲାଗି ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ ।

ସାମର୍ଥ୍ୟ ଅନୁଯାୟୀ ଆଜି ହିଁ ପ୍ରସ୍ତାବ ଦାଖଲ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ ।

### ସୁଦୃଢ଼ତାର ପରିଚୟ—

୧୯୪୧ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବୀମାର ପରିମାଣ ୧୯ କୋଟି ୩୭ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବାର୍ଷିକ ଆୟ ଏକ କୋଟି ୧୦ ଲକ୍ଷ ।
ବୀମା ପାଣ୍ଠି ୦ କୋଟି ୨୧ ଲକ୍ଷ ।
ମୋଟ ସମ୍ପତ୍ତିର ପରିମାଣ ୪ କୋଟି ୩୭ ଲକ୍ଷରୁ ଊର୍ଦ୍ଧ୍ୱ ।
ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଂସ୍
କଲିକତା ।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର
କଟକ ।


Printed & published by G. C. Mahapatra at the Gopinath Press, Bhadrak. 1944.


ପ୍ରତିଖଣ୍ଡ ଦୁଇଅଣା ବାର୍ଷିକ ତିନିଟଙ୍କା ଆଠଅଣା

Digitized by srujanika@gmail.com

୭ମ ବର୍ଷ
୨୩ ସଂଖ୍ୟା

Dagaro
Utkal's most popular Fortnightly
OF
LIGHT, LEAD & LAUGHTER.

ବୈଶାଖ
ପ୍ରଥମାର୍ଦ୍ଧ




## ବ୍ୟାଙ୍କ ଅଫ୍ କଲିକତା ଲି: ବାଲେଶ୍ୱର

ଏହା ଏକ ପ୍ରତିପତ୍ତିଶାଳୀ ଓ ନିର୍ଭରଯୋଗ୍ୟ ବ୍ୟାଙ୍କ । ଏଥିରେ ଟଙ୍କା ରଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି କରନ୍ତୁ । ଏକ ବର୍ଷ ଭିତରେ ବାଲେଶ୍ୱର ଶାଖା ଅନୁଷ୍ଠାନ ବେଶ ଚଢ଼ି ଉଠିଛି । ଅତିଶୀଘ୍ର ଭଦ୍ରକଠାରେ ଏହାର ଶାଖା ଖୋଲିବ । ବିସ୍ତୃତ ବିବରଣ ମାଗି ଲେଖନ୍ତୁ ।

ହେଡ଼ ଅଫିସ:—୩, ମେଙ୍ଗୋ ଲେନ
କଲିକତା

**ଶ୍ରୀ ପ୍ରିୟନାଥ ନନ୍ଦୀ ବି, ଏଲ**
ଅନାରାରି ଏଜେଣ୍ଟ
ବାଲେଶ୍ୱର ବ୍ରାଞ୍ଚ ଅଫିସ ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର

ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରବଚନ ରସାୟନର ପ୍ରକ୍ରିୟା ଦ୍ୱାର ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ଦ୍ୱାରା ନାନାପ୍ରକାର ଛତ୍ର ବା ବିକୃତ ଚିହ୍ନ, ହାତଗୋଡ଼ ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବନ୍ଧକତ୍ ବେଦନା ଅଜୀର୍ଣ୍ଣ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ବ୍ୟବହାର କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫ ୮ ୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛତ୍ର ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ୫ ୨୲ଙ୍କା ମାତ୍ର ୫ ୨ ୲ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ**

ଆଲିଶା ବଜାର, କଟକ

---

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲି:—

**ହେଡ୍ ଅଫିସ—କଲିକତା ।**

**ଶାଖା ଅଫିସମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମକଲପୁର, ମିତ୍ରଗଞ୍ଜ ।

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼ ପାଟନା

(ଭଦ୍ରକ, କାଟିଲଶ୍ୱର, ବରହମପୁର ଓ ଅନୁଗ୍ରହନଗରରେ ଶୀଘ୍ର ଶାଖା ଅଫିସମାନ ଖୋଲା ଯାଉଛି)

ମେନେଜିଂ ଡିରେକ୍ଟର—

ନଜରବନ୍ଧ ନାଗପୁର ।

**ସ୍ୱା—ପି. ଏନ୍: ରାୟ୍ ଚଉଧୁରୀ ।**

ପ୍ରତିମାସିକ ସଞ୍ଚୟ ଡିପୋଜିଟ—ମାସକୁ ୫ ୨ ୲ ଜମା ଦେଲେ—୫ ୦ ଷ୍ଠ ଦରେ ଓ ୫ମ ବର୍ଷ ଶେଷରେ ୫ ୨୭୦ ଙ୍କା ପାଇବେ ।


Digitized by srujanika@gmail.com

୭ମ ବର୍ଷ
୨୩ ସଂଖ୍ୟା
ବୈଶାଖ ପ୍ରଥମାର୍ଦ୍ଧ
ତା ୧୯-୪-୪୯ ଖ୍ରୀ

# ଡଗର

## ହୁକା ହୁକା ହୁଆ

( ବିଲୁଆ ବିଗୁର )

—ପାକ୍ଷିକ—
ବାର୍ଷିକ ଟ ୧)
ପ୍ରତି ସଂଖ୍ୟା — ୬ ୦ ୬
ଡାକମାସୁଲ — ୬ ୧

ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟ ସଭାରେ ଆଜୀବନ ସଭ୍ୟ ରୂପେ ଜୟପୁର ମହାରାଜା ଶ୍ରୀ ଶ୍ରୀ ବିକ୍ରମ ଦେବ ଓ ଉତ୍କଳ ମନ୍ତ୍ରୀ ଶ୍ରୀ ଯୋଗୀବଲ୍ଲଭଙ୍କୁ ନିଅ ହୋଇଛି। ଆଜୀବନ ସଭ୍ୟ ହେବାର ଗୁଣ କଣ ବୋଲି ଅନେକ ପଚାରୁଛନ୍ତି। ଆମେ ତାର ଉତ୍ତର ଦେଉଛୁଁ — ବିଦ୍ୟା ଓ ବୁଦ୍ଧି। ବୁଦ୍ଧିର ଦରକାର ନମତେ। ବିଶ୍ୱବିଦ୍ୟାଳୟ ସ୍ୱାଗତ ଏହ !

× + ×

ଉତ୍କଳ ବିଶ୍ୱବିଦ୍ୟା ସ୍ତ୍ରୀ ଗାଲି ଗୁଣକି ଦୁନିଆଁ — ହିସାବ ମଧ୍ୟ। ସେଠାରେ ଲୋକଙ୍କୁ ଜୀବନ-ଯାତ୍ରା କରିବା ଠାରୁ ଧୂଳି ଝାଡ଼ିବାରେ ଯେଉଁ ସୁବିଧା ଓ ଉନ୍ନତି ହୋଇଛି ତାହା ବିଶ୍ୱବିଦ୍ୟାଳୟ ଦୂରତ୍ୱ ହିସାବ କରି ଏହା କହିଥିବା ପରି ଜଣାଯାଏ। କେବଳ ପଣ୍ଡିତଙ୍କର ଧଳାବାଳ ଦେଖି ଯାହା ବୟସ କଳନାର ଭୁଲ ହୋଇଥାଏ — ତେବେ.........

+ + ×

ଓଡ଼ିଶା ସମୁଦ୍ର କୂଳରେ ଦେଶ ହୋଇ ଥିବାରୁ ଏଠାରେ ନିତ୍ୟ ଆକ୍ରମଣ ଭୟ ଅଧିକ ବୋଲି ଯେଉଁମାନେ ଡର ମରନ୍ତି ସେମାନେ ଅସଲ କଥା କିଛି ବୁଝନ୍ତି ନାହିଁ। ଇଂରେଜ ନୌବାହିନୀର ଦେଶ ଏବଂ ଜାପାନର ଏ ସାହସ ନାହିଁ ଯେ ଏଣିକି ତାଙ୍କରେ ଆଉ ଆକ୍ରମଣ ଚଳାଇ ପାରିବ। ତାହା ଛଡ଼ା ଆମ ଏଠି ଜାତୀୟ ଯୁବ ସାଂସ୍କୃତିକ, ଏ, ଆଇ. ପି. ଉତ୍କଳ ପାର୍ଟି ପ୍ରଭୃତି ଦଳବଳ ଯେପରି କାଗଜ ଅରେ ହୋଇ ରହିଛନ୍ତି, ସେଥିରେ ଆକ୍ରମଣର ଭୟ ଆମର ମୂଳରୁ ନାହିଁ। କହିଲେ ଚଳେ। ଏମାନଙ୍କ ଭିତରେ କେହି ମୂଳ ନ ହୋଇ ନାଆଁରେ ମାଲପା ପକାଇ ଆମରି କଣ୍ଟ୍ରୋଲ ହୋଇ ରହିବା ଉଚିତ। କେବଳ ଏଥିପାଇଁ ସୋଲିସ ଚେଲାର ଦାମ କାଟି ଦିବାକୁ ଯାହା ଅସୁବିଧା !

× + × +

ଅନେକ ଦିନ ଧରି ଦେଖୁ ଆସିଛୁ ଓଡ଼ିଆ ଲୋକେ ... ପଢ଼ିବା କଥା, ଏଥିରେ ଆମର କିଛି ... ସେଥିପାଇଁ ଏବେ କେତେକଣ ... କରିଛନ୍ତି କଣ ପଢ଼ି ... "ଅଫିସିଆଲ ଭାଷାକୁ ... କରେ ଛନା" ପରି ଅନେକ ... ଆମର ... ସରକାରଙ୍କୁ ଧନ୍ୟବାଦ ନ ଦେଇ ... ନାହିଁ। କେବଳ ଦରଖାସ୍ତ ... କିଛି ଭୁଲ ନାହିଁ।

× × ×

ଅନେକଙ୍କର ଉପ ... ... ... କୋଣ ... ଅଛନ୍ତି। ... ମାନେ ... ଏବଂ ... ।

ଆମ ଦେଶରେ ... କାଳି ... କଳ ... ଉପରେ ... କରି ଯେଉଁ ପଣ୍ଡିତ ... ତାର ମୀମାଂସା ପାଇଁ ... ଓଡ଼ିଶା ଅଛନ୍ତି। ... !

× + + ×

ଦୁଇଟା ମୁଣ୍ଡ ଭିତରେ କଳି ... ନାହିଁ। ... ପଣ୍ଡିତ କହିଛନ୍ତି — ... ପଣ୍ଡିତ ଭିତରେ ଯେଉଁ କଳି ... ନୁହେଁ। ପଣ୍ଡିତ ଯୋଗର ... ସେଥିପାଇଁ। ... ହବା ଯାକ ଯେ କଳି ... ? ... ଭାବୁଛି — ଯାହାଁ ଯାହାଁ ... ।

× + ×

Digitized by srujanika@gmail.com

ଏହି ବାହାଘର ଟଗାଲରେ ଏ ଚାନ୍ଦର ଦ୍ଵାର ମାଡ଼ିଲେଲି ଏ ତେଜୁର ଦ୍ଵାର ମାରି ନେଲା ବୋଲି ପୂରଅଚନ୍ତ୍ର ଦ୍ଵାନ୍ତ ବାନ୍ଧି ରହି ଯାଇଛି । ଅବେଇ ବାବୁ—ପାଡ଼ା ବେଲି—ଟେଡା ଟେଲି । ତୁମର ଅମର ଟେଷରେ କଣ ? ଯିଏ ମହାପାପ କରି ପାରିଲା, ସିଏ ଟେଲିଗଲା ମାରି; ତୁମ ଅମ ଉଲଥ ଉଗ୍ରୀ ଜଳିବା ହୋଇ ଗୃହ ରହିବେ । ଦୋଷ ଦେବ କାହାକୁ ? କଥାଟା ହେଉଛି କଣକି—ଯେଉଁମାନଙ୍କର ମନଟା ଅଳି ଅଟଟ ଝୁବିଆ ଘଟିଲା ନାହିଁ ସେଇମାନଙ୍କର ଏବା ଦେବ ସହା ପଡ଼ୁ ନାହିଁ ଯିନା ! କାଟିଛିତ ଭରିବୋଟ !

× + + -

ଏ କଣ୍ଟ୍ରୋଲ ଦିଲ୍ଲୀରେ ସବୁ କଣ୍ଟ୍ରୋଲ ହୋଇଗଲା କେବଳ ଟେଗ ଟିକ ଛଡ଼ା । ସେଇଟା ହେଉଛି ବାର୍ଥ-କଣ୍ଟ୍ରୋଲ । ଯୁଦ୍ଧରେ ଯେପରି ଲୋକକ୍ଷୟ ହେଉଛି, ତହିଁରେ ବାର୍ଥ-କଣ୍ଟ୍ରୋଲ କରିବା ଅନୁଚିତ ବୋଲି କର୍ତ୍ତୃପକ୍ଷ ସେଇଟାରେ କଟକଣା ବସାଇ ନାହାନ୍ତି । ଏଥିରୁ ସରକାରଙ୍କର ଦୂରଦର୍ଶିତା ଓ ଜନହିତୈଷୀତାର ଯଥେଷ୍ଟ ପରିଚୟ ମିଳୁଛି । ଏଇ ଟେଗାଟିକ ଛଡ଼ା ଅଛି ବୋଲି କଣ୍ଟ୍ରୋଲ ତାଲୁର ଜନମଣ୍ଡଳୀ ଟିକିଏ ସ୍ୱସ୍ତି ଅଶ୍ୱାସନା ପାଇ ଚେତି ଯିବେ ହେବେ ।

× + ×

କଣ୍ଟ୍ରୋଲର ଅର୍ଥ ସଂଯମ ବୋଲି ଅମେ ବୁଝିଛୁ । ଗୁରୁଦେବଙ୍କ ଯୋଗସାଧନ ଅଭ୍ୟାସ କରି ଯେଉଁ ସଂଯମ ହୋଇ ପାରୁ ନ ଥିଲା, ସରକାରଙ୍କ ଏକା କଲମ ମାଡ଼ରେ ସେ ସଂଯମ ସହଜ ହୋଇ ଯାଇଛି ବୋଲି ମନେ ହୁଏ । ଏଇ ସଂଯମରୁ ଅନାସକ୍ତି, ଅନାସକ୍ତିରୁ ମୋକ୍ଷ ସାଧନ ହେବାର କଥା । ଏବା ଶୁଣିବାରେ ବାଲେଶ୍ୱର ସହରର କଣ୍ଟ୍ରୋଲ ଅଫିସ ନକଲ ପ୍ରମାଣନ ପାଇ ମୋକ୍ଷ ସାଧନା କରୁଛନ୍ତି । ଭଲ ଟେନରେ ଏହି ମୋକ୍ଷପାଳ ଲାଗି କେଣା ଧରିବାରୁ ବର୍ତ୍ତମାନ କାଗଜ ଉପରେ ଚଢ଼ିଛି । ବାଲେଶ୍ୱର ଜଲ ସବାଶ ଅକ ପର୍ଯ୍ୟନ୍ତ ଯେତେ କାଗଜ ଭ୍ରଗ (Quatar) ଅଫିସ ବା ଅଦ୍ଭୁତ ଧାଡ଼ା କ୍ୱଅଟେଞ୍ଚ ଉଦେଇ ଗମ୍ ହୋଇ ଯାଉଛି । କାଗଜ ପ୍ରତି ଗଟେଶ ଠାକୁରଙ୍କର ଦେଖି ଲୋକ ଚେଲ ବେଜାର୍ଡି ଧାଙ୍କ ଚାଡ଼ନ ଗଣ ତହିଁରେ କାରସାଦ କରୁଛନ୍ତି । ଏପରି ସ୍ଥଳେ ସୃଜନ ମାରିଲ ବସ୍ତା ପାରି ହୋଇ ଭଟ୍ଟ ଅଗିକ କପର, ବା ନାହିଁ ? + +

ଜଣେ ଓଡ଼ିଆଙ୍କର ଟେନ ତାଙ୍କ ପୂର୍ବପୁରୁଷଙ୍କ କୀର୍ତ୍ତି କାହାଣୀର ଏ ଗର୍ବ କରୁଥିଲେ । ଅମେ କହିଲୁ—କହେ ତୁମେ ତାଙ୍କର ବଂଶଧର. ଯୁଦ୍ଧକୁ ଯାଉଛ ? ଜନ୍ମଟେଇ ? ସେ ଉତ୍ତର ଦେଲେ— ଅମେ ଡରିବୁ ! ଏତେ କଥା ! ଟେଟେ କଥା କଣ କି, ଅମେ କରୁ ସତ୍ୟାଗ୍ରହ ସମର । ଖଣ୍ଡା ଧରି ଶତ୍ରୁକୁ ଓଧା ଦାଣ୍ଡିବାଟେ ଅମର ଦାତ ସଫେଇ । ମାରିବୁ ନୋହିଲେ ମରିବୁଁ । ମାତ୍ର ଏବେ ଏ ଯଉଁ ଲଢ଼େଇ ଲାଗିଛି, ଏଥିରେ କୀର୍ତ୍ତି କାହିଁ ମ ? ଲୁଚି ଲୁଚି ଅଣି ବେ ପକେଇ ବୋମା । ଅମଙ୍କୁ ଏ ଲୁଚମି କାମ ସବୁ ସଖ ଲାଗେ ନା । ଅଗ୍ନିଲ ଭଳି ସାମନା ସାମନି ଖଣ୍ଡା ତରବାରି ଧରି ଲଢ଼ିବା ବାଟେ । ନା, ସବୁ ଗୁପ୍ ଚୁପ୍ ଛକାଛକ ମାମଲା । ଏ ଗୁଡ଼ାକ ବୀର ହୃଦୟରେ ଯାଏ ନା ହେ, ବୁଝିଲ ଅମକୁ ବଡ଼ ଘୃଣା ଲାଗେ ଏନା—ସେଇଥି ପାଇଁ... ବୁଝିଲ । ଅମେ ମୁଣ୍ଡ ଟଙ୍ଗାରି କହିଲୁ—ହଁ, ବୁଝିଲୁ । ନ ବୁଝିବା ଉପାୟ କଣ ? × × +

ଯଉଁ ବୀରଙ୍କ ସାଙ୍ଗରେ କଥା ହେଉଥିଲା ସେ ଜଣେ ଧନୀ ଲୋକ । ତାଙ୍କ କଥା ଅମେ ବୁଝୁଁଛୁ ବୋଲି ଜାଣି ସେ ଉତ୍ସାହିତ ହୋଇ କହିବାକୁ ଲାଗିଲେ ପୁଣି ।

"ବୁଝିଲ କଣଟାଏ—ଅନ୍ତର ଭଲ କରି ବୁଝ । ବ'ଣକ, ଖାଲି ଲଢ଼େଇକୁ ଗଲେତ ବୀର ହୁଅନ୍ତି ନାହିଁ; ବୀର କେତେ ଭଳି ପ୍ରକାର ଅଛି । ଯଥା—କର୍ମବୀର, ଧର୍ମବୀର, ତ୍ୟାଗବୀର ଦାନବୀର—ଏଇ ଭଳିଅ କେତେ କଣ । ବୁଝୁଛ ?

ଅମେ ସେଇପରି ଓ୍ୟାର ଫଣ୍ଡରେ କରୁଛୁଁ କର୍ମ, ରେଡ଼ କ୍ରସକୁ ଟଙ୍କା ଦେଇ ସଂପାଦୁଛୁଁ ଧର୍ମ, ଯୁଦ୍ଧ ଗୃହ୍ଣା ଦେଇ ଦେଖାଉଛୁଁ ତ୍ୟାଗ, ଅଉ ସେଭିଂ ସାର୍ଟିଫିକେଟ କିଣି ଅର୍ଜୁଛୁଁ ଦାନ । ବୁଝିଲଟି ?

—ଅଜ୍ଞା, ଏବେ ବୁଝିଲି ।

ସେଥିପାଇଁ ୯ ହଜାର ବୀର ବଂଶଧରମାନଙ୍କୁ କହୁଛୁଁ କି ସେମାନଙ୍କର ଯୁଦ୍ଧ ଯାତ୍ରାରେ ପଶିବାକୁ ଏଇପରି ଘୃଣା ଲାଗୁ ଥାଏ, ତେବେ ସମସ୍ତ ଅନ୍ୟ ପ୍ରକାର ବୀରତ୍ୱ ଦେଖାଇ କିଛି ଗୋଟାଏ ବୀ॰ ନାମ ସାଧନ କରି ପକାନ୍ତୁ କିଟ । ତାହା ନ କଲେ ବାପ, ଜଙ୍କ ଦାଗ ବୁଡ଼ିଯିବ ।

× + ×

Digitized by srujanika@gmail.com

# ବାଜି ମାରା

ଲେଖକ :— ଶ୍ରୀ ————

କଲେଜର ବିଶ୍ୱନାଥ ପଟ୍ଟନାୟକଙ୍କୁ ନ ଜାଣେ କିଏ ! ଫାର୍ଷ୍ଟ ଇୟର୍, ଥାର୍ଡ ଇୟର୍, ଫୋର୍ଥ ଇୟର୍ ଲୋକ ସମସ୍ତଙ୍କ ନିକଟରେ ପରିଚିତ ହୋଇଛନ୍ତି । ବିଶ୍ୱ ନ ଜାଣିଛି ଏପରି କଥା ଦୁନିଆରେ ନାହିଁ । ଜାଣୁ ବା ନ ଜାଣୁ, କଥା ପଡ଼ିଲେ ସେ ସମସ୍ତଙ୍କୁ ସେ କଥା କହିବ, ଆଉ ଶେଷରେ ହାରି ତାର କଥାହିଁ ରହିବ । ନ ହାରିଲେ, ଶେଷ ବେଳକୁ ମାର ବସିବ—ବାଜି ।

କଥା କଥାକେ— "ମାର ବାଜି !" ଏଥିରେ ଅନେକ ଥର ଛକି ଯାଇଛନ୍ତି—ଅଥଚ ବାଜି ମାରନ୍ତି, ସେ ବିଶ୍ୱର ବୋଧଶକ୍ତି ଦେଖିବେ, ଛକିଛକି ଲୋକେ ଦିଅନ୍ତି ହାର ମାନିଅନ୍ତି । ବିଶ୍ୱ ପାଖ କେବେ କେମିତି ହାରି ଯାଏ, ପଛେ ପଛେ ତାର ଚଉଗୁଣ ପୁଣି ଉପରେ ନିଏ ସେ କୌଣସି ଉପାୟରେ ।

ଥରେ ବାଜି ମାରିଲା—ଲାଟ ସାହେବ ମେମ୍ ମଟରରେ ଯେ ଚଢ଼ିବ ଅଭ ସ୍ୱୟଂ ଏକ ଏଜେସେଲେନ୍ସି ତାକୁ ଡାକି ଚଢ଼ାଇବେ । ଏପରି ଅସମ୍ଭବ ଓ ଅଯୌକ୍ତିକ କଥାରେ ସମସ୍ତେ ହସି ଉଡ଼ାଇ ଦେଲେ । ବିଶ୍ୱ ହେବୁଲ ଜିଦ୍‌ରେ ସାଥୀ ବନ୍ଧୁଙ୍କ କହିଲା—ମାର ବାଜି !

ବାଜି ରହିଲା—ଶହେ ଟଙ୍କା ।

ବିଶ୍ୱ ଦିନେ ଲାଟ ସାହେବଙ୍କ ଚଳନ୍ତି ମଟର ଆଗରେ ହଠାତ୍ କଚୁଡି ପଡ଼ିଲା । ତତ୍‌କ୍ଷଣାତ୍ ଡ୍ରାଇଭର ଗାଡ଼ି ରୋକି ଥାଇଁଲା । ସେତେବେଳକୁ ବିଶ୍ୱ ଅର୍ଦ୍ଧ ମୂର୍ଚ୍ଛିତ । ଟେକା ଟେକି କଲା ବେଳକୁ ଅତି କ୍ଷୀଣ ସ୍ୱରରେ କହିଲା—ଛାତିରେ ଭୟଙ୍କର ବେଦନା ।

ଗାଡ଼ିରେ ଲାଟ ପତ୍ନୀ ଥିଲେ । ସେ ବ୍ୟସ୍ତ ହୋଇ ଡ୍ରାଇଭରକୁ ହୁକୁମ ଦେଲେ—ଆହତ ବ୍ୟକ୍ତିକୁ ଗାଡ଼ିରେ ବସାଇ ନେବା ପାଇଁ । ଅର୍ଦ୍ଦଳି ଓ ଡ୍ରାଇଭର ଟେକା ଟେକି କରି ମଟରରେ ବସାଇଲେ । ଗାଡ଼ି ଛୁଟିଲା ସିଧା ହସପିଟାଲ ।

ଘଟଣାଟା ଅନେକ ଦେଖିଲେ । ଖବର କାଗଜରେ ବାହାରି ଗଲା । ଦୁଇଦିନ ପରେ ବିଶ୍ୱ ଖଣ୍ଡେ ଖବର କାଗଜ ଧରି ଆସି କହିଲା—ଦିଅ ଶହେ ଟଙ୍କା, ଜିତିଲି ମୁଁ ବାଜି !

ପାଞ୍ଚ ଟଙ୍କିଆ, ଦଶ ଟଙ୍କିଆ ବାଜି ହାରି ହାରିବାର ତେତେ ବାଧ ନ ଥିଲା—ମାତ୍ର ଶହେ ଟଙ୍କାର ବାଜି ହାରିବା ସହଜ କଥା ନୁହଁ । ଯେଉଁମାନେ ବାଜି ରଖିଥିଲେ, ସମସ୍ତେ ଚାନ୍ଦା କରି ଟଙ୍କାଟା ଦେଲେ । Word of honour !

ବିଶ୍ୱକୁ ଜବଦ କରିବା ପାଇଁ ସମସ୍ତେ ଏକ ମିଟିଂ କଲେ ଦିନେ । ସ୍ଥିର ହେଲା ଯିଏ ଯେପରି ପ୍ରଫେସର ଡକ୍ଟର ମ୍ୟାକ୍-ଡୋନାଲ୍‌ଡଙ୍କ କାନରେ ପକାଇବେ, ସେ ଜବଦ କରି ଦେବେ ।

ପ୍ରଫେସର ଶୁଣିଲେ । ଶୁଣି ସେ ଦୁଃଖରେ ସତରେ ଅତି ବ୍ୟସ୍ତ ହୋଇ ପଡ଼ିଲେ । ସେ ଜଣେ ଖ୍ରୀଷ୍ଟିଆନ ମିଶନାରି । ବାଜି ମାରିବା ତାଙ୍କ ଧର୍ମ ବିରୁଦ୍ଧ । ଦୁଇ ସମ୍ପ୍ରଦାୟର କାଳିସାଜ ! ତାଙ୍କର ଜଣେ ଛାତ୍ର ଏ ଭଳି ସମ୍ପ୍ରଦାୟରେ ମାତିବ, ତାଙ୍କର ସହ୍ୟ ହେବ କିପରି !

ତହିଁ ଆରଦିନ ସେ ବିଶ୍ୱକୁ ଡକାଇଲେ । ବହୁ ଉପଦେଶ ଦେଇ ଭର୍ତ୍ସନା କଲେ । ଶେଷରେ କହିଲେ— "ପୁଅ ନାଏବ, ମୁଁ ଏ କଣ ଶୁଣୁଛି ?"

'—କେଉଁ ସାର ?' ବିଶ୍ୱ ଟିକେ ଥତମତ ହୋଇଗଲା ।

Digitized by srujanika@gmail.com

—ତମ ଚରିତ୍ର ସମ୍ବନ୍ଧରେ ।

ବସୁ ଚୁପ୍ ହୋଇ ଛିଡ଼ା ହୋଇ ପ୍ରତୀକ୍ଷା କଲା । ସାହେବ ଚିନ୍ତାପୂର୍ଣ୍ଣ କୋମଳ ସ୍ୱରରେ କହିଲେ—ବଡ଼ ଅନ୍ୟାୟ, ମହାପାପ, ଘୋର ନରକର ଦ୍ୱାର ।

ବସୁ ଏଥର କଥା କହିଲା ।

—ମୁଁ କିଛି ବୁଝିପାରୁ ନାହିଁ ସାର୍—କଣ ଖୋଲି କରି କହନ୍ତୁ ।

—ତୁମେ, ତୁମେ, ମୋର ପ୍ରିୟ ଶିଷ୍ୟ ହୋଇ ବାଜ ମାରିବା ଅଭ୍ୟାସରେ ଅଛ ! ସତ୍ୟଭାଷଣକୁ ପ୍ରଶ୍ରୟ ଦେଉଛ ! ଅହ୍ୱା ! ବଡ଼ ଅଧର୍ମ ।

—ଅଧର୍ମ ସାର୍ !

—ହଁ ଅଧର୍ମ—ଘୋର ଅଧର୍ମ । ଅନନ୍ତ ନରକ । ଟେନ୍ନିସନ୍ ଈଶ୍ୱର ପୁତ୍ର କଣ କହିଛନ୍ତି ଜାଣିଛ ? ଆଉ ତୁମ ହିନ୍ଦୁ ଧର୍ମରେ ବି ଏଟା ମନା ଅଛି । ସଂସାରର ସବୁ ଧର୍ମ ତ ଏକ ମତରେ କହେ—ବାଜ ମାରିବା ମହାପାପ ।

—ଆଜ୍ଞା ହଁ ।

—ତେବେ ତମେ କାହିଁକି ମାରୁଛ ?

—ଆଜ୍ଞା ମୋର ଧର୍ମ ।

—ଅଁ । ତୁମ ଧର୍ମ ! ତୁମେ ତ ହିନ୍ଦୁ ?

—ଆଜ୍ଞା ନା, ମୁଁ ହିନ୍ଦୁ ନୁହେଁ ।

ହିନ୍ଦୁ ନୁହେଁ ! ତେବେ ? ତୁମ ନାମ ତ ବିଶ୍ୱନାଥ ପଟ୍ଟନାୟକ ?

—ଆଜ୍ଞା ମୋ ନା ବିଶ୍ୱନାଥ ପାଟ୍-ନା-ଇକ୍ ।

—ଓଃ, ତେବେ ତୁମେ କଣ ଖ୍ରୀଷ୍ଟିଆନ ତ ?

—ନାହିଁ ସାର, ମୁଁ ତିବ୍‌ବେତିଆନ ।

—ମାନେ ?

—ମାନେ, ତିବ୍‌ବତ ଜାଣନ୍ତି ତ ? ସେଠି ଗୋଟାଏ ଯାଯାବର ଜାତି ଅଛନ୍ତି, ହିମାଳୟ କୋଳରେ ବାସ କରନ୍ତି । ସେମାନେ ଯେତେବେଳେ ଇଚ୍ଛା ଯେ କୌଣସି ରୂପ ଧରନ୍ତି । ପଶୁ, ପକ୍ଷୀ କୀଟ, ପତଙ୍ଗ । ସେମାନେ ସବମେରିନରେ ଉଡ଼ନ୍ତି, ଏରୋପ୍ଲେନରେ ବୁଡ଼ନ୍ତି ଆଉ ମଟରକାରରେ ମାଉଣ୍ଟ ଏଭରେଷ୍ଟରେ ଚଢ଼ନ୍ତି । ତାଙ୍କର ଧର୍ମ ହି-ମ୍-ବୁ-ଜି ।

—ତାର ମାନେ ?

—ଅର୍ଥାତ୍ ହିନ୍ଦୁ, ମୁସଲମାନ, ବୌଦ୍ଧ ଓ ଖ୍ରୀଷ୍ଟିୟାନ ସବୁ ଧର୍ମର ସାର ନେଇ ଏ ଧର୍ମ ଗଢ଼ା ।

—ମୁଁ ତ ଏ ଧର୍ମର ନାମ ଶୁଣିନାହିଁ କେବେ ।

—ଏଟା ଗୋଟାଏ ଗୁପ୍ତ (secret) ଧର୍ମ । ସେଇ ଜାତି ଛଡ଼ା ଆଉ କାହାରିକୁ ଜଣାଇ ଦିଆ ଯାଏନାହିଁ ।

—ତେବେ ତୁମର ତ ସବୁ ଧର୍ମର ଶାସନ ମାନିବା ଉଚିତ ।

—ମାନୁ ତ ସାର ।

—ତେବେ ଏଇ ବାଜ ମାରିବା—

—ଆମର ପ୍ରଣାଳୀ (method)ଟା ଉଲଟା । ଯେପରି ଧରନ୍ତୁ ସବୁ ଧର୍ମରେ ଅଛି, ମିଛ କହିବ ନାହିଁ, ଚୋରି କରିବ ନାହିଁ, ପରର ଅନିଷ୍ଟ କରିବ ନାହିଁ । କିନ୍ତୁ ସବୁ ଧର୍ମରେ ଏକଥା ଶୁଣିବ ହୁଏ । ପିଲାଙ୍କୁ ଯେପରି ଗୋଟାଏ ଖରାପ କାମ କରିବାକୁ ମନା କଲେ ସେ ସେଇଟା ବେଶି କରି ଜିଦ୍ ଧରି କରେ, ସେଇପରି ମିଛ କହିବ ନାହିଁ, ଚୋରି କରିବ ନାହିଁ, ବାଜ ମାରିବ ନାହିଁ ବୋଲି ଯେତେ ଉପଦେଶ ବା ଶିକ୍ଷା ଦିଆ ହେଉଛି, ଲୋକେ ପିଲା ପରି ସେଗୁଡ଼ାକ ବେଶିକ କରୁଛନ୍ତି । ଏଟା ହେଉଛି human psychology (ମାନବିକ ମନୋବୃତ୍ତି) ।

—ଠିକ୍ ଠିକ୍ । ତେବେ ତୁମ ଧର୍ମ କଣ କହେ ?

—ଆମ ଧର୍ମ କହେ ଓଲଟା । ଉଦ୍ଦେଶ୍ୟଟା (end) ଏକ କିନ୍ତୁ ଉପାୟଟା (means) ଅଲଗା—ଯେପରି principle and policy politicion ମାନଙ୍କର ।

—ସେଟା କି ରକମ ?

—ଆମେ ବିଶ୍ୱାସ କରୁ କି ମିଛ କହ ବୋଲି କହିଲେ ଲୋକେ ମିଛ କହିବେ ନାହିଁ, 'ଚୋରି କର' ବୋଲି କହିଲେ ଚୋରି କରିବେ ନାହିଁ । Human nature ସାର୍ ଆମର ହେଉଛି natural religion ମାନବ ପ୍ରକୃତି ଉପରେ ଅଧିଷ୍ଠିତ (based)

—ତୁମେ ଜଳଜଳ ମିଛ କହୁଛ—ଗାଲ୍ କଥା କହୁଛ । କିଏ ବିଶ୍ୱାସ କରିବ ?

—ବିଶ୍ୱାସ କରିବା ସହଜ ନୁହେଁ । ମାନବ ପ୍ରକୃତି ସେଟା ସାର । କିନ୍ତୁ ଆଖିରେ ଦେଖିଲେ ବିଶ୍ୱାସ ନ କରି ଯିବେ କୁଆଡ଼େ ?

Digitized by srujanika@gmail.com

—ଅସମ୍ଭବ । ବିଲକୁଲ ଅସମ୍ଭବ ।

"ପ୍ରତ୍ୟକ୍ଷ ପ୍ରମାଣ ଗ୍ରାହ୍ୟ ସାର ?"

"ଦେଇ ପାରିବ ?"

"ନିଶ୍ଚୟ । ଏଇ ଦେଖନ୍ତୁ, ଆମର ସବୁ ଗୁପ୍ତ ବିଦ୍ୟା (occultism) ଅଛି—ମନ୍ତ୍ର, ଯନ୍ତ୍ର, ତାହାରି ବଳରେ ଆମେ ଅସମ୍ଭବକୁ ସମ୍ଭବ କରିପାରୁଁ ।"

"ଦେଖାଏ କଣ କହନ ?"

"ଏଇ ଧରନ୍ତୁ ଯେ କୌଣସି ଗୋଟିଏ ଝିଅ (girl) ଅଣନ୍ତୁ, ମୁଁ ତାକୁ ମନ୍ତ୍ର ବଳରେ ଦଶଟାଏ ଭିତରେ କି ମେସ୍ମା କିବା ଭୂତର ଯାହା ଇଚ୍ଛା ତାହା କରିଦେବି ।"

—କେତେ ସମୟ ଲାଗିବ ?

—ପ୍ରାୟ ଦଶ ମିନିଟ୍ ।

—କଣ କଣ ଦରକାର ?

—କିଛି ନା—ଖାଲି ମନ୍ତ୍ର ପଢ଼ିବି ।

—ଏଇକ୍ଷଣି ତାହା କରିବାକୁ ପ୍ରସ୍ତୁତ ଅଛ ?

—ଅଛି ସାର ।

—ଯଦି ନ ପାର ?

—ନ ପାରିଲେ ମୋର ବି ଶହେ ଟଙ୍କା ବାଜି ।

—ଅଲ୍ ରେଟ୍—ପାରିଲେ ମୋର ବି ଶହେ ଟଙ୍କା ବାଜି ।

ପ୍ରଫେସର ସାହେବ ଶହେ ଟଙ୍କା ବାହାର କରି ଟେବୁଲ ଉପରେ ରଖିଲେ । ବିଶୁ ତତ୍‌କ୍ଷଣାତ୍ ପକେଟରୁ ଶହେ ଟଙ୍କା କାଢ଼ି ଥୋଇ ଦେଲା ।

ସାହେବଙ୍କର ଗୋଟିଏ ଷୋଳ ବର୍ଷର ଝିଅ ମେରି । ସାହେବ ମେରି ମେରି ବୋଲି ଡାକ ଛାଡ଼ିଲେ । ମେରି ଆସିଲା । ସାହେବ ଗୋଟିଏ ଚେୟାର ଦେଖାଇ ତାକୁ ବସିବାକୁ କହିଲେ । ମେରି କିଛି ନ ଜାଣି ବସିଲା ।

ସାହେବ କହିଲେ—"ପଣ୍ଡାବାବୁ, ଏଥର ତୁମ କାମ ଆରମ୍ଭ କର । ମେସ୍ମା କରତ ।"

ସାହେବଙ୍କର ଦୃଢ଼ ବିଶ୍ୱାସ ଥିଲା ବିଶୁ କେବେ ତାଙ୍କ ଝିଅକୁ ମେସ୍ମା କରି ପାରିବ ନାହିଁ; ଶହେ ଟଙ୍କା ହାରିବ । ଏଇଥରେ ସେ ଏପରି ଜବଦ ହୋଇଯିବ ଯେ ଆଉ ଜୀବନରେ ଚାଲ ମାରିବ ନାହିଁ ! ନିଜର ବୁଦ୍ଧିରେ ସାହେବ ମନେ ମନେ ଖୁବ୍ ଖୁସି ।

ବିଶୁ କହିଲା—"ସାର, ମୋର ଗୋଟାଏ ସର୍ତ୍ତ ଅଛି ମୁଁ ମନ୍ତ୍ର ପଢ଼ି ଛାଡ଼ି ସାରିବା ମାତ୍ରେ ଆପଣଙ୍କ ଝିଅକୁ ଗୋଟିଏ କିସ (kiss) କରିବି । କିସ୍ କରାମାତ୍ରେ ସେ ମେସ୍ମା ହୋଇ ଯିବ ।"

ସାହେବ ଟିକିଏ ଭାବି କହିଲେ—'ଅଚ୍ଛା ।' ବିଶୁ କହିଲା "—ମୁଁ ମନ୍ତ୍ର ଆରମ୍ଭ କଲାକ୍ଷଣି ଆପଣ ଘଣ୍ଟା ଦେଖିବେ । କରିବାର ଘଡ଼ି ଗୁଣି ହେବେ, ଠିକ୍ (exact) ଦଶ ମିନିଟ୍ ହେଲା ମାତ୍ରେ ମୋତେ ନିର୍ଦ୍ଦେଶ (direction) ଦେଇ କହିବେ—କିସ୍ (kiss) । ଯେପରି ନ ଭୁଲନ୍ତି । Be ready"

ସାହେବ କହିଲେ, "ଅଲ୍ ରାଇଟ୍ ।"

ବିଶୁ ଝିଅଟି ଆଗକୁ ଯାଇ କଣ ଗୁଡ଼ାଏ ମନ୍ତ୍ର ପଢ଼ି ଫୁଙ୍କ ମାରି ଝାଡ଼ିବାକୁ ଲାଗିଲା । ସାହେବ ନିବିଷ୍ଟ ମନରେ ଘଡ଼ି ଧରି ବସିଲେ ।

ବିଶୁ ଝାଡ଼ୁଥାଏ ଆଉ ସାହେବ ଭାବୁଥାଆନ୍ତି । ସାହେବ ଭାବୁଥାଆନ୍ତି—ଏ ଟୋକାଟା କି ବୋକା ! କେବଳ ପିଲାଙ୍କ ଛାନିମାରି ଠକାଉଛି ବୋଲି ମୋତେ ବି ଠକାଇବାକୁ ଆସିଛି ! ଆପେ ଠକିଯିବ ଏଇଥର । ଏକଦମ ଜବଦ !

ଦଶ ମିନିଟ୍ ହୋଇଗଲା । ସାହେବ ଚିତ୍କାର କରି କହିଲେ କିସ (KISS) । ଆଦେଶ ମାତ୍ରେ ମେରିକୁ କିସ୍ କଲା, ଆଉ କହିଲା—"ଏଇ ଦେଖନ୍ତୁ ।"

ସାହେବ ବୁଝିଲେ । କାହିଁ କିଛି ହେଲା ନାହିଁ । ମେରି ଯିମିତିକି ସିମିତି । ପାଞ୍ଚ ମିନିଟ୍ ବିତିଗଲା । ତଥାପି ମେରି ଯେଉଁ ଝିଅଟି ସେଇ ଝିଅଟିଏ ହୋଇ ବସିଛି ।

ବିଶୁର ମୁହଁ କଳା ପଡ଼ିଗଲା । ସାହେବ ଖିଲିଖିଲି ହସି ଉଠିଲେ—ବୋଗାସ୍ (Bogus)

ଝିଅଟି ଉଠି ଚାଲିଗଲା । ବିଶୁ ମୁହଁ ତଳକୁ କରି ସଲାମ ମାରି ବାହାରି ଗଲା । ଶହେ ଟଙ୍କା ବି ହାରିଗଲା ।

ସାହେବ ଦିଅନ୍ତି ବାହାରେ—ଯେଉଁ ପିଲାମାନେ ବିଶୁ ପାଖରେ ମେସ୍ମା ହୋଇଥିଲେ ତାକୁ ଡାକି ପଚାରନ୍ତି ଦିନେ ଆସିବାକୁ ସାହେବ ହସି ହସି କହନ୍ତି—ଅଲ୍

( ଅକ୍ସଫୋର୍ଡ ୧୧ ସ୍ପ୍ରିଂ ଭେଜନ୍ତୁ )

Digitized by srujanika@gmail.com

କଥାଟିଏ କହୁଁ........

# ନୂଆ ଗଗନ ତଳେ

ଲେଖକ— କୁମାର ବଂଶୀଧର ଭୂୟାଁ

ଆଶ୍ୱାସନା ଦେଇ ସ୍ୱରରେ ନବଘନ କହିଲା, "କନ୍ୟା ! ତତେ ଧୈର୍ଯ୍ୟ ଧରି ଦୁନିଆର ସମ୍ମୁଖୀନ ହେବାକୁ ହେବ । ତାହାଙ୍କ ମଝିରେ ବଞ୍ଚିବାକୁ ଚାହୁଁ, ବଞ୍ଚିବା ଯେ ତୋର ହକ୍ ।"

"—ଏମିତି ବଞ୍ଚିବା ଠାରୁ ମରିବା ଭଲ, ବାବୁ । ବଞ୍ଚିବାର ହକ୍‌କୁ ଯେ ଏଇ ମଣିଷ ସମାଜ ଛଡ଼ାଇ ନିଏ । ମୋର ଆଜି କିଏ ଅଛି ? କେଉଁଠି ଆଶ୍ରୟ ନେବି ?"

"—ଆଶ୍ରୟ ଅଛି କନ୍ୟା—" କଥାରେ ଦୃଢ଼ତା ଓ ଛନ୍ଦ ଆଣି ନବଘନ ଉତ୍କଣ୍ଠିତ ପ୍ରାଣରେ କନ୍ୟା ମୁହଁକୁ ଅନାଇଲା ।

"—ନା ବାବୁ ! ଏ ହତଭାଗିନୀକୁ ଆଶ୍ରୟ ଦିଅନା । ତମ କୁଆଁରା ଜୀବନ ବ୍ୟର୍ଥ ହୋଇ-ଯିବ । ପୁଣି ତମକୁ ବଦନାମ କରିବେ । ସେ ବଦନାମକୁ ତମେ ଖିଆଲରେ ଉପେକ୍ଷା କରିଦେଇ କିଣ, ମୁଣ୍ଡ ଟେକି ଚାଲି ପାରିବ ? ମୋ ପାଇଁ ନିଜ ବାପାଙ୍କୁ କଳଙ୍କିତ କରନା । ବାପା, ବୋଉ, ଭାଇ, ବନ୍ଧୁଙ୍କ ସ୍ନେହରୁ ବଞ୍ଚିତ ହୁଅନା ।"

"—କନ୍ୟା ! ମୁଁ ଏଡେ ଦୁର୍ବଳ ହୃଦୟ ନେଇ ଜନ୍ମିନି ଯେ ମଣିଷର ବଦନାମରେ କାତର ହୋଇ ତମକୁ ପରିତ୍ୟାଗ କରିବି । ମୁଁ ମନୁଷ୍ୟର ମନୁଷ୍ୟତାକୁ ସମାଜର ଅତ୍ୟାଚାରରେ ଦଳି ଦେବାକୁ ଚାହେଁନା । ମୁଁ ମଣିଷ, ମଣିଷ ହୋଇ ବଞ୍ଚିବାକୁ ଚାହେଁ ।"

କନ୍ୟାର ପ୍ରାଣ ଭରି ଉଠିଲା । ତା ବୁକୁ ଭିତରେ ଅଭ୍ୟର୍ଥନାର ଭେରୀ ବାଜି ଉଠିଲା ନୂଆ ଜୀବନର ସୂଚନା ଦେଇ .. .. ସେଦିନ ବଂଶୀର ମୂର୍ଚ୍ଛନାରେ ସେ ବିଭୋର ହୋଇ ଭାବିଲା, ଧୂଳିରୁ ଆଣିଛି ଏଇ ନୂତନ ଦେବତା ଯିଏ ତାକୁ ଆଶ୍ରୟ ଦେଇଛନ୍ତି ତେବେ ସେଥିରେ ସେ ବାଧା ଦେବ କାହିଁକି ? ସେ ଦେବତା ହିଁ ତାର ପୂଜା ଗ୍ରହଣ କରି ଦେଇ ମୁକ୍ତି ପଥର ଯାତ୍ରୀ ହେଲେ ଜନ୍ମ ଜନ୍ମ ଯେ ନିଜେ ଅର୍ପି ଦେବା ପାଇଁ ଉଦ୍‌ବିଗ୍ନ । ତା ମନ କୃତଜ୍ଞତାରେ ଭରି ଉଠିଲା, ଅହା ! ନବବାବୁ କେତେ ଉଦାର—କେତେ ଦୟାବାନ । ସେ ଗଳବସ୍ତ୍ର ହୋଇ ନବଘନଙ୍କୁ ପ୍ରଣାମ କଲା ।

"—ଏ କଣ କରୁଛୁ କନ୍ୟା, ଏ କି ପାଗଳାମି" କହି ତାକୁ ଟେକି ଧରିଲେ । କହିଲେ, "ଚାଲ କନ୍ୟା ! ଆଜି ଏଇ ଧୂଳି ଧୂସର ସନ୍ଧ୍ୟାର ଶ୍ୟାମଳ ପଣତରେ ପଛ ଜୀବନର ସ୍ମୃତିକୁ ପୋଛି ଦେଇ ନୂତନ ଜୀବନକୁ ଅଭ୍ୟର୍ଥନା କରିବା । ଆ କନ୍ୟା ! ଚଞ୍ଚଳ ପାଦ ପକା—"

ତା ଗୋଡ଼ ଥରିଲା । ତାର ଏଇ ଜୀର୍ଣ୍ଣ କୁଡ଼ିଆଟିକୁ ନିର୍ଜନତାର ସାଥୀ କରି ଛାଡ଼ିବାକୁ ତା ମନ ମାନିଲା ନାହିଁ । ନବଘନ କନ୍ୟାର ହାତ ନିଜ ହାତରେ ଧରି ଘରୁ ବାହାରି ଆସିଲା । ବିଦାୟ ବେଳରେ କନ୍ୟା ଆଖିରୁ ଦୁଇ ଟୋପା ଅଶ୍ରୁ ଝରି ପଡ଼ିଲା । ସେତେବେଳକୁ ସନ୍ଧ୍ୟା ନଇଁ ଆସିଲାଣି । ପବନର ମର୍ମରରେ, ନଦୀର ତରଙ୍ଗରେ, ସାନ୍ଧ୍ୟ ପକ୍ଷୀର କଳ କୂଜନରେ ବିଜୟ ଶଙ୍ଖ ବାଜି ଉଠିଲା ଅନାଗତର ଆଗମନରେ ।

Digitized by srujanika@gmail.com

( ୨ )

ଦିନ ଥିଲା......ଯେତେବେଳେ କନ୍ୟାର ସୁନାର ସଂସାର ଗଢ଼ି ଉଠୁଥିଲା। ଦେବତା ପରି ସ୍ୱାମୀ ଥିଲେ। ଦରିଦ୍ର ସଂସାରଟିକୁ ବେଶ ସୁରୁଖୁରୁରେ ଟାଣି ଓଟାରି ନେଉ-ଥିଲେ। ସ୍ୱାମୀ ଟାଟାରେ ଚାକିରି କରେ। ଖାଇ ପିଇ ମାସରେ ଟ ୧୦୦ ପଠାଏ କନ୍ୟା ପାଖକୁ। ସ୍ୱାମୀ ବିଦେଶରେ— ସବୁଜ ପଲ୍ଲୀରେ କନ୍ୟାର ଦିନଗୁଡ଼ିକ ବଡ଼ ଶାନ୍ତ ବଡ଼ ଆରାମରେ କଟେ। ବେଳେ ବେଳେ ସେ ତନ୍ମୟ ହୋଇ ଚାରି ପଟ ଚାହିଁଣ ବଣ ପାହାଡ଼ ଦେଇ ଦେଖେ—ଝୁରୁଝୁରୁ ଝରୁଥିବା ଝଙ୍କୁରି ଗଛ......କଅଁଳ କୋଳିବଣ......ବଡ଼ ପୋଖରୀ...... ସବୁଜ ଧାନ କ୍ଷେତ। ତାପରେ ସେ ଅନାଏ ଦକ୍ଷିଣ ଦୂରକୁ। ଗଛ ପାଖରେ ନୀଳିଆ ଆକାଶ ତଳେ କାଳିଆ ପାହାଡ଼ ଟେକିଛି ବଣ। ତା ଭିତରେ ତା ସ୍ୱାମୀର ହସ ଭରା ସୁନ୍ଦର ମୁହଁଟି ଝଲସି ଉଠେ। ତା ଆଖିରେ ଲୁହ ଆସେ। ସ୍ୱାମୀଙ୍କ ପାଇଁ ସେ ଆଖି ବୁଜିଦିଏ। ଦୂରରୁ ଡାକ ଆସେ— "କୁଆ କେଉଁଠି ନେ......କେଉଁଠି?......ତ୍ରସ୍ତ ହରିଣୀ ଯୁବତୀ ଆବେଗରେ ଚମକି ଦେଇ ଛାତିରେ ହାତ ଧରେ। ସେ ଆଉ କଣ ଶୁଣୁଛି? ଯୁବତୀର ଚଞ୍ଚଳ ହୃଦୟ ମିଠା କଥାରେ ଯୁବକର ଚଞ୍ଚଳ ମନ ସାନ୍ତ୍ୱନା ପାଏ.........ସେତିକି ପାଇଲେ ସେ ନିଜକୁ ସୌଭାଗ୍ୟବତୀ ମନେ କରେ।

ମାସ ଶେଷରେ ସେ ଅନେଇ ବସିଥିଲା ଚିଠି ଆସିବ। କେତେ କଣ ସୁଖ ଦୁଃଖର ଖବର ଥିବ। ଏଇ ତ ବୁଢ଼ା ପିଅନ ଆସୁଛି।

"ଚିଠି!"

"ନା ମା ଆଜି ନାହିଁ।"

ଦିନେ, ଦି'ଦିନ, ତିନିଦିନ ଏହିପରି ବିତିଗଲା। ଚିଠିର ଦେଖା ନାହିଁ କି ଟଙ୍କା ବି ନାହିଁ। ତା ପ୍ରାଣ ବିକଳ ହେଲା। କେତେ କ'ଣ ଅମଙ୍ଗଳର କଥା ମନେ ପଡ଼ିଲା। ମା, ମା ମଙ୍ଗଳା ତାଙ୍କୁ ଆନନ୍ଦରେ ରଖିଥାନ୍ତୁ। ପନ୍ଦର ଦିନ ପରେ ଦିନ ଦିପହରରେ ବୁଢ଼ା ପିଅନ ଆସି ଗୋଟାଏ ଟେଲିଗ୍ରାମ୍ ଦେଇଗଲା। କନ୍ୟାର ମନ ଥାପ ଛୁଇଁଲା। ଆଉ ପୁଣି ଏ କଣ? ତାର ଖୋଲି ଦେଖି ବଡ଼ ଜୋରରେ ପଢ଼ିଗଲା, ମୋଟେ ଛଅଟି ଲାଇନ ଲେଖା ହୋଇଛି—

ସ୍ନେହର କନ୍ୟା!

ଅଧୈର୍ଯ୍ୟ ହେବନି। ନଟବର ଡାକ୍ତରଖାନାରେ ଅଛି। ତୁ ଶୀଘ୍ର ଆ। ଆସିଲେ ସବୁ......

—ନବଘନ

ଅଗୋ ଏ କ'ଣ ହେଲା? ଡାକ୍ତରଖାନାରେ କାହିଁକି? ମା ମଙ୍ଗଳା.........କଣ କରିବାକୁ ହେବ କିଛି ସେ ଠିକ୍ କରି ପାରିଲାନି। ସେଇଦିନ ସେ ଗହଣା ପତ୍ର ଧାର ଉଧାର କରି ଦଶଟି ଟଙ୍କା ଯୋଗାଡ଼ କଲା। ରାତିରେ ସନିଆ ବୁଢ଼ା ଆସି ଗାଡ଼ି ଚଢ଼େଇ ଦେଲା। ସେ ଟାଟା ଆସିଲା।

କାରଖାନାରେ ଆକ୍ସିଡେଣ୍ଟ ହୋଇ ନଟବର ଡାକ୍ତର-ଖାନାରେ ପଡ଼ିଛି। କନ୍ୟା ଭାଗ୍ୟରେ ପୁଣି ଏଇଥି ଲେଖା-ଥିଲା? ତା ଆଖି ଆଗ ଫୁଟି ନଗଲା କାହିଁକି? ସାରା-ଅଙ୍ଗେ ବ୍ୟାଣ୍ଡେଜ ବନ୍ଧା, ଦେହ ସାରା ଫୁଲେଇ ବି ଯାଇଛି। ବଡ଼ ଅସହ୍ୟ ବୋଧ ହେଉଛି। ନଟବର ଖାଲି କୁହୁକୁହୁ ହୋଇ ବ ଆଖିରେ ଅନେଇଛି। କଥା କହିବାର ଶକ୍ତି ବି ନାହିଁ। ଦିନେ, ଦି'ଦିନ, ତିନି ଦିନ, ଚାରିଦିନ ପରେ ଡାକ୍ତର ଅନୁରୋଧରେ ନବଘନଙ୍କୁ ଡାକି କହିଲେ, "No hope"

ଶୁଣିଥା ଗଲା......ନଟବର ବ୍ୟାଣ୍ଡେଜ୍ ବନ୍ଧା ମୁଣ୍ଡଟାକୁ ଟେକି ନବଘନଙ୍କୁ ଚାହିଁଲା। ତାର ସେଇ କରୁଣ ଚାହାଣୀ କହୁଥାଏ କେତେ ଯୁଗର ଅତୃପ୍ତ ଅବସାଦର ବ୍ୟଥା ଭରା ମରମ କାହାଣୀ ନବଘନ ସବୁ ଅନୁଭବ କଲେ। ଆହା...... ଅଭାଗିନୀ କନ୍ୟା......ତା ଆଖି ଛଳ ଛଳ ହୋଇ ଆସିଲା। ନବଘନ ଉପରୁ ଦୃଷ୍ଟି ଫେରାଇ ନଟବର କନ୍ୟାକୁ ଦେଖିଲା। କନ୍ୟା ପଲକେ ମାତ୍ର ମନ ଭରି ସ୍ୱାମୀ ମୁହଁକୁ ଦେଖିଛି, ତାପରେ ସବୁ ଶେଷ। କନ୍ୟା କାନ୍ଦି କାନ୍ଦି ନଟବରର ମୃତ ଦେହ ଉପରେ ଲୋଟି ପଡ଼ିଲା।

ଯୁବତୀର ସୋହାଗ ଲୁଟିନେଲା ଅଦୃଷ୍ଟ ଦେବତା। କନ୍ୟାର ଆଉ କିଏ ଅଛି? ନବବାବୁ ସାନ୍ତ୍ୱନା ଦେଇ ତାଙ୍କୁ ଏତେଦିନ କଟେଇ ରଖିଥିଲେ, ନହେଲେ ସିଏ ବି କେଉଁଦିନ ତପ୍ତ ଖରା ଝାଞ୍ଜିରେ ଝାଉଁଳି ପଡ଼ନ୍ତାଣି। ଆହା......ନବବାବୁ........

( ୩ )

ଏକ ଏକ ହୋଇ କେତେ ମଉସମ ବିତିଗଲାଣି। ସେଇଦିନୁ ମଉସମର ପରଶରେ କନ୍ୟା ଆଉ ନବଘନଙ୍କ

Digitized by srujanika@gmail.com

ଯୌବନ ଫୁଟି ଉଠି ଫେରି ହୋଇ ଉଠିଛି । ବନ୍ୟା ହୋଇଛି ନବଘନର କୁଆଁର ଜୀବନର ସାଥୀ । ନବଘନ ଯେଉଁଦିନ ପହିଲେ ବନ୍ୟା ଆଗରେ ଭଲ ପାଇବାର କଥା ତୋଳିଲା, ବନ୍ୟା ଉପେକ୍ଷା କରି ପାରିନଥିଲା । ନୂଆ ଜୀବନରେ ପଦାର୍ପଣ କରିବାର ଠିକ୍ କେଇଟି ଦିନ ପରେ ନବଘନ ପଚାରିଥିଲା— "ବନ୍ୟା ! ତୋ ମୁହଁରୁ କଣ ଏ ଉଦାସର ଛାୟା ଧୁଇଁବନି ? ତୋର କ'ଣ ଅବହେଳା ହେଉଛି କହ । ମୁଁ କଣ ତତେ ଭଲ ପାଏ ନା ?"

ବନ୍ୟାର ଫିକା ମୁହଁରେ ରକ୍ତିମାଭା ଭରି ଉଠିଲା । ସେ ଲାଜରେ କୁଢ଼ ବୁଢ଼ ହୋଇ ଛିଡ଼ା ହେଲା । ନବଘନ ଆସି ବନ୍ୟାର ଓଠକୁ ଟେକି ଦେଇ ଚୁପା ଗଳାରେ କହିଲା, "କହ ବନ୍ୟା......" ବନ୍ୟା କିଛି କହି ପାରିଲାନି । ତା ଆଖି ପତା ତଳକୁ ହୋଇଗଲା । ସେ ଆଉ କ'ଣ ଅଭିଯୋଗ କରନ୍ତା ? ନାରୀ ସେ......ଯୁବତୀ......ସେ କଣ ଏତେ କଠୋର ହୋଇ ପାରେ ? କାହାକୁ କାହିଁକି ସେ ଭଲ ପାଇବାକୁ କୁଣ୍ଠିତ କରିବ । ଯେ ଭଲ ପାଇ ଜାଣିଛି ପାଇ ! ସେଇଥିପାଇଁ ନବଘନ ବନ୍ୟାର ଭଲ ପାଇବାର ଅଞ୍ଜଳି ତରଙ୍ଗରେ ଭାସି ଭାସି ଚାଲିଲା ।

କୁଆଁର ପ୍ରାଣରେ ବନ୍ୟାର ଅନ୍ତରାତ୍ମା ଜମାଟ ବାନ୍ଧି ଗଲାଣି । ସେ ଆଉ ସେଥିରୁ ବଞ୍ଚିତ ହେବନି । କିନ୍ତୁ ଯେଉଁଦିନ ସେ ଦେଖିଲା ନବ ବାବୁଙ୍କ ଭଳି ଚିଠି ଦେଇଛନ୍ତି ତାଙ୍କର ପ୍ରେମର......ସମସ୍ତ ଅନ୍ୱେଷଣ ହୋଇ ସାରିଛି । ତା ମନ ଚକ୍ରି ହୋଇ ଉଠିଲା । ବୁକୁଟା ଧୁ ଧୁ ହୋଇ ଜଳି ଉଠିଲା । ସେଇ ଧୁ ଧୁ ମଧ୍ୟରେ ବନ୍ୟାର ଭୂତଶ୍ରୀ ପୋଡ଼ି ଅଙ୍ଗାର ହୋଇଗଲା । ଇଏ କ'ଣ ହେଲା......ଦେବତାର ଆଶିଷ ମଧ୍ୟରେ ଏ ଝଡ଼ର ପ୍ରବାହ ପୁଣି କାହିଁକି ? ଏଇ କଣ ତା ଦାନର ପ୍ରତିଦାନ ? ସେ ଏ ଝଡ଼କୁ ମୁଣ୍ଡ ପାତି ସହି ନେଲା । ସେ କଣ ଜାଣିନି ଯେ ସ୍ୱାର୍ଥହୀନା । ନାରୀ ଯେତେବେଳେ ନିଜ ତ୍ୟାଗ କରନ୍ତି ତାକୁ ଯେ କେତେ ଝଡ଼ ତୋଫାନ ସହିବାକୁ ହେବ । ଶେଷରେ ତା ସାଧନା ଜୀବନଟା ମୂକର ହୋଇ ଉଠୁ ତା ନିର୍ବାଣ ହେଉ ।

ନବଘନ କର୍ମ ପଥରୁ ଫେରିଲା ପାଞ୍ଚଟାରେ—ବନ୍ୟା ପଚାରିଲା, କେବେ ଶୋଇ ଯାଉଛ ?

—ଟୀ କୁ—

"—ହଁ, ତମର ପର ବ ଭ୍ରମର ଭଳି ଚିଠି ଦେଇଛନ୍ତି ।"

"—ନା ବନ୍ୟା ! ଆଉ ସେକଥା କହନା । ତତେ ଛାଡ଼ି ଆଉ ମୁଁ ବଞ୍ଚିତ ହେବ ? ଆଉ କେବେ ଭ୍ରମର ହୋଇ ଥାନ୍ତା ବନ୍ୟା । ଆମର ଯେ ଏଇଟା ହୃଦୟର ସ୍ୱାଦନ୍ତ ସହିତ ବନ୍ଧନ, ଆଉ କ'ଣ ଗୋଟାଏ ହାତରେ ଅନ୍ୟ ହାତ ଟାଏ ଛନ୍ଦି ଧରି ହୋଇ ତାଦ୍ୟ ମନ୍ତ୍ର ମୁଖ ଭିତରେ ପ୍ରେମର ପୂର୍ତ୍ତିତା ପାଇ ଥାନ୍ତା ? ଏଇଟା ଯେ ଚିରନ୍ତନ ଶାଶ୍ୱତ ବନ୍ଧନ ବନ୍ୟା । ତୁ କଣ ମତେ ଅବିଶ୍ୱାସ କରୁଛୁ ?

ବନ୍ୟା ମୁହଁ ଅଭିମାନରେ ଫୁଲି ଉଠିଲା । ସେ କହିଲା ନା ନା ତମେ ଯାଅ । ମୁଁ ତ ଖତ ଗଦାର ମଳି ମସିଆ ଧୂଳ ମୋର ପୁଣି ଗୋଟାଏ ଅଦର କ'ଣ ! ତମେ ନୂଆ ବଧୂ ଆଣ......ଘର କର ଗର୍ବରେ ରହ, ଏଇ ମୋର ଆନନ୍ଦ.........। ସେ କାନ୍ଦି ଉଠିଲା । ନବଘନ ତାକୁ କୋଳକୁ ଟାଣି ଆଣି ସାନ୍ତ୍ୱନା ଦେଲା, "ନା ବନ୍ୟା ! ତୋ ପାଖରୁ ମତେ ଅଲଗା କରନା......ମୁଁ ପାଗଳ ହୋଇଯିବି !" ବନ୍ୟା ମନ କିନ୍ତୁ ମାନିଲା ନି । ସେ ମନ ଭରି କାନ୍ଦିଲା । ନବଘନ ଧୈର୍ଯ୍ୟଧରି ରହି ପାରିଲା ନି । ତା ଆଖିରୁ ମଧ୍ୟ ଝର ଝର ହୋଇ ଲୁହ ଝରି ପଡ଼ିଲା ।

ତା ପରଦିନ

ନବଘନ ଦୁଆର ମୁହଁରେ ଡାକିଲା, ବନ୍ୟା—

"—.........."

"ବନ୍ୟା—, ଦେଖିଲୁ ତୋ ପାଇଁ କ'ଣ ଆଣିଛି । ସେ ଘର ଭିତରକୁ ପଶିଗଲା । କିନ୍ତୁ ବନ୍ୟା କାହିଁ ?

ବନ୍ୟା—, କଣ୍ଠରେ କର୍କଶତାର ରାଗିଣୀ ।

ତା ହାତରୁ ଶାଢ଼ୀଟି ପ୍ୟାକେଟଟା ଖସି ପଡ଼ିଲା ଅଳକ୍ଷରେ । ସେ ତନ୍ମୟ ହୋଇ ତା ଚିଠିକୁ ପଢ଼ିଗଲା । ବନ୍ୟା କାହିଁ ! ଇଏ କଣ......ଏଇଟା ଯେ ବନ୍ୟା ହାତର ଲେଖା । ପଢ଼ିଲା,

ଦେବତା,

ଯାଉଛି । ଆଉ ନାହିଁ ଲେଖିପାରିବି । ତମେ ଯେଉଁ ଦାନ ଦେଇଛ ସେଥିପାଇଁ ମୋର ଜୀବନର ପାଥେୟ । ତମର ସ୍ମୃତି ଭଲ ପାଇବାଟାକୁ ମୋର ମୁକ୍ତିପଥ ସହାୟକ କରିଛି । ଆଉ ଜନମର କେତେ କଣ ଅବସାଦ ନାହିଁ ।

(ଶେଷାଂଶ ୧୧ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# କାନିଆ ବଳଦ ଗଲ୍ପ ଗଲ୍ପ………

ସଂଗ୍ରାହକ:—ଶ୍ରୀ ଦେବ ମହାପାତ୍ର

ସ୍ୱାମୀ— (ଝିଅର ହାତ ଧରି) କାହୁଁ ଆସୁଚ ? ତମେ ଏମିତିଆ ଗୋଟାଏ ଟାଣ୍ଡିଆ ଖୁଣ୍ଟରେ ଝିଅର ହାତ ଧରିଅଛ, ଦେଖନ୍ତି ଲୋକ କି ନାହିଁ ।

ସ୍ତ୍ରୀ—ତାଙ୍କ କଥା, ମୁଁ ତ ଆଜି ଅଳ୍ପରୁ ଗୋପା ଛାଡ଼ିଗଲି ତେଲକୁ ସେଥିରେ ବେଶ୍ ଦାଢ଼ ଥିଲା !

\+ \+ \+

"ମୋ ଝିଅ ପକ୍ଷେ ମଝଚ ମୁଁ ଦେଖିଛି, କିନ୍ତୁ ଭାର୍ଯ୍ୟା ହିସାବରେ—କେବେ ନୁହେଁ ।"

"ସତ ? ଅଚ୍ଛା ମୁଁ ଜାଣି ନ ଥିଲି ଆପଣ ଝିଅର ଜୀବନବୀମା କରେଇଛନ୍ତି ବୋଲି ।"

\+ × \+

"ବାପା ମତେ ପଇସାଟିଏ ଦିଅ ଟଫି କିଣିବି—ଭାରି ଗରମ ହଉଚି ।"

"ଛିଃ, ମୋ ସୁନାଟା ପରା ଏ ଗୁଡ଼ାକ ଅନର୍ଥକ ଖର୍ଚ୍ଚ—ମୁଁ ପାଉଚି ତତେ ଏମିତି ଗୋଟିଏ ବଢ଼ିଆ ଭୂତ କଥା ଶୁଣେଇବି ଯେ ସେଇଟା ତୋ ପିଣ୍ଡରୁ ପାଣି କରିଦେବ ।"

× × ×

"ଅଚ୍ଛା, ବାବୁ, ତୁ ବଡ଼ ହେଲେ କଣ କରିବୁ ?"

"ମୁଁ ବଡ଼ ହେଲେ ଖୁବ ଲମ୍ବା ଦାଢ଼ି ରଖିବି ।"

"କାହିଁକି ରେ ?"

"ତା ହେଲେ ମତେ ଆଉ ବେଶି ମୁହଁ ଧୋଇବାକୁ ପଡ଼ିବନି ।"

\+ \+


## କୁବେର ବ୍ୟାଙ୍କ ଲି:

ହେଡ୍ ଅଫିସ—କଲିକତା

**ଶାଖା ଅଫିସ ମାନ:—**

ଡାକା, କାଲିମ୍ପଙ୍ଗ୍, ସିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

**୧୬ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତ ପ୍ରକାର ବ୍ୟାଙ୍କିଂ କାର୍ଯ୍ୟ ନିର୍ବାହ ହୁଏ ।
ଜାଜପୁର ଶାଖା ଶୀଘ୍ର ଖୋଲାଯିବ ।

**ଏସ୍: କେ: ଚକ୍ରବର୍ତ୍ତୀ**
ମ୍ୟାନେଜିଂ ଡାଇରେକ୍ଟର


Digitized by srujanika@gmail.com

# କଟକ ସହର

ଲେ:— କାନ୍ତକବି

[illegible]ଣି ଥିଲି କଟକଟା ଗଳ୍ପଶି ବଡ଼ଲି,
ଆଜି ଯା ଦେଖିଲି—ଅଛି ଠିକ୍ ସେଇ ଭଳି ।
ସେଇ ନାଲି, ଗୁଲୁଗୁଲୁ, ସେଇ ନାଲିମାଟି,
ସେଇ ପେଲୁ କଣ୍ଟାବାଡ଼, ସେଇ ପଟାପାଠି ।
ଏଣେ ଚଢ଼ି ଯାଉଅଛି ମଶାଙ୍କର ଦଳ
ସେତ ବୋଧହୁଏ ବ୍ଲକ ବ୍ୟାଙ୍କର ଫଳ ।
ଶୀତଦିନ ଠିଆବ ହୋଇ କୋଟି କୋଟି ମଶା,
ଯୁଦ୍ଧୋଦ୍ୟମ ହେତୁ ଘରେ ଘରେ ଛନ୍ତି ପୋଷା ।
ଆଜି ବାହାରିଛି ସେ ଖ୍ୟାତ ନର୍ଦ୍ଦମାର ମାଲ,
ବଡ଼ ବଡ଼ କଟକୀଆ ହୋଇ ପଲ ପଲ ।
ପୋଲିସ୍ ଶାଇସ୍ତ ଦେଇ ଘାଣ୍ଟୁଛନ୍ତି ନାସ୍ତକ
ପାଉଛନ୍ତି ମେଞ୍ଚା ମେଞ୍ଚା ସାଲୁବୁଡ଼ା ପୋକ ।
କଳା ପଟେ ଲାଲ ପଟ ହୋଇ ଦେହେ ଗଢ଼,
ସଡ଼କର ନାଲିଧୂଳି ଯଉ ଅଛି ପଡ଼ି,
ଦିଶୁଛନ୍ତି ଆହା କେଡ଼େ ମନୋହର ଛବି
ନାଲିକାଳେଣି ଏତେ କଲା ଅସ୍ତଗାମୀ ରବି !
ଓଡ଼ିଆଙ୍କ କେପିଟାଲ ହୋଇଛି କଟକ ।
Capital !—କେପିଟେଲ ସିନେମା ଫଟକ !
'ଟୁମ୍ବନି'ଟା ବୁଝିବାକୁ ନ ପଡ଼ିଲା ଖଞ୍ଜି,
କାଳିବାବୁ ମୁହଁ ମୋଡ଼ ଠେକି ଛନ୍ତି ଲଞ୍ଜି ।
ଟେକିଦେଇ ଘୋଡ଼ା ଗାଡ଼ି ପଡ଼ ଅଛି କମ,
ମକ୍ସାର ଘଣ୍ଟି ଗୀତ ଯାଇ ଅଛି ଜମି ।
ଛଅଙ୍କର ନାଚ-ନୂଆ ପ୍ରଗତିର ଡୋଳ,
ଦେଶୋଦ୍ଧାର ପାଇଁ ଏଇ ଏକା ରେମ୍ବୁଲ ରୋଳ !
ସାହିତ୍ୟକ ସମ୍ମିଳନୀ କଥା ନୁହେ ଭଲ,
ମାନୁଅଛି କେ ସମ୍ବାଦ ତାଙ୍କର ପାଞ୍ଜିରେ ।
ପଞ୍ଜିକା ସାହେବ ହୋଇ ପାଠ ବୁଲାଉଛି,
ହିମାଳୟଙ୍କ ଛାତି ତଳେ ଛନ୍ତି ମୂଳ ପେଲି ।
[illegible] ଶିବାନିରେ ସଂଗୀତର [illegible] ।

ବଡ଼ ହେଉଛନ୍ତି ତାହିଁ କେତେ ପାହା କାଲି ।
ସେନା ଫାଣ୍ଡ ମାହାଦ୍ଦାର୍ଯ୍ୟ ହେଲା ସହ୍ୟ ବଡ଼
ଫଟଫଟ କମାଇଲେ ଆପେରେ ଆଜୀବନ ।
ପଣ୍ଡିତଙ୍କ ଧଳା ଦାଢ଼ି ଯଉ ନାହିଁ ଦେଖା,
କମ୍ପ୍ଳେକ୍ସ ସାଧୁଛନ୍ତି ଘରେ ବସି ଏକା !
କଟକର ଜଳବାୟୁ ନୋହିବାରୁ ଗ୍ରାହ୍ୟ,
ଚେଷ୍ଟା କରି ହେଲେ ଚେଷ୍ଟଲେଷ୍ଟର ବାବାଜୀ ।
କୋଷ୍ଟଅଙ୍କ ପଦ୍ମସ୍ଥଳେ ଧରିଲେଣି breif
ବୁଢ଼ାକାଳେ ସେଥିପାଇଁ ବଡ଼ ତାଙ୍କ grief
ଧାନ, ଗୁଆ ଗୁଣ୍ଡି ଦର ଯିବାରୁଛି ଚଢ଼
ବ୍ରଜବାବୁ ମନଦୁଃଖେ ପଡ଼ିଲେଣି ଝଡ଼
କରୁଛନ୍ତି ଲଗିପଡ଼ ସଂଗୀତ ସାଧନା
ସା-ରେ-ଗା-ମା, ଯୋଗେ କରି ତତ୍ତ୍ୱର ଯୋଜନା ।
ତ୍ରିଲୋଚନ ଭଣ୍ଡାରୀ ବାବୁ ଗେୟାଇଣ ତଣା
କରୁଛନ୍ତି ଅଭଙ୍ଗା କେଉଁ ଗବେଷଣା ।
ସ୍ୱାମୀଜୀ ହେଲେଣି ବୁଢ଼ା, କିନ୍ତୁ ତାଙ୍କ ମନ,
ହୋଇନି ତ ବୁଢ଼ା !—ଅଛି କଥା ଛନ ଛନ ।
ଆଗୁଆଙ୍କ ଏକାନ୍ତ ସଙ୍ଗେ ହରିନାମ
ଖପ ଖାଇ ଯାଉଛି ହୋଇ ହାଲିଂ ବୋମ ।
ଆରେ, ହାଇକୋର୍ଟ !—କି ହା ଲଗେଇ ଛୁଟକ ମେଳ
ଓଡ଼ିଆର ଭାଗ୍ୟ ସତେ ଅଛି ରଜନୀକା ।
କଣେ ଛଡ଼ାଇଲ ଦଳ ଅନ ଖାଏ କାନ୍ଥ,
କେସହିବ ସହ୍ୟ—ଯାହା ଦେହେ ନାହିଁ ଲହୁ ।
ଯାହା ତାହା ହାତେ ଥରେ ମଙ୍ଗ ଦେଇ ଛାଡ଼,
ସମ୍ଭାଳିଲେ ଭଲ ହେବ ?—ନାଆ ଗଲା ବୁଡ଼ି ।
ଚନ୍ଦ୍ରଗୁପ୍ତ ଗୃହଦାସ୍ୟ କି ହାଡ଼ିଲ ପ୍ରାୟେ
ମାନ୍ଧାତା [illegible] ଦେଖିବେ ନ [illegible] ।
କଟକ ସହର ଯିବା [illegible]
[illegible]

—o—

Digitized by srujanika@gmail.com

( କାହାଣୀ ୮ମ ପୃଷ୍ଠା ଉତ୍ତାରୁ )

ଅପର ଦେବ ଶାଶ୍ୱତ ବନ୍ଧନଟାକୁ ଚିରନ୍ତନ କରିବା ପାଇଁ ମୋର ମନର ସେଇଟା ଅଳ ଚମତ୍ ଅଟଗା ହୋଇଛି । ତମର ଅକ ମନର କଥା ନାହିଁ... ସବୁ ତମର ।

ସାଥି—
ସନ୍ଧ୍ୟା

ଜୀବନର ମୁକ୍ତି ଛିଣ୍ଡିଗଲା । ପଥହରା ପକ୍ଷୀ ଅଶ୍ରୟ ନୀଡ଼ ତ୍ୟାଗ କରି ମୁକ୍ତ ଅବକାଶରେ ଉଡ଼ିଗଲା । ମାନସୀ ତାର ଡେଣା ଦୁଇଟାକୁ ଫର୍ ଫର୍ କରି ବ୍ୟାକୁଳ କଣ୍ଠରେ ଡାକିଲା......

ଫେରିଆ...... ଫେରିଆ......

ସେ ଏହାର କିଛି ଉତ୍ତର ପାଇଲାନି । ଖାଲି ମୁକ୍ତ ଗଗନ ଭିତ୍ତରୁ ଦୂରେଇ ପବନ ଅଣିଦେଲା ତାକୁ ଗୋଟାଏ କରୁଣ ମିଶା ପ୍ରତିଧ୍ୱନି......

ଫେରିଆ...... ଫେରିଆ......

( ମଜାକଥା ୮ ପୃଷ୍ଠା ଉତ୍ତାରୁ )

ବିଶୁର ବାଜିମରା ଅଭ୍ୟାସଟା ଛଡ଼ାଇ ଦେଇଛି । ଏଇ ଶଏ ଟଙ୍କା ହାରିଗଲା ଗୋଟାଏ ଅସମ୍ଭବ କଥାରେ ବାଜି ମାରି । ଏହା କହି ସବୁ ଘଟଣା ବର୍ଣ୍ଣନା କରିଗଲେ । ପିଲାଙ୍କର ମୁଖିଆ ଜଣକ କହିଲା—ସାର୍ ବିଶ୍ୱନାଥ ବାଜି ହାରି ନାହିଁ ବରଂ ଜିତିଛି । ସାହେବ କହିଲେ—କିପରି ? ପିଲା କହିଲା— ବିଶ୍ୱନାଥ ଆମ ସାଙ୍ଗରେ ଦୁଇଶହ ଟଙ୍କାର ବାଜି ମାରିଥିଲା ଯେ, କି ସେ ଆପଣଙ୍କ ଦ୍ୱାରା ଅସ୍ତୁତ ହୋଇ ଆପଣଙ୍କ ସାମନାରେ ଆପଣଙ୍କ ଟିଅକୁ ନେଇ କହିବ । ଏଠି ଶଏ ଦେଲା, ସେଠି ଦୁଇଶ ନେବ । କାରି ତାର ରହିଲା ଶଏ ।

ସାହେବ ହତବୁଦ୍ଧି ହୋଇ ବସିପଡ଼ିଲେ ।*

* ଗୋଟିଏ ବଙ୍ଗଳା ଗଳ୍ପରୁ ଗୃହୀତ ।

## କୁତୁକୁତୁ

ଜଣେ କାର୍ମିଲୋକର ଘର ଭିତରକୁ ଗୋଟାଏ କୁକୁଡ଼ା ପଶିଆସିଲା— ତା ଭାରିଯା କହିଲା "ଏଇଟାକୁ ମାରିଦେଇ ରାତିରେ ତିଅଣ କର ।" କାର୍ମି କହିଲା, "ସକାଳଯାଏ ଅପେକ୍ଷା କର, ସେ ଅଣ୍ଡାଟିଏ ଦେଇପାରେ ।"

× × ×

ବାପ— ମୁଁ ମଲା ପରେ ଟଙ୍କାଟିଏ ଦେଏ, ତୁ କଅଣ କରିବୁ ।

ପୁଅ— ମହାଲ ଗଣି ଦେଖିବି ।

+ + ×

ଗୋଟିଏ ଲୋକ ଦୋକାନ ର କାମିଜ ଅଳ୍ପ ଉପରେ ଖସେଇ କରୁଥିଲା ଆଉ ପରୀକ୍ଷା କରି ଦେଖୁଥିଲା ଠିକ ହଉଛି କି ନା । ଦୋକାନୀ ତା ପାଇଁ ହେଣ୍ଡେ ଅଣିଲା । ପଛେ ଭିତରକୁ ଗଲା ବେଳକୁ ଲୋକଟି ଦଉଡ଼ି ପଳାଇଲା । ଗୋଟାଏ ପୁଲିସ ଜର୍ମନ ଦୋକାନ୍ତେ ମାଉଥିଲା ପିସ୍ତଲ ଉଠେଇଲା ଗୁଳି କରିବାକୁ । ଦୋକାନୀ ବ୍ୟସ୍ତ ହୋଇ ଚିତ୍କାର କଲା, ଯଦି ଗୁଳି କରିବ ତା ଲୁଗାରେ ଗୁଳି କର, କୋଟ କାମିଜ ଦିଟା ଯାକ ମୋର ।

× × ×

ପୋଲିସ ଆମେ ଆପଣଙ୍କ ସ୍ତ୍ରୀର ସନ୍ଧାନ ପାଇ ପାରିଛୁ ।

ରସବାବୁ— ପାଇଲେ ? କଣ କହୁଛି ସେ ?

ପୋଲିସ— କିଛି ନାହିଁ ।

ରସବାବୁ— ତେବେ ସେ ମୋ ସ୍ତ୍ରୀ ନୁହେ ।

+ × +

"ଯାହା ଯେମିତି ଘଟଣା ଘଟେ ମୁଁ ସବୁ କଥା ସବୁବେଳେ ମୋ ଭାରିଯା ଆଗରେ କହିଦିଏ ।"

"ଏଇଟା ଭାରି ଭଲ କଥା ନା ? ମୁଁ ତ ଏମିତି କଥା କହେ ଯାହା କେବେ ଘଟିନ ।"

( ଦେବ ମହାପାତ୍ର )

Digitized by srujanika@gmail.com

# ହରେକି ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ନ୍ୟୁନ ବାଳକ ବାଳିକାମାନଙ୍କ ପାଇଁ)

ଉଦ୍ଦେଶ୍ୟ—

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନ ପରିସର ବଢ଼ାଇବା, ଚରିତ୍ର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଜଗତର ମଧ୍ୟସ୍ଥଭାବରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

## ସ୍ୱର୍ଗତ ପାଣିଗ୍ରାହୀ

ସ୍ନେହର ନାଗ ଭାଇ ଭଉଣୀମାନେ,

ଆପଣମାନେ ବୋଧହୁଏ ଭଗବତୀ ପାଣିଗ୍ରାହୀଙ୍କ ନାମ ଶୁଣିଥିବେ। ସେ ଜଣେ ବିପ୍ଳବୀ କର୍ମୀ ଓ ଦେଶ ସେବକ ଥିଲେ। ତାଙ୍କର ମୃତ୍ୟୁରେ ଓଡ଼ିଶାର କେଉଁ କ୍ଷତି ହୋଇଛି ତାହା ବର୍ଣ୍ଣନାତୀତ। ସେ ଆଜି ବଞ୍ଚିଥିଲେ ଦେଶର ଅଶେଷ ଉପକାର ହୋଇ ଥାଆନ୍ତା। କିନ୍ତୁ ଓଡ଼ିଶାର ଦୁର୍ଭାଗ୍ୟ ଯେ ଭଗବାନ ଏପରି ଜଣେ କର୍ମୀଙ୍କୁ ଅକାଳରେ ହରାଇଛି। ମୁଁ ଆଜି ତାଙ୍କର ବିଷୟରେ କିଛି ଆପଣମାନଙ୍କୁ କହିବି।

ଭଗବତୀଙ୍କର ମୃତ୍ୟୁ ଘଟିଛି ତା ସତ୍ୟ, ମହାତ୍ମାଙ୍କ ମୃତ୍ୟୁ ପରେ ନୂତନ ଜୀବନ ଆରମ୍ଭ ହେଲା ଭଳି ତାଙ୍କର ମଧ୍ୟ ନୂତନ ଜୀବନ ଆରମ୍ଭ ହୋଇଛି। ଉଭୟ କଥା ମୋତେ ସମାନ ଲାଗେ। ଭଗବତୀ ଯେ ଏ ସଂସାରରେ ନାହାନ୍ତି ତାଙ୍କୁ ଯେ ଆମେ କୌଣସି ବହିରିନ୍ଦ୍ରିୟ ସାହାଯ୍ୟରେ ଅନୁଭବ କରି ପାରିବା ନାହିଁ—ଏକଥା ଖାଲି ମୁଁ ନୁହେଁ, ତାଙ୍କର ପରିବାରର ସମସ୍ତେ ଓ ବନ୍ଧୁବର୍ଗ ତଥା ତାଙ୍କ ସମ୍ପର୍କରେ ଆସିଥିବା ଶିକ୍ଷିତ ଅଶିକ୍ଷିତ ପ୍ରତ୍ୟେକ ବ୍ୟକ୍ତି ଅସ୍ୱୀକାର କରିବାକୁ ନାହାନ୍ତି। ଅବଶ୍ୟ ଏହା ଗୋଟିଏ ଦିଗରୁ ବୋଲି ମୁଁ। କିନ୍ତୁ ଅନ୍ୟ ଦିଗରୁ ଦେଖିଲେ ସେ ଭଳି ଲୋକମାନେ ଯେଉଁ ସଂସ୍ଥାରେ ସମ୍ପୃକ୍ତ ଥିଲେ, ସତ୍ୟ ଭାବରେ ପ୍ରତିପନ୍ନ ହୁଏ ଯେ ସେ ଲୋକମାନେ ବା ପାଗଳାମି ନ କରି ବୁଦ୍ଧିରେ କାମ କଲେ ଅଧିକ ଯୁକ୍ତିଯୁକ୍ତ। ଭଗବତୀଙ୍କ ମୃତ୍ୟୁ ପରେ ତାଙ୍କ ଜୀବନ ସହିତ ପରିଚିତ ପ୍ରତ୍ୟେକଙ୍କର ଏହା ଅଧିକ ସେଭଳି ବୁଝିହୁଏ ଆସିଛି।

ଏକଥା କହିବାରେ ମୋର ଯଥେଷ୍ଟ କାରଣ ଅଛି। ତାଙ୍କର ମଧ୍ୟମ କନ୍ୟାକୁ ଭଗବତୀ ଅତ୍ୟନ୍ତ ସ୍ନେହ କରୁଥିଲେ। ଅବଶ୍ୟ ଅନ୍ୟ କନ୍ୟାକୁ ଯେ ଘୃଣା କରୁଥିଲେ ତା ନୁହେଁ। ଯେହେତୁ ନିଜର ରକ୍ତ ସମ୍ପର୍କ ନିକଟରେ ସ୍ନେହର ହାର ଅଧିକ ହୋଇଥିବା ଭଳି ମାନବୀୟ ଦୁର୍ବଳତା ତାଙ୍କର ଥିଲା ବୋଲି କହିବା ଯେତିକି ଠିକ୍ ବୋଲି ମନେ ହେବ ସେତିକି ଭୁଲ, ଖାଲି ନୁହେଁ ଅଧର୍ମ ବୋଲି ପ୍ରତୀତ ହେବ।

ଏଥିପାଇଁ ଏତିକି କହି ହୁଏ ଯେ ପାରେ ତାଙ୍କ ବ୍ୟକ୍ତିଗତ ଜୀବନକୁ ସମାପ୍ତ ଦେଇ ତା ଉପରେ ଠିଆ ହୋଇଥିଲେ ଜାତିଗତ ଜୀବନର ମୂଲ୍ୟ।

ହଁ ମଧ୍ୟମା କନ୍ୟା ପ୍ରତି ତାଙ୍କର କିଛି ଏ ଅଧିକ ସ୍ନେହ ଥିଲା। ସେହି ପିଲାଟି ଥରେ ତାଙ୍କ ପାଖକୁ ଯାଇ କହିଲା—"ବାପ ଟିକେ ବୋମ୍ବେ ଚାଲ ଦେଖି ଆସିବା।" କଥାଟା ପିଲା ମୁହଁରୁ ବାହାରିଲା ବୋଲି ଅବହେଳା କରିବାର ନୁହେଁ। ପ୍ରକୃତରେ ଘରେ ସେ କହିଥିଲେ। ଆଜି ୯୨ ଉପରେ ତାଙ୍କ ଇଚ୍ଛା ହୋଇଛି

Digitized by srujanika@gmail.com

ପଡ଼େ ବୋଲି ଦେଖିଥିବା, ସେ ଚିହ୍ନିଅଛି, ଅନ୍ୟ କାହାର ମଧ୍ୟ ମନେ ପଡ଼େନା, ସବୁବେଳେ ସେ ଯେମିତି ବାହାରେ ବୁଲନ୍ତି ଏବେ ମଧ୍ୟ ସେମିତି ବୃଥାରେ ବୁଲି ଯାଉଛନ୍ତି ଚଉ !

୧୯୩୮—୪୦ର ଜୀବନ ତାଙ୍କର ଅଧିକ ବର୍ଣ୍ଣନ । ସକାଳୁ କେଉଁବେଳେ ବାହାରି ଯାନ୍ତି ସେ ଫେରନ୍ତି, ପୁଣି ରାତିରେ କେଉଁବେଳେ ଆସି ଶୋଇଣା ଧରନ୍ତି ସେକଥା ତାଙ୍କୁ ଯେ ଜଗି ବସି ଖାଇବାକୁ ଦିଅନ୍ତି ତାଙ୍କର ବଂଶଗତ ପରିବାରର ଅନ୍ୟ କାହାରି, ନିଜର ସ୍ତ୍ରୀଙ୍କର ମଧ୍ୟ ଜାଣିବାର ସାଧ୍ୟ ନ ଥିଲା ?

ଉଗବେଶ ଦୁର୍ବଳ ଥିଲେ କହିଲେ କେବଳ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବାକୁ ହେବ । ଶରୀର ମନର ସମ୍ପର୍କ ଅଚ୍ଛେଦ୍ୟ ହେଲେହେଁ ଶାରୀରିକ ଦୁର୍ବଳତା ମାନସିକ ଦୁର୍ବଳତାର ପ୍ରମାଣ ଦିଏନାହିଁ । ତାଙ୍କର ଦୁର୍ବଳ ଶରୀର ଗୁଳିଯାଇଛି କିନ୍ତୁ ତାଙ୍କର ବଳିଷ୍ଠତାହିଁ ବଡ଼େସେ ଭାବରେ ପ୍ରକଟିତ ହୋଇ ଉଠିଛି ।

ତାଙ୍କ ସ୍ମୃତିର ପୂଜା ଆମ ସବୁରି କର୍ତ୍ତବ୍ୟ । କୌଣସି ଦଳଗତ ଦୃଷ୍ଟିରୁ ଏକଥା ମୁଁ କହୁନାହିଁ । କାରଣ ସବୁଦଳର ଲୋକ ସେ ତାଙ୍କୁ ଆଜି ଧନ୍ୟ ଉକ୍ତି-କାରେ ହାର ମାନିଛି । ବସ୍ତୁତଃ ଅନେକ ଜୀବନ୍ତଙ୍କ ଠାରୁ ସେ ଶ୍ରେୟ ହେଲେ ମଧ୍ୟ ଆଜି ସେ ସବୁରି ନମସ୍ୟ । ବାହାରର ଅଧୁନିକତା ବା artificiality ଆଜି ତାଙ୍କ ପ୍ରତି ଆବେଗରେ ଅଶ୍ରୁବିନ୍ଦୁ କେବଳ ଜମାଟ ବାନ୍ଧି ରହିଛି—ଗଡ଼ିବାକୁ ଛଡ଼ୁନାହିଁ ।

ତାଙ୍କ ଦେହାନ୍ତରେ କହି ଲେଖି ତାଙ୍କର ବଳିଷ୍ଠ ମାନବିକତା ଓ ଶକ୍ତିର ଅତୀତକୁ ସୀମାବଦ୍ଧ କରି-ବାର ପ୍ରବୃତ୍ତି ମୋର ହାର ମାନୁଛି ! ଯାହାଙ୍କୁ ଆଜି ଖାଲି ଓଡ଼ିଶାରେ ନୁହେଁ ଭାରତରେ ମଧ୍ୟ ଗୌରବ ଅପେକ୍ଷା କରୁଛି ମୋ ଲେଖନୀ ତାଙ୍କୁ ଗୌରବ ଦେବାକୁ ଯାଇ ଦେଖୁଛି ନିଜର ଲେଖାହିଁ ଗୌରବାନ୍ୱିତ ହୋଇ ଉଠିଛି ।

ଶ୍ରୀମାନ ନନ୍ଦନ—
୮୪୪ ନଂ ନାଗ

## ଆମ ପରି ପିଲା

ଆମ ପରି ଗୋଟିଏ ପିଲା । ହଠାତ୍ ଦିନେ ତାର ବାପାଙ୍କର ଗୋଟିଏ ଜିନିଷ ଭାଙ୍ଗି କରି ପକାଇଲା । କିନ୍ତୁ ଭାଙ୍ଗିଲା ପରେ ଉପରଠାରୁ ତାର ମନେ ହେବାକୁ ଲାଗିଲା—"ଓଃ ଭଲ କଲି, ବାପାଙ୍କୁ ଏ ମୁହଁ କିପରି ଦେଖାଇବି । ଯଦି ମୁଁ ଏ ଦୋଷ ସ୍ୱୀକାର କରିବି ତାହେଲେ ବାପା ଅବଶ୍ୟ ମାଡ଼ ଦେବେ । ଦୁଃଖରେ ହୁଏତ ମୋର ଏ ଅବସ୍ଥା ଦେଖି ଭଲ କରି ବସିବେ କେଜାଣି ।" ଏପରି ଭାବି ଭାବି ଶେଷରେ ସ୍ଥିର କଲା ବାପାଙ୍କୁ ସବୁ କଥା ଜଣାଇବ ଓ ଉପ-ଯୁକ୍ତ ଦଣ୍ଡ ନେବାକୁ ମଧ୍ୟ ଚେଷ୍ଟିବ । ଫଳରେ ସେ ଗୋଟିଏ ପ୍ରକାଣ୍ଡ ଚିଠି ଲେଖି ବାପାଙ୍କୁ ଦୁଃଖ ନେଇ ଦେଲା । ବାପା ତାର ଚିଠି ପଢ଼ି ଆନନ୍ଦରେ ଅଶ୍ରୁଳ ହେଲେ ସେ ଏପରି ପୁଅ ପାଇଛନ୍ତି ବୋଲି । ଏ ପିଲାଟି କିଏ ? ମହାତ୍ମା ଗାନ୍ଧୀ ।

ଶ୍ରୀ ରାମଚନ୍ଦ୍ର ପଣ୍ଡା ୫୧୨ ନଂ ନାଗ

## ନୂଆ ନାଗବନ୍ଧୁଙ୍କ ନାମ

୫୨୦ । ଶ୍ରୀ ଲକ୍ଷ୍ମୀକାନ୍ତ ମହାନ୍ତି, C/o ଶ୍ରୀ ନାରାୟଣଚନ୍ଦ୍ର ଦାସ Strand Road, Calcutta
୫୨୧ । ଶ୍ରୀମାନ୍ ରେବତୀ ଦାସ C/o ଶ୍ରୀ ବୃନ୍ଦାବନ ଦାସ, ଗ୍ରା: [illegible], ପୋ: [illegible], ଜି: [illegible] ।
୫୨୨ । ଶ୍ରୀ ବୈଦ୍ୟନାଥ ଦାସ, Balasore Zila School, P. O. Balasore. ୫୨୩ ଶ୍ରୀ [illegible] ସତ୍ୟନାରାୟଣ ସିଂହଦେଓ C/o ଶ୍ରୀ [illegible] ପ୍ରସାଦ ସିଂହଦେଓ, ପୋ: [illegible], ଜି: ସିଂହଭୂମ

ସମ୍ପାଦକ
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ତତ୍ତ୍ୱାବଧାନ ସମ୍ପାଦକ
ଶ୍ରୀ [illegible]ମୋହନ ଦାସ

Digitized by srujanika@gmail.com

R. G. No. P. 441. THE DAGARO—1-5-1944.

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

ସଞ୍ଚୟୀ ସର୍ବତ୍ର ଜୟୀ । ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା । ନିଜ ଶକ୍ତି ଅନୁସାରେ ସଞ୍ଚୟ କରିବା କେତେ ନିତାନ୍ତ ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ଯୋଗୁଁ ଅଭାବଗ୍ରସ୍ତ ଲୋକମାନେ କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାରକଲେ ଜଣାଯିବ । ଜୀବନର ଦାୟିତ୍ୱ ନେବା ଛଡ଼ା ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ । ସାମୟିକ କଷ୍ଟ ସ୍ୱୀକାର କରି ଟଙ୍କା ଦାଖଲ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ ।

## ସୁଦୃଢ଼ତାର ପରିଚୟ—

୧୯୪୧ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବୀମାର ପରିମାଣ ୧୯ କୋଟି ୩୬ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବାର୍ଷିକ ଆୟ ଏକ କୋଟି ୧୦ ଲକ୍ଷ ।
ବୀମା ପାଣ୍ଠି ୫ କୋଟି ୨୧ ଲକ୍ଷ ।
ମୋଟ ସମ୍ପତ୍ତିର ପରିମାଣ ୪ କୋଟି ୩୬ ଲକ୍ଷରୁ ଊର୍ଦ୍ଧ୍ୱ ।
ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ ।

## ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲଡିଂସ୍
କଲିକତା ।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗାନାଇଜର
କଟକ ।

Printed & published by G. C. Mahapatra at the Gopinath Press, Bhadrak. 1944.

ପ୍ରତିଖଣ୍ଡ ଦୁଇଅଣା ବାର୍ଷିକ ତିନିଟଙ୍କା ଆଠଅଣା


Digitized by srujanika@gmail.com

୭ମ ବର୍ଷ
୨୪ ସଂଖ୍ୟା

# Dagaro

Utkal's most popular Fortnightly
OF
LIGHT. LEAD & LAUGHTER.

ବୈଶାଖ
ଦ୍ୱିତୀୟାର୍ଦ୍ଧ





## ବ୍ୟାଙ୍କ ଅଫ୍ କଲିକତା ଲି: ବାଲେଶ୍ୱର

ଏହା ଏକ ପ୍ରତିଷ୍ଠାଶାଲୀ ଓ ନିର୍ଭରଯୋଗ୍ୟ ବ୍ୟାଙ୍କ । ଏଥିରେ ଟଙ୍କା ରଖି ନିଜେ ଲାଭବାନ ହୁଅନ୍ତୁ ଓ ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି କରନ୍ତୁ । ଏହି କେତେଦିନ ଭିତରେ ବାଲେଶ୍ୱର ଶାଖା ଅନୁଷ୍ଠାନ ବେଶ ବଢ଼ି ଉଠିଛି । ଅତିଶୀଘ୍ର ଭଦ୍ରକରେ ଏହାର ଶାଖା ଖୋଲିବ । ଚେକ୍ ନେବା ପାଇଁ ଲେଖନ୍ତୁ ।

ହେଡ୍ ଅଫିସ:—୩, ମେଙ୍ଗୋ ଲେନ୍
କଲିକତା,

ଶ୍ରୀ ପ୍ରିୟନାଥ ନନ୍ଦୀ ବି,ଏଲ
ଅନାରାରୀ ସେକ୍ରେଟେରୀ
ବାଲେଶ୍ୱର ବ୍ରାଞ୍ଚ ଅଫିସ ।


Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର                                                   ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରାଚୀନ ରସାୟନଙ୍କ ପଦ୍ଧତିରେ ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଲ୍ ବା ବିକୃତ ଚର୍ମ, ସର୍ବାଙ୍ଗରେ ଜ୍ୱାଳା ଶାରୀରିକ ଅବସାଦ, ହୃଦ୍‌ପିଣ୍ଡରେ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ **ଅମୃତ** ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ **ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ ।** ଏକ ଶିଶି ୫୨ଟଙ୍କା ମାତ୍ର ୫ ୨ଟଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦାଚାର୍ଯ୍ୟ

ଆଲମଚାନ୍ଦ ବଜାର, କଟକ

---

## ଉଗର ବିଜ୍ଞାପନ

ଏହି ସଂଖ୍ୟାରେ 'ଉଗର' ର ୬ଷ୍ଠ ବର୍ଷ ପୂର୍ଣ୍ଣ ହେଲା । ଗ୍ରାହକମାନଙ୍କର ବାର୍ଷିକ ଚାନ୍ଦା ଦେୟ କାଲ ଏହି ସଂଖ୍ୟାରେ ସରିଗଲା ଯେଉଁମାନେ ୭ମ ବର୍ଷ ପାଇଁ ନିଜ ନିଜର ଚାନ୍ଦା ପଠାଇ ଅମ୍ଭମାନଙ୍କୁ ଅଥବା ଭି: ପି: ପଠାଇବାକୁ ଲେଖନ୍ତୁ । ଇତି

**ପରିଚାଳକ 'ଉଗର'**

---

## କଲିକତା ସ୍ୱାସ୍ଥ୍ୟ ନିବାସ

କୁଷ୍ଠ ରୋଗୀଙ୍କ ସେବା ପାଇଁ କଲିକତାରେ ଏହି ସ୍ୱାସ୍ଥ୍ୟ ନିବାସ ଖୋଲା ହୋଇଅଛି । **ବଇରି** ରେଳ ଷ୍ଟେସନ ଠାରୁ ୭ ମାଇଲ ପଶ୍ଚିମକୁ କଲିକତା । ସେଠାରେ ରନ୍ଧାଘର ଏବଂ ଚିକିତ୍ସାର ବନ୍ଦୋବସ୍ତ ହୋଇ ଅଛି । ସ୍ୱାସ୍ଥ୍ୟପ୍ରଦ ସ୍ଥାନ । ନିମ୍ନ ଠିକଣାରେ ପତ୍ର ବ୍ୟବହାର କରନ୍ତୁ ।

**ଲକ୍ଷ୍ମୀନାରାୟଣ ସାହୁ**

ଭାରତ ସେବକ ସମିତି କଟକ ।

Digitized by srujanika@gmail.com

# ଡଗର

## ହୁକା ହୁକା ହୁଆ

( ବିଲୁଆ ବାହୁର )

୭ମ ବର୍ଷ
୨୪ ସଂଖ୍ୟା
ବୈଶାଖ ଦ୍ୱିତୀୟାର୍ଦ୍ଧ
ତା ୧୬-୫-୪୨ ରିଖ

— ପାକ୍ଷିକ —
ବାର୍ଷିକ ୮ ଅଣା
ପ୍ରତିସଂଖ୍ୟା — ୦।୯
ରାଜସଂସ୍କରଣ ୦।୧୮


ପଞ୍ଜାବ ଠେଇଁ ଏ ଥର ଟୋଟାଏ ଖଣ୍ଡ - ମଧ୍ୟର ପାଳି ହୋଇଗଲା । ବଙ୍ଗ, ଆସାମ ସିନ୍ଧୁ, ସୀମାନ୍ତର ସରକାର ମାନଙ୍କୁ ହସ୍ତଗତ କରିଥିବା ମୁସଲିମ ଲିଗର ସର୍ବମୟ କର୍ତ୍ତା ଜିନ୍ନା ସାହେବ ପଞ୍ଜାବ ଦଖଲ କରିବା ପାଇଁ ଅଭିଯାନ କରିଥିଲେ । ମାତ୍ର ସେଠା ପ୍ରଧାନମନ୍ତ୍ରୀ ଖିଜର ଖାଁ ସାହେବ ହଠାତ୍ ଅଡ଼ିବସିବାରୁ ତାହା ହୋଇ ପାରିଲା ନାହିଁ । ପରନ୍ତୁ ଜିନ୍ନାଙ୍କର ଲିଗ୍ ଟେକା ମନ୍ତ୍ରୀ ସଉକତ ମିଆଁ ତଡ଼ା ଖାଇ ଗଲେ । ପଞ୍ଜାବଟା ହାସଲ ହୋଇ ପାରିଥିଲେ ପାକିସ୍ଥାନଟା ପକ୍କା ହୋଇ ଯାଇ ଥାଆନ୍ତା । ଦିଲ୍ ରେ ବଡ଼ ଅବଶୋଷ ରହିଗଲା ଏବା ।

× + × +

ଯାବତ୍ ଅଜମ ଜନାବ ଜିନ୍ନାଙ୍କର ଏଥିରେ ଯଦି ଆଖି ଖୋଲିଯାଏ, ତେବେ ଏହା ତାଙ୍କର ମଙ୍ଗଳ, ସାରା ଦେଶର ମଙ୍ଗଳ । ସେ ଯଦି ଭାବିଥାନ୍ତି ଯେ ବ୍ରିଟିଶ ସରକାର ତାଙ୍କର ସବୁ ଅଳି ଅର୍ଦ୍ଦଳି ଶୁଣିବାକୁ ଉଦ୍ୟମ କରୁଛି, ସେ ଭ୍ରମକୁ ଏଥର ଦୂର ହୋଇଯିବ । କୌଣସି, ରାଜା ବ୍ୟକ୍ତିର ଅପେକ୍ଷା ରଖେ ନାହିଁ । ନୀତିର ପରିପୋଷକତା ଦୃଷ୍ଟିରେ କାମ କରିଯାଏ । ସେ ଚକରେ ଯେ ପଡ଼ିବ ସେ ପେଷି ହୋଇ ଯିବ । ଏବେ ଭଲ ମିଆଁ ସାହେବ ପାକିସ୍ଥାନ ଚିନ୍ତାର ମୋହ ଛାଡ଼ନ୍ତୁ ।

ଆଉ ଗୋଟିଏ କଥା । କୌଣସି ଜଣେ ମନ୍ତ୍ରୀଙ୍କୁ ଯେ ଲାଟ ସାହେବଙ୍କର ତଡ଼ିବାର କ୍ଷମତା ଅଛି ତାହା ଆମେ ଜାଣି ନ ଥିଲୁ । ନୂଆ ଯୁଗରେ ସବୁ ନୂଆ ।

× × × ×

ବନ୍ଦୀଶାଳାରେ ମହାତ୍ମା ଗାନ୍ଧିଙ୍କ ସ୍ୱାସ୍ଥ୍ୟ ଉଦ୍‌ବେଗ ଜନକ ବୋଲି ଖବର ବାହାରିବାରୁ ଲୋକେ ବିଚଳିତ ହୋଇ ପଡ଼ିଥିଲେ । ପୁଣି ସେ ଭଲ ଥିବାର ଖବର ବାହାରିଛି । ମହାପୁରୁଷ ହେଲେ ମଧ୍ୟ ସେ ଯେତେହେଲେ ରକ୍ତ ମାଂସ ଶରୀରଧାରୀ ମଣିଷ । ପତ୍ନୀ ବିୟୋଗ, ଦୀର୍ଘ କାରାରୁଦ୍ଧ ଜୀବନ ଓ ବାର୍ଦ୍ଧକ୍ୟ ମିଶି ଯଦି କିଛି ଭଲମନ୍ଦ ହୁଏ, ତେବେ ଏ ଦୁର୍ନାମ ମୁଣ୍ଡାଇବା ପାଇଁ ବ୍ରିଟିଶ ସରକାର କାହିଁକି ବ୍ୟାକୁଳ ? ଜାପାନ ଭୟ ଜନିତ ଯେଉଁଠି ଦୁଃଖ ଯାଉଛି, କେହି କି କଂଗ୍ରେସବାଲା ବା ସରକାରଙ୍କର କଣ ଚିନ୍ତା କରି ପାରନ୍ତେ ? ବରଂ ଯେପରି ଦେଖା ଯାଉଛି ଜାପାନ ବିରୁଦ୍ଧତା ଓ ଖାଦ୍ୟ ସହାୟତା ଦିଗରେ ସେମାନଙ୍କ ଚେଷ୍ଟା ସରକାରଙ୍କ ହାତ ଦୃଢ଼ତର କରନ୍ତା । ଭଗବାନ ସରକାରଙ୍କୁ ସୁବୁଦ୍ଧି ଦିଅନ୍ତୁ ।

× × × ×

କଂଗ୍ରେସବାଲାଙ୍କ ଛଡ଼ିଲେ ଯଦି କେଉଁଠି କିଛି ଅସୁବିଧା ଥାଏ, ତାହା ହେଉଛି ଓଡ଼ିଶାରେ । ମାତ୍ର ଏହି ଜଣା କଥା ଯେ ଯୁଦ୍ଧ ଥିବାଯାଏ ସେମାନେ ମନ୍ତ୍ରୀତ୍ୱ ନେବେ ନାହିଁ ବା ନେଇ ପାରିବେ ନାହିଁ । କେବଳ ହୁଏତ ଅସେମ୍ବ୍ଲି ସଭାରେ ଗୋଳ ମାଳ କରି ପାରନ୍ତି । ମାତ୍ର ସେ ଗୋଳ ମାଳର ବା ମୂଲ୍ୟ କଣ ? ଭାରତୀୟ ବ୍ୟବସ୍ଥା ସଭାରେ ବାରବାର ସରକାର ପରାସ୍ତ ହୋଇ ମଧ୍ୟ ଯଦି ଆସନ କାଏମ ରଖି ପାରିଲେ, ଓଡ଼ିଶା ମନ୍ତ୍ରୀଙ୍କର ବା ଚିନ୍ତାର ଭୟ କଣ ?

× + × +

ପଣ୍ଡିତ ଗୋଦାବରୀଶ ନୂଆ ମନ୍ତ୍ରୀ ହେଲେ ମଧ୍ୟ ଜଣେ ପୁରୁଣା ଦେଶ ହିତୈଷୀ ଓ ପ୍ରବୀଣ ତ୍ୟାଗୀ, ଏକଥା ଉତ୍କଳ ଖଣ୍ଡରେ କିଏ ବା ନଜାଣେ । କେବଳ ଅନାଥ ସ୍ୱଦେଶକୁ ଧ୍ୱଂସରୁ ରକ୍ଷା କରିବା ଓ ଉନ୍ନତ କରିବା ନିମନ୍ତେ ନିଜର ବଳ ବୟସ ତ୍ୟାଗକରି ମନ୍ତ୍ରୀତ୍ୱ ଗ୍ରହଣ କରିଛନ୍ତି । ସେ ମଧ୍ୟ ଏବେ ଏକ ଭାଷଣରେ ଦେଶର ଅଟଳ ଅବସ୍ଥା

Digitized by srujanika@gmail.com

ସମାଧାନର ସୂଚନା ହେବ ବୋଲି ନେତାମାନଙ୍କ ଭକ୍ତିରେ ସ୍ୱାଗତ କରିଛନ୍ତି ।

ଦେଶ ଶାସନ କରିବାକୁ ଦକ୍ଷଭାରେ କଂଗ୍ରେସ ଦଳ, ସେମାନେ ଜନତାଙ୍କ ଯାଇଥିବାରୁ ଏହା ପଂଡିତ ଦଳ ଭିତରେ ପର ବର୍ତ୍ତମାନ ମଧ୍ୟରେ ମନ୍ତ୍ରୀ ମଣ୍ଡଳ ଗଢ଼ିଛନ୍ତି । ନାମ ଅଛିବା ମାତ୍ରେ ତାଙ୍କ ଗାଡ଼ ସେ ହେବେ । ପ୍ରଶ୍ନ ହେଉଛି ସେତେବେଳେ ଭାରତ କିପରି ଚାଲିବ ? ବାଉବୋଲ ମଧ୍ୟ ସେ ନିଶ୍ଚୟ କହିବେ—ଭାରତ ତାଙ୍କ ପୁରରେ ବଣ ଉଦ୍ୟାନ ବସାଇବେ ।

\+ × + ×

ବାଉବୋଲ ଅଧ୍ୟାପକଙ୍କ କଥା ସତ ହେଲେ ହେଉ । ବାହାର ଅପତ୍ତି ନାହିଁ । ମାତ୍ର ଛଅ ପଂଡିତ ଜଣେ ଅର୍ଥ ବିଶାରଦ ବ୍ୟକ୍ତି । ଅର୍ଥ ମନ୍ତ୍ରୀ ହିସାବରେ ସେ ଅବଶ୍ୟ ଦେଶରେ ଅର୍ଥନୈତିକ ଯୋଜନା କରିବେ । ସବୁ ହେଉଥିବ କଂଗ୍ରେସ ଅଛିଲେ ସବୁ କଣ୍ଡୁରୁ କରି ଦେବେ ଯେ ! ସେମାନଙ୍କର ତ ମହାଭାରତୀୟ ନଜର । ସେମାନେ କାହିଁ ବ୍ୟକ୍ତିଗତ ସ୍ୱାର୍ଥ ଦୃଷ୍ଟିରେ କାମ କରି ଜଙ୍ଗଲ ଦିନ ବିଶେଷ ଦୃଷ୍ଟି ଦେଇ ପାରିବେ ? ଅତଏବ ପଂଡିତ ତାଙ୍କ ବିଶେଷ ଯୋଜନା ଗୁଡ଼ିକ ବେଳ ଥାଉ ଥାଉଁ ଶୀଘ୍ର ଇନ୍ତଜାମ କରି ପକାନ୍ତୁ । ନୋହିଲେ ଅପେ ପସ୍ତାଇବେ— ଦେଶକୁ ପସ୍ତାଇବେ ।

\+ + + +

ଅଗକାଳରେ ଝିଅ ଅଧ୍ୟାପକଙ୍କ ଗାଆଁ ଗାଆଁରେ ରହି ଦିନ ପଢ଼ାଉ ଥିଲେ । ପୁରୁଣା କାଳିଆ ଲୋକେ ଝିଅ ମାନଙ୍କ ବାହାଣ ଅଥରେ ଦେଖିଥିବେ । ଝିଅଙ୍କ ବେଡ ବେଳକୁ ପିଲଙ୍କ ଛଡ଼ରେ ଛନକା ଦ୍ୱାରା ଦେଉଥିଲା । ଦୁଃଖର କଥା ଏବେ ଆଉ ଏ ଝିଅ ଏ ଦେଖା ପଡ଼ୁ ନାହାନ୍ତି ।

ମାତ୍ର ଓଡ଼ିଶା ସରକାର ଚେଙ୍କନାଳରେ ଜଣେ ଝିଅଙ୍କ ଖବର ପାଇ ମନଃ ସରସି ଉଠିଛି । ଜଣେ ଝିଅ କାଲେ-ଖରକୁ କଲେକ୍ଟର ସାହେବ ହୋଇ ଅଛିନ୍ତି । ଅନେକ ସେଥିରୁ ଏବଳ ଅନ୍ନା କରୁଁ ବ ସେ ତାଙ୍କ ବେଶ ସ୍ମରଣରୀ କର ହାତରେ ବୌଷ ବେତ ଖଣ୍ଡେ ଧରି ଅଛନ୍ତିବେ । ଯେଉଁ ବେତଭ ଧମକରେ କାଲେଖରେ ବେତାଗେଅ ବଗୁଲଥ ଯାବ ଏମିତି ଅଙ୍କ ଯଦି ସେ ବେଠାବାଡ଼ ଯୋଗାଣ (Supply) ବଗିଗଲୁ ଅଛ ବେଗ ପାଉଥାନ୍ତ ପତଚ ନାହିଁ ।

\+ × + ×

କାଲେଖରର ଯିବା ହାକିମଙ୍କ ବଦାନ୍ୟ ସମ୍ବର୍ଦ୍ଧନା ଓ ଥିବା ହାକିମଙ୍କ ବୋଧନ ସମ୍ବର୍ଦ୍ଧନା ସଭାରେ ସେ ଜନ ଏବଂ ଗ୍ରେଜର ଅଧ୍ୟୋଜନ ହୋଇଥିଲା । ପରଟର୍ଯ୍ୟାର ଭାର ଥିଲ ସମ୍ଭ୍ରାନ୍ତବାନଙ୍କ ହାତରେ । ଅଳ୍ପ ଗୁଣ୍ଡା ଉଠି ଥିବା ସତ୍ତ୍ୱେ, ଏ ଦୁର୍ଦ୍ଦିନ, ଅନାଟନ, ବେଳରେ ଜଣ୍ଣ ଗ୍ରାମ୍ୟ ଲୁନ ଯେପରି ବାଦଶାହ ଧରଣରେ କାର୍ଯ୍ୟ ସମାଧା କଲେ ତାହା ଦେଖି ବଣିଷ୍ଟଙ୍କ କାମ ଯେତିକି କଥା ମନେ ପଡ଼ ଯାଉଛି ଅତଏବ ଦେଶବାସୀଙ୍କୁ ଉପକାର କରି ଦେଉଛି ବ ଯାହାର ଯେଉଁଠି ଏଭଳି ପ୍ରୟୋଜନ ହେବ, ଏମାନଙ୍କ ଉପରେ ଭାର ଦେଲେ ସେମାନେ ସୁଲଭ ମୂଲ୍ୟରେ ଭୋଜର ଖାଦ୍ୟ ଯୁଗାଇ ଦେଇ ପାରିବେ ।

\+ × + +

ଜଗର ପାଠକଙ୍କ ଗୋଚରାର୍ଥେ ତା ୧୬ ରିଖ ମଦ, ୧୯୫୪ ର ସମାଜରୁ ଗୋଟିଏ ସଂବାଦର ମର୍ମ ନିମ୍ନରେ ଉଦ୍ଧାର କରାଗଲା ।

"ପଞ୍ଜାବର ମନ୍ତ୍ରୀ ସେଠିକାର ହାସ୍ୟାର ଖାଁଙ୍କୁ ସେଠା ନୂଆ ସାହେବ ବରଖାସ୍ତ କଲେ । ପୁର୍ବ ସେ ମନ୍ତ୍ରୀଥିବାବେଳେ ଧମକାଇ ଜମି ଖରିଦ୍ କରିବା ସ୍କେଣ ହଜାର ଟଙ୍କା ଲାଞ୍ଚ ନେବା ଇତ୍ୟାଦି ଅପରାଧ ହେଉ ତାଙ୍କ ନାମରେ ମକଦ୍ଦମା ହେବାର ଯୋଗାଡ଼ ହେଉଛି । ଏଥିପାଇଁ ଜଣେ ଗୋଇନ୍ଦା ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ ହୋଇ ତଦନ୍ତ କରୁଛନ୍ତି ।"

ଅନେ ପଚାରୁ ଏ ସଂବାଦଟା କଣ ଓଡ଼ିଶା ସରକାର ଓ ଓଡ଼ିଶା ଲୋକସାହେବଙ୍କ ଆଖିରେ ପଡ଼ନାହିଁ—ନା ତାଙ୍କ ଆଖିକୁ ଦେଖା ଯାଉ ନାହିଁ ।

ଆଉ ପୁଣି ଓଡ଼ିଶାରେ ଗୋଇନ୍ଦା ପୁଲିସ କଣ ନାହାନ୍ତି --ନା, ସେମାନେ ଅକ୍ଷମ—ନା, ଅକର୍ମଣ୍ୟ • ପାଲଟି ଗଲେଣି ? ଏହା ଦେଖି ମନେ ହୁଏ, ପଞ୍ଜାବ—ପଞ୍ଜାବ, ଆଉ ଓଡ଼ିଶା—ଓଡ଼ିଆଙ୍କ ଦେଶ ।

× × × +

Digitized by srujanika@gmail.com

# ସି: ଆଇ: ଡି

ଲେଖକ:—ଧୂର୍ଜଟି

ସି: ଆଇ: ଡି: ନାଁଟା ଉଚ୍ଚାରଣ କଲେ ଅନେକ ଲୋକଙ୍କ ମନରେ ଚମକ ଆଣେ—କାହା ମନରେ ଭୟର ସଞ୍ଚାର ମଧ୍ୟ ହୁଏ। ଏମିତି ଅନେକ ଉଚ୍ଚୁଆ ଲୋକ ଅଛନ୍ତି ସି: ଆଇ: ଡି: ବାଲାଙ୍କୁ ଦେଖିଲେ ଡେଇଁ ମୃତ ପଡନ୍ତି। ଥରକର ଘଟଣା ମନେ ପଡ଼ିଲେ ଖୁବ୍ ହସ ମାଡ଼େ। ଆମ ଘରେ ଜଣେ ସଙ୍ଗୀତ ଓସ୍ତାଦ ଥା'ନ୍ତି—ତାଙ୍କର କାମ ହେଉଛି କେତେକ ଭଦ୍ର-ଲୋକଙ୍କ ଘରେ ଟିଉସନ କରି ପେଟ ପୋଷିବା—ଲୋକଟି ନିହାତି ମାଟିଆ ସିଧା—ଯାହାକୁ କହନ୍ତି ଗୋ ବେଗୁଲ। ଗଲ୍ପ ଗାନ୍ଧୀ ଗୋଲମାଲ ସମୟରେ ଜଣେ ତାଙ୍କୁ ଆସି କହିଲା "ଓସ୍ତାଦେ ତମେ ବହୁ ଅଡ଼େ ଗୀତ ଶିଖାଉଛ—କେତେକ ଗୀତରେ ଜାତୀୟ ଭାବ ରହିଛି ଓ ତମ ଖାତାରେ ମଧ୍ୟ ଜାତୀୟ ସଙ୍ଗୀତ ଲେଖା ହୋଇଛି—ସାବଧାନ ଥିବ—ସି: ଆଇ: ଡି ବାଲା ତମ ପଛରେ ଲାଗିଲେଣି!" ଏତକ ଶୁଣି ଓସ୍ତାଦଙ୍କ ପିଳେହି ପାଣି। ସେ ସଙ୍ଗେ ସଙ୍ଗେ ଆସି ଚୋରାଙ୍କ ଘରେ ଘଟାଟ ଜାଳି ତାଙ୍କର ମୋଟତ ଜାତୀୟ ସଙ୍ଗୀତ ସଂଗ୍ରହ କରିଥିଲେ ସବୁ ଉଠାଇ ଭାଟି ମାରି ନେଇ ଭରି ଦେଲେ ଓ ସି: ଆଇ: ଡି ଅଫିସରଙ୍କ ଘରକୁ ଯାଇ ତାଙ୍କ ଗୋଡ଼ ତଳେ ଲୋଥ କରି ପଡ଼ି କହିଲେ "ମୋତେ ମାଫ୍ କରନ୍ତୁ—ଜେଲକୁ ଟେଣା ଓଟାଏ କରନ୍ତୁ ନାହିଁ, ମୁଁ ଏମିତି ଗୁଣ୍ଡିଆ କାମ ଆଉ କରିବି ନାହିଁ ଇତ୍ୟାଦି ଇତ୍ୟାଦି।" ସି: ଆଇ: ଡି ଅଫିସର ଏ ସମସ୍ତ ଶୁଣି ଅବାକ୍ ଘଟଣାଟା ସମସ୍ତ ବୁଝି ଖୁବ୍ ଥୋଡ଼େ ହସିଲେ—ଓସ୍ତାଦ୍ ଚଗୁଲ କାନ ନାକ ମୋଡି ହୋଇ ଘରକୁ ଫେରିଲେ।

ଏତ ଗଲ୍ପ ଗୋଟେ ପାଖ, ଆଉ ଗୋଟେ ପାଖ ହେଉଛି—ସି: ଆଇ: ଡି ବାଲାଙ୍କ କଥାରୁ। ଦୁନିଆର ଅନେକ ଗଲ୍ପ ଓ ଉପନ୍ୟାସ ବୋଧହୁଏ ଲେଖା ଯାଇଛି ଏଇ ସି: ଆଇ: ଡିଙ୍କ କରାମତି ଦେଖାଇ। କେତେ ଚମକପ୍ରଦ ଫିଲ୍ମ ମଧ୍ୟ ତିଆରି ହୋଇଛି ଏଇମାନଙ୍କ କାହାଣୀ ନେଇ।

\+ × × +

ଆମ ଗଳ୍ପର ନାୟକ ବା ହିରୋ ହେଉଛନ୍ତି ସି: ଆଇ: ଡି ଅଫିସର ବୋଧରାମ ବାବୁ। ସେ ନୂଆ କରି ସି: ଆଇ: ଡି ଅଫିସର ହୋଇ ଯୋଗଦେଇ ଏ ସହରକୁ ଆସିଛନ୍ତି।

Young and energetic—ମୋଟେ ୨।୩ ବର୍ଷ ପୁଲିସ ଡିପାର୍ଟମେଣ୍ଟରେ କାମ କରି ସି: ଆଇ: ଡି ଡିପାର୍ଟମେଣ୍ଟକୁ ଟ୍ରାନ୍ସଫର ହୋଇଛନ୍ତି। ଆଶା ଅଛି, ଭଲ କାମ ଦେଖାଇ ପାରିଲେ ଜଲଦି ପ୍ରମୋସନଟା ହୋଇ ଯିବ।

ସେ ସହରକୁ ଆସିବାର କିଛି ଦିନ ପରେ ତାଙ୍କ କପାଳକୁ ଲାଗିଲା ଗାନ୍ଧୀ ଗୋଳମାଳ। କେଉଁଠି ଥାନା ବସା ହେଉଛି, କେଉଁଠି ରେଲ ଲାଇନ୍ ଭଙ୍ଗା ଗଲା, କଂଗ୍ରେସ ବୁଡ଼ାକ ପଙ୍କା ପକ୍କା ହୋଇ ଟେରି କରୁଛନ୍ତି। ସି: ଆଇ: ଡି ଅଫିସର କାମ ବଢ଼ିଗଲା—ନିଶ୍ୱାସ ମାରିବାକୁ ଫୁରସତ୍ ନ ଥାଏ; ମୁଁ ଜାଣେ ଉପୋଷ କେଉଁ—ତା' ଉପରେ କ'ଣ କରୁଛନ୍ତି ତାକୁ ୱାଚ୍ କରି, ଏବଂ ରିପୋର୍ଟ ଅଫିସ ପାଇଁ ଦିଅ

Digitized by srujanika@gmail.com

interception କର । କେଉଁ କୋଡ଼ରେ ଯାଇ କେଉଁ ଅଫିସ କୋ ତା'ର ଖବର ଅଛି ।

ଛୋଟରାମ ବାବୁ ବସାରେ ଫେରି ଏ କଥା କହି ଯାଉଥାନ୍ତି ଯେ ପୁଣି ରାତି ବାରଟା ବେଳକୁ ଗୋଟେ ଟେଲିଫୋନ ମେସେଜ ଆସିବ ବୋଲି କହିଯାନ୍ତି । ଖାଇବା ପିଇବା ଓ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ତାଙ୍କ ଦେହ ଦୁର୍ବଳ ହୋଇ ଗଲାଣି—ବାବୁଙ୍କର ଏ ଅବସ୍ଥା ଦେଖି ଗୃହିଣୀଙ୍କ ମନରେ ସୁଖ ନ ଥାଏ । ସେ ମନେ ମନେ କମ୍ପ୍ଲେଣ୍ଟ ଡିପାର୍ଟମେଣ୍ଟ ଉପରେ ଚିଡ଼ି ଯାଉଥାନ୍ତି ।

ଦିନେ ହଠାତ୍ ପୋଷ୍ଟ ଅଫିସରୁ ଫେରି ଆସି ଛୋଟରାମ ବାବୁ ତାଙ୍କ ଗୃହିଣୀଙ୍କ ବେଣୀରେ ହାତ ଦେଇ ଅତି କୋମଳ ସ୍ବରରେ ତାଙ୍କ ଓଠ ଉପରେ ଚୁମା ଦେଇ କହିଲେ ଡାର୍ଲିଂ, ପ୍ରିୟେ, ହୃଦୟେଶ୍ବରୀ, ସୁଇଟି, ହନି” ଯେତେ ଯାହା ତାଙ୍କ ମନେ ପଡ଼ିଲା ସବୁ ସମ୍ବୋଧନ ଏକା ନିଶ୍ୱାସରେ କହି ପକାଇଲେ ।

ତାଙ୍କ ସ୍ତ୍ରୀ ଏହି ‘ପ୍ରିୟେ’ ସମ୍ବୋଧନ ର ଉତ୍ଫୁଲତା ଓ ମାଧୁର୍ଯ୍ୟ ଲକ୍ଷ କରି ଭାବିଲେ ନିଶ୍ଚୟ ବାବୁଙ୍କର ଗୋଟେ ବଡ଼ ଉପୁରି ବଡ଼ ରକମର ହସ୍ତଗତ ହୋଇଛି କିମ୍ବା ପ୍ରମୋସନ ହୋଇଛି । ଗୃହିଣୀ ଟିକେ ହସିଦେଇ ଓ ଦରଦ ସ୍ବରରେ ପଚାରିଲେ “କଅଣ ହୋଇଛି କହ ତ ।

“ଅରେ କଣ ହୋଇଛି ମାର ଦସ୍ତା ନଳ—ଏବା ତେବେ ୫୦୦୦ ହଜାର ଟଙ୍କା ମୁଁ ଦେଖ, ଗହଣା ଲାଗି ଯେ ସବୁବେଳେ କେଳେ ହେଉଥିଲ, ଅମୁକ ଶାଢ଼ୀଟା ଦରକାର ଅମୁକ ବ୍ଲାଉଜ୍ ଟା ଦରକାର କହି ମୋତେ ଅଥୟ କରୁଥିଲ ତାହା ମୁଁ ପୂରଣ କରି ପାରିବ ନାହିଁ ।

ସବ୍ ଇନସ୍ପେକ୍ଟରଙ୍କ ମହିଷୀ ମନେ ମନେ ଖୁବ ପ୍ରଫୁଲ୍ଲିତ ହୋଇ କହିଲେ,, ଏ ସି: ଆଇ: ଙ୍କ ଘରେ ଯାହା ଦରମା ତାହାଠୁଁ ବେଶି ଉପୁରି ମିଳୁଥିଲା । ଏବେ ଥରକେ ୫୦୦୦ ଉପୁରି କୁଆଡ଼ୁ ମିଳିଗଲା କି ?

“ଅରେ ଏହା ଉପୁରି ନୁହେଁ—୫୦୦୦ ହଜାର ରିୱାର୍ଡ଼—ସରକାର ଯେଉଁ ଗୁପ୍ତ କେନ୍ଦ୍ର ଟ୍ରାନସ୍ ମିଟର ସେଟ ପାଇଁ ୫୦୦୦ ହଜାର ଟଙ୍କା ପୁରସ୍କାର ଘୋଷଣା କରିଥିଲେ ତା'ର ସନ୍ଧାନ ମିଳିଛି—ଏବଂ ମୁଁ ହିଁ ସେହି ସନ୍ଧାନ ।”

“କେମିତି ତମେ ସନ୍ଧାନ ପାଇଲ କହ ତ ?”

ଅରେ ତମେ—ତମକୁ ସେ ଖବର ଦେବି । ବିଶ୍ୱାସ କରିବ ଶତ୍ରୁ ପକ୍ଷ ବଡ଼ ଗୁପ୍ତଚର—ସେମାନେ ଗୋଟିଏ ଗୋଟିଏ ଖବର କେନ୍ଦ୍ର ସେଟ୍ ରେ ଜଣେ ଜଣେ ଖବର ଦେଉଥିଲେ ଆଉ ଦୁଇ ଘଣ୍ଟା ପରେ ସାରି ଦେଉଥିଲେ । ସେ ଖବରଟା ଇଣ୍ଡିଆଷ୍ଟ ହୋଇ ଯାଇ ଥିବ ।” ଗୃହିଣୀ ଟିକିଏ ଅଭିମାନ-ଭରା ଗଳାରେ କହିଲେ “ତମେ ମତେ କଣ୍ଡିସନ ଭଳି କଥା ବିଶ୍ୱାସ କରି ଭାବୁଛ କି ? ସେ ତ ମୋ କପାଳ ।”

ଛୋଟରାମ ବାବୁ ଟିକିଏ ନିଜକୁ ସମ୍ଭାଳି ନେଇ କହିଲେ “ଅରେ ନା, ନା, ମୁଁ ତମକୁ mean କରୁ ନାହିଁ ଯେ—ତମ ଭାଷଣଟା—ଏଇଥର ତମ ଲଭ୍ ନନା—ସେ ତ ଏ ପଛରେ ଗୁପ୍ତଚର । ମୁଁ ଜାଣିଛି ତାଙ୍କ ଘରେ ସି: ଆଇ: ଡି ଲୋକମାନେ ମିଳିଥିଲା, ସେ ନାହିଁ ତାଙ୍କ ବାହାର କଥା ସବୁ ପରିଷ୍କାର କରିପାରୁ ଥାନ୍ତା—ଭାରି ବୁଦ୍ଧିଆ ଏକା ସେ । ଯେମିତି ବୁଦ୍ଧି—ସେମିତି ସୁନ୍ଦର । ସେ ଯଦି ଏ ଯୁଗରେ ଜନ୍ମ ହୋଇ ଥାନ୍ତା ତେବେ ମାତା ହରି ( Mata Hari ) ର ନାକ କାଟି ଦେଇ ଥାନ୍ତା ।”

ସ୍ୱାମୀଙ୍କ ମୁହଁରୁ ଜଣେ ଅନ୍ୟ ସ୍ତ୍ରୀ ଲୋକର ଏତେ ପ୍ରଶଂସା ଶୁଣି ଗୃହିଣୀ ମୁହଁ ଫୁଲାଇ କହିଲେ “ହଁ ତମର ସେ ଘରର କଥା ସେଇ ‘ନନା’ ତମର ସବୁ ହେଇଗଲା ।”

ଛୋଟରାମ ବାବୁ ଦେଖିଲେଣି ଯେ ଭୁଲ ତାଙ୍କରେ ହୋଇ ପଡ଼ିଲାଣି—ସେଇ ଯୋଗୁଁ ଟେମ୍ପର ଶୁଣା ଯାଉଛି । ସେ ଚଟ୍ କରି ନିଜର ବ୍ରିଫ୍‌କେସରୁ କିଛି କାଗଜ ବାହାର କରି କହିଲେ “ଶୁଣ—ମୁଁ ତମ ପାଖରେ କୌଣସି କଥା ଲୁଚାଉନାହିଁ—ତମର ଖାଲି କଥା କଥାକେ ଅଭିମାନ ।” ଏହା କହି ଗାଲ ଚିପି ଦେଇ ପକେଟରୁ ୨ ଖଣ୍ଡ ଚିଠିର ନକଲ ବାହାର କରି ଦେଖାଇଲେ । ପ୍ରଥମ ଖଣ୍ଡରେ ଲେଖାଥିଲା—

“ପ୍ରିୟତମ— × × ×
× + × ବାଉଁଶ କାମ ଏ ପର୍ଯ୍ୟନ୍ତ ଶେଷ ହୋଇ ନାହିଁ ଏ ଯୁଗ ଯୋଗୁଁ ମୂଲଆଙ୍କ ମଜୁରି ବଢ଼ି ଯାଇଛି, ଆଉ ମଧ୍ୟ ମିଳୁ ନାହାନ୍ତି । ଆମ ବଳ ସବୁ ପଡ଼ିଆ ପଡ଼ିଛି—କେମିତି କ'ଣ ହେବ ମୁଁ ଭାବି ପାରୁନାହିଁ । ବିଦେଶରେ ଖୁବ ବଢ଼ କର ଗାଲି ଟଙ୍କା ପଠାଇଲେ ସବୁ କାମ ହେବ ନାହିଁ । ଇତି ତମର

ଅଭାଗୀ ‘ଲୀଳା’

Digitized by srujanika@gmail.com

# ତାଜମହଲ

ଲେଖକ– କୁମାର ଶରତ୍ଚନ୍ଦ୍ର ଭୂୟାଁ

ମମତାଜଙ୍କ ମଧୁର ସ୍ମୃତିକୁ ଜାଗ୍ରତ କରି ରଖିବା ପାଇଁ ସସାଗରାଧୀଶ୍ୱର ସମ୍ରାଟ ସାହାଜାହାନ ଗଢ଼ି ଥିଲେ, ଅକ୍ଷୟ କୀର୍ତ୍ତି ଚିହ୍ନ ତାଜମହଲ——ପୃଥିବୀର ଆଶ୍ଚର୍ଯ୍ୟ ତାଲି—ଗୋଟାଏ କରେ ।

ଯମୁନାରେ ତାର ପ୍ରତିବିମ୍ବ ଦେଖି କେତେ ଲୋକେ କବିତା—କିନ୍ତୁ କେହି କେବେ ଭାବିବାର ଅବସର ପାଏ ନା—ମମତାଜଙ୍କ ସ୍ମୃତି ସ୍ତମ୍ଭ ତଳେ ଯେ କେତେ ଶହ କବର ଲୁଚି ହୋଇ ଗଲା । ସେହି କବରର ଭଗ୍ନପିଣ୍ଡ ଉପରେ ବିଜୟ ଗର୍ବରେ ନିର୍ଲଜ୍ଜ ଭାବେ ଥାଇ ଦେଦୀପ୍ୟମାନ ହୋଇଛି ଆଜି ଗଢ଼ିଛି ସଉଧ ପ୍ରେମର ଅମର ଗୀତି, ମାନବ ମୁଗ୍ଧ ହୋଇ ଚାହିଁ ଦେଖୁଛି ସଉଧ ପ୍ରେମର ପଛରେ କେତେଦୂର ଅଛି ତାର ପ୍ରତିଦାନରେ କଣ ଦିଆ ଯାଇ ପାରେ—

ମାନବ ଯୁଗ ଯୁଗ ଧରି ଇତିହାସ କେତେ ଖଣ୍ଡ ଲେଖୁଛି ତା ତଳେ ଲୁଚି ହୋଇ ରହୁଛି କେତେ ପ୍ରାଣର ଆକୁଳ କ୍ରନ୍ଦନ, କିନ୍ତୁ ସେ କାହା ଶୁଣିବାକୁ ଗଲେ ତା'ର ଗଢ଼ା ତାଜ ଅଦୃଷ୍ଟ ରହି ଯିବ ଯେ ବାହାବାଟାରେ ନିର୍ଣ୍ଣୟଚ୍ଛେଦ ।

'ରଜା' ଫିଲ୍ମରେ ଯୋଉ ଦିନ ଫିଲ୍ମ ଉପରେ ଭାବିଲି ଟିକେ, ମମତାଜ ଆଉ ସାହାନଶାହା-ବାଦଶା ସାହାଜାହାନଙ୍କ ଭିତରେ ଯେଉଁ ପ୍ରେମର ଫୁଆର ଖେଳୁଥିଲା ତାର ଆଉ ପେଟ୍ରୀର ଭିତରେ କଣ ସେଇ ପ୍ରେମର ଫୁଆର ଖେଳୁଛି...... ନା, ନା, ମୋଟେ ନା—

ଅକାଶର ସୁଧାଂଶୁ ଆଉ ମର୍ତ୍ତ୍ୟର କଇଁ ଭିତରେ ନିବିଡ଼ ସଂପର୍କ; ତାର ଆଉ ବାସନ୍ତୀର ସେଇ ସଂପର୍କ ।

ତା ନିଜ ହାତ ଦୁଇଟାକୁ ଛାତି ଉପରେ ଚିପି ଧରିଲା ଦୃଢ଼ ଚେଷ୍ଟାରେ—

ତା' ପରେ ସେ ଶୁଣିଥିଲେ ଜଗତ୍ ସମ୍ରାଟ ଗଢ଼ିଗଲେ ଗୋଟାଏ ସାମାନ୍ୟ ତାଜ ତାଙ୍କ ପ୍ରିୟତମାର ସ୍ମୃତି ପାଇଁ × × × ଗୋଟାଏ ସାମାନ୍ୟ କବର; କିନ୍ତୁ ସେ ଗଢ଼ିବ.........ହୃଦୟର ତାଜ ତାର ବାସ ପାଇଁ.........

( ୨ )

କଲମଟାକୁ ପାଖରେ କାମୁଡ଼ି ସେ ଭାବି ବସିଲା କେତେ କ'ଣ, ତାର ଭାବନାର ବେଗ modern Spitfire ଠାରୁ ହଜାର ଗୁଣ ଅଧିକ ।

ବାପା କୋଉଠି ମନା କରୁଛନ୍ତି ସେଠି ବାହା ହେବା, ବାହିଁକି ତାଙ୍କର ଏଥିରେ ହସ୍ତକ୍ଷେପ.........

ଅଜକାଲି Courtship marriage .........

ତା ନ ହେଲେ ଜାଣିବ ଅନ୍ତତଃ ହେବ କେଉଁଠି......ମନ ଯାହାର ଉଠିବ ତହିଁ ସେ ନିଜେ ଉଭୟ ହେବ କେଉଁ ଘର—

ବାସନ୍ତୀ ତାର ଇଙ୍ଗିତରେ ଅନେକ ପ୍ରକାର ବୁଝାଇ କହିଛି ପ୍ରିୟତମ ତୁମେ ମୋର......ତୁମର ସ୍ଥାନ ମୋର ହୃଦୟ ମନ୍ଦିରରେ ।

ଉମେଶର ଗୋଟାଏ ତରଳ ଦୀର୍ଘଶ୍ୱାସ ବାହାରି ଗଲା ଛାତି ଭିତରୁ; ସେ ବାସ୍ତବ ଜଗତକୁ ଫେରି ଆସିବା ଆଗରୁ ତା'ର 'ରଜା' କଳମଟା ହେମାହିଁ କରି ଚାଲି ଗଲା ।

Digitized by srujanika@gmail.com

ତାର ଗୁଞ୍ଜ କନା ନବ ଗ୍ରହଣ ।........

ଅବେ ସେ ଯେ ସ୍ୱପ୍ନ ଶବଭ୍ରର........

କାହିଁ ତାର ଚାନ୍ଦନୀ.........

କବିତାରେ ରୂପ ଦେବାକୁ ଚେଷ୍ଟା କରି ଉମେଶ ଧରିଲା କାଗଜ ଖଣ୍ଡେ । + +

"ସେଦିନ ସଙ୍ଗେ ତୁମକୁ ଦେଖିଲି[illegible]"...........

+ × +

ଭାବିଗଲା ସେ ଅକାଶ ପାତାଳ--

ତଥାପି ପଦ ପଶିଲା ନାହିଁ......କବିତାର ପଂକ୍ତି ଟା ତାହାହେଲେ କ'ଣ ଅପୂର୍ଣ୍ଣ ରହିଯିବ........

କୌଣସି ପ୍ରକାରେ ଗୋଟାଏ ପଦ ନ ମିଳେ........

ହାୟରେ କାବ୍ୟ ଯୁଗର କବି—

ଦୁଃଖରେ ବସି ରହିଲା ଉମେଶ ତାର ଭଗ୍ନ ହୃଦୟ ନେଇ......

( ୩ )

ଚାନ୍ଦନୀ ସୁନ୍ଦରୀ; ମମତାଜ ଠାରୁ ସୁନ୍ଦରୀ କନା...ତାର ଉତ୍ତର ଦେବ ଉମେଶ—

ତଥାପି ସେ ସୁନ୍ଦରୀ × +

ନାହିଁ ତାର ଉପଯୁକ୍ତ ଭାଷା—

ସବୁଟ ସୁନ୍ଦର ତାର ଅଧର ଅଙ୍ଗ ଯୌବନ ଟିକ ହରିଣୀ ପରି ଛନ ଛନ ଦର୍ଶନକୁ ମନକୁଅଛି କରି ଦେଖିଲେ ତାର ଚାହାଣୀ

ଆଉ ଅଙ୍ଗ ଦୁଲକା—

ଶରତର ମଳୟ ସଞ୍ଜରେ ଦିନେ ଉମେଶ ପଚାରିଲା 'ଚାନ୍ଦ ତୁମେ ମୋତେ ଭଲ ପାଅ ।'

ଚାନ୍ଦ ତାର ଉତ୍ତରରେ କହିଲା ବଣ ନ୍ୟୁନ୍ଦାକୁହିଁ ଜଣା—ଉମେଶ ଆବେଗରେ କହିଲା ଚାନ୍ଦ ତୋ ପାଇଁ ମୁଁ ଗଢ଼ିବ ଗୋଟାଏ ସ୍ୱର୍ଗର ତାଜ......ଗୋଟାଏ ନୂଆ ସଂସାରର ମୂଳ ଦୁଆ......ତା ଉପରେ ତୁମେ ଅଉ ମୁଁ, ତୁମେ ଗାଇବ.........ମୁଁ ଦେବ ସୁର......ତୁମେ ଛବି ମୁଁ ରଙ୍ଗ ସେ ଅଞ୍ଜ କିଛି କହି ପାରିଲା ନି........

ଚାନ୍ଦ କହିଲା 'ସେ ତୁମ କଥା ପ୍ରିୟତମ'......ଉମେଶ କହିଲା 'ଜାଣ ଚାନ୍ଦ ମୋତେ କଏ ମନେଅଛି କରି ଦେଖାଉଛି ତୁମର ଏଇ ଉପାଶିଧ ଅଟି ଧର୍ଣ୍ଣ—'

ଦିନ ବିତେଯାଏ ପରେ......ଉମେଶ ତଲେ ବେଶ ଚିକଣ ହେବନ ପାଇଁ ନାଇ ତାର ସାଙ୍ଗମାନଙ୍କୁ ନିମନ୍ତ୍ରଣ କରିକି ଦେଇ ଅସିଲା ... ...

ସେ ଅଜ ଖୁସି ଗର୍ବିତ......ଚାନ୍ଦର ପ୍ରେମ ପାଇଁ ତାର ସାଙ୍ଗ ସୋମନାଥ କେବେ କବିତା ନ ଲେଖିଛି; କେବେ ଉପହାର ନ ଦେଇଛି ତାକୁ ଦିଲ ମାଉଲା...ପ୍ରେମ ଯଦି କେତେ କେତେ ଟଙ୍କା ପାଉଡ଼ର ଅଉ ବନାରସୀ ଶାଢ଼ୀ କ୍ରୀଙ୍କରେ କଣାଯାଇ ପାରୁଥାନ୍ତା ତାହାହେଲେ ତାଜମହଲର ଆବଶ୍ୟକତା କ'ଣ ଥିଲା—?

( ୪ )

ବିବାହ ସରି ଯାଇଛି ମହା ସମାରୋହରେ—ସମସ୍ତେ ବୋହୂକୁ ପସନ୍ଦ କରିଛନ୍ତି...ସାଙ୍ଗ ପିଲେ ସାବାସ ଦେଇଛନ୍ତି ଉମେଶର ଗୋଡ଼ ତଳେ ଲାଗୁ ନି...

ଠିକ୍ ଗୁହାହିଁ ଦିନ ପରେ ରାତିରେ ଉମେଶ ଅବେଗରେ ପଶିଗଲା ଘରକୁ ତାର ଚାନ୍ଦକୁ ଦେଖିବାକୁ...ଚାନ୍ଦ ବସିଛି ଚୁପ୍ କରି. ଗୋଟାଏ ଚୌକି ଉପରେ, ଦୃଷ୍ଟି ତାର ସୀମା ବନ୍ଧ ବାହାର ନଡିଆ ଗଛ ଉପରେ—

ଉମେଶ ଡାକିଲା "ଚାନ୍ଦ—, ବାହାରେ ପୁନେଇଁ ଜହ୍ନ ଫୁଟିଛି ଟିକେ ଟୋ ଚାହାଁର... ସୃଷ୍ଟି କିଏ ଜାଣେ ତାଲ ଦେଖି ଚାହିଁ ପଡ଼ିବ ଫୁଲବୀ କିଶୋରୀ...

ଉମେଶ କହିଲା 'ଚାନ୍ଦ୍ ଅଯ ଟେକାଠା ଉପରେ ବଟିଆ"...

ଚାନ୍ଦ କହିଲା 'ବଡ଼ ଅବସ ଲାଗୁଛି'...ଉମେଶ ଖୁଲିଲା ଅଗ ଅଗ ତାର ହାତଧରି...

ଦୁହେଁ ବସିଲେ ଖଟ ଉପରେ...ଗଳ୍ପ ଗାଇବାର ଅସରନ୍ତି ।

ତା ପରେ ଉମେଶ କହିଲା 'ଚାନ୍ଦ ମୁଁ ଲେଖିଛି ତୁମେ ଦେଖିବ' ଏତିକି କହି ସେ ଉଠି ଗଲା ...କବିତାଟି ଅଣିଲା ସେ ପାଖେ ବସିଦି କହିଲା 'ଶୋଇ...'

ମିନିଟ ମିନିଟ ହୋଇ ଘଣ୍ଟା ସାରା କଟିଗଲା ତଥାପି ଚାନ୍ଦ ଉଠିଲା ନାହିଁ ଉମେଶ ଚିନ୍ତା ଚିହ୍ନ ଅଟିକା ଚାହିଁ ଅଗକୁ ଗୋଟାଏ କଥା ପଚାରିବା ପାଇଁ......

ଚାନ୍ଦନୀ ଅନ୍ତରରେ କାହା ସେ ବେଶ ଶୁଣି ପାରିଲା...... ଏତେ ମୂଲ୍ୟ ଭିତରେ ଭିତରେ ଉପତାଳ ବାହିଁ ମ ଏ ... ଦେବେ. ଅଜଣା ବାଣୀ......

କେମିତି ଯେ ଚୋରିରେ ହୋଇ ଗଲା......( ? )

( ପରିଶିଷ୍ଟାଂଶ ୧୦ ପୃଷ୍ଠାରେ ଦେଖନ୍ତୁ )

Digitized by srujanika@gmail.com

# ଓବଲିଜ୍ ଓ ଏଚ୍, ବି, ଙ୍କ

## ଶେଷ ଉତ୍ତର

## ( Combined Force )

{ ଶ୍ରୀ ଶରତ ଚନ୍ଦ୍ର ଦୀକ୍ଷିତ୍
{ ଶ୍ରୀମତୀ ସରସ୍ୱତୀ ଦୀକ୍ଷିତ୍

ବନ୍ଧୁ ଚଣ୍ଡୀଙ୍କ ହୋଟେଲ ସାମନା ମାର୍କେଟ ଛକ ଗାଙ୍କେ,
ଜୀବନ ମିଶ୍ର ଅର୍ଟିଷ୍ଟ ଯୋଉଟି ମାନସୀକ ଛବି ଅଙ୍କେ । ୧ ।
ସେଇଠି ଦେଖିଲି 'ଡଗର' ହକାର ପାଠି କରି ଦିଏ ଡାକ,
'ଲେଙ୍ଗଡ଼ା ଦାଶଙ୍କ ଚକ୍‌ମା ପଢ଼ନ୍ତୁ'—ପଢ଼ିଲେ ଅଟିବ ଚୁକ୍ । ୨ ।
ମନ ଛକ୍ ପକ୍ ହୋଇଲା ଶୁଣିକି, ଝକ୍ ପକ୍ ହେଲା ପାଠି,
'ଡଗର' ଖଣ୍ଡିଏ ଆଣିକି ପଢ଼ିଲି ଆଖି କରି ମିଟି ମିଟି । ୩ ।
ପୃଷ୍ଠା ଚଣ୍ଡୀ ହୋଟେଲ ଭଜନା ଆମର ଲେଖିଛନ୍ତି ହାତକାଟି,
"H. B. ଅଶୋକ-ଛୋଟା ଭାଇ ପ୍ରତି ଶାନ୍ତି W. ଲେଖନ୍ତି" । ୪ ।
ଧାପେ ପଥାରେ ଲହୁଛି ଭଜନା ଶୁଣିବ କି କାନ ଡେରି ?
କୁଞ୍ଜି ନୂଆ ବୋହୂ ପ୍ରେମ ନ କଲୁ—ଜଳିଣି କି ମନ ମରି !। ୫ ।
ଆମେ ଦୁଇଜଣ 'ଘୋଡ଼ା' 'ଘୋଡ଼ି' ମିଳି ବନ୍ଧୁ ଅଛୁଁ ଭାରି ସୁଖେ,
ତୁମେ ଦୁଇଜଣ ଧାଇ ସାରି ନୂଆ—ଲଜ ନାହିଁ ଯାହା ମୁଖେ । ୬ ।
ନୂଆ ବୋହୂ ଆମ କୁଞ୍ଜ ହୋଇବାକୁ—ଭଜନା ତ ଦିନ ଗଣା,
ପୁନଶ୍ଚ ବଢ଼ିବେ—ଢେଙ୍କା ଜୋରେ ହୋଇଯିବ ଚାଠବଣା । ୭
ଏବେଣି ନୂଆ ବୋହୂ ନାଡ଼ ଦ' ପଦରେ—ଚାଣ୍ଡିର ଖାଲ୍ ଡୋଳ,
କୁଞ୍ଜ ଲଗାଇ ବାହାନାରେ ତାଙ୍କ୍ ଭାଲୁ ଜର ପଡ଼େ ପାଡ଼ି । ୮ ।
'ଓବଲିଜ ଶାନ୍ତି' ହସିଦେଲେ ଅବେ ହମାଏ ସବୁଗ ଚାଲ,
'ନୂଆବୋହୂ' ଆମ ହସିଲେ ଜାଣିବ ହୃଷ୍ଟିରପୁ ହେଲ ପର । ୯ ।

Digitized by srujanika@gmail.com

'ରାଧାରାଣୀ' ଥିଏ କୁଞ୍ଜ ନୂଆ ତୋଳୁ ତାଙ୍କର କୁଞ୍ଜ ପାର୍କ,
M. B. ପାଶ ଡାକ୍ତର ଚୋଟେ ଭେଟକୁ ନଅ ଗୋଠାଇ । ୧୨ ।
ଚାହାଦୁଖ ତୁମ ଜାଣିଥିବ ଯେତେ- କ୍ରନ୍ଦାକୁ ଦେବ ପୋଛୁ,
ମୋଚନ ତୁପର ଲେଜଟି ଥମେ ଉଣ୍ଠାରୁ ଖୋଲିବ କାଛୁ । ୧୩ ।
ଘଣ୍ଟ ଆଉ ଶାନ୍ତ୍ର କହୁଛନ୍ତି ଶୁଣ "ଭିଟେୟ ହେଲ ଦେହଶୁଚ"
ନୋହୁଲେ ଛୁଆଁଣି କଣା ହୋଇଥାନ୍ତା ଅଗ୍ନ ଡେରେ ନମସ୍କାର । ୧୪ ।
ଆମ ପାଇଁ ଯନ୍ତ୍ର ନାକରୁ ସିଙ୍ଘାଣି ଗଢ଼ାଇବ ଏହୁପର,
ଧନକଣା ତୁମ ଚଢ଼ିବ ଅହ୍ନର ସଙ୍ଗେ ମିଳି ଘର । ୧୫ ।
'କୁଜା' 'କଣା' ଦୁହେଁ ସୁଖେ ଘରକର be not such blind
O. K. ଭଲନା ଇତ୍ୟାଦି ରଖିଦେଇ we are combined । ୧୬

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

ଓ୍ୱାଲ୍ଡନିଅର କମର୍ସିଏଲ୍ ବ୍ୟାଙ୍କ୍ ଲି:—

ହେଡ଼ ଅଫିସ— କଲିକତା

ଶାଖା ଅଫିସ୍‌ମାନ—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମୈତ୍ରଗଞ୍ଜ ।

ନବପ୍ରତିଷ୍ଠିତ ଶାଖା — ଭଦ୍ରକ ।

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼ ପାଟନା

(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲାଯାଉଛି)

ମେନେଜିଂ ଡିରେକ୍ଟର—

ନୂଆଦିଲ୍ଲୀ ନାଗପୁର । ସ୍ୱା—ପି. ଏନ୍: ରାୟ୍ ଚୌଧୁରୀ ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ୧ ଜମା ଦେଲେ—ବ ୪ ର୍ଥ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।

Digitized by srujanika@gmail.com

ଅନ୍ୟ ଏଠି ଖଣ୍ଡକରେ—

ମୁଃ ଭାର୍ଜ

ତା—

ପ୍ରିୟେ;

+ + + ×

+ + ଏଠିରୁ ସମସ୍ତ ଜାଣିଲ, ବିଲ ଚାଷ କାମ ପାଇଁ ବ୍ୟସ୍ତ ହେବ ନାହିଁ ଆମ ବାଡ଼ରେ ଘର ପାଖ ବାଉଁଶ ବଣରେ ଅନେକ ଗୁପ୍ତ ଧନ ପାତ ମୁଁ ପୋତି ରଖିଛି – ମୁଁ ଗଲେ ଯାଇ ସେ ସମସ୍ତର ବନ୍ଦୋବସ୍ତ କରିବ । ତମେ ବୃଥା ଚାଷ ପାଇଁ ବ୍ୟସ୍ତ ହେବ ନାହିଁ, କାରଣ ପୁଲିସ ଯଦି ସନ୍ଧାନ ପାଏ ତ ମୋର ଫାଶି ନିଶ୍ଚୟ—ମୁଁ ମାସକ ଭିତରେ ଯାଉଛି - ଗଲେ ଯାହା ହେବ । ଇତି

ତମର 'ମୁଁ'

ବୁଦ୍ଧିମତୀ ସବ୍‌ଇନସ୍‌ପେକ୍‌ଟରର ଗୃହିଣୀ ଏ ଏଠିରୁ ଘଟଣା ବେଶ୍ ବୁଝି ପାରିଲେ ଏବଂ ସ୍ୱାମୀଙ୍କୁ ଖୁବ ଆଗ୍ରହର ସହିତ କହିଲେ 'କେବେ ଯାଉଛ !''

''ଏଇ ଦୁଇ ତିନି ଦିନ ଭିତରେ ମୁଁ ପୋଲିସ ସାହେବଙ୍କୁ ଫୋର୍ସ ପଠାଇବା ପାଇଁ ଲେଖିଛି—ଆସିଲେ ଯିବ ।''

ଦୁଇ ଦିନ ପରେ ଚୋଧୁରାମ ବାବୁ ଯାଇ ଖୁବ୍ ଭୋର ଭୋର ବସନ୍ତପୁର ଗ୍ରାମରେ ହାଜର । ସାଙ୍ଗରେ ଦୁଇ ମଟର ଟ୍ରକ ଭର୍ତ୍ତି ପୁଲିସ ଫୋର୍ସ ଓ କୋଡ଼ି କୋଦାଳ । ଯାଇ ପହଞ୍ଚି ନିଧିରାମ ବାବୁ ଘର ଘେରାଉ କରି ତାଙ୍କ ବାଡ଼ି ଖୋଳାଇବାକୁ ଲାଗିଲେ । ଆଉ ଚୌକିଦାରମାନଙ୍କୁ ହୁକୁମ ଦେଲେ ନିଧିରାମର ବିଲରେ ଲଙ୍ଗଳ ଲଗାଇ ଚାଷ କରିବାକୁ । ଗାଁ ଲୋକେ ଏ ସବୁ ଘଟଣା ଦେଖି ଅବାକ୍ । ନିଧିରାମ ବାବୁଙ୍କ ସ୍ତ୍ରୀ ମଧ୍ୟ ଏ ସବୁ କାଣ୍ଡ ଦେଖି ଭୀତ ତ୍ରସ୍ତ । ସକାଳୁ ସଞ୍ଜ ପର୍ଯ୍ୟନ୍ତ ବିଲ ବାଡ଼ି ତନ୍ନ ତନ୍ନ ହୋଇ ସର୍ଚ୍ଚ ଚାଲିଲା କେଉଁଠି କିଛି ହେଲେ କେଉଁଠି ଟ୍ରାଙ୍କ୍ ମୋହର ସେଥିର ସନ୍ଧାନ ମିଳିଲା ନାହିଁ । ନିରାଶ ହୋଇ ସନ୍ଧ୍ୟାବେଳେ ଘରକୁ ଫେରିଲେ । ଗୃହିଣୀ ବାବୁଙ୍କର ମୁହଁର ଅବସ୍ଥା ଦେଖି ଘଟଣାଟା ବେଶ ବୁଝି ପାରିଲେ ଓ କିଛି ପଚାରିବାକୁ ସାହସ କଲେ ନାହିଁ ।

ମାସ ଭିତରେ ୧୦ । ୧୫ ଦିନ କଟି ଯାଇଛି । ଚୋଧୁରାମ ବାବୁଙ୍କ ମନ ଭାରି ଖରାପ—ଗୃହିଣୀଙ୍କ ତହୁଁ ବଳି ଅଧିକ । ଘଟଣା ଏତେଦୂର ଆସି ଦୁଇ ଥର ଫେରି ଯାଇଛି । ଦିନେ ପୋଷ୍ଟ ଅଫିସରେ ଏଠି ଯାଞ୍ଚ କରୁ କରୁ ଖଣ୍ଡେ ଏନ୍‌ଭେଲୋପ ଏଠି ଚୋଧୁରାମ ବାବୁଙ୍କ ଆଖିରେ ପଡ଼ିଲା—ଏଠିଟା ନିଧିରାମ ବାବୁଙ୍କ ଠିକଣାରୁ ଆସିଛି, ସେଥିରେ ଲେଖାଥିଲା –

ଲୀଳା—

ସମସ୍ତ ବୁଝିଲି । + × +

ଯାହାହେଉ ପୁଲିସ ଆସି ଅମଣି ଏତେ ଉପକାର କରି ଦେଇଛି—ଆଉ ମୋର ନ କରି ବାଡ଼ିରେ ଫସଲ କରି ପକାଅ ଓ ବିଲରେ ଧାନ ବୁଣି ଦିଅ । ମୁଁ ଆଜି ଡାକରେ ୫୦ ଟଙ୍କା ପଠାଇଲି । ଇତି

ତମର 'ମୁଁ'

ଚିଠିଟା ପଢ଼ିସାରି ସବ୍‌ଇନ୍‌ସ୍‌ପେକ୍ଟର ଉଦ୍ୟାନକ ଗୃହକୁ—ସି: ଆଇ: ଓ ବାବୁଙ୍କ ଠକ ହେଲ । ଆସ, ବେଳ ପଡ଼ିଲେ ଆଉ ବୋଝ ବାଗରେ ଦେଖି ନେବି । ସେ ଦିନ ଘରକୁ ଫେରି ସେ ଚିଠିର ସମସ୍ତ ବିବରଣ ଗୃହିଣୀଙ୍କୁ କହିଲେ ''ଗୃହିଣୀ ଖୁବ୍ ଠୋ ଠୋ ହସି କହିଲେ ''ଛି ଏଇ ଯୋଗ୍ୟ କି ତମ ପୁରୁଷ ଜାତିଟା ବୁଦ୍ଧି ଓ ଗୁଣ ।''※

※ କୌଣସି ବିଦେଶୀ ଗଳ୍ପର ଅବଲମ୍ବନରେ ଲିଖିତ । ଗଳ୍ପ ସଂପୂର୍ଣ୍ଣ କାଳ୍ପନିକ ।

## କୁତୁକୁତୁ

''ମୁଁ ମୋ ସ୍ତ୍ରୀଙ୍କ ପାଇଁ ଗୋଟିଏ ଶାଢ଼ୀ କିଣିଲି, ତା ପରେ ମଟରେ ଘରକୁ ଧାଇଁଗଲି ।''

କାହିଁକି ମ ?

''ମୋର ଭାରି ଭୟ ହେଉଥିଲା ଯଦି ଏଥି ସମୟ ଭିତରେ ଫେସନ ବଦଳି ଯାଏ !''

× × ×

Digitized by srujanika@gmail.com

## କାନିଆ ବନନ ଗଲାଗଲା .......

ସଂଗ୍ରାହକ:—ଶ୍ରୀ ଦେବ ମହାପାତ୍ର

"ଗୁଅଟା ଏତେ ଯୋରରେ କାନ୍ଦୁଛି ତମେ ଭୁବଯାକୁ କାହିଁକି ଡାକୁନ ?"

"ତାକୁ ଡାକିଲେ ସିଏ ଏଇକ୍ଷଣି ଗୀତ ବୋଲି କରି ଶୁଆଇବ।"

× + +

ସ୍ୱାମୀ—ଅଚ୍ଛା ମୁଁ ଚାଲାଗଲି—ଆଜି ଦେଖ, ଯଦି ଅଫିସରୁ ମୋର ଆସିବା ଅସ୍ତ ହେବ ହୁଏ ତେବେ ପିଅନ ହାତରେ ଗୋଟିଏ ଚିଠି ଲେଖି ପଠାଇ ଦେବି।

ସ୍ତ୍ରୀ—ଏତେ କଷ୍ଟ କରିବାକୁ ଯିବ କାହିଁକି! ସେ ଚିଠି ଖଣ୍ଡିକ ତମ କୋଟ ପକେଟରୁ ମୁଁ ନେଇ ସାରିଲିଣି। × ×

ଏମିତିଆ ଗୋଟାଏ ମେସିନ୍ ଅଛି ଦେଖି-ଛନ୍ତି କି ଯେଉଁଟାକୁ ମଣିଷ ମିଛ କଥା କହୁଥିଲେ ଧରି ପକେଇ ଦେବ ?

"ଦେଖିଛ କଣି ହେ ? ମୁଁ ସେଥିରୁ ଗୋଟିକୁ ବାହା ହେଇଚି।"

× × ×

ମୁଁ ସବୁଦିନେ ଯେତେବେଳେ ଘରକୁ ଫେରେ ମୋ ଭାର୍ଯ୍ୟା ଦାଣ୍ଡ ଦୁଆରୁ ମୁହଁକୁ ଦୌଡ଼ି ଆସି ମୋ ଓଠରେ ଗୋଟିଏ ଚୁମା ଦିଏ—ସେ ଶୋଧିକରି ଜାଣିବାକୁ ଚାହେଁ ମୁଁ ମଦ ପିଇଚି କି ନା!

+ × +


# କୁବେର ବ୍ୟାଙ୍କ ଲିଃ

ହେଡ଼ ଅଫିସ—କଲିକତା

**ଶାଖା ଅଫିସ ମାନ:—**

ଢାକା, କାଲିମ୍ପଙ୍ଗ୍, ସିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣାଘାଟ, ବଡ଼ବଜାର।

**୧୬ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି।**

ସମସ୍ତ ପ୍ରକାର ବ୍ୟାଙ୍କିଂ କାର୍ଯ୍ୟ କରାଯାଏ।
ଜାଜପୁର ଶାଖା ଶୀଘ୍ର ଖୋଲାଯିବ।

ଏସ୍: କେ: ଚକ୍ରବର୍ତ୍ତୀ
ମ୍ୟାନେଜିଂ ଡାଇରେକ୍ଟର


Digitized by srujanika@gmail.com

# ବହିପତ୍ର

**ପୂର୍ଣ୍ଣଚନ୍ଦ୍ର ଭାଷାକୋଷ—**

ଆମ୍ଭେମାନେ ଏହି ବିରାଟ ଓ ମହାମୂଲ୍ୟ ଗ୍ରନ୍ଥର ପ୍ରଥମ ଏକ ସେଟ ଉପହାର ପାଇ ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କୁ ଭୂରି ଭୂରି କୃତଜ୍ଞତା ଅର୍ପଣ କରୁଛୁ। ପ୍ରହରାଜ ଆପଣା ଅର୍ଥରେ ଯେତେବେଳୁ ଗ୍ରନ୍ଥ ଏହି ଅମୂଲ୍ୟ ଭାଷାକୋଷ ସମ୍ପୂର୍ଣ୍ଣ କରିବାରେ ଜୀବନର ସୁଦୀର୍ଘ ଓ ଶ୍ରେଷ୍ଠ ସମୟ ବ୍ୟୟ କରିଛନ୍ତି। ବିଶେଷତଃ ସଂସ୍କୃତ, ବଙ୍ଗଳା, ହିନ୍ଦି, ଓ ଓଡ଼ିଆ ଚାରିଭାଷାର ସମାନାର୍ଥ ଦେଇ ଆଲୋଚନା କରିବାରେ ତାଙ୍କର ଯେ କେତେ କାୟିକ ଓ ମାନସିକ ଶକ୍ତିର ଲୋଡ଼ା ହୋଇଥିବ ତାହା କଳ୍ପନାତୀତ। ଶବ୍ଦାର୍ଥର ଏଭଳି ଭେଦ ଆଲୋଚନା ଖୁବ୍ କମ କୋଷଗ୍ରନ୍ଥରେ ଦେଖିବାକୁ ମିଳେ। ଏପରି ଅମର ଗ୍ରନ୍ଥ ସଙ୍କଳନ କରି ଗୋପାଳ ବାବୁ ଓଡ଼ିଆ ଭାଷା ଓ ଓଡ଼ିଆ ଜାତିର ଗୌରବ ଜଗତ ଆଗରେ ଦେଖାଇ ପାରିଛନ୍ତି। ପୃଥିବୀର ଯେ କୌଣସି ଭାଷାରେ ଏଭଳି ବହୁମୂଲ୍ୟ ଓ ବିରାଟ ଗ୍ରନ୍ଥ ଖୁବ କମ ଅଛି କହିଲେ ଚଳେ।

ଗ୍ରନ୍ଥର ମୂଲ୍ୟ ପ୍ରଥମେ ଟ ୨୨୦ ଥିଲା ବର୍ତ୍ତମାନ ଗରିବ ଓଡ଼ିଆ ଯେପରି ଘରେ ଘରେ ରଖି ପାରିବେ ସେଥି ପାଇଁ ମାତ୍ର ଟ ୬୦ ରେ ବିକ୍ରୀ ହେଉଅଛି। ଆମ୍ଭେମାନେ ଅନୁରୋଧ କରୁ ଓଡ଼ିଶାର ପ୍ରତ୍ୟେକ ସ୍କୁଲ ଲାଇବ୍ରେରି ଓ ଘରୋଇ ଲାଇବ୍ରେରି ଏହି ସୁଯୋଗକୁ ଉପେକ୍ଷା କରିବେ ନାହିଁ। କାରଣ ଏତେ ଚଞ୍ଚଳ ଅର୍ଥ ଯେପରି ଏ ଗ୍ରନ୍ଥ ଯେ ପୁନର୍ମୁଦ୍ରିତ ହେବ, ଏ ଆଶା ଅତି କମ।

**ବାଜି ରାଉତ**—ପ୍ରସିଦ୍ଧ କବି ଶ୍ରୀ ସଚ୍ଚି ରାଉତରାୟଙ୍କ ବିରଚିତ କବିତା ପୁସ୍ତକ ୨ୟ ସଂସ୍କରଣ। ସଚ୍ଚି-ବାବୁଙ୍କ ସିଦ୍ଧ ଲେଖନୀରୁ ଅଗ୍ନିମୟୀ ଭାଷାରେ ନିସୃତ ବୀର ବାଳକ ବାଜିରାଉତର ବୀରତ୍ୱ କାହାଣୀ ପଢ଼ିଲେ ହୃଦୟ ରକ୍ତ ୧୦୦—ଡିଗ୍ରୀ ଗରମ ହୋଇଯାଏ। ଜାତିର ଜାଗରଣ ନିମନ୍ତେ ଏଭଳି ପୁସ୍ତକ ଓଡ଼ିଆ ଭାଷାରେ ବହୁତ ଲୋଡ଼ା।

ବାଜି ରାଉତର ଇଂରାଜୀ ଅନୁବାଦ ଗ୍ରନ୍ଥାକାରେ ପ୍ରକାଶିତ ହୋଇ କବି ଓ ମାତୃଭୂମିର ଗୌରବ ବଢ଼ାଇଛି। ଆଶାକରୁଁ ପ୍ରତ୍ୟେକ ଓଡ଼ିଆ କିଶୋର ଓ ଯୁବକ ଏହା ପାଠ କରି ସ୍ୱମହତ୍ ଆଦର୍ଶରେ ଅନୁପ୍ରାଣିତ ହେବେ।

**ଚପୋଡ଼ା କପାଳ** – ଗଳ୍ପ ବହି ମୂଲ୍ୟ ଚାରି ଅଣା। ଏଥିରେ ଶ୍ରୀ ଗୋପୀନାଥ ମହାନ୍ତି, ଶ୍ରୀ କାହ୍ନୁ ଚରଣ ମହାନ୍ତି ଓ ଶ୍ରୀ ନନ୍ଦ କିଶୋର ତିନିଜଣଙ୍କ ଲିଖିତ ପାଞ୍ଚୋଟି ଗଳ୍ପ ଅଛି। ତିନିଜଣ ଉଦୀୟମାନ ଲେଖକ ଗଳ୍ପ ଲେଖାରେ ଯେପରି ଖ୍ୟାତି ଅର୍ଜନ କରିଛନ୍ତି; ଗଳ୍ପଗୁଡ଼ିକ ସେହିପରି ଏକକୁ ଆରେକ ସରସ।

———

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ *

( ମର୍ତ୍ତାଣ୍ଡ ଚମ୍ପୂ )

କାନ୍ତ-କବିବିରଚିତ

## ( ଷ )

ମଠପଦ ନୀଳ ଟେକଣା ଆଟରା ଗୁହାଁ ଗୁହାଁ
ସଳଖି ସେ ଦଶେ ଅଖି କି ସୁନ୍ଦର ଅହା ।
ସାଙ୍ଗ ହୋଇ ଟୋକା ଦଳେ,
ସିଧା ହୋଇ ଆସୁଛନ୍ତି ସିନାଠି ସକଳେ ॥
ସମୀରେ ଆସଇ ଭାସି scent ର ସୁବାସ,
ସୁଙ୍ଗିଲ ମାନେ କାହିଁକି ମାଡ଼୍ଛୁତ କାଶ ।
ସଜ ହୋଇଛନ୍ତି ଜାଣି
ଘାଉଁଳି ଅଛନ୍ତି ଟେର ମାରି ତେଲ ପାଣି ॥
ସରାଳି ସମାନେ ଦିଶୁଛନ୍ତି ଶୋଭାବନ୍ତ,
ସାଟିଣି ସାର୍ଟରେ ଢୋଡ଼ାଇଣି ଅପଘନ ।
ସିଲ୍କ୍ ରୁମାଲ ଉଡ଼ାଇ
ସଲାମ ଦିଅନ୍ତି ଅମ୍ଭ ଆଡ଼କୁ ବଢ଼ାଇ ॥
ସେନାପତି ପରି ଜଣେ ଯାଉଅଛି ଜୋଣା,
ସମିଛି ଚଷମା ଚକ୍ଷେ ଅଟେ କି ସେ କାଣା ।
ସଦା ଫୁଙ୍କୁଅଛି ପିକା
ସାବୁନରେ ଘସିମାଜି ମୁହଁ ଦିଶେ ଫିକା ॥
ସଙ୍ଖୋଳି ଆସିବା ଚାଲ ସବୁ ସହଚରୀ,
ସହାସ୍ୟ ମୁଖେ ସ୍ୱାଗତ-ସମ୍ଭାଷଣ କରି ।
ସଫା ଛାଡ଼ିଣି ସରମ
ସଭ୍ୟା ନାରୀ ସମାଜର ଏହି ଧରମ ॥

ରେ ଢଙ୍ଗିନ, ଯାହାଙ୍କ ଅଗ ଛେଚରେ ବଲ୍ଲଭ କୁକୁର ଗୁଡ଼ିଏ ଗୋଡାଉଛନ୍ତି ସେହି କୋକିଳବର୍ଣ୍ଣ ନେଳ ଡୋଳା ସଦୃଶ ଚଗଲା ବାଳକଟି କିଏ ?

ଚଟକ ଚନ୍ଦ୍ରଙ୍କର ଚମକପ୍ରଦ ମୂର୍ତ୍ତି ସନ୍ଦର୍ଶନ କରି ଚପଳ ନୟନା ନବ୍ୟଫେସନା ତରୁଣୀଗଣ ଆପଣା ମଧ୍ୟରେ ବାକ୍ୟାଳାପ କରିବାକୁ ଲାଗିଲେ । ଗୁହୁଁ ଗୁହୁଁ ସେଇ ଟୋକା ଦଳ ତରୁଣୀମାନଙ୍କ ନିକଟବର୍ତ୍ତୀ ହେବା ଉଦ୍ଦେଶ୍ୟରେ ନଈବାଲିରେ ପଦାର୍ପଣ କରନ୍ତେ ସେମାନେ ଅମ୍ଳାନ ଭ୍ରୂକ୍ଷେପ "ହେଉରଲୋ, ଇଏ ତ ସେହି ଲୋ" ବୋଲି କହିବାକୁ ଲାଗିଲେ ।

---

( ବାହାଣୀ ୭ମ ପୃଷ୍ଠା ଉତ୍ତାରୁ )

କ୍ରମେଣ ଭାବିଲା ଆକାଶ ପାତାଳ— ତା'ର ହାରାର ତାଜ କ'ଣ ଗଣ୍ଡିଏ ରହିବ, ପ୍ରେମର ପରିସର କ'ଣ ଏତେ ଛୋଟ ଯେ ଏଇ ସାମାନ୍ୟ ତ୍ରୁଟିକୁ ସେ ମାର୍ଜନା କରି ପାରିବ ନାହିଁ, ମମତାଜଙ୍କର କଣ କୌଣସି ତ୍ରୁଟି ନଥିଲା । ନା, ସେ ବାସକୁ ଭଲ ପାଇଛି, ତା'ର ରୂପକୁ ତ ଖାଲି ଭଲ ପାଇ ନାହିଁ । ତାକୁ ତା'ର ତାଜ ପୂର୍ତ୍ତି କରିବାକୁ ହେବ — ଏ ତାଜ ହେବ ହେବ ତାଜମହଲ ଠାରୁ ବଡ଼ ଓ ଆଦର୍ଶ — ସେ ଆଉ ଭାବି ପାରିଲା ନାହିଁ । ଡାକିଲା "ବାସ, ତମେ କାନ୍ଦୁଛ, ଛି ମୁଁ ପରା ତମକୁ ଭଲ ପାଇଛି — ତମର ସମସ୍ତ ତ୍ରୁଟି ମୋ ପାଖରେ କିଛି ନୁହେଁ; ତମକୁ ନେଇ ମୁଁ ପରା ଗଢ଼ିବି ଆଦର୍ଶ ତାଜ — "

ବାସନ୍ତୀ ଆଉ କିଛି କହି ପାରିଲା ନାହିଁ, କେବଳ କହିଁ କହିଁ ହୋଇ କାନ୍ଦି କହିଲା 'ଦେବତା"

---

* Reproduction in part or full is strictly prohibited.

Digitized by srujanika@gmail.com

# ହରେକୈ ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ନ୍ୟୁନ ବାଳକ ବାଳିକାମାନଙ୍କ ପାଇଁ)

ଉଦ୍ଦେଶ୍ୟ —

୧ । ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଡଗରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

## ଅଜାଙ୍କ ଚିଠି ।

ସ୍ନେହର ନାତି ନାତୁଣୀମାନେ,

ତମମାନଙ୍କ ଭିତରୁ ଶ୍ରୀମତୀ କସ୍ତୁରବା ଗାନ୍ଧୀଙ୍କୁ ନ ଜାଣେ ଏମିତି କେହି ନାହାନ୍ତି । ସେ କେତେ ଦିନ ହେଲା ଆମ୍ଭମାନଙ୍କୁ ଓ ଦେଶକୁ ଦୁଃଖ ସାଗରରେ ଭସାଇ ଚିରଧାମ ତ୍ୟାଗ କରି ଚାଲି ଯାଇଛନ୍ତି ! ତାଙ୍କ ସ୍ମୃତି ପାଇଁ ଆମେ କଣ କରି ପାରିବା ! ଆମେ ଗରିବ ସତ, ଆମ ଦେଶରେ ଦୁର୍ଭିକ୍ଷ, ମହଙ୍ଗ, ଖାଦ୍ୟାଭାବ ଲାଗି ରହିଛି, ତେବେ ମୁଦ୍ଧା ଆମେ ପଛେଇବା ନାହିଁ । ଭାରତ ସେବକ ସମିତିର ସଦସ୍ୟ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଏହି ପାଣ୍ଠି ପାଇଁ ନିବେଦନ କରିଛନ୍ତି । ସେ ଲେଖିଛନ୍ତି "ଭାରତରେ ୧୮ ବର୍ଷରୁ ୪୫ ବର୍ଷ ବୟସର ସବୁ ସ୍ତ୍ରୀ ଲୋକେ ବର୍ତ୍ତମାନ ଯୁଦ୍ଧ ପାଇଁ କିଛି ନା କିଛି କାମ କରିବା ପାଇଁ ରେଜେଷ୍ଟ୍ରୀକୃତ ହୋଇଛନ୍ତି । ଆମ ଭାରତୀୟ ଜାତୀୟ କସ୍ତୁରବା ସ୍ମୃତି ପାଣ୍ଠି ପାଇଁ ସେହିପରି ପ୍ରତ୍ୟେକ ସ୍ତ୍ରୀ, ବାଳକ, ଓ ବାଳିକାମାନଙ୍କର ବଦ୍ଧ ପରିକର ହେବା ଉଚିତ ନୁହେଁ କି ?"

ମୁଁ ନାତିଙ୍କୋ ପାଣ୍ଠିରୁ ୫ ୩ ୮ ଓ 'ଡଗର' ଫଣ୍ଡରୁ ୫ ୨ ୮ ଏପରି ୫ ୫ ୮ ଦେବି ବୋଲି ମନସ୍ଥ କରିଛି । ତମ ଭିତରୁ ଯିଏ ଯାହା ଦେବ ଆମ ଚିକ୍ଲିନା ସମ୍ପାଦକଙ୍କ ଜରିଆରେ କିମ୍ବା ସିଧା କସ୍ତୁରବା ଗାନ୍ଧୀ ସ୍ମୃତି ପାଣ୍ଠି ଅଫିସ, ଡଗର ମଠା, କଟକ, ଠିକଣାରେ ପଠାଇଲେ ଚଳିବ । ଯେଉଁମାନେ 'ଡଗର' ଜରିଆରେ ପଠାଇବେ, ସେମାନଙ୍କ ନାମ ଧାମ ଡଗରରେ ପ୍ରକାଶ ପାଇବ—ଏହି ସଂଖ୍ୟାରେ ଅନ୍ୟତ୍ର ପ୍ରକାଶ ପାଇଥିବା ବିଜ୍ଞାପନ ପଢ଼ି ଏହି ପାଣ୍ଠି ବିଷୟରେ ବିଶେଷ ବିବରଣୀ ଜାଣି ପାରିବେ । ମୁଁ "ଛାତ୍ରମାନଙ୍କ ପ୍ରତି ନିବେଦନ" ଶିର୍ଷକ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କ ଠାରୁ ପ୍ରାପ୍ତ ଖଣ୍ଡିଏ ଚିଠି ପ୍ରକାଶ କଲି । ଇତି

ତମର 'ଅଜା'

## ଛାତ୍ରମାନଙ୍କ ପ୍ରତି ନିବେଦନ

ମୁଁ ଯେତେବେଳେ ବାଲେଶ୍ୱର ଜିଲ୍ଲା ସ୍କୁଲର ମାଟ୍ରିକୁଲେସନର ୪ର୍ଥ ଶ୍ରେଣୀରେ ପଢ଼ୁଥିଲି ସେତେବେଳେ ସ୍ୱଦେଶୀ ଆନ୍ଦୋଳନରେ ବୋମା କେଶରେ ଶ୍ରୀଯୁକ୍ତ ଅରବିନ୍ଦ ଘୋଷ ଧରା ହୋଇଥାନ୍ତି । ତାଙ୍କର ମକଦ୍ଦମା ଲଢ଼ିବା ପାଇଁ ଖବର କାଗଜରେ ଗୋଟିଏ ଆବେଦନ ପତ୍ର ବାହାରିଥିଲା । ସେଥିରେ ଯେ ଯେତିକି ସାହାଯ୍ୟ ଦେଇ ପାରିବେ ତାହା ଗ୍ରହଣ କରାଯିବ ବୋଲି ଲେଖାଥିଲା । ମୁଁ ସେ ସମୟରେ ଦୁଇଅଣା ପଇସା ଉକ୍ତ ମକଦ୍ଦମା ଲଢ଼ିବା ପାଇଁ ପଠାଇଥିଲି । ପ୍ରତିଦିନ ମଧ୍ୟ ଖବର କାଗଜ ଦେଖୁଥାଏଁ ଯେ, ଆମ ମକଦ୍ଦମା ଜିତିଲୁ କି ନାହିଁ । ଯେଉଁ

Digitized by srujanika@gmail.com

ଏକ ଶୁଣିଲି ଯେ ମି: ଅତ: ଦାସ ବାଣଷ୍ଟ୍ରା କର ଅରବେନ୍ଦ ଲୋକଙ୍କୁ ଖଲସ କରିଛନ୍ତି ସେ ତନ ମୋର ଖୁବ ଦୁଃଖେ ହୋଇଗଲା !

ଏଣୁ ଛାତ୍ରମାନଙ୍କୁ ମୋର ନିବେଦନ ଯେ ସେମାନେ ବର୍ତ୍ତମାନ ପରୀକ୍ଷା ପରେ ଯେଉଁ ସୁଦୀର୍ଘ ଗ୍ରୀଷ୍ମାବକାଶ ପାଇବେ ତାହାର ଭିତରେ କସ୍ତୁରୀବାଇ ଗାନ୍ଧୀ ଜାତୀୟ ସ୍ମୃତି ପାଣ୍ଠି ସଂଗ୍ରହ ପାଇଁ ଉତ୍ସାହର ସହିତ ଟିକେଟ ବହିମାନ ନେଇ ବିକ୍ରୟ କରିବାକୁ ଲାଗି ପଡ଼ନ୍ତୁ । ସେଥିପାଇଁ ସେମାନେ ଉତ୍କଳପ୍ରଦେଶ କସ୍ତୁରୀବାଇ ଗାନ୍ଧି—ସ୍ମୃତିପାଣ୍ଠି ଅଫିସରୁ ବର୍ଷା କାଳୀନ କାଠଯୋଡ଼ିର ଧୂଆ ପର ଆସି ଟଙ୍କା ଜମା କରି ଦିଅନ୍ତୁ ।

Little streams maka a mighty river ଏହି କଥାକୁ ସ୍ମରଣ କରି ପ୍ରତ୍ୟେକ ସ୍ଥାନର ଛାତ୍ରମାନେ ନିଜ ନିଜ ଅର୍ଜନରୁ ପାଣ୍ଠି ସଂଗ୍ରହ କରି ଟଙ୍କା ଏବଂ ସହାନୁଭୂତି ସୂଚକ ପତ୍ରମାନ, କସ୍ତୁରୀ ବାଇ ଜାତୀୟ ସ୍ମୃତି ପାଣ୍ଠି ଅଫିସ—ଉତ୍କଳ ପତ୍ରା ପୋ: ଅ: ଗୃହିଣୀ ନୈକ, କଟକ ଠିକଣାରେ ପଠାନ୍ତୁ ।

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ
ଭାରତ ସେବକ ସମିତିର ସଭ୍ୟ

## ଆଜିଅଚ୍ଛି ଯାହା ବାକି ।

ଆଜି ଅଛି ଯାହା ବାକି
ନୟନର ଧାରା ବହି ଯାଏ ଖାଲି
ନିତେ ତେ ତୁମକୁ ଡାକି ।
ଅନ୍ତରରେ ସବୁ ଯାଉଅଛି ଭାସି
ଅଶ୍ରୁଜଳ ଅଛି ସାକ୍ଷୀ ।
କିଏ ଅଛି ପାପ ରବି, ଶଶି, ତାରା
ଅନ୍ଧକାର ମଝିରେ ହୁଏ ପଥ ହରା
ଦୁଃଖିର ଜୀବନେ ସାଥି ମୋର ଏକା
ଜଳ ଭରା ଦୁଇ ଆଖି ।
ଥିଲା ଯାହା ମୋର ଦେଇଛି ତୁମ୍ଭଙ୍କୁ
ହେ ମୋର ଦୁଃଖର ଛବି,
ଜୀବନମୟେ ତାର ତୁମ୍ଭଠାରେ ଅଛି
ଏହି ତନ ମୋର ଦାବି ।
ଶେଷ ଦିନଟିରେ ଏହି ଅଶ୍ରୁଜଳ
ତୁମର ଆସନ କରୁ ଟଳ ମଳ
ଫେର ଆସି ତୁମ୍ଭେ ପୂର୍ଣ୍ଣ କରି ଦିଅ
ଆଜି ଅଛି ଯାହା ବାକି ।

ଶ୍ରୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକ

## ନୂଆ ନାଗଙ୍କ ନାମ

ଶ୍ରୀ ବଳରାମ ନାୟକ C/o ଅଭିକନ୍ଦ ବାରିକ ୧୦୧/୧—କ୍ଲାଇଭ୍ ଷ୍ଟ୍ରିଟ୍—କଲିକତା । ୫୨୫ ଶ୍ରୀ ସୁରେନ୍ଦ୍ର କୁମାର ବାରିକ C/o. ମୋହନନ୍ଦ ବାରିକ ଗ୍ରା: ହଲଦିପଦା—ପୋ: ଗ୍ରାମବାଗ—ଜି: କଟକ । । ୫୨୬ । ଶ୍ରୀ ରାମ ପ୍ରସାଦ ନନ୍ଦ, ନୃପରାଜ ହାଇସ୍କୁଲ ପୋ: ସରାଇକଲା, ସରାଇକଲା ଷ୍ଟେଟ । ୫୨୭ ଶ୍ରୀ ଗଙ୍ଗାଧର ମିଶ୍ର C/o D. I. of Schools P.O. Keonjhargarh [E. S. A] ୫୨୮ ଶ୍ରୀ ଚିତରଞ୍ଜନ ଦାସ C/o. କୈଳାଶ ଚନ୍ଦ୍ର ଦାସ ପୋ: କରଞ୍ଜିଆ, ମୟୂରଭଞ୍ଜ ଷ୍ଟେଟ । ୫୨୯ । ଶ୍ରୀ ଶିଶିର କୁମାର ଦାସ C/o. ଭାସ୍କର ଚନ୍ଦ୍ର ହୋତା ପୋ: ଅନନ୍ତପୁର ଜି: ବାଲେଶ୍ୱର । ୫୩୦ ଶ୍ରୀ ପାନବାସ ପ୍ରଧାନ Baudh H. E. School. Class IX. P. O. Baudh Raj. ବଉଦ ଷ୍ଟେଟ । ୫୩୧ । ବାଉଟବନ୍ଧୁ ଦାସ ବ୍ରଜବନ୍ଧୁ ନୈଶ ବିଦ୍ୟାଳୟ ୭ ନଂ—ଗାରେଷ୍ଟିନ ପ୍ଲେସ, କଲିକତା ।

Digitized by srujanika@gmail.com

# କସ୍ତୁରୀବାଈ ଗାନ୍ଧି

## ଜାତୀୟ ସ୍ମୃତିରକ୍ଷା ପାଣ୍ଠି କମିଟି ଅଫିସ

**ତଗରପଡ଼ା, ପୋ: ଅ: ଚାନ୍ଦନୀଚୌକ; କଟକ।**

**ତା ୯।୫।୪୪**

ଆମମାନଙ୍କର ଉଦ୍ଦେଶ୍ୟ କସ୍ତୁରବାଈ ଗାନ୍ଧି ଜାତୀୟ ସ୍ମୃତିରକ୍ଷା ପାଣ୍ଠିର [illegible] ମହାମାନବ ଗାନ୍ଧିଙ୍କ ଜନ୍ମଦିନ ଉତ୍ସବରେ, ଦେଶରେ ନାରୀଶିକ୍ଷା ପ୍ରଚାର ନିମିତ୍ତ ସଂଗୃହୀତ ହେବାପାଇଁ, ତାହାଙ୍କୁ ଭେଟି ଦିଆଯିବ। ଯେଉଁ ମହାମାନବ ଜାତୀୟତା ଶିକ୍ଷାଦେଇ ଦେଶବାସିଙ୍କର ସ୍ୱାଧୀନତାର ପଥ ପ୍ରଦର୍ଶକ ହୋଇ ଅଛନ୍ତି ସେପରି ବ୍ୟକ୍ତିଙ୍କୁ ଯେଉଁ ଦେଶ ବା ଜାତି ସମ୍ମାନ ନଦେଖାଏ ତାକୁ ପଶୁ ଶ୍ରେଣୀଭୁକ୍ତ କରାଯାଏ।

ମହାତ୍ମା ଗାନ୍ଧି ଆଜି ତାଙ୍କ ସ୍ତ୍ରୀଙ୍କୁ ହରାଇ ମନରେ କୌଣସି କୌଣସି ସମୟରେ ହେଲେ [illegible] କ୍ଷୋଭ ଆଣୁଥିବେ। ଆମେମାନେ ଓଡ଼ିଶାକର ଯଦି ଏହି ପାଣ୍ଠିରେ ସ୍ଥାୟିତ୍ୱ; ତାଙ୍କୁ ପାଣ୍ଠିଟି ନିଜେ ଦେବା ଦ୍ୱାରା ଜଣାଇଦେବା, ତେବେ ସେ ବର୍ତ୍ତମାନ ସମୟରେ କସ୍ତୁରବାଈଙ୍କୁ ମନେପକାଇ କ୍ଷୋଭ ଅନୁଭବରେ ଯେତିକି ସମୟ ଆମମାନଙ୍କର ସୁଖ ସୁବିଧା ଭାବିବାରୁ ବଞ୍ଚିତ ହେଉଥିବେ ସେତିକି ସମୟ ତାଙ୍କୁ ସେ ଦିଗରେ ଭାବିବାକୁ ସୁବିଧା ନଦେଇ ପୁଣି ଆମପାଇଁ ଲଗାଇବାରେ ନିୟୋଜିତ କରାଇ ପାରିବା। କାରଣ ସେ ବୁଝି-ପାରିବେ ଯେ, କସ୍ତୁରବାଈ ଜୀବିତ ଥିଲେ ଯେତିକି ଦେଶସେବା କରିପାରିଥାନ୍ତେ, ସେ ମରି ସୁଦ୍ଧା ତଦପେକ୍ଷା ଅଧିକ ସେବାକରି ପାରୁଛନ୍ତି ଅର୍ଥାତ ସେ ଚିରଦିନ ବଞ୍ଚି ରହି ସେବା କରୁଛନ୍ତି ବୋଲି ମଧ୍ୟ ମନେହେବ। ତଦ୍ୱାରା ସେ ଯେତିକି ଶାନ୍ତି ଲାଭ କରିପାରିବେ, ଆମେ ଆମ ଆଦର୍ଶ ନେତାଙ୍କୁ ଉପଯୁକ୍ତ ସମ୍ମାନ ଦେଖାଇ-ବାରେ ସେତିକି ସମର୍ଥ ହୋଇପାରିଲେ ତାଙ୍କଠାରୁ ପ୍ରକୃତ ଜାତୀୟତା ଶିକ୍ଷାକରିଛୁଁ ବୋଲି ସ୍ୱୀକାର ପୂର୍ବକ ଯଥେଷ୍ଟ ଗର୍ବ ମଧ୍ୟ ଅନୁଭବ କରିପାରିବା। ଏପରି ସୁଯୋଗ ଆମମାନଙ୍କୁ ଉକ୍ତ ପାଣ୍ଠିର ଟିକେଟ କିଣିବା ଦ୍ୱାରା ହିଁ ମିଳିବ। ତେଣୁ ପ୍ରତ୍ୟେକ ଦେଶବାସୀଙ୍କୁ ଅନୁରୋଧ ଯେ, ସେ ଏପରି ସୁବିଧାରେ ଯଶ ଅର୍ଜନ କରିବାକୁ ଅବହେଳା କରିବେ ନାହିଁ। ଭାରତବର୍ଷ ମଧ୍ୟରେ ୭୫ ଲକ୍ଷ ଟଙ୍କାର ଟିକେଟ ବିକ୍ରି ହେବାପାଇଁ ସ୍ଥିର ହୋଇ-ଅଛି ଏବଂ ଆମେ, ଓଡ଼ିଶାବାସୀ ସେଥିରୁ ୧ ଲକ୍ଷ ଟଙ୍କାର ଟିକେଟ ବିକ୍ରି କରିବାକୁ ଜଣାଇଛୁଁ। ଏହା ବ୍ୟତୀତ ଯଦି ଆମେ ଆଉ ଅଧିକ ଟଙ୍କା ଦେଇପାରିବା ତେବେ ଗରିବ ହୋଇ ମଧ୍ୟ ଆମେ ଆମର ସମ୍ମାନ [illegible] ଜଗାଏ ରଖିବାରେ ସମର୍ଥ ହୋଇଥିବା ଜଣାଇ ବିଶେଷ ଗର୍ବ ଅନୁଭବ କରିବା। ଏହା ପ୍ରତ୍ୟେକ ଦେଶ-ପ୍ରେମୀ ବନ୍ଧୁଗଣ ହୃଦୟର ଅନ୍ତରତମ ପ୍ରଦେଶରେ ଅନୁଭବ କରିପାରିବେ। ତେଣୁ ଏଥିପ୍ରତି କର୍ତ୍ତବ୍ୟ କଣ ତାହା ଆଉ ତାଙ୍କୁ ବୁଝାଇବା ଅନାବଶ୍ୟକ। କେହି ଉତ୍ସାହୀ ବନ୍ଧୁ ଏଥିନିମିତ୍ତ ଟଙ୍କା ପଠାଇଲେ ଆମ୍ଭେମାନେ ଉପରୋକ୍ତ ଠିକଣାରେ ତାହା ପାଇପାରିବୁଁ।

**ଶ୍ରୀ ଦୀନବନ୍ଧୁ ମିଶ୍ର**
**ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ**

Digitized by srujanika@gmail.com

REG. No. P. 441.

THE DAGARO—16-5-1944.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

ଧୈର୍ଯ୍ୟୀ ସର୍ବତୋଃ ଜୟୀ । ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା ! ନିଜ ଶକ୍ତି ଅନୁସାରେ ସଞ୍ଚୟ କରିବା କେତେର ନିତାନ୍ତ ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ଯୋଗୁଁ ଅଭାବଗ୍ରସ୍ତ ଲୋକମାନେ କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାର କଲେ ଜଣାଯିବ । ଜୀବନର ଦାୟିତ୍ୱ ନେବା ଛଡ଼ା ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ । ସାମୟିକ କିଛି କିଛି କିସ୍ତି ଟଙ୍କା ଦାଖଲ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ ।

### ସୁଦୃଢ଼ତାର ପରିଚୟ—

୧୯୪୦ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବୀମାର ପରିମାଣ ୧୯ କୋଟି ୫୬ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବାର୍ଷିକ ଆୟ ଏକ କୋଟି ୧୦ ଲକ୍ଷ ।
ବୀମା ପାଣ୍ଠି ୦ କୋଟି ୨୧ ଲକ୍ଷ ।
ମୋଟ ସମ୍ପତ୍ତିର ପରିମାଣ ୪ କୋଟି ୫୬ ଲକ୍ଷରୁ ଊର୍ଦ୍ଧ୍ୱ ।
ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ ।

### ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଂସ୍
କଲିକତା ।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗାନାଇଜର
କଟକ ।


Printed & published by G. C. Mahapatra at the Gopinath Press, Bhadrak. 1944.

ବାର୍ଷିକ ଏକ ଟଙ୍କା ଆଠଅଣା । ପ୍ରତିଖଣ୍ଡ ଦୁଇଅଣା ।

Digitized by srujanika@gmail.com